odia.org

# *Baikunthnath Granthabali*

( PART I )

# ବୈକୁଣ୍ଠନାଥ ଗ୍ରନ୍ଥାବଳୀ

( ପ୍ରଥମ ଭାଗ )

ବୈକୁଣ୍ଠନାଥ ପଟ୍ଟନାୟକ

ଉତ୍କଳ ସାହିତ୍ୟ ସମାଜ

ଲେଖକ :

**ବୈକୁଣ୍ଠନାଥ ପଟ୍ଟନାୟକ**

କଳା-ପୁର, ରାଣୀହାଟ

କଟକ-୭୫୩୦୦୩


AUTHER :

**Baikunthanath Patnaik**

Kala-Puri, Ranihat

Cuttack-753003


ସଂକଳକ:

**ଡକ୍ଟର କୁଞ୍ଜବିହାରୀ ଦାଶ**

ଏମ୍. ଏ., ପି. ଏଚ୍. ଡି.


ପ୍ରକାଶକ

**ଉତ୍କଳ ସାହିତ୍ୟ ସମାଜ**

ଶ୍ରୀରାମଚନ୍ଦ୍ର ଭବନ, କଟକ-୭୫୩୦୦୯

ପ୍ରଥମ ପ୍ରକାଶ :

[illegible]

Publisher :

**Utkal Sahitya Samaj**

Sriramchandra Bhawan

Cuttack-753009

Printed at

**Sri Radhanath Co-operative Press**

Cuttack-753002

ମୂଲ୍ୟ :

ଏକୋଇଶ ଟଙ୍କା ମାତ୍ର

Price :

Rs. 21/-

ଏଥିରେ ଅଛି :

# ଜୀବନୀ ଓ କୃତି

(ପୃ୧—ପୃ୬୦)

# ଅନୁରାଗୀ

(ପୃ୧ ପୃ୧୩୭)

କବିତା ସଂଗ୍ରହ

# ଉପେକ୍ଷିତା

(ପୃ୧୩୮—ପୃ୧୪୬)

କାବ୍ୟ ନାଟିକା

# ମୁକ୍ତି ପଥେ

(ପୃ୧୪୭ -ପୃ୨୪୦)

ନାଟିକା

# ଗାଯ୍ୟ ପୂର୍ଣ୍ଣଜନ

(ପୃ୨୪୧—ପୃ୪୬୮)

କବିତା ସଂଗ୍ରହ

# ଏକ ଉଦାର 'ସଂକଳ୍ପ'ର ନେପଥ୍ୟ

## ସୂଚନା

**ବୈକୁଣ୍ଠନାଥ ଗ୍ରନ୍ଥାବଳୀର** (ପ୍ରଥମ ଖଣ୍ଡ) ଆଜ ପ୍ରକାଶିତ ହେଲା । ଉତ୍କଳ ସାହିତ୍ୟ ସମାଜ ତଥା ଓଡ଼ିଆ ସାହିତ୍ୟ ପକ୍ଷରେ ଏହା ଏକ ଐତିହାସିକ ଓ ଗୌରବ ଜନକ ସାଫଲ୍ୟର ସ୍ମାରକୀ ।

ପ୍ରଥମତଃ କବି ବୈକୁଣ୍ଠନାଥ ଏହି ଗ୍ରନ୍ଥାବଳୀ ପ୍ରକାଶ କରିବା ଲାଗି କୌଣସି ବ୍ୟବସାୟିକ ସଂସ୍ଥା ପରିବର୍ତ୍ତେ ଉତ୍କଳ ସାହିତ୍ୟ ସମାଜକୁ ସ୍ୱତଃପ୍ରବୃତ୍ତ ଭାବେ ଦାୟିତ୍ୱ ଅର୍ପଣ କରି ଏକ ନୂଆ ଇତିହାସ ସୃଷ୍ଟି କରିଛନ୍ତି । ପୁଣି ନିଜର ରୟାଲଟି ସ୍ୱତ୍ୱ ବାବଦ ପ୍ରାପ୍ୟ ସାହିତ୍ୟ ସମାଜକୁ ଦାନ କରି ଆମର ଲେଖକମାନଙ୍କ ସମକ୍ଷରେ ସେ ଏକ ନୂତନ ଆଦର୍ଶ ସୃଷ୍ଟି କରିଛନ୍ତି । ଏତଦ୍ ବ୍ୟତୀତ ନିଜେ ପାଞ୍ଚ ଶହ ଟଙ୍କା ଦାନ କରି ଏବଂ ସେଥିରେ ତାଙ୍କ ରୟାଲଟି-ପ୍ରାପ୍ୟ ବାବଦ ଅର୍ଥକୁ ମିଶାଇ ଦୁଃସ୍ଥ ସାହିତ୍ୟିକମାନଙ୍କ ସେବା ଓ କଲ୍ୟାଣ କଳ୍ପେ ଏକ ସ୍ୱତନ୍ତ୍ର ପାଣ୍ଠି ସ୍ଥାପନ ଦିଗରେ ସେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି । ଉତ୍କଳ ସାହିତ୍ୟ ସମାଜ ବିଳମ୍ବରେ ହେଲେ ବି, କବି ବୈକୁଣ୍ଠନାଥଙ୍କର ଏହି ଉଦାର 'ସଂକଳ୍ପ'କୁ ଯଥା ସମ୍ଭବ ସାର୍ଥକ କରିବା ଦିଗରେ ଉଦ୍ୟମର ଶୁଭାରମ୍ଭ କରି ପାରିଥିବା ବାସ୍ତବିକ୍ ଏକାନ୍ତ ଗୌରବଜନକ । ଏହି ଗୌରବଦାନର ପ୍ରଥମ ପ୍ରବକ୍ତା କବି ବୈକୁଣ୍ଠନାଥଙ୍କ ନିକଟରେ ଆମର କୃତଜ୍ଞତା ତେଣୁ ଅପରସୀମ ।

'ବୈକୁଣ୍ଠନାଥ ଗ୍ରନ୍ଥାବଳୀ' ଯେ ଉତ୍କଳ ସାହିତ୍ୟ ସମାଜର ଏକ ବିଶେଷ ମର୍ଯ୍ୟାଦାସମ୍ପନ୍ନ ଓ ଗୁରୁତ୍ୱପୂର୍ଣ୍ଣ ପ୍ରକାଶନ—ଏଥିରେ ସନ୍ଦେହର ଅବକାଶ ନାହିଁ । ଭବିଷ୍ୟତରେ ଏଭଳି ପ୍ରକାଶନ ପାଇଁ ଅଧିକତର ପ୍ରେରଣା ସୃଷ୍ଟି ହୋଇ ପାରିଲେ, ତାହା ସାହିତ୍ୟ ସମାଜ ତଥା ଓଡ଼ିଆ ସାହିତ୍ୟ ପକ୍ଷରେ ଏକାନ୍ତ ଶୁଭଙ୍କର ହେବ ବୋଲି ଆମର ଦୃଢ଼ ବିଶ୍ୱାସ ।

# ଏକ ଉଦାର 'ସଂକଳ୍ପ'ର ନେପଥ୍ୟ ସୂଚନା

**ବୈକୁଣ୍ଠନାଥ ଗ୍ରନ୍ଥାବଳୀର** (ପ୍ରଥମ ଖଣ୍ଡ) ଆଜି ପ୍ରକାଶିତ ହେଲା । ଉତ୍କଳ ସାହିତ୍ୟ ସମାଜ ତଥା ଓଡ଼ିଆ ସାହିତ୍ୟ ପକ୍ଷରେ ଏହା ଏକ ଐତିହାସିକ ଓ ଗୌରବ ଜନକ ସାଫଲ୍ୟର ସ୍ମାରକୀ ।

ପ୍ରଥମତଃ କବି ବୈକୁଣ୍ଠନାଥ ଏହି ଗ୍ରନ୍ଥାବଳୀ ପ୍ରକାଶ କରିବା ଲାଗି କୌଣସି ବ୍ୟବସାୟିକ ସଂସ୍ଥା ପରିବର୍ତ୍ତେ ଉତ୍କଳ ସାହିତ୍ୟ ସମାଜକୁ ସ୍ୱତଃପ୍ରବୃତ୍ତ ଭାବେ ଦାୟିତ୍ୱ ଅର୍ପଣ କରି ଏକ ନୂଆ ଇତିହାସ ସୃଷ୍ଟି କରିଛନ୍ତି । ପୁଣି ନିଜର ରୟାଲଟି ସ୍ୱତ୍ୱ ବାବଦ ପ୍ରାପ୍ୟ ସାହିତ୍ୟ ସମାଜକୁ ଦାନ କରି ଆମର ଲେଖକମାନଙ୍କ ସମକ୍ଷରେ ସେ ଏକ ନୂତନ ଆଦର୍ଶ ସୃଷ୍ଟି କରିଛନ୍ତି । ଏତଦ୍ ବ୍ୟତୀତ ନିଜେ ପାଞ୍ଚ ଶହ ଟଙ୍କା ଦାନ କରି ଏବଂ ସେଥିରେ ତାଙ୍କ ରୟାଲଟି-ପ୍ରାପ୍ୟ ବାବଦ ଅର୍ଥକୁ ମିଶାଇ ଦୁଃସ୍ଥ ସାହିତ୍ୟିକମାନଙ୍କ ସେବା ଓ କଲ୍ୟାଣ କଳ୍ପେ ଏକ ସ୍ୱତନ୍ତ୍ର ପାଣ୍ଠି ସ୍ଥାପନ ଦିଗରେ ସେ ଏକ ଅଗ୍ରଣୀ ଭୂମିକା ସୂଚାଇଛନ୍ତି । ଉତ୍କଳ ସାହିତ୍ୟ ସମାଜ ବିଳମ୍ବରେ ହେଲେ ମଧ୍ୟ, କବି ବୈକୁଣ୍ଠନାଥଙ୍କର ଏହି ଉଦାର 'ସଂକଳ୍ପ'କୁ ଯଥା ସମ୍ଭବ ସାର୍ଥକ କରିବା ଦିଗରେ ଉଦ୍ୟମର ଶୁଭାରମ୍ଭ କରି ପାରିଥିବା ବାସ୍ତବିକ୍ ଏକାନ୍ତ ଗୌରବଜନକ । ଏହି ଗୌରବଦାନର ପ୍ରଥମ ପ୍ରବକ୍ତା କବି ବୈକୁଣ୍ଠନାଥଙ୍କ ନିକଟରେ ଆମର କୃତଜ୍ଞତା ତେଣୁ ଅପରିସୀମ ।

'ବୈକୁଣ୍ଠନାଥ ଗ୍ରନ୍ଥାବଳୀ' ଯେ ଉତ୍କଳ ସାହିତ୍ୟ ସମାଜର ଏକ ବିଶେଷ ମର୍ଯ୍ୟାଦାସମ୍ପନ୍ନ ଓ ଗୁରୁତ୍ୱପୂର୍ଣ୍ଣ ପ୍ରକାଶନ—ଏଥିରେ ସନ୍ଦେହର ଅବକାଶ ନାହିଁ । ଭବିଷ୍ୟତରେ ଏଭଳି ପ୍ରକାଶନ ପାଇଁ ଅଧିକତର ପ୍ରେରଣା ସୃଷ୍ଟି ହୋଇ ପାରିଲେ, ତାହା ସାହିତ୍ୟ ସମାଜ ତଥା ଓଡ଼ିଆ ସାହିତ୍ୟ ପକ୍ଷରେ ଏକାନ୍ତ ଶୁଭଙ୍କର ହେବ ବୋଲି ଆମର ଦୃଢ଼ ବିଶ୍ୱାସ ।

'ବୈକୁଣ୍ଠନାଥ ଗ୍ରନ୍ଥାବଳୀ' ପ୍ରକାଶନରେ ଯେଉଁମାନଙ୍କର ପ୍ରେରଣା, ସାହାଯ୍ୟ ଓ ସହଯୋଗ ବିଶେଷ ଉଲ୍ଲେଖଯୋଗ୍ୟ, ସେମାନେ ହେଲେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡଃ କୁଞ୍ଜବିହାରୀ ଦାଶ, ରାଜ୍ୟର ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଯଦୁନାଥ ଦାଶ ମହାପାତ୍ର, ସାଂସ୍କୃତିକ ବ୍ୟାପାର ବିଭାଗର ମନ୍ତ୍ରୀ ଶ୍ରୀଯୁକ୍ତ ଗଙ୍ଗାଧର ମହାପାତ୍ର, ସାଂସ୍କୃତିକ ବ୍ୟାପାର ବିଭାଗର ତଦାନୀନ୍ତନ ଉପମନ୍ତ୍ରୀ ଶ୍ରୀଯୁକ୍ତ ସେକ୍ ମତ୍ଲୁବ୍ ଅଲ୍ଲି, ଉତ୍କଳ ସାହିତ୍ୟ ସମାଜ କାର୍ଯ୍ୟ ନିର୍ବାହିକା ସମିତିର ସଭ୍ୟ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, ଶିଳ୍ପୀ ଶ୍ରୀ ଉଦୟ ନାରାୟଣ ଜେନା ଏବଂ ଶ୍ରୀ ବିଜୟ କୁମାର ମହାନ୍ତି ପ୍ରମୁଖ । ଏମାନେ ଏବଂ ସାହିତ୍ୟ ସମାଜ କାର୍ଯ୍ୟନିର୍ବାହିକା ସମିତିର ଅନ୍ୟ ସମସ୍ତ ସଭ୍ୟ ମଧ୍ୟ ଆମର ଏକାନ୍ତ କୃତଜ୍ଞତାଭାଜନ ।

ରାଜ୍ୟ ସରକାରଙ୍କ ସାଂସ୍କୃତିକ ବ୍ୟାପାର ବିଭାଗର ଆର୍ଥିକ ସହାୟତାରେ ଏହି ଗ୍ରନ୍ଥାବଳୀର ପ୍ରଥମ ଭାଗ ପ୍ରକାଶିତ ହୋଇଛି । ଏହାର ପରବର୍ତ୍ତୀ ଭାଗ ପାଇଁ ମଧ୍ୟ ଅନୁରୂପ ସହାୟତା ମିଳିବ ବୋଲି ଆମର ଆଶା ଓ ବିଶ୍ୱାସ ।

ଆଜିର ଏହି ଶୁଭ ଲଗ୍ନରେ 'ବୈକୁଣ୍ଠନାଥ ଗ୍ରନ୍ଥାବଳୀ'ର ପ୍ରକାଶନ ଏବଂ "ଦୁଃସ୍ଥ ସାହିତ୍ୟିକ ସେବା ପାଣ୍ଠି" ପ୍ରତିଷ୍ଠାର କେତେକ ତଥ୍ୟମୂଳକ ସୂଚନା ଏଠାରେ ପ୍ରକାଶ କରାଯିବା ଆବଶ୍ୟକ ବୋଲି ଆମେ ଅନୁଭବ କରୁଛୁଁ । ଏହା ସହିତ ସେଗୁଡ଼ିକ ସଂଗ୍ରଥିତ ହେଲା ।

## ଉତ୍କଳ ସାହିତ୍ୟ ସମାଜକୁ କବି ବୈକୁଣ୍ଠନାଥଙ୍କ ପ୍ରଥମ ପତ୍ର

କଳାପୁଷ୍ପ
ରାଣୀହାଟ, ଗଉଡ଼ ସାହି

ମାନନୀୟ ଉତ୍କଳ ସାହିତ୍ୟ ସମାଜର ସଭାପତି ମହୋଦୟ,

ମହାଶୟ,

ମୁଁ ଆଜି ନିଜର ଏକ କ୍ଷୁଦ୍ର ସଂକଳ୍ପ ବିଷୟରେ ଆପଣଙ୍କ ଦ୍ୱାରସ୍ଥ ହେଉଅଛି । ଆଶା କରେଁ, ମୋର ଏ ନିବେଦନଟି ସାହିତ୍ୟ ସମାଜଙ୍କର ମନକୁ ଛୋଇବ ଓ ଯଥା ସମୟରେ କାର୍ଯ୍ୟକାରୀ ହେବ ।

ମୁଁ ମୋର ସମସ୍ତ ପ୍ରକାଶିତ ଓ ଅପ୍ରକାଶିତ କାବ୍ୟକୃତି ( କବିତା, ନାଟକ, ଗୀତିନାଟ୍ୟ, ଓଡ଼ିଆ ଓ ଇଂରାଜୀ ଗଦ୍ୟଲେଖା ) ଉତ୍କଳ ସାହିତ୍ୟ ସମାଜଙ୍କ ହସ୍ତରେ ଦୁଃସ୍ଥ ସାହିତ୍ୟିକମାନଙ୍କ ସେବା ଉଦ୍ଦେଶ୍ୟରେ ଅର୍ପଣ କରିବାକୁ ମନସ୍ଥ କରିଅଛି । × × × × ଏହି ଗ୍ରନ୍ଥାବଳୀର ବିକ୍ରୟ ଲବ୍ଧ ଧନ କେବଳ ବିପନ୍ନ ବା ଅଭାବଗ୍ରସ୍ତ ସାହିତ୍ୟିକମାନଙ୍କ ସେବାରେ ବ୍ୟୟିତ ହେବା ଆବଶ୍ୟକ । ଉତ୍କଳ ସାହିତ୍ୟ ସମାଜ ଏହାର ସର୍ବସ୍ୱତ୍ୱାଧିକାରୀ ରହିବେ । × × × ମୋର କୌଣସି ଆତ୍ମୀୟ ଏ ଅର୍ଥରୁ ଅଂଶ ଦାବୀ କରି ପାରିବେ ନାହିଁ । × × × ଆସନ୍ନ ମୃତ୍ୟୁକୁ ସମ୍ମୁଖରେ ରଖି ମୁଁ ଆଶା କରେଁ ଯେ, ସାହିତ୍ୟ ସମାଜ ତାଙ୍କର ଉଦାର ଚିତ୍ତରେ ମୋର ଏହି କ୍ଷୁଦ୍ର ସଂକଳ୍ପଟିକୁ ଗ୍ରହଣ କରି କାର୍ଯ୍ୟକାରୀ କରିବେ ଓ ମୋର ଭଗ୍ନଶ୍ରାନ୍ତ ଚିତ୍ତକୁ କିଞ୍ଚିତ୍ ଶାନ୍ତି ପ୍ରଦାନ କରିବେ ।

ସ୍ୱା/- ବୈକୁଣ୍ଠନାଥ ପଟ୍ଟନାୟକ
ତା ୨୪ । ୯ । ୭୩

## ଉତ୍କଳ ସାହିତ୍ୟ ସମାଜ କାର୍ଯ୍ୟ ନିର୍ବାହକ ସମିତିର ତା ୩୦ । ୯ । ୭୩ ରିଖ ବୈଠକରେ ଗୃହୀତ ପ୍ରସ୍ତାବ

"ପ୍ରବୀଣ କବି ଶ୍ରୀଯୁକ୍ତ ବୈକୁଣ୍ଠନାଥ ପଟ୍ଟନାୟକ ତାଙ୍କର ପ୍ରକାଶିତ ଗ୍ରନ୍ଥାବଳୀର ରୟାଲ୍‌ଟି ସ୍ୱତ୍ୱ ଉତ୍କଳ ସାହିତ୍ୟ ସମାଜ ପାଣ୍ଠିକୁ ଦୁଃସ୍ଥ ଲେଖକମାନଙ୍କ ସାହାଯ୍ୟାର୍ଥେ ଦାନ କରିବା ଲାଗି ସ୍ୱତଃପ୍ରବୃତ୍ତ ଭାବେ ପ୍ରସ୍ତାବ ଦେଇଥିବାରୁ, ତାହାଙ୍କୁ ସ୍ୱାଗତ କରାଯିବା ସଙ୍ଗେ ସଙ୍ଗେ ତାଙ୍କର ଏହି ଉଦାରତା ନିମିତ୍ତ ବିପୁଳ ସାଧୁବାଦ ଅର୍ପଣ କରାଗଲା ।"

## *DEED OF DEDICATION*

" I, Sri Baikunthanath Pattnaik, the author, aged 70 years, Son of late 'Narayan Samant Pattnaik and adopted so of late Dinabandhu Pattnaik of Baramba, District Cuttack, at present Gaudasahi, Ranihat, Cuttack, hereby execute this deed and authorise the executive committee of Utkal Sahitya Samaj, Cuttack, to arrange for the publication of all my literary works as a collection (Granthabali). The author's royalty share of this Granthabali shall be utilised in the service and welfare of needy and suffering literary persons of Orissa. Utkal Sahitya Samaj will have absolute liberty to deal with the funds available out of the said royalty of my Granthabali for the above purpose. None of the members of my family will have any claim whatsoever over this property. The copyright of this Granthabali will vest with the Utkal Sahitya Samaj alone."

Sd.- ***B. N. Patnaik***

Date 17-1-1974

# କବିଙ୍କର ଅନ୍ୟ ଏକ ପତ୍ର

"ମାନ୍ୟବର ଉତ୍କଳ ସାହିତ୍ୟ ସମାଜ ସଭାପତି ମହୋଦୟେଷୁ !

ମହାଶୟ,

ମୁଁ ଆଜି ତା ୩ । ୮ । ୭୫ ତାରିଖରେ ଉତ୍କଳ ସାହିତ୍ୟ ସମାଜ ସମ୍ପାଦକଙ୍କ ନାମରେ ଟ ୫୦୦ ଙ୍କାର ନଂ ୯୭୭୨୨୭୪ କ୍ରସ୍ ଚେକ୍ ପଠାଉଛି । ସାଦରେ ଗୃହୀତ ହେଉ ।

ମୋର ନିବେଦନ, ଏ ଟଙ୍କା ପାଇବା ପରେ ପରେ ମୋର ଚିରକାଂକ୍ଷିତ "ଦୁଃସ୍ଥ ସାହିତ୍ୟିକ ନିଧି" ଖୋଲାଯାଉ । ଏହି ଉଦ୍ଦେଶ୍ୟରେ ମୋର ପୂର୍ବରୁ ଉତ୍ସର୍ଗୀକୃତ ଗ୍ରନ୍ଥାବଳୀର ରୟାଲ୍ଟୀ ବାବଦ ଲବ୍ଧାର୍ଥ ଏହି ପାଣ୍ଠିରେ ଗଚ୍ଛିତ ହୋଇ ଦୁଃସ୍ଥ ସାହିତ୍ୟିକମାନଙ୍କୁ ସାହାଯ୍ୟ କରାଯାଉ । ପାଣ୍ଠିର ସୁବ୍ୟବସ୍ଥ ପରିଚାଳନା ଭାର ସାହିତ୍ୟ ସମାଜଙ୍କର କେବଳ କାର୍ଯ୍ୟର ତତ୍ତ୍ୱାବଧାନ ଲାଗି ନିମ୍ନୋକ୍ତ ଭଦ୍ର ବ୍ୟକ୍ତିମାନଙ୍କୁ ଏଥି ସହିତ ସ୍ଥାୟୀ ଭାବରେ ସଂଶ୍ଳିଷ୍ଟ କରାଗଲେ ଭଲ ହୁଅନ୍ତା ବୋଲି ମୁଁ ପ୍ରସ୍ତାବ ଦେଉଛି :

୧ । ସଭାପତି, ଉତ୍କଳ ସାହିତ୍ୟ ସମାଜ
୨ । ସାଧାରଣ ସମ୍ପାଦକ, ଉତ୍କଳ ସାହିତ୍ୟ ସମାଜ
୩ । ଡଃ କୁଞ୍ଜବିହାରୀ ଦାଶ
୪ । ପଦ୍ମଭୂଷଣ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ
୫ । ଜଷ୍ଟିସ୍ ଶ୍ରୀ ହରିହର ମହାପାତ୍ର

ପାଣ୍ଠି ବୃଦ୍ଧି ଲାଗି ସାହିତ୍ୟ ସମାଜ ତଥା ତତ୍ତ୍ୱାବଧାରକବୃନ୍ଦ ଉପାୟ ଉଦ୍ଭାବନ କରିବାକୁ ନିବେଦନ ।

ଦୁଃସ୍ଥ ସାହିତ୍ୟିକଙ୍କୁ ସାହାଯ୍ୟାର୍ଥେ ଯେପରି ଦରଖାସ୍ତ କରିବାକୁ ନ ପଡ଼େ ବା ଅନିର୍ଦ୍ଦିଷ୍ଟ କାଳ ଅପେକ୍ଷା କରିବାକୁ ନ ପଡ଼େ, ସେଥିପ୍ରତି କମିଟି ଦୟାକରି ଦୃଷ୍ଟି ଦେବେ ।

"ଦୁଃସ୍ଥ ସାହିତ୍ୟିକ ନିଧି" ସମସ୍ତ ରାଜନୈତିକ ପ୍ରଭାବରୁ ମୁକ୍ତ ରହିବା ଏବଂ ଦଳ, ଗୋଷ୍ଠୀ, ଜାତି, ଧର୍ମ ନିର୍ବିଶେଷରେ ଏ ପାଣ୍ଠି କେବଳ ଦୁଃସ୍ଥ ସାହିତ୍ୟିକଙ୍କ କୋଠଧନ ଭଳି କାର୍ଯ୍ୟ କରିବା ବାଞ୍ଛନୀୟ ହେବ ।

ନବଜାତ ପାଣ୍ଠିର ପ୍ରଥମ ସ୍ମାରକ ଭାବେ ମୋର ଏ ସାମାନ୍ୟ ଅର୍ଥ ସାଦରେ ଗୃହୀତ ହେଲେ ଓ ଅବିଳମ୍ବେ କାର୍ଯ୍ୟକାରୀ ହେଲେ ମୁଁ ସମାଜଙ୍କଠାରେ ଚିରକୃତଜ୍ଞ ରହିବି ।"

ବଶମ୍ବଦ
ସ୍ୱ : ବୈକୁଣ୍ଠନାଥ ପଟ୍ଟନାୟକ
ତା ୩ । ୮ । ୭୫

## କବି ବୈକୁଣ୍ଠନାଥଙ୍କୁ ଉତ୍କଳ ସାହିତ୍ୟ ସମାଜ ସାଧାରଣ ସମ୍ପାଦକଙ୍କ ପତ୍ର

ମାନନୀୟ ମହାଶୟ,

ଆପଣଙ୍କର ତା ୩ । । । ୭୫ ତାରିଖର ପତ୍ର ଲାଗି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ମୁଁ ଆପଣଙ୍କୁ ବିଶେଷ କୃତଜ୍ଞତା ଅର୍ପଣ କରୁଛି । ସାହିତ୍ୟ ସମାଜ କାର୍ଯ୍ୟ ନିର୍ବାହିକା ସମିତିର ତା ୩।୮।୭୫ ତାରିଖ ବୈଠକରେ ଆପଣଙ୍କର ଏ ପତ୍ର ପଠିତ ହୋଇଥିଲା ଏବଂ ଆପଣଙ୍କର ମହତ୍ ଦାନ ନିମିତ୍ତ ସାଧୁବାଦ ଅର୍ପଣ କରାଯାଇଥିଲା । ଆପଣଙ୍କ ଦ୍ୱାରା ପ୍ରେରିତ ଟ ୫୦୦ (ପାଞ୍ଚ ଶତ ଟଙ୍କା)ର କ୍ରସ୍ ଚେକ୍ (ନଂ ୯୭୭୨୭୪) କୃତଜ୍ଞତାର ସହ ଗୃହୀତ ହେଲା ।

ଆପଣଙ୍କ ଇଚ୍ଛା ଓ ପରାମର୍ଶ ମୁତାବକ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆପଣଙ୍କ ପ୍ରେରିତ ଅର୍ଥ ଏବଂ ପ୍ରକାଶିତବ୍ୟ ବୈକୁଣ୍ଠନାଥ ଗ୍ରନ୍ଥାବଳୀର ରୟାଲଟି ଅଂଶ ବାବଦ ଅର୍ଥକୁ ମୂଳଧନ କରି 'ଦୁଃସ୍ଥ ସାହିତ୍ୟିକ ସହାୟକ ପାଣ୍ଠି' ସ୍ଥାପନ କରାଯିବା ନିମିତ୍ତ ନିଷ୍ପତ୍ତି ନିଆଯାଇଛି ଏବଂ ଏହି ପାଣ୍ଠିର ସୁପରିଚାଳନା କଳ୍ପେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡଃ କୁଞ୍ଜବିହାରୀ ଦାଶ ତଥା ସର୍ବଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ, ହରିହର ମହାପାତ୍ର, ଅନନ୍ତ ପ୍ରସାଦ ପଣ୍ଡା, କାହ୍ନୁଚରଣ ମହାନ୍ତି ଏବଂ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ଓ ସଂଗଠନ ସମ୍ପାଦକଙ୍କୁ ନେଇ ଏକ ଉପସମିତି ଗଠନ କରାଯାଇଛି ।

ଦୁଃସ୍ଥ ସାହିତ୍ୟିକମାନଙ୍କୁ ସାହାଯ୍ୟ ଦାନ ସଂକ୍ରାନ୍ତରେ ଆପଣଙ୍କର ଉପାଦେୟ ପରାମର୍ଶ ପ୍ରତି ଦୃଷ୍ଟି ଦିଆଯିବ ଏବଂ ଯଥାସମ୍ଭବ ତଦନୁଯାୟୀ କାର୍ଯ୍ୟ ପରିଚାଳନା କରାଯିବ ।

ଶେଷରେ, ଆପଣଙ୍କ ବଦାନ୍ୟତା ଓ ଉଦାରତା ଲାଗି ପୁନରାୟ ଗଭୀର କୃତଜ୍ଞତା ଜଣାଇବା ସଙ୍ଗେ ସଙ୍ଗେ, ଉତ୍କଳ ସାହିତ୍ୟ ସମାଜର ବିଭିନ୍ନ କାର୍ଯ୍ୟ ପାଇଁ ଆପଣଙ୍କର ସହଯୋଗ ଓ ଆଶୀର୍ବାଦ ଅକ୍ଷୁର୍ଣ୍ଣ ରହିବ ବୋଲି ଆଶା କରୁଛି । କବିଙ୍କର ପରବର୍ତ୍ତୀ ପରାମର୍ଶ ତଥା ଉତ୍କଳ ସାହିତ୍ୟ ସମାଜ କାର୍ଯ୍ୟ ନିର୍ବାହିକା ସମିତିର ନିଷ୍ପତ୍ତି (ତା ୨୧ । ୮ । ୭୫) କ୍ରମେ ଉଲ୍ଲିଖିତ ପାଣ୍ଠିର ନାମ "ଦୁଃସ୍ଥ ସାହିତ୍ୟିକ ସେବା ପାଣ୍ଠି" ରଖାଗଲା ।

ଆପଣଙ୍କର ବିନୀତ

ସ୍ୱାଃ **ଭଗବାନ ନାୟକ ବର୍ମା**

ସାଧାରଣ ସମ୍ପାଦକ, ଉତ୍କଳ ସାହିତ୍ୟ ସମାଜ

ତା ୧୮ । ୮ । ୭୫

## ତା ୨୦ । ୪ । ୭୫ ରିଖରେ ଅନୁଷ୍ଠିତ
## ଉତ୍କଳ ସାହିତ୍ୟ ସମାଜ କାର୍ଯ୍ୟ ନିର୍ବାହିକା ସମିତି
## ବୈଠକରେ ଗୃହୀତ ପ୍ରସ୍ତାବ

"ଉତ୍କଳ ସାହିତ୍ୟ ସମାଜର ନିବେଦନମତେ ବୈକୁଣ୍ଠନାଥ ଗ୍ରନ୍ଥାବଳୀ ପ୍ରକାଶନ ନିମିତ୍ତ ରାଜ୍ୟ ସାଂସ୍କୃତିକ ବ୍ୟାପାର ବିଭାଗ ପାଞ୍ଚ ହଜାର ଟଙ୍କା ସାହାଯ୍ୟ ମଞ୍ଜୁର କରିଥିବା ବିଷୟ ସାଧାରଣ ସମ୍ପାଦକ ଜଣାଇଥିଲେ । ଏଥିରୁ ବର୍ତ୍ତମାନ ତିନି ହଜାର ସାତ ଶହ ପଚିଶ ଟଙ୍କା ମିଳିବ ଏବଂ ଅବଶିଷ୍ଟ ଟଙ୍କା (ଶତକଡ଼ା ୨୫ ଭାଗ) ପ୍ରକାଶନ ଶେଷ ହେବା ପରେ ମିଳିବ ବୋଲି ବ୍ୟବସ୍ଥା ରଖାଯାଇଥିବା ବିଷୟ ସେ ପ୍ରକାଶ କରିଥିଲେ । ବର୍ତ୍ତମାନ ମିଳୁଥିବା ଟଙ୍କାରେ ରାଜ୍ୟ ସରକାରଙ୍କଠାରୁ ନ୍ୟାଯ୍ୟ ମୂଲ୍ୟରେ ତୁରନ୍ତ ଆବଶ୍ୟକୀୟ କାଗଜ କିଣି ଯଥାଶୀଘ୍ର ସମ୍ଭବ ମୁଦ୍ରଣ କାର୍ଯ୍ୟ ଆରମ୍ଭ କରିବା ନିମିତ୍ତ ନିଷ୍ପତ୍ତି ନିଆଗଲା । ସଭାପତି ଓ ସାଧାରଣ ସମ୍ପାଦକ ଉଭୟେ ଏହି ପ୍ରକାଶନ କାର୍ଯ୍ୟର ଦାୟିତ୍ୱରେ ରହିଲେ । ( ତା ୨୦ । ୧୧ । ୭୫ ରିଖ ବୈଠକର ନିଷ୍ପତ୍ତି କ୍ରମେ ଏହି ଗ୍ରନ୍ଥାବଳୀର ମୁଦ୍ରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବା ଲାଗି କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକଙ୍କୁ ମଧ୍ୟ ଏଥିରେ ବିଶେଷ ଭାବେ ସଂଶ୍ଲିଷ୍ଟ କରାଗଲା । )

**ଶ୍ରୀ ଭଗବାନ ନାୟକ ବର୍ମା**
ସାଧାରଣ ସମ୍ପାଦକ, ଉତ୍କଳ ସାହିତ୍ୟ ସମାଜ

**ଶ୍ରୀ ମୁରଲିମୋହନ ଜେନା**
ସଂଗଠନ ସମ୍ପାଦକ, ଉତ୍କଳ ସାହିତ୍ୟ ସମାଜ



କବି ବୈକୁଣ୍ଠନାଥ ପଟ୍ଟନାୟକ

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ୧। ଜୀବନୀ ଓ କୃତି | ୧-୬୦ |
| ୨। ଅରୁଣଶ୍ରୀ | |
| ନବବର୍ଷା | ୧ |
| ଘଣ୍ଟି | ୨ |
| ବିରହିଣୀ | ୪ |
| ବିଲ୍ୱମଙ୍ଗଳ | ୫ |
| ଅଳକା | ୭ |
| ଭବିଷ୍ୟପ୍ରିୟ | ୯ |
| କବିର ଦେଶୀ | ୧୧ |
| ଆରତି | ୧୩ |
| ଉପାସନା | ୨୭ |
| [illegible] | ୩୦ |
| ମିଶ୍ରକାନ୍ତି | ୩୧ |
| କବିବନ୍ଧୁ | ୩୩ |
| ଚତୁର୍ଦ୍ଦଶପଦୀ | ୩୭ |
| ରୁଦ୍ର ଦେବତା | ୪୦ |
| ରାଧାକୃଷ୍ଣ | ୪୭ |
| ବୁଦ୍ଧ ଜନ୍ମ | ୫୨ |
| କବି ଯୌବନ | ୫୪ |
| ମୃତ୍ୟୁ ଦର୍ଶନ | ୫୯ |
| ସଙ୍ଗୀତ | ୬୪ |
| ଦ୍ୱିତୀୟ ସଙ୍ଗୀତ | ୬୬ |
| ପତିତାର ଆଶାବାଦ | ୬୭ |
| ସମାଧି ସ୍ତମ୍ଭ | ୭୨ |
| ଶେଷ ଗୀତି | ୭୩ |
| ସ୍ୱାମୀ | ୭୪ |
| କଥା କହ | ୭୮ |
| ବୁଦ୍ଧ ବନ୍ଦନା | ୭୯ |
| ଶଲ୍ଲକାରେ ପକ୍ଷୀ ବଧିଲୁ ଲକ୍ଷ୍ୟ କର | ୮୧ |
| ସୃଷ୍ଟି | ୮୪ |
| ଆତ୍ମପ୍ରକାଶ | ୮୫ |
| ଅବିଶ୍ୱାସ | ୮୬ |
| ନାଗଶକ୍ତି | ୮୭ |
| ଶିଶୁଦର୍ଶନ | ୮୮ |
| ଜନନାୟକଙ୍କ- | |
| ଆତ୍ମକଥା | ୯୩ |
| କବିବନ୍ଧୁ | ୯୯ |
| ବାଉଲ | ୧୦୨ |
| ଶିଶୁସାଥୀ | ୧୦୭ |
| ସେ ଦେଶେ ମିଳ | ୧୧୩ |
| ସବୁଜ ବନ୍ଧୁ ପ୍ରତି | ୧୧୫ |
| ବର୍ଷା ସାଥୀ | ୧୧୭ |
| ଛିନ୍ନପୃଷ୍ଠା | ୧୧୮ |
| କବି ପ୍ରେୟସୀ | ୧୨୩ |
| ଭ୍ରାନ୍ତ ଭାଷଣ | ୧୨୭ |
| ରକ୍ତମେଘ | ୧୩୦ |
| ବିବାହ ବିଧାନ | ୧୩୩ |
| ନିର୍ବାଣ ଆନନ୍ଦ | ୧୩୫ |

| ବିଷୟ | ପୃଷ୍ଠା | ବିଷୟ | ପୃଷ୍ଠା |
|---|---|---|---|
| ସଙ୍କେତ ଶିଳା | ୧୩୭ | ଗୋପବାଳାର ଅନୁରାଗ | ୨୯୧ |
| ୩। **ଉପେକ୍ଷିତା** | ୧୩୮ | କଳ୍ପନାମୟୀ | ୨୯୨ |
| ୪। **ମୁକ୍ତପଥେ** | ୧୫୭ | ଅରୂପ କୁସୁମ | ୨୯୫ |
| ୫। **କାବ୍ୟ-ସଞ୍ଚୟନ** | | ଉଷାଲୋକେ | ୨୯୬ |
| ଉତ୍ସର୍ଗ | ୨୫୪ | ଚୂତପଲ୍ଲବସ୍ମ | ୨୯୭ |
| ନବଯୌବନ | ୨୫୫ | ନବବର୍ଷାନୁଭୂତି | ୨୯୮ |
| ଶଲକାରେ ବନ୍ଦି | ୨୫୯ | ଅଭିସାର ସ୍ମୃତି | ୨୯୯ |
| ନିର୍ଜନ ଉପବନେ | ୨୬୦ | ନବବର୍ଷା ସଙ୍ଗୀତ | ୩୦୧ |
| ଯୌବନବନ | ୨୬୧ | ଅନୁଶୋଚନା | ୩୦୪ |
| ନୈଃଶବ୍ଦ୍ୟ | ୨୬୨ | ଚଳଦଶିଖା | ୩୦୫ |
| ସନ୍ଧ୍ୟା | ୨୬୩ | ଅଶ୍ରୁ ଉପହାର | ୩୦୮ |
| ଉଷା | ୨୬୪ | ଚିତ୍ତ | ୩୦୯ |
| ଅରୁଣ | ୨୬୬ | ମୁକ୍ତିସେନା | ୩୧୦ |
| ଛିନ୍ନପଦ | ୨୬୭ | ସ୍ମୃତି | ୩୧୧ |
| କଳ୍ପ ପ୍ରେୟସୀ | ୨୬୮ | ସନ୍ଧ୍ୟା ମେଘ | ୩୨୯ |
| ଶାରଦସ୍ପର୍ଶ | ୨୭୫ | ମୁକ୍ତ ସ୍ୱପ୍ନ | ୩୩୦ |
| ପ୍ରୀତି ଆବାହନ | ୨୭୬ | ରୂପକଥା | ୩୩୩ |
| ଗୋଲାପ ପିପାସା | ୨୭୭ | ଯୌବନ ପୂଜା | ୩୩୫ |
| ବ୍ୟଥା ନିବେଦନ | ୨୭୯ | ମୁକ୍ତିସେନା ସଙ୍ଗୀତ | ୩୩୮ |
| ବର୍ଷା ସଙ୍ଗୀତ | ୨୮୧ | ପ୍ରଭାତ ସ୍ୱପ୍ନ | ୩୪୦ |
| ପ୍ରଣୟୀର ସ୍ୱପ୍ନ | ୨୮୨ | ଗୋଲାପର ବ୍ୟଥା | ୩୪୨ |
| ବନ୍ଦୀ ସ୍ମୃତି | ୨୮୪ | ଦୋଳ ପୂର୍ଣ୍ଣିମା | ୩୪୪ |
| ପ୍ରୀତି ଅନୁଭୂତି | ୨୮୫ | ରାଜକେମା | ୩୪୮ |
| ବ୍ୟଥା ମାଧୁରୀ | ୨୮୭ | ଉର୍ବଶୀ | ୩୫୦ |
| ମ୍ଳାନ ଫୁଲ | ୨୮୮ | ପକ୍ଷର ଶୋଚନା | ୩୫୪ |
| ଗୋପ ବାଳକର ପ୍ରୀତି- | | ଶରଦ ପୂର୍ଣ୍ଣିମା | ୩୫୬ |
| ଅନୁଭୂତି | ୨୯୦ | ମୂକ ଭଗବାନ | ୩୫୮ |

| ବିଷୟ | ପୃଷ୍ଠା | ବିଷୟ | ପୃଷ୍ଠା |
|---|---|---|---|
| ସେନା ସଙ୍ଗୀତ | ୩୬୦ | ହୃଦୟର ଅତ୍ୟ- | |
| ସାଥୀ | ୩୬୨ | ଅନ୍ତନୟ | ୪୧୯ |
| ଶେଷ ପୃଷ୍ଠା | ୩୬୬ | ବନ୍ୟା ବିପ୍ଳବ | ୪୨୨ |
| ଚିର ନବୀନ | ୩୬୮ | ଭୂମନ୍ଦନା | ୪୨୬ |
| ଯାତ୍ରା ସଙ୍ଗୀତ | ୩୭୧ | ଅଗସ୍ତ୍ୟ | ୪୨୯ |
| ବର୍ଷାବରଣ | ୩୭୩ | ଦେବଦତ୍ତ | ୪୩୧ |
| ନିଶୀଥ ଯାତ୍ରୀ | ୩୭୫ | ହୃଦୟର ଆକାଂକ୍ଷା | ୪୩୫ |
| ସନ୍ଧ୍ୟା-ଆରତି | ୩୭୭ | ଚକ୍ଷୁ ଚଟକାଳି | ୪୩୮ |
| ଅମ୍ବପାଳିର ଭିକ୍ଷା | ୩୭୮ | ଦ୍ୱାରର ଗୁଡ଼ | ୪୪୦ |
| ଭାରତ ଭିକ୍ଷୁ | ୩୮୧ | ପଥଗୁମ୍ଫା | ୪୪୪ |
| ଶିଶୁ ସୃଷ୍ଟି | ୩୮୪ | ମନ୍ତ୍ରଶାଳା | ୪୪୫ |
| ଉଷ୍ଣିକ ଦୀପ | ୩୮୬ | ଯଥାକାଙ୍କ୍ଷା | ୪୪୭ |
| ଭିକ୍ଷୁ ଗୀତ | ୩୮୮ | କଣ୍ଠପ୍ରିୟା ପ୍ରତି | ୪୪୯ |
| ଦୈନ୍ୟ ପ୍ରକାଶ | ୩୯୦ | ମଙ୍କୁର ଅରତି | ୪୫୧ |
| ସୁପ୍ତ ଦେବତା | ୩୯୧ | ସ୍ୱପ୍ନେଶି | ୪୫୩ |
| ଝଣ୍ଡିତା | ୩୯୩ | ଯାଚ୍ଞା | ୪୫୭ |
| ଦୂରର ଯା ଥିଲା | ୩୯୪ | ରୂପାଭିମାନିନୀ | ୪୫୯ |
| ବରଷା ଆସିଛି ଦୁଆରେ | ୩୯୫ | ପୁଷ୍ପରୂପ | ୪୬୧ |
| ଅଭିସାରିକା | ୩୯୭ | ବନଫୁଲ | ୪୬୨ |
| କାରାବାସ ସ୍ୱପ୍ନ | ୩୯୮ | ମହାନିର୍ବାଣ | ୪୬୬ |
| ବୈଧବ୍ୟ | ୪୦୩ | ବୁଦ୍ଧ ଓ ରାହୁଲ | ୪୬୮ |
| କର ମର୍ଦ୍ଦନ | ୪୦୭ | ପ୍ରକୃତ ପ୍ରଣୟ | ୪୬୯ |
| ରମ୍ୟାରଲ୍ଁ | ୪୧୦ | ସ୍ମୃତିତର୍ପଣ | ୪୭୧ |
| ପ୍ରଥମ ଆସାର | ୪୧୨ | ରୂପାନ୍ତର | ୪୮୬ |
| ପ୍ରଶ୍ନ | ୪୧୪ | ଦୁର୍ଭିକ୍ଷ | ୪୮୮ |
| ଗ୍ରାମ୍ୟ ପ୍ରଣୟ | ୪୧୫ | ଦଣ୍ଡାଦେଶ | ୪୯୦ |
| | | ରିକ୍ସାବାଲା | ୪୯୩ |

# ସୂଚୀ-୨


| ବିଷୟ | ପୃଷ୍ଠା |
|---|---|
| ଗର୍ଜ୍ଜୀ | ୪୯୫ |
| ଭିକ୍ଷୁଗୀତ | ୪୯୭ |
| ରୂପ ପରିଚୟ | ୫୦୦ |
| ବନ୍ଦୀ ଅବସ୍ଥା | ୫୦୧ |
| ଦେଶ ସେବା | ୫୦୩ |
| ପ୍ରୀତି ପରିହାସ | ୫୦୪ |
| ଦଣ୍ଡ ବିଧାନ | ୫୦୭ |
| ବିରାଜନ | ୫୦୮ |
| ତପସ୍ୟା | ୫୦୯ |
| ପ୍ରୀତି ସ୍ୱରୂପ | ୫୧୦ |
| ପ୍ରଣୟ ଲିପି | ୫୧୨ |
| ବାସର ଫୁଲ | ୫୧୪ |
| କୌଣସି ତରୁଣୀ- ଲେଖିକାଙ୍କ ଉଦ୍ଦେଶ୍ୟରେ | ୫୧୫ |
| ଭିକ୍ଷୁଣୀତ | ୫୧୬ |
| ଜନନୀ | ୫୧୭ |
| ଦୁର୍ଲ୍ଲଭ ବିକାର | ୫୨୧ |
| ଭାରତବର୍ଷ | ୫୨୨ |
| ଆଧୁନିକ କବିତା | ୫୨୪ |
| ଆଗତର | ୫୨୬ |
| ବନ୍ଦୀ-ବନ୍ଦନା | ୫୨୮ |
| ଭକ୍ତିର ଗର୍ବ | ୫୩୦ |
| ଦେଶ ରଚନା | ୫୩୧ |
| ପଥେ ଘାଟେ | ୫୩୨ |
| ବନ୍ଧୁ ଦର୍ଶନ | ୫୩୩ |
| ମାଟିର ଉପହାର | ୫୩୬ |
| ଜନ୍ମ ସମସ୍ୟା | ୫୩୭ |
| ବନ୍ଦୀ ଶିର | ୫୪୦ |
| କୌଣସି ପ୍ରଣୟୀଙ୍କ- ଉଦ୍ଦେଶ୍ୟରେ | ୫୪୨ |
| ନବ ଦେବତା | ୫୪୫ |
| ତରୁଣ ଶକ୍ତି | ୫୪୭ |
| ଶୃଗାଳ ତନ୍ତ୍ର | ୫୪୮ |
| ରାଖୀ ପୂର୍ଣ୍ଣିମା | ୫୪୯ |
| ସ୍ୱନ | ୫୫୧ |
| ପଞ୍ଜରର | ୫୫୩ |
| ଶୂନ୍ୟବାଦ | ୫୫୪ |
| କିସ୍ଷା ଗୌତମୀ | ୫୫୫ |
| କ୍ଷମା | ୫୫୮ |
| ପୌରୋହିତ୍ୟ | ୫୬୧ |
| ଶରତର ଜବାଲୋକେ | ୫୬୩ |
| ସିନ୍ଧୁ ତୀରେ | ୫୬୪ |
| ଉପମା ବିଭ୍ରାଟ | ୫୬୬ |

# ଜୀବନୀ ଓ କୃତି

# କବି ବୈକୁଣ୍ଠନାଥ : ଜୀବନୀ ଓ କୃତି

ବୈକୁଣ୍ଠନାଥ ଆଜୀବନ କେବଳ କବି; 'ମୁକ୍ତପଥେ' ନାଟକ ଓ ଗୋଟା କେତେ ସମାଲୋଚନାମୂଳକ ପ୍ରବନ୍ଧ ବ୍ୟତୀତ ସେ ଗଦ୍ୟ ରଚନା ଦିଗକୁ ମନ ବଳାଇ ନାହାନ୍ତି । କବିତା ତାଙ୍କ କୈଶୋର-ପକ୍ଷୀ, ଯୌବନର ପ୍ରିୟା, ବାର୍ଦ୍ଧକ୍ୟର ଅବଲମ୍ବନ ଯଷ୍ଟି । କବିତା ତାଙ୍କର ସୌଖ୍ୟ ବିଳାସ, ବେଦନା-ସମବେଦନା, ଧ୍ୟାନ-ଧୀମତ୍ତା ଓ ଜୀବନ-ଦର୍ଶନର ବାଣୀ ବହନ କରେ । ଜୀବନର ଘୋର ରୌଦ୍ରର ତୃଷ୍ଣା ସେ, ପିପାସାର୍ତ୍ତ ପ୍ରାଣର ଶାନ୍ତିବାରି ।

ସୃଷ୍ଟିରେ ଅଜସ୍ର ସେ, କିନ୍ତୁ ପ୍ରକାଶରେ କୃପଣ-କୁଣ୍ଠିତ । ଶେଷ ଜୀବନରେ କବିତାକୁ ଠାକୁରଙ୍କ ଶ୍ରୀଅଙ୍ଗଲାଗି ଫୁଲ ବୋଲି ମନେକରନ୍ତି; କିନ୍ତୁ ଛିଣ୍ଡା ଫୁଲ ଯେ ପାଉଁଶ ହୁଏ, ଏହା ସେ ଭୁଲିଯାଇଛନ୍ତି । 'ଫୁଲ ଫୁଟୁ, କିନ୍ତୁ ଝଡ଼ୁ, ମଉଳିଯାଉ, ସେସବୁ ସାଇତି ଲାଭ କଣ ? ଛପାଇ କଣ ହେବ ? ହଜିଗଲେ ବା କ୍ଷତି କଣ ହେଉଛି ?' — ତାଙ୍କର ଏକ ମନୋଭାବ । ତା' ସତ୍ତ୍ୱେ ଗ୍ରନ୍ଥାବଳୀ ପ୍ରକାଶ ପ୍ରଚେଷ୍ଟା ହୋଇଛି ।

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅର୍ଥରୁ ଗୋଟିଏ ପଇସା ସେ ନିଜ ପ୍ରୟୋଜନ ବା ବିନୋଦନରେ ବ୍ୟୟ କରି ନାହାନ୍ତି । ଚାରି ହଜାର ପାଞ୍ଚଶ ଟଙ୍କା ଛାତ୍ରବୃତ୍ତିରେ ଖଞ୍ଜି ଦେଇଛନ୍ତି । ବାକି ୫୦୦ ଟଙ୍କାରେ ଉତ୍କଳ ସାହିତ୍ୟ ସମାଜ [illegible] ଦୁଃସ୍ଥ ସାହିତ୍ୟିକ ସହାୟକ ପାଣ୍ଠିର ଭିତ୍ତି ସ୍ଥାପନ କରିଛନ୍ତି । ଗ୍ରନ୍ଥାବଳୀର ସମସ୍ତ ସ୍ୱତ୍ୱ ମଧ୍ୟ ଉତ୍କଳ ସାହିତ୍ୟ ସମାଜକୁ ଦାନ କରିଛନ୍ତି । ଏହାର ବହୁସ୍ଥଳବ୍ୟ

ସମ୍ବଳ ଭକ୍ତ ପାର୍ଶ୍ୱର ଅନ୍ତର୍ଭୁକ୍ତ ହେବ । ଶୁଦ୍ଧପୂତ ଚରିତ୍ର, ମୁକ୍ତ ଆତ୍ମା, ସରଳ, ସୁସ୍ଥ ହୃଦୟ ବୈକୁଣ୍ଠନାଥ ବାର୍ଦ୍ଧକ୍ୟ ଓ ବ୍ୟାଧି ଭିତରେ ଯୋଧିକ-ରଶ୍ମିରେ ଶାନ୍ତିମନ୍ତ୍ର ଝଙ୍କୃତ ।

ଜୀବ ଜଗତରେ ସେ କେବେ ରୋମାଣ୍ଟିକ୍ , କେବେ ସ୍ୱପ୍ନିଳ, କିନ୍ତୁ ଆମୂଳାନ୍ତ ଦାର୍ଶନିକ ହୋଇଯାନ୍ତି । ମାନବ ଜୀବନ ଅନିତ୍ୟ, ସଂସାର ମୋହ, ଧାର୍ମିକ ଖେଳାଘର, ଭଗବାନ୍ ଆତ୍ମାର ଚିର ଆଶ୍ରୟସ୍ଥଳ । ବୈକୁଣ୍ଠଙ୍କ ଚିନ୍ତା ଯୋଗମୟ, ତାଙ୍କ କବିତାର ଭାବଗାମ୍ଭୀର୍ଯ୍ୟ ଚିତ୍ତକୁ ଶାନ୍ତ, ସ୍ନିଗ୍ଧ ଓ ସମାହିତ କରେ ।

କଟକର ଘୋର ଅନିଚ୍ଛା ସତ୍ତ୍ୱେ ଜୀବନ ଓ କୃଷ୍ଣ ସଂପର୍କରେ ସବୁ ସାମାନ୍ୟ ସଂସ୍କୃତିର ଝଙ୍କାରଣୀ ନମ୍ରରେ ପ୍ରବୃତ୍ତ ହେଲା ।

ବୈକୁଣ୍ଠନାଥଙ୍କର ଜନ୍ମ ୧୮ । ୯ । ୧୯୦୮ ଖ୍ରୀଷ୍ଟାବ୍ଦରେ (ଜନ୍ମାଷ୍ଟମୀ ପୂର୍ବ ଦିନ) । ତାଙ୍କ ପିତାଙ୍କର ନାମ ନାରାୟଣ ସୁମନ୍ତ ପଟ୍ଟନାୟକ । ଜନ୍ମ ବେଳକୁ ତାଙ୍କ ବାପାଙ୍କର ବୟସ ଅଳ୍ପ ଥିଲା । ସେ ବିଶେଷ ସାଂସାରିକ ଅଭିଜ୍ଞତା ଅର୍ଜନ କରିପାରି ନଥିଲେ । ସେ ଭଞ୍ଜନଗରୀୟ, ଉଭରାମ ଭଞ୍ଜଙ୍କର କୁଟୁମ୍ବ । ପିତା ଆଗରୁ ଅଳ୍ପ ବୟସରେ ଦୁଇ ପତ୍ନୀଙ୍କୁ ହରାଇ ତୃତୀୟ ଥର ବିବାହ କରିଥିଲେ । ଏହି ପତ୍ନୀ ତାଙ୍କର ଜନନୀ । ବିବାହର ଏକ ବର୍ଷ ପରେ ତାଙ୍କର ମାତା ଗୋଟିଏ ସ୍ୱର୍ଣ୍ଣ ଅଳଙ୍କାର ହରାଇ ତାଙ୍କ ପିଉସୀଙ୍କ ମୁଣ୍ଡଳୀରେ ସେ ବାନ୍ଧି ହୋଇ ପଡ଼ିଥିଲେ । ନବବଧୂର ଅଳଙ୍କାର ହଜିବା ଗୋଟିଏ ଦୁର୍ଲକ୍ଷଣ । ସେଥିଲାଗି ସେ ଶଙ୍କିତାବସ୍ଥାରେ କାଳ କଟାଉଥିବା ବେଳେ ପିଉସୀ ସେ ଅଳଙ୍କାରଟିକୁ ଲୁଚାଇ ରଖିଥିଲେ । ମାତାଙ୍କର ଏକାନ୍ତ ବିଶ୍ୱାସିନୀ ଥିବାରୁ ସେ ତାଙ୍କୁ ଅଳଙ୍କାର ହଜିବା କଥା କହିଥିଲେ । ପିଉସୀ ତାଙ୍କର ପିତୃବ୍ୟ ଲୋକନାଥ ପଟ୍ଟନାୟକଙ୍କ ଉପର ଭଉଣୀ । ସେ ତାଙ୍କ ମାତାଙ୍କୁ ପଚାରିଲେ —'ଅଳଙ୍କାରଟି ଖୋଜିଆଣି ଦେଲେ କ'ଣ ଦେବୁ ?' ତାଙ୍କ ଅନଭିଜ୍ଞା ମାତା ଉତ୍ତର ଦେଲେ—'ଯାହା ମାଗିବ ତାହା ଦେବି ।' ତାପରେ ପିଉସୀ ମାତାଙ୍କର ପେଟରେ ହାତ ବୁଲାଇ ଦେଇଥିଲେ । ସେ ଜାଣିଥିଲେ ଯେ ଗର୍ଭସ୍ଥ ଶିଶୁ ନଅ ମାସ ମଧ୍ୟରେ ସଂସାରକୁ ଆସିବ । ମାତ୍ର ଦୈବ ଘଟଣାକ୍ରମେ ତାହା ପ୍ରାୟ ଏକ ବର୍ଷକୁ ଗଡ଼ିଗଲା । ସେତେବେଳକୁ ତାଙ୍କ

ମାତାଙ୍କ ବୟସ ୧୬ ବର୍ଷ । ଲୋକେ କହୁଥିଲେ—ସିଦ୍ଧା ପେଟରେ ଭୂତ ଅଛି ।

ତାଙ୍କ ମାତା ହସି ହସି ପିଉସୀଙ୍କୁ କହିଲେ, "ତୁମେ ଭାବୁନ୍ତ ପୁଅ, ଯନ୍ତ ଝିଅ ହେଉ ।"

ପିଉସୀ—'ଯାହା ହେବ ମୁଁ ନେବି ।'

ପିଉସୀଙ୍କର ଘର ତାଙ୍କ ନିଜ ଘରଠାରୁ ପ୍ରାୟ ୫୦ ହାତ ଦୂରରେ । ଦୁଇଟି ସ୍ତ୍ରୀ ବିବାହ କରିଥିଲେ ସୁଦ୍ଧା ତାଙ୍କର କୌଣସି ସନ୍ତାନସନ୍ତତି ହୋଇ ନ ଥିଲେ । ପିଉସୀ ମୋ ମାତାଙ୍କୁ ଏ ଝିଅଟିକୁ ନେଇ ଦେବା ଶୁଣି ସେ ଉତ୍ଫୁଲ୍ଲ ହେଲେ ଓ ଶିଶୁ ଜନ୍ମ ଅପେକ୍ଷାରେ ରହିଲେ । କିନ୍ତୁ ବର୍ଷେ ଗଡ଼ିଗଲେ ବି ସେତେବେଳେ ସନ୍ତାନ ନ ହେଲା, ଏମନ୍ତ ହତାଶ ହେଲେ ।

ତାପରେ ଏକ କନ୍ୟା ସନ୍ତାନ ଜନ୍ମ ହେଲା । ସେଥିରେ ପିଉସୀଙ୍କ ମନୋବାଞ୍ଛା ପୂର୍ଣ୍ଣ ହେଲା । ଏ ପିଲାଟିକୁ କିନ୍ତୁ ମୋ ମାଙ୍କ କୋଳକୁ ଆଦୌ ଅଣାଯାଇ ନଥିଲା । ଜନ୍ମର ୩/୬ ମାସ ପରେ ପିଉସୀ ଆସି ତାଙ୍କୁ ନେଇଯାଇଥିଲେ ଓ କଷ୍ଟସହ୍ୟ ପରେ ତାଙ୍କ ମା'ଙ୍କ କୋଳ ଦେଇ- ଦେଇଥିଲେ । କେତେ ବର୍ଷ ଅତୀତ ହେବା ପରେ ଏ କଥା ତାଙ୍କ ପିତାଙ୍କ କାନକୁ ଆସିବାରୁ ସେ ଉତ୍କଣ୍ଠ ହେଲେ । "ମୋ ... ଜେଜେ ମା (ସ୍ୱର୍ଗତ ଶ୍ୟାମାନନ୍ଦ ପଟ୍ଟନାୟକଙ୍କ ସ୍ତ୍ରୀ) ମୋ ମା'ଙ୍କୁ ଅଭିଶାପ ଦେଇଥିଲେ – ତୁ ପ୍ରଥମ ସନ୍ତାନକୁ ଆନ ହାତାନୁମନ୍ତରେ ଦେଇଛୁ । ଅତ୍ର ପୁତ୍ରମୁଖ ଦେଖିବୁ ନାହିଁ । ସେହି ଅଭିଶାପ ପ୍ରକୃତରେ ଫଳିଲା । ମୋର ସେତେ ଭାଇଭଉଣୀ ହେଲେ ସମସ୍ତେ ମଲେ ।"

ବୈକୁଣ୍ଠନାଥ ଲେଖିଛନ୍ତି—

ପ୍ରକୃତ ମୋ ପ୍ରଥମ ମାତାଙ୍କ ଗର୍ଭର ଦୁଇଟି ସନ୍ତାନ ଥିଲେ । ତେଣୁ ବଂଶରେ ମୋର ଅଗ୍ରଜ ମେଟ୍ରୋଦ୍ଦତ ଅନନ୍ତ ହେଲ୍ ନାହିଁ । ପିଉସୀ ପିଉସୀ ମୋତେ ପ୍ରାଣଠାରୁ ବଳି ଭଲପାଉଥିଲେ । ସେ ଗ କିଛି ବର୍ଷ ପରେ ମୋର ପିତା ରାଜନୈତିକ କାରଣରୁ ବଉଦ୍ଧା ରାଜ୍ୟ (ମୋର ଜନ୍ମ ପ୍ରବର୍ତ୍ତନ ଗଡ଼ଜାତ ବଉଦ୍ଧା ରାଜ୍ୟରେ ଥିଲା) କହୁଛନ୍ତି

ହେଲେ । କୌଣସି ଗଡ଼ଜାତରେ ପ୍ରବେଶ କରିପାରିବେ ନାହିଁ ବୋଲି ତାଙ୍କୁ ପଲିଟିକାଲ ଏଜେଣ୍ଟ ଆଦେଶ ଦେଲେ । ବିପୁଳ ସମ୍ପତ୍ତି ସେତେବେଳେ ରାଜକୋପରେ ଧ୍ୱସ୍ତବିଧ୍ୱସ୍ତ ହୋଇଗଲା । ଆମର କୁଳ ଦେବତା ନାରାୟଣଙ୍କୁ (ଯାହାଙ୍କ ନାମ ପିତାଙ୍କ ନାଁ) ସମସ୍ତ ଜମିବାଡ଼ି ସହିତ ରାଜା ବାଜ୍ୟାପ୍ତ କରିନେଲେ । ବିଶାଳ କୃଷି-କ୍ଷେତ୍ରମାନଙ୍କରେ ରାଜା ହାତୀ ପୁରାଇ ନଷ୍ଟଭ୍ରଷ୍ଟ କରିଦେଲେ । ପିତାଙ୍କ ନିର୍ମିତ ବାନପ୍ରସ୍ଥାଶ୍ରମରେ ଦିନ ଦି' ପହରେ ନିଆଁ ଲଗାଇ ଦିଆହେଲା । ଏହି କୁଟୀରଟି ପିତାଙ୍କର ଏକାନ୍ତ ପ୍ରିୟ ଥିଲା ।

"ନିବିଡ଼ ଅରଣ୍ୟାନୀ ମଧ୍ୟରେ କୃଷି ଫାର୍ମ, ତା ମଧ୍ୟରେ କୁଟୀର । ସେଠି ବସି ପିତା ଜ୍ଞାନଚର୍ଚ୍ଚା କରୁଥିଲେ । ବେଳେ ବେଳେ ସାହିତ୍ୟ ଚର୍ଚ୍ଚା କରିବା ଲାଗି ସେ ନାରାୟଣ ମନ୍ଦିର ଚଉପାଢ଼ୀକୁ ଆସୁଥିଲେ ଓ ବହୁଲୋକ ସମାଗମ ମଧ୍ୟରେ ଉପେନ୍ଦ୍ର ଭଞ୍ଜ ଓ ଅନ୍ୟାନ୍ୟ ପ୍ରାଚୀନ କବିମାନଙ୍କର କାବ୍ୟ ଆଲୋଚନା କରୁଥିଲେ । ଉପେନ୍ଦ୍ରଙ୍କର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ତାଙ୍କର ମୁଖସ୍ଥ ଥିଲା । ସ୍ମୃତି ଶକ୍ତିର ପ୍ରଖରତା ହେତୁ ସେ ପୁସ୍ତକର ସାହାଯ୍ୟ ନ ନେଇ ଛାନ୍ଦ ପରେ ଛାନ୍ଦ ବୋଲି ଯାଉଥିଲେ । ପରେ ମୋର ବନବିଦ୍ୟାଳୟରେ ଅଧ୍ୟୟନ କାଳରେ ସେ କଣ୍ଟିଦାନ ସତ୍ୟବାଦୀରେ ଥିଲେ । ପଣ୍ଡିତ ନୀଳକଣ୍ଠ ଦାସ କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ହୋଇଯିବା ପୂର୍ବରୁ ବହୁ ସମୟ ପିତାଙ୍କୁ ଧରି ଉପେନ୍ଦ୍ର ସାହିତ୍ୟ ଆଲୋଚନା କରୁଥିବା ବିଷୟ ସେ ସମୟର ଛାତ୍ରମାନେ ଜାଣନ୍ତି । କୌଣସି ଗ୍ରନ୍ଥର ସାହାଯ୍ୟ ନ ନେଇ ସେ ଭଗବତ ଗୀତା, ନୈଷଧୀୟ ଚରିତମ୍, କିରାତାର୍ଜ୍ଜୁନୀୟମ୍ ଏବଂ ଅଭିଜ୍ଞାନାଦି ପ୍ରସିଦ୍ଧ ଗ୍ରନ୍ଥ ସବୁ ଅନର୍ଗଳ ଭାବରେ ଆବୃତ୍ତି କରିପାରୁଥିଲେ ।

"ବଡ଼ମ୍ବା ଗଡ଼ ଲୋକେ ଏହି ସାନ୍ଧ୍ୟ ସାହିତ୍ୟ ଆଲୋଚନା ଦ୍ୱାରା ବହୁଭାବରେ ଉପକୃତ ହେଉଥିଲେ । ସେ ଅତ୍ୟନ୍ତ ପ୍ରଜାବତ୍ସଳ ଥିଲେ ଓ ଦରିଦ୍ର କୃଷକମାନଙ୍କ ବନ୍ଧୁ ଥିଲେ । ତେଣୁ ସେମାନଙ୍କର କୌଣସି କଷ୍ଟ ଶୁଣିଲେ ସେ ଅଗ୍ନିଶର୍ମା ହୋଇ ଯାଉଥିଲେ । କଣ୍ଟିଦାନ ରାଜାଙ୍କ ଗୃହ ଶିକ୍ଷକ ହୋଇଥିଲେ ବି ସେ ନିର୍ଭୟରେ ରାଜାଙ୍କ ସମ୍ମୁଖରେ ଅପ୍ରିୟ କଥା

ଶୁଣାଇ ଆସୁଥିଲେ । ମୁଁ ଶୁଣିଛି—ଥରେ ରାଜା ତାଙ୍କୁ ରାଜ୍ୟର ଦେୱାନ ପଦବୀ ଯାଚିଥିଲେ । ସେ କାଳରେ ଦେୱାନମାନଙ୍କୁ 'ମାନ' କୁହାଯାଉଥିଲା । ପାତ୍ରମାନଙ୍କୁ 'ସୁମନ୍ତ' ପଦରେ ଭୂଷିତ କରାଯାଉଥିଲା । ବଂଶଗତ ଏହି ସୁମନ୍ତ ପଦ ବ୍ୟବହାର କରିବା ଲାଗି ରାଜା ଯେଉଁବେଳେ ଦେୱାନ ପଦ ଯାଚନ୍ତି, ପିତା ସଦର୍ପେ ନମ୍ରୋକ୍ତି ଦ୍ୱାରା ତାହା ପ୍ରତ୍ୟାଖ୍ୟାନ କରିଥିଲେ । ସେ କହିଥିଲେ—ମୁଁ ସେ ପଦବୀ ଗ୍ରହଣ କରି ପ୍ରଜାଶୋଷଣ କରିବା ଲାଗି ବାସନା ପୋଷଣ କରେ ନାହିଁ । ମୁଁ କାହାର ଅଧୀନସ୍ଥ ହୋଇ ରହିପାରିବ ନାହିଁ ।

"ଏହା ପରେ ସାମାନ୍ୟ କାରଣରୁ ତାଙ୍କୁ ନିର୍ବାସନ ଦଣ୍ଡ ଦିଆଯାଇଥିଲା । ରାଜା ଜଣେ ଦରିଦ୍ର ବ୍ରାହ୍ମଣର ସମ୍ପତ୍ତି ବାଜ୍ୟାପ୍ତ କରି ଦେଇଥିଲେ । ସେହି ବ୍ରାହ୍ମଣ ଦିନେ ରାତି ଅଧରେ ଆସି ପିତାଙ୍କୁ ଉଠାଇ କାନ୍ଦିବାକୁ ଲାଗିଲେ—"ରାଜା ମୋ ବଂଶ ଉଚ୍ଛନ୍ନ କରିଦେଲେ ।" ପିତା ତତ୍କାଳୀନ ପଲିଟିକାଲ ଏଜେଣ୍ଟଙ୍କ ମିରସ୍ତାଦାରଙ୍କୁ ସମସ୍ତ କଥା ବର୍ଣ୍ଣନା କରି ଗୋଟିଏ ପତ୍ର ଲେଖିଲେ ଓ ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବନ୍ଦ କରିବା ଲାଗି ଅନୁରୋଧ କଲେ । ରାଜା କାନ-କୁହାଙ୍କଠାରୁ ଏକଥା ଶୁଣି ସେ ବ୍ରାହ୍ମଣଙ୍କୁ ଡକାଇ ଆଣିଲେ । ଜମି ସମ୍ପତ୍ତି ଆହୁରି କେତେକ ଉପହାର ଦେବେ ବୋଲି ପ୍ରଲୋଭନ କରି ପିତାଙ୍କ ଲିଖିତ ପତ୍ର ତାଙ୍କଠାରୁ ହସ୍ତଗତ କରିଥିଲେ । ସେ ଚିଠିଟି ହସ୍ତଗତ ହେଲା ପରେ ତତ୍କାଳୀନ ଦେୱାନଙ୍କ ପରାମର୍ଶରେ ଚିଠି ଉପରେ ଟୀକା ଟିପ୍ପଣୀ କରି ପଲିଟିକାଲ ଏଜେଣ୍ଟଙ୍କ P. A.ଙ୍କୁ ସେ ଚିଠି ପଠାଇଦେଲେ । ପିତା ସୁମନ୍ତଙ୍କୁ ପ୍ରସିଦ୍ଧ ମେଳିଆ (ବିପ୍ଳବୀ) ପ୍ରମାଣିତ କରି ଲେଖାଗଲା ଯେ, ସୁମନ୍ତ ତିନି ଚାରି ଥର ରାଜ୍ୟରେ ବିପ୍ଳବ କରିସାରିଲେଣି, ଜେଲ୍ ମଧ୍ୟ ଯାଇଛନ୍ତି, ତଥାପି ତାଙ୍କର କୌଣସି ପରିବର୍ତ୍ତନ ହୋଇ ନାହିଁ । ସେ ପ୍ରଜାମାନଙ୍କୁ ବାରମ୍ବାର ଉତ୍ତେଜିତ କରୁଛନ୍ତି । ତାଙ୍କୁ ରାଜ୍ୟରୁ ବହିଷ୍କୃତ କରା ନ ଗଲେ ରାଜ୍ୟରେ ଶାନ୍ତି ଶୃଙ୍ଖଳା ରକ୍ଷା ହୋଇ ପାରିବ ନାହିଁ ।"

ଏହି ଘଟଣା ପରେ ରାଜା ଦିନେ ତାଙ୍କ ପିତାଙ୍କୁ ଡକାଇ ନେଲେ । ତାଙ୍କ ବଂଶର ପୂର୍ବ ଇତିହାସ ଦେଖାଇଦେଇ ରାଜଦ୍ରୋହ କରୁଛନ୍ତି ବୋଲି ତାଙ୍କୁ ସୂଚାଇ ଦେଲେ । ସେ ଆଗରୁ ଲୋକମୁଖରେ ପଣ୍ଡା ବ୍ରାହ୍ମଣ ରାଜାଙ୍କୁ ତାଙ୍କ ଚିଠି ଦେଇଦେଇଥିବା କଥା ଶୁଣିଥିଲେ । ସେ

ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଜବାବ ଦେଲେ—ରାଜ୍ୟରେ ଯେଉଁ ଅତ୍ୟାଚାର ହେଉଅଛି, ପ୍ରଜାମାନେ ଯେପରି ଉତ୍ପୀଡ଼ିତ, ସେଥିରେ ମୋ ରାଜ୍ୟର କେହି ଜଳ ସ୍ପର୍ଶ କରିବା ଅନୁଚିତ। ରାଜା ପଚାରିଲେ—ଆପଣ କାହାର ଅଟନ୍ତି ?

ପିତା—ମୁଁ ମଧ୍ୟ ଏଠି ଜଳ ସ୍ପର୍ଶ କରିବାକୁ ଚାହେଁନା।

ରାଜା—ତେବେ ଆପଣ ରାଜ୍ୟ ଛାଡ଼ି ଯାଉ ନାହାନ୍ତି କାହିଁକି ?

ପିତା—ହଁ, ଯାଉଛି, ଆଜି ରାତିରେ ହିଁ ଯିବି।

ଏହା କହି, ସେଠାରୁ ସେହି ରାତିରେ ଗୋଟିଏ ବଳଦଗାଡ଼ି କରି କଟକ ଚାଲି ଆସିଲେ।

ସେତେବେଳକୁ କବିଙ୍କ ପିତୃବ୍ୟ ଲୋକନାଥ ପଟ୍ଟନାୟକ ସରକାରୀ ଚାକିରି ଲାଗିରେ ଥାଆନ୍ତି। ତେରମା ବୋଧହୁଏ [illegible]। ପିତା ଆସି ତାଙ୍କରି ନିକଟ ବସାରେ ଆଶ୍ରୟ ନେଲେ। ଏ ସମୟରେ ତାଙ୍କ ବଂଶର ପୂର୍ବ ଇତିହାସ ଟିକେ କହିବା ଆବଶ୍ୟକ।

ତାଙ୍କ ପୂର୍ବ ପୁରୁଷ ବୁଢ଼ା ଦାସ ଖୋର୍ଦ୍ଧାରୁ କୌଣସି ହେତୁ ରାଜାଙ୍କଠାରୁ ଅନୁମତି ନେଇ ଦୁଇ ଜଣ ସହୋଦର ଯୁବକଙ୍କୁ ଧରି (ନାମ ସ୍ମରଣ ହେଉ ନାହିଁ, ବୋଧହୁଏ ନବକିଶୋର ମଲ୍ଲ, ହରକିଶୋର ମଲ୍ଲ ବା ରାଉତ) ଏହି ନିଘଞ୍ଚ ଅରଣ୍ୟ ପ୍ରଦେଶକୁ ପ୍ରଥମେ ଆସିଲେ। ସେତେବେଳକୁ ଏଠି କେତୋଟିଏ ମାତ୍ର କନ୍ଧ ପଲ୍ଲୀ ଥିଲା। ଯୁବକଙ୍କ ସେମାନଙ୍କୁ ଅରଣ୍ୟ ଜନପଦକୁ ହଟାଇ ମଲ୍ଲ ଭ୍ରାତୃଦ୍ୱୟ ତାଙ୍କର ରାଜତ୍ୱ ଆରମ୍ଭ କରିଦେଲେ ଓ ବୁଢ଼ା ଦାସଙ୍କୁ ମନ୍ତ୍ରୀ କରିଥିଲେ। ତାଙ୍କ ବଂଶଧରରେ ଅତି ଜଣେ ଉତ୍କୃଷ୍ଟ "ସହକାର" ନାମରେ ଗୋଟିଏ ଗ୍ରନ୍ଥ ଲେଖିଥିଲେ। (ଶ୍ରୀବତ୍ସ କୌଳିଙ୍କାର)। ଏ ବଂଶର ପୂର୍ବ ପୁରୁଷମାନଙ୍କ ମଧ୍ୟରେ ଉକ୍ତ ଦୁଇ ଜଣଙ୍କର ତାଳପତ୍ରରେ ଲିଖିତ କାବ୍ୟ ଓଡ଼ିଶା ସାହିତ୍ୟରେ ପରିଚିତ ଥିବା କଥା, ଐତିହାସିକ ସୁଧାକର ପଟ୍ଟନାୟକ କହନ୍ତି। ସେ ସେଥି ମଧ୍ୟରେ ଗୋଟିଏ ସଂସ୍କୃତ କାବ୍ୟ (ଭାଗୀରଥୀ ପୁରୁନ୍ତଙ୍କ ଦ୍ୱାରା ରଚିତ)। ବଡ଼ ଭାଇଙ୍କ ଆଦେଶ କ୍ରମେ ଧାନଶାଳ ସମ୍ଭବତଃ ରଘୁନାଥ ପଟ୍ଟନାୟକ ତାଙ୍କୁ ଓଡ଼ିଆ

ଏରେ ଅନୁବାଦ କରିଥିବାର ପ୍ରମାଣ ମିଳୁଛି। କାବ୍ୟ ଦୁଇଟି ରାଧାକୃଷ୍ଣ ଲୀଳା ବିଷୟକ।

ପିତା ରାଜାଙ୍କ କୋପ ଦୃଷ୍ଟିରୁ ବଞ୍ଚିତ ହେଲେ ପରେ ବୈକୁଣ୍ଠଙ୍କର ଅଦୃଷ୍ଟ କିନ୍ତୁ ଶାନ୍ତ ହେଲା ନାହିଁ। ପ୍ରଥମରୁ ତାଙ୍କ ପିଉସୀ ଅତି ଯତ୍ନରେ ଲାଳନପାଳନ କରିଥିଲେ। ତାଙ୍କ ଶିକ୍ଷା, ଚରିତ୍ର ପ୍ରତି ସେମାନଙ୍କର ତୀକ୍ଷ୍ଣ ଦୃଷ୍ଟି ଥିଲା। ୫ ବର୍ଷ ବୟସରୁ ପିତା ତାଙ୍କୁ ଜଣେ ମାହିଙ୍ଗ ନାମକ (ଅବଧାନ)ଙ୍କ ତତ୍ତ୍ୱାବଧାନରେ ଛାଡ଼ି ଦେଇଥିଲେ। ସେ ପ୍ରଥମେ ତାଙ୍କ ଘରେ ରହୁଥିଲେ ଏବଂ ଚାଟଶାଳୀଟି ଦାଣ୍ଡ ଘରେ ଆରମ୍ଭ କରିଥିଲେ। ଆଉ କେତେକ ପିଲା ମଧ୍ୟ ଏହି ଚାଟଶାଳୀରେ ପଢ଼ୁଥିଲେ। ଶୈଶବ କାଳରେ ତାଙ୍କର କୃତିତ୍ୱ ଅସ୍ପଷ୍ଟ ଥିଲା। କିନ୍ତୁ ତା ଅପେକ୍ଷା ତାଙ୍କ ଦୁଷ୍ଟ ବୁଦ୍ଧି ଏତେ ବେଶୀ ଥିଲା ଯେ, କୌଣସି ଶିଶୁ ତାଙ୍କ ପାଖରେ ମନ ଖୋଲି କଥା କହି ପାରୁ ନଥିଲେ, ଭୟଭୀତ ହୋଇ ରହୁଥିଲେ। ଏହା ତାଙ୍କର ପ୍ରଧାନ ଅସ୍ତ୍ର ଥିଲା। ଏମାନଙ୍କ ବେଶର ତାଡ଼ନାରେ ତାଙ୍କ ଠାରେ ଯାହା ଉନ୍ନତି ହେଲା, ତା ତୁଳନାରେ ସ୍ୱାସ୍ଥ୍ୟ ଭାଙ୍ଗିଲା ବେଶୀ। ତେଣୁ ତାଙ୍କ ପିଉସୀଙ୍କ ପିତା (କବିଙ୍କ ଜେଜେ ବାପା) ସେ ଅବଧାନଙ୍କୁ ସ୍ଥାନାନ୍ତରିତ କଲେ ଓ ଚାଟଶାଳୀଟି ଅନ୍ୟତ୍ର ବସାଇବା ପାଇଁ ଅନୁରୋଧ କଲେ। ବୈକୁଣ୍ଠ ମାଡ଼ରୁ ରକ୍ଷା ପାଇଗଲେ।

[illegible] ଅର୍ଥାତ୍ [illegible] ପୂର୍ବ ଅବଧାନଙ୍କ ଅଧୀନ [illegible] ଅଧ୍ୟୟନ କରୁଥିଲେ। [illegible] ପିଲାମାନେ ତାଳ ପତ୍ରରେ ଖଡ଼ିରେ ଫଳା [illegible] ପ୍ରଥମରେ ଫଣକଥା, ତାପରେ ଛାନ୍ଦ ଆବୃତ୍ତି। ଏହି ଥିଲା [illegible] ର ବିଲକ୍ଷଣ। ଏହା ପୁଣି ପୋଥି ମିଶା ଶେଷ କଳିକା ପରେ କଳାପିଣ୍ଡା, ମାନ୍ୟଅଙ୍କ, ଗୁଣ୍ଡେଣି ଏ ସବୁ ମଧ୍ୟ ଶିକ୍ଷା ଦିଆଯାଉଥିଲା। ସେତେବେଳକୁ ଦେଶମାନରେ କେତେକ ପରିମାଣରେ ଆଧୁନିକ ଶିକ୍ଷାର ଆଲୋକ ପ୍ରବେଶ କରିଥିଲେ ମଧ୍ୟ, ଶିକ୍ଷାର ପ୍ରସାର ଅତ୍ୟନ୍ତ ସୀମିତ ଥିଲା। ସାଧାରଣ ଲୋକ ଯେଉଁମାନେ ଗାଁରେ ରହୁଥିଲେ ସେମାନେ ଲକ୍ଷଣୀୟକଣ୍ଠ, କୋଟି ବ୍ରହ୍ମାଣ୍ଡସୁନ୍ଦରୀ ଛାନ୍ଦ ଆବୃତ୍ତି କରି ପାଞ୍ଚ ଅର୍ଥ କରି ପାରୁଥିଲେ। ମାତ୍ର ଶିକ୍ଷାର ଆଲୋକ [illegible] ଗହଳକୁ

ପ୍ରବେଶ କରି ନ ଥିଲା । କା ଗାଁ ଗୋଟାଏ ଗୋଟାଏ ଚାଟଶାଳୀ ଥିଲ । ଅବଧାନ ମାନେ ସବୁ ବ୍ୟକ୍ତିଗତ ଦାୟିତ୍ୱରେ ଚଳାଉଥିଲେ । ତା ପରେ ନିମ୍ନ ପ୍ରାଥମିକ ସ୍କୁଲ୍ ବସିଲା, ଗଡ଼ରେ ଗୋଟିଏ ଭର୍ଣ୍ଣାକୁଲାର ସ୍କୁଲ ମଧ୍ୟ ହେଲା । ସେଥିରେ ତାଙ୍କ ପିତା କେତେ ଦିନ ହେଡ୍‌ପଣ୍ଡିତ କାର୍ଯ୍ୟ କରୁଥିଲେ । ଚାଟଶାଳୀ ପାଠ ମାତ୍ର ବୈକୁଣ୍ଠ ସେଠୁ ମଧ୍ୟ-ଭର୍ଣ୍ଣାକୁଲାର ସ୍କୁଲରେ ନାମ ଲେଖାଇଲେ ଓ ସେଠାରେ ୧୯୧୦ ସାଲ ପର୍ଯ୍ୟନ୍ତ ପଢ଼ି ନିମ୍ନ ପ୍ରାଥମିକ ସ୍କୁଲରୁ ପାଶ୍ କରି କଟକ ଚାଲି ଆସିଲେ । ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ସର୍ବନିମ୍ନ ଶ୍ରେଣୀରେ ନାମ ଲେଖାଇଲେ । ସେତେବେଳକୁ କଲେଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ ଜଣେ ଯୋଗ୍ୟ ବ୍ୟକ୍ତି ଥିଲେ । ତାଙ୍କ ନାମ ନାରାୟଣ ପ୍ରସାଦ ମହାନ୍ତି । ଇଂରେଜୀ ଭାଷାରେ ତାଙ୍କର ଦଖଲ ଥିଲା; କିନ୍ତୁ ଅଧିକାଂଶ ସମୟରେ ଅହିଫେନ ସେବା କରି ସେ ଆତ୍ମସ୍ଥ ଥିଲାପରି ବୋଧ ହେଉ ନ ଥିଲା । ସେତେବେଳେ ତାଙ୍କ ବଡ଼ ଭାଇ ଓ ନେତାଜୀ ସୁଭାଷ ଚନ୍ଦ୍ର ପ୍ରଭୃତି ଏଣ୍ଟ୍ରାନ୍‌ସ କ୍ଲାସରେ ଅଧ୍ୟୟନ କରୁଥିଲେ । ସୁଭାଷ ବାବୁ ବୈକୁଣ୍ଠ ନାମ ଲେଖାଇବାର କିଛିଦିନ ପୂର୍ବରୁ କଲିକତା ଚାଲିଯାଇଥିଲେ । ସେତେବେଳେ ବ୍ରିଟିଶ୍ ଶାସନ । ଚାରିଆଡ଼େ ଶାନ୍ତି ଶୃଙ୍ଖଳା ଅବ୍ୟାହତ ଥିଲା । ଲୋକେ ଭୟଭୀତ ହୋଇ ବ୍ରିଟିଶ୍ ଆଇନ୍ କାନୁନ୍ ପାଦ ତଳେ ଶିର ନତ କରି ଚଳୁଥିଲେ । ବିଶୃଙ୍ଖଳାର କୌଣସି ଚିହ୍ନ ଦେଖିଲେ ସାହେବମାନେ ବରଦାସ୍ତ କରିପାରୁ ନଥିଲେ । ନାରାୟଣ ବାବୁଙ୍କ ପରେ କଲେଜିଏଟ୍ ସ୍କୁଲକୁ ଆସିଲେ ହେଣ୍ଡରସନ୍ ସାହେବ । ସେ ନିଜେ ଖେଳପ୍ରିୟ ଥିଲେ ମଧ୍ୟ ଖେଳ ପଡ଼ିଆରେ ପିଲାମାନେ ଘାଣ୍ଟିଗୁଣ୍ଡି କଲେ ବରଦାସ୍ତ କରିପାରୁ ନଥିଲେ । ନିଜେ ଅଫିସରୁ ଚାଲିଆସି ପିଲାମାନଙ୍କୁ ଯୂଥଭ୍ରଷ୍ଟ କରି ଦେଉଥିଲେ ।

କଲେଜିଏଟ୍ ସ୍କୁଲରେ ପଢ଼ିବା ସମୟରେ ସେ ସତ୍ୟବାଦୀ ବନବିଦ୍ୟାଳୟ କଥା ଶୁଣିଲେ । କେତେକ ଦୁଷ୍ଟ ଲୋକ ସ୍କୁଲ ପୋଡ଼ି ଦେଇଥିବା କଥା ତାଙ୍କୁ ଅସ୍ଥିର କରିଦେଇଥିଲା । ମନେହେଲା—ଏ ସରକାରୀ ସ୍କୁଲରେ ତାଙ୍କର ଆଉ ସ୍ଥାନ ନାହିଁ । ସତ୍ୟବାଦୀ ସ୍କୁଲ ପାଇଁ ସେ ଅଳ୍ପକିଛି ଚାନ୍ଦା ସଂଗ୍ରହ କରିଥିଲେ । ଯେ କଥା ହେଣ୍ଡରସନ୍ ସାହେବଙ୍କ କାନରେ ପଡ଼ିବାରୁ ସେ ତାଙ୍କୁ ଶ୍ରେଣୀ ଶିକ୍ଷକଙ୍କ ଜରିଆରେ ତାଗିଦ୍ କଲେ ଓ ରଷ୍ଟିକେଟ୍ କରିବେ ବୋଲି ଧମକାଇଲେ । ସେହି ଦିନୁ

ସତ୍ୟବାଦୀ ସ୍କୁଲପ୍ରତି ତାଙ୍କର ମମତା ବୃଦ୍ଧି ପାଇଲା ଓ ସେ ମୋତେ ପଢ଼ିବାକୁ ବଦ୍ଧ ପରିକର ହେଲେ ।

୧୯୧୫ ସାଲ ପ୍ରଥମ ମହାଯୁଦ୍ଧ ବେଳେ ସେ ଜଳଧର କହିଲେ— "ମୁଁ ସତ୍ୟବାଦୀ ସ୍କୁଲରେ ପଢ଼ିବି । ଉତ୍ପାତ, କଦାକଟା କରିଥିବା କଥା ମନେ ପଡ଼ୁଛି । ଶେଷକୁ ମୋର ଜିଦ୍ଦ ହେଲା । ମୋର ଜଣେ ମାମୁ ଯାଇ ମୋତେ ସତ୍ୟବାଦୀରେ ଛାଡ଼ି ଆସିଲେ । ସତ୍ୟବାଦୀ ଷ୍ଟେସନରେ ପହଞ୍ଚିବା ପରେ ମୋର ମନେହେଲା- ଯେପରିକି ଜଙ୍ଗଲ ରାଜ୍ୟରେ ମୁଁ ପ୍ରବେଶ କଲି । ସହର ଚୌକମାଳ ତ ନାହିଁ । କେବଳ ନଡ଼ିଆ ଗଛ, ନଡ଼ିଆ ତାଡ଼, ନଡ଼ିଆ କାରବାର । ଷ୍ଟେସନରୁ ବିଦାୟ ହେଲାବେଳେ କାଠଯୋଡ଼ୀରେ ବନ୍ୟା ଆରମ୍ଭ ହୋଇଥିଲା । ଆଉ ଦିନେ ନଈରେ ଗାଧୋଇ ପାରିବ ନାହିଁ ଭାବି, କାଠଯୋଡ଼ିରେ ଦିନ ଏଗାରଟାରୁ ୧୨ଟା ପର୍ଯ୍ୟନ୍ତ ଗାଧୋଇଲି । ମନ ଇଚ୍ଛା ପହଁରିଲି । ନୂଆ ପାଣି ସଙ୍ଗେ ସଙ୍ଗେ ମୋର ଶ୍ୱାସନଳୀ, ଫୁସ୍‌ଫୁସ୍ ଓ ବ୍ରଙ୍କାଇଟିସ୍ ଧରିନେଲା । ସେଦିନ କେତେ ଘଣ୍ଟା ପରେ ମୋତେ ଜ୍ୱର ଦେଖା ଦେଲା । କାଳେ ସତ୍ୟବାଦୀ ଯିବା ବନ୍ଦ ହୋଇଯିବ, ଏହି ଭୟରେ କାହାକୁ ଏ କଥା କହିଲି ନାହିଁ । ଷ୍ଟେସନରେ ମାମୁ ଜାଣିପାରି କେତେଥର ପଚାରିଲେ — ତୋ ଦେହ ଭଲ ନାହିଁ କି ? ସେ କଥାକୁ ଏଡ଼େଇ ତାଙ୍କୁ କହିଲି— ଟିକିଏ ଥଣ୍ଡା ଲାଗିଛି । ଉପାସ ରହିଲେ ଭଲ ହୋଇଯିବ ।

"ସତ୍ୟବାଦୀ ଷ୍ଟେସନରେ ପହଞ୍ଚିଲା ବେଳକୁ ରାତି ପ୍ରାୟ ୨ଟା । ଆମ୍ଭେମାନେ ବ୍ରାହ୍ମଣ ଦୋକାନୀଙ୍କ ଗୋଦାମ ଘରେ ୨ ଘଣ୍ଟା ପାଇଁ ଆଶ୍ରୟ ନେଇ ସକାଳୁ ବାହାରି ପଡ଼ିଲୁ । ପୂର୍ବରୁ ଶିକ୍ଷକମାନେ ବିଶେଷତଃ ନୀଳକଣ୍ଠ ବାବୁ, ଦାଶ ଆଜ୍ଞା, ଆଚାର୍ଯ୍ୟ ହରିହର, ମୋର ପିତୃବ୍ୟ ଲୋକନାଥ ବାବୁଙ୍କୁ ଓ ପିତାଙ୍କୁ ଭଲ ଭାବେ ଜାଣିଥିଲେ । ମୋ ପିତୃବ୍ୟ, ଗୋପବନ୍ଧୁ, ବ୍ରଜସୁନ୍ଦର ସହପାଠୀ । ଏମାନଙ୍କ ମଧ୍ୟରେ ନିବିଡ଼ ପ୍ରୀତିଥିଲା । ତେଣୁ ମୋର ନାମଲେଖା ଶୀଘ୍ର ହୋଇଗଲା । କଟକର ପିଲା ଆସିଛି ବୋଲି ଦେଖିବାକୁ ବହୁ ଲୋକ ଆସିଲେ । କିନ୍ତୁ କଟକୀ ବୁଲୁସ୍ ଦେଖାଇବାର ଅବକାଶ ମୋର ନ ଥିଲା । ସେହି ଦିନ ସାଂଘାତିକ ଭାବେ ଉତ୍କଟ ନିମୋନିଆ ଧରିନେଲା । ମୁଁ ଶଯ୍ୟାଗତ ହେଲି । ଶିକ୍ଷକମାନଙ୍କ

ମଧରେ ମୁଁ ଏକ ଆଲୋଡ଼ନ ସୃଷ୍ଟି କରିଦେଲି—ପିଲାଟି କେଉଁ ଉତ୍ସାହରେ ଆସିଲା, ଅଥଚ ସାଙ୍ଘାତିକ ଭାବରେ ରୋଗରେ ପଡ଼ିଲା । ଆଶ୍ଚର୍ଯ୍ୟ ହରିହର ୨୪ ଘଣ୍ଟା ନିଜ ମା' ଭଳି ମୋର ସେବା କଲେ । ଅନ୍ୟାନ୍ୟ ଶିକ୍ଷକ, ବିଶେଷତଃ ନୀଳକଣ୍ଠ, ଗୋଦାବରୀଶ ସେବାରେ ତ୍ରୁଟି କରି ନାହାନ୍ତି । ମୋତେ ବଞ୍ଚାଇବାକୁ ପିଲାମାନେ ବହୁ ପରିଶ୍ରମ କଲେ । ମାତ୍ର ୩ ଥର ବ୍ୟାଧିର ପ୍ରକୋପ ଶୀର୍ଷ ସୀମାକୁ ଯାଇଥିଲା । ପରେ ଶୁଣିଲି—ବର୍ଷାକାଳ ହେତୁ ଶ୍ମଶାନକୁ ନେବାର ସମସ୍ତ ବ୍ୟବସ୍ଥା କରି ରଖିଥିଲେ ସେମାନେ । ଏହି ସମୟରେ ଶିକ୍ଷକମାନେ ମୋର ପିତା ନାରାୟଣ ସୁମନ୍ତଙ୍କୁ କଟକରୁ ଡକାଇ ନେଲେ । ତାଙ୍କୁ ଶିକ୍ଷକମାନେ ଅତି ଆଦରର ସହିତ ପ୍ରାୟ ୫/୬ ବର୍ଷ ରଖିଥିଲେ । ସେଠି ସେ କୃଷିଶିକ୍ଷା ଦେଉଥିଲେ ଓ ନୀଳକଣ୍ଠ ବାବୁଙ୍କୁ ଗ୍ରନ୍ଥ ବୁଝାଉଥିଲେ । ସେ ସମୟରେ ନିମୋନିଆ ରୋଗର କୌଣସି ଔଷଧ ନ ଥିଲା । ଫଳରେ ରୋଗୀ ୩ ଦିନ ବା ସାତ ଦିନ ଭୋଗି ମୃତ୍ୟୁ ମୁଖରେ ପଡ଼ୁଥିଲା । ମୋ ଭାଗ୍ୟକୁ ପ୍ରାତଃସ୍ମରଣୀୟ ବୈଦ୍ୟରାଜ ଶ୍ରୀ ମାଗୁଣି ବ୍ରହ୍ମା ମୋତେ ଦେଖିବାକୁ ଆସିଲେ ଓ ତାଙ୍କ ଚିକିତ୍ସାରେ ମୋତେ ରଖିଲେ । ସେ ସମୟରେ ମୁଁ ସଂଜ୍ଞାହୀନ । ଶୁଣିଛି, ଆଶ୍ଚର୍ଯ୍ୟ ହରିହର ଦିବାରାତ୍ର ମୋତେ କୋଳରେ ଘେନି ବସିଥାନ୍ତି । କୌଣସି ଗୋଟିଏ ପକ୍ଷରେ ନୀଳକଣ୍ଠ ଓ ଗୋଦାବରୀଶ ପ୍ରଭୃତି ଅଶ୍ରୁ ବିସର୍ଜ୍ଜନ କରିବା କଥା ମୁଁ ଶୁଣିଛି ।

"ବୈଦ୍ୟରାଜ ବ୍ରହ୍ମାଙ୍କ ଚିକିତ୍ସାରେ ବଡ଼ ଆଶ୍ଚର୍ଯ୍ୟ କଥା, ମୋର ୩ ଦିନ, ୭ ଦିନ, ୧୩ ଦିନ, ୨୧ ଦିନ କଟିଲା । ଏ ସମସ୍ତ ଦିନରେ ମୃତ୍ୟୁ ଆସି ଦ୍ୱାରଦେଶରୁ ଫେରିଗଲା ସିନା ମୋତେ ସ୍ପର୍ଶକରି ପାରିଲା ନାହିଁ । ବ୍ରହ୍ମାଙ୍କ ଔଷଧ କାମ କଲା । ମୁଁ ମାସକ ପରେ ଆଖି ଫିଟାଇଲି । ତାଙ୍କୁ ଦେଖିଲି, ସେତେବେଳେ ସୁଦ୍ଧା କାଶ ସହିତ ଗୁଡ଼ାଏ ଗାଢ଼ ରକ୍ତ ମିଶ୍ରିତ କଫ ପଡ଼ୁଥାଏ । ବ୍ରହ୍ମା ପଚାରିଲେ—ବାବା, ଭଲ ହୋଇଗଲୁ ? ଜଗନ୍ନାଥ ତୋତେ ରଖିଲେ । ତୁ ଏଇଲେ କ'ଣ ଖାଇବୁ, କହିଲୁ ?

"କହିଲି—ମୋର କିଛି ଖାଇବାକୁ ଇଚ୍ଛା ହେଉନାହିଁ ।

"ବ୍ରହ୍ମା ପଚାରିଲେ—ବଞ୍ଚିବୁ କିପରି ? ରୋଗ ଭଲ ହେଲା । ନ ଖାଇଲେ ବଳ ଆସିବ କୁଆଡ଼ୁ ?

"ମୁଁ କ୍ଷୀଣ କଣ୍ଠରେ କହିଲି—ମୁଁ ଯାହା ଚାହିଁବି ଆପଣ କ'ଣ ଦେବେ ?

"ସେ କହିଲେ—ନିଶ୍ଚୟ ଦେବି ।

"ମୁଁ କହିଲି—ଆପଣ ଆଦୌ ଦେବେ ନାହିଁ ।

"ମୁଁ ନିଶ୍ଚୟ ଦେବି କହୁଛି ।"

"କହିଲି—ମୋର ଘର ଛଣ୍ଟା ହେଉଛି—ମୋତେ ଦୁଇଟି ଅଣ୍ଡା, ଟିକିଏ ଡାଲି ଦିଅନ୍ତୁ । ଏତିକି କହିବାପରେ ବ୍ରହ୍ମା ଚମକି ଉଠି ହରି ବାବୁଙ୍କୁ ଡାକିଲେ—ହସ୍ତେ ଆପଣ, ଏ ପିଲାକୁ ମାରିବ କି ? ଏ କ'ଣ କହୁଛି—ଶୁଣନ୍ତୁ । ତାପରେ ମୋତେ ବହୁତ ଆଶ୍ୱାସନା ଦେଲେ ଓ କହିଲେ—ତୋତେ ନିଶ୍ଚୟ ଅଣ୍ଡା ଦିଆଯିବ । କିନ୍ତୁ କିଛିଦିନ ତୁ ଅଳ୍ପ ଦିଓଟି ପୁରୁଣା ଚାଉଳ ଭାତ, ଦାଳମା ପାଣିଦିଆ ମୀନମାଛର ପାଣି ଟିକେ ଟିକେ ଖାଇବୁ, ମୁଁ ଏକୋବେଳକେ ଘୃଣାରେ ଅସ୍ଥିର ହୋଇ ଉଠିଲି ଓ ନାହିଁ କଲି । ମାତ୍ର ଗୁରୁ ବାକ୍ୟ ଓ ପ୍ରାଣଦାତାଙ୍କ ବାକ୍ୟ ଅଲଂଘନୀୟ ମନେ କରି ମୁଁ ସେ ମାଛ ପାଣି, ଦୁଇ ଚାମଚ ପୁରୁଣା ଚାଉଳ ଭାତ ଔଷଧ ଖାଇଲି ମରି ମାସେକାଳ ଗିଳିଲି, ମାତ୍ର ଅଣ୍ଡା ମୋ ଭାଗ୍ୟକୁ ଆସିଲା ନାହିଁ । ତାପରେ ଟିକିଏ ଭଲ ହେବା ପରେ ମୋତେ ବ୍ରଣ ରୋଗ ହେଲା । ସତ୍ୟବାଦୀରେ ୩ ବର୍ଷ ରହଣି ମଧ୍ୟରେ ମୁଁ କେବେ ରୋଗମୁକ୍ତ ଥିଲିପରି ମନେ ହେଉନାହିଁ । ସତ୍ୟବାଦୀର ଜଳବାୟୁ, ଖାଦ୍ୟପେୟ, ସ୍ନାନପୋଖରୀ, ଓ ଅତ୍ୟଧିକ ଶୃଙ୍ଖଳାମୟ ଜୀବନ ମୋ ଦେହକୁ ସୁହାଇଲା ନାହିଁ । ଘନ ଘନ ପୀଡ଼ିତ ହେଲେ ମଧ୍ୟ କ୍ଲାସ ପଢ଼ାରେ କ୍ଷତି ନ କରି ଉଚ୍ଚ ଶ୍ରେଣୀକୁ ପ୍ରତିବର୍ଷ ଉଠୁଥାଏ । ସତ୍ୟବାଦୀ ବନ ବିଦ୍ୟାଳୟର ସ୍ମୃତି ଅତି ମଧୁର ହେଲେ ହେଁ ସେଠାକାର ଜଳବାୟୁ ଓ ଆହାର ବ୍ୟବହାର ସାଧାରଣ ଛାତ୍ର ପକ୍ଷରେ ଦୁଃସହ ହୋଇ ଉଠୁଥିଲା । ଶୃଙ୍ଖଳାରେ କିଛି ତ୍ରୁଟି ନ ଥିଲେ ହେଁ ସତ୍ୟବାଦୀ ଭଳି କ୍ଷୁଦ୍ର ପଲ୍ଲୀ ଗ୍ରାମରେ ୫୦୦ ପିଲାଙ୍କୁ ବୋର୍ଡିଂରେ ରଖି ଚଳାଇବା ଏବଂ ସେମାନଙ୍କୁ ପୁଷ୍ଟିକାରକ ଖାଦ୍ୟପେୟ ଯୋଗାଇବା ସେ କାଳରେ ଅତି କଠିନ ବ୍ୟାପାର ଥିଲା । ଦୈନନ୍ଦିନ କାର୍ଯ୍ୟ ନିର୍ଦ୍ଦିଷ୍ଟ ନିୟମ ଭାବରେ ବନ୍ଧା ହୋଇ ରହିଥିଲା । ଯାହାର ହଳଚଳ ହେବାର ବାଟ ନ ଥିଲା, ପରେ କଲେଜରେ ଅଧ୍ୟୟନ କଲାବେଳେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ

"ଅଚଳାୟତନ" ଗ୍ରନ୍ଥ ପଢ଼ି ମୁଁ ମନେ କରୁଥିଲି ଶାନ୍ତିନିକେତନ ଅନୁଷ୍ଠାନଟି ଅନେକାଂଶରେ ସେହିପରି ଥିଲା । ଅବଶ୍ୟ ସେହି କଠିନ ଶୃଙ୍ଖଳା ମଧ୍ୟରେ ବହୁ ଗୁଣ ଉତ୍ତୀର୍ଣ୍ଣ ହୋଇଥିବେ । ମାତ୍ର ପରିଚାଳକ ଓ ଶିକ୍ଷକମାନେ ପୂର୍ବ ଭାରତୀୟ ଗୁରୁକୁଳାଶ୍ରମର ସ୍ୱପ୍ନ ଦେଖି ବିଂଶ ଶତାବ୍ଦୀର ଶାନ୍ତିନିକେତନ ଇଂରାଜୀ ସ୍କୁଲ ଉପରେ ସେ ଛାଞ୍ଚଟିକୁ ଧର୍ମପୂର୍ଣ୍ଣ ଭାବରେ ଲଦି ଦେବା ଏବଂ କୌଣସି ପରିବର୍ତ୍ତନକୁ ପ୍ରଶ୍ରୟ ନ ଦେବା ବୋଧହୁଏ କେତେକାଂଶରେ ଦୂରଦୃଷ୍ଟିର ଅଭାବ ବୋଲି ମୁଁ ପରେ ଅନୁଭବ କରିଥିଲି ।

"ଅତି ପ୍ରତ୍ୟୁଷରେ ସ୍ନାନ ଘଣ୍ଟା ବାଜେ । ସେହି ସୀମିତ ଚଉଡ଼ା ପୋଖରୀରେ ସମସ୍ତେ ସ୍ନାନ କରନ୍ତି । ସ୍ନାନ ପରେ ସେଇଟା ସ୍ୱାସ୍ଥ୍ୟ ନରକକୁଣ୍ଡ ହୋଇଯାଏ । ଜଳ ନିଷ୍କାସନ ବା ଜଳ ପ୍ରବେଶର ସେପରି ସୁବିଧା ନ ଥିବା । କ୍ଷୁଦ୍ର ପୁଷ୍କରଣୀରେ ଏତେଗୁଡ଼ିଏ ପିଲାଙ୍କ ଏକକାଳୀନ ସ୍ନାନ କଲେ ସଂକ୍ରାମକ ରୋଗ ହେବାର କଥା, ତା ମଧ୍ୟ ହେଉଥିଲା ।

"ସ୍ନାନ ପରେ ଜଳଖିଆର ଘଣ୍ଟା ବାଜୁଥିଲା । ତା ପରେ ମୁଢ଼ି ଜଳଖିଆ । ସାଢ଼େ ନ'ଟା ବେଳକୁ ମଧ୍ୟାହ୍ନ ଭୋଜନ । ମାସକୁ ମେସ୍ ଖର୍ଚ୍ଚ ୩ ଟଙ୍କା ବାରଅଣା ପଡ଼ୁଥିଲା । ସେଥିରେ ପରିଚାଳକମାନେ ବା କପରି ପୁଷ୍ଟିକାରକ ଖାଦ୍ୟ ଦେଇ ପାରନ୍ତେ ? ତେବେ ଆମ ସମସ୍ତଙ୍କ ମୂଳମନ୍ତ୍ର ଥିଲା— କୌପିନବନ୍ତଃ ଖଳୁଭାଗ୍ୟବନ୍ତଃ । ଆଚାର୍ଯ୍ୟ ମହାଶୟ ସ୍ନାନ ଭିତରୁ ଏହି ଶ୍ଳୋକଟି ଗାଇ ଗାଇ ଆସନ୍ତି । ଆଜି ପର୍ଯ୍ୟନ୍ତ ମୋର ସେହି କଣ୍ଠସ୍ୱର ମନେ ଅଛି । ଶାନ୍ତିନିକେତନ ବିଦ୍ୟାଳୟର ଛାତ୍ରମାନଙ୍କ ମଧ୍ୟରୁ କେତେଜଣ କୌପିନବନ୍ତ ହୋଇଛନ୍ତି ବୋଲି ଜଣାନାହିଁ ।

"ପରେ ଅନୁଭବ କଲି ମାସକୁ ୩ ଟଙ୍କା ବାର ଅଣା ଦେଇ ବଙ୍ଗଳା ଅନ୍ନ, ଡାଲିପାଣି ଖାଇ ସ୍ୱାସ୍ଥ୍ୟରକ୍ଷା କରିପାରି ନ ପାରେ । ଏତେ ଛାତ୍ରଙ୍କୁ ତରକାରୀ ଯୋଗାଇବା ମଧ୍ୟ ସମ୍ଭବ ହୁଏ ନାହିଁ । କେତେ ବୋଇଁ ସାରୁରେ କେତେଟା ବାଇଗଣ ପଡ଼ି ତରକାରୀ ହୁଏ— ମାତ୍ର ଅଧିକାଂଶ ଦିନ ଜଳୀୟ ଡାଲମା ଆମର ଖାଦ୍ୟ । ସେଥିଲାଗି ଛାତ୍ରମାନେ ଘନ ଘନ ରୋଗରେ ପଡ଼ୁଥିଲେ । ଛାତ୍ରାବାସରେ ସେବା ସଂଘ ସବୁ କାଳରେ ରୋଗୀ ସେବାରେ ଭାରି ତତ୍ପର ଥାଏ । ଛାତ୍ରମାନେ ସେବାରେ

ତାଲିମ ଯାଆନ୍ତି । କାନ୍ଥ ଧୁଅନ୍ତି । ଜ୍ୱର ଓ ଆମାଶୟ ରୋଗୀର ଶୁଶ୍ରୂଷା କରନ୍ତି । ଜଣେ ଶିକ୍ଷକ ପିଲାମାନଙ୍କୁ ହୋମିଓପ୍ୟାଥିକ ଔଷଧ ଦିଅନ୍ତି । କେତେବେଳେ ବା ଡାକ୍ତରଖାନାକୁ ଔଷଧ ଲାଗି ପଠାଯାଏ । ହୁଏତ ଡାକ୍ତରଖାନାରେ ଉପଯୁକ୍ତ ଔଷଧ ନ ଥାଏ । ସେ ଯୁଗରେ ଏତେ ବଡ଼ ଅନୁଷ୍ଠାନ ବଞ୍ଚାଇ ରଖିବା କେତେ କଷ୍ଟସାଧ୍ୟ ତାହା ମୁଁ କୈଶୋର ଅବସ୍ଥାରେ ଅନୁଭବ କରିଥିଲି । ସେ ସମୟରେ ଅନୁଭବ କରିଥିଲି ଶିକ୍ଷକମାନଙ୍କର ଅପରିସୀମ ସହାନୁଭୂତି, ସ୍ନେହ, ମାୟା ଜାଗତିକ ଅଭାବକୁ ବରାବର ଘୋଡ଼ାଇ ପକାଇଥିଲା, ମାତ୍ର ମୌଳିକ ଅଭାବ ଗୁଡ଼ିକ ପୂର୍ଣ୍ଣ ନ ହେଲେ ପ୍ରକୃତି କ'ଣ କାହାକୁ ଛାଡ଼ିଲାଣି ? ତେଣୁ ସେ ଆଦର୍ଶ ଅନୁଷ୍ଠାନରେ ରୋଗ, ବ୍ୟାଧି, ପ୍ରକୃତିର ପ୍ରତିଶୋଧ ବରାବର ଲାଗି ରହିଥିଲା । ମୁଁ ସେଠାରେ ୩ ବର୍ଷ ରହିଲା ପରେ ଆଉ ଚଳି ପାରିଲି ନାହିଁ । ବାଧ୍ୟ ହୋଇ ସାର୍ଟିଫିକେଟ ନେଇ ଢେଙ୍କାନାଳ ହାଇସ୍କୁଲରେ ଭର୍ତ୍ତି ହେଲି । ସେଠା ଜଳବାୟୁ ସେ ସମୟରେ ଅତ୍ୟନ୍ତ ସ୍ୱାସ୍ଥ୍ୟପ୍ରଦ ଥିଲା । ସ୍କୁଲରେ ବେଶ୍ ପୁରାତନ ରୀତିରେ ପଢ଼ାପଢ଼ି ଚାଲିଥିଲା । ମୁଖସ୍ଥ ଥିଲା ପ୍ରଧାନ । ବ୍ରହ୍ମାସ୍ତ୍ର ଆଧୁନିକ ଶିକ୍ଷା ପ୍ରଣାଳୀ କୌଣସିଠାରେ ପ୍ରବେଶ କରି ନ ଥିଲା ।

"ସେ ସମୟରେ ପଣ୍ଡିତ ଗୋଦାବରୀଶ ଟ୍ରେନିଂ ଲାଗି କଲିକତା ଗଲେ । ସେ ଫେରି ଆସି ଶିକ୍ଷାଦାନ ପଦ୍ଧତିରେ ଯେଉଁ ପରିବର୍ତ୍ତନ କରିଥିଲେ ତାହା ମୁଁ ଉପଭୋଗ କରି ପାରିଲି ନାହିଁ ।

"ଢେଙ୍କାନାଳ ପୂର୍ବତନ ଗଡ଼ଜାତ । ରାଜା ବଜୁଡ଼ାଙ୍କ ଦୂଷିତ ବାୟୁମଣ୍ଡଳରୁ କେତେକାଂଶରେ ମୁକ୍ତ ଥିଲେ, ମଧ୍ୟ ଗଡ଼ଜାତ ରାଜାମାନଙ୍କ ବିଷୟରେ ମୋର କୌତୂହଳ ଶୈଶବ କାଳରେ ଜାଗ୍ରତ ଥିଲା । ଢେଙ୍କାନାଳ ଜଳବାୟୁକୁ ମୁଁ ପ୍ରଥମେ ସେତେ ପସନ୍ଦ କରିପାରି ନ ଥିଲି । ସେଠାରେ ରୋଗ ମୁକ୍ତ ହୋଇ ୩୪ ବର୍ଷ କଟାଇଲି । ସେହି-ଠାରେ ବନ୍ଧୁ ଅନ୍ନଦା ଶଙ୍କରଙ୍କ ସହିତ ମୋର ପରିଚୟ । ୧୯୨୦ ସାଲରେ ଆମ୍ଭେମାନେ ମାଟ୍ରିକୁଲେସନ କ୍ଲାସରେ ପଢ଼ୁଥାଉ । ସେ ସମୟରେ କଲିକତାରେ କଂଗ୍ରେସ ଅଧିବେଶନ ହେଲା । ଗାନ୍ଧିଜୀଙ୍କ ସ୍କୁଲ କଲେଜ ଛାଡ଼ ଡାକରା ଆସିଲା । ଆଲି ଭ୍ରାତୃଦ୍ୱୟ ଘୋଷଣା କଲେ—

୧୯୨୧ରେ ଯେଉଁମାନେ ପରୀକ୍ଷା ଦେବେ ସେମାନଙ୍କ କପାଳରେ ବ୍ଲାକ୍ ଶିପ୍ ଲେଖାଯିବ । ଅନ୍ନଦା ବାବୁ ଓ ମୁଁ ଖରାପ ଛାତ୍ର ନ ଥିଲୁ । ହେଲେ ହେଁ ଏ ଡାକକୁ ଅବହେଳା କରିବାର ଶକ୍ତି ଆମ୍ଭମାନଙ୍କର ନ ଥିଲା । ଭିତରେ ଭିତରେ ଶିକ୍ଷକମାନଙ୍କ ଦୃଷ୍ଟି ଅନ୍ତରାଳରେ ଆମେ ପିଲାମାନଙ୍କୁ ପରୀକ୍ଷା ଦେବା ନାହିଁ ବୋଲି ପ୍ରବର୍ତ୍ତାଉ ଥିଲୁ । ମାଟ୍ରିକ୍ କ୍ଲାସରେ ଆମେ ୧୦ ଜଣ ପିଲା ଥାଉ । ପରୀକ୍ଷାକ୍ରମେ ୧୦ଟି ଯାକ ସେଣ୍ଟଅପ୍ ହେଲେ ଏବଂ ୧୦ ଜଣ ଯାକ କୃତିତ୍ୱ ସହିତ ସେ ବର୍ଷ ମାଟ୍ରିକ ପାଶ୍ କଲେ । ପାଟନା ବିଶ୍ୱବିଦ୍ୟାଳୟରେ ନୂଆ ସିଲାବସ ଅନୁସାରେ ସେଇଟା ପ୍ରଥମ ପରୀକ୍ଷା । ଶତକଡ଼ା ୨୮ ପାଶ୍ କରିଥିବା କଥା ମୋର ମନେ ପଡ଼ୁଛି । କିନ୍ତୁ ଆନ୍ଦୋଳନ ହେବାରୁ ୨।୩ ଥର ପରୀକ୍ଷା ଫଳ ବାହାରିଲା । ଶେଷକୁ ୪୦% ବା ୪୨% ପିଲା ପାଶ୍ କଲେ । ଅନ୍ନଦା ଓ ମୁଁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପରୀକ୍ଷା ଦେବୁ ନାହିଁ ସିଦ୍ଧାନ୍ତ କରି ପିଲାଙ୍କୁ ମତାଉଥିଲୁ । ପରୀକ୍ଷା କେନ୍ଦ୍ର ରେଭେନ୍‌ସା କଲେଜ୍ । ମନରେ ସନ୍ଦେହ କରି ଆମ ସାଙ୍ଗରେ ଶିକ୍ଷକ ରହିଲେ । ସେ ବାରମ୍ବାର ପିଲାଙ୍କୁ ପ୍ରବର୍ତ୍ତାଉ ଥାନ୍ତି— ଦେଖ, ଏ କଂଗ୍ରେସ ବାଲାଙ୍କ କଥା ଶୁଣନା । ଜୀବନ ମାଟି ହୋଇଯିବ । ସ୍କୁଲରୁ ଚିରଦିନ ନାମ କଟିଯିବ । ରାଜ୍ୟରୁ ବାହାରେଯିବ, ଇତ୍ୟାଦି । ଆଠ ଜଣ ପିଲା ଆସି ଆମ ସାଥିରେ ପଡ଼ାପଡ଼ି କରୁ ଥାଆନ୍ତି । ମାତ୍ର ଆମେ ଦୁଇଜଣ ଗୋଠରୁ ଫିଟି ଆସିଥିବା ଗାଈ ଭଳି ବିଚାର କରୁଥାଉ— କ'ଣ କରିବା ?

"ଅନ୍ନଦା ସମ୍ପାଦକ ହେବାର ସ୍ୱପ୍ନ ଦେଖୁଥାନ୍ତି । ମୁଁ କୌଣସି ଜାତୀୟ ବିଦ୍ୟାଳୟରେ ପଢ଼ିବାର କଳ୍ପନା କରୁଥାଏ । ଅସହଯୋଗ ଆନ୍ଦୋଳନର ହାଓ୍ୱା ମୋ ବୃଦ୍ଧ ପିତାଙ୍କୁ ମଧ୍ୟ ସ୍ପର୍ଶ କରିଥିଲା । ସେ ସତ୍ୟବାଦୀ ଛାଡ଼ି ଦେଇ ଆସି ବାଡ଼ୀରେ ଗୋଟିଏ ପ୍ରକାଣ୍ଡ ଯାଗା ନେଇ କୃଷି କାର୍ଯ୍ୟ ଆରମ୍ଭ କରିଦେଲେ । "କୁଟି ଖାଅ, କାଟି ପିନ୍ଧ" ମନ୍ତ୍ରବ୍ୟ ପ୍ରଚାର କରିବାକୁ ଲାଗିଲେ । ସେ ଇଂରେଜୀ ଜାଣି ନ ଥିଲେ ସୁଦ୍ଧା କେତେ ଗୁଡ଼ିଏ ପ୍ରବଚନ ମୁଖସ୍ଥ କରିଥିଲେ—ଗୋଟିଏ ମନେ ଅଛି—

Better a plough man at one's feet .
Than a service man at one's knees.

"ବହୁବାର ସେ ମୋର ପିତୃବ୍ୟ ଲୋକନାଥ ପଟ୍ଟନାୟକଙ୍କୁ ଓ ମୋତେ ସରକାରୀ ଚାକରୀ କରିଥିବା ହେତୁ ବେଶ୍ୟା ବୃତ୍ତି ଅବଲମ୍ବନକରି ପଇସା ଅର୍ଜୁଛ ବୋଲି କଟାକ୍ଷ କରି ଅଛନ୍ତି । ମୁଁ ଅନେକ ସମୟରେ ତାଙ୍କ କଥା ନ ମାନି ତାଙ୍କୁ ପଚାରିଛି—ସେ ଟଙ୍କା ତୁମ୍ଭ ଗର୍ଭକୁ କାହୁଁ ଯାଉଛି କି ? ଏ ପ୍ରଶ୍ନରେ ସେ ଟିକେ ଗମ୍ଭୀର ହୋଇ ପୁଣି କହନ୍ତି— ଦେଖ, ତୁମ୍ଭେମାନେ ଶିକ୍ଷାବୃତ୍ତି ଅବଲମ୍ବନ କରିଛ । ପଇସା ନେଇ ଶିକ୍ଷାଦାନ କରିବା ଏ ଦେଶର ସଂସ୍କାର ବିରୁଦ୍ଧ । ସେଥିଲାଗି ମୁଁ ତାକୁ ବେଶ୍ୟାବୃତ୍ତି ବୋଲି କହିଲି ।

"ମୋର ପାଳକ ପିତା (ପିଉସା) ପିତାଙ୍କର ଠିକ୍ ବିପରୀତଧର୍ମୀ ଥିଲେ । ପିତା ଯେତିକି ରାଜଦ୍ରୋହୀ, ପାଳକ ପିତା ସେତିକି ରାଜ ଭକ୍ତ । ସେ ୯୨ ବର୍ଷ ବଞ୍ଚିଥିଲେ । ତାଙ୍କ ମୃତ୍ୟୁରେ ରାଜା, ରାଜପରିବାରର ଚାକର ଚାକରାଣୀ ପର୍ଯ୍ୟନ୍ତ ତାଙ୍କର ଧୀରସ୍ଥିର, ଅମାୟିକ ପ୍ରକୃତି ଲାଗି ଝୁରିବାର କଥା ମୁଁ ନିଜେ ଅନୁଭବ କରିଛି । ସେ ରାଜ ପରିବାରରେ ଜଣେ ସ୍ୱଳ୍ପ ବେତନ ଶ୍ରେଣୀ କର୍ମଚାରୀ ଥିଲେ । ମାସିକ ଦରମା ଟ ୧୫ ଙ୍କା ବଢ଼ି ବଢ଼ି ଟ ୨୦ ଙ୍କା ପର୍ଯ୍ୟନ୍ତ ପାଉଥିଲେ । ତାଙ୍କ ପେନ୍‌ସନ ଟ ୭-୫୦ ମୁଁ କେତେଥର ତାଙ୍କ ଅକ୍ଷମତା ସମୟରେ ନିଜେ ବିଲ୍ କରି ଆଣିଛି । ଦରମା ସାଙ୍ଗକୁ ତାଙ୍କର ରାଜ ଜାଗିରୀ ଯଥେଷ୍ଟ ନ ଥିଲେ ବି ନିତାନ୍ତ ଅଳ୍ପ ନ ଥିଲା । ଜମିରୁ ଧାନ, ବିରି, ମୁଗ ଫସଲଇତ୍ୟାଦି ଆୟ କରିବା ସଙ୍ଗେ ସଙ୍ଗେ ଦରମା ଟ ୧୫ ଙ୍କା ସେ ଯୁଗରେ ତାଙ୍କ ଚଳାଚଳ ଲାଗି ଯଥେଷ୍ଟ ଥିଲା । ସେ ମୋର ଶିକ୍ଷା ସହିତ ମୋ ଦାଦାଙ୍କ ପୁଅ ସାନଭାଇ ବୃନ୍ଦାବନ ପଟ୍ଟନାୟକଙ୍କ (ଅବସର ପ୍ରାପ୍ତ ଡେପୁଟୀ ସେକ୍ରେଟାରୀ) ଶିକ୍ଷାର ଖର୍ଚ୍ଚ ତୁଲାଇବା ସଙ୍ଗେ ସଙ୍ଗେ ଯୌଥ ପରିବାରକୁ ଚଳାଇ ପାରୁଥିଲେ । ଅବଶ୍ୟ ଉଚ୍ଚ ଶିକ୍ଷା ବେଳକୁ ତାହା ଯଥେଷ୍ଟ ହେଲା ନାହିଁ । ବୃନ୍ଦାବନଙ୍କର ଶିକ୍ଷାର ଭାର ପିତାଙ୍କ ଉପରେ ପଡ଼ିଲା । ମୋର ଶିକ୍ଷା ଭାର ଆଂଶିକ ଭାବରେ ପିତୃବ୍ୟ ଲୋକନାଥ ପଟ୍ଟନାୟକ ବହନ କଲେ । ତେଣୁ ମୁଁ ରେଭେନ୍‌ସା କଲେଜରେ ଅଧ୍ୟୟନ କରୁଥିଲା ବେଳେ ଖୁବ୍ ସ୍ୱଚ୍ଛଳ ଭାବରେ ଚଳିବାର ସୁବିଧା ପାଇ ନ ଥିଲି । ମୋର ପିତା ନାସ୍ପୁଣ ସୁମନ୍ତ ଯେପରି ରାଜ୍ୟରୁ ବହିଷ୍କୃତ ହୋଇଗଲେ ମୋ ପାଳକ ପିତା ଘନବନ୍ଧୁ ପଟ୍ଟନାୟକଙ୍କ ଯତ୍ନ ନ ପାଇଥିଲେ ମୋ ଗ୍ରାମ୍ୟ ଜୀବନ ଗ୍ରାମ ଉଦ୍ୟାନପୁରରେ ହିଁ ଶେଷ ହୋଇଥାଆନ୍ତା ।

"ପିଉସା ଅନେକ ସମୟରେ ମାତୃ ସ୍ନେହରୁ ବଳି ଆଦର କରନ୍ତି । ପିଉସୀ ମଧ୍ୟ ପୂର୍ବ ପ୍ରଭଞ୍ଜଙ୍କୁ ସ୍ମରଣ କରି କୌଣସି ବିଷୟରେ ତ୍ରୁଟି କରନ୍ତି ନାହିଁ । ସେମାନେ ମୋତେ ୬ ମାସ ବୟସରେ ମାତୃ କୋଳରୁ ନେବାର ମୁଁ ଶୁଣିଛି । ମୋର ଗୃହ ପରିବର୍ତ୍ତନର ୨ ବର୍ଷ ପରେ ସାନ ପିଉସାଙ୍କର ସନ୍ତାନ ( ବୃନ୍ଦାବନ ) ଗର୍ଭସ୍ଥ ହେଲା । ତେଣୁ ମୋର ଆଦର ଓ ସମ୍ମାନ ବଢ଼ି ଯାଇଥିଲା । ( ମୁଁ ଗଳାକ୍ଷଣି ପୁଅ ହେଲି—ଏହି ବିଶ୍ୱାସ ) ଆମେ ଦୁଇ ଭାଇଙ୍କ ମଧ୍ୟରେ ବୟସର ତାରତମ୍ୟ ୩ ବର୍ଷ ମଧ୍ୟରେ ହେବ । ଦୁଇ ନବଜାତ ସନ୍ତାନଙ୍କର ସେବା ଓ ଯତ୍ନ କରିବା ପାଇଁ ବଂଶରେ ସମସ୍ତେ ଲାଗି ପଡ଼ିଥିଲେ । ଆମର ଜେଜେ ବାପା ବାଙ୍କନିଧି ପରିଚ୍ଛା ପଟ୍ଟନାୟକଙ୍କ ଅପରିସୀମ ସ୍ନେହ ମୋର ଆଜି ପର୍ଯ୍ୟନ୍ତ ସ୍ମୃତି ପଟରେ ଅଙ୍କିତ ଅଛି । ବଡ଼ମ୍ବା ସ୍କୁଲର ଶିକ୍ଷା ଶେଷକଲା ବେଳକୁ ମୋତେ ୯ ବର୍ଷ ହୋଇଥିଲା । ସେହି ଦିନରୁ ଅଦ୍ୟାବଧି ମୋ ଜୀବନ ବିଦେଶରେ କଟିଅଛି । ଛୁଟିରେ ଗ୍ରାମକୁ ଗଲେ ସ୍ୱର୍ଗ ରାଜ୍ୟକୁ ଫେରିଗଲା ପରି ମନେ ହେଉଥିଲା । ବଡ଼ମ୍ବାର ନଦୀ, ନାଳ, ପର୍ବତମାଳା ସର୍ବୋପରି ସେଠାକାର ଝଡ଼ ତୋଫାନ ମୋ ଶିଶୁ ଚରିତ୍ର ଉପରେ ପ୍ରଭୂତ ପ୍ରଭାବ ବିସ୍ତାର କରିଥିଲା । ମହାନଦୀ କୂଳ ଶଙ୍ଖମହୁରୀ ଗ୍ରାମ ( ଯେଉଁ ଗ୍ରାମ ରାଜ୍ୟର ପ୍ରଥମ ବସତି ସ୍ଥଳ—'ଶଙ୍ଖ' ମହୁରୀ, ଏହି ଦୁଇଗ୍ରାମ ମିଶି ଶଙ୍ଖମହୁରୀ ) ର କ୍ଷୁଦ୍ର ପାହାଡ଼ ଉପରେ ଗୋଟିଏ କ୍ଷୁଦ୍ର କୁଟୀର ରଚନାକରି ଜୀବନ କଟାଇବାର ସ୍ୱପ୍ନ ଆଜି ପର୍ଯ୍ୟନ୍ତ ମୋତେ ଆନ୍ଦୋଳିତ କରେ । ମାଳ ଭୂମିରେ ଝଡ଼ ଉଠିଲେ ମୋର କଲେଜରେ ଶତ ମୟୂରପରି ନାଚ ଉଠୁଥିଲା । ମଝେ ମଝେ ମୁଁ ଅସ୍ଫୁଟ ସ୍ୱରରେ କେତେକ ଅର୍ଥହୀନ ଗୀତ ଗାଉଥିଲି । ସେ ସମୟରେ ଅନୁଭୂତିର ଏକମାତ୍ର ନିଦର୍ଶନ କାବ୍ୟ ସଞ୍ଚୟନରେ ସଂକଳିତ 'ବଜ୍ର ବାଦଲ' ପଦ୍ୟ । ଆଉ କେତେଗୁଡ଼ିଏ ରଚନା ଇତସ୍ତତଃ ବିକ୍ଷିପ୍ତ ହୋଇ କେଉଁଆଡେ ଗଲା ସ୍ମରଣ ହେଉନାହିଁ ।

କଲେଜରୁ ବି. ଏ. ପାଶ୍ କଲାପରେ ୧୯୨୫ରୁ ମୋର ଆଉ ବଡ଼ମ୍ବା ସହିତ ବେଶୀ ସମ୍ପର୍କ ରହିଲା ନାହିଁ । ବଡ଼ମ୍ବାରେ ଯେତେଗୁଡ଼ିଏ ସଙ୍ଗୀ ମୋତେ ମିଳିଥିଲେ ସେଥି ମଧ୍ୟରୁ ଦୁଇଜଣ ବ୍ରାହ୍ମଣ ସନ୍ତାନଙ୍କର ସ୍ନେହପ୍ରୀତି ମୋତେ ବହୁଦିନ ସ୍ୱପ୍ନାବିଷ୍ଟକରି ରଖିଥିଲା । ସେମାନେ କୈଶୋରାବସ୍ଥାରୁ ମୋତେ ଗୁଡ଼ି ସଂସାରରୁ ବିଦାୟ ନେଲେ ।

ସେମାନଙ୍କର ବିରହ-ଦୁଃଖ ବହୁଦିନ ମୋତେ ଅଭିଭୂତ କରି ରଖିଥିଲା । ସେମାନଙ୍କର ମୃତ୍ୟୁ ଉପଲକ୍ଷେ ଲିଖିତ କବିତା ମୋ ପାଖେ ଆଉ ନାହିଁ । ସେଥିରୁ କେତେକ ଚତୁର୍ଦ୍ଦଶପଦୀ କବିତା ସବୁଜ ବନ୍ଧୁ ହରିହର ପାଠ କରି ଅଛନ୍ତି, ପରେ ଆଉ ସେଉଁ ବନ୍ଧୁମାନେ ସ୍ଫୁଟିଥିବେ, ସେମାନଙ୍କ ପ୍ରଭାବରୁ ମୁଁ ସଙ୍ଗୀତ ପ୍ରତି ଆକୃଷ୍ଟ ହୋଇଥିଲି ଏବଂ ପ୍ରଚ୍ଛନ୍ନ ଭାବରେ ସଙ୍ଗୀତ ଅଧ୍ୟୟନ କରିଥିଲି । ତେବେ ମୋର ଖୁଡ଼ି ( ପିତୃବ୍ୟ ଲୋକନାଥ ପଟ୍ଟନାୟକଙ୍କ ସ୍ତ୍ରୀ ) ହାରମୋନିୟମ୍‌ରେ ଗୀତ ଗାଇବାକୁ ମୋତେ ବାଧ କରୁଥିଲେ । ଠିକ୍ ଅନ୍ତରା ଶେଷ କଲା ବେଳକୁ ପାଳକ ପିତା ଦୀନବନ୍ଧୁ ଦଉଡ଼ି ଆସି ମୋତେ ତୀବ୍ର କଣ୍ଠରେ ଭର୍ତ୍ସନା କଲେ ଓ ଯନ୍ତ୍ରଟି ଭାଙ୍ଗି ଦେବାକୁ କହିଲେ । ତାଙ୍କ ମତରେ—ଗୃହ ଅଭ୍ୟନ୍ତରରେ ସଙ୍ଗୀତ ଚର୍ଚ୍ଚା ଶାସ୍ତ୍ର-ନିଷିଦ୍ଧ । ସଙ୍ଗୀତରେ କେବଳ ବାରବନିତାଙ୍କର ଅଧିକାର । ଅନ୍ୟମାନେ ଘର ଭିତରେ ସଙ୍ଗୀତ ଚର୍ଚ୍ଚା କଲେ ଲକ୍ଷ୍ମୀ ଛାଡ଼ି ପଳାନ୍ତି ଓ ଲୋକ ଚରିତ୍ର ନଷ୍ଟ ହୁଏ । ସେ ସମୟଟା ମୋର ଯୌବନର ପ୍ରାକ୍ କାଳ । ଗୀତ, ନାଟ ପ୍ରଭୃତି ସହଜରେ ମନ ଯିବାର କଥା । ପାଳକ ପିତାଙ୍କର ଏହି ନିଷ୍ଠୁର ଆଜ୍ଞା ମୋତେ ଏତେ ଦୂର ବାଧିଥିଲା ଯେ ମୁଁ ଆଉ ଯନ୍ତ୍ର ସାହାଯ୍ୟରେ ସଙ୍ଗୀତ ଚର୍ଚ୍ଚା କରି ନ ଥିଲି ।

"ପରେ ୭/୮ ବର୍ଷ ସରକାରୀ ଚାକିରି କଲାପରେ ସେତାର ଶିକ୍ଷା ଆରମ୍ଭ କଲି । ସେତେବେଳକୁ ମୁଁ ୪ଟି ସନ୍ତାନଙ୍କର ପିତା । ଶିଶୁ କନ୍ୟା ସୁନନ୍ଦାର ସେତାର ବାଦନ ତନ୍ମୟ ହୋଇ ଶୁଣିଛି ଓ ସେତାରଟାକୁ ଧରି ଗୀତ ମଧ୍ୟ ଗାଇଛି । ସେତେବେଳେ ମଧ୍ୟ ପାଳକ ପିତା କ୍ଷମା କରି ପାରି ନାହାନ୍ତି । ସେତେବେଳକୁ ତାଙ୍କର ବୟସ ୮୦ରୁ ଊର୍ଦ୍ଧ୍ୱ । ସେ ଅନେକ ସମୟରେ କହିବାର ଶୁଣିଛି—"ଏ ଖଦା ଯନ୍ତ୍ରକୁ ବଜାଇ ଲାଭ କ'ଣ ? ନିଜ ଅବସ୍ଥାର ଉନ୍ନତି କର । ଏଥିରୁ ଗୁଡ଼ାଏ କଲେ ପିଲାଙ୍କର ଭରଣ-ପୋଷଣ ହେବ କିପରି ?" ତଥାପି ମୁଁ କିଛି ଦିନ ସେତାରରେ ନିବିଡ଼ ଭାବେ ଲାଗି ରହିଥିଲି । ମୋର ୨ୟ ପୁତ୍ରର ମୃତ୍ୟୁ ଦିନ ପୂର୍ବ-ରାତ୍ରିରେ ସେତାରରେ ଗୋଟାଏ ନୂଆ ଗତ ବଜାଉଥିଲା ବେଳେ ନିଷ୍ଠୁର ପ୍ରକୃତିର ତାଡ଼ନାରେ ଯନ୍ତ୍ରକୁ ଛାଡ଼ି ରୁଗ୍ଣ ପୁତ୍ର ପାଖକୁ ଯିବାକୁ ହେଲା । ସେହି ମୋର ଶେଷ ସଙ୍ଗୀତ ଶିକ୍ଷା । ତା' ପରେ ସୁନନ୍ଦା କହୁ

ବିନ ଯନ୍ତ୍ରଟି ବଜାଇବା ପରେ ଭାଙ୍ଗିରୁଜି ଗଲା । ପରେ ସୁନନ୍ଦା ତାନପୁରା ସହିତ ସଙ୍ଗୀତାଭ୍ୟାସ କରିବା ହେତୁ ସେହି ଭଙ୍ଗା ଯନ୍ତ୍ରଟିକୁ ଆଉ କେହି ପଚାରିଲେ ନାହିଁ ।

“ପ୍ରଥମ କବିତା କେବେ କେଉଁଠାରେ ଲେଖିଥିଲି, ତାହା ମନେ ପଡ଼ୁନାହିଁ । ବୋଧହୁଏ ୧୩।୧୪ ବର୍ଷ ବୟସରେ ସତ୍ୟବାଦୀ ବନ ବିଦ୍ୟାଳୟରେ ପଢୁଥିବା ସମୟରେ ଗୋଟିଏ ପୁସ୍ତକକୁ ମାଡ଼ ହେଲି । ସେ କାନ୍ଦି କାନ୍ଦି କେତେକ କବିତା ଆବୃତ୍ତି କରିଥିବାର ମନେପଡ଼େ । ସେହି ମୋର କବିତା ଲେଖାର ପ୍ରଥମ ପ୍ରେରଣା ହୋଇପାରେ । ତା ପରେ ଢେଙ୍କାନାଳକୁ ଆସିବାର କିଛିଦିନ ପରେ ଦିନେ ରାତିରେ ସ୍ୱପ୍ନ ଦେଖିଲି ପରି ମନେ ହେଲା । ଜଣେ ଦେବୀ ଗୋଟିଏ ଉଚ ପତାକା ଧରିଥିଲେ । ସେଥିରେ କବିତାର ଗୋଟିଏ ଧାଡ଼ି ଲେଖାଥିଲା । ମନେହୁଏ ସେ ମୋତେ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ—“ବାକି ଧାଡ଼ି ଗୁଡ଼ିକ ତୁ ପୂରଣ କର ।” ମୁଁ ତହିଁ ଅରଦିନ ଉଠି ଯେଉଁ କବିତାଟି ଲେଖିଲି ସେଇଟି ଢେଙ୍କାନାଳ ସ୍କୁଲର ହାତଲେଖା ପତ୍ରିକାରେ ପ୍ରକାଶିତ ହୋଇଥିଲା, ମନେ ହେଉଛି ।

“ପିଲାଦିନୁ ମୋତେ ଭକ୍ତକବି ମଧୁସୂଦନ ଓ ପ୍ରାଚୀନ କବି ଭକ୍ତଚରଣ ଦାସ ବହୁ ପରିମାଣରେ ଆକୃଷ୍ଟ କରିଥିଲେ । ଶୈଶବାବସ୍ଥାରେ ମଧ୍ୟ ମୁଁ “କହଇ ମନ ଆରେ ମୋ ବୋଲ କର” ଓ “ଛଖଣ୍ଡି କାଠ ହେବ ତୋ ପାଇଁ ଲେଡ଼ା” ଯେତେବେଳେ ଉଚ ସ୍ୱରରେ ତନ୍ମୟ ହୋଇ ଗାଉଥିଲି, ମୋର ଜେଜେ ବାପା ଓ ପାଳକ ପିତାଙ୍କର ତାହା ଅସହ୍ୟ ହେଉଥିଲା । ମୋର ନିଜ ଜେଜେବାପାଙ୍କ ଭଳି ପାଳକ ପିତାମଧ୍ୟ କୃଷ୍ଣ ଭକ୍ତ । ସବୁବେଳେ କୃଷ୍ଣ କୃଷ୍ଣ ଜପି ମାଳି ଗଡ଼ାନ୍ତି । ମାତ୍ର ମନବୋଧ ଚଉତିଶା ଗାଇଲାବେଳେ ଅସ୍ଥିର ହୁଅନ୍ତି । କହନ୍ତି—ଏ ଟୋକାଟା ପିଲାଦିନୁ କାହିଁକି ଏ ଗୀତଗୁଡ଼ାକ ଗାଉଛି ? ମୁଁ କିନ୍ତୁ ତନ୍ମୟତା ସହିତ ଏହି ଗୀତ ଆବୃତ୍ତି କରି ଅଳ୍ପ ବୟସ ହୋଇଥିଲେ ବି ପ୍ରଭୂତ ଆନନ୍ଦ ପାଉଥିଲି ।

ମୋର ୬ଷ୍ଠ ବା ୭ମ ବର୍ଷ ବୟସର ଆଉ ଗୋଟିଏ କଥା ମନେ ଅଛି । ପ୍ରତି ପ୍ରତ୍ୟୁଷରେ ମାଳଭୂମିର ତୀବ୍ର ଶୀତକୁ ନମାନି ଜଣେ ବାବାଜୀ

ଗୀତ ଗାଇ ଭିକ୍ଷା କରିବାକୁ ଆସିଥିଲେ । ତାଙ୍କ ଜାନୁରେ ଦୁଇଟି ଘଣ୍ଟି ବନ୍ଧାଥିଲା । ତାଙ୍କୁ 'ଜାନୁଘଣ୍ଟି' ବୋଲି ଲୋକେ କହୁଥିଲେ । ତାଙ୍କ ଗୀତର ଅର୍ଥ ମୁଁ ଶୈଶବରେ କିଛି ନ ବୁଝିଲେ ମଧ୍ୟ ତାଙ୍କର ଭୂଙ୍ଗୀ, ଗତିବିଧି ଓ ସ୍ୱରପ୍ରତି ବହୁ ପରିମାଣରେ ଆକୃଷ୍ଟ ହୋଇଥିଲି । 'ମୁକ୍ତି ପଥେ' ନାଟକ ଲେଖିଲା ବେଳେ ଏହି ବାବାଜୀଙ୍କର ସ୍ମୃତି ସମ୍ଭବତଃ ମୋତେ ଅଭିଭୂତ କରିଥିଲା ଏବଂ ମୁକ୍ତିପଥେ ନାଟକର ସମସ୍ତ ନେପଥ୍ୟ ସଙ୍ଗୀତ ଗୁଡ଼ିକରେ ଏହି ସନ୍ନ୍ୟାସୀ ଦର୍ଶନର ଛାୟା ପଡ଼ିଥିଲା ବୋଲି ମୁଁ ଅନୁଭବ କରିଅଛି ।

"ଗ୍ରୀଷ୍ମାବକାଶରେ ବଡ଼ମ୍ବା ଗଲେ ସେଠି ଗଡ଼ର ପ୍ରଧାନ ଦେବତା ଗୋପୀନାଥ ଦେବଙ୍କ ଚନ୍ଦନଯାତ୍ରା ଉପଭୋଗ କରିବାର ସୁବିଧା ବହୁ ଥର ଘଟିଥିଲା । ସେହି ସମୟର ରାଜାମାନେ ଚନ୍ଦନ ଯାତ୍ରାରେ ବହୁ ଅର୍ଥ ବ୍ୟୟକରି ବଡ଼ ଜାକଜମକରେ ଯାତ୍ରାରମ୍ଭ କରୁଥିଲେ । ଚନ୍ଦନର ଶେଷ ୧୦।୧୫ ଦିନ କୌଣସି ଲୋକ ରାତିରେ ଶୋଇବାର ଦେଖାଯାଉ ନ ଥିଲା । ୫୦ରୁ ୬୦ ଗୋଟି ପୁଅ ନାଚ ଦଳ ଯାତ୍ରାରେ ଅଂଶ ଗ୍ରହଣ କରୁଥିଲେ । ସେଥି ମଧ୍ୟରୁ ଗୋଟିଏ ଦଳର ପ୍ରଭାବ ମୋ ଉପରେ ପଡ଼ିଥିବାର ମନେପଡ଼େ । ସେ ଦଳର ଗାୟକ ଗୋଟିଏ ଗୋଟିପୁଅ । ତାଙ୍କୁ ଏପରି ସଜେଇ ଥାଆନ୍ତି ଯେ, ସେ ଠିକ୍ ରାସମଣ୍ଡଳୀର ଗୋଟିଏ ସଖୀ ପରି ଦେଖାଯାଉଥିଲା । ତା'ର ରାଧାକୃଷ୍ଣ ଲୀଳା-ବିଷୟକ ସଙ୍ଗୀତ ଶୁଣି ମୋ ଜୀବନରେ ଏକ ନୂଆ ରସର ସଞ୍ଚାର ହେଲା । ସେ କଥା ଆଜି ବି ମନେପଡ଼େ । ରାଧାଙ୍କର ବିରହ ସଙ୍ଗୀତ ଶୁଣି ମୁଁ କେତେଥର ଯାତ୍ରାଦଳ ଛାଡ଼ି ଗୋଟିଏ ଜନଶୂନ୍ୟ ଯାଗାକୁ ଯାଇ ଏକାକୀ ବସେ ଓ ଅଶ୍ରୁ ବିସର୍ଜନ କରେ ।

ଥରେ ମୋର ବଡ଼ ଭାଇ ( ଯେ କି ସୁଭାଷବାବୁଙ୍କ ସହ କଟକରେ ପଢୁଥିଲେ ) ପାଠ ଶେଷ କରି ଗ୍ରାମକୁ ଯାଇ ଥାଆନ୍ତି । ମୋତେ ଗୋଟିପୁଅ ସମ୍ମୁଖରେ ବସି ଗୀତ ଶୁଣୁଥିବାର ଦେଖି ତୀବ୍ର ଭାଷାରେ ଭର୍ତ୍ସନା କଲେ । ଗାୟକ ପିଲାଟି ମଧ୍ୟ କ୍ଷଣକାଳ ଲାଗି ସ୍ତମ୍ଭିତ ହୋଇଗଲା । ଏ କଥା କହିବାର ଉଦ୍ଦେଶ୍ୟ ଏହି ଯେ, ମୋ ଚରିତ୍ର ନିଜଘର ଓ ପାଳକ ପିତାଙ୍କଘର, ଏହିପରି ଦୁଇଟି ଦୃଷ୍ଟି ଦର୍ଶନରେ ପ୍ରଭାବିତ ହୋଇଥିଲା । ତେଣୁ ରସ ଚର୍ଚ୍ଚା ବା ସଙ୍ଗୀତ ଚର୍ଚ୍ଚାର ଅବସର ସେଠି

ନ ଥିଲା । ସେହିଦିନ ସ୍ୱପ୍ନରେ ନିର୍ଜନ ସ୍ଥାନକୁ ଫେରିଆସି ମୁଁ ବହୁତ କାନ୍ଦିଲି ଏବଂ କେତେ ମିଳାଚ୍ଛି ସନ୍ଧ୍ୟାର କେତେଦିଆବନ୍ଧ ଗୁଳି ଯାଇ ସବୁଦା ତାର ଗୀତ ଶୁଣିବାର ସ୍ୱପ୍ନ ମଧ୍ୟ ଦେଖିଲି । ସେହିଦିନରୁ ଆଜି ମୋର ଯାତ୍ରା ଦେଖା ମଧ୍ୟ ହୋଇ ନ ଥିଲା । ପରେ ମୁଁ ମୋହନ ଗୋସାଇଁ ବା ରାସଲୀଳା ଦେଖି ମଧ୍ୟ ଅତ୍ୟନ୍ତ ଅଭିଭୂତ ହୋଇ ପଡ଼ିଥିଲି । ତାଙ୍କ ରାସ ଦଳରେ ଆମ ଦୂର ସମ୍ପର୍କୀୟ ଗୋଟିଏ ବନ୍ଧୁ ପିଲା ଲଳିତାର ଭୂମିକା ଗ୍ରହଣ କରିଥିଲା । ତାର ଜୀବନ ସାର୍ଥକ ହୋଇଯାଉଛି ବୋଲି ମୁଁ ଅନେକ ବାବୁଙ୍କ ଆଗରେ କହୁଛି । ଶ୍ରୀକୃଷ୍ଣଙ୍କ ମାଳ୍ୟାଣୀ ବେଶ, କାଟିଣୀ ବେଶ ଓ ପରିଶେଷରେ "ବନ୍ଧୁରେ ତୋ ଲାଗି ବୈରାଗୀ ହେଲି" ଗୀତ ଓ ଦୃଶ୍ୟାବଳୀ ମୋ ହୃଦୟରେ ପ୍ରଚଣ୍ଡ ଝଡ଼ ଉତ୍ତୋଳନ କରିଥିଲା । ମୁଁ 'ମନବୋଧ ଚଉତିଶା' ଓ 'ଋଷିପ୍ରାଣେ ଦେବାବତରଣ' ରସରୁ ଆଜି ଏକ ନୂଆ ରହର ସନ୍ଧାନ ପାଇ ପୁଲକିତ ହୋଇଥିଲି । ଆଜି ସେ ଧରଣର ରସ ବା ରସଚର୍ଚ୍ଚା ପରବର୍ତ୍ତୀ ଜୀବନରେ ଆଉ କୌଣସିଠାରେ ଉପଭୋଗ କରିନାହିଁ । ବଡ଼ମ୍ବା ରାଜା ବିଶ୍ୱମ୍ଭର ମଙ୍ଗରାଜ ମହାପାତ୍ର ମୋର ପିତାଙ୍କୁ ନମସ୍କାର କରିଥିଲେ ମଧ୍ୟ ତାଙ୍କ ରସବୋଧକୁ ପ୍ରଶଂସା କରେ । ଚନ୍ଦନ ଯାତ୍ରାରେ ୫୦।୬୦ ପାଲାଦଳ ଓ ଗୋଟିପୁଅ ଦଳକୁ ସେ ନିୟମିତ ଭାବରେ ନିମନ୍ତ୍ରଣ କରୁଥିଲେ ଓ ମଧ୍ୟେ ମଧ୍ୟେ ଗୀତାଭିନୟ, ଯାତ୍ରା, ପାଲାର ମଧ୍ୟ ଆୟୋଜନ କରୁଥିଲେ । ଗୋଟିଏ ଗୋଟିଏ ପାଲା ୫।୭ ଘଣ୍ଟା ପର୍ଯ୍ୟନ୍ତ ଚାଲୁଥିଲା । ସେ ପାଲା ଗାୟକଙ୍କର ସଂସ୍କୃତ ଜ୍ଞାନ, ଭଞ୍ଜ ସାହିତ୍ୟ ଚର୍ଚ୍ଚା, ପଦ୍ୟାବୃତ୍ତି ଓ ବ୍ୟଙ୍ଗ ଭୁଲିବାର ନୁହେଁ । ସେମାନଙ୍କ ମଧ୍ୟରେ ବୈଷ୍ଣବ ପାଣିଙ୍କ ଅଭିନୟ ଦଳ ଉଲ୍ଲେଖଯୋଗ୍ୟ । ମୁଁ କୌଣସି ଏକ ଛୁଟିରେ ବଡ଼ମ୍ବା ଯାଇଥିଲା ବେଳେ ତାଙ୍କ ଅଭିନୟ ଦେଖିବାର ସୁଯୋଗ ପାଇଥିଲି । ସେତେବେଳକୁ ମୋର ବୟସ ୧୩।୧୪ ବର୍ଷ ପ୍ରାୟ । ଶୀତ ପାହାନ୍ତା ପହରରେ ସେ ନିଜେ ହରିଶ୍ଚନ୍ଦ୍ର ସାଜି ଯେତେବେଳେ "ପଙ୍କଜାକ୍ଷରେ ଭିକ୍ଷା ମିଳିଲା ନାହିଁ", ଗାଇ ଅତି ଦୀନ ବେଶରେ ଲୁଗାକାନି ଖଣ୍ଡେ ଘୋଡ଼ିହୋଇ ବାହାରି ଥିଲେ, ସେ ଦୃଶ୍ୟ ଦର୍ଶକ ମଣ୍ଡଳୀକୁ ଅଭିଭୂତ କରିଥିଲା । ମୁଁ ମଧ୍ୟ ସେ ରାତ୍ରିର କରବର୍ଜ୍ଜିତ ଅନ୍ଧକାର ମଧ୍ୟରେ ଅଜସ୍ର ଧାରାରେ ଲୋତକ ବର୍ଷଣ କରିଛି । ସେହିଦିନ ନାଟକ ଲେଖିବାର ପ୍ରେରଣା ମୁଁ ପ୍ରଥମେ ଲାଭ

କରିଥିଲି । ଏଣୁ "ନୈମିରଣ୍ଡୀ" ନାମକ ଗୋଟିଏ ନାଟକ ରଚନା ଆରମ୍ଭକ ବସି ଆରମ୍ଭ କରି ଦେଇଥିଲି । ମୋର ପାଣ୍ଡୁଲିପିର ସଙ୍ଗୀତ ଗୁଡ଼କ ବନ୍ଧୁମାନେ ଶୁଣି ବହୁତ ପ୍ରଶଂସା କରିଥିଲେ । କିନ୍ତୁ ସେ ପାଣ୍ଡୁଲିପି କେଉଁଆଡ଼େ ହଜିଗଲା ।

"ଶୈଶବରୁ ପ୍ରଚାର ବା ପ୍ରକାଶନ ପ୍ରତି ମୋର ଗୋଟାଏ ଆନ୍ତରିକ ବିତୃଷ୍ଣା ବରାବର ଥିଲା । ତେଣୁ ବହୁ କବିତା ଓ ୨।୩ଟି ନାଟକ ଇତସ୍ତତଃ ବିକ୍ଷିପ୍ତ ହୋଇ କାଳଗର୍ଭରେ କେଉଁଆଡ଼େ ଗଲା, ସେଥିପାଇଁ ବିଦେ ହେଲେ ଦୁଃଖ କରିନାହିଁ । ପରଜୀବନରେ ବହୁ ପଦ୍ୟ ବିଶ୍ୱନାଥ କରଙ୍କ ଜୋର ଜବରଦସ୍ତିରେ 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇଛି । କିନ୍ତୁ ସେଗୁଡ଼ିକର ମୂଲ୍ୟବୋଧ ପ୍ରତି ମୋର ସର୍ବଦା ସନ୍ଦେହ । ଏ ବୟସରେ ସୁଦ୍ଧା ମୋର ମନେହୁଏ, ଲେଖନୀ ବଂଶୀଧରଙ୍କ ପ୍ରେରଣାରେ ଯାହାକିଛି ଲେଖେ, ସେ ବାହାଦୁରୀ ତ ବଂଶୀର । ସେ ଲେଖେ । ମୁଁ କ୍ଷଣିକ ଆନନ୍ଦ ପାଏ ମାତ୍ର । ତାପରେ ସେ ଲେଖା ପ୍ରତି ମୋର ଅଧିକ ମାୟା ଜାତ ହେବା ଅସ୍ୱାଭାବିକ । ଯେ ଲେଖାନ୍ତି, ତାଙ୍କ ଉଦ୍ଦେଶ୍ୟରେ ଲେଖାଗୁଡ଼ିକ ସମର୍ପଣ କରିଦେଲେ ବା ଚିରାଫାଡ଼ି ଫିଙ୍ଗିଦେଲେ କିଛି କ୍ଷତି ନାହିଁ । କାରଣ ଲେଖକ ଆନନ୍ଦମୟଙ୍କର ଯେ ପ୍ରସାଦ ଲାଭକରେ ସେ ଅନୁଭୂତି ସେ ନିଶ୍ଚୟ ଅନ୍ୟମାନଙ୍କ ହୃଦୟରେ ମଧ୍ୟ ଉଣା ଅଧିକେ ବିତରଣ କରିଥାନ୍ତି । ଲେଖା ପ୍ରକାଶ କରି ଆତ୍ମତୁଷ୍ଟି ଲାଭ କରିବା ବ୍ୟତୀତ ଆଉ କ'ଣ ସେ ଉପକାର ହୁଏ, ଏପର୍ଯ୍ୟନ୍ତ ମୋତେ ଅଜଣା । ଯାହା ମୁଁ ଆଜି କହୁଛି ବା କହୁ ନାହିଁ କାଲି ଯଦୁ, ମଧୁ, ରାମଙ୍କ ହୃଦୟରେ ତାଙ୍କ ଅନୁଭୂତିବଳରେ ସବୁ ପ୍ରକାଶ ପାଇବ । ଏଥିରେ ନିଜର କର୍ତ୍ତବ୍ୟ କ'ଣ ଅଛି ?

"ବାଲ୍ୟକାଳରୁ, କହିବାକୁ ଗଲେ, ମୁଁ ଏକ ଅସ୍ୱାଭାବିକ ପରିସ୍ଥିତି ମଧ୍ୟରେ ବଢ଼ି ଆସିଛି । ତେଣୁ 'କର୍ଣ୍ଣ'ଙ୍କ ଭଳି ମୁଁ ନିଜ ମାତାର ଗର୍ଭରୁ ଜନ୍ମ ହେଲି, ଅନ୍ୟ ମାତା ଦ୍ୱାରା ପାଳିତ ହେଲି । ୯ ବର୍ଷ ବୟସରୁ ସ୍ୱଘର ପରିବେଷ୍ଟନୀ ଛାଡ଼ି ଚିରପ୍ରବାସୀ ହୋଇ, କୌଣସି ଗୋଟିଏ ସ୍ଥାନରେ ବସାବାନ୍ଧି କିଛିଦିନ ରହିବାର ସୁବିଧା ମୋତେ ମିଳି ନ ଥିଲା । ପିତାଙ୍କର ତୃତୀୟ ସମ୍ପତ୍ତିବାଡ଼ି ଜନ୍ମଭିଟାରୁ ଅଳ୍ପ କେତେଦିନ ମଧ୍ୟରେ

ଉଠେଇ ଗଲ । ମୁଁ ମଝେ ମଝେ ଲୁଚିରେ ଯାଇ ସାମନ୍ତ ଯୁଗର ରାଜନୀତି ଅର୍ଥନୀତି, ଶୋଷଣ, ପୀଡ଼ନ ଏବଂ ଆଭ୍ୟନ୍ତରୀଣ ବ୍ୟବସ୍ଥାର କେତେକ ଦୃଷ୍ଟାନ୍ତ ଅଙ୍ଗେ ନିଭେଇଛି । ସେଥିରୁ ଅଧିକାଂଶ ଭୁଲିଯିବାକୁ ଚେଷ୍ଟା କରିଛି । ପୂର୍ବରୁ କହୁଛି ଯେ, ମୋର ପିତା ରାଜ୍ୟରୁ ବହିଷ୍କୃତ ହେଲାପରେ ରାଜ-ତନ୍ତ୍ରର ପ୍ରବଳ ଉତ୍ପୀଡ଼ନ ଆରମ୍ଭ ହୋଇଥିଲା । ପ୍ରଜାମାନେ ଅତିଷ୍ଠ ହୋଇ ପଡ଼ିଥିଲେ । ରାଜା ପ୍ରାସାଦର ଉତ୍ସବ ଓ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ବଡ଼ ଜାକଜମକରେ ଚାଲିଥିଲା । ସେ ସମସ୍ତ ଲାଗି ବ୍ୟୟିତ ଅର୍ଥ ଦରିଦ୍ର ପ୍ରଜାମାନଙ୍କଠାରୁ ଆଦାୟ କରାଯାଉ ଥିଲା । ସାଧାରଣ ପ୍ରଜା ନିଜର ଧନ ଜୀବନ ଉପରେ ନିଜର କୌଣସି ଅଧିକାର ଅଛି ବୋଲି ଭାବୁ ନଥିଲେ ।

“ପିତାଙ୍କର କଟକ ଅବସ୍ଥିତି କାଳରେ ପ୍ରଜାମେଳି ହେଲା । ନିଷ୍ପେଷିତ, ଅତ୍ୟାଚାରିତ ୨ ଜଣ ପ୍ରଜା ରାଜଅତ୍ୟାଚାର ଅସହ୍ୟ ହେଲାରୁ ଥରେ ଜଣେ ପୁଲିସ କନେଷ୍ଟବଳକୁ ଖଣ୍ଡ ଖଣ୍ଡ କରି କାଟି ପକାଇଲେ । ପଲିଟିକାଲ ଏଜେଣ୍ଟଙ୍କ ଦୃଷ୍ଟି ଆକୃଷ୍ଟ ହେଲା । ସେ ଅନୁଗୁଳର ଜଣେ ଡେପୁଟୀ କମିଶନରଙ୍କୁ ବିଦ୍ରୋହର କାରଣ ଅନୁସନ୍ଧାନ ପାଇଁ ପଠାଇଲେ । ତା’ପରେ ରାଜାଙ୍କର ଅନେକଗୁଡ଼ିଏ କ୍ଷମତା କାଢ଼ି ନିଆଗଲା ଓ ଦେବାନଙ୍କୁ ବିଦାୟ ଦିଆଗଲା । ଦେବାନଙ୍କ ସ୍ଥାନରେ କଟକ କଲେକ୍ଟରୀ ଅଫିସର ଜଣେ କିରାଣୀଙ୍କୁ ଦେବାନ କରି ପଠାଗଲା । ସେ ଜାତିରେ ମୁସଲମାନ ଥିଲେ ଏବଂ କଟକରେ ମୋ ପିତାଙ୍କ ସହିତ ତାଙ୍କର ଭଲ ଆଳାପ ପରିଚୟ ଥିଲା । ସେ ବଡ଼ମ୍ବା ଯାଇ ଅନ୍ୟାୟରେ ପ୍ରଜାଙ୍କଠାରୁ ପଇସା ଆଦାୟ ନ କରି ବିଭିନ୍ନ ରକମର କର ଓ କୋର୍ଟ ଫିସ୍ ବଢ଼ାଇ ପଇସା ଅର୍ଜନ କରିବାକୁ ଲାଗିଲେ ।

“ସେ କଣ୍ଟାବନ ଲାଗି ପିତାଙ୍କୁ ବଡ଼ମ୍ବା ଡାକି ନେଇଥିଲେ ଓ ନୂଆ ଶାସନ କିପରି ଚାଲିଛି ପଚାରିଲେ । ତାଙ୍କର ପ୍ରଶ୍ନର ଉତ୍ତରରେ ପିତା ଜବାବ ଦେଲେ—ତୁମ ସୁଶାସନରେ ଦେଶସ୍ଥ ପ୍ରଜାମାନଙ୍କୁ ପଚାରୁ ନାହଁ ? ପୂର୍ବ ରଜା, ଦେଓ୍ୱାନ ଲୁଚାଇ କରି ଶୋଷଣ କରୁଥିଲେ । ତୁମେ ଏବେ ଯେଉଁ ନୂଆ ନୀତି ଅବଲମ୍ବନ କରିଛ, ଦେଖାଇ କରି ଯେଉଁ ପଇସା ଟାଣୁଛ, ପ୍ରଜାଙ୍କର ଆଉ କିଛି ରହିବ ନାହିଁ, ଉଚ୍ଛନ୍ନ ହୋଇଯିବେ ।

ଏହି ପଦକରେ ସେ ଏକାବେଳକେ ନୀରବ ରହି ଭିତରେ ଭିତରେ ସେ ନିଜର କର୍ମପନ୍ଥା ସ୍ଥିର କଲେ ।

“ସେହିଦିନ P. A.ଙ୍କ ନିକଟକୁ ଗୋଟିଏ ଗୁପ୍ତ ଚିଠିରେ ଲେଖିଲେ—ସୁମନ୍ତ ବିନାନୁମତିରେ ରାଜ୍ୟକୁ ଆସିଛନ୍ତି । ସେ ଏଠାରେ ଥିବା ପର୍ଯ୍ୟନ୍ତ ଶାନ୍ତି ଶୃଙ୍ଖଳା ଅସମ୍ଭବ । ତାଙ୍କୁ ଶୀଘ୍ର ସ୍ଥାନାନ୍ତରିତ କରାଯାଉ । ଏହି ସମୟରେ ବୋଧହୁଏ ପିତାଙ୍କୁ କୌଣସି ଦେଶୀୟ ରାଜ୍ୟରେ ପ୍ରବେଶ କରିବାକୁ ମନା ହୋଇ ଯାଇଥିଲା । ପ୍ରଜାମେଳି ଲାଗିଥିବା ସମୟରେ ମୁଁ ଛୁଟିରେ ଗ୍ରାମକୁ ଯାଏ ଏବଂ ଆମ ଘର ଉପରେ ରାଜାଙ୍କର ଅତ୍ୟାଚାରର କଥା ଶୁଣେ । ପିତା ରାଜ୍ୟ ଛାଡ଼ି ଆସିବା ସମୟରେ ମୋର ମାତାଙ୍କ ବୋଧହୁଏ ୨୫।୩୦ ବର୍ଷ ହୋଇଥିଲା । ସେ ଅତ୍ୟନ୍ତ ଜିଦ୍‌ଖୋର ଥିବା ହେତୁରୁ ନିଜର ଜମିବାଡ଼ି ଘରଦ୍ୱାର ଛାଡ଼ି ଅନ୍ୟତ୍ର ଯିବାକୁ ପସନ୍ଦ କଲେ ନାହିଁ । ରାଜାଙ୍କର ପ୍ରକାଶ୍ୟ ବା ପ୍ରଚ୍ଛନ୍ନ ଆଦେଶ ହେତୁରୁ ଧୋବା, ଭଣ୍ଡାରୀ, ବ୍ରାହ୍ମଣ, ପୁରୋହିତ ସମସ୍ତଙ୍କ ଦ୍ୱାର ମନା ହୋଇଗଲା । କିନ୍ତୁ ମୋର ମାତା ଗୋଟିଏ ଦାସୀ, ମୋର ୨।୩ ବର୍ଷର ଗୋଟିଏ ଭଉଣୀକୁ ଧରି ରହିଗଲେ । ତାଙ୍କର ଏକମାତ୍ର ଦେହରକ୍ଷୀ ଥିଲା ଗୋଟିଏ ବିଶ୍ୱସ୍ତ କୁକୁର । ତାହାଛଡ଼ା ଆଉ କୌଣସି ଭାଇ ବନ୍ଧୁ; କୁଟୁମ୍ବ ଆମ ଦ୍ୱାରକୁ ଆସିବାକୁ ସାହାସ କରୁ ନ ଥିଲେ । ଏପରିକି ମୋର ପାଳକ ପିତା ପିଉସା ମୋତେ ମଧ୍ୟେ ମଧ୍ୟେ ଛାଡ଼ି ଦେଉଥିଲେ ମଧ୍ୟ ଆମ ଦ୍ୱାରକୁ ଭୟରେ ଆସୁ ନ ଥିଲେ । ରାତି ୭।୮ଟା ବେଳକୁ ବାଡ଼ିଆଡ଼ୁ ଢେଲା ବୃଷ୍ଟି ହେଉଥିଲା । ରାତି ୧୨ଟା ପରେ ବଡ଼ଦାଣ୍ଡ ଆଡ଼ୁ ଢେଲାବୃଷ୍ଟି । ମୋର ମାତା ଧୈର୍ଯ୍ୟ ଓ ସାହସ ସହିତ ଏସବୁ ସହ୍ୟକରି ପଡ଼ି ରହିଥିଲେ । ମାତ୍ର ଯେଉଁ ଧନଧାନ୍ୟକୁ ଅନାଇ ସେ ସେଠାରେ ପଡ଼ିଥିଲେ ତାହା ଧୀରେ ଧୀରେ ନଷ୍ଟ ହେବାକୁ ଲାଗିଲା । ଏହି ଦୁଃସମୟର ଦୁଇଟି କଥା ମୋର ମନେ ଅଛି । ଥରେ ମୁଁ ଛୁଟିରେ ଫେରିଗଲା ବେଳେ ରାତି ଘଡ଼ିଏ ସମୟରେ ଘରକୁ ଯାଇଥିଲି । ଦେଖିଲି ଯେ, ଏତେବଡ଼ ଖଞ୍ଜା ମଧ୍ୟରେ କେବଳ ଅନ୍ଧକାର । କିରାସିନ ଡିବିଟିଏ ମଧ୍ୟ ଜାଳିବାର ଦେଖାଗଲା ନାହିଁ । ଅବସ୍ଥା ବିପର୍ଯ୍ୟୟରେ ମାତାଙ୍କୁ ପଚାରିବାରୁ ସେ କହିଲେ—ଆଜି ତେଲଆଣି ଦେବାର ଲୋକ କେହି

ମିଳିଲେ ନାହିଁ । ତେଣୁ ଆସିବାକୁ ଡରୁଛନ୍ତି । ଆମ ଦ୍ୱାର ମାଡ଼ିବା ପାଇଁ ସମସ୍ତଙ୍କୁ ମନା ହୋଇଅଛି । ପିତାଙ୍କର ଆଶ୍ରମ କୁଟୀରଟିକୁ ପୋଡ଼ି ଦିଆଗଲା । କ୍ଷେତବାଡ଼ି ହାତୀ ପୂରେଇ ନଷ୍ଟ କରି ଦିଆଗଲା । ମୁଁ ସାହାସ ସହିତ ନିଜେ ଦେବାନଙ୍କୁ ଚିଠି ଲେଖିଲି । ସେ ଦସ୍ୟୁ ପରବଶ ହୋଇ ଲେଖିଲେ—ଆଜି ଏପରି ଅତ୍ୟାଚାର ହେବ ନାହିଁ ।

"ସେହି ଛତୀଶି କାଟଣ୍ଡି ସମୟରେ ସତ୍ୟବାଦୀ ବନ ବିଦ୍ୟାଳୟର ଶିକ୍ଷକ ବୃନ୍ଦ ବଡ଼ମ୍ବା ଗଡ଼ଜାତକୁ ବୁଲି ଯାଇଥିଲେ ଏବଂ ସୁମନ୍ତ ପଟ୍ଟନାୟକଙ୍କ ଘରେ ଆତିଥ୍ୟ ଗ୍ରହଣ ଲାଗି ( ସେ ନ ଥିଲେ ମଧ୍ୟ ) ଉପସ୍ଥିତ ହୋଇଥିଲେ । ସେ ଦଳରେ ଥିଲେ ନୀଳକଣ୍ଠ, ଗୋଦାବରୀଶ, ହରିହର । ଆଉ କିଏ ଥିଲେ ସ୍ମରଣ ହେଉନାହିଁ । ମୋର ମାତା ସେମାନଙ୍କୁ ଯେଉଁଭଳି ଜଳପାନ ଚର୍ଚ୍ଚା କରିଥିଲେ, ମୁଁ ଶୁଣି ଆଶ୍ଚର୍ଯ୍ୟ ହୋଇଗଲି । ଏସବୁ ପୀଡ଼ନ ଅତ୍ୟାଚାର ଦେଖି ଦେଖି ମୋ ବାଳକ ମନରେ ଭାବବିକୃତି ହେବା ସ୍ୱାଭାବିକ । ନଷ୍ଟନୀଡ଼ ପକ୍ଷୀଭଳି ମୁଁ ମୋର ସ୍ଥାନ କେଉଁଠି ତାହା ନିରୂପଣ କରିପାରୁ ନ ଥିଲି । ଭବିଷ୍ୟତ ପୂର୍ଣ୍ଣ ଅନ୍ଧକାରମୟ ବୋଧ ହେଉଥିଲା । ଏତେ ଦୁର୍ଦ୍ଦଶା ମଧ୍ୟରେ ମଧ୍ୟ ମୁଁ ବେଳେ ବେଳେ ରାଜନଅରକୁ ଯାଉଥିଲି । ରାଣୀମାନେ ମୋର ପିତା, ଭଗିନୀ ଓ ମୋତେ ଅତି ସ୍ନେହ ଦୃଷ୍ଟିରେ ଦେଖୁଥିଲେ । ଅବସ୍ଥା ଶୁଣି ଦୁଃଖିତ ମଧ୍ୟ ହେଉଥିଲେ । ସେମାନେ କରିବେ ବା କ'ଣ ? ସେମାନଙ୍କ ପରାମର୍ଶର ମୂଲ୍ୟ ରାଜାଙ୍କ ପାଖରେ କିଛି ନ ଥିଲା । ରାଜା ତାଙ୍କର କେତେକ ପାର୍ଶ୍ୱଲୋକ କାନକୁହାଙ୍କୁ ନେଇ ଆରାମରେ ରଙ୍ଗରସରେ ଦିନ କାଟୁଥିଲେ । ରାଣୀଙ୍କ ସହିତ ତାଙ୍କର ସଂପର୍କ ପ୍ରାୟ ନ ଥିଲା । ଉଆସରେ ପ୍ରାୟ ୨୦୦ ଦାସୀ । ଦାସଙ୍କ ସଂଖ୍ୟା ଖୁବ୍ କମ୍ । ସେମାନେ କେବଳ ଭରଣ ପୋଷଣ ପାଇଁ ରହିଥିଲେ । କିଏ ରାଣୀଙ୍କର ଫୁଲ ଗୁନ୍ଥେ, କିଏ ଦାନ୍ତକାଠି ଯୋଗାଏ, କିଏ ସ୍ନାନ ଲାଗି ପାଣି ଆଣେ । ସେମାନଙ୍କ ମଧ୍ୟରେ ଅନେକ ଯୁବତୀ ଓ ମଧ୍ୟବୟସ୍କା ନାରୀ ଥିଲେ । ସବୁବେଳେ ହାସ୍ୟରୋଳରେ ରାଜ ପ୍ରାସାଦ ମୁଖରିତ ହେଉଥିଲା । ମୁଁ ଯାଉଥିଲି ମାତ୍ର ଅତି ସଂକୁଚିତ ହୋଇ । "ଯଃ ପଳାୟତି ସଃ ଜୀବତି" ନ୍ୟାୟରେ ଅଳ୍ପ ସମୟ ପରେ ବାହାରି ଆସୁଥିଲି । ସେମାନେ ମୋ ପିତାଙ୍କୁ କଥା କହୁ

ନ ଥିଲେ । କିନ୍ତୁ ପାଳକ ପିତାଙ୍କୁ ଅଦ୍ଭୁତ ପ୍ରଶଂସା କରୁଥିଲେ । କୌଣସି ସାରା ପର୍ବରେ ରାଜ ପ୍ରାସାଦର ଉପର ଘୃତ ଭରପୂର ହୋଇ ଯାଉଥିଲା । ଦାସଦାସୀଙ୍କ ମଧ୍ୟରେ ବିଧବା ବ୍ରାହ୍ମଣୀ ଓ ଖଣ୍ଡାୟତ ସଂଖ୍ୟା ବେଶୀ । ସେମାନଙ୍କ ଆଭ୍ୟନ୍ତରୀଣ ଜୀବନ କଥା ଜାଣିବାର ସୁବିଧା ମୁଁ କେବେ ପାଇନାହିଁ ।

“ପୂଜା ପାର୍ବଣରେ ବାଣ ଫୁଟାଇବା ରାଜାଙ୍କର ଗୋଟେ ବଡ଼ ସଉକ ଥିଲା । ପୂର୍ବ କଥିତ ଚନ୍ଦନ ଯାତ୍ରା ଶେଷ କେତେ ଦିନ ଏପରି ବାଣ ଫୁଟେ ଯେ ଆଖପାଖରେ ଲୋକ ରହିବା ଅସମ୍ଭବ । କେହି ସଙ୍ଗୀତଜ୍ଞ ଥିଲେ ସେ ନିଜ କର୍ଣ୍ଣ କୁହରକୁ ଅକ୍ଷୁର୍ଣ୍ଣ ରଖି ପାରିବ ବୋଲି ମୋର ମନେ ହୁଏ ନାହିଁ । ଏହିଭଳି ରାଜପରିପୁଷ୍ଟ ଲୋକ ଗୁଡ଼ିକ, ବିଶେଷତଃ ପାଖ ଲୋକ ଗୁଡ଼ିକ ନିଜ ନିଜକୁ ଗୋଟିଏ ଗୋଟିଏ ଶ୍ରେଷ୍ଠ ରାଜାଭଳି ମନେ କରୁଥିଲେ ଓ ରାଜ ଅତ୍ୟାଚାରର ଶିକ୍ଷା ଅପୂଧ ଭଳି କାର୍ଯ୍ୟ କରୁଥିଲେ । କାହା ବିରୁଦ୍ଧରେ କିଛି ଶୁଣିଲେ ରାଜା ପାଖ ଲୋକଙ୍କୁ ଆଦେଶ ଦିଅନ୍ତି—ଆରେ ଅମୁକକୁ ଧରିଆଣ, ତାକୁ ହରକାଠରେ ଦିଅ । ହରକାଠରେ ପଡ଼ି ଖରାରେ ସିଝି କେତେ ଲୋକ ଅର୍ଦ୍ଧମୃତ ଅବସ୍ଥାରେ ଫେରିବାର ଶୁଣିଅଛି ।

“ସାରା ବର୍ଷ ବ୍ୟାପୀ ରାଜ ପ୍ରାସାଦରେ କିଛି ନା କିଛି ଉତ୍ସବ ହେଉଥାଏ । ରାମ ନବମୀ ଜାକଜମକରେ ହୁଏ ପ୍ରାୟ ୧୪ ଦିନ । ଉତ୍ସବର ବୃତ୍ତିଭୋଗୀ ଭଦ୍ରଲୋକମାନେ ଯୋଗଦେବାକୁ ବାଧ୍ୟ । ସେହି ଉତ୍ସବର ହନୁମାନ ବେଶଧାରୀ ରାଜଅନୁଚରଙ୍କର ତାଣ୍ଡବ ଲୀଳା କିଛି କିଛି ମୋର ସ୍ମୃତି ପଟରେ ଅଛି । ଥରେ ତାଙ୍କ ଲାଙ୍ଗୁଳରେ ନିଆଁ ଲଗାଇଦେବା ପରେ ସେ କେତେ ଗୁଡ଼ିଏ ଘରରେ ଡିଆଁ ମାରିଥିଲେ । ଗୋଟିଏ ଘର ଜଳି ଯାଇଥିଲା । ଏହି ମଧ୍ୟଯୁଗୀୟ ସଂସ୍କୃତି ଓ କୁସଂସ୍କାର ଦେଖି ମୁଁ ପିଲାଦିନୁ ପ୍ରାୟ ୭।୮ ବର୍ଷ ବୟସ ସମୟରୁ ଈଶ୍ୱରଦ୍ରୋହୀ ହୋଇ ଉଠିଥିଲି । ଗୋଟିଏ ଶ୍ରେଷ୍ଠ ସମିତି ଗଢ଼ି ସଙ୍ଗୀମାନଙ୍କୁ ପ୍ରତିମା ଭାଙ୍ଗିବା କିମ୍ବା ବିକୃତ ବିକଳାଙ୍ଗ କରିବା ଲାଗି ପରାମର୍ଶ ଦେଉଥିଲି । ସୁମନ୍ତଙ୍କ ସାନ ପୁଅଙ୍କ ଗୁଣ ରାଜାଙ୍କ କାନକୁ ଗଲାପରେ ମୁଁ ଘରବଟରେ କଟକ

ଖସି ପଳାଇ ଆସିଲି । ସେତେବେଳେ ମୋର ପିତା ସୁମନ୍ତ କଟକରେ ଅନ୍ୟ ଗୋଟିଏ ବସା ନେଇ ଏକାକୀ ରହୁଥିଲେ । ମୁଁ ସତ୍ୟବାଦୀ ସ୍କୁଲରେ ନାମ ଲେଖାଇବା ପରେ ଓ ମୋର ଡବଲ ନମୋନିଆ ଘଟଣା ଶୁଣି ପିତା କଟକରୁ ସତ୍ୟବାଦୀ ଗଲେ । ସେତେବେଳକୁ ରାଜଦ୍ରୋହୀ ଖବରରେ ତାଙ୍କର ଖ୍ୟାତି ଗୃହଆଡ଼େ ବ୍ୟାପି ଯାଇଥିଲା । ଆଗରୁ କହିଛି ତାଙ୍କ ଅନୁପସ୍ଥିତିରେ ସତ୍ୟବାଦୀ ଶିକ୍ଷକ ଗୋଷ୍ଠୀ ଆମ ଘରକୁ ଯାଇ ଆତିଥ୍ୟ ଗ୍ରହଣ କରିଥିଲେ । ତେଣୁ ପିତାଙ୍କର ଦେଶପ୍ରୀତି, ପ୍ରଜାବତ୍ସଳତା, କୃଷି ଗବେଷଣା ଓ ପ୍ରାଚୀନ ସାହିତ୍ୟରେ ପାଣ୍ଡିତ୍ୟ ଦେଖି ସତ୍ୟବାଦୀ ସ୍କୁଲର ସମସ୍ତ ଶିକ୍ଷକ ତାଙ୍କୁ ଆଦର କରୁଥିଲେ । ସେ ସେଠାରେ ୫।୬ ବର୍ଷ ରହିଗଲେ । ସେ ବାଙ୍କୀରେ କୃଷିକ୍ଷେତ୍ର ପ୍ରସ୍ତୁତ କଲାପରେ ପଣ୍ଡିତ ଗୋଦାବରୀଶ ଏକ ଦୀର୍ଘ ପତ୍ର ଲେଖି ପୁଣି ସତ୍ୟବାଦୀ ଫେରିଯିବା ଲାଗି ତାଙ୍କୁ ଆମନ୍ତ୍ରଣ କରିଥିଲେ । କିନ୍ତୁ ତାହା ସମ୍ଭବପର ହେଲା ନାହିଁ । ପିତା ବାଙ୍କୀରେ ବହୁ ବର୍ଷ କଟାଇବା ପରେ ରାଜା ବଣ୍ଡୁମ୍ବରଙ୍କର ତିରୋଧାନ ହେଲା । ତାଙ୍କ ପୁତ୍ର ନାରାୟଣ ମଙ୍ଗରାଜ ମହାପାତ୍ର ଗାଦିରେ ବସିଲେ । ସେ ଥରେ ପିତାଙ୍କୁ ବାଙ୍କୀରେ ଦେଖିଥିଲେ । ସେତେବେଳେ ତାଙ୍କ ବୟସ ୮୦ରୁ ଅଧିକ । ତାଙ୍କର ଗୁଣରେ ମୁଗ୍ଧ ହୋଇ ସେ ପିତୃବୈରି ପୋଷଣ ନ କରି ତାଙ୍କୁ ପୁଣି ରାଜ୍ୟକୁ ଫେରାଇ ଆଣିଲେ । ରାଜ୍ୟକୁ ଫେରିବାର ଅଳ୍ପକାଳ ପରେ ପିତାଙ୍କର ମୃତ୍ୟୁ ହେଲା ।

( ୮୭ ବର୍ଷ ବୟସରେ )

## ରଜାଙ୍କ ଆଡ଼ି ( ପାରିଧି ବା ଶିକାର )

ସେଥିରେ କେତେ ଗାଁର ଲୋକ ଚୂଡ଼ା ଗୁଡ଼ଳ ବାନ୍ଧି କେତେ ଦିନ କାଳ ବଣରେ ପଡ଼ି ରହୁଥିଲେ । ଗୁଳିବାଜି କିଏ ମଲା ତ କିଏ ପଳୁଛନ୍ତି । ସମ୍ବର ବା ମୃଗ ଧରି ରଜା ପଟୁଆରରେ ଆସନ୍ତି । ମାଂସ ଟିକେ ଟିକେ ଭକ୍ତମାନଙ୍କୁ ବଣ୍ଟାଯାଏ ।

ରଜା ବେଠିରେ ସଡ଼କ ତିଆରି କରାଉଥିଲେ । କେଉଁ ଗାଁର ଲୋକ କେତେ ମାଟି ପକାଇବେ ହିସାବ ରଖା ଯାଉଥିଲା । କେଉଁ ସୁନା

ଖଣ୍ଡୁ ପିନ୍ଧି ପାରିବେ ନାହିଁ । ସୁମନ୍ତଙ୍କ ଛଡ଼ା କେହି ପାଲିଙ୍କୀ ଚଢ଼ି ଯାଇ ପାରିବେ ନାହିଁ । ଡବଲ୍ ଦୁଆର ଲଗାଇ ପାରିବେ ନାହିଁ, ନିୟମ ଥିଲା । ରଜାଙ୍କ ଖାମଖିଆଲି ଆଇନ୍ ନ ମାନିଲେ କଠିନ ଦଣ୍ଡ ଭୋଗ କରିବାକୁ ହେଉଥିଲା । କାହାକୁ ଡ଼ାକିବାକୁ ହେଲେ 'ଲାଠି' ପଠା ଯାଉଥିଲା । କୁଳ ଦେବତା 'ଭଟ୍ଟାରିକା'ଙ୍କ ପାଖରେ ହଜାର ହଜାର ପଶୁ ବଳି ପଡ଼ୁଥିଲେ, ଯୋଡ଼ ମଧ୍ୟ । ରକ୍ତର ନଦୀ ମହାନଦୀରେ ଯାଇ ମିଶୁଥିଲା । ଏହି ପ୍ରଥାକୁ ମୋର ଜେଜେ ବାପା ବୈଷ୍ଣବ ସୁମନ୍ତ, ଯେ କି ରଜାଙ୍କର ବିଶ୍ୱସ୍ତ ଓ ସ୍ନେହଭାଜନ ଥିଲେ, ରଜାଙ୍କୁ ଧରି ଏହି ବଳି ପ୍ରଥା କିଛି ଦିନ ବନ୍ଦ କରି ଦେଇଥିଲେ । ବିଶ୍ୱାଘର, ଚନ୍ଦନ ଯାତ୍ରା ଉତ୍ସବ, ପର୍ବ ପର୍ବାଣୀରେ ଜବରଦସ୍ତି 'ମାଗଣି' ଅସୁଲ କରି ଯାଉଥିଲା । ଗଡ଼ର ଭଦ୍ରଲୋକ ମଧ୍ୟ ଏଥିରୁ ଛାଡ଼ ପାଉ ନ ଥିଲେ । ଶିକ୍ଷା ବିସ୍ତାର ମୋଟେ ନ ହେଉ ରଜାଙ୍କର ଇଚ୍ଛା ଥିଲା । ବହୁକାଳ ପର୍ଯ୍ୟନ୍ତ ଗୋଟିଏ ମାଇନର ସ୍କୁଲ ମଧ୍ୟ ସ୍ଥାପିତ ହୋଇ ନ ଥିଲା । ଦରବାରୀ ସାହିତ୍ୟ ଭାବରେ ଭଞ୍ଜ ସାହିତ୍ୟର ଖୁବ୍ ଚର୍ଚ୍ଚା ହେଉଥିଲା ।

## ମୋ ପଢ଼ାପଢ଼ି

"ଅତି ଅଳ୍ପ ବୟସରୁ ମୋର ଗୋଟିଏ ଝୁଙ୍କି ଥିଲା ଯେ, ମୁଁ ମୋର ଦୁଇ ପିତୃବ୍ୟଙ୍କ ଭଳି ଗ୍ରାଜୁଏଟ୍ ହେବି । ତେଣୁ ଶୈଶବାବସ୍ଥାରୁ ପଢ଼ା ବନ୍ଦ କରିବାଟାକୁ ମୁଁ କେବେ ପସନ୍ଦ କରୁ ନ ଥିଲି । ସେ ସମୟରେ ଶିକ୍ଷାପ୍ରଣାଳୀ ଯାହା ଥିଲା ତାହା ଯେ ମୋର ଚରିତ୍ର ଗଠନ ଓ ମନ ଉପରେ ବିଶେଷ ପ୍ରଭାବ ବିସ୍ତାର କରିଥିଲା, ତାହା ମୁଁ କହି ପାରିବି ନାହିଁ । ଚାଟଶାଳୀରୁ ଆରମ୍ଭ କରି କଲେଜ ଶେଷ ପର୍ଯ୍ୟନ୍ତ ମୁଁ କେଇଜଣ ଭଲ ମଣିଷ ଦେଖିଥିଲେ ମଧ୍ୟ ଉଚ୍ଚ ଧରଣର ଶିକ୍ଷକ ଖୁବ୍ କମ୍ ଦେଖିଛି । ସବୁଠି ଅନୁଭବ କରିଛି—ଶିକ୍ଷାଦାନ କେବଳ ପରୀକ୍ଷାମାନରେ ପାଶ୍ ପାଇଁ । ସତ୍ୟବାଦୀ ସ୍କୁଲରେ ମଣିଷ ଗଢ଼ା ହେବାର ପ୍ରଚୁର ଚେଷ୍ଟା କରି ଯାଉଥିଲା । ମାତ୍ର ସେ ଅନୁଷ୍ଠାନ ସରକାରୀ ସାହାଯ୍ୟରୁ ବଞ୍ଚିତ ଥାଇ ପ୍ରାୟ ସମ୍ବଳହୀନ ଅବସ୍ଥାରେ କେତେ ଜଣ ଉତ୍ସାହୀ ଯୁବକଙ୍କ ଯୋଗୁଁ ଚାଲିଥିଲା କହିବାକୁ ହେବ । ସେଠାର ଉତ୍ସାହ, ହୃଦୟବାନ

ଶିକ୍ଷକବୃନ୍ଦ, ଶିକ୍ଷା ଓ ମଣିଷ ଗଢ଼ିବା ବିଷୟରେ ଯେଉଁ ଉତ୍ସାହ, ସେଥିଲାଗି ସତ୍ୟବାଦୀ ବାୟୁମଣ୍ଡଳ ଉପଯୁକ୍ତ ନୁହେଁ ବୋଲି ମୁଁ ପିଲାଦିନୁ ଅନୁଭବ କରିଛି । ସେହି ବିଦ୍ୟାଳୟରେ ପିଲାଦିନୁ ଅଧ୍ୟୟନ କଲାବେଳେ ପଣ୍ଡିତ ଗୋଦାବରୀଶଙ୍କର ଇଂରାଜୀ ଉଚ୍ଚାରଣ ଓ ସେ ଭଷାରେ ପାଣ୍ଡିତ୍ୟ ମୋ ଉପରେ ପ୍ରଭାବ ପକାଇଥିଲା । ଗୋଦାବରୀଶଙ୍କ ଛାତ୍ର ବତ୍ସଳତା ଓ ଚିଲାଳିଆ ବ୍ୟବହାର ମୋତେ ଓ ଅନ୍ୟାନ୍ୟ ଛାତ୍ରମାନଙ୍କୁ ମୁଗ୍ଧ କରିଥିଲା ।

"ଗୋଦାବରୀଶଙ୍କ ପଦାବଳୀ ଯେତିକି ଲଳିତ, ନୀଳକଣ୍ଠଙ୍କର ସେତିକି ରୁକ୍ଷ । ଏହି ପ୍ରସଙ୍ଗରେ ଗୋଟିଏ କଥା ମୋର ମନେ ପଡ଼ୁଛି । ମୋ ପିତା ଥରେ ନୀଳକଣ୍ଠ ଗୋଦାବରୀଶଙ୍କ ସମ୍ମୁଖରେ କହିଲେ— ସ୍କୁଲଟି କବିରେ ଭରି ଅଛି । ଏ କବିତା ଲେଖିବା ଉଚିତ (ଗୋଦାବରୀଶଙ୍କୁ ଲକ୍ଷ୍ୟ କରି)। ତୁମେ (ନୀଳକଣ୍ଠ) କାହିଁକି ଏ ବାଟରେ ହାତ ଦେଉଛ ? ତୁମର କ୍ଷେତ୍ର ଅଲଗା ।" ଏହା ଶୁଣି ନୀଳକଣ୍ଠ କେତେକାଂଶରେ କ୍ଷୁଣ୍ଣ ହୋଇଥିଲେ ସୁଦ୍ଧା ପିତାଙ୍କର ଅପ୍ରିୟ ସତ୍ୟ କହିବାର ଅଭ୍ୟାସ କମି ନ ଥିଲା । କ୍ଲାସରେ ଇଂରାଜୀ ପଢ଼ାଇବାକୁ ନୀଳକଣ୍ଠ ବାବୁ ଆସିଲେ ଇଂରାଜୀ କବିତା ଆବୃତ୍ତି କରନ୍ତି ଏବଂ ତାର ଅନୁବାଦ ମଧ୍ୟ ଓଡ଼ିଆରେ ଗାଇ ଯାଆନ୍ତି । ଥରେ ମୋର ଅଷ୍ଟମ ଶ୍ରେଣୀରେ (4th Class) ନୀଳକଣ୍ଠ Wordsworth ଙ୍କ "Daffodils" ପଦଟି ପଢ଼ାଇବାକୁ ଆରମ୍ଭ କଲେ । ସଙ୍ଗେ ସଙ୍ଗେ ଓଡ଼ିଆ ଅନୁବାଦଟି ମଧ୍ୟ ଗାଇଗଲେ । ମୋର ମନେ ଅଛି Wordsworthଙ୍କର ପ୍ରଥମପଂକ୍ତି—I wander lonely as a cloud ଆବୃତ୍ତି କଲାବେଳେ ମୋର ଅଦ୍ୟାବଧି ଆଖି ବୁଜି ହୋଇଆସେ । ସେଦିନ ନୀଳକଣ୍ଠଙ୍କର ଅନୁବାଦର ଭାଷା ଏତେ କ୍ଲିଷ୍ଟ ଥିଲା ଯେ, ମୋର ଚକ୍ଷୁ ଉଦ୍ଭାସିତ ହେବା ସଙ୍ଗେ ସଙ୍ଗେ ମନରେ ହେଲା— ସାର୍ କାହିଁକି କେବଳ ଇଂରେଜୀ ପଦ୍ୟଟି ପଢ଼ାଉ ନାହାନ୍ତି ?

ସେ ମଧ୍ୟେ ମଧ୍ୟେ ତାଙ୍କର 'ପ୍ରଣୟିନୀ' ଆମ ଆଗରେ ପଢ଼ନ୍ତି । ଆମେ କିଛି ବୁଝିପାରୁ ନ ଥିଲୁ । କିନ୍ତୁ ଗୋଦାବରୀଶଙ୍କ "ଭଲ କର

ନାଆ ବୁଢାରେ ମାଉସୀ ଟିଏକୁ ମାଉଛି ଡର" ଓ ତତ୍‌ସମ୍ବନ୍ଧିତ "ପୁରୁଷୋତ୍ତମ ଦେବ" ନାଟର ଆବୃତ୍ତି ଏତେ ହୃଦୟସ୍ପର୍ଶୀ ହେଉଥିଲା ଯେ, ଆମେ ତନ୍ମୟତା ସହିତ ଶୁଣୁଥିଲୁ।

ପିଲାଦିନେ ଇଂରେଜୀ ଭାଷା ପ୍ରତି ମୋର କିପରି ଗୋଟାଏ ସ୍ୱାଭାବିକ ମମତା ଜାଗି ଉଠିଥିଲା। ମୁଁ ଗୋଟାଏ କବିତାକୁ ୨।୩ ଥର ପାଠ କଲା ପରେ ସମ୍ପୂର୍ଣ୍ଣ ଭାବରେ ତାହା ଆବୃତ୍ତି କରି ପାରୁଥିଲି। ସେତେବେଳେ ଅଷ୍ଟମ ଶ୍ରେଣୀରୁ ଛାତ୍ରମାନଙ୍କୁ ଇଂରେଜୀ ମାଧ୍ୟମରେ ଶିକ୍ଷା ଦିଆ ଯାଉଥିଲା। ଇଂରେଜୀ ଇତିହାସର ଗୋଟା ଗୋଟାଏ ବିଷୟ ମୋର ଏତେ ଦୂର ମୁଖସ୍ଥ ଥିଲା ଯେ, ନୀଳକଣ୍ଠ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ଶିକ୍ଷକଙ୍କୁ ପଚାରିଥିଲେ ଯେ, ଏ ପିଲାର ଏହା ନିଜ ଭାଷା ନା ମୁଖସ୍ଥ କରି ପକାଇଛି ? ସେତେବେଳେ ପ୍ରତ୍ୟେକ କ୍ଲାସରେ ୨ଟି ଲେଖାଏଁ ବିଭାଗ ଥିଲା। 'A' section ରେ ମେଧାବୀ ଛାତ୍ରମାନେ ଥାଆନ୍ତି। 'B' section ରେ ଦୁର୍ବଳ ଛାତ୍ରଙ୍କୁ ସ୍ଥାନ ଦିଆଯାଇ ପାଠ୍ୟକ୍ରମରେ ସେମାନଙ୍କର ଅଧିକ ଯତ୍ନ ନିଆ ଯାଉଥାଏ। ମୁଁ ବରାବର 'A' sectionରୁ 'B' sectionକୁ ପଳାଇଆସେ। କାରଣ କହିପାରୁ ନାହିଁ। ଦୁର୍ବଳ ଛାତ୍ରଙ୍କ ପ୍ରତି ସହାନୁଭୂତି ହେଉ କିମ୍ବା ଆତ୍ମ ପ୍ରଶସ୍ତି ହେଉ ମୁଁ 'A' section ରୁ ନାମ କଟାଇ ସେମାନଙ୍କ ଦଳରେ ମିଶିଯାଏ। ସେଥର ମୋର ଇତିହାସର ଉତ୍ତର ଶୁଣି ନୀଳକଣ୍ଠ ଅତି କ୍ରୋଧାନ୍ୱିତ ହୋଇ ଶିକ୍ଷକଙ୍କୁ କ'ଣ କହିଲେ ଓ ମୋତେ ସେ କ୍ଲାସରୁ 'A' sectionକୁ ଛାଡ଼ି ଦେଲେ। ମୁଁ କିନ୍ତୁ ପରେ 'B' section କୁ ଚାଲି ଆସିଲି। ଏହି ସମୟରେ ୨।୩ ଜଣ ଶିକ୍ଷକଙ୍କ କଥା ମୋର ସ୍ପଷ୍ଟ ମନେ ଅଛି, ।ସେମାନେ ବ୍ୟକ୍ତିତ୍ୱ ଓ ଆନ୍ତରିକତା ହେତୁ ପିଲମାନଙ୍କୁ ମୁଗ୍ଧ କରି ପାରୁଥିଲେ। ପଣ୍ଡିତ ବାସୁଦେବ ମହାପାତ୍ର ମୋର ଅଙ୍କ ସାହିତ୍ୟ ପ୍ରତି ପ୍ରଗାଢ଼ ଅନୁରାଗ ଜନ୍ମାଇ ପାରିଥିଲେ। ପଣ୍ଡିତ ଭୁବନେଶ୍ୱର ରଥ ଶର୍ମା ଆଠଗଡ଼ ପଣ୍ଡିତ ସଭାରୁ କବିସ୍ତୁତ ହୋଇ ସତ୍ୟବାଦୀ ପଣ୍ଡିତ ସଭାରେ ସ୍ଥାନ ପାଇଥିଲେ ଓ 'ରୁକ୍ମିଣୀ ପରିଣୟ' ସଂସ୍କୃତ କାବ୍ୟ ଲେଖିଥିଲେ। ସେ ପିଲାମାନଙ୍କୁ ସଂସ୍କୃତ ପଢ଼ାଉଥିଲେ ଓ ସଂସ୍କୃତ ଶ୍ଳୋକଗୁଡ଼ିକ ସୁଲଳିତ ସ୍ୱରରେ ଗାଇ ଛାତ୍ରମାନଙ୍କୁ ମୁଗ୍ଧ କରି ଦେଉଥିଲେ।

ଆମ ସମୟରେ 'ଶିକ୍ଷା' ପୁସ୍ତକଟି ଅଧ୍ୟୟନର ପ୍ରଥମ ସୋପାନ ଥିଲା । ସେଥିରେ ସଂସ୍କୃତ କାବ୍ୟଗୁଡ଼ିଏ ଥିଲା । ସେଗୁଡ଼ିକୁ ସେ ଏଭଳି ସୁଲଳିତ ସ୍ୱରରେ ଗାଉଥିଲେ ଯେ ସବୁ ଛାତ୍ର ତନ୍ମୟ ହୋଇ ଶୁଣୁଥିଲେ । ମୋର କିନ୍ତୁ କାନକୁ ମିଠା ଲାଗିଲେ ମଧ୍ୟ ବ୍ୟାକରଣ ବେଳକୁ ସବୁ ବୁଦ୍ଧି ହଜି ଯାଉଥିଲା । ଗୋଟିଏ ଯାଗାରେ "ଭବନ୍ତି ଗଚ୍ଛନ୍ତି" ହେବା ଅନ୍ୟ ସ୍ଥଳରେ 'ଶେତେ ବର୍ତ୍ତତେ' କାହିଁକି ହେଲା ମୁଁ ବୁଝିପାରୁ ନ ଥିଲି ।

ଆଉ ଜଣେ ହସ୍ତାପର ଶିକ୍ଷକ ପଣ୍ଡିତ ରାମଚନ୍ଦ୍ର ରଥ ଆମକୁ ଇଂରଜୀ ଶିକ୍ଷା ଦେଉଥିଲେ । ସେ ଅତି ସରଳ, ଆମାୟିକ ପ୍ରକୃତିର ଶିକ୍ଷକ ଥିଲେ ଏବଂ ବଡ଼ ଯତ୍ନରେ ଓଡ଼ିଆ ଭାଷାରୁ ଇଂରେଜୀ ଭାଷାକୁ କିପରି ଅନୁବାଦ କରିବାକୁ ହୁଏ ପିଲାମାନଙ୍କୁ ଶିକ୍ଷା ଦେଉଥିଲେ । ତାଙ୍କର ଗୋଟିଏ ଶବ୍ଦ ମୋର ଆଜଯାଏ ମନେଅଛି—auspicious । ଶବ୍ଦଟିର ଅନୁବାଦ ଅମେ କେହି କରି ପାରି ନ ଥିଲୁ । ଆଚାର୍ଯ୍ୟ ହରିହରଙ୍କର ଜ୍ୟାମିତି ଓ ବୀଜ ଗଣିତ ଶିକ୍ଷା, କୃପାସିନ୍ଧୁଙ୍କ ଇତିହାସ ଶିକ୍ଷା ସବୁ ପିଲାଙ୍କୁ ଅନୁପ୍ରାଣିତ କରି ପାରୁଥିଲା । ମାତ୍ର ନୀଳକଣ୍ଠଙ୍କ ପାଣ୍ଡିତ୍ୟ ଓ କ୍ଲିଷ୍ଟ ଶୈଳୀ ପିଲାମାନଙ୍କୁ ଭୟଭୀତ କରଉଥିଲେ ମଧ୍ୟ ତାଙ୍କର ଯତ୍ନ ଓ ଆନ୍ତରିକତା ମନକୁ ସ୍ପର୍ଶ କରୁଥିଲା । ସେ ଯାହା ହେଉ ସ୍ୱାସ୍ଥ୍ୟ ଦୃଷ୍ଟିରୁ ମୋର ସତ୍ୟବାଦୀ ଜୀବନରେ ଡୋରି ବନ୍ଧା ହେଲା ।

ମୁଁ ଢେଙ୍କାନାଳ ସ୍କୁଲ ଅସିଲି । ସେଠାରେ ଅଧିକାଂଶ ଶିକ୍ଷକ ବଙ୍ଗାଳୀ । ସେଠାରେ ମୁଁ ଯେଉଁ ୩।୪ ବର୍ଷ କଟାଇଲି ସେଥିରେ ସେ ସମୟର ଶିକ୍ଷା-ଦାନ ପଦ୍ଧତି ମୋ ଉପରେ ଆଦୌ ପ୍ରଭାବ ବିସ୍ତାର କରି ପାରି ନାହିଁ । ଗୃହାଳୀ ମାଷ୍ଟିବଂଶ ଅବଧାନଙ୍କ ପାଖରେ ଯେପରି ପାଠ ମୁଖସ୍ଥ କରିବାକୁ ହେଉଥିଲା, ଇଂଲଣ୍ଡ ଇତିହାସ କ୍ଲାସରେ ଓ ଭୂଗୋଳ କ୍ଲାସରେ ପ୍ରାୟ ସେହିପରି ବୋଧ ହେଉଥିଲା । ମୋଟରେ କହିଲେ— ଆଧୁନିକ ଶିକ୍ଷା ପ୍ରଣାଳୀ ଯେପରି ଛାତ୍ର-କୈନ୍ଦ୍ରିକ ସେତେବେଳର ଶିକ୍ଷକଙ୍କୁ ତାହା ଜଣା ନ ଥିଲା । ସେମାନେ କେବଳ ବହି ଘୋଷାଇ ପରୀକ୍ଷାରେ ପାଶ୍ କରାଇବାକୁ ହିଁ ଶ୍ରେଷ୍ଠ ପନ୍ଥା ବୋଲି ଧରି ନେଇଥିଲେ ।

ସତ୍ୟବାଦୀରେ ଶିକ୍ଷକମାନଙ୍କର ଛାତ୍ରମାନଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ହେତୁ ପାଠ ଦାନ ପ୍ରଣାଳୀର ଦୋଷ ଲୁଚି ଯାଉଥିଲା । ବଙ୍ଗୀୟ ଶିକ୍ଷକମାନଙ୍କର ଉତ୍କଳୀୟମାନଙ୍କ ପ୍ରତି ଯେ ସୁନଜର ଥିଲା ତାହା ମୁଁ କହି ପାରିବ ନାହିଁ । ଇଂରେଜମାନେ ଯେପରି ଭାରତୀୟମାନଙ୍କୁ ଟିକିଏ ନିମ୍ନ ଦୃଷ୍ଟିରେ ଦେଖୁଥିଲେ ବଙ୍ଗୀୟ ଶିକ୍ଷକମାନଙ୍କର ସେହିପରି ଭାବ ଉତ୍କଳୀୟମାନଙ୍କ ପ୍ରତି ଥିଲାପରି ମୁଁ ଅନୁଭବ କରିଛି । ତା ଛଡ଼ା ଢେଙ୍କାନାଳର ଶିକ୍ଷକମାନେ ରାଜ-ପୋଷ୍ୟ ହେତୁ ନିଜ ବ୍ୟକ୍ତିତ୍ୱକୁ ପୂର୍ଣ୍ଣ ମାତ୍ରାରେ ବ୍ୟକ୍ତ କରି ପାରୁ ନ ଥିଲେ । ସତ୍ୟବାଦୀର ଶିକ୍ଷକମାନଙ୍କର କିନ୍ତୁ ସେ ଦିଗରେ ପୂର୍ଣ୍ଣ ସ୍ୱାଧୀନତା ଥିଲା । ତେଣୁ ସେମାନଙ୍କୁ ଯେତିକି ଆପଣାର ବୋଧ ହେଉଥିଲା ଢେଙ୍କାନାଳର ଶିକ୍ଷକମାନଙ୍କୁ ସେତେଦୂର ଆପଣାର କରି ହେଉ ନ ଥିଲା । ତେବେ ଶିକ୍ଷକ ଭାବରେ ସେମାନଙ୍କର ସ୍ନେହ ସହାନୁଭୂତି ଯେ ନ ଥିଲା ତାହା କହିବା ବୃଥା ।

ଏହି ବିଦ୍ୟାଳୟରେ ପାଠ ପଢ଼ୁଥିଲା ବେଳେ ବୋଧହୁଏ ମୋର ପ୍ରଥମ କବିତା ହାତଲେଖା ମାଗାଜିନ୍‌ରେ ପ୍ରକାଶିତ ହେଲା । ତା ପରେ ରାଧାନାଥଙ୍କ ବିଷୟରେ, ବିଶେଷତଃ ଦରିଦ୍ର କାଠ ବିକାଳୀଙ୍କ ପ୍ରତି ତାଙ୍କର ସହାନୁଭୂତିକୁ ଅବଲମ୍ବନ କରି ଗୋଟିଏ ଦୀର୍ଘ ପଦ୍ୟ ଲେଖିଥିଲି ଓ ସଭାରେ ପାଠ କରିଥିଲି । ପଦ୍ୟଟି ଢେଙ୍କାନାଳର ତତ୍କାଳୀନ ମାଜିଷ୍ଟ୍ରେଟ୍ ଭରତଚନ୍ଦ୍ର ରାୟଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ଭରତ ବାବୁ ଯେ ଭିତରେ ଭିତରେ ସାହିତ୍ୟ ଚର୍ଚ୍ଚା କରୁଥିଲେ ତା'ର ପରିଚୟ ମୁଁ ବହୁ ବର୍ଷ ପରେ ଜାଣି ପୂର୍ବୋକ୍ତ ଘଟଣାର ସାରବତ୍ତା ହୃଦୟଙ୍ଗମ କରିଥିଲି । ଢେଙ୍କାନାଳରେ ମୋର ସ୍ୱାସ୍ଥ୍ୟର ଉନ୍ନତି ହେବା ସଙ୍ଗେ ସଙ୍ଗେ ସନ୍ତରଣ ନିଶା ପ୍ରବଳ ହୋଇ ଉଠିଥିଲା । ଗଡ଼ରେ ରାଜାଙ୍କର ଦୁଇଟା ବଡ଼ ବଡ଼ ପୋଖରୀ ଥିଲା । ସେଥିରେ ଏ ପାଖରୁ ସେପାଖକୁ ସନ୍ତରଣ କରି ଥରେ ଅଧେ ଜଳମଗ୍ନ ହୋଇ ଉଦ୍ଧାର ପାଇ ଯାଇଥିଲି ।

## କଲେଜ ଶିକ୍ଷା ଓ ଜୀବନ

ପ୍ରଥମ ୪।୬ ମାସ କଲେଜ ପାଠରେ ବେଶ୍ ମନ ସଂଯୋଗ କଲାପରେ ଧୀରେ ଧୀରେ ଆଗ୍ରହ କମି ଯିବାକୁ ଲାଗିଲା । ପାଠ୍ୟ

ବିଶ୍ୱର ଦର୍ଶନ ସାହିତ୍ୟ ଓ ଇତିହାସ ଗ୍ରନ୍ଥ ପଢ଼ିବା ଲାଗି ବିଶେଷ ଆଗ୍ରହ ଜାତ ହେଲା । ଢେଙ୍କାନାଳ ସ୍କୁଲରେ ପାଠ୍ୟାବସ୍ଥାରେ ମୁଁ ବଙ୍କିମ ଚନ୍ଦ୍ର, ଡି. ଏଲ୍. ରାୟଙ୍କ ଅଧିକାଂଶ ଗ୍ରନ୍ଥ ପଢ଼ି ସାରିଥିଲି । ପ୍ରଧାନ ଶିକ୍ଷକଙ୍କ ଅନୁଗ୍ରହରୁ ରବୀନ୍ଦ୍ରନାଥଙ୍କ କେତେକ ଲେଖା ପଢ଼ିବାର ସୁଯୋଗ ମତେ ମିଳିଥିଲା । କିନ୍ତୁ ଶିକ୍ଷକମାନଙ୍କୁ ଲୁଚାଇ ଲୁଚାଇ ଏହି ସବୁ ପାଠ୍ୟ ବହିର୍ଭୂତ ବିଷୟ ପଢ଼ିଥିଲି । କଲେଜକୁ ଆସି ଅଧିକ ସ୍ୱାଧୀନତା ମିଳିଲା ଓ ବଡ଼ ବଡ଼ ସାହିତ୍ୟ ଲେଖକଙ୍କ ଗ୍ରନ୍ଥ ପ୍ରତି ଦୃଷ୍ଟି ଆକର୍ଷିତ ହେଲା । ବନ୍ଧୁ ଅନ୍ନଦା ସେତେବେଳେ ଯେଉଁ ଭଲ ବହି ପଢ଼ୁଥିଲେ ତାକୁ ଆମ ଆଗରେ କହୁଥିଲେ । ତେଣୁ ବାହାର ବହି ପଢ଼ିବା ଗୋଟାଏ ନିଶା ହୋଇ ଯାଇଥିଲା । କଲେଜରେ ଅଧ୍ୟୟନ କାଳରେ ମୁଁ ରବୀନ୍ଦ୍ରନାଥ ଓ ରୋମା ରୋଁଲା, ଶରତଚନ୍ଦ୍ର, ୱାଲ୍ଟ ହୁଇଟ୍‌ମାନ୍, ୱାର୍ଡ଼ସ୍‌ୱାର୍ଥ, ସେଲି, ବ୍ରାଉନିଂ ପଢ଼ିଥିଲି । ରୋଁଲାଙ୍କର ପ୍ରସିଦ୍ଧ 'ଜନ୍ କ୍ରିଷ୍ଟଫ୍' ( John Christophe ) ( ୪ ଖଣ୍ଡ ବଡ଼ ବଡ଼ ଉପନ୍ୟାସ ) ମୋତେ ଏତେ ଅଭିଭୂତ କରିଥିଲା ଯେ, ମୁଁ ତାକୁ ଶେଷ କରିବାକୁ ପାଗଳ ପ୍ରାୟ ହୋଇ ଯାଇଥିଲି । ମନେ ଅଛି କୌଣସି ଖରା ଛୁଟିରେ ଏମାରମଠ ଲାଇବ୍ରେରୀରେ ପ୍ରଥମ ଭାଗଟି ପାଠ କରି ସାରିଲାପରେ ଅନ୍ୟାନ୍ୟ ଖଣ୍ଡ ନାହିଁ ବୋଲି ମୋତେ ସେଠାକାର ଗ୍ରନ୍ଥାଗାରିକ ନିରୁତ୍ସାହିତ କରିଦେଲେ ।

ପୁରୀରେ ଶୁଣିଲି ମୋର ବନ୍ଧୁ ଅନ୍ନଦା ତାହା ପାଟନା କଲେଜରୁ ପ୍ରାଇଜ୍ ପାଇଥିଲେ ଓ ସେ ଖଣ୍ଡଗୁଡ଼ିକ ହରିହରଙ୍କ, ଗ୍ରାମ ବିଶ୍ୱନାଥ ପୁରରେ ଅଛି । ମୁଁ ଦ୍ୱିପ୍ରହର ଖରାରେ ସାଇକେଲ୍‌ରେ ପୁରୀରୁ ବିଶ୍ୱନାଥପୁର ଦୌଡ଼ିଲି । ହରିହର ଗ୍ରାମରେ ନ ଥିଲେ । ବନ୍ଧୁ ପତ୍ନୀଙ୍କଠାରୁ ବାକି ତିନୋଟି ଭାଗ ପାଇ ମୁଁ ଉଲ୍ଲସିତ ହେଲି ଏବଂ ସେହି ଖରାରେ ସ୍ୱର୍ଗର ଚନ୍ଦ୍ର ଲାଭ କଲାପରି ଆନନ୍ଦରେ ଧରି ପୁରୀ ଫେରି ଆସିଲି । ସେ ପୁସ୍ତକ ମୋ ଜୀବନ ଓ ଚିନ୍ତାଧାରାରେ ବହୁ ପ୍ରଭାବ ପକାଇ ଅଛି ।

ଅନ୍ୟାନ୍ୟ ନୋବେଲ ବିଜେତାଙ୍କ ମଧ୍ୟରେ ମୋତେ ଆୟାର-ଲ୍ୟାଣ୍ଡ୍‌ର କବି W. B. Yeatesଙ୍କ ଲେଖା ବହୁପରିମାଣରେ ଅନୁପ୍ରାଣିତ

କରଥିଲା । ବ୍ରିଟିଶ କବିମାନଙ୍କ ମଧ୍ୟରେ Wordsworth, ସେଲିଙ୍କର ପ୍ରଭାବ ମୁଁ ବହୁ ପରିମାଣରେ ଅନୁଭବ କରିଅଛି । ଆମ ସବୁଜ ଗୋଷ୍ଠୀ ବିଶେଷତଃ ଅନ୍ନଦା ଓ୍ୟାର୍ଡ଼ସ୍‌ୱର୍ଥ ଓ ଭକ୍ତକବି ମଧୁସୂଦନଙ୍କୁ ଶ୍ରେଷ୍ଠ କବି ନ କହିଲେ ସୁଦ୍ଧା, ସେ ଦୁହେଁ ମୋ ଜୀବନର କବିଗୁରୁ । ମୁଁ ଆଗରୁ କହିଛି ଯେ, 'ମନୋବୋଧ ଚଉତିଶା' ଓ ମଧୁବାବୁଙ୍କ କବିତା ମୋର ଶୈଶବ ଜୀବନକୁ ବହୁଭାବରେ ଅନୁପ୍ରାଣିତ କରିଥିଲା । ଏକୁଟିଆ ଥିଲାବେଳେ ମୁଁ ମନେ ମନେ ସେମାନଙ୍କ ଲେଖାକୁ ଆବୃତ୍ତି କରିଥାଏ । ପ୍ରାପ୍ତ ବୟସ୍କ ହୋଇ ସୁଦ୍ଧା Wordsworthଙ୍କ କେତେକ ପଂକ୍ତି ଆବୃତ୍ତି କରି ନିଜେ ନିଜେ ଉପଭୋଗ କରେ । ମୋ ମତରେ ସାହିତ୍ୟରେ Wordsworth, Yeates, ସେଲି—ଏହି ତିନି ଜଣ ଅମର ଜ୍ୟୋତି । ଆଜି ସମସ୍ତେ ସେମାନଙ୍କର ନିମ୍ନ ସ୍ତରରେ ।

ଆଜି ଗୋଟିଏ କଥା ମନେ ପଡ଼ିଲେ ହସ ଲାଗେ । ମୁଁ ଯେପରି ମଧୁବାବୁ, ଓ୍ୟାର୍ଡ଼ସ୍‌ୱର୍ଥଙ୍କୁ ଉଚ୍ଚସ୍ଥାନ ଦିଏ ଓ ବନ୍ଧୁମାନେ ସେମାନଙ୍କୁ ତଳକୁ ଖସାଇ ପକାନ୍ତି, ସେପରି ମୁଁ ପ୍ରତିଶୋଧ ଛଳରେ ରାଧାନାଥ, ଟେନିସନ୍ ଓ ବାଇରନ୍ ପ୍ରଭୃତିଙ୍କୁ ବହୁ ନିମ୍ନକୁ ଟାଣିଆଣେ । ମୋର କୈଶୋର ଓ ଯୌବନ କାଳରେ ମୁଁ ରାଧାନାଥ ଓ ଉପେନ୍ଦ୍ର ଭଞ୍ଜଙ୍କୁ କେବେ ହୃଦୟରେ ସ୍ଥାନ ଦେଇ ପାରିନାହିଁ । ସେମାନଙ୍କ କାବ୍ୟର ଉତ୍କଟ ଆଦିରସ ବରାବର ମତେ ବିଷବତ୍ ବୋଧହୁଏ । ମନେ ଅଛି ଥରେ ଭଞ୍ଜଙ୍କର ଲାବଣ୍ୟବତୀରେ ଏକ ମିଳନ ଦୃଶ୍ୟ ପଢ଼ୁ ପଢ଼ୁ ମୁଁ ଏତେ ଉତ୍ତ୍ୟକ୍ତ ହୋଇ ଯାଇଥିଲି ଯେ ସେ କାବ୍ୟଟିକୁ ତଳେ ଫିଙ୍ଗି ଦେଇଥିଲି ଓ ପିତାଙ୍କୁ ଆସି ପଚାରିଲି—ବାପା ଏସବୁ ଜଘନ୍ୟ କାବ୍ୟରେ ସ୍ଥାନ ଦେଲାବେଳେ କବିମାନେ ଲଜ୍ଜିତ ହୁଅନ୍ତି ନାହିଁ ? ଏ ବର୍ଣ୍ଣନା ତ ଯୁବକମାନଙ୍କୁ ପୋକପରି ନିଆଁକୁ ଟାଣି ନେବ । କାବ୍ୟର ମହତ୍ତ୍ୱ ରହିଲା କେଉଁଠି ?

ପିତା ଉତ୍ତର ଦେଲେ --ଆରେ ସେଗୁଡ଼ାକ ବୟସ ନ ହେଲେ ପଢ଼ି ହୁଏ ନାହିଁ । ସେ ସମୟର ରାଜାଗୁଡ଼ାକ ସେ ସବୁ ଭଲ ପାଉଥିଲେ ବୋଲି କବିମାନେ ସେ ସବୁ କାବ୍ୟରେ ସ୍ଥାନ ଦେଇଛନ୍ତି ।

ଯେହିପରି ରାଧାନାଥଙ୍କର କେତେକ କାବ୍ୟ ରୁଚି ଦୃଷ୍ଟିରୁ ମୁଁ ଆଦୌ ପାଠ କରି ପାରେ ନାହିଁ । ନାମ କହିବା ନିଷ୍ପ୍ରୟୋଜନ । ପରେ ଅବଶ୍ୟ ମୁଁ କୌଣସି ଗୋଟିଏ ଲେଖାରେ ରାଧାନାଥଙ୍କ ଦୋଷ କଟାଇବାକୁ କହିଛି—ଉପେନ୍ଦ୍ରଙ୍କ ପଟ୍ଟଶିଷ୍ୟ ନ ହୋଇଥିଲେ ସେ ଏ ଜାତୀୟ କାବ୍ୟ କେବେ ଲେଖି ନ ଥାନ୍ତେ । ଜୀବନରେ ଶେଷଭାଗରେ ବସି ମୁଁ ରାଧାନାଥଙ୍କ କାବ୍ୟର ତାତ୍ପର୍ଯ୍ୟ ଆଦୌ ବୁଝି ପାରୁନାହିଁ । ମନେ ଅଛି ବିଲାତରେ ଥରେ Wordsworthଙ୍କୁ ଜଣେ ଠୋକା ସାହିତ୍ୟିକ ଅଟ୍ଟାକରି ଟିପ୍ପଣୀ କରିଥିଲେ । କବି ଜବାବ ଦେଲେ—ମୋ କବିତା ଭବିଷ୍ୟପୂମାନେ କେବଳ ବୁଝିବେ ।

କବି ଭାବରେ ମୁଁ ଜଣେ ଶିକ୍ଷକ । ମୁଁ ଆଉ କିଛି ସ୍ଥାନ ଅଧିକାର କରିବାକୁ ଚେଷ୍ଟା କରେ ନାହିଁ । ରାଧାନାଥଙ୍କର କେତେକ କାବ୍ୟ ଶୁଣିବାବେଳେ ସେହି ପ୍ରଶ୍ନ ମନରେ ଉଠେ । କବି କଣ ସମାଜର ଶିକ୍ଷକ ? କାରବର୍ଣ୍ଣିତା ଭଳି ସହଜ ପ୍ରେମ ବା ନିକୃଷ୍ଟ ପ୍ରେମର କବିତା ଲେଖି ପାଠକ ମଣ୍ଡଳୀରୁ ବାହାବା ଆଦାୟ କରିବା କବି ପକ୍ଷରେ ଅତି ନିକୃଷ୍ଟ ଧର୍ମ । ଏକଥା ମୁଁ ଜୀବନର ଶେଷ ସ୍ତରରେ ପହଞ୍ଚି ମଧ୍ୟ ଅତି ତୀବ୍ର ଭାବରେ ଅନୁଭବ କରେ ଏବଂ କବିଗୁରୁଙ୍କ ଭଳି ମନେ ମନେ କହେ—"I am a teacher and nothing".

ଶୁଦ୍ଧ ଓ ଉତ୍କୃଷ୍ଟ ରୁଚି ହେତୁରୁ ରବୀନ୍ଦ୍ରନାଥଙ୍କର ରଚନାବଳୀ ମୋ ଜୀବନରେ ଗୀତାର ସ୍ଥାନ ଲଭ କରିଅଛି । କଲେଜରେ ପଢ଼ୁଥିବା ବେଳେ ଏହି ଦୃଷ୍ଟିଭଙ୍ଗୀରୁ ମୁଁ ବହୁ ବିପଦର ସମ୍ମୁଖୀନ ହୋଇଅଛି । ମୁଁ ଅବଶ୍ୟ ବିଶ୍ୱାସ କରେନାହିଁ, କେତେକ ବନ୍ଧୁଙ୍କ ମତରେ ମୁଁ ଯେ B. A. ପରୀକ୍ଷାରେ ଥରେ ପ୍ରାୟଶ୍ଚିତ୍ତ କରିଥିଲି, ତାହା ମୋର ତୀବ୍ର ଅପରିବର୍ତ୍ତନୀୟ ଦୃଷ୍ଟିଭଙ୍ଗୀ ହେତୁ ।

ବିବଦମାନ ଗୋଷ୍ଠୀ, ଯେଉଁମାନେ କି ଭଞ୍ଜ ସାହିତ୍ୟକୁ ସ୍ୱର୍ଗରେ ସ୍ଥାନ ଦେଉଥିଲେ, ସେମାନେ କୌଣସି ବିଦେଶୀ ସାହିତ୍ୟର ଭାବଧାରାକୁ ସହ୍ୟ କରି ପାରୁ ନ ଥିଲେ । ସବୁଜ ଦଳର କେବଳ ମୁଁ ଓ କାଳନ୍ଦୀବାବୁ କଟକରେ ପଢ଼ୁଥିଲୁ । କାଳନ୍ଦୀ ବଡ଼ ନୀରବ ସାଧକ ଓ ଶାନ୍ତ ପ୍ରକୃତିର

ଲୋକ । ସ୍ୱଭାବତଃ ନିଜର ମତ ବ୍ୟକ୍ତ କରନ୍ତି ନାହିଁ । ମାତ୍ର ମୋର ଦୁରଦୃଷ୍ଟି ଅଭାବରୁ ହେଉ ବା ଅନ୍ୟ କୌଣସି କାରଣରୁ ହେଉ ମୁଁ ନିର୍ଭୀକ ଭାବରେ ମୋର ମତ ବ୍ୟକ୍ତ କରେ । ମୋ ଶତ୍ରୁ ଦଳ ମୁଁ ହଷ୍ଟେଲ୍ ବାହାରେ ଥିଲେ ମଧ୍ୟ କେତେକାଂଶରେ ମୋତେ ହଇରାଣ କରିଛନ୍ତି ।

କବି ହେବାର ବାସନା ମୋର କେବେ ନ ଥିଲା । "If at all I am a poet that is accident" । ବାଲ୍ୟକାଳରୁ ବକ୍ତୃତା କରିବାର ଇଚ୍ଛା ମୋର ଥିଲା ଓ ରାଜନୀତିଜ୍ଞ ହେଲେ ରାଜ୍ୟର ପରିସ୍ଥିତି ବଦଳାଇ ପାରିବି ବୋଲି ବିଶ୍ୱାସ ଥିଲା । ପ୍ଲାଟଫର୍ମରେ ଠିଆ ହୋଇ ଲମ୍ବା ବକ୍ତୃତା ଦେଉଥିବା କଥା ସ୍ୱପ୍ନରେ ଦେଖିଅଛି । କବିତାର ସ୍ୱପ୍ନ ଥରେ ମାତ୍ର ଦେଖିଥିଲି ।

ଭକ୍ତଚରଣଙ୍କ 'ମନବୋଧ ଚଉତିଶା', ଦୀନକୃଷ୍ଣଙ୍କର 'କୃପାସିନ୍ଧୁ ବଦନ', ସାମନ୍ତ ଚନ୍ଦ୍ରଶେଖରଙ୍କର 'ବିଦଗ୍ଧ ଚିନ୍ତାମଣି', ଭୀମଭୋଇଙ୍କ ଭଜନ, କଲେଜ ଜୀବନରେ 'ସ୍ମୃତି ଚିନ୍ତାମଣି', ସ୍କୁଲ ଜୀବନରେ ମଧୁସୂଦନ ବିଶେଷତଃ ତାଙ୍କର ବସନ୍ତ ଗାଥା, 'ଗ୍ରେଟ୍ ହଙ୍ଗର୍' ଉପନ୍ୟାସ ପୁସ୍ତକ ଘନ ଅନ୍ଧକାରରେ ଆଲୋକର ବର୍ତ୍ତିକା ସଦୃଶ ମୋତେ ଅଭିଭୂତ କରି ପ୍ରେରଣା ଦେଇଅଛି । ଜୀବନ ଯେ ଈଶ୍ୱରଙ୍କ ମହତ୍ ଦାନ ଓ ଉପଭୋଗ କରିବାର ବସ୍ତୁ, ସେ କଥା ସେମାନେ ମୋ ମନରେ ଦୃଢ଼ ଭାବରେ ପ୍ରତିଷ୍ଠିତ କରିଥିଲେ । ମୁଁ ଯେଉଁବର୍ଷ B. A. ଫେଲ ହୋଇଗଲି ଓ ଯେତେବେଳେ ମୁଁ ନିଜକୁ ଅତ୍ୟନ୍ତ ଅସହାୟ ମନେ କରୁଥିଲି ସେହି ସମୟରେ 'ଗ୍ରେଟ୍ ହଙ୍ଗର' ମୋ ହୃଦୟକୁ ନୂତନ ପ୍ରେରଣାରେ ଉଦ୍‌ବୁଦ୍ଧ କରି ପାରିଥିଲା । କଲେଜରେ ପଢୁଥିବା ସମୟରେ ମନେଅଛି—ସେ ପୁସ୍ତକଟି ପଢ଼ି ପଢ଼ି ଟେବୁଲ୍ ଉପରେ ମୁଣ୍ଡ ରଖି ମୁଁ ବହୁଥର ଅଶ୍ରୁ ବିସର୍ଜନ କରିଅଛି । ପ୍ରେମର ପ୍ରକୃତ ସ୍ୱରୂପ ଉପଲବ୍ଧି କରିବା ପାଇଁ ମୁଖ୍ୟତଃ 'ଗ୍ରେଟ୍ ହଙ୍ଗର' ଓ ସାମନ୍ତସିଂହାରଙ୍କ 'ଶ୍ରୀ ସୁଧା' ଦାୟୀ ।

ଅନ୍ୟାନ୍ୟ ପୁସ୍ତକ ମଧ୍ୟରେ ଆନା କାରେଣିନା ଓ ଟଲଷ୍ଟୟଙ୍କ କ୍ଷୁଦ୍ରଗଳ୍ପ ସମୂହ, ହଚିନ୍‌ସନ୍‌ଙ୍କ "If winter comes", ମାକ୍ସିମ୍

ଗର୍କିଙ୍କ "Mother", ଭିକ୍ଟରହ୍ୟୁଗୋଙ୍କ "Hunchback of Rotter-dum" ରୋଲାଁଙ୍କ "John Christophe" ଏବଂ ରାମକୃଷ୍ଣ ବିବେକାନନ୍ଦଙ୍କ ଗ୍ରନ୍ଥ ସବୁ ମୁଁ ପଢ଼ିଥିଲି ।

ବଙ୍କିମ ଚନ୍ଦ୍ରଙ୍କର "ଆନନ୍ଦ ମଠ", ମାଇକେଲ ମଧୁସୂଦନଙ୍କ 'ମେଘନାଦ ବଧ' ନବମ ଦଶମ ଶ୍ରେଣୀରେ ପଢ଼ିଥିଲି ପରି ମନେ ପଡ଼ୁଛି । ବୟସର ଅଳ୍ପତା ହେତୁ ରସ ଗ୍ରହଣ କରିପାରି ନ ଥିଲି । ଅମିତ୍ରାକ୍ଷର ଛନ୍ଦରେ ଲେଖିବା ଲାଗି କେତେ ଚେଷ୍ଟା କରିଛି । କିନ୍ତୁ ମନଃପୂତ ନ ହେବାରୁ ସେଥିରେ ବିଶେଷ ଅଗ୍ରସର ହୋଇନାହିଁ । ତା ଛଡ଼ା ପାଦ ମିଳେଇ ଲେଖୁଥିବା ପଦ୍ୟ ଲେଖିବାରେ ମୋର କେବେ କଷ୍ଟ ହୋଇନାହିଁ । ତେଣୁ ଅମିତ୍ରାକ୍ଷର ବା ମୁକ୍ତଛନ୍ଦ କବିତା ଲେଖିବାରେ ମୁଁ ଚିରକାଳ ଅନଭ୍ୟସ୍ତ ରହିଗଲି ।

ବଙ୍ଗଳା ଭାଷାରେ ପଢ଼ା ମୋର ଓ ମୋ ସମସାମୟିକ ଛାତ୍ରମାନଙ୍କର ମାଇନର ବା ତା ତଳ କ୍ଲାସରୁ ଆରମ୍ଭ ହୋଇଥିଲା । କାରଣ ସେ ସମୟରେ କେବଳ ବଙ୍ଗଳାରେ ମାନେବହି ସବୁ ଲେଖା ଯାଉଥିଲା । ମୋ ତଳ କ୍ଲାସମାନଙ୍କରେ ଏପରି କେହି ସହପାଠୀ ନ ଥିଲେ ଯେ ଆଶୁତୋଷ ଦେବଙ୍କ ଡିକ୍ସିନାରୀ ବ୍ୟବହାର କରିନାହାନ୍ତି । ସେ ଶ୍ରେଣୀରେ ଏବଂ ନିମ୍ନ ଶ୍ରେଣୀରେ ଯେଉଁ ଇଂରେଜୀ ପୁସ୍ତକମାନ ପଢ଼ା ହେଉଥିଲା ତାହା ଅଳ୍ପ ବୟସ୍କ ଛାତ୍ରମାନଙ୍କ ପକ୍ଷରେ ଅତ୍ୟନ୍ତ କଠିନ ହେଲେ ମଧ୍ୟ ଆଶୁତୋଷଙ୍କ ନୋଟ୍ ବହିଗୁଡ଼ିକ ବହୁ ସାହାଯ୍ୟ କରୁଥିଲା । ଯେଥିଯୋଗୁଁ ବୁଝେଁ ନ ବୁଝେଁ ନବମ ଦଶମରେ ପଢ଼ୁଥିବା ବେଳେ ପ୍ରସିଦ୍ଧ ବଙ୍ଗୀୟ ଲେଖକଙ୍କ ଲେଖା ପାଠ କରିଥିଲି । ଜାତୀୟ ସଙ୍କୀର୍ଣ୍ଣତା ମତେ ଦିନେ ହେଲେ ସ୍ପର୍ଶ କରିନାହିଁ । ଏବେ ମଧ୍ୟ ନାହିଁ ।

କଲେଜ ଅଧ୍ୟୟନ କାଳରେ ଶରତଚନ୍ଦ୍ରଙ୍କର 'ଚରିତ୍ରହୀନ', 'ଗୃହଦାହ', 'ବିନ୍ଦୁର ଛେଲେ' ରବୀନ୍ଦ୍ରନାଥଙ୍କ କବିତା, ଗୀତ, ଉପନ୍ୟାସ, ତାରାଶଙ୍କରଙ୍କ 'ରାଇ କମଲ' ପୁସ୍ତକ ମୋର ଚିନ୍ତାଧାରାକୁ ବହୁ ଅଂଶରେ ପ୍ରଭାବିତ କରିଥିଲା । ଚିରକାଳ ମୁଁ ଉତ୍କଳର ଲୋକ–

ଗୀତିକୁ ଆନ୍ତରିକ ଶ୍ରଦ୍ଧା କରୁଥିଲି । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ବଙ୍ଗ ଦେଶର ବାଉଲ୍ ମାନଙ୍କ ଗୀତ, ଲୋକଗୀତ ଓ ଚଣ୍ଡୀ ଦାସଙ୍କ ପଦ୍ୟାବଳୀ ଶୁଣି ଓ ପଢ଼ି ମୁଁ ତନ୍ମୟ ହୋଇ ଯାଉଥିଲି । ବହୁ ସମୟରେ ମନେ ହୋଇଛି ବାଉଲ୍ ମାନଙ୍କ ଭଳି ସଂସାର ତ୍ୟାଗକରି ଦୂର ଦେଶାନ୍ତରକୁ ଚାଲିଯାଆନ୍ତି ଏବଂ ଯନ୍ତ୍ର ସାହାଯ୍ୟରେ ଗୀତ ଗାଇ ପେଟ ପୋଷନ୍ତି । ଅନେକ ମୋତେ ଥଟ୍ଟା କରି କହନ୍ତି "ନେଡ଼ୀମାନଙ୍କ ପ୍ରତାପ ସମ୍ଭାଳି ପାରିବତ ? ତା'ର ଉତ୍ତରରେ ମୁଁ କହେଁ—ଆମରି ଏହି ବନ୍ଧିବନ୍ଧ ସାମାଜିକ ଚରିତ୍ରର କିଛି ମୂଲ୍ୟବୋଧ ନାହିଁ । ବୃତ୍ତିକ ବୈଶିଷ୍ଟ୍ୟ କେବଳ ଆନନ୍ଦ ଦିଏ ନାହିଁ, ଚରିତ୍ର ବସ୍ତୁକୁ ମହତ୍ କରେ । ତେଣୁ ଉତ୍କଳୀୟ ଓ ବଙ୍ଗୀୟ ସହଜିଆମାନେ ମୋତେ ଆଜି ପର୍ଯ୍ୟନ୍ତ ଅଭିଭୂତ କରିଥାଆନ୍ତି । ଉତ୍କଳର ପରମ ବୈଷ୍ଣବ ରାୟ ରାମାନନ୍ଦ ଜଣେ ସହଜପନ୍ଥୀ, ତାଙ୍କର ଚରିତ୍ରବଳରେ ସ୍ୱୟଂ ଶ୍ରୀ ଚୈତନ୍ୟ ମୁଗ୍ଧ ହୋଇ ଯାଇଥିଲେ । ତାଙ୍କ ଭଳି କବି ଦୀନକୃଷ୍ଣ ଓ ଅଭିମନ୍ୟୁ ବହୁ ପରିମାଣରେ ସହଜସାଧକ ବୋଲି ବ୍ୟକ୍ତିଗତ ଭାବରେ ମୁଁ ବିଶ୍ୱାସ କରେ । ମୋର ଜୀବନର ଶେଷ ଭାଗରେ ମୁଁ ଯେଉଁ ସହଜ ତତ୍ତ୍ୱ କାବ୍ୟ ଲେଖିଅଛି ସେଥିରେ ଏହି ସହଜ ଧର୍ମୀ ଓ ସହଜପନ୍ଥୀ କବିମାନଙ୍କର ଜୀବନାଲେଖ୍ୟ ଚିତ୍ରଣ କରିବାର ଚେଷ୍ଟା କରିଛି । ସହଜିଆମାନଙ୍କୁ ମୁଁ ସାମାନ୍ୟ ନେଡ଼ାନେଡ଼ୀ ବାଉବୁଲା ବୈଷ୍ଣବ କହି ଘୃଣା ନ କରି ସେମାନଙ୍କ ଜୀବନର ନିଗୂଢ଼ ରସତତ୍ତ୍ୱକୁ ନମସ୍କାର କରିଅଛି । ମୋର ଜୀବନର ଶେଷ ଭାଗରେ ମୁଁ ଏହି ଗୂଢ଼ ବିଷୟକୁ କାହିଁକି ହାତକୁ ନେଲି ତାର କୈଫିୟତ କିଛି ଦେଇ ପାରିବ ନାହିଁ । ମାତ୍ର ୫ ସହଜଗୁରୁ ଯଥା ଜୟଦେବ, ଚଣ୍ଡୀ ଦାସ, ରାୟ ରାମାନନ୍ଦ ବିଲ୍ୱମଙ୍ଗଳ ଠାକୁର, ବିଦ୍ୟା ପତିଙ୍କ ଜୀବନୀ ମୋତେ ବହୁଦିନରୁ ଅନୁପ୍ରାଣିତ କରି ଆସିଅଛି । ସେମାନଙ୍କ ସହିତ ଉତ୍କଳୀୟ କବି ଦୀନକୃଷ୍ଣ ଅଭିମନ୍ୟୁ ସେହି ପନ୍ଥାର ବୋଲି ମୁଁ ବିଶ୍ୱାସ କରେ । ଏହି ବୈଷ୍ଣବ କବିମାନେ ଯେଉଁ ରସ ତତ୍ତ୍ୱର ପ୍ରମାଣ ରଖିଯାଇ ଅଛନ୍ତି ତାହା ଏତେ ଦୂର ନିଗୂଢ଼ ଓ ରହସ୍ୟପୂର୍ଣ୍ଣ ଯେ ସେମାନଙ୍କ କଥା ଲେଖିବା ସମୟରେ ମୁଁ ଅତ୍ୟନ୍ତ ଭୀତତ୍ରସ୍ତ ହୋଇଥାଏ । କେତେଥର ନିଜକୁ କହିଛି— ସେହି ଉଦ୍ଭୋଗ୍ଭିକ କବି ସମାଜ ସୁକୌଶଳୀ ଖେଳିକାର ପରି ନାଗପାଶ

ସମ୍ଭବତ ଖେଳ ପାରନ୍ତି । ମୁଁ ସେହି ସର୍ପକୁ ଖେଳେଇବା ଚେଷ୍ଟା କରୁଛି । ବ୍ରେକ୍ ନ ବାଜିଲେ ଈଶ୍ୱରଙ୍କ ଦୟାବୋଲି ମନେ କରିବ ।

## ପଞ୍ଚସଖା ମିଳନ

ଆଗରୁ କହିଛି କଲେଜ ଜୀବନରେ ଆମ ସବୁଜ ପଞ୍ଚ ସଖାଙ୍କ ମିଳନ ଘଟିଥିଲା । ଅନ୍ନଦା, ଶରତ ପାଟନା ଚାଲିଯିବା ପରେ ମୁଁ କାଳନ୍ଦୀଙ୍କର ନିକଟ ସମ୍ପର୍କରେ ଆସିବାର ସୁବିଧା ପାଇଲି ଓ ତାଙ୍କର ନିରବଚ୍ଛିନ୍ନ ଶାନ୍ତିପ୍ରିୟ ଭଦ୍ର ଜୀବନକୁ ମୁଁ ନିବିଡ଼ ଭାବରେ ଉପଭୋଗ କରିପାରିଥିଲି । ଯଦିଓ କାଳନ୍ଦୀ ରାଧାନାଥଙ୍କ ସ୍ତାବକ, ମୁଁ ମଧୁବାବୁଙ୍କ ଭକ୍ତ, ଏଇ ସମୟରେ ଆମ ଦୁହିଁଙ୍କର ମିଳନ ଅତି ଘନିଷ୍ଠ ହୋଇ ଉଠିଥିଲା । B. A. ପାଶ୍ (୧୯୨୫) କଲାପରେ ସେ ଚାକିରି କଲେ, ମୁଁ ଓଡ଼ିଆ ସାହିତ୍ୟରେ ଅତି କମ୍ ନମ୍ବର ରଖି ଫେଲ୍ ହୋଇଗଲି । ୧୯୨୬ରେ ପାଶ୍ କଲି । ସଙ୍ଗେ ସଙ୍ଗେ ଅନ୍ୟ ପନ୍ଥା ନ ଦିଶିବାରୁ ମୁଁ ଟ୍ରେନିଂ କଲେଜରେ ଭର୍ତ୍ତି ହେଲି । କଟକରେ ଡିପ୍ଲୋମା କୋର୍ସ ଶେଷ କରି ମୁଁ ପାଟଣାରେ ନୂଆ ବି. ଇଡ଼୍. (ଆଧୁନିକ ଏମ୍. ଡ଼.) କରିବାଲାଗି ପାଟଣା ଚାଲିଗଲି । କଟକ କଲେଜରେ କାଳନ୍ଦୀ, ହରିହର ଓ ମୁଁ ରହିଗଲୁ । ୨ ବର୍ଷ ମଧ୍ୟରେ ଆମର ଘନିଷ୍ଠତା ବଢ଼ି ଯାଇଥିଲା । ଆମ୍ଭ ଭିତରେ ହରିହର ଅତ୍ୟନ୍ତ କୋମଳପ୍ରାଣ ଓ ସ୍ନେହ ପ୍ରବଣ ଥିଲେ । ମାତ୍ର ତାଙ୍କ ସୌଖୀନପ୍ରିୟତାକୁ ଆମେ ସେତେଦୂର ପସନ୍ଦ କରିପାରି ନ ଥିଲୁ । ହରିହର ମୋର ସତ୍ୟବାଦୀ ସ୍କୁଲର ସହପାଠୀ ହୋଇ କପରି ସୌଖୀନପ୍ରିୟ ହେଲେ ମୁଁ ଅନେକ ସମୟରେ ଭାବୁଥାଏ । ମାତ୍ର ସେ ଚିରଦିନ ପରିଷ୍କାର, ପରିଚ୍ଛନ୍ନ । ଭାବଧାରାରେ ସ୍ୱଚ୍ଛନ୍ଦ ଓ ନିର୍ମଳ ରହି ପାରିଥିଲେ, ଆଜି ମଧ୍ୟ ସେ ସେହିପରି ଅଛନ୍ତି । ଦରକାର ପଡ଼ିଲେ ଆଜି ମଧ୍ୟ ଆମ୍ଭେମାନେ ବିଶେଷତଃ ମୁଁ ମଳମୂତ୍ରିଆ ସ୍ତରକୁ ଖସିଯାଇ ପାରେ । ମାତ୍ର ସେ ପାରିବେ ନାହିଁ, ମୋର ବିଶ୍ୱାସ । ତାଙ୍କର ସୌଖୀନ ପ୍ରିୟତା ଗୋଟିଏ ବିଳାସ ନୁହେଁ, ତାଙ୍କ ପ୍ରକୃତିର ଅଂଶ । କଲେଜରେ ପଢ଼ୁଥିବା ସମୟରେ ମୁଁ ଯେତେଥର ତାଙ୍କପ୍ରତି ରୁକ୍ଷ ଆଚରଣ କରିଛି ସେ ହସନେ ଦେଖିଲେ ତାହା ଶୁଝାଇବାକୁ ଚେଷ୍ଟାକରି ନାହାନ୍ତି । ଛାତ୍ରାବସ୍ଥାରେ ସେ ବନ୍ଧୁମାନଙ୍କୁ ଯେପରି ଆପ୍ୟାୟିତ କରିପାରୁଥିଲେ,

ଆଜି ମଧ୍ୟ ସାହେବ ଜୀବନରେ ସେ ସେହିପରି ଭଦ୍ର, ବିନମ୍ରୀ, ସ୍ନେହପ୍ରବଣ ରହି ପାରିଛନ୍ତି ବୋଲି ମୋର ବ୍ୟକ୍ତିଗତ ବିଶ୍ୱାସ ।

କଲେଜରେ ପଢ଼ୁଥିବା ସମୟରେ ମୋର ବିଷୟ ଇତିହାସ ଓ ଅର୍ଥନୀତି ଥିଲା । ହରିହର ଦର୍ଶନର ଛାତ୍ର ଥିଲେ । କାଳନ୍ଦୀ ସଂସ୍କୃତ ଓ ଅର୍ଥନୀତି ପଢ଼ୁଥିଲେ । ଇଂରାଜୀ କ୍ଲାସରେ ଆମେମାନେ ଏକାଠି ହେବାର ସୁବିଧା ପାଉଥିଲୁ ।

ଇଂରେଜୀ ଅଧ୍ୟାପକମାନଙ୍କ ମଧ୍ୟରେ ଜଣେ ଅତ୍ୟନ୍ତ ଭଲ ଶିକ୍ଷକ ଥିଲେ । ମାତ୍ର ଅଧିକାଂଶ ମାମୁଲି ଧରଣର ସାହିତ୍ୟ ଚର୍ଚ୍ଚା କରୁଥିଲେ । ସେମାନଙ୍କ ମଧ୍ୟରେ ଅଧ୍ୟାପକ କୃତ୍ତିବାସ, ଅଧ୍ୟାପକ ଜନାର୍ଦ୍ଦନ, ଅଧ୍ୟାପକ ଗିରିଜାଶଙ୍କରଙ୍କ ଓଡ଼ିଆ ସାହିତ୍ୟ ପ୍ରୀତି ଆମ୍ଭମାନଙ୍କୁ ପ୍ରେରଣା ଦେଇଥିଲା । ଅଧ୍ୟାପକମାନଙ୍କ ମଧ୍ୟରେ ଇତିହାସ ଶିକ୍ଷକ ସାର ଯଦୁନାଥ ସରକାରଙ୍କ ଇତିହାସ ଓ ଇଂରେଜୀ ସାହିତ୍ୟ ଚର୍ଚ୍ଚା ମୋତେ ବହୁ ପରିମାଣରେ ଆକୃଷ୍ଟ କରୁଥିଲା । ସେ ରବୀନ୍ଦ୍ରଙ୍କ ଭକ୍ତ ଥିବାରୁ କ୍ଲାସରେ ରବୀନ୍ଦ୍ରନାଥଙ୍କ ପଦ୍ୟ ଉଦ୍ଧାର କରୁଥିଲେ । ସେଥି ମଧ୍ୟରୁ ମୋର ମନେଅଛି—

“ମୋର ଡେକେ ନିଏ ଯାଓ ମୁକ୍ତ ଦ୍ୱାରେ
ତୋମାର ବିଶ୍ୱେର ସଭାତେ, ଆଜି ଏ ମଙ୍ଗଲ ପ୍ରଭାତେ”

ଆଉ ଦୁଇ ଜଣ ସାହେବ ଅଧ୍ୟାପକ ପ୍ରଫେସର ହ୍ୱାଇଟ ଲକ୍ ଓ ପ୍ରଫେସର ଓ୍ୱେଷ୍ଟନ୍ ସ୍ମିଥ୍‌ଙ୍କର ଇଂରାଜୀ ଓ ଇତିହାସରେ ଯଥେଷ୍ଟ ବିଦ୍‌ବତ୍ତା ଥିବା ସତ୍ତ୍ୱେ ସେମାନଙ୍କର ବକ୍ତୃତା ମୋର ପ୍ରାଣକୁ ସ୍ପର୍ଶ କରି ପାରି ନ ଥିଲା । ଯଦୁ ବାବୁ ପାଠ ଦାନରେ ଯେପରି ସରଳ ଓ ପ୍ରାଞ୍ଜଳ, ନମ୍ବର ଦେବାରେ ମଧ୍ୟ ତଦ୍ରୂପ ଅକୁଣ୍ଠ । ଥରେ କୌଣସି ପରୀକ୍ଷାରେ ସେ ମୋତେ ୧୦୦ରୁ ୯୫ ନମ୍ବର ଦେଇଥିଲେ । କାହିଁକି ଏତେ ନମ୍ବର ଦେଲେ ମୁଁ ବୁଝି ପାରି ନାହିଁ ।

ହ୍ୱାଇଟ୍ ଲକ୍ ସାହେବ ମଧ୍ୟ ଇଂରାଜୀରେ ନମ୍ବର ଦେବାରେ ବଡ଼ ମୁକ୍ତ-ହସ୍ତ ଥିଲେ । ତାଙ୍କଠାରୁ ଥରେ ମୁଁ ଗୋଟିଏ ପଦ୍ୟର ସାରକଥା

ଲେଖି ୮୫% ନମ୍ବର ପାଇଥିଲି ଓ ତାଙ୍କର ନମ୍ବର ଦେବାକୁ କୁଣ୍ଠ ତାଚ୍ଛଲ୍ୟ କରି ଉଡ଼ାଇ ଦେଇଥିଲି ।

ଅଧ୍ୟାପକ ଗୋପାଳ ଗାଙ୍ଗୁଲିଙ୍କର ଟେନିସନ୍ କାବ୍ୟ ପଢ଼ାଇବାରେ ବିଶେଷ ଦକ୍ଷତା ଥିଲା । ସେ ବଡ଼ ଭାବପ୍ରବଣ ଥିବାରୁ ତାଙ୍କ ନମ୍ବର ଗୁଡ଼ିକୁ ମୁଁ ସେତେ ଗୁରୁତ୍ୱ ଦେଉ ନ ଥିଲି । ସେମାନଙ୍କ ମଧ୍ୟରେ ପ୍ରଫେସର ବରଦା ଚାଟାର୍ଜୀ ନମ୍ବର ଦେବାରେ ଅତ୍ୟନ୍ତ କୃପଣ ଥିଲେ । ଦଶ ନମ୍ବରରୁ କୌଣସି ପିଲାକୁ ତିନି, ସାଢ଼େ ତିନିରୁ ବେଶୀ ଦେଉ ନ ଥିଲେ । ଇଂରାଜୀ ଗଦ୍ୟ ସାହିତ୍ୟ ପଢ଼ାଇବାରେ ତାଙ୍କର ଦକ୍ଷତା ଥିଲା । କିନ୍ତୁ ନମ୍ବର ପାଇବା ବେଳକୁ ଛାତ୍ରମାନେ ଅତ୍ୟନ୍ତ ଶଙ୍କିତ ହେଉଥିଲେ । ଥରେ ସେ ମହାଶୟ Wordsworthଙ୍କ ଉପରେ ଆମମାନଙ୍କୁ ଗୋଟିଏ ନିବନ୍ଧ ଲେଖିବାକୁ ଆଦେଶ ଦେଲେ । ସମସ୍ତଙ୍କ ଭଳି ମୁଁ ବି ଲେଖିଲି । ସେ ସମସ୍ତଙ୍କୁ ତିନି, ସାଢ଼େ ତିନି ଦେଇସାରି ମୋ ଖାତାଟି ବାହାର କଲେ । ପ୍ରଥମରୁ ସାତ ନମ୍ବର ଦେଇ ତାକୁ କାଟି ଛଅ ନମ୍ବର କଲେ । ତାକୁ ମଧ୍ୟ କାଟିଲେ । ଶେଷରେ ସାଢ଼େ ଛଅ ନମ୍ବର ଦେଲେ ଏବଂ କହିଲେ—"It is surely six half, but you have copied from note book." ଏହି ଟିପ୍ପଣୀରେ ମୁଁ ଏତେଦୂର କ୍ରୋଧାନ୍ୱିତ ହୋଇ ଯାଇଥିଲି ଯେ, ନୀରବରେ ହାତମୁଠି ଘଷି ପଛ ବେଞ୍ଚରେ ବସିଗଲି । ଅଧ୍ୟାପକଙ୍କ ଉପରେ କି ପ୍ରତିଶୋଧ ନେବି ଭାବି ପାରିଲି ନାହିଁ । ଅତ୍ୟନ୍ତ ଅପମାନ ବୋଧ କଲାବେଳେ ଚକ୍ଷୁରୁ ଦି' ଟୋପା ଲୁହ ଖସିଲା । ବରଦା ବାବୁ ଆସନରୁ ସେ ଦୃଶ୍ୟ ନିଶ୍ଚୟ ଦେଖିଥିବେ । ଘଣ୍ଟା ବାଜିଲା, ମୁଁ କିନ୍ତୁ ସ୍ଥାଣୁ ପରି ବସି ରହିଲି । ଶେଷକୁ ସେ ମୋତେ ଡାକି କହିଲେ—"I know that you have been hurt. But is this your own answer?" ମୁଁ ତାଙ୍କୁ ନମ୍ର ଭାବରେ କହିଲି Sir, if you doubt you can compare it with any bazzar note-book. You cannot find it any where. This is my own answer." ସେ କଥା ତାଙ୍କ ହୃଦୟକୁ ସ୍ପର୍ଶ କଲା । କିନ୍ତୁ କୌଣସି ଉଚ୍ଛ୍ୱାସ ପ୍ରକାଶ ନ କରି କହିଲେ— You deserve six half.

"କଲେଜରେ ଅଧ୍ୟୟନ କାଳରେ ଇଂରେଜୀ ସାହିତ୍ୟ ଓ ଇତିହାସରେ ମୋର କେତେକ ପରିମାଣରେ ଦକ୍ଷତା ଥିଲେ ସୁଦ୍ଧା ମୁଁ କେବେହେଁ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ଚେଷ୍ଟା କରିନାହିଁ । କଲେଜରେ ପ୍ରବେଶ କରିବା ପରେ ଯେଉଁ ପରୀକ୍ଷା ହୋଇଥିଲା ମୁଁ ସେଥିରେ ୧୦୦ରୁ ୫୮ ନମ୍ବର ରଖିଥିଲି । ବନ୍ଧୁ ଅନ୍ନଦା ସେହି ପଦରେ ୫୬ ନମ୍ବର ପାଇଥିଲେ । ଦିନେ ତାଙ୍କ କୋଠରୀକୁ ଯାଇ ମୁଁ ଦେଖିଲି ବେଳକୁ ସେ ଖାତାଟି ତାଙ୍କ ଟେବୁଲ ପାଖରେ ଗୋଟିଏ କଣରେ ଟଙ୍ଗା ହୋଇଛି । ପଚାରିଲି—ଇଏ କ'ଣ ? ସେ ଅତି ବ୍ୟତିବ୍ୟସ୍ତ ହୋଇଯାଇ କହିଲେ—ଦେଖୁନାହଁ, ଇଂରେଜୀରେ ୫୬ ନମ୍ବର ପାଇଲି । ଏଥିରେ କ'ଣ ହେବ ? ମୁଁ କହିଥିଲି—ତୁମର ୫୬ଟା ୬୪ ହେଉ ଏବଂ ମୋର ୫୮ଟା ୫୦ ବା ୫୬ ହୋଇଯାଉ । ମୁଁ ଏହା ପ୍ରଭୁଙ୍କୁ ଜଣାଉଛି ।

"କଲେଜ ପାଠ୍ୟକ୍ରମ ଉପରେ ଅନ୍ନଦା ଓ ଶରତ ବହୁ ଗୁରୁତ୍ୱ ଦେଉଥିଲେ ଏବଂ ଉଚ୍ଚ ଫଳ ଦର୍ଶାଇବା ଆଶାରେ ଅଧ୍ୟବସାୟ ସହିତ ଅଧ୍ୟୟନ କରୁଥିଲେ । ମୋର ମନେହୁଏ, ଆମ ପାଞ୍ଚ ଜଣଙ୍କ ମଧ୍ୟରେ ଛାତ୍ର ହିସାବରେ ମୁଁ ସବୁଠାରୁ ଥିଲି ହୁଗୁଳା । ବିଶ୍ୱବିଦ୍ୟାଳୟ ପରୀକ୍ଷାରେ କୃତିତ୍ୱ ଦେଖାଇବା ମୋର ସେଭଳି ଗୋଟାଏ ଦୁଃସ୍ୱପ୍ନ ଥିଲା । ପାଠ ପଢୁଥିଲି କୌଣସି ଗୋଟାଏ ଭରଣ ପୋଷଣର ବ୍ୟବସ୍ଥା ଲାଗି । କଲେଜରେ ପଢିବା ସମୟରେ ମୁଁ ଅଧିକାଂଶ ଦିନ ପାଠ୍ୟ ପୁସ୍ତକ ଛାଡ଼ି ଦୂର ନିର୍ଜନ ସ୍ଥାନକୁ ଚାଲିଯାଏ । ବହୁ ସମୟ ସେଠାରେ ଅପେକ୍ଷା କରି ପଶୁ ଡାକ୍ତରଖାନାକୁ ଫେରେ । ରେଭେନ୍ସା କଲେଜକୁ ଆସିଲା ପରେ ଆମର ସବୁଜ ଗୋଷ୍ଠୀର ଅଭ୍ୟୁଦୟ ହେଲା । ସତ୍ୟବାଦୀରେ ହରିହର ମୋର ବନ୍ଧୁ ଥିଲେ । ଅନ୍ନଦା ଢେଙ୍କାନାଳରେ ବନ୍ଧୁ ହେଲେ । ତିନି ବନ୍ଧୁ ଯାକ ଏକାବେଳକେ ରେଭେନ୍ସା କଲେଜରେ ନାମ ଲେଖାଇଲୁ । ଅନ୍ନଦା ଓ ମୁଁ ଦିନେ କଲେଜରୁ ଫେରୁଥିବା ବେଳେ ରସ ବିଷୟରେ ଯୁକ୍ତିତର୍କ କରି ରାଣୀହାଟ ପୋଲ ପର୍ଯ୍ୟନ୍ତ ଆସିଲୁ । ସେଠାରୁ ବନ୍ଧୁ ଶରତଙ୍କ ସହିତ ସାକ୍ଷାତ ଓ ଆଳାପ ହେଲା । ସେ ଆମ ଆଲୋଚନାରେ ରସ ବିଷୟରେ ନାନା ଯୁକ୍ତିତର୍କ ବାଢ଼ିଥିଲେ ।

"ଶରତ ବାବୁ ଆଗରୁ ସଂସ୍କୃତ କାବ୍ୟରେ ଗୋଟାଏ ଦୁଇଟାରେ ଷାଣ୍‌ଜର ଥାଆନ୍ତି । ଆମେ ଦୁହେଁ କଲୁ ଅଙ୍କ । ସ୍କୁଲ ଜୀବନରେ ମୁଁ ୨।୩ ଘଣ୍ଟା ପ୍ରତିଦିନ ସଂସ୍କୃତ ପଢେ । ମାତ୍ର ସଂସ୍କୃତ ଭାଷାର ଶୈଳୀ, ବ୍ୟାକରଣ, ଛନ୍ଦ ବିନ୍ୟାସ ଏବଂ ଅନ୍ୱୟ କୌଣସିଟି ମୋତେ ପ୍ରଭାବିତ କରିପାରେ ନାହିଁ । ପ୍ରତ୍ୟେକ ଶ୍ଲୋକ ଉପରେ ଏକ ଦୁଇ କରି ଅନ୍ୱୟ ଲେଖି ରଖିଥିଲେ ସୁଦ୍ଧା ସେଗୁଡ଼ିକୁ ଆୟତ୍ତ କରି ପାରେ ନାହିଁ । ଅତ୍ୟନ୍ତ ଘର୍ମାକ୍ତ ଓ କ୍ଳାନ୍ତ ହୋଇ ମୁଁ ସେ ଭାଷାକୁ ଛାଡ଼ି ଅଙ୍କ ଶାସ୍ତ୍ରକୁ ଆସେ ଓ ଚିତ୍ତ-ବିନୋଦନ ଲାଗି ଜ୍ୟାମିତିର ଡିଡକ୍‌ସନଗୁଡ଼ିକ କରେ । ଅନ୍ନଦା ନିଜ ଅଧ୍ୟବସାୟ ବଳରେ କୌଣସିମତେ ଶ୍ଲୋକଗୁଡ଼ିକ ଆୟତ୍ତ କରିପାରି-ଥିଲେ । ମୂର୍ଖ ବିଦ୍ୟା ଛେଳିକୁ ପାଣିକୁ ଓଟାରିଲା ଭଳି ମୋ ପକ୍ଷରେ ଅସହ୍ୟ ହୋଇଥିଲା । ତେଣୁ ଶରତଙ୍କ ସଂସ୍କୃତ ଚର୍ଚ୍ଚା ଶୁଣି ଆମେ ତାଙ୍କୁ ଜଣେ ମେଧାବୀ ଛାତ୍ର ଭାବେ ଗ୍ରହଣ କରିଗଲୁ । ଅନ୍ନଦା କିଛିଦିନ ପୁରୀରେ ପଢ଼ି ଥିଲେ ଓ ସେଠି ବନ୍ଧୁ କାଳନ୍ଦୀଚରଣଙ୍କ ସହିତ ଘନିଷ୍ଠ ହୋଇ ଯାଇଥିଲେ । ଅନ୍ନଦାଙ୍କ ପିଲାଦିନୁ ବନ୍ଧୁ ବାଛିବାର ଗୋଟିଏ ପ୍ରବଳ ପ୍ରବୃତ୍ତି ଓ ଶକ୍ତି ଥିଲା । ତାହାରି ବଳରେ ବୋଧହୁଏ ଆମେ ପାଞ୍ଚ ଜଣ ଏକାଠି ହୋଇ 'ସବୁଜ ସମିତି' ଗଠନ କରି ପାରିଥିଲୁ ।

"କଲେଜ ପାଠ୍ୟଦଶାରେ ମୁଁ ଘରୁ ମାସ ୨୦ ଟଙ୍କା ସାହାଯ୍ୟ ପାଉଥିଲି । ହଷ୍ଟେଲରେ ୨୫।୩୦ ଟଙ୍କା ଖର୍ଚ୍ଚ ପଡ଼ୁଥିଲା । ତେଣୁ ମୁଁ ହଷ୍ଟେଲରେ ରହିବାର ସୁବିଧା ନ ପାଇ ମୋର ଜଣେ ଦୂର ସମ୍ପର୍କୀୟ ପିଉସାଙ୍କ ଘରେ ରହିପଢ଼ିଥିଲି । ସେ ପିଉସା ଥିଲେ ପଶୁ ଡାକ୍ତର । ପଶୁ ଡାକ୍ତରଖାନାର ଏକ କ୍ଷୁଦ୍ର କୁଟୀରରେ ମୁଁ ବସବାସ କରୁଥାଏ । ସେହିଠାରେ ଆମ ପଞ୍ଚସଖାଙ୍କର ମିଳନ ହୁଏ । କେବେ କେବେ ମୁଁ ହଷ୍ଟେଲ ଆଡ଼େ ଗଲେ କଲେଜର ବିସ୍ତୀର୍ଣ୍ଣ ଘାସ ପଡ଼ିଆରେ ବସି ଆଲୋଚନା ହୁଏ ।

ଥରେ ଏହି ପଶୁ ଡାକ୍ତରଖାନାର ସେହି କୋଠରୀ ଭିତରେ ବସି ଅନ୍ନଦା ଓ ମୁଁ ସ୍ଥିର କଲୁ ଯେ, ବିଲାତର କବି ଉଇଲିୟମ କାଉପରଙ୍କ ଭଳି ଆମେ ବି ଗୋଟାଏ 'Nonsense Club' ଗଢ଼ିବା ଓ ଗୋଟାଏ

ହାତଲେଖା ପତ୍ରିକା ଚଳାଇବା । ପତ୍ରିକାର ନାମକରଣ ନେଇ କେତେ ଉକମତ କଲେ । ହରିହର ସବୁ ଖଣ୍ଡଙ୍କ ନାମରେ ପତ୍ରିକାର ନାମ 'ଅବକାଶ' ନାମ ଦେଲେ । ମାତ୍ର ଏହା ଚଳ୍ତି ବ୍ୟଞ୍ଜନ ମୂଳକ ହୋଇ ନ ଥିବାରୁ ପତ୍ରିକାର ନାମ 'ଶକ୍ତିସାଧନ' ରଖାଗଲା । ଲେଖାଗୁଡିକ ମୋ ପାଖକୁ ଆସୁଥିଲା ଓ ମୁଁ ସେ ସବୁକୁ ହାତରେ ଲେଖୁଥିଲି । କଣ୍ଠଦାନ ଯାଏ ଖଣ୍ଡିଏ କପି ମୋ ପାଖରେ ଥିଲା । ମାତ୍ର ସ୍ୱକାଶର ତାଡନାରେ ଓ ଘନ ଘନ ସ୍ଥାନ ପରିବର୍ତ୍ତନରେ ମୋର ଅନ୍ୟାନ୍ୟ ପାଣ୍ଡୁଲିପି ସହିତ ସେଇଟି କେଉଁଆଡେ଼ ଅନ୍ତର୍ଦ୍ଧାନ ହେଲା ।

ଆଇ. ଏ. ରେ ଅନ୍ନଦା ଓ ଶରତ ଭଲ ଫଳ ଦେଖାଇ ବୃତ୍ତି ଲାଭ କଲେ ଓ ଅନ୍ତୁର ଭଲଫଳ ଆଶା କରି ମୁଁ ହଣା ଜାନକୀଙ୍କ ନାମ ଲେଖାଇଲେ । ଏହି ଘଟଣାରେ ଦ୍ଭଛେଦରେ ମୁଁ ଅତ୍ୟନ୍ତ ଅଭିଭୂତ ହୋଇ ପଡ଼ିଥିଲି । ଅନ୍ୟ ସ୍ୱରଜନ ଏହି ଘଟଣାକୁ ଏବେ ସହଜ ଭାବରେ ଅନୁଭବ କରି ନାହାନ୍ତି ।

ଅନ୍ନଦ ଶଙ୍କରଙ୍କର ପ୍ରଚାର ଓ ପ୍ରସାର ଦିଗରେ ତୀକ୍ଷ୍ଣ ଦୃଷ୍ଟି ଥିଲା । ତେଣୁ ସେ ତତ୍‌କାଳୀନ ସୁନାମଧନ୍ୟ ସମ୍ପାଦକ ମୃତ୍ୟୁଞ୍ଜୟ ବିଶ୍ୱନାଥ କରଙ୍କ ନିକଟକୁ ଚିଠିପତ୍ର ଲେଖିଥିଲେ । ସେ ମଧ୍ୟ ସବୁଜ ଗୋଷ୍ଠୀର ଲେଖକଙ୍କୁ ଆଗ୍ରହରେ ସ୍ଥାନ ଦେଲେ । ମୋର ମନେଅଛି, ନିଜ ଭିତରେ ସ୍ଥାନ ମୁଁ ଆରମ୍ଭ କରି ଆଠ ଦଶ ପୃଷ୍ଠା ଯାଏ ମୋର ମୂଲ୍ୟହୀନ ଲେଖାକୁ ସେ ସ୍ଥାନ ଦେଇଛନ୍ତି ଓ କେତେଗୁଡ଼ିଏ ଲେଖା ଉପରେ କୌତୂହଳ ଆନନ୍ଦ ଓ ବିହ୍ୱଳତା ପ୍ରକାଶ କରିଛନ୍ତି । ଉତ୍କଳ ସାହିତ୍ୟର ପ୍ରଥମ କେତେ ପୃଷ୍ଠା ଅନ୍ନଦା, କାଳନ୍ଦୀ ଓ ମୁଁ ତିନିଜଣଙ୍କ ମଧ୍ୟରୁ କେହି ନା କେହି ଦଖଲ କରି ବସିଥାଉ । ଏଥିରେ ବିଶ୍ୱନାଥ ବାବୁ ମୋର ଅସଂଖ୍ୟ ପଦ୍ୟ, ଗୀତି-ନାଟ୍ୟ ଓ ଅଳ୍ପ କେତେକ ଗଦ୍ୟ ଅକୁଣ୍ଠିତ ଭାବରେ ପ୍ରକାଶ କରିଛନ୍ତି । ମୁଁ ଲେଖାଗୁଡ଼ିକ ଦେଖି ତୃପ୍ତି ଲଭେ ସତ, ମାତ୍ର ତାର ଉପଯୋଗିତା ବା ମୂଲ୍ୟବୋଧରେ ସନ୍ଦେହ ଥାଏ । ବିଶ୍ୱନାଥ ବାବୁ ଅନ୍ନଦା ବାବୁଙ୍କର ଅଳ୍ପ ସଂଖ୍ୟକ ଗଦ୍ୟ ଓ ପଦ୍ୟ ପ୍ରକାଶ କରିଛନ୍ତି ।

ତା'ପରେ ଅନ୍ନଦା I. C. S. ପାଶ୍‌କରି ବଙ୍ଗଦେଶରେ ଚାକରି କଲେ ଓ ବଙ୍ଗଳାରେ ଲେଖିଲେ । 'ଉତ୍କଳ ସାହିତ୍ୟ'ରେ ଶେଷକୁ କେବଳ କାଳନ୍ଦୀ ଓ ମୁଁ ନିୟମିତ ଭାବରେ ଲେଖୁଥିଲୁ । 'ସହକାର' ପତ୍ରିକାରେ ମଧ୍ୟ ମୋ'ର ବହୁତଗୁଡ଼ିଏ ଲେଖା ପ୍ରକାଶିତ ହୋଇଥିଲା । ଅନ୍ୟ କେଉଁଆଡେ ଲେଖା ପଠା ଇଲେ ବିଶ୍ୱନାଥ ବାବୁ ଷୁଣ୍ଣ ହେଉଥିଲେ । ମୁଁ ଥରେ ଅପ୍ରସ୍ତୁତ ତାଙ୍କୁ କହିଲି ଏ ଅଳିଆ ଗଦାଗୁଡ଼ାକ ନେଇ କେଉଁଠି ରଖିବ ?

"ବିଶ୍ୱନାଥ ବାବୁଙ୍କ ମୃତ୍ୟୁ ପରେ ମୁଁ କିଛିଦିନ ବଡ଼ ଭାଙ୍ଗି ପଡ଼ିଥିଲି । କାରଣ ଆମ ଦଳ ଭିତରେ ବୟସ ବା ପ୍ରକୃତିରେ ହେଉ, ସେ ମୋତେ ପୁତ୍ରବତ୍ ସ୍ନେହ କରୁଥିଲେ । ମୁଁ ବରାବର ବ୍ରାହ୍ମମନ୍ଦିରକୁ ଯାଇ ତାଙ୍କର ଉପାସନାରେ ଯୋଗ ଦେଉଥିଲି । ତାଙ୍କର ଗୋଟିଏ କଥା ମୋର ଆଜି ଯାଏଁ ମନେ ଅଛି, ଜୀବନରେ ବହୁତ କାମ ଦେଇଛି । କଲେଜରେ ପଢ଼ିବା ଅବସ୍ଥାରେ ଠିକ୍ ନାସ୍ତିକ ନ ହେଲେ ମଧ୍ୟ କେତେକ କାରଣରୁ ମୋର ଈଶ୍ୱର ବିଶ୍ୱାସ ବହୁ ଅଂଶରେ ହ୍ରାସ ପାଇଥିବା । ସେ ସମୟରେ ବିଶ୍ୱନାଥ ବାବୁ ମୋତେ ଆଶ୍ୱସ୍ତ ହୋଇ କହୁଥିଲେ, କିଛି ଚିନ୍ତା ନାହିଁ, ମନଟାକୁ ସଦାବେଳେ ଖୋଲାରଖ—Keep your mind open ' ମୁଁ ଚିରପ୍ରବାସୀ ହୋଇ ପିତୃ ଉପଦେଶରୁ ବଞ୍ଚିତ ହୋଇଥିଲେ ମଧ୍ୟ ବିଶ୍ୱନାଥ ବାବୁଙ୍କୁ ପିତାର ଆସନ ଦେଇଥିଲି । ତାଙ୍କର ମୃତ୍ୟୁରେ ମୋର ଦୀର୍ଘ ଚତୁର୍ଦ୍ଦଶପଦୀ ପଦ୍ୟ "ସ୍ମୃତିତର୍ପଣ" ରଚନା କରିଥିଲି । ତାହା କାବ୍ୟ ସଞ୍ଚୟନର ପ୍ରଥମ ସଂସ୍କରଣରେ ସ୍ଥାନ ପାଇଅଛି ।

୧୯୨୨-୨୩ ସାଲରୁ ଆରମ୍ଭ କରି ଅନ୍ୟୂନ ଗୋଟାଏ ଯୁଗ ପର୍ଯ୍ୟନ୍ତ 'ସବୁଜ ଗୋଷ୍ଠୀ' ଉତ୍କଳ-ସାହିତ୍ୟକୁ ଏକଚାଟିଆ ଅଧିକାରରେ ରଖିଥିଲେ । ମଝିରେ ମଝିରେ ଅନ୍ନଦାଙ୍କର ପ୍ରବାସ ଭ୍ରମଣ ବୃତ୍ତାନ୍ତ ଓ ଅନ୍ୟାନ୍ୟ ଗଦ୍ୟ ଲେଖା ସେଥିରେ ପ୍ରକାଶ ପାଉଥିଲା । କାଳନ୍ଦୀ ଓ ମୁଁ ପଦ୍ୟ ଲେଖୁଥିଲୁ । କାଳନ୍ଦୀଙ୍କର କେତେକ ଗଦ୍ୟ ରଚନା ଉତ୍କଳ-ସାହିତ୍ୟରେ ପ୍ରକାଶ ପାଉଛି । ହରିହର ଓ ଶରତଙ୍କର ଅଳ୍ପ କେତୋଟି

ପଦ୍ୟ ଓ ଗଦ୍ୟ ଛଡ଼ା "ବାସନ୍ତୀ" ଉପନ୍ୟାସର କେତେକ ପରିଚ୍ଛେଦ ସେଥିରେ ପ୍ରକାଶିତ ହୋଇଅଛି । ବାସନ୍ତୀ ଉପନ୍ୟାସ ବଙ୍ଗଳାର "ବାରୱାରୀ" ଉପନ୍ୟାସର ପ୍ରତିଚ୍ଛବି । ଅନ୍ନଦାବାବୁଙ୍କର ଯୁକ୍ତି ଯେ, ବଙ୍ଗଳା ଭଳି ଓଡ଼ିଆରେ ମଧ୍ୟ ୧୨ ବା ଅଧିକ ଲୋକ ମିଶି ଆମେ ଗୋଟାଏ ଉପନ୍ୟାସ ଲେଖିବୁ । ଉପନ୍ୟାସର କଥାବସ୍ତୁ ଓ ପରିକଳ୍ପନା ଶୁଣି ବିଶ୍ୱନାଥ ବାବୁ ଅତ୍ୟନ୍ତ ପ୍ରୀତ ହେଲେ ଏବଂ ଉତ୍କଳ ସାହିତ୍ୟରେ ଧାରାବାହିକ ଭାବରେ ଏ ଉପନ୍ୟାସକୁ ପ୍ରକାଶ କରିଥିଲେ । ସେ ସମୟରେ ବହୁ ଔପନ୍ୟାସିକ, ଗାଳ୍ପିକ ଏଥିରେ ଗୋଟିଏ ଗୋଟିଏ ପରିଚ୍ଛେଦ ଲେଖିଛନ୍ତି । ସେଥିରେ ମୋର କିଛି ଅବଦାନ ନଥିଲା । କାରଣ ପଦ୍ୟ ଲେଖା ମୋ ପକ୍ଷେ ଯେତେ ସହଜସାଧ୍ୟ ଥିଲା, ଗଦ୍ୟ ନଥିଲା । ସଂସ୍କୃତ ବ୍ୟାକରଣ ମୋତେ ଏଭଳି ଭୀତତ୍ରସ୍ତ କରି ଦେଇଥିଲା ଯେ ମୁଁ ଗଦ୍ୟ ଲେଖିବାକୁ ସାହସ କରି ନଥିଲି । ପରେ ଅବଶ୍ୟ କେତୋଟି ପ୍ରବନ୍ଧ ଲେଖିଛି ।

ରାଧାନାଥ ଓ ଭଞ୍ଜ ସମାଲୋଚନା ସଂଳାପ ଆକାରରେ ଲେଖିଥିଲି । ସବୁଜ ସାହିତ୍ୟ ସମ୍ପର୍କରେ 'ଯୁଗବାଣୀ' ଓ 'ରଚଙ୍ଗ'ରେ କେତେକ ସମାଲୋଚନା ପ୍ରବନ୍ଧ ଲେଖିଥିଲି । ଯଦି ବା ମୁଁ ସଂସ୍କୃତ ସାହିତ୍ୟରେ ଅନଭିଜ୍ଞ, ମୋର ଭାଷା କିନ୍ତୁ ବଡ଼ କ୍ଲିଷ୍ଟ ଓ ସଂସ୍କୃତ ଶବ୍ଦରେ ପରିପୂର୍ଣ୍ଣ ଥିଲା । ଏହାକୁ ଲକ୍ଷ୍ୟ କରି ମୋର ସତ୍ୟବାଦୀ ସ୍କୁଲର ବନ୍ଧୁ ଗୋଦାବରୀଶ ମହାପାତ୍ର ଥରେ ପରିହାସ ଛଳରେ ଗୋଟିଏ ଟିପ୍ପଣୀ କରିଥିଲେ । ଏହା ମୋର ଆଜି ପର୍ଯ୍ୟନ୍ତ ମନେଅଛି -- 'କାଳନ୍ଦୀ, ମାନସିଂ ସଂସ୍କୃତ ଜାଣନ୍ତି, କିନ୍ତୁ ଓଡ଼ିଆ ଲେଖନ୍ତି । ପଣ୍ଡିତ ଗୋଦାବରୀଶ ସଂସ୍କୃତ ଜାଣନ୍ତି ନାହିଁ, ସଂସ୍କୃତ ମଧ୍ୟ ଲେଖନ୍ତି ନାହିଁ ! କିନ୍ତୁ ବୈକୁଣ୍ଠ ସଂସ୍କୃତ ଜାଣନ୍ତି ନାହିଁ, ସଂସ୍କୃତ ଲେଖନ୍ତି ।' ମୋ ପକ୍ଷରେ ଏହା ଏକ ପରମ ତଥ୍ୟ ବୋଲି କହିବାକୁ ହେବ । ଆଜି ବୁଢ଼ା ମୁଁ ଗଦ୍ୟ ଲେଖିଲା ବେଳକୁ ପଶ୍ଚାତ୍ପଦ ହୋଇଥାଏ ଓ ଅଳ୍ପ ଲେଖେ ।

ସେ ସମୟର କଣ୍ଟକ ଶଯ୍ୟା ଆଜି କଳ୍ପନା କରି ହେବ ନାହିଁ । କାଠଯୋଡ଼ି ରେଳବନ୍ଧ ପର୍ଯ୍ୟନ୍ତ ଯିବାକୁ ହେଲେ ବହୁତ କଣ୍ଟା ମାଡ଼ିବାକୁ ହେଉଥିଲା, ବହୁ ସର୍ପର ସମ୍ମୁଖୀନ ହେବାକୁ ହେଉଥିଲା । ମୋର କିନ୍ତୁ

ସେଗୁଡ଼ିକ ଅତି ପ୍ରିୟସ୍ଥଳ ଥିଲା । ମନେ ପଡ଼େ, ଥରେ କାଠଯୋଡ଼ି ରେଳ-ବନ୍ଧ ଚକାପଥର ଉପରେ ବସୁ ବସୁ ଶୋଇ ପଡ଼ିଲି । ରାତି ନ'ଟା ବେଳକୁ କଲିକତା ଏକ୍ସପ୍ରେସ୍ ଗାଡ଼ିର ଧଡ଼ଧଡ଼ରେ ମୋ ନିଦ ଭାଙ୍ଗି ଯାଇଥିଲା ଓ ଗାଡ଼ି ଚାଲିଯିବା ପରେ ମୁଁ ଧୀରେ ଘରକୁ ଫେରି ଯାଇଥିଲି । କାଳିଆବୋଦା ଓ ଯୋବ୍ରା ଆନିକଟର ଶେଷ ପଥର ଖମ୍ବ ମୋର ଅନ୍ୟ ଦୁଇଟି ପ୍ରିୟସ୍ଥଳୀ ଥିଲା । କେତେବେଳେ ମେଡ଼ିକାଲ୍ ସ୍କୁଲର ଜଙ୍ଗଲ ଓ ନଟାଶା ଅତିକ୍ରମ କରି କାଠଗୋଲା ପାଖରେ ବସି ଯାଉଥିଲି ।

କଲେଜରେ ପଢୁଥିବାବେଳେ ଅଧ୍ୟାପକ ଆର୍ତ୍ତବଲ୍ଲଭ 'ପ୍ରାଚୀ ସମିତି'ର ଭିତ୍ତି ସ୍ଥାପନ କରିଥିଲେ । ଛାତ୍ରମାନଙ୍କୁ ଧରି ଇଂରେଜୀ ସାହିତ୍ୟରୁ ଗ୍ରନ୍ଥମାନ ଅନୁବାଦ କରାଉଥିଲେ । ତାଳପତ୍ର ପୋଥିରୁ ପ୍ରାଚୀ ସାହିତ୍ୟର ସଂସ୍କରଣମାନ ପ୍ରକାଶିତ ହେଉଥିଲା ।

କାଳିନ୍ଦୀ ସେଣ୍ଟ ସମୟରେ ଆର୍ତ୍ତବାବୁଙ୍କ ପ୍ରେରଣାରେ 'ମଥୁରା ମଙ୍ଗଳ' ସନ୍ଦର୍ଭ ଲେଖି ତାଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ । ହରିହର କେବେ କେବେ ସେଣ୍ଟ ଅନୁଷ୍ଠାନରେ ଯୋଗ ଦେଉଥିଲେ । ମୁଁ କିନ୍ତୁ କର୍ତ୍ତବ୍ୟର ଭାର ପରି ମୋର ପଢ଼ାଶୁଣା ଚଳାଇଥାଏ । କାହାକୁ ଧରୁଁଦଏ ନାହିଁ । 'ଉତ୍କଳ ସାହିତ୍ୟ'ରେ ମୋର ବହୁ ଲେଖା ପ୍ରକାଶିତ ହେବା ଫଳରେ ମୁଁ ପ୍ରାଚୀନ ସାହିତ୍ୟିକ ଗୋଷ୍ଠୀର ଚକ୍ଷୁଶୂଳ ହୋଇଥିଲି । ମୋର ସମାଲୋଚକମାନଙ୍କ ମଧ୍ୟରେ ବିଚ୍ଛନ୍ଦ ଚରଣ ପଟ୍ଟନାୟକ ପଦ୍ୟ ଲେଖାରେ ବେଶ୍ ଦକ୍ଷତା ଅର୍ଜ୍ଜନ କରିଥିଲେ । ପ୍ରସଙ୍ଗ କ୍ରମେ ଶୁଣିଲି, ସେ ଆମ ସବୁଜ ଗୋଷ୍ଠୀକୁ ଆକ୍ରମଣ କରି ଗୋଟାଏ 'କଳିକା' ଲେଖିଛନ୍ତି । ମୁଁ ବ୍ୟକ୍ତିଗତ ଭାବରେ କିଛି ନ କହି ସେମାନଙ୍କଠାରୁ ଅନ୍ତରରେ ଦୂରକୁ ଚାଲି ଯାଇଥିଲି ।

ମୋର ଘର ପ୍ରାଚୀନ ସାହିତ୍ୟର ପୀଠସ୍ଥଳୀ ଥିଲେ ମଧ୍ୟ ମୁଁ ଉକ୍ତ ସାହିତ୍ୟକୁ ଆଦୌ ବୁଝିପାରୁ ନ ଥିଲି । ବୁଝିଲେ ମଧ୍ୟ ଉପର ଖାବ୍ଡ଼ା ହେଲୁ ଉତ୍ପୀଡ଼ିତ ହେଉଥିଲି । ଏହି ଖାତର କାରଣ ହେଲା ସ୍କୁଲର ଭୟ । ଯାହାର ଉପାଦାନ ମୁଁ ସତ୍ୟବାଦୀ ବିଦ୍ୟାଳୟ ଓ ମୋର ଗୃହର କଠୋର ଆବେଷ୍ଟନୀରୁ ଆହରଣ କରିଥିଲି, ମାତ୍ର ରାଧାକୃଷ୍ଣ ବିଷୟକ ଲୀଳା ବା

ଛନ୍ଦ ଶୁଣିବାକୁ ସେ ଲୁଚିଛା କରଣ ଘର ଭରକି ଯାଉଥିଲି । ଜୀବନର ଶେଷଭାଗରେ ପହଞ୍ଚି ମଧ୍ୟ ମୋର ବୈଷ୍ଣବ ଛାନ୍ଦ, ଗୀତି କବିତା, ସଙ୍ଗୀତ, ସ୍ୱରଲହରୀ ତଥା କୀର୍ତ୍ତନ ପ୍ରତି ଲାଳସା ଅତି ପ୍ରବଳ । ଆଜି ବୃଦ୍ଧ ହୋଇ ମଧ୍ୟ ମନେହୁଏ—ସେ ରସ ଆସ୍ୱାଦନ ଲାଗି ମୁଁ ଯାଯାବର ଜୀବନ ଅବଲମ୍ବନ କରି ପାରିଲେ ଧନ୍ୟ ହୁଅନ୍ତି । ରବିବାବୁଙ୍କର 'ପରଶୁଡ଼ା ଏଇ ପାଗଲଟାକେ' କବିତା ଆଜିଯାଏ ମୋତେ ଆଲୋଡ଼ିତ କରେ ।

## ଟ୍ରେନିଂ କଲେଜ :

ବି.ଏ. ପାଶ୍ କରିବା ସଙ୍ଗେ ସଙ୍ଗେ ଘରର ଅବସ୍ଥା ଦୃଷ୍ଟିରୁ ମୋତେ ଚାକିରି ଲାଗି ପ୍ରସ୍ତୁତ ହେବାକୁ ହେଲା । ସେ ସମୟରେ ଟ୍ରେନିଂ କଲେଜରେ କେବଳ ବୟସ୍କ ଓ ଅଭିଜ୍ଞ ଶିକ୍ଷକମାନଙ୍କୁ ନିଆଯାଇ, ତାଲିମ ଦିଆଯାଉଥିଲା । ମୋର ସେତେବେଳକୁ ୨୨।୨୩ ବର୍ଷ ବୟସ ହେବ ।

ପ୍ରିନ୍‌ସିପାଲ ବୋଧେ ମୋର ବୟସ ଓ ରୂପରେଖ ଦେଖି ହସିଲେ । ମତେ ପଚାରିଲେ—'How do you hope to get a seat ?' ମୁଁ ଜବାବ ଦେଲି 'Sir, I am destined to be a teacher and I request you to accept me'.

ସାହେବ ପ୍ରୀତ ହୋଇ ମୋତେ ସଙ୍ଗେ ସଙ୍ଗେ ଗୋଟିଏ ସ୍ଥାନ ଦେଲେ ଓ ଟ ୩୫ ଛାତ୍ରାନୁଦାନ ଦେଇ ହଷ୍ଟେଲରେ ରହିବାକୁ ଆଦେଶ ଦେଲେ । ଟ ୨୦ରୁ ଟ ୩୫କୁ ଉନ୍ନୀତ ହୋଇ ମୁଁ ହନୁମାନଙ୍କର ଗନ୍ଧମାର୍ଦ୍ଦନ ଉଠାଇବାର ଆନନ୍ଦ ଅନୁଭବ କଲି । ଦରମା ବା ହଷ୍ଟେଲ ଭଡ଼ା କିଛି ଦେବାକୁ ପଡ଼ୁ ନଥିଲା । ସେଠାରେ ୧୦ମାସ ପଢ଼ିବାର ସୁଯୋଗ ପାଇ ମୁଁ ବହୁ ପରିମାଣରେ ଉପକୃତ ହୋଇଅଛି ।

ଦୁର୍ଭାଗ୍ୟ ପ୍ରିନସିପାଲ ସାହେବ ବଦଳି ହେବାପରେ ଜଣେ ବଙ୍ଗୀୟ ଅଧ୍ୟାପକ ତାଙ୍କ ସ୍ଥାନକୁ ଆସିଲେ । ତାଙ୍କର ବକ୍ତୃତା ଓ ଅଧ୍ୟାପନା ପ୍ରଣାଳୀ ଏପରି ମର୍ମସ୍ପର୍ଶୀ ଥିଲା ଯେ, ମୁଁ ବହୁପରି ଭାବେ

ପରିଶ୍ରମ କରିବାର ଆବଶ୍ୟକତା ଅନୁଭବ କରି ନ ଥିଲି, ସେ ମଧ୍ୟ ମୋର ବୟସ ଓ ରବୀନ୍ଦ୍ର-ପ୍ରୀତି ଦେଖି ମୋ ପ୍ରତି ଆକୃଷ୍ଟ ହୋଇଥିଲେ ।

ସେ ବର୍ଷ ପାଟଣାରେ ନୂଆକରି ୨ୟ ଭାଗ ଟ୍ରେନିଂ କ୍ଲାସ (ଯାହାକି ବର୍ତ୍ତମାନ ଏମ୍. ଇଡ୍. କ୍ଲାସ ହୋଇଛି) ଖୋଲିଲା । ଓଡ଼ିଶାରୁ ମୁଁ ଓ ଆଉ ଜଣେ ବୟସ୍କ ଶିକ୍ଷକ ନିର୍ବାଚିତ ହେଲୁ । ବିହାରର ସ୍କୁଲଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଆସିଲେ ଓ ଆଉ ତିନିଜଣ ପଠେଇଲେ । ତେଣୁ ୨ୟ ଭାଗ ଟ୍ରେନିଂକୁ ଓଡ଼ିଶାର ଭାଗ ପଡ଼ିଲା ୩, ବିହାରର ଭାଗ ପଡ଼ିଲା ୧, ଏପରି ୪ଟି ଛାତ୍ର ନେଇ ସେ କ୍ଲାସ ଚାଲିଲା । ପାଠ୍ୟ ବିଷୟ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିବାରୁ ଓ ଉପଯୁକ୍ତ ଶିକ୍ଷକ ନ ଥିବାରୁ ଆମ୍ଭମାନଙ୍କୁ କଠୋର ପରିଶ୍ରମ କରିବାକୁ ହୋଇଥିଲା । ପାଟଣା ଟ୍ରେନିଂ କଲେଜରେ କୋଠା ଅଧାଅଧି ତୋଳା ହୋଇଥାଏ, କାମ ଲାଗିଥାଏ । ମୁଁ ସେଠିକାର Prefect ଭାବରେ ଗୃହ ନିର୍ମାଣ ବିଷୟ ଯାଇ ପ୍ରିନ୍ସିପାଲଙ୍କୁ ରିପୋର୍ଟ କରେ । ଏହି ସମୟର ସ୍ମୃତି ଗୋଟିଏ କ୍ଷୁଦ୍ର ଗୀତିନାଟିକାରେ ଲିପିବଦ୍ଧ କରି ଅଛି । ଗୀତିନାଟ୍ୟର ନାୟିକା ଗୋଟିଏ ଇଟାଚୂନ ବୋହୁଥିବା ବାଳିକା । ନାୟକ ନାଳନ୍ଦା ବିଶ୍ୱବିଦ୍ୟାଳୟର ଜଣେ ଦର୍ଶନ ଛାତ୍ର । ଦୁଇଜଣଯାକ ଜୀବନର ଶ୍ରେଷ୍ଠ ବସ୍ତୁ ଅନୁସନ୍ଧାନ କରିବାର ପ୍ରୟାସ କରିଛନ୍ତି । ବାଳିକାଟି ତାର ମନର କଞ୍ଜର୍ ଦୁର୍ବଳତା ଭୁଲିଯାଇ ନୂତନ ଦର୍ଶନରେ ଆତ୍ମସତ୍ତା ଲୋପ କରିଅଛି ।

## ଏମ୍. ଏ. ପରୀକ୍ଷା :

ସ୍କୁଲ ଭିତରେ ମୁଁ ବରାବର ଅଧ୍ୟୟନର ଅଭ୍ୟାସ ରଖିଥିଲି । ଇତିହାସରେ ପ୍ରଥମେ ଏମ୍. ଏ. ପରୀକ୍ଷା ଦେବାକୁ ଚେଷ୍ଟା କରିଥିଲି । ୭ ବର୍ଷକାଳ ସ୍କୁଲ ଜୀବନରେ ଇତିହାସ ଅଧ୍ୟୟନ କଲି । ଏମ୍. ଏ.ରେ ସାର ଜନ୍ ମାର୍ଶାଲଙ୍କ ହରପ୍ପା ଓ ମହେଞ୍ଜୋଦାରୋ ଉପରେ ୪ ଖଣ୍ଡ ବିଶାଳ ଗ୍ରନ୍ଥ ଓଡ଼ିଶାରେ ଆଉ କେଉଁଠି ନ ପାଇ ବାରିପଦା ଯାଇ ସେଠି ଅଧ୍ୟୟନ କଲି । ମାତ୍ର ଏମ୍. ଏ. ଶ୍ରେଣୀର କେତେ ଖଣ୍ଡ ଦୁର୍ଲଭ ପୁସ୍ତକ ହସ୍ତଗତ ନ ହେବାରୁ ଇତିହାସ ପାଠ ମୋର କେତେକାଳ ଧିମେଇ ଯାଇଥିଲା । ସେତେବେଳେ ପଣ୍ଡିତ ବିନାୟକ ମିଶ୍ର କଲିକତାରେ

ଅଧ୍ୟାପକ ଥାନ୍ତି । ଚିନ୍ତାମଣି ଆଚାର୍ଯ୍ୟ, ଲକ୍ଷ୍ମୀନାରାୟଣ ସାହୁ ପ୍ରଭୃତି ଭାରତୀୟ ଭାଷାରେ ଏମ୍. ଏ. ଡିଗ୍ରୀ ହାସଲ କରି ଆସି ଥାଆନ୍ତି । ମୁଁ ମଧ୍ୟ ଇତିହାସ ପାଠ ସଙ୍ଗେ ସଙ୍ଗେ ଓଡ଼ିଆ, ପାଲି ଓ ବଙ୍ଗଳା ଇତ୍ୟାଦି ଅଧ୍ୟୟନ କରିବାରେ ଲାଗି ପଡ଼ିଲି । ଚାକିରୀର କେତେ ବର୍ଷ ପରେ ମୁଁ ଭାରତୀୟ ଭାଷାରେ (ଓଡ଼ିଆରେ) ଏମ୍. ଏ. ପରୀକ୍ଷା ଦେଲି (୧୯୩୦-୩୧) । ଗଦ୍ୟ ସାହିତ୍ୟ ଓ ପୁରାତନ ସାହିତ୍ୟରେ ମୋର ବିଶେଷ ଦଖଲ ନ ଥିବାରୁ ଉତ୍ତରଗୁଡ଼ିକ ସବୁ ଇଂରେଜୀରେ ଲେଖିଲି । ଫଳରେ ଦ୍ୱିତୀୟ ଶ୍ରେଣୀ ପାଇଲି । ପ୍ରଥମ ଶ୍ରେଣୀରୁ ଅଳ୍ପ କିଛି ନମ୍ବର କମିଗଲା । ପୁନର୍ବାର ଆସି ଇତିହାସ ଅଧ୍ୟୟନ କଲି । ପରୀକ୍ଷା ଫିସ୍ ଦାଖଲ କରି ବିଭାଗୀୟ ଛୁଟି ପାଇଁ ଆବେଦନ କଲାବେଳେ ଉପରିସ୍ଥ କର୍ତ୍ତା ପଚାରିଥିଲେ— 'ତିନି ତିନିଟା ଡିଗ୍ରୀ ନେଇ କ'ଣ କରିବ ?' ଛୁଟିରୁ ଫେରିବା ସଙ୍ଗେ ସଙ୍ଗେ ମୋର ସ୍ଥାନାନ୍ତର ହେଲା ଏବଂ ଏତେଗୁଡିଏ ବିପର୍ଯ୍ୟୟ ଘଟିଲା ଯେ, ଇତିହାସ ପରୀକ୍ଷା ଦେବାର ଆଉ ସୁଯୋଗ ମିଳିଲା ନାହିଁ ।

## ଚାକିରୀ ଜୀବନ :

ଦ୍ୱିତୀୟ ଭାଗ ଟ୍ରେନିଂ ପାସ୍ କଲାପରେ ମୁଁ ଓଡ଼ିଶାକୁ ଫେରି ଆସିଲି । ମାତ୍ର ଚାକିରୀ ନାହିଁ । ତେଣୁ ମୋତେ ବାଧ୍ୟ ହୋଇ ପୁନର୍ବାର ବିହାରକୁ ଫେରିଯିବାକୁ ହୋଇଥିଲା । ମୁଁ ପ୍ରଥମେ ପୁରୁଲିଆ ସରକାରୀ ସ୍କୁଲରେ ଶିକ୍ଷକତା ଆରମ୍ଭ କଲି । ପରେ କେତେ ମାସ ଲାଗି ପାଟଣା କଲେଜିଏଟ୍ ସ୍କୁଲକୁ ବଦଳି ହୋଇଥିଲି । ପ୍ରିନ୍ସିପାଲ୍ ସାହେବ ମୋତେ ଚାକିରୀ ଦେଲେ ସିନା, ବିହାର ଶିକ୍ଷା ବିଭାଗର କର୍ମଚାରୀମାନେ ସେତେ-ଦୂର ସନ୍ତୁଷ୍ଟ ଥିଲା ପରି ମୋତେ ବୋଧ ହେଲାନାହିଁ । ପୁରୁଲିଆରେ ବଙ୍ଗୀୟ ସମାଜର ମୁଁ ପ୍ରିୟପାତ୍ର ହୋଇ ପାରିଥିଲି । ସେ କାଳର ବିହାରୀ ସଂକୀର୍ଣ୍ଣତା ମୋର ସହ୍ୟ ନ ହେବାରୁ ଓଡ଼ିଶାକୁ ପଳାଇ ଆସିବାକୁ ଚେଷ୍ଟା କଲି । ମୋର ଭାଗ୍ୟ ଭଲ ବୋଲି କହିବାକୁ ହେବ । ରେଭେନ୍ସା କଲେଜରେ ମୋର ପୂର୍ବ ଅଧ୍ୟାପକ ହ୍ୱାଇଟ୍‌ଲିକ୍ ସାହେବ ପାଟଣାରେ ଡେପୁଟୀ ଡିରେକ୍ଟର ଥାଆନ୍ତି । ସେ ମତେ ଦେଖି ଖୁବ୍ ଖୁସି ହୋଇଗଲେ ଏବଂ ମୋର ବଦଳି ହେବା କଥାଟାକୁ ପସନ୍ଦ କଲେ । ମତେ କହିଲେ, 'Look here boy there is a vacancy in the collegiate school, but they require a Mathematics man. They don't require an English and History teacher.

"ମୁଁ ତାଙ୍କୁ ହଠାତ୍ ସାହସ ସହିତ ଗୋଟାଏ ମନର ବଡ଼କଥା କହିଦେଲି। ସେହା ନିର୍ବାଚନରେ ଖୁବ୍ କାମ ଦେଲା। ମୁଁ କହିଲି 'Sir ! 'I know, they have half a dozen of Mathematics teachers. I donot know what they will do with the seventh man.' ସାହେବ ଖୁବ୍ ହସିଲେ ଏବଂ କହିଲେ—'Are you sure; they have half a dozen. ?' ମୁଁ ଉତ୍ତର ଦେଲି —'I can assure you sir, they have ସେତେବେଳେ ସେ ମୋ ଯୁକ୍ତ କାର୍ଡ଼ ଉପରେ କ'ଣସବୁ ଲେଖି ଥାନ୍ତି। ଏ ଘଟଣାର ଠିକ୍ ସାତ ଦିନ ପରେ ମୁଁ କଟକ କଲେଜର ଅର୍ଡ଼ର ପାଇଲି। ଏହି ଗଳ୍ପଟି କହିବାର ଉଦ୍ଦେଶ୍ୟ ଏହି ଯେ, ସ୍ୱାଧୀନ ଭାରତରେ ବୋଧେ ଚାକିରିଆ ଗୋଷ୍ଠୀର ଏ ଦୁଃସାହସ ଓ ଚେଷ୍ଟାର ମୂଲ୍ୟ ଆଉ ସେତେଦୂର ନାହିଁ।

"ମୁଁ ପ୍ରାୟ ୩୨ ବର୍ଷ ସରକାରୀ ଚାକିରିରେ ରହିଲି। ହାଇସ୍କୁଲ, ଟ୍ରେନିଂ ସ୍କୁଲରେ ଶିକ୍ଷକ ଓ ପରିଶେଷରେ ରେଭେନ୍ସା କଲେଜ୍ ଓ ବାଲେଶ୍ୱର କଲେଜରେ ଅଧ୍ୟାପକ ଭାବରେ କାର୍ଯ୍ୟ କଲି। ୨ୟ ମହାଯୁଦ୍ଧ କାଳରେ ଟେକ୍ନିକାଲ ଶିକ୍ଷକଭାବେ ସ୍ୱତନ୍ତ୍ର କାର୍ଯ୍ୟ ୩ ବର୍ଷ କାଳ କରିଛି। ଏହି ୩୨ ବର୍ଷ ମଧ୍ୟରେ ମୋର ପିତାଙ୍କର ମହାବାକ୍ୟଟି ବରାବର ମୋ ମନକୁ ଆଘାତ କରୁଥାଏ—

Better a plough man on one's feet.
*Than a service man at one's knees.*

ଏହି ଆଣ୍ଠୁ ମାଡ଼ି ବସିବାର ଅଭ୍ୟାସ ନ ଥିବାରୁ ଚାକିରି ଜୀବନରେ ମୋତେ ବହୁ କଷ୍ଟ ଭୋଗିବାକୁ ପଡ଼ିଛି। ଆତ୍ମସମ୍ମାନ ଲାଗି ଯାହା କରିବାର କଥା, ବିଶେଷତଃ ସାହିତ୍ୟ ଆଲୋଚନା ଓ ସାହିତ୍ୟ ଲେଖା ମୋର ବହୁ ପରିମାଣରେ ବ୍ୟାହତ ହୋଇଅଛି। ଉପସ୍ଥିତ ହାକିମମାନଙ୍କ ସୁଦୃଷ୍ଟିରେ ନ ଥିବାରୁ ବହୁ ସ୍ଥାନକୁ ବଦଳି ହେବାର ଦୁର୍ଭାଗ୍ୟ ମୋର ହୋଇଅଛି। ସେ ବିଷୟରେ ପୁଙ୍ଖାନୁପୁଙ୍ଖ ବିବରଣୀ ଦେବାରେ ଯେ, ବିଶେଷ ଲାଭ ଅଛି, ତା' ମନେକରୁ ନାହିଁ। କେବଳ କହିଲେ ଯଥେଷ୍ଟ ହେବ, ଆମ ଶାସକ ଗୋଷ୍ଠୀର ଉଦାରଚେତା, ସହାନୁଭୂତିଶୀଳ ସଚ୍ଚୋଟ ହାକିମଙ୍କ ସଂଖ୍ୟା ଅତି ନଗଣ୍ୟ।

ସରକାରୀ କଳ ଯେପରି ଖଞ୍ଜା ହୋଇଅଛି ତହିଁରୁ ନିଃଶ୍ୱାସ ପ୍ରଶ୍ୱାସ ସର୍ବଦା ନିର୍ଗତ ହେବାର ଶକ୍ତି ଅନୁଭୂତ ମୋର ରହିଅଛି । ଜଣେ ଅଧେ ସହାନୁଭୂତିଶୀଳ ଆତ୍ମା କିଛି ସମସ୍ତ ପୁଷ୍ପର ସୁବାସ ଯେ ବିତରଣ କରି ନାହାନ୍ତି, ତାହା ନୁହେଁ; କିନ୍ତୁ ସରକାରୀ କଳର ଚିମିନି ଧୂଆଁଟା ସବୁବେଳେ ଶ୍ୱାସରୋଧକାରୀ ।

"ଏହା ମଧ୍ୟରେ ଯେ, ମୁଁ ଲେଖାଲେଖି ଏକବେଳକେ ଛାଡ଼ି ଦେଇଥିଲି ତାହା ନୁହେଁ, ଅଧ୍ୟୟନ ମଧ୍ୟ । ସେଥିଲାଗି ମୋତେ କେତେକଙ୍କର ଦ୍ୱେଷ ଓ ପ୍ରଚ୍ଛନ୍ନ କ୍ରୋଧର ଶରବ୍ୟ ହେବାକୁ ହୋଇଥିଲା । ୧୯୨୭ ମସିହା ପର୍ଯ୍ୟନ୍ତ ବ୍ରିଟିଶ୍ ଅମଳରେ ଚାକିରୀ କ୍ଷେତ୍ରରେ ବ୍ୟଭିଚାର ଥିଲା ସୀମିତ । ବ୍ରିଟିଶ୍ ବଣିକଗୋଷ୍ଠୀ ନିଜ ସ୍ୱାର୍ଥ ଦୃଷ୍ଟିରୁ ବିଭାଗୀୟ ଆଇନ୍‌କାନୁନ୍ ମାନି ଚଳିବାକୁ ବାଧ୍ୟ ହେଉଥିଲେ । କାହାର ମୁଖାପେକ୍ଷୀ ନ ହୋଇ ସେ ସବୁ ପ୍ରୟୋଗ କରୁଥିଲେ । ତେଣୁ ବଦଳି ଓ ପଦୋନ୍ନତି କ୍ଷେତ୍ରରେ ବିଶେଷ ଅନ୍ୟାୟ ହୋଇପାରୁ ନ ଥିଲା । ବିଦେଶୀ ଶାସକଙ୍କର ଏ ଦେଶରେ ମୁହଁ ଚିହ୍ନା ବନ୍ଧୁବାନ୍ଧବ ତ କେହି ନଥିଲେ; ତେଣୁ ନ୍ୟାୟାଧୀଶ ଭାବରେ ଅନ୍ୟାୟକୁ ଅଧିକାଂଶରେ ପ୍ରଶ୍ରୟ ଦେଉ ନ ଥିଲେ । ତାଙ୍କ ନିଜ ଭିତରେ ଯାହା ପ୍ରତିଦ୍ୱନ୍ଦ୍ୱିତା ହେଉଥିଲା ତାହା ବାହାରକୁ ପ୍ରକାଶ ପାଉ ନ ଥିଲା । କିନ୍ତୁ ମହାବଳୀ ପଶୁରାଜ ସିଂହ ଯାହା ନକରେ ବିଲୁଆ ରାଜା ହେଲେ ତାହା କରେ ଏବଂ ତାର ରାଜତ୍ୱ ଅସହ୍ୟ ହୋଇଉଠେ । ତେଣୁ କଳାହାକିମମାନଙ୍କ ଦାଉ ଓ ଖାମଖିଆଲି ଢଙ୍ଗ ସମୟେ ସମୟେ ବଡ଼ ଅସହ୍ୟ ହୋଇପଡ଼େ । ଥରେ ଅଧେ ମୋର କବିତା ଲେଖା ଉପରେ କୃପା ପଡ଼ିଥିବା କଥା ମୋର ମନରୁ ଯାଇନାହିଁ ।

କୌଣସି ସାହେବ୍ ବା ଉଚ୍ଚପଦସ୍ଥ ହାକିମ ସ୍କୁଲ ପରିଦର୍ଶନ କରିବାକୁ ଗଲେ, ତାଙ୍କ ବିଦାୟ ସଙ୍ଗୀତ ରଚନା କରିବାର ଆଦେଶ ମୋ ଉପରେ ଜାରି ହେଉଥିଲା । ଏ ଧରଣର ଅତ୍ୟାଚାରକୁ ମୁଁ ଆଦୌ ସମ୍ଭାଳି ନ ପାରି ଥରେ ଅଧେ ଉତ୍ୟକ୍ତ ହୋଇ କହିଛି— 'I have sold a half part of myself to the Government, the other half is entirely. my own. Nobody can touch it. ଏଭଳି ଦୁର୍ଘଟଣା ଥରେ ଦୁଇଥର ଘଟିଲା ପରେ ଆଉ ମୋତେ କେବେ

କେହି କବିତା ଲେଖିବାକୁ ଅନୁରୋଧ କଲେ ନାହିଁ, ବରଂ କେତେ ଥର ଲୋକ ମୁଖରେ ଶୁଣିଛି—'ହଁ, ସେ କ'ଣ ଗୁଡ଼ାଏ ଦୁର୍ବୋଧ ଲେଖୁଛନ୍ତି । ତାଙ୍କର ସେ ଲେଖୁଥାନ୍ତୁ ।' ଏହି ଔଦାର୍ଯ୍ୟ ଭାବ ମୋ ସରସ୍ୱତୀଙ୍କର ପ୍ରଧାନ କବଚ ବୋଲି ମୁଁ ମନେ କରୁଥିଲି ।

ଦୈନନ୍ଦିନ ପାଠ ଦାନ କରିସାରି ଘରକୁ ଫେରିଲା ବେଳେ ମୋର ସମସ୍ତ ଶକ୍ତି ବିଦ୍ୟାଳୟରେ କ୍ଷୟ ହୋଇ ଯାଇଥାଏ । ଶିକ୍ଷକ ଭାବରେ କୌଣସି ଦିନ ମୁଁ କର୍ତ୍ତବ୍ୟରେ ଅବହେଳା କରିବା କଥା ମୋର ମନେପଡ଼ୁ ନାହିଁ । ତେଣୁ ସନ୍ଧ୍ୟା ଆସିବା ସଙ୍ଗେ ସଙ୍ଗେ ମୋତେ ଘୁମ ମାଡ଼େ । ସେତେବେଳେ ବ୍ରିଟିଶ୍ ଅମଳରେ ଶିକ୍ଷକମାନେ ଅନୁମତି ନେଇ ଗୋଟିଏ ମାତ୍ର ଟିଉସନ କରିପାରୁଥିଲେ । ଅଧୁନିକ ସାହାଣମେଳା ପଦ୍ଧତି ସ୍ୱାଧୀନତା ପରେ ଆରମ୍ଭ ହୋଇଅଛି । ସେତେବେଳେ ଟିଉସନ କଲେ ଏମ୍.ଏ. ପାଶ୍‌ବାଲା ୨୫।୩୦ ଟଙ୍କା, ଗ୍ରାଜୁଏଟମାନେ ୨୦ ଟଙ୍କା ପାଉଥିଲେ । ମୋ ପାଖକୁ ସେତେବେଳେ ଟିଉସନ ନିମନ୍ତ୍ରଣ ଆସିଛି ମୋର ବାରମ୍ବାର କହିବାର ମନେପଡ଼େ ଯେ—'ସ୍କୁଲରୁ ଫେରି ମୋର ଆଉ ବଳ ନାହିଁ । ମୋତେ ଅକାରଣେ ଟିଉସନ୍‌କୁ ଡାକିଲେ ମୁଁ ଖାଲି ଢୁଲାଇବି ସିନା କାହାର କିଛି ମଙ୍ଗଳ ହେବ ନାହିଁ ।' ଘଟଣା ଚକ୍ରରେ ପଡ଼ି ଗୋଟିଏ ଦୁଇଟି ଯାଗାରେ ପ୍ରାଇଭେଟ ଟିଉସନ କରିବାକୁ ବାଧ୍ୟ ହୋଇଥିଲି । ଶେଷରେ ତାହାକୁ ଛାଡ଼ିଲି । ମାତ୍ର ମୋର ସହକର୍ମୀମାନେ (ଉଚ୍ଚ ଶିକ୍ଷିତ) ନିର୍ଦ୍ୱନ୍ଦ୍ୱରେ ଟିଉସନ କରି କିଛି କିଛି ଅଧିକ ଅର୍ଥ ଉପାର୍ଜନ କରୁଥିଲେ । କିନ୍ତୁ ଆଜିକାଲିକାର ଘରେ ଘରେ ଠାକୁର ବାଡ଼ି ବା ଗୁହାଳୀ ଭଳି କରିବାର ସାହସ ସେ ସମୟରେ କାହାର ନ ଥିଲା । ମୁଁ ପ୍ରଧାନ ଶିକ୍ଷକ ଥିବା ସମୟରେ (ଅନୁଗୁଳ, ସମ୍ବଲପୁର, ପୁରୀ, ଜଉଦୟଗିରି, କେନ୍ଦୁଝର) ଟିଉସନ ପ୍ରଥାକୁ ବାଗକୁ ଆଣିବା ପାଇଁ ଗୋଟାଏ ପରିକଳ୍ପନା କରିଥିଲି । ସେହି ପରିକଳ୍ପନା ଅନୁସାରେ ଟିଉସନଲୋଭୀ ଶିକ୍ଷକ ୨୪ ଘଣ୍ଟାରୁ ଅନ୍ତତଃ ୧୨ ଘଣ୍ଟା ସ୍କୁଲରେ କାର୍ଯ୍ୟନିଯୁକ୍ତ ରହି ପାରିଥାନ୍ତେ ଓ ଦରମା ସହିତ ଅଧିକ ଅର୍ଥ ମଧ୍ୟ ପାଇ ପାରିଥାନ୍ତେ । ମାତ୍ର ଉପରିସ୍ଥ ମହଲର ଆନ୍ତରିକତା ଅଭାବରୁ ହେଉ ବା ସେହି ସମୟରେ ମୋର ପଦୋନ୍ନତି (Inspector of schools) ଫଳରେ ହେଉ ସେ କାର୍ଯ୍ୟସୂଚୀ କଳ୍ପନାରେହିଁ ରହିଗଲା ।

"ଶିକ୍ଷା ବିଭାଗର ଶାସନ ଶାଖାରେ ମୁଁ ମୋର ଶେଷ ୧୦।୧୨ ବର୍ଷ କଟାଇଲି, ତାହାର କର୍ତ୍ତବ୍ୟରେ ଅବହେଳା ଦେଖାଇଲେ କିମ୍ବା ଦରିଦ୍ର ଶିକ୍ଷକଙ୍କଠାରୁ ଉପହାର, ଉତ୍କୋଚ, ଗ୍ରହଣ କରିବାର ଶୁଣିଲେ ମୋର ଧୈର୍ଯ୍ୟଚ୍ୟୁତ ହେଉଥିଲା । ଫାଙ୍କି ଦେଉଥିବା କର୍ମଚାରୀର ପଛରେ ମୁଁ ବଲିଆ କୁକୁର ଭଳି ଲାଗି ରହୁଥିଲି । ମୋ ମତରେ—'ସରକାର ଟଙ୍କା ପଇସା, ବେତନ ବିଷୟରେ ଅସୁବିଧା କଲେ ତାଙ୍କୁ ନ କାମୁଡ଼, ନିରୀହ ଶିଶୁ ଯୁବକଙ୍କୁ ଅବହେଳା କରୁଛ କାହିଁକି ବା ନିଜ କର୍ତ୍ତବ୍ୟରେ ତ୍ରୁଟି କରୁଛ କାହିଁକି ?' ପୁରୀ ଜିଲା ସ୍କୁଲର ପ୍ରଧାନ ଶିକ୍ଷକ ଥିଲାବେଳେ ମୋର ବହୁ ଶକ୍ତି ବ୍ୟୟକରି ସେ ସ୍କୁଲର ଶାନ୍ତି ଶୃଙ୍ଖଳା ଫେରାଇ ଆଣିବା ଓ କପି ବନ୍ଦ କରିବା ବିଷୟରେ ମୁଁ ବହୁ ପରିମାଣରେ କୃତକାର୍ଯ୍ୟ ହୋଇଥିଲି ବୋଲି ମନେପଡ଼େ । ସେତେବେଳେ ଉପରିସ୍ଥ ହାକିମ, କର୍ମଚାରୀମାନଙ୍କ ସହିତ ବହୁଦିନ ଧରି ଲଢ଼ାଇ କରିବାକୁ ପଡ଼ିଥିଲା । ପିଲାମାନଙ୍କୁ ବେତ ମାଡ଼ ଦେଉଥିବା କୌଣସି ଶିକ୍ଷକଙ୍କୁ ସହ୍ୟ କରି ପାରୁ ନ ଥିଲି । ମନେ ପଡ଼େ—ଯେଉଁ ସ୍କୁଲକୁ ଯାଇଛି ସେ ସ୍କୁଲର ବେତ ଭାଙ୍ଗି ଆଗେ ଫୋପାଡ଼ି ଦେଇଛି । ଶିକ୍ଷକମାନଙ୍କୁ ଆଗେ ବୁଝାଇଛି, ଯଦି ତୁମର ବ୍ୟକ୍ତିତ୍ୱ ନାହିଁ, ତୁମେ ପୁଲିସ ବା ଇଲେକ୍ଟ୍ରିକ୍ ଲାଇନ୍ ଧର । ନିର୍ଦ୍ଦୋଷ ପିଲାଙ୍କୁ ଗୋରୁପରି ବାଡ଼େଇଲେ ତାର ସମସ୍ତ କୋମଳ ଚିତ୍ତବୃତ୍ତି ନଷ୍ଟ ହୋଇଯାଏ । ବେତ ଅବଲମ୍ବନ କରୁଥିବା ଶିକ୍ଷକଙ୍କୁ ମୁଁ ତେଣୁ ଅପରାଧୀ ବୋଲି ମନେ କରୁଥିଲି । ଦୁଃଖର କଥା, ଘରେ ମୁଁ ପିଲାମାନଙ୍କୁ କେତେକ ସମୟରେ ପ୍ରହାର କରୁଥିଲେ ସୁଦ୍ଧା ସ୍କୁଲ ଘରକୁ ପଶିଗଲେ ମୋର ଭାବ ପରିବର୍ତ୍ତିତ ହୋଇଯାଉ ଥିଲା । କୋମଳମତି ଶିଶୁ, ବିଶେଷତଃ ଗରିବ ପିଲାଗୁଡ଼ିକ ଉପରେ ସ୍କୁଲରେ ମୁଠିଏ ଖାଇ ପାଠପଢ଼ନ୍ତୁ ଏବଂ ଚରିତ୍ରବାନ୍ ହୁଅନ୍ତୁ ଏହା ଥିଲା ମୋର ପ୍ରଧାନ ଆଦର୍ଶ । ସେଥିପାଇଁ ପୁରୀରେ ମୁଁ ଗୋଟିଏ ଦୁଗ୍ଧ ଯୋଗାଣ ଯୋଜନା କାର୍ଯ୍ୟକାରୀ କରିଥିଲି । ପିଲାମାନେ ପ୍ରତିଦିନ ଟିକେ ଟିକେ ଜଳଖିଆ କରିବେ, ମାତ୍ର ସପ୍ତାହରେ ଦୁଇ ଥର ଦୁଗ୍ଧପାନ କରିବେ ।

ଜଣେ ଅଭିଭାବକ କହିଲେ—'ମୋ ପିଲାକୁ ମୁଁ ଏହି ପାଣି ଦୁଧ ଦେଇବାକୁ ପସନ୍ଦ କରୁନାହିଁ ।' ମୁଁ କହିଲି—'ଅଜ୍ଞା, ଆପଣଙ୍କ ପରି

ଅବସ୍ଥାପନ୍ନ ବ୍ୟକ୍ତିଙ୍କ ପିଲାଙ୍କୁ ମୁଁ ଦୁଧ ପିଇବାକୁ କହୁନାହିଁ । ମାତ୍ର ଆପଣ ମାସକୁ ୪ ଅଣା ପଇସା ଦେଲେ ସ୍କୁଲର ବହୁ ଉପକାର ହୁଅନ୍ତା ।' ସେଥିରେ ସେ ଚୁପ୍ ରହିଲେ ।

"ପ୍ରଧାନ ଶିକ୍ଷକ ଭାବରେ କାମ କରୁଥିଲାବେଳେ ମୁଁ ବରାବର ଅନୁଭବ କରିଛି, ଯଦି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କର ଆତ୍ମବଡ଼ିମା ଓ ଅହଂକାର ଟିକେ କମନ୍ତା ଓ ସେମାନେ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ ନ କରନ୍ତେ, ସରକାରୀ ସ୍କୁଲର ଅଗୁଣ୍ଠ ବନ୍ଧନ ମଧ୍ୟରେ ବହୁ କଳ୍ପନା କାର୍ଯ୍ୟକାରୀ ହୋଇ ପାରନ୍ତା । ଅବଶ୍ୟ ଯେଉଁ ପ୍ରଧାନ ଶିକ୍ଷକମାନେ ଏହି ସ୍ୱାଧୀନତା ନ ଚାହାନ୍ତି ସେମାନଙ୍କୁ ତାହା ଦେବା ଉଚିତ ନୁହେଁ । ମାତ୍ର ଯେଉଁମାନଙ୍କର କାର୍ଯ୍ୟକ୍ଷମତା ଅଛି, ସେ କ୍ଷମତାକୁ ପ୍ରଶଂସା ନ କଲେ ମଧ୍ୟ ଅଯଥା ହସ୍ତକ୍ଷେପ କରିବା ସ୍ୱଧର୍ମବିରୋଧୀ ବୋଲି ମୁଁ ମନେକରେ । ଚାକିରିର ଶେଷ ଜୀବନକୁ ଭାରତ ୧୨ବର୍ଷ ସ୍ୱାଧୀନତା ଭୋଗକରି ସାରିଥିଲା । ତତ୍ ସହିତ ନୂଆ ବଢ଼ିରେ ଫେଣଭଳି ନାନା ପ୍ରକାର ଦୁର୍ନୀତି ଓ ଦୁର୍ଗୁଣ ପ୍ରକାଶ ହୋଇ ଆସୁଥିଲା । ମୁଁ ଆଉ ଅଧିକକାଳ ଜୀବନରେ ଉତ୍ପାତ ଚିନ୍ତା ନ କରି ଶୀଘ୍ର କିପରି ବାହାରି ଆସି ଓ ପିତାଙ୍କର ପୂର୍ବ ପ୍ରବଚନକୁ କାର୍ଯ୍ୟକାରୀ କରିବି, ସେଥିଲାଗି ବ୍ୟାକୁଳ ହେଉଥିଲି ଓ ୧୯୫୯ ସାଲର ଶେଷ ଭାଗକୁ ଅବସର ଗ୍ରହଣ କଲି ।

ଅବସର ଗ୍ରହଣ ଦିନ ମୋର ଉପରିସ୍ଥ କର୍ମଚାରୀଙ୍କ ଅନୁକମ୍ପାରୁ କୌଣସି ଆନ୍ଦୋଳନ ବା ଆଲୋଡ଼ନ ହୋଇନାହିଁ । ମୁଁ କିନ୍ତୁ ଗଭୀର ଭାବରେ ଅନୁଭବ କରିଅଛି—ମୋ ଶରୀରରେ ଶିକ୍ଷକସୁଲଭ ଜାଡ୍ୟ ଲୁପ୍ତ ହୋଇଯାଇଛି । ଗଙ୍ଗାସ୍ନାନ କଲେ ଦେହ ନିର୍ମଳ ହେବ । କାନରେ ସର୍ବଦା ବାଜି ଉଠିଛି—Better a ploughman on one's feet. ସ୍କଟ୍‌ଲ୍ୟାଣ୍ଡର କବି Burns ଏହିଭଳି ଜଣେ ହଳିଆ ଥିଲେ ଏବଂ ହଳ ଲଗାଇଦେଇ ଖାତା ପେନ୍‌ସିଲ୍‌ରେ ଗୋଟିଏ ପଦ୍ୟ ଲେଖି ପକାଉଥିଲେ । ୩୨ ବର୍ଷ ଦାସତ୍ୱ କଲାପରେ ଆଉ ମୋର ଶକ୍ତି ଅଛି କି ବୋଲି ପରୀକ୍ଷାରେ !

## ରଚନାବଳୀ:

ଜୀବନର ଶେଷ ପାହାଚରେ ପାଦ ରଖି ଆଜି ମନେ ହେଉଛି, ସମସ୍ତେ ମୋତେ କବି ବୋଲି କହିଛନ୍ତି । କିନ୍ତୁ ମୁଁ ଆଜିଯାଏଁ ନିଜକୁ କବି ବୋଲି ଦିନେ ସୁଦ୍ଧା ଭାବି ପାରିନାହିଁ । କେଉଁ ଅଦୃଶ୍ୟ ଶକ୍ତିର ପ୍ରଭାବ ବା ବଂଶୀନାଦ ଶୁଣି ଯେତେବେଳେ ଯାହା ଲେଖିଛି, ତାର ମୂଲ୍ୟାୟନ କରିବା ମୋ ପକ୍ଷେ ସମ୍ଭବ ହୋଇନାହିଁ । କବି ହେବାର ଆକାଂକ୍ଷା ମୋର କେବେ ନ ଥିଲା । ଭବିଷ୍ୟତରେ ଆଉ ଯେତେଦିନ ବଞ୍ଚିବି ସେଥିରେ କବି ବା ଆଉ କ'ଣ ହେବି କହି ପାରିବି ନାହିଁ । କିନ୍ତୁ ଘଟଣାଚକ୍ର ଓ ସାମାଜିକ ପରିସ୍ଥିତିରେ ପଡ଼ି ମୁଁ ବାପାଙ୍କ ଭଳି ଜଣେ ରାଜନୀତିଜ୍ଞ ଓ ସମାଜସେବୀ ହେବି ନା ବାଗ୍ମୀ ହୋଇ ସାର୍ ସୁରେନ୍ଦ୍ରନାଥଙ୍କ ଭଳି ବକ୍ତୃତା ଦେବି ! ଜୀବନର ଗତି ସାହିତ୍ୟ ଦିଗକୁ କିପରି ଫେରିଲା ତାହା ଜୀବନ-ବିଧାତାଙ୍କୁ ଜଣା । ପ୍ରାପ୍ତବୟସ୍କ ହେବାପରେ ବିଲ୍ୱମଙ୍ଗଳ ଠାକୁର ମୋର ଆଦର୍ଶ ହେଲେ । ତାଙ୍କ ଭଳି ଅନ୍ଧ ହୋଇ ବୃନ୍ଦାବନ ଧାମରେ ଶ୍ୟାମ-ସୁନ୍ଦର ଭଜନ ଗାଇବା ନିଶା, ବୟସ ବଢ଼ିବା ସଙ୍ଗେ ସଙ୍ଗେ ତୀବ୍ରତର ହେଲା । ତେଣୁ ଯେଉଁ କବିତାଗୁଡ଼ିକ ଜ୍ଞାତ ବା ଅଜ୍ଞାତସାରରେ ଲେଖା ହୋଇଅଛି, ସେଗୁଡ଼ିକୁ ମୁଁ ଗୋଟିଏ ଅଳିଆଗଦା ଭଳି ମନେ କରେ । ଅସଲ ଗୀତ ତ ଗାଇ ପାରିଲି ନାହିଁ; ଅଳିଆ ଗଦା ସାଇତି କ'ଣ ହେବ ?

ବ୍ୟବସାୟ ଦୃଷ୍ଟିରୁ ରାଜନୀତି କ୍ଷେତ୍ରରୁ ଅଲଗା ରହିବାର ସୁଯୋଗ ପାଇଥିଲେହେଁ ରାଜନୈତିକ ଆନ୍ଦୋଳନରୁ ନିଜକୁ ମୁଁ ପୃଥକ ରଖିପାରେ ନାହିଁ । କଂଗ୍ରେସ ଓ କମ୍ୟୁନିଷ୍ଟଙ୍କ ସମାଜବାଦରୁ ମୋର ଜନ୍ମ ବୋଲି ଆଜି ସୁଦ୍ଧା ମନେ କରେ । ତେଣୁ ରାଜନୀତିକ କବିତା ଅନେକଗୁଡ଼ିଏ ଲେଖିଅଛି । ବ୍ରିଟିଶ ସରକାରଙ୍କ ଅମଳରେ କେତେକ ରାଜନୈତିକ ପଦ୍ୟ ପ୍ରଚ୍ଛନ୍ନ ଭାବରେ ଓ ଛଦ୍ମ ନାମରେ ପ୍ରକାଶ କରିଅଛି । ଛଦ୍ମନାମ ମଧ୍ୟରେ "ବଜ୍ରବାଦଲ" ଓ "ଭୈରବ୍‌ଗର୍ଜ୍ଜ" ଦୁଇଟି ବର୍ତ୍ତମାନ ମନେ ପଡ଼ୁଛି

ସତ୍ୟବାଦୀ ବିଦ୍ୟାଳୟ ଓ ଢେଙ୍କାନାଳ ବିଦ୍ୟାଳୟରେ ପଢ଼ିବା ଅବସ୍ଥାରେ ଯାହା ଲେଖା ହୋଇଥିଲା, ତାର କୌଣସି ଚିହ୍ନ ବର୍ତ୍ତମାନ ମୋ ପାଖରେ ନାହିଁ । ସେପର୍ଯ୍ୟନ୍ତ ମନେ କରିଥିଲି ଯେ, ମୋର ହୃଦୟ

ଗୋଟିଏ କଠିନ ଶିଳାଖଣ୍ଡ ରସହୀନ । କୈଶୋର ଜୀବନରେ ତମ୍ପୁ ଓ ଗୋପାଳକୃଷ୍ଣ ସଙ୍ଗୀତ ଗାଉଥିବା ବାଳକ ନଟ (ଗୋଟିପୁଅ)ର ସୁଲଳିତ କଣ୍ଠସ୍ୱର ଓ ଅଙ୍ଗଭଙ୍ଗୀ ଓ ମୋହନ ଗୋସାଇଁଙ୍କ ରାସର ଲଳିତା ସେ ଶିଳାଖଣ୍ଡକୁ ତରଳାଇ ଦେଇଥିଲା । ମୁଁ ଜୀବନରେ ଆନନ୍ଦ ସ୍ୱରୂପଙ୍କୁ କେତେକାଂଶରେ ଉପଲବ୍ଧି କରି ପାରିଥିଲି ।

"ଋତୁପର୍ଣ୍ଣ ଲେଖା ମଧ୍ୟରୁ ମୋର ଯେତେଦୂର ମନେଅଛି—ଦୁଇ ତିନି ଗୋଟି କବିତା ୧ମ ସଞ୍ଚୟନରେ ସ୍ଥାନ ପାଇଅଛି । "ନବ ଯୌବନ" ପଦ୍ୟର ଛନ୍ଦ ବିନ୍ୟାସ ଓ ତାର ଅବାଧ ଉଚ୍ଛ୍ୱସିତ ଗତି ମୂଳରେ ବଙ୍ଗୀୟ କବି କାଜି ନଜରୁଲ୍ ଇସଲାମ ଓ ରବୀନ୍ଦ୍ରନାଥଙ୍କ ପ୍ରଭାବ ପଡ଼ିଥିବାର ମୁଁ ଅନୁଭବ କରେ । 'ନିମେଷ ଦେଖା' ପଦ୍ୟ ଆଜଯାଏ ଉତ୍କଳ ସାହିତ୍ୟରେ ସୀମିତ ରହିଅଛି । ସେ ପଦ୍ୟଟିକୁ ପଢ଼ି ବିଶ୍ୱନାଥ ବାବୁ ଏହାର ଗତିଶୀଳ ଛନ୍ଦ ବିନ୍ୟାସରେ ଅତ୍ୟନ୍ତ ପ୍ରୀତ ହୋଇ ମୋ ପାଖକୁ ଦୌଡ଼ି ଆସିଲେ । ଖିରାକୁଟିରେ ମୁଁ ସ୍ୱାମୀଙ୍କୁ ପାଇଥିଲି । କଲେଜ ଜୀବନର ତାହା ପ୍ରଥମ ପର୍ଯ୍ୟାୟ । ବ୍ରଣ ବେଗରେ ପୀଡ଼ିତ ହୋଇ ମୁଁ ଦ୍ୱିପ୍ରହର ସମୟରେ ଶୋଇଥିଲାବେଳେ ଗୋଟିଏ ସୁନ୍ଦର ସ୍ୱପ୍ନଦେଖି ସେ ପଦ୍ୟଟି ଲେଖି ପକାଇଥିଲି । ଏଥିରେ ଉଚ୍ଛ୍ୱାସର ଅଭାବ ନ ଥିଲା । ବିଶ୍ୱନାଥ ବାବୁ ସ୍ୱପ୍ନକଥା ଶୁଣି ତାଙ୍କ ସ୍ୱପ୍ନଲୋକରୁ ଖସି ଆସିଥିଲେ । ପରିଶେଷରେ କହିଲେ—'ଅତି ସୁନ୍ଦର ହୋଇଅଛି ।' ମୁଁ କହିଲି—'ଆଜ୍ଞା, ନିଛକ କାଳ୍ପନିକ ସ୍ୱପ୍ନ ସମ୍ପୃକ୍ତ ପ୍ରେମ କବିତା ।' ତା'ର ପ୍ରଥମ ୨ ଧାଡ଼ି ହେଲା—

'ନିମେଷ ଦେଖା ଆଗୋ ନିମେଷ ଦେଖା
ମର୍ମେ ମର୍ମେ ଆଗୋ ରହିଛ ଲେଖା ।'

ଏହିପରି ଯେଉଁ ପଦ୍ୟଟି ପ୍ରାୟ ୫୦ । ୬୦ ଧାଡ଼ି ହେବ ।

ମାନଭୂମି ଗଡ଼ଜାତର ଝଡ଼ ତୋଫାନ ପ୍ରାଣରେ ଯେ ଆବେଗ ସୃଷ୍ଟି କରିଥିଲା, ତାର ଗୋଟିଏ ମାତ୍ର ନିଦର୍ଶନ ୧ମ ସଞ୍ଚୟନରେ ଅଛି—

"ଆକାଶେ ମାତିଛି ବଜ୍ର ବାଦଲ"

ବହୁ କବିତା ନଷ୍ଟ ହୋଇ ଯାଇଛି । ହଜି ମଧ୍ୟ ଯାଇଛି ।

"ପୁଣି ସମୁଦ୍ରର ପ୍ରଭାବ ମୋର ତରୁଣ ଜୀବନରେ କିଛି କମ୍ ନୁହେଁ । କାଳନ୍ଦୀବାବୁଙ୍କ ଉପସ୍ଥିତିରେ ଯଦି ଅନ୍ଧକାରରେ ବସି ବଡ଼ ବଡ଼ ଅକ୍ଷରରେ ଯେତେ ପାରିଛି ବହୁତ ଗୁଡ଼ାଏ ପଦ୍ୟ ରଚିଛି । କିନ୍ତୁ ସେଗୁଡ଼ିକର ଅସ୍ତିତ୍ୱ ଆଜି ଆଉ ନାହିଁ । ଚିଲିକା ଭ୍ରମଣ ସମୟରେ ମଧ୍ୟ ଅନେକ ଗୁଡ଼ାଏ ପଦ୍ୟ ଲେଖିଛି । ସେଗୁଡ଼ିକର ସତ୍ତା ମଧ୍ୟ ଆଉ ନାହିଁ । ପ୍ରଥମ ସଙ୍କଳନରେ କେବଳ ଗୋଟିଏ ମାତ୍ର କବିତା ରହିଛି— 'ଗୋପ ବାଳାର ପ୍ରୀତି ।'

"ଚିଲିକାର ପକ୍ଷୀ ହତ୍ୟା ସେ ତରୁଣ ବୟସରେ ମୋତେ ବହୁତ ଶୋକାକୁଳ କରି ରଖିଥିଲା । ଚିଲିକାର ପକ୍ଷୀ ହତ୍ୟାକୁ ଲକ୍ଷ୍ୟ କରି ଲେଖିଥିବା ପଦ୍ୟଟି ସହକାରରେ ପ୍ରକାଶିତ ହୋଇଥିଲା । ମଧ୍ୟମ ବୟସରେ ରୁଗ୍ଣ ଅବସ୍ଥାରେ ଥରେ ରାସ୍ତାରୁ ଫେରିବା ସମୟରେ କେତେକ ହର୍ଷୀୟୁ ଯୁବକ ଯୁବତୀ ଗୋଟିଏ ନିରୀହ ହଂସକୁ ମାରି ବସ୍ତାରେ ଆଣୁଥିଲେ । ସେ ହଂସର ଚକ୍ଷୁରେ ଦୁଇଟୋପା ଶୁଷ୍କ ଲୁହ ଲାଗି ରହିଥିଲା । ଆଜିଯାଏ ସେ ଦୃଶ୍ୟ ମନରୁ ଯାଉନାହିଁ । ସେଦିନ ଚଳନ୍ତା ବସ୍ ମଧ୍ୟରେ ସମ୍ପୂର୍ଣ୍ଣ ପଦ୍ୟଟି ଲେଖି ନ ପାରି ତାରରେ (Telegraphically) ଭଳି ପ୍ରଥମ ଅକ୍ଷର ଗୁଡ଼ିକ ଟିପି ରଖିଥିଲି । ପରେ ପୂରା ପଦ୍ୟଟି ଲେଖି ରଖିଥିଲି ତାହା ସହକାରରେ ପ୍ରକାଶିତ ହୋଇଥିଲା ।

ପକ୍ଷୀମାନଙ୍କ ବିଷୟରେ ଆଉ କେତେଗୁଡ଼ାଏ ଲେଖା କେଉଁ-ଆଡ଼େ ଅପର୍ଯ୍ୟସ୍ତ ହୋଇ ପଡ଼ିଛି, ତାହା ମନେ ପଡ଼ୁନାହିଁ । ସମାଜର ନିମ୍ନ ସ୍ତରର ଲୋକ ମେହେନ୍ତର, ହରିଜନ, ଆଦିବାସୀମାନଙ୍କୁ ନେଇ ଅନେକ ଗୁଡ଼ାଏ ଲେଖା ନଷ୍ଟ ହୋଇ ଯାଇଥିଲେ ମଧ୍ୟ କେତେକ ପତ୍ର ପତ୍ରିକାରେ ସ୍ଥାନ ପାଇଥିଲା ।

ପ୍ରକୃତି ବର୍ଣ୍ଣନା, ସାମାଜିକ ନରନାରୀଙ୍କ ଜୀବଭଙ୍ଗୀ, ଶୃଙ୍ଖଳଚାଳଣ ରାଜନୀତିକ ନେତାମାନଙ୍କ ଭଣ୍ଡାମି, ପ୍ରକୃତିର ସୌନ୍ଦର୍ଯ୍ୟ ଚିତ୍ରଣ ସଙ୍ଗେ ସଙ୍ଗେ ସାମାଜିକ ଜୀବନର ବହୁବିଧ ଚିତ୍ର ମୋର ପ୍ରାଣକୁ ସ୍ପର୍ଶ କରିଥିଲା ଏବଂ କାବ୍ୟରେ ସ୍ଥାନ ପାଇଥିଲା । ରାଜନୀତିକ ବନ୍ଦୀ ଓ ତରୁଣ ଶକ୍ତିକୁ

ଉଦ୍‌ବୁଦ୍ଧ କଳଭଳ ମୋର କେତେକ ଲେଖା ପ୍ରକାଶିତ ହୋଇଥିଲା ଓ କେତେକ କଲେଜର ପାଠ୍ୟ ନିର୍ଘଣ୍ଟରେ ସ୍ଥାନ ପାଇଥିଲା ।

"ଛାତ୍ରଜୀବନର ପ୍ରଥମରୁ ମୁଁ କମ୍ୟୁନିଷ୍ଟ ଦଳ ସହିତ ପ୍ରଚ୍ଛନ୍ନ ଭାବରେ ଜଡ଼ିତ ଥିଲି । କାଳିନ୍ଦୀ ବାବୁ ଓ ମୁଁ ଏକ ମେସ୍‌ ପରିବାରରେ ରେଭେନ୍‌ସା କଲେଜରେ କେତେବର୍ଷ ଥିଲୁ । ସେ ସମୟରେ ଭଗବତୀ ପାଣିଗ୍ରାହୀ ଯୁବକ । ସେ ଆମ୍ଭମାନଙ୍କ ସହିତ ରହୁଥିଲେ । ଅସହଯୋଗ ଆନ୍ଦୋଳନର କେତେବର୍ଷ ପରେ ନବବାବୁଙ୍କ ସହିତ ଘନିଷ୍ଠତା ବଢ଼ି ଉଠିଥିଲା । ନବବାବୁ ଓ ଭଗବତୀଙ୍କ ସହିତ ଅନନ୍ତ ଓ ଗୁରୁଚରଣ ଏକାଠି ହୋଇ କମ୍ୟୁନିଷ୍ଟ ଆନ୍ଦୋଳନର ସୂତ୍ରପାତ ପ୍ରଥମେ ଓଡ଼ିଶାରେ କଲେ । ସବୁଜ-ଗୋଷ୍ଠୀ ମଧ୍ୟରୁ ବିଶେଷତଃ ଆମେ ଦୁଇଜଣ (କାଳିନ୍ଦୀବାବୁ ଓ ମୁଁ) ନୂତନ ଆନ୍ଦୋଳନକୁ ପ୍ରଚ୍ଛନ୍ନ ଭାବରେ ସହାନୁଭୂତି ଦେଖାଉଥିଲୁ ଓ ଧୀରେ ଧୀରେ କମ୍ୟୁନିଷ୍ଟ ଦର୍ଶନ ଆମ ଲେଖା ଉପରେ ପ୍ରଭାବ ପକାଇଥିଲା । ମୋର ସାହିତ୍ୟିକ ଜନ୍ମ ବୈଷ୍ଣବ-ଦର୍ଶନରୁ ଆରମ୍ଭ ହୋଇଥିଲେ ମଧ୍ୟ ଅସହଯୋଗ ଆନ୍ଦୋଳନ ପ୍ରତି ସମ୍ପୂର୍ଣ୍ଣ ସହାନୁଭୂତି ଥିଲା । କମ୍ୟୁନିଷ୍ଟ-ଦର୍ଶନ ମୋତେ ବହୁ ପରିମାଣରେ ଅନୁପ୍ରାଣିତ କରିଥିଲେ ମଧ୍ୟ ବୈଷ୍ଣବ-ଦର୍ଶନରୁ ମୁଁ ସମ୍ପୂର୍ଣ୍ଣ ମୁକ୍ତ ହୋଇ ପାରି ନ ଥିଲି । ତତ୍କାଳୀନ ଓଡ଼ିଶାର ରାଜନୈତିକ ପରିସ୍ଥିତି ଗଡ଼ଜାତ ରାଜାମାନଙ୍କ ପ୍ରଜାପୀଡ଼ନ, ପ୍ରଜାମାରଣ ଦେଖି ମନ କାନ୍ଦୁ ଥିବ ଅବିଶ୍ୱାସ ପୂର୍ଣ୍ଣ ହୋଇଥିଲେ ମଧ୍ୟ ମୁଁ ସମ୍ପୂର୍ଣ୍ଣ ନାସ୍ତିକତାରେ ଦୀକ୍ଷିତ ହୋଇପାରି ନ ଥିଲି । ସେ ସମୟରେ ମୋ ଲିଖିତ 'ବାଜିରାଉତ' ଓ ଅନ୍ୟ କେତେକ କବିତା 'ଉତ୍ତରପୂର୍ବ'ରେ ସ୍ଥାନ ପାଇଅଛି ।

ମୋର ବାଲ୍ୟାବସ୍ଥାରୁ ମୃତ୍ୟୁ ସମ୍ବନ୍ଧରେ ତିକ୍ତ ଅଭିଜ୍ଞତା ରହିଥିଲା । କେତେକ ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁ ଦର୍ଶନ କରି ପରିବାରକୁ ଶୋକ ବିଳାସ ପ୍ରତି ବିତୃଷ୍ଣା ଆସିଲେ ମଧ୍ୟ ମୃତ୍ୟୁକାଳୀନ ଦୃଶ୍ୟ ମୁଁ ସମ୍ଭାଳିପାରି ନଥିଲି । କଲେଜରେ ପଢ଼ିବା ଅବସ୍ଥାରେ ଜଣେ ଦୂର ଆତ୍ମୀୟଙ୍କ ତିନୋଟି କନ୍ୟା ଏକକାଳୀନ ହଇଜା ରୋଗରେ ଆକ୍ରାନ୍ତ ହୋଇ ମରିଗଲେ । ସେ ଘଟଣାକୁ ଉପଲକ୍ଷ କରି ଯେଉଁ ପଦ୍ୟ ଗୀତିନାଟ୍ୟ ଲେଖିଥିଲି ତାହା, ଉତ୍କଳ ସାହିତ୍ୟରେ ସ୍ଥାନ ପାଇଥିଲା । ବୈଷ୍ଣବ-

ଦର୍ଶନ ମୋର ମନପ୍ରାଣ ହେଲେ ସୁଦ୍ଧା ଯୁବକ ଜୀବନରେ ସମାଜିକ ଓ ରାଜନୈତିକ ଅବ୍ୟବସ୍ଥା ଦେଖି ମୁଁ ବୌଦ୍ଧଧର୍ମ ପ୍ରତି ଆକୃଷ୍ଟ ହୋଇଥିଲି । ବୌଦ୍ଧ-ଦର୍ଶନ ସବୁ କଷ୍ଟରୁ ପାଠ କରିଥିଲି, ସେଥିପାଇଁ ବୌଦ୍ଧଧର୍ମରେ ଅନୁପ୍ରାଣିତ ହୋଇଥିଲି । ତାହାକୁ ଭିତ୍ତିକରି କେତେଗୁଡ଼ିଏ ପଦ୍ୟ ଲେଖିଛି । 'ବୁଦ୍ଧ ବନ୍ଦନା', 'ବୁଦ୍ଧ କର ମୋ କ୍ଷମା', 'ଅମ୍ବପାଳୀର ଉତ୍କଣ୍ଠା' କାବ୍ୟ ଖଣ୍ଡପୁନ ଓ ଉତ୍ତରପୂର୍ବରେ ସ୍ଥାନ ପାଇଅଛି ।

"ଆଗରୁ କହିଛି ମୋର କବିତାର ସଂଖ୍ୟା ଯେତେ ତା' ତୁଳନାରେ ଗଦ୍ୟ ଲେଖା କରିନାହିଁ । ମାତ୍ର ଶତାଧିକ ଲିଖିତ କବିତା ଏବେଶି ମୋର ଆୟତ୍ତାଧୀନ ନୁହେଁ । ବହୁତ ଗୁଡ଼ିଏ ସ୍ଥାନ ପରିବର୍ତ୍ତନରେ ନଷ୍ଟ ହୋଇଯାଇଛି । ଯୁବକ ଜୀବନରେ ସ୍କୁଲ କଲେଜ ଛାଡ଼ିବା ପରେ ଲେଖାଲେଖି ବିଶେଷ ବ୍ୟାହତ ହୋଇଛି । ଅନେକ ସମୟରେ ମନେ ହୋଇଛି ମୋର କାବ୍ୟ ଜୀବନର ଇତି ହେଲା । ଅବସର ଗ୍ରହଣର ୬ ମାସ ପରେ ହଠାତ୍ କେତେଗୁଡ଼ିଏ ଟେବୁଲ୍-ଗୋଲାପ ଫୁଟିଥିବାର ଦେଖି ପୂର୍ବ କାବ୍ୟୋଚ୍ଛ୍ୱାସ ପୁଣି ଫେରି ଆସିଥିଲା । 'ନବ ବସନ୍ତ' ଓ 'କ୍ଷଣ ବସନ୍ତ' ଆଜି ସେହି ସମୟର ଲେଖା । ନାଟକ ଲେଖିବା ଲାଗି କେତେଥର ପ୍ରବୃତ୍ତି ହୋଇଥିଲେ ମଧ୍ୟ ସମୟ ଓ ସୁବିଧା ଅଭାବରୁ ତାହା ଆଶାରେହିଁ ଶେଷ ହୋଇ ଯାଇଛି ।

"ଅବସର ଗ୍ରହଣ କରିବା ପରେ ନାନା ବ୍ୟାଧି ଗୋଟିକ ପରେ ଗୋଟିଏ ଆକ୍ରମଣ କଲା । ଶ୍ରୀଲ୍ ମଙ୍ଗଳ ଠାକୁରଙ୍କ ଭଳି କବି ହେବାର ସୁଯୋଗ ନ ଥିଲେ ମଧ୍ୟ ଏବଂ ରାସରସିକଙ୍କ ସମ୍ମୁଖରେ ଭାଟ ହୋଇ ବନ୍ଦନା ଗାନ କରିବାର ସୁବିଧା ନ ହେଲେ ମଧ୍ୟ ମୋତେ ଶେଷ ଜୀବନରେ ବୈଷ୍ଣବ ଧର୍ମକୁ ଫେରି ଆସିବାକୁ ହେଲା । ଅବସର ଗ୍ରହଣ ପରେ ବଙ୍କିମଚନ୍ଦ୍ର, ଶିଶିର କୁମାର, ଅଚିନ୍ତ୍ୟ ସେନଗୁପ୍ତ ଓ ଅନ୍ୟ କେତେଙ୍କ ବୈଷ୍ଣବ ଗ୍ରନ୍ଥ ପାଠ କରିବାର ସୁଯୋଗ ମିଳିଲା । ଶ୍ରୀକୃଷ୍ଣଙ୍କ ବହୁଲୀଳା ପାଠକରି ମନେ ହେଲା—ଏହି ବିଶାଳ ସୃଷ୍ଟି ଦର୍ଶନରେ ତାଙ୍କର ସ୍ଥାନ ଅଦ୍ୱିତୀୟ । କେବଳ ପରମଗୁରୁ ବା ଅବତାର ଭାବରେ ନୁହେଁ, ବନ୍ଧୁ ଭାବରେ, ପୁତ୍ର ଭାବରେ, ସଖା ଭାବରେ, ରାଜନୀତିଜ୍ଞ ଭାବରେ ତାଙ୍କର ସ୍ଥାନ ଅଦ୍ୱିତୀୟ ବୋଲି ମନେକଲି । ବିଦୁରଙ୍କ ଘରେ ତାଙ୍କର ଶାକାନ୍ନ ଭକ୍ଷଣ କଥା ଭାବି ତାଙ୍କୁ ମୁଁ Communismର ଜନ୍ମଦାତା ବୋଲି

ଧାରଣା କରିନେଲି ଏବଂ ମୋର ଦୃଢ଼ ବିଶ୍ୱାସ ହେଲା—ଶାନ୍ତିକାମୀ ଏବଂ ପରମ ପୁରୁଷ ପ୍ରଦ୍ୟୁମ୍ନ ଦୃଷ୍ଟିର ଐଶ୍ୱର୍ଯ୍ୟ ବଳରେ ସୁନ୍ଦର ଉପଦେଶ ଦେଇପାରନ୍ତି । ନାନା ବ୍ୟବହାରିକ କୌଶଳ ଦେଖାଇ ପାଣ୍ଡବମାନଙ୍କୁ ରକ୍ଷା କରିପାରନ୍ତି । ସେ ଯେ ଈଶ୍ୱରାଂଶ ଓ ବହୁ ଅବତାରର ସ୍ରଷ୍ଟା । ସେ ଧାରଣା କ୍ରମଶଃ ମୋର ବଦ୍ଧମୂଳ ହୋଇଗଲା । ଶ୍ରୀକୃଷ୍ଣଙ୍କ ରହସ୍ୟ-ପୂର୍ଣ୍ଣ ବ୍ୟକ୍ତିତ୍ୱର କୌଣସି କୌଣସି କଥା ବା ସଂସ୍କାର ଶକ୍ତିର ବହିର୍ଭୂତ । ତେବେ ବି ତାଙ୍କ ବିଷୟରେ କିଛି ଲେଖିବାକୁ ପ୍ରେରଣା ପାଇଛି ଓ ଦୁର୍ବଳ ଲେଖନୀ ଚଳାଇଛି । 'କୃଷ୍ଣା', 'ଶ୍ରୀରାଧା' ଇତ୍ୟାଦି ପଦ୍ୟ ଇତଃପୂର୍ବରେ ପ୍ରକାଶିତ ହୋଇଛି । ବହୁ ଲେଖା ଉତ୍କଳର ପତ୍ର-ପତ୍ରିକାରେ ବିକ୍ଷିପ୍ତ । ଏ ସବୁ ସତ୍ତ୍ୱେ ମୁଁ ଆଜି ସୁଦ୍ଧା ନିଜକୁ ପଚାରେ—ଏ କାବ୍ୟ ପ୍ରକାଶ ବା ପ୍ରଚାରରେ ଲାଭ କ'ଣ ? ପାପରେ ତେଲ ଢାଳି ଅଗ୍ନିସଂଯୋଗ କଲେ ଯେ ପାପ ଜଳିଯିବ; ସେ'ତ କର୍ତ୍ତା ଓ କରଣ ମଧ୍ୟରେ କଥା । ତାହାର ପ୍ରକାଶ କରିବାରେ କି ପ୍ରୟୋଜନ ଅଛି ? କୋଟିଏ ପାପ ଜନ୍ମରେ ଆହୁରି ଏକଶତ ଜନ୍ମ ହଟିବ ଏବଂ ତାଙ୍କରି ଦର୍ଶନରେ ଗୀତ ଗାଇବା । ଆତ୍ମସନ୍ତୁଷ୍ଟି ବା ପ୍ରଚାରର ପ୍ରୟୋଜନ କ'ଣ ?"

'ଉତ୍କଳ ସାହିତ୍ୟ ସମାଜ'ର ଅନୁରୋଧରେ ମାନ୍ୟବର ଶିକ୍ଷା ଓ ସାଂସ୍କୃତିକ ବ୍ୟାପାର ବିଭାଗ ମନ୍ତ୍ରୀ ଶ୍ରୀ ପଦ୍ମନାଥ ଦାଶ ମହାଶୟ 'ବୈକୁଣ୍ଠନାଥ ଗ୍ରନ୍ଥାବଳୀ' ପ୍ରକାଶ ଲାଗି ପାଞ୍ଚ ହଜାର ଟଙ୍କା ଘୋଷଣା କରିଥିଲେ । ସାଂସ୍କୃତିକ ବ୍ୟାପାର ବିଭାଗର ପ୍ରଦତ୍ତ ସେହି ଅର୍ଥରେ ଗ୍ରନ୍ଥାବଳୀର ପ୍ରଥମ ଭାଗ ପ୍ରକାଶ କରାଗଲା । ଓଡ଼ିଶାର ଶିକ୍ଷା ବିଭାଗ ସେଥିନିମନ୍ତେ ଆବଶ୍ୟକ କାଗଜ ମଧ୍ୟ ଯୋଗାଇ ଦେଲେ । ଶିକ୍ଷାମନ୍ତ୍ରୀ, ଶିକ୍ଷା ବିଭାଗ, ସାଂସ୍କୃତିକ ବ୍ୟାପାର ବିଭାଗ ଓ ଏହାର ଆୟୋଜନ କରିଥିବା ଯୋଗୁଁ 'ଉତ୍କଳ ସାହିତ୍ୟ ସମାଜ'ର ସାଧାରଣ ସମ୍ପାଦକ ଶ୍ରୀ [illegible] ମୋର ଧନ୍ୟବାଦର ପାତ୍ର ।

ତା ୨୫ । ୧୦ । ୭୫
କଟକ

କୃଷ୍ଣବିହାରୀ ଦାସ
ଭୂ. କ. ପି. ଅଧ୍ୟାପକ
ସଭାପତି, ଉତ୍କଳ ସାହିତ୍ୟ ସମାଜ

# ପୂଜା ଅର୍ଘ୍ୟ

ଅନାଗତ  କାଳ ବାଣୀ ଉପାସକ କୁଳ,
ଗହନ ତମିରେ  ଦୃଷ୍ଟି ଉଡ଼ାଳେ
ସ୍ଫୁଟିତ ପଦ୍ମଫୁଲ ।
କାନନ ମଲ୍ଲୀ  କୁନ୍ଦ ଜାଈ ପାରିଜାତ
ଲକ୍ଷ୍ମୀ କରୁଣା  ଅରୁଣ ଅଲୋକ
ଶିରେ ଯାର ନୃତ୍ୟ ଗୀତ,
ପ୍ରାପ୍ୟ ଯାହାର  ବଞ୍ଚନା ଅବହେଳା
ମାରକ ବରଣ  ନିଠୁର ନିୟତି ଖେଳା
ଅଶ୍ରୁ ସାଗରେ  ଫୁଟାଅ ସ୍ନିଗ୍ଧ ହାସ
ମୃତ୍ୟୁ ଗହନେ  ଭରତ ଜୀବନ ରସ
ଝଡର ପ୍ରବାସ  ଲଳିତ ଛନ୍ଦ ଦୋଳ
ଦୁର୍ଦ୍ଦିନ ଝଡ଼େ ଅଙ୍କୁରେ କରି
ଫଣା ତାର ଦଅ ଖୋଲି ।
ନଇଶଯ୍ୟରେ ଥାଉ  ବିଶ୍ୱାସ ଆଶା
କୋଟି ମୂକ ଜନ  ନବଶ୍ରୀସ୍ବର
ବହ୍ନି ଜ୍ୱଳନ ଭାଷା ।
ଅନାଗତ ଯୁଗ  ହେ କବି ଶିଳ୍ପୀ
ଗ୍ରହିସୁ ତୋ ବନ୍ଦନାସୁ
ନିଃସ୍ୱ ଜୀବନ  ଏ ପୂଜା ଅର୍ଘ୍ୟ
ପାଦରେ ସେବାକୁ ନିଅ ।

ବୈକୁଣ୍ଠନାଥ ପଟ୍ଟନାୟକ

# ଅଞ୍ଜଳୀ

# ନବ ବର୍ଷା

ନବ ବରଷାର ଅନୁରାଗ
ମୋର ଅନ୍ତରେ କେବା ଜାଗେ ।
ସୁପ୍ତ ତରୁଣ ବରଷା ଦୃଶ୍ୟରେ
ଚରଣ ଗୀତିଏ ମାଗେ
ନବ ବରଷାର ଅନୁରାଗେ ।

ଚୌଦିଗେ ବାନ୍ଧିଥିଲା ପାଦ ଶୃଙ୍ଖଳ,
ସ୍ତବ୍ଧ ଚିନ୍ତା, ଜଡ଼ିତ ଅଞ୍ଚଳ,
ହସ୍ତ ପଦେ ବନ୍ଧୋଥିବ ବେଣୀ
ଅନ୍ତରେ ମୋର କାନ୍ଦେ,
ନବ ବରଷାର ଅନୁରାଗେ ।

ହେ ମୋର ହୃଦ୍ ଦେବ ଅଶାନ୍ତ,
ତୋର ବନ୍ଧନ ଛିନ୍ନ କର,
ଜଳିତ ଘନ ଶିର,
ମୁକ୍ତିର ଗୀତିର ଭରି ଦେଲ ମୋର
ସୁନେଲ ନୟନେ ନୀର ।

ଆକାଶ ପବନ ମୋର ହେଲା ପୁଲକିତ,
ମୁକ୍ତ ଛନ୍ଦର ଛନ୍ଦେ ଗାଇଲି ଗୀତ ।
ଛିନ୍ନ ହେଲା ମୋ ଦେହ ବନ୍ଧନ,
ଛିନ୍ନ ହେଲା ସେ ବନ୍ଧନ ଜାଲ,
ଛିନ୍ନ ହେଲା ସୀମା ଶୃଙ୍ଖଳ
ମୁକ୍ତ ମୋର ହୃଦ ଆଜି,
ନବ ବରଷାର ଛନ୍ଦ ତେ ।

●

ଜେଲ-ଖାତା
ଅଟକ ଜେଲ, ଜୋନ ୧୯୪୨, ୨ୟ ସପ୍ତାହ

# ସତୀ

ତୁଷାର ପଟଳ ଝର ଶୁଭ୍ର ହିମଗିରି ଲୁଚିଥିଲ ଧୂମାଚ୍ଛାଦିତ ଆକାଶ,
ମରଣ ପରି ଆହା ବହେ ଶୀତଳ ବାଆ ପର୍ବତେ କଏ ଦେଲା ପରଶ,
ରକତ ଶୀତଳ କି ମଜ୍ଜା ଯାଏ ଥରି,
ନୀରବ ବନାନୀ ଗୋ ମୃତ୍ୟୁଦୂତ ପରି
କୋକିଳ କାକ ଡାକ ନ ଶୁଭେ ବୃକ୍ଷଶାଖ ଗହ୍ୱର ନିରଜନ ଗିରି ସେ,
ଦେଖ ସୂଚୀ ପରି ପତନ ତହିଁ ଖରି କ୍ଷୁଦ୍ର କଳପନା ଶିଖା ସେ ।୧।

ପାଷାଣ ସମସରି ଅବା ସେ ଶବବତ ବସଇ ସତୀ ଯୋଗ ଧିଆନେ,
ହେଲାଣି ସଞ୍ଜୀବନ ଥିରି ନାସା ପବନ ଅଙ୍ଗ କି ଆଲୋକିତ ଭୂଷଣେ,
ଅଚଳ ଅଟଳ ସେ ଶାନ୍ତ ମହାତେମନ୍ତୁ,
ଶିରୀଷ ତନୁ ଦେହ ଜୀର୍ଣ୍ଣବାସ ଗେରୁ,
ତରୁଣ ଏ ବୟସେ କଏ ଯେ ନିଠୁର ଯେ ଏଡ଼େ ଅମିତ ଆହା ବନ୍ଧିଲା,
କୋମଳ ଲତା ଦେହ ଟେଇଲ ନଗାରୁଢ଼ କଏସେ ଅବିବେକ ଲମ୍ବିଲା ।୨।

କେ ଦେଲା ଦୁଃଖମୁଖ ଶକ୍ତିସୁଧାସୁଖ ଆତପେ ସରସମ ଶୁଖିଲା,
ନନ୍ଦନ ନାର ମଲ୍ଲୀ କଳସ ଗରୁ ହେଲା କଣ୍ଠ ଯାଏ କପୂରସେ ଲେଖିଲା,
ମାତର ପ୍ରିୟ ବିନା ପରାଣେ ଗତି ନାହିଁ,
ନାହିଁ ମୁକତି, ପ୍ରୀତି ବନ୍ଧନେ କାହାପାଇଁ,
ମରତେ ଦେହଧରି ଶୁଷ୍କ ତରୁ ସରି ଜାଣି ମରିବା ପରି କଷଣ,
ଜୀଇଁବା ପରମାଦ ବନ୍ଧ ସାଧଇ ବାଦ ଜୀବନେ ନାହିଁ ସେବେ ଭୂଷଣ ।୩।

ଯୋଗଧିଆନେ ଆଜି ବାସନା ଶତ ଜାଳି ବିଟପାରି ସବୁ ସୁଖ ଭସଇ,
ଅପଣା ଦବାନ୍ତି ଉଚଇ ମହାସତୀ ଗିରି ଗୁହାରେ ଏକା ବସଇ,
ସତ୍ୟ ପ୍ରିୟ ଚାହି, ସତ୍ୟ ପ୍ରୀତି ଚାହି,
ଭରସା ବିଶ୍ୱାସ ସବଳ କରସାର,
ମିଥ୍ୟା ପ୍ରିୟ ବିନା ଶବ ଭୁବନ ଯିନା ସତୀ ଜୀବନେ ନାହିଁ ମୁକତି,
ଅନଳେ ଯୂନା ସରି ପରଶ ପୂତ କରି ପ୍ରିୟ ପଦରେ ଢ଼ାଳେ ପ୍ରଣତି ।୪।

ଧ୍ୟାନ ମଗ୍ନାରେ କାନନ ହାହାକାରେ ଖଳତ ଜାହ୍ନବୀ ଅଚଳ,
ପାଷାଣ ଯାଏ ଗଳ ସୁଷମା ଯାଏ ଜଳ ନରେଖି ପଥ ବଢ଼ୁ ଅଞ୍ଚଳ,
ବହଗେ ଭକ୍ତମାନେ ଉଚ୍ଛୁଳେ ଜଳ ପଡ଼ି,
ଅବଶ୍ୟ ସହି ଦୁଃଖ ନ ପାରେ ଭଲେ ଧରି,
ତପୋଣେ ପୁଣ୍ୟରେ ହୃଦୟ ଭଣ୍ଡାଗରେ ମିଳଇ ଶିର ଶିବ ଶବଦ,
ଜନମ୍ଭେ ଶିର ନତ ବଜାଇ ଗୀତ ଉଚ କଣ୍ଠ ଡ଼ାକଇ ପଦେ ପ୍ରଣତ ।୫।

ଅମର ଯୁଗଧର ପାପ ଉଦ୍ଧାର ଉଡ଼ଇ ପଶ୍ଚ ଜଗତ୍‌ପାବନ,
ମୋ ଦେଶ ଗଉରବ ଧରମର ବନ୍ଧନ ତୋ ଲଗି ଜଗତ୍ରୟେ ଚେତନ,
ତୋହର ପୁଣ୍ୟରେ ଶତ ପରଶ ପୁତ,
ଭସ୍ମ ଧ୍ୟାନେ ତୋ କଳୁଷ ବଧିତ,
ହୁତ ଜାହ୍ନବୀ ପରଶ ଯାଏ ପ୍ଲାବ ମୂର୍ଦ୍ଧନ୍ୟ ଶିର ଉଷନ୍ତ,
ଉଠେ ତା ବୀଣା ବାଜି ଧନ୍ୟ ହେଲି ଆଜ ବାସନା ବନ୍ଧନରୁ ମୁକତ ।୬।

ଉତ୍କଳ-ସାହିତ୍ୟ
୩୪ଶ ଭାଗ, ବୈଶାଖ ୧୩୩୭, ୧ମ ସଂଖ୍ୟା

# ବିରହିଣୀ

ବରଷା ଆଜି ନଭେ ବ୍ୟଥିତ ହିଆ ସମ ପବନେ ମମ ଆତ୍ମା ବାଧିଲା,
ପରଶେ ଏ ପବନ ଅବଶ ଦେହ ମନ ସନ୍ତାପେ ସେ କି ବାଦ ସାଧିଲା,
ମଉଳା ଫୁଲ ଅବା ଶୁଷ୍କ ମରୁଭୂଇଁ,
ତେସନେ ବିରହରେ ରହିଛି ଆଜି ମୁହିଁ,
କିଏ ଗୋ ସେ ନିଠୁର ମୋ ସୁଖ କରି ଚୁର ସ୍ମୃତିର ଘନ ପ୍ରାଣ ବାନ୍ଧିଲା,
ପବନେ ମମ ଆତ୍ମା ବାଧିଲା । ୧ ।

ଶୂନ୍ୟ ମୋର ଘର ଆନ୍ଧାରେ ଖରତର ତିମିର ଢାଙ୍କେ ଶିର ସଜନି,
କି କଥା ମରମରା କହି ଜାଳଇ ବିଂଥା ନ ଦିଶେ ଦୂର ପ୍ରିୟ ସରଣୀ,
ଆନ୍ଧାରେ ପଥ ରୁନ୍ଧି ନୟନେ ନିଦ ନାହିଁ,
ପୀୟୂଷ ବୋଲି ଅବା ଗରଳ ଗଲି ଖାଇ,
ନୟନୁ ବହେ ପାଣି ଚପଳା ଯାଏ ହାଣି କେଉଁପରେ କଟେ କାଳ ରଜନୀ,
ନ ଦିଶେ ଦୂର ପ୍ରିୟ ସରଣୀ । ୨ ।

ଗଳିଲି ତନୁ ଆଜ କି ହେବଟି ନିଶାଳ ଜୋଛନା ଜଳେ ସେ ପେ ଅନଳ,
ସେ ଦୂର ବଳାହକ ଆଜ୍ଞାର ମୁଁ ସ୍ତବକ ଅମର ସୁରଧୁନୀ କମଳ,
ସଜନୀ ପ୍ରୀତି କହ କି ନୋହେ ନିଦାରୁଣ,
ଶୂନ୍ୟ ପୁରେ ଥାଇ ବସାଇ ଲହେ ସ୍ମୃ ,
ବିରହେ ମାରେ ଧନ ଅକୁଳ ଦେହ ମନ ବଞ୍ଚିବ କେ ଲା ତାଙ୍କୁ ଅମର,
ଅମର ସୁରଧୁନୀ କମଳ । ୩ ।

ଉତ୍କଳ-ସାହିତ୍ୟ
୩୪ଶ ଭାଗ, ଜ୍ୟେଷ୍ଠ ୧୩୩୭, ୨ୟ ସଂଖ୍ୟା

# ଜନ୍ମ ମଙ୍ଗଳ

( ୧ )

ସ୍ଫୁଟିତ ନୟନ ବେନି ଝରନ୍ତ ବାରି,
କଳୁଷ ଜୀବନ ପିଣ୍ଡୁ ନ ଯାଏ ବାହାରି ।
ଭ୍ରମିଲି ଏ ସନେ କେତେ ଦେଶ ଦେଶାନ୍ତର,
କେତେ ଗିରି ନଦୀ କେତେ ସାଗର ପ୍ରାନ୍ତର ।
ଏକାକୀ ବୁଲୁଛି ମୋର ନାହିଁ ଧନ ଗତି,
ଅନନ୍ତ ବିରହ ଭରେ ଫାଟିଯାଏ ଛାତି ।
ଆଉ କେତେଦିନ ଯିବ ଏ ଜୀବନ ପଥେ,
କେତେଦିନ ବହିଥିବ ବେଦନା ଗୁପତେ ।
ବାହାରେ ଅନ୍ଧାର ପୁଣି ଅନ୍ତର ଅନ୍ଧାର,
ନୈରାଶ୍ୟ-ତିମିରେ ସବୁ ଦିଶେ ଏକାକାର ।
କିଏ ଆଣିଦେବ ମୋତେ ମୋ ପ୍ରିୟ ସନ୍ତାନ,
ଯାର ଦରଶନ ବିନା ତେଜିବ ପରାଣ ।
ଜୀବନ ମରୁ ନନ୍ଦନ ମୋର ଗିରିଧାରୀ,
ତା ଲାଗି ସ୍ଫୁଟିତ ନେତ୍ରୁ ଝରଇତ ବାରି ।

( ୨ )

ମାନବ ଜୀବନ ଅଧା ହରଷ ନନ୍ଦନ,
ନବଜାତ ନରଦେହେ ନିତ୍ୟ ନାରାୟଣ ।
ଜୀବନର ଧ୍ରୁବତାରା ପବିତ୍ର ଧବଳ,
ସରୋବରେ ଶୋଭେ ଯେସନେ ଶୁଭ୍ର ଶତଦଳ ।

୨

କଳୁଷିତ ହେବ ବୋଲି ପବିତ୍ର ଆସନ,
ନିଜ ହାତେ ଫୁଟାଇଲି ଯୁଗଳ ନୟନ ।

ଏ ତନୁ କରିବ ଭସ୍ମ ହାରିବ ପରାଣ,
ସହିବି କେସନେ ମାତ ପ୍ରିୟ ଅପମାନ ?

ଆସ ଆସ ଶରି ପ୍ରିୟ, ନିଃସଙ୍ଗ ମୁଁ ଯେଣୁ,
ଜୀବନମରୁରେ ମୋର ବଜୁ ତବ ବେଣୁ,

ପରଶ ପରଶ ମୋର ହେ ଜୀବନସ୍ଵାମୀ,
ସକଳ ଦୁଷ୍କୃତ ପାପ ନିଭୁ ଅନ୍ତର୍ଯ୍ୟାମୀ !

ଭସ୍ମ ସ୍ଥାନେ ଆଜି ମୋର ରଚ ବୃନ୍ଦାବନ,
ସେହି ଭରସାରେ ସିନା ଧରିଛି ଜୀବନ !

ଉତ୍କଳ-ସାହିତ୍ୟ
୩୮ଶ ଭାଗ, ଭାଦ୍ର ୧୩୩୨, ୫ମ ସଂଖ୍ୟା

# ଅଳକା

ଯେ ଦେଶେ ନୀଳ ଚନ୍ଦ୍ରିମା ଜଳେ
ଯାଉଛୁ ଭାସି ସପନ-ଡଙ୍ଗା,
ଯେ ଦେଶେ ସ୍ୱର୍ଣ୍ଣ ଲଜ୍ଜାବତୀ
ଦିବସ ଶେଷୁଁ ପଳାଏ ଥରି ।
ପାଦପ କୋଡେ ଯେ ଦେଶେ ଲତା
ନ ସହି ପ୍ରୀତି ସୋହାଗ ବ୍ୟଥା,
କୁସୁମ ଡାଳି ପଡ଼ଇ ଢଳି
ଫଗୁଣ ନବ ପ୍ରଣୟୀ ପରି,
ଯାଉଛୁ ଭାସି ସପନ-ଡଙ୍ଗା ।୧।

ଯେ ଦେଶଭରା ମଳୟ ଘେର
ଫୁଲ ପରାଗ ଯାଏ ଗୋ ବୋଳି,
ପୀରତି ଦୋଳେ କାମିନୀଜନ
ଜହ୍ନସାଥୁ ଦିଏ ଗୋ ଖୋଲି ।
ଗଭୀର ଲାଜେ ନୁଆଇଁ ଆଖି
ବାନ୍ଧେ ପ୍ରିୟା ପୀରତି ରଖି,
କଣ୍ଠନ ଭୂଇଁ ପ୍ରଣୟୀ ବନ୍ଧୁ
ଚୁମ୍ବନଟି ଯାଏ ଗୋ ତୋଳି,
ଜହ୍ନସାଥୁ ଦିଏ ଗୋ ଖୋଲି ।୨।

ମୁକୁଳ ମଣି ମୁଗ୍ଧ ଚିତ୍ତ
ପ୍ରିୟାରେ ଡାକେ ଆକୁଳ ଭରେ,
ଚପଳ ଖେଳା ଖଞ୍ଜନଟି
ଲଗାଇ ଭ୍ରମ ନୃତ୍ୟ କରେ,
ସ୍ନାହାନରତା ନବ ତରୁଣୀ
ଚଳଚଳେ ବ୍ୟଥା ଲହରି ପୁଣି,
ଝରଇ ବାସ ସରମ ହାସ
ଯାଏ ଗୋ ଭାସି ଚନ୍ଦ୍ରିମା ଜଳେ,
ପ୍ରିୟାରେ ଡାକେ ଆକୁଳ ଭରେ ।୩।

ଯେ ଦେଶେ ନୀଳ ଶଇଳମାଳ
ଆକାଶେ ଟେକି ରହଇ ମଥା,
ବୁଡ଼ଇ ରବି ଅକୂଳ ତଟ
ସେ ଦେଶ ଶୁଣ୍ଢି କହେ ତା କଥା,
ଯେ ଦେଶେ କ୍ଷୀଣ ମଳିନ ଶଶୀ
ଶୂନ୍ୟ ଗଗନେ ଯାଏ ଗୋ ଲସି,
ସେ ଦେଶେ ପ୍ରିୟା ଆକୁଳ ହିଆ
ମୋ ଲାଗି ଶୁଣ୍ଢି ଢାଳଇ ବ୍ୟଥା,
ଶଇଳ ଟେକି ରହଇ ମଥା । ୪ ।

କାନନ ମୃଗ ଚଳିନ ଖେଳେ
ସରଳ ନେହ କାହିଁକି ଥରେ
ଶୂନ୍ୟ କୁଞ୍ଜେ ବଧୂର ପ୍ରିୟ
ମୃଗ ନୟନୁ ଅଶ୍ରୁ ଝରେ,
ମଳିନ ବେଶ ଶିଥିଳ କେଶ,
କରେ କଳସୁ ବହଏ ଗୋ କ୍ଲେଶ,
ଫଗୁଣ ବାୟୁ ମନ ଉଦାସ
ମରମ ବ୍ୟଥା ମରମେ ମରେ,
ସେ ଦେଶେ କବି ନୀରବେ ଝୁରେ । ୫ ।

ବାଞ୍ଛିତ ତା ଅଳସ ଗଣ୍ଡ
ମଳିନ ଆଖି ଅଶ୍ରୁ ଭରା,
କଣ୍ଟକିତ କୁସୁମ ଶେଯ
ଶୂନ୍ୟ ଦେଶେ ଫଗୁଣ ଧରା,
ମୋ ଗୃହକୋଣ ଜାଗର ଜାଳି
ଦିବସ ଜାଗେ ମିଳନ ଗାନ,
ସୁଦୂର ଦେଶେ ଲେଖଇ କବି
ଅଶ୍ରୁନୀରେ ତା କାବ୍ୟ ଗାନ !
ଶୂନ୍ୟ ଦେଶେ ଫଗୁଣ ଧରା । ୬ ।

ଉତ୍କଳ-ସାହିତ୍ୟ
୩୪ଶ ଭାଗ, ଆଶ୍ୱିନ ୧୩୩୮, ୬ଷ୍ଠ ସଂଖ୍ୟା

# ଭବିଷ୍ୟ ପ୍ରିୟା

୧

ସ୍ୱପନେ ଦେଖିଲି ମୋର ଭବିଷ୍ୟ ପ୍ରିୟାରେ,
ଦେଖି ନାହିଁ ଥରେ ଯାକୁ କେବେ କଳ୍ପନାରେ ।

ଲାବଣ୍ୟ ସୁନ୍ଦର ରୂପ, ଶୁଭ୍ର ଜ୍ୟୋତ୍ସ୍ନା ପରି,
ନୀରବ ଗମ୍ଭୀର ଶାନ୍ତ ଯେସନ୍ତେ ବିଭାବରୀ ।

ଯୌବନର ଚଞ୍ଚଳତା ନ ଥିଲା ନୟନେ,
ନ ଥିଲା ନଜର ଭଙ୍ଗୀ ଚିତ୍ତବିନୋଦନେ ।

ଶାନ୍ତିର ଅଖଣ୍ଡ ସୃଷ୍ଟି ! ଅମର ମାଧୁରୀ,
ଫୁଟି ଉଠୁଥିଲା ତାର ଦେହ ମନ ପୂରି ।

ଅନନ୍ୟ ସୁନ୍ଦର ଦିବ୍ୟ ସୃଷ୍ଟି ଦରଶନେ,
ମଳିନ ଦିଶିଲା ଯେସନ୍ତେ ଶତଦଳ କ୍ଷଣେ ।

ସକଳ ବାସନା ସ୍ୱପ୍ନ ତରୁଣ ବିକାର,
ଖସିଗଲା କ୍ଲାନ୍ତ ପ୍ରାଣୁ ଜୀବନର ଭାର ।

ସ୍ୱର୍ଗୀୟର ତୃପ୍ତି ନେଇକି ରହିଲି ଅନାଇ,
କ୍ଷଣୁ କ୍ଷଣେ ମୋ ନୟନେ ନୂଆ ଦିଶୁଥାଇ ।

୨

କି ଅପୂର୍ବ ଲୀଳା ସେ ତ ହେଲେ ଚମକ,
ଦର୍ଶନ ବିଜ୍ଞାନ ମୋର ସବୁ ଗଲା ଢକି ।

ମୁଗ୍ଧ ନେତ୍ରେ ଚାହିଁ ଚାହିଁ ଭଜିଲି ସେ ତ୍ୟାଗ,
ନାହିଁ ନାହିଁ, ଅସରନ୍ତି ନିତ୍ୟ ଅନୁରାଗ ।

# ଭବିଷ୍ୟ ସ୍ମୃତି

୧

ସ୍ୱପନେ ଦେଖିଲି ମୋର ଭବିଷ୍ୟ ପ୍ରିୟାରେ,
ଦେଖି ନାହିଁ ଥରେ ଯାକୁ କବି କଳ୍ପନାରେ ।

ଲାବଣ୍ୟ ସୁନ୍ଦର ରୂପ, ଶୁଭ୍ର ଜ୍ୟୋତ୍ସ୍ନା ପରି,
ନୀରବ ଗମ୍ଭୀର ଶାନ୍ତ ଯେସନ୍ତେ ବିଶ୍ୱବସ୍ତି ।

ଯୌବନର ଚଞ୍ଚଳତା ନ ଥିଲି ନୟନେ,
ନ ଥିଲି ନଜର ଭଙ୍ଗୀ ଶତ୍ରୁବନ୍ଦୋଦନେ ।

ଶାନ୍ତିର ଅଖଣ୍ଡ ମୂର୍ତ୍ତି ! ଅମର ମାଧୁରୀ,
ଫୁଟି ଉଠୁଥିଲି ତାର ଦେହ ମନ ପୁରି ।

ଅନନ୍ୟ ସୁନ୍ଦର ଦିବ୍ୟ ମୂର୍ତ୍ତି ଦରଶନେ,
ମଳିନ ଦିଶିଲି ଯେସନ୍ତେ ଶତଦଳ ଷଣେ ।

ସକଳ ବାସନା ସ୍ୱପ୍ନ ତରୁଣ ବିକାର,
ଝରିଗଲି କ୍ଳାନ୍ତ ପ୍ରାଣୁ ଜୀବନର ଭାର ।

ସୂତଣର ତୃପ୍ତି ନେଇ ରହିଲି ଅନାଇ,
ଷଣ୍ଣୁ ଷଣେ ମୋ ନୟନେ ନୂଆ ଦିଶୁଥାଇ ।

୨

କି ଅପୂର୍ବ ଲୀଳା ସେ ତ ଦେଖିଲେ ନୟନେ,
ଦର୍ଶନ ଶଙ୍କାନ ମୋର ସବୁ ଗଲି ଦଳି ।

ମୁଗ୍ଧ ନେତ୍ରେ ଗୁଣ୍ଠି ଖୁଣ୍ଟି ଢଳାଇ ମୋ ତ୍ୟାଗ,
ନାହିଁ ନାହିଁ, ଅପରନ୍ତୁ ନିତ୍ୟ ଅନୁରାଗ ।

ଯାର କାନ୍ତି ଯା ମାଧୁରୀ ନାହିଁ ଜଗତେ ଅନ୍ୟ,
ଯୌବନେ ନ କଲ ବନ୍ଦୀ କରଇ ଜୀବନ ।

ଅର୍ପଣ କରିଛି ଆଜି ମୂର୍ତ୍ତି ଭାଗ୍ୟବାନ,
ତାଙ୍କର ମୋ କୃତି ଧନ୍ୟ, ଧନ୍ୟ ଭଗବାନ ।

ଅରୂପ ଯେ ସ୍ପର୍ଶେ ନିଜେ ଭାଗ୍ୟବାନ ମଣି,
ଲେଖିଲି କବିତା ବୋଲି ଧରିଲି ଲେଖନୀ ।

ପ୍ରାଣ ଭରି ହାତେ କର ଧରି କହେ, ଆଜି,
ମୋ ଲାଗି କବିତା ଲେଖି କାର୍ଯ୍ୟ ନାହିଁ ଆଉ ।

ଶରତର ଉତ୍ସବର ଲକ୍ଷ୍ମୀଭରା ହାସେ,
ଅମୃତ ସୃଷ୍ଟିର କାବ୍ୟ ସୌନ୍ଦର୍ଯ୍ୟ ପ୍ରକାଶେ ।

ଉତ୍କଳ-ସାହିତ୍ୟ
୩୪ଶ ଖଣ୍ଡ, କାର୍ତ୍ତିକ ୧୩୩୮, ୭ମ ସଂଖ୍ୟା

# କବିର ଦେଶ

ସୁଦୂର ମୋର କାନନ ଭୂଇଁ
ବରଷ ଆସି ଭରମେ ଦୂରେ,
ସେ କେଉଁ ମାୟା ହରିଣୀ ପଛେ
ମରଣ ଅବା, ନରକେ ଦୂରେ,
ଶଇଳବନ ଶ୍ୟାମଳ ଲତା
ଶାଖେବେ ଡାକେ ପରାଣ ବ୍ୟଥା,
ସେ ଦେଶ ମରୁ ଜୀବନହୀନ
ଏକାକୀ ମରେ ପରାଣ ସୁରେ । ୧ ।

ଜନମ ଭୂଇଁ ଘେରନ୍ତି ନଈ
ନଉକା କେତେ ଯାଏ ଗୋ ଭାସି,
ପ୍ରିୟ ଜନର ବାରତା ବହି
କରଦେ ପୁଣି ଅଶ୍ରୁ ରାଶି ।
ସେ ଦେଶ ଗ୍ରୀଷ୍ମ ଅନଳ ମୂର୍ତ୍ତି
ଚୀରନ୍ତ ଘନ ଏ ମରୁଭୂଇଁ;
ଶୁଣିବ ପଦେ ସେନେହ କଥା
ଭରସା ନାହିଁ ଏ ଦେଶେ ଆସି । ୨ ।

ସନ୍ଧ୍ୟା ହେଲା ବୁଡ଼ିବେ ରବି
ରଞ୍ଜନ ହେବ ଆକାଶ ମଣ୍ଡି,
କୁଳକାମିନୀ ଘଟିମାନଙ୍କର
ତ୍ରିବେଣୀ ଜଳେ କଳସୀ ବନ୍ଧ,
ଅଳସ ଗତ ନୂପୁର ଧ୍ୱନି
ପରିହାସେ କି ହସେ ଅବନୀ,
ଗୋପବାଳକ ମୁରଲୀ ଧ୍ୱନି,
ଦୂର କାନନୁ ଶୁଭିବ ରଙ୍ଗ,
ସଙ୍ଗୀତଗଣ ଗାଇଲେ ପ୍ରିୟା
ତ୍ରିବେଣୀ ଜଳେ କଳସୀ ବନ୍ଧ । ୩ ।

ସ୍ନେହ ମଳୟ ଅଧୀରେ କେତେ
ଆନନ୍ଦ ଫୁଲେ ଯିବଟି ଝୁଲି,
ମର୍ମରବେ ପାଦପ ଲତା
ହୃଦର ଗୀତେ ସକଳ ଭୁଲି ।
ଜଡ଼ିତ ମୋର ପରାଣ ଭାଷା
ସବୁ ସାଧନା ସକଳ ଆଶା,
ସେ ଦେଶେ ମୋର ପରମ ପ୍ରିୟ
ମୋ ପଥ ଚାହିଁ ପଡ଼ିଛି ଢଳି,
ଦେବସ ଯାଏ ମୋହର ମାୟା
ଧରଣୀ ପଛେ ଭରମେ ଭୁଲି ।୩।

ଉତ୍କଳ-ସାହିତ୍ୟ
୩୪ଶ ଭାଗ, ମାର୍ଗଶୀର ୧୩୩୮, ୮ମ ସଂଖ୍ୟା

# ଆରତି

୧—ତୁମ ଉକ୍ତା ଏ ସୃଷ୍ଟିର ସତ୍ୟ [illegible],
ମାଷ କଲ କାହିଁପାଇଁ [illegible]

ମାନବ ଈଶ୍ବରର ? କହିଁ [illegible] ପିତା !
ଜାଣି ଜାଣି ଜାଳି ଦେଲ ପ୍ରାଣେ [illegible] ଚିତା ?

ଚାଣିଲ କି ଧଳା ଶୁଦ୍ଧ ମଧ୍ୟ ଧବଳକା—
ତୁମରି ଭରସ ? [illegible] ଦେଖ [illegible] !

ଯେଉଁ ଛନ୍ଦ ମାନବ [illegible] ହେଲ [illegible],
କି ଦେଖୁଛ ବସି ନୀଳା [illegible] ?

କହୁଲ ମାନବ ସଜା, ତା ସୃଷ୍ଟି [illegible],
ସୁନ୍ଦର ଜୀବନ ତାର [illegible] ।

ମାଷ କାହିଁ ଶାନ୍ତି ପ୍ରାଣେ ? କାହିଁ [illegible] ?
ଜୀବନ ବାସନା-ମଣି [illegible] ।

ଫିଙ୍ଗି ଦେଇ ମୋ ଯୌବନ ବଜାର ସଂସାର
ଶୁଣିବ ଅଶ୍ରୁସ୍ରୁ [illegible] କରେ ହାହାକାର ।

●

୨—[illegible] ବାଧ କାଳିକ [illegible],
କାହିଁକି ଏ ମାନବଙ୍କୁ [illegible],

ମିଥ୍ୟା ତୁମ ସୃଷ୍ଟି [illegible],
ମିଥ୍ୟା ଅରବନ୍ଦୀ [illegible] ।

ରମଣୀର । ତା ଲାବଣ୍ୟ ମତ୍ତ ମୁଗ୍ଧ ଭୃଙ୍ଗ !
ମିଥ୍ୟା ମୋର କାବ୍ୟସୃଷ୍ଟି କଳ୍ପନା ଉତ୍ତୁଙ୍ଗ ।

ମିଥ୍ୟା ପ୍ରେୟସୀର ହାସ୍ୟ, ତା' କଟାକ୍ଷ ଦୃଷ୍ଟି,
ମିଥ୍ୟା ଅସୁନ୍ଦର ସୃଷ୍ଟ; ଯେଣୁ ସେ ଅଦୃଷ୍ଟି ।

ପୂର୍ଣ୍ଣ ତୁମେ, ତେଣୁ ସତ୍ୟ ଅମର ସୁନ୍ଦର,
ପ୍ରାଣ ଝୁରେ ପଦ୍ମପାଦ ତେଣୁ ନିରନ୍ତର ।

ସକଳ ରୂପର ରୂପ, ଜୀବର ଜୀବନ;
କେବେ କେଉଁ ଘାଟେ କହ ଦେବ ଦରଶନ ?

ମୋ ଜୀବନ ଅରବିନ୍ଦ ତୁମ ସେବା ଯୋଗ୍ୟ,
ନ ଲୋଡ଼େ ସ୍ୱାତନ୍ତ୍ର୍ୟ, ନୁହେଁ ସ୍ୱାଧୀନତା ଭୋଗ ।

ଉତ୍କଳ ସାହିତ୍ୟ
୩୪ଶ ଭାଗ, ପୌଷ ୧୩୩୮, ୯ମ ସଂଖ୍ୟା

୩—ଅଶ୍ରୁରେ ମୋର ଆରତି,
ତୁମ ଜନ୍ୟ ମୋର ଘରଣି,
ତୁମରି ବଳନ୍ୟ ଜଣାଣ ଧରି ମୁଁ
ଲଭିଁ ଟେ ପନ୍ଥେ ଶିକେ ।୧।

ଦୁଃଖେ ମୋର ଟେ ମାର ତୁମ ଦାନ,
ଅନ୍ଧାରେ କଣ ଗାଇବାକୁ ଗାନ !
କଷ୍ଟେ ଦୋହଲେଁ ଛିନ୍ନ ପତ୍ରଣ
ନୟନେ ସନ୍ଧ୍ୟୁ ଝରନ୍ତି ।
ଅଶ୍ରୁରେ ମୋର ଆରତି ।୧।

ଏ ମରତେ ନାହିଁ ପଦ ମୋର ଥାନ,
କାହା ନେଡରେ ନାହିଁ ଆସନ,
ଅଛୁ ପ୍ରିୟ ତବ ପ୍ରୀତି ଅମ୍ଳାନ,
ଦେ ମୋର ଜୀବନ ମୂରତି ।
ଅଶ୍ରୁରେ ମୋର ଆରତି ।୨।

ଶାନ୍ତ ନିଶିଥ ଅନାଦ ନନ୍ଦନ,
ସନ୍ଧ୍ୟା ତାରକା ଭଲ ଅଞ୍ଜନ,
ସଉବ ମନ୍ଦ ଗୀତ ଭରୁ ସମ,
ଧନ୍ୟରେ ଜାଗିବ ହୃଦେ !
ଅଶ୍ରୁରେ ମୋର ଆରତି ।୩।

୪—ଯହିଁ ଯେତେରେ ମୋର ଦୃଷ୍ଟି,
    ତୁମର ରୂପର ସୃଷ୍ଟି ।

ଜୀବନ ଦେବତା ତୁମର ପ୍ରକାଶ,
ମଧୁ ଆକାଶ ଗତ ନାଶ ହାସ,
ଜୀବନର ଯେତେ ବିମଳ ପ୍ରୟାସ
ବେଦନା ତୁମରି ତୁଷ୍ଟି,
ଏ ସକଳ ସ୍ୱପ୍ନ ମୋର ଛାର ନହ
ତୁମରି ରୂପର ସୃଷ୍ଟି ।୧।

ପ୍ରଭାତ ଆଲୋକ ଯାଏ ଗୋ ମିଳାଇ,
ପ୍ରାନ୍ତର ବନ ନଦୀ କନ୍ଦ ଯହିଁ
ନାହିଁ ଗୋ ଦେବତା ସୌନ୍ଦର୍ଯ୍ୟ ଗୁଣ
ଅତୀତ ଜୀବନ ସ୍ମୃତି ।
ମୋ ଜୀବନ ପୂଜା ସକାଳ କୁସୁମ
ତୁମରି ରୂପର ସୃଷ୍ଟି ! ।୨।

ମିଳନ ପ୍ରଥମ ଅସ୍ଫୁଟ ହାସ,
ମରମର ବ୍ୟଥା ବିରକ୍ତ ଗାନ,
କେଉଁ ପାରେ ତୋରି ଚାହିଁବା ପ୍ରୟାସ ?
କହିଁକି ନୟନ ଦୃଷ୍ଟି ?
ଜୀବନ ପରେ ଶାନ୍ତି ଅତୀତ
ସେ କି ନୁହେ ତବ ସୃଷ୍ଟି ! ।୩।

୫—(ଯେବେ) ଅନ୍ତର ବାସନା ଅଭିମାନ ବଳି,
ଯୁଗଳ ଚରଣ ଧୋଇବ ଲୋତକ ନିଗଳେ ?
ପ୍ରୀତିରେ ପଦ୍ମ ଅଞ୍ଜଳି ଦେଇ,
ଅନ୍ତର କଥା ଧୀରେ ଉଠେ ଫୁଟି,
ବନସ୍ପତି ତୋ ମୋର ଅବନତ ହୁଏ ଶିର ।
ହେ ମୋର ଦେବତା ତାଙ୍କେ ଅଶ୍ରୁ ନୀର !

ମିଳନର ନୂତନ ସ୍ୱପନ ମୋ ପାଏ ମିଳ,
ଜୀବନ [illegible] ଅଛି [illegible];
କି ମଧୁରେ ଆଜି ଭରିଲି ଦୁଆର କୋଳ
ଅମା [illegible] ଭେଦି ହସେ ଶୁଭ୍ରଦିନ ।
ଗାଏ ଜୀବନର ଗାଥା,
ହେ ମୋର ଜୀବନ ଦାତା !

ତୁମର ଆଲୋକ ସକଣ୍ଡୁ [illegible]
ଶୁଭ୍ର କମଳ [illegible],
ତୁମ ହସ୍ତରେ ଦୁଃଖ ଦୈନ୍ୟ
ସନ୍ତାପର [illegible] ।
ଜୀବନ ଜଳଧି ନାଉ ମୋର [illegible]
ହେ ମୋର [illegible] ପ୍ରଭୁ !
ଅଭୟ କର [illegible]

[illegible] ଅନ୍ଧକାର, ନାହିଁ ନାହିଁ ଭୟ,
ତୁମର ଶକ୍ତିରେ ଚରଣ ବଳୟ,
ନାହିଁ ମୁଁ [illegible] କରିବାକୁ ଅର୍ପଣ;
[illegible] ମୋ [illegible] ସକଳ ଆୟୋଜନ !
ଦିଅ ମୋ [illegible] ଭିଉ;
[illegible] !

ଉଦୟ କର ସୁନ୍ଦର [illegible]
ଏ ମୋର ହୃଦୟ [illegible] ।
ସକଳ କର୍ମେ [illegible] ।
ତୁମର ଯୋଗ୍ୟ କର [illegible]
ଦିଅ ମୋ [illegible]
ଜୀବନ ସଙ୍ଗେ ଶତ [illegible]
ଏତିକି ମୋହର ଆଶା ।

ଓ—ଆଜ ଦେବ ଖୋଲି କେଉଁ ଗାଥା,
ଲଗାଇଲ ଏ ପରୀକ୍ଷା ?
ହେ ପରମ ପ୍ରିୟ ଅନ୍ତରତମ
ମାଗିବକି ଅଜ ଭିକ୍ଷା ?

କେତେ ରୂପ ଧରି ନେଉଛ ପରଖି,
ଦୁଃଖ-ଆକୁଳ ପଡ଼େଁ ଯେବେ ଥକି,
ଦୈନ୍ୟ ମାଡ଼ିଛି ଜୀବନର ଦାନ
ମୋ ଜୀବନ ପ୍ରହେଳିକା !
ଲଗାଇଲ କ ପରୀକ୍ଷା !

ନିରାଶା ବାତ୍ୟା ଏ ଜୀବନେ କେତେ
ବିକଳ କରୁଛି ପ୍ରାଣ,
ଆଗୋ ଚରଣଠ ଅନ୍ଧ ହାତେ
ଗାଇବାକୁ ଅଛି ଗାନ !

ପୃଣେ ଶରଣ ଦିଅ ଗୋ ମିଳାଇ,
ସେନେହ ପ୍ରୀତିରେ ଦୁଃଖ ଯେ ନାହିଁ,
ଅଶ୍ରୁ-ଆକୁଳ-ପରାଣ ଭଜନସେ
କରେ ତୁମର ପ୍ରଶଂସା !
ତୁମରି ଇଚ୍ଛା ପୂର୍ଣ୍ଣ କର ଗୋ
ଏତିକି ପଦ୍ମରେ ଭିକ୍ଷା ।

●

ଡିସେମ୍ବର-୧୯୨୯

୭—ରୁଦ୍ର ହେ ମୋର ପ୍ରିୟ,
ଅଶ୍ରୁ ବେଦନା ଦିଅ !
ମରଣ ସମାନ ଆସୁ ଘନ ଘୋଟି,
ଜୀବ ମରଣି ଦେହକେ ଯାଉ ଲୋଟି,
ଶୀତ ଉତପାତେ ପଡ଼ୁ ପବନେ !
ଜୀବନର କୁଟିଳ ବୃନ୍ତି—
ତୁମ ଜୟ ଗିତ ଗାଉ ।

ତରଙ୍ଗ ଆସିଲେ ଢେଉ ଅତଳେ
ବସି ମୁଁ ଦେବି ପାଡ଼ି
ଆରେଗା ଦରିଦ୍ର ସାଥି !
ଆଲୋକ ବହ୍ନିରେ ଖେଳୁ ଅଛୁ ଯଦି
ଅମା ଅନ୍ଧାର ରାତି !

ତୁମର କୀରତ୍ତି ଭରସା ମୁଁ କରି,
ଆକୁଳ ସାଗରେ ବାନ୍ଧି ନେବି ତରୀ
ହେବେକି ରୂପେ ତ ଆସି ସୁନ୍ଦର ଶିବ
ମୋହ ଚିର ବରଣୀୟ ।
ରୁଦ୍ର ହେ ମୋର ପ୍ରିୟ ।

୮—ପ୍ରଣତ ଅନେକେ ସୁନ୍ଦର ପ୍ରଣିପାତ !
ଚିର ଅନ୍ତର ହେ ମୋର ଜୀବନ ନାଥ ।
ଜୀବନ ସନ୍ଧ୍ୟାରେ ଉଠିଲ ହେ ଅରି
ମଳୟ ପରଶେ କିଶଳୟ ସରି !
ଉନ୍ମୁକ୍ତ ଶତଦଳ !
ନିଅ ମୋ ଅଶ୍ରୁଜଳ ।

ପ୍ରଭାତ ସନ୍ଧ୍ୟାରେ ସକଳ ଦୃଶ୍ୟେ ବନ୍ଦେ,
ଚନ୍ଦ୍ରମା ଆକାଶ ନିତ୍ୟ ନବୀନ ଛନ୍ଦେ;
ତୁମରି ଚପୁରେ ଜୀବନର ଜୟ ଗାଏ,
ନୀଳ ପରବତ ମୂର୍ଦ୍ଧ ନମ୍ରେ ଲୁହେଁ !
ନାବିକ ଡୋଳାଏ ତରୀ
ତୁମ ଜୟ ଗାନ କରି !

ପୂରୁବ ଗଗନେ ଗାଏ ଉଦ୍ଦ ଜୟ ସୂର୍ଯ୍ୟ,
ମଳୟ ମୁର୍ଚ୍ଛୁ ତବ ପଦତଳେ ତୂର୍ଯ୍ୟ ।
ଚୌଦିଗେ ଅଜ ପ୍ରଶ୍ରୟ ଏ କି କାନ୍ତି !
ଏକି ଗୋ ମାଧୁରୀ ଶାନ୍ତି !

ଚନ୍ଦ୍ରିମା ବକ୍ଷେ ଶାନ୍ତି ହୃଦମ ଜୁଈ !
ତେସନେ ଦୃଷ୍ଟି ସ୍ୱରୂପ ଉଦ୍ଭବ ଗୁହିଁ,
ଦେବ ମୋ ମୁକ୍ତି ଦାନ,
ଶିର ଦଣ୍ଡିକି ଦେବ ମୁଁ ପ୍ରତିଦାନ ?

●

୪—ଜୀବନ ପଥ ଯେବେ ଯାଏ ...
ଅକୂଳ ବେଦନାରେ ବୁଡ଼ିଲି ଏକା,
ବନ୍ଧୁର ପ୍ରାଣ କା'ର ଉଧେ ଶନି
ଖୋଜେ ...ବ ବୋଲି ଥରେ ଦେଖା !

ଖୋଜଇ ପଞ୍ଜରର ...
ଶରଲ ନଦୀ କୂଳ ଧାନ ଖେତ,
ଶୂନ୍ୟ ଜନପଦେ ସମୀରଣ
କି ଖୋଜି କହିଯାଏ କାହିଁ ସେତ ।

ଧ୍ୱଜପ ... ରବ ଯାଏ ଭୁଲି
ଯାଏ ସେ ଉଡ଼ି ବାସେ ମୂକ ପକ୍ଷୀ,
ଚରଣ ଗାଏ ମୁଁ ଗୋ ପଥ ଭୁଲି
ଜୀବନ ପଥେ ଏକା ଚାଲି ଥକି ।

ତୁଟିଲେ ତୁଟେଣି ଯନ୍ତ୍ର କି ଶୋଚନା ?
ଦେବ କି ନାହିଁ ଆଜ ଗିର ଲତା ?
ଗତ ବେଳକ କଥା ବଲ୍ଲଧରି
ଏ ଦେଦେଶେ ଭାଳଜିବ ମୋର ବ୍ୟଥା ।

ମୂକ ଶଇଳ ଏଥି ଉଚ୍ଚ ଶୃଙ୍ଗ,
ଶାନ୍ତ ଏ ଆକାଶ ବିମୁକତ;
ସଜନା ପ୍ରାଣେ ଆଜ କାନ୍ଦିପାଇଁ
ଉଡିବ ମୋ ଯଉବନ ଏଥି ଗତ ।

ବରଷ ଲୁଟିରହି ଷରେଲରେ
ବନ୍ଧୁ ପଥ ମୋର ଥିବ ଶୃଙ୍ଗ,
ସନ୍ଧ୍ୟା ଗୋଧୂଳିର ଆଲୋକରେ
ନାଚି ଏ ପଥେ ଯାଏ ବୀଣା ବାଇ ।

ସୁଦୂର ପଥିକ ଗୋ ନାହିଁ ଦେଖି ?
ଭୁବନ ବିମୋହନ ରୂପ ତାର ?
ଲକ୍ଷ ଉକଟେ ପ୍ରୀତି ଯାଏ ଦେଖି,
ଦୃଷ୍ଟି ବ୍ୟଥା ତାର ଗଭୀରାର ।!

ମନମାତେ ପୁଣି ତା ଅଧର
ଥରଇ ପ୍ରଣୟ କି ଅନୁରାଗେ ?
ଫୁଟେ ଅମର ଗୀତ ଝଙ୍କାର
ଫୁଟେ କମଳ ଏଠ ବଗ ଭାଗେ !

ଧନ୍ୟ ତୁଏ ନିଖିଳର ବ୍ୟଥା
ଶଙ୍ଖ ଶଙ୍ଖରେ ତାର କାହାଣୀ;
ଶାନ୍ତ ସରଗର ମାଦକତା
ବନ୍ଧୁ ସେ ଦିଶି ଆସେ ମୋର କବି ।

୧୦—ମଧୁ ମଳୟର ଦ୍ୱାରେ,
ସୁନୀଳ ତଟିନୀ ଧାରେ,
ନେରେଖିଲି କାର ଶୁଭ୍ର ମୂରତି,
ଝଳସେ ଚରଣ ଢାଳିଲି ପ୍ରଣତି,

ଗାଇଲି 'ହେ ମୋର ଅରୂପ ଶକତି
ଆଜ ତବ ଅଭିସାରେ—
ଆସିଛି ବଧୂର ପ୍ରେୟସୀ ତବ
ସୁନୀଳ ତଟିନୀ ଧାରେ !
ମଧୁ ମଳୟର ଦ୍ୱାରେ ।

ଶୁଣିଛି ଆଜ ଗୋ ସ୍ନିଗ୍ଧ ସେ ଡାକ,
ତନୁ ମର୍ମରେ ! ମୁହିଁ ନିର୍ବାକ,
ଗୁହିଁଛି ସୁଦୂରେ କି ଭରସା ରଖି
ଗଳିତ ଅଶ୍ରୁ ଧାରେ,
ମଧୁ ମଳୟର ଦ୍ୱାରେ ।

ଡାକ ପୁଣି ମୋତେ ବସନ୍ତ ସଖା;
ଭୁଲେ ଅବହେଳେ ମୃତ୍ୟୁ ଶଙ୍କା;
ସକଳ ମଳିନ କୁତ୍ସିତ ଭୁଲି,
ତଟିନୀ ପରି ମୁଁ ପଡ଼ିବି ଢଳି,
ସୁନ୍ଦର ତବ—ରୂପ ରସେ ମଜି
ଯାଉ ମୋ ଚିତ୍ତ ଗୀତିଭରେ ହଜି
ଆଜ ! ଏ ତଟିନୀ ଧାରେ,
ମଧୁ ମଳୟର ଦ୍ୱାରେ !

ଅଦୂରେ ଶୋଭଇ ଆମ୍ର ମୁକୁଳ,
ତା ସମ ପବଣ କିଏ କେ ଆକୁଳ ?
ଜଡ଼ିତ କର ଗୋ ପ୍ରେମ-ଦୁକୂଳ
ବିରହିଣୀ-କଣ୍ଠ-ଅଙ୍ଗେ;

କୁସୁମର ଆଶା ଭର ଏ ଶବ୍ଦେ
ମରଣକୁ ଭୁଲେଁ ଏ ରୂପ-ଗର୍ବେ,
ସୁଖ ପ୍ରଦ ପ୍ରୀତି-ସଙ୍ଗୀତେ
ଅମର ମନ୍ତ୍ର ସଙ୍ଗେ !

ବହ ଗୋ ବହ ଗୋ ମନ୍ଦ ପବନ,
କହ ଗୋ କାନ୍ତ କେଳି କାନନ,
କହ ନା କେମନ୍ତେ ଭ୍ରମମାନ ରଙ୍ଗ,
ଆକୁଳତା ଭରା ପାଇଁ ମୂର୍ଚ୍ଛି ମନ,
କ୍ଷୁଦ୍ର କଳେବର ଉଠିମାତେ ଚୋଳ,
ଛୁଟିଛ କା ଅନ୍ୱେଷେ ଚାଲି ଦେଇ ଖୋଲ ?

ମିଳିବ କି ତାର ଦେଖା ?
ଜାଣିଛ ତା ପ୍ରୀତି ଲେଖା ?
ଯିବି ମୁଁ ତା ଉଦ୍ଦେଶରେ !
ଡାକିଲେ ସେ'ବା ଆକୁଳକଣ୍ଠେ
ମଧୁ ମଞ୍ଜୁର ସ୍ୱରେ !

୧୧— ପଞ୍ଜର ପଞ୍ଜରେ ମାଧବ ଲତା ଅଜ ସରବ,
ଉଠିଲି ସ୍ୱର ତାଙ୍କ ସେ ସୁଷମା ମୁଁ କାହା ଗୌରବ;
ଅଣା କାଚନା ସ୍ୱପ୍ନ
ଧକଳ ଦେଇ ଆଜ,

କୁମର ଦ୍ୱାରରେ ମୁଁ କରି ତରୁଣ
ଏତ ମେଘ ଭରମ ବୃଷ୍ଟି,
(କୁମ) ନୀରବ ବେଦନା ଅଧର ତଳେ ଜଳ
ନେଇ ମୁଁ ଦେଖା ଗାଇବ ।

ଦଶମୀ ପ୍ରଭାତକେ ଯାହାର ସମାପନ
ଯାଉ ଧନକେ କୁମ ଧୂଆକେ କମଳକ;

ସନ୍ଧ୍ୟାସମ ତୁଚ୍ଛ ରଙ୍ଗିନ ପଥ ଖୁଣ୍ଟି
ଭିକ୍ଷା ମାଗି,
ଯେଉଁକାଳେ ହରଷ ର   ପ୍ରଶାନ୍ତି ଗଗନରେ
ବନ୍ଧରେ ଯାଉଥିବେ ବାହାର ।
ଅସ୍ତ ତପନକୁ ଯେ କାଳେ ଖୁଣ୍ଟି  ଖୁଣ୍ଟି
ସ୍ୱପ୍ନଲୋକେ ତଣ୍ଡ ନାଚକ  ପିକ ବାନ୍ଧି,
ତବ ଉପବନୁ କୁସୁମ ସୁବାସିତ ନଭାଙ୍ଗନ !
ଆରତି ଲାଗି ତବ ଅଶ୍ରୁ ପଡ଼ୁଥିବ ଝୋଲିରେ ।

୧୬—ତୁମେ ମୋର ନେତା ତୁମେ ମୋ ନିୟନ୍ତା
ସକଳ କର୍ମ କରତା
ଅଜ୍ଞାନ ମୂର୍ଖ ଲଭୁଛି ଚରଣେ
ବିଶାଳ ସୃଷ୍ଟି ବାରତା
ଚିର ପ୍ରିୟ ମୋର ଦେବତା ।
କେତେ ରୂପେ ତୁମେ ଏ ଜୀବନ ତଣ୍ଡ
ଚଳାଇ ଅଛ ଗୋ ଟାଣୁଛି କେ ଧରି
କେତେ ମିଳାଇଛନ୍ତି କେତେ ଗୋ ହସନ୍ତି
ଦେଖି ନାହିଁ ବଦନ ଘନତା
ସବୁ ରୂପ  ଗାନ ଭରତା ।
ସକଳ ପ୍ରିୟର ତୁମେ ପ୍ରିୟତମ
ଯାଇଛି ହେବ ଗୋ ଭୁଲ
ଏ ଜୀବନେ ମମ ମନ୍ଦା ସ୍ୱପ୍ନ ମେ
କେତେ ଗୋ ଲାଗିଛି ଧୂଳି
ସକଳ କର୍ମେ  ତୁମରି ଚେତନା
ତବ ସଙ୍ଗୀତ ମହାମୂର୍ଚ୍ଛନା
ସବୁ ଚେତନାରେ ବାଜୁ ସେ ଛନ୍ଦ
ମନ ଅନ୍ତର ଚିର ପ୍ରଣତା
ସକଳ କର୍ମ କରତା ।

୧୩—ବିଶ୍ୱ ବଣିକ ମନ୍ଦିରେ ତବ
ଲଭିଛି ମିଥ୍ୟା ଯାଗ,
ଅନ୍ତରେ ମମ ଦେଉଛି ଅଗ୍ନି
ଅନନ୍ତ ଅନୁରାଗ
ସ୍ୱଳ୍ପ ସ୍ୱଳ୍ପ ପ୍ରଭୁ ମାର୍ଗେ ପଥେ
ଲାଗେ ମଳିନତା ଧୂଳି ନେକଟେମତେ,
ତବ ମନ୍ଦିରେ ମିଥ୍ୟାର ଲୀଳା
ନଭେ କି ଜୀବନ ଦାଗ ?
ଲଭିଛି ମିଥ୍ୟା ଯାଗ

ସୁତ ଶୁଭ୍ର ଶତ ମନ୍ଦିର
କରିବ ଶଶିର ସ୍ନାତ,
ଫୋଟାଇବ ଶତ କୁସୁମ କାନନ
ତୁମ ପଦେ ଲଭି ନାଥ ।
ଯଜ୍ଞ ସମିଧ ସକଳ ବିକାର,
କ୍ଷୁଦ୍ର ମନର ମୋହ ଅହଙ୍କାର,
ଦୃଢ ଅନୁରାଗ ଅଗ୍ନି ଆହୁତି
ସ୍ୱାର୍ଥ ବାସନା ତ୍ୟାଗ,
ହଇବ ଦେବତା ପ୍ରତ୍ନ ସ୍ୱର୍ଗେ
ଭୂମିର ସଦ୍ଭାଗ ।

●

ଉତ୍କଳ-ସାହିତ୍ୟ
୩୬ଶ ଭାଗ, ଅଶ୍ୱିନ ୧୩୩୯, ୬ଷ୍ଠ ସଂଖ୍ୟା

୧୪—ମୁଁ ମୋ ରୁଦ୍ଧ ଦୁଆର କରି
ବସିଁ ଦିବା ଶର୍ବରୀ
ମନ୍ଦର ଗାଣ୍ଡି ଫେରାଇଅ ତୁମେ
ମାଧବୀ ମଲ୍ଲୀ ସରି ।
ଚନ୍ଦନ ଭଳି ଦୋକଇ କାଳିମା
ଲଜ୍ଜା ବ୍ୟଥାର ଦେଶକୋଣ ସୀମା
ଆପଣାର ବୋଲି କେବେହେଁ ଯେ କାହାକୁ
ମରମେ ଧରଇ ଜଡ଼ି
ରୁଦ୍ଧ ଦୁଆର କରି ।

ଆସଇ ସନ୍ଧ୍ୟା ଶାନ୍ତ ଚରଣେ ବନ୍ଧନେ ଗଲେଣି ଉଡ଼ି
ଦିବା ଅବସାନେ ଶ୍ରାନ୍ତ ଦେହେଁ ମୁଁ ଯାଉଛି ତୋ ପଥ ଛାଡ଼ି
ବନ୍ଧୁ ବାସନାରେ ମତ୍ତ, ଉଦ୍ଭ୍ରାନ୍ତ
ଅବସାଦଭରା ଶିର ହୁଏ ନତ
ସନ୍ଧ୍ୟା ଯାପନ୍ତି କାଳର ସମ୍ପଦେ ତୁମ ଆଗେ ଥରି ଥରି,
ମଳିନ ବସନେ ତୁମରି ଆସନେ ଜ୍ୱଳା ଫୁଲ ନଏ ଭରି ।

ବିଶ୍ୱ ଜନନୀ ରଜନୀ ଶାନ୍ତ ସ୍ନେହ କରେ ଧରି
ସଂଗ୍ରାମ ଶେଷେ ସୈନିକ ଫେରେ ଶାନ୍ତ ପ-ଦେ ପରି,
କାହିଁ ଅଶ୍ରାମ କାହିଁ ବା ଶାନ୍ତି
ଅନେକ ବର୍ଷନେ ଜୀବନ ଭ୍ରାନ୍ତି
ନ ଦେଖିଲେ ତୁମ ଦୃଷ୍ଟି କାନ୍ତି
ଝୁଲେ ମରନର ଆଶା
ମିଥ୍ୟା ସନ୍ଦେହ ବେଡ଼ାକଣ୍ଟା ଘେନି
ରୁଦ୍ଧ ଦୁଆର କରି ।

ଉତ୍କଳ ସାହିତ୍ୟ, ୩୫ଶ ଭାଗ
ଜ୍ୟେଷ୍ଠ ୧୩୩୮, ୨ୟ ସଂଖ୍ୟା

# ଉପାସନା

( ୧ )

ହୁଅ ତୁମ୍ଭେ ହିନ୍ଦୁ ଅବା ବୌଦ୍ଧ ଖ୍ରୀଷ୍ଟିୟାନ,
ଶୈବ ଶାକ୍ତ ବୈଷ୍ଣବ ବା ଜୈନ ମୁସଲମାନ,
ସାକାର ବା ନିରାକାର ତୁମ ଭଗବାନ—
ଗାଅ, ଗାଅ, ଉଚ୍ଚସ୍ୱରେ ଖୋଲିକି ପରାଣ ।

ଜୀବନର ଦୈନ୍ୟ ଦୁଃଖ ଅବସାଦ ଯେବେ,
ଘୋର ଅନ୍ଧକାରେ, ଏକ ଆଶା-ପଥ ଖୋଜେ—
ସେ ଏକ ଆନନ୍ଦ ରେଖା ! ଆଉ ସବୁ ମିଥ୍ୟା,
ମିଥ୍ୟା ଧନ ମାନ ଯଶ ପୁତ୍ର କନ୍ୟା ଚିନ୍ତା ।

ଦାନବ ପିଶାଚ ଜ୍ୱାଳା ଶୋଣିତ ପିପାସା
ଚୌଦିଗେ ବିସ୍ତାରେ ଜାଗୁ—ଜୀବନର ଆଶା
କ୍ରମେ କ୍ରମେ ଆସେ ନାଶ ! ତୁମରି ସଙ୍ଗୀତ
ଆଜ ପୁଣି ଛିନ୍ନ ପ୍ରାଣ କରୁ ଉଜ୍ଜୀବିତ ।

ସେହି ଭଗବାନ ଆଶା, ମାନବର ବଳ,
ଯେ ଯୋଗୁଁ ସେମ. ମୃତ ପ୍ରାଣ ସ୍ନାନ ଅଶ୍ରୁଜଳ ।

( ୨ )

ହେ ମନ୍ତ୍ରି ! ମୁକ୍ତି କରେ ଯାଉ ଆଜି ଅଜି—
ଯାହାର ଚରଣ ତୁମେ ଧ୍ୟାନେ ଉଠେ ବାଜି,
ତୁମ ପ୍ରାଣ ଆକୁଳତା ତୋଟା ନିଏ ବର,
ତୁମର ଅନ୍ତରେ ଯା ଆପେ ଉଠେ ଥରି—

ଭାବି, କେଉଁ ପଥେ ଯିବ ତାହାର ସନ୍ଧାନେ ?
ପିଶାଚ ସୃଷ୍ଟିରେ ବଣା ହୁଏ ଅକାରଣେ ।
ପିଶାଚର ଦାସ ହୋଇ ବୁଝି କଲ ବଣା,
ଆଉ କେତେ ଧନ ଦୁଃଖ ? ମିଥ୍ୟା ପ୍ରବଞ୍ଚନା—
ଲଭିଥିବ ଏ ଜୀବନେ ? କହ ମୋତେ ପଥ !
(ନିଷ୍ଫଳ ସନ୍ଧାନ ନୁହେଁ—ପୂର୍ଣ୍ଣ ମନୋରଥ ।)

ଏହି ଯେ ଜୀବନ ଅଶ୍ରୁ ଉଠେ ହୋଇ ଜମା,
ଏହି ଧନ ଉପହାର !
—କହ ଅଛି ଜଣା ?
ଶ୍ରୀଚରଣେ ହେବ ଦେନା, ପଦଧୂଳି ପରେ
ମିଳିବ ଆସନ ?
—ପୁଚ୍ଛେ ଆକୁଳ ଅନ୍ତରେ ।

( ୩ )

ହେ ମଣ୍ଡଳ ! ହେ ଈଶ୍ୱର ବାଳକା, ବାଳକ !
ହେ ବୃଦ୍ଧ ! ତରୁଣ ! ଆଜ ଏ ଅଙ୍ଗ ପୁଲକ—
ସେ କି ମିଥ୍ୟା ?
ହେଉ ପଛେ—
ସକଳ ମୁଁ ଭୁଲି
ତୁମ ପ୍ରାଣ ତୁଲେ ଆଜ ପଡ଼ିବ ଉଛୁଳି
ଆତ୍ମାର ତଟିନୀ ସମା ଯୁବକ ଯୁବତୀ—

ହେବ ମୁଁ ବାଳକ ବୃଦ୍ଧ, ପରାଣ ଆରତି
ଢାଳିବ ସଙ୍ଗୀତେ, ଭୁଲିଯିବ ନିଜ ସତ୍ତା,
(ଭୁଲିବ ମୁଁ ଆତ୍ମ ପର ସକଳ ଦୁଶ୍ଚିନ୍ତା)
ସେହି ନାମା ମୃତେ ନିଗାଇବ ହୃଦଲତା ।

ଛିଡ଼ ଛଡ଼, ହେ ବନ୍ଧୁର ସର୍ବ ନାଶ କର,
ଏ ଅମୃତ ଲଗ୍ନେ ଥରେ ଭୁଲି ଆତ୍ମ ପର
ଦେବ ଆଲିଙ୍ଗନ ? ନମ୍ରେ ବସି ତୁମ ସନେ
ନିବେଦିବ ଆତ୍ମା ସେହି ପୁରୁଷ ଚରଣେ ।

( ୪ )

ଆବାଲ ବନିତା ବୃଦ୍ଧ ତୁମ୍ଭେ ଉପାସକ !
ମୁଁ ତୁମ୍ଭ ଦାସନୁଦାସ, ତୁମ୍ଭେ ମୋ ଚାଳକ
ହେ ବିଶାଳ ବିଶ୍ୱପ୍ରାଣ ! ସରିଲା ଆୟୁଷ—
କେବେ ମୁଁ ଲଭିବ ସେହି ପୁରାଣ ପୁରୁଷ ?
ସେହି ପ୍ରେମସ୍ରୋତେ କେବେ ଭଗ୍ନ ଏ ମୋ ତରୀ
ଭାସିବ ନିର୍ଭୟେ ? ଗତେ ଦିବସ ଶର୍ବରୀ,
କେବେ ହେବ ତୁମ ସ୍ୱରେ, ମିଳାଇ ଆନନ୍ଦ
ତୁମ କଣ୍ଠେ କଣ୍ଠ, ପୁଣି ସେ ଅମୃତ ଛନ୍ଦେ
ମିଳାଇବ ଦେହ ମନ ?

ଭାବେ ଅଶ୍ରୁ ନେତ୍ରେ—
ସଫଳ ହେବ କି ମୋର ଏ ଭାବନା ଏବେ ?
କରିବ କି ଘୃଣାଭରେ ନାସିକା କୁଞ୍ଚିତ ?
ତୁମ ଆଶା ତୁମ ପ୍ରେମୁଁ ହେବ ମୁଁ ବଞ୍ଚିତ ?
ଦରିଦ୍ର କାଙ୍ଗାଳ ମୂର୍ତ୍ତି ! କର ଆଲିଙ୍ଗନ,
ଦିଅ ଗୋ କଣ୍ଠେ ମୋତେ ସେ ପ୍ରେମସ୍ପନ୍ଦନ ।

●

ହିନ୍ଦୋଳ ଗଡ଼ଜାତ,
ଫାଲ୍‌ଗୁନ ୧୩୩୮, ୧୧ଶ ସଂଖ୍ୟା

# ମୋର ନେହ୍

ଗନ୍ଧ ଯେସନେ ମଳୟ ସମୀରେ ମିଶେ,
ତଟିନୀ ଯେସନେ ସାଗରକୁ ଯାଏ ବନ୍ଧି,
ଯେସନେ ଜୋଛନା ଶ୍ୟାମ ପ୍ରାନ୍ତରେ ପଶେ,
ତୁମର ସଙ୍ଗେ ମିଶି ଯିବ ଆଜ ସନ୍ଧି । ୧ ।

ପିଇବି ସେ ରୂପ ଲୁବ୍ଧ ଚକୋର ସମ,
ଲୁହିଁବ ନୟନେ ଅରୂପଟି ଯହିଁ ଫୁଟେ,
କ୍ଳାନ୍ତ ଅଙ୍ଗ ମୋ ନଶ୍ୱର ପରାଣ ମମ,
ଦୂରେ ଭ୍ରମ ଆଣେ ସମୀରଣ ସମ ଛୁଟେ । ୨ ।

ଫେଡ଼ ବନ୍ଧ ସନ୍ଧି, ପଞ୍ଜର ଦୁଆର ତୋର,
ସରମ ଜଡ଼ିତ ଆକୁଳ ନୟନ ଖୋଲି
ଡାକ ପ୍ରିୟଜନେ— ମୁଁ ଲୁହେଁ ପଞ୍ଜଣ ସ୍ୱର—
କ୍ଳାନ୍ତ ଭିକ୍ଷୁ ଯାଏ ମୋର ଗୀତ ବୋଲି । ୩ ।

ଜୀବନେ ଲଭିଛି ଭ୍ରାନ୍ତ ମରଣ ପୀଡ଼ା,
ରୁଧିରାପ୍ଳୁତ ଦୈନିକ ଚନ୍ଦ୍ରଁ ଜଣେ
ବରଜ ଆସିଛି କାଳର ବିପୁଳ କ୍ରୀଡ଼ା ।
ଅମର ହେବାକୁ ତୋର ଅନ୍ତର ଧନେ । ୪ ।

ଉତ୍କଳ-ସାହିତ୍ୟ,
୩୪ଶ ଭାଗ, ଚୈତ୍ର ୧୩୩୮, ୧୨ଶ ସଂଖ୍ୟା

# ମିରାବାଈ

( ୧ )

ମେବାରର ମହାରାଣୀ, ଚିର ସନ୍ୟାସିନି !
ଭକ୍ତି ପ୍ରେମ ଅମୃତଭରା ଅମର ଉନ୍ମାଦନ !
ଡାକି ଚଲ କେଉଁ ବାଣୀ ସ୍ପଷ୍ଟ ନାହିଁ ମନେ—
ଖେଳୁଥିଲି ଯେବେ ଭୁଲି ତନ୍ଦ୍ରା ସ୍ୱପନେ—

ସୃଷ୍ଟିର ପୁରୁଷ କାନ୍ତ, ସେ କି ଉନ୍ମାଦନା
ଜଗାଇ ଅନ୍ତରେ କ୍ଷଣେ ଆଣିଲ ଚେତନା !
ସକଳ ସୌନ୍ଦର୍ଯ୍ୟ ମୋର ହେଲା ମଳିନ,
ହେ ଅଭିସାରିକା, ଚଲ ଡାକେ ଯେଉଁ ଜନ ।

ଏଣିକି ରହିଛି ମନ-ପ୍ରାଣ ବିରହିଣୀ !
କାହିଁ ବୁକେ ଯେନ୍ତ ଜନ୍ମ । ହେ ଅଭିସାରିଣୀ !
ସିଦ୍ଧ ମୁଁ ଭ୍ରମର ପରି, ନାହିଁ ପ୍ରୟୋଜନ
ଏ ସଂସାରେ, ତନୁ ମନ କଲୁଷିତ ଜୀବନ ।

ଭକ୍ତସ୍ୱ ଜଗତ ନେତ୍ର ଲାଗି ମୁଁ ହେବନ
ଚକିତ ସନ୍ୟାସୀ କତ ସ୍ନେହ ସନ୍ତାନ ।

( ୨ )

ଶକ୍ତି ସ୍ୱରୂପିଣୀ ନାରୀ ଟଳେନେ କରମେ,
ମୂର୍ତ୍ତି-ଜନ ତାଙ୍କ ବନ୍ଧ ନହେଛି ମରମେ ।

ଲକ୍ଷୁଛି ଅବଜ୍ଞାଭରେ ସନ୍ଦିଗ୍ଧ ନୟନେ,
ନାରୀ ନର ପାପ ସୃଷ୍ଟି ! ଜୀବନର ରଚଣ

ମୁକତି କଣ୍ଟକ ! ଛିନ୍ନ କର ସେହି ବନ୍ଧ,
ଅମୃତ ପଥର ଯାତ୍ରୀ ହେବ ମୁଁ ଆନନ୍ଦ ।

ମାଃଶ ଅନାଦୃତା ନାରୀ ଅନ୍ତର ମୂର୍ଚ୍ଛନା;
ଏ ସୃଷ୍ଟି ପୁରୁଷ ପ୍ରାଣେ ଆଣିଛି ଚେତନା ।

ପରମ ପୁରୁଷ ସେହି ମହାସତ୍ତ୍ୱ ଆଗେ,
ସକଳ ବୈଷମ୍ୟ ଭୁଲି ଅହର୍ନିଶ ଜାଗେ—

ନର ନାରୀ ଦେହ ଆତ୍ମା, ପ୍ରେମ ଅର୍ଘ୍ୟକରେ,
ଅନନ୍ତ ବିରହେ ତାର କାନ୍ଦେ ନିରନ୍ତରେ ।

ଜୀବନେ ଲଭିଛି ଆଶା ବାସନାର ରଣ,
ପ୍ରେମ ଭକ୍ତି ବିଶ୍ୱାସର କେଣୁ ପ୍ରୟୋଜନ ।

— — —

ଉତ୍କଳସାହିତ୍ୟ.
୩୩ଶ ଭାଗ, ଆଷାଢ଼, ୧୩୩୭, ୩ୟ ସଂଖ୍ୟା

## କାମ୍ୟ-ବନ୍ଧୁ

ବନ୍ଧୁ ମୋର, ସଖା ମୋର, ମୋର ଚିର ପ୍ରିୟ !
ତୁମରି ବ୍ୟଥାର ପାତ୍ର ଶୂନ୍ୟ କରି ଦିଅ ।

ଏହି ମୋର ରିକ୍ତ ପ୍ରାଣେ, ନିରତ ଆକୁଳ,
ଦିଅ ଶତ ଅଶ୍ରୁ ବିନ୍ଦୁ ହୋଇଛି ଯା' ଠୁଳ—

ପ୍ରଶାନ୍ତ ସାଗର ସମ ନୟନ ଯୁଗଳେ,
ମୃତ୍ୟୁର ଇନ୍ଧନ ସଦା ଯେଉଁ ପ୍ରାଣ ତଳେ ।

ଜଳଇ ନୀରବେ, ଦିଅ ଦିଅ ଶୂନ୍ୟ କରି !
କୁଳିଶ କଠୋର ପ୍ରାଣ ପାରିବ ମୋ ଧରି ।

ଧନ୍ୟ କରି ତବ ଦୁଃଖେ ରିକ୍ତ ଏ ଜୀବନ,
ପବିତ୍ର ସୁନ୍ଦର କର ସେ ମ୍ଳେଚକେ ମନ ।

କର ମୋତେ ଚିରଧନୀ ଦେଇ ସେହି ଗ୍ରାସ,
ଆକୁଳେ ଯାଚଇ ଆଜି ଏ ପ୍ରଣୟ-ଦାସ ।

ଆଜି ବାଜେ ମିଳନର ଅମୃତ ସଙ୍ଗୀତ,
ଏ ଆକୁଳ ବକ୍ଷେ ଆସ କରିବ ଜଡ଼ିତ ।

* * *

ନିଷ୍ଫଳ, ଅଶାନ୍ତ, ମୋର ସ୍ୱାର୍ଥର କ୍ରନ୍ଦନ !
ମୃତ୍ୟୁ ଦୁଃଖ ବେଦନାର ଅଛି ପ୍ରୟୋଜନ ।

ଶୁମରି ଯୌବନେ-ପୂର୍ଣ୍ଣ ଅମୃତ ସଙ୍ଗୀତ—
କାହିଁ ପାଇଁ ସେ ପୌରୁଷ କଟିବ ବଞ୍ଚିତ ?
ଜାଣେ ମୁଁ ଗଲାଣି ବହୁ କେତେ ଥର ଆହା,
କାଳର ନିଷ୍ଠୁର ବାଆ; ଶତ ସ୍ୱପ୍ନ ଯାହା ।

ମୃତ୍ୟୁ ପାଶୁ ରଖିଥିଲା ତାରୁଣ୍ୟ ଲୁଚାଇ,
ମଳିନ କୁସୁମ ସେ ଯେ ନାହିଁ, ସେ ଯେ ନାହିଁ !
ଦୁଃଖ କିବା ? ଉଜ୍ଜ୍ୱଳ ଯେ ତାହାର ପରାଣ—
ସତ୍ୟ ନାମ ସେ ନୂତନ ପ୍ରାପ୍ତ ମହାସ୍ଥାନ !

ଛପିନାହିଁ ସେ ଅଧରୁ ଶାନ୍ତ ସ୍ମିତ ହାସ,
ଅଶ୍ରୁମୈତ୍ରୀ ମଧ୍ୟେ ଆଜି ଅମୃତ ପ୍ରକାଶ !
ପ୍ରାଣର ଅରୂପ ରୂପ ଦେଖିଛି ମୁଁ ଆଜି,
ଅମର ସଙ୍ଗୀତ ହୃଦତନ୍ତ୍ରେ ଉଠେ ବାଜି ।

× × ×

ପୁଣି ଆଜି ଗଙ୍ଗାକୂଳେ ଆସେ ଘନ ଘୋଟି,
ଅବୋଧ ଶୈଶବ ସମ ଘରେ ଯାଏ ଲେଉଟି
ସମୀରଣ, ତୀରେ ମୁହିଁ ବସିଛି ଏକାକୀ,
ଶୂନ୍ୟପ୍ରାଣେ, ଥରେ ଥରେ ବନ୍ଧୁ ଯାଏ ଡାକି ।

ମନେ ପଡ଼େ, ସେବେ କେଉଁ ଶୂନ୍ୟ ନଦୀ ତୀରେ
ବସିଥିଲୁଁ ଦୁଇ ପ୍ରାଣୀ ନୀରବେ ଗମ୍ଭୀରେ,
ସୃଷ୍ଟିର ରହସ୍ୟ ଆଗେ ଅସ୍ପଷ୍ଟ ଅପାର,
ବେନି ପ୍ରାଣେ ସଙ୍ଗୀତର ଏକଇ ଝଙ୍କାର !

ଭୁଲୁଅଛ ବନ୍ଧୁ ଆଜି ଦୂରେ, କେଉଁ ଦୂରେ !
ଶିରେ ବଜ୍ର ବ୍ୟଥା ଭାର ପ୍ରାଣ ଆତୁରେ—
ଏକାକୀ ସଂସାର ପଥେ, ମୁହିଁ ବେଦନାନ୍ତରେ
ନିଃସଙ୍ଗ ନିର୍ଜନ ମମ ଅଛି କାନ୍ଦି ମରେ ।

ମିଳନର ଲାଗି ନେତ୍ରୁ ଅଶ୍ରୁଧାର ଛୁଟେ,
ସମ୍ମୁଖେ ବନ୍ଧୁର ନିନ୍ଦୁ ଉଡ଼ିଛ ହସି ଉଠେ ।

× × ×

କଃ'ଗ ଦେଖିବା ତନ୍ତ୍ର, ଉଚ୍ଛି ପ୍ରୟୋଜନ,
ଦେଖେନା ଅମ୍ଳାନ ନିର୍ମିତ ପୁଣ୍ୟ ଏ ଜୀବନ—
ପ୍ରଭାତ କମଳ ସମ ନିର୍ମଳ ସୁନ୍ଦର,
ପ୍ରେମର ଅମୃତ ମନ୍ଥ ହୃଦ ଅନ୍ତର ।

ନେତ୍ରା ଦାଣ୍ଡି ସଂସାରର ମୂର୍ତ୍ତି କୋଳାହଳ,
ତା ତନ୍ତୁଁ ସମ୍ବନ୍ଧ ଶୁଣେ ମଧୁର ସରଳ ।
ବୁଝେନା ସଂସାର ଧନେ କଂଥାର ମର୍ଯ୍ୟାଦା,
ଆତ୍ମପରତୃପ୍ତି ମୁକ୍ତି ପଥେ ହୁଏ ବାଧା ।

କି ଅଭାବ ? କିବା ଗ୍ଳାନି ? କିବା ପ୍ରୟୋଜନ ?
ସତ୍ୟ ତାଙ୍କ ଏ ଜୀବନେ ଆତ୍ମସମର୍ପଣ ।
ଯାତନା ଦୁଃଖ ମଧ୍ୟେ—ନାହିଁ, ନାହିଁ, ଭୀତି,
ଅନ୍ତରେ ଜାଗ୍ରତ ଆଶା ! ପ୍ରାଣେ ପୂର୍ଣ୍ଣ ପ୍ରୀତି !

ସ୍ରାନ୍ତେ ଆଜି ନାଏ ମିଳନ ଲଗ୍ନେ ତ,
ଧାଇଁ ଶତ ଦୁଃଖ ମେଳେ ରକ୍ଷିବା ଜୀବତ ।
ଦୁଃଖ ଅନଳେ ଜାଳ ଜାଳ ମୋର ପ୍ରାଣ,
ଅଶ୍ରୁ ବେଦନା ଭେଦ ଉଠୁ ମୋର ଗାନ ।

ଚର ଜୀବନ ତୁମେ ନିୟାମକ,
ମୋ ଜୀବନ ରାଜା ନିଠୁର ଶାସକ,
ଜାଳିଦିଅ ମୋର ଏ ତରୁଣ ଅଭିମାନ,
ଅଶ୍ରୁ ବେଦନା ଭେଦି ଉଠୁ ମୋର ଗାନ ।

ଏ ମୋ ଦେହ ମନ ସବୁ ସମ୍ପଦ
କରେ ପଦେ ଅରପଣ,
ତୁମରି ଇଚ୍ଛା ବନ୍ଧନେଇ ଶିରେ
ଜୀବନ କରିବି ଧନ୍ୟ ।

ଜୀବନର ପଥେ କେବା ଆଶଙ୍କା,
କେବା ଦୁର୍ଦ୍ଦିନ ଭୀତି,
ପୋଛି ଏ ଅଶ୍ରୁ ଚଳିବି ନୀରବେ
ଗାଇ ଦୁର୍ଜୟ ଗୀତି ।

ମୋ ଜୀବନ ରାଜା ! ହେଉ ତବ ଜୟ,
ଦିଅ ଗୋ ଭରସା, ଦିଅ ଗୋ ଅଭୟ,
ଦୁଃଖ ସେ ହେବ ମୋ ଶିରମୁକୁଟ
ଗୌରବ ମହାଦାନ ।

ଅଶ୍ରୁ ବେଦନା ଭେଦି ଉଠୁ ମୋର ଗାନ,
ଦୁଃଖ ଅନଳେ ଜାଳି ଜାଳି ମୋର ପ୍ରାଣ ।

●

ଉତ୍କଳ-ସାହିତ୍ୟ,
୩୩ଶ ଭାଗ, ଶ୍ରାବଣ ୧୩୩୬, ୪ର୍ଥ ସଂଖ୍ୟା

# ଚତୁର୍ଦ୍ଦଶପଦୀ

## ବନ୍ଦନା

୧—ଜୀବନ ଦେବତା, ପ୍ରିୟ, ଚିରନ୍ତ ସୁନ୍ଦର !
ଯାର ଲୀଳା-ଅରବିନ୍ଦ ବିଶ୍ୱେ ନିରନ୍ତର

ଲଭଇ ବିକାଶ ଜଳେ ସ୍ଥଳେ ପରବତେ
ଆଲୋକେ ତିମିରେ ମିଳି ମେଘେ ନାନାମତେ,

ଅନାଦି ସଙ୍ଗୀତ ଯାର-ଯାହାର ସ୍ପନ୍ଦନ
ଉଜ୍ଜ୍ୱଳ ସୁନ୍ଦର ସୃଷ୍ଟି ଅମୃତ ଜୀବନ—

ହେ ଚିରନ୍ତ ! ହେ ଅଶେଷ ! ସେହି ଶୁଭକ୍ଷଣେ
ଯେଦିନ ଲଭିଲି ତୁମେ ତରୁଣ ଜୀବନେ

ଶାରଦ ପ୍ରଭାତ ସମ, ନେଲୁଁ ହେଲେ ବର
ସକଳ ତରୁଣ ଯାଚି ପ୍ରାଣ ମନ ଭର ।

ଗଗନ ଭୁବନ ହେଲା କ୍ଷଣେ ସ୍ୱପ୍ନମୟ,
ଗାଉଛୁଁ ତୁମର ଜୟ, ଜୀବନର ଜୟ ।

ଆଜ ନାହିଁ ଶେଷ ଗୀତ ଜୀବନେ ଉଦାର,
ତୁମ ଇଚ୍ଛା ପୂର୍ଣ୍ଣ ହେଉ, ପଦେ ନମସ୍କାର ।

## ପ୍ରିୟତମ

୨—କିଏ ଅବା ପ୍ରିୟ ମୋର ? ସବୁ ପ୍ରିୟତମ,
ତୁମରି ନିର୍ଦ୍ଦେଶେ ସାଧେ ସକଳ କରମ ।

ମୁଁ ତୁମ ପ୍ରଣୟୀଦାସ । ପ୍ରାଣ-ସାଥୀ ମୋର—
ହୁଏ ମୂର୍ତ୍ତି ବୃଦ୍ଧ ପ୍ରୌଢ଼ ତରୁଣ କିଶୋର—

ଝରି ଉଠେ ତୁମଲାଗି, ଗାଏ ତୁମ ଗୀତ,
ତୁମ ସୃଷ୍ଟି ସମ ତାନେ ଦିବା ନିଶି ନିତି—

ବସନ୍ତ ସନ୍ଧ୍ୟାରେ ପୁଣି ଶାରଦ ପ୍ରଭାତେ
ପ୍ରଣୟୀ ନୟନ ସମ ସ୍ନିଗ୍ଧ ଜ୍ୟୋତ୍ସ୍ନାରାତେ ।

ହେ ଜୀବନ ନିୟାମକ ! ସହସ୍ର ଭଙ୍ଗୀରେ
ଖେଳୁଛି ଜୀବନ ସ୍ରୋତେ ବାଣୀ ବନ୍ଧ ଶିରେ ।

ପଥର ସଙ୍ଗୀତ ମୋର ତୁମରି କରୁଣା,
ସକଳ ନୈରାଶ୍ୟ ଆଶା ସ୍ୱପ୍ନ ଜାଲବୁଣା,

ପ୍ରେରଣା, ଉନ୍ମାଦ, ଅଶ୍ରୁ···ସବୁ ତୁମ ଲାଗି,
ସକଳ ସଙ୍ଗୀତେ ମୋର ତୁମେ ରହ ଜାଗି ।

—o—

## ଭଗବାନ

୩—ତୁମେ ଅଛ ପ୍ରାଣେ ମୋର—ଏହା ଯେବେ ସତ୍ୟ,
ହେ ମୋର ଦେବତା ! ଥାଉ ଦାର୍ଶନିକ ତଥ୍ୟ,

ନ୍ୟାୟର ମୀମାଂସା, ତର୍କ, ମିଥ୍ୟା ମୋର ଆଗେ,
ମୋ ଜୀବନ ପରିପୂର୍ଣ୍ଣ ତୁମ ଅନୁରାଗେ—

ତୁମର ପ୍ରୀତିରେ, ପୂର୍ଣ୍ଣ ଆତ୍ମ ସମର୍ପଣେ,
ଅମୃତ ଆଶ୍ୱାସ ଆଶା ଢାଳ ମୋର ମନେ ।

ହେ ସତ୍ୟ ସ୍ୱରୂପ ! ଶିବ ! ତୁମ ମହାସତ୍ତ୍ୱ,
ତୁମର ମଙ୍ଗଳ ସ୍ପର୍ଶ, ପ୍ରେମ, ପବିତ୍ରତା

ପ୍ରତିଷ୍ଠିତ ହେଉ ମୋର କ୍ଷୁଦ୍ର ଏ ଜୀବନେ—
ସହସ୍ର କରମେ ଦୁଃଖେ, ନୈରାଶ୍ୟ, ମରଣେ ।

ଦୁଃଖେ ସୁଖେ ପୁଣି ନିତି ହରଷେ ବିଷାଦେ
ନ ଟଳଇ ଚିତେ କେବେ ଜଗତ ପ୍ରମାଦେ ।

ହେ ଚିର ଜୀବନ ଜ୍ୟୋତି ! ହେଲ ଯେବେ ଦୀକ୍ଷା
ଜୀବନ ସଂଗ୍ରାମେ ମୋର ଲଭିଛି ପରୀକ୍ଷା ।

●

## ଭାଗ୍ୟ

୪—ଭାଗ୍ୟ ! ଦୀନ ଦୁର୍ବଳର ମସ୍ତିଷ୍କ ବିକାର
ଅବା ଦୃପ୍ତ ମାନବର ମୋହ ଅନ୍ଧକାର ।

ଅଜ୍ଞାନଏ କରି କେତେ ଜ୍ଞାନ ଅଭିମାନ;
ଦେବତା, କରନ୍ତି ନିତି ତୁମ ଅପମାନ ।

ଦୁଃଖ ଦୈନ୍ୟ କର ତୁମେ ଚେତନା ବିଧାନ,
ମୃତ୍ୟୁ ରୂପେ ଦେଇ ଦେଖା ଜଗାଅ ଏ ପ୍ରାଣ ।

ସତ୍ୟ ହେଲେ ତୁମ ସତ୍ତା ଅନ୍ତରେ ବିଶ୍ୱାସେ
ସକଳ ଜଡ଼ତା ତୁଟି ଆଲୋକ ବିକାଶେ ।

ଅତୀତ ଦୁଶ୍ଚିନ୍ତା ଦୁଃଖ ଭାଗ୍ୟର ଗୌରବ
ନିମେଷେ ଚୂର୍ଣ୍ଣିତ ମିଥ୍ୟା ଭ୍ରାନ୍ତି ଅସମ୍ଭବ ।

ଜୀବନ ସୂଳକ ! ତୁମେ ସତ୍ୟ ବର୍ତ୍ତମାନେ,
ଭବିଷ୍ୟେ ତୁମରି ଆଶା ଫୁଟେ ମୋର ପ୍ରାଣେ,

ଭୁଲଇଁ ଅତୀତ ପୁଣି ଭୁଲେଁ ଭାଗ୍ୟ ଭୟ,
ସକଳ ଜୀବନ କର୍ମେ ଗାଏ ତବ ଜୟ ।

●

## ଜ୍ଞାନର ବ୍ୟର୍ଥତା

୫—ଦର୍ଶନ ବିଜ୍ଞାନ ପୁଣି ରସାୟନ ଜ୍ଞାନ,
ଜୀବତତ୍ତ୍ୱ, ଯାହା ଲାଗି କରେ ଅଭିମାନ

ମୋହାନ୍ଧ ମାନବ, କରେ ନିତ୍ୟ ଅବିଶ୍ୱାସ—
ହେ ଅଦୃଷ୍ଟ ସତ୍ତ୍ୱ ! ତୁମେ କର ଉପହାସ

ଦେଖି ସେହି ଶିଶୁକ୍ରୀଡ଼ା—ନେଇ ଅନ୍ତରାଳେ
ମାନବ ଚେତନା ଜଡ଼ ଅନ୍ଧକାର ଜାଲେ ।

ଅନୁଦିନ ବଢ଼େ ଯେତେ ଜ୍ଞାନର ବଡ଼ିମା,
ବଢ଼େ ତତ ଗୁଣେ ତୁମ ସ୍ୱରୂପର ସୀମା ।

ହେ ଚିର ରହସ୍ୟମୟ ! ନାହିଁ ପ୍ରୟୋଜନ
ତବ ଜ୍ଞାନେ, ଧନ୍ୟ କରୁ ସଦା ଏ ଜୀବନ

ତୁମରି ମଙ୍ଗଳ ସ୍ପର୍ଶ, ତୁମରି ବିଶ୍ୱାସ,
କର ମୋତେ ଏ ଜୀବନେ ଚିର ପ୍ରୀତି ଦାସ ।

ଜ୍ଞାନର ଅସୀମ ରଜ୍ଜୁ ନ ପାରେ ଯା' ଧରି
ଶୂନ୍ୟରେ ଦିଅ ଗୋ ଟେକି ପ୍ରିୟଜନ ପରି ।

●

## ଆତ୍ମସମର୍ପଣ

୭—ଅଦୂରେ ପ୍ରଳୟ ଡ଼ାକ ଶୁଭଇ ଅଦ୍ୟାପି !
ମୃତ୍ୟୁର ଆହ୍ୱାନ ! ଜଳ ସ୍ଥଳ ବ୍ୟୋମବ୍ୟାପୀ

ପ୍ରଥମ ଆଷାଢ଼ ମେଘ କ୍ଷିପ୍ର ବେଗେ ଧାଏଁ,
ଧାଏଁ ନଦୀ, ମହାସିନ୍ଧୁ ନୃତ୍ୟଗୀତ ଗାଏ ।

ବଜ୍ର କରେ ଅଟ୍ଟହାସ, ବୃକ୍ଷ ଲତା ସର୍ବ,
ଉଚ୍ଛନ୍ନ ସୃଷ୍ଟିରେ ଆଜ ଅପୂର୍ବ ତାଣ୍ଡବ !

କି ବୁଝିବୁ କ୍ଷୁଦ୍ର ନର, ସସୀମ ତୋ ଜ୍ଞାନେ ?
ସକଳ ଇନ୍ଦ୍ରିୟ ମନ ପରାଭବ ମାନେ ।

ଗର୍ବର ମଳିନ ବାସ କରି ପରିହାର,
ବିରାଟ ଏ ସତ୍ତା ଆଗେ କର ନମସ୍କାର !

ତାର ପ୍ରେମ ନାମାବଳୀ କର ଉଚ୍ଚରିତ
ସତମନେ, ଢ଼ାଳିଦିଅ ଅଶ୍ରୁର ସଙ୍ଗୀତ ।

ତର୍କେ ଯା' ରହସ୍ୟମୟ, ଜ୍ଞାନେ ଅମଙ୍ଗଳ,
ପ୍ରେମେ ଆତ୍ମସମର୍ପଣେ ହୋଇବ ସରଳ ।

●

## ଚିରସଖା

୭—ସଭ୍ୟତା ଚଞ୍ଚଳ ବନ୍ୟା ବଢ଼େ ପ୍ଲାବି ଧରା,
ମାନବ ସକଳ ଭୁଲି ହୁଏ ଆତ୍ମହରା,

ଲାଳସା ଆସକ୍ତି ଭୋଗ ଜଳେ ତାର ପ୍ରାଣେ
ବାଡ଼ବ ସମାନ···ତୁମ ଶକ୍ତି ନାହିଁ ମାନେ ।

ପରଧର୍ମୀ ରଜା ସମ, ପାପେ ଅନୁରକ୍ତ—
ସତତ ଶୋଣିତ ପାନେ ମାନବ ଆସକ୍ତ ।

ସୃଷ୍ଟି ଧର୍ମ ଦୟା କ୍ଷମା ଦାକ୍ଷିଣ୍ୟ ଔଦାର୍ଯ୍ୟ
ପ୍ରୀତି ଅନୁରାଗ ତ୍ୟାଗ ଲୁପ୍ତ ପାଇ ଲଜ୍ଜା ।

ମାତର ନିବୃତ୍ତି କାହିଁ ? ଶାନ୍ତି କାହିଁ ପ୍ରାଣେ ?
କାହିଁ ମୁକ୍ତି ଅନ୍ତର୍ଯ୍ୟାମୀ ତୁମ ଅବସାନେ ?

ଧନ ମାନ ରାଜ୍ୟ ଜିଣି କରେ ସେ କ୍ରନ୍ଦନ—
ଅବୋଧ ବାଳକ—କହେ "ନାହିଁ ପ୍ରୟୋଜନ

ତୁମ ବିନା"...ହସି ହସି ଦିଅ ଦରଶନ,
ମାନବର ଚିରସଖା...ଅମୃତ ଜୀବନ !

●

## ପୂର୍ଣ୍ଣତା

୮—ତୁମେ ଅଛ ମୋର ସାଥେ ଏହା ଯେବେ ସତ୍ୟ,
କି ଅଭାବ ? କିବା ଦୁଃଖ ? ଜୀବନେ ନିରତ

ହେବି ଅନୁଗତ ତବ ଚିରଦାସ ସମ,
ଅରପିବି ଜୀବନର ସକଳ କରମ ।

ଦୁଃଖ ଯେବେ ଆସିବ ହେ କାଳରୂପ ଧରି,
ମୃତ୍ୟୁ ଉପସ୍ଥିତ ଯେବେ ଶ୍ରାବଣ ଶର୍ବରୀ,

ବେଦନା କଟିଲ ହେଁ ଶତଖଣ୍ଡ ପ୍ରାଣଗୋଟି,
ତୁମରି ଚରଣ ଧରି ପଡ଼ିବି ମୁଁ ଲୋଟି ।

ତୁମର ଧୂଳିରେ ଢାଳି ଶତ ଅଶ୍ରୁକଣା,
କହିବି ମୁଁ, 'ନାହିଁ ପ୍ରିୟ, ଅଭାବ ଯାତନା ।"

ତୁମେ ଅଛ ପୂର୍ବବ୍ୟାପୀ ପ୍ରିୟଜନ ପ୍ରାଣେ,
ପିତା ମାତା ବନ୍ଧୁ ସ୍ନେହ ପ୍ରଣୟୀ ଗାନେ ।

ଦୁଃଖ ବେଦନାରେ ତୁମେ ଅବ୍ୟକ୍ତ ସୁନ୍ଦର,
ତୁମେ ପୂର୍ତ୍ତି, ଦୁଃଖେ ତେଣୁ ତୃପ୍ତ ମୋ ଅନ୍ତର ।

●

---

* ଚତୁର୍ଦ୍ଦଶପଦୀ Sonnet ନୁହେଁ । Sonnetର technique ବାଦ ଦେଲେ ମଧ୍ୟ ଚତୁର୍ଦ୍ଦଶପଦୀ ଯେ ସୂକ୍ଷ୍ମ ଚିନ୍ତା ଓ ଭାବଧାରାର ସହାୟକ ଏ କଥା କେହି ଅସ୍ୱୀକାର କରିବେ ନାହିଁ । ଏହାର ପ୍ରମାଣ ବଙ୍ଗ ଓ ଉତ୍କଳ ସାହିତ୍ୟରେ କେତେଗୁଡ଼ିଏ ପରିବର୍ତ୍ତିତ Acclamat zed) ସନେଟ୍ । ଭାବ ବା ଚିନ୍ତାର ବିକାର ନ ଘଟିଲେ Techniquesର ହାନିରେ ବିଶେଷ କିଛି କ୍ଷତି ହୁଏ ବୋଲି ମୋର ମନେ ହୁଏ ନାହିଁ ।

× ×

ରଚୟିତା

# ବୁଦ୍ଧ ଦେବତା

ବୁଦ୍ଧ ! ଦେଖିଛୁ ତବ ଭାସ୍ୱର ରୂପ,
ସ୍କନ୍ଧେ ତାହାର ବିଶ୍ୱ ବେଦନା ସ୍ତୂପ,
ନୟନେ ତାହାର ନୀର ଜରଜର,
କମ୍ପିତ, ମ୍ଳାନ, ବ୍ୟଥିତ ଅଧର,
ବଜ୍ର ସମାନ ଶୁଣିଛୁ ସେ ତବ ବାଣୀ,
ପ୍ରଳୟର ପଥେ ନେଇଛ ହେ ତାକୁ ଟାଣି । ୧ ।

ନେଇଛ ହେ ତାକୁ ମୃତ୍ୟୁ କରାଳ ଦେଶେ,
ମିଥ୍ୟା ରାଜର ସର୍ବ୍ବ ବିଜୟୀର ବେଶେ,
ଯେ ଦେଶେ ଶୁଷ୍କ ପରାଣ କମଳ,
ମତ୍ତ ମାନବ ଭକ୍ଷେ ଗରଳ,
ସେ ଦେଶେ ଗାଇବ ଦେବତା ସେ ନବ ବାଣୀ,
ଭସ୍ମର ବେଶେ ନେଇଛ ତ ତାକୁ ଟାଣି । ୨ ।

ବହିଲ ଯେ ଦେଶେ ଶୋଣିତ-ସରିତ-ଧାରା,
ଶଙ୍କିତ ଧରା ବନ୍ଧ ଜରା ପାପ ଭରା,
ସାମ୍ୟ, ମୈତ୍ରୀ ସର୍ବ୍ବ ପରାହତ,
ବିଜୟ ବାଞ୍ଛନା ତବ ଅବନତ,
ସେ ଦେଶେ ଦେବତା ଗାଇବାକୁ ତବ ବାଣୀ,
ମୃତ୍ୟୁର ପଥେ ନେଇଛତ ତାକୁ ଟାଣି । ୩ ।

ନେଇଛତ ବଶ ଅନଳେ ଝୁଲବା ଘାଷା,
ଭଗ୍ନ ଦୁଆରେ କରେ ସେ ପୀଡ଼ିତ ଭଷା,
　　ତା ବାଣୀ ପରଶେ ସ୍ତବ୍ଧ ପରାଣ,
　　ଢ଼ାଳଇ ଅଶ୍ରୁ ମୌନ ପାଷାଣ,
ବନ୍ଦି ନେଇଛୁ ସେ ପରମାଦ ଜାଣି ଜାଣି,
ଶୁଣି ହେ ରୁଦ୍ର ! ତୁମର ବଜ୍ର ବାଣୀ । ୪ ।

ତୁମର ମନ୍ତ୍ର ଶୁଣି ସେ ସକଳ ତ୍ୟାଗୀ,
ଘନ ବର୍ଷର ବ୍ୟଥାର ସେ ଅନୁରାଗୀ,
　　ଆପଣା ଅଶ୍ରୁ ରକ୍ତ ଢଆଳି
　　ତୁମ ମଙ୍ଗଳ ସୃଷ୍ଟିର ଲାଗି
ଭୁଲିଛୁ ଉଦାସ ନାହିଁ ତା ଦୁଃଖ ଗ୍ଳାନି,
ମରଣକୁ ବରେ ଶୁଣି ସେ ରୁଦ୍ର ବାଣୀ । ୫ ।

ତାର ଅପମାନେ ହସି ଉଠ ତୁମେ ରୁଦ୍ର !
ଘାସ୍ତ ତା' ମୁଖ ! କ ବୁଝିବ ମୁଁ ଗୋ କ୍ଷୁଦ୍ର,
　　ତା କୋମଳ ଡାକେ କମ୍ପେ ପରାଣ,
　　ପୌରୁଷ ମୋର ଲଭେ ଅପମାନ,
ମୌନ ଭୁଲେ ସେ କାଳ ଅନ୍ଧାର ହାଣି,
ଶୁଣିଛି ରୁଦ୍ର ! ତୁମ ଆଲୋକର ବାଣୀ । ୬ ।

ସେ ଦିନ ଦେଇ ହେ, ତା ଗଳେ ପୁଷ୍ପମାଳା,
ହସିଲ ମୃତ୍ୟୁ ସପ୍ତ ସିନ୍ଧୁ ପାର,
　　ଶାନ୍ତ ହସିଲ ବେଦନାର ହାସ,
　　ପଶ୍ଚାତେ ଭୋଗ ସକଳ ବିଳାପ,
ଢ଼ାଳିଲ ଅଶ୍ରୁ ପରାଣ ପ୍ରେୟସୀ ରାଣୀ,
ତୁଚ୍ଛ କରି ସେ ଗାଇଲ ରୁଦ୍ର ବାଣୀ । ୭ ।

"ମା ଭୈଃ", "ମା ଭୈଃ" ବାଜଇ ରୁଦ୍ର ଶଙ୍ଖ !
ପୁଲକ ଉଠିଲା ତବ ଭସ୍ମର ଅଙ୍ଗ,
ତୁମରି ବିଜୟ ପତାକା ବହ୍ନି ସେ,
କଂଠାଉ କରନ୍ତି ଗଗଣ କୁଳଣେ,
ପିଇବ ଗରଳ ପ୍ରାଣ ଅମୃତ ପୁଣି,
ଘୁଚିଲେ ନିର୍ଭୟ ! ଶୁଣି ଦେ ରୁଦ୍ର ବାଣୀ ।୮।

ମାନବ ମଶାଣେ ନନ୍ଦନ ଉଠେ ପଞ୍ଚି !
ଧ୍ୱଂସର ଲୀଳା; ହାହାକାର କରେ ମନ୍ତ୍ରୀ !
ବୈଶାଖେ ବୋଲି ଆଣିବ ବରଷା,
ମୃତ୍ୟୁର ଦେବ ଅମର ଭରସା,
ସକଳ ତ୍ୟାଗି ସନ୍ନ୍ୟାସୀ ତବ ରୁଦ୍ର,
ବନ୍ଦୁ ତବ ଶିରେ ସକଳ ତୁଚ୍ଛ କ୍ଷୁଦ୍ର ।୯।

●

ଉତ୍କଳ-ସାହିତ୍ୟ,
୩୬ଶ ଭାଗ, ବୈଶାଖ ୧୩୩୯, ୧ମ ସଂଖ୍ୟା

# ରାଧାକୃଷ୍ଣ *

## କୃଷ୍ଣ

ମାନବର ତୁମେ ନୂତନ ବିଶ୍ୱର ଦେବତା,
ଦେବ ବୋଲି ସ୍ୱର୍ଗେ ମିଥ୍ୟା ଅବିଶ୍ୱାସ ବ୍ୟଥା,
ରଚିଥିଲ ଗୋପଲୀଳା, ବୃନ୍ଦାବନ ରାସ,
ନିତ୍ୟ ଶିବ ସୁନ୍ଦରର ସରଳ ପ୍ରକାଶ ।
ଲକ୍ଷ କୋଟି ବ୍ୟାକୁଳାତ୍ମା ଅମୃତରୁ ଭୁଲି,
ଗୋପିକାର ବେଶେ ଦେବ ପଡ଼ିଲ ଉଛୁଳି ।
ଉଜ୍ଜ୍ୱଳ ମାଧୁର୍ଯ୍ୟ ଭରି ଜୀବନ ପ୍ରତିଷ୍ଠା,
ଶିଖାଇଲ ଶେଷେ ଅନାସକ୍ତ କର୍ମନିଷ୍ଠା ।

ସେ ଜନର ଯୋଗେଶ୍ୱର, ପରମ ବୈଷ୍ଣବ,
ଅଜ କାମୁକର ରୂପେ—ଏ କିବା ସମ୍ଭବ !
ଲାଳସାର ବହ୍ନି ତେଜେ କୁତ୍ସିତ ମଳିନ,
ହରିଛ ମାନବ ଲୋକେ ଦେବତାର ଚିହ୍ନ !
ଅସତ୍ୟ ଅଜ୍ଞାନ ମିଥ୍ୟା ଦୂର ଅପମାନ,
ମାନବେ ମାନବ-ଦେବ କରୁ ପରିତ୍ରାଣ ।

## ରାଧା

ବିଶ୍ୱ ବିରହିଣୀ ରାଧା ପରମ ବୈଷ୍ଣବୀ,
ଗାଏ ଯୁଗେ ଯୁଗେ ଜୟ ଆତ୍ମହରା କବି ।
ତୁମ ସୂକ୍ଷ୍ମ ଅପ୍ରାକୃତ ପ୍ରେମର ଗରିମା,
ସ୍ତମ୍ଭ, ଅଶ୍ରୁ, ପୁଲକର ପାଏ ନାହିଁ ସୀମା ।
ମାନସ କଳ୍ପନା କୁଞ୍ଜେ ଚିର ବୃନ୍ଦାବନେ ।

× × ×

ଆଲୋକ ସନ୍ତାନେ ଚଳ ! ତୁଚ୍ଛ ବ୍ୟଥା ସବ,
ଅସହାୟ ମାନବର ତୁମେ ଗୋ ଗୌରବ ।

ଆଜି ତୁମେ ଦଗ୍ଧ ନର ବାସନାର ତାପେ,
ସ୍ୱର୍ଗୀୟ ମାଧୁରୀ ଶୂନ୍ୟ ନର ଅଭିଶାପେ ।
ବିଳାସ ସଙ୍ଗିନୀ ତୁମେ ଆଜି କଳ୍ପନାର,
ମାନବର ମାନସ ତୁମେ ସତ କଦାକାର !
ବୃନ୍ଦାବନ ରାସସ୍ଥଳୀ ଆଜି ଅନ୍ଧକୂପ,
ନିତ୍ୟ ପ୍ରେମ ନାହିଁ, ମିଥ୍ୟା କଳଙ୍କର ସ୍ତୂପ ।

## ଯୁଗଳ

ମାନବ ଆକୁଳ ଆତ୍ମା ବିରହିଣୀ ରାଧା
ଲୋକ ଚକ୍ଷୁ ଅନ୍ତରାଳେ ଦଳି ଭୟ ବାଧା,
ଚଳେ ଶୂନ୍ୟ ଅଭିସାରେ ଶ୍ରାବଣ ନିଶୀଥେ—
"କୃଷ୍ଣ ଚିର ପ୍ରାଣପ୍ରିୟ" ଆକୁଳ ସଙ୍ଗୀତେ ।
ନିତ୍ୟ ବ୍ୟାକୁଳତା ତା'ର ଅନ୍ୱେଷେ ସନ୍ଧାନ,
ମିଳନର ଆଶା ବହ୍ନି ଅଧୀର ପରାଣ ।
ଜୀବନ ସଂଗ୍ରାମେ ଶତ ଘାତ ପ୍ରତିଘାତେ,
ମୃତ୍ୟୁ ଅବସାଦେ, ଦୁଃଖ ରଜନୀ ପ୍ରଭାତେ !
ଏକଇ ସଙ୍ଗୀତ ଅଶ୍ରୁ ବିରହ ପ୍ରସାର,
ଅବିଦ୍ୟା କବଳେ ତତ୍ତ୍ୱ ଲଭଇ ବିକାର ।

ସାଧକ ବିରହୀ ଜନ ପ୍ରାଣାରାମ ଧନ—
ଦେବତାର ରାସସ୍ଥଳୀ ନିତ୍ୟ ବୃନ୍ଦାବନ ।
ସାଧକ ଲଭଇ ପ୍ରୀତି ମିଳନ ଆସ୍ୱାଦ,
ବାସନା-ବିକୃତ ଜନ ପ୍ରାଣ ପରମାଦ ।
ଅଜ୍ଞାନ ତମିସ୍ରାଚ୍ଛନ୍ନ ମୋହାନ୍ଧ ମାନବ,
କଳ୍ପିତ ପ୍ରତିମା ଗଢ଼ି ନିତ୍ୟ ନବ ନବ,
ଲଗାଏ ମିଥ୍ୟାର ଲୀଳା, ଶୈଶବ ଯେସନେ,
ନିରେଖି ଆପଣା ସୃଷ୍ଟି ବିହ୍ୱଳ ସ୍ୱପନେ ।
ଥିର ମୌନ, ନିର୍ବିକାର, ବିଶ୍ୱର ଆଶ୍ରୟ !
ମନେ ହସ ଦେଖି ମିଥ୍ୟା ରୂପ ଅଭିନୟ ।

ଅବା ଅପସର ଯାଅ, ଶୂନ୍ୟ ହୁଏ ଧରା,
ଶୂନ୍ୟ ଦେବାଳୟ, ଶୂନ୍ୟ ପୂଜା ଫୁଲ ପରା ।
ପୂଜା ପାଏ ମିଥ୍ୟା ଅବା ଅଜ୍ଞାନ ଅନ୍ଧାର,
ଦେବତା ଆସନେ ବସେ ସନ୍ଦମ୍ଭ ବିକାର—
ବିକୃତ ଈଶ୍ୱର ! ଘୋର କାମ୍ୟ ଲଭେ ରୂପ !
ମାନବ ଆପଣା ଲାଗି ରଚେ ମୃତ୍ୟୁ କୂପ ।

ତବ ଅପମାନେ ନର ଲଭଇ ମରଣ,
ଆତ୍ମ ପ୍ରବଞ୍ଚନା କରେ ଶକତି ହରଣ ।
ଅଜ୍ଞାନ ଅବିଦ୍ୟା ଯେବେ ପାଶନ୍ତି ସେ ଧରି,
ଅପ୍ରାକୃତ ପ୍ରେମ ତବ, ପ୍ରାପ୍ୟ ବାଜ ପରି—
ଅପସରି ଯାଅ ତୁମେ, କଳ୍ପନାରୁ ଦୂରେ,
ଶଙ୍ଖ ଘଣ୍ଟା ବାଜେ ମାନବର ଶୂନ୍ୟପୁରେ ।

ଅପ-ଦେବତାର ପୂଜା ଗୌରବେ ଉଜ୍ଜ୍ୱଳ;
ଆତ୍ମ ତୃପ୍ତି ଛଳେ ନର ଢାଳେ ଅଶ୍ରୁଜଳ ।
ସହଜ ଯା ରହିଯାଏ ଶର ଦୁରବୋଧ,
ମାନବ ମିଥ୍ୟାର ପ୍ରଭୁ ! ତବ ପ୍ରତିଶୋଧ !
ବାକ୍ୟ ମନ ଅଗୋଚର ଜୀବନ ଦେବତା !
ତବ ପଜା ରଙ୍ଗମଞ୍ଚେ ! ପରିହାସ କଥା !

ଅଜ୍ଞାନ ତିମିର ହର ଆଲୋକ-ଦେବତା,
ହୃଦୟ ମନ୍ଦିରେ ଜ୍ଞାନ କର୍ମର ବାରତା—
ବାଜ ଉଠୁ ! ନର ଦେଖୁ ସଂଗ୍ରାମର ସୀମା,
କେବେ ଚିତ୍ତ ବୃନ୍ଦାବନ ମିଳନ ପ୍ରତୀକ୍ଷା ।

●

ଉତ୍କଳ-ସାହିତ୍ୟ,
୩୬ଶ ଭାଗ, ବୈଶାଖ ୧୩୩୯, ୧ମ ସଂଖ୍ୟା

* ଉପସ୍ଥିତାର ଟିପ୍ପଣୀ—

ନିଜର ଶିକ୍ଷା ଦୀକ୍ଷା ନେଇ ବ୍ୟକ୍ତିଗତ ଜୀବନରେ ଯେପରି ଦେବତାଙ୍କ ପୂଜାରେ ବୈଷମ୍ୟ ଦୃଷ୍ଟ ହୁଏ, ତାଙ୍କଠାରୁ ଜୀବନରେ ମଧ୍ୟ ଠିକ୍ ସେହିପରି ତାରତମ୍ୟ ଦୃଷ୍ଟ ହୋଇଥାଏ । ଏଥିରେ ବିଶ୍ୱବିଧାତାଙ୍କର ଯେ କ୍ଷୟବୃଦ୍ଧି, ସେ କଥା କେହି ସ୍ୱୀକାର କରିବେ ନାହିଁ । ଦେବତାର ପୂଜାରେ କୌଣସି ଗୋଟିଏ ଯୁଗର ମାନବ ସମ୍ମାନିତ ବା ଅପମାନିତ ହୁଏ ମାତ୍ର । 'ରାଧା କୃଷ୍ଣ' ଆଦର୍ଶକୁ ସରଳ ଭାବରେ ବୁଝାଇବାକୁ ମୋ ପକ୍ଷରେ ବର୍ତ୍ତମାନ ସମ୍ଭବ ନ ହେଲେ ମଧ୍ୟ ଏହା ଯେ ଭାରତର ଚିରନ୍ତନ ସତ୍ୟର ଆଦର୍ଶ, ଏ କଥା ସମସ୍ତେ ସ୍ୱୀକାର କରିବେ । ଏହି ଆଦର୍ଶକୁ ଉତ୍କଳ ସାହିତ୍ୟର ମଧ୍ୟଯୁଗରେ କେତେଜଣ ବୈଷ୍ଣବ କବି ସୃଷ୍ଟି କରି ତାଙ୍କୁ ଅପମାନିତ କରି ଅଛନ୍ତି ବୋଲି ମୋର ଦୃଢ଼ ଧାରଣା । ଅବଶ୍ୟ ଏ ନିୟମର ବହିର୍ଭୂତ ଅଭିମନ୍ୟୁଙ୍କ ଭଳି ଜଣେ ଅଧେ କବି ଆମ୍ଭେମାନେ ମଧ୍ୟଯୁଗ ସାହିତ୍ୟରେ ଦେଖିବାକୁ ପାଉ—ଆଦର୍ଶଟିକୁ ଅକ୍ଷୁଣ୍ଣ ରଖି ପାରିଅଛନ୍ତି; ମାତ୍ର ଅଧିକାଂଶ କବିଙ୍କ ପକ୍ଷରେ ଏ କଥାଟି ବେଶ୍ ଲାଗେ । ବିଶ୍ୱମାନବର ମଙ୍ଗଳ ଲାଗି ଯେ ସନାତନ ନିୟମ ବା ଆଇନ କାନୁନ ରହିଅଛି, ଭଗବାନ ତାକୁ କେବେ ଲଙ୍ଘନ କରନ୍ତି ନାହିଁ । ଯଦି କେଉଁ ସ୍ଥଳରେ ସେ ତାଙ୍କ ଅପ୍ରତିହତ କ୍ଷମତା ବଳରେ ସେ ନିୟମର ଅବମାନନା କରନ୍ତି, ତେବେ ସେ ମାନବର ଦେବତା ଆସନରୁ ଅପ-ଦେବତା ଆସନକୁ ଖସି ଆସନ୍ତି । ମଧ୍ୟଯୁଗର ଉତ୍କଳ କବି ମାନଙ୍କ ଶକ୍ତିଶାଳୀ ଲେଖନୀ ଦ୍ୱାରା ଆଦର୍ଶ ରାଧାକୃଷ୍ଣଙ୍କ ଏପରି ଗୋଟାଏ କ୍ଷମତା ମିଳି ଅଛି । ସେଥିଲାଗି ଯୁଗୋଚିତ ବିଳାସ, ବ୍ୟସନ ଓ ସ୍ୱାଚ୍ଛନ୍ଦ୍ୟର ଆଦର୍ଶ । ତେଣୁ ଆମ୍ଭମାନଙ୍କର ଏହି ଦାରିଦ୍ର୍ୟ-ପିଷ୍ଟ ଯୁଗରେ ଯେତେବେଳେ କବିତୂର୍ଯ୍ୟଙ୍କ ରାଧା ବା କୃଷ୍ଣ ଆସନ୍ତି, ସେ ଦୁଃଖୀର ଭାର ଅପନୋଦନ କରିବାକୁ ବା ବ୍ୟଥିତର ଅଶ୍ରୁ ପୋଛିଦେବାକୁ ଆସନ୍ତି ନାହିଁ । ସେ ଆସନ୍ତି କବିଦତ୍ତ କ୍ଷମତା ବଳରେ ବିଳାସ ଓ ବ୍ୟସନ ପ୍ରଚୁର କରିବାକୁ । ଦେବତାର ଆଦର୍ଶ ଦେବତା ଓ ମାନବ ଜୀବନରେ ଯୋଗସୂତ୍ର ଅଭାବରୁ ପ୍ରକୃତ ଉପଲବ୍ଧି ହୋଇପାରେ ନାହିଁ । ସାହିତ୍ୟ ମଧ୍ୟ ଜୀବନ ସଙ୍ଗେ ଠିକ୍ ତାଳ ରଖି ଚାଲି ପାରେ ନାହିଁ ଏବଂ ସହସ୍ର କବି କଳ୍ପନା ଓ

ବାଗାଡ଼ମ୍ବର ସତ୍ତ୍ୱେ ମାଟିରେ ପଡ଼ଯାଏ । ମଧ୍ୟଯୁଗର କବି ନିଜର ଯୁଗର ସ୍ୱାଚ୍ଛନ୍ଦ୍ୟ ଓ ଭୋଗଲିପ୍ସା ଭଗବାନଙ୍କଠାରେ ଆକ୍ଷେପ କରି ଅଛନ୍ତି ବା ଲିପ୍ସାକୁ ରୂପଦାନ କରି ଭଗବାନ ବା କୃଷ୍ଣ ଆଖ୍ୟା ଦେଇ ଅଛନ୍ତି । ଏ କଥା କହିଲାବେଳେ ମୁଁ ବେଶ୍ ବୁଝିପାରୁଛି ଯେ, ମଧ୍ୟଯୁଗର ଆଦର୍ଶବାଦୀ କେତେକଜଣ ସାତ୍ତ୍ୱିକ ଓ ଅଧ୍ୟାତ୍ମିକ ମୋ କଥାରେ ନାସିକା କୁଞ୍ଚନ କରିବେ । ମାତ୍ର ଗତିଶୀଳ ସଭ୍ୟତା ଦିନେ ଜଗତ୍ ସମକ୍ଷରେ ଏହାର ନଗ୍ନ ରୂପ ପ୍ରମାଣ କରିବ ।

## ବୁଦ୍ଧ ଜନ୍ମ *

**ଜନନ ! ଧନ୍ୟ ଜନନ !**
**ଧନ୍ୟ ଆଜ ଏ ଧରଣୀ,**
ସ୍ୱର୍ଣ୍ଣ ଆଲୋକ ଶୋଭେ ତୋର କୋଳେ
ବରଜିଅ ରାଜ-ଘରଣୀ,
ଧନ୍ୟ ଆଜ ଏ ଧରଣୀ ।

ଜଗତ ବନ୍ଦ୍ୟ ବୁଦ୍ଧ-ଦେବତା,
ବହିନେବେ ଶିରେ ମର୍ତ୍ତ୍ୟର ବ୍ୟଥା,
ଅଜ୍ଞାନ ଅମା ଯିବ ଅପସରି
ମର୍ତ୍ତ୍ୟ ଆଣିବେ ଶାନ୍ତି,
ଦେଖ ଗୋ ଦିବ୍ୟ କାନ୍ତି ।

ଦେବେ ନିର୍ବାଣ ଆଲୋକ ଭାଷା
ମୁକ୍ତ ଜୀବନ ସରଣୀ,
ଧନ୍ୟ ଆଜ ଏ ଧରଣୀ ।

ଆପଣା ରକତେ ଜଗତ ଜୀବନ,
କରିବେ ଅମର ମୁକ୍ତ ଧନ୍ୟ,
ତ୍ରିଂଶ କୋଟି ଦେବତା ସ୍ୱର୍ଗେ
ଦୁନ୍ଦୁଭି ନାଦେ ହର୍ଷେ,
ଯିବ ଗୋ ଅଶିବ ତ୍ରାସ ,

ଜୀବନ-ସିନ୍ଧୁ ପୁଲକେ ଆଜ ଗୋ
ଲଭିଛି ପ୍ରେମ-ତରଣୀ,
ଧନ୍ୟ ଆଜ ଏ ଧରଣୀ ।

ଆଲୋକ ବୃଷ୍ଟି ! କୁସୁମ ବୃଷ୍ଟି !
ମର୍ତ୍ତ୍ୟେ ଦେବତା ଦିବ୍ୟ ଦୃଷ୍ଟି !
ବହଇ ମଳୟ ମୁକୁଳ ଗନ୍ଧ
ନନ୍ଦନ ବନୁ ବନ୍ଧ,
ନଗ୍ନଚୋକ୍ଷୁଙ୍କ ମନ୍ତ୍ର ।

ନବୀନ ଜୀବନ ବନ୍ଦନା ଆଜି
ସୁରଭି କୁସୁମେ ସଜନ,
ଧନ୍ୟ ଆଜି ଏ ଧରତୀ ।

●

ଉତ୍କଳ ସାହିତ୍ୟ,
୫୭ଶ ଭାଗ ଆଷାଢ଼ ୧୩୬୯, ୩ୟ ସଂଖ୍ୟା

---

* ଶାଳ ବନରେ ବୁଦ୍ଧ ଜନ୍ମର ଅନନ୍ତକାଳ ପରେ ସ୍ବର ଜଣ ସ୍ୱର୍ଗ ବିଦ୍ୟାଧରୀ ମର୍ତ୍ତ୍ୟରେ ଅବତୀର୍ଣ୍ଣ ହୋଇ ସୁମଧୁର ସଙ୍ଗୀତ ଛନ୍ଦରେ ମହାମାୟାଙ୍କର ବନ୍ଦନା କରିଥିଲେ । ସେହି ସଙ୍ଗୀତ ଆନନ୍ଦ ମୁଖର ସୃଷ୍ଟିର ମାଙ୍ଗଳିକ ଭଳି ବୋଧ ହେଉଥିଲା ।

—ରଚୟିତା ।

# କଳ୍ପ-ଯୌବନ

( ୧ )

ଯୌବନ ସ୍ୱପନ ମୋହ ବିଭ୍ରମ ଚାତୁରୀ,
ଆତ୍ମ-ଅଭିମାନ ପ୍ରୀତି ସୋହାଗ ମାଧୁରୀ ।
କାଳର ଭ୍ରୂକୁଟି ଏଡ଼ି ମୁଗ୍‌ଧ ନେତ୍ରେ ଚାହିଁ—
ପ୍ରେୟସୀ ଅଳସ ଆଖି ଶର ନେବା ବାନ୍ଧି ।

ନନ୍ଦନର ମାୟାମଦେ ବିରଚିବା ଛନ୍ଦ,
ପ୍ରେୟସୀ ଗାତ୍ର ସ୍ପର୍ଶେ ପୁଲକ ଆନନ୍ଦ ।
ଏ ସକଳ ସ୍ୱପ୍ନ ମୋର ଆତ୍ମ ଅପମାନ,
ଜୀବନ ନିୟନ୍ତା ମୋତେ କର ପରିତ୍ରାଣ ।

ଏ ଜୀବନ ନୁହେଁ ମୋର ମରୀଚିକା ମାୟା,
ସ୍ୱପନ କୁସୁମ ଦୋଳା, ବାଜିକର ଛାୟା ।
ଶୁଷ୍କ କଣ୍ଠେ ନାହିଁ ଝରେ କାହିଁ ଜଳ ବିନ୍ଦୁ,
ଉଚ୍ଛୁଳଇ କାହିଁ ଅବା ପ୍ରୀତି ମହାସିନ୍ଧୁ ।

ନିଷ୍ଠୁର ବାସ୍ତବ ରଣ ! ଜମା ଅଶ୍ରୁକଣା,
କଳ୍ପନା କବଚ କ୍ଷଣେ ହୁଏ ଖାଲି ବଣା ।

( ୨ )

ଦେଖିଲି ବାସ୍ତବ ରୂପ ଜୀବନ ନିୟନ୍ତା,
ତହିଁ ମୋର ଜୀବନର ବୈଶିଷ୍ଟ୍ୟ ସତ୍ୟତା ।

ଅଶ୍ରୁ ରକତର ତହିଁ ଆଦାନ ପ୍ରଦାନ,
ଆତ୍ମମଦାତ୍ମକ ସେଠି ବିଭତ୍ସ ସଂଗ୍ରାମ ।

ବନ୍ଧନ ଅଶ୍ରୁ ତୁରେ ତହିଁ ଅପାର ଆନନ୍ଦ,
ସକଳ ବନ୍ଧୁସ୍ତ୍ର ଭେଦ ସୁନ୍ଦରର ଛନ୍ଦ
ଫୁଟି ଉଠେ, ମ· ନବ ତହିଁ ଅଙ୍ଗହାସେ,
ବିଚିତ୍ର ଭଙ୍ଗୀରେ ଜୀବ ରହସ୍ୟ ପ୍ରକାଶେ ।

ଯାଅ ପ୍ରଣୟିନୀ ଯାଅ !—ଅଧର ରକ୍ତିମା,
ସହସ୍ର ଭ୍ରୂଭଙ୍ଗ ଭଙ୍ଗୀ, ଲଙ୍ଘି ଯାଅ ସୀମା—
ମୁକ୍ତ ହେବ, ଛିନ୍ନ କରି କାନ୍ତ ଭୁଜବନ୍ଧ,
ବରିନେବ ଆଜ ସ୍ୱଚ୍ଛେ ହୃଦୟର ଆନନ୍ଦ ।

ଅଶ୍ରୁ ରକ୍ତ ଅନାହାର ବ୍ୟଥିତର କଥା,
ସେ ମୋର ପ୍ରିୟର ପ୍ରିୟ ! ମୁକତି ପୂର୍ଣ୍ଣତା !

( ୩ )

ଭୁଞ୍ଜ ଭୁଞ୍ଜ ପ୍ରଣୟର କୁସୁମ ବନ୍ଧନ,
ଭୁଞ୍ଜ ପ୍ରିୟ କାନ୍ତ ବାଣୀ ବୃଶ୍ଚିକ ଦଂଶନ ।
ନୟନ ଭଙ୍ଗିମା ତାର ପୂର୍ଣ୍ଣ ଅବସାଦ,
କବିତା ସୌନ୍ଦର୍ଯ୍ୟ ମୋହ ପ୍ରାଣ ପରମାଦ ।

ମନେହୁଏ, ସେ ବିଭ୍ରମ ଯେ ରୂପ ଅପୂର୍ତ୍ତି,
ଜୀବନେ ନିମିଷ ମାତ୍ର, କ୍ଷଣେହେଲେ ଚୂର୍ତ୍ତି—
ନାହିଁ ଥାଏ ସତ୍ୟ କିଛି, ଅଳୀକ ମାଧୁରୀ—
ସକଳ ଯୌବନ ସ୍ୱପ୍ନେ ରହିଅଛି ପୂରି ।

ସକଳ ବନ୍ଧନ ତେଜି ନେଣୁ ପ୍ରାଣପକ୍ଷୀ
ଦୂରେ, ବହୁ ଦୂରେ, ଆଜ ଉଡ଼ିଯିବ ସଖୀ !
ଯହିଁ ନର ପିଏ ହସି ନରର ରକତ,
ଯହିଁ ପ୍ରାଣବାୟୁ ଯାଏ ଉଡ଼ି ଅବିରତ—

ଜନ୍ମଭୂ ଲାଗି, ତହିଁ ଜୀବନର ଜୟ,
ଗାଇବାକୁ କବି ତବ ସତତ ଅଥୟ ।

( ୪ )

ସଂକୀର୍ଣ୍ଣ ଯୌବନ ବନ୍ଧ, ଜୀବନ ଦେବତା !
ମୁକ୍ତ ପ୍ରାଣ ପକ୍ଷୀ ତେଣୁ ଲଭେ ତୀବ୍ର ବ୍ୟଥା !
ମୁକ୍ତ କର ପ୍ରାଣ ହେ ବନ୍ଧନୁ, ଯାହା ସତ୍ୟ—
ଯାହା ପୂର୍ଣ୍ଣ ପ୍ରକାଶିତ ନାହିଁ-ପୂର୍ଣ୍ଣ ତଥ୍ୟ —

ବିଚିତ୍ର ଏ ଜୀବନର, କର ହେ ପ୍ରକାଶ !
ତା ଆଗେ ଯୌବନ ମୋର ତୁଚ୍ଛ ଉପହାସ ।
ପ୍ରାଣଦିଅ, ପ୍ରାଣଦିଅ, ଦିଅହେ ଭରସା—
'ତବ କରୁଣାର ! ପ୍ରଭୁ, ଯାଉ ଦୀନ ଦଶା ।

ଜୀବନର ମୁକ୍ତପଥେ ବିଶାଳ ଭଙ୍ଗୀରେ
ବହିଯାଉ ଏ ତରଣୀ, ଦ୍ରୁତ ହେଉ ଧୀରେ
ତୁମରି ଅସ୍ତିତ୍ୱ ପ୍ରଭୁ ! ନିଷ୍ଠୁର ବାସ୍ତବେ
ନଷ୍ଟକରୁ ଦୁର୍ବଳ ପଦ ଏ ଜୀବନେ ଲଭେ ।
ଗାଇବି ଏ ଜୀବନରେ ପୂର୍ଣ୍ଣ ଗଉରବ !
ଅନ୍ତରେ କରିବି ପ୍ରିୟ ନିଷ୍ଠୁର ଉତ୍ସବ ।

( ୫ )

ଅନନ୍ତ ଯୌବନ ମୋର ମୃତ୍ୟୁ-ସମୀ ତଳେ
ଅମର ପ୍ରଦୀପ ଶିଖା ଯେସନେ ସେ ଜଳେ ।
ଯୁଗ ଯୁଗ ଧରି ମୋର ପ୍ରାଣ-ଶତଦଳ,
ଶାନ୍ତ ଶୁଭ୍ର ଅନାବିଲ ପବିତ୍ର ମଙ୍ଗଳ ।

ଆପଣା ବାସନା-ବକ୍ଷେ ନୁହେଁ ସେ ଦଗଧ,
ସଂଗ୍ରାମ ତୀବ୍ରତା ତାକୁ ନ କରେ ସ୍ତବଧ ।
ଅମୃତକୁ ଡାକେ ସେ ଯେ ହୁଅଇ ଅମର,
ଲଭିବାକୁ ସଦା ତାକୁ ବ୍ୟାକୁଳ ନିର୍ଝର ।
ମୋ ତଳ ଯୌବନ ତାର ଅଚପଳ ହାସ,
ମୃତ୍ୟୁ ଦୈନ୍ୟ ବେଦନାରେ ଯା ତର ପ୍ରକାଶ

ନିଶି ଦିନ ଶିଳା ମମ କରେ ଅନୁଧ୍ୟାନ,
ନୀରବତା ତାର ଭାଷା, ତା ଆଲୋକ ଜ୍ଞାନ ।
ଦୂରେ, ବହୁ ଦୂରେ ଶାନ୍ତ ଚକ୍ରବାଳ ତଳେ,
ସଂଘର୍ଷ ସେ ପାରେ ତାର ରୂପ ପ୍ରତିଫଳେ ।

( ୬ )

ହେ କିଶୋର ବନ୍ଧୁ ମୋର ! ଦେଖିଲେ ତା ରୂପ
ତାରୁଣ୍ୟ କଳ୍ପନା ସ୍ୱପ୍ନ ମୁକ୍ତି ଅନ୍ଧ କୂପ
ଲୁପ୍ତହୁଏ, ମୁକ୍ତି ଲଭେ ଦାସତ୍ୱ ବନ୍ଧନ,
ମରଣ-ପଞ୍ଜର ଭେଦ ହଂସ ଏ ଜୀବନ ।

ଖେଳିବ ଖେଳୁଆ ତୁମେ କଳ୍ପନା କୁସୁମେ,
ଅବା ରମ୍ୟ ଉପବନ-ପକ୍ଷୀ ନନ୍ଦ ଦ୍ରୁମେ
ମୁଗଧା ପ୍ରେୟସୀ ସମ ଚପଳ ସମୀର,
ନଶ୍ୱର ବାସ୍ତବ ମୋର, ମୋର ଅଶ୍ରୁନୀର ।

ମେଣ୍ଟି ନାହିଁ ବୋଲି ମୋର ଜୀବନର ତୃଷା,
ଦେଖି ନାହିଁ ବୋଲି ଥରେ ଆଲୋକର ଉଷା ।
ତେଜି ସୃଷ୍ଟି ଭୁଲିଛି ମୁଁ ସୁଦୂର ସନ୍ଧାନେ,
ପରଶୁ ପରଶେ ଅବା ସ୍ୱର୍ଗ ହେବ ପ୍ରାଣେ ।

କହୁଛ ବାର୍ଦ୍ଧକ୍ୟ, ତବ, କହ ଯାହା ତାହା,
ମୋ ଜୀବନ ସତ୍ୟ ମୁକ୍ତି ସେ ମୋ ଚିର ଗାହା ।

( ୭ )

ଏକଇ ବସନ୍ତ ନହିଁ ତୁମ ପ୍ରାଣ ଲବ୍ଧ,
ସେ ବସନ୍ତେ ମୋ ହୃଦେ ଖାଲି [illegible] କ୍ଷୁବ୍ଧ !
ନୁହେଁ ଏକ, କୋଟି ବସନ୍ତର ଅଭିଳାଷୀ—
ପାନ କର ପ୍ରାଣ ! ନନ୍ଦନ କୁସୁମ ରାଶି—

ସ୍ୱରେ ପକ୍ଷୀ ନିତ୍ୟ ଗାନ, ପକ୍ଷୀ ପ୍ରିୟ ସନେ
ଅସରନ୍ତି ପ୍ରୀତି ଗାନ ଚିତ୍ତ-ବୃନ୍ଦାବନେ !

ତନ୍ତି ପ୍ରୀତି ଆଶି ନିତ୍ୟ ସ୍ଥିର ଅଚପଳ,
ମଳୟ ସଞ୍ଚିତ ନୁହେଁ ଯୌବନ ଚଞ୍ଚଳ ।
ଅସରନ୍ତି ପିକ ଭାଷା, ଅଶେଷ ସଙ୍ଗୀତ,
ସବୁ ମିଥ୍ୟା ସତ୍ୟ ପ୍ରିୟ ପୀରତି ଇଙ୍ଗିତ ।

ବସନ୍ତର ଜୀବନର ସେ ଯୌବନ ଲାଗି
ଦରିଦ୍ର ଏ କବି ଦିବାନିଶି ରହେ ଜାଗି ।
ସେ ଯୌବନ ଲାଗି ମୋର ସକଳ ସାଧନା,
ଏ ସକଳ ଅନୁଭୂତି ସକଳ କଳ୍ପନା ।

( ୮ )

ଆସୁ ଜରା ଭସୁ କିବା ? ଆସୁ ବା ମରଣ ।
ଖୋଜିନେବ ତନ୍ତି ମୋର ଅମ୍ଳାନ ଯୌବନ ।
ମୋ ଯୌବନ ଶତଦଳ ଅମର ଚେତନା,
ମର୍ତ୍ତ୍ୟ କୋଳାହଳେ ସେତ ନୁହେଁ କେବେ ବଣା ।

ସକଳ ନଶ୍ୱର ମଧ୍ୟେ ସେ ମୋ ଦୀପ ଶିଖା,
ତାଲାଗି ଜୀବନ ମୋର ଦ୍ୱାରେ ଦ୍ୱାରେ ଭିକ୍ଷା ।
ତା ଲାଗି ମଜନେ ବହେ ବିଶ୍ୱାସିକା ତ୍ରାସ,
ଭକ୍ତ ଜ୍ଞାନୀ ଗୁଣୀଜନ, ଅନଶ୍ୱର ରସ ।

ସେ ଯୌବନ ବିନା ନାହିଁ ପୀରତି ଆସ୍ୱାଦ,
ଅମର ପୀରତି ବିନା ସବୁ ଅବସାଦ ।
କ୍ଷଣିକର ପ୍ରୀତି ସ୍ୱାଦ ଆତ୍ମ-ଅପମାନ,
ଦୁଃସହ ଜୀବନ ଭାର ଅବସନ୍ନ ପ୍ରାଣ ।

କ୍ଷଣିକର ତୃଷ୍ଣା ବାଜି କରି ଅବହେଳା,
ଖେଳେ ବୃନ୍ଦାବନେ ନିତ୍ୟ ପତ୍ନୀ ପ୍ରୀତି ଖେଳା ।

ଉତ୍କଳ ସାହିତ୍ୟ,
୬୭ଶ ଭାଗ, ଶ୍ରାବଣ ୧୯୬୯, ୪ର୍ଥ ସଂଖ୍ୟା

# ମୃତ୍ୟୁ-ଦର୍ଶନ

( ୧ )

କାଳଜଳଧି ନିରବଧି ବହିଯାଏ ଧୀରେ,
ଅସ୍ଥି ମାଂସ ମେଦ ତାର ମିଶିଛି ମାଟିରେ ।
କେବଳ ତା ସ୍ମୃତି, ତାର ବେଦନାର ସ୍ମୃତି,
ମ୍ଲାନ ଦୀପଶିଖା ସମ ଟାଳିଯାଏ ଧୃତି ।

ଅଧୀରେ ମରଣ ହସେ ବିଜୟର ହାସ,
ଦୁର୍ଜୟ ମାନବ ଆହା ନିୟତିର ଦାସ ।
ତୀବ୍ର ହସେ ମୃତ୍ୟୁ ପୁଣି ! କ୍ଷୀଣ ତାର ତନୁ—
ଗ୍ରାସିବେଣି ଲକ୍ଷକୀଟ, ଯାଉନାହିଁ ମନୁ ।

ଜୀବନର ଗୌରବ ମୋର ଲୋଟଇ ଧୂଳିରେ,
ନ ଫୁଟେ ବଚନ ଛବି ଆଉ ମୋ ତୂଳୀରେ ।
ମରଣ ବିଜୟ ବାର୍ତ୍ତା ହାଣେ ଘନ ଘନ,
ଜଡ଼ତା କ୍ଲୀବତ୍ୱ ଘାରିଦିଏ ଦେହ ମନ ।

ପିଇଲି କା ହଳାହଳ ! ହଜଇ ଆଶ୍ରୟ,
କେବଳ ସତ୍ୟ ମୋ ପ୍ରାଣେ ମରଣ ବିଜୟ ।

( ୨ )

ମାନବ ସୈନିକ ତୋର ଶତ ଆସ୍ଫାଳନ,
ଦେଖିଛି ଏ ମୂକ ମୂର୍ତ୍ତି ଜାଗ୍ରତ ନୟନ ।
ଜୀବନର ଗରବ ପୁଣି ଆଶାବାଦୀ ଆଶା,
ଭୁଲି ଜିବ ନୈରାଶ୍ୟର କପଟିଆ ଭାଷା ।

ଶୁଣିଛୁ ହେ ଶାକ୍ୟ ମୁନି ଅନୁକମ୍ପା ଯୋଗ,
ଯୋଗୀର କଳ୍ପନା ତବ ଅମୃତତ୍ତ୍ୱ ଭୋଗ ।
ନଭସ୍ତୁମ୍ବୀ ମୋ ବିଶ୍ୱାସ ଅଟଳ ନିଶାଣ,
ଟଳିପଡ଼େ କ୍ଷଣକରେ, ମୃତ୍ୟୁ ବଳୀୟାନ ।

ସୃଷ୍ଟିର ବିଜ୍ଞାନୀ ଗୁଣୀ ପ୍ରେମିକ ସାଧକ—
ମୂକ ମାନବର ତବ ଭାଗ୍ୟ ବିଧାୟକ !
ନ କଲ ପ୍ରୟାସ କେତେ ଜ୍ଞାନ ବୁଦ୍ଧିବଳେ,
ଭେଦିବାକୁ ମୃତ୍ୟୁ ଜାଲ ଏହି ଧରାତଳେ ।

ପାଇଛ କି କହ ମୋତେ ସେ ରହସ୍ୟ ଭେଦ,
ତୁମ ଅନୁଭୂତି ଖଡ୍ଗେ ମୋ ଜଡ଼ତା ଛେଦ ।

( ୩ )

ମାନବ କଳ୍ପନା ଜ୍ଞାନ ଅମୃତତ୍ତ୍ୱ ରଚେ,
ନିଷ୍ଠୁର ନିୟତି ଆହା ହସୁଥାଏ ପଛେ—
ସର୍ବଗ୍ରାସୀ ତାର ସମ ଜାଣନ୍ତି ସେ, ଶେଷେ
ସକଳ ମିଳିବେ ଆସି ତା'ର ପଦଦେଶେ ।

ତେଜସ୍ୱୀ ତା ଦମ୍ଭ ଭୁଲି ହେବ ନତ ଶିର,
ଦାମ୍ଭିକ ଗରିମା ତେଜ ତହିଁ ହେବ ସ୍ଥିର ।
ଏ ସୃଷ୍ଟିର ନଦନଦୀ ହ୍ରଦ ପରବତ,
ସହସ୍ର ପତଙ୍ଗ କୀଟ ତହିଁ ହେବେ ନତ ।

ନିର୍ଜୀବ ସଜୀବ ଜଡ଼ ସ୍ଥାବର ଜଙ୍ଗମ
ଲଭିବେ ନିୟତି ସିନ୍ଧୁ ଅନ୍ତିମ ସଙ୍ଗମ ।
ସର୍ବେ ହେବେ ଏକାକାର ନାହିଁ ଭେଦାଭେଦ,
ନାହିଁ ପ୍ରଶ୍ନ ଦ୍ୱନ୍ଦ୍ୱଦ୍ୱିଧା ନ ଥିବ ତ ଖେଦ ।

ନିଷ୍ଠୁର ବାସ୍ତବ ! ସୃଷ୍ଟି ରହସ୍ୟ ନିୟତି
ଖଣ୍ଡିବ ପୁଣି କେ ନର ଭାଗ୍ୟର ବିପତ୍ତି ।

(୪)

ନସ୍ତୃତ ନକ୍ଷତ୍ର ଲୀଳା'ରଙ୍ଗ ଦେଖେଁ ବସି,
କ୍ଷୁଦ୍ର ଶିଶୁ ଧୀରେ ଆସେ ତେଣୁ ହସି ହସି ।
ଅର୍ଦ୍ଧସ୍ଫୁଟ କଥା ତା'ର ଚନ୍ଦନ ଶୀତଳ,
ଶୁଣି ଦେହ ମନ ମୋର ନିମେଷ ଚଞ୍ଚଳ ।

ଯେସନେ ତମିସ୍ରାବୃତ ଧରା ନିଃସ୍ପନ୍ଦିତ,
ଊଷାର ଆଲୋକ ସ୍ପର୍ଶେ ହୁଏ ଉଜ୍ଜୀବିତ !
ଆବେଗରେ ଅଶ୍ରୁମୋର ନ ପାରେ ସମ୍ଭାଳି,
ଉତ୍ଫୁଲ୍ଲ ଜୀବନ ପଦ୍ମେ ପୂର୍ଣ୍ଣ ପ୍ରାଣ ଅଳୀ ।

ଆସ ବାବୁ ବକ୍ଷେ ମୋର, ଜୀବର ଜୀବନ !
ମୋ ଅଶ୍ରୁରେ ଧୋଇ ତୋତେ କରିବି ଶୋଭନ,
ଜାଣଇ ବୁଦ୍ ବୁଦ ସମ ନିଭିବୁ ତୁ—ମୂର୍ତ୍ତି !
ତମିରେ ଆବୃତ ହେବ ସରଗର ଭୂଇଁ ।

କାହିଁକି ଜୀବନ ସ୍ପର୍ଶୁଁ ହେବ ବା ବଞ୍ଚିତ ?
ଆସରେ ଦଗଧ ବକ୍ଷ ହେଉ ପ୍ରଶମିତ ।

(୫)

ଜୀବନ ବୁଦ୍ ବୁଦ ମୃତ୍ୟୁ ଆକୂଳ ସିନ୍ଧୁରେ,
ଲୁପ୍ତ ହୁଏ ଲକ୍ଷ ଶତ ' ମାନବର ପୁରେ
ଉଠଇ କ୍ରନ୍ଦନ ରୋଳ ! କପାଳ କର୍ଷଣ !
କାଳର କୁଟିଳ ଗତି କରଇ ସୃଜନ—

ପୁଣି ଅଭିନବ ମାୟା ! ନର ସବୁ ଭୁଲି,
ଆନନ୍ଦ ହିଲ୍ଲୋଳେ ପୁଣି ପଡ଼ଇ ଉଛୁଳି ।
ଯାଏ ସର୍ବେ ଆସେ ହବା ନାହିଁ ପରିମାପ,
କାହିଁକି କହୁଛ ମୂଢ଼ ଭାଗ୍ୟ ଅଭିଶାପ—

ମାୟାବାଦୀ ଦାର୍ଶନିକ ବୈରାଗ୍ୟର କଥା ?
ଦେଖିଛ ଆଜ କି କାହିଁ ଅଭିନବ ପନ୍ଥା ?
ମୌନହୁଅ ! ରଖ ତବ ଅସାର କଳ୍ପନା,
ନିସ୍ତବ୍ଧର ଗର୍ଭକମେ ହୁଅ ଯେତେ ବଣା ।
ଏ ମାନବ ଜନ୍ମ ଅଶ୍ରୁ ଆନନ୍ଦର ସାଥି,
ନିମିଷେ ସମ୍ମୋହେ ପ୍ରାନ୍ତେ ଜୀବନର ଗତି ।

( ୭ )

ଦୁଃଖ ରାଶି ଯାଏ ପାନ୍ଥ ! ଧୀରେ ଚଳ ଆସେ,
ଭୁବନ ମୋହିନୀ ଊଷା, ଜୀବନ ବିକାଶେ !
ସୃଷ୍ଟିର ଜୀବନ ଯେହ୍ନେ ନର୍ତ୍ତର ସମାନ,
ଝଙ୍କଳି ଆଲୋକ ! ସାଥେ ସ୍ଫୁରେ ଦିବ୍ୟଜ୍ଞାନ !

ନିସ୍ତବ୍ଧର ସେ ଅପୂର୍ବ ଜୀବନ ସଙ୍ଗୀତେ
କାହିଁ ତ ବେଦନା ଆଉ ନ ରହିଲ ଚିତ୍ତେ ।
ଶୋକ-ଦଗ୍ଧା ଜନନୀ ଗୋ ! ପୋଛ ଅଶ୍ରୁନୀର,
ବହିଯାଏ କାଳନଦୀ ସ ଳିଳ ଅସ୍ଥିର—

ସକଳ ନଶ୍ୱର ! ଖାଲି ରହିଯାଏ ସ୍ମୃତି !
ଆଶାର ଆନନ୍ଦେ ଜୀବନର ଅନୁଭୂତି ।
ଜୀବନ ତରଙ୍ଗ କାଳ ଅସୀମ ବେଳାରେ,
ଆସେ ଯାଏ ! ଆଲୋଡ଼ିତ ଅଦ୍ଭୁତ ଖେଳାରେ ।
ଭୁଲିଯାଅ ସ୍ୱାର୍ଥଶୋକ ବ୍ୟକ୍ତିତ୍ୱର ମାୟା,
ଅସୀମ ସାଗରେ ଜୀବ ଭଜେ ମୃତ୍ୟୁ ଛାୟା !

( ୮ )

ଜୀବନ ସଂଗ୍ରାମେ ଜାତି ପଡ଼ୁ ନରବଳି,
ଅସଂଖ୍ୟ ଶକ୍ତିର ତହିଁ ମିଳନ ବିଗ୍ରହ,
ସୃଷ୍ଟିର ମଙ୍ଗଳ ଲାଗି ନିପୁଣ କୌଶଳୀ
ଲଗାଇଛି ରଙ୍ଗମଞ୍ଚେ ନାଟ୍ୟ ଦୁରବହ ।

ଏକଇ ସଙ୍ଗୀତ ସୂତ୍ରେ ଅସଂଖ୍ୟ ଜୀବନେ,
ଏକଇ ଅଭୀପ୍ସା ସିଦ୍ଧି ! ଶୋକ ଅଧିକାର
ନାହିଁ କାର !   ଭିନ୍ନ ଅଭୀଷ୍ଟ ସାଧନେ,
ନଶ୍ବର ମାନବ  ତୁଁ ନାହିଁ କା ନସ୍ତାର ।

ଦୁର୍ବଳ ଆସନ ଗୁଡ଼େ ପରସ୍ଥାନ୍ତ ଲାଗି,
ପରସ୍ଥାନ୍ତ କର୍ମ ଶେଷେ ମରଣେ ଶରଣ ।
ସରବେ ଗୁଳିର ବୈଦିକ ମନ୍ତ୍ର ହୋଇ ବାଗି,
ବ୍ୟର୍ଥ ତୋର ଦ୍ୱିଧା ମଗ୍ନ ଅଶ୍ରୁ ବିମୋଚନ !

ଅସଂଖ୍ୟ ସଂଗ୍ରାମ କ୍ଷତ ବ୍ୟଥା ହୁଏ ଘନ,
ନୀରବେ ଗୁହ୍ମିଁଛି ମୂକ ନସ୍ପନ୍ଦ ଜନ ।

# ସଙ୍ଗୀତ

ତମିସ୍ରାବୃତ ଗଗନ
ମାନବ ଭାଗ୍ୟ          ଆବରି ହସଇ
ସୃଷ୍ଟି ବିଜୟୀ ମରଣ ।
ନିଷ୍ଠୁର ହସଇ, ହସଇ ରାତି
ଶଙ୍କିତ ଦୂର ମାନବ ଯାତ୍ରୀ,
ଜ୍ଞାନ ବୁଦ୍ଧି          ସବୁ ଯାଏ ହଜି ।
ଦିଅ ହେ ବିଧାତା ଶରଣ,
ତମିସ୍ରାବୃତ ଗଗନ ।

ତୁମେ କି ମିଥ୍ୟା ?      ସକଳ ମିଥ୍ୟା ?
ମାନବ ଜ୍ଞାନ ବ୍ୟଙ୍ଗ ?
ଆତ୍ମସମ୍ମାନ          ବିଶ୍ୱାସ ଆଶା
ମୃତ୍ୟୁ ବେଳାରେ ଭଙ୍ଗ ?
ସଂଗ୍ରାମ ହିତ ମାନବର ଆଶା !
ମୂକ କଣ୍ଠେ ଫୁଟାଏ ଭାଷା,
ଚଲପଡ଼େ ପ୍ରଭୁ          ସଂଗ୍ରାମ ଭୂମେ
ତୁମରି ବିଜୟ କେତନ,
ତମିସ୍ରାବୃତ ଗଗନ ।

ତୁମରି ଜ୍ଞାନ          ଅଲୋକ ସୂର୍ଯ୍ୟ
ବିକଶିଉଠୁ ହେ ଦେବତା !
ମୃତ୍ୟୁର ତମ          ଭେଦି ଉଠୁ କ୍ଷଣେ
ତୁମ ମଙ୍ଗଳ ବାରତା ।

ସଫଳ ହେଉହେ ଅସଫଳ
ସକଳ ମଳିନ ହେଉ ମଙ୍ଗଳ,
ସବୁ ରହସ୍ୟ ଭେଦ ଉଠୁ ହାସ—
ତୁମର ଜୀର୍ଣ୍ଣ-ଜୀବନ !
ତମିସ୍ରବୃତ ଗଗନ !

ତୁମର ହାସ୍ୟ ଅରୁଣ ଉଷାରେ
ହକଣ୍ଣୁ ଜୀବନ ପଦ୍ମ !
ଧ୍ୱଂସ ହେଉନେ ତୁମର ଆଶିଷେ
ସକଳ ମିଥ୍ୟା ଛଦ୍ମ !

ସହଜ କରହେ ମୃତ୍ୟୁର ପଥ
ଏ ଜୀବନ କର ଇଚ୍ଛାର ରଥ,
ନିର୍ଭୟ କର ଅଜ୍ଞାନ କଷ୍ଟୁଁ
ଧନ୍ୟ କରହେ ଜନମ
ତମିସ୍ରବୃତ ଗଗନ ।

# ଦ୍ୱିତୀୟ ସଙ୍ଗୀତ

ହେ ପଥିକ ରହ ରହ !
ମୌନ ଭବାର୍ଦ୍ଧି ମୃତ୍ୟୁ ବେଦନା
ହେଲା କବା ଦୁର୍ବହ ?
ବର୍ତ୍ତିତ୍ତ ଜୀବନ ଅନ୍ତିମ ବେଳା
କୁଟିଳ କାଳ ତ ଗଣୁଁ ଦିଏ ଠେଲା,
ମନ୍ଥର ପଦେ ମନ୍ଦ ହାସ୍ୟେ
"ପଥ ଚାହିଁ ସରର" କହ;
କ୍ଷଣେ ମୋ ଦୁଆରେ ରହ !

ନଅ ନଅ ମୋର ଅନ୍ତର ନମସ୍କାର !
ଯୁଦ୍ଧ ପଶ୍ଚାତେ କାହିଁ ପାଇଁ କହ
'ନାହିଁ ମୋର ଅଧିକାର ?'
କହନା କାହାକୁ ଭୟ ?
ରହ ମୋ ଦୁଆରେ ରହ ।

କହିଯାଅ ମୋତେ ଜୀବନର ସେତେ
ଗୌରବ ଲଭ ହାନି,
କାହିଁକ ଭବାପୀ
ସ୍ୱାବ୍ଧ ହାଧ୍ୟ ହାଣି
ଦେଖାଉଛ ମୋତେ
ରକ୍ତ ବସ୍ତ୍ର କାନି ?
ପିଉନାହିଁ କବା ପ୍ରିତି ଅମୃତ
ଜୀବନ ପାତ୍ରୁଁ ଘୃଣି ?
"ପିଉଛି, ପିଉଛି ପୁଣି ଏ ଗରଳ ।"
"ଚଲଇ ଅସୀମ ପଥ ଅବିରଳ ।"
ଏକରେ ମୋର ଅଧିକାର ଖାଲି
"ଏକରେ ମୋର ଜୟ"
"କହନା ହେ ଆଉ ରହ ।"

# ପତିତାର ଆଶୀବାଦ

( ୧ )

ଯାଅ କ୍ଷଣପ୍ରଭା ସମ କାଳ ଫଟି କ୍ଷଣେକ ଝଲସି
ଉଦ୍‌ଭ୍ରାନ୍ତ ଯୌବନ ମୋର ଶୁଷ୍କପତ୍ର ସମ ଯିବ ଖସି ?
ଅନୁରାଗ ଉନ୍ମାଦନା ବାରନାରୀ ଏକାନ୍ତ ଗୌରବ,
ମଦିରା ସମାନ ଘୃଣ୍ୟ ଜୀବନର ନିତ୍ୟ ଅନୁଭବ

ଅସ୍ତରବି ସମ ହେବ ଅନ୍ଧକାରର ଅନ୍ତରେ ବିଲୟ ?
ସଙ୍କୁଚିତ କଙ୍କଭ୍ରାନ୍ତ ? ଆନ୍ଦୋଳିତ ନଟରେ ଦୁଃଖ ଲୟ ?
ଶାନ୍ତ ଧର୍ମ ଗର୍ବେ ଅବାପ୍ରଜ୍ଞା ତବ କରେ ମୋତେ ଘୃଣା ?
ମାତ୍ର ନୈସ୍ପାସ୍ପିକ, ତୁମ ଶାନ୍ତି ତତ୍ତ୍ୱ ବୁଝଇ ମୁଁ ଜଣା

ଅଦୃଷ୍ଟେ ସୃଷ୍ଟିରେ ନିତ୍ୟ ବିଶ୍ୱକେ ଯେ ମଙ୍ଗଳ ବିଧାନ,
ଅଲକ୍ଷ୍ୟରେ ଆନ୍ଦୋଳିତ ହେବା ନଦୀ ଯେ ତରଙ୍ଗ-ପ୍ରାଣ ।
ଜଡ଼, ପ୍ରାଣୀ, ବାରାଙ୍ଗନା, ସକଳ ତା ବୁଦ୍‌ବୁଦ ପ୍ରକାଶ,
ସକଳ ପଶ୍ଚାତେ ହସେ ମହାଶୂନ୍ୟ ସୁଦୂର ଆକାଶ !

ଉପହାସ ! ଉପହାସ ! ଦେଖି ନାହିଁ ? ଶୁଣୁ ନାହିଁ କାନେ ?
ତୁମ୍ଭେ ମୁହିଁ ଉଭୟ ତାନ ସ୍ୱୟଂ ଅଦୃଷ୍ଟରେ ବଶୀ ଭାବେ !

( ୨ )

ଦୁଃଖ କିବା ? କିବା ଭୟ ? ···
ଅଧର ରକ୍ତିମା ମୋର ଦୂର ?
ହସ, ହସ ! ···
କାଜଳ-ସ୍ରୋତ ଶତ୍ରୁ ମୋର ଭ୍ରମର ଚକୁର ?
ଖସେ ତବ ଶାନ୍ତଶାସ୍ତ୍ର ? ଜୀର୍ଣ୍ଣ ଉପାଦାନ୍ୟ ସ୍ୱର୍ଣ୍ଣାକ୍ଷର ?
ଉଜ୍ଜ୍ୱଳ ଆଶ୍ରୟ ଶାଳୀ? ତୁମେ ତାକୁ କହୁଛ ଅକ୍ଷର ?

ଜାଣୁଁ ଜନ୍ମ ମୃତ୍ୟୁ ପଟରେ କାଳର ତରଙ୍ଗ ଗଲେ ବହି,
ସ୍ୱର୍ଗ ନର୍କ ବିକୃତିର ଚିହ୍ନ କେହି ନ ପାରିବେ କହି ।
ଅମୃତ ଗରଳ ପୁଣ୍ୟ ପାପ ପୁଣି ଆଲୋକ ଅନ୍ଧାର,
ସକଳ ତା ଇଚ୍ଛାଧୀନ ! ଅସ୍ତିତ୍ୱ ତା ହୁଅଇ ସ୍ୱୀକାର !

ଦାର୍ଶନିକ, ବୀରାଙ୍ଗନା, ସକଳ ଜୀବନ ତାର ଦାସ,
ଏ ସକଳ ହାସ୍ୟ ଅଶ୍ରୁ କରେ ନିତ୍ୟ ତା କରୁଣା ଆଶ ।
ତୁମେ ଦେବୀ, ମୁହିଁ ବନ୍ଦି, ସ୍ୱର୍ଗ ତୁମେ, ନାରକୀ ମୁଁ ଦାସ ।
ସକଳ ମାତର ଆମେ ଶୂନ୍ୟପୁରି ବିଧାନ ଉଦାସ !

ତୁମେ ମୋର ବିସ୍ମରକ ?
ମିଥ୍ୟା ! ମିଥ୍ୟା ! ନାହିଁ ମୋ ଶୋଚନା—
ଶୂନ୍ୟ କରାଘାତ କରେ ନିତ୍ୟ ମାନବର ପ୍ରବଞ୍ଚନା !

( ୬ )

ଆସନ୍ନ ମରଣ କାଳେ ତୁମ ଲାଗି ଆଲୋକ ବର୍ତ୍ତିକା ?
ନାରକୀ ଏ ନାସ୍ତି ଲାଗି ନରକ ଦୁଃସହ ବିଭୀଷିକା ?
ତୁମ ଓଷ୍ଠେ ଆଶା ହାସ୍ୟ, ନୈରାଶ୍ୟର ଅଶ୍ରୁ ମୋ ନୟନେ ?
ମାତ୍ର ଅଶ୍ରୁ ବ୍ୟଥା ଆଶା ନ ଲୋଡ଼େ କି ଆଶ୍ରୟ ମରଣେ ?

ସେହି ଏକା ଜାଣେ ସିନା ମରଣ ଯା ମଙ୍ଗଳ ବିଧାନ,
କି ଯେବେ ଆଲୋକେ ତୁମେ, ଅନ୍ଧକାରେ ଢ଼ାଳିଲି ମୁଁ ପ୍ରାଣ ?

ସ୍ୱେଚ୍ଛାରେ କରିଛି ପାପ ?
ଅସ୍ପଷ୍ଟ । ......
ମାତର ପଡ଼େ ମନେ—
ଦୁଃସଙ୍ଗ ରମଣୀ ଏକ ଅସହାୟ ନୟନେ ଶୋଷଣେ

କାନ୍ଦୁଛି ଅନ୍ତରପୁରେ ବୃନ୍ତଚ୍ୟୁତ ଏ ଜୀବନବ୍ୟାପି ।
ବ୍ୟଥିତା ରମଣୀ ଅଶ୍ରୁ ବକ୍ଷ ମୋର ବନ୍ଧିଛି ଅଦ୍ୟାପି !

ତୁହେଁ ସେ ଜନନୀ ଭଗ୍ନୀ ! ପତ୍ନୀ ଭାଗ୍ୟ କରନ ସେ ଆଶା,
ରକ୍ତ ମାଂସ କ୍ରୀଡ଼ା ତଳେ ପ୍ରଚ୍ଛନ୍ନ ଯେ ବ୍ୟଥିତାର ଭାଷା—
ସନ୍ଧାନ ଲଭିଛୁ ତାର ? ···
ମାତ୍ର ଧର୍ମ କରି ବିସ୍ତାରଣ—
ଉଭେ ହସ ! ହସେ ଯଥା ଏ ଜୀବନେ କରେଛି ମରଣ ।

( ୪ )

ତୁମେ ହେଲ ପଥ ଶେଷ ! ସ୍ୱପାପ ମୋ ନିର୍ବାଣ ଲକ୍ଷ୍ମୀ !
ମୋ ପକ୍ଷେ ରହିବ ପଡ଼ି ପୁଣ୍ୟ ଜୀବନର ସୁଖ ଦୁଃଖ ।
ଆଜ ଯେ ଦେଖୁଛ ଦୁଷ୍ଟ ଯୌବନର କଣ୍ଟିତ ଆଶ୍ୱାସ,
ସ୍ଫୂର୍ତ୍ତି ଭଙ୍ଗିମା ହାସ୍ୟ ସକଳ କାଳର ହେବ ଗ୍ରାସ ।

ଏ ବସ୍ତୁ ରହିବ ପଡ଼ି ! ନ ଆସିବେ ମାନବ-ମକ୍ଷିକା !
ଚରିବେ ଅସଂଖ୍ୟ କୀଟ ସରିଲେ ମୋ ପ୍ରାଣର ଜୀବିକା !
ସ୍ୱାର୍ଥର ଶୋଚନା ନାହିଁ ! କରୁନାହିଁ କା ପାଶେ ଗୁହାରି,
ସମବେଦନାର ଅଶ୍ରୁ ବିନ୍ଦୁ ଲାଗି ନୁହେଁ ମୁଁ ଭିଖାରୀ ।

ତୁମର ଅବଜ୍ଞା ଘୃଣା ପ୍ରବୃତ୍ତିରେ ହୋଇ ନିତ୍ୟ ବାଧା—
ଜଣାଏ ଅଶେଷ ପ୍ରଶ୍ନ, ଏ ଜୀବନେ ନାହିଁ ଯା' ସମାଧା !
ସ୍ପନ୍ଦନ ଉଚ୍ଛ୍ୱାସେ କେତେ କରେଁ ଆପଣାକୁ ଉପହାସ,
ସୁନ୍ଦର ଲୁପ୍ତି ତ ହେଉ ଜାଣିଛୁ ମୁଁ ଜୀବନ ପ୍ରକାଶ ।

ବୁଦ୍ ବୁଦ ପ୍ରକାଶ ସମ ପଥ ମୋର ଚାଲିଛି ଏକାକୀ,
ସରବ ଏ ସୁପ୍ତାବାଜ ଉପହାସେ ମୃତ୍ୟୁ ଗଲେ ଡାକି ।

( ୫ )

ଦିଗନ୍ତ ଅମ୍ଭୁଧି ଭେଦି ଉଠେ ପୌଷ ବିପୁଳ ପୂର୍ଣ୍ଣିମା,
ଏସନେ ତାରୁଣ୍ୟ ମୋର ସ୍ନିଗ୍ଧ କଲା ଅଶା ଅରୁଣିମା ।
ମଳୟ ଗୁଞ୍ଜର ଗଲା କାନେ କାନେ ପୁଲକ ସଞ୍ଚାରି,
ଅନ୍ତର ତରୁଣୀ ବଧୂ ଲାଜେ ଅନୁରାଗେ ହେଲା ଭାରି ।

ଅଦୃଷ୍ଟ ଈଶ୍ବର ପଥ ଚୁମ୍ବି ଚକ୍ଷୁ ଅର୍ଦ୍ଧ ନିମିଳିତ,
କମ୍ପାଇଲା ଧ୍ୱନି ଯେଉଁ ସୁଦୂରର ଅସ୍ପଷ୍ଟ ସଙ୍ଗୀତ--
ମଲ୍ଲ କାହିଁ, କେଉଁ ପଥେ ? ସେ ସକଳ ଭସ୍ମଦଗ୍ଧ ସ୍ମୃତି ।
ସେ ଉତ୍ସବ କାହିଁ ପାଇଁ ନର୍କେ ମୋର ଅନ୍ତିମ ଆହୁତି ?

ସୀମନ୍ତ ସିନ୍ଦୂର କଏ ପୋଛିଦେଲା, ମୋ ଆଶା ଅଳୀକ ?
ସୁନ୍ଦର କୁତ୍ସିତ ସବୁ ଏ ସୃଷ୍ଟିର ଯେତେକ ଆକସ୍ମିକ,
ଅଦୃଷ୍ଟ ବିଧାନ ଦାସ ଆମେ ସବୁ ତା ତର୍ଫ କରଣି ।
କ୍ରୀଡ଼ନକ ପ୍ରାୟ ଭ୍ରମୁ ବାରାଙ୍ଗନା ଗୃହସ୍ଥ ଘରଣୀ,

ପରମ ମଙ୍ଗଳମୟ ? ... ...
ଅମଙ୍ଗଳ ଉତ୍ସବ କେସନେ ?
ଦାସ ଉପହାସ କଥା ! —
ବସିବାର ଈଶ୍ବର ଆସନେ ।

( ୭ )

ମଙ୍ଗଳ ବିଧାନ ତାର ?
ସେତିକ ମୋ ଅନ୍ତିମ ଭରସା !
ଊଷର ଭୂମିରେ ହେବ ଦିନେ ତାର ମଙ୍ଗଳ ବରଷା ।
ସକଳ ଅନ୍ତର ସ୍ତରେ ତା ଆଶିଷ ପଡ଼ିବଟି ଝରି,
ଆଜର କୁତ୍ସିତା ହେବ ସୃଷ୍ଟି ଶ୍ରେଷ୍ଠ ପରମ ସୁନ୍ଦରୀ ।

ଶାରଦମଲ୍ଲିକା ଶୁଭ୍ର ! କଣ୍ଠେ ତାର ନଧରିବ ଭାଷା,
ହସୁଛ କଳ୍ପନା ଶୁଣି ?
ଆଶା ! ଆଶା ! ମୋ ଅନ୍ତିମ ଆଶା ।
ସେ ଆଶା ଆଲୋକ ଚୁମ୍ବି ଭୁଲଇଁ ମର୍ତ୍ତ୍ୟର ଶତ ଦୁଃଖ,
ବୁଭୁକ୍ଷୁ ଲାଳସା ତେଜେ ଦହିବାକୁ ନୁହେଁ ମୁଁ ବିମୁଖ—

କମନୀୟ ଚଞ୍ଚଳତା ! ପାଷାଣ ସମାନ ଅବଚଳ,
ହସି ହସି କଣ୍ଠକାରେ ଗିଳିଅଛୁ ମାନବ-ଗରଳ,
ମାନବ କଣ ବୁଝିବ ? ······
ନୀତିଶାସ୍ତ୍ର କରେ ଉପହାସ
ବୁଝେକି ମାନବ ଅନ୍ଧ ଜଟିଳ ଏ ଜୀବନର ଗ୍ରାସ ?

ନୀରବେ ଚାଲିବା ପଥ ସୁଦୂରର ଆଶାପଥ ଚାହିଁ,
ଦୁର୍ଭେଦ୍ୟ ତିମିରେ ଆଜି ସମାଧାନ ମୋତେ ଜଣା ନାହିଁ ।

●

ଉତ୍କଳ-ସାହିତ୍ୟ,
୩୭ଶ ଖଣ୍ଡ, ମାଘ ୧୩୪୧, ୧୦ମ ସଂଖ୍ୟା

# ସମାଧି ସ୍ତମ୍ଭ *

ଶତ ସିଂହ ପରାକ୍ରମ, ସଦା ଉଚ୍ଚ ଶିର,
ଆଜୀବନ ଯୁଝିଲା ସେ ଏକଛତ୍ର ବୀର ।
ଦୁର୍ଜ୍ଜୟ ସୈନିକ ମାତୃସେବା ଅନୁରାଗୀ,
ଢିଗନ୍ତ ଜନମ ଭୂମି ମାନ ରକ୍ଷା ଲାଗି—

ପ୍ରତି ରକ୍ତବିନ୍ଦୁ ରଣେ କରି ସମର୍ପଣ,
ବରିଛି ଏଥି ତାର ଅନ୍ତିମ ଶୟନ ।
ଜନନୀ ଜନମ ଭୂମି ସ୍ୱର୍ଗଠାରୁ ବଳି,
ବକ୍ଷେ ବହି ଧୂଳିକଣା ପଡ଼ିଥିଲା ଗଳି—

ଯା' ସରଳ ଶିଶୁ ପ୍ରାଣ, ଶୀରନ୍ତି ଶ୍ରବଣେ,
ଦେବତାରୁ ଆପଣାକୁ ଭାଗ୍ୟବାନ ମଣେ ।
ଥିଲା ଯେ ଜନନୀ ହୃଦ ବରିଷ୍ଠ ରତନ,
ନୟନ ସମ୍ପତ୍ତି ଏଥି ମୁଦିଛି ନୟନ ।

ହେ ପଥିକ ! ରହ କ୍ଷଣେ, କର ନମସ୍କାର
ଢାଳି ଯାଅ ଅଳ୍ପ ଯେବେ କ୍ଷୀଣ ଅଶ୍ରୁଧାର ।

●

ଉତ୍କଳ ସାହିତ୍ୟ,
୩୭ଶ ଭାଗ ମାଘ, ୧୩୪୧, ୧ମ ସଂଖ୍ୟା

* କୁଳବୃଦ୍ଧ ମଧୁସୂଦନଙ୍କ ମୃତ୍ୟୁ ଉପଲକ୍ଷେ ରଚିତ ।

# ଶେଷ ଗୀତି

ମୃତ୍ୟୁ ଜନମ ସକଳକୁ କଲ ପ୍ରିୟ;
ହେ ମୋର ଦେବତା, ଚରଣାଶ୍ରୟ ଦିଅ ।
ସ୍ଥାନ ଦିଅହେ ତବ ଆସନ ତଳେ,
ଜୀବନ ଅମର ପ୍ରଦୀପଟି ଯହିଁ ଜଳେ ।

ମଙ୍ଗଳ ସବୁ ତବ ମଙ୍ଗଳମୟ !
ତୁମ ଆଶ୍ରୟ ମୃତ୍ୟୁକୁ କରେ ଜୟ ।
ତୁମ ଇଙ୍ଗିତେ ଅଜ୍ଞାନ-ଅମା ଛୁଟେ,
ତୁମରି ଗୀତାରେ ଆଲୋକ କମଳ ଫୁଟେ ।

ଜୟ ହେ ଦେବତା ଜୟ ଜୟ ଜୟ,
ନାହିଁ ସନ୍ଦେହ, ନାହିଁ ଗୋ ମୃତ୍ୟୁ ଭୟ ।
ଜୀବନୋଜ୍ଜ୍ୱଳ ଶୁଭ୍ର ହେ ନିଷ୍କଳଙ୍କ,
ପଡ଼ୁ ଭବେ ପଛେ ଦୁଃଖ ବେଦନା ପଙ୍କ ।

ଆଲୋକ ଆଲୋକ; ଜୀବନ ଆଲୋକ ଜଳ
ଜଳ ହେ ପୀରତି ପାପଶିଖା ନିରମଳ ।
ପୁଲକ ସ୍ଫୁରିତ ମରଣ ଅର୍ପି ମଜ୍ଜା,
ଭ୍ରାନ୍ତ ବାସନା ଲୁପ୍ତ ଲଭୁ ଗୋ ଲଜ୍ଜା ।

ଜଳ ଜଳ ଜଳ ଜୀବନର ଶିଖା ଜଳ,
ଶୁଭ୍ର ଦେବତା ପ୍ରୀତି ଅଗ୍ନି ଉଜଳ ଉଜଳ ।
ସେ ପୀରତି ତେଜେ ଯାଉ ମୋ ଜୀବନ ଦହି,
ମୃତ୍ୟୁକୁ ମାରି ପଡ଼େ ତାର ଦଣ୍ଡ ଯିବ ।

ଉତ୍କଳ-ସାହିତ୍ୟ,
୩୭ଶ ଭାଗ, ମାର୍ଗଶିର ୧୩୪୦, ୮ମ ସଂଖ୍ୟା

# ରାମୀ *

ସନ୍ଧ୍ୟା ହେଲା ଉଚ୍ଛୁର ବେଳା
ଆସଇ କାଳ ଯାମିନୀ,
ତଟିନୀ କୂଳେ କଳସୀ ଭରି
ଫେରିଲେ କୁଳ କାମିନୀ ।
ଆଗୋ ତରୁଣୀ ରଜକ ବଧୂ,
ଲଭ କା ପ୍ରୀତି ପୀୟୂଷ ମଧୁ
ଭିତର କା'ର ପରାଣ ଯେନ
ଖେଳୁଛ ସ୍ବଚ୍ଛ ହାସିନ !
ସନ୍ଧ୍ୟା ହେଲା ହେଲା ଉଚ୍ଛୁର ବେଳା
ଆସଇ କାଳ ଯାମିନୀ ।୧।

କାହାର ଧ୍ୟାନେ ଆକୁଳ ପ୍ରାଣେ
ନୀରବେ ଢାଳ ସୁଣତି,
ମନ୍ଦ ହାସ ଅଧର କୋଣେ
ନାଚ୍ଚିଁ କି ନଜ ଯୁବତି ?
କାହାର ଧ୍ୟାନେ ସଜଳ ଆଖି
ବତାସେ ବନ୍ଧୁ ଯାଏ କା ଡାକି
ଆକୁଳ କାର ମୋହନ ବେଣୁ
ପରାଣ ହିଏ କରତି,
ନାଚ୍ଚିଁ କି ନଜ ଯୁବତି ? ।୨।

ସଙ୍କେତ ଦେଇଛୁ ପ୍ରିୟ
                    ବେଳ ଯେ ହେଲା ଉଛୁର ।
ଚପଳ ଆଖି ଲୁଚେହିଁ ତା ପଥ
                    ବଫଟେଲ ଦୁଏ ଆତୁର,
ଯା' ଲାଗି କୁଳ ମହତ ବଳ
                    ସ୍ୱପନେ ସେସେ ସ୍ମରଇ ନଳ ?
ଅବା ସେ  ରେ ହୃଦଇ ବାସୀ
                    ନଠୁର ପ୍ରେ ଧୂ ତସ୍କର,
                    ବେଳ ଯେ ହେଲା ଉଛୁର ।୩।

କା ଲାଗି ରକ୍ତ ଅରୁଣ ଆଖି;
                    କୁଟିଳ ଭ୍ରୂରୁ ମାନୀନ ?
ଟାପରା କର ନ ଦେବେ ଦାଯ
                    ଅଜ ତୋ କୁଳ କାମିନୀ !
ନାବିକ ସେ ଯେ ତରଣୀ ବାନ୍ଧି
                    ମନେ ହସି ଗଲାଣି ଶୁଣିଁ,
ଏବେଣି ଭାବ ଆଉ କ ଠାବ
                    ମିଳବ ତେଜ ଗାମିନୀ ?
                    ଆସଇ କାଳ ଯାମିନୀ ।୪।

ଛନ୍ଦ ହାର ଗୋଟିକ ଗୋଟି
                    କଣ୍ଠୁ ଗଳ୍ପ ଖସି ଗୋ!
ଖସିଲା ବାଧ ମିଟିଲା ତଷା
                    ଜଟେଲ କୁସୁମ ରାଶି ଗୋ ।
ସକଳ ଢଳା ପଖାଳ ବାସ
                    ଅଧରୁ ଦେବେ ମଦନ ହାସ,
ଛଣେ ପୀୟୂଷ ଚଖାଇ ଗଲା
                    କଏ ସେ କାଣହାସି ଗୋ ?
                    ଜଟେ କୁସୁମ ରାଶି ଗୋ ।୫।

ପୋଛୁଛ ଝୁଲ ଅରୁଣ ଗଣ୍ଡ
ନକର ଯେବେ ବାରଣ,
ପୁଛୁଛ ନାମ କହିବ ଯେବେ
କିଏ ସେ ହୃଦ ରମଣ ?
କହିବ ତାକୁ ତୁମର ଲାଗି
ନିଠୁର ହେବ ସକଳ ତ୍ୟାଗି,
କହିବ ତାର ଜୀବନ ବଧା
ଆକୁଳେ ବରେ ମରଣ,
ନକର ଯେବେ ବାରଣ । ୬ ।

ଏସନେ ଯାର ବନ୍ଧୁ ଥାଉ
କି ତାର ଆଉ ଭାବନା,
ଦିବସ ରାତି ନୟନେ ମୁହିଁ
ସ୍ୱପ୍ନଦେଶ କରୁ ରଚନା ।
ଜୀବନ ହବ ଆସଇ ସରି,
ନିଅ ତୁ ପ୍ରାଣ ଧନ୍ୟ କରି,
ପ୍ରିୟା ନୟନ ଜ୍ୟୋତ୍ସ୍ନାଲୋକେ
ସକଳ ଭୁଲି ଛଳନା ।
କି ତାର ଆଉ ଭାବନା । ୭ ।

କି ଭାଳ ପ୍ରିୟା କମ୍ପେ ହିଆ
ପୁଲକ ତନୁ-ଅଙ୍ଗ
କପାଳେ ଲଜ୍ଜା-ଅରୁଣ ରାଗ
କଣ୍ଠେ ତାର ଭଙ୍ଗ,
ଅଧରେ ଥାଇ ଉଠିଲା ହାସ,
ନେତ୍ରଙ୍କ ଅବା ଟଳଇ ଶ୍ୱାସ !

ନ ଆସେ କଥା ସରମନତା
ଲଭିଲ କାର ସଙ୍ଗ ?
ଲଭେ ଦସେ ଚଟିମା ବୃକ୍ଷି
ପୀରତି ରସ ରଙ୍ଗ ।

●

---

* ବଙ୍ଗ ଦେଶର ବୈଷ୍ଣବ କବି ଚଣ୍ଡୀ ଦାସଙ୍କର ପ୍ରଣୟ କାହାଣୀ, ଏ ପଦ୍ୟର ସୂଚନା ଚଣ୍ଡୀ ଦାସ ବ୍ରାହ୍ମଣ । ରାମୀ ରଜକ । ଚଣ୍ଡୀ ଦାସଙ୍କ ପଦ୍ୟାବଳୀରେ ଆମ୍ଭେମାନେ ଯେଉଁ ନୈସର୍ଗିକ ପ୍ରୀତି ଓ ଦର୍ଶନର ପ୍ରମାଣ ପାଉଁ, ରାମୀ ତାହାର ଉତ୍ସ ଓ ଶିକ୍ଷୟିତ୍ରୀ, ରାମୀ ଭାବନାୟିକା ଓ କବି, ଉଭୟଙ୍କର ଅଭେଦ ପ୍ରୀତି ଗାଥା ଇତିହାସ ପ୍ରସିଦ୍ଧ ।
—ରଚୟିତା

# କଥା କହ

ମୂକ ପରବତ, କଥା କହ,,କଥା କହ !
ମାନବର ବାଣୀ ହେଲା ଆଜ ଦୁଃସହ !

ଫେଡଦିଅ ତବ ରୁଦ୍ଧ ଅଶ୍ରୁ ଦ୍ୱାର,
ମିଶୁ ତହିଁ ମୋର ଅନ୍ତର ହାହାକାର ।

ବାଧିଲା ପରାଣେ କୁହେଳି-ମୃତ୍ୟୁ ଗ୍ରାସ,
ଭରେ ଅବସାଦ ଯୌବର ଉପହାସ ।

ତହିଁ ବଳ ମୋର ଆକୁଳ ହୃଦୟ ପ୍ରୀତି,
ଶୁଣିବାକୁ ଆଜ ମୌନ ପାଷାଣ ଗୀତି !

ହେ ପାଷାଣ ଜଡ଼ ମୌନ ତୁମର ଭାଷା,
ମୁଖର କଣ୍ଠେ ତର ଅମୃତ ଆଶା ।

ଶୁଣି ସେ ବାରତା ଅଶ୍ରୁ ପାଉ ମୋ କଣ୍ଠ ।
ପାଷାଣ ? ପାଷାଣ ? ନୁହଁଇ ଦୁର୍ବିସହ !
ମୂକ ପରବତ, କଥା କହ, କଥା କହ !

ଉତ୍କଳ ସାହିତ୍ୟ,
୩୭ଶ ଖଣ୍ଡ, ୧ମ ସଂଖ୍ୟା, ୧୩୪୦ ବୈଶାଖ

# ବୁଦ୍ଧ ବନ୍ଦନା

## ( ଉପାସନା ସଙ୍ଗୀତ )

ପାପତାପ କଳୁଷ ପ୍ରାଣେ ବହିବାକୁ ତବ ଘାଷା,
ଶ୍ରାନ୍ତ କ୍ଷୁବ୍‌ଧ ଭକ୍ତ୍ ଆସିଛି ଦିଅହେ ମୁକ୍ତି ଭିକ୍ଷା,
ମୁକ୍ତ କରହେ ମୁକ୍ତ ମୋ ମନମନ୍ଦିର ଅବରୁଦ୍ଧ,
ବୁଦ୍ଧ ହେ, ବୁଦ୍ଧ ହେ, ଅବିନଶ୍ୱର ଶୁଦ୍ଧ । ୧ ।

ସ୍ପର୍ଶ ସେ ତବ ଚିର ଅମୃତ ନିର୍ଜୀବ ପ୍ରାଣେ ବର୍ଷ,
ତମିସ୍ରବୃତ ଚିତ୍ତ ମନ୍ଦିରେ ଜ୍ୱାଳ ହେ ଆଲୋକ ହର୍ଷ,
ଜୀବନ ଅରବିନ୍ଦ ହେ ମମ ମୁଦ୍ରିତ ପାପ କ୍ଷୁବ୍‌ଧ,
ବୁଦ୍ଧ ହେ, ବୁଦ୍ଧ ହେ, କର ହେ ମୁକ୍ତ ଶୁଦ୍ଧ । ୨ ।

ଅନ୍ତରେ ମୋର ଅଶ୍ରୁ ବହୁଛି ସକଳ ଜୀବନ ବ୍ୟାପି,
ଭ୍ରମରି ପଦ୍ମର ବନ୍ଦନା ଲଗି ବୁଦ୍ଧ ହେ ଚିର ପାପୀ,
ତବ ସୁନ୍ଦର ଚରଣ କମଳେ ମୋ ଚିତ୍ତ-ଭୃଙ୍ଗ ଲୁବ୍‌ଧ,
ବିଶ୍ୱାସ ଦିଅ, ଦିଅ ହେ ଭରସା, ଚିର ଅମୃତ ଶୁଦ୍ଧ । ୩ ।

ଜୀବନ ମହା ସଂଗ୍ରାମେ ପ୍ରଭୁ ହେଉଛି ଛନ୍ଦଭଙ୍ଗ,
ଦେଖିଛି ଶ୍ରାନ୍ତ ନର୍କର ଲୀଳା ବାସନା ମୋହ ରଙ୍ଗ,
ଧର୍ମ ଶରଣ ସଂଘ ଶରଣ ଶରଣ ହେ ମୋର ବୁଦ୍ଧ,
ଆଶ୍ରୟସ୍ଥାନେ ସ୍ଥାନ ଦିଅ ହେ ଅବିନଶ୍ୱର ଶୁଦ୍ଧ । ୪ ।

[illegible] ମୋ ନୟନ ସଲିଳେ କହ ହେ ଧୋଇବି ପାଦ
ଭୁଲିବି ଚରଣେ ଆଶ୍ରୟ ଲଭି ଅଜ୍ଞାନ ପରମାଦ,
ଭୁଲିବି ଦୈନ୍ୟ ଆଧି ବ୍ୟାଧି ଅନ୍ତର ସମୃଦ୍ଧ,
ଚରଣ ପଦ୍ମେ ସ୍ଥାନ ଦିଅ ହେ ଅବିନଶ୍ୱର ଶୁଦ୍ଧ । ୫ ।

କରୁଣା ସୁରଗଙ୍ଗା ପ୍ଲାବନେ ମୁକ୍ତ କଲ ହେ ପାପ,
ଖଣ୍ଡିଲ ମୋହ କଳୁଷ ଦୁଃଖ ଈଶ୍ୱର ଅଭିଶାପ,
ଆଶ୍ରୟ ଦେଲ, ଅମୃତ ଦେଲ, ହେ ଶିବ ସତ୍ୟ ମୁଗ୍‌ଧ,
ଆସିଛୁ ଚରଣ ଲୁବ୍‌ଧ ଭିକ୍ଷୁ ଆଶ୍ରୟ ଦିଅ ଶୁଦ୍ଧ ।୭।

ଲୁପ୍ତ ହୋଇଛ ହେ ସଦେହ ଅମା, ଉଜ୍ଜ୍ୱଳ କର ସ୍ୱର୍ଗେ,
ସୁନ୍ଦର ପୃଥ ଶୁଦ୍ଧ କର ହେ ଧରମ ପୁଣ୍ୟାଦର୍ଶେ,
ଦିଅ ହେ ଭିକ୍ଷୁ ଗୈରିକ ବାସ ସଂଘ ପୁଣ୍ୟାଯୁଧ,
ବୁଦ୍ଧ ହେ, ବୁଦ୍ଧ ହେ, ଅବିନଶ୍ୱର ଶୁଦ୍ଧ ହେ ।୭।

ଉତ୍କଳ ସାହିତ୍ୟ,
୩୬ଶ ଭାଗ, ୨ୟ ସଂଖ୍ୟା, ୧୩୩୮ ଜ୍ୟେଷ୍ଠ

# ଚିଲିକାରେ ପକ୍ଷୀବଧକୁ ନିଷେଧ କର *

( ୧ )

ଯାଅରେ ସାରସ ହଂସ ମାନସକୁ ଉଡ଼ି,
ଆସିଲ କାହିଁକି ଏଥି ଆଜି ପଥ ଭୁଲି ?
ଦେବତାର ପୁଣ୍ୟଭୂମ ପଦ୍ମର କ୍ରୀଡ଼ା,
ବ୍ୟାପ୍ତ ହବୁ ସ୍ଥଳେ ନର ଅତ୍ୟାଚାର ପୀଡ଼ା ।

ମାନବ ଅନ୍ତରେ ଜଳେ ବର୍ବର ପିପାସା,
କିଏ ବା ଶୁଣିବ ଆଜ ମୂକ ପକ୍ଷୀ ଭାଷା ?
ନର ନରରକ୍ତ ଯହିଁ ହେଲେ ଧାଏ ଶୋଷି,
ପକ୍ଷୀ ହତ୍ୟା ଲାଗି ତାକୁ କିଏ କରେ ଦୋଷୀ ।

ଅପୂର୍ବ ତୁମର ଲୀଳା, ନର ବର୍ବରତା,
ସ୍ମରଣେ ହୃଦୟେ ସୃଷ୍ଟି ହେବ ଶୋକ ବ୍ୟଥା ।
କି ବୁଝିବ ମୂକ ପ୍ରାଣୀ, ଏମାନ ଭାଷା ?
ସୌନ୍ଦର୍ଯ୍ୟ ମୂକ୍ତିର ସେ ବା ତର ଅଧିବାସୀ ।

ତୁମ ଲାଗି ଯେତେ ଅଶ୍ରୁ ପ୍ରାଣେ ରହୁ ପୂରି—
କେ ବୁଝିବ ? ଯାଅ ହଂସ ମାନସକୁ ଉଡ଼ି ।

---

* ଶ୍ରୀଯୁକ୍ତ ରାଧାଚରଣ ପଣ୍ଡା L.M.P. ଙ୍କର ଚିଲିକାର ପକ୍ଷୀମାନଙ୍କ ସମ୍ବନ୍ଧରେ ଯେଉଁ ପ୍ରବନ୍ଧଟି ପତ୍ରିକାର ଗତ ୨ୟ ସଂଖ୍ୟାରେ ବାହାରିଥିଲା, ସେ ପ୍ରବନ୍ଧଟି ଦ୍ରଷ୍ଟବ୍ୟ । ଉକ୍ତ ଶବଗୁଡ଼ିକ ଅସ୍ପଷ୍ଟ ହୋଇଥିଲେ ହେଁ ସେ ମହାଶୟ ନିଜର ଲେଖାଭଙ୍ଗୀରେ ଚିଲିକାର ମୂକ ପ୍ରାଣୀଗୁଡ଼ିକ ପ୍ରତି ଯଥେଷ୍ଟ ସହାନୁଭୂତି ଦେଖାଇ ସମାଜର ଅନୁକମ୍ପା ଆକର୍ଷଣ କରିଅଛନ୍ତି — ରଚୟିତା ।

( ୨ )

ଯାଅ ଉଡ଼ି ଦୂରେ, ଦୂରେ ! ମୁକ୍ତ ଶୂନ୍ୟ ପଥ !
ମାନବ ମଶାଣେ କାହିଁ ଦେବତାର ସନ୍ଧାନ ?
ଯାଅ ଉଡ଼ି ସେହି ଦେଶେ, ଯହିଁ ଯାଏ ବୁଝା,
ପ୍ରାଣ ଅମରନ୍ତ ଲୀଳା, ନହିଁ କରେ ପୂଜା

କଳ୍ପନା ମନ୍ଦିରେ କର ରୂପ ଅରୂପର,
ବିକଶିତ ପ୍ରାଣପଦ୍ମ ଅମୃତ ସୁନ୍ଦର ।
ସେ ଦେଶେ ସକଳ ପ୍ରାଣୀ ଲଭିଛନ୍ତି ସ୍ଥାନ,
ବିହରନ୍ତି ନିତ୍ୟକାଳ ସୃଷ୍ଟି ଭଗବାନ ।

ସହସ୍ର ରୂପରେ ପ୍ରାଣ କରେ ତହିଁ କ୍ରୀଡ଼ା,
ନାହିଁ ବର୍ବରର କ୍ଷୁଧା ଅତ୍ୟାଚାର ପୀଡ଼ା ।
ନାହିଁ ତହିଁ ବଡ଼ ସାନ ଭେଦବୁଦ୍ଧି ବାଧା
ସେ ଦେଶେ ଅକ୍ଷୁଣ୍ଣ ଥିର ପ୍ରାଣର ମର୍ଯ୍ୟାଦା ।

ଯାଅରେ ମାନସ-ହଂସ ଲଙ୍ଘି ପାରାବାର,
ତୁମ ଲାଗି ନୁହେଁ ନର ନିଷାଦ ସଂସାର ।

( ୩ )

ମନେ ପଡ଼େ ଅତୀତର ଅସ୍ପଷ୍ଟ କାହାଣୀ,
ଧର୍ମଚକ୍ର ତଳେ ଯେବେ ଲକ୍ଷ ମୂକ ପ୍ରାଣୀ
ପାଉଥିଲେ ପୂଜା, ମର୍ତ୍ତ୍ୟ ସ୍ୱରଗ ନନ୍ଦନ,
ଲଭିଥିଲା ନର ତହିଁ ଦେବତା ଆସନ ।

ଉଡ଼ୁଥିଲା ଜ୍ଞାନ-ବୁଦ୍ଧି-ପ୍ରେମ-ମୈତ୍ରୀ-ଧ୍ୱଜା,
ସକଳ ଏ ମୂକ ଅନୁଗାମୀ ତହିଁ ପ୍ରଜା ।
ଭୁଲିଛି ମାନବ ଆଜି ପ୍ରାଣର ସମ୍ମାନ,
ଚିରଦିନ ଲାଗି ମହତ୍ତ୍ୱର ଅବସାନ ।

ଧର୍ମମାତ୍ର ଶୋଷଣର ମିଥ୍ୟା ବ୍ୟଞ୍ଜନାର,
ସଭ୍ୟତାର ଶବ ମୁଖେ ନୃତ୍ୟ ଯା' ପ୍ରଚୁର ।
ବ୍ୟାପ୍ତ ଦେଖି କାଳେ !
ନର ଅନ୍ତଃ ସାର ଶୂନ୍ୟ,
ନିର୍ବାପିତ ଧୀରେ ଧୀରେ ଜୀବନର ପୁଣ୍ୟ ।

ବ୍ୟଭିଚାର ହୋମାନଳେ ନର ହିଂସାଗ୍ରଧ,
ଆନର ଶୋଣିତେ କରେ ଆପଣାକୁ ବଧ ।

( ୪ )

ମୂର୍ତ୍ତି ଭାରତେ ମୋର ଦିନେ ଏହି ଦେଶେ,
ଜନମିଲେ ଶାକ୍ୟ ମୁନି ଦରିଦ୍ରର ବେଶେ ।
ଗୈରିକ ବସନାବୃତ,
ପ୍ରାଣର ପ୍ରକାଶ,
ନରପତି ଧର୍ମାଶୋକ, ଶ୍ରୀହର୍ଷ ଉଦାସ ।

ମୂକ ପ୍ରାଣୀ ଦୁଃଖ ଦେଖି ସଦା ଯେ ଅଧୀର,
ଝରୁଥିଲା ହୃଦୟରୁ ଲୋତକ-ରୁଧିର ।
କାହାନ୍ତି ସେ ପ୍ରାଣ ଲାଗି ଯାର ଅନୁରାଗ ?
ପ୍ରାଣି ଦୁଃଖେ ସକଳ ଯେ କରୁଥିଲା ତ୍ୟାଗ ।

ସ୍ୱପ୍ନ ଆଜି ଏ ଭାରତେ ଧର୍ମ ମୈତ୍ରୀ ପୂଜା,
ସ୍ୱାର୍ଥମାତ୍ର ଯୋଗେ ହୁଏ ପ୍ରାଣ ମୂଲ୍ୟ ବୁଝା ।
ସର୍ବଗ୍ରାସୀ କଳୁଷର ଏଥି ସିଂହାସନ,
ଦୁର୍ବଳର ଅସମ୍ମାନ ଅନଳ ଦହନ ।
ମାନବର ଅତ୍ୟାଚାରେ ଲଜ୍ଜିତ ଦେବତା,
କିଏ ବା ଶୁଣିବ ପ୍ରାଣ ବିଷାଦ ବାରତା ?

ଉତ୍କଳ ସାହିତ୍ୟ,
୩୬ଶ ଭାଗ, ଆଷାଢ଼ ୧୩୩୮, ୩ୟ ସଂଖ୍ୟା

# ସୃଷ୍ଟି

ବିଶ୍ୱକର୍ମା ଏ ସୃଷ୍ଟିର ଅଶେଷ ମାନବ
କେତେ ଗଢ଼େ କେତେ ଭାଙ୍ଗେ କରି ନବ ନବ ।
ନିଜ ଇଚ୍ଛାମତେ, ଯେବେ ଯାହା ଉଠେ ସ୍ଫୂର୍ତ୍ତି
ଯେତେ ଭଗ୍ନ ଅସୁନ୍ଦର-କାଳର ଭ୍ରୂକୁଟି ।

ଅବହେଳାରେ ପୁଣି ଗଢ଼େ ନୂଆ କରି,
ନବୀନ ମାନବ ! ସଙ୍ଗେ କଳ୍ପନା-ସୁନ୍ଦରୀ ।
ଢଳେ ଗଳେ ଆନନ୍ଦଳ ତାଙ୍କୁ ଅନୁସରେ,
ରଣେ ସୈନ୍ୟବଳ ସମ, ବିଚିତ୍ର କୌଶଳେ
ପ୍ରସରେ ଅମର ଶିଳ୍ପ !
ଲୁବ୍ଧ ଧନ କବି !
ଧନ ଶିଳ୍ପୀ, ତସ୍କର ଯାଉ କହାଁ ଦ୍ରବ ?

ସକଳ ସୌନ୍ଦର୍ଯ୍ୟବୋଧ, ଭ୍ରାନ୍ତ ଅବିଶ୍ୱାସ,
ସହସ୍ର ଆକ୍ଷେପ କ୍ଷୋଭ ଅଶାନ୍ତ ନିଗୁଣ ।
ସବୁ ସେହି ସୃଷ୍ଟି ଲାଗି
ଦେଇ ଶେଷ ଦାନ,
ମରିବ ଅଶେଷ ମଧ୍ୟେ ହେବୁରେ ନିର୍ବାଣ ।

ଉତ୍କଳ ସାହିତ୍ୟ,
୩୭ଶ ଭାଗ, ବୈଶାଖ ୧୩୩୯, ୧ମ ସଂଖ୍ୟା

# ଆତ୍ମ ପ୍ରକାଶ

ପ୍ରକୃତିର ଶିଶୁ ମୂର୍ତ୍ତି—ବିସ୍ତୀର୍ଣ୍ଣ ଗଗନ,
ଏ ଜଳଧି ତରଙ୍ଗ ନଦୀ ସମୀରଣ ।
ଶରତର ଧାନକ୍ଷେତ୍ର, କଳକଳ ଜଳ,
ଉଜ୍ଜ୍ୱଳ ତାରକାପ୍ରଭ ଜୋଛନା ଅମଳ ।

ସବୁ ମୋର ! ଏ ଅସୀମ ମେଖଳ,
ପ୍ରକୃତିର ନଗ୍ନଶିଶୁ ନିତ୍ୟ ମୂର୍ତ୍ତି ଖେଳେ ।
ସରଳ ସୁନ୍ଦର ରୂପ, ଶାନ୍ତି-ଶତଦଳ,
ମୁଗ୍ଧେ ହସେ ବେଳାକରେ ମୋର ଅବିରଳ !

ସେ ଯେ କର୍ମ କୋଳାହଳ ! ବିପୁଳ ସଂଗ୍ରାମ !
ଜୀବନର ଜଟିଳତା—ମୋର ମନସ୍କାମ !
ସକଳ ବିଷୟ ମୋର ! କର୍ମର ବିକାଶ,
ମୋର ଇଚ୍ଛାଧୀନ ! କୀର୍ତ୍ତି ମୋ ଆତ୍ମ ପ୍ରକାଶ ।

ନିତ୍ୟ ଅମୃତଭୋଳା ମୂର୍ତ୍ତି, ଶତ ରୂପେ ନିତି,
ପ୍ରକୃତି ଅମର ଶିଶୁ ଗାଏ ମୋର ଗୀତି ।

●

ଉତ୍କଳ ସାହିତ୍ୟ,
୩୨ଶ ଭାଗ, ବୈଶାଖ ୧୩୩୫, ୧ମ ସଂଖ୍ୟା

# ଅବିଶ୍ୱାସ

ଅବିଶ୍ୱାସ ! ଅନ୍ଧକାର ! ଆକ୍ଷେପ ଜଞ୍ଜାଳ !
ତରୁଣ ହୃଦୟ ମୋର ଜାଳ, ଜାଳ, ଜାଳ !

କର ମୋତେ ଅବସନ୍ନ ! ବିରାଗେ ଭରନେ,
ଭସାଏଁ ଅଶାନ୍ତ ବକ୍ଷ ଶତ ଅଶ୍ରୁଜଳେ,

ଏ ଜୀବନେ କରେଁ ଘୃଣା, କରେଁ ଅବହେଳା
ଅଶେଷ ସୌନ୍ଦର୍ଯ୍ୟ ସୃଷ୍ଟି ସ୍ନେହ ପ୍ରୀତି ଖେଳା ।

ଅଖଣ୍ଡ ସତ୍ୟର କରେଁ ନିନ୍ଦା ପ୍ରତ୍ୟାଖ୍ୟାନ,
ଜୀବନରେ ଶାନ୍ତି ହେଉ ମଳିନ ନିର୍ବାଣ !

ତେବେ ମୁଁ ଭୁବନେ ନୁହେଁ ଦରିଦ୍ର ଭିକାରୀ,
ମୁହିଁ ସତ୍ୟ ସୁନ୍ଦରର ପୂର୍ଣ୍ଣ ଅଧିକାରୀ ।

ଯେତେଦିନ ସତ୍ୟ ମୋର ଜୀବନ ସଂଗ୍ରାମ,
ହେଉ ଅବା ନୋହୁ ପୂର୍ଣ୍ଣ ଲକ୍ଷ୍ୟ ମନସ୍କାମ ।

ଅବିଶ୍ୱାସ ପୂର୍ଣ୍ଣ—ସତ୍ୟ ତର ଆବରଣ,
ଭେଦି ମୁଁ ବିଜୟୀ ହେବି ଅବା ଅଭାଜନ ।

ଉତ୍କଳ ସାହିତ୍ୟ,
୩୭ଶ ଭାଗ-୧ମ ସଂଖ୍ୟା, ବୈଶାଖ, ୧୩୩୬ ।

# ନାରୀଶକ୍ତି

ନିର୍ବାଣ ଜୀବନ ଆଶା ! ଗଗନ ଅନ୍ଧାର !
ଏ ବିଶ୍ୱମାନବ ପ୍ରାଣ ଜୀର୍ଣ୍ଣ ବେଧାର !
ଆଶ୍ରୟ ଆଶ୍ୱାସ ଶୂନ୍ୟ, ନମିଳେ ସମ୍ବଳ !
ଦୁର୍ବଳ ମାନବ ଢାଳି ମ୍ଳାନ ଅଶ୍ରୁଜଳ ।

ଅନ୍ତରର ଭ୍ରମେ ଯେଉଁ ଅବସାଦ ଭଗ୍ନ,
ଉଦ୍‌ବେଳିତ ସିନ୍ଧୁ ବକ୍ଷେ, ଢବସ ଶର୍ବରୀ ।
ଅବା କକ୍ଷଚ୍ୟୁତ ଗ୍ରହ 'ସୀମାହୀନ ଶୂନ୍ୟେ !
ସତ୍ୟ ଆନନ୍ଦର ଡାକ ଶ୍ରବଣେ ନାହିଁ ଶୁଣେ !

ଜୀବନର ସେହି ଶୂନ୍ୟ ଅନିର୍ଦ୍ଦିଷ୍ଟ ପଥେ
ମିଳେ ବିଶ୍ୱ-ନାରୀ-ଶକ୍ତି ଅଶରେ ଗ୍ରମତେ —
ଜନନୀ ଭଗିନୀ ପତ୍ନୀ ସହଚରୀ ବେଶେ
ବାନ୍ଧିବାକୁ ନର ପ୍ରାଣ ନବଢ଼ ଆଶ୍ଳେଷେ ।

ନିମିଷେର ମନସ୍ତାପ, ସ୍ନେହ ପ୍ରୀତି କ୍ଷୀଣ
ମଳିନ ସକଳ ସୃଷ୍ଟି ସୁନ୍ଦର ନବୀନ !

ଉତ୍କଳସାହିତ୍ୟ
୩୨ଶ ଭାଗ, ବୈଶାଖ, ୧୩୩୫, ୧ମ ସଂଖ୍ୟା

# ଶିଶୁ ଦର୍ଶନ

କର୍ମର କରାଳ ସିନ୍ଧୁ କ୍ଷୁବ୍ଧ ମୋର
ନୟନ ସମ୍ମୁଖେ
ହେ ସୃଷ୍ଟି ସୁନ୍ଦର ଶିଶୁ ମନ୍ଦ ଧରି
ଚାହିଁନ୍ତ ଉତ୍ସୁକ
ଅନ୍ତରର ସୁବିପୁଳ ସୁଖେ ।

ବସିଛି ମୁଁ ପାଶେ
ନୀରବେ ନିର୍ନେଷ
ହୃ ହାକାରେ,
ହେ ନିତ୍ୟ ସୁନ୍ଦର ପୁଣି ଆଜି ତୁମ ଦ୍ୱାରେ ।

ଦୃଷ୍ଟି ରହେ ତୁମ ମୁଖେ ବେଳା ଭୁଲେମ ବସି
ଧ୍ୟାନମଗ୍ନ ଋଷି ଅବା କିଶୋର ବୟସୀ
ଲଭିବାକୁ ଜୀବନର ଆଲୋକ ପ୍ରେରଣା
ନିତ୍ୟ ଶିଶୁ, ପଡ଼ିଛିକି ଜଣା ?

ଆଜି ମର୍ମେ ଜୀବନର କର୍ମ ବିଫଳତା
ଅମଙ୍ଗଳ ସ୍ୱପ୍ନ ମମ ହୃଦେ ଦେଉଛି ବ୍ୟଥା ।
ନାହିଁ ପୂର୍ବ ଯୌବନର ଉଦ୍ଦାମ କଳ୍ପନା
ଯା'ଦେଇଛି କିଶୋରର ଜୀବ କଣ୍ଠର ଉପାସନା ।

ଜୀବନ ଦେବତା ଅବା ଭାଗ୍ୟ, ନିୟନ୍ତାର
ସବୁ ଯୋଜନା ନିଷ୍ଫଳ ହସ୍ତିର !
ସବୁ ଚୂର୍ଣ୍ଣ ତରଙ୍ଗ ଆଘାତେ !
ଦେଖ ତୁମେ ଜୀବନର ମଙ୍ଗଳ ପ୍ରଭାତେ !

ଉଚ୍ଛଳ ତରଙ୍ଗ ଗଣ ପୁଣି ଉଠେ
ପୂର୍ଣ୍ଣ ମହତ୍ତ୍ୱ ସାଜି
ଦେଖ ଭୁବନ ଦେବଙ୍କ ମୂର୍ତ୍ତି ଆଜି—
ମାନବ ଜୀବନ-ତଟ ଦୁଏ ଅଗ୍ରସର
ଶଙ୍କିତା ତରୁଣୀ ସମ, ଧୀରେ ନିରନ୍ତର ।

କେତେ ଆଶା ଅଭିଳାଷ ଛୁଇଁଯାଏ ଖରେ,
ମାଧବୀ ଝରୀଥିଏ ଯଥା ଦୁରନ୍ତ ପବନରେ ।
ମାତ୍ର କଷ୍ଟ ଯତ୍ନ ନାହିଁ ଧରା,
ବଢ଼ି ଉଠେ ଯାହା ସର୍ବେ ଏ ଜୀବନ ଲୋତକ ପସରା ।
ମାନବ ତ ଲଭଇ ଅଶ୍ରୁ ମୂକ କବି ପରି
ସମ୍ମୁଖେ ତା ଶ୍ରାବଣର ଅଖଣ୍ଡ ଶର୍ବରୀ ।

ହସେ ସିନ୍ଧୁ, ହସେ ବହ୍ନି, କରେ ଉପହାସ
ଗ୍ରହ ତାରା, ପୁଣି ଶାନ୍ତ ଅସୀମ ଆକାଶ ।
ସବୁ ଏକ ସ୍ପଷ୍ଟ ଉପହାସ—
ଏ ବିଶ୍ୱେ ମାନବ ଅନ୍ଧ ଦମ୍ଭର ଦାସ !
ତୁମେ ଦେଖ ଦେବଙ୍କ ମୂର୍ତ୍ତି ମଳିନ ନୟନେ
ଅନ୍ୱେଷଣ କରି ତୁମ ପାଶେ
ପୁରାଣର ଶିଷ୍ୟ ଯଥା ଗୁରୁପାଦେଶ ଅନ୍ତର ଆଶ୍ୱାସେ ।

ସକଳ ସଂଗ୍ରାମ ଦୁଃଖ ମ୍ଳାନ ଅପମାନ
ଦୁର୍ଦ୍ଦୈବର ଉପହାସ, ମର୍ମ୍ମାନ୍ତ ପ୍ରମାଦ,
ସବୁ ଊର୍ଦ୍ଧ୍ୱେ ତୁମ ମନ୍ଦହାସ
ଆଶା ଅରବିନ୍ଦ ସମ ଲଭଇ ବିକାଶ ।
ଦୂରଦୃଷ୍ଟା ! କବି !
ବେଦନା ଲୋତକ ଭୁଲି ପାରେ ଅନୁଭବ—

ଆଶାର ପରଶ ସୁଖ, ବେଦନା ଗୌରବ
ଅମୃତ ମାନବ ।
ସବୁ ପରାଜୟ ମେଳେ ତୁମର ସେ ହାସ,
ଭଗ୍ନଜାନୁ ମାନବର ବିଜୟ ପ୍ରକାଶ
ସେ ଯେ ତାର ଜୀବନ ଗୌରବ !
ମୃତ୍ୟୁହୀନ ମଙ୍ଗଳ ବିଭବ !
ବିଜୟ ନିଶାଣ !

ଆଶାର ଆନନ୍ଦେ ପୁଣି ନବୀନ ପ୍ରାଣ ।
କାହିଁ ପାଇଁ ଆଜ ତେବେ ନେତ୍ରଜଳ ପସରା ?
ଜୀବନ ଆନନ୍ଦ ଛନ୍ଦ ପଡ଼ିଅଛି ଧରା,
ତୁମ ଦେହେ ମନେ ପୁଣି ଅଧରେ ନୟନେ,
ଆଲୋକର ସ୍ପର୍ଶ ଯଥା ଶାରଦ ଗଗନେ ।

ସେହି ସ୍ପର୍ଶେ ଆପଣାକୁ ମନେ ମୁହିଁ ଧନ୍ୟ,
ବିଜୟ ଆନନ୍ଦେ ମୋର ପୂର୍ଣ୍ଣ ପ୍ରାଣ ମନ,
ତୁମରି ଆନନ୍ଦ ମୋର ଦର୍ଶନ ବିଜ୍ଞାନ
ଧନ୍ୟ ମୋର ଜୀବନର ନିତ୍ୟ ଭଗବାନ ।

ଆସ ଆସ ବିଶ୍ୱଶିଶୁ ରହ ନାହିଁ ଦୂରେ,
ସବୁ ବିଫଳତା ମେଳେ ମୋର ପ୍ରାଣପୁରେ
ଆଜ ଆନନ୍ଦର ଜୟ ବାଜେ ଅବିରତ
ଅନ୍ତରୁ ରହିବ ଦୂରେ ?
ସେ ମୋର ଦୁଃସହ !
ଆସ ମୋ ଅନ୍ତରତମ ! କେବେଁ ମୁଁ ଜଡ଼ିବ
ସେ ଶୁଭ୍ର କୋମଳ ତନୁ, —କାହିଁକି ସ୍ତମ୍ଭିତ ?—

ଏ ତୁମ୍ଭ ବ୍ୟଥିତ ବକ୍ଷେ, ମୁଁ ଚିର ବିରହୀ—
ମୁଁ ସୃଷ୍ଟି-ଚକୋର-କବି, ପାରୁ ନାହିଁ ସହି
କାଳ ବ୍ୟବଧାନ ବାଧା ! ତୁମେ ଦୂର ପାରେ,
ଏ ପାରେ ଏକାକୀ ମୁହିଁ ମରେଁ ହାହାକାରେ !

ହେ ମୋର ଆନନ୍ଦ ଆଶା, ଜୀବନ ସମ୍ବଳ,
ତୁମ ଯୋଗୁଁ ମୋର ଅଶ୍ରୁ ଜଳ ।
ମୋର ନିତ୍ୟ ତରଙ୍ଗ ଜାଗର
ଜାଳଇ ଯା ମୌନେ ବସି ସୃଷ୍ଟିର
ମୁଁ ସେ ତରଙ୍ଗ-ନର ।

ମୁକ୍ତିର ଆନନ୍ଦ, ଆଶା ତାଳ ପୁଣି ତାଳ !
ସୁଦୂର ଆକାଂକ୍ଷା ବହ୍ନି ଏ ଅନ୍ତରେ ଜାଳ !
ହସ ମୃତ୍ୟୁ କାଳ !
ନାହିଁ ଦୁଃଖ,
ମାନବର ଭାଗ୍ୟ ବଧି ନୂତନ୍ତ ସମ୍ମୁଖ ।
ତୁମର ନୟନେ ଖୁଟେହିଁ, ଲଭେ ତୃପ୍ତି ଗତି,
ଦେଖେଁ ପୁଣି ମାନବର କ୍ଳାନ୍ତ ମୂର୍ତ୍ତି —
ତୁମ ପୂର୍ଣ୍ଣ ଅନ୍ତରର ଅମର ସଙ୍ଗୀତ—
ମୃତ୍ୟେ ସଚକିତ ।

ତୁମ ଲୀଳା ଅରବିନ୍ଦ ସଦା ଅମଳିନ,
ସୃଷ୍ଟିର ପ୍ରକାଶ-କଣ ମଧୁଛନ୍ଦ ଧନ୍ୟ,
ଲଭି ତୁମ ଆଲୋକ ପରଶ ।
ମୂର୍ଚ୍ଛି ପଡ଼େ କାହିଁକି ହରଷ ?
ପୁଣି ଶୁଣିଁ ଥରେ ମାନବ, ପୁଣି ଦେଖ ହସି
ସକଳ ଅସ୍ପଷ୍ଟ କଥା ଯାଅ ହେ ବରଷି;

ମୋ କ୍ଷୁବ୍ଧ ଅନ୍ତରେ,
ପୁଣି ସବୁ ଚଞ୍ଚଳତା
ଦିଅ ଦିଅ ଢାଳି
ଜୀବନ ସଂଖାଳ ।
ତୁମର ଆନନ୍ଦ ପୂଜା ଦୁର୍ବଳ ସହିବେ ?
ମୋତେ ମୁଁ ସଦା ଅର୍ଚ୍ଚିବେ ।

କରେଁ ଉପହାସ ! ଯାହା ନପାରଇ ଧରି
ଅମର କବିତା ଛନ୍ଦ ଧ୍ୟାନ, ମୋହ ପରି
ଧନ ଅକିଞ୍ଚନ ପକ୍ଷେ ଉପହାସ କଥା !!
ତେଣୁ ମନୋହର ସେ ଧୃଷ୍ଟତା,
ମୁଗ୍ଧ ମୁହିଁ କରେଁ ଆରାଧନା,
କରେଁ ପୁଣି ଆକୁଳ କଳ୍ପନା—

ସଂଗ୍ରାମ ବେଦନ ମଧ୍ୟେ ତୁମ ମୁକ୍ତ ହାସ,
ହସିବ ବୋଲି ସେ ମୋର ପ୍ରବଳ ପ୍ରୟାସ,
ବ୍ୟର୍ଥ ନୋହୁ, ସେ ଆନନ୍ଦେ କର ମୋତେ ଶିଶୁ,
ମୁକ୍ତିର ଅଶେଷ ଗୀତ ମୋ ଅନ୍ତରେ ମିଶୁ ।

ବ୍ୟର୍ଥ କର ଯୌବନର ନୈରାଶ୍ୟ ଯାତନା
ବାର୍ଦ୍ଧକ୍ୟର ନିର୍ଜୀବତା ପୁଣି ମୃତ୍ୟୁ ବ୍ୟଥା,
ସମଗ୍ର ଜୀବନବ୍ୟାପୀ କର ଅଧିଷ୍ଠାନ,
ହେ ମୋର ଜୀବନ ରାଜା ଲଭେଁ ପରିତ୍ରାଣ ।

ତୁମର ବିପୁଳ ସ୍ନେହ ଅନୁରାଗ ପ୍ରୀତି
ଅନାସକ୍ତ ! ନିର୍ବିକାର ! ଢାଳ ନିତି ନିତି
ମୋର ଦେହେ ମନେ,
ଧନ୍ୟ ମୋତେ କର ହେ ଜୀବନେ !
ହେ ଚିର ସୁନ୍ଦର !
ସ୍ଥାନ ଦିଅ, ସ୍ଥାନ ଦିଅ, ତୁମେ ମୋର
ମୁକ୍ତ ଅନ୍ତର ।

ଉତ୍କଳ ସାହିତ୍ୟ,
୩୨ଶ ଭାଗ, ଜ୍ୟେଷ୍ଠ ୧୩୩୫, ୨ୟ ସଂଖ୍ୟା

# ଜନନାୟକଙ୍କ ଆତ୍ମକଥା

ଦେଶକାଳ ସବୁ ସୀମା ଶେଷ କଲି ଆସି !
କଳ୍ପନା ଅଜ୍ଞାତ ଦେଶେ ଧୀରେ ଯାଏଁ ଭାସି,
ହେ ମୃତ୍ୟୁ ! ହେ ଭାଗ୍ୟ ବିଧି ଧନ ମାନବର !
କାହିଁ ପାଇଁ ପୁଣି ଆଜ ଆକୁଳ ଅନ୍ତର ?

କାହିଁ ପାଇଁ ପୁଣି ଦୁଃଖ ମିଥ୍ୟା ଅବସାଦ ?
ଯେତେ ମନାଇଲେ ମନ ଟଳୁ ନାହିଁ ପାଦ ।
ଅନ୍ତରୁ ଆସଇ ଆଜି ଏକ ଅନୁନୟ,
ହେ ନିୟତି ! ମୃତ୍ୟୁ ଶିଭ ! ହୋଇଣ ସଦୟ

ଆଜି ରଖ ଯାହା ସଜ, ଦିଅ ଅବସର,
ଫେରିଯାଏଁ ସେହି ମର୍ତ୍ତ୍ୟ ଆନନ୍ଦ ବାସର
ଗୃହେ ପୁଣି ନିଜ ପ୍ରାଣ ପୃଥିବୀ ସଦନେ
ସହସ୍ର ବନ୍ଧନେ, ଦୁଃଖେ, ବେଦନା ଅଜ୍ଞାନେ ।

ନରକର ରୂପାନ୍ତର ? ହେଉ ପଛେ ଧରା—
ଅଶେଷ ଯନ୍ତ୍ରଣାଗାର, ହେଉ ମୃତ୍ୟୁ ଜରା
କରୁ ମୋର କଣ୍ଠରୋଧ, ବୃଶ୍ଚିକ ସମାଜ
ଦଂଶନ କରୁ ହେ ପଛେ ଦେହ ମନ ପ୍ରାଣ,

ଘୃଣିତ କର ସେ ମୁକ୍ତି ଯାହା ଆୟୋଜନ,
ମୁକ୍ତିର ସକଳ ସ୍ୱପ୍ନ, ସବୁ ପ୍ରଲୋଭନ—
ରଖ ଦୂରେ···ଯାଏଁ ଫେରି ଦିଅ ଅବସର,
ମର୍ତ୍ତ୍ୟ ଛାଡ଼ି ଯିବ କାହିଁ ? ଆକୁଳ ଅନ୍ତର !

ମୁକ୍ତି ମୁହିଁ ? ଯେଉଁଦିନେ ସେ ଉପହାସ କଥା···
ଅଜ୍ଞାନୀ ମାନବ ମନେ ଦିଅଇ ବ୍ୟଥା ।
ମୁକ୍ତ ମୁହିଁ ?···ମୋ ପଶ୍ଚାତେ ସହସ୍ର ମାନବ,
ମୋ ଦରିଦ୍ର ଦେଶବାସୀ କରନ୍ତି ଆହବ,

ନିଷ୍ଠୁର ଅନୁଚର ମରଣ ସହିତେ,
ସକଳ ସାମର୍ଥ୍ୟ ଯୋଗେ, ଅବସନ୍ନ ଚିତ୍ତେ ।
ଦେଖୁ ନାହିଁ ସେହି ଦୂରେ···ମରଣ ଅପାର !
ମୋର ଦେହ ରକ୍ତେ ଗଢ଼ା, କଙ୍କାଳ ହିଁ ସାର,

ନିଷ୍ପ୍ରଭ କୋଟରଗତ, ନିରନ୍ନ ନିଷ୍ପ୍ରାଣ,
କରୁଛନ୍ତି ଦବା ଲାଗି ପ୍ରବଳ ପ୍ରୟାସ
ଲଭିବାକୁ ମୁଠେ ଅନ୍ନ ! ଅବା ଘୋର ଦୁଃଖେ
ଚାହିଁଛନ୍ତି ମହାଶୂନ୍ୟେ ସଶଙ୍କ ଉଦ୍ଧ କେ ।

ଲଭିବାକୁ ମୃତ୍ୟୁରେ ଅଭୟ ଆଶ୍ୱାସ,
ପୁଣି କ୍ଷୀଣ ଶକ୍ତି ପରେ ନିର୍ଭର ବିଶ୍ୱାସ !
ଏହି ଯେ ଦେଖୁଛ ଦୂରେ, ଧୀରେ ଆସେ ଚଳି,
ନିର୍ଜୀବ ଜନନୀ ସଙ୍ଗେ ଶିଶୁ ପୁଅ ଧରି ।

କେ ବୁଝେ ହୃଦରେ ତାର ଚଢ଼ି ନାହିଁ ଅନ୍ନ
କେତେଠି ବିନ ଧରି ? ଛିନ୍ନ ମଳିନ ବସନ !
ଅଶେଷ ନୈରାଶ୍ୟେ ନେତ୍ର ଶୁଖିଛି ତା ମାର,
ଅଛି ମାତ୍ର ମ୍ଳାନ ଚକ୍ଷୁ—ସ୍ପୃହରେ ନାହିଁ ଗିର ।

ଆସ ଗୋ ଦରିଦ୍ର ନାରୀ, ଶିଶୁ ଆସ ଚଳି,
ଦରିଦ୍ର ଦେଶର ମୋର ଅନ୍ତିମ ସଂଖ୍ୟାଳି,
ଆସ ଚିର ପରାଜିତ, ଦୁଃଖୀ ପଦାନତ !
ଜାଣିଛି ଅନ୍ତର ଗୋଟି ଛୁଇଁ ଗୋ କ୍ଷତ,

ଆସ, ଶେଷ ଥର ଲାଗି ବକ୍ଷେ ଯାଅ ଚଳି,
ଜୀବନର ଅପୂର୍ଣ୍ଣତା ନିଅ ଏ ସମ୍ଭାଳି ।
ଆହା ତୁମ ପରି କେତେ ରୋଗୀ ଦୈନ୍ୟ ବ୍ୟାଧି
ଏ ମାଟିରେ ଲଭିଛନ୍ତି ଜୀବନ ସମାଧି—

କେ କରେ କଳନା ? ସାକ୍ଷୀ ଏ ଦୁଇ ନୟନ,
ପୁଣି କୁଳଶରୁ ଝାଣ ଏ ଭଗ୍ନ ଜୀବନ ।
ଜାଣେ, ଜାଣେ, ଧରା ପ୍ରିୟ ମୋ ଦରିଦ୍ର ଦେଶ !
ଶୋଣିତ କଙ୍କାଳ ଅସ୍ଥି ଯା'ର ନିତ୍ୟ ବେଶ—

ମୃତ୍ୟୁର ତାଣ୍ଡବ କେତେ ସନ୍ମୁଖ ମଞ୍ଚରେ,
ନିଷ୍ଠୁରର ଉପହାସ ଚର୍ମ ଶତ ଗୁଣେ ।
କରିଛି ପ୍ରୟାସ କେତେ ବିବଶ ଶବଂସ୍ଥ,
ନ ପାରିଲି ତୋ'ର ତଳେ ଦୁଃଖ ଲଘୁ କରି !

କେତେ ଦିନ ଲୋଡ଼ିଛି ମୁଁ ମରଣ ଶରଣ
ବିଫଳ ଜୀବନେ ଆଜ କିବା ପ୍ରୟୋଜନ ?
କାନ୍ଦୁଛି ଆକୁଳେ ହୃଦେ ବନ୍ଧି ଗୁରୁ ବ୍ୟଥା—
ହେ ନିଷ୍ଠ, ହେ ନିଷ୍ଠୁର, ହେ ଭାଗ୍ୟ ବିଧାତା !

ଏ ବିଶ୍ୱେ ସହସ୍ର ନର କାଟୁଛନ୍ତି କାଳ,
ସୁଖରେ, ଆରାମେ, ତଳେ ନ ମାନି ଜଞ୍ଜାଳ,
ଏ ଦରିଦ୍ର ଦେଶ ଲାଗି ରଖିଥିଲି କାନ୍ଦି
ସହସ୍ର ବିପ୍ଳବ, ଥରେ ଶାନ୍ତି ହେଲେ ନାହିଁ ?

ଦରିଦ୍ର ଜାତିର ଯେବେ ନାହିଁ ଅଧିକାର,
ଯାନ ଭାବେ ତୁମ ସୃଷ୍ଟି ମଧ୍ୟେ ବଞ୍ଚିବାର
କାହିଁକି ଦେଲ ଗୋ ତବେ ଅମୃତ ଜୀବନ ?
ସହସ୍ର ପ୍ରେରଣା, ଜ୍ଞାନ, ଆଶାର ସ୍ପନ୍ଦନ ?

ସକଳ ବିଫଳ ମୋ'ର ଜନମ ପ୍ରୟାସ,
ଭ୍ରଷ୍ଟ ଯେବେ; ଯେବେ ଲୁପ୍ତ ଆଶାର ଆଶ୍ୱାସ,
ପୁଣି କାହିଁ ପାଇଁ ଜାଗେ ପ୍ରବଳ ବାସନା
ବଞ୍ଚିବାର ଲାଗି···ମୃତ୍ୟୁ ପାଶେ ଆରାଧନା ?

ନାହିଁ ମୃତ୍ୟୁ, ଦିଅ ମୋତେ ଅଳ୍ପ ଅବକାଶ,
ଘାତେଣ ମୋ ଜାଗଇ ପୁଣି ବିପୁଳ ଆଶ୍ୱାସ—
ଜୀବନର ଶେଷବିନ୍ଦୁ ରକ୍ତ କରି ଦାନ
ସେହି ହୋମେ, ଯହିଁ ହୋତା କରେ ମୃତ୍ୟୁଗାନ।

ସେହି ମୋର ଦେଶ ବକ୍ଷେ, ପ୍ରଭାତ ଧୂଳିରେ,
ହେ ମୃତ୍ୟୁ, ତୁମର ଆଜ୍ଞା ଅବନତ ଶିରେ
ପୁଣି ନେବି ବନ୍ଦି···ତୁମ ଚିରଦିନ ଭୃତ୍ୟ
ବିନୟେ କହୁଛି ଆଜ କର ମୋତେ ମୁକ୍ତ।

ସହସ୍ର ସେ ଶୀର୍ଣ୍ଣ କାୟ, କଙ୍କାଳ ସମ୍ବଳ,
ଯା' ଯୋଗୁଁ ପାଷାଣ ହୃଦେ ଭରେ ଅଶ୍ରୁଜଳ,
ଯେହି ମୋର ଚିର ପ୍ରିୟ ଦୁଃଖ ସୁଖ ସାଥୀ
ଏବେ ଯୁଝା ଶୁଷ୍କ ପେଟେ ଛିନ୍ନାଞ୍ଚଳ ପାତି—

ବସିଛନ୍ତି ଯାମ ମୁଠେ, ଥୋକେ ପଥ ପାଶେ
ଶୁଷ୍କ କଣ୍ଠ, ଶୁଷ୍କ ତାଳୁ, ଅବ୍ୟକ୍ତ ଆଶ୍ୱାସେ।
ପ୍ରଚଣ୍ଡ ତୁମୁଳ ସେହି ଜୀବନ ସଂଗ୍ରାମେ,
ଶୋଣିତ ପିପାସୁ ଶକ୍ତି ଯନ୍ତ୍ର ନାହିଁ ମାନେ।

ଦୟା ମାୟା ପ୍ରୀତି ବନ୍ଧ ସମ ଅନୁଭୂତି—
ଯୋଦ୍ଧାର ମନରୁ ଭ୍ରାନ୍ତି, ଲଭନ୍ତି ଆହୁତି—
କଣ୍ଠାହ ପରାଣ ନେଲେ ମୋ ଜନ୍ମ ଭୂଇଁର
ମୁକ୍ତି ପ୍ରଲୋଭନ ଦେଖି କାହିଁ ହେବି ସ୍ଥିର ?

ଦିଅ ଥରେ ମୁକ୍ତି ମୋର ଅଛି ପ୍ରୟୋଜନ,
ଶେଷ ଥର ଲଟି ତଙ୍କୁ କରି ଆଲିଙ୍ଗନ,
ଧରି ଏହି ରୁକ୍ଷ ବକ୍ଷେ ମୁଦିବି ନୟନ
ଜୀବନ ସ୍ଥଳକ ! ମହାକାଳ ! ହେ ମରଣ !

ମୋ ଦରିଦ୍ର ବେଦନ କଣ୍ଠ ପାଶେ ଆସ ମୋର
ଛିନ୍ନ ହୋଇ ଆସେ ପ୍ରୀତି ଜୀବନର ଡୋର !
ଗାଅ ଥରେ ପାଶେ ମୋର ଗୀତ ଅସଂପୂର୍ଣ୍ଣ···
କାହିଁ ପାଇଁ ତୁମେ ଆଜ ହେଉଅଛ କ୍ଷୁଣ୍ଣ ?

ଗାଅ, ଗାଅ, ସେ ସଙ୍ଗୀତ ମୋର ପ୍ରାଣଭର
ନ ପାରିଲି ଯେବେ ଯାହା ମୂର୍ତ୍ତି ପୂର୍ଣ୍ଣ କରି,
ତୁମ କଣ୍ଠୁ ଶୁଣି ଆଜ ଲଭିବି ଆରାମ,
କହ···ପୂରାଇବ ତୁମେ ମୋର ମନସ୍କାମ ?

ତରୁଣ ସୁନ୍ଦର ତୁମ ଯୌବନ ଅମଳ
ପ୍ରସ୍ଫୁଟ ହୃଦୟେ, ଯେତେ ଆଶା ଶତଦଳ
ଅନନ୍ତ ନୈରାଶ୍ୟ ଘଟେ, ନିରେଖି ନୟନେ
ଅତୀତ ଜୀବନ କଥା ପଡ଼ିଯାଏ ମନେ ।

ତରୁଣ ବୟସେ ମୂର୍ତ୍ତି ଥିଲା ଯେବେ ମୋର
ତୁମ୍ଭ ସମ-ନୁହେଁ ପ୍ରକଟ ?—ସେତେବେଳେ ବାଳରଣ
ଉଇଁଲା ସପନ ଯେତେ କଳପନା ଆଶା
ବର୍ତ୍ତିବ ଅନ୍ତିମ କାଳେ ? ନାହିଁ, ନାହିଁ ଭାଷା ।

କହିବ କିଏ ବା କହାଁ ଛୁଡ଼ ଶିଳ୍ପୀ—ତୁଳୀ
ସକଳ ସୌନ୍ଦର୍ଯ୍ୟ ବୋଧ ଅକାଳରେ ଭୁଲି,
ଆସିଲି ସଂଗ୍ରାମ କ୍ଷେତ୍ରେ ଯହିଁ ମୃତ୍ୟୁ , ବ୍ୟାଧି
ଦେଉଥିଲେ ଲକ୍ଷ ପ୍ରାଣ ଜୀବନ୍ତ ସମାଧି ।

ସେଣୁ ହୋମେ ଭସ୍ମ ଜଳି ସ୍ୱପନ କଳ୍ପନା,
ଯୌବନର କେତେ ଆଶା ଅରୁଣ ବାସନା ।
କରିନେଲି ସେଣୁ ଗ୍ଲାନି ଦୈନ୍ୟ ହାହାକାର,
ଜମାଏ କହନ୍ତି ଯା'କୁ ମସ୍ତିଷ୍କ ବିକାର ।

ମାତ୍ର ଯୁଦ୍ଧ ସଂଗ୍ରାମର ଫଳ ହେଲା କିସ ?
ନିଷ୍ଫଳ......ଅପୂର୍ଣ୍ଣ ସବୁ...ସବୁ ଦୈନ୍ୟଦଶା ।
ବର୍ତ୍ତମାନ ଅଶାନ୍ତିର ସୀମାଭେଦ କରି,
ଆତ୍ମ କଣ୍ଠ ରୋଧିବାକୁ ଦୁର୍ଦ୍ଦିନ ଶବଶ !

ଅରଇ ଛୁରୁ......ଆସଇ ମୃତ୍ୟୁ ମହାମାସ,
ନାଚୁଛନ୍ତି ରକ୍ତପାନେ କାଳର ଭଟାର !
ବଞ୍ଚାଇ ରଖିବ କିଏ ଏ ଜାତିର ପ୍ରାଣ,
ଏ ଜାତିର ଭଗବାନ ଦୁର୍ବଳ ଅଜ୍ଞାନ ।

ମାତ୍ର ଭରସା ଅଛି କବି, ତୁମ ଗୀତେ—
ଆଜ ଯେ ଅପୂର୍ଣ୍ଣ ଚିତା ଜଳଇ ଏ ଚିତ୍ତେ
ନିଭାଇବ ତୁମେ ଏକା ଚିର ଆଶାନ୍ୱିତ,
ତୁମେ ଗାଇ ଉଚ୍ଚକଣ୍ଠେ ଆଶାର ସଙ୍ଗୀତ ।

ପରାଜିତ ମାନବର ମୃତ୍ୟୁହୀନ ଗାନ,
ଶୁଣିବାକୁ ଶତଦଳ ସମ ଫୁଟେ ପ୍ରାଣ ।
ଗାଅ, ପ୍ରାଣପ୍ରିୟ ଗୀତ, ମୋ ଦେଶ ମୁକ୍ତି,
ସକଳ ଇନ୍ଦ୍ରିୟ ମନ ଲଭୁ ଦିବ୍ୟଗତି ।

ଯାହାପଥ ମୁକ୍ତ ହେଉ, ସୁନ୍ଦର ମରଣ,
ଅମୃତ ଆଶାରେ ଆଜ ମୁଦେ ମୁଁ ନୟନ ।

× × ×

ଉତ୍କଳ ସାହିତ୍ୟ,
୩୨ଶ ଖଣ୍ଡ, ଆଷାଢ଼ ୧୩[illegible], ୩ୟ ସଂଖ୍ୟା

# ଜଳବନ୍ଧୁ

( ୧ )

ଭେଟ ହେଲା ତାହା ଛୁଟିଲ ସୁଦୂର ବିଦେଶେ,
ବର୍ଷାସିକ୍ତ ମ୍ଳାନ ଏକ ଦିବସର ଶେଷେ ।
ଉଡ଼ି ଆସୁଥିଲା ମେଘ କୂଳେ ଥିଲି ବସି,
ନଷ୍ଟୁରେ ହୃଦୟ କଥା ସମ୍ମୁଖେ ଭରସି ।

ବାୟୁ ବହେ ସନ ସନ, ଚପଳା ସ୍ଫୁରଣ,
ଥରେ କେବେ ଝୁଙ୍କି ଖାଲି ତା! ମୁଖେ ନୟନ ।
ଆନନ୍ଦରେ ନତ, ଗଣ୍ଡେ ଲାଜ-ଅରୁଣିମା,
ମାତର ଆନନ୍ଦ ଆଜ ମାନେ ନାହିଁ ସୀମା ।

ସମୀର ପରଶିଗଲା ଯୁଗଳ ଚରଣ,
ଶୁଣି ଥରେ ! ଆହା ସେ ଯେ ମୂର୍ତ୍ତି ଏକ ଗାନ ।
ନିମିଷେ ବନ୍ଧନମୁକ୍ତ !— ବାଜିଲା ରାଗିଣୀ,
ପାଉଛି ପାଉଛି ବନ୍ଧୁ, ତର ପ୍ରିୟ ଚିହ୍ନି ।

ମୋ ଜୀବନ ଆଜି ହେଲେ ସହଜ ସରଳ,
ଗଭୀର ଆନନ୍ଦେ ନେତ୍ରୁ ଗଳେ ଅଶ୍ରୁଜଳ ।

× × ×

( ୨ )

ଶ୍ରାବଣର ଗଙ୍ଗା ବେଗେ ଯାଉଅଛି ବହି,
ଜଳାମେଘେ ଚପଳାର ଚମକ ଲାଗଇ ।
ଶରଦ ଗଗନେ ଯଥା ପଶ୍ଚିମ ଗଗନେ,
ଲାଗେ ନାହିଁ କାନ୍ତ ମୋର ଯୁଗଳ ନୟନେ ।

ମେଘ ସଙ୍ଗେ ଭାସି ଆସେ ଶୀତଳ ପବନ,
ନଘାଣର ଚକ୍ଷୁ ଘ୍ରାଣେ ବେଦନା ସ୍ପନ୍ଦନ ।
ମଳିନ ସନ୍ଧ୍ୟାର ଦୂରେ ଅସ୍ପଷ୍ଟ ପ୍ରକାଶ,
ପୁରାତନ ବେଦନାର ମଧୁର ଆଭାସ ।

ବସିଅଛୁଁ ବେନି ସାଥୀ ନିରଜନ ତୀରେ,
ସୃଷ୍ଟିର ଯେ କଥା ! —ବେଳ ବହିଯାଏ ଧୀରେ ।
ଏକଇ ସ୍ପନ୍ଦନ ଯେହ୍ନେ ବହେ ବେନି ପ୍ରାଣେ,
ଏକଇ ଅମର ପ୍ରୀତି ନୀରବ ମୋ ଗାନେ ।

"ବସିଛ ତ ପାଶେ ?" ପୁଚ୍ଛେ ନୀରବ ନୟନ,
ଉତ୍ତର—"ନୀରବେ ବହେ ଅମୃତ ଜୀବନ ।"

× × ×

( ୩ )

ସକଳ ଅନ୍ତର ଖୋଲି ଗାଅ, ଗାଅ କବି ।
ଗାଅ ବନ୍ଧୁ, ଇଚ୍ଛା ଯାହା ଭୈରବୀ, ପୂରବୀ,
ଜୀବନର ଅଶ୍ରୁ ଢାଳି ମୌନଶୀଳା ପରି ।
ଶୁଣିବ ସଙ୍ଗୀତ ଯେହ୍ନେ ଶୁଣେ ଶ୍ରୀହରି,

ମାନବ ଅଶାନ୍ତ ଆଶା, ଶତ ପରାଜୟ,
ଅସୀମ ସଂଗ୍ରାମ, କ୍ଷତ, ବେଦନା ଦୁଃସହ ।
ଲଭିଛି ତୁମର ଗୀତେ । ଏ ସକଳ ମେଳେ,
ଜୀବନ ଆନନ୍ଦ-ଆଶା ଦେଖଇ ମୁଁ ଖେଳେ ।

ଉଜଣି ସ୍ମୃତି ସମ । ... ... ...
କେବେ କବା ଦୁଃଖ ?
ଅନନ୍ତ ମାନବ ଚଳେ ତାର ଅଭିମୁଖ ।
ଅନ୍ତମେ ଜୀବନ ଜନ୍ମ-ଆନନ୍ଦ ବେଦନା,
ନାହିଁ କାଟେ ଆଉ ପ୍ରାଣେ ଅପାର ଛଳନା ।

ମୋ ତରୁଣ ପ୍ରାଣ ମ୍ଲାନ କୁସୁମର ଦଶା,
ଭ୍ରମର ସଙ୍ଗୀତ ଢ଼ାଳେ ଏତିକ ଭରସା ।

× × ×

●

ଉତ୍କଳ ସାହିତ୍ୟ,
୩୨ଶ ଖଣ୍ଡ, ପୌଷ ୧୩୩୭, ୯ମ ସଂଖ୍ୟା

# ବାଉଲ

[ ଟିପ୍ପଣୀ :—ବଙ୍ଗ ଦେଶକୁ ନ ଆସିଲେ ବାଉଲମାନଙ୍କର ଗୌରବ ଧାରଣା କରି ହୁଏ ନାହିଁ । ଓଡ଼ିଶାରେ ଏମାନଙ୍କ କୌଣସି ପ୍ରତିବମ୍ବ ନାହିଁ, ସନ୍ଥ ବା ଫକୀର କରି ଅନେକ ସମୟରେ ଯୋଗୀମାନଙ୍କୁ ଏମାନଙ୍କ ସହିତ ତୁଳନା କରାଯାଏ । ରାଜପୁତନାର ଚାରଣମାନଙ୍କ ସଙ୍ଗେ ମଧ୍ୟ ବାଉଲମାନଙ୍କର ବେଶି କିଛି ସାମ୍ୟ ଥିଲା ପରି ବୋଧହୁଏ ନାହିଁ । ବାଉଲମାନଙ୍କ ବିଶେଷତ୍ୱ ଏମାନେ ଇଉରୋପୀୟ Wandering musician ମାନଙ୍କ ଭଳି ବୁଲି ବୁଲି ଗାଆନ୍ତି । ଏକ୍‌ତାରା ଏମାନଙ୍କର ପ୍ରଧାନ ସହଚର ଓ ପିଠିରେ ଭିକାର ଝୁଲି । ଗାଇବା ସଙ୍ଗୀତର ମର୍ମ ଧର୍ମ ବା ପରପାର ଚିନ୍ତା । ଅର୍ଥ ଓ କାମ ଦୁହିଁଙ୍କୁ ଅବହେଳା କରିଥିବାରୁ ଶାନ୍ତି ଭିକା ଥିଲେହିଁ କେବେ ପୂର୍ଣ୍ଣ ହେବାର ଅନୁମାନ ହୁଏ ନାହିଁ । ଆମ୍ଭମାନଙ୍କ ମଧ୍ୟରୁ ଅନେକ କଳ୍ପନା କରନ୍ତି ବାଉଲମାନେ ସାଧାରଣତଃ ଅନ୍ଧ । ମୋ ମତରେ ଏହା ପୂରା ଭିତ୍ତିଶୂନ୍ୟ, କାରଣ ମୋର ପରିଚିତ ବାଉଲଟି ଚକ୍ଷୁଷ୍ମାନ୍ ।]

( ୧ )

କଥା କହ, କହ କଥା
ବାଧଇ ପରାଣେ ଜୋଛନା ରାତିର
ଶୂନ୍ୟ ଏ ନୀରବତା ।
ମୌନୋଜ୍ଜ୍ୱଳ ହେ ଜୀବନ ତାରା !
ସୁପ୍ତ ଶାନ୍ତ ଏ ଭୁବନଧାରା,
ଲଭିବାକୁ ତୁମ ଆଶ୍ୱାସ ଧାରା
ନୀରବେ କହେ ମୁଁ ବ୍ୟଥା ।
କଥା କହ, କହ କଥା ।। ୧ ।

ସକଳ ପରାଣ ଶରୀରା ମୋର
ଆଢ଼ର ଦେଇଛୁ ବଶ
କାହା ପଥ ଚାହିଁ ମାର କତାଭରେ
ଗନ୍ଧେ ଗୋଲାପ ନିଃସ୍ୱ ।
ଅସୀମ ଆଜ ଏ ଜୋଛନା ପଥାରେ
ଢାଅ ଗୋ ପରାଣେ ଆଶା,
ଜୀର୍ଣ୍ଣ-ବୀଣାରେ ଫୁଟିବ ଅଢରେ,
ନନ୍ଦ କଢ଼ନା ଭାଷା ।

କେତେ ମୁଁ ସୁଦୂର ପଥ ଚାହିଁ ଚାହିଁ
ଏ ପରାଣ ମନ ଦେବ ଗୋ ଭସାଇ,
ମୁଦ ଆସେ ଧୀରେ କ୍ଲାନ୍ତ ନୟନ
ପରମ ଆନନ୍ଦ ମଥା ।
କଥା କହ, କହ କଥା ।। ୨ ।

( ୨ )

ହେ ମୋର ନଠୁର ପ୍ରିୟ
କେତେ କୁହ ଛୋଟେ ଭଣା,
କେତେ ଗୁଞ୍ଜୁଣରେ ମୋତେ
କରୁ ନଷ୍ଟ ପଥ ବଣା ।
ବାସନାର ପ୍ରଲୋଭନ .
କାଟିଲେ କେତେ ଏ ଜୀବନ,
ମଳିନ କୁସୁମ ଅଳି
ଭୁଲେଲ ତୋର ଉପାସନା । ୧ ।

କେଉଁ ଅନ୍ତରାଳ ଲୁଚି
ଦ ଗାଇଲ ବନେ ବୁଟି,
ଦେଖିଥାଉ ଲୀଳାବଟି
ଏତେ ତୋର ପ୍ରବଞ୍ଚନା । ୨ ।

ଆସେ ଦୁରନ୍ତ ଘନ ଘୋଟି
ବାଆ ମାଣି ଯାଏ ଲୋଟି,
କ୍ଷୀଣ ମୋର ବୀଣା ତାର
କରି ଉଠେ ହାହାକାର,
ଯାଚେ ଝଡ ତୋ କରୁଣା
ନକର ମୋଠାରେ ଊଣା,
ଆଲୋକରେଖା ଯେବେ
ଲଭଇଁ ମୁଁ, କ ଭାବନା । ୩ ।

( ୩ )

ଅଖିଳ ଭୁବନ ଯେତେ ଉତ୍ସବେ
ବନ୍ଦିବେ ଉଠେ ଗାଇ,
ଛନ୍ଦ ମୋ ତାରେ ଫୁଟାଅ ସେ ଗୀତ
ମୋ ପରାଣ କର ବାଇ ।
ଆନନ୍ଦେ ତବ ହେଉ ଆବିର୍ଭାବ
ନ ମୋର ଦୈନ୍ୟ, ନ ମୋର ଅଭାବ,
ପଣ୍ଡି ଫୁଟେ ତମ ଆଲୋକ କମଳ
ନବଶ ଊର୍ମିର ଦାଣ୍ଡି । ୧ ।

ସ୍ୱାର୍ଥ ବେଦନା ଅକାତରେ ଏଡ଼ି
ବରଇଁ ସକଳେ ଅନ୍ତର ଫେଡ଼ି
ଅପର ଇତର ସବୁ ଆପଣାର
ତୁମରି ଆଲୋକ ପାଇ । ୨ ।

ଦୁଃଖେ ନିରାଶେ ତୁମରି କରୁଣା
ଝରେ ହେଲେ କେବେ କରନାହିଁ ଊଣା,
ସୃଷ୍ଟି ତୁମର ହେ ଜୀବନ-ରାଜା !
ଚିର ତାଳ ଗାନ ପାଇଁ । ୩ ।

ନିଖିଳ ଭୁବନ ଶଶୀ ଗ୍ରହ ତାରା
ପ୍ରଭାତ ରବିର ଅମୃତ ଧାରା
ଏ ସକଳ ମେଳେ ହେବ ଆତ୍ମହରା
ମୌନ ଆକାଶ ଦୃଷ୍ଟି ।। ୪ ।

( ୪ )

ଆଜି, ପୌଷ ପବନ ଡାକି ଗଲା ଦୂରର
ରୁଦ୍ଧ ପରାଣ ଦୁଆରେ
ଶୀର୍ଣ୍ଣ ଲତିକା ତରୁ ମର୍ମରେ
ବଣ ନେଲେ ସୁଖେ କାହାରେ ।
ଶୁଣିଛି ଆଜି ମୁଁ ମୁକ୍ତିର ସ୍ୱର,
ଶାନ୍ତ ନୀରବ ମୋର ଅନ୍ତର,
ଆକୁଳେ ସାଜଇ ପୂଜାର ଅର୍ଘ୍ୟ
ଚାଇଛି ଆଜି ମୋ ଗହାରେ । ୧ ।

ପୌଷ ! ପରାଣ ପ୍ରାନ୍ତ ମୋର ତଟ
ଶୁଣିଛି ଗଭୀର ଭାଷା,
ଶତ ବାସନାର କୋଳାହଳେ ଫୁଟେ
ଛୁମର ମନର ଆଶା ।। ୨ ।

ବାସନା କୁସୁମ ଖେଳା ରଖି ଦୂରର
ହେଉ ଅନ୍ତ ଭ୍ରମ ସାଥୀ,
ମରଣକୁ ଜିଣି ଜୀବନର ଦୀପ
ଜଳିବ ଦିବସ ରାତି ।। ୩ ।

ହେ ନୀରବ ସଖା ! ଚିର ଚଞ୍ଚଳ !
ଚିର ପ୍ରଶାନ୍ତ ! ଚିର ପ୍ରବଳ !
ତୁମର ଚରଣ କୋଳନିଅ ମୋର
ଅନ୍ତରେ ପୁଣି ବାହାରେ । ୪ ।

( ୪ )

ମୁଁ ଗୋ, ବିରହିଣୀ ରଜନୀ ଗନ୍ଧିଁ,
ନୀରବ ନିଶାର ଏକାକିନୀ ତାରା
ତୁମରି ଆଶିଷ ପାଇଁ ।
ସୁପ୍ତ ଯେ କାଳେ ନିଖିଳ ଭୁବନ,
ଅପଲକ ବେଦନ ଶ୍ରାନ୍ତ ନୟନ,
ଆଶା-ପଥ ଚାହିଁ ପାହେ ମୋର ରାତି
ତୁମରି ମୂରତି ଧ୍ୟାୟୀ,
ବିରହିଣୀ ରଜନୀ ଗନ୍ଧିଁ । ୧ ।

ସୌରଭ ବାସର ଚଳନ୍ତ ଅଙ୍ଗେ
ଢାଏ ମୋର ଗୁପ୍ତ ବ୍ୟଥା,
ସକଳଙ୍କୁ ବଳ ପୀଡ଼ଇ ପ୍ରାଣ
ନିଶୀଥର ନୀରବତା ।
କାହିଁକି କଣ୍ଠେ ଫୁଟାଇଲି ଭାଷା
ସୁପ୍ତ ଭୁବନ ସାରା
କାହିଁକି ଶ୍ରାନ୍ତ ଆଖି ପାତେ ମୋର
ଭରିଲି ଅଶ୍ରୁ ଧାରା । ୧ ।

ନିଠୁର କପଟବନ୍ଧୁ ବନ୍ଧୁ ମୋର,
କରୁଣା-ସିନ୍ଧୁ ଆଜି କେବେ ହେବ
ଉତ୍ଫୁଲ ଉଠିବ, ପରାଣ-ଚକୋର
ଆକୁଳେ ମରଇ ଗାଇ
ବିରହିଣୀ ରଜନୀ ଗନ୍ଧିଁ । ୩ ।

●

ଉତ୍କଳ ସାହିତ୍ୟ,
୩୭ଶ ଭାଗ, ଫାଲ୍‌ଗୁନ ୧୩୩୭, ୧୧ଶ ସଂଖ୍ୟା

# ଶିଶୁ ସାଥୀ

ଏ ଜୀବନ ଶାରଦ ପ୍ରଭାତରେ,
ଲୀଳା ଅରବିନ୍ଦ ଧରି କ୍ଷୁଦ୍ର ବେନି ହାତେ
ଚିର ମୁଗ୍‌ଧ ଶିଶୁ ସାଥୀ ଥିଲ କେଉଁ ଦୂରେ
ଜାଣେ ନାହିଁ ଥରେ ମୋର ପୁରେ —
ଲଭିଲି ତୁମରି କର କୋମଳ ଆଘାତ,
"ଉଠ କବି, ଉଠ ଏ ଯେ ମଙ୍ଗଳ ପ୍ରଭାତ।"

କୁଟିଳ ଦୁର୍ବହ ସେତ ନିଶାନ୍ତ ସ୍ୱପନ,
କ୍ଷଣକେ ଭୁଲିଲି ସବୁ—ମଳିନ ନୟନ
ପୋଛିଦେଇ ବେନି କରେ ଯେତେକ ହତାଶ
ବରିଲି ଆକୁଳେ 'ବନ୍ଧୁ ଆସ' !

ଯେସନେ ମୁଁ କରୁଥିଲି ତୁମରି ଅପେକ୍ଷା
କାଳରି ଏପାରେ ବସି, ଦେଲ ତୁମ ଦେଖା
ଦୈବ ଯୋଗେ ! ତେଣୁ ହୃଦେ ଅପାର ଆବେଗ !
ଅପାର ଆନନ୍ଦ ସ୍ନେହ ରୋଧିଲି କେ ବେଗ ।
ଡାକିଲି ମୁଁ "ଆସ ବନ୍ଧୁ ଆସ !"
ମାନବ ଜାତିକୁ ଯେହ୍ନେ ଡାକଇ ଆକାଶ ।

ସକଳ କିଶୋର କ୍ରୀଡ଼ା ହାବଭାବ ବାଣୀ
ଯୌବନର ସେ କୁଟିଳ ବଙ୍କିମ ଚାହାଣୀ
ସୋହାଗ ଚପଳ କଥା, କ୍ଷୁଦ୍ର ଅନୁରାଗ,
ପୁଣି ମନ ଅନ୍ତରାଳେ ଶତ ଛିଦ୍ର ଦାଗ,

କାହିଁ ଗଲ କ୍ଷଣେ ଅପସରି !
ତୁମରି ଆବେଗ ଡାକ ପ୍ରାଣେ ନେଲି ବରି ।
ଅନ୍ଧ ମୁହିଁ ? ମୂର୍ଖ ମୁହିଁ ? ହେଲେ ହୋଇପାରେ—
ଏ ବିଶ୍ୱର ପ୍ରଜ୍ଞା ଜ୍ଞାନ ବସ୍ତୁ ଭିତ୍ତି ଧାରେ
ରଖି କିନ୍ତୁ ଗର୍ବ ଅହଙ୍କାରେ,

ଆରମ୍ଭିଲ ତୁମ ତୁଲେ ପୁଣି ଶିଶୁ ଖେଳା
ସବୁ ପ୍ରୀତି ସୁଖ କର ହେଳା ।
ମଟନପଡ଼ ସେଦ୍ଧି ବନ ମାଧବୀ ଜଣୀଥେ,
ସରଗର ଅମଗ ବେ ଦୁରେ ଲଘୁ ଚରେ,

ଜୋଛନା ସାଗରେ ମେଲଦେଇ ସ୍ୱର୍ଣ୍ଣତରୀ
ଗୀତ ଗାଇ ବୁଲଥିଲ ଅନନ୍ୟ ସୁନ୍ଦରୀ
ଡାକିଲ ଗୋ କହ ପ୍ରିୟ ଆସ !
ଜୋଛନା ସଙ୍ଗୀତେ କର ଅନ୍ତର ପ୍ରକାଶ ।

ଅନ୍ତରେ ଅମର ମୋର ଚିର ଶିଶୁ ସାଥୀ
ସେଦିନ ମୁଁ ଚିତ୍ତ ଧ୍ୟାନ ଅଞ୍ଜଳିଟି ପାତି
ବସିଥିଲି ତୁମରି ଦୁଆରେ,
ଏ ଜୀବନ ପାରାବାର ଧାରେ ।

ସେଦିନ ଜୋଛନା ସ୍ରୋତେ ବେଳାଭୂମେ ବସି,
ଶୁଣୁଥିଲି ମୂକ ସମ କବା ହସି ହସି
କହୁଥିଲ ତୁମେ—ସେ ତ ଅସ୍ପଷ୍ଟ ବଚନ !
ସେ ଅର୍ଥ ନଯାଏ ବୁଝା, ହୁଏ ମୋ ସ୍ମରଣ,

ପ୍ରାଣେ ଖାଲି ବାଜେ ତାର କୋମଳ ଆଘାତ,
ଆନନ୍ଦର ଆବେଗର ଖାଲି ଅଶ୍ରୁପାତ !
ତୁମରି ସେ ବେଳାଭୂମେ ନବ ନବ ସୃଷ୍ଟି
ସହଜେ ଫେରଇ କାହିଁ ମୁଗ୍‌ଧ ମୋର ଦୃଷ୍ଟି !
ତାର ଅର୍ଥ ବ୍ୟାଖ୍ୟା କେତେ କହୁଥିଲ ବସି
ଚିର ମୁଗ୍‌ଧ ଶିଶୁ ହସି ହସି ।

କାହିଁ ଥିଲା ଶୁଣିବାକୁ ମୋର ଅବସର
ଯୌବନର ଅନୁରୋଧ ? ତେଣୁ ହତାଦର
କରି ମୁଁ କହିଲି ଆଜ ନାହିଁ ଆବଶ୍ୟକ
ରୂପସୀ ଗୋ ! ତୁମ ଲୀଳା ରଖ ।

କେତେ ଦିନ କେତେ ଦିନ ମଧ୍ୟାହ୍ନ ପ୍ରଭାତ,
ପୁଣି କେତେ ମ୍ଳାନ ସନ୍ଧ୍ୟା ନିସ୍ତବ୍ଧ ନିଶୀଥ,
ଦେଖିଛି ତ ମୋତେ ଅନ୍ଧ ମୂକ ସୁପ୍ତା ପରି
ନିରୁଦ୍ଦେଶେ ଯେବେଠୁ ମୁଁ ପଥ ଅନୁସରି

ସଂସାର କରୁଛି ବ୍ୟଙ୍ଗ, ନବୁଝି ତା’ ଅର୍ଥ
କହୁଛି ସେ ତରୁଣର ଜୀବନଟା ବ୍ୟର୍ଥ ।
ମାତ୍ର କି ବୁଝିଲି ମୁଁ ! —ଝଲକ ଅସ୍ପଷ୍ଟ
କି ମଧୁର ଆମନ୍ତ୍ରଣ କଲେ ଚିରନଟ,

ହେ ଚିର ସୁନ୍ଦର ! ପରାହତ ମୋର ପ୍ରଜ୍ଞା,
ମାତ୍ର କର ନ ପାରିଲି ଆହ୍ୱାନ ଅବଜ୍ଞା ।
ସେ ଡାକ ନୂତନ ନୁହେଁ ଚିର ପୁରାତନ,
ବିଶ୍ୱପ୍ରାଣ ପ୍ରତି ଛନ୍ଦେ ନିତ୍ୟ ତା ସ୍ଫୁରଣ

ସେଇ ଅସହାୟ ହାସ, ଅସ୍ଫୁଟ ବଚନ,
ନୟନ ସରଳ ଜ୍ୟୋତି, ଅସ୍ଥିର ଗମନ
ଅଳପେ ସନ୍ତୋଷ, ତୃପ୍ତି, ଅଳ୍ପେ କୃତଜ୍ଞତା,
ଆପଣାକୁ ଭୁଲିଯିବା ଏତ ତୁମ କଥା !

ପୁଣି ଆନ କ୍ଷଣେ ଶିଶୁ ବିରକ୍ତି ସୂଚନା
ନେତ୍ରେ ଛଳ ଛଳ ଆହା କେତେ ଅଶ୍ରୁ କଣା !
କେତେ ବା କ୍ରନ୍ଦନ ରୋଳ ପ୍ରାଣୁ ଉଠେ ଜାଗି,
ନିମେଷର ଅଳ୍ପ ଅଳ୍ପ ଆତ୍ମ ତୃପ୍ତି ଲାଗି !

ଏଇତ ତୁମରି ଲୀଳା ନିତ୍ୟ ପୁରାତନ,
ଏ ସକଳ ମେଳେ ତୁମେ ପାରିଛ ଆସନ;
ନିତ୍ୟ ଶିଶୁ ! ଏ ତୁମ ସମ୍ବନ୍ଧ
ମାତ୍ର କାହିଁ ମୋର ସୀମା କରଇ ଆବଦ୍ଧ ?

ସରଳ ସୁନ୍ଦର ସାଦା ଶରୀ ଅସଂକୀର୍ଣ୍ଣ,
ମାନବ ଅନ୍ତରେ ସେତ ଅମର ନବୀନ !
ମୋର ଆନନ୍ଦ ମୂର୍ତ୍ତି ଲଭିବାର ଲାଗି
ତୁମ ସୃଷ୍ଟି ଦ୍ୱାରେ କେତେ କେତେ ରହେ ଜାଗି,
ଟେକି ପାନ ସରସ ଅନ୍ତର,
ବନ୍ଧୁ ମୋର ! ହେ ଶରୀ ସୁନ୍ଦର !

× × ×

ତେଣୁ ତୁମେ ହତାଦର କରି
ଚାଲି ଯେବେ ଦୂରେ ଅପସରି,
ସଙ୍ଗୀହୀନ ମୁହିଁ କାହିଁ ନ ଲଭି ଭରସା,
ଭାଲେ ଏ ସଂସାରୁ ଆଜ ଭାଙ୍ଗି ଦେଇ ବସା
ପଳାଇବି ଦୂରେ,
ପରାଣ ଆତୁରେ
ବ୍ୟଥିତ ଚକୋର ଯେସନେ ମନ୍ଦାକିନୀ ତୀର,
ପାଥେୟ ସଙ୍ଗରେ ତାର
ଅବାରିତ ମ୍ଲାନ ଅଶ୍ରୁ ନୀର ।

ବନ୍ଧୁ ମୋର ! ତୁମ ଲାଗି ପରାଣ-କୁରଙ୍ଗ
କାନ୍ଦଇ ନୀରବେ ଯେବେ ବୁଝିବ କପଟ ?
ଭାବେଁ ମୁହିଁ କରି ନାହିଁ କେବେ ରାଜ୍ୟ ଭିକ୍ଷା
ମର୍ତ୍ତ୍ୟର ବମ୍ପଦ ସୁଖ ପ୍ରତେପୂର ଦୀକ୍ଷା,
କବିର ତୃଷ୍ଣା ପୁଣି ଶିଳ୍ପୀର ମହତ୍ତ୍ୱ
ଆସ୍ତିକ ବିଶ୍ୱାସ ମୁକ୍ତ ଦର୍ଶନର ତତ୍ତ୍ୱ !

ମୋର ଥିଲା ଭିକ୍ଷା ଏକ, ଏକମାତ୍ର କଥା
ତୁମ ତୁଲେ ଅନୁସରି ଭୁଲିଯିବି ବ୍ୟଥା,
ଜୀବନର ଶତ ଷତ ଶତ ଅପୂର୍ଣ୍ଣତା,
ଅବନତ ନମ୍ର ସ୍ପୃହା ସମ
କ୍ଷୁଦ୍ର ଆଶା ମମ ।

ବିତୃଷ୍ଣା ବିରାଗ ଗ୍ଲାନି ନୈରାଶ୍ୟ ଗ୍ରସ୍ତର
ଘୋର ଅବଶ୍ୟ... ...ସେ କେତେ ମନ୍ତ୍ର
କରିବାକୁ ମୁଗ୍ଧ ତରୁଣର ରଳାଗ୍ରାମ,
—କାହିଁ... ...?—
ରୁଦ୍ଧ ବନ୍ଧ ସମ !
ତରୁଣ ଅସ୍ଥିର ପଦେ କରେ ଯାଳି
ନୁହେଁ ନହିଁ କ୍ଷମ ।

ନ ଥିଲା ଦୁର୍ଦ୍ଦଶା ମୋର ଦେବାକୁ ବିଜୟୀ
ଜୀବନ-ଆହବେ,— ନ ପାରିବ ବନ୍ଧି —
ତେଣୁ ଯୌବନର ଦୁଃଖ ଦମ୍ଭ ବିପୁଳ
ଦୂରେ ରହି, ତୁମ ସାଦରେ ଧାଇଁଲ ଆକୁଳ !
ତୁମେ ଶୈଶବ ଦୁର୍ଦ୍ଦଶାସନ୍ଧ ପରି
ଦୂରେ କାହିଁ ଗଲ ଅପସରି !
ମୋର ଶିଶୁ ସାଥି,
ବନ୍ଧୁ ମୋର ଅବଶ୍ୟାସ ବିଗନନ୍ଦ ରତ୍ନ !

× × ×

ବୁଝୁଛି ଅତୃପ୍ତ ତୁମେ ଆସେ,
—ଅବା ଦୁର୍ଦ୍ଦିନର ଅଭିଶାପ—
ବନ୍ଧୁ ମୋର ! ମୋ ସମୀପେ କରୁ... ଭିକ୍ଷା,
ହଅ ଗୋ ତରୁଣ ! ତବ ତାରୁଣ୍ୟର ଶିକ୍ଷା
ତରୁଣର ଶିକ୍ଷା ଲାଗି ଅକୁଳ ଅଶାନ୍ତ,
କହୁଅଛ ତୁମେ ମୋତେ 'ଭ୍ରାନ୍ତ !'
"କେବଳ ଶୈଶବ କାହିଁ ସମସ୍ତି ? ଆନନ୍ଦ ?
"ଶୈଶବର ସରଳତା ଦେ... ...
ଜୀବନର ଛନ୍ଦ ?
"ଶୈଶବ ସରଳ ମତେ ଜୀବନ ପ୍ରସ୍ଥିତା
"ଆବଦ୍ଧ କରିବା ସେତ ପୂର୍ଣ୍ଣ ଏକ ବ୍ୟଥା ।

“ଆପଣା ପ୍ରକାଶ ଲାଗି ଶୈଶବ ଯୌବନ”
“ଅମ୍ମ ଟଙ୍କ ତୃପ୍ତି ମୋର ଏ ଖଣ୍ଡ ଜୀବନ !
“ଦେଖି ନାହିଁ କବା ମୋର ଶେଷ,
“ମାନ ଜୀବନର ଏତେ ଏତେ ସୁଖ କ୍ଲେଶ,
“ସକଳ ମୋ ବ୍ୟବହାର୍ଯ୍ୟ, ଜାତ୍ୟ ଆବଶ୍ୟକ,
“ସୁନ୍ଦର ମୁଁ ସକଳର ହେବ ନିୟାମକ,
“ମେଣ୍ଟ ମୋର ଏକଇ ବାସନା !
“ତାହା ବିନ ସକଳ ଛଳନା”

× × ×

ଆଜ ମୋର ଶିଶୁ ସାଥୀ ଶର ଅନ୍ତରର
ଥାଅ ପଛେ ଦୂରେ, ମୋତେ କଳ୍ପନାହିଁ ପର,
ତୁମର ଆଲୋକ ବକ୍ଷ ଚଳିବ ମୁଁ ଏକା
ଦୁର୍ବୋଧ୍ୟ ସଂସାରେ, ଜଳେ ଥାଉ ଯାହା ଲେଖା ।

ତୁମର ଆନନ୍ଦ ମୋର ଅନ୍ତର ପାଥେୟ,
ତାକୁ ଯେନ ଭ୍ରାନ୍ତ ଦୁଃଖ ସବୁ ଯେତେହେଁ ହେସୁ
ସେ ଆନନ୍ଦ ଆଦର୍ଶ ସଙ୍ଗୀତ,
ଯା'କୁ ହେନ ତତ୍ତ୍ୱ —
ମାନବ ହୃଦୟୁ ଭେଷ ଟାଏ ଦେଖି
ଚୌଦିଗର ତନ୍ତ୍ର,
ଆନନ୍ଦ, ଆନନ୍ଦ ଶିଶୁ ସାଥି !

●

ଉତ୍କଳ-ସାହିତ୍ୟ,
୩୭ଶ ଭାଗ, ମାର୍ଗଶିର ୧୩୪୦, ୮ମ ସଂଖ୍ୟା

# ସେ ଦେଶେ ଯିବି

ଯହିଁ  ସଂଧ୍ୟା ସ୍ନିଗ୍ଧ ଅଳସ ନୟନେ ସ୍ୱପ୍ନେ
ଯହିଁ  ମଳୟ ଅସୀମ ପ୍ରଣୟର ଗୀତ ଗାଏ ।
ଯହିଁ  ନିତ୍ୟ ନବୀନ ଯୌବନ ବୀଣା ବାଏ,
ସେ ଦେଶେ ଯିବ ମୁଁ ସେ ଦେଶେ ଉଡ଼ି ।

ଯହିଁ  ଗନ୍ଧ ବକୁଳ ସମୀରଣ ପଡ଼େ ଝରି,
ଯହିଁ  ହୋସେନ ହେନାର ନିଶ୍ୱାସ ଉଠେ ଭରି ।
ଯହିଁ  ନିତ୍ୟମୁକ୍ତ ନବୀନ ପ୍ରଣୟ ତରୀ,
ସେ ଦେଶେ ଯିବ ମୁଁ ସେ ଦେଶେ ଉଡ଼ି ।

ଯହିଁ  ସଂଧ୍ୟା ପବନେ ଗୋଲାପ ପଡ଼େ ନା ଛୁଟି
ଯହିଁ  ସେଫାଳିବକୁଳ ମାଳତୀ ମଲ୍ଲୀ ଫୁଟି ।
ଯହିଁ  ନିତ୍ୟ ପ୍ରଣୟ ସମୀରଣ କରେ ଲୁଟି,
ସେ ଦେଶେ ଯିବ ମୁଁ ସେ ଦେଶେ ଉଡ଼ି ।

ଯହିଁ  ଅକାଳରେ ଥରେ ବନେ ତ ନାହିଁ ଖରେ ଶୀତ,
ଯହିଁ  ପ୍ରଣୟୀ କଣ୍ଠୁ ପ୍ରଣୟିନୀ ଶୁଣେ ଗୀତ ।
ଯହିଁ  ନ ଫେରଇ ଆଖି କ୍ଲାନ୍ତ ହୃଦୟ ଚିତ,
ସେ ଦେଶେ ଯିବ ମୁଁ ସେ ଦେଶେ ଉଡ଼ି ।

ଯହିଁ  ଶ୍ୟାମ ପ୍ରାନ୍ତରେ ଯହିଁ ରହେ ଘାସ ଫୁଲ,
ଯହିଁ  ପ୍ରଣୟର ଗୀତେ ଉଛୁଳେ ତଟିନୀ କୂଳ ।
ଯହିଁ  ନିର୍ଜନ ବନେ ନାହିଁର ବୀଣା ତୁଳ,
ସେ ଦେଶେ ଯିବ ମୁଁ ସେ ଦେଶେ ଉଡ଼ି ।

ଯହିଁ ସମୀରଣ ଗାଏ ଗନ୍ଧ ପରାଗ ବୋଳି,
ଯହିଁ ପ୍ରଣୟୀ ସହିତେ ପ୍ରଣୟିନୀ ଖେଳେ ହିନ୍ଦୋଳି ।
ଯହିଁ ପାଦପ ଲତାରେ ଝୁଲଇ କୁସୁମ ଖୋଲି,
ସେ ଦେଶେ ଯିବି ମୁଁ ସେ ଦେଶେ ଉଡ଼ି ।

ଯହିଁ ସଂଧ୍ୟା ଗଗନେ ଝୁଲଇ ଇନ୍ଦ୍ରଧନୁ,
ଯହିଁ ଭାସିଆସେ ନବ କେକୀ କଣ୍ଠ ବେନୁ ।
ଯହିଁ କୋମଳ ସୁରଭି ମଞ୍ଜୁଳ ପଢ଼େ ମନୁ,
ସେ ଦେଶେ ଯିବି ମୁଁ ସେ ଦେଶେ ଉଡ଼ି ।

ଯହିଁ ସ୍ୱର୍ଗ ମର୍ତ୍ତ୍ୟ ଅସୀମାନନ୍ଦେ ନନ୍ଦନ,
ଯହିଁ ମୁକ୍ତ ପ୍ରଣୟ ମାନେ ନାହିଁ ବାଧା ବନ୍ଧନ ।
ଯହିଁ କ୍ଲାନ୍ତ ବିଷାଦ ନମାନି ଝରଇ ଚୁମ୍ବନ,
ସେ ଦେଶେ ଯିବି ମୁଁ ସେ ଦେଶେ ଉଡ଼ି ।

ଯହିଁ ଗଗନେ ପବନେ ଅସୀମ ସ୍ୱପ୍ନଭରା,
ଯହିଁ ନାହିଁ କୋଳାହଳ ବ୍ୟଙ୍ଗ ତୀବ୍ର ଖରା ।
ଯହିଁ ମୂର୍ଚ୍ଛନସ୍ୱନେ ପ୍ରଣୟ ଆତ୍ମହରା,
ଯହିଁ ମଦିର ଗନ୍ଧେ ଯୌବନ ଢଏ ଧରା ।
ସେ ଦେଶେ ଯିବି ମୁଁ ସେ ଦେଶେ ଉଡ଼ି ।

ଉତ୍କଳ ସାହିତ୍ୟ,
୨୯ଶ ଭାଗ, ବୈଶାଖ ୧୩୩୨, ୧ମ ସଂଖ୍ୟା

# ସବୁଜ ବନ୍ଧୁ ପ୍ରତି

ଜୀବନଟା ତ ସଂଗ୍ରାମରେ ଭାଇ,
କାହିଁକି ଦୁଃଖେ ହତାଶେ ରହୁ ଲୁଚି ?
କାହିଁକି ପୁଣି ହେଉ ତୁ କ୍ଷୁଣ୍ଣ,
ସତ୍ୟ କେବେ ହୁଏଇ ଚୂର୍ଣ୍ଣ ?
ସତ୍ୟକୁ କରେ ପରାଜୟ
ଏପରି ଶକ୍ତି ନାହିଁ
କାହିଁକି ଦୁଃଖେ ହତାଶେ ରହୁ ଲୁଚି ?
ନବୀନ ତୁହି, ତରୁଣ ତୁହି
ଆଲୋକ ରେ ସାଥୀ ।
ଦୁର୍ଦିନେ ଥରେ ବଜ୍ରସ୍ଫୁଲ୍ଲାସେ
ଉଠିବୁ କରେ ମାତ ?
ସକଳ ଶାନ୍ତି, ସକଳ ଜଗ,
କାହିଁକି ଲୁହେଁ ପଡେ,
ଅର୍ଦ୍ଧ ମୃତ କେବେ କି କାହିଁ
ସବୁଜ ସୃଷ୍ଟି ରଚେ ?
ଖୋଜେ ଯେ ପଥ, ଧରେ ସେ ଟାଣି,
ନିର୍ବିକାରେ ଯାଅରେ ହାଣି,
କହ ନିର୍ଭୀକ ଯାଏଁ ମୁଁ ଯାତ୍ରୀ
ସତ୍ୟ ଗୀତ ଗାଇ,
ଯୌବନକୁ ଦଳଇ କା’ ଏମନ ଶକ୍ତି କାହିଁ ?
ଯୌବନ ସଂଗୀତ—
ଆଜ, ଆମର ପ୍ରାଣେ ବାଜୁଛି ଶତ ବ୍ୟଥା,
ତେଣୁ ଗୋ ଏତେ ଉଦାସେ ଚଞ୍ଚଳତା !
ଅର୍ଯ୍ୟାଚନ ଦିଆ ଖଗ
ଲଭିଛି ଆଜି ଜୀବନେ ପଗ,

କାହିଁରେ ଯାଇ ବୁଡ଼ିବ ଜଗ
ଅଶ୍ରୁସିକ୍ତ କଥା,
ଆମର ପ୍ରାଣେ ବାଜୁଛି ବିଶ୍ୱବ୍ୟଥା !
ଯୌବନରେ ! ଉଚ୍ଛୃଙ୍ଖଳ !
କାହିଁକି ଆଜ କ୍ଲାନ୍ତ ?
ଅମୃତ ସେ ନିର୍ଝର କି
ହୁଅଇ କେବେ ଶାନ୍ତ ?
ମୃତ୍ୟୁ ! ମୃତ୍ୟୁ ! କାହାର ମୃତ୍ୟୁ !
କାହାକୁ ପୁଣି ଭୟ ?
କେମନେ ସହି ରହିବୁ ଅବା—
ସତ୍ୟ ପରାଜୟ ?
କହରେ ହସି ଯୌବନକୁ
କରଇ କିଏ ଚୂର୍ଣ୍ଣ !
ଯୌବନ ମୋ ନିତ୍ୟଶକ୍ତି,
ଯୌବନ ମୋ ପୂର୍ଣ୍ଣ !
ଯୌବନକୁ ବୁହାଇ ବକ୍ଷେ
ନେବୁଁ ଗୋ ବିଶ୍ୱବ୍ୟଥା,
ତେଣୁ ଗୋ ଏବେ
ଚରଣେ ଚଞ୍ଚଳତା !
ଚୂର୍ଣ୍ଣ ମିଥ୍ୟା ! ଚୂର୍ଣ୍ଣ ଜରା !
ମରଣ ପାଶେ ନ ଦେଇ ଧରା !
ମିଥ୍ୟା ପାଶେ ଉନ୍ନତ ଏ ମଥା,
ଆଜ ଆମର ପ୍ରାଣେ
ବାଜୁଛି ବିଶ୍ୱବ୍ୟଥା !

ଉତ୍କଳ ସାହିତ୍ୟ,
୨୯ଶ ଭାଗ, ଆଷାଢ଼ ୧୩୩୨, ୩ୟ ସଂଖ୍ୟା

# ବର୍ଷା ସାଥୀ

ତାର କନକ ଆଖି, ତାର କଜଳ ଆଖି
ଝର ଝର ବରଷାରେ ଯାଉଛି ଡାକି ।
କାତାଯୂନ ପଥେ ଦୂର ଶୂନ୍ୟ ବେଳାକୁ ଚୁହିଁ
ନୀରବ ନୟନ ତାର ଗାଉଥିଲା 'ନାହିଁ' 'ନାହିଁ',
'ଅସ୍ତ ଗଲେଣି ରବି ମନ୍ଦିରେ ଆସେ ନାହିଁ'
ହତାଶ୍ ପବନ ତାର ସାକ୍ଷୀ ଗୋ ।
ତାର କନକ ଆଖି
ଝର ଝର ବରଷାରେ ଯାଉଛି ଡାକି ।

ଝାଉଁବନେ ଶୁଭୁଥିଲା ତା'ର ସମବେଦନାର
ହାହାକାର କରୁଣ ଶ୍ୱାସ
ଭବ ଲହରୀ ଗୀତେ ସିନ୍ଧୁ ଅସୀମ ପାରେ
ତା ବେଦନା ମିଳନ ଆଭାସ ।

ପକ୍ଷୀ ଗୀତେ ଲଗିଥିଲା ତା ହାତାଶ 'ନାହିଁ, ନାହିଁ'
ନଭେ ରୂପ ମଳିନ ସୁଷମା
ସଜଳ ପୟୋଧର ମଳିନ ଇନ୍ଦୀବର
କହେ ତା'ର ନୟନ ଉପମା ।

ବେଳାଞ୍ଚଳ କେବେ ଆସି ପୋଛୁଥିଲା ଲୁହଧାର
ଚଞ୍ଚଳ ଇଙ୍ଗିତରେ ଚୂର୍ଣ୍ଣି ଚକୁର ସାର
ମରମ ପରଶି ତାର ଯୌବନ ହାହାକାର
ଛନ୍ଦେ ମୋ ରହିଗଲା ଲଖି ଗୋ,
ତାର କଜଳ ଆଖି
ଝର ଝର ବରଷାରେ ଯାଉଛି ଡାକି ।

●

ଉତ୍କଳ ସାହିତ୍ୟ
୨୯ଶ ଭାଗ, ଶ୍ରାବଣ ୧୩୩୨, ୪ର୍ଥ ସଂଖ୍ୟା,

# ଛିନ୍ନ ପୁଷ୍ପ

ଦୂରର ଯା' ତର ଅନ୍ତରେ ଅନୁଭବ,
ସେହିତ ରକ୍ତ ଜୀବନର ଗଉରବ ।
ସେଥିଲାଗି ସିନା ଆଶା-ଶତଦଳ
ଯୌବନ ଲୁଟିହ ଶୁଭ୍ର କମଳ;

ନ ଥାଏ ପରାଣେ ଶତ ବାସନାର ରବ,
ଦୂରର ଯା' ତର ଅନ୍ତରେ ଅନୁଭବ ।

ଶାନ୍ତ ମଧୁର ଶାରଦ ଗଗନ
ମୁକ୍ତ ଶ୍ୟାମଳ ପ୍ରାନ୍ତର,
ପବନ ମେଳେ ଆନନ୍ଦ ଗୀତ
ନୀରବେ ପରଶେ ଅନ୍ତର ।

ସନ୍ଧ୍ୟା-ଗଗନ ମନୋହର ଆଜ
ଆଶାର ରକ୍ତେ ରଞ୍ଜିତ,
ଜୀର୍ଣ୍ଣ ଏ ବୀଣା ତାରନକୁ ଛୁଇଁ
ଗାଇବ କି ଆଜ ସଙ୍ଗୀତ ?

ହଣ୍ଟୁର ଶତ ଶତ କ୍ଷତ ବ୍ୟଥା
ତର ଜୀବନର ଯେତେ ବିଫଳତା

ଧନ୍ୟ ସକଳ, ଶୋଚନା ନାହିଁ ତ ଲବ,
ଦୂରର ଯା ତର ଅନ୍ତରେ ଅନୁଭବ ।

ଆପଣାର ବୋଲ ରଖିଛୁ ଯା'ହା ମୁଁ ପ୍ରାଣେ
ଦେଇପାରେଁ ମୁଁ ଗୋ ଦେଇ ପାରେଁ ଗାନ ଗାନେ
ଦେଇ ପାରେଁ ତାହା ମଜଳ ନୟନେ
ଚିରନ୍ତନ ଲାଗି, ଶୂନ୍ୟ ଏ ମନେ
ନ ବୁଝିବ ପଥ ଆଜ ଆଶା —ଅନ୍ଧମାନେ,
ଆପଣାର ବୋଲ ରଖିଛୁ ଯାହା ମୁଁ ପ୍ରାଣେ ।
କହୁ ନାହିଁ ମୁଁ ତ ସେ ଅସୀମ ସୁଖେ
ଦେବ ବୋଲି ଖାଲି ଭରି,
ନଅ, ନଅ, ଆଜ ଆଦରର ଧନ

ଜୀବନ ରହେ ଯା' ଲାଗି ।
ଜାଣିଛୁ ମୋହର ଶୂନ୍ୟ ଆସନ;—
ଗଗନ ପବନ ଅଭି
ନ ଡାକିବେ 'କବ', କୁସୁମ କାନନ
ନ ଉଠିବ ଆଜ ଭରି ।
ଶେଷ ଦାନେ ମୋର ପୂର୍ଣ୍ଣ ଜୀବନ
ସନ୍ଧ୍ୟାର ସ୍ୱଗ କମଳ ଯେସନ,
ପୂର୍ଣ୍ଣ ମୋ ସୁଖ ଜୀବନର ବ୍ୟବଧାନେ
ଦେଇପାରେଁ ମୁଁ ଗୋ ଦେଇପାରେଁ ଗାନଗାନେ ।

●

ସକଳେ ଗଲେଣି ଆପଣାର ଗୀତ ଗାଇ,
ସିନ୍ଧୁ ସେପରେ ଖାଲି ମୁଁ ରହିଛି ସହିଁ ।
ଛଳ ଛଳ ମେଘ ସନ୍ଧ୍ୟା ଗଗନେ
ଉନ୍ମନ ପକ୍ଷୀ ବ୍ୟାକୁଳ ନୟନେ,
ଯିବ ବୋଲି କେବେ ପଚାରିଲେ, ହସି
କହୁଛ ତ "ନାହିଁ, ନାହିଁ",
ସକଳେ ଗଲେଣି ଆପଣାର ଗୀତ ଗାଇଗାଇ ।

କାହାପାଇଁ ସେଇ ମୁଗ୍‌ଧ ନୟନ ବେଣ ?
ଇନ୍ଦ୍ରଧନୁର ସରଗ ସୁଷମା ଯେଣ—
କାହିଁକି ନୀରବ ପ୍ରଣୟର ଆକୁଳତା ?
ପ୍ରତିଦାନେ ମୋର ଶତ ବିଫଳତା ବ୍ୟଥା;
କାହିଁକି କହୁଛ "ଯାଅ ନାହିଁ", "ଯାଅ ନାହିଁ",
ସିନ୍ଧୁ ସେପାରେ ସନ୍ଧ୍ୟା ତାରକା
ଗଲାଣି ତା ଗୀତ ଗାଇ ।

କହ ତେବେ ମୁଁ କି ଅବସାଦେ ମରି
ଗାଇବି ଯେସନେ ସିନ୍ଧୁ ଲହରୀ,
ତୁମ ପାଶେ ନିତି ? ପରାଣ ଆକୁଳ
ଚିର ଅବକାଶ ପାଇଁ !
କାହିଁକି କହୁଛ "ଯାଅ ନାହିଁ" "ଯାଅ ନାହିଁ" ।

●

ଜଳଜ ମେଘର ଶୀତଳ ପବନ ଲଗିଲା,
ମୋର, ଛିନ୍ନ ପରାଣେ ପୀରତିର ବ୍ୟଥା ଜାଗିଲା,
ବହୁ ଦିବସର ସଞ୍ଚିତ ଲୁହ ଧାରା ସେ
କାହାର ଆଘାତ ଆଜ ଗୋ ପରାଣ ପରଶେ !
ଆକୁଳ ମୋର ଏ ଯୌବନ କଳା
ବରଷା ଦୁଆରେ ମାଗିଲା
ଶୀତଳ ପବନ ଲଗିଲା । ୧ ।

ସେଦିନ ତ ମୋର ଦୁଆରେ ଆକୁଳ ବରଷା
ସେଦିନ ତାର ଝରିଲା ପୀରତି ଭରସା,
ସେଦିନ କବିତା ଛନ୍ଦ ଦେଇ ମୁଁ ମେଲି ଗୋ
ସେଦିନ ପବନେ ଆଲୋକ ଆଶାରେ ଖେଳି ଗୋ ।
ଇନ୍ଦ୍ରଧନୁ ସେ ଯୌବନ ପଟେ !
ନିଭିଗଲା ନାହିଁ ସହସା,
ଦୁଆରେ ଆକୁଳ ବରଷା । ୨ ।

ଯାଉଛି ଆଜ ତ ଯୌବନ ମୋର ସୁଷମ,
ମଳୟ ଲହର ବିଜୟ-ମାଲ୍ୟ ଭୂଷଣ
ରିକ୍ତ ଜୀବନେ ନାହିଁ ନାହିଁ ଲଭିଲେ ବେଦନା !
ନାହିଁ କଳ୍ପନା ! ସେଲାଗି ନୁହଇ ଶୋଚନା;
ଯାଉଛି ଯା କହିଁ ଛୁଇଁଯାଏ ହୃଦ
ବରଷାରେ ? ସେ ମୋ ଦୂଷଣ
ଯୌବନ ମୋର ସୁଷମ । ୩ ।

●

ଶୀଉଡ ଆସିଲି ଅଧରେ ମୁରଲୀ ଧରି,
ବେଳ ଲାଗେ ତାର ପ୍ରଭାତ ଗୋଲାପ କଳି,
ଗୋଲାପର ହାର ତା ଶିର ଭୂଷଣ,
ତା ବେଣ ନୟନେ ମୁଗ୍ଧ ଭୁବନ;
ବଡ଼ ଚପଳ ସେ ତନୁ ଉଠୁଥିଲି ଥରି,
ଶୀଉଡ ଆସିଲି ଅଧରେ ମୁରଲୀ ଧରି । ୧ ।

ତା' କଟି ମେଖଳା କର କଙ୍କଣ
ଶୋହୁଥିଲା କେତେ ଫୁଲର
ଆଶା ଅରବିନ୍ଦ ଫୁଟୁଥିଲା ଆହା,
ତା ପାଦ ପରଶ ଭୁଲେ ।
ତାକୁ, ଦେଖିଦେଲେ ଥରେ ସବୁରି ମନ ତ ଭୁଲେ;
ଶୋହୁଥିଲା କେତେ ଫୁଲେ । ୨ ।

ଛଳଛଳ ମେଘ ସୁଦୂର ଆକାଶୁ
ତା ରୂପେ ପଡ଼ିଲା ନଇଁ
ଝଲସି ଉଠିଲା ମହି !
ଅବନତ ତନୁ କାନେ କାନେ କବା,
ସମୀରଣ ଗଲା କହି,

ଗାଇଲା ସେ ଗୀତ, କହିଲା ଅପଥା—
କହ କହ ମୋର ଅନ୍ତର ବ୍ୟଥା
ତାର, ଅଧରୁ ରକତ ଥୋପି ଢେଉଥିଲା,
ମଣ୍ଡୁଥିଲା ଗୀତ ସ୍ୱର,
ପୀରତି ଆସିଲା ଅଧରେ ମୁରଲୀ ଧରି । ୩ ।

ଜୀବନଟାକୁ ସେ ଗାଇଲା ପୀରତି—
ସୁଖ ଆନନ୍ଦ ଛନ୍ଦେ,
ଡାକିଲା ସେ ଲାଗି—ଭରିଦେବ ଆଶ ।
ମର୍ତ୍ତ୍ୟ କୁସୁମ ଗନ୍ଧେ,
ଚାହିଁକି ଆକୁଳ ନୀରସ ଭୁବନ ବନ୍ଧୁ ?
ଝରଇ ଗଗନୁ ନୀରବ ପୀରତି
ରାଗିଣୀ ମନ୍ଦେ ମନ୍ଦେ ।
ପୀରତି ବୁଝିଲା ନାହିଁ ମନ କଥା !
ଗଭୀର ହତାଶେ ନୁଆଁଇଲା ମଥା,
ବହିଗଲା ଲୁହ, ଆଖିରେ ଝଳିଲା ।
ଲୋଟନ୍ତ ଧୂଳିରେ ମରି,
ପୀରତି ଆସିଲା ମଧୁର ମୁରଲୀ ଧରି । ୪ ।

ଉତ୍କଳ ସାହିତ୍ୟ,
୨୧ଶ ଭାଗ, ୬ଷ୍ଠ ସଂଖ୍ୟା, ଆଶ୍ୱିନ, ୧[illegible]

# କବି ପ୍ରେୟସୀ

ପ୍ରିୟତମ ! କେତେ ପ୍ରୟାସ କରୁଛି
ତୁମରି କବି,
ଭାଇବ ସେ ଗୀତ ଲେଖିବ ବୋଲି ମେ
ମୋହନ ଛବି,
ପାରେ ନାହିଁ ଅଗୋ ପାରେ ନାହିଁ ଥରେ
ନତ ନତ ମ୍ଲାନ ଅବଜ୍ଞା ଭରେ,
ନିରାଶାରେ ତୁଳି ନିକ୍ଷେପିଛି ଗୋ
ଯାଇଛି ଦୂର,
ପ୍ରିୟତମ ! କେତେ ପ୍ରୟାସ କରୁଛି
ତୁମରି କବି ।

କହିବ କି କେବେ ହେବ ଗୋ ପୂର୍ଣ୍ଣ
ଏଇ ଛବି, ଏଇ ଗୀତ ?
ନିମେଷ ମଧୁର ସ୍ପର୍ଶେ ମୋତର,
ହର ଏ ତରୁଣ ଚିତ୍ତ ।

ସେଦିନ କେବଳ ପାଇବ ଜୀବନେ !
ଆଜି ନୁହେଁ କିଛି ? କାହିଁକି ପରନେ,
ଧରୁଛି ଏ ବୀଣା ? ତରଳଇ ନହିଁ ।
ପ୍ରାଣ ପଥ !
ପ୍ରିୟତମ ! କେତେ ପ୍ରୟାସ କରୁଛି ତୁମରି କବି ।

ପାଶୋରିବ ବୋଲି ବିଫଳ ଜୀବନେ
ଖୋଲଇ ଅଧରୁ ଥର,
କାହିଁ ପାଇଁ ପୁଣି ଯଉବନେ ବାଜେ
ତଥିର କରୁଣ ସ୍ୱର ?

କାହିଁକି ଗଗନେ ହସଇ ସନ୍ଧ୍ୟା ?
ଫୁଟଇ ମଲ୍ଲୀ ରଜନୀ ଗନ୍ଧା
ମୁଁ ଗୋ ଶୂନ୍ୟତା ମେଳେ ରଚଇ ସ୍ୱପନ,
ନିତି ନିତି ପ୍ରୀତିଭର,
ପାଶୋରିବ ବୋଲି ଖେଳଇ ଥରକୁ ଥର ।
ମୁଁ ଗୋ, ଶ୍ରାବଣ ରଜନୀ ସ୍ପର୍ଶେ ହୃଦୟ
କରଇ ଅଶ୍ରୁସିକ୍ତ,
କ୍ଷିପ୍ର ସମୀରେ ଚପଳା ହାସ୍ୟେ
କହଇ "ରିକ୍ତ ! ରିକ୍ତ" !
ଏ ଜୀବନେ ଯାହା ନୁହଁଇ ହେବାର,
ବିଫଳ ତା ଲାଗି ଏତେ ହା ହା କାର ।

ହତାଶର ଗୀତେ ପୂର୍ଣ୍ଣ ଜୀବନ
ସେ ଅଶାନ୍ତି ମନୋହର,
ପାଶୋରିବ ବୋଲି ଖେଳଇ ଥରକୁ ଥର ।

●

ସେ ତ, ଆସିଥିଲା ଦିନେ ଏମନ ନୀରବ ରାତିରେ,
ମୋର, ତରୁଣ ମନଟି ଅଧୀରେ ଉଠିଲା ମାତିରେ ।

ଆସିଲା ଯେସନେ ନିଶାର ସ୍ୱପନ,
ଲୋତକ ପୂରିତ କଜଳ ନୟନ,
ସେବା, ମଳିନ ମଳୟ କୁସୁମ ବେଦନା
ବହି ଆଣିଥିଲା ଗୀତରେ ।
ଆସିଥିଲା ଦିନେ ଏମନ ନୀରବ ରାତିରେ ।
କେଉଁ ବିରହୀର ରୁଦ୍ଧ ଦୁଆରେ,
ଡାକିଲା ଚକୋର ଉଦାସୀ,
ଅବୋଧ କଜଳ ପାତି କାହା ପାଶେ
ଘନ ଘନ କଲା ଗୁହାରି,

ଝଙ୍କଳ ତୋଳନା—ଚାଳିଲା ସେ ମୀର ।
କୋମଳ ହୃଦୟ ହେଲା ତା ଅଧୀର,
କହିଲା "କହ ଗୋ, ଗାଇବ କି ଥରେ
ବକ୍ଷ-ବେଦନା କଣ୍ଠରେ ?"
ଛୁଇଁଲ ବୀଣାର କରୁଣ ତାରଟି
ଝରିଲା ଗଗନୁ ଲୋତକ,
ବସିଥିଲା ପାଶେ ପାଷାଣ, ପବନେ
ଉଡୁଥିଲା ତାର ଅଳକ ।

ଥିର ହେଲା ଗୀତ, କରି ହାହାକାର ।
କଣ୍ଠହାର ସେ ଦେଲା ଉପହାର,
ଶୂନ୍ୟେ ମିଶିଲା—ହତାଶ ଯେସନେ—
ତାରକଳ୍ପନା ସାଥିରେ
ଆସିଥିଲା ପାଶେ ଗଭୀର ନୀରବ ରାତିରେ ।

●

ନିତି ନିତି ବସି ଭ୍ରମରୁ ବରଦ
ଅଶ୍ରୁରେ ଉଠେ ହାର,
ଏତିକି ମୋହର ଜୀବନର ଭୁଲି
ଅନ୍ତିମ ଉପହାର ।

ପାଇବାକୁଁ ଆଜ କଷ୍ଟ ତ ଜୀବନେ,
ଭରମିଛୁ କେତେ ତରୁଣ ସପନେ,
ସକଳ ହର୍ଷେ ସୁଖେ ଆନନ୍ଦେ
ବାଜି ଉଠେ ହାହାକାର,
ଅଶ୍ରୁରେ ଉଠେ ହାର ।
ଏକଇ ଜୀବନ ସଫଳ ଗୋ ମୋର
ତନ୍ତ୍ରୀଁ କରା ନଭ ଦାନ,
ମୁଁ ତ ଲୁଟାଇ ଦେଇଛୁ ସକଳ ମମତା,
ଶୁଣିବ ବୋଲି ସେ ବାଣୀ ।

ମୁକ୍ତି ପବନେ ବଢ଼ାଏ ମୋ କର,
କହେ ପ୍ରିୟତମ ସମାଦରେ ଧର,
ଜୀବନର ଏଇ କଣ୍ଟକ-ପଥେ
ଛିଣ୍ଡିଯାଏ କ୍ଷୀଣ ତାର,
ଅଶ୍ରୁରେ ଭରେ ହାର ।

ତରୁଣ ପରାଣେ ଲାଗିବ କେବେ ସେ
ଅରୁଣ ଗାନ,
ଫୁଟିବ କମଳ ଭାଙ୍ଗିବ ଗଭୀର
ସୁପ୍ତି ଧ୍ୟାନ ।

ଜୀବନର ଉଷା ହେବ ସୁମଧୁର,
ପୀୟୁଷପୂର୍ଣ୍ଣ ପରାଣ ଆତୁର,
ଅଳସ ନୟନ ମଧୁର ସ୍ୱପନ
ନୀରବ ପାନ,
ଲାଗିବ କେବେ ସେ ଅରୁଣ ଗାନ ।
କହିବ ସେଦିନ ଅନ୍ତର ଫେଡ଼ି
କହିବି ମୁଁ ମୁଖେ ସବୁ,
କେଉଁ ଆଶା ଭରି ଜୀବନର ଶତ
ଦୁର୍ଦ୍ଦିନ ଯାଏ ବହି ।

କହିବ କାହିଁକି ଧରିଛି ଜୀବନ,
ଭରିଛି ଉଦାସେ ଛନ୍ଦ ସ୍ୱପନ,
ଆବିଳ ମରତେ କର୍ଦ୍ଦମେ ପାପେ
ହୋଇଛି କେସନେ ଭାଗ୍ୟବାନ,
ଲାଗିବ କେବେ ସେ ଅରୁଣ ଗାନ ।

ଉତ୍କଳ ସାହିତ୍ୟ,
୨୯ଶ ଭାଗ, ପୌଷ ୧୩୩୩, ୯ମ ସଂଖ୍ୟା

# ଶ୍ରାନ୍ତ ଭ୍ରମଣ

କେତେ ଗୋ ସନ୍ଧ୍ୟା ମଞ୍ଜୁଳ ଗଳ୍ପିଛି କୁସୁମ ଘର,
ଅବା ଯଜ୍ଞବନେ ତରଳ ପୀରତି ବାସନା ସଙ୍ଗ ।
ଦେଖିଛି ଶଇଳ ସେପାରେ ତପନ ଯାଉଛି ବୁଡ଼ି,
ବନ ବିହଙ୍ଗ କେତେ କଳରବେ ଯାଆନ୍ତି ଉଡ଼ି ।

ଶୁଣିଛି ମିଳନ ମାଧୁରୀ ପୁଲକେ ଚକୋର କଥା,
ପୁଣି ସବୁ ସୁଖେ ବାଜଉଠେ କ୍ଷୀଣ ନୀରବ ବ୍ୟଥା ।
ଦେଖିଛି ବସି ମୁଁ ବାରୁଣୀ ସକାଳ ତରଳ ହାସ,
ଅନୁଭବିଛି ଗୋ, ସନ୍ଧ୍ୟାର ସୁଖ ବିରହ ତ୍ରାସ ।

ମାତର ଏ ମୋର ଶୂନ୍ୟ ହୃଦୟ ! ଶାନ୍ତି କାହିଁ ?
ମୋର ବିଫଳତା ଖିନ୍ନ ବିଷାଦ ଭ୍ରମଣ ପାଇଁ ?
ପୋଛି ଲୁହଧାର କେବେ ଖାଣାଘର ହଏ ମୁଁ ଭୋଳ,
ତୁମେ ସେ ଖାଣାଟି ବନ୍ଦିନେବ ଅବା ଶୁଣିବ ବୋଲି ?

ଅସୀମ ପୀରତି, ଅସୀମ ରୂପଟି ଅଙ୍ଗେ ଧରି,
କାହିଁପାଇଁ ଯାଚ "ହଅ ମୋ ଭକ୍ତ ପରାଣ ଭରି !"
ତମେ ତ ଭକ୍ତ ! କଅବା ମୁହିଁ ଗୋ ଜାଣଇ ନାହିଁ,
ଜାଣଇ ମାତର କବି ଭ୍ରମ ପାଶେ ଯିବଟି ଗାଇ ।

ଗାଇବ ବିଷାଦ-ପ୍ରତିଦାନେ ତାର ବିରହ ଦୁଃଖ,
ସନ୍ଧ୍ୟା ବାଦଲୁ ନ ହସିବ ହନେ ତୁମରି ମୁଖ ।
ତୁମରି ପ୍ରିୟ ଯେ କାହିଁକି ପରାଣେ ହଅ ତା ବ୍ୟଥା ?
କାହିଁକି ନ୍‌ଶେ ନତ କର ତାର ବିକଳ ମଥା ?

ଭବ କଳ୍ପନା ଦେଖଇ ଆଜ ସେ କୁସୁମ ବନ,
ଅସୀମ କୁସୁମ ! ଅସୀମ ଗନ୍ଧ ! ଶାନ୍ତ ମନ ।

ଗୋଲାପ ମାଳତୀ ଚମ୍ପକ ଯୂଥି ଅପରାଜିତା,
ହୋସେନ୍ ହେନାର ଗନ୍ଧ ! କହ ଗୋ ଧରଇ କି ତା ?
ମଧୁର ଜ୍ୟୋତ୍ସ୍ନା ! ପ୍ରଣୟିନୀ ସମ ଅଧରେ ଚୁମ୍ବନ,
ଆପଣା ରୂପର ଦୃଷ୍ଟି କରେଣି ହସ କି ତୁମେ ?

ତୁମେ ଅଛ ମୋର ଅବକାଶ କାହିଁ ଭୁଲିବା ଲାଗି,
ଅତୀତର କେତେ କରୁଣ କାହାଣୀ ଉଠଇ ଜାଗି ।
ତୁମେ ମ ସ୍ୱାବମା, ତୁମେ ତ ସତ୍ୟ, ତୁମେ ତ ଛାୟା !
ଏ ଭୁବନେ କହ କରଇ ଗର୍ବ ତୁମେ ତା ଛାୟା ?

ବହୁଦିନ ପରେ କହ ଯୌବନ ଆସିଛି ଫେରି,
ଅସୀମ ବେଦନା ପୀଡ଼ଇ ଆଜି ତା ପରାଣ ଘେରି ।
ଛିନ୍ନ ତା ତନୁ, ନୀଳ ଆକାଶର ବେଶଟି ତାର,
ମଳିନ—ଜୀର୍ଣ୍ଣ—ଉଦାସ ସେ ଆଜି—କି ଛାରଖାର !

ପରାଣ କ୍ଳାନ୍ତ ନିରାଶା ଅନଳ ଉଠଇ ଜଳି,
କାହିଁ ସେ ସ୍ୱପ୍ନ ! ଶର ଆନନ୍ଦ ! ନ ପାରେ କଳି ।
ତୁମେ ତ ଜୀବନେ ଦେଖାଇଲ ତାର ଅସୀମ ମାୟା,
ଏ ଭୁବନେ କହ କରଇ ଗର୍ବ ତୁମେ ତା ଛାୟା ?

ଯୌବନ ଆଜି ଆଶ୍ରୟ ଲୋଡ଼େ କୁସୁମ ବନେ,
ତୁମ ପାଖେ ପୁଣି ଶାନ୍ତ ସମୀରେ ଜ୍ୟୋତ୍ସ୍ନା ସନେ ।
ପାଇବାର ଆଶା ନାହିଁ ଆଜି ତାର ପରାଣେ କାହିଁ,
କେବଳ ବାସନା ତୁମ ପାଖେ ଖାଲି ଯିବ ସେ ଗାଇ ।

ନୟନର ପାତେ ସଙ୍ଗୀତ ତା'ର ହେବ ଗୋ ପୂର୍ଣ୍ଣ,
ମଳିନ ପୀରତି ଆଶା ଅଭିଳାଷ ଆଜି ଯା' ଚୂର୍ଣ୍ଣ ।
ତୁମେ ତ ତାହାର କଳ୍ପନା-ସାଥୀ ପରାଣ ମାୟା,
ସେ ଲାଗି ଗର୍ବ ଏ ଭୁବନେ ତୁମେ ତାହାର ଛାୟା ?

କାହିଁକି ବସୁଛ ? ଏ ବିକଳ ରୂପ ଜନରଖ ଅବା,
ସ୍ଥାନ ନାହିଁ ତା'ର ଯହିଁ ବସେ ତୁମ ରୂପର ସଙ୍ଗ ?
ଦୁର୍ବଳ ଆଜି କଳ୍ପନା ତା'ର ପଡ଼ଇ ଗଳି ?
ନାହିଁ, ନାହିଁ, କ୍ଷୀଣ ଚରଣେ ମୃଗଳ ପଡ଼ଇ ଟଳି ।

ନିଖିଳ ବିଶ୍ୱ ଦେଖୁନ୍ତି ଆଜି ଯେପ ବେଦନାଗ୍ରସ୍ତ,
ଜରା, ଶୋକ, ବ୍ୟାଧି କରନ୍ତି ଯାହାକୁ ନିତ୍ୟ ଧ୍ୱସ୍ତ ।
ବ୍ୟଥିତ ସଙ୍ଗତେ ତୁମ ଶିର କବି ବ୍ୟଥିତ ଜଣେ,
ନିରଣା ସଙ୍ଗତେ ଆପଣା ଜୀବନ ନିରଣ ମଣେ ।

ପୁଣି କହ ଦପି, ବୁଝିବାର କିଛି ନାହିଁ କି ଫଳ ?
କାହିଁକି ବିଶ୍ୱ ନସୁନେ ଆଜି ଏ ଅଶ୍ରୁ ଜଳ ?
କାହିଁକି ଦଡାଶ ସ୍ପନ୍ଦନ ବାୟୁ ଗଗନ ଘେର ?
ଅଥବା ସକଳ ସଫଳ—ଦୁଃଖେ ମୁଁ ଅସିଦ ଫେର ।

●

ଉତ୍କଳ ସାହିତ୍ୟ
୩୬ଶ ଭାଗ ବୈଶାଖ, ୧୩୩୯, ୧ମ ସଂଖ୍ୟା

# ରକ୍ତମେଘ

ରକ୍ତମେଘ ! ରକ୍ତମେଘ ! କାହିଁପାଇଁ ଆଜ ଦେଲ ଦେଖା
ରୁଦ୍ର ଭୟଙ୍କର ବେଶେ ! କର କା'ର ନୀରବ ଅପେକ୍ଷା ?

ସ୍ଫୁରିଲ ବଦନୁ ଶ୍ରମ ଅନଳ ଶୋଣିତ !
ପୁଣି କପାଁ ମନ୍ତ୍ରଣା ସଙ୍ଗୀତ !
କାହାର ଆଦେଶେ ନଭେ ଗାଅ ଧସି ହସି ରକ୍ତମେଘ,
କାହିଁ ପାଇଁ ପୁଣି ଏ ଉଦ୍‌ବେଗ ?

ଦେଖିଛି ମୁଁ ଅନ୍ୟ ଦିନେ ନୀଳାକାଶ ରହିଛ ଆବରି,
ରଚିଛ ସ୍ୱପ୍ନର ସୃଷ୍ଟି ନୀରବ ସେ ବିଶ୍ୱ କବି ପରି ।
ଅର୍ଦ୍ଧ ନିମିଳିତ ନେତ୍ରେ; ମନ୍ଦହାସେ ଅବା ଦୂରେ ରହି
କରିଅଛ ପ୍ରୀତି ଭିକ୍ଷା ଯେତେହେଲେ କାର ପ୍ରୀତି ରସେ ବାଇ ।

ସ୍ୱପ୍ନ ରାଜ୍ୟ ବିଦ୍ୟାଧରୀ ଆସୁଥାନ୍ତି ଧରି ପ୍ରୀତି ଲେଖ,
କରିବାକୁ ଅବା ନିତ୍ୟ ନବ ଅଭିଷେକ—
ଦେବତା ଅମୃତ ଜଳେ, ସ୍ୱର୍ଗ ଯାର ରହିକାହିଁ ବ୍ୟଥା,
ମାନବ ନୈରାଶ୍ୟ ପୁଣି ଯୌବନର ନିତ୍ୟ ବିଫଳତା !
ଉଡ଼ି ଯାଉଥାନ୍ତି ଦୂରେ ଦେଖିବାକୁ ସେ ଅମର ଛବି,
( ବାନ୍ଧି ନ ପାରଇ ଯାକୁ କ୍ଷୀଣ ଛନ୍ଦେ ଆମ୍ଭହରି କବି )

ଚକ୍ରବାକ ଧବଳ ବଳାକା
ବିସ୍ତୀର୍ଣ୍ଣ ଆକାଶେ, ଶ୍ରେଣ୍ୟେ, ଯହିଁ ଉଡ଼େ ପ୍ରେମର ପତାକା !
ସେ କି ଆଶା, ସେ କି ଶାନ୍ତି, ସୌନ୍ଦର୍ଯ୍ୟର ଅରୂପ ବିକାଶ !
ଘନ ବେଶେ ହସେ ଦୂରେ ଆନତ ଆକାଶ !
ଭୂ-ଧର ପ୍ରାନ୍ତର ବନ ପାରାବାର ସେହି ରୂପେ ବାଇ,
ମନୋହର ରୂପ ସେ ଯେ କାହିଁ ?

ନାହିଁ ଆଜ ସେ ସୌନ୍ଦର୍ଯ୍ୟ ସୃଷ୍ଟିର ହେମ ଶାନ୍ତ ଶତଦଳ,
ମଳୟ ଉଚ୍ଛଳ ନଭେ ଆଜ ଖାଲି ଜଳଇ ଅନଳ !
ଅମର ଗାୟକ କବି ମୌନ ଚିତ୍ରକର,
ରୁଦ୍ର ରୂପେ ସର୍ବେ ଥର ହର !

ଦେଖନ୍ତୁ ମଳୟ ନେତ୍ରେ ବିପର୍ଯ୍ୟସ୍ତ ସୌନ୍ଦର୍ଯ୍ୟର ସୃଷ୍ଟି,
ଅବସନ୍ନ ବିଶ୍ୱ ପ୍ରାଣେ ଆଜ ଘନ ଘନ ବଜ୍ର ବୃଷ୍ଟି ;
ଛଟିମାର ଶାନ୍ତଜଳ ହେଲା ଅବା ରୁଧିର ଆପ୍ଲୁତ,
ଖର୍ବ ଶୈଳ ପ୍ରତିକାରେ ଧ୍ୱଂସ ବାଣୀ ସେଥିରେ ଆଜ ଶ୍ରୁତ !
ସବୁ ଖାଲି ଅଚଳ ସ୍ତମ୍ଭିତ !
ରକ୍ତମେଘ, କନ୍ଧର କି ଶିରେ ବଦ୍ଧ କାହାର ଇଙ୍ଗିତ ?

ଦୁର୍ବଳ ମାନବ ପ୍ରାଣେ ପୁଣି ଜାଗେ ପ୍ରବଳ ପିପାସା
ଧ୍ୱଂସ ମୃତ୍ୟୁ ଶୋଣିତର ! ତୁମର କି ସେ ନୀରବ ଭାଷା ?
ସେ ନୀରବ ଗମ୍ଭୀର ଆହ୍ୱାନ !
ଅଦମ୍ୟ ମାନବ ! ଆସ, ଅବହେଳେ କର ଆତ୍ମଦାନ,

ରକ୍ତ ବିନା ଶାନ୍ତି କାହିଁ ପ୍ରାଣେ !
କାହିଁ ପୂର୍ତ୍ତି ! କାହିଁ ସ୍ଫୂର୍ତ୍ତି ! ମୁକ୍ତ କାହିଁ ଦୁର୍ବଳତା ଆଣେ !
ନରଶ୍ରେଷ୍ଠ ମାନବ-ସେନା ନେତୃ ଆଜି ଭୁଲି ସବୁ ବ୍ୟଥା,
ଆତ୍ମ ଶ୍ଳାଘା ପୂର୍ଣ୍ଣ ପ୍ରାଣେ, ସ୍ଫୀତ ବକ୍ଷେ ଉଚ୍ଚ କର ମଥା

ଜ୍ୱଳନ୍ତ ସେ ଧ୍ୱଂସ ରାଜ୍ୟ ଯହିଁ ତୁମେ କରୁଛ ସଙ୍କେତ,
ହେବାକୁଟି ତହିଁ ସମବେତ ।
ମର୍ମ ଆହ୍ୱାନେ କେତେ ସ୍ରଷ୍ଟା କବି ଶିଳ୍ପୀ ଚିତ୍ରକର,
ଫିଙ୍ଗି କଳ୍ପନାର ତୁଳି ଦାବାନଳେ ଆଜ ଜରଜର,
ଦୁଇଭେ କର ତୁମର ଆହ୍ୱାନ
ଜାଏ ପୁଣି ଜାଗ୍ରତରେ ମୃତ ବିଶ୍ୱ ପ୍ରାଣ ।

ଦଳ ଦୃପ୍ତ ପଦେ ଚାପି ନିତ୍ୟ ପ୍ରୀତି ସୌନ୍ଦର୍ଯ୍ୟ କୁସୁମ,
ଆନନ୍ଦେ କରଇ ମିଥ୍ୟା, ଅବା ମୃତ୍ୟୁ ସହଚର ଧୂମ ।
ଆଜ ସେ କୋମଳ ପ୍ରାଣୁ ଛୁଟିଲାଣି କାହିଁ ସ୍ନେହମାୟା,
କେବଳ ରୌଦ୍ରଦେ ଦିଶେ ତାକୁ ମୃତ୍ୟୁ କାୟା ।

ତୁମର ସେ ସ୍ପୃହା ରକ୍ତମେଘ !
ସୌନ୍ଦର୍ଯ୍ୟ ସ୍ରଷ୍ଟାର ପ୍ରାଣେ ଲଗାଇଛି ବିଷମ ଉଦ୍‌ବେଗ ।
ଶାନ୍ତ ପ୍ରୀତି ଶତଦଳ ! ଆହା, ଧୀରେ ପଡ଼ଇ ମଉଳି !
ଯେତେକ ଯୌବନର ଆଶା, ହାହାକାର ବିଶ୍ୱ ଉଠେ ପୂରି !
ଉଚ୍ଛୁଳେ ଶୋଣିତ ସିନ୍ଧୁ ବିପୁଳ ଅନ୍ଧାରେ;
ମୃତ୍ୟୁ ମନ୍ତ୍ର ଚଞ୍ଚଳ ପ୍ରସାରେ !

ରକ୍ତମେଘ ! ନୀଳାକାଶୁ ଧୀରେ ଧୀରେ ଯାଅ ଅପସରି,
ଜନମାର ବେଳେ ଆସେ ଦୂର ନଭୁ ପ୍ରଶାନ୍ତ ଶର୍ବରୀ ।
ବିରନେବ ବିଶ୍ୱ ସୃଷ୍ଟି ! ଯାଅ ତୁମେ ଅନିର୍ଦ୍ଦିଷ୍ଟ ପଥେ,
ନିଅ ସେ ନୈରାଶ୍ୟ ଦୁଃଖ ଚିରସାଥି ତୁମରି ସଙ୍ଗତେ ।

ପୁଣି ଏଥି ଖେଳିବ ଜୋଛନା
ଶାରଦ ସଲିଳେ, ପୁଣି ଶାନ୍ତ କଳପନା
ବିରବ ନୀରବେ ବସି ବିଧାତାର ସୃଷ୍ଟି ଧ୍ୟାନ କବି
ମୃତ୍ୟୁ ବିଭୀଷିକା ଥରେ ପ୍ରାଣେ ଅନୁଭବି ।

ଆହା ଏ ବିଶ୍ୱର କ୍ଷୀଣ ଆଶା ପ୍ରୀତି ସୁଖ ଅନୁଭବ,
କ୍ଷଣିକ କଳ୍ପନା ଶାନ୍ତ ଯେନ ନିତ୍ୟ ଲାଗୁଛି ଉତ୍ସବ ।
କାହିଁ ପାଇଁ ସେ ପିପାସା, ପୁଣି ସେ ଉଦ୍‌ବେଗ !
ରକ୍ତ ମେଘ !

●

ଉତ୍କଳ ସାହିତ୍ୟ,
୩୪ଶ ଭାଗ, ଫାଲ୍ଗୁନ ୧୩୩୭, ୧୧ଶ ସଂଖ୍ୟା

# ବିବାହ ବିଧାନ

ବିବାହ ଅରୁଣାଲୋକ ରମଣୀୟ କରେ ଦୁନ୍ଥ ଆଜ,
ଜୀବନର ନହବତ ଅଦୂର ମଣ୍ଡପରେ ଉଠେ ବାଜ ।

ସକଳ ଅନ୍ତରେ ଜାଗେ ନବ ବସନ୍ତର ଉନ୍ମାଦନା—
ସଙ୍ଗୀତେ, ଆନନ୍ଦେ, ହର୍ଷେ ଜାଗେ ନବ-ମିଳନ ଅର୍ଚ୍ଚନା ।
ଆସୀନ ବେଦିକା ପରେ ତରୁଣୀ ତରୁଣ କନ୍ୟା ବର,
ମିଳନର ସ୍ୱପ୍ନେ ଅବା ଉଦ୍‌ବେଳିତ ଦୋହିଙ୍କ ଅନ୍ତର !

ଉତ୍ସୁକେ ପୁଲକ ଗାହେ !
                    କେବା ପ୍ରାଣେ ବର୍ଷିବାର ସୁଧା !
ଉଦ୍‌ଗ୍ରୀବ ନୟନ ଅବା ପିଇବାକୁ ନୟନର ସୁଧା !…
ଏ ସକଳ କୋଳାହଳ ପରପାରେ କେତେ ସ୍ୱପ୍ନ ରଚେ,
ସର୍ବେ ଧାବମାନ, ମାତ୍ର ପାନଦେବଶେ ଜାଣି ଉଦ୍ଦେ ପଛେ ।

ଗାଏ ସେ ସଜଳ ନେତ୍ରେ କି ଭାବନା ଖେଳି ସେ ଚଞ୍ଚଳ !…
"ଏ ଗାନ ଜୀବନେ ପ୍ରଭୁ ତୁମ ବଧୂ ହୁଅଇ ସଫଳ !
ସୁଖେ ଦୁଃଖେ କୋଳାହଳେ ସେ ଚରମ ଅଲଙ୍ଘ୍ୟ ବିଧାନ,—
ସାଗର ତରଙ୍ଗ ସମ ନିରନ୍ତ ହୁଅଇ ଧାବମାନ ।

ନୀରବେ ଚଳଇ ନର…
                    ହାସ୍ୟ ମୁଖେ !…
                                        ତାର ଦିଗ୍‌ବିଜୟ ?
ବିଜୟ ଗୌରବ ତାର ?
                    ମିଥ୍ୟା …
                                        ଜଳବିନ୍ଦୁ ସମ ଲୟ—

ବିଚିତ୍ର ବିଧାନ ତବ ! ବିଚିତ୍ର ଏ କାଳ ପାରାବାରେ !
ଆଜିର ଆନନ୍ଦ ରଶ୍ମି ଲୀନ ହୁଏ ଆସନ୍ନ ଅନ୍ଧାରେ !
ତାରୁଣ୍ୟ ଭଜଇ ଲୟ ! ଛୁଇଁ ଯାଏ ଜରା ନବ ପ୍ରୀତି !
ସକଳ ନଶ୍ୱର ମେଳେ ବାଜଇ ବିଧାନ-ଜୟ-ଗୀତି !

ବ୍ୟକ୍ତିତ୍ୱର ମୋହ ଛେଦି ପ୍ରାଣ ଭୁଲେ ଖେଳ ମହାପ୍ରାଣ,
ବିଶ୍ୱଜନ କଲ୍ୟାଣର ନମସ୍କାରେ ମଙ୍ଗଳ ବିଧାନ !
ପଡ଼ି ରହିଲେ ଯେ ପଛେ ଆତ୍ମ ଅଭିମାନ କରି ସାର,
ମଙ୍ଗଳ ବିଧାନ-ବିଧି କଲେ ଯେ ବା ଦର୍ପେ ଅସ୍ୱୀକାର,

ପଡ଼ି ରହନ୍ତି ସେ ପଛେ କରି ଅଶ୍ରୁ ଶୋଚନା ସମ୍ବଳ,
ବିଶ୍ୱଜନ ନତଶିରେ ସେ ବିଧାନେ !...
ଦୀପ୍ତ ହୋମାନଳ !
ଆତ୍ମ ସମର୍ପଣ ସୁଖୁଁ ବଞ୍ଚିତ ନ ହୁଅ ! ବେଳଯାଏ !”
ଏତେ କହି ଚଳେ କବି,...
ଆପଣା ଅନ୍ଧାର ପଥେ ଗାଏ !

ଉତ୍କଳ ସାହିତ୍ୟ,
୩୮ଶ ଖଣ୍ଡ, ଜ୍ୟେଷ୍ଠ ୧୩୪୧, ୨ୟ ସଂଖ୍ୟା

# ନିର୍ବାଣ ଆନନ୍ଦ

( ୧ )

ଏ କିବା ଆଲୋକ ଜ୍ୟୋତି ପରମ ଆନନ୍ଦ,
ଯା ପରଶେ ଯାଏ ଦୂର ତମ-ମାୟାବନ୍ଧ ।
ମୁକ୍ତିର ସଙ୍ଗୀତ ସ୍ୱରେ ନନ୍ଦିତ ଅନ୍ତର,
ଶୁଣେ ଅମୃତର ଡାକ ମରଣ ଗହ୍ୱର ।

ଆନନ୍ଦ, ଆନନ୍ଦମୟ ସକଳ ଭୁବନ,
ବିଜୟ ପୁଣ୍ୟ ଆଲୋକେ ପ୍ରଶାନ୍ତ ଜୀବନ ।
ଛିନ୍ନଭିନ୍ନ ମୋହରଜ୍ଜୁ ସକଳ ସନ୍ଦେହ,
ଆଜି ଏ ପ୍ରଭାତ ଆହା କାର ପୁଣ୍ୟ ସ୍ନେହ !

ସୁଦୂର କେ ପ୍ରିୟଜନ ଦେଇଛି ପଠାଇ,
ସକଳ ନଶ୍ୱର ମେଳେ କରିବାକୁ ସ୍ଥାୟୀ—
ମଙ୍ଗଳ ବିଧାନ ତାର, ଏ ସୃଷ୍ଟି ଧରମ,
ଅସହାୟ ମାନବର ସୁହୃଦ ପରମ ।

ଗାଅରେ ନଶ୍ୱର ନର ଅମୃତର ଜୟ,
ଲଭ ଜ୍ଞାନ ବରାଭୟ ଆଲୋକ ଆଶ୍ରୟ ।

( ୨ )

ଆଲୋକର ମନ୍ତ୍ର ଦେହେ ଉଠଇ ଉଚ୍ଛୁଳି,
ସାଗର ସଙ୍ଗମେ ଯଥା ନଦୀ ଉଠେ ଫୁଲି ।
ନିର୍ଜୀବ ଧରାରେ ଅବା କୌମୁଦୀପ୍ଲାବନ,
ଏ ଅମୃତଧାରା କିବା ହେବ ଅକାରଣ ।

କାହିଁ ଅରପିତ, କାହିଁ କରିବ ପ୍ରକାଶ ?
ପ୍ରଚ୍ଛନ୍ନ ରଖିବା ହୃଦେ ନୁହଇ ବିଶ୍ୱାସ ।
କାଳର ବିଳମ୍ବ ତିଳେ ନୁହଇ ସମ୍ଭାଳି,
ଲଭିବ ଅଶୃସ୍ତି ଶାନ୍ତି କାହା ପ୍ରାଣେ ଢାଳି ?

ଯିବ ଦୂର ଜନପଦେ ବୁଲି ଶତ ଗ୍ରାମ,
ବିପନ୍ନ ଜନର ଏ ଯେ ଶାନ୍ତି ପ୍ରାଣାରାମ—
ଗାଇ ମୁଁ ସକଳ ଶ୍ରମ କରିବ ସାର୍ଥକ,
ଦିବ୍ୟାରାମ ଲଭି ସୁଖୀ ବୁଭୁକ୍ଷୁ ଅରଷ ।

କୋଟି ନରଶ୍ରେଷ୍ଠ ପଥ ରହିଛନ୍ତି ଚାହିଁ,
ଜରା ମୃତ୍ୟୁ ଶୋକେ ଦିବ୍ୟାଲୋକ ସ୍ପର୍ଶ ପାଇଁ ।

ଉତ୍କଳ ସାହିତ୍ୟ,
୩୮ଶ ଭାଗ, ଆଶ୍ୱିନ ୧୩୮, ୬ଷ୍ଠ ସଂଖ୍ୟା

# ସଙ୍କେତ-ଶିଳା

ଦ୍ୱାବିଂଶ ସଙ୍କେତ-ଶିଳା !
ଏକ ବିଂଶ ହୋଇଅଛି ପାର ?
ଏକାକୀ ଚଳଇ ପାନ୍ଥ ସ୍କନ୍ଧେ ଶୂନ୍ୟ ଜୀବନର ଭାର ।
ନୀରବେ ଚଳଇ ପଥୀ ଜଗନ୍ତେ ଗ୍ରହ ନୀରବ ତାରକା—
ରଜନୀର ଅର୍ଦ୍ଧଯାମେ,………
'ସ୍ଥିର ହୁଅ !
ନାହିଁ ତିଳେ ଦୟା ।

ଚପଳ ତାରୁଣ୍ୟ ସମକାଳ ଭେଟି ପୁଞ୍ଜଇ ବହ୍ନି,
ଏକବିଂଶ ? ଦୁଃଖ ଲାଗେ ?
ଜୀବନ ଅର୍ଦ୍ଧେକ ଗଲା ଖସି ?
ପଶ୍ଚାତେ ଫେରଣି ଅଛି ବାନ୍ଧି ଶତ ବିଫଳ ବାସନା ?
ବସନ୍ତ ଅନ୍ତରେ ପୌଷ-କୁହେଳିକା କରେ ବୃଦ୍ଧି କଣା ?

ନିଃସଙ୍ଗ ପଥିକ ଭାବେ, ……
ନାହିଁ ଦୁଃଖ ବିଫଳତା ଲାଗି,
ବସନ୍ତ ପାଉଷ ଗ୍ରୀଷ୍ମ ସକଳେ ମୁହିଁ ଅନୁରାଗୀ !
ମୃତ୍ୟୁଶଙ୍କା ଲଭି ଆଶ ଭାଳିବାକୁ ନାହିଁ ଅବକାଶ,
ମଙ୍ଗଳ ଭରସା ରଖି ଚଳେ ନିତ୍ୟ ବିଧାନର ଦାସ ।
ବାଧଇ କେବଳ ପ୍ରାଣେ ନ ଭେଟିଲ ଯେ ବା ଆପଣାର !
ଦେବ କି ସନ୍ଧାନ ତାର ?……
ଘେନ ମୋ ନିର୍ଭୟ-ନମସ୍କାର !

●

ଉତ୍କଳ ସାହିତ୍ୟ,
୩୮ଶ ଭାଗ, ପୌଷ ୧୩୪୧, ୯ମ ସଂଖ୍ୟା

# ଉପେକ୍ଷିତା

# ଉପେକ୍ଷିତା

## ( ଏକାଙ୍କ ଦୃଶ୍ୟ )

ଘଟଣାଟି ମଧ୍ୟଯୁଗରେ ଘଟିଥିବାର ଅନୁମିତ ହେଉଅଛି । ସେତେବେଳକୁ ମଗଧ ବିଦ୍ୟାପୀଠର ଗୋଟିଏ ଅଂଶର ଜୀର୍ଣ୍ଣ ସଂସ୍କାର ହେଉଥାଏ । ତେଣୁ ସ୍ଥାନର ପୂର୍ବାଂଶରେ ନବ ନିର୍ମିତ ବିଦ୍ୟାଳୟ, ବାଲି, ସୁର୍କି, ଇଟାର ସ୍ତୂପ ଦେଖା ଯାଉଥିଲେ ମଧ୍ୟ ଅନତିଦୂର ପଶ୍ଚିମ ଭାଗରେ ପୁରାତନ ବିଦ୍ୟାଳୟ ଓ ତତ୍ ସଂଲଗ୍ନ କୂଳଗୃହ ସ୍ପଷ୍ଟ ଭାବରେ ଦୃଶ୍ୟମାନ । ଦେବଦତ୍ତ ଏହି ବିଦ୍ୟାଳୟରେ ଉଚ୍ଚାଙ୍ଗ ଦର୍ଶନର ଛାତ୍ର । ଦିବ୍ୟକାନ୍ତି ବପୁ ଓ ମୁଖମଣ୍ଡଳର ଅନିନ୍ଦ୍ୟ ଆଭା ଦେଖି ମନେହୁଏ, ସେ କୁମାର ଓ ଆଜନ୍ମ ବ୍ରହ୍ମଚାରୀ ।

ସାଜସଜ୍ଜା ଆଡ଼ମ୍ବରହୀନ । ଗୈରିକ ଆଭାର ଖଣ୍ଡିଏ ଧୋତି ଓ ଦେହବାସ । ପାଦର ଭୂଷଣ କାଷ୍ଠ ପାଦୁକା । ସ୍କନ୍ଧ ଦେଶର ଶୁଭ୍ର ଉପବୀତ ଉଚ୍ଚ ବଂଶର ପରିଚାୟକ ।

ନାୟିକା ରୂପା ନବନିର୍ମିତ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା କୌଣସି କୁଲି ମଜୁରିଆଣୀର ସପ୍ତଦଶ ବର୍ଷୀୟା କନ୍ୟା—ଦେହାଭରଣ ଶରତ୍ ବର୍ଣ୍ଣର ଶାଢୀ ଓ ଲାଲ ରଙ୍ଗର କାଞ୍ଚୁଲି । ବେଶ ପରିପାଟୀ ଦେଖିଲେ ସେ ଯେ ଉତ୍ତର ମଗଧର ଅଧିବାସୀ, ଏକଥା ସ୍ପଷ୍ଟ ବୁଝାଯାଏ । ରୂପା ଦରିଦ୍ର ହେଲେ ମଧ୍ୟ ତାର ଦେହର ଶ୍ରୀରେ ହୀନତାର କୌଣସି ଚିହ୍ନ ନାହିଁ । ତାର ଲଲାଟ ଓ ଭ୍ରୂଲତାର ସ୍ୱେଦ ବିନ୍ଦୁ ଦେଖି କେହି କେହି ଅତି ଲୌକିକ ପ୍ରାଣୀ ଏହା ଅପ୍ରାସଙ୍ଗିକ କବିକଳ୍ପନା ବୋଲି ଉଡ଼ାଇ ଦେଇ ପାରନ୍ତି । ମାତ୍ର ଦୂରରୁ ଦେଖିଲେ ମନେହୁଏ, ସେ

ଜୀବନର ବସନ୍ତକାନନର ମାଳୀପରି ସର୍ବଦା ପ୍ରଫୁଲ୍ଲ ଚିତ୍ତ ଓ ହାସ୍ୟ ମୁଖ । ଦେହ ବଳିଷ୍ଠ, ଆକାର ଦୀର୍ଘ, ମଂସ ମାଂସଳ ମୂର୍ତ୍ତି । ସେ ନବ ନିର୍ମିତ ବିଦ୍ୟାଳୟକୁ ଚୂନ ସୁର୍କି ବସ୍ତାନେଇ ଯତ୍‌କିଞ୍ଚିତ୍ ମୂଲ୍ୟ ପାଏ । ତାହା ତା'ର କ୍ଷୁଦ୍ର ପରିବାରଟିର ଭରଣପୋଷଣରେ ଯଥେଷ୍ଟ ସାହାଯ୍ୟ କରେ ବୋଲି ସେ ଦୁଇବର୍ଷ ହେଲା ଆପଣାର ପ୍ରିୟ ଜନ୍ମଭୂମି ଛାଡ଼ି ଆସିଅଛି ।

ନବନିର୍ମିତ ଗୃହର ଅନତିଦୂରରେ ଗୋଟିଏ ଦୁଇଟି ଝଙ୍କା ବକୁଳ ଓ ଅଶୋକ ଗଛ । ପ୍ରତ୍ୟେକଟି ଗୋଟିଏ ଗୋଟିଏ ସୁନ୍ଦର ବେଦୀ ଦ୍ୱାରା ସୁରକ୍ଷିତ । ଉତ୍ତରାଂଶରେ ଉନ୍ମୁକ୍ତ ଶ୍ୟାମ ପ୍ରାନ୍ତର ଓ ଧାବମାନା ଗଙ୍ଗା ।

ଏ କ୍ଷୁଦ୍ର ଅଭିନୟର ଉଦ୍ଦେଶ୍ୟ ମାନବ ଜୀବନରେ ପ୍ରବୃତ୍ତି ଓ ଜ୍ଞାନର ସଂଗ୍ରାମ ବା ସଂଘର୍ଷ ଦେଖାଇବା । ତେଣୁ ଐତିହାସିକର ବାସ୍ତବତା ଦିଗକୁ ଆଦୌ ଦୃଷ୍ଟି ଦିଆଯାଇ ନାହିଁ ।

ଘଟଣାର ସମୟ କୌଣସି ଗୋଟିଏ ଦିନର ସାୟଂକାଳ । ସ୍ଥାନ ସେହି ନିର୍ଜନ ବକୁଳ ମୂଳ ।

## ଛାୟା

ପଚ୍ଛରୁଛ କାହିଁ ପାଇଁ ଲାଗେ ମୋତେ ଲାଜ ?
କାହିଁକି ଲୋତକଭରା ବେନି ଚକ୍ଷୁ ଆଜ,
ପ୍ରଥମ ଆଷାଢ଼ ମେଘ ସମ ପଡ଼େ ନାଇଁ ?
କି ଲାଭ ତୁମର ତହିଁ ? କିସ ହେବ କହ—
କାହିଁକି ଥରଇ ଦେହ ଶାଳଲତା ପରି ?
ଲାଜ ଆବରଣ କପାଁ ପାଦରେ ନାହିଁ ଧରି ?
ବସ୍ତ୍ର ଶିରୁ ଖସି ଆସେ ନ ମାନି କାରଣ ?
ଯାଅ ତୁମେ ନିଜ ପଥେ, କି ହେବ କାରଣ
ମୋର ଇତିହାସ ଜାଣି ? ଆମେ ଗରିବ ଦୁଃଖୀ,
ପରିଶ୍ରମ ଖେଦେ ପେଟ ପିଠି ଯାଏ ଶୁଖି ।

ସ୍ଥାନ ବାସ,···ସେହି ବାବୁ !···
ଜାଣ ତାଙ୍କ ନାମ ?
ତାଙ୍କ ତଳେ କରୁଛନ୍ତି ନିତି ଚୂନ କାମ
ମୋର ମାଆ ଘର ବେକ, ଏଠି ମୁହିଁ ଥାଇ,
ତୁମ ବିଦ୍ୟାପୀଠେ ଦିଏ ସାମଗ୍ରୀ ଯୋଗାଇ ।

ଆରକ୍ତ କପୋଳ ମୋର ? ହୋଇଥିବ ଘସ !
ଦିନମାନ ଦେଖୁନ, ହିଁ ଆଜ କେତେ ଖସ ?
ତେବେ ହେଲେ ତଳେ ମୋର ନାହିଁ ଅବସର,
ସବୁବେଳେ···ଦୁଃଖୀ ଆମେ···
ମୁନିବଙ୍କ ଡର ।

ଯାଅ ଧୀରେ ଯାଏ ତୁମେ ନିଜ ପଥେ ଚାଲି,
କାହିଁକି ମୋ ପାଶେ ଠିଆ ହୋଇଛ ଏଭଳି ?
ଆସି ମୋର ବସୁସୀଏ କରିବେ ଝାପଟ,
ଯୁବତୀ ଜୀବନେ ନିନ୍ଦା ସନ୍ଦେହ ପସର !

ଉପରର କର୍ମଚାରୀ ଦେଖି ହେବେ ଚାଲି,
ଯୁବତୀର ଶଙ୍କା ଦିକ ଜାଣ ନା କପର ?

## ଦେବଦତ୍ତ

ଆଜ ନୁହେଁ···ବହୁବାର ଦେଖିଛି ଗୁପତେ,
ଲୁହିଁ ରହ ତୁମେ ମୋତେ ସତୃଷ୍ଣ ଚକିତେ ।
ବ୍ୟଥିତ ହରିଣୀ ସମ, ଅବା ମ୍ଳାନ ଉଷା,
ଯୁଗଳ ନୟନେ ଓହୋ ! ସେ କି ତୀବ୍ର ତୃଷା !

ଦେଖିଛି, ଦର୍ଶନ ସାଂଖ୍ୟ ଯେବେ ମେଲି ବସେଁ,
ଅଧ୍ୟୟନେ ତୀବ୍ର ନିଷ୍ଠା, ବିକ୍ଷିପ୍ତ ମାନସେ ।
ଯେବେ ସଂସାରର ଚିନ୍ତା କଳ୍ପନା ସ୍ୱପନ,
ସବୁ ଦୂର କରି ଧ୍ୟାନ ପବିତ୍ର ଆସନ,

ଦୁର୍ଭେଦ୍ୟ ଦର୍ଶନ ଉଦ୍‌ଭ୍ରାନ୍ତ ଦୃଷ୍ଟି ମେଲେ,
ଭ୍ରମର ପିପାସୁ ଚକ୍ଷୁ ଦୁଇଟୋଟା ଖେଳେ ।
ମୃତ୍ୟୁ ଦୂତ ପରି, କହ କିବା ଅଭିଳାଷ ?
ଅବା ମରଣ ନୃତ୍ୟର ତୀବ୍ର ଉପହାସ !

## ଛାୟା

ଅଭିଳାଷ ? ଅଭିଳାଷ ଥାଇ ପାରେ କଅ
ଦରିଦ୍ରର ? ···ଅଳ୍ପ ଧନେ ଯାର ଅହର୍ନିଶ
ବନ୍ଧ ଜୀବନଟାଯାକ···ରୂପ କଦାକାର,
ବସନ ଭୂଷଣହୀନ···କି ବାସନା ତା'ର ?

ତାହାଲାଗି ଚିରରୁଦ୍ଧ ପ୍ରୀତି ମାୟା ଦ୍ୱାର,
ଈଶ୍ୱର ଆନନ୍ଦ ଯେତେ ସୁଖର ଭଣ୍ଡାର ।
ଆଣେ ଯହିଁ ପ୍ରାଣପୁରେ ଦିନେ ତା ଯୌବନ,
କବିର କଳ୍ପନା ସ୍ୱପ୍ନ ଅମୃତ ସ୍ପନ୍ଦନ ।

ଉପଚାର ସାମଗ୍ରୀ ଯାକ ସେତକେ ଜଗତର,
ତାହାର ସମ୍ଭବ କାହିଁ ସ୍ୱତନ୍ତ୍ର ଅନ୍ତର ?
କି ବାସନା ଆଉ ତାର ଅନ୍ଧଚିନ୍ତା ବିନା ?
ଧୂଳିର ଜୀବନ ତାର ପର ପଦେ କିଣା ।

ସୁଖୀର କଳ୍ପନା ଏ ଯେ···
କି ଦାନ ?
ମଙ୍ଗଳ !
ମଙ୍ଗଳ ନିର୍ଦ୍ଧନ ପକ୍ଷେ !
ମାତ୍ର ଅବିରଳ
ଧିକ୍କାର ନ ମାନି ପ୍ରାଣ—ଏକ ତୀବ୍ର ରୋଗ !
କହେ ଆଜ ଜୀବନର ଅପୂର୍ବ ସୁଯୋଗ

ଆସିଛୁ ଅଭାଗି, ତୋର ଅନ୍ତର ଦେବତା
ଉପଗତ ଦ୍ୱାରେ···
କହାଁ ଲଜ୍ଜା ଦୁଃଖ ବ୍ୟଥା ?

ଜୀବନର ଅଶ୍ରୁ ଦୁଃଖ ସ୍ନେହ ପ୍ରୀତି ମାୟା,
ସହସ୍ର କାତର ଭୟେ ସଞ୍ଚିଅଛୁ ଯାହା ।
ପ୍ରିୟପଦତଳେ ସବୁ କର ସମର୍ପଣ,
ସାର୍ଥକ ଦାରିଦ୍ର୍ୟ ! ଆଜି ସାର୍ଥକ ଜୀବନ !

## ଦେବଦତ୍ତ

କଳ୍ପନା ରସିକ କବି ଗୀତେ କାବ୍ୟେ ନିତି
କହୁଥାନ୍ତି ଯାର ଏହା ନାରୀ ମାୟା ପ୍ରୀତି—
ଯୌବନର ଦୁଃସାହସ, ସ୍ୱପ୍ନ ଉପାଖ୍ୟାନ ?
ତୁମେ ମଧ୍ୟ ସେହି ପ୍ରୀତି ଅଭାଗିନୀ, ଜାଣ ?

ବ୍ରାହ୍ମଣ ସନ୍ତାନ ଉଚ୍ଚ ବଂଶ ସମୁଦ୍ଭବ !
ତୁମେ ପଥ ଭିକାରିଣୀ !
ଏ ପୁଣି ସମ୍ଭବ ?
ମୋହ ଜାଲେ ମୋତେ ତୁମେ କରିପାର ବନ୍ଦୀ ?
ଶୁଣି ନାହିଁ କେଉଁ କାବ୍ୟେ ମୁଁ ଜନ୍ମ ଅବଧି ।

## ଛାୟା

ପଢ଼ି ନାହିଁ କେବେ କାବ୍ୟ, ମୁହିଁ ନିରକ୍ଷର,
ଦର୍ଶନ ଶବଦ କାନେ ପଡ଼ି ନାହିଁ ପର;
ମେଲିନାହିଁ ମାୟା ଜାଲ ଧନୀକନ୍ୟା ପରି,
ତୁମର ସେ ଦେହ ମନ ବାନ୍ଧିବ କପରି ?

ଲୋଡ଼ି ନାହିଁ କିଛି ଧନ ଏ ଚିର ନିର୍ଦ୍ଧନ,
ଯାହା ପ୍ରୀତି ଅନୁକମ୍ପା ସେନେହ ସ୍ପନ୍ଦନ,

ନାହିଁ ଜାଣେ ସଂସାରର କୁଟିଳତା ମାୟା,
ସମଗ୍ର ସଂସାରେ କାହିଁ ନାହିଁ ମୋର ସ୍ପୃହା ।
ଜାଣିଛି ଜୀବନେ ଖାଲି ମୁହିଁ ବେଦନ କଥା—
ନୀରସ ଏ କର୍ମ ପୁଣି ପ୍ରିୟଜନ ବ୍ୟଥା ।

ପ୍ରିୟ ! ପ୍ରିୟ ! ଜାଣେ ନାହିଁ କେ ମୋ ପ୍ରିୟଜନ !
ନ ଜାଣେ କା ଲାଗି ମୁହିଁ ଧରିଛି ଜୀବନ ।
ନୀରସ ମରୁରେ ମୋର ଫୁଟେ କାହାଲାଗି
ପଦ୍ମ ଫୁଲ ··ମେ ନୃପ ରାଜା···ମୁଁ ଦୀନ ଅଭାଗୀ !

ମୁଁ ଅଭାଗୀ ତାହା ଲାଗି ଧରିଛି ଜୀବନ,
ସ୍ୱପ୍ନମୟ ଏ ଜୀବନ ତାହା ଲାଗି ଧନ୍ୟ !
ସେ କି ତୁମେ ?···
ତୁମେ ମୋର ଚିର ପ୍ରିୟତମ
ଆସି ଅଛ ଦୀନ ଦ୍ୱାରେ ? ଆଜି କି ସମ୍ଭ୍ରମ ?

## ଦେବଦତ୍ତ

ଯୌବନ ଛକାଇ କେତେ ପଡ଼ିଛି ଦର୍ଶନେ,
ଅନୁଭୂତି ଅବକାଶ ନ ଥିଲା ଜୀବନେ,
ମିଳିଛି ସୁଯୋଗ ଆଜି ! ···
ମାଂସର ବିଳାପ,
ମାନବ ଜୀବନେ ଯେତିକି ତୀବ୍ର ଅଭିଶାପ !

ଏହି ତ ସେ ମୋହ ମାତ୍ର ଯା ବିରୋଧ ବ୍ୟଥା,
ତା ବିନେ ଜଗତେ ଆହା ମାନବ ଦେବତା !
ଭୀଷଣ ସେ କାଳ ମହାକାଳ ମରୀଚିକା !
ନ ହେଲେ କି ଏତେ ସ୍ୱପ୍ନ ସମ୍ଭବ ବାଳିକା ?

ଏତେ ଯେବେ ଅଛି ପ୍ରାଣେ ମାଂସର ଲାଳସା,
ତେବେ ନର-ପଶୁ ଦେବେ ପ୍ରେମର ଭରସା,

ଅଜ୍ଞାନୀ ବାଳିକା ! ତନ୍ତୁଁ ଖୋଜ ପ୍ରତିଦାନ,
ରକ୍ତର ମାଂସର ସନ୍ତୁଁ ଆଦାନ ପ୍ରଦାନ ।

ମୋ ଜୀବନେ ପ୍ରୟୋଜନ ? ···
ବୃଥା ଅନୁରାଗ !
ଜଣିଛୁ ମାଂସକୁ ମୁହିଁ ··· ସେ ମୋ ମହାଭାଗ୍ୟ ।

## ଛାୟା

ରକ୍ତ ମାଂସ ଦେଲେଡ଼େ ମୁହିଁ ! ···
ନୁହଁଇ କଳ୍ପନା !
ଦର୍ଶନ ଘଟିଛି ତୁମେ, ଥିବ ଅବା ଜଣା ।
ମୁଁ ଖାଲି ଦେଖିଛୁ ସ୍ୱପ୍ନ ! ଅଖଣ୍ଡ ସ୍ୱପନ !
ଜୀବନ ଦୀନତା ମେଳେ ଆଶାର ସ୍ପନ୍ଦନ !

ଆଶା ! ସୁଦୂରର ଆଶା ଅନ୍ତରେ ଅସ୍ପୃଷ୍ଟ
ତା ସ୍ୱପନ ବଞ୍ଚିବା ଯେତେହେଁ ଶୂନ୍ୟ ! ମହାଶୂନ୍ୟ !
ମାନବର ଅଧିକାର ସେହି ଆଶ୍ରାଧର,
ବଞ୍ଚିଛୁ ଏ କଙ୍କାଳିଣୀ ଦବସ ଶବଂସ୍ଥ ।

ନଶ୍ବର ପୁରୁଷ ପ୍ରାଣ ବୁଝିବ କେସନେ,
ଦରିଦ୍ର ଦୁର୍ଭାଗ୍ୟ ନିତି ବଞ୍ଚଇ ସପନେ !

## ଦେବଦତ୍ତ

କବା ସେହି ଆଶା ? ···
ତୀବ୍ର ଯୌବନର କ୍ଷୁଧା,
ଭ୍ରାନ୍ତି ମୋହେ ପଡ଼ି ତାଙ୍କୁ "ଜୀବନର ସୁଧା"
"ଜୀବନର ସତ୍ୟ" ବୋଲି କରନ୍ତି ଉତ୍ପ୍ରେକ୍ଷା
କବି କାଳ୍ପନିକେ ! ଜ୍ଞାନ ଲଭଇ ଉପେକ୍ଷା ।

ସେ ମୋହ, ସେ ରୂପମୋହେ ଭୁଲିଛ ଅବସ୍ଥା,
ଭୋଗିବ ତା ସ୍ତୁତିଫଳେ କେତେ କ୍ଳେଶ ବ୍ୟଥା !

## ଛାୟା

ଦରିଦ୍ର ମୁଁ ! ସ୍ୱର୍ଗର ସେ ଅପୂର୍ବ ଭରସା,
କରିବା ମୋ ପକ୍ଷେ ଜାଣେ ଖାଲି ଲୋକହସା ।
ମୋ ପ୍ରିୟର ସ୍ୱପ୍ନ ! ସେ ମୋ ଜନ୍ମ ଅଧିକାର,
ମୋର ସତ୍ୟ ଜୀବନର ଚିର କର୍ଣ୍ଣଧାର,

ତା ସ୍ୱପ୍ନେ ଗୌରବ ମୋର ! କାର ତହିଁ ହାନି ?
କାହାର ତହିଁରେ ହେବ ଅବା ଆତ୍ମଗ୍ଲାନି ?
କରି ନାହିଁ ରାଜ୍ୟ ଭିକ୍ଷା ଆଦର ପୀରତି,
ଏକାକୀ ମନ୍ଦିରେ ମୋର କରଇଁ ଆରତି

ଚିର ପ୍ରିୟ ଦେବତାର ··· ନ ବୁଝେ ଦର୍ଶନ,
କାହିଁ ପାଇଁ ଏତେ କଷ୍ଟ ସହୁଛ ଆପଣ,
ଯାଅ ନିଜ କାମେ, ତର୍କେ କିବା ପ୍ରୟୋଜନ ?
ନୋହୁ ପଛେ କେଉଁ ହାଟେ ବିକା ଏ ଜୀବନ ।

## ଦେବଦତ୍ତ

( ସ୍ୱଗତ )

ସ୍ୱପନେ ଗୌରବ ! ପୁଣି ସେ କି ନୂଆ ତଥ୍ୟ !
ବୁଝିବାକୁ ଯାହା ଆଜି ନୁହଇ ସମର୍ଥ !
କେଉଁ···ଦର୍ଶନର···କଥା !
କାହିଁ, ଶୁଣିନାହିଁ,
ମାତର ମୋ ପ୍ରାଣ ମନ ଉଠେ ଖାଲି ତାଳି !

ଆଶା ସ୍ୱପ୍ନ ଜନ୍ମ !
ସ୍ୱପ୍ନେ ବଞ୍ଚିପାରେ ପ୍ରାଣୀ ?
କଳ୍ପନା ଅଙ୍କିତ ମୋର ଅଦ୍ଭୁତ କାହାଣୀ !

ତା ଯୋଗୁ ଏ ବାଳିକାର ଶାବକେ ମମତା···
ଦୈନ୍ୟ···ଦୁଃଖ···ମେଳେ ! ···
କହେ···ନାହିଁ ମୋର ବ୍ୟଥା !
କଳ୍ପନା ସ୍ୱପନେ ଯେବେ ସୁନ୍ଦର ଜୀବନ,
ଆତ୍ମ ଅବିଶ୍ୱାସ ଜ୍ଞାନ ମୋର ମହାଭ୍ରମ ।

ମନେ ହୁଏ ଫିଙ୍ଗି ଦିଏ···ବିଜ୍ଞାନ ଦର୍ଶନ,
ଜହ୍ନ ବାଳିକା···ମୋ ର ଅଛି ପ୍ରୟୋଜନ
ତୋର ସେହି ସ୍ୱପ୍ନେ, ପ୍ରେମେ, ସରଳ ଜୀବନେ,
ଅନ୍ଧକାରେ ଭ୍ରମେ ମୁହିଁ ଖାଲି ଅକାରଣେ !

( ପ୍ରକାଶ୍ୟ )
ସ୍ୱପ୍ନେ କହୁଥାର ତୁମେ ? ଏ ବଡ଼ ଅଦ୍ଭୁତ !
ଜାଣିଁ, ଆଗୁଁ ଶୁଣିନାହିଁ ଥରେ ହେଲେ ମୁଁ ତ !
କସ ତୁମ ନାମ ?

## ଛାୟା

କେ ଅଦ୍ଭୁତ ମଣେ ?
ଘୁରି ବର୍ଷ ହେଲା ଆଜ କହୁଛି ସ୍ୱପନେ !
ସେ ଦିନ ଏ ବିଦ୍ୟାପୀଠ ହୋଇନାହିଁ ପୂର୍ଣ୍ଣ,
କେବଳ କୁଡଘର ଦେଖି କାର୍ଯ୍ୟ କର ଶୂନ୍ୟ,

ଦୈନିକ ଶ୍ରମିକ ଦଳ ଫେରିଗଲେ ବାସେ,
ନ ଜାଣେ ମୁଁ ରହିଥିଲି ଘୁହିଁ କାହା ଆଶେ !
ହଠା ଅଧସ୍ଥ ସାଥେ ତୁମ ସଙ୍ଗୀ ଦଳ,
ଆରମ୍ଭିଲେ ସେ ଅଙ୍ଗନେ କ୍ରୀଡ଼ା କୌତୁହଳ ।

ଛାତ୍ରମେଳେ ଥିଲ ତୁମେ···
ତୁମ ଚପଳତା,
ମୁଗ୍ଧନେତ୍ରେ ଦେଖୁଥିଲି ମୁଁ ସରମନତା ।
ଅଦୂର ବକୁଳ ମୂଳେ—ଅସ୍ପଷ୍ଟ ସେ କଥା !

ଜୀବନ ଦେବତା ! ଥରେ ପଡ଼ିଗଲା ଦୃଷ୍ଟି,
ମୋର ଏ ମଳିନ ରୂପେ···
ଉଜ୍ଜ୍ୱଳ ମୋ ସୃଷ୍ଟି !
ଲାଜେ ମରିଗଲି ମୁହିଁ ସକଳ ଅଙ୍ଗରେ,
ନ ଜାଣେ କି ବାଣୀ ଥିଲା କ୍ଷୀଣ ଦୃଷ୍ଟି ପାତେ !

ଧନ୍ୟ ମୁଁ ମଣିଲି ମୋର ରମଣୀ ଜନମ,
ଆନନ୍ଦ ସକଳ ଦୈନ୍ୟ, ନିଷ୍ଠୁର କରମ ।
ସେହି ସ୍ୱପ୍ନ, ଜୀବନର ନିଃଶେଷ ସ୍ପନ୍ଦନ,
ଯା ଯୋଗୁଁ ନୀରସ ଧରା ଅମୃତ ନନ୍ଦନ !

ସେ ଦିନ ଯୌବନ ଯେଉଁ ଅଭୟ ଆଶ୍ୱାସ,
ଦେଇଛି ଅନ୍ତରେ···
ଆଜି ନୋହି ମୁଁ ନିରାଶ
ସୁଦୂର ପ୍ରିୟର ପଥ ରହିଛି ଅନାଇଁ,
କିସ ଶେଷ ପରିଣାମ ଦିନେ ଭଲ ନାହିଁ ।

ମାତ୍ର ବଞ୍ଚିବାରେ—ସେହି ସ୍ୱପ୍ନ ଅନୁସରି—
ଅପୂର୍ବ ଆନନ୍ଦ ସୁଖ ପୂର୍ଣ୍ଣତା ସେପରି !
ସେହି ସ୍ୱପ୍ନ ଯୋଗେ ନିତି ନିତି ଯେତେ ଗାନ,
ଗାଇଛି ଏ ଦୈନ୍ୟ ଦୁଃଖେ ଉନ୍ମନ ପରାଣ,

କି ବୁଝିବ ତୁମେ ନିଠୁର ? ଜାଣେଇଁ ମୁଁ ଏକା,
ତୁମରି ଦର୍ଶନେ ତାହା ହୋଇ ନାହିଁ ଲେଖା ।
ସଂଖ୍ୟା ଯୋଗେ ସେ ସୁଖର ପଡ଼ିନାହିଁ ଗାର,
ତତ୍ତ୍ୱନ୍ୟାସ୍ତ ଦର୍ଶୀ ତାକୁ ମୋହର ଆକାର

କରିଥାନ୍ତି······
ଆଜି ଥାଉ ମୋର ସେହି କଥା,
ବିଫଳ ସ୍ମରଣ କରି ଅତୀତର ବ୍ୟଥା ।

## ଦେବଦତ୍ତ

ମୋହ ! ମୋହ ! ସବୁ ମୋହ !
                    ବାସ୍ତବତା ଭୁଲି,
ଅସ୍ପଷ୍ଟ କଳ୍ପନା ଲୋକେ ଶିଳ୍ପୀ ଧରି ତୁଳୀ
ଆଙ୍କେ ଯେତେ ···ଏ ଜୀବନେ କି ତାର ମହତ୍ତ୍ୱ ?
କିବା ତାର ପରିଣତି ? ଥାଉ ସ୍ୱପ୍ନ ତତ୍ତ୍ୱ ।

(ପ୍ରସ୍ଥାନୋଦ୍ୟତ)

ଜ୍ଞାନ ! ଜ୍ଞାନ ! ମାନବର ବିଜୟ ନିଶାଣ,
ତା ବିନା ଏ ଜୀବନର ନାହିଁ ପରିତ୍ରାଣ ।
ଥାଅ ତୁମ ତତ୍ତ୍ୱନେଇ ମୂର୍ଖାନ୍ଧ ବାଳିକା,
ଚଳିଲି ମୁଁ······
          ସବୁ ମିଥ୍ୟା
                    ସ୍ୱପ୍ନ ପ୍ରହେଳିକା ।

## ଛାୟା

ଦଣ୍ଡେ ଆଜ ରହ ପାଖେ ଜୀବନ ଦେବତା,
ରହ ଦୂର !······
          ଜଗାଇଲ ଯେବେ ପ୍ରାଣେ ବ୍ୟଥା,

ଅତୀତର ସ୍ମୃତି ଆଜ ଶୁଣିଯାଅ ଥରେ,
କିଏ ଜାଣେ, ଏହି ଦେଖା ଶେଷ ଜୀବନରେ !
ତା ପରେ······
          ମୋ ପଥେ ମୁହିଁ, ତୁମେ ନିଜ ପଥେ,
ତୁମେ ଯେ ଅଜ୍ଞାତ ନିଭି···ମୁଁ ଜାଗି ମରିବି ।

ଅଦ୍ଭୁତ ବାଳକା ! ନାହିଁ ରମଣୀ ସମ୍ଭ୍ରମ,
ପୁଣି ପ୍ରାଣେ ଉପୁଜଇ ଏକ ନୂଆ ଭ୍ରମ !
ଏ କି ମମତାର ମୋହ ! ଖେଳନ୍ତ କି ଆପେ···
ଷଡ଼ ମୋତେ ପକାଇବ ପୁଣି ସେହି ପାପେ ?
ଅସମ୍ଭବ ! ମାୟାପାଶେ ନ ଦେବି ମୁଁ ଧରା,
ଲୁପ୍ତ ହୋଇ ପଛେ ଏହି ସସାଗରା ଧରା ।

## ଛାୟା

ନାହିଁ ପୁଣ୍ୟ ଅଭିସନ୍ଧି ଏ ଜୀବନେ ମୋର,
ମାତର ସେନେହ ପ୍ରୀତି ମମତା ଆଦର—
ମିଥ୍ୟା, ମୋହ ? ତେବେ ମୋର ଜୀବନ ବିଫଳ ?
ଦର୍ଶନ ବିଜ୍ଞାନ ଖାଲି ଜୀବନ ମଙ୍ଗଳ ?

ତା ବିନା ସମ୍ଭବ ନୁହେଁ ଆନନ୍ଦ, ଜୀବନ ?
କାହିଁ···ମାନୁ ନାହିଁ ମୋର ଅବୋଧ ଏ ମନ !
ପାଞ୍ଚ ବର୍ଷ ହେଲା ଆଜ....
ଏଥି ମଧ୍ୟେ କାଳ
କେସନେ ବିତନ୍ତି, ନାହିଁ ଦାରିଦ୍ର୍ୟ ଜଞ୍ଜାଳ,
ସକଳ ଅସ୍ପଷ୍ଟ !···
ମାତ୍ର ସେ ମୋର ଜୀବନ—
ସେ କି ମିଥ୍ୟା ?···କାହିଁ ତାଇଁ ମାନୁନାହିଁ ମନ ।

କେତେଦିନ ରୌଦ୍ର ତାପେ ଗୁରୁଘର ବସି,
ଘର୍ମାକ୍ତ···ମଳିନ ବସ୍ତ୍ର....କ୍ଳାନ୍ତ ଦୁଃଖ ସହି···
ଦେଖିଛି ଯେ ସ୍ୱପ୍ନ....ସେହି କର୍ମ କଠୋରତା,
ଅବଜ୍ଞା, ଲାଞ୍ଛନା ପୁଣ ଯେତେ ନଯତେ ବ୍ୟଥା;

ଭୁଲିଛି କେସନେ, ସ୍ପଷ୍ଟ ଆଜ ନାହିଁ ମନେ,
ଘୁଞ୍ଚି ଅଛି···· ସୃଷ୍ଟି ସାଧ ସୁନ୍ଦର ସ୍ୱପନେ !
ସେ କି ମିଥ୍ୟା ! ନାହିଁ, ନାହିଁ, ନାହିଁ ପ୍ରିୟତମ !
ତୁମର ଦର୍ଶନ ମିଥ୍ୟା, ତୁମ ତଥ୍ୟ ଭ୍ରମ ।

କେତେ ଦିନ ରୌଦ୍ରତାପେ ମଳିନ ବଦନେ
ସେ ବକୁଳ ତଳେ ବସି ମଣ୍ଡିଛୁ ସପନେ !

ଶ୍ରମିକ ସଙ୍ଗିନୀ ଦଳ ହୋଇ ଆଶ ପାଶ
କରିଛନ୍ତି କେତେ ବ୍ୟଙ୍ଗ, କେତେ ଉପହାସ
ପୁନଶ୍ଚ ସହିଛି କେତେ ତର୍ଜନ ଗର୍ଜନ,
କେତେ ଅନାହାର କଷ୍ଟ, ଜୀବନ୍ତ ମରଣ,
ମାତ୍ର ଶତ ଦୁଃଖେ ତୁମ ପଥ ରହେ ଚାହିଁ
ଅବସରେ ଥରେ ପ୍ରିୟ ଦରଶନ ପାଇଁ ।

ତୁମେ ଯାଅ ଏହି ପଥେ ନିତ୍ୟ କ୍ରୀଡ଼ା ଲାଗି,
କେତେ ତର୍କ ହାସ୍ୟ ରୋଳ ! ସକଳ ଅଭାଗୀ
ଆକୁଳ ନୟନେ ଦେଖେ, ସେ ସୁଖ ଅତୁଳ,
ତୁମ ପଦତଳେ ଫୁଟେ କେତେ ପଦ୍ମଫୁଲ !
ପଡ଼ିଗଲେ ଥରେ ତୁମ ନୟନ ଆଲୋକ
ଧନ୍ୟ ମୋ ଜୀବନ, ଦୈନ୍ୟ... ସର୍ବାଙ୍ଗ ପୁଲକ !

ସମଗ୍ର ସଂସାରେ ଶାନ୍ତି ସନ୍ଧ୍ୟାର ସ୍ୱପନ,
ସେ ଉନ୍ମାଦେ ମରଣକୁ କରିଛି ବରଣ ।
କାହିଁ ବା ଜାଣିବ ତୁମେ ତାର ନିରଦୟ,
ସରଳ ପ୍ରାଣର ସ୍ନେହ ପ୍ରୀତି ଲାଜ ଭୟ ?
ତୁମେ ଜାଣ ଦର୍ଶନର ମୋହ କଠୋରତା,
ଉଦାସୀନ ! ମିଥ୍ୟା ତେଣୁ ରମଣୀ ମମତା ।

ମୋ ନୟନେ ଯାହା ସତ୍ୟ ଜୀବନ୍ତ ମନ୍ତର,
ଘୃଣା ଅବଜ୍ଞାରେ ତାକୁ ନ କର ଆଦର,
ମାତ୍ର ବଞ୍ଚିବାରେ ଯେବେ ମୋର ଅଧିକାର,
ସତ୍ୟ ମୋର ପ୍ରୀତି ସ୍ୱପ୍ନ ମମତା ବିକାର,
ମୋର ନ୍ୟାଯ୍ୟ ଅଧିକାର କରିଛି ଆଦାୟ;
ସ୍ୱପ୍ନେ ବାସ୍ତବରେ ଯାହା ଅସମ୍ଭବ ହାୟ !

ମନେମନେ ଦୃଷ୍ଟି ଅନ୍ତରାଳେ କେତେ ଭସ୍ମେ
ବୋଳିଛି ଯେ ପଦଧୂଳି ଅତୃପ୍ତ ହୃଦୟେ…
ସେତିକ ମୋ ଜୀବନର ଭାଗ୍ୟ, ସେତିକ ଆଶ୍ୱାସ !
ଆଉ କିଛି ଲୋଡ଼ିବାକୁ ନାହିଁ ଅବକାଶ ।
ତେଣୁ ଆଜ ବିଦ୍ୟାପୀଠ ତେଜ ଯାଉଅଛି ମୁଁ,
ଦେଖି ପାରି ଅଭାଗୀର ପ୍ରାଣ ମନ ଖଣ୍ଡ ।

କର୍ମ ଏଥି ଶେଷ ଅଙ୍କ……
ଆଉ କେଉଁ ଦେଶେ
ଚଳିବ କଠୋର ଅନ୍ନ ସଂସ୍ଥାନ ଉଦ୍ଦେଶ୍ୟ ।

ମାତ୍ର ଏ ହୃଦୟ ଭାର ରଖିଯିବ କାହିଁ
ଯାହା ପୂର୍ବୁଁ ! ଏ ସଂସାରେ ମୋର ସ୍ଥାନ କାହିଁ !

## ଦେବଦତ୍ତ

(ସ୍ୱଗତ)

ଭୁଲି ମୋ ଦର୍ଶନ ଜ୍ଞାନ… ସେସବୁ ଏକ ମାୟା !
ଅଶାନ୍ତ ସ୍ୱପନ ସମ ଚାଣିକଏ ଆହା,
ମାନବର ଦେହ ମନ ! ଭୁଲି ତତ୍ତ୍ୱଜ୍ଞାନ !
କାହିଁ ମୁକ୍ତି ! କାହିଁ ଶାନ୍ତି ! କହ ଉଠେ ପ୍ରାଣ ।

ପଥଭ୍ରଷ୍ଟ ହେଉଛି ମୁହିଁ, କାନ୍ଦଇ ଅନ୍ତର—
ଇନ୍ଦ୍ରିୟ ସକଳ ? … ସେ କି ଦୁର୍ଜୟ ଅମର ?
ମାନବ କି ପ୍ରକୃତି ଦାସ ! ଜୀବନ କି ପାପ ?
ଜ୍ଞାନର ବଡ଼ିମା ସେସବୁ ନ କ [illegible] ।

(ପ୍ରକାଶ୍ୟ)

ଅଛି ସ୍ଥାନ ବାଳିକା ଗୋ; ସରଳତା ଲାଗି
ଜୀବନ ଅମୃତ ରସ ! —ମୁହିଁ ଅନୁରାଗୀ—

ଆନନ୍ଦ ସେ ନଶ୍ୱରର !
କାହିଁ ଯିବ ଆଜ ?
ଆନନ୍ଦ ଜୀବନ ବାର୍ତ୍ତା ଉଠେ ତୀବ୍ର ବାଜ—
ମୋର ଏ ଶରୀରେ, ମନେ, ଜୀବନର ଜୟ !
ଜୀବନ ଜୀବନ ସତ୍ୟ ... ସେ ବାଣୀ ଅଭୟ—
ସେ ଆନନ୍ଦ, ଚାଉଛୁ ମୁଁ ଆଜ ତୁମ ଲାଗି
ତୁମ ନାମ କସ ?

## ଛାୟା

ଛାୟା ନାମ...ମୁଁ ଅଭାଗୀ !

## ଦେବଦତ୍ତ

ଛାୟା ! ଛାୟା ! ତୁମେ କେଉଁ ସ୍ୱପ୍ନରାଜ୍ୟ ଛାୟା !
ଦର୍ଶନ ବିଜ୍ଞାନ ଆଜ ପ୍ରହେଳିକା ମାୟା !
ବନ୍ଦୀ କଲ ପ୍ରାଣ ମୋର ! କହ କାହିଁ ଶାନ୍ତି ?
ମାନବ ଜୀବନେ ଏକ ଦ୍ୱନ୍ଦ୍ୱ ମିଥ୍ୟା ଭ୍ରାନ୍ତି !
ନାହିଁ, ନାହିଁ, ଅଛି ସ୍ଥାନ—ତୁମେ ଅଛ ଜାଗି—
ପଥଭ୍ରଷ୍ଟ ପରିଶ୍ରାନ୍ତ ଏ ମାନବ ଲାଗି ।

ଅଛି ତାହାଲାଗି ସ୍ନେହ ମମତା ଆଦର,
ଅଛି ସେ ଉଜ୍ଜ୍ୱଳ ସୃଷ୍ଟି ସୁନ୍ଦର ଅମର ।
ନମ୍ବର ସୃଷ୍ଟିର ରାଜା, ମାନବ ଉପାୟ,
ଜ୍ଞାନେ ସେ ରହସ୍ୟବୋଧ ?... ମହାଭ୍ରାନ୍ତ ହାୟ !
ଛାୟା ... ଛାୟା ...
ପାଶେ ଆସ ! ...
କାହିଁକି ଶଙ୍କିତ ?

ଦେହ ସଙ୍ଗେ ମନ ଆଜ ଅପୂର୍ବ ସଙ୍ଗୀତ
ଗାଏ, ପାରୁନାହିଁ ଶୁଣି ? ଆସ ଗୋ ସୁନ୍ଦର,

କିବା ଭୟ ? କାହିଁ ପାଇଁ ଉଷ୍ଣ ଲୁହ କର ?
ମଳିନ ବସନ, ପୁଣି ମଳିନ ଶରୀର,
କାହିଁ ପାଇଁ ବେଶ ନେଇଛ ଭରଅଙ୍ଗ ମାର ?
ସବୁ ମଳିନତା ମଧ୍ୟେ ଫୀରନ୍ତ ଆଶ୍ୱାସ,
ପଙ୍କିଳ ସରସୀ ମଧ୍ୟେ କମଳ ବିକାଶ !
ଆହା ! ଏ କୋମଳ ତନୁ ଲଜ୍ଜାବତୀ ସମ !

ମୋର ରୁକ୍ଷ ବକ୍ଷ ···
କିବା ଜାଣେ ମୁଁ ସମ୍ଭ୍ରମ ?
ଛାୟା ! ଛାୟା ! ସେହି ନାମ, ସେହି କଣ୍ଠ ସ୍ୱର,
ସକଳ ମରମସ୍ପର୍ଶୀ ! ସକଳ ସୁନ୍ଦର !

କି ଦେଖୁଛ ଦୂରେ ଛାୟା ? ···

## ଛାୟା

ଦେଖିଲି ନୟନ
ଅଖଣ୍ଡ ଏ ଜୀବନର ମୁକନ୍ତ ସପନ
ପୂର୍ଣ୍ଣ, ସବୁ ପୂର୍ଣ୍ଣ ! ···
ଆଜି ପୂର୍ଣ୍ଣତା ରାଗିଣୀ
ବାଜିଉଠେ ମାନବର ଦେହ ମନ ଜିଣି !

ଏହି ଦେଖ, ସନ୍ଧ୍ୟାକାଶେ ଧୀରେ ଆସେ ଭଇଁ
ଦ୍ୱିତୀୟାର କ୍ଷୀଣ ଚନ୍ଦ୍ର ! କେବେ ଯାଏ ଛୁଇଁ
ଚପଳ ସମୀର, ସେପନ୍ତେ ଭ୍ରମର ଶୀରନ୍ତ
ଛୁଏଁ ମୋ ଅଧର ! ସବୁ ଯେତେକ ସ୍ୱପ୍ନଗନ୍ତ !
ଦଳ ଦଳ ପକ୍ଷୀ ବାସେ ଯାଉଛନ୍ତି ଉଡ଼ି
ଗଙ୍ଗା ଆର ପାରେ, କ୍ରମେ ଆସଇ କୁହେଳି ।

ଚୌଦିଗ ନୀରବ ଶାନ୍ତ ! ଦେଖ ଥରେ-ଫେର
ଅମ୍ଭ ଉଷ୍ଣଶ୍ୱାସ ମେଳେ ଅଶାନ୍ତ ମାନବ

ଦେଖିଛୁ ଆଲୋକ ! ପ୍ରାଣ ପ୍ରଶାନ୍ତ; ନୀରବ !
ଧୀରନ୍ତର ସୃଷ୍ଟି କୋଣେ ଅଛି ତାର ସ୍ଥାନ,
ନାହିଁ ତାର ଅବକାଶ···
ଭ୍ରାନ୍ତ ଅବସାନ !

## ଦେବଦତ୍ତ

କାହିଁ ଭ୍ରାନ୍ତ ଅବସାନ ! କହ ମୋତେ ଗୁସ୍ୟା,
କାହିଁ ସେ ଆଲୋକ ! ଏ ସେ ରମଣୀୟ ମାୟା !
ଏହି ଯେ ଧରିଛି ତୁମ ଶିର ନିଜ ବକ୍ଷେ,
ଅଶ୍ରାନ୍ତ ଚୁମ୍ବନ ଢାଳେ···
ସକଳ ଅଲକ୍ଷ୍ୟେ !

ଏହିତ ଇନ୍ଦ୍ରିୟ ଲୀଳା ! ମୋ ଜୀବନ ଅରି !
ଯା ଭୁଲେ ସମସ୍ତ ମୋର ସ୍ୱପ୍ନମୟୀ, ସୁନ୍ଦରୀ—
ସମଗ୍ର ଜୀବନବ୍ୟାପୀ ! ସେହି ମୋହ, କାମ,
କାହିଁ ପ୍ରାଣେ ଦେବ ପ୍ରିୟେ, ଆନନ୍ଦ ଆରାମ !

ମୁକ୍ତ କର ! ମୁକ୍ତ ମୋତେ !
କାହିଁ ଅବକାଶ
ଅଶାନ୍ତ ଏ ହୈନବର ?
ଆସୁ ଦୁଃଖ, ପ୍ରାଣ,

ଆସୁ ଅବିଶ୍ୱାସ, ଭ୍ରାନ୍ତି, ଜୀବନେ ଦ୍ୱନ୍ଦ୍ୱ,
ତେବେ ମୋହ ପ୍ରୀତି ପାରେ ମୋର ପରାଜୟ
ଅସମ୍ଭବ !·····
ପ୍ରିୟତମ, ଛାଡ଼ିଦିଅ କର !
ଅମଙ୍ଗଳ ଗ୍ରହ ମୁହିଁ ଅଶାନ୍ତ ନକର—

ତୁମ ପ୍ରୀତି ଅଭାଜନ !
                    କିବା ତୁମ ପ୍ରୀତି ?
ମୋହ ଭ୍ରାନ୍ତ ମୁଗ୍‌ଧ କବି ପ୍ରଳାପ, କଳ୍ପନା,
ଜୀବନର ସତ୍ୟ ତହିଁ ଲଭଇ ଲାଞ୍ଛନା !

ଆଜି ମୋର ପାଶେ ଦେଖି ମୋର ମହାଜସ୍ବ
ନିଷ୍ଠୁର କରଇ ବ୍ୟଙ୍ଗ ! ଉପୁଜଇ ଭୟ !
ମାତ୍ର କି ରହସ୍ୟ ତୁମେ !
                    ବୁଝି ନାହିଁ ଅର୍ଥ !

କ୍ଷୀଣ ବାହୁଲତା ଛିନ୍ନ କରିବା ସାମର୍ଥ୍ୟ
ନାହିଁ ମୋର ! ଆହା, ସେହି ଅତୃପ୍ତ ନୟନ,
ନିଷ୍ଠୁର ବଚନଯୁ ବାଣୀ ମଳିନ ବଦନ,
ସକଳ ଜୀବନ୍ତ ଯେତେକ ! ...
                    ନାହିଁ ମୋ ମୁକତି !

ମୁହିଁ ଆଜି ପ୍ରଥଭ୍ରଷ୍ଟ, ଏ ମୋର ଦୁର୍ଗତି ।
ମୁକ୍ତ କର, ଛିନ୍ନ କର ହେଲେ ସେ ବନ୍ଧନ ।
ମୋ ଅନ୍ତରଶିଶୁ କରେ ବିକଳେ କ୍ରନ୍ଦନ !
ଜ୍ଞାନ ମାନବର ଗତି, ଜୀବନ ଆଦର୍ଶ,
ଯୌବନେ ସେହି ଯେ ତୃଷ୍ଣା ଚରମ ଉତ୍କର୍ଷ—

ମାନବର ଧର୍ମ ।
                    ଛାଡ଼, ଛାଡ଼, ମୋତେ ଛାୟା !
ତୁମେ ଜୀବନର ଭ୍ରମ ଭେଦ ଧାନ ମାୟା !
                                        ( ପ୍ରସ୍ଥାନ )

ଛାୟା

ମାୟା ? ମାୟା ?
                    ଏ ଜୀବନ, ଏକ ମାୟାପୁର ?
ସେଥିଲାଗି ଦଳି ପଦେ ଗଲ ହେ ନିଷ୍ଠୁର—

ରମଣୀ କୋମଳ ପ୍ରୀତି ? ···
                    ପଡ଼ିବ ଦର୍ଶନ,
ଭୁଲିଯିବ କ୍ଷଣିକର ମାୟା ଆକର୍ଷଣ—

ଜନତର୍କ କୋଳାହଳେ, ମାତର ନିର୍ଭୟ !
ତର ଦୁଃଖୀ ମୁହିଁ ଭବେ ! କାହିଁ ମୋ ଆଶ୍ରୟ ?
କିଏ ନିଭାଇବ ଆଜ ଜାଳିଲ ଯେ ଚିତା ?
ଜଗତେ କହିବେ ଖାଲି···
                    "ଆହା, ଉପେକ୍ଷିତା !"

( ପ୍ରସ୍ଥାନ )

( ଯବନିକା )

× × ×

# ମୁକ୍ତି ପଥେ

# ଉତ୍ସର୍ଗ

ଶ୍ରୀଯୁକ୍ତ ବିଶ୍ୱନାଥ କର

ଭକ୍ତିଭାଜନେଷୁ ।

ସାଗର କିନାରେ ଗଣ୍ଠି ନେଉଛି ଢେଉ
ଝୁଆରର କର ମୁଗ୍ଧ ମଧୁର ହାସେ,
ମିଳନେ ଫୁଟଇ ମଙ୍ଗଳ ଉଷା ବନ୍ଧ,
ଜୀବନ ହସଇ ମୃତ୍ୟୁର ଅବକାଶେ ।
ଏ ପଥେ ତୋସନେ ଯୁଗଳ ଚରଣ ଦେଖା,
ସେବ ଜନମ ଉଷା ଆଲୋକର ସ୍ମୃତିଲେଖା ।

—ବୈକୁଣ୍ଠନାଥ ପଟ୍ଟନାୟକ

# ଆତ୍ମକଥା

"ସବୁଜ ସାହିତ୍ୟ ସମିତି"ଙ୍କ ଅନୁରୋଧକ୍ରମେ "ମୁକ୍ତି" ନାମକରଣକୁ ପରିବର୍ତ୍ତନ କରି "ମୁକ୍ତିପଥେ" ରଖାଯାଇଅଛି ।

ଉତ୍କଳ ସାହିତ୍ୟର ପ୍ରବୀଣ ସଂପାଦକ ଶ୍ରୀଯୁକ୍ତ ବିଶ୍ୱନାଥ କର ଏ ପୁସ୍ତକ ମୁଦ୍ରଣରେ ବହୁ କଷ୍ଟ ସ୍ୱୀକାର କରିଅଛନ୍ତି । କଟକ ଟ୍ରେନିଂ ସ୍କୁଲର ସୁଯୋଗ୍ୟ ଡ୍ରଇଂ ଶିକ୍ଷକ ଶ୍ରୀଯୁକ୍ତ ବସନ୍ତ କୁମାର ପଣ୍ଡା ପ୍ରଚ୍ଛଦପଟର ଚିତ୍ର ଅଙ୍କନ କରି ପୁସ୍ତକର ମର୍ଯ୍ୟାଦା ରକ୍ଷା କରିଅଛନ୍ତି । ଉଭୟଙ୍କଠାରେ ମୁଁ ଅନ୍ତରର କୃତଜ୍ଞତା ପ୍ରକାଶ କରୁଅଛି ।

—ରଚୟିତା

# ମୁକ୍ତି-ପଥେ

## କୁଶୀ-ଲବ

| | |
|---|---|
| ପୁଣ୍ଡରୀକ | ଆଇନ ବ୍ୟବସାୟୀ କୌଣସି ଗୃହସ୍ଥ |
| ଅପରାଜିତା | ଗୃହିଣୀ |
| ବୃନ୍ଦଦତ୍ତ<br>ବୃନ୍ଦଲତା | ଉକ୍ତ ଦମ୍ପତିଙ୍କର ଯଥାକ୍ରମେ ପୁତ୍ର ଓ କନ୍ୟା |
| ଦାମା | ସେହି ଗୃହର ପୁରାତନ ଭୃତ୍ୟ |
| ଉତ୍ପଳବର୍ଣ୍ଣା | ପୁଣ୍ଡରୀକଙ୍କର ସହପାଠୀ ନାରୀ-ବନ୍ଧୁ |
| କ୍ଷମା<br>ବିଜୟିନୀ ବା ଜୟା | ନାରୀ ସମ୍ମିଳନୀରେ ନେତ୍ରୀଯୁଗଳ |
| ଜନକ | ସମ୍ମିଳନୀର ପୁରୋଧା |
| ଡାକ୍ତର ବାବୁ | ବ୍ୟବସାୟୀ ଓ ପୁଣ୍ଡରୀକଙ୍କର ବନ୍ଧୁ |

# ସ୍ଥାନ ଓ କାଳ ସଙ୍କେତ

**ପ୍ରଥମ ଅଙ୍କ**—ପୁଣ୍ଡରୀକଙ୍କ ବାସଭବନ । ବିବାହର ଅନ୍ୟୂନ ପାଞ୍ଚ ବର୍ଷ ପରେ, ପ୍ରଭାତର ପ୍ରାକ୍‌କାଳୀନ ଦୃଶ୍ୟ ।

**ଦ୍ୱିତୀୟ ଅଙ୍କ**—ପ୍ରଥମ ଅଙ୍କର ଠିକ୍ ତିନି ବର୍ଷ ପରେ କୌଣସି ଗୋଟିଏ ଦିନ ।

ଦୃଶ୍ୟ ଏକ—ପ୍ରାତଃକାଳ—ବାସଭବନ

ଦୃଶ୍ୟ ଦୁଇ—ସନ୍ଧ୍ୟା—ବାସଭବନ

ଦୃଶ୍ୟ ତିନି—ସନ୍ଧ୍ୟା ସଭା ମଣ୍ଡପ ଓ କବି କୁଟୀର

ଦୃଶ୍ୟ ଚାରି—ରଜନୀର ଶେଷ ଭାଗ· ବାସଭବନ

**ତୃତୀୟ ଅଙ୍କ**—ଦ୍ୱିତୀୟର ତିନି ବର୍ଷ ପରେ—ବାସଭବନ

ଦୃଶ୍ୟ ଏକ—ରାତିର ଶେଷଭାଗ

ଦୃଶ୍ୟ ଦୁଇ—ରାତିର ଶେଷଭାଗ

**ଚତୁର୍ଥ ଅଙ୍କ**—ତୃତୀୟର ଏକ ବର୍ଷ ପରେ—ବାସଭବନ

ଦୃଶ୍ୟ ଏକ—ରାତିର ଆଦ୍ୟଭାଗ

ଦୃଶ୍ୟ ଦୁଇ—ପରବର୍ତ୍ତୀ ରାତିର ଆଦ୍ୟଭାଗ

**ପଞ୍ଚମ ଅଙ୍କ**—ଚତୁର୍ଥର ଏକ ବର୍ଷ ପରେ—ବାସଭବନ

# ପ୍ରଥମ ଅଙ୍କ

[ କ୍ଷୁଦ୍ର ସହରର ଏକ ପ୍ରାନ୍ତରୁ ଗୋଟିଏ ବ୍ରାହ୍ମଣ ପରିବାର । ଗୃହସ୍ୱାମୀ ସୁଦୂର ଏକ ପଲ୍ଲୀଗ୍ରାମର ଅଧିବାସୀ । ଆଇନ ବ୍ୟବସାୟ କରିବା ଅଭିପ୍ରାୟରେ ସହରରେ ଆସି ବସବାସ କରିଅଛନ୍ତି । ଗୃହର ତଳ ଓ ଉପର ସାହାଲ୍ ମିଶି ପାଞ୍ଚୋଟି ପ୍ରକୋଷ୍ଠ ମଧ୍ୟରୁ ଉପର ସାହାଲର ଗୋଟିଏ ପ୍ରକୋଷ୍ଠ ଅନ୍ୟଗୁଡ଼ିକ ତୁଳନାରେ କିଞ୍ଚିତ୍ ପ୍ରଶସ୍ତ ଓ ବୈଠକ-ଖାନାରୂପେ ବ୍ୟବହୃତ ହୁଏ । ଅଭ୍ୟନ୍ତରରେ ଗୋଟିଏ ପ୍ରଶସ୍ତ ପ୍ରାଙ୍ଗଣ । ଗୃହର ପଶ୍ଚାଦ୍‌ଭାଗରେ ସହରର ବଡ଼ ରାସ୍ତା ସହିତ ସମ୍ମୁଖସ୍ଥ କ୍ଷୁଦ୍ର ରାସ୍ତାଟି ଅର୍ଦ୍ଧ ବୃତ୍ତାକାରଭାବରେ ମିଳିତ ହୋଇଅଛି । ଗୃହଟିର ପରିପାଟି ଓ ସାଜସଜ୍ଜା ଅତ୍ୟନ୍ତ ଆଡ଼ମ୍ବରଶୂନ୍ୟ । ଟିକିଏ ଯତ୍ନସହିତ ଗୃହର ଅଭ୍ୟନ୍ତରକୁ ଦୃଷ୍ଟି ଦେଲେ ଗୃହସ୍ୱାମୀଙ୍କର ସାଂସାରିକ ଅସ୍ୱଚ୍ଛଳତା ସହଜରେ ପ୍ରମାଣିତ ହୁଏ । ବୈଠକଘରେ ଏକ ପାର୍ଶ୍ୱରେ କେତେଗୁଡ଼ିଏ କାଗଜପତ୍ର, କାଳି, କଲମ ଟେବୁଲ ଉପରେ ଅସଂଯତ ଭାବରେ ବିକ୍ଷିପ୍ତ ଏବଂ ତାକୁ କେନ୍ଦ୍ର କରି କେତେଗୁଡ଼ିଏ ପୁରାତନ ଚୌକି । ଅନ୍ୟ ପାର୍ଶ୍ୱରେ ଆଉ ଗୋଟିଏ ଟେବୁଲ ଉପରେ ଦୁଇ ତିନୋଟି ବାଦ୍ୟଯନ୍ତ୍ର ଏବଂ ପାର୍ଶ୍ୱରେ ଖଣ୍ଡେ ଚୌକି । କାନ୍ଥରେ ଦେଶ ବିଦେଶର ପୁରାତନ ଶିଳ୍ପୀଙ୍କର କେତେଖଣ୍ଡି ଚିତ୍ର ଗୃହସ୍ୱାମୀଙ୍କର ଶିଳ୍ପକଳା ପ୍ରତି ଅଭିରୁଚିର ପ୍ରମାଣ ସ୍ୱରୂପ ବିଦ୍ୟମାନ । ମାତ୍ର ଯତ୍ନ ବା ତୀକ୍ଷ୍ଣ ଦୃଷ୍ଟି ଅଭାବରୁ ସେସବୁ କଳ୍ପନାର ପ୍ରାଣୀଗୁଡ଼ିକ ଧୂଳି ସମ୍ପର୍କରେ ମ୍ଳାନ ଓ ବିବର୍ଣ୍ଣ ।

କ୍ଷୁଦ୍ର ପରିବାରର ଗୃହସ୍ୱାମୀ ପୁଣ୍ୟଶ୍ଳୋକ, ସ୍ତ୍ରୀ ଅପରାଜିତା, ପାଞ୍ଚ ବର୍ଷର ଶିଶୁ ପୁତ୍ର ସ୍ମୃତିଦତ୍ତ ଓ ଜଣେ ବହୁଦିନର ପୁରାତନ ଭୃତ୍ୟ ।

ପ୍ରଭାତର ପ୍ରାକ୍‌କାଳ । ଅପରାଜିତା ଶଯ୍ୟା ତ୍ୟାଗ କରି ସେହି ଟେବୁଲ ପାଖରେ ବସି କୌଣସି ମାସିକ ପତ୍ରଟିଏ ଖୋଲି ଯନ୍ତ୍ର ସାହାଯ୍ୟରେ ଗୀତ ଗାଉଥିଲେ । ତାଙ୍କର ମୁଖରେ ବହୁ ଦିବସାବଧି ସଞ୍ଚିତ ବେଦନାର ମ୍ଳାନ ଆଭା ପରିସ୍ଫୁଟ ହେଉଥିଲେ ପୂର୍ଣ୍ଣ ଯୌବନଶ୍ରୀରେ ସର୍ବାଙ୍ଗ ହିଲ୍ଲୋଳିତ । ବୟସ ବିଂଶାଧିକ । ]

(୭)

ମଙ୍ଗଳ ଶଙ୍ଖ ଭରି          ମଙ୍ଗଳ ଦୀପ ଧରି
ପୂଜାରିଣୀ ଥିଲି ପଥ ଚାହିଁ ହେ,
ଶୂନ୍ୟ ଏ ମନ୍ଦିରେ          ସ୍ୱର୍ଣ୍ଣ ଆସନ ପାରେ
ଧୌତ ପୂତ ତୁମ ପାଇଁ ହେ ।

ଦୀନ ଦ୍ୱାରୁ ମୋର ଦେବତା
ଫେରିଲ ନ କହି ଗୋ ବାରତା,
ଅନ୍ତରେ ମଲି ପ୍ରୀତି ମମତା,
ଲେଉଟିଲ କି ବେଦନା ପାଇ ହେ,
ପୂଜାରିଣୀ ଥିଲି ପଥ ଚାହିଁ ହେ ।

ଅଜ୍ଞାନ ଅବୋଧ ସରଳ ପରାଣ ମମ
ଝୁରି ମରେ କେତେ ନଣି ବ୍ୟଥା ହେ !
ପରାଣ କମଳଗୋଟି ମଉଳି ପଡିବ ଲୋଟି
କାହିଁ ତବ ଆଲୋକର ବନ୍ୟା ହେ ?

ଜାଣି ନାହିଁ କେବେ ପୂଜାବିଧି,
ଅନ୍ଧ ମୁଁ ଜୀବନର ନିଧି,
ତବପ୍ରିୟ ଯେବେ, ପ୍ରତିବାଦୀ
ଏ ଜୀବନେ ମମତା ମୋ ନାହିଁ ହେ,
ପୂଜାରିଣୀ ଥିଲି ପଥ ଚାହିଁ ହେ ।

ଅସ୍ତ ଅଚଳ ଶିରେ ପାଣ୍ଡୁର ଶଶଧର
ମୃତ୍ୟୁ ସମାନ କାଳ ଯାମିନୀ,
କମ୍ପିତ ଏ ଧରଣୀ ଶୂନ୍ୟ ଦୂର ସରଣୀ,
ନ ବଣଇ କେଉଁ କୁଳକାମିନୀ ।

ଛୁଡ଼ିଛି ମୁଁ ତୁମ ଲାଗି ଲାଜ,
ନିଃସ୍ୱ ମୁଁ ଜୀବନର ସାଜ,
ତବ ଦରଶନ ଲାଗି ଆଜ,
ଆଶ୍ରୟ ତବ ବିନା କାହିଁ ହେ ?
ପୂଜାରିଣୀ ଥିଲି ପଥ ଚାହିଁ ହେ ।

ତ୍ୟକ୍ତ କୁସୁମ ମୁଁ ଗୋ ସଡ଼ଇ ଏ ଅମା ସଞ୍ଚିତ
ପ୍ରୀତିଭରା ପରାଣ ଅପୂର୍ଣ୍ଣ୍ୟ,
କଙ୍କାଳ ଶତ ଗ୍ଲାନି ବାସନାର ମୈଥ ଦ୍ୱାଣି
ନ ଭରିବ ଜୀବନର ସ୍ୱର୍ଗୀୟ ?

ରୂପହୀନ ପ୍ରୀତି ପରମାଦ,
କ୍ଷମ କ୍ଷମ ସବୁ ଅପରାଧ,
ଖଣ୍ଡ ସକଳ ଅବସାଦ !
ନଅ, ତୁମ ସ୍ରୋତେ ତରଣୀ ଭସାଇ ହେ !
ପୂଜାରିଣୀ ଥିଲି ପଥ ଚାହିଁ ହେ ।

[ ସଙ୍ଗୀତ ଶେଷରେ ଅପରାଜିତା ଦୀର୍ଘ ନିଶ୍ୱାସ ତ୍ୟାଗକରି ବ୍ୟଥିତ ଓ କ୍ଲାନ୍ତ ଚକ୍ଷୁ ଦୁଇଟି ଅସ୍ତଗାମୀ ଚନ୍ଦ୍ର ପ୍ରତି ନିବଦ୍ଧ କରି ଚାହିଁ ରହିଲେ । ଅଳ୍ପ କ୍ଷଣ ପରେ ପୁଣ୍ଡରୀକ କକ୍ଷାନ୍ତରରୁ ପ୍ରବେଶ କଲେ । ଶାନ୍ତ ଓ ଗମ୍ଭୀର ବଦନମଣ୍ଡଳରେ ବେଦନାର ଗଭୀର ଛାୟାପାତ । କେଶ ରୁକ୍ଷ ଓ ବିପର୍ଯ୍ୟସ୍ତ । ବୟସ ଅନ୍ୟୂନ ତ୍ରିଂଶତ୍ । ମାତ୍ର ନୟନଜ୍ୟୋତିର ଗଭୀରତା ବୟସ ତୁଳନାରେ ଅଭିଜ୍ଞତାର ଆଧିକ୍ୟ ସ୍ପଷ୍ଟ ପ୍ରମାଣ କରେ । ବାଦ୍ୟଯନ୍ତ୍ର ଆଡ଼କୁ ତାଙ୍କ ଦୃଷ୍ଟିପାତ କରିବା ସଙ୍ଗେ ସଙ୍ଗେ ସେ କହିବାକୁ ଲାଗିଲେ । ]

ପୁଣ୍ଡରୀକ—ଏ ପୂଜାର ପରିସମାପ୍ତି କେବେ କେଉଁଠାରେ ପୂଜାରିଣି ?
ଆମର ସାଂସାରିକ ଅବସ୍ଥା ଦୃଷ୍ଟିରେ ଏଭଳି ଲକ୍ଷଣ ତ ଆଦୌ ଶୁଭପ୍ରଦ ନୁହେଁ ? ଧନ ନାହିଁ, ବିତ୍ତ ନାହିଁ, କେବଳ ସଙ୍ଗୀତ ! ସଙ୍ଗୀତ ! ସଙ୍ଗୀତ ଛଡ଼ା ଆଉ କଣ ଜୀବନ ନାହିଁ ? ଆଉ କିଛି କାର୍ଯ୍ୟ ନାହିଁ ?

**ଅପରାଜିତା**— ( କରୁଣ ହାସ୍ୟ ସମ୍ବଳିତ ଈଷତ୍ ବିଦ୍ରୂପ ସ୍ୱରରେ ) ଓଃ ! ସମ୍ପୂର୍ଣ୍ଣ ଗୀତଟା ଶୁଣିଛ ତା ହେଲେ ? ମୁଁ ଭାବୁଥିଲି, ମୋର ପରିଶ୍ରମଟା ପଣ୍ଡ ହୋଇଗଲା ପରା ! ବର୍ତ୍ତମାନ ବୁଝୁଛି, ନିତାନ୍ତ ବ୍ୟର୍ଥ ହୋଇ ନାହିଁ ।

**ସୁଶ୍ରାବକ**—ଜୀବନଟାକୁ ବେଶ୍ ଥଟ୍ଟା ପରିହାସରେ ସରସ କରି ରଖିପାର ତୁମେ ସବୁ କିନ୍ତୁ ! ଦୁଃଖର ବିଷୟ, କେବଳ ରସଗ୍ରାହୀ ସଙ୍ଗୀ କେତେଜଣ ଯାହା ଜୁଟିଲେ ନାହିଁ । ମୋର ହୃଦୟର ରୁକ୍ଷ ଭୂମିରେ ପଡି ରସର ଅସଦ୍ବ୍ୟବହାର ହେଉଛି ସିନା ! ମୁଁ ତ ଆଜି ମର୍ତ୍ତ୍ୟ-ବିଦ୍ୟାଧରମାନଙ୍କ···

**ଅପରାଜିତା**—ଛିଃ, ଛିଃ, ସେ ଅଶ୍ଳୀଳ ଥଟ୍ଟା···ଲଜ୍ଜା ବୋଧ ହେଉନାହିଁ ?

**ସୁଶ୍ରାବକ**– କାହାକୁ ? ତୁମକୁ ନା ମୋତେ ?

**ଅପରାଜିତା**—ଜୀବନର ସବୁ ଦିଗରୁ ଯେତେବେଳେ ପ୍ରାଣ ଭରସା ଶୂନ୍ୟ ହୁଏ, ତାର ପ୍ରକୃତରେ ସଙ୍ଗୀତ ଛଡ଼ା ଆଉ କି ଆଶ୍ୱାସନା ଅଛି କହିଲ ?

**ସୁଶ୍ରାବକ**—(ଉତ୍ତ୍ୟକ୍ତ ହୋଇ) କିଛି କାର୍ଯ୍ୟ ନାହିଁ ? ଦରିଦ୍ର ଗୃହସ୍ଥର ସଙ୍ଗୀତ ଛଡ଼ା ଆଉ କିଛି କରିବାର ନାହିଁ ? କିଛି ଚିନ୍ତା ନାହିଁ ? କେବଳ ଗୀତ ? ହୁଁ······ ( କ୍ଷଣକାଳ ନୀରବ ରହି ଅସ୍ଥିର ଭାବରେ ପରିକ୍ରମଣ) ବେଶ୍, ବେଶ୍, କିନ୍ତୁ ମୁଁ କେତେଥର କହିଛି, ଏବଂ ଏବେ ମଧ୍ୟ କହୁଛି, ଏଭଳି ଗୀତ କେବଳ ଆତ୍ମ-ଅପମାନ······କେବଳ ଆତ୍ମହତ୍ୟା !

**ଅପରାଜିତା**—ତୁମ ମତରେ କ'ଣ ମୁଁ ସବୁଦା ସେହି ହେସେଲ ଘରେ, ପିଲାଟା ପଛରେ ଦିନ ରାତି ଘାଣ୍ଟି ହୋଇ ମରୁଥାନ୍ତି ? ମୋର ଆଉ କିଛି କରିବାର ନାହିଁ ? ଆଉ କିଛି ଭାବିବାର ନାହିଁ ? ନିରାନନ୍ଦ ଜୀବନରେ ଯେଉଁ ଗୋଟିଏ ମାତ୍ର ଆଶା ଓ ଆନନ୍ଦର ରଶ୍ମି, ତାକୁ ଏକାବେଳେ ପାଇଁ ବନ୍ଦ କଲେ ତୁମେ ଖୁସି ହେବ, ନା ?

**ସୁଶ୍ରାବକ**—( ଈଷତ୍ ଦୃଢ଼ ଓ ରୁକ୍ଷ ସ୍ୱରରେ ) ଏ ଅଭ୍ୟାସକୁ ବନ୍ଦ କରି ଦେବାକୁ ଚାହେଁ ? ହଁ, ମୁଁ ବନ୍ଦ କରି ଦେବାକୁ ଚାହେଁ ! ଏ ସବୁ ବିଳାସର ଖୋରାକ । କବିତ୍ୱ, କଳ୍ପନା ଆମ ଦରିଦ୍ର ଜୀବନରେ ପୋଷାଏ ନାହିଁ ବୋଲି ମୁଁ ଘୃଣା କରେ ।

**ଅପରୀଜିତା**—ଅଦ୍ଭୁତ ତୁମେ ! ଏ ଗର୍ବ ପାଞ୍ଚ ଛଅ ବର୍ଷ ମଧ୍ୟରେ କୌଣସି ଦିନ ଗୋଟାଏ ସହାନୁଭୂତି ବା ଅନୁରାଗର କଥା ଶୁଣିବା ଦୂରେଥାଉ, ପ୍ରତି ମୁହୂର୍ତ୍ତରେ ବିରାଗ, ବିରକ୍ତି, ବ୍ୟଙ୍ଗ ! ଆଚ୍ଛା, ଗୋଟାଏ ଲୋକ ବଞ୍ଚିବ କିପରି ?

**ପୁଣ୍ଡରୀକ**—ବଞ୍ଚିବ କିପରି ?—ଏଇ ଲକ୍ଷ କୋଟି ଦରିଦ୍ର ଯେପରି ବଞ୍ଚିଛନ୍ତି ?…ସଂଗ୍ରାମ କର…ଯୁଦ୍ଧ କର ! ଅସମ୍ଭବ ଲାଗୁଛି, ନା ? ସେଥିଲାଗି ବୋଧ ହୁଏ, ତୁମେ ଏ ସହଜ ପନ୍ଥାଟି ଧରି ନେଇଛ ପରା…ହାଃ ! (ବ୍ୟଙ୍ଗ ହାସ୍ୟ କରି ପୁଣି ଏ ପାଖରୁ ସେପାଖ ପରିକ୍ରମଣ )

**ଅପରାଜିତା**—ତୁମେ ବୃଥା କଥାଟାକୁ ଏତେ ଖିଅ ବାହାର କରି କାହିଁକି ଲୋକକୁ ପୋଡ଼ି ଜାଳି ମାର, କହତ ? ଏ ସଂସାରରେ କ'ଣ ଆଉ କୌଣସି ଝିଅ ବୋହୂ ନାହାନ୍ତି, ନା ସେମାନେ ଗୀତ ଗାଉ ନାହାନ୍ତି ? ମୋର ଦୁର୍ଭାଗ୍ୟକୁ ଖାଲି…ଓଃ !…ତୁମ ହାବୁଡ଼ରୁ ମରିବାର ବି ଉପାୟ ନାହିଁ !

**ପୁଣ୍ଡରୀକ**—ଗାଆନ୍ତୁ, ଗାଆନ୍ତୁ ! ସେମାନେ ଗୀତ ଗାଆନ୍ତୁ, ମଜଲିସ୍ କରନ୍ତୁ…ବିଳାସ ଆଳସ୍ୟରେ ଜୀବନଟାକୁ ମଦ୍ୟପାୟୀ ପରି ଉପଭୋଗ କରନ୍ତୁ । ମାତ୍ର ଆମମାନଙ୍କ ମୁଖରେ ସେମାନଙ୍କ ସଙ୍ଗୀତ ସୁନ୍ଦର ଶୁଣାଯାଏ ନାହିଁ, ଜାଣ ! ସେ ସଙ୍ଗୀତ କେବଳ ଆମ ଜୀବନର କଳଙ୍କ !…ଆତ୍ମଅପମାନ ! !

**ଅପରାଜିତା**—କେଉଁ ଗୀତଟା ତେବେ ଆମର ଆତ୍ମଗୌରବ, କହିଲ ଭଲା ? ସେଇ ଗୀତଟି ଏଣିକି ଗାଇବି ।

**ପୁଣ୍ଡରୀକ**—ହଁ, ସେ ଗୀତ ଅଛି ! ଆମ ଜୀବନର ସେ ଗୌରବଗୀତ ଗାଇବାର କ୍ଷମତା ତୁମର ଆସିଲାଣି ବୋଲି ମୋର ତ ମନେ ହେଉ ନାହିଁ ? ତାହା ହୋଇଥିଲେ ତୁମର ଏ ରୁଦ୍ଧ କ୍ରନ୍ଦନ, ଏ ଅଶ୍ରୁପୂର୍ଣ୍ଣ ହାହାକାର ଅନେକ ଦିନୁ ହିମାଳୟର ତୁଷାର ଭଳି ତରଳି ଯାଆନ୍ତାଣି ।

**ଅପରାଜିତା**—ସେ ଗୌରବଗୀତ ବୋଧେଇ ଘରେ ଗୃହକୋଣ ବାସୀର ନିରାନନ୍ଦମୟ ଜୀବନରେ ବୋଧହୁଏ, ନା ?

ପୁଣ୍ଡରୀକ—( ସୁଣି ତୁଷ ଦୃଢ଼ ସ୍ୱରରେ ) ହଁ, ଠିକ୍ ସେଇଠି । ସେଇ ନୀରସ ଶୁଷ୍କ ଧୂମାୟିତ ଗୃହକୋଣରେ···ଦୁଃଖ, ଅନାହାର, ରୋଗଯନ୍ତ୍ରଣାର ସେହି ଭୀଷଣ ଅନ୍ଧକୂପରେ ! ଗାଇ ପାରିବ ସେ ସଙ୍ଗୀତ ? ନା···ଖାଲି ଅଛା ନକଲ ଅବଜ୍ଞାରେ କଥାଟାକୁ ଉଡ଼ାଇ ଦେଇ କେତେଗୁଡ଼ାଏ ସୁରୋଚିତ ନିରର୍ଥ କାଳ୍ପନିକ ସୁଖରେ ନିଜକୁ ଭୁଲାଇବାଟା ତୁମ ପକ୍ଷରେ ଯେପରି ସମ୍ଭବ, ଅନ୍ୟ କିଛି ସେପରି ନୁହେଁ ।

ଅପରାଜିତା—ସେ ଚିତ୍ରରେ କଣ ମୁଁ ପଡ଼ ସଡ଼୍ ନାହିଁ ? ଆଉ ତୁମେ ତାର କି ପ୍ରମାଣ ଚାହଁ ? ଏତେ କର ତ ତୁମର ଗଳିବା ଦୂରେ ଥାଉ ବରଂ ଦିନକୁଦିନ କଠିଣ ଶିଳା ପରି ଶକ୍ତ ହେଉଛି ତୁମର ଅନ୍ତରଟା !

ପୁଣ୍ଡରୀକ—ହଁ, ତାର ପ୍ରମାଣ ମୁଁ ପ୍ରତିଦିନ ପାଉଛି ବୋଲି କହୁଛି, ସେ ସଙ୍ଗୀତ ଗାଇବାର ଶକ୍ତି ତୁମର ଆସି ନାହିଁ । ଆଚ୍ଛା ସତ କରି କହିଲ—ଶୂନ୍ୟ ମନ୍ଦିରଟାରେ ବସି ଏ ଯେ ପୂଜାର ଆୟୋଜନ ତୁମର, ଏଥିରେ କ୍ଷତି ଛଡ଼ା କିଛି ଲାଭ ଅଛି କି ?

ଅପରାଜିତା—ସାମାନ୍ୟ ଗୀତ ପଦେ ଯାହାର ଅସହ୍ୟ, କର୍ଣ୍ଣଶୂଳ, ସେ ମୋର ଶୂନ୍ୟ ମନ୍ଦିରର କାର୍ଯ୍ୟର ବିଚାରକ ହେବା ବଡ଼ ଅସ୍ୱାଭାବିକ କିନ୍ତୁ !

ପୁଣ୍ଡରୀକ—ମୁଁ ଦେଖୁଛି, ଅହରହ ଏହି ବ୍ୟର୍ଥ ନାଟ୍ୟର ଅଭିନୟ କରିବା ଅପେକ୍ଷା ଆମ ଦୁଇ ଜଣଙ୍କର ସାମୟିକ ହେଉ ବା ବହୁକାଳ ଲାଗି ହେଉ ବିଚ୍ଛେଦ ଶ୍ରେୟସ୍କର । ସେଥିରେ ଅବା ତୁମେ ମୁକ୍ତିର ସନ୍ଧାନ ପାଇ ପାର···ବୃଥାଟାରେ ଏ ଗୃହ-କୋଣଟାରେ ଅବରୁଦ୍ଧ ହୋଇ ଏ ମର୍ମଭେଦୀ ଆର୍ତ୍ତନାଦ କେହି ଶୁଣିବେ ନାହିଁ ।

ଅପରାଜିତା—ହଁ, ତୁମେ ଯାହା ଭଲ ଠିକ୍ କରିବ କର । ମୋର ତ ମୁକ୍ତି ତୁମ ହାତରେ···ସମାଧାନ ତୁମର ହାତରେ । ତୁମେ ଯାହା କହିବ ମୁଁ ସେଥିକି ପ୍ରସ୍ତୁତ, ମାତ୍ର ସବୁବେଳେ ଏପରି ରକ୍ତ ଚୂଉଳ ଦେଖାଇବା···

ପୁଣ୍ଡରୀକ—ତାହାହେଲେ, ତୁମ ପିତାଙ୍କ ଘର ତ ତୁମ ଲାଗି ଚିରଦିନ ମୁକ୍ତ ରହିଛି । ସେଠି କାହିଁ ଗଲ ନାହିଁ ତୁମେ···? ତାଙ୍କର ତ ଆପତ୍ତି କରିବାର କାରଣ କିଛି ନାହିଁ । ଆଉ ମଧ୍ୟ ଲୋକଲଜ୍ଜା ବା ଅପବାଦର ଭୟ ତ ?

ଅପରାଜିତା—କାହାର ଲୋକଲଜ୍ଜାର ଭୟ କରୁଛ ତୁମେ ? ମୋର ? ଯାହାର ସମାଜରେ, ଜନଜଗତରେ, ଏ ସୁନ୍ଦର ମାନବ ଜୀବନରେ ତିଳେ ହେଲେ ପ୍ରତିଷ୍ଠା ନାହିଁ, ତାର ପୁଣି କି ଭୟ କି ଲଜ୍ଜା ? କିନ୍ତୁ ସେଥିରେ କଣ ଆମର ଦାମ୍ପତ୍ୟ ଜୀବନର ଏ ତୁମୁଳ ସଂଗ୍ରାମର ଶେଷ ମୀମାଂସା ହେବ ?

ପୁଣ୍ଡରୀକ—ସେଥିରେ ନ ହୁଏ ତ ଆଉ କଣ ଶୂନ୍ୟ ମନ୍ଦିରର ଏହି ଅଶ୍ରୁ, ଗ୍ଳାନି, ଅନୁତାପ, ଚିର ହାହାକାରର ପୂଜାରେ ହେବ ? ଏ ପୂଜାରେ ଅନ୍ୟ କେହି ସନ୍ତୁଷ୍ଟ ହୁଅନ୍ତୁ, ନ ହୁଅନ୍ତୁ, ଦେବତା ସେ ହେବେ ନାହିଁ, ଏହା ନିଶ୍ଚୟ କରି ଜାଣିଥାଅ ।

ଅପରାଜିତା—କିଏ ତୁମକୁ ସେ କଥା କହିଲା ? ଯେ ଯବେ ଗୀତ ଶୁଣି ଏତେ ଅସଜ୍ଜିତ ହୋଇପଡେ, ସେ କିପରି ମୋର ମୂକ ଦେବତାଙ୍କର ପରିଚୟ ପାଇବ ? (ଅଶ୍ରୁପୂର୍ଣ୍ଣ ଚକ୍ଷୁରେ) କିନ୍ତୁ···ନା···ତୁମେ ଦିନେ ତାର ସନ୍ଧାନ ପାଇଥିଲ । ତାର ସ୍ପର୍ଶ ପାଇଥିଲ । ସେଦିନ ସେହି ମିଳନର ଅପୂର୍ବ ଦିନଟି···ତାକୁ କଣ ଆଜିକାର ଶତ କଠୋର ବ୍ୟବହାର, ଶତ ଅପମାନ, ଅବହେଳା, ଲାଞ୍ଛନା ସତ୍ତ୍ୱେ ମୁଁ ଭୁଲି ପାରୁଛି ? ···ସେଦିନ ତୁମେ କି ସୁନ୍ଦର···କି ଅପୂର୍ବ ତୁମର ଭାବ···କି ଅପୂର୍ବ ତୁମର ଆଚରଣ··· !

ପୁଣ୍ଡରୀକ—(ରୁକ୍ଷ ସ୍ୱରରେ ବାଧା ଦେଇ) ପୁଣି ସେହି ଅବାସ୍ତବ ରାଜ୍ୟର କଳ୍ପଲୋକର ଅପ୍ସରା କାହାଣୀ ! ମିଥ୍ୟା, ମିଥ୍ୟା···କେତେ ଗୁଡ଼ାଏ ଅଳୀକ ରୂପକଥା ମାତ୍ର ! ମୋର ପ୍ରକୃତ ରୂପ ସେ ନୁହେଁ । ତାହା ଭ୍ରମ···ମହା ଭ୍ରମ ତୁମର, ଜିତା···ଭୁଲିଯାଅ··· କଳ୍ପଲୋକର ସ୍ୱପ୍ନତାନକୁ ଭୁଲି ବାସ୍ତବରେ ଦେବତାଙ୍କୁ ଖୋଜ ନିଅ ।

ଅପରାଜିତା—( ପୂର୍ବବତ୍ ସ୍ୱପ୍ନାବିଷ୍ଟ ହୋଇ ) ଭୁଲିବି ? କାହାକୁ ଭୁଲିବି ? ଅମହାପ୍ରୁ ଜୀବନର ଆଶ୍ରୟ ଯେ...ଏ ଜୀବନର ସୀମାହୀନ ଅନ୍ଧକାରରେ ଆଲୋକ ଯେ, ତାଙ୍କୁ ଭୁଲିବି ? ସେହି ମୋର ଚିରଦିନର ଦେବତା...ମୋର ପ୍ରାଣର ଦେବତା... କାସ୍ତବର ଦେବତା...ପ୍ରେମମୟ ଦେବତା । ତାଙ୍କଠାରୁ ବିଚ୍ଛେଦ ? ଅସମ୍ଭବ, ଅସମ୍ଭବ ! ଦିନେ ତାଙ୍କୁ ଦେଖିଛି ବୋଲି, ତାଙ୍କର ସ୍ପର୍ଶଲାଭ କରିଛି ବୋଲି, ଏ ନିରାନନ୍ଦମୟ ଜୀବନର ଦୁର୍ଦ୍ଦିନରେ ମୁଁ ବଞ୍ଚି ରହିଛି । କାହାକୁ ଭୁଲିବି ? ଅସମ୍ଭବ, ଅସମ୍ଭବ ! ଦିନେ ତାଙ୍କୁ ଦେଖିଛି ବୋଲି ତାଙ୍କର ପଦ୍ମପାଦତଳେ ବସି ପୂଜା କରୁଛି...ଚିରଦିନ କରୁଥିବି । ସକଳ ଦୁର୍ଦ୍ଦିନରେ ଦୁଃଖରେ ସେହି ପୂଜାହିଁ ମୋର ନିରର୍ଥ ନାରୀଜୀବନକୁ ସାର୍ଥକ କରିବ ।

ପୁଣ୍ଡରୀକ—(ବ୍ୟଙ୍ଗ ହାସ୍ୟ କରି) ଏଭଳି କହିବା ମନ୍ଦ ନୁହେଁ । କିନ୍ତୁ ନିଷ୍ଠୁର ବାସ୍ତବର ସଂଗ୍ରାମରେ ଏ ସବୁ ପୁଞ୍ଜୀଭୂତ କଳ୍ପନା ଯେ ଚୂର୍ଣ୍ଣ ହୋଇ ଧୂଆଁ ହୋଇଯାଏ, ଜିତା !

ଅପରାଜିତା—ଧୂଆଁ ହୋଇଯାଏ ? ସେ ଯେ ଜୀବନର ଅମର ସ୍ମୃତି ! ମଥିତ ସାଗରର ଅମୃତ ! ତୁମର ମନେ ନାହିଁ ? କିନ୍ତୁ ମୋର ମନେ ଅଛି । ସ୍ମୃତିରୁ ସେ ଲିଭିବାର ନୁହେଁ...ପୋଛି ହୋଇ ଯିବାର ନୁହେଁ ! ସେହି ମିଳନର ପ୍ରଥମ ରଜନି ! .. ବାସର ମନ୍ଦିରର ଶଯ୍ୟା ପାର୍ଶ୍ୱରେ....ସେହି ମ୍ଳାନାଲୋକର ଗୃହଦ୍ୱାରେ ଦୁରନ୍ତ ଅଶା ଦେଇ ମୋର ହୃଦୟର ରୁଦ୍ଧ ଦ୍ୱାରରେ ମୃଦୁ ଆଘାତ କରିଥିଲେ ସେ । ....ସେହି, ସେହି ମୋହର ଦେବତା ।

ପୁଣ୍ଡରୀକ—ସେ ସ୍ମୃତି ଯଦି ଅମର, ଜୀବନର ସେହି ଶୁଭ ମୁହୂର୍ତ୍ତଟି ଯଦି ତୁମ ସ୍ମୃତିରେ ଆଜିଯାଏ ଜାଗ୍ରତ ରହିଛି, ତେବେ ଆଜ ଏତେ ହାହାକାର କାହିଁକି...ଏତେ ଅଶାନ୍ତ କାହିଁକି ? ଏ ନିଷ୍ଠୁର ବାସ୍ତବତାର ବ୍ୟୂହ ଭେଦ କରି ସେ ଦେବତାର ସନ୍ଧାନ କରିବାର ବଳ ଅଛି ? ସାହସ ଅଛି ? ( ପରିକ୍ରମ କରୁ କରୁ ଉଚ୍ଚହାସ୍ୟ କରିବା )

**ଅପରାଜିତା**—କିନ୍ତୁ ଦେବତାର ସେ ସେହି ପ୍ରଥମ ଆଉ ଶେଷ ସାକ୍ଷାତ୍ ! ମୋର ଭାଗ୍ୟଦୋଷରୁ ସେ ଚପଳ ବସନ୍ତ ପରି ଥରେ ଆସି କେବେ ଅଜ୍ଞାତରେ ଅନ୍ତର ହୋଇଗଲେ ! ସେହିଦିନୁ ଏ ମନ୍ଦିର ଶୂନ୍ୟ—ଅନ୍ଧକାର ! ପୁଣି ମନ୍ଦିରରେ ଦେବତାର ପୁନଃପ୍ରତିଷ୍ଠା ନ କଲାଯାଏ ମୋର ଗତି କାହିଁ ?

**ପୁଣ୍ଡରୀକ**—(ଈଷତ୍ ଉଚ୍ଚହାସ୍ୟ କରି) ଯେ ଦେବତା ଏତେ ଚପଳ, ସେ ଦେବତା ନୁହେଁ, ସ୍ୱର୍ଗତାନ—ଲଙ୍କାର ଦାନବ ! ଅପରିଚିତ୍ତ ଅନଭିଜ୍ଞ ଅବସ୍ଥାରେ ତରୁଣ ଜୀବନର ସ୍ୱପ୍ନର ମୋହରେ ତୁମେ ଦିନେ ମୋ ଭିତରେ ସେହି ପ୍ରେତାତ୍ମାର ସ୍ପର୍ଶ ପାଇଥିବା ଅଛି ନୁହେଁ । କିନ୍ତୁ ଜିତା, ବିଶ୍ୱାସ କର, ସେ ମୋର ପ୍ରକୃତ ରୂପ ନୁହେଁ···ପ୍ରେତାତ୍ମା ! ପ୍ରେତାତ୍ମା ! ତାର ସନ୍ଧାନରେ ବୁଲୁଛ, ବୁଲ···ଦିନେ ପୋଡ଼ି ହୋଇ ମରିବ । (ପୁଣି ଉଚ୍ଚହାସ୍ୟ)

**ଅପରାଜିତା**—ମିଥ୍ୟା କଥା ! ମିଥ୍ୟା କହି ମୋତେ ଭୁଲାଅ ନାହିଁ । ସେ ମୋର ଦେବତା···ଚିର ପ୍ରିୟ ଦେବତା ଆଉ ତାଙ୍କୁ ପ୍ରେତାତ୍ମା ତୁମର ଆଜିକାର ଏ ରୂପ !—(ଉତ୍ତେଜିତ ହେବାର ଅଭିନୟ)

**ପୁଣ୍ଡରୀକ**—ବାଃ ! ବାଃ ! ବେଶ୍ କହିଲ ! ଚମତ୍କାର ! ଚମତ୍କାର ! ପ୍ରେତାତ୍ମା··· ମୁଁ ପ୍ରେତାତ୍ମା ! ଏ ବନବୀଥିକା ମଧ୍ୟରେ ତୁମେ ବଞ୍ଚିବ କିପରି, ଜିତା ?···ଏହି ପ୍ରେତଲୋକରେ···ଏହି ଦାନବ ପୁରୀରେ ? ମୁକ୍ତ ହୁଅ, ମୁକ୍ତ ହୁଅ ! (ଅସ୍ଥିର ଭାବରେ ବିଚରଣ)

**ଅପରାଜିତା**—ହଁ, ମୁକ୍ତ ହେବି···ମୁକ୍ତ ହେବି ! ଗତ କେତେ ବର୍ଷ ଯାବତ୍ ପ୍ରତି ମୁହୂର୍ତ୍ତରେ ପ୍ରାଣ ମନ ଯେପରି ତିକ୍ତ ହୋଇଉଠିଛି, ସେଥିରେ ଏପରି କଦର୍ଯ୍ୟ ଜୀବନ ଧରି ରହିବା ଅପେକ୍ଷା ମୃତ୍ୟୁ ଶତଗୁଣେ ଶ୍ରେୟସ୍କର । ମାତ୍ର ମୁକ୍ତି ଦେବ କିଏ ? ସେ ଦେବତା ତ୍ୟାଗ ନ କଲାଯାଏ, ମୁକ୍ତି ନ ଦେଲାଯାଏ ମୁଁ ଯିବି କେଉଁଆଡ଼େ ?

**ପୁଣ୍ଡରୀକ**—ତୁମର ସେ ଦେବତା ଯେ ମରିଛି, ଜିତା ।

**ଅପରାଜିତା**—ନା, ସେ ତୁମରି ହୃଦୟମନ୍ଦିରରେ ସୁପ୍ତ ରହିଛି ମାତ୍ର । ତୁମେ ଇଚ୍ଛା କଲେ ପୁଣି ସେହି ଚିରବସନ୍ତର ଆବିର୍ଭାବ ହୋଇ ପାରେ ।

**ପୁଣ୍ଡରୀକ**—(ପୁଣି ଶୀଘ୍ର ବ୍ୟଙ୍ଗ ସ୍ୱରରେ) ହାଃ, ମାନବର ଇଚ୍ଛା ! ଏହି ବିଶାଳ ସୃଷ୍ଟିରେ ମୋର ଇଚ୍ଛା ! ତୁମର ଇଚ୍ଛା !

**ଅପରାଜିତା**—ହଁ, ତୁମର ଇଚ୍ଛା···ତୁମେ ଯଦି ସ୍ପଷ୍ଟଭାବରେ କହ, ଆମର ବିଚ୍ଛେଦ ଶ୍ରେୟସ୍କର, ତେବେ ମୁଁ ଦୂର ହୋଇଯିବି ।

**ପୁଣ୍ଡରୀକ**—ମୋର ତ ସେପରି ସତ୍ ବା ଅସତ୍ ଇଚ୍ଛା ମୂଳରୁ ନାହିଁ ।

**ଅପରାଜିତା**—ସେ କପଟତା ଛାଡ଼ । ସ୍ପଷ୍ଟ କଥାଟି ମୋତେ ଖୋଲି କହିଦିଅ । ଜୀବନର ସମସ୍ତ ଜଟିଳ ପ୍ରଶ୍ନର ମୀମାଂସା ଏହି ମୁହୂର୍ତ୍ତରେ ହୋଇଯିବ ।

**ପୁଣ୍ଡରୀକ**—ଏ ସବୁ ବ୍ୟାପାରରେ ମୋର ଯେ ସ୍ୱତନ୍ତ୍ର ଇଚ୍ଛା କିଛି ନାହିଁ, ଜିତା । ତୁମ ପକ୍ଷରୁ ବିବେଚନା କରି ମୁଁ ସେପରି କହୁଥିଲି ମାତ୍ର । କହୁଥିଲି, ତୁମେ ଯେତେବେଳେ ଜୀବନର ଚୂଡ଼ାନ୍ତ ପ୍ରାନ୍ତରେ ବୁଲିବାର ଶକ୍ତି ହାସଲ କରି ନାହିଁ, ସେପର୍ଯ୍ୟନ୍ତ ଏ ପ୍ରେତପୁରୀରୁ ତୁମର କିଛିଦିନ ଲାଗି ଅବକାଶ ନେବା ବିଧେୟ ।

**ଅପରାଜିତା**—ପୁଣି ସେପରି ଗୋଟାଏ ଛଳନା କଥା କହି ଲାଭ କଣ ? ମୁଁ ତ କେତେ ଥର କହିଛି···ମୁକ୍ତକଣ୍ଠରେ, ମୁକ୍ତପ୍ରାଣରେ,·· ତୁମେ ତୁମର ମାର୍ଜିତ ଅଭିରୁଚି ଅନୁରୂପ ଅନ୍ୟ କାହାକୁ ଗ୍ରହଣ କର । ମୁଁ ସୁଖୀ ହୁଏ । ମୋର ଭିତ ଜୀବନର ମଙ୍ଗଳଘଟ ପୂର୍ଣ୍ଣ ହେଉ । ତା ପରେ···ତା ପରେ,···ମୁଁ ଆପଣା ଛାଏଁ ଦୂର ହୋଇଯିବି !---ବୃଥାଟାରେ ଦୁଇଟା ପ୍ରାଣୀ ଜଳି ପୋଡ଼ି ମରିବା ଅପେକ୍ଷା ଜଣକର ବଳିଦାନ ଶ୍ରେୟସ୍କର·· (ଅଶ୍ରୁମୋଚନ)

**ପୁଣ୍ଡରୀକ**—( ପୂର୍ବ ପରି ସେହି ବ୍ୟଙ୍ଗ ସ୍ୱରରେ )—ତୁମେ ଦୂର ହୋଇ ଯିବ, ଆଉ ମୁଁ ତୁମ ମଙ୍ଗଳଘଟର ପୂର୍ଣ୍ଣ ଅଭିଷେକରେ ଅଭିଷିକ୍ତ ହୋଇ ସମସ୍ତ ବିପଦଟାକୁ ଉଦରସାତ୍ କରିବି ? ଏ କଳ୍ପନା ତ ତୁମର ସ୍ୱାର୍ଥପରତା ଛଡ଼ା ଆଉ କିଛି ନୁହେଁ, ଜିତା ! ହଁ ଯଦି ନୀଳକଣ୍ଠ ଦେବତାଙ୍କର ଅପାର ଶକ୍ତି ମୋଠାରେ ଥାନ୍ତା, ତେବେ ବିଶ୍ୱର ସକଳ ଗଣ୍ଡଗୋଳର ଶାନ୍ତି ଲାଗି ସେଇଟାକୁ ହସି ହସି ଉଦରସାତ୍ କରନ୍ତି । ବୁଝିଲ ? ମାତ୍ର ମୁଁ ଯେ ମର୍ତ୍ତ୍ୟର ମାନବ ଜିତା ! ପଦେ ପଦେ ମୋର ଶଙ୍କା, ଭୟ, ଦ୍ୱିଧା, ଦ୍ୱନ୍ଦ୍ୱ, ଅବିଶ୍ୱାସ ଓ ବିସ୍ମରବୁଦ୍ଧିର ଦଂଶନ !

**ଅପରାଜିତା**—ସେହି ବସ୍ତୁରବୃଦ୍ଧି, ସଂଶୟ, ଦ୍ୱିଧା ଯେ ଜୀବନର କଣ୍ଟକ ତାହା ନ ହୋଇଥିଲେ ଯୌକେତେଦିନୁ ଆମମାନଙ୍କର ଜୀବନର ଜଟିଳ ପ୍ରଶ୍ନର ମୀମାଂସା ହୋଇ ସାରନ୍ତାଣି । ଦେଖୁନାହଁ ସେହି କୃଷକ ଦମ୍ପତିଙ୍କୁ ? ସେମାନେ କେଡ଼େ ସୁଖରେ···କେଡ଼େ ଆନନ୍ଦରେ···

**ପୁଣ୍ଡରୀକ**—ତୁମକୁ ବୁଝାଇବା ବଡ଼ ମୁସ୍କିଲ, ଜିତା ! ମୀମାଂସା ହୋଇଥିଲେ ପରିଣାମ ଆମେ ତ ଭୋଗ କରିଥାନ୍ତୁ···ଆଉ, ଆଜ ମଧ୍ୟ ଯେ ମୀମାଂସା ହୋଇ ନାହିଁ, ତାହା ନୁହେଁ । ମୀମାଂସା ହୋଇଛି ଏବଂ ପରିଣାମ ମଧ୍ୟ ଆମେ ଦୁହେଁ ଭୋଗ କରୁଛୁ; ତେବେ ଏତିକି ପ୍ରଭେଦ ଯେ, ତାହା ଆମମାନଙ୍କ ରୁଚି ବା ମନର ଅନୁରୂପ ନୁହେଁ । ଜୀବନଟାକୁ ଆମେ ସର୍ବଦା ମୁଖରୋଚକ ମୋଦକ ଚକ୍ଷୁରେ ଦେଖୁଁ କି ନା ?

**ଅପରାଜିତା**—ମୁଁ ତ ତର୍କର ଚାବୁକ ଦେଇ ଦୁଃଖଟାକୁ ଲୁପିଦେଇ ପାରୁ ନାହିଁ, ତେଣୁ ମୁଁ ହବାଗଣ୍ଡି ମରୁଛି । ଆଉ ତୁମେ···ତୁମେ ମୁକ୍ତିର ମାୟାଜାଲ ବୁଣି ଶୁଷ୍କ କପଟ ତର୍କରେ ଉଭୟଙ୍କୁ ଶାନ୍ତି କହୁଛ···ସମାଧାନ ହେଲା···ମୀମାଂସା ହେଲା··· !

**ପୁଣ୍ଡରୀକ**—ଗୋଟିଏ କଥା ଭୁଲିଗଲ ଯେ, ସେହି ସ୍ୱାର୍ଥପରତାର ଶାସ୍ତି-ସ୍ୱରୂପ ମୁଁ ଯେ ନିଜେ ଦଗ୍ଧ ହେଉଛି···ସେ କଥା ପାଶୋରି ଯାଉଛ କାହିଁକି ?

**ଅପରାଜିତା**—(କଣ୍ଠରୁ କୋମଳ ସ୍ୱରରେ)—ମୁଁ ତ ସେ କଥା କହୁ ନାହିଁ, ବନ୍ଧୁ ! ମୁଁ କହୁଛି, ତୁମେ ଦଗ୍ଧ ହେଉଛ, ପୁଣି··· ପୁଣି···ମୋତେ ·· ନା, ନା, ତୁମେଇ ଦଗ୍ଧ, ତୁମେଇ ଅସୁଖୀ ହେଉଛ । ମୁଁ ସେଥିପାଇଁ ଲୁହେଁ, ଏହାର ଗୋଟାଏ ମୀମାଂସା ।

**ପୁଣ୍ଡରୀକ**—ମୋର ଦୃଢ଼ତ ମୀମାଂସା ବା ସେ ବିଷୟରେ ପ୍ରଶ୍ନ ତୁମର ଶକ୍ତିର ଅଗୋଚର, ଜିତା ! ମୋର ମଧ୍ୟ ନାହିଁ···ମୋର ସମବୟସ୍କ ସଙ୍ଗୀ ସହଚରମାନଙ୍କର ନାହିଁ । ଅଛି, ଅଛି ଜଣକର···ନା, କାହାର ଅଛି ମୁଁ ଜାଣେ ନାହିଁ···ତେଣୁ କେବଳ ନୀରବରେ ଜୀବନର ଧ୍ୱଂସକେତ ଦୁଃଖଗୁଡ଼ାକ ଭାରବାହୀ ପଶୁ ପରି ପିଠିରେ ଧରି ଚାଲିଛି !

**ଅପରାଜିତା**—ଆମ ଦୁହିଙ୍କ ଉପରେ ଯେଉଁ ସମାଜ, ଯେଉଁ ଗୁରୁଜନ, ଏହି ମିଳନର ଗୁରୁଭାର ଲଦି ଏତେ ଯନ୍ତ୍ରଣା ଦେଉଛନ୍ତି, ସେମାନଙ୍କୁ ଧିକ୍…ଆଉ ଧିକ୍ ଆମମାନଙ୍କର ଏହି ଶୂନ୍ୟ ଜୀବନକୁ ! ଯଦି ଏହାର କୌଣସି ସମାଧାନ ନାହିଁ, ତେବେ କେତେ ଦିନ ଏହିପରି ଶୂନ୍ୟ ମନ୍ଦିରରେ ବସି ସ୍ୱପ୍ନର ମାୟାଜାଲ ବୁଣୁଥିବା ? ତୁମର କଣ ଏହି କପଟଜାଲରୁ ମୁକ୍ତିଲାଭ କରିବାର ସ୍ପୃହା ନାହିଁ ?

**ସୁସ୍ମିକ**—ନାହିଁ…

**ଅପରାଜିତା**—କାହିଁକି ନାହିଁ ? ସମାଜ ବିରୁଦ୍ଧରେ ଠିଆ ହେବାର ଶକ୍ତି ନାହିଁ ? ମୋର ଜନ୍ମ ଏହି ଦାସତ୍ୱ ଅସହ୍ୟ । ଯେଉଁ ସମାଜ ଆମମାନଙ୍କର ଶ୍ରଦ୍ଧା ଦାବୀ ନ କରେ, ତାର ଆମମାନଙ୍କ ଜୀବନ ଉପରେ କି ଦାବୀ ଅଛି ?

**ସୁସ୍ମିକ**—ଏ ମିଳନ ଲାଗି ତ ସମାଜ ଦାୟୀ ନୁହେଁ, ଜିତା !

**ଅପରାଜିତା**—ତେବେ ?

**ସୁସ୍ମିକ**—ତେବେ କିଏ ଜାଣେ ନା ।

**ଅପରାଜିତା**—ତେବେ କଣ ଭାଗ୍ୟ ? ନିୟତି ? ଭଗବାନ୍ ?

**ସୁସ୍ମିକ**—ନିୟତି ? ଭାଗ୍ୟ…ହୋଇ ପାରେ…ନା, ତାହା ମଧ୍ୟ ଜାଣେ ନା । କେବଳ ଏତିକି ଜାଣେ…ଶତ ଚେଷ୍ଟା ସତ୍ତ୍ୱେ, ଅନିଚ୍ଛା ସତ୍ତ୍ୱେ ତୁମର ଓ ମୋର ଦୁଇଟି ଜୀବନସ୍ରୋତ ଏକୀକୃତ ହୋଇଛି …ଆଉ ଇଚ୍ଛାକୃତ ସ୍ରୋତଟି ଶତ ସ୍ୱପ୍ନ ଓ ଇଚ୍ଛାର ନିବିଡ଼ ବନ୍ଧନ ଭାଙ୍ଗି ଦେଇ ସ୍ୱାଧୀନ ହୋଇଛି….ବିଚିତ୍ର, ବିଚିତ୍ର ମାନବର ସେହି ଭାଗ୍ୟବିଧି !….କେଉଁ ଅଦୃଷ୍ଟ ଲୋକରେ ବସି କିଏ ଜୀବନର ଜାଲ ବୁଣୁଛି…କିଏ ମିଳନ ବିଚ୍ଛେଦର ଗ୍ରନ୍ଥ ରଚନା କରୁଛି… ସେ ତ ମୋର ଜ୍ଞାନର ଅଗୋଚର, ଜିତା ! କେବଳ ତାର ଅସ୍ପଷ୍ଟ ଆଭାସ,…କେବଳ ସୁଦୂର ସ୍ୱପ୍ନର ବାଣୀ ଭଳି ତାର ଇଙ୍ଗିତ, ଅତି ଅଧେ ପ୍ରାଣରେ ଅନୁଭବ କରୁଛି ମାତ୍ର ।…ତାର ବଜ୍ରଗମ୍ଭୀର ବାଣୀ ମାନବ ପ୍ରାଣରେ ଅପ୍ରତିହତ ଭାବରେ କାର୍ଯ୍ୟ କରୁଛି…ଅବସର ପାଇ ନ ଥିଲେ ମଧ୍ୟ ମୁଁ କ୍ଷୁଦ୍ର କେତୋଟି ଘଟଣାରୁ ବିଶ୍ୱାସ କରୁଛି । ହଁ ଜିତା, ସେହି ନିୟତି…ଭାଗ୍ୟ…

ସେହି ମଙ୍ଗଳବିଧାୟକ···ସେ ତୁମର ଓ ମୋର ଜୀବନର କର୍ଣ୍ଣଧାର, ଚାଳକ···ସେହି ସେ । ଆଜି ଆମମାନଙ୍କର ଏ ଅଭିଳାଷ, ବାସନା, ଦ୍ୱନ୍ଦ୍ୱ, ସମାଧାନ, ସକଳ ଅବିଶ୍ୱାସ ବିପୁଳ ସାଗରର ବୁଦ୍‌ବୁଦ ଭଳି ସେହି ମଙ୍ଗଳମୟ ମହାସାଗରରେ ଲୀନ ।··· (ଦୀର୍ଘଶ୍ୱାସ)

ଅପରାଜିତା—(ଉତ୍ତେଜିତସ୍ୱରରେ) ଓଃ ! ତେବେ କଣ ମୁକ୍ତି ଅସମ୍ଭବ ? ତେବେ କଣ ଏହି ଅଶେଷ ତୀବ୍ର ଦାହନର ଅବସାନ ନାହିଁ ? ....ଏହି ଗଭୀର ଅନ୍ଧକାରର କଣ ବିରାମ ନାହିଁ ? ହାୟ ମନ୍ଦବିଧି ! (ଅଶ୍ରୁମୋଚନ) ନା, ନା, ବନ୍ଧୁ....ମୋ ଯୋଗୁଁ ତୁମେ କାହିଁକି ଅଯଥା ଜଳି ପୋଡ଼ି ମରିବ ? କାହିଁକି ଶକ୍ତିର ଅପଚୟ କରିବ ? ତୁମେ ମୁକ୍ତ ହୁଅ....ତୁମେ ସୁଖୀ ହୁଅ । ସମାଜ, ନିୟତି, ଭାଗ୍ୟ, ଭଗବାନ୍, ଏ ସମସ୍ତ ଅଳୀକ ସ୍ୱପ୍ନ, ଅଳୀକ ବନ୍ଧନ ଛିନ୍ନ କରି ମୁକ୍ତ ହୁଅ । ଆଜି ଯଦି ଅନନ୍ତ ନରକଗାମୀ ହେବାକୁ ହୁଏ ତ ମୁଁ ହେବି । ଦିଅ, ଆଜି ଏହି ମୂକ ନାରୀର ଶିରରେ ସମସ୍ତ ଦୁଃଖଭାର, ସମସ୍ତ ଚିନ୍ତାଭାର ଲଦି ଦିଅ....ଦଗ୍ଧ ହେବି, ଶୋଚନା ନାହିଁ, ମାତ୍ର ତୁମେ···ତୁମକୁ ସୁଖୀ ଦେଖି ମୁଁ ହେଲେ ଟିକିଏ ଆଶ୍ୱସ୍ତ ହେବି....ଦିଅ ସବୁ ଉଜାଡ଼ି କରିଦିଅ ....!

ପୁଣ୍ଡରୀକ—(ବ୍ୟଙ୍ଗ ହାସ୍ୟ କରି) ମିଥ୍ୟା, ମିଥ୍ୟା, ଏ କେବଳ ଉପହାସର କଥା । ତୁମର ଏ ଆତ୍ମୋତ୍ସର୍ଗର ଅନ୍ତରାଳରେ ଅଦୃଷ୍ଟ, ନିୟତି ଯେ ହସୁଛି ! ସେ କଥା କଣ ବୁଝି ପାରୁ ନାହଁ ?

ଅପରାଜିତା—ନିଷ୍ଠୁର ପୁରୁଷ ! ଏ ସ୍ୱାର୍ଥପରତାର କି ପ୍ରତ୍ୟୁତ୍ତର ଅଛି ?

ପୁଣ୍ଡରୀକ—ପୁରୁଷ ତାର ନିଷ୍ଠୁରତା ସେ ଇଚ୍ଛା କରି ନାରୀଠାରେ ଆରୋପ କରି ନାହିଁ, ଜିତା ! ଏତେ ବିବ୍ରତ ହେଉଛ କାହିଁକି ? ମୁଁ ଚିନ୍ତା କରୁଛି, ଆମର ମିଳନଟା ଯେପରି ଘଟଣାଚକ୍ରରେ ଅନିଚ୍ଛା ସତ୍ତ୍ୱେ ଆସି ପଡ଼ିଛି, ବିଚ୍ଛେଦ ଠିକ୍ ସେହିପରି ଇଚ୍ଛା ସତ୍ତ୍ୱେ ଘଟିବାର ଆଶା ନାହିଁ । ମିଳନ ବିଚ୍ଛେଦର ସେହି ଅଦୃଷ୍ଟ କର୍ତ୍ତାଙ୍କୁ ନମସ୍କାର କରି ତାଙ୍କର ଆଦେଶ ଶିରୋଧାର୍ଯ୍ୟ କରିବା ଛଡ଼ା ଆମର ଆଉ ଅନ୍ୟ ପନ୍ଥା ନାହିଁ ।

ଅପରାଜିତା—ତୁମର ଏହି କପୋଳକଳ୍ପିତ ବ୍ୟାଖ୍ୟାଗୁଡ଼ାକ ଶୁଣିବାର ଧୈର୍ଯ୍ୟ ମୋର ନାହିଁ । ମୁଁ ଚାହେଁ, ଗୋଟାଏ ସମାଧାନ... ନିଷ୍ପତ୍ତି... ମୁକ୍ତି । ଜୀବନର ସମସ୍ତ କ୍ଷୁଧା ପୁଞ୍ଜୀଭୂତ କରି ଉପାବୃତ୍ତିରେ ମୁଁ ଜୀବନଟାକୁ ଉପବାସୀ ରଖିବାକୁ ଆଦୌ ପ୍ରସ୍ତୁତ ନୁହେଁ । ଏ ଆସନ୍ତା ଫାଲ୍‌ଗୁନ ପୂର୍ଣ୍ଣିମାକୁ ଆମର ଏହି ବ୍ୟଥାନାଟ୍ୟର ପଞ୍ଚମ ଅଙ୍କ ଶେଷ ହେବ । ଏହା ପୂର୍ବରୁ ନିଶ୍ଚୟ ଗୋଟାଏ ସମାଧାନ...

ପୁଣ୍ଡରୀକ—ସମାଧାନ ? ତୁମେ କେବଳ ଚାହଁ ନାହିଁ, ମୁଁ ମଧ୍ୟ ଚାହେଁ । ତାହାହେଲେ ଅନ୍ତତଃ ଏହି ଅବିରାମ ଅଶାନ୍ତି ହାତରୁ ଟିକିଏ ନିସ୍ତାର ମିଳି ପାରେ ।

ଅପରାଜିତା—କେତେଗୁଡ଼ାଏ କଳ୍ପନାର ଖୋରାକ୍‌ରେ ତୁମେ ବଞ୍ଚି ପାର, ମାତ୍ର ମୋ ପକ୍ଷରେ ତାହା ଅସମ୍ଭବ !

ପୁଣ୍ଡରୀକ—ମୋ ପକ୍ଷରେ ଠିକ୍ ସେଇଆ, ମାତ୍ର ପାର୍ଥକ୍ୟ ଏତିକି ଯେ, ଯାହା ଯେତେବେଳେ ସମ୍ଭବ ନୁହେଁ, ଅସମୟରେ ମୁଁ ତାର ଚେଷ୍ଟା କରେ ନାହିଁ ।

ଅପରାଜିତା—ପ୍ରଭୁ ! କେତେଦିନ ଏହି ନିଷ୍ଠୁର ଅଭିନୟର ଚକ୍ରବ୍ୟୂହରେ ଗୋଟାଏ ମୂଢ଼ା ନାରୀକୁ ଘାଣ୍ଟୁଥିବ ? କେତେଦିନ ଏହି ଉଦାସ ନିଶ୍ଚେଷ୍ଟ ପ୍ରଣୟର ମୋହରେ ... ( ଅଶ୍ରୁ )

ପୁଣ୍ଡରୀକ—ଦଗ୍‌ଧ ? ଖାଲି ଦଗ୍‌ଧ ନୁହେଁ, ଭସ୍ମ ! ଭସ୍ମ ! ସେହି ଶେଷ ସମାଧାନ—(ଉଚ୍ଚହାସ୍ୟ କରୁ କରୁ କମିରୁ ନିବୃତ୍ତ)

ଅପରାଜିତା—(ଅଶ୍ରୁବିସ୍ଫାରିତ ନେତ୍ରରେ ସେ ଆଡ଼କୁ ଚାହିଁ) ଅଦ୍ଭୁତ ଏହି ନିଷ୍ଠୁରତା ! ସହାୟ ହୁଅ, ଭଗବାନ୍ !

[ ଠିକ୍ ସେହି ସମୟରେ ଗୃହର ପଶ୍ଚାଦ୍‌ଭାଗ ପଥରେ ଗୈରିକ-ବସନପରିହିତ ଜଣେ ଦୀନ ଭିକ୍ଷୁ ଗୋଟିଏ କରୁଣ ସଙ୍ଗୀତ କଣ୍ଠପୂର୍ଣ୍ଣ କରି ଗାଇ ଗାଇ ଚାଲୁଥିଲା । ଅପରାଜିତା ସେ ସଙ୍ଗୀତରେ ଯେପରି ହଠାତ୍ ଚେତନା ଲାଭ କରି ଚମକି ଉଠିଲେ । ପରମୁହୂର୍ତ୍ତରେ ପୁଣି ସବୁ ଶାନ୍ତ । ଭିକ୍ଷୁଟି ମଧ୍ୟେ ମଧ୍ୟେ ଚାଲିଯାଇ ପୁଣି କି ଏକ ଅନ୍ତକାଶର୍ଣ ବ୍ୟଥାରେ ସମସ୍ତ ନୀରବତାକୁ ପରିପୂର୍ଣ୍ଣ କରି ଦେଉଥିଲା । ଅପରାଜିତା

ଅଶ୍ରୁ ପୂର୍ଣ୍ଣଲୋଚନରେ ଗବାକ୍ଷଟିକୁ ଧରି ତନ୍ମୟ ହୋଇ ଶୁଣିବାକୁ ଲାଗିଲେ—ଭିକ୍ଷୁ ଅଦୃଶ୍ୟ, ମାତ୍ର ଅଦୃଶ୍ୟ ଲୋକର କଣ୍ଠସ୍ୱର ଯେମିତି ତାଙ୍କର ସମସ୍ତ ଦେହ ମନକୁ ଅଧିକାର କରି ବସିଥିଲା । ବାଳରବିର ଅରୁଣ ଆଭାରେ ସମସ୍ତ ନଗର ଉଜ୍ଜ୍ୱଳ ହୋଇ ଆସୁଥିଲା । ]

ସବୁ ସନ୍ଦେହ ଅଜ୍ଞାନ ଅମା ତଳେ
ଉଜ୍ଜ୍ୱଳତାର ଦୀପଶିଖାଟିଏ ଜଳେ,
ସେ ଆଲୋକ ତେଜେ ସଂଗ୍ରାମ କ୍ଷତ ଶାନ୍ତ
ସଙ୍କେତ ଭୁଲ ପଥ ହୁଡ଼ୁ ଅବଶ୍ରାନ୍ତ ।

ଭ୍ରାନ୍ତ ତୋ ମନ ମର୍ତ୍ତ୍ୟର ପରବାସୀ !
ଅମୃତ ଛାଡ଼ି ଗରଳକୁ ଯାଉ ଗ୍ରାସି !
ବଢ଼ି ଯାଏ ତୋର ଦୁଃଖ ବେଦନା ବ୍ୟାଧି,
କେତେ ଦିନ ହେବୁ ଆପଣାର ପ୍ରତିବାଦୀ ?

ଭୁଲ ମନ ! ତୋର ମନ୍ଦିରେ ଯାଅ ଫେରି,
ବିଫଳେ ଭରମ, ଶତ୍ରୁ ଗଲେଣି ଘେରି,
ପୀରତି ଯମୁନା ଯହିଁ ଫୁଟେ ଶତଦଳ
ସକଳ ତିଆଗି ମାନସ-ହଂସ ଚଳ ।

ବିଫଳରେ ତୋର ଦିନ ଯାଏ ଚାଲି ଚାଲି,
ଲଗା ନା ରେ ଆଜ ରହୁ ଆସନେ କାଳି,
ଶୁଣି ଦିନ କରେ ଅହ୍ୱାନ ତାର ଶଙ୍ଖ,
ଛାଡ଼ ଆସ ମନ, ଦୁଃଖ ବାସନା ପଙ୍କ ।

ଆବରି ଦିଅ ତୋ ଦେହେ ଗୈରିକ ବାସ,
ନଭିଯାଉ ସବୁ ସନ୍ଦେହ ଶତ ତ୍ରାସ,
ତୋ ଲାଗି ପିନ୍ଧା ସେ ସନ୍ନ୍ୟାସୀ ରାଜପଥେ
ଭିକ୍ଷା ମାଗଇ ସକଳ ହୃଦପୁରତେ ।

[ଭିକ୍ଷୁର ଗୀତ ଧୀରେ ଧୀରେ ଶୂନ୍ୟମାର୍ଗରେ ମିଳିଗଲା । ଯେତେ ଚେଷ୍ଟା କଲେ ମଧ୍ୟ ଅପରାଜିତା ଗାୟକର କିଛି ସନ୍ଧାନ ପାଇ ପାରି ନ ଥିଲେ । କିଛିକ୍ଷଣ ପରେ ଦୀର୍ଘ ନିଃଶ୍ୱାସ ପକାଇ ଧୀରେ ଧୀରେ ସେଠାରୁ ଫେରି ଆସିଲେ । ]

ଅପରାଜିତା—ମୋର ଭଳି ଦୁଃଖୀ କିଏ ଜଣେ ! କେଉଁ ଏକ ଅଦୃଷ୍ଟ ଭରସାରେ ବଞ୍ଚିଛି ସେ ! କିନ୍ତୁ ଭରସା କଣ ସମ୍ଭବ ? ସେଇ ଗୋଟିଏ କେଉଁ କାଳ୍ପନିକ ଆଶ୍ରୟ !·· ସେଥିରେ କଣ ମନବୋଧ ହୁଏ ? ଜୀବନର ନିରବଚ୍ଛିନ୍ନ ତୃପ୍ତି ସମ୍ଭବ ହୁଏ ? କିନ୍ତୁ ମୋ ଭାଗ୍ୟରେ ତ କୌଣସି ପ୍ରକାର ଆଶ୍ରୟ ଘଟିଲାଭଳି ଜଣା ନାହିଁ ? ଖାଲି ଅନ୍ଧକାର ! ଅନ୍ଧକାର ! ଏହି ଅନ୍ଧକାର ମଧ୍ୟରେ ଆତ୍ମତୃପ୍ତି ? ଅସମ୍ଭବ ! ଅସମ୍ଭବ !···ଉଃ !···

( ଯବନିକା ପତନ )

# ଦ୍ୱିତୀୟ ଅଙ୍କ

## ଦୃଶ୍ୟ ଏକ

[ତିନ ବର୍ଷରୁ କିଞ୍ଚିତ୍ ଊର୍ଦ୍ଧ୍ୱ ହେବ କି ନାହିଁ ଆଜ ଏକ ପ୍ରଭାତ । ଅପରାଜିତାର ଦୁଇ ଜଣ ବନ୍ଧୁ ଓ ନାରୀଧର୍ମି କର୍ମୀର ନେତ୍ରୀ କ୍ଷମା ଓ ଅନୁଯାୟିନୀ, ତାଙ୍କନାମ ଜ୍ୟୋସ୍ନା । କ୍ଷମା ଅପରାଜିତାର ପୂର୍ବ ପରିଚିତା ଓ ସମବୟସୀ, ମାତ୍ର ଅପେକ୍ଷାକୃତ ରୁକ୍ଷ ହେଲେ ମଧ୍ୟ ନିତାନ୍ତ ଲାବଣ୍ୟହୀନା ନୁହନ୍ତି । ଜ୍ୟୋସ୍ନା ଷୋଡ଼ଶୀ, ତନ୍ୱୀ, ରୂପବତୀ । ଚକ୍ଷୁ ଚପଳ ଓ କଣ୍ଠରେ ଲାସ୍ୟ । ଅପରାଜିତା ସହିତ ଅଳ୍ପ ଦିନର ପରିଚୟ ହେଲେ ସୁଦ୍ଧା ଉଭୟଙ୍କ ମଧ୍ୟରେ ସଖୀତ୍ୱର ମାଧୁର୍ଯ୍ୟ ଅଂଶାଶାତ ଭାବରେ ଅଗ୍ରସର ହୋଇଥିଲା । ସମସ୍ତେ ପୂର୍ଣ୍ଣିମାଙ୍କ ଗୃହର ମୁକ୍ତ ପ୍ରାଙ୍ଗଣରେ କଥା ହେଉଥିଲେ । ]

କ୍ଷମା—ତୁ ଭଉଣୀ ନ ଗଲେ ତ ସବୁ ବ୍ୟର୍ଥ ! ସବୁ ପଣ୍ଡ ! ତୁ ଯେ ଆମର ସ୍ୱାଧୀନତା ଉତ୍ସବର ଶ୍ରେଷ୍ଠ ଅଭିନେତ୍ରୀ । ତୋ ଭଳି କେତେ ଜଣ ଅବହେଳିତା, ଲାଞ୍ଛିତା ନାରୀ ଏହି ଜାଗରଣର ପ୍ରାଣସ୍ୱରୂପ ।

ଜ୍ୟୋସ୍ନା—ତୁମକୁ ଯେ ଭଉଣୀ ଆଜି ସଭାରେ ପ୍ରଥମ ବକ୍ତୃତା ଦେବାକୁ ହେବ....ସେହି ବିରାଟ ସଭାରେ ।....ତୁମେ ପଛଘୁଞ୍ଚା ଦେଲେ ଆଜି ଚଳିବ ନାହିଁ । ଆଜିର ସଭାର ତୁମେ ଯେ ପ୍ରାଣ…ତୁମେ ଉତ୍ତେଜନା…ତୁମର ବାକ୍ୟବାଣ ଗୋଟାଏ ପ୍ରବଳ ତୋଫାନ ଭଳି ସମଗ୍ର ନାରୀ ଜାତିର ଜଡ଼ ପ୍ରାଣରେ ଅଦ୍ଭୁତ ଆନ୍ଦୋଳନ ଆଣିଦେବ ବୋଲି ଆମେମାନେ ତୁମର ନାମ ସମସ୍ତଙ୍କ ଆଗରେ ରଖିଛୁଁ । ବିଶେଷତଃ ଆଜିର ଆଲୋଚ୍ୟ ବିଷୟ ଯେପରି ଗୁରୁତର ।

**କ୍ଷମା**—ହଁ ବିଷୟଟା ଜାଣୁ ନା, ହିନ୍ଦୁ ବିବାହବିଚ୍ଛେଦ ଆଇନ...

**ଅପରାଜିତା**—କ୍ଷମାକର ଭଉଣୀ !...ମୋ ଭଳି ନଗଣ୍ୟ, ମୂର୍ଖ ଝିଅଟି ଜୀବ ଯେଉଁ ଆନ୍ଦୋଳନର ଜୀବନ, ସେ ଆନ୍ଦୋଳନର ଅମଙ୍ଗଳ ଛଡ଼ା ଆଉ ଯେ କିଛି ପରିଣାମ ହୋଇପାରେ, ସେ ଭରସା ମୋର ନାହିଁ । ସେ ବିଶ୍ୱାସ ଥିଲେ ମୁଁ କେତେଦିନୁ ତୁମମାନଙ୍କ ସଙ୍ଗରେ ଜଣେ ହୋଇ ସ୍ୱାଧୀନତା ସ୍ରୋତରେ ନିଜକୁ ଭସାଇ ଦେଇ ପାରିଥାନ୍ତି ...ସଙ୍ଗୀତରେ ନିଜକୁ ବିହ୍ୱଳ କରିଥାନ୍ତି । ତା ଛଡ଼ା, ମୁଁ ତ ତାଙ୍କ ବିନା ଅନୁମତିରେ କେଉଁଠାକୁ ଯାଇ ନାହିଁ ...ଆଜି ମଧ୍ୟ ଯିବାର ସାହସ ନାହିଁ ।

**କ୍ଷମା**—କାହାର ଅନୁମତି, ଜିତା ? ଗୋଟାଏ ଅବିଶ୍ୱାସୀ, ସନ୍ଦିଗ୍ଧ ହୃଦୟ, କୁଟିଳ ପ୍ରକୃତି କାପୁରୁଷର ଅନୁମତି ? ଛି ! ଏଭଳି ବର୍ବରର ମୁଖାବଲୋକନ ପର୍ଯ୍ୟନ୍ତ...

**ଅପରାଜିତା**— ଭୁଲ ବୁଝ ଭଉଣୀ ! ତୁମେ ଯେତେଗୁଡ଼ାଏ ଦୋଷାରୋପ କରିଗଲ, ମୁଁ ସେସବୁ କେବେ ତାଙ୍କଠାରେ ଦେଖି ନାହିଁ ବୋଲି ତୁମ କଥା ଶୁଣିବାକୁ ପ୍ରସ୍ତୁତ ନୁହେଁ ...ଯଦି କିଛି ଦୋଷ ଥାଏ, ତାହା କେବଳ ତାଙ୍କର ପ୍ରକୃତିଗତ ଉଦାସୀନତା ।

**କ୍ଷମା**—ସେଇ ତ ପ୍ରମାଣ । ତା ଛଡ଼ା ଦେଖି ନାହୁଁ ବୋଲି ଗୋଟାଏ ଅଳୀକ ମୋହରେ ନିଜକୁ ବଦ୍ଧ କରି ନ ଥିଲେ ଏପରି କହନ୍ତୁ ନାହିଁ । ଅଜି କାଲିକାର ଏଇ ନବଜାଗରଣ ଦିନରେ ଏପରି ଅଧୀନତା ଯେ ଏକ ଆଶ୍ଚର୍ଯ୍ୟ ପ୍ରହସନ !

**ଅପରାଜିତା**—କାହାର ଜୀବନର ଧାରା ଭଲ ରୂପେ ଆଲୋଚନା କରିବା ପୂର୍ବରୁ ତୁମେ ଯେ, କିପରି ତାକୁ ପ୍ରହସନ ବୋଲି ଉଡ଼ାଇ ଦେଉଛ, ମୁଁ ବୁଝି ପାରୁନାହିଁ । ହଁ ହୋଇପାରେ, ମୁଁ ଗୋଟାଏ ମୂଢ଼ ଅଜ୍ଞାନ ନାରୀ । ମୁଁ ସେସବୁ କିପରି ବୁଝିବି ? ମାତ୍ର ଭଉଣୀ ! ଯେଉଁ ଲୋକଟା ଉପରେ ଏତେଗୁଡ଼ାଏ ଦୋଷାରୋପ କରିଗଲ, ତା'ର ମନଟା ପାଇବାକୁ ଯେ ଏଇ ମୂଢ଼ ଜୀବଟାକୁ କେତେ ଲୋତକପାତ, କେତେ ଶୋଣିତପାତ କରିବାକୁ ହୁଏ, ତାହାର ହିସାବ ଯଦି ତୁମେ ଥରେ ହେଲେ ରଖିଥାନ୍ତ, ତେବେ ଜାଣନ୍ତ...

**କ୍ଷମା**—ଏହି ନୀଚ ଦାସତ୍ୱର କଥା ଶୁଣିଲେ ମୋର ରକ୍ତ ତାତିଯାଏ । ନାରୀ ଯେପର୍ଯ୍ୟନ୍ତ ଏସମସ୍ତ ବନ୍ଧନ, ସମସ୍ତ ମୋହ ଦଳି ନିଜେ ବାହାରି ଆସି ପାରି ନାହିଁ, ଯେପର୍ଯ୍ୟନ୍ତ ନାରୀ ଆତ୍ମଜ୍ଞାନ ବା ଆତ୍ମମର୍ଯ୍ୟାଦା ଲାଭ ନ କରିଛି, ସେପର୍ଯ୍ୟନ୍ତ ପୁରୁଷର ପଦାଘାତ ତା'ର ଜୀବନର ଶ୍ରେୟ ହୋଇଥିବ । ସେଥିପାଇଁ କହେଁ, ନାରୀ ! ଜାଗ୍ରତ ହୁଅ ! ଉଠ ! ଯେଉଁ ମୁକ୍ତିର ଆଲୋକରେ ସମଗ୍ର ବିଶ୍ୱ ଆଜି, ଜାଗ୍ରତ, ସେହି ଜୀବନ, ସେହି ଆଲୋକକୁ ବରଣ କରି ନିଅ ! ତା ନ ହେଲେ ପଦାଘାତ···ନିର୍ଯ୍ୟାତନା···ଅପମାନ....

**ଅପରାଜିତା**—ହିଁ, ପଦାଘାତ ! ସେହି ପଦାଘାତ ଯଦି ହିନେ ଲଭ କରିଥାନ୍ତି, ଭଉଣୀ···

**କ୍ଷମା ଓ ଜସ୍ନା**—ଶାନ୍ତ ହୁଅ ! ଆମେମାନେ ଏ ବାତୁଳ କଥା ଶୁଣିବାକୁ ଆସି ନାହୁଁ ।

**ଜସ୍ନା**—ଆମେ ଖାଲି ଯିବୁଁ, ତୁମେ ଯିବ କି ନାହିଁ ?

**କ୍ଷମା**—ବୃଥା ଚେଷ୍ଟା କରି କ'ଣ ହେବ ଭଉଣୀ ? ଯେ ଅନ୍ଧକାରକୁ ସ୍ପୃହଣୀୟ ମନେକରେ, ତାକୁ ଆଲୋକର ବାଣୀ ଶୁଣାଇବା ମୂର୍ଖତା ଛଡ଼ା ଆଉ କିଛି ନୁହେଁ !

**ଅପରାଜିତା**—ମୁଁ ତ ମାନିଲି ଭଉଣୀ, ମୁଁ ମୂର୍ଖ···ନ ହେଲେ କି ଏତେ ରକ୍ତପାତ କରି ସୁଦ୍ଧା ଗୋଟାଏ ଲୋକର ମନ ପାଇ ନ ଥାନ୍ତି ?

**ଜସ୍ନା**—ଆରେ ! ସେ ମନ ଯେ ସୁଦୂର ଏକ ମାନସ ସାଗରର ହଂସ···! ସେ କଥା ଜାଣିଥିଲେ ବୋଧହୁଏ ମନ ଅଧିକାର ବା ଅବରୋଧ କରିବାର ପ୍ରୟାସ କେବେ ହିଁ ଛାଡ଼ି ସାରନ୍ତିଣି । କିନ୍ତୁ ସ୍ୱପ୍ନପୁର କଥା, ତୁମର ଏହି ପଦାଘାତର ମାତୃକାଙ୍କ୍ଷା··· ଅସହ୍ୟ ! ଅସହ୍ୟ !

**କ୍ଷମା**—ଭଉଣୀ ! ତୋର ସରଳ ପ୍ରାଣ ଏହି କଦର୍ଯ୍ୟ ଶଠ ଲମ୍ପଟ-ଗୁଣ୍ଡାଙ୍କଙ୍କର ଚୁହୁଣ, ମିଥ୍ୟା, ମୋହରେ ଭ୍ରମି ପାରେ, ମୋର କିଛି ଆପତ୍ତି ନାହିଁ । ମାତ୍ର ତୁଷାରାବୃତ ହିମାଳୟରେ ପାର୍ବତୀଙ୍କର ଏ ଯେଉଁ କଠୋର ତପସ୍ୟାର ଅଭିନୟ ତୁମେ ଆରମ୍ଭ କରିଛ, ତହିଁରେ କୁଫଳ ଛଡ଼ା ସୁଫଳ ହେବାର ତିଳେମାତ୍ର ଆଶା ନାହିଁ । ସେଥିଲାଗି କହେ, କେବଳ ଥାଉ ଥାଉ ନିଜର ପନ୍ଥା ବାଛିନିଅ ।

ବାଣ୍ଟିଛି ପନ୍ଥା ତୁମ ସମ୍ମୁଖରେ···ପ୍ରଥମ··ପ୍ରବୃତ୍ତିର ଔରସ୍ୟରେ ନିଜକୁ ଅନ୍ଧ ଭାବରେ ଗ୍ରଥିତ କରି, ତା'ର ଅନୁଶାସନକୁ ନୀରବରେ ବହିନେଇ ନିଜକୁ ଅନ୍ଧକୂପରେ ଚିରଦଗ୍ଧ କରିବା ....ଦ୍ୱିତୀୟ....ସମସ୍ତ ଦାସତ୍ୱ, ବନ୍ଧନ, ମାୟା ତଥାକଥିତ ଗୃହର ମୋହ ପ୍ରେମକୁ ସମୂଳରେ ଉତ୍ପାଟନ କରି ସ୍ୱାଧୀନତାର ପୂର୍ଣ୍ଣ ଆଲୋକରେ ନିଜକୁ ଭସାଇ ଦେବା....ତୁମ ପରି ଆଜି କେତେ ନିର୍ଯ୍ୟାତିତା, ମୂକ, ନବବଧୂ ସମାଜର ପ୍ରତିପତ୍ତି ବା ଅନୁଶାସନ ବିରୁଦ୍ଧରେ ଠିଆ ହୋଇ ନ ପାରି କେତେ ଯନ୍ତ୍ରଣା ଭୋଗୁଛନ୍ତି.... ସେହି ନିରୀହ, ମୂକ ଭଗିନୀମାନଙ୍କ ପ୍ରତି ତୁମର କ'ଣ କର୍ତ୍ତବ୍ୟ ନାହିଁ, ଲତା ? ଯଦି ଥାଏ, ଆଜି ଆମ ସମ୍ମୁଖରେ ପ୍ରତିଜ୍ଞା କରି ···ଦୃଢ଼ ସ୍ୱରରେ କହ, କେଉଁଟି ବାଛି ନେବ···ଅନ୍ଧକାର, ନା ଆଲୋକ ?

[illegible]ଲତା—ଆଲୋକ ?···ଆଲୋକ ?···ଏଇ ଯେ ମୋର ଅନ୍ଧକାରାଚ୍ଛନ୍ନ ଜୀବନ ! ଏଥିରେ ଆଲୋକର ଆଶା ? ଏ ଜୀବନରେ ଯେ, ଆଲୋକର ପ୍ରବେଶ ଦ୍ୱାର ଚିରଦିନ ବନ୍ଦ !

(ଦୀର୍ଘ ଶ୍ୱାସ ନିକ୍ଷେପ କରୁ କରୁ ନିମ୍ନଦୃଷ୍ଟି ହେବା )

[ଅଦୂରେ ବାତାୟନ ପାର୍ଶ୍ୱରେ ପରିଚିତ ଚୌରଙ୍ଗୀ ବସନ ଭକ୍ତର ସଙ୍ଗୀତ]

ଆଲୋକ, ଆଲୋକ, ଆଲୋକ
ପଡ଼ ଝରି,
ତୁଟୁ ଅନ୍ତମେଘେ ମୃତ୍ୟୁ ସମାନ
ଅନ୍ତର ବଶିବଶି !

ଯେ ଆଲୋକେ ଫୁଟେ ମଲ୍ଲୀ ଯୂଥିକା,
ଉଜ୍ଜ୍ୱଳ ତରୁ ପତ୍ର ଲତିକା,
ସେ ଆଲୋକ କର ମୁକ୍ତ ଗୀତିକା
ସ୍ରୋତ ଝରଣା ସରି !
ପଡ଼ୁ ଝରି ।

ଅନ୍ତର ତଳ କରେ ହାହାକାର
ବଧୂର ବାସନା-ବକ୍ଷେ,
ଅନ୍ତର ଦେବ ତଳ ଅବନତ
ଲଜ୍ଜିତ ଅହର୍ନିଶେ।

ପଞ୍ଜର କ୍ଷୁବ୍ଧ ରୁଦ୍ଧ ପକ୍ଷୀ
ଅନ୍ଧାରେ ମରେ ଝୁରି,
ଉଜ୍ଜ୍ୱଳ ମୁକ୍ତ ଆଲୋକ ସିନ୍ଧୁ!
ପର ପାରେ ଯିବ ଉଡ଼ି!

ନୀଳ ଧାନକ୍ଷେତ ଲହରୀଛନ୍ଦେ,
ବନ୍ୟଜୀବନ ପ୍ରୀତି ଆନନ୍ଦେ,
ଯେ ଆଲୋକ ଖେଳେ ମମ ଅନ୍ତରେ,
ସେ ଆଲୋକ ଉଠୁ ଭରି!
ପଡ଼ୁ ଝରି!

ଝଡ଼ିଯାଉ ଶତ ବେଦନାର ଗ୍ଳାନି,
ଅନ୍ତରେ ଫୁଟୁ ଜୀବନର ବାଣୀ,
ଉଚ୍ଛଳାନନ୍ଦେ ଜୀବନର ଗୀତେ
ନୃତ୍ୟୁ ଯାଉ ଗୋ ମରି!
ପଡ଼ୁ ଝରି।

( ସମସ୍ତେ କ୍ଷଣକାଳ ନୀରବରେ ସଙ୍ଗୀତରେ ମୁଗ୍ଧ ହେବାର ଅଭିନୟ )

ଷମା—ଚୁପ୍ ରହିଲ ଯେ ଜତା, ମୋ କଥାର ଜବାବ ଦିଅ।

ଜପ୍ସା—ଏତେବେଳେ ତ କହଭି କହିଲ ଚଳିବ ନାହିଁ ଭଉଣୀ! ଏକ୍ଷଣି ଯେ ଆମ ସଭ୍ୟମାନଙ୍କର ଶୋଭାଯାତ୍ରା ଆସିଯିବ। ତୁମେ ସେହି ଶୋଭାଯାତ୍ରାରେ ସ୍ୱାଧୀନତାର ସଙ୍ଗୀତ ଗାଇ ଆମ ସଙ୍ଗରେ ଯିବ କି ନାହିଁ, ସ୍ପଷ୍ଟ କହିଦିଅ।

ଅପରାଜିତା — କ୍ଷମା କର ଭଉଣୀ ! ମୁ ତାଙ୍କ ବିନାନୁମତିରେ କେଉଁଠାକୁ ଯିବାର ସାହସ ଏପର୍ଯ୍ୟନ୍ତ ରଖି ନାହିଁ···ନା, ନା ! ···ମୋର ରକ୍ତ ଶୀତଳ ହୋଇ ଯାଉଛି···ମୋତେ ଶକ୍ତି ଦିଅ, ବଳ ଦିଅ ଭଉଣୀ !···ମୁଁ କଣ କରିବ କିଛି ସ୍ଥିର କରି ପାରୁ ନାହିଁ ! ଏହି ଯେ ସେ ଏ ଆଡ଼କୁ ଆସୁଛନ୍ତି···(କକ୍ଷାନ୍ତରରୁ ପୁଣ୍ୟଶ୍ଲୋକର ପ୍ରବେଶ )

ପୁଣ୍ୟଶ୍ଲୋକ—(ଈଷତ୍ ବିବ୍ରତ ଓ କ୍ଷୁବ୍ଧ ହୋଇ) ଜିତା, ଜିତା, ଗୋଟିଏ ଭିକ୍ଷୁକର ଯେ ଏଆଡ଼େ କଣ୍ଠ ଫାଟିଗଲା ! ନିସ୍ପୃହ ପ୍ରକୃତ କଣ ଟିକଏ ଦୃଷ୍ଟି ପଡ଼ୁ ନାହିଁ ? ହଁ, ଗୃହର ଅନ୍ନପୂର୍ଣ୍ଣା ସ୍ୱୟଂ ଭିକ୍ଷାବୃତ୍ତି ଅବଲମ୍ବନ କଲେ ଅବସ୍ଥା ଯାହା ହୁଏ ! ଓଃ ! ତୁମର ବନ୍ଧୁମାନେ ପୁଣି ଆସିଛନ୍ତି ? ସେକଥା ତ ମୁଁ ଜାଣି ନ ଥିଲି । ( କ୍ଷମା ଓ ଜ୍ୟୋତ୍ସ୍ନା ପ୍ରତି ) ନମସ୍କାର, ନମସ୍କାର । ଆପଣମାନେ ଯେ ସ୍ୱୟଂ ଆଲୋକ ଆସି ମିଳି ଯାଇଛନ୍ତି··· ବାହାରର ଆଲୋକକୁ ଏହିକ୍ଷଣି ପଚାରେ କିଏ ? ବେଶ୍ ! ବେଶ୍ ! ଭିକାରୀଟାକୁ ମୁଠାଏ ଭିକ୍ଷା ଦେବାର ଅନୁମତି ଦିଅନ୍ତୁ । ସେ ଯେ ଦରିଦ୍ର, ବିଚରା ମୁଠାଏ ଗ୍ରହଣର ଲୋଭରେ କଣ୍ଠ ଫଟାଇ ମରୁଛି,···ପ୍ରାୟ ଅଧଘଣ୍ଟାରୁ ଉପର ହେବ ।

କ୍ଷମା—( ଈଷତ୍ ବ୍ୟଙ୍ଗ ସ୍ୱରରେ ) ଆମ ଅନୁମତିରେ କିଛି ମୂଲ୍ୟ ନାହିଁ ବାବୁ !···ମୂଲ୍ୟ ଅଛି ଆପଣଙ୍କ ଅନୁମତିରେ । ଜୀବନରେ ଜଣେ ନାରୀର ଅନୁମତିକୁ ଅପେକ୍ଷା କରିବା କଥା ଏହି ବୋଧ ହୁଏ ଆପଣଙ୍କର ପ୍ରଥମ ? ନ ହେଲେ ବା ମୁଁ ବିଶ୍ୱାସ କରୁଥାନ୍ତି··· ( ଜିତାର ସନ୍ତର୍ପଣରେ ପ୍ରସ୍ଥାନ ଓ ପୁନରାଗମନ )

ପୁଣ୍ୟଶ୍ଲୋକ—(ଈଷତ୍ ହାସ୍ୟ କରି) ସବୁ ଜିନିଷକୁ ଏପରି ଅବିଶ୍ୱାସ କଲେ ଜୀବନରେ ଯେ ତିଷ୍ଠି ପାରିବା ଅସମ୍ଭବ ! ତେଣୁ ଆପଣଙ୍କ ଭଳି ବିଜ୍ଞ ମହିଳାମାନଙ୍କର ସ୍ଥିର ଚିତ୍ତରେ ବାଛି ନେବାକୁ ହେବ, କିଏ ବିଶ୍ୱାସ ବା ଅବିଶ୍ୱାସର ପାତ୍ର । ବିଶେଷତଃ ମାନବ ଜୀବନଟା ଏଡ଼େ ରହସ୍ୟପୂର୍ଣ୍ଣ ଯେ, ତାକୁ ଗୋଟାଏ ମାନଦଣ୍ଡରେ ମାପିବାକୁ ଚେଷ୍ଟା କଲେ ଶେଷରେ ହାସ୍ୟାସ୍ପଦ ଓ ନିରାଶ ହେବାକୁ ହୁଏ ।

କ୍ଷମା—ଚଞ୍ଚଳତାର ବ୍ୟଙ୍ଗଟା ଆମଠାରେ ଆରୋପ କରିବେ ନାହିଁ । ଚଞ୍ଚଳ ଆପଣ···ଆଜି ଚଞ୍ଚଳ ମହଲର ଅଧିନାୟକ ଆପଣଙ୍କ ପୁରୁଷ-ଜାତି । ନାରୀ ହୋଇ ଚଞ୍ଚଳ ବା ଜ୍ଞାନର ବଡିମା ! ଧୃଷ୍ଟତା ଛଡ଼ା ଆଉ କ'ଣ ହୋଇପାରେ ? ତା ନ ହେଲେ ମୂର୍ଖରେ ଆଲୋକ···ଆଲୋକ ! ଆଜି ପ୍ରକୃତ କର୍ମ କ୍ଷେତ୍ରରେ, ପ୍ରକୃତ ଜୀବନରେ ଅନ୍ଧକାରର ଉପାସନା !···

ସୁଣ୍ଡସ୍ୱକ—ଆପଣ ହଠାତ୍ ଏତେ ବିବ୍ରତ ହୋଇ ପଡ଼ୁଛନ୍ତି କାହିଁକି ? ଏଇଟା ଯେ ପ୍ରତ୍ୟେକ ସ୍ୱାଧୀନତାକାଙ୍କ୍ଷୀ ପକ୍ଷରେ ଅସ୍ୱାଭାବିକ ବିକାର !

କ୍ଷମା—ହଁ !···ଆମର ମସ୍ତିଷ୍କ ବିକୃତ···ଖାଲି ଆମର ନୁହେଁ··· ସମଗ୍ର ନାରୀଜାତିର ! ପାଶ୍ଚାତ୍ୟ ଓ ପ୍ରାଚ୍ୟର ଯେଉଁ ନାରୀ ଆଜି ନିଜର କର୍ମକୁଶଳତାରେ, ପ୍ରତିଭାରେ, ଆତ୍ମାନୁଭୂତିରେ ପୁରୁଷର ପ୍ରାଧାନ୍ୟ କେତେକ ପରିମାଣରେ ଖଣ୍ଡିତ କରି ପାରିଛନ୍ତି, ସେ ସମସ୍ତଙ୍କର ମସ୍ତିଷ୍କ ବିକୃତ···ହଁ ! ତା ନ ହେଲେ କି ଆପଣମାନେ ଜ୍ଞାନର ବଡିମା ଦେଖାଇ ନାରୀ ଜାତିକୁ ପଦାନତ କରି ରଖିଥାନ୍ତେ ?

ସୁଣ୍ଡସ୍ୱକ—ଆପଣଙ୍କର କେଉଁ କଥାଟିର ମୁଁ ଠିକ୍ ଜବାବ ଦେବି, ସ୍ଥିର କରି ପାରୁ ନାହିଁ । ତେବେ ଆପଣଙ୍କ ଯୁକ୍ତିର ସତ୍ୟତା ବା ସମୀଚୀନତା ପ୍ରତି ଦୃଷ୍ଟି ଦେଇ ଏତିକି କହି ପାରେଁ ଯେ, ଯଦିବା ପୁରୁଷମାନେ ନାରୀକୁ ପୂର୍ବରୁ ପଦଦଳିତ କରି ଆସୁଥିଲେ, ନାରୀମାନେ ବର୍ତ୍ତମାନ ଜାତି-ବର୍ଣ୍ଣ-ଗୁଣ-ନିର୍ବିଶେଷରେ ପୁରୁଷକୁ ପଦାନତ କରିବାକୁ କମ୍ ଚେଷ୍ଟା କରୁ ନାହାନ୍ତି ! ତେବେ ବାହାଦୁରି ବା ବିଜୟର ଗୌରବଟା କିଏ ନେବ, ତାହା ଠିକ୍ କରିବା ମୁସ୍କିଲ !

ଜସ୍ମା—ମିଥ୍ୟା, ମିଥ୍ୟା···

କ୍ଷମା—ସମ୍ପୂର୍ଣ୍ଣ ମିଥ୍ୟା କଥା ! ଆଜି ଯେ ପ୍ରାଚ୍ୟର ମୁମୂର୍ଷୁ ନାରୀ ଟିକିଏ ମସ୍ତକ ଉତ୍ତୋଳନର ଚେଷ୍ଟା କରୁଛି, ତା ଉପରେ ଏ ଗୋଟାଏ ନୂଆ ଧରଣର ବଜ୍ରପାତର ଆୟୋଜନ ।

କ୍ଷମା—ହଁ ଭଉଣୀ ନାରୀର କ୍ଷୀଣ ଶକ୍ତିକୁ ଧ୍ୱଂସ କରିବାକୁ ଏ ଗୋଟିଏ ନୂତନ ଅମୋଘ ଅସ୍ତ୍ର···

ପୁଣ୍ଡରୀକ—ସେଥିପାଇଁ ପ୍ରଥମରୁ ମୁଁ କହୁଛି, ଆପଣଙ୍କର ସବୁ କାର୍ଯ୍ୟ ପ୍ରତି ଅଶ୍ରଦ୍ଧା ଓ ଅବିଶ୍ୱାସର ପରିଣାମ ଏ । (କ୍ଷଣକାଳ ଚିନ୍ତା କରି) ଆପଣଙ୍କର ଏ ନବୀନ ଉଦ୍ୟମରେ ମଧ୍ୟ ମୁଁ ଦେଖୁଛି ବିଶ୍ୱାସ ନାହିଁ···ହାଃ ! ହାଃ ! ··· ଅଥଚ ନିଜର ଦୁର୍ବଳତା, ଶକ୍ତିହୀନତା ଆପଣ ନିଜେ ଉପଲବ୍ଧି କରି ତାକୁ ଦୂର କରିବା ଦୂରେ ଥାଉ, ଅନ୍ୟ ଉପରେ ଦୋଷାରୋପ କରିବାକୁ ଆପଣ ସର୍ବଦା ତତ୍ପର । ତା ନୋହିଥିଲେ ଆପଣ ପୁରୁଷ ଶକ୍ତିର ବଜ୍ରାଘାତ ପ୍ରତି ଏତେ ଆଶଙ୍କା ବା କଟାକ୍ଷ ନ କରି ନିଜର ଦୁର୍ବଳତା ଲାଗି ତାକୁ ବରଣ କରି ନିଅନ୍ତେ । ପ୍ରାଚ୍ୟ ନାରୀ କଥା କହୁଛନ୍ତି ? ପ୍ରାଚ୍ୟ ନାରୀର ଜୀବନୀ ଭଲ କରି ପଢନ୍ତୁ । ଦେଖିବେ, ସେ ଏହି ତଥାକଥିତ ବଜ୍ରପାତକୁ କେବେ ଭୟ କରି ନାହିଁ । ଭୟ କେବଳ ସେହିମାନଙ୍କର—ଯେଉଁମାନେ ନୁହନ୍ତି ପ୍ରାଚ୍ୟ, ନୁହନ୍ତି ପାଶ୍ଚାତ୍ୟ ।

କ୍ଷମା—(ଉତ୍ତ୍ୟକ୍ତ ସ୍ୱରରେ) ନିଶ୍ଚୟ ନୁହେଁ, ନୁହେଁ । ଆପଣ କହିବାକୁ ଚାହାନ୍ତି ଯେ, ନାରୀ ଜାଗରଣ ଦିନରେ କୌଣସି ନାରୀର ନିଜ ସ୍ୱାଧୀନତା ଉପରେ ବିଶ୍ୱାସ ନାହିଁ ?

ପୁଣ୍ଡରୀକ—(ଧୀର ଓ ବ୍ୟଙ୍ଗ ସ୍ୱରରେ) ଖାଲି ସେତିକି ନୁହେଁ, ଆସ୍ଥା ମଧ୍ୟ ନାହିଁ, ଅଛି କେବଳ ଆତ୍ମବିଶ୍ୱାସର ଅଭାବ !

କ୍ଷମା—ତେବେ କଣ ଏହି ସ୍ୱାଧୀନତାର ଉତ୍ସବ ଏକ ପ୍ରହସନ ?

ପୁଣ୍ଡରୀକ— ମୁଁ କୌଣସି ଜାଗରଣକୁ ପ୍ରହସନ କହିବାକୁ ପ୍ରସ୍ତୁତ ନୁହେଁ···

କ୍ଷମା—ତେବେ ଆପଣଙ୍କ ଭଳି ମହାତ୍ମାମାନଙ୍କର କଳ୍ପନାର ଦଉଡ଼ି କେଉଁ ପର୍ଯ୍ୟନ୍ତ ଶୁଣେ ?

ପୁଣ୍ଡରୀକ—ସ୍ୱାଧୀନତାର ଉପାସନା ପଶୁଠାରୁ ଆରମ୍ଭ କରି ଦେବତା-ମାନଙ୍କର ଜନ୍ମଗତ ଅଧିକାର । ମୁକ୍ତିର ସ୍ୱପ୍ନ କାହାର ସ୍ପୃହଣୀୟ ନୁହେଁ ? ମାତ୍ର ମୁକ୍ତିର ଦାବୀ କରିବା ପୂର୍ବରୁ ସେତିକି ଶକ୍ତି

ହାସଲ କରିଥିଲେ ତ ହେବ ? କିନ୍ତୁ ସ୍ୱାଧୀନତାର ପଣ୍ଡାମାନେ ଗୌରବର ମୋହରେ ପ୍ରକୃତ ମୁକ୍ତି ସ୍ଥଳରେ ଗୋଟାଏ "ନକଲ ଗଡ଼" ଛିଡ଼ା କରି ତାକୁ ଦଖଲ କରିବାକୁ ଉଚ୍ଛୃଙ୍ଖଳ ଭାବରେ ସମସ୍ତଙ୍କୁ ଅହ୍ୱାନ କରନ୍ତି । ଫଳରେ ସ୍ୱାଧୀନତା ତ ଆସେ ନାହିଁ...ସ୍ୱତଃସିଦ୍ଧ କଥା ।...ତାହା ବଦଳରେ ମୁକ୍ତିର ରୂପ ଧରି ମାନବକୁ ଗ୍ରାସ କରିବାକୁ ଆସେ ଦୁଶ୍ଛେଦ୍ୟ ବନ୍ଧନ !...

ଷମା—ବହୁତ ଗୁଡ଼ାଏ ଦର୍ଶନ ଶୁଣାଇଲେ କିନ୍ତୁ ! ଧନ୍ୟବାଦ, ଧନ୍ୟବାଦ !

ଜୟା—ଏ ବୃତ୍ତ ତଥ୍ୟଗୁଡ଼ାକ ଆମ ଭଳି ସ୍ୱଳ୍ପବୁଦ୍ଧିମାନଙ୍କର ଗ୍ରାହ୍ୟ ହେଲେ ତ ହୁଏ ?

ପୁଣ୍ଡରୀକ—ଏ ବ୍ୟଙ୍ଗ ଯେ ମୋର ଉପଯୁକ୍ତ ଶାସ୍ତି ବା ପୁରସ୍କାର, ଏ କଥା ମୁଁ ଆଗରୁ ଜାଣିଥିଲି ।

କ୍ଷମା—ଶାସ୍ତିର କଥା କିଛି ନୁହେଁ...ଆପଣ ସ୍ପଷ୍ଟ କରି କହିଲେ ତ ହୁଏ...ମୋର ଏ ଆନ୍ଦୋଳନରେ ବିଶ୍ୱାସ ନାହିଁ ।

ପୁଣ୍ଡରୀକ—କେବଳ ମୋର କାହିଁକି, କୌଣସି ସ୍ଥିରମସ୍ତିଷ୍କର ଲୋକ ହେଲେ ଆସ୍ଥା ବା ସହାନୁଭୂତି ନ ଥିବାର କଥା । ମାନବ ଜୀବନର ମୁକ୍ତି ବା ସମାଧାନ କରିବାକୁ ହେଲେ ପ୍ରଥମେ ତାକୁ ଶ୍ରଦ୍ଧା କରି ପରେ ତାର ରୋଗ ଚିହ୍ନି ଔଷଧ ବା ପଥ୍ୟର ବ୍ୟବସ୍ଥା କରିବାର ହୁଏ । ଏ ରହସ୍ୟପୂର୍ଣ୍ଣ ଜୀବନର ଗତି ଧରି ପାରିବା ପୂର୍ବରୁ ଯେବେ ବ୍ୟକ୍ତିନିର୍ବିଶେଷରେ ଗୋଟିଏ ପଥର ବ୍ୟବସ୍ଥା ହୁଏ, ସେ ଗୋଟାଏ ହାସ୍ୟାସ୍ପଦ ଅଭିନୟ ନୁହେଁ କି ?

କ୍ଷମା—ହଁ, ନୁହେଁ ଆଉ କଣ ? ତା' ନ ହେଲେ ଯେ ନିରୀହ ଅପରାଜିତା ଉପରୁ ଏକଗୁଟିଆ ଅଧିକାରଟା ନଷ୍ଟ ହୋଇଯିବ ! ବାଃ ! ବାଃ...ବେଶ୍ ଜ୍ଞାନର ବହର ! ବେଶ ଯୌକ୍ତିକ ! ସେଥିଲାଗି ବୋଧହୁଏ ଜିତା ଆମମାନଙ୍କ ସହିତ ଯିବାକୁ ସାହସ କରୁ ନ ଥିଲା ।...ଠିକ୍ କହନ୍ତି ସେ । ଏଭଳି ପୌରୁଷକୁ ଖାଲି ସତ୍ୟ ବା ସ୍ୱାଧୀନତା କାହିଁକି ସ୍ୱୟଂ ଭଗବାନ୍ ମଧ୍ୟ ଭୟ କରିବେ.... [ଅପରାଜିତା ପ୍ରତି] ଏଇଥିପାଇଁ ବୋଧହୁଏ ଜିତା, ତୁମେ ଆମ ସହିତ ଯିବାକୁ ମଙ୍ଗୁ ନ ଥିଲ ?

ଅପରାଜିତା—(କାଷ୍ଠପୁତ୍ତଳିକା ପରି ନୀରବ ସ୍ତବ୍ଧ ଭୂମିରେ ବଦ୍ଧଦୃଷ୍ଟି)

ପୁଣ୍ଡରୀକ—(ଈଷତ୍ ଭ୍ରୂକୁଞ୍ଚିତ୍ କରି) ଦେଖନ୍ତୁ, ଆପଣଙ୍କର ଅଯଥା ଦୋଷାରୋପ କାହାରି କିଛି କ୍ଷତି କରୁ ନ କରୁ, ଏହା ଯେ ଆପଣଙ୍କର ସ୍ବଜାତୀୟ ପ୍ରଗଲ୍‌ଭତାର ପରିଚୟସୂଚକ, ଏହା ନିଃସନ୍ଦେହରେ କୁହାଯାଇପାରେ । ମୁଁ ଜାଣେ, ଆପଣମାନେ କାହିଁକି ଆସିଛନ୍ତି । ଆପଣ ଜିତାକୁ ଯେଉଁଆଡ଼େ ଇଚ୍ଛା ନେଇଯାଇ ପାରନ୍ତି । ମୋର କିଛି ଆପତ୍ତି ନ ଥିଲା ବା ବର୍ତ୍ତମାନ ନାହିଁ···କିନ୍ତୁ ··

କ୍ଷମା—କିନ୍ତୁ ଆପଣଙ୍କର ଗୁରୁତ୍ୱ ବା ମୁରବିତ୍ୱକୁ ଅପମାନିତ କରି ତାକୁ ନେଇଯିବାଟାକୁ ଆପଣ ପସନ୍ଦ କରନ୍ତି ନାହିଁ ?....ନା, ନା, ଭୟ କରନ୍ତୁ, ହମ୍ବଡ଼ !

ପୁଣ୍ଡରୀକ—ହଁ ଠିକ୍ ସେଇୟା, ଯଦି ମୋର ମୁରବିତ୍ୱରେ କିଛି ମୂଲ୍ୟ ଥାଏ, ତେବେ ନିଶ୍ଚୟ ତାକୁ ଅପମାନ କରାହେବ · ତା ଛଡ଼ା.... ଆପଣମାନଙ୍କ ଭଳି ଗୁରୁ ହାତରେ ଜୀବନ ସମର୍ପଣ କରିବାର ସମୟ ଏଯାଏଁ କୌଣସି ନାରୀର ଆସି ନାହିଁ ।

କ୍ଷମା ଓ ଜୟା—(ତୀବ୍ର ବିଦ୍ରୂପ ସ୍ବରରେ) ଆଜି ଆପଣଙ୍କ ଭଳି ଗୁରୁଙ୍କର ଗୁରୁତ୍ବ ଚିରକାଳ ଅକ୍ଷୁଣ୍ଣ ରହିଅଛି ··ନା ?

କ୍ଷମା—ତା ନ ହେଲେ ବିବାହିତା ସ୍ତ୍ରୀକୁ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରି, ତାକୁ ସାଧାରଣ ନାରୀର ଆସନରେ···ସାଧାରଣ କାହିଁକି ···କୌଣସି ସେବାଦାସୀର ଆସନରେ ବସାଇ ଅଜି ଆପଣ ଗୁରୁର ଦାମ୍ଭିକତା ଦେଖାଇବାକୁ ସାହସ କରୁଥାନ୍ତେ ? ହା ଭଗବାନ୍ !···ଏହି ପ୍ରବଞ୍ଚନା, ଏହି ଶଠତା ହାତରୁ କେବେ ନାରୀଜାତିକୁ ଉଦ୍ଧାର କରିବ ?

ପୁଣ୍ଡରୀକ—ଯଦି ଉଦ୍ଧାର କରିବାର ଇଚ୍ଛା ଥାଏ, ସେହି ଅଦୃଷ୍ଟ ଶକ୍ତିର ପଦରେ ଆତ୍ମସମର୍ପଣ କରନ୍ତୁ । ତାହା ହେଲେ କର୍ମର ପନ୍ଥା ଉଜ୍ଜ୍ୱଳ ହେବ । ଖାଲି ଆତ୍ମାଭିମାନ ବା ଦାମ୍ଭିକତାରେ ଶକ୍ତି ଅପଚୟ କରି କଣ ଫଳ ଅଛି ?

କ୍ଷମା—ସେହି ଶକ୍ତିର ଅପଚୟ ଆମର ପ୍ରଥମେ ଆବଶ୍ୟକ । ବହୁ ଦିନର ସୁପ୍ତ ସିଂହ ପକ୍ଷରେ ଜାଗରଣ ପୂର୍ବରୁ ଏତେଗୁଡ଼ାଏ ବର୍ବରବୁଦ୍ଧି ଆଡ଼ମ୍ବରୀ ଶୋଭନୀୟ ନୁହେଁ ।

ମୁଣ୍ଡଶାଳ—ଯେପରି ଅପ୍ରାଳନରେ ଯେ ମୃତ୍ୟୁ.... ।

କ୍ଷମା—ଆମର ସେଭଳି ମୃତ୍ୟୁ ବରଂ ଶ୍ରେୟସ୍କର ! ବସ୍ତୁବିବୁଦ୍ଧି, ଚିନ୍ତାଶୀଳତା, ସ୍ୱାତନ୍ତ୍ର୍ୟ ତା ନାରୀଜାତି ତ ଆଜି ପର୍ଯ୍ୟନ୍ତ ଦେଖାଇ ଆସିଲା । ସେଥିରେ ତାର କି ଭାଗ୍ୟ ବିପର୍ଯ୍ୟୟ ଘଟିଛି ? ତାର ଜୀବନର କି ମହତ୍ତ୍ୱ ଉଦ୍ଧ୍ୱ ବଢ଼ିଛି ? ତାର ଏକମାତ୍ର କାରଣ ନାରୀ ଲୋକଲଜ୍ଜା ଭୟରେ ହେଉ ବା ଅଲୀକ ଧର୍ମଭୟ ବା କର୍ତ୍ତବ୍ୟର ଭୟରେ ହେଉ, ପୁରୁଷଜାତିର ନିର୍ଜୀବ ପ୍ରବଞ୍ଚନା ବିରୁଦ୍ଧରେ ଠିଆ ହେବାର ଶକ୍ତି ହାସଲ କରି ପାରିନାହିଁ । ମୁମୂର୍ଷୁ ଲୋକ ଯେପରି ମୃତ୍ୟୁସଞ୍ଜୀବନ ଔଷଧକୁ ବାରଣ କରି ବ୍ୟାଧିବର୍ଦ୍ଧକ ବିଷକୁ ବରଣ କରି ନିଏ, ନାରୀଜାତି ସେପରି କେତେଗୁଡ଼ାଏ ଗତାନୁଗତିକ କଦର୍ଯ୍ୟ ସାମାଜିକ ରୀତିକୁ ମୁକ୍ତିର ପନ୍ଥା ବୋଲି ଧରି ନେଇ ନିଜର ଅସ୍ତିତ୍ୱ ଟିକକ ହରାଇ ବସିଲାଣି । ସେଥିଲାଗି ତାର ଜଡ଼ ପିଣ୍ଡଟାରେ ଚେତନା ଆଣିବାକୁ ପ୍ରଥମେ ଆମର ପ୍ରୟୋଜନ ପ୍ରତି କ୍ଷେତ୍ରରେ ପୁରୁଷଶକ୍ତିର, ସମାଜ ଶକ୍ତିର ସମୂଳେ ଧ୍ୱଂସ....ମୂଳୋତ୍ପାଟନ ଭଲ ହେଉ, ମନ୍ଦ ହେଉ, ପାଶ୍ଚାତ୍ୟ ନାରୀ ପରି ପ୍ରାଚ୍ୟ ନାରୀକୁ ଆଜି ସମାଜଗଣ୍ଡିରୁ ବାହାରି ଆସି ନିଜକୁ ପ୍ରତିଷ୍ଠା କରିବାକୁ ହେବ ।

ମୁଣ୍ଡଶାଳ—କେଉଁଠାରେ ପ୍ରତିଷ୍ଠା କରିବାକୁ ହେବ ?

କ୍ଷମା—(ଅତ୍ୟନ୍ତ ରୁକ୍ଷସ୍ୱରରେ) କୁସଂସ୍କାରପୂର୍ଣ୍ଣ ସମାଜର ଗତାନୁଗତିକ ରୀତିର ବାହାରେ....ନାଁ, ନାଁ, ଭସ୍ମୀଭୂତ ସମାଜର ଭସ୍ମ ଉପରେ !

ମୁଣ୍ଡଶାଳ—(ଅତ୍ୟନ୍ତ ଗମ୍ଭୀରଭାବରେ) ମାନେ ତାହା କଣ ସମ୍ଭବ ? ସମାଜ ବିରୁଦ୍ଧରେ ଯାଇ ଯେ ଆପଣ ସୃଷ୍ଟି ବିରୁଦ୍ଧରେ ଯୁଦ୍ଧର ଅଭିଯାନ ଆରମ୍ଭ କରୁଛନ୍ତି ?

କ୍ଷମା—ଆବହମାନ କାଳରୁ ପୁରୁଷର ଲମ୍ପଟତା, ଶଠତା, ପ୍ରବଞ୍ଚନା ଓ କାପୁରୁଷତାକୁ ଶିରୋଧାର୍ଯ୍ୟ କରି, ଶାସ୍ତ୍ରନିର୍ଦ୍ଦିଷ୍ଟ ସ୍ୱାମୀ ଦେବତାଙ୍କର ପଦାଘାତ ସହ୍ୟ କରି ଜୀବନଧାରଣ କରିବା ଯଦି ନାରୀ ପକ୍ଷରେ ସମ୍ଭବପର ହୋଇପାରେ, ସମାଜ ବାହାରେ ସୃଷ୍ଟି ରହିବା ତଳେ ହେଲେ ଅସମ୍ଭବ ହେବ ନାହିଁ ।

ସୁଣ୍ଡସକ—ଗୃହସ୍ଥାଶ୍ରମୀ ନେହୀମାନଙ୍କ ମୁଖରେ ଏଭଳି ପିଲା **ଖେଳର** କଳ୍ପନା ଆଦୌ ସୁନ୍ଦର ଶୁଭୁ ନାହିଁ ।

କ୍ଷମା—ଯେ ଯାହାହେଉ, ଆପଣମାନଙ୍କ ପୌରୁଷର ଶଠତା ବା **ପ୍ରବଞ୍ଚନା** ତ ନୁହେଁ ? ପାଶ୍ଚାତ୍ୟ ନାରୀମାନଙ୍କ ପରି ଭାରତର **ନାରୀକୁ ଆଜ** ସମସ୍ତ ସଂସ୍କାରକୁ ଭୁଞ୍ଜି କରି ଆତ୍ମନିର୍ଭରଶୀଳ ହେବାକୁ ହେବ··· ସତ୍ୟ ଲାଗି, ଆଦର୍ଶ ଲାଗି ଶୂନ୍ୟରେ ଠିଆ ହେବାର **ସାହସ** ବାନ୍ଧିବାକୁ ହେବ ।

**ସୁଣ୍ଡସକ**—ଏ ପୁଣି ଆଉ ଏକ ଆତ୍ମ-ଅବିଶ୍ୱାସର ଦୃଷ୍ଟାନ୍ତ । **ପାଶ୍ଚାତ୍ୟ** ନାରୀ କେବେ ଆପଣାକୁ ଶୂନ୍ୟରେ ଠିଆ କରିବାର ମୂର୍ଖ**ପ୍ରୟାସ** କରି ନାହିଁ, ତେଣୁ ତାର ପୁଚ୍ଛଧାରୀମାନଙ୍କର ଜାନୁ **ଭଗ୍ନ** ହେବାର ଯଥେଷ୍ଟ ଭୟ ଅଛି ।

**କ୍ଷମା**—ଏ ନୂତନ ତତ୍ତ୍ୱଟି ପୁଣି କେଉଁଠାରୁ ସଂଗ୍ରହ କଲେ ? ଏଥିରେ ସ୍ପଷ୍ଟ ପ୍ରମାଣ ହେଉ ନାହିଁ କି, ଆପଣ ଆଧୁନିକ ନାରୀର **ମନସ୍ତତ୍ତ୍ୱ** ଓ ସଂଗ୍ରାମଲିପ୍ସାର କୌଣସି ଖବର ରଖନ୍ତି ନାହିଁ ?

**ସୁଣ୍ଡସକ**—( ତୀବ୍ର ବ୍ୟଙ୍ଗହାସ୍ୟ କରି ) ହାଃ, ହାଃ, ସଂଗ୍ରାମଲିପ୍ସା ? ଅବଶ୍ୟ, ଅବଶ୍ୟ · ପୁରାତନ ସିକନ୍ଦର ବା ନେପୋଲିଅନଙ୍କ-ଠାରୁ ଢେର ବଳିଗଲେଣି । ଭାରତର ସମୁଦ୍ରଗୁପ୍ତଙ୍କ କଥା **କିଏ** ପଛରେ ?

କ୍ଷମା—ମୁଁ କଣ ମିଥ୍ୟା କହୁଛି ? କେତେ ଜଣ ସମୁଦ୍ରଗୁପ୍ତ ବା **ଅଶୋକ** ସନ୍ତରଣରେ ବା ଶୂନ୍ୟଯାନ ଚାଳନାରେ ପଟୁତା ଦେଖା**ଇଛନ୍ତି ?**

**ସୁଣ୍ଡସକ**—ଦେଖନ୍ତୁ, ଅଶୋକଙ୍କୁ ଅନ୍ତତଃ ଶୂନ୍ୟରେ ଉଡ଼ାଇବାର ଚେଷ୍ଟା କରିବେ ନାହିଁ । ଶୂନ୍ୟରେ ଉଡ଼ି ନାରୀଜାତି ଅବଶ୍ୟ ଏକ ବିପୁଳ ଶକ୍ତିର ପରିଚୟ ଦେଇଛନ୍ତି । କିନ୍ତୁ ସେ **ଧରଣର** "କା-ନାରୀ"ଙ୍କର ସଂଖ୍ୟା କେତେ ଗଣିଛନ୍ତି କି ? ନାଁ···ଖାଲି ···ମୋର କଣ ନାହିଁ, ଭାଇ ମାଧିଆର ତ ଅଛି ? ସେଥିରେ ମଧ କାରଣ କିଛି ଜାଣନ୍ତି କି ?

**କ୍ଷମା**—ନାଁ, ନାଁ, ଆପଣଙ୍କ ବିଚକ୍ଷଣତାଟା ଠିକ ଏ···

**ସୁଣ୍ଡସକ**—ପାଶ୍ଚାତ୍ୟ ନାରୀ ଯେ ଆଜି ସୁଦ୍ଧା ପାରିବାରିକ ଜୀବନକୁ **ଅତି** ଉଚ୍ଚରେ ସ୍ଥାନ ଦେଇଛି, ସେ କଥାଟା ଆପଣମାନଙ୍କ **ମନକୁ**

ଆଦୌ ଆଘାତ କର ନାହିଁ । ପ୍ରମାଣ ଲୋଡ଼ୁଛନ୍ତି ? ପାଶ୍ଚାତ୍ୟ ଗାର୍ହସ୍ଥ୍ୟ ଜୀବନର ପବିତ୍ରତା ଓ ଅକ୍ଷୁର୍ଣ୍ଣ ମାଧୁରୀର ମୁଁ ପ୍ରମାଣ ଦେବି । ଯେଉଁମାନେ ମଧ୍ୟ ଜୀବନଯାତ୍ରାକୁ ସମ୍ପୂର୍ଣ୍ଣ ବା ବହୁବିଧ ଭାବରେ ପାନ କରି ବହୁଦର୍ଶିତା ଅର୍ଜନ କରିଅଛନ୍ତି, ସେମାନଙ୍କର ଅଭିମତ ଜାଣିଥିଲେ ମଧ୍ୟ ଆପଣ ଆଜ ମୋ ବକ୍ତବ୍ୟଟା ପ୍ରତି କଟାକ୍ଷ କରି ନ ଥାନ୍ତେ । ସେହି ପୁଣ୍ୟମୟୀ ଗୃହିଣୀମାନଙ୍କର ଅନ୍ତରର ବାଣୀ ଆପଣମାନଙ୍କର କର୍ଣ୍ଣ ସ୍ପର୍ଶ କରି ନାହିଁ ବା ତାକୁ ଆପଣମାନେ ଅବହେଳା କରିଛନ୍ତି ବୋଲି ଏ ସବୁ ପ୍ରମାଦ ସୃଷ୍ଟି ଲାଗି ବ୍ୟାକୁଳ ହେଉଛନ୍ତି । ସେ ସମସ୍ତ ଦେଖନ୍ତୁ, ଦେଖିବେ ସେହି ଅଳ୍ପ ସଂଖ୍ୟକ ନାରୀମାନଙ୍କର ବହିର୍ଜଗତରେ ଆତ୍ମପ୍ରତିଷ୍ଠାର ନବ ଚେଷ୍ଟା, ତାହା କେବଳ ଅଭ୍ୟନ୍ତରରେ ଆସନ ପାଇବା ଉଦ୍ଦେଶ୍ୟରେ ଯେଉଁ ଅଭ୍ୟନ୍ତରରେ ଯେଉଁଦିନ ସେ ଆସନ ପାଇବ, ସେଦିନ ସେ ଏହି ବହିର୍ଜଗତରୁ ଗୌରବରେ ଫେରିଯିବ । ସହସ୍ର ବନ୍ଧନ ମଧ୍ୟରେ ସେହି ମୁକ୍ତିର ସ୍ୱାଦ ନାରୀ ପାଇଁ ନାହିଁ ବୋଲି ପଥଭ୍ରଷ୍ଟ କକ୍ଷଚ୍ୟୁତ ଗ୍ରହ ପରି ଆପଣାର ଆସନ ଖୋଜି ବୁଲୁଛି ।

ଜମ୍ବୁ—( ଈଷତ ଉତ୍ତ୍ୟକ୍ତ ହୋଇ ) କିନ୍ତୁ ଭାରତୀୟ ନାରୀକୁ ତ ସେକଥା ବୁଝାଇବାକୁ ହେବ ନାହିଁ ?

ସମା—ଭୁଲ କହିଲ ଜମ୍ବୁ···ଭାରତ ଛଡ଼ା ଯେ ଆଉ ଏଭଳି ଇସ୍କୁଲ-ମାଷ୍ଟରୀ ବା ଗୁରୁଗିରି ସ୍ଥାନ ନାହିଁ ?

ସ୍ତ୍ରୀସ୍ୱକ—ଅବଶ୍ୟ, ଆପଣ ନବୀନତ୍ୱର ଯଥେଷ୍ଟ ଅଳଙ୍କାର କରି ପାରନ୍ତି । କିନ୍ତୁ ଭାରତୀୟ ନାରୀ ଅନେକ ଦିନରୁ ବୁଝିଛି ଯେ, ତାର ସ୍ଥାନ ଅଭ୍ୟନ୍ତରରେ । ସେହି ଅଭ୍ୟନ୍ତରର ଆସନ ତାର ଜୀବନର ଗୌରବ । ସେ ଆସନରେ ସେ ମଙ୍ଗଳମୟୀ ଦେବୀ । ସେହି ସ୍ଥାନରେ ସେ ଜୀବନର ତୁଚ୍ଛତା, ସମସ୍ତ ପାପ, କାଳିମା ଆପଣାର ପୁଣ୍ୟ ପ୍ରଭାବରେ ଧୌତ କରିପାରେ । ସେ ଆସନରେ ବସି ସେ ଦୁଃଖକୁ ମଙ୍ଗଳରେ, ମୃତ୍ୟୁକୁ ଅମୃତରେ, ନିର୍ଜୀବକୁ ସଜୀବରେ ପରିଣତ କରିପାରେ । ସେ ଆସନ ଯେ ଦେବତାର ଆସନ, ତାହା ଭୁଲିଗଲେ ନାରୀତ୍ୱକୁ ଅସ୍ୱୀକାର କରାଯିବ ।

ଦୁର୍ଭାଗ୍ୟକ୍ରମେ ଆତ୍ମବିଶ୍ୱାସ ହରାଇ ଯଦି ସେ ସ୍ଥାନଚ୍ୟୁତ ହୁଏ, ତେବେ ତାହା ତାର ମୁକ୍ତି ନୁହେଁ, ବନ୍ଧନ—ଜୀବନ ନୁହେଁ, ମୃତ୍ୟୁ । ( ଅସ୍ଥିର ପଦରେ ପରିକ୍ରମଣ )

କ୍ଷମା—ବେଶ୍, ବେଶ୍, ଆପଣ ଅପରାଜିତାଙ୍କୁ ଯେ ଦେଶାତ୍ମ ପ୍ରଦାନ କରିଛନ୍ତି, ତାହା ସମସ୍ତେ ଭଲ କରି ଜାଣନ୍ତି । ଆଉ ଗୁଡ଼ାଏ ଗଳଦ୍‌ଘର୍ମ ହୋଇ ତତ୍ତ୍ୱର ଛଳନା ଦେଖାଇବା ଦ୍ୱାରା ନିଜକୁ ବିଦ୍ରୂପ କରିବେ ନାହିଁ । ଅପରାଜିତା ଆପଣଙ୍କର ସମସ୍ତ ଶଠତା ଭୁଲି ଆପଣଙ୍କ ଜ୍ଞାନସ୍ଫୂର୍ତ୍ତିରେ ହସ୍ତ ହୋଇ ଅବନତ ମସ୍ତକରେ ଆପଣଙ୍କର ପାଦୁକା ଶିରୋଧାର୍ଯ୍ୟ କରିପାରେ । ମାତ୍ର ଆଧୁନିକ ଭାରତୀୟ ନାରୀର ତାହା ଚକ୍ଷୁଶୂଳ ଜାଣି ରଖିବେ । ଓଃ ! ଶଠତାର କି ଚୂଡ଼ାନ୍ତ ପ୍ରମାଣ ଦେଉଛନ୍ତି ଆପଣ··· ? ଅବଶ୍ୟ ଏ କଟୂକ୍ତି ଲାଗି କ୍ଷମା କରିବେ ।

ପୂର୍ଣ୍ଣଗୀକ—( କିଞ୍ଚିତ୍ ଉତ୍ତ୍ୟକ୍ତ ହୋଇ ) ମୁଁ ଆପଣଙ୍କର ଆଉ କୌଣସି କଥାର ଜବାବ ଦେବାକୁ ପ୍ରସ୍ତୁତ ନୁହେଁ । ତେବେ ଶେଷରେ ଏତିକି କହି ରଖେଁ, ଯେପର୍ଯ୍ୟନ୍ତ ଆପଣମାନେ ସେହି ଅଦୃଷ୍ଟ ଶକ୍ତିରେ ନିଜକୁ ବଳୀୟାନ୍ କରି ପାରି ନାହାନ୍ତି, ··· ··· ଯେପର୍ଯ୍ୟନ୍ତ ଆତ୍ମଶକ୍ତି ଉପରେ ଆପଣଙ୍କର ଦୃଢ଼ ବିଶ୍ୱାସ ଆସି ନାହିଁ, ସେପର୍ଯ୍ୟନ୍ତ ଆପଣଙ୍କର ସ୍ୱାଧୀନତାର ଉତ୍ସବ ଏକ ବ୍ୟଙ୍ଗ ରସର ପୁନରୁଦ୍ଧାର ମାତ୍ର । ଏ ପ୍ରହସନର ଶେଷ ଯବନିକା ଧ୍ୱଂସରେ—ମଙ୍ଗଳରେ ନୁହେଁ । ଯୁଗଯୁଗର ଏହି ଚିରନ୍ତନ ସତ୍ୟ···ଆଜି ମଧ୍ୟ ସତ୍ୟ ହୋଇ ରହିଛି । (ପ୍ରସ୍ଥାନ)

ଅପରାଜିତା—(ନୀରବରେ ଅଶ୍ରୁମୋଚନ)

ଜସ୍ମା—କର୍ତ୍ତା ତ ଖୁବ୍ ଗୋଟାଏ ବକ୍ତୃତା ଝାଡ଼ିଗଲେ, ବର୍ତ୍ତମାନ ବିଚାର ?

କ୍ଷମା—ଓଃ ! କି ନିଷ୍ଠୁରତା···ପ୍ରବଞ୍ଚନାର ଆଦର୍ଶ ଆଉ କାହାକୁ କହିବ କି ?

ଅପରାଜିତା—(ଶୋକଗଦ୍‌ଗଦ୍ ସ୍ୱରରେ ) ନା ଭଉଣୀ, ତୁମେ ତାଙ୍କୁ ସେପରି ଅଯଥା ଦୋଷାରୋପ କର ନାହିଁ ··ତୁମେ ଯେତେ କଥା କହିଗଲ···ମୁଁ କହେ, ସେ ସବୁ....

କ୍ଷମା—ସେ ସବୁ ମିଥ୍ୟା ?

ଅପରାଜିତା—ହଁ ମିଥ୍ୟା···ମିଥ୍ୟା···ହଜାରବାର ମିଥ୍ୟା···ମୁଁ କେବେ ତାଙ୍କୁ ଶଠ ବୋଲି କଳ୍ପନା କରି ନାହିଁ । ସେ ମଧ୍ୟ ମୋତେ ଅସମ୍ମାନ ବା ମାତ ଚକ୍ଷୁରେ ଦେଖି ନାହାନ୍ତି···ତୁମେ···ତୁମେ କାହିଁକି··· ?

କ୍ଷମା—ଆଶ୍ଚର୍ଯ୍ୟ ! କର୍ତ୍ତାଙ୍କ କଥା ତ ଠିକ ଫଳିଗଲା ହାତେ ହାତେ ! ଆଜ ଏଇଠି ଆମର ପ୍ରଧାନ ଅଭିନେତ୍ରୀ ଶେଷ ଯବନିକାପାତ-କଲେ···ଆଶ୍ଚର୍ଯ୍ୟ ନାରୀ ! (ଈଷତ୍ କ୍ରୋଧରେ) ତୁମେ କଣ କହିବାକୁ ଚାହଁ, ଜିତା, ମୋ କଥା ମିଥ୍ୟା ? ତୁମେ କଣ ତୁମ ନାରୀତ୍ୱର ଶ୍ରେଷ୍ଠ ଅଧିକାରରୁ ବଞ୍ଚିତ ନୁହଁ ?

ଅପରାଜିତା—ନା···ନା.... କେଜାଣି···

କ୍ଷମା—ଆଚ୍ଛା, ତୁମେ କଣ ଜାଣ ନା ଯେ, ତୁମର କର୍ତ୍ତା ତୁମକୁ ସର୍ବାନ୍ତଃକରଣରେ ପ୍ରାଣ ମନ ଢାଳିଦେଇ ପାରି ନାହାନ୍ତି ?

ଅପରାଜିତା—ହଁ ଜାଣେ···ସେ ତାହା ସମ୍ପୂର୍ଣ୍ଣରୂପେ କରି ପାରି ନାହାନ୍ତି ···ମାତ୍ର···ମାତ୍ର···ଏ ବିଶ୍ୱବ୍ରହ୍ମାଣ୍ଡରେ ଏପରି କିଏ ପାରିଛି ଯେ, ଭଉଣୀ, ମୁଁ ସେଥିପାଇଁ କାତର ହେବି ? ତୁମେ ତାଙ୍କୁ ସେପରି କାହିଁ କହିଲ ? ଦାମ୍ପତ୍ୟ ଜୀବନରେ କିଏ ସୁଖୀ, କିଏ ବା କେତେକାଂଶରେ ଦୁଃଖୀ, କିଏ ବା ସମ୍ପୂର୍ଣ୍ଣ ଉଦାସୀନ, ସମସ୍ତଙ୍କ ଭାଗ୍ୟରେ ଯେ ଅଖଣ୍ଡ ସୁଖ ଲେଖା ହୋଇଛି, ଏହାର କି ପ୍ରମାଣ ଅଛି ?

କ୍ଷମା—ପ୍ରମାଣ ପାଇ ନାହିଁ ବୋଲି ଜାଣିବାକୁ ମଧ୍ୟ ଇଚ୍ଛୁକ ନୁହଁ ?

ଅପରାଜିତା—ଇହଜନ୍ମରେ ଶତ ଚେଷ୍ଟା କଲେ ମଧ୍ୟ ଆଉ ଯେ ମିଳିବ ନାହିଁ, ଭଉଣୀ ?

କ୍ଷମା—ମୁଁ ତ ସେକଥା କହୁ ନାହିଁ, କିନ୍ତୁ ମୁକ୍ତି ?··ଏହି କାପଟ୍ୟ ହାତରୁ ନିସ୍ତାର ?···

ଅପରାଜିତା—କିନ୍ତୁ ଏହି ଗୃହର ବାହାରେ ନାରୀ ପକ୍ଷରେ କଣ ତାହା ସମ୍ଭବ ?

କ୍ଷମା—ତୁମେ ଯେ କୂପମଣ୍ଡୂକ ଭଳି କୂପ ମଧ୍ୟରୁ ଉଠି ଆସିବାକୁ ଆଦୌ ପ୍ରସ୍ତୁତ ନୁହଁ ! ସେ ସ୍ୱାଧୀନତାର ରସ ଅନୁଭବ କରିବାକୁ ପ୍ରଥମେ ସମସ୍ତ ବନ୍ଧନର ମୁକ୍ତି ନ ହେଲେ ଜାଣିବ କିପରି ?

ଅପରାଜିତା—(ଈଷତ୍ ବ୍ୟଙ୍ଗ କରି ) ଦେଖ ଭଉଣୀ, ଏ ବଡ଼ ଅନ୍ୟାୟ ! ମୋର ତ କୂପ, ତୁମର କେଉଁ ପୁଷ୍କରଣୀ, ଶୁଣେ ? ( ପ୍ରଥମାକୁ ନିର୍ଦ୍ଦେଶ କରି ) ଦେଖ ନା ଭଉଣୀ, ସ୍ବାଙ୍କର ପରି ଏପର୍ଯ୍ୟନ୍ତ ବିବାହ ହୋଇ ନାହିଁ ।

କ୍ଷମା—କିନ୍ତୁ ମୋତେ ତ ସେ ଦୋଷଟା ଦେଇ ପାରିବ ନାହିଁ ?

ଅପରାଜିତା—ନା, ପାରିବ ନାହିଁ । ମାତ୍ର ତୁମେ ଯେ ବୈବାହିକ ଜୀବନକୁ ପାଦରେ ଫିଙ୍ଗି ଦେଇ ଆସିଛ ? ତୁମେ ଦାମ୍ପତ୍ୟ ଜୀବନର ଦୁଃଖ ଠିକ୍ ବୁଝିବ ବା କିପରି ?

କ୍ଷମା—କିନ୍ତୁ ଜିତା, ତୁମର ଏ ଅନ୍ଧବିଶ୍ୱାସ···ତୁମର ବନ୍ଧନର ହେତୁ ···ଏବଂ ତୁମର ମୃତ୍ୟୁ ।···କୌଣସି ଜାଣୋଆରକୁ ମଧ୍ୟ ସବୁ ପ୍ରତ୍ୟକ୍ଷରେ ଶିଖିବାକୁ ହୁଏ ନାହିଁ । ତୁମେ କ'ଣ ପୁଣି ପ୍ରମାଣ କରିବାକୁ ଚାହଁ ଯେ, ମୋର ଶିକ୍ଷା ବା ଜ୍ଞାନ କିଛି ନୁହେଁ ?

ଅପରାଜିତା—ନା ଭଉଣୀ···ମୁଁ ଏଡ଼େ ବଡ଼ କଥା କିପରି ତୁଣ୍ଡରେ ଧରିବି ? ସେଥିଲାଗି ତ ତୁମ କଥା ମୋ ମନକୁ ସମୟ ସମୟରେ ଏତେ ଅଭିଭୂତ କରେ । ଯଦିବା, ଜୀବନଟା ବ୍ୟର୍ଥ ହୋଇଗଲା ଅପାର ଏବଂ ଗୂଢ଼ ମାୟାରେ !···କେତେ ଯଦି ଏହି ବନ୍ଧନରୁ ମୁକ୍ତିଲାଭ କରି ପାରନ୍ତି !···ତୁମେମାନେ କେଡ଼େ ମୁକ୍ତ, କେଡ଼େ ସ୍ୱାଧୀନ···

କ୍ଷମା—ତେବେ ମୁକ୍ତି ଚାହଁ ?

ଅପରାଜିତା—(ନତଦୃଷ୍ଟି ହୋଇ ନୀରବ )

କ୍ଷମା—କହ, ମୋ କଥାରେ ସମ୍ପୂର୍ଣ୍ଣ ଆସ୍ଥା ଅଛି ?

ଅପରାଜିତା—ସମ୍ପୂର୍ଣ୍ଣ···ହିଁ ସମ୍ପୂର୍ଣ୍ଣ ଆସ୍ଥା ଅଛି ।

କ୍ଷମା—ତେବେ ଆସ, ଆଉ କାହାର ଅପେକ୍ଷା ନ କର !···ଏବଂ ଦେଖ ଆମର ସଙ୍ଗିନୀମାନେ ଦୂରରୁ ଆସୁଛନ୍ତି···ଶୁଣି ପାରୁ ନାହଁ ତାଙ୍କର ଉନ୍ମାଦ ସଙ୍ଗୀତ ?···ଆସ ଜିତା ··ଏହି ସ୍ୱାଧୀନ ମନ୍ତ୍ରରେ ନିଜକୁ ଦୀକ୍ଷିତ କରି ଆଜି ଧନ୍ୟ ହୁଅ···ମୁକ୍ତ ହୁଅ···ଧ୍ୱଂସ ହେଉ ସକଳ ମମତାର ବନ୍ଧନ···ସକଳ ଜଡ଼ତା···ସକଳ ଅନ୍ଧକାର !

[ ସମୀର କଥା ହଠାତ୍ ଅପ୍ରତ୍ୟାଶିତ ଭାବରେ ସୁନୁଦତ୍ତଙ୍କର କଣ୍ଠସ୍ୱରରେ ବାଧାପ୍ରାପ୍ତ ହେଲା । ଅପରାଜିତା ସେଆଡ଼ୁ ପୁଅଆଡ଼କୁ ଉତ୍କଣ୍ଠ ହୋଇ ଚାହିଁ ରହିଲା । ]

ସୁନୁଦତ୍ତ—ମା, ବାବା ସେ ପଡ଼ଆଟାରେ ବୁଲୁଛନ୍ତି । ମୁଁ ସେତେ ଡାକିଲି ଶୁଣିଲେ ନାହିଁ । ତୁ କାହିଁକି ତାଙ୍କୁ ରାଗ ହେଲୁ ମା ?

ଅପରାଜିତା—(ବାଷ୍ପରୁଦ୍ଧ କଣ୍ଠରେ ପୁତ୍ରକୁ କୋଳକୁ ଟାଣି ନେଇ ମୁଖ ଚୁମ୍ବନ କରୁ କରୁ ) ନାହିଁ ବାବା, ମୁଁ ତ ରାଗ ହୋଇ ନାହିଁ । ବାବା ଏଇଲାଗେ ଆସିବେ ଯେ !

[ ଅପରାଜିତା ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ହୋଇ ଜାଗରଣୀ ଦଳର ସଙ୍ଗୀତର ଛନ୍ଦପାତ ନୀରବରେ ଅନୁଭବ କରୁଥିଲେ । ଦୂରର ସଙ୍ଗୀତ କ୍ରମଶଃ ନିକଟତର ହେବାକୁ ଲାଗିଲା । ସ୍ୱାଧୀନତା ସଙ୍ଗୀତ ଗାଇ ଆଗେ ଜାଗରଣୀ, ପଛରେ ଅନ୍ୟାନ୍ୟ ବହୁସଂଖ୍ୟକ ନାରୀ ଓ ବାଳକ ।]

ଜାଗ, ଜାଗ, ଜାଗ,
ଜାଗିଛି ଭାରତ ମନରେ ଆଜ,
ମୁକ୍ତିର ଅନୁରାଗ ।
ଗାଅ ଗୋ ସରବେ ମୁକ୍ତିର ଗାନ,
ପ୍ରଭାତ ଆଲୋକ କରେ ଆହ୍ୱାନ,
ମୁକ୍ତ ପବନ ମଧୁର ଛନ୍ଦେ,
ଉତ୍ଫୁଲ ଦିଗଭାଗ ।
ବନ୍ଧନ ଗ୍ଲାନି ସକଳ ଜଡ଼ତା,
ଦଳ ଆଜ ପଦେ ଅସତ୍ୟ, ବ୍ୟଥା,
ମୁକ୍ତି ନିଶାଣ ତୋଳି ଧରି ହେଲେ,
ଅବସାଦ କର ତ୍ୟାଗ ।
ଆମର ପାଥେୟ ଆମର ଶକତି,
ବିଶ୍ୱାସ, ଆଶା, ନୀରବ ଭକତି,
ଜାଗ୍ରତ ଶିବ ଜୀବନ ଦେବତା—
ଚରଣେ ଆଶିଷ ମାଗ ।

କ୍ଷମା—କ'ଣ କହୁଛ ଜୟା, ଆଉ ଅପେକ୍ଷା କରୁଛ କାହାକୁ ? ଅନୁମତିର ଅପେକ୍ଷା କରିବାର ଆଉ ସମୟ ଯେ ନାହିଁ ?

ଜୟା—ଜୀବନଟାଯାକ ତ ଅନୁମତିର ଅପେକ୍ଷା କରିଛ ଭଉଣୀ, ଆଜି ଏବେ କ୍ଷଣକ ପାଇଁ ନ କଲେ କ୍ଷତି କ'ଣ ?

ଗୁରୁଦତ୍ତ—କିଏ ଗୀତ ଗାଉଛି ମା ? ଚାଲ ଦାଣ୍ଡକୁ ଯିବା···

ଅପରାଜିତା—(ମୁହଁକୁ ବକ୍ଷରେ ଜଡିତ କରି ନୀରବ)

କ୍ଷମା—କହ ଭଉଣୀ ! ଆମର ଯେ ସମୟ ଅତିକ୍ରମ ହେଉଛି ? ମୂକ ପ୍ରସ୍ତର ପରି ଠିଆ ହୋଇ ରହିଲେ ଚଳିବ ନାହିଁ । ଏ କଣ, ଏପରି ସ୍ତବ୍ଧ ହୋଇ ଠିଆ ହେବାର ଅର୍ଥ ?

ଅପରାଜିତା—ନା ଭଉଣୀ···ମୂର୍ଖ ମୁଁ··· ( ଅଶ୍ରୁମୋଚନ )···ଅଭାଗ୍ୟ ମୁଁ···ମୁଁ କେବେ ତୁମର ସମକକ୍ଷ···ମୋତେ କ୍ଷ···ମା ···କ···ର ।

( ପଟ୍ଟ ପତନ )

## ଦୃଶ୍ୟ ଦୁଇ

[ ଠିକ୍ ସେହି ଦିନ ସନ୍ଧ୍ୟା··ଗୋଧୂଳିର ମ୍ଳାନାଲୋକ ଘନ ଅନ୍ଧକାରରେ ମିଳାଇ ଯାଇଥିଲା । ପୁଣ୍ଡରୀକ କାର୍ଯ୍ୟୋପଲକ୍ଷରେ ସେତେବେଳଯାଏ ଗୃହକୁ ଫେରି ନଥିଲେ । ପୁଣ୍ଡରୀକଙ୍କର ଶୟନକକ୍ଷରେ ଅପରାଜିତା ଏକାକିନୀ । ଆଜି ଦିନର ଘଟଣାରେ ବଦନଶ୍ରୀ ମ୍ଳାନ ଓ ଚିନ୍ତାକ୍ଳିଷ୍ଟ ।]

**ଅପରାଜିତା**—ଆଜି ଦିନଯାକ ସକଳ ମୂହୂର୍ତ୍ତରେ ଅବାରିତ ଭାବରେ ସେହି ଗୋଟିଏ ସ୍ୱର···ଜାଗ ଜାଗ, ଜାଗ ! ···ସେହି ଗମ୍ଭୀର, ସେହି ତୀବ୍ର ଆହ୍ଲାଦ ଯେପରି ମୋର ଦୁର୍ବଳ ପ୍ରାଣକୁ ମୂହ୍ୟମାନ କରି ପକାଇଲାଣି । କାହିଁ ବା ସେହି ଜାଗରଣ, ଆଉ କାହିଁ ସ୍ୱାଧୀନଚିତ୍ତ ନାରୀ ମୁଁ ! ମୁଁ ଛିନ୍ନପକ୍ଷ, ଭଗ୍ନଜାନୁ, ଦୁର୍ବଳ ! ଶୂନ୍ୟ ମାର୍ଗରେ ଉଡ଼ିବା ମୋ ପକ୍ଷରେ ହାସ୍ୟାସ୍ପଦ ବ୍ୟାପାର ଛଡ଼ା ଆଉ କଣ ହୋଇ ପାରେ ? ତେବେ କାହିଁକି ଅନ୍ତର ଦେଶରେ ଏ ତୁମୁଳ ସଂଗ୍ରାମ ? କାହିଁକି ସ୍ୱାଧୀନତା ଲାଗି ଏ ପ୍ରବଳ ଆକାଂକ୍ଷା ? ସେଦିନ ଦେଖିଲି, ଶତାଧିକ ନାରୀ—ଯୁବତୀ, ବୃଦ୍ଧା, ବାଳିକା, ବିବାହିତା, ଅବିବାହିତା ସମସ୍ତେ ମିଳି ସ୍ୱାଧୀନତା ଉତ୍ସବ ପାଳନ କରୁଛନ୍ତି । ଆଜି ମଧ୍ୟ ଶତାଧିକ ନାରୀ ସ୍ୱାଧୀନତାର ସଙ୍ଗୀତରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଭସାଇ ଦେଇ ବୁଲୁଛନ୍ତି ; ଆଉ ମୁଁ ପିଞ୍ଜରାବଦ୍ଧ ଶାରିକା ପରି ସେ ତିମିରେ ସେ ତିମିରେ । ଯେଉଁଦିନ ଚଉଦ ପନ୍ଦର ବର୍ଷର ବାଳିକା ବଧୂ ହୋଇ ଆସିଲି, ସେହିଦିନୁ ଏହି ନିରାନନ୍ଦମୟ ଗୃହକୋଣରେ ପଡ଼ି ସଢ଼ୁଛି । ଏଥି ମଧ୍ୟରେ ଜୀବନର କି ସାର୍ଥକତା, କି ମୂଲ୍ୟ ଖୋଜି ପାଇଛି ମୁଁ ? ହଁ ପାଇଛି···ପାଇଛି, ସ୍ୱାମୀ ସ୍ନେହ

ଅସହାୟ ଶିଶୁଙ୍କର ଜନନୀ ହେବାର ଅଧିକାର । ସେଥି ମଧ୍ୟରୁ ଦୁଇଟି ମୃତ । ଆହା ! ସେ ଦୁଇଟି ଶୁଭ୍ର କଳିକାକୁ ବଞ୍ଚାଇ ରଖିବାର ହେଲେ ଶକ୍ତି ଥାଆନ୍ତା ! ମାତ୍ର ତାହା ଯେ ଏହି ହୀନଭାଗ୍ୟ ନାରୀ ପକ୍ଷରେ ଅସମ୍ଭବ ! ଦାରିଦ୍ର୍ୟର ନିରନ୍ତର ପୀଡ଼ାରେ ଦଗ୍ଧ ହୋଇ ସେ ଦୁଇଟିର ଜୀବନକୁ ବଳି ଦେବାକୁ ପଡ଼ିଲା ! ହାୟ ବିଧାତା···ସେହି ଦରିଦ୍ରଗୃହର ଦୀପଶିଖା···ସେହି ମୋ ଆଲୋକର ଆଲୋକ, ବିଧାତା ! ତାକୁ ସୁଦ୍ଧା ଧରି ରଖିବାର ଅଧିକାର ମୋତେ ଦେଇ ନାହିଁ ? · ମୋର ଶୂନ୍ୟ ଜୀବନର ଶେଷ ସମ୍ବଳକୁ ମୂଳପୋଛ କରିଦେଲ ! ଶ୍ରେଷ୍ଠ ମାନବଜୀବନ ଲାଭ କରି ପଶୁଠାରୁ ହୀନ ମୋର ଜୀବନ ! କି ଅଧିକାର ଅଛି ମୋର ଏ ଜୀବନରେ ?···ସବୁଥିରୁ ବଞ୍ଚିତ, ତ୍ୟକ୍ତ, ଅଭିଶପ୍ତ ମୁଁ । ଯାହାକୁ ନିଜର ଭାବି ଧରୁଛି, ସେହି ଗୋଟିଏ ସମ୍ବଳକୁ ନିଜର କରି ରଖୁଛି, ତାକୁ ଧରି ରଖିବାର ଅଧିକାର ମୋର ନାହିଁ···ସବୁ ଯେପରି ପ୍ରହେଳିକା···ସବୁ ଯେପରି ସ୍ୱପ୍ନ ପରି ମୋର କରଚ୍ୟୁତ ହୋଇ ମୋତେ ଉପହାସ କରୁଛି ।···ତେଣୁ ଏ ସମସ୍ତର ମୋହ ଛାଡ଼ି ସବୁ ଆଶା ଭରସା ବିସର୍ଜନ କରି ଆଜ ମୋର ଗୋଟିଏ ମାତ୍ର ପନ୍ଥା ଖୋଜି ନେବାକୁ ହେବ···ମୁକ୍ତି !···ସେହି ମୁକ୍ତି ବିନା ପଶୁ ପରି ନିରାଶ୍ରୟ ସନ୍ତାନର ଏଭଳି ଜନନୀ ହେବାର କି ଗୌରବ ଅଛି ? ହାୟ ! ଏ ସବୁ ଦୁଃଖ ମୋର ଛାୟାବାଜି ପରି କେଉଁଆଡ଼େ ଉଭେଇ ଯାଆନ୍ତା···ଯଦି···ଯଦି ··ସେନେ ତାଙ୍କର ମନର ଅଧିକାରିଣୀ ହୋଇ ପାରନ୍ତି । ଅତି ଅଦ୍ଭୁତ···ଅତି ଅଦ୍ଭୁତ ଜୀବ ସେ । ନିଜେ ଦୋଷ ସ୍ୱୀକାର କରିବେ ନାହିଁ, କି ଅନ୍ୟ କାହାକୁ ଦୋଷୀ ସାବ୍ୟସ୍ତ କରି ଦେବେ ନାହିଁ···ଅଥଚ ସମସ୍ତ କାଳ୍ପନିକ ସୁଖର ଅଭ୍ୟନ୍ତରରେ ଜୀବନର ସମସ୍ତ ଦୁଃଖ, ଯନ୍ତ୍ରଣା ଅନ୍ୟାୟର ସୂତ୍ରପାତ କରି କହିବେ, ଏହି ମୁକ୍ତି । ଏହିପରି ଗୋଟାଏ ମୋହରେ ମୁହ୍ୟମାନ ହୋଇ ସମଗ୍ର ଜୀବନଟା ଗଲା ମୋର !···ଆଜି ନୁହେଁ ··ଆଜି ନୁହେଁ ··ଯେଉଁଠାରେ ମୋର ଛାତ ଆଶ୍ରୟ ନାହିଁ, ପ୍ରାଣ ନାହିଁ, ସ୍ନେହ ମମତା ନାହିଁ,··ଅଛି

କେବଳ ଦୁର୍ବୋଧ ଛଳନା···ସେଠି ନାରୀର ପ୍ରାଣ ସ୍ଥିର ହୋଇ ରହି ପାରେ କି ? ନା, ··ନାରୀ ଚାହେଁ ବାସ୍ତବତା, ଖାଣ୍ଟି ବାସ୍ତବ ସତ୍ୟ....ଦୁର୍ବୋଧ କୁହେଳିରେ, ସ୍ୱପ୍ନରେ, ମୋହରେ ତାର ତୃପ୍ତି ନାହିଁ ··ତାର ସମାଧାନ ନାହିଁ ! ତେଣୁ ମୋର ସମାଧାନ ମୋତେ ଏକା କରିବାକୁ ହେବ ! ଏ ବନ୍ଧନରୁ ମୁକ୍ତ ନ ହେବାଯାଏ ସମସ୍ତ ପ୍ରକାର କଳ୍ପନା ଜଳ୍ପନା ଏକାବେଳକେ ଅସମ୍ଭବ !···କାହିଁକି ? କାହିଁକି ମୁଁ ଏ ନିରାନନ୍ଦ ଜୀବନର ଦୁର୍ବହ ଭାରଟାକୁ ଚିର ଦିନ ବହି ଚାଲିଥିବି ?···କି ପାପ କରିଛି ମୁଁ ?···ଯାହା ଯୋଗୁଁ ଏ ନିଷ୍ଠୁର ସମାଜ ମୋର ନ୍ୟାଯ୍ୟ ଦାବୀରୁ ବଞ୍ଚିତ କରି ଆଜୀବନ ମୋତେ ଜୀବନ୍ତ ସମାଧି ଦେଇଥିବ ?....ମୋର ସାଫଲ୍ୟ କଣ ଗୋଟାଏ ମାଠ କୁକ୍କୁରୀ ଭଳି ଗୋଟିକେତେ ବିକଳାଙ୍ଗ ଶିଶୁଙ୍କର ଜନନୀ ହେବାରେ ?··· ନା···ଆଉ ନୁହେଁ···ଏତିକିରେ ଶେଷ ! ସମାଧାନ ମୋତେ ନିଜେ ନିଜେ କରିବାକୁ ହେବ । ହେଲେ ହେବ ନାରୀତ୍ୱର ଶ୍ରେଷ୍ଠ ସମ୍ମାନ, ଶ୍ରେଷ୍ଠ ପ୍ରତିଷ୍ଠା··· ନ ହେଲେ··· ନ ହେଲେ.... ଗୃହହୀନା, ସ୍ୱାମୀପୁତ୍ରବଞ୍ଚିତା ପଥର ଭିକାରିଣୀ ! ଯାଏଁ, ଯାଏଁ ....ସେହି ସେ ମୁକ୍ତିର ସଙ୍ଗୀତ....''ଜାଗ, ଜାଗ, ଜାଗ'' !.... ଏପର୍ଯ୍ୟନ୍ତ ତୀବ୍ର ସ୍ୱରରେ ଆହ୍ୱାନ କରୁଛି ! ....ଯାଏଁ....ଯାଏଁ.... ଭଉଣୀ, ତୁମକୁ ସେତେବେଳେ ଫେରାଇ ଦେଇଥିଲି....କିନ୍ତୁ ଜୟ ହେଲା ଶେଷରେ ତୁମର !....ହେଉ....ସେଥିରେ କ୍ଷତି କଣ ? ତୁମେମାନେ ଯେ ମୁକ୍ତିପଥଚାରିଣୀ....ମୋତେ ଆହ୍ୱାନ କରୁଛ.... ତାକୁ ଅବହେଳା କରେଁ କିପରି ? ଚାଲ....ଚାଲ ଭଉଣୀ ! ତୁମର ସେ ଜାଗରଣର ବନ୍ୟାରେ ନିଜକୁ ଭସାଇ ଦେଇ ସେହି ସଙ୍ଗୀତରେ ନିଜକୁ ମିଶାଇ ଦେଇ ଆଶ୍ୱସ୍ତ ହେବି !....ତୁମର ସେ ବିରାଟ ସଭାର ଅଭିନେତ୍ରୀ ଆଜ ମୁଁ !....ଆଜି ଏହି ନିଷ୍ଠୁର ପୁରୁଷଜାତିର ସମସ୍ତ ଅନ୍ତର୍ନିହିତ ରହସ୍ୟ ଆଜିର ସଭାରେ ମୁକ୍ତ କରି ଦେବି !....ମୁକ୍ତି ! ....ମୁକ୍ତି ଛଡ଼ା ଆଜି ସବୁ ମିଥ୍ୟା !··· କିନ୍ତୁ....କିନ୍ତୁ....ସେ ତ ନାହାନ୍ତି ? ତାଙ୍କ ଅନୁମତି ବିନା....ନା, କି ଅନୁମତି ? କାହାର ଅନୁମତି ?....ତା ଛଡ଼ା....ସେ ତ

ଏହିକ୍ଷଣି ନାହାନ୍ତି ...ସ୍ୱାଧୀନ ସେ ...ଯେତେବେଳେ ଇଚ୍ଛା, ଯେଉଁଆଡ଼େ ଖୁସି ଚାଲିଯିବେ !....କେବଳ ଏ ସଂସାରର ଘଣ୍ଟା ଦାସୀ ମୁଣ୍ଡରେ ! ବେଶ୍, ବେଶ୍, ପ୍ରଭୁ !....ରାତି ଦୁଇପ୍ରହରକୁ ଆସି ଦେଖିବ, ତୁମେ ଯାହାକୁ ଦାସୀ ଜ୍ଞାନ କରୁଥିଲ, ସେ ଦାସୀ ନୁହେଁ ! ସେ ମୁକ୍ତ ! ···ସେ ସ୍ୱାଧୀନ !....ସେ ତୁମର ଅନ୍ତରର ଅଧିଷ୍ଠାତ୍ରୀ ଦେବୀ....ଜଚେତ୍ର କିଛି ନୁହେଁ !....ତୁମର ପ୍ରକୃତ ଦାସ ବା ଦାସୀ ଯେ, ତା ମସ୍ତକରେ ପ୍ରଭୁର ଅତ୍ୟାଚାରଘଣ୍ଟା ଚାପି ମୁଁ ଆଜ ଚାଲିଲି....ଚାଲିଲି ସେହି ମୁକ୍ତିର ସନ୍ଧାନରେ ! (ଗୃହର ପୁରାତନ ଭୃତ୍ୟକୁ ଡାକିଲେ) ....ଦାମା ....ଆ....

[ ଦାମା ପୁଣ୍ଡରୀକଙ୍କର ପୁରାତନ ଭୃତ୍ୟ···ପ୍ରୌଢ଼···ବୟସ ଅନ୍ଦାଜ ୪୫ ବର୍ଷ···ମସ୍ତକରେ ଅର୍ଦ୍ଧାଧିକ କେଶ ପକ୍ୱ···ଶ୍ମଶ୍ରୁହୀନ ହେଲେ ମଧ୍ୟ ମୁଖମଣ୍ଡଳରେ କେତୋଟି ପଳିତ ରୁକ୍ଷକେଶ ଦୃଷ୍ଟିକୁ ଆକୃଷ୍ଟ କରେ । ଚକ୍ଷୁ ଗଭୀର, କରୁଣତାବ୍ୟଞ୍ଜକ ଓ ବିନୟାନତ ]

ଦାମ—କଣ କହୁଛନ୍ତି ମା—

ଅପରାଜିତା—ଦେଖ୍ ଦାମା....ମୁଁ ଟିକିଏ ବାହାରକୁ ଯାଉଛି....ଗୋଟାଏ ସଖୀ...ନା, ନା,...ବାବୁ ଆସିଲେ କହିବୁ, ତାଙ୍କର ବନ୍ଧୁଙ୍କ ଘରକୁ ଯାଇଛନ୍ତି···ଆଚ୍ଛା, କିଛି କହିବୁ ନାହିଁ···ବାବୁ ଆସୁ ଆସୁ ବିଳମ୍ବ ହେବ....ମୁଁ ଏଥି ମଧ୍ୟରେ ଆସିଯିବି ଯେ··· ତୋତେ ଡର ଲାଗିଲା···

ଦାମା—(ବିସ୍ମୟବିସ୍ଫାରିତ ନେତ୍ରରେ) ସନ୍ଧ୍ୟାବେଳଟାରେ···ଏକୁଟିଆ ?

ଅପରାଜିତା—(ବିରକ୍ତ ସ୍ୱରରେ) ଆରେ, ଏକୁଟିଆ କଣ ? ରାସ୍ତାଟାରେ କଣ ବାଘ ନା ଭାଲୁ ବସିଛି ଯେ ମୋତେ ଖାଇ ଯାଉଛି ? ତୁ ଥାଆ···

ଦାମା—(ଯୋଡ଼ହସ୍ତ ହୋଇ କମ୍ପିତକଣ୍ଠରେ) ମା···ମା···ଆପଣ ହଉଛନ୍ତି ଘରର ଲକ୍ଷ୍ମୀ ··ପ୍ରତିଷ୍ଠା ହୋଇ....ଅନ୍ଧାରଟାରେ ···ବାବୁ କଣ···

ଅପରାଜିତା—(ବିରକ୍ତ ସ୍ୱରରେ) ଆରେ ରଖ୍ ତୋ ବାବୁ···ରଖ୍ ଘରର ଲକ୍ଷ୍ମୀ....ଲକ୍ଷ୍ମୀ ନା....ଭିଖାରିଣୀ···ରହ ତୁ ଘରେ....ମୁଁ ଶୀଘ୍ର ଫେରି ଆସିବି···

ଦାମା—ହଉ....ମା···ଆପଣଙ୍କର ଯାହା ତୃପ୍ତି....

ଅପରାଜିତା—ବାବୁଙ୍କୁ କିଛି କହିବୁ ନାହିଁ···

ଦାମା—କହିବି ନାହିଁ ?···ନା···ନା, କହିବି ନାହିଁ···

(ପଟ ପତନ)

# ଦୃଶ୍ୟ ତିନି

[ ସେହି ଦିନର ଘଟଣା—ସେତେବେଳକୁ ବେଳି ପ୍ରାୟ ଆଠ ଘଣ୍ଟା । ନାରୀ ସମ୍ମିଳନୀ ମଣ୍ଡପରୁ ପ୍ରାୟ ସମସ୍ତ ଭଦ୍ରମହିଳା ଫେରି ସାରିଥିଲେ । ପୂର୍ବକଥିତ ନାରୀ ଅଭିନେତ୍ରୀ କ୍ଷମା ସଭାକାର୍ଯ୍ୟ ଶେଷ କରି ଅପରାଜିତାଙ୍କୁ ସଙ୍ଗରେ ଘେନି ଗୋଟିଏ ସଂକୀର୍ଣ୍ଣ ଗଳିରାସ୍ତା ବାଟେ ଫେରି ଆସୁଥିଲେ । ତେଣୁ ଉଭୟଙ୍କର ପ୍ରକୃତି ଓ ଭାବଭଙ୍ଗୀରେ ଚାଞ୍ଚଲ୍ୟ ଲକ୍ଷିତ ହେଉଥିଲା । ମାତ୍ର ଅପରାଜିତା ଅପେକ୍ଷାକୃତ ଗମ୍ଭୀର ଓ କିଞ୍ଚିତ୍ ମ୍ରିୟମାଣ ]

କ୍ଷମା—ତୁମେ କିନ୍ତୁ ଆଜି ମୋତେ ଅବାକ କଲ, ଭଉଣୀ ! ଅପ୍ରତ୍ୟାଶିତ ଝଡ଼ ତୋଫାନ ପରି ତୁମେ ଆସିବ ବୋଲି ଆମର ଆଦୌ ଭରସା ନ ଥିଲା ।

ଅପରାଜିତା—ତୁମେମାନେ ଖୋଲି ଆସିଲ ପରେ ମୋର ଯେ ଆବେଗ, ଅନ୍ତରରେ ଯେ ପ୍ରବଳ ସୃଷ୍ଟି, ତାକୁ ରୋଧ କରିବାକୁ ମୋର ଶକ୍ତି କେତେ ଭଉଣୀ ?

କ୍ଷମା—ଏତେ ଭୟ କରୁଥିଲ, ଏତେ ସନ୍ଦେହ କରୁଥିଲ ସେତେବେଳେ ପରା ? ··ଏବେ ବୁଝିଲ, ତୁମର ଶକ୍ତି କେତେ ?....ତୁମର ନମ୍ର ଅମାର୍ଜିତ କଥାଗୁଡ଼ାକର ଗୁରୁତ୍ୱ କେତେ ଓ ଜନମତ ଉପରେ କି ଅଦ୍ଭୁତ ପ୍ରଭାବ, ତାହା ସେହି ଶିକ୍ଷୟିତ୍ରୀଙ୍କଠାରୁ ଶୁଣିଲଟି ? ···କହ, ଆଉ ଏଣିକି ପୁରୁଷ ଜାତିର ବନ୍ଧନରେ ଭୁଲିଯିବ ନାହିଁ ?

ଅପରାଜିତା—କ'ଣ ମୁଁ କହିଲି, ମୋର ତ କିଛି ମନେ ନାହିଁ, ଭଉଣୀ ! ସମସ୍ତ ଦେହ ହାତ ଥରି ଉଠୁଥାଏ !···ଓଃ !···ଭାଗ୍ୟକୁ ସମସ୍ତେ ନାରୀ···ନା, ପୁରୁଷ କେତେ ଗୋଟି ଥିଲେ ପରା ?

**କ୍ଷମା**—( ଉଚ୍ଚହାସ୍ୟ କରି ) ହାଃ, ହାଃ !···ହଁ, ହଁ, ପ୍ରଥମେ ପ୍ରଥମେ ଅଭ୍ୟସ୍ତ ନ ହୋଇ କରିବାକୁ ଗଲେ ସେପରି ହୁଏ । ଆଉ ଥରକୁ ସେପରି ହେବ ନାହିଁ ସେ···ପୁରୁଷ ଥିଲେ ବା ହୋଷ୍ଟଟା କ'ଣ ହେଲା ? ଆମେ କ'ଣ ଲୁଚାଇ ଛପାଇ ସଭା କରୁଛୁଁ ?··· ତା'ଛଡ଼ା ଯେ କେତେ ଜଣ ପୁରୁଷ ଥିଲେ, ସେମାନେ ନାରୀ ସମ୍ପ୍ରଦାୟର ପ୍ରଧାନ ପୃଷ୍ଠପୋଷକ ଓ ଉତ୍ସାହଦାତା···ସେ ଶିଳ୍ପଶ୍ରୀଙ୍କି ଦେଖିଲ ତ···ତାଙ୍କର ଜଣେ ଭାଇ···ଆଉ··· ଯାହାଙ୍କର ସଙ୍ଗୀତଟି ଶୁଣିଲ···ସେହି କବି—ଆଉ ଏହିପରି ପାଞ୍ଚ ଛଅ ଜଣ ଥିଲେ । ଚାଲ, ତୁମକୁ ମୁଁ ଆଜି ସେ କବିଙ୍କ ସହିତ ସାକ୍ଷାତ୍ କରେଇ ଦେବି । ସ୍ୱାଧୀନଚେତା କେତେ ଜଣ ବ୍ୟକ୍ତିଙ୍କ ସମ୍ପର୍କରେ ନ ଆସିବା'ଯାଏ ତୁମର ସଙ୍କୋଚ କଟି ଯିବ କି ?

**ଅପରାଜିତା**—ନାହିଁ, ନାହିଁ ଭଉଣି—ମୁଁ କାହାକୁ କିଛି ନ କହି ଶୀଘ୍ର ଫେରିଯିବି ବୋଲି ପଳାଇ ଆସିଥିଲି···ବିଳମ୍ବ ହେଲେ ହୋଷ୍ଟ· ଧରା ପଡ଼ିଯିବ ଯେ !

**କ୍ଷମା**—ଫେରି ସେହି କଥା···ସେହି ମନ ଦାସତ୍ୱ···କିଏ ତେବେ ତୁମକୁ ଡାକି ଆଣିଥିଲା ?···ସଭାଟାରେ ଏତେ ବକ୍ତୃତା ଦେଲ ···ବନ୍ଧନ, ମୁକ୍ତି, କେତେ ଲମ୍ଫ ଝମ୍ପ କରି ଶେଷରେ ପୁଣି ସେହି ଭୟ ?···ତୁମେ ପରା କହିଲ, ଯଦି ଦରକାର ପଡ଼େ ପୁରୁଷ ଜାତିକୁ ଭୁଲିଯିବାକୁ ହେବ ?···ଫେରୁ ଏତେବେଳକୁ ଆଉ ଏକ ବେଶ !···ଏ ତୁମର ଘୋର ଅନ୍ୟାୟ··· ଘୋର ଦୁର୍ବଳତା···ଏହାକୁ ଯେ କୌଣସି ପ୍ରକାରେ ଧ୍ୱଂସ କରିବାକୁ ହେବ···ତର ସଂସ୍କାରଗତ କେତେଗୁଡ଼ାଏ ମିଥ୍ୟା ସଂକୋଚ, ଭୟ, ଆଶଙ୍କା, ଏ ନାରୀଜାତିଟାକୁ ଶେଷ କରିବାକୁ ବସିଲାଣି, ଦେଖୁଛି !

**ଅପରାଜିତା**—ମୁଁ ତ ଭଉଣୀ ପୁରୁଷ ଜାତିଟାକୁ ଶ୍ୱେତ ବା ଲୋହିତ ଦ୍ୱୀପକୁ ନିର୍ବାସନର ପ୍ରସ୍ତାବ କରି ନାହିଁ ? ମୁଁ କହେଁ, ଯେଉଁଠାରେ ତ୍ରୁଟି, ଦୋଷ ରହିଛି, ତାକୁ ଏଡ଼ି ନିଜର ସ୍ୱାଧୀନତା ବା କର୍ତ୍ତୃତ୍ୱ ସ୍ଥାପନ ଲାଗି ସଂଗ୍ରାମ କରିବାକୁ ହେବ । ପୁରୁଷଜାତିଟାକୁ ଏକାବେଳକେ ବହିଷ୍କାର କରିବାକୁ ଗଲେ ଯେ ଆମକୁ ନିଜର ଆସନ ଧରି ରଖିବା ଅସମ୍ଭବ ହୋଇ ଉଠିବ !

କ୍ଷମା—ସମ୍ପୂର୍ଣ୍ଣ ମିଥ୍ୟା !...ଭ୍ରମ !...ଭ୍ରମ !—ପୁରୁଷ ଜାତିର ଏକାବେଳକେ ନିର୍ବାସନ...ନିର୍ବାସନ ! ବୁଝିଲ ?

ଅପରାଜିତା— ତେବେ ତୁମେ ମୋତେ ଏହିକ୍ଷଣି ଯାହାଙ୍କ ପାଖକୁ ନେଉଛ ସେ କ'ଣ ?...ପୁରୁଷ ତ ?...ନା, ନାରୀ ?—ନା, ନା, ନାରୀ ବନ୍ଧୁ ପରି !

କ୍ଷମା—ଓଃ ! ସମସ୍ତେ ତ ସମାନ ନୁହନ୍ତି ?...ତା ଛଡ଼ା ସଜ୍ଜନ ଗୁଣୀ ସ୍ୱାଧୀନଚେତାଙ୍କ ସଂଖ୍ୟା ଏ ସୃଷ୍ଟିରେ କେତେ ? ଏତେ ଅଳ୍ପ ସେମାନଙ୍କ ସଂଖ୍ୟା ଯେ ତା'ସଙ୍ଗରେ ସୁଦ୍ଧା ଦେଉଛ କି ନାହିଁ ସନ୍ଦେହ ।

ଅପରାଜିତା—କିନ୍ତୁ ସେହିମାନେ ତ ଆମର ପଥପ୍ରଦର୍ଶକ...ସ୍ୱାଧୀନତାର ଧ୍ରୁବତାରା ।

କ୍ଷମା—ହଁ, ତାହା ନିଶ୍ଚୟ ।

ଅପରାଜିତା—ତେବେ ସମସ୍ତ ପୁରୁଷ ଜାତିକୁ ସମ୍ମିଳିତ ଆମର ଏ ନାରୀଶକ୍ତି କଣ ଧ୍ୱଂସ କରି ପାରେ ନାହିଁ ?

କ୍ଷମା—ଅସମ୍ଭବ, ଯେ ସୁନା ସେ ଚିରଦିନ ସୁନା । କାଚ ସୁନା ହେବା ଏକାବେଳକେ ଅସମ୍ଭବ !

●

## ଦୃଶ୍ୟାନ୍ତର

[ ଗୋଟିଏ ସୁନ୍ଦର ସୁସଜ୍ଜିତ ଗୃହରେ କର୍ମନିରତ ଧ୍ୟାନମଗ୍ନ କବି···ନାରୀ-ଆନ୍ଦୋଳନର ପ୍ରାଣସ୍ୱରୂପ ସେ । ଗୃହଟିଯାକ ସୁନ୍ଦର ସୁନ୍ଦର ଆଲେଖ୍ୟରେ ପରିପୂର୍ଣ୍ଣ । ଗୋଟିଏ କ୍ଷୁଦ୍ର ବୃତ୍ତାକାର ଟେବୁଲ ନିକଟରେ ବସି ସେ ଅବିରାମ ଭାବରେ କ'ଣ ଲେଖି ଯାଉଥିଲେ··· ଗୋଟିଏ କ୍ଷୁଦ୍ର ଗୋଲାପୀ ରଙ୍ଗର ପ୍ରଦୀପାଲୋକରେ ସମସ୍ତ ପ୍ରକୋଷ୍ଠଟି ଆଲୋକିତ । କବି ନାରୀନେତ୍ରୀ ଓ ତାଙ୍କର ସଙ୍ଗିନୀଙ୍କୁ ଦେଖି ଆସନ ଛାଡ଼ି ଦଣ୍ଡାୟମାନ ହେଲେ । ]

କ୍ଷମା—ଏହି ଯେ ଅପରାଜିତା, ଯେଉଁ କବିଙ୍କ କଥା କହୁଥିଲି, ସେ ଏହି ଭଦ୍ରଲୋକ···ଯାଙ୍କର କବିତ୍ୱଶକ୍ତି ତୁମେ ନିଶ୍ଚୟ ଏଥି ଭିତରେ ଠଉରାଇ ପାରିଛ ?

କବି—ଆସନ୍ତୁ ଆସନ୍ତୁ, ସଭା କଣ ଏପର୍ଯ୍ୟନ୍ତ ଶେଷ ହୋଇ ନ ଥିଲା ? ···ଚମତ୍କାର ହେଲା ଆଜି । ସେହି ଯେ ଭଦ୍ରମହିଳା ଆଜି କହିଲେ - ବା···ବାଃ ! ଖାଲି ଅଗ୍ନିବାଣ ତ—ଆଉ କ'ଣ ! ···ମୁଁ ତ ଏପରି ନବୀଣସି ଭଦ୍ରମହିଳାଙ୍କୁ ପୂର୍ବରୁ ଦେଖିଛି ବୋଲି ମନେ ହେଉ ନାହିଁ···

କ୍ଷମା—( ଅପରାଜିତା ପ୍ରତି ) ଦେଖୁଛ ସଖି, ଦେଖୁଛ ? ( କବିଙ୍କ ପ୍ରତି) ତାଙ୍କୁ ପରା ଏଇ ମୁଁ ସଙ୍ଗରେ ଧରି ଆଣିଛି କବିଙ୍କ ସଙ୍ଗେ ପରିଚୟ କରାଇଦେବାକୁ···ନା, ନା, ମିଳନ କରି ଦେବାକୁ ! ଯୋଗ୍ୟଂ ଯୋଗ୍ୟେନ ଯୋଜୟେତ୍···ଏପରି ଗୋଟାଏ ଗୋଟାଏ ଖୋରାକ କବିଙ୍କି ନ ଯୁଟିଲେ ଆଉ ଲେଖା ବାହାରିବ କେଉଁଠୁ ଯେ ଆମ ସମ୍ମିଳନୀ ସଙ୍ଗୀତରେ ପ୍ଲାବିତ ହୋଇଯିବ ?

କବି—ଓଃ ! ଆପଣ ?···(ଈଷତ୍ କୁଞ୍ଚିତ ନେତ୍ରରେ ନିରୀକ୍ଷଣ କରିବା ସଙ୍ଗେ ସଙ୍ଗେ ଅପରାଜିତାର ସମଗ୍ର ବଦନମଣ୍ଡଳ ଲଜ୍ଜା, ଅପମାନ ଓ ଘୃଣାର ଯୁଗପତ୍ ଅନୁଭୂତିରେ ପ୍ରଥମେ ରକ୍ତାଭ ଓ ପରେ କୃଷ୍ଣାଭ ହୋଇ ଉଠିଲା ) ନମସ୍କାର···ନମସ୍କାର···ଯଦି ବା ଆପଣଙ୍କ ସହିତ ମୋର ଆଳାପ ପରିଚୟ ନାହିଁ, ଆପଣଙ୍କ ବକ୍ତୃତା ଆଜ ଶୁଣି ମୁଁ ଆପଣଙ୍କର ଅନ୍ତର୍ନିହିତ ବେଦନାପୂର୍ଣ୍ଣ ବିଦ୍ରୋହୀ ଆତ୍ମାର ପରିଚୟ ପାଇ ସୁଖରେ ଅଭିଭୂତ ହୋଇ ପଡ଼ିଛି···ଏତେ ଅଭିଭୂତ ହୋଇଛି ଯେ, ସଭାର ଶେଷ ପର୍ଯ୍ୟନ୍ତ ରହିବାର ଧୈର୍ଯ୍ୟ ମୋର ରହିଲା ନାହିଁ । ଅନ୍ୟମାନଙ୍କୁ ଅପେକ୍ଷା ନ କରି ଏକ ନିଶ୍ୱାସରେ ଛୁଟି ଆସିଲି ସେହି ବହୁମୂଲ୍ୟ ଖବର ଅଭିବ୍ୟକ୍ତି ଲାଗି ।···ଜଟିଳ ଚିନ୍ତାଗୁଡ଼ାକ ବଡ଼ କ୍ଷଣସ୍ଥାୟୀ କି ନା ?···ସେଗୁଡ଼ାକୁ ଠିକ୍ ସମୟରେ ଧରି ନ ପାରିଲେ ସେମାନେ ଠିକ୍ ଗୋଲାପ କଳିକା ବା ତାରୁଣ୍ୟର ପଳାତକ ସୁଷମା ଭଳି ମଳିନ ହୋଇଯାନ୍ତି ।

ଅପରାଜିତା—(ଅନ୍ୟ ଏକ ଅପରିଚିତ ପୁରୁଷ ମୁଖରୁ ତାର ନିଜର ଏତେଗୁଡ଼ାଏ ଅନର୍ଗଳ ପ୍ରଶଂସା ଶୁଣି ଅପରାଜିତାର ପ୍ରାଣ ଘୃଣାରେ ଉତ୍ତ୍ୟକ୍ତ ହେଲା ପରି ବୋଧ ହେଲା । ସେ କିଞ୍ଚିତ୍ ସନ୍ଦିଗ୍ଧ ଓ ବ୍ୟଙ୍ଗ ସ୍ୱରରେ କହିଲା) ଆପଣଙ୍କୁ ଶତ ଧନ୍ୟବାଦ ! ଆପଣଙ୍କ ଭଳି ତରୁଣ କବିଙ୍କ ସରସ କୋମଳ ପ୍ରାଣ ନିଃସହାୟ ନାରୀର ନିର୍ଯ୍ୟାତନାରେ ବା ବେଦନାରେ କ୍ଷୁବ୍ଧ ହେବା ଆଦୌ ଅସ୍ୱାଭାବିକ ନୁହେଁ । ଆପଣଙ୍କର ବ୍ୟଥା ଏହି ସାମାନ୍ୟ ନାରୀଠାରେ ନିବଦ୍ଧ ନ ହୋଇ ସମଗ୍ର ବିଶ୍ୱରେ ନିୟୋଜିତ ହେଲେ ସିନା ପରମ ଗର୍ବର ବିଷୟ ହେବ ? ମୋର କା'ଣ ଦୁଃଖ, ମୋଠାରୁ ଯେ ଶତ ସହସ୍ର ଗୁଣରେ ଦୁଃଖୀ ଏ ସଂସାରଟାକୁ ପ୍ରତି ମୁହୂର୍ତ୍ତରେ ହାହାକାରପୂର୍ଣ୍ଣ କରୁଛନ୍ତି, ତାର ଖବର ରଖିବା ଆପଣଙ୍କର ଉଚିତ ।

କବି—( ଅପ୍ରତିଭ ହୋଇ ) ହଁ, ହଁ, ସେ କଥା ତ ନିଶ୍ଚୟ···ସେ କଥା ନିଶ୍ଚୟ···

କ୍ଷମା—ଆରେ ତୁମ ହୁଅ ପାଗଳି ! ଯାହାଙ୍କର ଗୋଟାଏ ପଂକ୍ତି ନାରୀ ପ୍ରାଣରେ ଉଦ୍ଦାମର ଅଗ୍ନି ଜାଳି ଦେଉଛି, ତାଙ୍କୁ ପୁଣି ଉପଦେଶ···ଶୁଣ···କଥା ଶୁଣ ! ...

ଅପରାଜିତା—(କିଞ୍ଚିତ୍ ଅଧିକ ଲଜ୍ଜିତ ଓ ଅପ୍ରତିଭ ହୋଇ) ନା, ନା, ମୁଁ ସେକଥା କହି ନାହିଁ ଯେ···ମୁଁ କହିଲି···

କ୍ଷମା—ଥାଉ, ଥାଉ ତୋ କଥା....ଆଗ କବିତାଟା ଶୁଣି ଯାଉଥାଅ । (ବଳପୂର୍ବକ ଟେବୁଲ୍‌ରୁ ଖାତାଟି ଟାଣି ଆଣି)

କବି—ନା, ନା, ମୁଁ ଲେଖାଟା ଯେ ସମ୍ପୂର୍ଣ୍ଣ କରି ନାହିଁ··· (ଲଜ୍ଜିତ ଓ ଅପ୍ରତିଭ ଭାବରେ ଟାଣିବାର କୃତ୍ରିମ ଚେଷ୍ଟା )

କ୍ଷମା—ହଁ ହେ,····ଯେତିକି ହୋଇଛି ସେତିକି ଆମେ ଶୁଣୁଁ···(ଉଚ୍ଚସ୍ୱରରେ ପଠନ)

ତରଙ୍ଗକ୍ଷୋଭିତା ତୁମେ କାହାର ପ୍ରେୟସୀ,
ପରତ୍ୟକ୍ତା ମର୍ଯ୍ୟାଦିତା ଯେହ୍ନେ ମ୍ଳାନ ଶଶୀ !
ତୁମ ଦୁଃଖ ଅଶ୍ରୁର—ସେ ଦୁର୍ବାର ସଙ୍ଗୀତ
କାହିଁକି ତରୁଣ ପ୍ରାଣ କରେ ବିକ୍ଷୋଭିତ ?
ହେ ଅପରାଜିତା ! କହ କହ ତେଜି ଛନ୍ଦ !
ମର୍ତ୍ତ୍ୟ ପଙ୍କେ ଅନାବିଳ ପ୍ରୀତି-ସୁଧା-ପଦ୍ମ !
ଦେଖିଛି ସେ କାନ୍ତରୂପ, ଶୁଣି ସେ ଭାରତି—
ଧନ୍ୟ ଏହି ପାନ କବି !—

ଅପରାଜିତା—ଥାଉ, ଥାଉ, କବି ତାଙ୍କ କବିତା ଶେଷ କରନ୍ତୁ । ଆଉ କେବେ ଆସି ଶୁଣିବା । ଆଜି ବେଳ ଉଚ୍ଛୁର ହୋଇ ଗଲାଣି । ମୋତେ ପୁଣି ଅନେକ ପଥ ଯିବାକୁ ହେବ । (ସେତେବେଳକୁ ଘୃଣା ଓ ଲଜ୍ଜାରେ ଅପରାଜିତା ସଢ଼ିଗଲା ପରି ବୋଧ ହେଉଥିଲା)

କବି—(ପୂର୍ବବତ୍ ଅପ୍ରତିଭ ହୋଇ) ହଁ, ହଁ, ଠିକ୍ କହୁଛନ୍ତି । ସେଇଟା ଲେଖା ସରୁ । ଆଉ ଦିନେ ଶୁଣିବେ ।

ଅପରାଜିତା—ସେ କଣ ଆଜି ତାକୁ ଛାଡ଼ୁଛନ୍ତି ? ମୁଁ ତ ଦେଖୁଛି, ଏମାନେ ଆପଣଙ୍କ ଚିନ୍ତାର ମସ୍ତ ପ୍ରତିବନ୍ଧକ । ଆପଣଙ୍କ ଶ୍ରଦ୍ଧାର ଆଧିକ୍ୟ ପରେ ଲେଖାପଢ଼ାରେ ଏତେ ବାଧା ଦେବା ଏମାନଙ୍କର ବଡ଼

ଅନ୍ୟ ସ୍ତ୍ରୀ; କିନ୍ତୁ···ଖାଲି ଏକା ଭିଏ, ନା ଆଉ କେତୋଟି ବିପଦ ଆପଣଙ୍କର ଏପରି ଅଛନ୍ତି ?

କବି—(ଲଜ୍ଜିତ ଓ ଅପ୍ରସ୍ତୁତ ହୋଇ) ଏଁ···ଏଁ···ବିପଦ୍ କଣ ? ଆପଣମାନେ ଯେ ହେଲେ ଦେଶର ଗୌରବ···ଶ୍ମଶାନର ଭୁଲ୍ୟ ···ଅଜ୍ଞାନ ଅନ୍ଧାରର ଆଲୋକ !

କ୍ଷମା—ବାଃ, ପରିଚୟ ସଙ୍ଗେ ସଙ୍ଗେ ତ ସହାନୁଭୂତିର ସୀମା ନାହିଁ !

ଅପରାଜିତା—ନା, ନା, ମୁଁ କହିଲି, ଏମାନେ ତ ଆପଣଙ୍କୁ ଖୁବ୍ ଉତ୍ସାହିତ କରୁଛନ୍ତି । ଏଭଳି ଆଉକେତେ ଖ୍ୟାତ ଯଶା ଖ୍ୟାତନାମା ମହିଳାବନ୍ଧୁ ଆପଣଙ୍କର ପୃଷ୍ଠପୋଷକ ବା ଉତ୍ସାହଦାୟି ଥିବେ । ନ ହେଲେ ଆପଣ ନାରୀ ହୃଦୟର ଗୂଢ଼ ଅନୁଭୂତିଗୁଡ଼ିକୁ ଏତେ ସହଜରେ ଭାଷାର ରୂପ ଦେଇ ପାରନ୍ତେ କିପରି ?

କ୍ଷମା—(ପରିହାସର ଅଭିନୟରେ) ଓହୋ···ଏଥିରେ ପଚ୍ଛେ ସମ୍ରାଙ୍କର ମନଟା ଫୁଲି ଉଠୁଛି ଆନନ୍ଦରେ ! ଯେତେ ଲୁଚାଇବାର ଚେଷ୍ଟା କଲେ କଣ ତୁମ ମନ ଭିତରର ଭାବଟା ଧରା ପଡ଼ୁ ନାହିଁ ଯେ···

ଅପରାଜିତା—ହଉ, ହଉ, ଚାଲ । ଖୁବ୍ ଭଲ ଲେଖା ହୋଇଛି । (କବିଙ୍କ ପ୍ରତି ଈଷତ୍ ବିଦ୍ରୂପ ଦୃଷ୍ଟି ନିକ୍ଷେପ କରି) ତେବେ କବିଙ୍କି ମୁଁ ଏତିକି ଅନୁରୋଧ କରୁଛି ଯେ, ସେ ମୋ ଭଳି ନଗଣ୍ୟ ନାରୀଟାର ଦୁଃଖରେ ଏତେ କାତର ନ ହୋଇ ମୋଭଳି ଅପାତ୍ରଙ୍କଠାରେ ସମସ୍ତ ଶକ୍ତି ଢ଼ାଳି ନ ଦେଇ ଉପଯୁକ୍ତ ପାତ୍ରରେ ଦେଲେ ମଙ୍ଗଳ ହେବ । ଅଚ୍ଛା ! ରହନ୍ତୁ ! ନମସ୍କାର । (ସଙ୍ଗେ ସଙ୍ଗେ ନାରୀ-ନେତ୍ରୀଙ୍କର ନମସ୍କାର )

କବି—ନମସ୍କାର···ନମସ୍କାର···କିଛି ମନେ କରିବେ ନାହିଁ । କଣ ବିପଦ ଲେଖି ଦେଇଛି · ସେ ପୁଣି ଶେଷ ହୋଇ ନାହିଁ···

ଅପରାଜିତା—(ଅପରାଜିତା ଓ ନାରୀନେତ୍ରୀ ପ୍ରସ୍ଥାନ କରୁ କରୁଅପରାଜିତା ତୀକ୍ଷ୍ଣଦୃଷ୍ଟିରେ ଚିତ୍ରଗୁଡ଼ିକୁ ନିରୀକ୍ଷଣ କରୁଥିଲା । ହଠାତ୍ ଗୋଟିଏ ଛବି ସମ୍ମୁଖରେ କିଞ୍ଚିତ୍ ବିସ୍ମିତ ଓ ସ୍ଥିର ଭାବରେ କିଛିକ୍ଷଣ ଠିଆ ହୋଇ ରହିଲା ଏବଂ ପରେ ଅନୁଚସ୍ୱରରେ ନାରୀନେତ୍ରୀଙ୍କି କହିଲା) ଏ ଯେ ଭଉଣୀ ତୁମର ସୁନ୍ଦର ପ୍ରତିକୃତିଟିଏ ?

କ୍ଷମା—ହିଁ, ସେ ମୋର ଜଣେ ପରମ ଗୁଣମୁଗ୍ଧ କି ନା ? ସେଥିଲାଗି ··

ଅପରାଜିତା—(ଆଉ ଖଣ୍ଡିଏ ଛବି ବାକ୍ସଟିକୁ ପାଇ କ୍ଷୀଣ ସ୍ୱରରେ) ପୁଣି ଏଇଟି କାହାର ?

କ୍ଷମା—ସେଦିନ ମୋ ସଙ୍ଗରେ ତୁମ ଘରକୁ ଯେଉଁ ମହିଳାଟି ଯାଇଥିଲେ —ମନେ ନାହିଁ ? ଜସ୍ପା ।

ଅପରାଜିତା—(ଆଶ୍ଚର୍ଯ୍ୟ ହୋଇ) ସେ ମଧ୍ୟ ଅବିବାହିତା ?

କ୍ଷମା—(ଉଭୟେ କକ୍ଷରୁ ନିଷ୍କ୍ରାନ୍ତ ହେଉ ହେଉ) ହିଁ, ସେଥିରେ କ୍ଷତି କଣ ? ଆମେ ସମସ୍ତେ ତ ପରସ୍ପରର ବନ୍ଧୁ···ବନ୍ଧୁର ଛବି ଖଣ୍ଡେ ଅନ୍ୟ ବନ୍ଧୁ ରଖିବାରେ ଦୋଷାବହ କଣ ହେଲା ?

ଅପରାଜିତା—ଦୋଷ ନୁହେଁ ସେ ··ଏ ସବୁ ଗୋଟାଏ ନୂତନ ଧରଣର କବିତ୍ୱ ? ଅଦ୍ଭୁତ ଏ କବି, ଆଉ ଅଦ୍ଭୁତ ତାଙ୍କ କବିତ୍ୱ ··· ମୁଁ ଦେଖୁଛି, ଏ ତରୁଣ କବିଙ୍କର ସମସ୍ତ ରସ ବା ଭାବୋଦ୍ଗାର କେବଳ ତରୁଣୀମାନଙ୍କଠାରେ··ନା, ନା, ତୁମ ବନ୍ଧୁଙ୍କଠାରେ ସୀମାବଦ୍ଧ !

କ୍ଷମା—ଖୁବ୍ ଅଚ୍ଛା କରି ଶିଖିଲଣି ସେ....ଆଜି କାଲିକାର ସଭ୍ୟ-ଜଗତରେ ଖଣ୍ଡେ ସାମାନ୍ୟ ଛବିକୁ ନେଇ ଯେଉଁ ଲୋକ ଏତେ ହସ, ଥଟ୍ଟା, ବିଦ୍ରୂପ କରିପାରେ···ଏତେ ସନ୍ଦିଗ୍ଧ ହୋଇପାରେ ତା ହାତରେ ଆଉ କଣ ହେବ ? ତୁମର ଏ ସନ୍ଦେହକୁ ମୁଁ ବର୍ବରତା ଛଡ଼ା ଆଉ କିଛି କହି ପାରୁ ନାହିଁ ।

ଅପରାଜିତା—(ଦୃଢ଼ ଅଥଚ ବ୍ୟଥିତ ସ୍ୱରରେ) ବର୍ବରତା !···ବର୍ବରତା ! ହିଁ, ହିଁ, ଭଉଣୀ ବର୍ବର ମୁଁ !···ଯେଉଁଦିନ ମୋର ନିଜର ପ୍ରକୃତ ଚିତ୍ରିକ ସେହି କ୍ଷୁଦ୍ର କକ୍ଷରେ ସ୍ଥାନ ପାଇବ, ସେଦିନ ମୁଁ···ତୁମେ···ଜଗତ୍···ସଂସାର ଜାଣିବ ଯେ ମୁଁ ସଭ୍ୟ ଶ୍ରେଣୀଭୁକ୍ତ ହୋଇଛି··· ନା ?···ଠିକ···ଠିକ୍···ନାରୀ ସୃଷ୍ଟିର ଉପଯୁକ୍ତ ମୂଲ୍ୟଦାତା·· ଉପଯୁକ୍ତ ପୃଷ୍ଠପୋଷକ ତୁମେ ଠିକ୍ କରି ନେଇଛ କିନ୍ତୁ···

କ୍ଷମା—ବକ୍ତୃତା ଦେବା ପରେ ତୁମ ମସ୍ତିଷ୍କଟା ଏକାବେଳକେ ବିକୃତ ହୋଇ ଯାଇଛି ଦେଖୁଛି ! ···

ଅପରାଜିତା—(ଉତ୍ତ୍ୟକ୍ତ ହୋଇ) ନଷ୍ଟପ୍ରାୟ, ନଷ୍ଟପ୍ରାୟ...ବିକୃତ !.. ଏ ସଭ୍ୟ ଯୁଗରେ ମୋର ମସ୍ତିଷ୍କ ବିକୃତ, ଅମାର୍ଜିତ ରହିବାକୁ ଦିଅ ଭଉଣୀ ! ...ବିକୃତ !...ବିକୃତ ! .. ତେବେ ହେଲେ କ'ଣ ଏ କଥା, ଏହି ସ୍ୱାଧୀନତା କାଂକ୍ଷିମାନଙ୍କ ହାତରୁ ନିଷ୍କୃତି ଅଛି କି ?

କ୍ଷମା—ଚାଲ, ଚାଲ, ତୁମକୁ ଘ ର ଛାଡ଼ିଦେଇ ଆସିଲେ ରକ୍ଷା । ତୁମ ଦେବତା ପୁଣି ଜାଣିଲେ ମୁଣ୍ଡଟାକୁ ଆହୁରି ବିକୃତ କରିଦେବେ...

ଅପରାଜିତା— ଦେବତା !...ହଁ, ମୋର ଦେବତା, ମୋର ସ୍ୱାମୀ, ମୁଁ ଜାଣେ...ସମସ୍ତେ ଆମେ ବିକୃତ !...ଓଃ ଭଗବାନ୍ !

କ୍ଷମା—ମୁଁ ତ ତୁମକୁ ଜାଣିନି, ତେବେ ହେଲେ ବୁଝି ପାରୁ ନାହିଁ ? ମୋର ଶିକ୍ଷା ଦୀକ୍ଷା ସମସ୍ତ ଅଭିଜ୍ଞତା ତୁମର ମନସ୍ତତ୍ତ୍ୱ ନିକଟରେ ପରାହତ ! ତୁମର କଣ ହେଲା କହିଲ ? କଣ ଗୋଟାଏ ଜଘନ୍ୟ ପାପ ତୁମର ପବିତ୍ରତାଟାକୁ ନଷ୍ଟ କରିଦେଲା ?

ଅପରାଜିତା—ନା ଭଉଣୀ ! ବିକୃତ ମୋର ମସ୍ତିଷ୍କ...ବିକୃତ...ବିକୃତ ! ଏ ବିକୃତ ମସ୍ତିଷ୍କରେ ମୁଁ ଠିକ୍ କରି ପାରୁ ନାହିଁ...ନାରୀର ମୁକ୍ତି କେଉଁଠାରେ ?...ଘରେ ନା...ବାହାରେ ?

( ପଟ ପତନ )

## ଦୃଶ୍ୟ ଚୃର

[ସେହି ରାତିର ଶେଷ ଯାମ—ସୁନ୍ଦରୀଙ୍କ ଅନୁପସ୍ଥିତି । ଗତରାତିର ଅସ୍ୱାଭାବିକ ଘଟଣା ଗୁଡ଼ିକ ପରେ ଅପରାଜିତା ଅତ୍ୟଧିକ ବିବ୍ରତ ଓ ନିସ୍ପ୍ରମାଣ ହୋଇ ପଡ଼ିଲା ପରି ସ୍ପଷ୍ଟ ବୋଧ ହେଉଥିଲା । ସୁନ୍ଦରୀଙ୍କର ସେହି ଶୟନ କକ୍ଷରେ ଅପରାଜିତା ଏକାକିନୀ ଧ୍ୟାନମଗ୍ନ ।]

ଅପରାଜିତା—ନାରୀ ! ନାରୀ ! କାହିଁ ତୋର ମୁକ୍ତି ? କାହିଁ ତୋର ସ୍ୱାଧୀନତା ? ତୋ ଭାଗ୍ୟରେ କଣ ନିଷ୍ଠୁର ବିଧାତା ମୁକ୍ତି ଏକାବେଳକେ ଲେଖି ନାହିଁ ? କାହିଁ ତେବେ ସେହି ମୁକ୍ତି··· ନାରୀର···ନରର···ବୃଦ୍ଧର···ଯୁବକର ?··· ସେହି ମୁକ୍ତିର ଆଲୋକ କେଉଁ ଅନ୍ଧକାର ଗହ୍ୱରରେ ଜଳୁଛି ? ଓଃ ! କାଲିର ସେହି ଘଟଣା ! ଇଏ କଣ ତାର କିଛି ଆଭାସ ପାଇ ନ ଥିବେ ? କାଲିର ସଭାରେ ମୁଁ କଣ ଶତସହସ୍ର କ୍ଷୁଭିତ ନାରୀ ନରଙ୍କର ନିଷ୍ଠୁର ଦୃଷ୍ଟିକୁ ଏଡ଼ି ତହିଁରୁ ଖସି ଆସି ପାରୁଛି ? ଅସମ୍ଭବ··· ଅସମ୍ଭବ ! ଘର କୋଣର ଅଶାନ୍ତି, ଅମର୍ଯ୍ୟାଦା, ମୋହ, ଜଡ଼ତାରୁ ନିଜକୁ ରକ୍ଷା କରିବାକୁ ଯାଇ ମୁଁ ଆଜି ପଡ଼ିଛି ଆହୁରି ଏକ ପ୍ରବଳ ପରାକ୍ରାନ୍ତ ଶତ୍ରୁ ହାବୁଡ଼ରେ···ଯାହାଠାରୁ କି ମୁକ୍ତି ଏକାବେଳେକେ ଅସମ୍ଭବ !···ଭଗବାନ୍ ସହାୟ ହୁଅ, ସହାୟ ହୁଅ !···ଏ ଶକ୍ତିହୀନ ଜଡ଼ ପିଣ୍ଡଟାର ସ୍ଥାନ ଯେ କେଉଁ ଅତଳ ସାଗରରେ ହୋଇ ପାରେ, ତାହା ଥରେ ହେଲେ ଇଙ୍ଗିତ କରିଦିଅ !·· ଆଉ ପାରି ଉଠୁ ନାହିଁ ! ଚତୁର୍ଦ୍ଦିଗରେ ପାପର, ପାଶବିକତାର କି ବିଭତ୍ସ ରଙ୍ଗଭୂମି ! ନାରୀର ଘର, ବାହାର ଆଜି ସମାନ···ସମାନ···ସବୁ !···

ଘନାନ୍ଧକାର ! ସେହି କଣ ସେହି ନାଗିନେଶୀ···ସମସ୍ତେ ଯେପରି ମୁକ୍ତିର କୁହୁକ ଦେଖାଇ ମୋତେ ଗ୍ରାସ କରିବାକୁ ଆସୁଛନ୍ତି ! କିଏ ? ମୁକ୍ତିପଥାକାଙ୍କ୍ଷୀ ? କିଏ ସତ୍ୟ ? କିଏ ମିଥ୍ୟା ? କିଏ ଟିକିଏ ପ୍ରାଣର ଆଲୋକର ସନ୍ଧାନ କହିଦେବ ? ସେଦିନ ଗଳ୍ପବେଳେ ଦାମା···ସେହି ପୁରାତନ ବୃଦ୍ଧ ଭୃତ୍ୟ··· ସେ କ'ଣ ସଂସାରକୁ ଖୁବ୍ ଭଲ କରି ଚିହ୍ନି ରଖିଛି ? ବାସ୍ତବିକ କ'ଣ ଗୃହର ଅଭ୍ୟନ୍ତରରେ ନାରୀ ଶ୍ରୀ, ଲକ୍ଷ୍ମୀ, ମଙ୍ଗଳକାରିଣୀ ?··· ନା, ନା···ସେ ଦାସୀ ସ୍ୱାମିର ଚରଣଭୋଗ୍ୟା···ସ୍ୱାମିର ସେବାଦାସୀ !···କିନ୍ତୁ ବାହାରେ ?....ବାହାରେ ସେ ଅସଂଖ୍ୟ ଶତ୍ରୁ ପାପକଳୁଷ ଦୃଷ୍ଟିରେ ତା'ର ଜୀବନର ସମସ୍ତ ସୌନ୍ଦର୍ଯ୍ୟ ପୋଡି ଜାଳି ଧ୍ୱଂସ କରିଦେବାକୁ ଛୁଟିଛନ୍ତି ! ଅତି ତୁଚ୍ଛ ଏ ନାରୀଜନ୍ମ !···ବନ୍ଧ ପଶୁ ପରି ଗୃହିଁ ଗୃହିଁ ସମସ୍ତ ଅତ୍ୟାଚାରକୁ ବକ୍ଷ ନେଇ ଚାଲିବା ଯେପରି ତାର ଏକ ମାତ୍ର ଧର୍ମ ନିର୍ଦ୍ଦେଶ··· ଏକମାତ୍ର ମୁକ୍ତି ! ଉଃ ! ···ଦୟାମୟ ହେ ପ୍ରଭୁ···ନିରାଶ୍ରୟାକୁ ଟିକିଏ ଆଶ୍ରୟ ଦିଅ···ସ୍ଥାନ ଦିଅ !

[ ପୁଣ୍ଡରୀକର ଅପ୍ରତ୍ୟାଶିତ ଭାବରେ ପ୍ରବେଶ । ତାଙ୍କର ଅନାଡ଼ମ୍ବର ପରିଧାନ, ରୁକ୍ଷକେଶ, ଗମ୍ଭୀର ବଦନମଣ୍ଡଳ ଓ ବେଦନାନତ ମ୍ଲାନ ନୟନଯୁଗଳ ସମସ୍ତ ଯେପରି ତାଙ୍କର ଅନ୍ତର ଦେଶରେ ଏକ ତୁମୁଳ ଝଟିକାର ପରିଚୟ ଦେଉଥିଲେ । ]

**ପୁଣ୍ଡରୀକ**—(ଧୀର ଗମ୍ଭୀର ସ୍ୱରରେ) ମୁକ୍ତିର ସନ୍ଧାନ ମିଳିଲା, ଜିତା ? ନା ଏପର୍ଯ୍ୟନ୍ତ ଖୋଜା ଚାଲିଛି ? ଆଚ୍ଛା କାଲି ଶୋଭାଯାତ୍ରାରେ ଯୋଗ ଦେବାର ଖୁବ୍ ପ୍ରବଳ ଇଚ୍ଛା ଥିଲା···ନା ?

**ଅପରାଜିତା**—(ଟିକିଏ ଅପ୍ରତିଭ ହୋଇ) ଏଁ···ମୁକ୍ତି ? ହଁ ··ନା, ନା··· ତୁମେ କଣ କିଛି କରାଇଦେବ ଯେ ?···ନା ମୁକ୍ତି....ନା ଶୋଭା-ଯାତ୍ରା....ନା ମରଣ ? କୌଣସିଟା ତୁମ ଆଖିରେ ସମ୍ଭବ ନୁହେଁ ।

**ପୁଣ୍ଡରୀକ**—ତୁମେ କଣ ଭାବୁଛ, ଗତ କାଲି ଶୋଭାଯାତ୍ରାରେ ଯୋଗ-ଦେବାରୁ ବଞ୍ଚିତ କରି ମୁଁ ତୁମ ମୁକ୍ତି ପଥରେ ପ୍ରଧାନ ଅନ୍ତରାୟ ହୋଇଛି ?

ଅପରାଜିତା—ତୁମେ କେଉଁ ବିଷୟରେ ଅନ୍ତରାୟ, ତା କଣ ନିଜେ ବୁଝି ପାରୁ ନ ଥିବ ଯେ, ମୁଁ କହିଦେବି ?

ପୁଣ୍ଡରୀକ—ନା ଜିତା, ବିଶ୍ୱାସ କର, ମୁଁ ସାଧାରଣଙ୍କ ପରି ଆପଣାର ପୌରୁଷ ତୁମ ସ୍ୱାଧୀନ ମତ ଉପରେ ଲଦି ଦେବାର ଚେଷ୍ଟା କେବେ କରି ନାହିଁ ବା କରିବି ନାହିଁ । ତେବେ ଯେଉଁ କାର୍ଯ୍ୟରେ କୌଣସି ସୁଫଳର ସମ୍ଭାବନା ନାହିଁ, ବନ୍ଧୁ ଭାବରେ ସେଥିରୁ ନିବୃତ୍ତ କରିବା ମୋର ଉଚିତ ବୋଲି ସେଦିନ ତୁମକୁ ପ୍ରକାରାନ୍ତରରେ ବାଧା ଦେଇଥିଲି ।

ଅପରାଜିତା—ତେବେ କଣ ଏତେ ଗୁଡ଼ାଏ ନାରୀ ମିଥ୍ୟାର ସନ୍ଧାନରେ ଛୁଟିଛନ୍ତି ?

ପୁଣ୍ଡରୀକ—ମିଥ୍ୟା ନ ହୋଇ ପାରେ, ମାତ୍ର ଗୋଟାଏ ଭ୍ରାନ୍ତ ଧାରଣାରେ ଅନୁପ୍ରାଣିତ ହୋଇ ଗୋଟାଏ ଅଯଥା କୋଳାହଳ ସୃଷ୍ଟି କରିବା ଛଡ଼ା ଆଉ ଯେ କି ମହୋପକାର କରୁଛନ୍ତି, ମୁଁ ଜାଣି ପାରୁ ନାହିଁ ।

ଅପରାଜିତା—ଏ ଶିକ୍ଷିତ ନାରୀଗୁଡ଼ାକ ଯେ କେବଳ ଭ୍ରାନ୍ତ, ଆଉ ତୁମେ ଠିକ୍, ତାର ପ୍ରମାଣ ?

ପୁଣ୍ଡରୀକ—ଶିକ୍ଷାର ଯେ ମୋହ ବା ଭ୍ରାନ୍ତି ନାହିଁ, ଏ କଥା କିଏ କହି ପାରେ ? ମୋର ମନେ ହୁଏ, ଶିକ୍ଷାର ଭ୍ରାନ୍ତି ଅନେକ ସମୟରେ ସତ୍ୟର ବେଶ ମେଣ୍ଟି ନିଜକୁ ସତ୍ୟର ଆସନରେ ରାଜା କରିବାର ପ୍ରୟାସ ଅତ୍ୟନ୍ତ ସ୍ୱାଭାବିକ ।

ଅପରାଜିତା—ତୁମେ କଣ ନାରୀ ଜାତିକୁ ଚିରଦିନ ଏହି ପରି ବନ୍ଧଭାବରେ ଦେଖିବାକୁ ଚାହଁ ? ଏହି କ୍ଷୁଦ୍ର ଗୃହର ପରିସର ମଧ୍ୟରେ ତାର ସମସ୍ତ ଜୀବନ ବନ୍ଧି ରହିବ ? ଆଉ ତାର ବାହାରେ କିଛି ସତ୍ତା ନାହିଁ ?

ପୁଣ୍ଡରୀକ—ନାରୀ ବା ନର ମୁଁ କାହାକୁ ଶୃଙ୍ଖଳାବଦ୍ଧ ଦେଖିବାକୁ ଇଚ୍ଛା କରେ ନାହିଁ । ବରଂ ସ୍ୱାଧୀନ ଚିନ୍ତା, ସ୍ୱାଧୀନ ଜୀବନ ପ୍ରତ୍ୟେକ ମାନବର ଯେ ଜନ୍ମଗତ ଅଧିକାର, ସେ କଥା ମୁଁ ବିଶ୍ୱାସ କରେଁ । ମାତ୍ର ସେହି ସ୍ୱାଧୀନତାର ଆକାଙ୍କ୍ଷା ସଙ୍ଗେ ସଙ୍ଗେ ଏହା ମଧ୍ୟ ବିଶ୍ୱାସ କରେ ଯେ, ଶୃଙ୍ଖଳାବଦ୍ଧ ଜୀବନରୁ ପ୍ରତ୍ୟେକ

ସ୍ୱାଧୀନତା ପରିପୁଷ୍ଟ ହୁଏ । ସମାଜର ମଙ୍ଗଳ ନିମିତ୍ତ ନାରୀ ଯଦି କାହାରେ ପ୍ରତିଷ୍ଠା ଲାଭ କରି ପାରେ, ସେଥିରେ ତାହାର ଆପତ୍ତି ହେବ କାହିଁକି ? କିନ୍ତୁ ପ୍ରତିଷ୍ଠା ଲାଭ ବନ୍ଧନର ବାହାରେ ନୁହେଁ ଜୀବନର ସକଳ ବନ୍ଧନ ମଧ୍ୟରେ ।

ଅପରାଜିତା—ତେବେ କ'ଣ ମୋ ଭଳି ଶୃଙ୍ଖଳବଦ୍ଧ ଅନ୍ଧକୂପରେ ସଡ଼ୁଥିବା ନାରୀର ସ୍ୱାଧୀନତା ସମ୍ଭବ ?

ପୁଣ୍ୟଶ୍ଳୋକ—ଖୁବ୍ ସମ୍ଭବ । ପ୍ରକୃତ ସ୍ୱାଧୀନତାରୁ ଦୁଃଖ, କଷ୍ଟ, ବନ୍ଧନ, ପରାଧୀନତା ବାଦ୍ ଦେଲେ ମୁକ୍ତିର ସତ୍ତା ରହେ ନାହିଁ । ଯଦି କିଛି ରହେ ତ ତାହା ବିଶୃଙ୍ଖଳତା ବା ଉଚ୍ଛୃଙ୍ଖଳତା ।

ଅପରାଜିତା—ମାତ୍ର ଏପରି ନିରାନନ୍ଦମୟ ଜୀବନ ଧରି ରଖିବା ଯେ ଏକାନ୍ତ ଅସମ୍ଭବ । ନାରୀର କୋମଳ ପ୍ରାଣ ଥରେ ସହାନୁଭୂତି ବା ମମତାରୁ ଚ୍ୟୁତ ହେଲେ ତାର ଯେ ମୃତ୍ୟୁ !

ପୁଣ୍ୟଶ୍ଳୋକ—ନାରୀ ପକ୍ଷରେ ଯାହା ମୃତ୍ୟୁ, ପୁରୁଷ ପକ୍ଷରେ ଠିକ୍ ସେହି ସମଦଶାର ଆଶଙ୍କା ରହିଛି, ଜିତା । ମୋତେ ଯେପରି ବୋଧ ହେଉଛି, ତୁମେ ଜୀବନଟାକୁ ମଦିରା ଜ୍ଞାନ କରି ଦିନକରେ ସମସ୍ତ ରସକୁ ଉଜାଡ଼ି କରି ଦେବାକୁ ଚାହଁ—ସମସ୍ତ ନିଃଶେଷ କରିବାକୁ ଚାହଁ । ତାହା କଣ କୌଣସି କାଳରେ, କୌଣସି ଯୁଗରେ ସମ୍ଭବ ? ଏହି ଦେଖ ନା, ଆମର ବିବାହ !... ଜୀବନର ବାସ୍ତବ ସୃଷ୍ଟି ଭଳି କେତେ ନିଷ୍ଠୁରତା, କେତେ ପ୍ରୀତି, କେତେ ଦୁଃଖ ସୁଖ, ଆନନ୍ଦ ବିଷାଦ, ଆଲୋକ ଅନ୍ଧକାରର ସମଷ୍ଟି ! ତୁମେ ଯଦି ସେଥିରୁ କେବଳ କେତେଗୁଡ଼ାଏ କଳ୍ପିତ ସ୍ୱପ୍ନସୁଖ ସନ୍ଧାନ କର, ତେବେ ହତାଶ ନ ହୋଇ ଆଉ କଏ ହେବ ?

ଅପରାଜିତା—ସେ କଥା କହିବା ଖାଲି ଛଳନା ନୁହେଁ କି ? ପୁରୁଷର ସମାଜରେ ଯେତିକି ସ୍ୱାଧୀନତା ରହିଛି, ସବୁ କ୍ଷେତ୍ରରେ ସେତିକି ସ୍ୱାଧୀନତା ଯଦି ନାରୀର ଥାଆନ୍ତା, ତେବେ ଏତେ ଦ୍ୱନ୍ଦ୍ୱ ଲାଗନ୍ତା କାହିଁକି ?

**ସୁଶ୍ରାବକ**—ଅଛି, ଯେଉଁ ପରିମାଣରେ ପୁରୁଷର ସ୍ୱାଧୀନତା ଅଛି, ସେହି ପରିମାଣରେ ନାରୀର ମଧ୍ୟ ଅଛି । ଯେଉଁଠାରେ ନାହିଁ, ସେଠାରେ କାହାରି ନାହିଁ । ତାର କାରଣ, ଜୀବନରେ ସ୍ୱାଧୀନତା ବା ପରାଧୀନତା ଉଭୟର ଭାଗ ସମପରିମାଣରେ ନ ହେଲେ—କେତେକାଂଶରେ ରହିଅଛି । ଯଦି ନାରୀ ତାର କଳ୍ପିତ ସ୍ୱାଧୀନତା ବା ସୁଖ ପାଇ ପାରି ନାହିଁ, ସେ ତାର ଆତ୍ମଦୋଷରୁ ବା ଭ୍ରାନ୍ତିରୁ ।

**ଅପରାଜିତା**—ତେବେ ମୋର ଏ କଷ୍ଟ ଲାଗି କଣ ମୁଁ ଦାୟୀ ?

**ସୁଶ୍ରାବକ**—ତୁମେ ବହୁ ପରିମାଣରେ ନୁହଁ ତ ଆଉ କିଏ ? ମୁଁ ଯେପରି ମୋର ଦୁଃଖର କାରଣ, ତୁମେ ସେହିପରି ତୁମର !

**ଅପରାଜିତା**—ସ୍ତ୍ରୀ ହୋଇ ଯଦି ନିଜର ସ୍ୱାମୀର ହୃଦୟରେ କୌଣସି ନାରୀ ପ୍ରତିଷ୍ଠା ନ ପାଏ, ସେଥିଲାଗି କଣ ସ୍ତ୍ରୀ ଦାୟୀ ?

**ସୁଶ୍ରାବକ**—ତୁମେ କଥାଟାକୁ ଅତି ବ୍ୟକ୍ତିଗତ କରି ପକାଉଛ, ଦେଖୁଛି । ତେବେ ସିଧା କହୁଛି, ସ୍ତ୍ରୀ ଦାୟୀ ।

**ଅପରାଜିତା**—ଏ ନୂତନ ଜ୍ଞାନ ତୁମେ କେଉଁଠିକୁ ଆବିଷ୍କାର କଲ ? କିଏ ତୁମର ଶିକ୍ଷାଗୁରୁ··· ନା, ତୁମେ ନିଜେ ?

**ସୁଶ୍ରାବକ**—ନା, ମୁଁ ନୁହେଁ···ମୋର ପବିତ୍ର ଜନ୍ମଭୂମି ଜନନୀ—ଯାହାର ନଦୀ, ପର୍ବତ, ପ୍ରାନ୍ତର, ହ୍ରଦ, ବନ ତରୁ ସମସ୍ତ ଏହି ମନ୍ତ୍ରରେ ଦୀକ୍ଷିତ ହୋଇ ଧନ୍ୟ···ସେହି ସ୍ୱର୍ଗାଦପି ଗରୀୟସୀ ଜନନୀ...ଭାରତବର୍ଷର ଏ ଶିକ୍ଷା ! (ଚିନ୍ତାଶୀଳ ଭାବରେ ପରିକ୍ରମଣ)

**ଅପରାଜିତା**—ଏ ପୁଣି ଗୋଟାଏ ନୂଆ ଅଭିଧାନର ସୃଷ୍ଟି !

**ସୁଶ୍ରାବକ**—(ଧୀର ଗମ୍ଭୀର ଅଥଚ ଦୃଢ଼ ସ୍ୱରରେ) ନୂଆ ନୁହେଁ, ଜିତା··· ଅତି ପୁରାତନ···ଅତି ପୁରାତନ···ସେହି ଯେ ଅଭିଧାନଟାକୁ ଆଜି ବ୍ୟଙ୍ଗ କରି ଉଡ଼ାଇ ଦେବାକୁ ଚେଷ୍ଟା କରୁଛ, ତା ଉପରେ ଦେଇ କେତେ ଝଡ଼ ତୋଫାନ···କେତେ ବର୍ବରତା···କେତେ ମିଥ୍ୟା···ବହି ଗଲାଣି, ତାର ଖବର ତୁମେ ରଖି ନାହଁ । ଆଜି କେତେଗୁଡ଼ାଏ ଅପରିପକ୍ୱ ବୈଦେଶିକ ଧାରଣାରେ ତୁମେ ଅନ୍ଧ-

ହୋଇ ସେ ଆଦର୍ଶଟିକୁ ଅବହେଳା କରି ପାର, ମାତ୍ର ଜାଣିରଖ ତୁମେ କେବଳ ନିଜକୁ ଶୂର୍ଣ୍ଣ ବା ଅପମାନିତ କରୁଛ । ସେହି ଜନନୀର ସନାତନ ଆଦେଶ, ନିଜକୁ ସୁସ୍ପଷ୍ଟ ରୂପେ ଜାଣ ! ··· ସମସ୍ତ ବହିର୍ଜଗତରୁ ଦୃଷ୍ଟି ଫେରାଇ ଆଣି ନିଜର ଅନ୍ତରରେ ପ୍ରତିଷ୍ଠା ଲାଭ କର···ସବୁ ଭାଗ୍ୟର ବିଦ୍ରୂପକୁ ଶିର ପତାଇ ନିଅ ···କିନ୍ତୁ ଆଜି ଶିକ୍ଷିତା ନାରୀର ଜାଗରଣ ବାହାରେ···ଭିତରେ ତାହାର ଅବିଶ୍ୱାସର ଅନ୍ଧକାର ! ( କିଛି ସମୟ ନୀରବତା ପରେ ପୂର୍ବବତ୍ ଧୀର ଅଥଚ ଦୃଢ଼ ସ୍ୱରରେ ) ମୁଁ କେତେ ଦିନ ଏହି ତଥାକଥିତ ସ୍ୱାଧୀନକାମୀ ନାରୀମାନଙ୍କର ଜୀବନ ଆଲୋଚନା କରି ଦେଖିଛି । ଦେଖିଛି, ଜୀବନକୁ ତାଚ୍ଛଲ୍ୟ ବା ଉପହାସ କରିବାରେ ଏମାନେ ଯେତିକି ଧୁରନ୍ଧର, ଅନ୍ୟ କୌଣସି ବିଷୟରେ ନୁହନ୍ତି । ତାଚ୍ଛଲ୍ୟ ତ କରନ୍ତି, ମାତ୍ର ଜୀବନର ଅଦୃଷ୍ଟ ଦେବତା ତାହା ସହିବେ କାହିଁକି ? ତାଙ୍କ ପାଖରେ କପଟାଚାର, ଫାଙ୍କି, ଆତ୍ମାଭିମାନ କୌଣସି ବିଷୟଟି ଫଳିବ ନାହିଁ । ତାହାର ଫଳରେ ସେ ଯେଉଁ ପ୍ରତିଶୋଧ ନିଅନ୍ତି, ତାହା ଅନୁଧ୍ୟାନ କଲେ ବାସ୍ତବିକ ମର୍ମାହତ ହେବାକୁ ହୁଏ, ଜିତା ! ନାରୀତ୍ୱର ଗୌରବ, ସୌନ୍ଦର୍ଯ୍ୟ, ବିନୟ, ଧୈର୍ଯ୍ୟ ଆଦି ସୂକ୍ଷ୍ମ ମନୋବୃତ୍ତିଗୁଡ଼ିକୁ ଅପମାନ କରି···ଅପମାନ ନୁହେ, ଧ୍ୱଂସ କରି ସକଳ ପ୍ରକାର ଜୀବନକୁ ଅବଜ୍ଞା କରି....ନାରୀ ଯେ ଆଜି ସାମାଜିକ ବନ୍ଧନକୁ ଚୂର୍ଣ୍ଣ କରିବାକୁ ବ୍ୟଗ୍ର ହୋଇ ଉଠିଛି, ତାର ପ୍ରତିବଦଳରେ ସେ କପରି ମୁକ୍ତି ହାସଲ କରିଛି, ଜାଣ ? ···ଏକ ବିରାଟ ବୁଭୁକ୍ଷା ! ଏକ ବିରାଟ ଭୋଗଲିପ୍ସା ! କି କଦର୍ଯ୍ୟ ସେ ଲିପ୍ସା ! କି ଭୟଙ୍କର ! କି ଭୟଙ୍କର ! ଥରେ ଦେଖିଲେ ପ୍ରାଣରେ ଆତଙ୍କ ଜାତ ହୁଏ !······ଘୃଣା....ନା, ନା, କରୁଣାରେ ପ୍ରାଣ ସଙ୍କୁଚିତ ହୋଇ ଆସେ । ଘରେ, ବାହାରେ ପ୍ରାଚ୍ୟରେ, ପାଶ୍ଚାତ୍ୟରେ ଆଜି ମୁକ୍ତି ଆଖ୍ୟାଧାରୀ "ଅତିସ୍ୱାର୍ଥିତ୍ୱ" ପିଶାଚଲୀଳା ! ପାଶ୍ଚାତ୍ୟରେ ଦିନେ ଏହି ଲୀଳା ଦେଖି ଋଷି-ପ୍ରତିମ ଟଲ୍‌ଷ୍ଟୟ ଆତଙ୍କରେ ପୁଲିସ ସାହାଯ୍ୟ ଲୋଡ଼ିଥିଲେ,.... ତୁମକୁ ଦିନେ ଶୁଣାଇଥିଲି ନା ? ଜୀବନକୁ ବାସ୍ତବରେ ଶ୍ରଦ୍ଧା

କରିବାର, ଭୋଗ କରିବାର ସାଦ୍ଧାସ ଏମାନଙ୍କର ଥିଲେ ମୋର ବିଶ୍ୱାସ, ଆଜି ଏହି ମୁକ୍ତିକାମୀମାନଙ୍କର ଗତି ଭିନ୍ନାକାର ଧାରଣ କରନ୍ତା ! ତେଣୁ ଏପରି ଅନର୍ଥର ସୃଷ୍ଟି ।

ଅପରାଜିତା—(ସ୍ୱଗତ) ଅନ୍ଧ ସ୍ୱାର୍ଥ ! ଭୋଗଲିପ୍ସା !···କୁତ୍ସିତ ବୁଭୁକ୍ଷା ! ···ସେଦିନ ଯାହା ଦେଖିଲି···ଓଃ....ଏବେ ସୁଦ୍ଧା ମୋର ଆତଙ୍କ ଜାତ ହେଉଛି ! ତେବେ....ତେବେ କଣ ସ୍ୱାମୀଙ୍କ କଥା ସତ୍ୟ ? ....ହଁ, ହଁ....ମିଥ୍ୟା ନୁହେ । ( ପ୍ରକାଶ୍ୟରେ ସ୍ୱରକୁ ଟିକିଏ ଅସ୍ୱାଭାବିକ ଭାବରେ ଦୃଢ଼ କରି ) ମାତ୍ର ସେକଥା କହିଲେ ତ ମୁଁ ଅନେକାଂଶରେ ନିରକ୍ଷର । ମୁଁ ତ କାହାରର କୌଣସି ଆଦର୍ଶର ମୋହରେ ପଡ଼ି ନାହିଁ, ସୁବିଧା ପାଇ ନାହିଁ କହିଲେ ଚଳେ । ଯେତେବେଳେ ପାଇଥାନ୍ତି, ସେତେବେଳେ ମୋର ଭିନ୍ନତ ହେଲି ପାଠଶାଳାରୁ ବନ୍ଦିଶାଳାକୁ । ତେବେ ସୁଦ୍ଧା ମୋ ଦୁଃଖର କାରଣ ଯେ ମୁଁ ନିଜେ, ଏ କଥା ମୁଁ ବିଶ୍ୱାସ କରି ପାରୁ ନାହିଁ ?···

ପୁଣ୍ଡରୀକ—କୌଣସି ଭାବର ପ୍ରକାଶ କେବଳ ପୋଥି ମଧ୍ୟ ଦେଇ ପ୍ରକାଶିତ ହୁଏ ନାହିଁ । ସେଥିପାଇଁ ଆଧୁନିକ ସାଧାରଣ ନାରୀ ପରି ତୁମେ ନିଜେ ନିଜ ଦୋଷ ଦେଖିବାରେ ନିତାନ୍ତ ଅପାରଗ ।

ଅପରାଜିତା—ଅଚ୍ଛା, ମୁଁ ପଛକେ ନିଜ ଦୋଷ ସ୍ୱୀକାର କରୁଛି, ମାତ୍ର ତୁମେ କଣ ଦୋଷୀ ନୁହଁ ? ତୁମେ ଯଦି ପ୍ରଥମରୁ ଏହି ଅର୍ଦ୍ଧଶିକ୍ଷିତା, ଅଶିକ୍ଷିତା, ଅନିପୁଣା, ଅସୁନ୍ଦରୀ ବାଳିକାର ପାଣିଗ୍ରହଣ କରି ନ ଥାନ୍ତ ?···

ପୁଣ୍ଡରୀକ—ତାହେଲେ ଆଉ କାହାର ଗ୍ରହଣ କରି ପାରି ନ ଥାନ୍ତି, ବୋଧ ହୁଏ । ଦିନ ଥିଲା, ଯେତେବେଳେ ବିବାହ ସହିତ ଶିକ୍ଷା, ସୌନ୍ଦର୍ଯ୍ୟ, ଗୁଣ ଓ ରୂପ ମିଶାଇ ଗୋଟାଏ କାଳ୍ପନିକ ସୁଖର ମୋହରେ ଜୀବନ ବଣ୍ଟ ଥିଲି, ସେଦିନ ଭାବୁଥିଲି, ତୁମକୁ ଗ୍ରହଣ କରି ସମସ୍ତ ହୃଦୟରୁ ବଞ୍ଚିତ କରିବା ଏକ ପଶୁଭାର ଅଭିନୟ । ମାତ୍ର ଆଜି ସତ୍ୟ କଥା କହିବାକୁ ଟିକିଏ ଭୀତ ଓ କୁଣ୍ଠିତ ନୁହେଁ, ଜିତା—ତୁମେ ବିଶ୍ୱାସ କର ବା ନ କର··· ହୃଦୟର ଯେତିକ ଅଂଶ ତୁମେ ଆଜି ଅଧିକାର କରି ପାରିଛ,

ତାହା ଅପେକ୍ଷା ଆଜ କୌଣସି ବିବାହିତାଙ୍କୁ ମୁଁ ବେଶି ଦେଇ ପାରିଥାନ୍ତି ବୋଲି ବିଶ୍ୱାସ କରି ପାରୁ ନାହିଁ । କୌଣସି ପୁରୁଷ ବୋଧହୁଏ ନିଜକୁ କେବଳ ପ୍ରଣୟ ପାଶରେ ବନ୍ଧ କରି ଆଜୀବନ ସ୍ୱପ୍ନ ରଚନା କରିବାକୁ ପ୍ରସ୍ତୁତ ନୁହେଁ । କାରଣ ସେଥିରେ ତାର ମୃତ୍ୟୁ ।

ଅପରାଜିତା—କିନ୍ତୁ ତୁମେ ତ ଅନ୍ୟ ଏକ ସୁନ୍ଦରୀଙ୍କର ପାଣିଗ୍ରହଣ···

ପୁଣ୍ୟଶ୍ଳୋକ—ହଁ ଜିତା, ତୁମ ସନ୍ଦେହର ମୂଳ କଥା ମୁଁ ଅନେକ ଦିନୁ ଆଭାସ ପାଉଛି । ସେଥିପାଇଁ କହୁଥିଲି, ତୁମେ ନିଜେ ତୁମ ଦୁଃଖ ଲାଗି ଦାୟୀ । ହଁ ମାନୁଛି, ମୁଁ ଅନ୍ୟ ଏକ ସୁନ୍ଦରୀଙ୍କର ପାଣିଗ୍ରହଣାକାଂକ୍ଷୀ ଥିଲି । ସେ ଅତୀତର ସ୍ମୃତି ଆଜିଯାଏ ଗୋଟିଏ ଅସ୍ପଷ୍ଟ ସ୍ୱପ୍ନ ପରି ଜାଗ୍ରତ ରହିଛି । ସେଥିଯୋଗୁଁ ତୁମକୁ ଗ୍ରହଣ କରିବାରେ ଅନ୍ୟାୟ କଣ ?

ଅପରାଜିତା—ତୁମେ ତାଙ୍କୁ ବିବାହ କରିଥିଲେ ? ···

ପୁଣ୍ୟଶ୍ଳୋକ—ସୁଖୀ ହୋଇଥାନ୍ତ ?···ହାଃ, ହାଃ ଏ ଯେ ଏକ ନୂତନ ମନୋବିଜ୍ଞାନ........ଏକ ନୂତନ ତତ୍ତ୍ୱ ! ··· ···ମୁଁ ଯେ ସୁଖୀ ହୋଇଥାନ୍ତି, ତାର ପ୍ରମାଣ ? ଆଉ ତୁମ ସହିତ ମିଳନର ପରିଣାମ ଯେ ଦୁଃଖମୟ ହେବ, ତାର ପ୍ରମାଣ ?

ଅପରାଜିତା—( ଆନନ୍ଦ ସହିତ ଈଷତ୍ ବିରକ୍ତିର ତୁଳନା କରି ) ତୁମର ପରି କଣ ସମସ୍ତେ ଖାଲି ପଣ୍ଡିତ ହୋଇଛନ୍ତି ଯେ, ପ୍ରମାଣ ଦେବେ, ନ ଦେଲେ ଶାସ୍ତ୍ର ଅଶୁଦ୍ଧ ହୋଇଯିବ ? ସବୁ ବିଷୟରେ ଖାଲି ପ୍ରମାଣ···ପ୍ରମାଣ···

ପୁଣ୍ୟଶ୍ଳୋକ—ପ୍ରମାଣ ଯଦି ନାହିଁ, ତେବେ ଆଜି ଯେ ଦୁଃଖର ତାଡ଼ନାରେ ତୁମେ ସ୍ୱାଧୀନତାର ଆଶ୍ରୟ ଗ୍ରହଣ କରୁଛ, ତାଠାରୁ ଅଧିକତର ଦୁଃଖର ଅଧୀନତା ସ୍ୱୀକାର କରି ମୁଁ ହୁଏତ ଦଗ୍ଧ ହେଉଥାନ୍ତି, ଏ କଥାଟା ନ ମାନିବ କାହିଁକି ?

ଅପରାଜିତା –( ଈଷତ୍ ମନ୍ଦହାସ୍ୟ ସହିତ ଅଭିମାନର ତୁଳନା କରି ) ଏଇଟା ଖାଲି କଥାର କଥା ।

ସୁଶୀଳ—(ଗମ୍ଭୀର କରୁଣତାବ୍ୟଞ୍ଜକ ଅଥଚ ଶାନ୍ତ ଧୀର ସ୍ୱରରେ) ନା ଲତା, ଶୁଣ, ମନୁଷ୍ୟ କୌଣସି ଯୁଗରେ ତାର ଭାଗ୍ୟ ବିଧାତା ହୋଇ ପାରି ନାହିଁ । ତା ହୋଇଥିଲେ ସୃଷ୍ଟି ଅନେକ ଦିନୁ ଧ୍ୱଂସ ହୋଇ ଶ୍ମଶାନ ହୋଇ ସାରନ୍ତାଣି । ସେଥିଲାଗି ମାନବକୁ ଅନେକ ସମୟରେ ଅନିଚ୍ଛା ସତ୍ତ୍ୱେ ଦୁଃଖକୁ ବରଣ କରି ନେବାକୁ ହୁଏ··· ସୁଖକୁ ତାଚ୍ଛଲ୍ୟ ଭାବରେ ଦୂରକୁ ଫିଙ୍ଗି ଦେବାକୁ ହୁଏ । ତୁମେ କହୁଛ, ତୁମେ ଦୁଃଖୀ···ହୁଏତ ତୁମର ସୁଖ ମୂଳରେ ତୁମର ମୃତ୍ୟୁ, ଏ କଥା ତୁମେ କଳ୍ପନା କରି ପାରିବ ନାହିଁ । ହସ ନାହିଁ, ଲତା···ଏଇ ଦରିଦ୍ର ଲୋକଟାର ଯେ ସେତିକି ଶେଷ ସମ୍ବଳ··· ସେତିକି ତା'ର ଶେଷ ପାଥେୟ···(କ୍ଷଣିକ ନୀରବତା ପରେ) ତା ନ ହେଲେ ଆଜି ତାର ନିଜର କଣ ଅଛି ?···ସେଇ ଦୀର୍ଘଶ୍ୱାସର; କ୍ଷୀଣାଲୋକ···ସେଇ ଅସ୍ପଷ୍ଟ ବାଣୀ···ତା ଛଡ଼ା ଯେ ତାର ସମସ୍ତ ଜୀବନ ରିକ୍ତ, ଶୂନ୍ୟ, ଶ୍ମଶାନ···ତାର ବନ୍ଧୁଜନ ନାହିଁ···ତାର ଘର ପୁତ୍ର, ପିତା, ମାତା, ସୁନାର ସଂସାର ସବୁ ଶୂନ୍ୟ !···ଭସ୍ମ !···ମିଥ୍ୟା···କେବଳ ସେଇ ତାର ଚିରଦିନର ସାଥି··· ସେଇ ଆତ୍ମବିଶ୍ୱାସ·· ତାର ବଳ···ତାର ଜୀବନର ଏକମାତ୍ର ଗୌରବର ଧ୍ୱଜା···କାନ୍ଦୁଛ କାହିଁକି ଲତା ?···ଛି ଛି···କହିଲ ଦେଖି, ତୁମର ଏ ଦରିଦ୍ର ସ୍ୱାମୀର ଆଉ କି ସମ୍ବଳ ଅଛି ?.... ଶେଷରେ ତୁମେ ଥିଲ ଯେ···ନା, ନା, ଆଉ କିଛି କହିବ ନାହିଁ....ଯେତେବେଳେ ନଗ୍ନ ସତ୍ୟଟାକୁ ସମ୍ମୁଖରେ ଦେଖିବାକୁ ତୁମେ ଏତେ ଭୀତ, ଏତେ କାତର, ସେତେବେଳେ ନୀରବ ରହିବା ଶ୍ରେୟସ୍କର । ( କ୍ଷଣିକ ନୀରବତା ପରେ ) ଏତେ କଥା କହିବା ଆଦୌ ଆବଶ୍ୟକ ନ ଥିଲା । ମାତ୍ର ମୁଁ ଦେଖିଲି, କେତେଗୁଡ଼ିଏ ଭ୍ରାନ୍ତ ଧାରଣାରେ ତୁମେ ମୂହ୍ୟମାନ ହୋଇ ଆପଣାର ପ୍ରକୃତ ସତ୍ତ୍ୱକୁ ପ୍ରକୃତ କର୍ତ୍ତବ୍ୟଜ୍ଞାନକୁ ହରାଇ ପକାଇଛ । ଦୁଃଖ ହେଲା···ଭାବିଲି, ଏଥିଲାଗି....ଏ ଭ୍ରାନ୍ତ ବିଶ୍ୱାସ ଲାଗି ମୁଁ ସିନା ଦାୟୀ ! ତେଣୁ ତୁମର ସେଇ ମୋହର ପର୍ଦ୍ଦାଟାକୁ ଧୀରେ ଧୀରେ ଉଠାଇବାର ଚେଷ୍ଟା କଲି ମାତ୍ର । ନଗ୍ନ ସତ୍ୟ ସମ୍ମୁଖରେ ତୁମେ ଏତେ କାତର ହେବ ବୋଲି ମୋର ଧାରଣା

ନ ଥିଲ !…ବର୍ତ୍ତମାନ ମୁହଁ ଖୋଲି ସ୍ପଷ୍ଟ କହ ଦେଖି ଆମ ଦୁଃଖର କାରଣ କିଏ ?…ତୁମେ, ନା ମୁଁ ? ନା ସେହି ଦୂର ଅତୀତର ଅସ୍ପଷ୍ଟ ଏକ ନାରୀର କ୍ଷୀଣ ସ୍ମୃତି ? କେହି ନୁହେ, ଜିତା ! କେହି ନୁହେଁ !…ପୁଣି ଥରେ କହେ, ନିଜର ଦୁଃଖ ଲାଗି ନିଜେ ତୁମେ ବା ମୁଁ ଦାୟୀ…ଆଜି ଆମର ସ୍ବଳକ ନିୟତି…. କେଉଁ ଏକ ଅଦୃଷ୍ଟ ବିଧାନ…ସେ ବିଧାନ, ସେହି ମଙ୍ଗଳମୟ ସଙ୍କେତ ତୁମେ ଆଜି ବୁଝି ପାରି ନାହଁ….ମାତ୍ର ଦିନ ଆସିବ, ଯେତେବେଳେ ତାହା ସମସ୍ତ ଅଳୀକ ମୋହଠାରୁ ସ୍ପଷ୍ଟତର ହୋଇ ଉଠିବ । ସେ ଦିନ ହୁଏ ତ ଆମେ ଦୁହେଁ ପରସ୍ପରଠାରୁ ବିଚ୍ଛିନ୍ନ…. ନିସ୍ପୃହ….

**ଅପରାଜିତା**—(ଅଶ୍ରୁଗଦ୍‌ଗଦ ସ୍ବରରେ) ନା, ନା, ନା,….ମୁଁ କିଛି କହୁ ନାହିଁ…ଏ ସବୁ ଅନର୍ଥର ମୂଳ ମୁଁ…ମୁଁ…ଏହି ଅପଦାର୍ଥ ନାରୀ…

**ପୁଣ୍ଡରୀକ**—ଛି ! ତୁମେ ଏତେ ବିବ୍ରତ ହେବା କି ଲଜ୍ଜାର କଥା, କହ ନା ?…ଯଦି କିଏ ଦେଖିବ, ତେବେ ସେ କଣ କହିବ, କହିଲ ? · ତୁନି ହୁଅ ।

**ଅପରାଜିତା**—ନା, ନା, ମୋତେ କାନ୍ଦିବାକୁ ଦିଅ ଆଜି…ସେତିକି ସ୍ବାଧୀନତାରୁ ମୋତେ ବଞ୍ଚିତ କର ନାହିଁ…ମୁଁ ଆଜି କାହାରର କୌଣସି ଶକ୍ତିକୁ ସ୍ବୀକାର କରିବାକୁ ପ୍ରସ୍ତୁତ ନୁହେ….

**ପୁଣ୍ଡରୀକ**—ତୁନି ହୁଅ, ତୁନି ହୁଅ—ଏହି ଯେ ଆମର ରୁଦ୍ର ଏଆଡ଼େ ଆସୁଛି….କଣ ଗୋଟାଏ ଗୀତ ଗାଇ ଗାଇ…

[ଅନ୍ୟ ପାର୍ଶ୍ବରୁ ରୁଦ୍ରଦତ୍ତ ପୂର୍ବ ପରିଚିତ ସନ୍ନ୍ୟାସୀଙ୍କ ଗୀତ ଅନୁକରଣରେ ଅସଂଲଗ୍ନ ସଙ୍ଗୀତ ଗାଇ ସେହି ସ୍ଥଳରେ ପ୍ରବେଶ ।]

ଅନ୍ତର ତଳ କରେ ହାହାକାର
ବିଧୁର ବାସନା ଭରେ ।
ଅନ୍ତର ଦେବ ତଳ ଅବନତ
ଲଜ୍ଜିତ ଅନ୍ତନତେ ।

କ୍ଷୁବ୍‌ଧ, କ୍ରୁଦ୍ଧ, ପରାଣ ପକ୍ଷୀ
　　　　ଅନ୍ଧାରେ ମରେ ଝୁରି,
ଉଡୁଳ ମୁକ୍ତ ଆଲୋକ-ସିନ୍ଧୁ
　　　　ପରପାରେ ଯିବ ଉଡ଼ି ।

ପୁଣ୍ଡରୀକ—(ସ୍ୱଗତ) ଏଇ ଯେ କ୍ଷୁଦ୍ର ଶିଶୁର ତରଳ ସଙ୍ଗୀତ···ଏଇ ଯେ ମୁକ୍ତ ପ୍ରାଣର ଅବାରିତ ଆତ୍ମ ପ୍ରକାଶ ! କ୍ଷୁଦ୍ର ଶିଶୁ ତାର କଣ ଅର୍ଥ ବୁଝି ନାହିଁ । ମାତ୍ର କି ଆନନ୍ଦ ତାର ! ନିରର୍ଥ—ଶୂନ୍ୟ ଜୀବନକୁ ଥରେ ଯଦି ମାନବ ଏହିପରି ଆନନ୍ଦ ଆଦାୟ କରି ପାରନ୍ତା, ତେବେ ଜୀବନର ଏଇ ଯେ ଦୁର୍ବହ ଭାର···ଏଥିରୁ ବୋଧହୁଏ ଅର୍ଦ୍ଧାଧିକ କେଉଁଆଡ଼େ ଉଡ଼ିଯାନ୍ତା ।··· ଆ ବାବା ଆ, ଆଲୋକର ଜୀବ ତୁ···ଆଲୋକ ସଙ୍ଗୀତ ଗାଇ ତୋର ପିତା ମାତାଙ୍କ ହୃଦୟର ଅନ୍ଧକାର ଦୂର କର । ସେଇ ଆଲୋକ !···ଆଲୋକ !···ଯାହାର ସ୍ପର୍ଶରେ ମିଥ୍ୟାର, ମୃତ୍ୟୁର, ଅବିଶ୍ୱାସର ଅନ୍ଧକାର ମୃତ୍ୟୁ ଲାଭ କରେ, ସେଇ ଆଲୋକ ! ···ଯାହାର ସ୍ପର୍ଶରେ ଜୀବନର ସତ୍ୟ ଉଦ୍ଭାସିତ ହୋଇ ଉଠେ, ଜୀବନପଦ୍ମ ପରିପୂର୍ଣ୍ଣ ଭାବରେ ବିକଶିତ ହୁଏ, ସେଇ ଆଲୋକ ଆଜି ତୋର ଗାନ ମାତା ପିତାଙ୍କ ପ୍ରାଣରେ ସ୍ଫୁର୍ତ୍ତି ହେଉ ! ପ୍ରଭାତର ଏଇ ପକ୍ଷୀର କାକଳି ସଙ୍ଗେ, ମୃଦୁମନ୍ଦ ସମୀରଣ ସଙ୍ଗେ ଦୁଃଖୀର ଅବାରିତ ଅଶ୍ରୁରେ ସେ ଆଲୋକ ଝରି ଆସୁ ବାବା··· ସକଳ ଆବିଳତା ଦୂର ହେଉ···ସକଳ ଅସରଳ ସରଳ ହେଉ···ଜୀବନର ତନ୍ତ୍ରୀ ନବୀନ ରାଗରେ ବାଜି ଉଠୁ···

[ ଅପରାଜିତା ବିସ୍ମିତ ଓ ବିହ୍ୱଳ ନେତ୍ରରେ ପୂର୍ବ ବିଗତ ବିର୍ବଳସ୍ଥକୁ ଚାହିଁ ରହିଲା । ସୁନ୍ଦୁ ଦଉଡ଼ି ମାତା ଆଡ଼କୁ ସଙ୍ଗୀତ ଶେଷରେ ଅଗ୍ରସର ହେବା ଓ ମାତା ଆଗତ ସନ୍ତାନ ପ୍ରତି ବାହୁପ୍ରସାର କରିବାର ଅଭିନୟ ]

ସୁନ୍ଦୁ—ବାବା, ତୁମେ ମା'କୁ କଣ କହିଲ ? ସେ କାନ୍ଦୁଛି କାହିଁକି ?

ଅପରାଜିତା—ନା, ବାବା ! ମୋ ଆଖିରେ ଗୋଟାଏ ବିଷାକ୍ତ ପୋକ ପଡ଼ିଗଲା ଯେ, କହୁଚି ଲୁହ ବହୁଛି । (ପୁଅକୁ ଚୁମ୍ବନ କରୁ କରୁ)

ତୁ କେଉଁଠାରୁ ପାଇଥିଲୁ ବାବା ? ତତେ କିଏ ଏ ଗୀତ ଶିଖାଇ ଦେଇଛି ? ଦାମା ?

ପୁଣ୍ଡରୀକ—(ସ୍ୱଗତ) ହାୟ ସରଳ ବାଳକ ! ତୋର ପିତାର ଅଶ୍ରୁରେ ଯେ ପ୍ରାଣଟା ପ୍ରସ୍ତର ହୋଇ ଯାଇଛି···ସେକଥା ତୁ ଜାଣିବୁ କାହିଁ ?

ବତ୍ସ—ସେହି ଭିଖାରୀ ମା···ସେହି ଯେ ସେ ଦିନ ଆସିଥିଲା । ସେ ମୋତେ ତାର ଗୀତ ଶିଖାଇ ଦେଇଛି....ତାରି ଭଳି ବେଶ କରି ଦେବ ବୋଲି କହିଛି···ମୁଁ ତା ପରି ବୁଲି ବୁଲି ଗୀତ ଗାଇବ, ମା !

ଅପରାଜିତା—ହଉ ବାବା, ବଡ଼ ହେଲେ ଗୀତ ଗାଇବୁ ।

ପୁଣ୍ଡରୀକ—(ମୁଗ୍ଧ ଓ ଶାନ୍ତ ଦୃଷ୍ଟିରେ ଅପରାଜିତା ପ୍ରତି) ତୁମେ କଣ ମୁକ୍ତିର ସନ୍ଧାନ ପାଇ ନାହିଁ ଜିତା ?

ଅପରାଜିତା—(ଈଷତ୍ ହାସ୍ୟ ଓ ମୁଗ୍ଧ ଦୃଷ୍ଟିରେ)···ହଁ....ପାଇଛି ।

ପୁଣ୍ଡରୀକ—(ଦୀର୍ଘଶ୍ୱାସ ସହିତ) ଆଜି ତୁମର ଏହି ଦୁର୍ଭାଗ୍ୟ ସ୍ୱାମୀ ?···

[ ସେତେବେଳକୁ ରାତି ସମ୍ପୂର୍ଣ୍ଣ ପାହି ଯାଇଥିଲା । ଦୀପ୍ତିମାନ୍ ସୂର୍ଯ୍ୟ ପୂର୍ବଦିଗକୁ ସମ୍ପୂର୍ଣ୍ଣ ଆଲୋକିତ କରିଥିଲା । ପୂର୍ବପରିଚିତ ଭିକ୍ଷୁ ପୁଣ୍ଡରୀକ ଗୃହର ପଶ୍ଚାଦ୍‌ଭାଗ ରାସ୍ତାରେ ଠିକ୍ ପୂର୍ବ ପରି ଗମ୍ଭୀର ସ୍ୱରରେ ଗୀତ ଗାଇ ଗାଇ ରାସ୍ତା ପାର ହୋଇ ଯାଉଥିଲା । ଅପରାଜିତା କ୍ଷୁଦ୍ର ବାଳକଟିକୁ କୋଳରେ ଧରି ସେହି ସଙ୍ଗୀତ ଆଡ଼କୁ ଲୁବ୍ଧ ବିସ୍ତାରିତ ନୟନରେ ଚାହିଁ ରହିଲା ! ପୁଣ୍ଡରୀକଙ୍କ ମୁଗ୍ଧ ସଜଳ ଦୃଷ୍ଟିରେ ସେ ସଙ୍ଗୀତକୁ ପାନ କରୁ କରୁ କ୍ରମଶଃ ବଦନମଣ୍ଡଳ ଉଜ୍ଜ୍ୱଳ ହୋଇ ଉଠିଲା ।]

ଆଲୋକେ ମରଇ ଧ୍ୱାନ୍ତ,
ତେଜ ତୁ ସକଳ ଜଞ୍ଜାଳ ଖେଦ
ଆସ ନିଦ୍ରିତ ପାନ୍ଥ !
ବିଫଳେ କା ପଥ ଚାହିଁ,
କା ଲାଗି ହେଲୁ ତୁ ବାଇ ?
ତୋ ପ୍ରିୟର ସୁସ୍ୱତମ
ଭୂମିରେ ନାହିଁରେ ନାହିଁ ।

ରଜନୀ ପାନ୍ଥଶାଳ ପରବାସୀ ଭୃଙ୍ଗ
ମିଳେ ଭ୍ରମୁ ଅବଶ୍ରାନ୍ତ,
ଆସ ନନ୍ଦିତ ପାନ୍ଥ ।

ସେ ଯେ, ତୋ ଲାଗି କରେ ପ୍ରତୀକ୍ଷା,
ନିତ, ତୋ ଦୁଆରେ ମାଗେ ଭିକ୍ଷା,
ନନ୍ଦିତ ତୋ ଚିତ୍ତ-କୁଞ୍ଜକାନନେ
ତାର ପୀରତି ପରୀକ୍ଷା !

ତାଙ୍କୁ, ଦେଖିଛୁ କି ପଥେ ଯାନ୍ତି,
ସେ ଯେ, ଭରମେ ତୋ ଗୀତ ଗାଇ,
ସେ ଯେ, ଚିର ସୁନ୍ଦର ଶାନ୍ତ;
ଚିର ଆକୁଳ ତୋହର ପାଇଁ;
ରଜନୀ ପାନ୍ଥଶାଳ ପରବାସୀ ଭୃଙ୍ଗ
ଆରେ ନନ୍ଦିତ ପାନ୍ଥ ।

(ପଟପରିବର୍ତ୍ତନ)

ଯବା

# ତୃତୀୟ ଅଙ୍କ

## ଦୃଶ୍ୟ ଏକ

[ କେତେକ ବର୍ଷ ପରେ ଶ୍ରାବଣର ଅନ୍ଧକାର ରଜନୀ—ରୋଗ ଶଯ୍ୟାରେ ପୁଣ୍ଡରୀକ—ଅଦୂର ଗୃହକୋଣରେ ମ୍ଳାନାଲୋକର ଅସ୍ପଷ୍ଟ ଶିଖା, ନିର୍ବାଣୋନ୍ମୁଖ ଜୀବନ ପରି କରୁଣ, ଶାନ୍ତ—ଶଯ୍ୟା ପାର୍ଶ୍ୱରେ ଗୋଟିଏ କରୁଣ ଆଳାପର ଆଭାଷ ବା ପ୍ରତିବିମ୍ବ ପରି ଅପରାଜିତା ଉପବିଷ୍ଟା··· କକ୍ଷାନ୍ତରରେ ଗୋଟିଏ ଅଷ୍ଟମ ବର୍ଷୀୟ ବାଳକ ଓ ତିନ ବର୍ଷର ଶିଶୁ କନ୍ୟା···ରୁଗ୍ଣ ଓ କ୍ଷୀଣ ପୁଣ୍ଡରୀକ କଫର ଝଙ୍କାର ସହ ଡାକଲେ । ]

ପୁଣ୍ଡରୀକ—ଜିତା, ସେହି ପାଦ ତଳଟାରେ ବସିଛ କାହିଁକି ?···ଆଉ ଟିକିଏ ଉପରକୁ ଉଠି ଆସ···

ଅପରାଜିତା—ଦୀପଟା ଟିକିଏ ଆଉ ତେଜ ଦେବି କି ?

ପୁଣ୍ଡରୀକ—(ସ୍ୱଗତ) ନିର୍ବାଣ ଦୀପରେ ତେଲ ଢାଳି ଲାଭ କଣ ?···ଦୀପ ନିଭିବାରେ ଯେ ତାର ମୁକ୍ତି···ହାୟ ମାନବ !···( ପ୍ରକାଶ୍ୟେ ) କେତୋଟି ଦୋଳପୂର୍ଣ୍ଣିମା ଭୋଗ କଲେ, ଜିତା ? ··· ଦଶୋଟି ···ନା ?···ମୋର କଣ ଆଉ ସ୍ମରଣ ହେଉଛି କି ?···ଛାତିଟା ଏତେ ଦୁର୍ବଳ ଲାଗୁଛି ଯେ···(କଫର ଝଙ୍କାର)

ଅପରାଜିତା—ଆଚ୍ଛା ମୁଁ ତ ବାରମ୍ବାର ତୁମକୁ ମନା କଲି···ତୁମ୍ଭ ହୁଅ···ଯେତେ କହିଲେ ତୁମେ କଣ ମନା ଶୁଣିବ ଯେ···( ଅଶ୍ରୁମୋଚନ )

**ପୁଣ୍ଡରୀକ**—ମନା ଯେଉଁଠା ବେଳ ଚାଲି ଗଲାଣି ଜଡ଼ା···ଚାଲି ଗଲାଣି। .... ନିର୍ବାପିତ ଦୀପକୁ ପୁଣି ଆଉ ଜାଳିବାର ବୃଥା ଚେଷ୍ଟା କର ନାହିଁ। ....ବୃଥା....ବୃଥା....ଆଜି ଯେ ମୋର ମୁକ୍ତିର ଦିନ....

**ଅପରାଜିତା**—ଆଚ୍ଛା, ମୁଁ ତୁମ ପାଦ ଧରୁଛି, ସେପରି ଗୁଡ଼ାଏ ଅଯଥା କହ ନାହିଁ।

**ପୁଣ୍ଡରୀକ**—ହାଃ, ହାଃ···(କଫର ଝଙ୍କାର) ନିଷ୍ଠୁର ନିୟତି ଯେ ତୁମ ଭଳି ଶିଶୁର କାକୁତି ମିନତି ଶୁଣେ ନାହିଁ....ତାର ଚକ୍ର ଅବିରତ ଗତି କରି ଚାଲିଛି....ଆଉ ମୂକ ଶିଳା ଭଳି ଦୁର୍ବଳ ମାନବ ସେହି ଚକ୍ରର କରଣୀ ଚାହିଁ ରହିଛି, ଜୀବନର ସକଳ ଅଶ୍ରୁ ଠୁଳ କରି। ....ସେହି....ସେହି....ଚକ୍ରର କରଣୀ, ସେହି ଯେ ମାନବର ମୁକ୍ତି !....ଦୁଃଖ କଣ ?....ସେ ଯେ ସମସ୍ତଙ୍କର ଆନନ୍ଦ....ତୁମର ଏ ଅଶ୍ରୁ କିଏ ଦେଖୁଛି ?....(କଫର ଝଙ୍କାର)

**ଅପରାଜିତା**—ଓଃ, ଆଉ କିଏ ଶୁଣିବ କହ ନା....ମୁଁ ତାଙ୍କୁ ମୋର ସର୍ବସ୍ୱ ଦେଇ ଦେବି....ମା ଭଗବତି, ଦରିଦ୍ର ପ୍ରତି ଏତେ ନିଷ୍ଠୁରତା....ଏତେ ବିପତ୍ତି....

**ପୁଣ୍ଡରୀକ**—ନିଷ୍ଠୁରତା ନୁହେଁ, ପ୍ରିୟେ,....ଦୟା....ଦୟା ସେ। ....ମୃତ୍ୟୁ ଭଳି ଗୋଟାଏ ହର୍ଷ ଅବକାଶ ଦୁଃଖିର ଭାଗ୍ୟରେ ନ ଥିଲେ ଜୀବନ ଯେ ଅସହ୍ୟ ହୋଇ ଉଠନ୍ତା....(କଫର ଝଙ୍କାର).... ଅନ୍ଧ ମାନବ,....କେତେ ଭ୍ରମ, ଭୁଲ କରିଯାଏ ଏହି ଅଳ୍ପକାଳ ....(ପୁଣି କଫ)....କିନ୍ତୁ....ଶେଷରେ ତାର ମୁକ୍ତି ...ନିୟତି ହାତରେ ମୁକ୍ତି....

**ଅପରାଜିତା**—(ସନ୍ତ୍ରସ୍ତ ଓ ବ୍ୟାକୁଳ ସ୍ୱରରେ) ରକ୍ଷା କର, ରକ୍ଷା କର, ପ୍ରଭୁ···ମୋର ସର୍ବସ୍ୱ ନିଅ···ମୋର ଜୀବନ, ପ୍ରାଣ, ମନ, ରୂପ, ଯୌବନ···ଓଃ···

**ପୁଣ୍ଡରୀକ**—ଆଗେ ଯାହାକୁ ଦେବାର କଥା ତାକୁ ଦିଅ, ପରେ ଆଉ ଯାହା ଦେବ।

**ଅପରାଜିତା**—କି ଅବାଧ୍ୟ, ନିଷ୍ଠୁର ତୁମେ ! ଜୀବନଟାଯାକ ରହସ୍ୟ କରି କରି ଗଲ ! ···ସବୁ ଦୁଃଖ କଷ୍ଟରେ ଖାଲି ରହସ୍ୟ···ଖାଲି ଉପହାସ···

ପୁଣ୍ଡରୀକ—ଦରିଦ୍ର ଜୀବନରେ ରହସ୍ୟ ଛଡ଼ା ଆଉ କଣ ଅଛି, ଜିତା ? ....ସବୁ ଯେ ରହସ୍ୟ···ସବୁ ··ରହସ୍ୟ···ସବୁ ଏକ ବିରାଟ ବ୍ୟଙ୍ଗୋକ୍ତି....ଛଳନାର ଉପହାର ! ....ତୁମେ ରହସ୍ୟ···ମୋର ମୋର ସେଇ ସନ୍ଦିଗ୍ଧ ପ୍ରେୟସୀ ରହସ୍ୟ.... ! ···ପିତା, ପୁତ୍ର, ତାରା, ଜଗତ ସବୁ ଯେ ରହସ୍ୟ···ତାହା ଛଡ଼ା ଆଉ କଣ ? ···ଏଇ ଯେ ତୁମର ମୋର ଆସିବା ପୁଣି ଯିବା, ଠିକ୍ ଛୁସ୍ପା-ଡିଷର ତରଙ୍ଗ ପରି,···ଏ କଣ ରହସ୍ୟ ନୁହେଁ ?....

ଅପରାଜିତା—ସବୁ ରହସ୍ୟ ହୋଇ ପାରେ, ମାତ୍ର ନାରୀଜୀବନର ଶ୍ରେଷ୍ଠ ଆଲୋକ....ତାର ସ୍ୱାମୀ....ତାର ଜୀବନ ଯୌବନ ସେ ରହସ୍ୟ ହୋଇ ପାରେ କି ?

ପୁଣ୍ଡରୀକ—କର ନାହିଁ ? ....(କଫ) ....କର ନାହିଁ···ପୁଣି ହେଲ ଆସିବ କରିବ (କଫ)···

ଅପରାଜିତା—ହେ, ମୋର ମୁଣ୍ଡ ଖାଅ···ଟିକଏ ତୁନି ହୁଅନା । ତୁମର ଏ କଥାଗୁଡ଼ାକ ଶୁଣି ମୋର ଯେ ଆତଙ୍କ ଜାତ ହେଉଛି···

ପୁଣ୍ଡରୀକ—ଅଚ୍ଛା, ବେଶ୍, ତେବେ ମୁଁ ଚୁପ୍ ରହୁଛି···କିନ୍ତୁ ଜିତା, ଏଇ ଯେ ଶେଷ ନିଷ୍ପତ୍ତି,···ଶେଷ ସମାଧାନ ! ···ସେଦିନ ହୋଇଥିଲା ତୁମର ମୁକ୍ତିର ଉତ୍ସବ,···ଆଜି ମୋର,···ଆଜି ମୋର ମୁକ୍ତି !···ମୋର ଦୋଳ ପୂର୍ଣ୍ଣିମା !···ଏତେବେଳେ ଦୁଇଟା ଗୋଟାଏ କଥା ନ କହିଲେ ଆଉ ଯେ ସୁବିଧା ମିଳିବ ନାହିଁ....(କଫ) ··ନା, ନା, ଆଉ ମୁଁ ଚୁପ୍ ରହିବି ···ଏ କଣ ? ···ତୁମେ ଏତେ ଅସ୍ଥିର ହୋଇ କାନ୍ଦିବାକୁ ଆରମ୍ଭ କରିଦେଲ ?

ଅପରାଜିତା—କେତେ ଢଙ୍ଗର କଥା କହି ଜାଣ···ତୁମେ ଯଦି ଏଥର ତୁନି ନ ହୁଅ, ମୁଁ ଉଠି ପଳାଇବି···

ପୁଣ୍ଡରୀକ—କିନ୍ତୁ, କହ ନା,···ତୁମେ କଣ ପ୍ରକୃତରେ ମୁକ୍ତିର ସନ୍ଧାନ ପାଇଛ ? (କଫ) ···ମୋର କାହିଁକି ସନ୍ଦେହ...

ଅପରାଜିତା—ରଖ ସେକଥା···ସେଇ ଯେ ଖିଆଲରେ କ'ଣ ଭଙ୍ଗ ଦେଇଥିଲ, ତାକୁ ଆଜଯାଏ ଗଣ୍ଠି କରି ଧରିଛ···ମୋର ସେ ସମସ୍ତ ଗତି···ସମସ୍ତ ମୁକ୍ତି (ରୁଦ୍ଧ କ୍ରନ୍ଦନ)

ପୁଣ୍ଡରୀକ—ଶିଖାଇଲ ନୂତନ, ଶିଖାଇଲ ନୂତନ, ଜିତା....ଆଜି ମଧ୍ୟ ତୁମେ ଯେ ମୁକ୍ତିର ସନ୍ଧାନ ପାଇ ନାହିଁ !....ତବେ ତାହା ପାଇବ··· ନିଶ୍ଚୟ ପାଇବ । ....କେବଳ ଅପେକ୍ଷା··· (କମ୍ପ) ଅପେକ୍ଷା କର ।

[ ପ୍ରଭାତ ହେବାକୁ ଆଉ ଘଣ୍ଟାଏ ବେଳ ଅଛି । କଦାଚିତ କେତେବେଳେ ଗୋଟିଏ କାକ ବା କୁକ୍କୁଟର ପ୍ରଭାତ ଆହ୍ୱାନ....ପୁଣ୍ଡରୀକ ଓ ଅପରାଜିତାର ଦାମ୍ପତ୍ୟ ଜୀବନର ଶେଷ ସମାଧାନ ଆଜି ଯେପରି ହେବ ବୋଲି ଉଭୟେ ନୀରବ ସ୍ଥିର ପରି ମୌନ ଭାବରେ ଅପେକ୍ଷା କରୁଥିଲେ ···ନୀରବତା ଭଗ୍ନ କରୁଥିଲା ରଜନୀର ସାଇଁ ସାଇଁ ଶବ୍ଦ । ]

ପୁଣ୍ଡରୀକ—(ଈଷତ୍ ତନ୍ଦ୍ରାଭିଭୂତ) ଜିତା, ଜିତା, ଖୁବ୍ ଗୁଡ଼ାଏ ଶୋଇ ପଡ଼ିଲି···ନା !....

ଅପରାଜିତା—(ହଠାଏ ତନ୍ଦ୍ରାଳସ ଅବସ୍ଥାରୁ ମୁକ୍ତ ହୋଇ ) ଖୁବ୍ ଗୁଡ଼ାଏ କଣ ? ଦୁଇ ତିନ ଘଣ୍ଟାରୁ ବେଶି ହେବ ନାହିଁ···ନିଦ୍ରାବସ୍ଥାରେ ସୁଦ୍ଧା ଥରେ ଥରେ ଉସ୍ନାନିକ କାଶ ହେଉଥିଲ···ତୁମେ ସେହି ପରି ଅଜ୍ଞାନ ଅବସ୍ଥାରେ ପଡ଼ିଥାଅ ।

ପୁଣ୍ଡରୀକ—ତେବେ କଣ ତୁମେ ଏପରି ରାତିଯାକ ବସି ରହିଛ ?

ଅପରାଜିତା—ବସିଛି ଆଉ କଣ ? ···ମତେ ବି ବେଶ୍ ନିଦ ହୋଇ ଯାଇଥିଲା । କଣ ଏଆଡ଼ୁ ସେଆଡ଼ୁ ଗୁଡ଼ାଏ ସ୍ୱପ୍ନ ଦେଖୁଥିଲି··· ଦେଖୁଥିଲି ଆମ ମିଳନର ପ୍ରଥମ ପୂର୍ଣ୍ଣିମା···ସମସ୍ତ ଜଗତ୍ ଅବର ଭଙ୍ଗରେ ରଞ୍ଜିତ କି ଶୁଭ୍ର ଜ୍ୟୋତ୍ସ୍ନା ! ତାରି ମଧ୍ୟରେ ତୁମେ ଯେପରି ତୁମର ପୂର୍ବର ଯୌବନ ଫେରି ପାଇଛ ହସି ହସି ହାତ ଧରି କହୁଛ ''ଜିତା, ଜିତା, ଆଜି ଯେ ଆମର ମୁକ୍ତିର ଦିନ''....ତା ପର ତୁମେ ଡାକଦେଲ....ଚୁଇଁକରି ସ୍ୱପ୍ନଟା ଭାଙ୍ଗିଗଲା ।

ପୁଣ୍ଡରୀକ—( ମୁଦ୍ରିତ ଚକ୍ଷୁ ଓ ଈଷତ୍ ହାସ୍ୟର ଅଭିନୟ ) ଜାଣ, ଜିତା ? ଜଗତ୍ ବିଖ୍ୟାତ ବୀର ନେପୋଲିଅନ ଦିନେ ଏହିପରି ଅଶ୍ୱପୃଷ୍ଠରେ କେତେକ୍ଷଣ ଲାଗି ଘୁମାଇ ପଡ଼ିଥିଲେ···ନ ହେଲେ ଅନବରତ ଯୁଦ୍ଧ....ଯୁଦ୍ଧ ··ସଂଗ୍ରାମ । ... ମାତ୍ର ପରିଣାମ ? ବିଜୟଲକ୍ଷ୍ମୀଙ୍କୁ ସେ ଆୟତ୍ତ କରି ପାରି ନ ଥିଲେ କି ତୁମେ ମଧ୍ୟ ପାରିବ ନାହିଁ···

ସର୍ବଜୟୀ ନିୟତିର ଉପହାସରେ ନେପୋଲିଅନଙ୍କର ସକଳ ସ୍ୱପ୍ନ ଯେପରି ନିଭିଗଲା, ସେହିପରି ତୁମର ଶତ ଚେଷ୍ଟା, ଅନିଦ୍ରା, ବ୍ୟାକୁଳତା ସବୁ ଯେ ନିଭିଯିବ....ଠିକ୍ ଏହି ଅଦୂର ଦୀପଶିଖା ପରି....

**ଅପରାଜିତା**—ହଉ, ହଉ, ଆଉ ବେଶୀ ବକିବାକୁ ହେବ ନାହିଁ। ପୁରୁଷ ପ୍ରକୃତି ଚିରକାଳ ଏତେ ନିଷ୍ଠୁର, ଏତେ ହୀଣ ବୋଲି ତ ମୋର ଧାରଣା ନ ଥିଲା ! ....କେତେ ଥର କହିଲି, ଚୁପ୍ କର ଟିକିଏ, କାଶଟା ଅନେକ ଶାନ୍ତ ହୋଇ ଯାଇଛି···ତାପ ମଧ୍ୟ କମି ଅଛି ···ନା, ସେହି ବାତୁଳତା....ସେହି ଉଗ୍ର ଉନ୍ମାଦ....ମତେ କଣ ଜଡ଼ କରି ଦେଲେ ତୁମେ ଖୁସି ହେବ ? ପିଲା ଦି'ଟା ଯେ ଉଠି ଆହୁରି ଅଧୈର୍ଯ୍ୟ ହେବେ···କାନ୍ଦ ବୋବେଇ ଆହୁରି ବ୍ୟସ୍ତ କରିବେ···

**ପୁଣ୍ଡରୀକ**—କିନ୍ତୁ ବ୍ୟସ୍ତ ତ କରିବେ କେତେ....ଦିନେ ଦୁଇ ଦିନ···ଏକ ସପ୍ତାହ....ଏକ ମାସ....ବାସ୍....ସେଇଠି ଯବନିକା !

**ଅପରାଜିତା**—ତୁନି ପଡ଼ ନା ଟିକିଏ ! କି ବିପଦ ! ....

**ପୁଣ୍ଡରୀକ**—ହଁ, ହଁ, ମୁଁ ବଡ଼ ଅବାଧ୍ୟ....ନା ? ଜୀବନଟାଯାକ ସଂଯତ ହୋଇ···ଆଜି ଟିକିଏ ତୁମ ପାଖରେ ଅସଂଯତ ହେବାକୁ ଇଚ୍ଛା ବଳୁଛି ! ମୋର ଏହି ଶେଷ ଆନନ୍ଦରୁ କାହିଁକି ମତେ ବଞ୍ଚିତ କରୁଛ ? ଆସ, ଆସ, ଆଉ ଟିକିଏ ପାଖକୁ ଆସ ! ....ନା ନା ···ଦୂରକୁ ଯାଅ !···ଏ ବଡ଼ ମାରାତ୍ମକ....(କଫର ଘଙ୍କାର)

**ଅପରାଜିତା**—(ଅଞ୍ଚଳରେ ଲୋତକ ପୋଛୁ ପୋଛୁ ପୁଣ୍ଡରୀକ ପାର୍ଶ୍ୱକୁ ଆହୁରି ଲାଗିଯାଇ ) ନ ମ, ନା, ଆଉ କାହା ପାଖକୁ ଯିବ ? ···ଏହି ଅନାଥା ନାରୀର ଆଉ କେଉଁଠାରେ···ଆଶ୍ରୟ···

**ପୁଣ୍ଡରୀକ**—ଛି, ଛି, ପୁଣି ତୁମର ସେହି ଭୀତି ! ଏତେ ସେବା ଯତ୍ନ ତୁମର !....ଭଗବାନ୍ କଣ ଏତେ ଅନ୍ଧ ଯେ, ତୁମକୁ ହତାଶ କରିବେ ?....ମତେ ଆଜି ଅନେକ ଭଲ ଜଣା ପଡ଼ୁଛି···

**ଅପରାଜିତା**—ଭଗବାନ୍ ? ଭଗବାନ୍ କଣ ଅଛନ୍ତି, ପ୍ରିୟତମ ? ଅଛନ୍ତି ସେହି ମୂକ, ପ୍ରସ୍ତର, ଭଗବାନ୍ ? କାହିଁ ? ସେ ଥିଲେ ଦରିଦ୍ର ଉପରେ ଏତେ ଅତ୍ୟାଚାର !···

ପୁଣ୍ଡରୀକ—ଅଛନ୍ତି, ଜନନୀ, ଅଛନ୍ତି !...ଆମର ଦୁଃଖରେ, ସୁଖରେ, ଆନନ୍ଦରେ, ଅଶ୍ରୁରେ, ସବୁ ଅବସ୍ଥାରେ ତାଙ୍କର ନୀରବ ଆଗମନୀ...ନ ହେଲେ ଏହି କ୍ଷୁଦ୍ର ଜୀବନରେ କେତେ ସଂଗ୍ରାମ ...କେତେ ସନ୍ଦେହ...କେତେ ଭ୍ରାନ୍ତି ! ...ଏହାର ସମାଧାନ କରୁଛି କିଏ ? ..ଭଗବାନ୍...ଭଗ...ବାନ୍ (କାଶ) ....କି ଯନ୍ତ୍ରଣା ! ....କିନ୍ତୁ....କିନ୍ତୁ ତୁମେ ଅଛ....ଅଛ !...ତା ନ ହେଲେ ଏ ଦରିଦ୍ର ଜୀବନକୁ କିଏ...ଅକାତର ସ୍ୱବରେ...ସ୍ନେହ ପ୍ରୀତି ମମତାର ଆଲୋକରେ...ଆଲୋକିତ କରନ୍ତା ।...ଏ ସନ୍ଦେହ ଅପାର...ଶେଷ ସମାଧାନ...(କାଶ) ...ଉଃ ମୋ ଛାତିରେ ଟିକିଏ ହାତ ରଖ, ଜନନୀ ।

ଅପର୍ଣ୍ଣଜନନୀ—ତୁମେ ଏଥର ଚୁପ୍ ନ କଲେ ନିଷ୍ଟୟ କରି ମୁଁ କହୁଛି, ମରିବ ।(ପୁଣ୍ଡରୀକଙ୍କ ବକ୍ଷରେ ହସ୍ତ ସ୍ଥାପନ କରି ) ବୁଝି ଯୋଖଣୀକୁ ଡେଇଁ ପଡ଼ିବ ।

ପୁଣ୍ଡରୀକ—(କାଶ) ନା, ନା, ଏଥର ନିଶ୍ଚୟ ଚୁପ୍ !...ରାତି ବୋଧହୁଏ ପାହି ଆସୁଛି...ଟିକିଏ ପୂର୍ବପାଖ ଝରକାଟା ଖୋଲି ଦିଅ ନା ? ...ମୁକ୍ତ ଆଲୋକ ପ୍ରବେଶ କରୁ...ବହୁଦିନ ରୁଦ୍ଧ ଗୃହର ଅନ୍ଧକାରରେ ରହି ରହି....ପିଲାଏ ଉଠିଲେଣି ? ତୁମେ ଯାଅ... ଯାଅ, ମୁଁ ବେଶ୍ ଆରାମ ବୋଧ କରୁଛି ।

ଅପର୍ଣ୍ଣଜନନୀ—(ଝରକା ଖୋଲି ଦେଇ) ହଁ, ଖରା ପଡ଼ି ଆସିଲାଣି... (ଅନ୍ୟ ପାଖ ଝରକା ଖୋଲି, ଈଷତ୍ ଚମକିତ ଭାବରେ) ଏଁ, ପିଲା ଦୋ'ଟା ଏଥି ଭିତରେ କୁଆଡ଼େ ଉଠି ପଳାଇଲେଣି ! ଏ ଦୋ'ଟାଙ୍କୁ ଆଉ ପାରିଲି ନାହିଁ । ପୋଡ଼ା କପାଳକୁ ସବୁ ବିପଦ ଏକାଠି ।

ପୁଣ୍ଡରୀକ—ଯାଇଥିବେ...ଯାଇଥିବେ, ଜନନୀ,...ବିରକ୍ତ ହେଉଛ କାହିଁକି ? ସେମାନେ ତ ଆଉ ମୋ ପରି ଚଳତ୍‌ଶକ୍ତିହୀନ ହୋଇ ନାହାନ୍ତି...ପ୍ରଭାତର ଏ ଉଜ୍ଜ୍ୱଳ ଆଲୋକରେ...ଏହି ମୁକ୍ତ ପବନରେ...ଜୀବନର ପାଖୁଡ଼ାଗୁଡ଼ାକୁ ଟିକିଏ ଫୁଟିବାକୁ ଦିଅ ..

ଅପରାଜିତା—ତୁମେ ଯାହା କହ, ଏ ଦୁଇଟା ଏତିକି ବେଳକୁ କେବଳ ମୋର ମସ୍ତ ବିପଦ୍ ।

ପୁଣ୍ଡରୀକ—ବିପଦ୍ ? ""ବିପଦ୍ ଆଉ ଜୀବନରେ ଏକମାତ୍ର ଆଶ୍ୱାସ କିଏ, ଜିତା ? ସେହିମାନେ ଯେ ଆମର ଦୈନ୍ୟ ନିପୀଡ଼ିତ ଜୀବନର ଶ୍ରେଷ୍ଠ ସମାଧାନ (କଫ)

[ ଅନ୍ୟ ଦିଗରୁ ସ୍ୱସ୍ତିଦତ୍ତ ଓ କନ୍ୟା ସ୍ୱସ୍ତିଲତାର ପ୍ରବେଶ·· ସ୍ୱସ୍ତିଲତା କେତେଗୁଡ଼ିଏ ମାଳତୀ ଫୁଲ ଧରି । ]

ସ୍ୱସ୍ତିଦତ୍ତ—ମା ! ମା ! ମା ମ, ମା !

ସ୍ୱସ୍ତିଲତା—ମା ମ, ମା ! ଶୁଣ ନା....ବଡ଼ ଭୋକ କଲାଣି ମା,···କ'ଣ ଖାଇବାକୁ ଦିଅ ନା, ମା ମ, ଶୁଣୁ ନାହିଁ କିଆଁ ?

ସ୍ୱସ୍ତିଦତ୍ତ—ବାବା, ମା କାହିଁ, ବାବା ?

ପୁଣ୍ଡରୀକ—(ଅତ୍ୟନ୍ତ ଧୀର ସ୍ୱରରେ) ସେହି ତଳ ଘରକୁ ଯାଇଥିବ ···ବୋଧହୁଏ ମୁହଁ ହାତ ଧୋଉଥିବ···ଯାଅ ··

ଅପରାଜିତା—(ଈଷତ୍ ବିରକ୍ତ ହୋଇ) ଅଇଲେ ମୋର କୁଳପାବନ ପୁତ୍ର ! ସକାଳୁ କୁଆଡ଼େ କୋଉଁ ହାଣି ଯାଇଥିଲ କି ? ଏଆଡ଼େ ବାବାଙ୍କର ହେଲାଣି କଣ, ନା ସକାଳୁ ପେଟ ପୋଡ଼ି ଯାଉଛି, ତେ କଣ ଖାଇବ, ହୁଁ ଆସ, ଏଇଲାଗେ ଗୁନ୍ଧିବାଡ଼ି ରଖିଛି ଯେ ପରଶି ଦେବ !

ସ୍ୱସ୍ତିଦତ୍ତ—ନାହିଁ ମା, ଏହି ଦ୍ୱାରରେ ଡାକ୍ତର ବାବୁ !

ଅପରାଜିତା—( ଅଶ୍ୱସ୍ତି ଓ ବ୍ୟଗ୍ରତାର ସ୍ୱରରେ ) ଏଁ, ଡାକ୍ତର ବାବୁ, କାହାନ୍ତି ? କାହାନ୍ତି ?

ସ୍ୱସ୍ତିଲତା—( ଅଧିକତର ବ୍ୟଗ୍ରତା ଓ ଆନନ୍ଦ ସହ ) ଡାକ୍ତର ବାବୁ, ପୁଣି ତାଙ୍କ ସଙ୍ଗେ ବଡ଼ ମାଉସୀ···ସେ ଆମ ଦ୍ୱାର ପାହାଣ୍ଡରେ ଠିଆ ହୋଇଛନ୍ତି । ଆମକୁ କହିଲେ, ଯା ମାକୁ କହି ଦେ ।

ଅପରାଜିତା—(କନ୍ୟାକୁ ଚୁମ୍ବନ କରୁ କରୁ) ସତ୍ୟ ତ ମା ? ଚାଲ ବାବା ଡାକ୍ତର ବାବୁ କେଉଁଠି ଅଛନ୍ତି ଡାକି ଆଣିବା, ସେ ତୁମ ବାବାଙ୍କୁ ଔଷଧ ଦେବେ ?

ସ୍ବପ୍ନଲତା—ମା, ମା, ସାହବଘର ବାଡ଼ରେ କେତେ ମାଳତୀ ଫୁଲ ଫୁଟି ଥିଲା···କେତେ ଯେ ତଳେ ପଡ଼ିଛି···ମୁଁ ଏତକ ତୋ ପାଇଁ ଆଉ ବାବା ପାଇଁ···

ଅପରାଜିତା—ଚାଲ, ଚାଲ ଆଗେ ··କେତେଥର ବଡ଼ ଗଡ଼ ଜମ୍ବୁ କରିବାକୁ ଝିଅ ମୋର ଯାଇଥିଲା···

[ଅପରାଜିତା ଦ୍ୱାର ପାଖରେ ଉପସ୍ଥିତ ହୋଇ ଦେଖିଲା, ସାହେବ ଧରଣର ପୋଷାକ ପିନ୍ଧା ଜଣେ ଡାକ୍ତର....ବାହାରେ ଖବ୍ କର୍ମତତ୍ପର ଓ ବ୍ୟସ୍ତ ଦେଖା ଯାଉଥିଲେ । ତାଙ୍କ ପାଖରେ ଠିଆ ହୋଇଥିଲେ ଜଣେ ଭଦ୍ର ମହିଳା···ପ୍ରକୃତରେ ଡାକ୍ତରଙ୍କର ଠିକ୍ ବିପରୀତ···ସ୍ଥିର, ଗୋଟିଏ ଅଚଳ ପାଷାଣରେ ଖୋଦିତ ପ୍ରତିମୂର୍ତ୍ତି ପରି ତାଙ୍କର ରୂପଶ୍ରୀ···ମଧ୍ୟମ ଜୀବନର ସୌନ୍ଦର୍ଯ୍ୟ ସଙ୍ଗେ ଅବିଚଳିତ ଭାବର ସମିଶ୍ରଣ ଏକ ଅପୂର୍ବଶ୍ରୀ ଧାରଣ କରି ତାଙ୍କର ସମସ୍ତ ମୁଖମଣ୍ଡଳକୁ ଉଜ୍ଜଳ କରିଥିଲା···ଚକ୍ଷୁ ଯୁଗଳ ଉଜ୍ଜ୍ୱଳ, ତୀକ୍ଷ୍ଣ, ମାତ୍ର ଶାନ୍ତ....ଭାଲ ଦେଶରେ ଚପଳ କାଳର ହିଁଉଛି ଗୋଟିଏ ରେଖା । ]

ଅପରାଜିତା—(ବ୍ୟଥିତ ଶାନ୍ତ ସ୍ୱରରେ) ନମସ୍କାର....ଆସନ୍ତୁ, ଦ୍ୱାରଟାରେ ଠିଆ ହୋଇ···

ଡାକ୍ତର—ନା, ନା, କିଛି କ୍ଷତି ନାହିଁ, ଚାଲନ୍ତୁ ଯିବା....ଏ ଭଦ୍ରମହିଳାଙ୍କୁ ବୋଧହୁଏ ଚିହ୍ନନ୍ତି ନାହିଁ ? ଆମ ସାହିରେ ଏହାଙ୍କ ଘର । ସେ ପୁଣ୍ଡରୀକ ବାବୁଙ୍କର ସହପାଠୀ ଓ ବନ୍ଧୁ, ତାଙ୍କର ପୀଡ଼ା କଥା ଶୁଣି ନ ଥିଲେ କି ନା ! ଶୁଣିଲା ମାତ୍ରକେ ଦେଖିବାକୁ ଆସିଛନ୍ତି । ତାଙ୍କର ନାମ ଉତ୍ପଳବର୍ଣ୍ଣା,....ନାମ ଶୁଣି ନ ଥିଲେ ବୋଧ ହୁଏ ? ତାଙ୍କର ପିତାମହ ଜଣେ ପ୍ରସିଦ୍ଧ ଖ୍ରୀଷ୍ଟଧର୍ମ ପ୍ରଚାରକ, ଏ ଦେଶରେ ଯେ କେତେଜଣ ଶିକ୍ଷିତ ଭଦ୍ରଲୋକ ପ୍ରଥମେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ, ସେ ସେମାନଙ୍କର ଅଗ୍ରଣୀ....ତାଙ୍କର ପିତା ମଧ୍ୟ କଲିକତାର ଜଣେ ବିଖ୍ୟାତ ବାରିଷ୍ଟର । ଆମର ଏ ସହରରେ ତାଙ୍କର ଘର ବାଡ଼ି ଜମି ଜାଗା ସବୁ ...କିଛି ଦିନ ଲାଗି ଏଠାକୁ ସେମାନେ ବାୟୁ ପରିବର୍ତ୍ତନ କରିବାକୁ ଆସିଛନ୍ତି ।

ଅପରାଜିତା—(କଞ୍ଚିତ ଆଶ୍ଚର୍ଯ୍ୟ ହୋଇ) ଓଃ ! ଆପଣ ?....ନମସ୍କାର ନମସ୍କାର....ଆପଣ ଯେ ମୋର ଭଉଣୀ ? ଆସନ୍ତୁ ଆସନ୍ତୁ··· ଆପଣ ଆସିବା ପୂର୍ବରୁ ଖୁବ୍ ଆପଣଙ୍କୁ ମାଉସୀ କରି ସାରିଛି ।

ଉତ୍ପଳବର୍ଣ୍ଣା—(ଈଷତ୍ ହସି) ନମସ୍କାର....ହଁ ସେ ପିଲମାନଙ୍କର ଚିରନ୍ତନ ଅଭ୍ୟାସ । ବର୍ତ୍ତମାନ ଅବସ୍ଥା କପରି ? ଟିକିଏ ଭଲ ଅଛନ୍ତି ତ ?

ଅପରାଜିତା—( ଚକ୍ଷୁ ସହାନୁଭୂତିରେ ଅଶ୍ରୁପୂର୍ଣ୍ଣ ହୋଇ ଉଠିଲା ) ଆଉ ଭଲ କଣ ଭଉଣୀ ! ଏ ରୋଗରେ କଣ ଆଶା ଥାଏ ଯେ ମୋର ରହିବ ?

ଉତ୍ପଳବର୍ଣ୍ଣା—ଛି, ଛି, ଏତେ ବଡ଼ ସଂସାରଟାକୁ ମୁଣ୍ଡରେ ବହି ଏତେ ଅସ୍ଥିର ହେଲେ ଚଳିବ ? ମୋର ବିଶ୍ୱାସ, ସେ ନିଶ୍ଚୟ ଭଲ ହୋଇଯିବେ....ଈଶ୍ୱର କଣ ଏଡ଼େ ମୂଢ଼ ?

ଅପରାଜିତା—ମୂଢ଼ କି ପଣ୍ଡିତ କିଏ ଜାଣେ, ଭଉଣୀ ? ମୁଁ ତ ଦେଖୁଛି, ତାଙ୍କର ଯେତିକି ବ୍ରହ୍ମାସ୍ତ୍ର ସବୁ ଆମ ଦୁଃଖିମାନଙ୍କ ଲାଗି । ଯାହା ହେଉ, ଏ ଗରିବ କୁଡ଼ିଆରେ ଭଉଣୀ ଟିକିଏ ପାଦ ପକାଇଲେ—ଏହି ଯଥେଷ୍ଟ···

ଉତ୍ପଳବର୍ଣ୍ଣା—ଛି, ଛି, ସେ କଥା କଣ କହୁଛ ! ତୁମେମାନେ ଦରିଦ୍ର, ଆଉ ଧନୀ କେଉଁମାନେ ? ଆଉ ମୁଁ ? ମୁଁ ଯେ ଜମା ଏ କଥା ଜାଣି ନାହିଁ ! ତା ନ ହେଲେ ତ କେତେଦିନୁ ଆସି ସାରନ୍ତିଣି !

ଡାକ୍ତର—ନା, ନା, ସେ ଆଦୌ ଏକଥା ଜାଣନ୍ତି ନାହିଁ । ମୁଁ ଅବା କହିଥାନ୍ତି···ସେ ଯେ ପୁଣ୍ଡରୀକଙ୍କର ବନ୍ଧୁ, ଏକଥା ମୁଁ ତ ଜାଣି ନ ଥିଲି ।

[ଧୀରେ ଧୀରେ ସମସ୍ତେ ରୋଗିଶଯ୍ୟା ନିକଟରେ ପହଞ୍ଚିଲେ । ପୁଣ୍ଡରୀକ ଈଷତ୍ ବ୍ୟାକୁଳ ନେତ୍ରରେ ଗୁହାଁ ଉଠିବାକୁ ଚେଷ୍ଟାକଲେ, ମାତ୍ର ପାରିଲେ ନାହିଁ । ]

ପୁଣ୍ଡରୀକ—ନମସ୍କାର, ଡାକ୍ତର ବାବୁ··· (ଉତ୍ପଳବର୍ଣ୍ଣାଙ୍କୁ ଲକ୍ଷ୍ୟ କରି ଆଶ୍ଚର୍ଯ୍ୟାନ୍ୱିତ ଭାବରେ ଗୁହାଁ ଉଠିବାର ଚେଷ୍ଟା )···ଓଃ ! ତୁମେ ?···ତୁମେ କେବେ....(କମ୍ପ) ?···

ଡାକ୍ତର—ଦେଖନ୍ତୁ, ଉଠିବାକୁ ଚେଷ୍ଟା କରିବେ ନାହିଁ । ଯେପରି ଦୁର୍ବଳ, ଆପଣ ଉଠିବାର ଚେଷ୍ଟା କଲେ ହୁଏତ···ପରିଣାମ ଭଲ ହେବ ନାହିଁ ।

ପୁଣ୍ଡରୀକ—ହାଃ, ହାଃ,....ଏଇ ତ ଗୋଟାଏ କିଛି ?···ରକ୍ତାଧିକ୍ୟ,—ମୂର୍ଚ୍ଛା,···ହୃତ୍‌ପିଣ୍ଡର କ୍ରିୟା ବନ୍ଦ,···ମୃତ୍ୟୁ···ଏହିଥିରୁ କଣ ତ ଗୋଟାଏ କିଛି ଅଭିଧାନର ସାଫଲ୍ୟ ?

ଡାକ୍ତର—(ତାପ ପରୀକ୍ଷା କରୁ କରୁ) ମୁଁ ପରା କେତେ ଦିନ ହେଲା କହି ଆସୁଛି, ଆପଣ ବେଶି ବକିବେ ନାହିଁ ? ଆପଣ ଜାଣିବା ଶୁଣିବା ଶିକ୍ଷିତ ଲୋକ ହୋଇ ଏପରି କରିବା ଅତ୍ୟନ୍ତ ପରିତାପର ବିଷୟ ନୁହେଁ କି ?

ପୁଣ୍ଡରୀକ—ଆଜି ପରିତାପ···ଅନୁତାପ···ଅଭିଶାପ···ବାକ୍ୟାଳାପ ସମସ୍ତ ଯେ ଶେଷ ହେବ ଡାକ୍ତର ବାବୁ !

ଡାକ୍ତର—କାହିଁକି ଗୁଡ଼ାଏ ଅପଥା ବକି ଯାଉଛନ୍ତି ?

ଉତ୍ପଳବର୍ଣ୍ଣା—(କିଞ୍ଚିତ ଶାନ୍ତ ଗମ୍ଭୀର ସ୍ୱରରେ) ଦେଖ, ସେହି ତୁମର ଏକବାଗିଆ ଢଙ୍ଗ ଚିରଦିନ ଲାଗି ଗଲା ନାହିଁ ।

ଅପରାଜିତା—କହ ନାହିଁ ଭଉଣୀ, ମୁଁ ଜୀବନ୍ତ ମରଣ ଭୋଗିଲିଣି ।

ପୁଣ୍ଡରୀକ—ଆଉ ବେଶି ଭୋଗିବାକୁ ହେବ ନାହିଁ, ଜିତା....

ଅପରାଜିତା—ଶୁଣ, ମତେ ସବୁବେଳେ ଏହିପରି କରି ଡରାଇ ଦେଉଛନ୍ତି, ଆଜି ବାଗୁଲ ପରି ଏଣୁ ତେଣୁ ଗୁଡ଼ାଏ ବକୁଛନ୍ତି । ଏଥିରେ ପରିଣାମ ଯାହା ହୁଏ ! କାଲି ରାତିସାରା କାଶି କାଶି ଅସ୍ତବ୍ୟସ୍ତ···

ଡାକ୍ତର—(ଡାକ୍ତର ଗୋଟାଏ ଇନ୍‌ଜେକ୍‌ସନ୍ ପ୍ରସ୍ତୁତ କରୁ କରୁ) ଆପଣଙ୍କ ଦେହ ଲାଗି ଆପଣ ସବୁ ଡାକ୍ତରଙ୍କୁ ମାରି ନିଜେ ଯଦି ଡାକ୍ତର ବନନ୍ତି, ତେବେ ମୋର ଆସିବାର ପ୍ରୟୋଜନ କଣ ?

ପୁଣ୍ଡରୀକ—ନା, ନା, ଡାକ୍ତର ବାବୁ···ମୁଁ ଜାଣେ, ମୃତ୍ୟୁ ସମୟରେ ମଧ୍ୟ ସତ୍ୟ କଥାଟା ଆପଣମାନେ କହି···ଦେବେ ନାହିଁ ....

(କଫ ଓ ରକ୍ତ ବମନ)

ଡାକ୍ତର—ହେଇ ଦେଖନ୍ତୁ ପରିଣାମ । ମୁଁ ଆଜି ଆଉରି ଗୋଟାଏ ଇଞ୍ଜେକ୍‌ସନ୍ ଦେଇଯିବି ।

ସୁଣ୍ଡ୍ରଶିକ—ଆପଣଙ୍କର ଯାହା ଇଚ୍ଛା କରନ୍ତୁ, ମାତ୍ର ଆଉ ନିର୍ବାଣ ଦୀପଟାରେ ତେଲ ଢାଳିବାରେ କି ଲାଭ ?

ଡାକ୍ତର—କି ହେ, ଏ କି କଥା ?···ଆମେ ପରା ଡାକ୍ତର ?··· ଯମ ସଙ୍ଗେ ଲଢ଼ି ଲଢ଼ି ଆପଣଙ୍କୁ ସେପାରରୁ ଏପାଖରେ ରହି ଟାଣି ଆଣିବୁ ? ବିଂଶ ଶତାବ୍ଦୀର ସାରଥୀ ପରା ଆମେମାନେ ?

ସୁଣ୍ଡ୍ରଶିକ—(ଈଷତ୍ ହାସ୍ୟକରି) ଠିକ୍‌କଥା କହୁଛନ୍ତି ଆପଣ···କିନ୍ତୁ ବିଂଶ ଶତାବ୍ଦୀର ଯମ ଯେ ଆହୁରି ପରାକ୍ରାନ୍ତ, ଦୁର୍ଦ୍ଦାନ୍ତ ଓ ଅବାଧ.... ତାର ଖବର ରଖିଛନ୍ତି ତ ? ....ହଉ....ଯାହା ଇଚ୍ଛା କରନ୍ତୁ··· (ଡାକ୍ତରଙ୍କର ଔଷଧ ପ୍ରସ୍ତୁତ କରି ଇଞ୍ଜେକ୍‌ସନ୍ ଦେବାର ଚେଷ୍ଟା)

ସୁଣ୍ଡ୍ରଶିକ—ଉଃ, ଉଃ ! କି ଯନ୍ତ୍ରଣା....

ଡାକ୍ତର—(ହସ୍ତ ପରିଷ୍କାର କରି ସାରି ଓ ଯନ୍ତ୍ର ଆଦି ନିଜ ବ୍ୟାଗ୍‌ରେ ସାଇତି) ଆଚ୍ଛା ବେଶ୍, ଏଥର ମୁଁ ଆସେ ! ଆଜି ଆଉ କେତୋଟି ରୋଗୀ ଅଛନ୍ତି । ଟିକିଏ ଦେଖିବାକୁ ପଡ଼ିବ । (ଉତ୍ପଳବର୍ଣ୍ଣା ପ୍ରତି) ଆଜି ଆପଣଙ୍କ ଗୃହରଥ ବୋଧହୁଏ ଦ୍ୱାରରେ ବସି ରହିଥିବ ? ତେବେ ମୁଁ ଏଥର ଆସେଁ ?.... ନମସ୍କାର !

ସୁଣ୍ଡ୍ରଶିକ—ନମସ୍କାର ।

ଉତ୍ପଳବର୍ଣ୍ଣା—ନମସ୍କାର ।

[ଡାକ୍ତର ଅତି ଶୀଘ୍ର ଚାଲି ଯାଉ ଯାଉ ପଛକୁ ଫେରି ଦେଖିଲେ, ଅପରାଜିତା ତାଙ୍କର ଅନୁଗମନ କରୁଅଛି ଓ ବିନୀତ ସ୍ୱରରେ କେତେ-ଗୁଡ଼ିଏ ଅସ୍ପଷ୍ଟ କଥା କହୁଅଛି ।]

ଅପରାଜିତା—ଡାକ୍ତର ବାବୁ···ମୁଁ ତ ଦରିଦ୍ର···ଆପଣ ଏ କେତେ ଦିନ ହେଲା ଯେ କେତେ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି···ମୋର ଭାଗ୍ୟରେ ଯାହା ଥିବ ତାହା ସିନା ହେବ । ଆପଣ କଣ କରିବେ ? ଆପଣ ପାରୁ ପର୍ଯ୍ୟନ୍ତ କରିଛନ୍ତି....ମୁଁ ତ ଚିରଦୁଃଖିନୀ....କଣ ବା ଦେଇ ପାରିବି ଆପଣଙ୍କୁ ?··ଏହି ଅଳ୍ପ ଦାମର ହାରଟି ବଳୟ···ଏତିକି ମୋର ଶେଷ ମୂଲ୍ୟବାନ୍ ସମ୍ବଳ—

ଡାକ୍ତର— (ହଠାତ୍ ଚମକିତ ହୋଇ) ଏ କଣ ? ଛି, ଛି, ଆପଣଙ୍କ ହାତ ଖାଲି କରି ଛି, ଛି, ଥାଉ, ଥାଉ, ଥାଉ, ପରେ ଦେଲେ କୁଆଡ଼େ ଯାଉଛି—ରୋଗ ଭଲ ହୋଇଗଲେ ମୁଁ ଆପଣଙ୍କ ସ୍ୱାମୀଙ୍କଠାରୁ ମୋର ପାରିଶ୍ରମିକର ଶତ ଗୁଣ ଆଦାୟ କରି ନେବି—ଆପଣ ଯା'ନ୍ତୁ ସେଆଡ଼େ; ଆଉ ତାଙ୍କୁ ରଖନ୍ତୁ...ଆଉ କେବେ ସେପରି କଲେ ମୁଁ ଆପଣଙ୍କ ଦ୍ୱାର ପର୍ଯ୍ୟନ୍ତ ମାଡ଼ିବି ନାହିଁ । ଆପଣ ଜାଣନ୍ତି ନାହିଁ, ଆପଣଙ୍କ ସ୍ୱାମୀ ମୋର ମଧ୍ୟ ବହୁତ ହିତର ବନ୍ଧୁ ।

ଅପରାଜିତା—ଆପଣଙ୍କ ଉପକାର ମୁଁ ତ ଜନ୍ମ ଜନ୍ମାନ୍ତରରେ ପରିଶୋଧ କରି ପାରିବି ନାହିଁ । କିନ୍ତୁ ଡାକ୍ତର ବାବୁ, ଅବସ୍ଥା କପରି ଦେଖୁଛନ୍ତି ? ବହୁତ କାକୁତି ମିନତି କରି କହୁଛି....ସତ କଥା କହି ଦିଅନ୍ତୁ ନା ?... (ଅଶ୍ରୁମୋଚନ)

ଡାକ୍ତର—ବଡ଼ ହରକତ କରୁଛନ୍ତି ଆପଣ ! ଆମ ଦେଶର ନାରୀମାନେ ସବୁ ସମୟରେ ଏପରି ଅସ୍ଥିର ! ଏଆଡ଼େ ସ୍ୱାଧୀନତା, ମୁକ୍ତି, ଆନ୍ଦୋଳନ, ସେପଟେ ଅପ୍ରାସଙ୍ଗିକ ପ୍ରଳାପ ! ମୁଁ ତ ଥରେ ଆପଣଙ୍କୁ କହି ରଖିଛି ଯେ, ମୁଁ ମୋର ପ୍ରାଣପଣେ ଚେଷ୍ଟା କରୁଛି ।

ଅପରାଜିତା—ହଁ, ସେକଥା ତ ମୁଁ ମୁକ୍ତକଣ୍ଠରେ କହୁଛି ! ...ଏପର୍ଯ୍ୟନ୍ତ

ଡାକ୍ତର—ତେବେ ରୋଗର ଗତି କେଉଁଆଡ଼କୁ ଯାଉଛି ? ...ଏପର୍ଯ୍ୟନ୍ତ ତ ବେଶ୍ ଭଲ ଅଛନ୍ତି । ଏହି ଆଜିକାର ଔଷଧ କିଛି ଦିନ ବ୍ୟବହାର କଲେ ସମ୍ପୂର୍ଣ୍ଣ ସୁସ୍ଥ ହେବାର ଖୁବ୍ ସମ୍ଭବ । ଏଥର ଆପଣ ଯା'ନ୍ତୁ । କଫ ପଡ଼ିବାର ସମୟଟା ଆଉ ଟିକିଏ ବଢ଼ି ଯିବ । ଆଉ ତହିଁରେ ବେଶି କରି କାର୍ବଲିକ୍-ଲୋସନ୍ ଢାଳିଦେବେ । ଯଦି ଆଉ କିଛି ଅବସ୍ଥାର ପରିବର୍ତ୍ତନ ହୁଏ ଭୟ କରିବେ ନାହିଁ । ବନ୍ଧୁଙ୍କୁ ମୋ ନିକଟକୁ ପଠାଇ ଦେବେ ...ନା, ନା, ବୁଢ଼ା ଚାକରକୁ ପଠାଇ ଦେବେ ।

[ ଡାକ୍ତରଙ୍କର ପ୍ରସ୍ଥାନ... ଅପରାଜିତା ଦୀର୍ଘନିଶ୍ୱାସ ପକାଇ ଦ୍ୱାର ବନ୍ଦ କରି ଧୀରେ ଧୀରେ ଫେରି ଆସିବ । ]

## ଦୃଶ୍ୟାନ୍ତର

ଉତ୍ପଳବର୍ଣ୍ଣା—ଏତେ ବଡ଼ ବ୍ୟାଧି ତୁମର ହେଲା…ଟିକଏ ଖବର ପର୍ଯ୍ୟନ୍ତ…ହୁଁ କାହିଁକି ଦେବ ! …ତୁମର ଚଇଦନ ଏଭଳି ଅସାଂସାରିକ ଖବର ଟିକଏ ହେଲେ ପରିବର୍ତ୍ତନ ହେଲା ନାହିଁ !

ସୁଣ୍ଡଶିକ—ବ୍ୟାଧି ତ କେତେ ଲୋକଙ୍କର ହେଉଛି ଉତ୍ପଳ…କେତେ ଖବର ପାଉଛୁ ଆମ୍ଭେମାନେ ?…ତା ପରେ…ତୁମ ମୋ ଭିତରେ ପାର୍ଥକ୍ୟର…ସୀମା ଏତେ ପରିସର ଯେ…(କଫ)

ଉତ୍ପଳବର୍ଣ୍ଣା—ହଁ…କାଶିଲାବେଳେ ଖୁବ୍ ଯନ୍ତ୍ରଣା ହେଉଛି…ନା ?

ସୁଣ୍ଡଶିକ—ମଧ୍ୟେ ମଧ୍ୟେ ଖୁବ୍…ସବୁବେଳେ ନୁହେ ।

ଉତ୍ପଳବର୍ଣ୍ଣା—କପଣ ତୁମର କେଉଁଠୁ ଏଭଳି ବ୍ୟାଧି ହେଲା ?

ସୁଣ୍ଡଶିକ—ଦରିଦ୍ର ଜୀବନରେ ପୁଣି ସ୍ଥାନ ପାତ୍ରର ନିର୍ବାଚନ !… ବ୍ୟାପାରଟା ନିତାନ୍ତ ହାସ୍ୟାସ୍ପଦ ନୁହେଁ କି, ଉତ୍ପଳ ?…

ଉତ୍ପଳବର୍ଣ୍ଣା—ତେବେ….?

ସୁଣ୍ଡଶିକ—ତେବେ ଆଉ କଣ ?…ମୋର ତ ଅବସ୍ଥା ଜାଣ ।… ସେଥିରେ ଯେ ବାଦ୍ୟ ଶବ୍ଦ ବନ୍ଧୁଛରେ…ମୁଁ ମୋ ଲାଗି ବା ମୋ ପରିବାର ଲାଗି କୌଣସି ଅସ୍ତ୍ର ସଂଗ୍ରହ କରି ନ ପାରିଛି, ସେଥିରେ ଚିନ୍ତିତ ହେବାର କଣ ଅଛି, ଉତ୍ପଳ ? ‥

ଉତ୍ପଳବର୍ଣ୍ଣା—ସେଭଳି ଗୁକରଟା କଥା କେତେ ବର୍ଷ ତଳେ ଦେଖିଥିଲ ?

ସୁଣ୍ଡଶିକ—ନା, ସେଇଟା ହେଲା ନାହିଁ, ଆଉ ଗୋଟାଏ ଏବେ ଯୋଗାଡ଼ ଚାଲିଛି ।

ଉତ୍ପଳବର୍ଣ୍ଣା—କେଉଁଠି ?

ସୁଣ୍ଡଶିକ—କେଉଁଠି ? ବୁଝି ପାରୁ ନାହିଁ ? ଦେଖ ‥(ଉପରକୁ ହସ୍ତ ନିର୍ଦ୍ଦେଶ କରି)

ଉତ୍ପଳବର୍ଣ୍ଣା—(ନୀରବରେ ଦୀର୍ଘନିଶ୍ୱାସ ପକାଇ) ତୁମେ କିନ୍ତୁ ଚିରଦିନ ତୁମ ସ୍ୱାସ୍ଥ୍ୟଟାକୁ ଅବହେଳା କର । ଖାଲି ତୁମେ ଏକା ନୁହ… ତୁମ ଶ୍ରେଣୀର ଅନେକ ଲୋକ ଏହିପରି ନିଜ ପ୍ରତିଭା ମୋହରେ ସ୍ୱାସ୍ଥ୍ୟଟାକୁ ଅବହେଳା କରନ୍ତି । ଏଭଳି ଆତ୍ମହତ୍ୟା…ଯାହା କି, ମହାପାପ ।

ପୁଣ୍ଡରୀକ—ଆଉ ସେ ପ୍ରତିଭା…ଆଉ ସ୍ୱାସ୍ଥ୍ୟ !…କିନ୍ତୁ ଏମାନଙ୍କୁ ଟିକିଏ ବଡ଼ ହେବାରେ ଦେଖି ଥିବି,…ଏତିକି ଭରସା ରଖି ପାରେଁ କି ? ଏ ପିଲା ଦୁଇଟିଙ୍କର....(କମ୍ପ ଓ ଅଶ୍ରୁମୋଚନ)…ତୁମ ବ୍ୟତୀତ ଆଉ ମୁଁ କାହା ଉପରେ ନିର୍ଭର କରିପାରେଁ ବୋଲି ମନେ ହେଉ ନାହିଁ । ଆଜି ଅବଶ୍ୟ ଏତେଗୁଡ଼ାଏ ଦାବି…

ଉତ୍ପଳବର୍ଣ୍ଣା—(ବାଧା ଦେଇ) ଆଉ, ତୁନି ହୁଅ…ତୁମେ ଏତେ କଥା କାହିଁକି ଅଯଥା କଳ୍ପନା କରି ନିଜକୁ ପୀଡ଼ା ଦେଉଛ ? ପିଲା ଦୁଇଟି କଣ ମୋର ଆତ୍ମୀୟ …? (ଆଗତା ଅପରାଜିତାକୁ ଲକ୍ଷ୍ୟ କରି) ଏହି ଯେ ଭଉଣୀ ! ତୁମେ ଗଲା ପରେ ପୁଣି ସେହିପରି ବକ୍ ବକ୍…ମୁଁ ଯେତେ ବୁଝାଇଲେ ଟିକିଏ ଚୁପ୍ କରି, ସେହି ପ୍ରଳାପ…ଏପରି ଅଦ୍ଭୁତ ଜୀବ ! ଜୀବନର ଆରମ୍ଭରୁ…ପ୍ରାନ୍ତଯାଏ ସେହି ପ୍ରଳାପ…ସେହି ବାତୁଳତା ।

ଅପରାଜିତା—ମୋର ଦୁର୍ଭାଗ୍ୟ ଯେ !

(ପଟପତନ)

## ଦୃଶ୍ୟ ଦୁଇ

[ପର ରାତ୍ରିର ଦୃଶ୍ୟ । ସେହିପରି ନିର୍ଜନ ରାତ୍ରିର ଶେଷ ଅଂଶ— ସେହି କକ୍ଷ···ସେହିପରି ଶଯ୍ୟାଶାୟୀ ରୁଗ୍ଣ ପୁଣ୍ଡରୀକ ଏବଂ ଶଯ୍ୟାର ନିମ୍ନ ଦେଶରେ ଚିନ୍ତାକ୍ଲିଷ୍ଟା ଉପବିଷ୍ଟା ଅପରାଜିତା ।]

ପୁଣ୍ଡରୀକ—(କଫ ଝଙ୍କାର ସହିତ ରକ୍ତବମନ) ଜିତା ! ଜିତା ! ଜିତା ! କୁଆଡ଼େ ଚାଲିଗଲ କି ?···ଏହି ଶେଷଥର ଲାଗି ପାଖକୁ ଆସ, ଆସ, ଆସ···ଥରେ ମୋର ଶେଷ କଥାଟି ଅନ୍ତର ଖୋଲି କହିଯାଏଁ···। ଉତ୍ପଳ ! ଉତ୍ପଳ ! ଚାଲିଗଲ ?···ଓଃ ! କି ଯନ୍ତ୍ରଣା ?···ହଁ,···(ପୁନର୍ବାର କଫର ଝଙ୍କାର) ···ଶିଖାର ନିର୍ବାଣ ପୂର୍ବରୁ ପ୍ରଦୀପଟା ବେଶ୍ ଜୋରରେ ଜଳି ଉଠେ···ନା ? ···(ପୁନର୍ବାର କଫ)

ଅପରାଜିତା—ପୁଣି କଣଗୁଡ଼ାଏ କହିବାକୁ ଆରମ୍ଭ କଲଣି ? ମୁଁ ଯେ ଏହି ପାଖରେ ବସିଛି ।

ପୁଣ୍ଡରୀକ—ତୁମେ ଜାଗ୍ରତ ?···ତେବେ ଏପରି ମୂକ ପ୍ରସ୍ତର ଭଳି ନିର୍ବାକ୍ ···ନିସ୍ପନ୍ଦ···ଓଃ !

ଅପରାଜିତା—ନା, ତୁମକୁ ଆଜି କଥା କହିବାକୁ ଆଦୌ ଦେବି ନାହିଁ ।

ପୁଣ୍ଡରୀକ—ମୁଁ ମଧ୍ୟ ଆଜି ତୁମର ବଡ଼ ବାଧ୍ୟ···କିନ୍ତୁ···

ଅପରାଜିତା—ମୋର ଯେ କାହିଁକି ଆଜି ପାଦ ଚଳୁ ନାହିଁ ଗୋ ?....କଣ କରିବି ?·· ଡାହାଣ ଆଖିଟା ମୁହୁର୍ମୁହୁଃ କାହିଁକି ଡେଇଁଛି ? ··· (ଅଶ୍ରୁ)

ପୁଣ୍ଡରୀକ—(ସେଥିପ୍ରତି କର୍ଣ୍ଣପାତ ନ କରି ଗଦ୍‌ଗଦ କଣ୍ଠରେ) ହଁ, ଜିତା ଆଜି ଦୋଳପୂର୍ଣ୍ଣିମା···ନା ? କେତୋଟି ଦୋଳପୂର୍ଣ୍ଣିମା···ତୁମେ ଭୋଗ କଲ ? · ଦଶ···ନା, ନା,···ଏଗାରଟି ପର ?···କିନ୍ତୁ

ମୁକ୍ତିର ସନ୍ଧାନ ଏଥିମଧ୍ୟରେ ପାଇଛ କି ନାହିଁ କହିବ ନାହିଁ ପ୍ରିୟେ ?···ପାଇଛ, ନିଶ୍ଚୟ ପାଇଛ, ତୁମେ ପାଇଛ···ମୁଁ ପାଇଛି, ଉତ୍ପଳ ପାଇଛି ! ···କେଡ଼···କେଡ଼....ବଞ୍ଚିତ···ଉଃ ! (କମ୍ପ)

**ଅପରାଜିତା**—ଆଜି ଯେ ଶ୍ରାବଣ ରଜନୀର ଘୋର ଅମାବାସ୍ୟାର ଅନ୍ଧକାର, ପ୍ରିୟତମ ? କାହିଁକି ଏତେ ଅସ୍ଥିର ହେଉଛ ? ଭଉଣୀ ଉତ୍ପଳଙ୍କୁ କାଲି ରାତିରେ ଦାମା କହି ଆସିଛି । ସେ ସବୁଦିନ ଏଣିକି···

**ପୁଣ୍ଡରୀକ**—ହାଃ, ହାଃ, ହାଃ ! ଆଜି ଯେ ପୂର୍ଣ୍ଣିମା···ଏହି ଦେଖୁ ନାହିଁ ? ଶାନ୍ତ ଜ୍ୟୋତ୍ସ୍ନାର କି ସୁମଧୁର ପ୍ଲାବନରେ···ଦିଗଦିଗନ୍ତ କାନନ ପ୍ରାନ୍ତର···ଝଲସି···ଉଠୁଛି···ଆସ, ଆସ,···ଏ କିଏ ? ଉତ୍ପଳ ? ତୁମେ ମଧ୍ୟ ଆଜି ସେହି ମୁକ୍ତ ପ୍ରାନ୍ତରରେ ?

**ଅପରାଜିତା**—ପୁଣି ପାଗଳଙ୍କ ପରି ଉଃ···ମୋର ମୁଣ୍ଡ ଖାଅ, ଟିକିଏ ଦୟା କରି ତୁମ ପ୍ରଳାପଗୁଡ଼ାକ ବନ୍ଦ କର ନା ? ମୋର ଦେହର ରକ୍ତ ଯେ ଜମାଟ ହୋଇ ଆସୁଛି !

**ପୁଣ୍ଡରୀକ**—ମୁଁ କଣ ଜାଣି ଶୁଣି କହୁଛି ? ମୋ ମୁଣ୍ଡଟା ଭିତରେ ଆଜି ଝିମିଝିମି ହେଉଛି···କିନ୍ତୁ ଏତେ ଆନନ୍ଦ !···ଏହାକୁ ପ୍ରଳାପ କହୁଛ, ପ୍ରିୟେ ?

**ଅପରାଜିତା**—ଶ୍ରାବଣର ଅନ୍ଧକାର ରାତି ଯଦି ଦୋଳପୂର୍ଣ୍ଣିମା ହୁଏ, ତେବେ ତାହା ପ୍ରଳାପ ନୁହେଁ ଆଉ କଣ ସତ୍ୟ ?

**ପୁଣ୍ଡରୀକ**—ଆଜି ଯେ ଦୋଳପୂର୍ଣ୍ଣିମା, ଜିତା !···ବିଶ୍ୱାସ କର ବିଶ୍ୱାସ କର···ଶ୍ରାବଣର ଅମାବାସ୍ୟା ?···କେଉଁ !···ଆଜକୁ ଏଗାର ବର୍ଷ ତଳେ···ସେହି ତୁମର ଦୋଳପୂର୍ଣ୍ଣିମା ଆଉ ଆଜି ? ଆଜି ମୋର ପୂର୍ଣ୍ଣିମା ! ···ଆଜି ମୋର ମୁକ୍ତି···ମୁକ୍ତି ! ମୁକ୍ତି !(କମ୍ପ)

**ଅପରାଜିତା**—ଈଶ୍ୱର, ସହାୟ ହୁଅ ! (ଦୀର୍ଘ ନିଶ୍ୱାସ ସହ ଜଡ଼ମୂର୍ତ୍ତି ପରି ନିସ୍ପନ୍ଦ ହୋଇ ଊର୍ଦ୍ଧ୍ୱ ଦୃଷ୍ଟି )

**ପୁଣ୍ଡରୀକ**—ଏହି ଯେ ଦୋଳୋତ୍ସବ ମୋର !···ପ୍ରିୟେ, ତୁମେ ସେଥିରେ ସେଥିରେ ଯୋଗ ଦେବ ନାହିଁ ?···ନା, ନା ତୁମର ପ୍ରଶ୍ନର ଯେ

ସମାଧାନ ହୋଇ ନାହିଁ···ବର୍ତ୍ତମାନ ସୁଦ୍ଧା ତୁମେ ମୁକ୍ତିର ଡାକ ଶୁଣି ନାହଁ···କେବଳ ବନ୍ଧନ !···ବନ୍ଧନର ଡାକ (କମ୍ପ) ଓଃ ! ଭାର ଯନ୍ତ୍ରଣା···ଭାର ଆନନ୍ଦ···ଭାର ଉତ୍ସବ ମୋର, ମୋର ସେହି ବନ୍ଧୁ ବନର ସାକ୍ଷୀ—ସେହି ଉତ୍ସ ତାର ସେହି ସଙ୍ଗୀତଟା···ସେହି ଗାନ ଜୀବନକାବ୍ୟର ଗୋଟାଏ ଛିନ୍ନ ପୃଷ୍ଠା ···ଜାଣ ? ଜାଣ, ଜିତା ?···କଣ ? ମୃତ୍ୟୁ ଜନମ ସକଳକୁ ଭଲ ପ୍ରିୟ···ହେ ମୋର ଦେବତା···ଓଃ, ଆଜ ମନେ ପଡ଼ୁ ନାହିଁ ସବୁ ଅସ୍ପଷ୍ଟ···ଅସ୍ପଷ୍ଟ !···

**ଅପରାଜିତା**—(ଅଶ୍ରୁ ରୁଦ୍ଧକଣ୍ଠରେ ପୁଣ୍ଡରୀକର ପଦଯୁଗଳକୁ ଧରି) ତୁମେ ତ ମୋର ମୁକ୍ତି, ପ୍ରିୟତମ ! ତୁମେ ମୋର ମୁକ୍ତିର ଶ୍ରେଷ୍ଠ ଗ୍ରନ୍ଥ ···ତୁମେ ମୋର ଶ୍ରେଷ୍ଠ ସମାଧାନ ! ତୁନି ହୁଅ···ତୁନି ହୁଅ···

**ପୁଣ୍ଡରୀକ**—ନା, ନା, ଭୁଲ କହୁଛ ! ଏ ଖାଲି କଥାର କଥା···ସତ କହୁଛ ?···ତୁମେ ମୁକ୍ତିର ସନ୍ଧାନ ପାଇଛ ? ତେବେ, ତେବେ ···ଆସ ପ୍ରିୟେ···ଏହି ମୁକ୍ତ,···ଜ୍ୟୋତ୍ସ୍ନାପ୍ଳାବିତ ପ୍ରାନ୍ତରରେ··· ଆଜ ସେହି ମିଳନ ପୂର୍ଣ୍ଣିମାର ଅଭିନୟ କରିବା ନା, ନା, ସ୍ଥିର ହୁଅ ମସ୍ତିଷ୍କ ! କିଏ ତୋର ସାଥି ? କାହିଁ ବା ତୋର ପାଥେୟ ? ଏକାକୀ···ଏକାକୀ···(ପ୍ରବଳ କମ୍ପ ଓ ଦୁର୍ବଳ ଭାବରେ କିଛି ସମୟ ନୀରବ ରହିବା )

**ଅପରାଜିତା**—ସହାୟ ହୁଅ ଭଗବାନ୍···ସହାୟ ହୁଅ ପ୍ରଭୋ···ମୋର ଏକମାତ୍ର ସମ୍ବଳକୁ···

**ପୁଣ୍ଡରୀକ**—ପାଇଛ ?

**ଅପରାଜିତା**—ପାଇଛି, ବିଶ୍ୱାସ କର ତୁମର ପ୍ରାଣରେ···ଆମର ଏହି ଦରିଦ୍ର କୁଟୀରରେ, ଏହି ଦରିଦ୍ର ଜୀବନରେ ପାଇଛି...ସନ୍ଧାନ ପାଇଛି ।

**ପୁଣ୍ଡରୀକ**– ସେହି ଦୋଳୋତ୍ସବର ସନ୍ଧାନ···ସେହି ଆନନ୍ଦ···ପାଇଛ, ଜିତା ? ସତ୍ୟ କହୁଛ ? ସେହି ନିତ୍ୟ ନୂତନ ବାସର ସନ୍ଧାନ ପାଇଛ ?···ଆଜି···ଆଜି···ସେହି ମିଳନ ପୂର୍ଣ୍ଣିମାର···ସେହି ମଧୁର ବଂଶୀ ସ୍ୱରର···ଅବସାନ ନାହିଁ ! ··କାହିଁ !···କେଉଁଠି,

ଜିତା ? କେଉଁଠି ତୁମେ ?···ଆସ, ଆସ, ଆହୁରି ପାଖକୁ ଲାଗି ଆସ···ସବୁଠାରୁ ନିକଟତମ ତୁମେ ଆଜି ··ନା, ନା, ସମଗ୍ର ବିଶ୍ୱ···ସମଗ୍ର ଜୀବନ ··ସମଗ୍ର ଅନୁଭବ ଦୁଃଖ ଯାତନା··· ବ୍ୟର୍ଥଚେଷ୍ଟା···ସ୍ନେହ ମମତା, ପ୍ରୀତି···ସବୁ ଆନନ୍ଦ ଆନନ୍ଦମୟ ଆଜି !···ସକଳ ଅନୁଭୂତି···ଜ୍ୟୋତ୍ସ୍ନାଲୋକରେ ପ୍ଲାବିତ !—କାହିଁ ? କାହିଁ ସେ ସଙ୍ଗୀତଟା ?···ଏଇ ଯେ କଦମ୍ବ ଫୁଲର ସୁଗନ୍ଧ ! ତା ସହିତ ପୁଣି ଉତ୍ସବଘଣ୍ଟାର ଆହ୍ୱାନ—ଶୁଣି ପାରୁ ନାହିଁ ? ···ଶୁଣି ପାରୁ ନାହିଁ ?···ଦିଅ···ଦିଅ ··ସେଇ ସଙ୍ଗୀତଟା !—ଆଜ ସେଇ ଘଣ୍ଟାର ମଧୁର ଆହ୍ୱାନରେ ସମସ୍ତ ସଙ୍ଗୀତ ମିଶିଯାଉ··· ମୃତ୍ୟୁ ଜନମ ସକଳକୁ କଲା ପ୍ରିୟ···କିଏ···କିଏ ?—ମନେ ପଡ଼ୁ ନାହିଁ ?

ଅପରାଜିତା—ହଁ, ସେଇଟା ଯେ ଗିର୍ଜାର ଘଣ୍ଟା ବାଜୁଛି ?···କେତେଦିନ ତ ଗିର୍ଜାର ଘଣ୍ଟା···ଏଇ ସମୟରେ ବାଜି ଉଠୁଛି···କେବେ ଶୁଣେ ···ଓଃ (ରୁଦ୍ଧ କ୍ରନ୍ଦନ) ।

ପୁଣ୍ଡରୀକ—ମିଥ୍ୟା କହୁଛ···ସେ ଯେ ନିତ୍ୟରାସସ୍ଥଳୀର ଆହ୍ୱାନ··· ଆହ୍ୱାନ ସଙ୍ଗୀତ ··ଶୁଣ···ଶୁଣ···ସେଇ ଯେ ଘଣ୍ଟା···ସେଇ ସେ ନିଷ୍କୃତିର ଘଣ୍ଟା · ନିଷ୍କୃତିର ଆନନ୍ଦ ଆହ୍ୱାନ···ହାଃ, ହାଃ··· ଧରିବାର ଚେଷ୍ଟା ?···ଧରିବାର ଚେଷ୍ଟା ?···ଧରି ପାରିବ ? କି ଆନନ୍ଦ !···ଆନନ୍ଦ !···ଆନନ୍ଦ !···ଛୁଉ···ଛୁଉ···(ଏଥର କଫ ଅଧିକତର ପ୍ରବଳ ଓ ସଙ୍ଗେ ସଙ୍ଗେ ଅତିରିକ୍ତ ରକ୍ତବମନ ଓ ମୂର୍ଚ୍ଛା)

ଅପରାଜିତା—(ବିକଳ ଚିତ୍କାର କରି) ବାବା ରେ !···କିଏ · ଅଛ···ରେ ବାବା···ଗୁରୁ···ଗୁ···ରୁ···ଓଃ !···(ଭୂପତିତ ଓ କ୍ରନ୍ଦନ । ସହସା ଅନ୍ୟ କକ୍ଷରୁ ଗୁରୁଦତ୍ତ ଓ ତାହାର ଭଗିନୀ ଗୁରୁଲତା ଉପସ୍ଥିତ)

ଗୁରୁଦତ୍ତ—(ଭୟବିହ୍ୱଳ ସ୍ୱରରେ)—ମା···ମା···ଉଠ ମ···ମା ··ଉଠ ମ ···ମା···ଆ (ରୁଦ୍ଧକ୍ରନ୍ଦନ)

ଗୁରୁଲତା—ମାଆ, ବାବା କଣ କହୁଛନ୍ତି···ଶୁଣ୍ ନା ମାଆ (ଭୀତ ଓ ବିକଳ କ୍ରନ୍ଦନ)

ଅପରାଜିତା — କାହିଁ···କାହିଁ ମା ତୋର ବାବା ? ତୋର ବାବା ? ବାମା —ଏ ବାମା···ଆଜ ଥରେ ଡାକ୍ତରଙ୍କ ପାଖକୁ ଯାଅ ନା— ବାମା ! (ଭୂମିରୁ ଉଠି ମୁଖ ବସ୍ତ୍ରାଞ୍ଚଳରେ ବନ୍ଧ କରି ଆକୁଳ ନୟନରେ ପୁଣ୍ଡରୀକଙ୍କର ନିସ୍ପନ୍ଦ ଶରୀର ନିରୀକ୍ଷଣ କରିବା)

ପୁଣ୍ଡରୀକ—(କମ୍ପିତ ଊର୍ଦ୍ଧ୍ୱଦୃଷ୍ଟି ହୋଇ ଅଙ୍ଗୁଳି ସାହାଯ୍ୟରେ ବସିବାର ଇଙ୍ଗିତ କରିବା) ଉଃ···ଉଃ···(ପୁନର୍ବାର ନୟନ ମୁଦ୍ରଣ)

ଅପରାଜିତା—ହେ, ହେ, ତୁମର ପାଦ ଧରୁଛି··ଆଉ ଥରେ କଥା କହ ନା···ବାମା ଆ– (ବାମାର ପ୍ରବେଶ—ସମସ୍ତେ ଏକଦୃଷ୍ଟିରେ ଭୟବିହ୍ୱଳ ଭାବରେ ଚାହିଁ ରହିବା )

[ପୁଣ୍ଡରୀକର ପୁନର୍ବାର ବସିବାର ସଙ୍କେତ···ଦୂରଦେଶରେ ମୃଦୁ ମନ୍ଦ ଗମ୍ଭୀର ଘଣ୍ଟାଶବ୍ଦ··ପୂର୍ବଦିଗ ଉଷାର ଆଭାସରେ ଶାନ୍ତ, ଉଜ୍ଜ୍ୱଳ ।[

ଶ୍ରୁତଦତ୍ତ—ଝରକାଟା ଖୋଲିଦେବି, ବାବା ?

ପୁଣ୍ଡରୀକ—(ସଙ୍ଗେ ସଙ୍ଗେ ପୁଣି ଅନେକଗୁଡ଼ାଏ ରକ୍ତବମନ)···ହିଁ···ଅଁ ଅଁ···(ପୁନର୍ବାର ଚକ୍ଷୁମୁଦ୍ରିତ କରି ନୀରବ ହେବା ଓ ଅପରାଜିତା ନିର୍ବାକ ନୟନରେ ପୂର୍ବଦିଗ ଆଡ଼କୁ ଚାହିଁ ରହିବା —ସକଳ ଅଜ୍ଞାତରେ ପୁଣ୍ଡରୀକର ଶ୍ୱାସରୋଧ ହେବା ଓ ସେ କମ୍ପିତ ଊର୍ଦ୍ଧ୍ୱଦୃଷ୍ଟି ହୋଇ ନିସ୍ପନ୍ଦ ଭାବରେ ପଡ଼ି ରହିବା ।)

ଶ୍ରୁତଦତ୍ତ—ବାବା, ସେଇ ଭିକାରୀ ପୁଣି ଗୀତ ଗାଉଛି ଯେ ! ତାକୁ ଡାକି ଆଣିବି ? ଏଇ ଯେ ସେ ଆମର ବସ୍ତାପାଖ ଝରକା ପାଖରେ ଠିଆ ହୋଇଛି (ପୁଣ୍ଡରୀକର ଗାତ୍ର ସ୍ପର୍ଶ କରି) ବାବା, ବାବା (କମ୍ପିତ ବିସ୍ମିତ ହୋଇ ଅପରାଜିତା ପ୍ରତି) ମା··ମା ···ମା···ବାବା···କାହିଁକି···

ଅପରାଜିତା—ଏଁ !···ଏଁ·· ( ଶବ ନିକଟକୁ ଛୁଟି ଯାଇ ବ୍ୟାକୁଳ ଭାବରେ ପାଦ ଦୁଇଟିକୁ ଜଡ଼ିତ କରି ଉଚ୍ଚସ୍ୱରରେ ଚିତ୍କାର କରିବା )

(ପଟପତନ)

●

## ଦୃଶ୍ୟାନ୍ତର

[ ଗୃହର ଅନ୍ୟ ପାର୍ଶ୍ୱର ରାସ୍ତାରେ ପୂର୍ବ ପରିଚିତ ଭିକ୍ଷୁଟି ଗୃହ ମଧ୍ୟରେ ସମସ୍ତ କୋଳାହଳକୁ ଅବହେଳା କରି ସଙ୍ଗୀତ ଗାଉଥିଲା । ]

ତେଜ ସକଳ ଆଶା ଆଜି,
ଉଦିତ ସୂର୍ଯ୍ୟ— ଦୀପ୍ତି ଆଲୋକେ
ପସରଣି ନିଅ ମାଜି ।
ତେଜି ସକଳ ଛଳନା ଗ୍ଲାନି
ତେଜି ବାସନା ମୋହ ମାୟା
ଭ୍ରାନ୍ତି ତିମିର ଅନ୍ଧକାରେ
କାହିଁ ବା ମିଳଇ ରାହା,
ତେଜି ସକଳ ଛଳନା ଗ୍ଲାନି ।
ମୁକ୍ତ ଅମର ସଙ୍ଗୀତ ଶୁଣ
ତୋହ ଲାଗି ଉଠେ ବାଜି,
ତୋର ପସରଣି ନିଅ ମାଜି ।
ଦେବତାର ମୃଦୁ ଆହ୍ୱାନ ଆସେ
ଦୂରୁ,
ହେ ଚିରମୁଗ୍ଧ ! ଆସ ଅନ୍ଧାର
ପୁରୁ
ଆଜି ସକଳ ଛଳନା ଶେଷ,
ଆଜି ନିର୍ବାଣ ଦୁଖ କ୍ଲେଶ,
ଆଜି ଡାକଇ ସଂଘ— ବୁଦ୍ଧ ଦେବତା
ତୋ ଲାଗି ଦିବ୍ୟ ବେଶ !
ଆଜି ସକଳ ଛଳନା ଶେଷ !
ଅରୂପ ସ୍ୱପ୍ନରେ ଜୀବନର ତୋର
ବନ୍ଦନା ଫୁଲ ସଜି
ତେଜି ସକଳ ଆଶା ଆଜି ।

(ଯବନିକା)

# ଚତୁର୍ଥ ଅଙ୍କ

## ଦୃଶ୍ୟ ଏକ

[ ଏକ ବର୍ଷ ଗତ ହେବା ଉପରେ ସେହିପର ଅନ୍ଧକାର ରାତି... ମୃତ୍ୟୁ ପରି ଭୀଷଣ ଦେଖାଯାଉଛି...ତାହା ସହିତ ଅବିରାମ ବାରିଧାରା ଓ ମଧ୍ୟେ ମଧ୍ୟେ ବିଦ୍ୟୁତ୍‌ସ୍ଫୁରଣ—ପୂର୍ବ କନ୍ୟା ଦିଓଟି କକ୍ଷାନ୍ତରେ ଶାୟିତ ।...ବୈଧବ୍ୟର ରୁକ୍ଷ କେଶରେ ଅପରାଜିତା ଶୂନ୍ୟକୁ ଚାହିଁ ଚାହିଁ ଏକାକିନୀ ସଙ୍ଗୀତ ଗାଉଥିଲେ । ]

ଶୂନ୍ୟ ଆଜି ବରଷା ରାତି ଶୂନ୍ୟ ରେ !
ବେଦନାରସେ ଜୀବନପାତ୍ର ପୂର୍ଣ୍ଣ ରେ !
ସରବେ ପ୍ରିୟ ଗଲେଣି ଛାଡ଼ି
ବିଶ୍ୱହାଟେ ପସରା ବାଢ଼ି,
କି ଲାଭ ତୋର, ହେ ପରବାସି,
ପୀରତି-ତୃଷ୍ଣା ଚୂର୍ଣ୍ଣ ରେ !
ବରଷା ରାତି ଶୂନ୍ୟ ରେ ।

ଚପଳା ହାଣେ ଗଗନେ କାଣେ
ଉଠଇ ହସି ବାୟୁ,
ଝଞ୍ଜା ଭୀମ ! ଯାମିନୀ ଡାକେ—
ସରିଲା ତୋର ଆୟୁ ।
ସରିଲା ତୋର ସରିଲା ଖେଳା,
ନାହିଁ ରେ ବେଳା ଆଉ !
ଗଲେଣି ସବୁ ସଉଦା ସାରି,
କା ପଥ ତୁ ବା ଚାହୁଁ ?

ବଜ୍ର ଡାକେ ହସଇ ରାତି,
ପତାଇ ଦେ ତୋ ଚୂର୍ଣ୍ଣ ଛାତି,
ବେଦନାନନ୍ଦେ        ପରାଣ ଝୁର
କାହାକୁ ଖୋଜି, ଖୁଣ୍ଟି ରେ !
ଚଳ ତୁ ଆଜି,        ବରଷା ରାତି
ଶୂନ୍ୟ ରେ !

( ଅନ୍ୟ ପାର୍ଶ୍ୱରୁ ଉତ୍ପଳବର୍ଣ୍ଣାର ପ୍ରବେଶ )

ଉତ୍ପଳବର୍ଣ୍ଣା—ଏକା ଏକା ସବୁ ଗୀତର ମାଧୁର୍ଯ୍ୟତକ ଅନୁଭବ କରୁଛ ଯେ, ଭଉଣୀ ? ଆଉ ଜଣେ ଯେ ତୁମର ଭଉଣୀ ଅଛି, ସେ କଥା ଭୁଲିଯିବା ତୁମର ତ ବଡ଼ ଅନ୍ୟାୟ !

ଅପରାଜିତା—(ଅପ୍ରତ୍ୟାଶିତ ଆନନ୍ଦରେ ଚମକିତ ହୋଇ) ଏଁ ! ଏପରି ବର୍ଷା ! ଏ ଅନ୍ଧକାର ! ଏଥିରେ ତୁମେ ଏକା ଏକା !···

ଉତ୍ପଳବର୍ଣ୍ଣା—(ଗଭୀର କରୁଣ ହାସ୍ୟ କରି) ତୁମ ଗୀତ ଶୁଣିବାକୁ ପରା ଆସିଛି ?

ଅପରାଜିତା—ମୋ ଗୀତକଥା କଣ ପଚାରୁଛ, ଭଉଣୀ ?....ସେ ଗଳାହକୁ···ନା, ନା···ଭଉଣୀ !···ରାତିଟା ବଡ଼ ଶୂନ୍ୟ ନିରାନନ୍ଦ ବୋଧ ହୁଏ, କଣ ଆଉ କରିବି ?....ସବୁ କାମ ସାରି ପିଲା ଦୁଇଟାଙ୍କ ମୁହଁରେ ଦୁଇଟା ଗୁଞ୍ଜି ଦିଏଁ । ସେମାନେ ଶୋଇ ପଡ଼ନ୍ତି । କିନ୍ତୁ....କିନ୍ତୁ....ଏ ଆଖିକୁ ଆଉ ନିଦ କାହିଁ ?···କିଛି ତ ବ୍ୟବସାୟ ନଥାଏ ।....ତେଣୁ ବସି ବସି ଅରେ ଅଧେ କେତେବେଳେ ଗୀତ ପଦେ ଗାଇଦିଏଁ···ଛାଡ଼....ମୋ....ଜୀବନ ଧିକ୍ !

ଉତ୍ପଳବର୍ଣ୍ଣା—ନା, ଭଉଣୀ, ମୁଁ ସେ କଥା ତ କହୁ ନାହିଁ...ମୁଁ କହୁଥିଲି, ତୁମ କଣ୍ଠଟି କି ଚମତ୍କାର !··କି ସୁନ୍ଦର···ତାର ଆଭାସ ସୁଦ୍ଧା ମୁଁ ପୂର୍ବରୁ ଅରେ ପାଇ ନ ଥିଲି । ମୋତେ କି ସେ....

ଅପରାଜିତା—ପୋଡ଼ ହଉ ମୋ ଗୀତ ଗାଇବା ! (ଦୀର୍ଘଶ୍ୱାସ)···

ଉତ୍ପଳବର୍ଣ୍ଣା—ତୁମେ କିନ୍ତୁ ଅଳ୍ପ କଥାରେ ଏତେ ବିଚଳିତ ହେବା ଆଦୌ ସୁନ୍ଦର ନୁହେଁ…ସଂସାରରେ ରହିଲେ କେତେ କଥା ସହିବାକୁ ହୁଏ,....ସେଥିଲାଗି ଦୁଃଖରେ ମ୍ରିୟମାଣ ହେବାଟାକୁ ସେ ସର୍ବଦା ଭୀରୁର ମତି ବୋଲି କହି ଆସିଛନ୍ତି । ବହୁଦିନ ଆମ୍ଭେମାନେ ଶୁଣିଛୁ, ଅସ୍ଫାଳନ କରି ସେ କହନ୍ତି, "ମୁଁ ପୁରୁଷ ! ପୁରୁଷ !....ଜୀବନଯୁଦ୍ଧର ସୈନିକ ମୁଁ !…ଦୁଃଖ ଦୁର୍ଦ୍ଦିନରେ ମସ୍ତକ ଉଚ୍ଚ କରି ମୂକ ପର୍ବତ ପରି ଠିଆ ହେବା ପୁରୁଷର ମତି"…ଗୁଡ଼ ସେ ଆଦର୍ଶକୁ କେଉଁ ଜଣ ବଜାଏ ରଖି ଚାଲି ପାରନ୍ତି ?…

ଅପରାଜିତା—ଆଦର୍ଶ…ଅନାଦର୍ଶ....ସମସ୍ତର ଏକ ପରିଣତି !… (ଅଶ୍ରୁ ମୋଚନ) ମୋର ମରିବାର ସହଜ ଉପାୟ କିଛି ଜାଣ ନାହିଁ, ଭଉଣୀ ?

ଉତ୍ପଳବର୍ଣ୍ଣା—ତୁମର ବେଦନାର ସ୍ମୃତି ଉଦ୍ଧାର କରିବାକୁ ମୁଁ ଏଠାକୁ ଆସି ନ ଥିଲି ଭଉଣୀ…ମୁଁ ଆସିଥିଲି ଗୋଟିଏ ବିଶେଷ କାମରେ…

ଅପରାଜିତା—(କିଞ୍ଚିତ୍ ପ୍ରକୃତିସ୍ଥ ହୋଇ) କାମ ? କି କାମ ?....ମୁଁ ଯେ ଏକାବେଳକେ ପଙ୍ଗୁ, ଭଉଣୀ !…କଣ ମୋ ହାତରେ ହେବ ଯେ....

ଉତ୍ପଳବର୍ଣ୍ଣା—ନା, ସେ ସେପରି କିଛି ଗୁରୁତର ବା କଠିନ କାମ ନୁହେ ।

ଅପରାଜିତା—କଣ ତେବେ କହ ।…ଏ ଗରିବ ଭଉଣୀ ହାତରେ ଯାହା ହେବ ପାରୁପର୍ଯ୍ୟନ୍ତ —

ଉତ୍ପଳବର୍ଣ୍ଣା—ମୁଁ କଣ କହୁଥିଲି କି ?…ଆଜି ତିନି ଦିନ ପରେ ତ କବିଙ୍କ ମୃତ୍ୟୁଦିନ ? ତାଙ୍କର ସ୍ମୃତିପୂଜାର ଗୋଟିଏ ଆୟୋଜନ କଲେ କିପରି ହୁଅନ୍ତା ?…ଏହି ଦେଖ…ଏହି ତାଙ୍କର ଗୋଟିଏ ପଦ୍ୟ…"ଶେଷ ସମ୍ବଳ"…"ମୋର ଶେଷ ସମାଧିରେ ଖୋଦିତ ହେବା ଉଦ୍ଦେଶ୍ୟ"ରେ ହଠାତ୍ ଆଜି…

**ଅପରାଜିତା**—(ଅତ୍ୟନ୍ତ ବିଚଳିତଭାବରେ) କାହିଁ ?…କାହିଁ ?…ଦେଖି….
"ଶେଷ ସମ୍ବଳ" ? 'ଶେଷ ସମ୍ବଳ ?' "ଶେଷ ସମାଧି"…
ଜୀବନର ପ୍ରଦୀପ ଶେଷ ହୋଇ ଆସିଲା ବେଳକୁ ସେ ଏହି
ସମ୍ବଳଟି ଲାଗି ଏକାବେଳକେ ଅସ୍ଥିର ହୋଇ ପଡ଼ିଥିଲେ
ଭଉଣୀ…(ଅଶ୍ରୁମୋଚନ)

**ଉତ୍ପଳବର୍ଣ୍ଣା**—ସତେ ?‥ମୋତେ ଟିକିଏ ଖବର ଦେଲ ନାହିଁ ?‥
ହଁ, ତୁମେ ବା ଜାଣିବ କାହିଁକି ? ବହୁଦିନ ପୂର୍ବେ ଏ ଛିନ୍ନ
ପୃଷ୍ଠାଟି ପାଇ ଗୋଟିଏ ବାକ୍ସରେ ମୁଁ ଗୁଞ୍ଜି ଦେଇଥିଲି, ଆଜି
ମନେ ପଡ଼ୁଛି, ଅନ୍ୟାନ୍ୟ ସଙ୍ଗୀମାନଙ୍କ ସହିତ ଏ କବିତାଟି
ସାହାଯ୍ୟରେ ହଠାତ ଗୋଟାଏ ବଡ଼ ଧରଣର ରହସ୍ୟ କରିବା
ଅଭିପ୍ରାୟରେ ମୁଁ ପଦ୍ୟଟିକୁ ଲୁଚାଇ ରଖିଥିଲି । ମନେ ନ ଥିଲା
…ହଠାତ୍ ବାକ୍ସ ଖଣ୍ଡି ଆଜି ହାତରେ ପଡ଼ିଲା ‥ଖୋଲି ଦେଖେଁ
…ଏହି ଛିନ୍ନ ମ୍ଳାନ କାଗଜ ଖଣ୍ଡି ରହିଛି ।
(ଅପରାଜିତା ହାତକୁ ବଢ଼ାଇଦେବାର)

**ଅପରାଜିତା**—(ପୃଷ୍ଠାଟିକୁ ବ୍ୟାକୁଳ ଭାବରେ ନିରୀକ୍ଷଣ କରୁ କରୁ) ହଁ…
ହଁ ଏହି କାଗଜ ଖଣ୍ଡି…ଭଉଣୀ !…ଓଃ…କି ଅସ୍ଥିରତା
ସେଥିଲାଗି…ସେତେବେଳେ କିଏ ଏ ଗୀତଟି ଗାଇଥାନ୍ତା
ଯେ ?…

**ଉତ୍ପଳବର୍ଣ୍ଣା**—ଆହା, ମୁଁ ସେତେବେଳେ ଜାଣିଥିଲେ କେତେ ଭଲ
ହୋଇଥାନ୍ତା !…

**ଅପରାଜିତା**—(ସ୍ୱଗତ) ଶେଷ ସମ୍ବଳ !…ଶେଷ ସମ୍ବଳ… ! ହଁ,…
ଏହି ମୋର ଶେଷ ସମ୍ବଳ !…ସମସ୍ତ ବିଶ୍ୱରେ ଶେଷ ସମ୍ବଳ !
ଆଉ ସବୁ ଶୂନ୍ୟ…ମରୀଚିକା‥ସ୍ୱପ୍ନ…ମହାଶୂନ୍ୟ !…

**ଉତ୍ପଳବର୍ଣ୍ଣା**—କଣ ଭାବୁଛ ଭଉଣୀ ?… ମୁଁ ଭାବୁଛି, ଏହିଟିକୁ ବଡ଼
ଅକ୍ଷରରେ ଛାପି ତାଙ୍କର ଗୋଟିଏ ଚିତ୍ର ସହିତ ଯୁକ୍ତ କରି
…କାଳର ଧ୍ୱଂସରୁ ଏହାକୁ ରକ୍ଷା କରିବାକୁ…

**ଅପରାଜିତା**—ହିଁ, ତୁମର ଯାହା ଇଚ୍ଛା ଭଉଣୀ ତାହା କର…ମୋର
ବା ଶକ୍ତି ଆଉ କଣ ଅଛି ? ସେ ତ ସେଦିନ ତୁମେ ଗଲା ପରେ
ସେହି କଥାଟି କହି ଯାଇଛନ୍ତି ।

ଉତ୍ପଳବର୍ଣ୍ଣା—ଓଃ…ମୁଁ ଗଲା ପରେ…(କ୍ଷଣକାଳ ନୀରବ ରହି) ସେଦିନ ମୁଁ ଗଲା ପରେ ?…କଣ କହୁଥିଲେ ?

ଅପରାଜିତା—କହୁଥିଲେ, ବିପଦ ଆପଦ ସବୁ ସ୍ଥଳରେ ତୁମ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରିବାକୁ…ମୁଁ ଦେଖୁଛି, ତାହା ମଧ୍ୟ ବିଧିନିର୍ବନ୍ଧ…ଆଉ କହୁଥିଲେ ସେ…"ତୁମର ତ ସଂସାରରେ ଆପଣାର ଆଉ କେହି ନାହିଁ, ତୁମେ ଉତ୍ପଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ପାର…ଅତି ଉନ୍ନତ ସେ…ଅତି ଉନ୍ନତ ତାର ହୃଦୟ…ଧର୍ମତଃ ସେ ତୁମର ଆତ୍ମୀୟ ଓ ଭଗିନୀ…

ଉତ୍ପଳବର୍ଣ୍ଣା—ହଁ, ସେ ତ ଠିକ୍ କଥା…ସେକଥା କହିବାର କି ପ୍ରୟୋଜନ ଅଛି ?

ଅପରାଜିତା—ପ୍ରୟୋଜନ ଅଛି, ଭଉଣୀ…ସେ ଖାଲି କଥାର କଥା ନୁହେ…ସେ ମରଣକାଳର ସତ୍ୟ…ତୁମକୁ ସେ ଏତେ ସମ୍ମାନ କରନ୍ତି ବୋଲି…

ଉତ୍ପଳବର୍ଣ୍ଣା—ସେ ମିଥ୍ୟା କହିବାର ମୁଁ କେବେ ଜାଣି ନାହିଁ ।

ଅପରାଜିତା—ଯେଦିନ ସେ ମୋତେ ଚିହ୍ନାଇ ଦେଇ ନ ଥିଲେ ମୁଁ ତ ତୁମକୁ ଆଉ ସାରା ଜୀବନ ଚିହ୍ନି ପାରି ନ ଥାନ୍ତି

ଉତ୍ପଳବର୍ଣ୍ଣା—ତୁମେ କଣ ମୋତେ ଆଦୌ ଚିହ୍ନି ନ ଥିଲ ?…

ଅପରାଜିତା—ଖାଲି ନାମ ଶୁଣିଲେ ବା ଥରେ ଦେଖିଲେ ତ ଚିହ୍ନା ହୁଏ ନାହିଁ....ଲୋକର ବାହ୍ୟ ଆକୃତି ବା ସ୍ୱରୂପ ତ କୌଣସି ଯୁଗରେ ମହତ୍ତ୍ୱର ପରିଚୟ ଦେଇ ପାରି ନାହିଁ !

ଉତ୍ପଳବର୍ଣ୍ଣା—ଛାଡ଼ ସେସବୁ ଅନାବଶ୍ୟକ କଥା…

ଅପରାଜିତା—ଅନାବଶ୍ୟକ ନୁହେ, ଭଉଣି…ତୁମେ ତାକୁ ଉଦ୍ଭ୍ରାନ୍ତ ପ୍ରଳାପ ମନେ କରି ପାର, ମାତ୍ର ସେ ମୋ ହୃଦୟରେ ଦୈବବାଣୀ ପରି ଲାଗି ରହିଛି ।

ଉତ୍ପଳବର୍ଣ୍ଣା—ନାହିଁ ମ, ମୁଁ ପ୍ରଳାପ ବୋଲି କାହିଁକି ମନେ କରିବି ? ମୁଁ ସେହି ହୃଦୟର ମହାନୁଭବତା ଓ ପବିତ୍ର ରଶ୍ମିର ସନ୍ଧାନ ପାଇଲି ଦିନୁଁ ଭାବେଁ, ସେ ସର୍ବଜନପ୍ରିୟ !… କାହାରି ଜଣକର ସ୍ୱାର୍ଥରେ ସୀମାବଦ୍ଧ ନୁହେଁ ସେ ଜୀବନ ! ସମସ୍ତ ସଙ୍କୀର୍ଣ୍ଣତାର ବହୁ ଊର୍ଦ୍ଧ୍ୱରେ ଥିଲା ସେ ହୃଦୟ…ସୁଖାବସ୍ଥାରେ

ଯାହା, ଜୀବନରେ ଠିକ୍ ଦେଖିଲି ତାହା । ଆପଣାର ଆର୍ଥିକ ଅସ୍ୱଚ୍ଛଳତା ସତ୍ତ୍ୱେ ଏ ସହରର କେତେ ଦରିଦ୍ର ପରିବାର···

ଅପରାଜିତା—ସେଦିନ ଅଶ୍ରୁବିଗଳିତ ନେତ୍ରରେ ସେ ଯେ ତୁମ କଥା ସଙ୍ଗେ ସଙ୍ଗେ କେତେ କଥା କହିଛନ୍ତି···ସେଗୁଡ଼ିକ ମୋର ପରମ ସମ୍ପତ୍ତି;···କହିଛନ୍ତି, "ଏହି ଜୀବନରେ କେତେ ଯେ ମୋହ··ଭ୍ରାନ୍ତି···ବାସନାର ତୃଷ୍ଣା ମାନବର ଚିତ୍ତକୁ ଅନ୍ଧକାରାବୃତ କରେ, ତାହାର ସୀମା ନାହିଁ···ସଂଗ୍ରାମବିବ୍ରତ ମାନବ ସେଥିରୁ ମୁକ୍ତ ହେବାର ଅବସର ଖୋଜି ପାଏ ନାହିଁ···ଯେତେବେଳଯାଏ ସେହି-ଦୃଷ୍ଟିରୁ....ସେହି ମାୟାଜାଲରୁ ସେ ମୁକ୍ତି ନ ପାଏ, ସେତେଦିନଯାଏ ଜୀବନର ଅପରୂପ ସୌନ୍ଦର୍ଯ୍ୟ ଉପଲବ୍ଧି କରିବାର ସୁବିଧା ସେ ପାଏ ନାହିଁ ।"

ଉତ୍ପଳବର୍ଣ୍ଣା—ହଁ, ସେ ତ ଠିକ୍ କଥା···ଭାଗ୍ୟ ଯାହା ପ୍ରତି ଅପ୍ରସନ୍ନ, ସେ ସେହି ଆଲୋକରୁ ଚିରଦିନ ବଞ୍ଚିତ ହୋଇ ରହେ ।

ଅପରାଜିତା—ସେ ତୁମକୁ ଏତେ ଉର୍ଦ୍ଧ୍ୱରେ ସ୍ଥାନ ଦିଅନ୍ତି ଭଉଣି !··· ସେଦିନ କହୁଥିଲେ, "ମୁଁ ଉତ୍ପଳର ହୃଦୟରେ ପ୍ରକୃତ ଆଲୋକର ସନ୍ଧାନ ପାଇଛି···ବିଶ୍ୱାସ କର···ବିଶ୍ୱାସ କର··· ସେ ଏତେ ସୁନ୍ଦର ବୋଲି ମୁଁ ଆଗରୁ ଜାଣି ନ ଥିଲି.... ଅସାଧାରଣ ତାର ସୌନ୍ଦର୍ଯ୍ୟ···ଜାଣିଲି ବେଳକୁ ବଡ଼ ବିଳମ୍ବ···" ଏତିକି କହି ଦୁଇ ଟୋପା ଅଶ୍ରୁ ଢାଳି ଦେଇଥିଲେ ।

ଉତ୍ପଳବର୍ଣ୍ଣା—(ଈଷତ୍ ଲଜ୍ଜିତ ଓ ଚକ୍ଷୁ ନତ କରି) ମୁଁ ଚିରଦିନ ତାଙ୍କର ଏହି ଭାବପ୍ରବଣତା ଦେଖି ଆସିଛି, ଭଉଣି ! ସେହି ଏକ ସ୍ମୃତି···ଜୀବନର ଶେଷ ପର୍ଯ୍ୟନ୍ତ ସେହି ଏକ ଭାବ·· ସେହି ଜୀର୍ଣ୍ଣ ରୁକ୍ଷ ଅବିଚଳିତ···ସୁନ୍ଦର ମୂର୍ତ୍ତି ...

ଅପରାଜିତା—କିନ୍ତୁ ଆଉ ଗୋଟିଏ ପରିବର୍ତ୍ତନ ଦେଖିବାର ସୁବିଧା ତୁମର ହୋଇ ନାହିଁ, ଭଉଣୀ !···ସେ···ତୃଷ୍ଣାର ଅବସାନ ! ମୁକ୍ତି....(ବିହ୍ୱଳ ଭାବରେ) ମୃତ୍ୟୁକାଳର ସେ ପ୍ରଶାନ୍ତ ମୂର୍ତ୍ତି ମୁଁ ଆଉ କେଉଁଠାରେ ଦେଖି ନାହିଁ ।

ଉତ୍ପଳବର୍ଣ୍ଣା—ଦେଖିଛି....ଚିରଦିନ ମୁଁ ତାହାହିଁ ଦେଖିଛି ।

(ପଟପତନ)

# ଦୃଶ୍ୟ ଦୁଇ

[ ଠିକ୍ ଏକ ବର୍ଷ ପରେ ସେହିଭଳି କାଳସନ୍ଧି···ସେହି ମୃତ୍ୟୁ ଦିବସ ଭଳି ! ଶୟନ କକ୍ଷରେ ଗୋଟିଏ ନିର୍ବାଣୋନ୍ମୁଖ ପ୍ରଦୀପ··· ପ୍ରଦୀପର କ୍ଷୀଣାଲୋକରେ ଗୃହରେ ଗୋଟିଏ ତୈଳଚିତ୍ର ଦେଖା ଯାଉଥିଲା ···ତାର ନିମ୍ନରେ କେତେଗୁଡ଼ିଏ କବିତାର ପଂକ୍ତି । ସମସ୍ତ ଗୃହରେ ସୁପ୍ତିର ନିବିଡ଼ ଶାନ୍ତି···କେବଳ ଅପରାଜିତା ଜାଗ୍ରତ ।]

ଅପରାଜିତା—ଏହିଭଳି କାଳ ରଜନୀ !....ଏହି ଅନ୍ଧକାର···ଏହି ସ୍ଥିର ନୀରବତା···ଏହି ଶଯ୍ୟା !....ମାତ୍ର, ଶୂନ୍ୟ ଶୂନ୍ୟ ! କାଳର ତୋଫାନ ଥରେ ପ୍ରବଳ ଭାବରେ ବହି ସମସ୍ତ ପରିଷ୍କାର କରି ନେଇଛି···ଟିକିଏ ଚିହ୍ନ ସୁଦ୍ଧା ନାହିଁ···ସେଠି ଉର୍ବର ଭୂମିରେ ଦିନେ ଏକ ମହାତରୁ ମସ୍ତକ ଟେକି ଠିଆ ହୋଇଥିଲା, ପରିଷ୍କାର ସେ ସ୍ଥାନ !···ସାମାନ୍ୟ ଗୋଟିଏ ତୃଣର ମଧ୍ୟ ସନ୍ଧାନ ନାହିଁ··· ତା ପରେ···ସେହି ସ୍ଥଳରେ ପୁଣି....ଅଙ୍କୁରୋଦ୍‌ଗମ···ପୁଣି ମହାତରୁ···ପୁଣି ଶୂନ୍ୟ ଶ୍ମଶାନ !···ଧନ୍ୟ ନିୟତି ! ଧନ୍ୟ ଅଲଙ୍ଘନୀୟ ନିୟତି ! ସେହି ଡ୍ରମର ଘଣ୍ଟାନାଦ !···ଆଜିଯାଏ ସୁଦ୍ଧା ସ୍ପଷ୍ଟ ଭାବରେ ମୋ ପ୍ରାଣରେ ପ୍ରତି ମୁହୂର୍ତ୍ତରେ ଆଘାତ କରୁଛି··· ଆଉ ମାନବ ?···ମୂକ ପଶୁପରି ସେ ଘଣ୍ଟା ଶବ୍ଦଆଡ଼କୁ ଅଜ୍ଞାତରେ ଆକୃଷ୍ଟ ହୋଇ ଚାଲିଛି···ସେହି ଶେଷ ଆଡ଼କୁ···ସେହି ସଙ୍ଗୀତ ଆଡ଼କୁ....କି ଭୀଷଣ !···କି ଭୀଷଣ....

(ଅନ୍ୟ ଦିଗରୁ ଉତ୍ପଳବର୍ଣ୍ଣାର ପ୍ରବେଶ )

ଉତ୍ପଳବର୍ଣ୍ଣା— ରାତିଟି କେଡ଼େ ସୁନ୍ଦର ହୋଇଛି ଭଉଣୀ···ନା ? ଏତେ ଜୀବନ୍ତ ହୋଇଛି ଯେ, ମ୍ଳାନାଲୋକରେ ସୁଦ୍ଧା ଘରଟି ପୂରି ଉଠୁଛି ।

ଅପରାଜିତା—(ଅନ୍ୟମନସ୍କ ଭାବରେ)···ହଁ ··(ସ୍ୱଗତ) ଏହା ସ୍ମୃତି ମାନବର ଏକମାତ୍ର ସମ୍ବଳ ।

ଉତ୍ପଳବର୍ଣ୍ଣା—ତୁମ ଶାସ୍ତ୍ରରେ ଯେ ଭଉଣୀ, ନାରୀମାନଙ୍କର ଶ୍ରାଦ୍ଧରେ ଅଧିକାର ନାହିଁ ?

ଅପରାଜିତା—ନା, ନାହିଁ ।

ଉତ୍ପଳବର୍ଣ୍ଣା—ତେବେ ? ଆମେମାନେ ତ ଶ୍ରାଦ୍ଧ କରି ପାରିବା ନାହିଁ ?

ଅପରାଜିତା—ବ୍ରାହ୍ମଣର ଯାହା କାର୍ଯ୍ୟ ସେ ସମସ୍ତ ଶେଷ ହୋଇଛି ·· ବର୍ତ୍ତମାନ ଏ ଅବ୍ରାହ୍ମଣ ନାରୀମାନଙ୍କର କାର୍ଯ୍ୟ ଖାଲି ବାକି···

ଉତ୍ପଳବର୍ଣ୍ଣା—ହଁ ଆମେ କଣ ପାଣ୍ଡିତ୍ୟରେ ଶ୍ରାଦ୍ଧ କରୁଛୁ ଯେ ବାଧା ହେବ ? ଆମେ ଯେଉଁ ଶ୍ରାଦ୍ଧ କରିବାକୁ ଯାଉଛୁ, ସେଥିରେ କାହାରି ଏକଚାଟିଆ ଅଧିକାର ନାହିଁ···ତାହା ସମସ୍ତଙ୍କର··· ଆଉ ତୁମେ ଜାଣ ନା, ଭଉଣୀ, ଭୌତିକ ବା ସ୍ମୃତିର ପୂଜାରେ କେବଳ ଏକମାତ୍ର ଅଧିକାର ନାରୀର·· ନାରୀ ଯେତେ ସ୍ୱଚ୍ଛ ଓ ସମ୍ପୂର୍ଣ୍ଣ ସୁନ୍ଦରରୂପେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପାରେ, କୌଣସି ବ୍ରାହ୍ମଣର ତାହା ସାଧ୍ୟାତୀତ । ତା ଛଡ଼ା ତାଙ୍କର ଶ୍ରାଦ୍ଧର ଅଧିକାର···ସେ ତ କେବଳ ଆମକୁ ହିଁ ଦେଇ ଯାଇଛନ୍ତି ।···

ଅପରାଜିତା—ହଁ, ଦେଇଛନ୍ତି···

ଉତ୍ପଳବର୍ଣ୍ଣା—ତେବେ ଆସ....ତୁମର ଏଇ ପୁଷ୍ପମାଳା ଆଉ ମୋର ଏ ଗନ୍ଧ ଓ ଧୂପ···ତାଙ୍କର ସେହି "ଶେଷ ସମ୍ବଳ"ରେ ଆମର ପ୍ରୀତିର ଅର୍ଘ୍ୟ ସମ୍ପନ୍ନ କରିବା ।

( ଅପରାଜିତା ପୁଷ୍ପାଭରଣ ଦେଇ ଦେଇ ଉଭୟଙ୍କର ସଙ୍ଗୀତ )

ମୃତ୍ୟୁ ଜନମ ସକଳକୁ କରି ପ୍ରିୟ,
ହେ ମୋର ଦେବତା ଚରଣାଶ୍ରୟ ଦିଅ ।
ସ୍ଥାନ ଦିଅ ହେ ରତ୍ନ ଆସନ ତଳେ,
ଜୀବନ ଅମର ପ୍ରଦୀପଟି ଯହିଁ ଜଳେ ।

ମଙ୍ଗଳ ସବୁ ଶିବ ମଙ୍ଗଳମୟ,
ତୁମ ଆଶ୍ରୟ ମୃତ୍ୟୁକୁ କରେ ଜୟ,
ତୁମ ଇଙ୍ଗିତେ ଅଜ୍ଞାନ ଅମା ତୁଟେ,
ତୁମର ବାଣୀରେ ଆଲୋକ କମଳ ଫୁଟେ !

ଜୟ ହେ ଦେବତା ଜୟ ଜୟ ଜୟ ଜୟ !
ନାହିଁ ସନ୍ଦେହ, ନାହିଁ ଗୋ ମୃତ୍ୟୁଭୟ,
ଜୀବନୋତ୍ସବ ଶୁଭ୍ର ନିଷ୍କଳଙ୍କ,
ପଡ଼ି ରହେ ପଛେ ଦୁଃଖ ବେଦନା ପଙ୍କ ।

ଆଲୋକ ଆଲୋକ ଜୀବନ ଆଲୋକ ଜଳ,
ଜଳ ହେ ପୀରତି ଦୀପଶିଖା ନିରମଳ,
ପୁଲକପୂରିତ ମରଣ ଅସ୍ଥି ମଜ୍ଜା !
ଭ୍ରାନ୍ତ ବାସନା ଲୁପ୍ତ ଲଭୁ ଗୋ ଲଜ୍ଜା !

ଜଳ ଜଳ ଜଳ ଜୀବନର ଶିଖା ଜଳ,
ଶୁଭ୍ର ଦେବତାପ୍ରୀତି ଆଖି ଢଳ ଢଳ,
ସେ ପୀରତି ପଦେ ଯାଉ ମୋ ଜୀବନ ନଇ,
ମୃତ୍ୟୁକୁ ମାରି ପଦେ ତା'ର ମିଶିଯିବ !

(ଯବନିକା)

# ପଞ୍ଚମ ଅଙ୍କ

[ ଶ୍ରାବଣର ଅନ୍ଧ ଗୋଟିଏ ନିସ୍ତବ୍ଧ ରାତି—ପିଲା ଦୁଇଟି ପୂର୍ବକଥିତ କକ୍ଷରେ ନିଶ୍ଚିନ୍ତରେ ଶୋଇ ପଡ଼ିଛନ୍ତି....ବୈଧବ୍ୟର ପୂତ, ଉଜ୍ଜ୍ୱଳ ବେଶରେ ଅପରାଜିତା ଏକାକିନୀ ଗାନ କରୁଥିଲେ ]

ଶୂନ୍ୟ ପରାଣ ପୁରର ଜାଳଇ ଜାଗର
ଗୁନ୍ଥିଁ ଯାଏ ଜୀବନର ନିଶି ଉଜାଗର ।
ନ ଜାଣେ କା ଲାଗି ବାଇ,
କାହା ରୂପ ମନେ ଧ୍ୟାଇ,
ଆଖିପାଣି ମରେ ଗୁନ୍ଥିଁ
ଆକାଶେ ସାଗର;
ଜାଳଇ ଜାଗର ।
ନିଭି ଗଲେ ନଭ ତାରା    ନିଶବଦ ହେଲା ଭୂଇଁ,
ଶତ ଚକୋର ନୁହେଁ ଶାନ୍ତ,
ଜୀବ ତ ପରାଣ ନୁହେଁ କ୍ଲାନ୍ତ,
ସୁଦୂରର ପଥ ଗୁନ୍ଥିଁ    ସୁଦୂର ସପନେ ମରେ
ନିଶିଦିନ ମୁଁ ଗୋ ଅବିଶ୍ରାନ୍ତ ।
ପିଇଲି କି ଗୋଳା ବିଷ,
ଶୂନ୍ୟ ମୋ ଦଶଦିଶ,
ପୁଣି ଆଶା ଅହନିଶ
କରେ ଜର ଜର;
ଜାଳଇ ଜାଗର ।

(ଯବନିକା)

# ଗାଥା ପ୍ରଶସ୍ତି

# ଭକ୍ତ୍ୟର୍ପଣ

ସାହିତ୍ୟଗତ ପ୍ରାଣ, ସାହିତ୍ୟିକ ବ୍ରତ, ସାହିତ୍ୟାନୁରାଗୀ
ସାହିତ୍ୟିକମାନଙ୍କର ପ୍ରଧାନ ସହାୟ, ରସଜ୍ଞ, ବହୁଭାଷା
ପ୍ରବୀଣ, ପୁରାତନ ଓ ନବୀନ ସାହିତ୍ୟର ପ୍ରଧାନ
ପୁରୋଧା, କବିବର, ଦାନବୀର, କର୍ମବୀର,
ସାହିତ୍ୟବୀର, ଜୟପୁରାଧୀଶ୍ୱର କଳା
ପ୍ରସନ୍ନ ସାହିତ୍ୟ ସମ୍ରାଟ ମହାରାଜ
**ଶ୍ରୀ ଶ୍ରୀ, ଶ୍ରୀ ବିକ୍ରମଦେବ ବର୍ମା,**
ଡି. ଲିଟ୍. ମହୋଦୟଙ୍କ
ଶ୍ରୀକରକମଳରେ ଏହି
'କାବ୍ୟ ସଞ୍ଚୟନ' ଅର୍ପଣ
କରି ଗ୍ରନ୍ଥାକାର
ନିଜକୁ ଧନ୍ୟ
ମଣୁଅଛି ।

*

# ଉତ୍ସର୍ଗ

ଏ ଜୀବନ ପଥେ କେତେ ଜଣାଶୁଣା ଦେଖା,
ଗଲ ଯେ ମରମେ ଛନ୍ଦର ଢେଉ ତୋଳି,
ଏ ମୋର ଆଲେକଗ୍ରନ୍ଥର ସ୍ୱପ୍ନ ଲେଖା,
ଅରପିଲି ପଥେ ! ନିଅ ଅବା ନାହିଁ ତୋଳି ।

ଜୀବନର ପଥେ ନଟମଷ-ମିଳନ-ସାଥି !
ମୌନ ମୋ ବୀଣା, କେତେ ମନେ ଗଲ ଛୁଇଁ;
ଉଜ୍ଜ୍ୱଳ କଲ ଭୁଲାଇଲ କାଳସ୍ରୋତ,
ବନ୍ଦନା ଗୀତେ ଧନ୍ୟ ହୋଇଛୁ ମୁହିଁ !

ମଧୁର ଜ୍ୟୋତ୍ସ୍ନା, ସ୍ୱପ୍ନ ଅଳସ ଆଖି;
ମଧୁର ପୀରତି କରୁଣ କାନ୍ତ ବାଣୀ,
ମଧୁର ନଟମଘ ବନ୍ଧନ ପ୍ରୀତି ରାଖି,
ଧନ୍ୟ ଏ କବି ଜୀବନ ପୀୟୂଷ ଘୁଣି ।

ଜୀବନ କ୍ଷୁବ୍ଧ ସିନ୍ଧୁ ବେଳାରେ ବୁଲି,
ଦେଖିଛୁ ଅମର ଅରୂପର ଢେଉ କେତେ,
ବାସନା ମସୀରେ କଳୁଷିତ କାହିଁ ତୁଳି,
କ୍ଷମ ଅପରାଧ ମିଳିବ ମୋ ପଥେ ଯେତେ ।

# ନବ-ଯୌବନ

ମୁଁ ଗୋ, ଆସିଅଛି ନବ ଯୌବନ
ନବ ଯୌବନ !
ମୁଁ ଗୋ, ମଧୁସନ୍ଧରେ ଆସିଛି ହସି,
ଭରିଅଛି କରେ କୁସୁମରାଶି,
ମୁଁ ଗୋ, ମଧୁଭୁଲେ ନିତି ହସଇ ରସଇ
ସ୍ୱପ୍ନେ ଭାସଇ
ସ୍ୱପ୍ନେ ଲସଇ
ସ୍ୱପ୍ନକୁ କରେ ଚୁମ୍ବନ !
ମୁଁ ଗୋ ଯୌବନ
ନବ ଯୌବନ !

ମଳୟ ତୀବ୍ର ନିଃଶ୍ୱାସ
ମୁଁ ଗୋ ନିଃଶ୍ୱାସ
ମୁଁ ଯେବେ ମଳୟ     ପରଶେ ମାତଇ
ଜଗତ କହଇ
ନାହିଁ ମୋତେ ତଳେ
ବିଶ୍ୱାସ ଆଗୋ ବିଶ୍ୱାସ !

ମୁଁ ଗୋ, ମୋ କାରତା ତାଳେ
ନୀରବ ଗାନେ,
ସକଳ ସୃଷ୍ଟି ସରଳ ପ୍ରାଣେ,
ହସାଏ ରସାଏ     ପୁଣି ମୁଁ ଭସାଏ
ଅସୀମ ସ୍ୱପ୍ନେ
ଚନ୍ଦ୍ର କିରଣେ
ଢଳ ଢଳ ଢଳ
ଜଳ ଦରପଣେ
ମୁଁ କି ନା ଜଗତବନ୍ଦନ;
ନବ ଯୌବନ
ମୁଁ ଗୋ ଯୌବନ ।

ତରଳ କାନ୍ତ ଗୁହାଣିରେ
ମୁଁ ଗୋ ସୁପ୍ତି ପରି
ଭସିଯାଏ;
ସ୍ନିଗ୍ଧ ଲଳିତ ଅଙ୍ଗଗନ୍ଧେ
ମାତିଯାଏ ।

କିଏ ଅବା ଜାଣେ ଗଭୀର ମାରବେ
ଢାଳଇ ଯେତେ ମୁଁ ଚୁମ୍ବନ,
ଆପେ ମାତି ପୁଣି ମତାଏ ଆନକୁ
ଯୌବନ ମୁଁ ଗୋ ଯୌବନ !

ଢେଟିଲେ ଗୋଲାପୀ ଅଞ୍ଚଳ,
ମୁଁ ଗୋ, ଶିଶୁସମ ସଦା ଚଞ୍ଚଳ,
କେଉଁ ମଳୟ ପରଶେ ତରଙ୍ଗ କଣେ
ସେ ଅଙ୍ଗ ଉଠିଲେ ଖେଳି,
ମେଲିଦଏ ମୋର ପ୍ରଣୟ-ପସରା
ସକଳ ଲଜ୍ଜା ଠେଲି ।

ମୁଁ ଗୋ, ଅଙ୍ଗେ ତାହାର ଲୁଷିଯାଏ
ମୁଁ ଗୋ, ରମଣୀସୁ ମଧୁ ଚୁଷିଯାଏ,
ପୁଣି ବଡ଼ ସରଧାରେ ଡାକିଯାଏ,
ଆଜ, ଆସ ଗୋ ଆସ ଗୋ ଆଦରିଣୀ ମୋର
ମଳୟେ ରଚିବା ଘର,
ମଧୁର ପ୍ରଣୟେ ଭୁଲିଯିବା କ୍ଷଣେ
ସକଳ ଆପଣା ପର !

ସଖି ! ତୁମେ ହେବ ମୋର ନନ୍ଦନ,
ସ୍ୱର୍ଗସ୍ଥ ନନ୍ଦନ;
ତୁମ, ମଧୁର ସ୍ୱପ୍ନେ ଶିହରିବ ସୁଖେ
ଆସିଅଛି ମୁଁ ଗୋ ଯୌବନ
ନବ ଯୌବନ !

ମୁଁ ଗୋ, ଉତ୍ସୁକ ଉଠାଇ ତଟିମାଟି ପଣ
ହାସ୍ନା ହେନାର ଗନ୍ଧେ,
ଚମକି ଚଳେ ମୁଁ ଶୂନ୍ୟ ଗଗନେ
ଲଳିତ ମଧୁର ଛନ୍ଦେ !
ସେହି ସ୍ୱରେ—
ମୋର ଅନ୍ତର
ହୁଏ ଥରହର !

ନ ଜାଣଇ ଅବା କେଉଁ ମୋହମୟ
ମନ୍ତ୍ରର ସେ ଗୋ
ମନ୍ତ୍ରର !
ତହୁଁ, ଅଙ୍ଗେ ବିଜୁଳି ଚମକ ଫୁଟେ !
ବିଜୁଳି ପରି ମୁଁ ସୁରପଥ ଧରି
ଦିଗ ଦିଗନ୍ତେ ନିମେଷେ ଛୁଟେ !

ନ ମାନଇଁ ବାଧା, ବନ୍ଧ,
ସେବେ ଏ
ଚପଳ ଚିର ଆନନ୍ଦ !
ଖୋଜି ବୁଲେ କାହିଁ, କେଉଁ ବିଜନରେ
ଆହା ସେ ଅତୁଳ ନନ୍ଦନ !
ମୁଁ ଗୋ, ଯୌବନ !

କେବେ କେବେ ମୁଁ ଗୋ ରୁନ୍ଧିଁ ରହେ ପ୍ରିୟ
ପଲ୍ଲୀବାଳାର ହଂସ ଗତି,
କଣ୍ଠେ କଳସୀ ସରଳ ସୁହାଣି !
ଟଳିପଡ଼େ ଦେଖି ତରଳମତି !

ସବୁଜ ସେନେହେ        ଜମିବେକ ଲାଗି
ବିହ୍ୱଳ ମୁଁ ଗୋ ବିହ୍ୱଳ,
ଢାଳଇ ତା କାନେ        ତା ମରମ ବାଣୀ
ବିଦ୍ୟୁତ ଶର ଚଞ୍ଚଳ !
ଆସିଛି ଆଜ ମୁଁ ଯୌବନ,
ନବ ଯୌବନ !

ଅଙ୍ଗେ ତୋହର        ପଇଶି ଦଣ୍ଡେ
ମଳୟ କରିବ ବର୍ଷଣ ।
ସନ୍ଧ୍ୟା ମୋହର ସୁନ୍ଦରୀ
ତାର ପରଶେ ଉଠଇ ମାତି
ସେ ଗୋ, ମୋହ କରେ କେତେ ବାନ୍ଧଇ ନିତି
କୁସୁମ କାନ୍ତିକ କାନ୍ତି
ବକୁଳ ମଲ୍ଲୀ କରବୀର
ମୋର, ଅନ୍ତର କରେ ଅସ୍ଥିର
ମୋ ଗଳା-ଭୂଷଣ        ମଲ୍ଲୀମାଳାଟି
ବକୁଳ ମୋ କରକଙ୍କଣ
ଯହିଁ ଯାଏ ଯାଉ        ମରମ ଦୁଆରେ
ବାଜି ଉଠେ ଖରେ,
ମଧୁ ରସଭରେ,
ବିଶ୍ୱ ଦୁଆରେ—
ଆସିଅଛି ଆଜି
ଯୌବନ ମୁଁ ଗୋ,
ଯୌବନ !

(୫.୯.୨୩)

# ଚିଲିକାରେ ସନ୍ଧି

ଚିଲିକାର ଶୂନ୍ୟ ପରପାରୁ
ସନ୍ଧି ଧୀର ପଦେ ଚଳି ଆସେ,
ସ୍ନିଗ୍ଧ ସେହୁ ଅସ୍ପଷ୍ଟ ଅନ୍ଧାରୁ
ଶତ ସ୍ୱପ୍ନ ଗଗନେ ବଞ୍ଚସେ ।

ଗମ୍ଭୀର ତା ସୌନ୍ଦର୍ଯ୍ୟମାଧୁରୀ
ସରଗର ସୁଧାଧାର ସମ—
ଆଲୋକତ, ମରେଁ ସଦା ଝୁରି
ତାହା ଲାଗି ବ୍ୟାକୁଳ ମରମ ।

ଝୁହୁଁ ଝୁହୁଁ ସ୍ନିଗ୍ଧ ସେ ଅଞ୍ଚଳ,
ବୁଲିଆସେ ସ୍ୱପନ ଚଞ୍ଚଳ ।
ନୀରବ ଯେ ସକଳ ନୀରବ !
ନିସ୍ତବ୍ଧ ସୌନ୍ଦର୍ଯ୍ୟ ଉତ୍ସବ ।

ଏ ଶୋଭାର ନାହିଁ ତ ମରଣ
ପ୍ରାଣସ୍ପର୍ଶୀ ସତ୍ୟ ସୁମଙ୍ଗଳ,
କର ଯୁବା ଆନନ୍ଦେ ବରଣ
ଦେଇ ପ୍ରେମ ପୂତ ଅଶ୍ରୁଜଳ ।

# ନିର୍ଜନ ଉପବନେ

ନିର୍ଜନ ଉପବନେ ଏକାକିନୀ ଫୁଲ ଗୋ
ଭୁଲ ଚିର ସୁନ୍ଦର ନିଜରୂପେ ଭୁଲ ଗୋ ।
ନୀରବେ ରହିବ ରହି,
ମୋ ଗୀତଟି ଯିବ ଗାଇ,
ବିଭୋର ପବନେ ମୃଦୁ ସମୀରଣେ ଝୁଲ ଗୋ ।

ରୂପର ଉପାସୀ ମୁଁ ଗୋ
କୁସୁମରାଣୀ
ତୋହରି ନାଚି ଗନ୍ଧେ
ଯାଏଁ ଗୋ ଭାସି ।
ନୀରବ ମୋହର ଭୋଗ,
ନୀରବେ ପରାଣ ଯୋଗ,
ରୂପେ ଛନ୍ଦେ ସୁଗନ୍ଧେ
ହସଏଁ କୂଳ ,
ରୂପସ୍ରୋତେ ମଜିବାକୁ
ସଦା ଆକୁଳ ।
ମନ୍ଦେ ସମୀରେ ସଖି
ଝୁଲ ଗୋ ଝୁଲ ।

# ପୌଷ ପବନ

ପରଶ ପରଶ ପୌଷ ପବନ
ଛିନ୍ନ କର ଏ ମରମ,
ସରିଆସେ ସବୁ ସଙ୍ଗୀତ ମୋର
ମଉଳଇ ମୋର କରମ ।
ସେଇ ଫୁଲ ପରି ପଡିବ ମଉଳି
ଶୀତଳ ଅଙ୍ଗେ ବୋଳି ଦେବ ଧୂଳି
ଝରି ପଡ଼ୁ କରୁ ଆକୁଳ ଏ ତୁଳି
ବଢ଼ାଇ ଅସୀମ ଭରମ
ଛିନ୍ନ କର ଏ ମରମ ।

ସେ କାକଳି ପରି ଅସୀମ ଶୂନ୍ୟେ
ନୀରବେ ଲଭିବ ମରଣ ,
ଭୁଲିବ ଯେସନେ ଭୁଲଇ ସନ୍ଧ୍ୟା
ଜନମର ସବୁ କଷଣ ।
ସୁନ୍ଦର ଏଥି କାହିଁ ନାହିଁ ମିଳେ
ସ୍ୱପ୍ନ-ପୁଲକ ନ ପରଶେ ତିଳେ
ନିଃସ୍ୱ ଜନର ଅସୀମ ପିପାସା
ନଶାଇବା ତୁମ ଧରମ,
ଛିନ୍ନ କର ଏ ମରମ ।

# ନୈରାଶ୍ୟ

କେତେ, ସୁନ୍ଦର ମେଘ ମିଶିଛୁ ଗଗନେ
ରହିଛୁ ଚାହିଁ,
ପରାଣପରଶୀ ଉଷାର ମାଧୁରୀ
ଲଭିଛୁ କାହିଁ ।
ସୁନ୍ଦର ଫୁଲ ପଡ଼େ ନିତି ଝରି
କରୁଣ କଣ୍ଠେ ଗୀତ ଯାଏ ମରି
ପ୍ରାଣ-ପରକାଶୀ ପୁଲକ କାକଳି
ନାହିଁରେ ନାହିଁ
ସରବ ମଳୟ ଲଭଇ ନମେଷେ
ରହିଛୁ ଚାହିଁ ।
ସମୀରଣ ଆଜ କରେ ନିତି ଏଥି
ହାହାକାର,
ଉଛୁଳି ଉଠଇ ସୀମାହୀନ ବ୍ୟଥା
ଶତଧାର ।
ଆକୁଳ କଣ୍ଠେ ନ ଧରଇ ଗାନ,
ହୃଦର ଏଥି ତର ଅବସାନ,
ନ ଶମଇ ତଳେ ତରୁଣ ପିପାସା
ନିତ୍ୟ ଗାଇ,
ରହିଛୁ ଚାହିଁ ।

# ସାନ୍ଧ୍ୟ

ସନ୍ଧ୍ୟା ! ତବ ବ୍ୟଥାର ଦାନ
ଯାଚଇ ଆଜ ପ୍ରାଣ,
ଢାଳ ଢାଳ ଅମୃତ ସେ
ଶାନ୍ତ ଅବସାନ !
ବେଦନା ସ୍ପର୍ଶେ ମାତିବ ଛତ,
ସ୍ଫୁରିବ ପ୍ରାଣପରଶୀ ଗୀତ,
ଶୁଣିବ ଗଛ-ପତର ଲତା
ଆକୁଳେ ଡେରି କାନ,
ଯାଚଇ ଆଜ ପ୍ରାଣ !

ରିକ୍ତ ନିଃସ୍ୱ ତାର ହତାଶ
ବେଦନା ମୋର ଧନ,
ଲକ୍ଷ ସୁଖ ସ୍ୱପ୍ନେ ହେଲେ
ନ ଲୋଡ଼େ କ୍ଷିପ୍ତ ମନ ।
ଦିବସ ଶେଷେ ସକଳ ଧନ,
କରୁଣ ଗୀତେ ସମର୍ପଣ—
କରନ୍ତୁ ସୁଖେ ଜୀବନ ପୂର୍ତ୍ତି
ପୀରତି ସ୍ମୃତି ମ୍ଳାନ ।
ଶାନ୍ତ ଅବସାନ !

# ଉଷା

ହତାଶ ମୁଁ ଗୋ ଜୀବନ ସାରା
ଜନମ ମୋର ବ୍ୟର୍ଥ
ଜୀବନ ଏକ ଅଶ୍ରୁ ଧାରା
ନ ବୁଝେ କିଛି ଅର୍ଥ !
ଉଷା ! ଉଷା ! ନିଅ ହେ ଅଶ୍ରୁ ହାର
ନିଃସ୍ୱ ଜନ ଶତ ସମ୍ପଦ ସାର !

ଗାଉଛି କେତେ ବିକଳ ସ୍ୱରେ
ଏ ବୀଣା ମୋର ଆକୁଳ ଭରେ
କିଏ ବା ତାକୁ ଶୁଣିଛି ଥରେ ?
ପିପାସା ଆଶା ବ୍ୟର୍ଥ,
ନ ବୁଝେ ତେଣୁ
ଏଇ ଜୀବନ ଅର୍ଥ ।

ମୋ ଆଖି ଆଗେ ସନ୍ଧ୍ୟା ରବି
ଯାଉଛି କେତେ କହି,
ବିହଗେ କେତେ ଡାକୁଛି ତାକୁ
ମରମ କଥା କହି,
ଉଦ୍‌ଭ୍ରାନ୍ତ ମୁଁ ହୋଇଛି ଦେଖି
ସକଳ କର୍ମ ମୋର ଉପେକ୍ଷି
ପକ୍ଷୀ ବୁଲେ ଗାଉଛି ଯେତେ
ପବନେ ଗନ୍ଧ ମିଶି
ଦେଖିଛି କେତେ ନିଶି ।

ଊଷା ! ଖାଲି ଭରିଛି ଅଶ୍ରୁଧାର
ହତାଶ ପ୍ରାଣ ଭଗ୍ନ ହାହାକାର ।
ମଞ୍ଜିଗଲା ତୋଳିଲି ଯେତେ
ଗନ୍ଧ ଫୁଲ ସାର,
ହାସ୍ନା ହେଲା ବକୁଳ ମଲ୍ଲୀ
ଚମ୍ପକର ହାର ।

ସକଳ ମୋର ମଳିନ ନାରଖାର,
ସକଳ ଗନ୍ଧେ ଭରିଛି ହାହାକାର,
ସୌନ୍ଦର୍ଯ୍ୟ ଏ ଜୀବନେ ସଦା ବ୍ୟର୍ଥ
ଊଷା ! ତେଣୁ ବୁଝିଲି ନାହିଁ
ଭଗ୍ନ ଜୀବନ ଅର୍ଥ !

ରଚିଲି କେତେ କଳ୍ପନାର
ମୁଗ୍ଧ ମଧୁ ଛନ୍ଦ
ଲେଖିଲି ଛନ୍ଦ ପର୍ଣ୍ଣ ଡାଳି
ଏ କି ହତାଶ ଗନ୍ଧ !

ସମୀର ପାଟେଶ କରିଛି ବ୍ୟଙ୍ଗ
ଗଗନ କେତେ ଦେଖାଏ ରଙ୍ଗ
ଛିନ୍ନ ଭିନ୍ନ ଧୂଳିରେ ଯାଏ ଲୋଟି
ସକଳ ନେଇ ଅନ୍ତରାଳେ
କାନ୍ଦ ଉଠେ
ଭଗ୍ନ ପ୍ରାଣ ଗୋଟି ।

ତୁମ ଅରୁଣ ଅଞ୍ଚଳେ ଗୋ
ଆବର ମୋର ତନୁ,
ସକଳ କ୍ଷତ ଢାଅ ଗୋ ହର ମନୁ ।

# ଅରୁଣ

ଅରୁଣ ! ଢ଼ାଳ ପରାଣେ ପବିତ୍ରତା,
ନିଭ ଯାଉ ମୋ ଦୁଃଖ କ୍ଷତ ବ୍ୟଥା ।

ଆସିଛୁ ଆଜ ପଖାଳି ତନୁ,
ସକଳ ମାୟା ଛୁଟାଇ ମନୁ,
ଶୁଣିବ ବସି ଅରୁଣ-ବନ୍ଧୁ
ପରାଣପ୍ରିୟ କଥା,
ଢାଳ ହେ ପବିତ୍ରତା !

କାହାର ସ୍ନିଗ୍ଧ କରଣ ଝଲେ
ତରଳ ଜଳ ବକ୍ଷେ ?
ପକ୍ଷୀ ଶତ ଯାନ୍ତି ଉଡ଼ି
କେଉଁ ପ୍ରିୟର ଲକ୍ଷ୍ୟେ ?
କେଉଁ ସୁନ୍ଦର ଅସୀମ ଆଶେ,
ତରଣୀ ଦୂରେ ମୁଗ୍ଧେ ଭାସେ ?

ଚୌଦିଗେ କି ଶାନ୍ତ-ସ୍ୱର
ପୁଲକ ମାଦକତା !
ଅସୀମ ଚେତେ ଭସାଇ ପ୍ରାଣ
ଭୁଲିବି ସବୁ ବ୍ୟଥା !

# ଛିନ୍ନପଦ

॥ ୧ ॥

ଉଦାସ ନୟନେ ଗୋଲାପ ରହିଛି ଚାହିଁ
ସ୍ନିଗ୍ଧ ସୋହାଗେ ଡାକଯାଏ ଉଷା "ଯାଅ !"
ପତର ଗହଳୁ ଖଞ୍ଜନ ହଠେ ଗାଇ,
ଅଳସ-ସ୍ୱପ୍ନେ ବେଳା ମୋର ଯାଏ ବହି ।

॥ ୨ ॥

ଏ ଯେ ତୁମ କ୍ଷୀଣ କଣ୍ଠସ୍ୱର
ଥରି ଥରି ଦୂରୁଁ ଆସେ ଭାସି !
ପିପାସାରେ ପ୍ରାଣ ଜର ଜର
ନୀରବ ଗୋ କଲପନା ରାଶି ।

ବ୍ୟଥାର କି ଅଚଳ ଆନନ୍ଦ
ନୈସ୍ୱର୍ଗ୍ୟର ନିଶବଦ ଶାନ୍ତି,
ଗଭୀର ସେ ସ୍ପନ୍ଦନର ଛନ୍ଦ !
ସ୍ୱପ୍ନେ ଝଟେ ଅନବଦ୍ୟ କାନ୍ତି !

ସେ କ୍ଷୀଣ ସଙ୍ଗୀତେ ସେହି ସ୍ୱରେ
ମିଶୁ ଏ ମୋ କରୁଣ ଜୀବନ,
ହତାଶ ମୁଁ ଚିର ସୁଖେ ମରେଁ
ବହି ଶତ ବିଫଳ ସ୍ୱପନ ।

# କଳ୍ପ ପ୍ରେୟସୀ

। ୧ ।।

ତୁମେ, ଭାସିଯାଅ କାହିଁ ସନ୍ଧ୍ୟା ମଧୁର ସ୍ୱପନେ
ତୁମ, ମୁଖର ନୂପୁର ମନ୍ଦେ ବାଜଇ ମରମେ ।
ତୁମେ, ସେନେହ ସୋହାଗେ ଚୁମ୍ବି ଯାଅ,
ତୁମେ, ଆକୁଳେ ଗୀତଟି ଗାଇଯାଅ,
ମୁଁ ଗୋ, ନୀରବେ ଢାଳଇ ବ୍ୟଥାର ଅଶ୍ରୁ,
ବ୍ୟଥାରେ ଅନାଏଁ ଗଗନେ,
ଭାସିଯାଅ କେଉଁ ସ୍ୱପନେ ।

ତୁମେ, ମୋହଲାଗି ସିନା ଭରିଛ ପରାଣେ
ଗଭୀର ହତାଶ ଛନ୍ଦ,
ବେଦନା ବିମଳାନନ୍ଦ,
ତେଣୁ, ଜନମେ ଯେ ଦେଖିଲେ କରୁଣ ରୂପଟି
ଗଳପଡ଼େ ବାଧା ବନ୍ଧ !

ଥାଅ ଥାଅ ଦୂରେ ପାଶେ ଆସ ନାହିଁ,
କରୁଣ ନୟନେ ଦୂରୁ ଯାଅ ଚୁମ୍ବି,
ତୁମରି ଧିଆନେ ଦୁଃଖର ଗୀତ
ଗୁନ୍ଥିବି ବସି ଜୀବନେ
ସନ୍ଧ୍ୟା ମଧୁର ସ୍ୱପନେ ।

॥ ୨ ॥

ତୁମେ, ନବୀନ ଉଷାର ନଗୋଲାପ ଗନ୍ଧବନ୍ଧ,
ମୁଁ ଗୋ, ଅସୀମ ଯେ ପଥେ ଅନୁସରେ ଅନ୍ଧରନ୍ଧ,
ଚଳିଲ ସେ ରୂପର ହୁଏ ମୁଁ ଆତ୍ମହରା
ତୁମେ, ନିଶୀଥ ସ୍ୱପ୍ନ ! ଦଣ୍ଡ ନାହିଁ ଥରେ ଧରା ।

ତୁମେ, ଗନ୍ଧ-କୁସୁମ-ସୃଷ୍ଟି,
ତୁମେ, ଉଷାର ସ୍ନିଗ୍ଧ ଦୃଷ୍ଟି,
ତୁମେ, ଅମର ସ୍ୱପ୍ନାନନ୍ଦ,
ତୁମେ, ସୁପ୍ତ କବିର ଛନ୍ଦ,
ତୁମେ, ଅଧୀର ସନ୍ଧ୍ୟାତାରା,
ତୁମେ, ମଳୟ-ମନ୍ଦର-ଧାରା !
ତୁମେ, ମଧୁ ବସନ୍ତ ଚୁମ୍ବନ
ତୁମେ, ତୃଷିତ ନୟନ-ନନ୍ଦନ,

ମୁଁ ଗୋ, ପାଇ ପାଏ ନାହିଁ ପ୍ରୀତିଛଟା-ସୁଧା-ଅନ୍ତରେ
ତୁମେ, ବ୍ୟାପିଯାଅ କ୍ଷଣେ ଭଗ୍ନ ପରାଣ ଯନ୍ତ୍ରରେ,
ମୁଁ ଗୋ, ମୁଗ୍ଧ ନୟନେ ଆକୁଳତା ଭରି ଖୁଜେଁ,
ମୁଁ ଗୋ, ସନ୍ଧ୍ୟା ସମୀରେ ବିହ୍ୱଳ ଗୀତ ଗାଏ,
ତୁମେ କର୍ କଥାଁ ମୋତେ ଅସୀମ ପଥର ଯାତ୍ରୀ
ମୁଁ ଗୋ, ସଙ୍ଗୀତ ଗାଇ ଭୁଲିଥାଏଁ ଦିବା ରାତି ।

॥ ୩ ॥

ତୁମେ, ଭାସିଯାଉଥିଲ ନୀଳ ଆକାଶର ପଥେ,
ତୁମ, କ୍ଷୀଣ କଟିତଟେ ଆବୃତ ଘନ ମେଖଳା,
ତୁମେ, ସ୍ୱପ୍ନ ମୂର୍ତ୍ତି ହସୁଥିଲ ମନମତେ,
ଆଗୋ, ନବଯୌବନ ଅମ୍ବରର ନବ ଚପଳା !

ଗନ୍ଧ ମନ୍ଦର ଗୋଲାପ ଗନ୍ଧ,
କଣ୍ଠ ତରୁଣ ତରଳ ଛନ୍ଦ,
ଝୁରୁଥିଲ ଯେବେ-ସମୀର ଅନ୍ଧ
ଚୁମ୍ବି ଅଙ୍ଗ ଭରି ଆନନ୍ଦ !

ହସି ଖେଳୁଥିଲ ଆପଣା ରୂପେ ନନ୍ଦନ,
ବୁଲି ବୁଲି କେତେ ଦେଖୁଥିଲ ସୁଖ ସପନ !
ବକୁଳ ମଲ୍ଲୀ ହାସ୍ନା ହେନାର ସଙ୍ଗେ,
ତଦନ୍ତି ଉଠିଲେ ତରୁଣ ସ୍ପର୍ଶେ ରଙ୍ଗେ,
ନବ ବିଳାସିନୀ ଗୁଲ ହୋଇଥିଲ ଚନ୍ଦନ,
ବିହ୍ୱଳେ ଗୁଞ୍ଜି ଗାଇଲ "ସ୍ୱର୍ଗ ! ନନ୍ଦନ !"

॥ ୪ ॥

ମଧୁର ଆଜ ଜ୍ୟୋତ୍ସ୍ନା ରାତି
ପ୍ରେୟସୀ ମୋ ଆସ,
ହାସ୍ନା ହେନାର ଗନ୍ଧ-ବନେ
ଲଭିଛି ପ୍ରଣୟ ରାସ
ଗୋଲାପ କେତେ ସ୍ୱପ୍ନ ଦେଖେ,
ସ୍ୱ ରକ୍ତେ କବ ଚିନ୍ତ ଲେଖେ
ସ୍ୱପ୍ନର ଏ ସୃଷ୍ଟି ମେଳେ
ମଳୟ ମେଲେ ବାସ,
ଆସ ଗୋ ପ୍ରିୟ ଆସ ।

ଜ୍ୟୋତ୍ସ୍ନା ଅଙ୍ଗେ ଢାଳିବ ବସି
ମୁଗ୍ଧ ତରଳ ଦୃଷ୍ଟି,
ସ୍ୱପ୍ନଭରା ଗଗନୁ ହେବ
ପ୍ରଣୟ-ଫୁଲ ବୃଷ୍ଟି ।
ସ୍ୱପ୍ନବାଳା ଅଳସ ମୁଖେ,
ନିରେଖି ଥରେ ମରିବ ସୁଖେ,
ଜୀବନ ମୋର ପୂର୍ଣ୍ଣ ହେବ
ଦେଖି ସେ ମୃଦୁ ହାସ
ପ୍ରେୟସୀ ମୋ ଆସ ।

॥ ୫ ॥

ସୁନ୍ଦର ମୋର ଚର୍ଚ୍ଚିତ ମେଘ
ସୁନ୍ଦର ମୋର ଗଗନ,
ସୁନ୍ଦର ନୀଳ-ସଲିଳ-ସୃଷ୍ଟି
ସୁନ୍ଦର ମୃଦୁ ପବନ ।
ସୁନ୍ଦର ଭ୍ରମ-ସଙ୍ଗୀତ
ଆଗୋ, ସୁନ୍ଦର ଊଷା ଇଙ୍ଗିତ,
ସୁନ୍ଦର ମୋର ଆଲୋକେ ଖେଳଇ
ନିତ୍ୟାନନ୍ଦ ଜୀବନ
ସୁନ୍ଦର ଏଇ ଭୁବନ ।

କୁସୁମ-ବିଳାସୀ ସନ୍ଧ୍ୟା ମୋର ଗୋ
ଧୀରେ ଚଳିଆସେ ସୁନ୍ଦର,
ଲଜ୍ଜିତା ଧ୍ୱନି ସୁନ୍ଦର ପୁଣି
ସମୀରଣ ଧୀର ମର୍ମର ।

ତୁମ ପାଶେ ବସି
ଲୋଡ଼ଇଁ ନାହିଁ ମୁଁ ମରଣ,
ମୁଁ ଗୋ, ଆନନ୍ଦ କଲେ ତନ୍ମନ !
ନିତ୍ୟ ନବୀନ ସୃଷ୍ଟିରେ ନିତି
ରଚଇ ମୋହର ସ୍ୱପନ !
ସୁନ୍ଦର ଆଜି ଭୁବନ !

॥ ୬ ॥

ଏ ଜୀବନ ଗୋଟା ଧରି ବାଜଇ ଗୋ
ବ୍ୟର୍ଥତାର କରୁଣ ରାଗିଣୀ,
ତରୁଣ ନିଃଶ୍ୱାସେ ଛନ୍ଦେ ହାହାକାରେ
ଯୌବନର ଉନ୍ମାଦନା ଜିଣି ।

ଗଗନେ ପବନେ ମୋର ଭଗ୍ନ ହାହାକାର,
ମୋ ଲୋତକ ଭରେ ଧାମ କୁସୁମ ମାହାର,
ଶ୍ୟାମଳ ସ୍ବପନେ ମୋର ଝଲଇ ବେଦନା,
ବେଦନାର ସୃଷ୍ଟି ନିତ୍ୟ କରେ କଳ୍ପନା ।
ଶୁଣିବ ବେଦନା ମୋର ? ଆସ, ଆସ,
ସ୍ନିଗ୍ଧ ପଥ ରହିଛି ଅନାଇଁ,
ନିରେଖି ସେ ଛଳ ଛଳ ବେନି ଆଖି
ପୁଲକେ ମୋ ଛନ୍ଦ ଯିବ ଗାଇ ।

ସଂସାର କରିଛି ମୋତେ କେତେ ଉପହାସ,
ମଉନେ ସହିଛି ଦୁଃଖ ପଦାଘାତ ତ୍ରାସ,
ମାତର ଗୋ ବନ୍ଧୁ ଦିନୁଁ ଅଛି ଅଭିଳାଷ,
ଶୁଣିବ ମୋ ଗୀତ ତୁମେ ବ୍ୟାକୁଳ ଶ୍ରବଣେ—
ଚିର ଭଗ୍ନ ଅନ୍ତରର ଭାଷ,
ଅଛି ଏକ ଦୀନ ଅଭିଳାଷ ।
ପୂର୍ଣ୍ଣ ହେବ ଜୀବନର ବିପୁଳ କ୍ରନ୍ଦନ
ବ୍ୟର୍ଥତାର ଦୁରନ୍ତ ରାଗିଣୀ;
ସେଦିନହେ କରିବ 'ଆର୍ଦ୍ର' ଶତଶତ ବ୍ୟଥା
ମାଧୁର୍ଯ୍ୟର ପ୍ରତିଦାନେ ଦୁଃଖ ନେବ କିଣି ।

॥ ୭ ॥

ଆଜି, କୁସୁମ ରାଜ୍ୟେ ଉଡ଼ିଯାଏ ମୋର ମନ,
କୁସୁମ ସ୍ବପ୍ନ ଦେଖେଁ ବସି ଅନୁକ୍ଷଣ,
କୁସୁମ-ମଦିରା ପିଇବାକୁ ମୁଁ ଗୋ ବାଇ,
ଗୁଞ୍ଜରିଅ ପ୍ରିୟ ପ୍ରଣୟେ କାର୍ଯ୍ୟ ନାହିଁ ।
କେତେ, ଗୋଲାପ ମଲ୍ଲୀ, ବକୁଳ,
ନବ, ଚମ୍ପକ ହେନା ଅତୁଳ,
ମୃଦୁ, କାମିନୀ ନିଆଳୀ ଚୟ
କରେ, ରଜନୀଗନ୍ଧା ଅଭୟ,

ମୁଁ ଗୋ, ଫୁଲ ଉପବନେ ଭ୍ରମର
ମୁଁ ଗୋ, ଫବ୍‌ଗର ଗାଗେ ଅମର,
ଛାଡ଼ିଦଅ ପ୍ରିୟେ ଛାଡ଼ିଦଅ ବେଳ କର
ନିଶୀଥ ସ୍ୱପ୍ନ ଭୁଲି ଆଜି କର ପର ।
ଛିନ୍ନ ପ୍ରାଣରେ ସୀମାହୀନ ଏତେ ଆଶା,
ନିଭାଇବ କାହିଁ କ୍ଷୁଦ୍ର ପ୍ରଣୟ-ଭାଷା ?
କୁସୁମ ଗନ୍ଧେ ରୂପେ ଆନନ୍ଦେ ଭାସେ,
ମନ ବଳେ ଆଜି ମରିବାକୁ ଫୁଲ ବାସେ,
ଛୁଟାଇ ଦିଅ ଗୋ ବନ୍ଧନ
ଡାକେ ମୋତେ ଦୂର ଅମରାବତୀର ନନ୍ଦନ ।

# ଶାରଦ ସ୍ୱର୍ଣ୍ଣ

ଆକାଶ ଆଜ ଶୁଭ୍ର ବେଶେ
ହେଲା ଚଞ୍ଚଳ,
ସମୀରଣେ ଖେଳ ବୁଲେ
ଏକା ଅଞ୍ଚଳ !
ଶେଫାଳିକା ଆମ୍ରହସ୍ୱ,
ତାର, ଗନ୍ଧେ ଚତୁର୍ଦ୍ଦିଗ ଭସ୍ୱ
ଆଜ ବିଶ୍ୱପ୍ରାଣ ପରଶି ଗଲା
ପୁଣ୍ୟ ମଙ୍ଗଳ !

ସେ ଯେ, କାଶ ଫୁଲେ ଭରଛୁ ତନୁ
ଶ୍ୟାମଳ ଶିରେ
ତାର, ମନ୍ଦହାସ, ଖେଳ ବୁଲେ
ନବେ ଅସ୍ଥିରେ !
ମାଳତୀ ତାର କଙ୍କଣ,
ସ୍ଫୁଟରେ, ଅଙ୍ଗେ ଗନ୍ଧ ଚନ୍ଦନ,
ପାଗଳ ସେ ଯେ ଖେଳ ବୁଲେ
ଦଳ ଅଚଳେ !

ଆସ ଆଜ ରୁଦ୍ଧ ଦ୍ୱାର
ମୁକ୍ତ କର ଗୋ,
ହସ ଖେଳେ ଆପଣା ପ୍ରାଣେ
ନେବା ବର ଗୋ ।
ବିଳମ୍ବ ଆଉ ନ କର ଗୋ
ଜଗତେ ଆଉ ନ ଡର ଗୋ
ଏଇ ସମୀର ପଥ ଧର
ଗ୍ଳଲ ସହି ଗୋ ।

ହସି ଖେଳେ ଆପଣା ପ୍ରାଣେ
                    ନେବା ହରି ଗୋ ।
ବଳକା ଆଜ ମାଳ ମାଳ,
                    ଲକ୍ଷ କରି ଚକ୍ରବାକ,
ଯାଆନ୍ତୁ ସବୁ ସ୍ୱପ୍ନ ଘରୁ
                    ମୁଗ୍ଧ ବିହ୍ୱଳ,
ଆକାଶ ଆଜ ଶୁଭ୍ର ବେଶେ
                    ହେଲା ଚଞ୍ଚଳ ।

# ପ୍ରୀତି ଆବାହନ

ତୁମେ, ବୋଲି ହୋଇ ଆସ ଅରୁଣ ଉଷାର କିରଣ
ତୁମ ପଦସଞ୍ଚାରେ ଚମକି ଉଠେହିଁ ସ୍ୱପନେ
ମୁଁ ଗୋ, ଭୁଲିଯାଏଁ ମୋର ହତାଶ ବିକଳ ଜୀବନ
ତୁମେ, ନିତି ନିତି ମୋତେ ଡାକିନିଅ ମଧୁକୂଜନେ ।

ଆସ ଆସ ମୋର ସୁଖ ଅବସାନେ,
ପ୍ରସ୍ଫୁଟ ଗୋଲାପ ଖୋସି ବେଣୀକାନେ,
ଝଡର ବାଦଲେ ଉଡ଼ାଇ ଅଳକ,
ଫଗୁଣ ପବନେ ଜଗାଇ ପୁଲକ,
ତୁମେ ଆସ ଧୀରେ ଆସ,
ଦେଖିଲେ ସେ ରୂପ କାନ୍ଦିଁଯାଏ ମୋର ପ୍ରାସ !

ତୁମେ, ଶୀତଳ ଗଣ୍ଡେ ଢାଳିଯାଅ ଶତ ଚୁମ୍ବନ,
ତୁମେ, ପ୍ରଣୟର ମଦେ ଭୁଲିଯାଅ ବାଧାବନ୍ଧନ,
ତୁମେ, ଅସୀମାନନ୍ଦ ଅସୀମ ପ୍ରଣୟ ଭରା,
ତୁମ, ଗମ୍ଭୀର ହାସେ ମରେଁ ମୁଁ ଆତ୍ମହରା,
ମଧୁର ପ୍ରଣୟ ! ମଧୁର ସ୍ୱପ୍ନ ପ୍ରିୟା,
ଅଶେଷାନନ୍ଦ ପୁଲକେ ଉଠଇ ହିୟା !
ମରଣ ! ମରଣ ! ଆସ ନାହିଁ, ରହ ଦୂରେ !
ଅଶେଷ ପ୍ରଣୟ ଉଠିବ ମୋର ପୁରେ !

୧୯୨୪

# ଗୋଲାପ ପିପାସା

ଏଇ ଗୋଲାପ-ପ୍ରାଣର ଅସୀମ ପିପାସା
କାହୁଁ ବା ବୁଝିବ ସୁନ୍ଦରୀ—
ତୁମେ, ଗୁଞ୍ଜିଁଯାଅ ଖାଲି ଗୁଞ୍ଜିଁଯାଅ,
କହିବାକୁ ବ୍ୟଥା ନାହିଁ ମୋର ଭାଷା,
ନିଶୀଥ ସ୍ୱପ୍ନ, ସଞ୍ଚର—
ତୁମେ, ଗାଇଯାଅ ଖାଲି ଗାଇଯାଅ !

ଯେବେ ଏଇ ଆଖି ଭରେ ଲୁହଧାର,
ଯେବେ ଏ ପରାଣ କରେ ହାହାକାର,
ଯେବେ ପୁଣି କ୍ଷତ ବିକଳ ପରାସ,
ଶାନ୍ତି ଜୀବନେ ଘର୍ଷଣୁଆସ,

କାହିଁ, କାହିଁ ତୁମ ଅନ୍ତରେ ଥାନ ?
ଗୁଞ୍ଜିଁଯାଅ ଖାଲି ଗୁଞ୍ଜିଁଯାଅ;
ମୋର, ଜୀବନର ସୁଖ ଚିର ଅବସାନ !
ପାର ଯେବେ ଥରେ
କରୁଣ ରସରେ—
ଗାଇଯାଅ ଖାଲି ଗାଇଯ ଅ ।

ଏ ଅଳସ ବୀଣା ତୁମକୁ ଗୁଞ୍ଜି ମୁଁ
ଲୋଟାଇ ଦେବି ଗୋ ଧୂଳିରେ
ସନ୍ଧ୍ୟା-ଗନ୍ଧ-ରୂପ-ଆନନ୍ଦ
ନ ଲେଖିବି ଏଇ ତୂଳରେ !
ତୁମେ, ଗୁଞ୍ଜିଁଯାଅ ଖାଲି ଗୁଞ୍ଜିଁଯାଅ !
ତୁମ, କରୁଣ ଛନ୍ଦ ବାଇଯାଅ !
ଶୁଣିବି ! ଶୁଣିବି ଆକୁଳ ମାରବେ,

ଶୁଣଇ ଯେସନେ—
ଲୋତକ-ନୟନେ—
ନୀଳ ଶାଖ ଫୁଲେ,
ସନ୍ଧ୍ୟା ନୀରବ
ଛନ୍ଦ ଅତୁଳ,
ଶୁଣିବ ସରବ
ଗାଇଯାଅ ତୁମେ ଲୁହିଁଯାଅ !
ସେଇ ସଙ୍ଗୀତ ଅଧୀରେ ଆସିଲେ ମରି,
ମୁଁ ଗୋ ତୁମରି ଚପଳ ଲୁହାଣିରେ ଯିବି ମରି ।

# ବ୍ୟଥା ନିବେଦନ

ତୁମେ, କେସନେ ଜାଣିବ ଗୋ ଅସୀମ ପ୍ରୀତି ମୋର,
ତୃଷାର ଏ ସେନେହ ଆଶା ପିପାସା ଘୋର ?
ତୁମେ ତ ରହ କେଉଁ ଦୂରେ ଗୋ,
ସନ୍ଧ୍ୟା ସ୍ୱପ୍ନ ସେ ପୁରେ ଗୋ ।

ମୁଁ ଗୋ ତୁମରି ପଥ ଖୁଣ୍ଟି ଆକୁଳେ ଯାଏ ଗାଇ
ସପନେ ଜାଗରଣେ ଶାନ୍ତି ମିଳେ କାହିଁ ?
ମାଇବେ ମୋ ମରମେ ମରେ ଗୋ;
ତୁମ ସେନେହ ପ୍ରୀତି ଭରେ ଗୋ ।

ମରମ ତଳ କଥା କେହି ତ ଜାଣେ ନାହିଁ
ଉଦାସେ ପୁଛଇ କେ 'ମଳିନ କାହିଁପାଇଁ ?'
ଆକୁଳ ଜୋଛନାଟି ବାଦଲ ତଳେ ଖେଳେ,
ଗୋଲାପ ପ୍ରାଣକଥା ସତେ ପରାଗ ମେଳେ,
କେହି ତ ନ ଜାଣଇ ଥରେ ଗୋ,
ଗୋପନ ପ୍ରୀତି ପ୍ରାଣେ ମରେ ଗୋ ।

ତୁମେ ଏ ପ୍ରାଣେ ଗଲେ ପରାଣ ପ୍ରିୟ ତର
ଗଭୀର ମରମରେ ତଳକୁ କରେ ଶିର ।
ଆବରି ଦିଏ ସବୁ ବ୍ୟଥା ଗୋ,
ଅବାଧ ପ୍ରୀତି ମାଦକତା ଗୋ ।

ଏ ପଥେ ଗଲେ ତୁମେ ମଳୟ ବହେ ପ୍ରାଣେ,
ତୁମରି ଦେହ ଗନ୍ଧ ଭାସଇ ଗୀତଗାନେ,
ସନ୍ଧ୍ୟା ହସେ ଖଳ ଖଳ ଗୋ
ଉଲ୍ଲସଇ ହୃଦତଳ ଗୋ,

ତୁମରି ପ୍ରୀତିଲାଭ ତଳେ ତ ଆଶା ନାହିଁ
ଖାଲି ମୁଁ ଯାଏ ଗାଇ ଗୋପନେ ରହେ ଚାହିଁ
ସବୁଠି ଦେଖେ ତୁମ ଛବି ଗୋ
ତୁମରି ଲାଗି ମୁହିଁ କବି ଗୋ ।

କରାଏ ଯାଉ ବହ୍ନି ବେଦନା ଯାଉ ଦହି,
ପରାଣ ହେଉ କ୍ଷତ ସବୁ ମୁଁ ଯିବି ସହି,
ମରଣ ଆଗମନେ ଛଳ ଛଳ ନୟନେ,
ସୁନୀଳ ଆକାଶକୁ ଚାହିଁବି ଥିର ମନେ,
ଶେଷ ଗୀତଟି ମୋର ଗାଇବି ଶୁଭକ୍ଷଣେ

ତୁମେ ତ ଶରଧନ ମୋର ଗୋ
ଛିଡ଼ି କି ପାରେ ପ୍ରୀତି ଡୋର ଗୋ ?

୧୯୨୪

# ବର୍ଷା ସଙ୍ଗୀତ

ଆକାଶେ ମାତିଛୁ ବଜ୍ର ବାଦଲ
ସାଇଁ ସାଇଁ ବହେ ପବନ,
ସୁଲକ ଉଠଇ ଚପଳା ଅଙ୍ଗେ
କି ଅବା ନବୀନ ଯୌବନ
ପ୍ରଳୟୁର ଏ କି ଉନ୍ମାଦ ଡାକ
ଏକି ମୂର୍ଚ୍ଛନା ଥରେ ଆଖପାଖ
କେଉଁ ମହୁଆଳ ଡାକେ ଆସ ଆଜ
ମୁକ୍ତ ବିଶ୍ୱ ଅଙ୍ଗନ !
ସାଇଁ ସାଇଁ ବହେ ପବନ !

ବାହାରେ ଭିତରେ ଯୌବନ ଖେଳ
ବରଷାର ଧାରା ପ୍ରାନ୍ତରେ,—
ଛୁଟଇ ଯେସନେ ଅନନ୍ତ ଯୁବା
ନବ ଯୌବନ ମନ୍ତ୍ରରେ !
(ମୋର) ଅବଶ ପରାଣ ଲୁହେଁ ସମ୍ଭାଳ
ଉନ୍ମାଦ ଶିଖା କିଏ ଗଲା ଜାଳି !
ବରଷା ହିନ୍ଦୋଳେ ଅନ୍ତର ଖେଳେ
ମୁକ୍ତ ସକଳ ବନ୍ଧନ !
ସାଇଁ ସାଇଁ ବହେ ପବନ !

୧୯୨୩

# ପ୍ରଣୟୀର ସ୍ୱପ୍ନ

ସଖି, ସନ୍ଧ୍ୟା ସ୍ନିଗ୍ଧ ଅଳସ ନୟନେ ଚାହିଁ,
ସଖି, ମଳୟ ଅସୀମ ପ୍ରେମର ଗୀତ ଗାଏ,
ସଖି, ନିତ୍ୟ ନବୀନ ଯୌବନ ବାଣୀ ବାଏ,
ସେ ଦେଶେ ଯିବି ମୁଁ ସେ ଦେଶେ ଯିବି ।

ସଖି, ବନ-ବକୁଳ ସମୀରଣେ ପଡ଼େ ଝରି
ସଖି, ଜ୍ୟୋତ୍ସ୍ନା ହେନାର ନିଃଶ୍ୱାସ ଉଠେ ଭରି
ସଖି, ନିତ୍ୟ ମୁକ୍ତ ନବୀନ ପ୍ରେମ ତରୀ
ସେ ଦେଶେ ଯିବି ମୁଁ ସେ ଦେଶେ ଯିବି ।

ସଖି, ସନ୍ଧ୍ୟା ପବନେ ଗୋଲାପ ପଡ଼େ ନା ଲୁଟି
ସଖି, ସୌରଭାକୁଳ ମାଳତୀ ମଲ୍ଲୀ ଫୁଟି,
ସଖି, ନିତ୍ୟ ପ୍ରେମେ ଷଟ୍‌ପଦ କରେ ଲୁଟି,
ସେ ଦେଶେ ଯିବି ମୁଁ ସେ ଦେଶେ ଯିବି ।

ସଖି, ଅକାଳରେ ହେଲେ ବନେ ନାହିଁ ଥରେ ଶୀତ,
ସଖି, ପ୍ରେମୀ କଣ୍ଠୁ ପ୍ରଣୟିନୀ ଶୁଣେ ଗୀତ,
ସଖି, ନ ଫେରଇ ଆଖି କ୍ଲାନ୍ତ ନୁହଇ ଚିତ,
ସେ ଦେଶେ ଯିବି ମୁଁ ସେ ଦେଶେ ଯିବି ।

ସଖି, ଶ୍ୟାମ ପ୍ରାନ୍ତରେ ଗୁହିଁ ରଙ୍ଗ ଧାନ ଫୁଲ,
ସଖି, ପ୍ରେମେ କଣ୍ଠେ ଉଚ୍ଛୁଳେ ତଟିନୀକୂଳ,
ସଖି, ନିର୍ଜନ ବନେ ନିର୍ଝର ବ୍ୟଥା ଠୁଳ,
ସେ ଦେଶେ ଯିବି ମୁଁ ସେ ଦେଶେ ଯିବି ।

ସଖି, ସମୀରଣ ଯାଏ ଗନ୍ଧେ ପରାଗ ବୋଳି
ସଖି, ପ୍ରଣୟୀ ସଙ୍ଗତେ ପ୍ରଣୟିନୀ ଖେଳେ ଦୋଳି,
ସଖି, ପ ଦମ ଲତାରେ ଝୁଲଇ କୁସୁମ ଥୋଲି,
ସେ ଦେଶେ ଯିବି ମୁଁ ସେ ଦେଶେ ଯିବି ।

ସଖି, ସନ୍ଧ୍ୟା ଗଗନେ ଝୁଲଇ ଇନ୍ଦ୍ରଧନୁ,
ସଖି, ଭସିଆସେ ମଧୁ କୋକିଳ କଣ୍ଠ ସ୍ୱନ,
ସଖି, କୋମଳ ସ୍ୱରଟି ମଞ୍ଜୁଳ ନ ଘଟନ୍ତି ମନ,
ସେ ଦେଶେ ଯିବ ମୁଁ ସେ ଦେଶେ ଯିବ ।

ସଖି, ସ୍ୱର୍ଗ ମର୍ତ୍ତ୍ୟ ଅସୀମାନନ୍ଦେ ନନ୍ଦନ,
ସଖି, ମୁକ୍ତ ପ୍ରଣୟ ମାନେ ନାହିଁ ବାଧା ବନ୍ଧନ,
ସଖି, କ୍ଳାନ୍ତ ବିଷାଦ ନ ମାନି ଝରଇ ଚୁମ୍ବନ,
ସେ ଦେଶେ ଯିବ ମୁଁ ସେ ଦେଶେ ଯିବ ।

ସଖି, ଗଗନେ ପବନେ ଅସୀମ ସ୍ୱପ୍ନ ଭରା,
ସଖି, ନାହିଁ କୋଳାହଳ ବ୍ୟଙ୍ଗ ତୀବ୍ର ଖରା,
ସଖି, ମୁଗ୍ଧ ନୟନେ ପ୍ରଣୟ ଆତ୍ମହରା,
ସଖି, ମନ୍ଦାରଗନ୍ଧେ ଯୌବନ ବିଏ ଧରା,
ସେ ଦେଶେ ଯିବ ମୁଁ ସେ ଦେଶେ ଯିବ ।

ଆସ ପ୍ରଣୟିନୀ ସେ ଦେଶେ ଯିବା ଗୋ ଆସ,
ତୁମ ପାଶେ ଡାଳ ପିଇବ ବକୁଳ ବାସ;
ଦେଖିବା ସ୍ୱପ୍ନ ପ୍ରଣୟ ଅମର ହାସ,
ଭୁଲିବା ମରଣ ବେଦନା ବିକଳ ତ୍ରାସ !

୧୯୨୪

# ବନ୍ଦୀ-ସ୍ମୃତି

ଲୁଚି ଲୁଚି କାହିଁ କୋକିଳ ଉଠଇ ଗାଇ,
ମଳୟ ପବନେ ଆଜି ସେ ହେଲାଣି ବାଇ,
ତା ପଛେ ମାତଇ ଝଇଲ କଜଳପାତି,
ମନେ ପଡ଼େ ମୋର କେଉଁ ସ୍ୱପ୍ନର ରାତି !

କେଉଁ ସ୍ୱପ୍ନର ସନ୍ଧ୍ୟା ମୋ ଅବସାନ,
ସେ ପ୍ରଭାତ ଲାଗି କାନ୍ଦି ଉଠେ ମୋ ପ୍ରାଣ,
ପ୍ରଣୟୀ ଯେସନେ ପ୍ରଣୟ-ସ୍ପର୍ଶ ଲାଗି
ଜନନୀ ଯେସନେ ରହେ ଶିଶୁ ଲାଗି ଜାଗି ।

ମନେ ପଡ଼େ କେଉଁ ଖ୍ୟାପଣ କାନନ ଭୂଇଁ
ବନ୍ଧୁ ସେ ପଥେ ଏକା ବୁଲୁଥାଏ ମୁହିଁ,
ଲତା ନିକୁଞ୍ଜେ ମଳୟ ପହଁର ଯାଏ,
'କୁହୁ କୁହୁ କୁହୁ' ଅଥୟ କୋକିଳ ଗାଏ ।

ନିରଜନ ବନେ ରଚେ ମୋ ସ୍ୱପନ ସୃଷ୍ଟି,
ଭାସମାନ ପକ୍ଷୀ ପତ୍ରଗ ଗନ୍ଧେ ବୋଳି,
ସରଳ ସେନେହେ ଲକ୍ଷି ରହେ ମୋର ଦୃଷ୍ଟି
(କେବେ) ଶରଧାରେ ଯାଚେଁ କାନନ କୁସୁମ ତୋଳି ।

ସ୍ୱାଧୀନ ସ୍ୱପ୍ନ ସ୍ୱାଧୀନ ପ୍ରଣୟ ମୋର
ଜାଣି ନାହିଁ ଆଜି କିଏ ଗୋ ଜଗାଇ ଗଲା
ଛିନ୍ନ କଲା କେ ପୁଣି ସେ ସ୍ୱପ୍ନ ଡୋର
କେଉଁ ସଙ୍ଗୀତ ଉଚାଟ କରି ମଲା !

# ପ୍ରୀତି-ଅନୁଭୂତି

ତୁମେ ମୋର ଶର ଜୀବନ ତରୁଣ ସ୍ୱପନ,
ତୁମେ ମୋର ନବ କାବ୍ୟ ଅରୁଣ ବସନ,
ତୁମେ ମୋର ପ୍ରିୟ ବକୁଳ ମଦିର-ଗନ୍ଧ,
ତୁମେ ମୋର ନବ ଗୋଲାପ-କରୁଣାନନ୍ଦ ।

ତୁମେ ମୋ ନିତ୍ୟ କୋକିଳ କଣ୍ଠସ୍ୱର,
ତୁମେ ମୋ ସତ୍ୟ ମନୋହର ମଳୟର,
ତୁମେ ମୋ ସନ୍ଧ୍ୟା ମୁଗ୍ଧ ଅଳସ ନୟନ,
ତୁମେ ମୋ ଚିତ୍ତ କେତେମତେ କର ହରଣ ।

ତୁମେ ମୋର ନବ ନୀରଦ ଅଙ୍ଗେ ଚପଳା,
ତୁମେ, ମଳୟ-ଅଙ୍ଗ-ମୁଗ୍ଧ-ବକୁଳ-ମେଖଳା,
ତୁମେ, ଲହରୀ ଛନ୍ଦ
ନିତ୍ୟାନନ୍ଦ,
ମୁଁ ଗୋ, ତୁମରି ସେନେହେ
ମୁଗ୍ଧ ଅନ୍ଧ,

ତୁମେ, ନବ-ଯଉବନ ମୁକ୍ତା-ମାଣିକ-ମୋତି
ତୁମେ, ନୀରବ ବିଶ୍ୱ ଦିବ୍ୟ ଅମର ଜ୍ୟୋତି !
ତୁମେ ଛିନ୍ନ ମରମେ ସ୍ୱର୍ଗ ଗଙ୍ଗାଧାର,
ତୁମେ ମୋର ଦୂର ନୀଳ ଗଗନର ତାରା !

ତୁମେ, ଛଳ ଛଳ ଜୁହ୍ନଁ ମାଳତୀ ଗନ୍ଧ-ବନେ,
ପୁଣି ଜ୍ୟୋତ୍ସ୍ନା-ସପନ-ଅମର-ସିଂହାସନେ,
ତୁମେ, କେତେ ରୂପେ ମୋର ଅନ୍ତରେ ଯାଅ ଗାଇ,
ମୁଁ ଗୋ, ମୁଗ୍ଧ ପରାଣେ ଗଗନକୁ ରହେ ଚାହିଁ !

ନାହିଁ ଅବସାଦ,
ନାହିଁ ପରମାଦ,
ସଂଶୟ, ଭୟ,
ଦ୍ୱନ୍ଦ୍ୱ ବିବାଦ,
ଅସୀମ ପ୍ରଣୟେ ଚିତ୍ତ ବୃତ୍ତି ଲୟ !
ତ୍ୟାଗ ମନ୍ତ୍ରେ କରେଁ ମୁଁ ଗୋ ସବୁ ଜୟ !
ଆସ ନାହିଁ ପଛେ ଥରେ ହେଲେ ମୋର ବାସେ,
ଆସ ନାହିଁ କେବେ ମୋ ସୁଖ-ସ୍ୱପ୍ନ ନାଶେ ।

ନୀରସ ମେଘୁଁ ଝର ନାହିଁ କେବେ ଧରା,
ମୁଁ ଗୋ, ଦୂରୁ ଥରେ ଚାହିଁ ହୋଇବି ଆତ୍ମହରା ।
କଳପନାତୀତ ସୁଦୂର ସ୍ୱପ୍ନ ସ୍ପର୍ଶ,
ଅଗୋ, ଢାଳି ଯାଉ ନିତି କରୁଣ ଛନ୍ଦ ହର୍ଷ !
ମୁଁ ଗୋ, ନୀରବ ସେନେହେ ଢାଳି ଦେଉଛି ଏ ମନ,
ନୀରବ ଲୋତକେ ପୀରତିର ପରଣତି !

# ବ୍ୟଥା-ମାଧୁରୀ

ମଳୟୁ ଆଜ ପ୍ରାଣେ    ଦିଅଇ କେତେ ବ୍ୟଥା
ମାତର ତୁମ ବ୍ୟଥା ମଧୁର,
ଶତ ମଳୟ ରୂପେ    ଏ ପଥେ ଗଲ ଭୁଲ !
ଭୁଞ୍ଜିଛି ମୁଁ ବିରହବିଧୁର ।
ବକୁଳ ତରୁ ଶିରୁ ପଡ଼ିଲା ଝରି,
ବିଷମ ଲାଜେ ମୁଁ ଗୋ ଗଲିଟି ସରି ।

ସପନ ପରି ଆସି    ସପନେ ଗଲ ଚଳି
ଗଭୀର ସ୍ନେହ କରି ବ୍ୟକତ
ମଧୁର ରୂପ ଗୋଟି    ଅସୀମ ଅନୁରାଗେ
ମନୁ କି କହିପାରେଁ ତ୍ୟକତ ?
ସୁନ୍ଦର ସତ୍ୟ ପ୍ରୀତି ପାଇଛି ଆଜ !
ଅସୀମ ଆଶା ସ୍ୱର ଉଠଇ ବାଜ !

ମଧୁର ଏଇ ଧରା    ତୁମରି ଲାଗି ପରା
ମଧୁର ନିମେଷର ମିଳନ
ମଧୁର ଏଇ ପଥେ    ନିତି ଗୋ ନିରେଖିବା
ଅସୀମ କ୍ଷଣକର ସପନ ।
ଯାଅ ଯାଇଛ ପୁଣି    ଆସିବ କେତେ ମତେ
ଅସୀମ ପରାଣର ଭରସା
ନୀରସ ଏ ହୃଦୟେ    ମଳୟୁ-ଗଗନରୁ
ବକୁଳ ଗନ୍ଧ ଗୋ ବରଷା !
ଯାଇଛ ଯାଅ କିଛି ଭାବନା ନାହିଁ;
ପୂର୍ଣ୍ଣ ଗୀତ ମୋର ଯିବ ଗୋ ଗାଇ ।

# ମ୍ଳାନ-ଫୁଲ

ସ୍ୱର୍ଗର ନାହିଁ ଥରେ ମଉଳା ପଡ଼େ
ମଳୟ ଉପବନ ଫୁଲଟି,
ସକଳ ତା ସୁଷମା ସକଳ ସଉରଭ
ଧୂଳିରେ ଆଜି ହୁଏ ଠୁଳଟି ।
ଜୀବନେ ଆଉ କିଛି ନ ଦେବ ନାହିଁ
ଇତର ଲୋକପଣ ଯାଅ ଗୋ ସ୍ୱର୍ଗ ।

ସେତିକି ଏ ଜୀବନ ଚା'ଥେସୁ ତାର
ସେତିକି ଜୀବନର ଧନ ଗୋ,
ଅସୀମ ଅନ୍ଧାରେ ହତାଶ ହାହାକାରେ
ଅମର ଆଲୋକର କ୍ଷଣ ଗୋ ।
ସେତିକି ପ୍ରତିଦାନ ପାଇବ ନାହିଁ ?
ବିଫଳେ ବ୍ୟଥା ତାର ଯାଉଛି ଗାଇ ।

କାହିଁକି ଦେଖା'ଇଲ ସ୍ୱପନ ଲୋକ ?
ଏତେ ସେନେହ ଏତେ ପୀରତି ?
କାହିଁକି ଗଢ଼ିଲ ହେ କୁସୁମ ସୁକୋମଳ
ପରାଣ ଗୋଟି ଦେଲ କରତି ?
ପ୍ରଣୟ ସୁଖ ଆଶା ତରଳ ମଧୁଈଷା
କାହିଁକି ଢାଳିଗଲ ଯତନେ ?
କାହିଁକି, 'ଆସ ଆସ ଡାକଇ ମଧୁମାସ'
ସୋହାଗେ କହିଗଲ ଗୋପନେ ?
କାହିଁକି ସେହି ମନ୍ଦ ମଧୁର ହାସ ?
ସକଳ ସ୍ମୃତି ଆଜି ହଅଇ ଗ୍ରାସ

ତୁମଣି ପୂଜାରେ ଯେ ଅରପି ଥିଲି ମନ
ତରୁଣ ଦେହ ଯଉବନ ଗୋ,
ଫୁଲଟିକେ ଯେମ୍ନ ଥରେ ଶ୍ରଦ୍ଧାରେ ହାତାଧରେ
କହିଲ "ନାହିଁ ପ୍ରୟୋଜନ" ଗୋ ।
କହିଲ ନାହିଁ ପଦେ ମଧୁର କଥା,
ଗଭୀର ବ୍ୟଥାରେ ସେ ନୋଇଁଲି ମଥା ।

ଆଜି ସେ ଅନାଦୃତ ଏକାକୀ ବନ୍ଧୁହୀନ
କାହିଁକି କ୍ଷଣେ ବହେ ମଳୟ,
କାହିଁକି କଳ୍ପନା ଛଳନା ହାହାକାରେ
ଭରମେ ତୋଳେ ସୁର ନିଳୟ ?
ମୂର୍ଚ୍ଛା କ୍ଷଣେ କମ୍ପା ଯାଏ ଗୋ ଡାକି
କାହିଁକି ମରେ ପ୍ରାଣ ଭୂଣସ୍ତୁ ବୁଝି ?

ଜଳିଗଲାଣି ତାର ସକଳ ଗଉରବ
ଆଜି ସେ ଦୀନ ହୀନ ପ୍ରାଣୀଟି,
ତେବେ ବିଷମ ଆଶା ଆକୁଳ କରେ
ପରାଣ ପାରୁନାହିଁ ଜାଣିଟି ।
ମର୍ତ୍ତ୍ୟେ କାହିଁ ମିଶି ପାରେ ସେ ନାହିଁ
ସକଳ ପ୍ରଶ୍ନ ତା' ଗଲେ ଗୋ ରହି !

ତୁମେ, କେମନେ ଭୁଲିଗଲ ସରଳ ପ୍ରୀତି
ଗଭୀର ଜୀବନର ଦାନ ଗୋ ।
ଲକ୍ଷ ହତାଦରେ କାହିଁ ତ ହେଲେ ଥରେ
ଭୁଲେନା ତା ମଉଳା ପ୍ରାଣ ତୋ
ଜୀବନେ ଲୋଡ଼ା ତାର କିଛି ତ ନାହିଁ,
ଅନ୍ତରୁ ଥରେ ଖାଲି ଯାଅ ନା କହି ।

# ଗୋପ ବାଳକର ପ୍ରୀତି ଅନୁଭୂତି

ଦେଖିଲେ ଥରେ ତାର    କଜଳ କଳା ଆଖି,
ପଥିକ ପ୍ରୀତି ଫାନ୍ଦେ    ପଡ଼ିଣ ଯିବ ଲଖି ।
କଳା ସେ କଳା ଦେହ    ଶୋଚନା କିଛି ନାହିଁ
ମୁଁ ଗୋ ତାହାର ପାଇଁ    ସେ ତ ମୋହରିପାଇଁ ।

ଦେଖଇଁ ନିତି ତାକୁ    କୁଟୀର ପଥ ପାଖେ
ମତ୍ତ ମରାଳ ପରି    ଚଳେ କଳସୀ କାଖେ
ଦେଖିଲେ ମୋତେ ସେ ଗୋ    ଲାଜରେ ମରେ ଦୂରୁ
ତଳକୁ ପୋତି ମଥା    ଫେରାଇ ନିଏ ଭୂରୁ ।

ଲଳିତ ଯଉବନ    ତା ଦେହୁଁ ପଡ଼େ ଫାଟି,
ଶ୍ୟାମଳ ଶାଢ଼ୀ ଖଣ୍ଡି    ଯତନେ ପିନ୍ଧେ ଆଣ୍ଠି ।
ଚିଲିକା ପ୍ରାନ୍ତରେ ମୁଁ    ବଇଁଶୀ ଦେଲେ ବାଇ
ସକଳ ଲାଜ ତେଜି    ମୋ ପାଖେ ଆସେ ଧାଇଁ ।
ନିବିଡ଼ ଚୁମ୍ବନେ ମୁଁ    ହୃଦୟେ ଧରେ ଟାଣି,
ମାନବ ପ୍ରୀତି ଅନ୍ତେ    ବିରହ ଦିଏ ହାଣି ।

[୧୯୬୫]

# ଗୋପ ବାଳାର ଅଭିଯୋଗ

ତୁମକୁ ମୋହ ସଙ୍ଗ          ଛାଡ଼ ପଣନ୍ତ କାହ୍ନ,
ଜାଗିବେ ପୁରନାରୀ          ପାରିବେ ସବୁ ଜାଣି ।
ଛି, ଛି, ତୁମର ରୀତି          ନ ଗଲ କାଳେ କାଳେ;
ମୋ ଯୋଡ଼ା କରମକୁ          ପଡ଼େଁ ମୁଁ ତୁମ ପାଲେ ।
ଦେଖିଲ ଗିରି ଶିରେ          ମଳିନ ଶଶଧର,
ଗଲେଣି ବୁଡ଼ି, ଆଉ          ନ କର ହରବର ।
ପୂରୁବ ଦିଗୁଁ ପୁଣି          ସିନ୍ଦୂରା ଆସେ ଫାଟି
ଶୁଭଇ ତରୁ ମେଳୁ          ଖଞ୍ଜନ କାକ ପାଟି ।
ଚଳକା କୋଳୁଁ ଧୀର—          ଶୀତଳ-ସମୀରଣ
ଛୁଟି ଆସଇ ହୁଆ          କମ୍ପଇ ଘନ ଘନ ।
ଛି, ଛି, ଏ ଚୁମ୍ବନ !          ମିନତି, ଥାଉ ଥାଉ !
କପୋଳ ଅରୁଣିମା          ଲିଭିବ ନାହିଁ ଆଉ ।
ମଳିନ କରି ଗଣ୍ଡ          ଅଧର କେଶ ବେଶ,
ତେବେ ତୃପତି ନାହିଁ          ନୁହଁଇ ପ୍ରୀତି ଶେଷ ।

●

[୧୯୨୫]

# କଳ୍ପନାମୟୀ

ହେ ଚିର କଳ୍ପନାମୟି !
ତୁମ, ଉଜ୍ଜ୍ୱଳ ରୂପ— ଅରୁଣ-ଆଲୋକେ
ହସିଥିଲା ମୋର ମଣ୍ଡି ।
ଉଜ୍ଜ୍ୱଳ ଉଷା ତରୁଣ ଜୀବନେ,
ପୁଣ୍ୟ-ତାରକା ଚପଳ ସ୍ୱପନେ,
ତୁମରି ପରଶେ ଜୀବନର ଗାଥା
ଛନ୍ଦେ ଯାଇଛି କହି
ଚିର କଳ୍ପନାମୟି ! ୧ ।

ରୂପର ପିପାସା ଜଗାଇଲ ପ୍ରାଣେ
କହିଲା ଲୋଭକଧାରୀ !
ସ୍ୱପ୍ନମୟି ଗୋ ଚିର ସୁନ୍ଦର,
ଧନ୍ୟ କଲ ଏ ମର୍ତ୍ତ୍ୟ ଅନ୍ତର,
ବୋଳଦେଲ କାହିଁ ମଧୁ ମଳୟର
ନବ ମଲ୍ଲିକା ବାସ,
ଦେଖିଛି ମନ୍ଦ ହାସ,
ଭୁଲିଛି ଜୀବନେ ଶତ ବିଫଳତା
ଭୁଲିଛି ଗୋ ଶତ ତ୍ରାସ । ୨ ।

ଆଗୋ, ଉତ୍ସବମୟି !
ମୋ ତରୁଣ ମନ ରମ୍ୟ କାନନେ
ତୁମେ ଗୋ ସର୍ବଜୟୀ ।
ରୂପର ଅମିୟ ସେ ପିଯୂଷ ବୃଷ୍ଟି,
ଅପଲକ ମୋର ମୁଗ୍ଧ ଏ ଆଖି,
ଧନ୍ୟ ଜୀବନ ଧନ୍ୟ ସ୍ୱପନ—
ଧନ୍ୟ କବିତା କବି,
ତୁମ ରୂପ ଛବି ଲଭି,

ମନେ ନାହିଁ ମୋର        ଦୁଃଖର ଦବା
କେମନେ ଯାଇଛି ବନ୍ଧୁ,
ଆଗୋ ଉତ୍ସବମୟି ! ୩ ।

ଆଗୋ କୌତୁକମୟି !
ହେ ତବ ଚପଳ        ତବ ଶୁଭ୍ରସୌମ୍ୟ
କବ ପ୍ରାଣ ଯାଅ ଦହି ।
ସନ୍ଧ୍ୟାର ମେଘ !        ଫୀରଣ୍ଡର-ବାସ !
ମନ୍ଦ ସେ ହାସ        ସୁମଧର ପ୍ରାସ,
ସୁଦୂର ଗଗନ        ଇନ୍ଦ୍ରଧନୁ ଗୋ
ପଡ଼ ନାହିଁ କେବେ ଧରା,
ତୁମ ଲାଗି କବି ପରା—
ଖୋଜଇ ଆକୁଳେ        ପ୍ରାନ୍ତର ବନ
ଲୁବ୍ଧ ଆତ୍ମ-ହରା !
ଆକୁଳ ଜୀବନ        ଶ୍ୟାମଳ ସ୍ନେହେ
ଅରେ ଗୋ ମଳୟ ବନ୍ଧୁ,
ଲୁଚ କୌତୁକମୟି ! । ୪ ।

ହେ ତବ ପୁଣ୍ୟମୟି !
କବି ଯୌବନେ        ପୌଷ ପବନ
ଆଜ ଖେଳେ ଯାଏ ବନ୍ଧୁ !
ଝରେ କଶଳୟ, ସୁପ୍ତଚ୍ଛନ୍ଦ,
ଶୂନ୍ୟ କାନନେ କୁସୁମ ଗନ୍ଧ,
ଶୂନ୍ୟତା ଚିତ—        ମନ୍ଦିରେ ଆଜ
ବେଦନା ଅଶ୍ରୁ ପୂଜା;
ରୂପ-ରହସ୍ୟ        ପଡ଼େ ନାହିଁ ତିଳେ ବୁଝା !
ସବୁ ଅସ୍ଥିର,        ସବୁ ନଶ୍ୱର,
ସକଳ ମେଳେ ଗୋ ତୁମେ ସୁନ୍ଦର,

ହସୁଛି ଜୀବନ    ଅରୂପ ପଦ୍ମ !
ଅତୀତର କଥା ଭୁଲି,
ଆଣିଛୁ ଅର୍ଘ୍ୟଥାଳି,
ସ୍ୱପ୍ନଲୋକର    ଅଶ୍ରୁ, ହାସ୍ୟ
କହ ନେବ ଅବା ନାହିଁ ?
ଆଗୋ କଳ୍ପନାମୟୀ !

# ଅରୂପ-କୁସୁମ

ଆଜି ଇନ୍ଦ୍ରଧନୁର ସପ୍ତରଙ୍ଗେ
ତୁମରି ରୂପ ଝଲିଲା
ଅରୂପ କୁସୁମ ତୋଳିବାକୁ
ମନ ବଳିଲା ।
ଝରେ ଝର ଝର ବର୍ଷା ବିନ୍ଦୁ,
ଉଚ୍ଛୁଳେ ପୀରତି କନକ ସିନ୍ଧୁ,
ଆଜି ନାହିଁ ମୋର ଭାଷା କେମନେ ସଜନ
କଣ୍ଠେ ପୀରତି ଜଳିଲା ।
ଅସୀମ ପିପାସା ! ଆକାଶ କୁସୁମ
ତୋଳିବାକୁ ମନ ବଳିଲା ।

ତୁମରି ବିରହେ ସୃଷ୍ଟି ଆଲୋକେ
ଅମୃତ ଆଶା ଖେଳେ !
ଆଗୋ, ମଧୁର ବର୍ଷା ମେଳେ !
ମୁଁ ଗୋ, ବନହଂସ     ଏକା ଏ କୁଟୀରେ
ଧରେ ତାନ ଅବହେଳେ !
ସେ ଗୋ, ମେଘ ମହ୍ଲାର ଅବା ଜାଣେ ନାହିଁ,
ତୁମରି ସେ ନାମ ଉଚ୍ଛ୍ୱେ ଗାଇ,
ନିମୀଳିତ ଆଖି     ଦେଖଇଁ ଗଗନ—
ଭୁବନ ଧୈର୍ଯ୍ୟ ଟଳିଲା,
ଅପରୂପ ରୂପ ପାଦପ
ଲତାରେ ଝଳିଲା !

# ଉଷାଲୋକେ

ଅଳସ ଉଷାର        ଆଲୋକେ ଝଲସି
କାହାର କନକ ଆଖି;
କ୍ଳାନ୍ତ ପରାଣ ସେ ରୂପେ
ରହିଲା ଲାଖି !

ଆପେ ଆପେ ଆଜ        ସବୁ ବନ୍ଧନ,
ସକଳ ଦୈନ୍ୟ        ମ୍ଳାନ କ୍ରନ୍ଦନ,
ଗଳିଗଲା ଧୀରେ ଯେସନ ମାହାର
କି ପୀରତି ସୁଧା ଚାଖି !
କାହାର କନକ ଆଖି !

ସେତ, କ୍ଷଣକର ଆଶା, ସେନେହ, ପୀରତି,
କ୍ଷଣକ ସ୍ୱପନ ମାୟା,
ମୋର, ବିକଳ ପରାଣ ଖୋଜି ବୁଲେ ସେହି
ଆକୁଳ ନୟନ ଛାୟା !

ସେହି, ତରୁଣ ପରାଣ କରିବାକୁ ପାନ
ଢବା ଦଶି ତୋଳେ ମୋ କରୁଣ ଗାନ,
(ମୁଁ ଗୋ) ପୂର୍ଣ୍ଣ କରିବି ସେ ଆଲୋକ ତେଜେ
ଜୀବନେ ରହେ ଯା ବାକି,
ରୂପ ପା'ସବାରେ
ସେ ପୀରତି ସୁଧା ଚାଖି ।

# ରୂପଲହରୀ

ଭୁବନେ ଖେଳଇ ରୂପର ଲହରୀ
ଗଗନୁ ଝରଇ ଅରୂପ ମଧୁ
ସବୁ କଥା ଭୁଲି ଆସ ଏ ବିଜନେ
ପିଇବା ବସି ଗୋ ଜୀବନ ବନ୍ଧୁ ।
ଯାଏ ଯୌବନ କେତେ କଥା ଛଳି,
ପୂରେ ନାହିଁ ଯେବେ ରିକ୍ତ ଏ ଥାଳି,
"ସଫଳ କର ଗୋ ଜନମ !" ଡାକଇ
ନଦୀ ଆରପାରୁ ଚକୋର ବଧୂ;
ସନ୍ଧ୍ୟାରୁ ଝରେ ଅରୂପ ମଧୁ ।

ଅସୀମ ଏ ରୂପ ସତ୍ୟ ନିତ୍ୟ,
ମିଥ୍ୟା ସକଳ ସପନ;
ଜୀବନର ବ୍ୟଥା କ୍ରନ୍ଦନ ଭୁଲି
ସଜନ କରିବା ବରଣ ।
କାହା ରୂପେ କହ ଝଟେର ସନ୍ଧ୍ୟା,
ବକୁଳ ମଲ୍ଲୀ ରଜନୀଗନ୍ଧା ?
କାହା ରୂପେ ବାଇ ଆଜି ଏ କୋକିଳ
ଗାଇଯାଏ ଗୀତି ଆଶାର ଛନ୍ଦୁ,
ଭୁବନେ ଖେଳଇ ରୂପର ଲହରୀ
ଗଗନୁ ଝରଇ ଅରୂପ ମଧୁ ।

# ନବ ବର୍ଷାନୁଭୂତି

ନବୀନ ବରଷାରେ ତୁମରି ଅନୁଭବ ମଧୁର,
ମଧୁର ପୁଣି ସୁରସୋହାଗୀ ଏ ଗୃହକ ବଧୂର ।
ମଧୁର ମନ ମତେଇ,
ଏ ବାତାୟନ-ପଥେ—
ଚାହିଁବା ଦୂରପଥ ବଧୂର,
ତୁମରି ଅନୁଭବ ମଧୁର !

ବରଷା ଝର ଝର ଘନ ତିମିର ନଭୁଁ ଝରଇ,
କେତେ ବାସନା ଜାଗି ତରୁଣ ମରମରେ ମରଇ !
ସମୀର ଅଚଞ୍ଚଳ,
ହସଇ ଖଳ ଖଳ,
ନବୀନ ପ୍ରୀତିସମ ଥରଇ !
ବାସନା ମରମରେ ମରଇ !

ଯୌବନ-ବେଦନ-ପ୍ରାଣ ବରଷା କୋଳେ ଏକ କରି ଗୋ;
କୁଟୀରେ ବସି ବସି ବେଦନ ନୟନେ ନୀର ଭରି ଗୋ,
ବରଷା ଅନୁଭବ,
କବିତା ନବ ନବ,
ବଞ୍ଚନ୍ତି ସକଳ ସହଚରି ଗୋ,
ଖେଳିଁ ସାଜନ୍ତି ସନ୍ଧି କରି ଗୋ ।

ସେନେହ-ସିକ୍ତ ନେହେ ଦେଖନ୍ତୁ ତପନାର ଚଳଣି,
ଅନ୍ଧାର ମେଘ କୋଳେ ଯୁଗଳ ପ୍ରାଣ ଏକ ସଜନ,
ଭୁଲି ସଂସାର ମାୟା,
ବେଦନା ଦୁଃଖ ଛାୟା,
ତରୁଣ-ଯୌବନ-ଭରଣ-ସୁଖ-ଭୋଗ, ସଜନି !
ବରଇ ସମୀରଣେ ଯେସନ ସ୍ୱପ୍ନାବେଶେ ରଜନୀ ।

# ଅଭିସାର-ସ୍ମୃତି

ସେ ତ ଆସିଥିଲା ଢଳେ ଏମନ ନୀରବ ରାତିରେ,
ମୋର ତରୁଣ ମନଟି ଅଧୀରେ ଉଠିଲା ମାତିରେ ।
ଆସିଲା ଯେସନେ ନିଶାର ସପନ,
ଲୋତକପୂରିତ କଜଳ ନୟନ,

ସେ ଢା, ମଳିନ-ମଳୟ-କୁସୁମ-ବେଦନା
ବନ୍ଧୁ ଆଣିଥିଲା ଗୁନ୍ଥରେ,
ଆସିଥିଲା ଢଳେ
ଗଭୀର ନୀରବ ରାତିରେ ।

କେଉଁ ବରଦର ରୁଦ୍ଧ ଦୁଆରେ
ଡାକିଲା ଚକୋର ଭିଖାରୀ,
ଅବୋଧ କଜଳପାତି କାହା ପାଶେ
ଘନ ଘନ କଲା ଗୁହାରି ?

ଢଳଳ ଜୋଛନା ! ଡାକିଲା ସେ ନୀର,
କୋମଳ ହୃଦୟ ହେଲା ତା ଅଧୀର,
କହିଲା......"କବ ଗୋ ଗାଇବ କି ଥରେ
ବେଦନାର ଗୀତ କଣ୍ଠରେ
ଆଜି ଏ ଗଭୀର ରାତିରେ ?"

ଛୁଇଁଲା ବୀଣାର କରୁଣ ତାରଟି
ଝରିଲା ଗଗନୁ ଲୋତକ,
ବସିଥିଲା ପାଶେ ପାଷାଣୀ ସମୀରେ
ଉଡ଼ୁଥିଲା ତାର ଅଳକ ।

ଥିର ହେଲା ଗୀତ କର ହାହାକାର !
କଣ୍ଠହାର ସେ ଦେଲା ଉପହାର,
ଶୂନ୍ୟେ ମିଶିଲା ହତାଶ ଯେସନେ
ଶର କଳ୍ପନା ସାଥିରେ !
ଆସିଥିଲା ପାଶେ
ଗମ୍ଭୀର ନୀରବ ପ୍ରାନ୍ତରେ !

# ନବବର୍ଷ ସଙ୍ଗୀତ

ପାଗଳ କଲଣି ନବୀନ ବର୍ଷା
ତିକ୍ତ ମନ !
ମଳୟୁ ଯେସନେ ଜୋଛନା ରାତେ
କୁସୁମ ବନ !
କ୍ଳାନ୍ତ ନୟନେ ଦୂରେ ନିରେଖିବା
ମିଥ୍ୟା ! ସତ୍ୟ ଖାଲି ଭାସିଯିବା !

କ୍ଷିପ୍ତ ପାଗଳ ସମୀରଣ ଭୁଲେ !
ଓ କଣ୍ଠୁ ଘନ,
ଉପେକ୍ଷା କରୁ ବିଷାଦ କ୍ଳାନ୍ତ
ତିକ୍ତ ମନ !
ଦଳିତ ପରାଣ, ଯୌବନ ମୋର,
ଗାଅରେ ଆଜ !

ଯୌବନ ମୁହିଁ ନିତ୍ୟ ଅମର !
ଜରାପଦେ ମୁଁ କି ପଡ଼ିବି ଭାଜି ?
ଜୀବନ କାହିଁରେ ଜୀବନ କାହିଁ ?
ଏ ଭୁବନ ତଳେ,
ବଜ୍ର ବାଦଲେ,
କହ କାହିଁ ତଳେ,
ସେ ଆଲୋକ ମିଳେ ?
ଚିର ଆନନ୍ଦ, ଜୀବନ କାହିଁ ?
ଭୁଲ କଳ୍ପନା ପବନ ସଞ୍ଚରେ
ଏଇ ମୃତ ଦେଶେ,
ଜୀବନ ନାହିଁ ଗୋ,
ଜୀବନ ନାହିଁ ।

ଗାଅ ଗୋ ଦଳିତ ବୃକ୍ଷ ଲତିକା
ନଗ୍ନ ପର୍ବତ ପୁଲକ ପ୍ରାଣେ,
ବର୍ଷା ଆସିଛି ଦଣ୍ଡେ ଆଜ ରେ
ଆସିଛି ଆସାର ଜଳଦ ଯାନେ !
ଗୋଲାପ ପ୍ରାଣର ସ୍ନିଗ୍ଧ ବିନ୍ଦୁ କି ଅରେ
ମଳିନ କ୍ଲାନ୍ତ ନୟନ ମେଲ ?
କବିତା ରସିକ ହାସ୍ୟ ହେନାର
ଦୂଆରେ ବର୍ଷା କରଇ ଖେଳ !
ଖେଳେ ସେ ଗଗନେ ପବନେ ଆଜ,
କବିତା ଛନ୍ଦେ ପଡ଼ଇ ଖଜ,

ସ୍ୱପ୍ନ-ସ୍ୱର୍ଗର ଧରଣୀ ଗନ୍ଧେ
ରସିଛି ଆଜ !
ବିଶ୍ୱ ମୁକ୍ତ ସକଳ ରନ୍ଧ୍ରେ,
ନବ ଆନନ୍ଦେ,
ଅମରର ଗୀତି
ଉଠଇ ବାଜ !

ସକଳ କଣ୍ଠେ ଜୀବନ ! ଜୀବନ !
ଅସୀମ ପୀରତି କାହିଁ !
ବନ୍ଧନ ସବୁ ମୁକ୍ତ କରି ଗୋ
ଦୂରଦେଶେ ଯିବା ଧାଇଁ !
ବିଶ୍ୱ ରନ୍ଧ୍ରେ ଏକଇ ଛନ୍ଦ,
ଏକଇ ପୁଲକ; ପ୍ରୀତି ଆନନ୍ଦ;

ଶୁଣ ଶୁଣ କବି ମୂର୍ଖ, ଅନ୍ଧ !
ଏକଇ ଭାଗଳ ଦେଶେ,
କାହାର ଶୁଷ୍କ କ୍ଷିପ୍ତ ସ୍ୱରଟି
ସାନ୍ଦ୍ର ବାଦଲେ ମିଶେ !

ସଙ୍ଗୀତ ମେଳେ ପୀରତିର ମେଳେ
ଭଣ୍ଡତାର ଅନୁଭବ,
ଆରେ ବର୍ଷାର ଉତ୍ସବ !
କୋଳାହଳ ଭେଦି ଉଠଇ ଗଗନେ
ପିପାସା ଆଶାର ରବ ।
ଗାଅ ଗାଅ ନବ ଜୀବନର ଗୀତ,
ଆନନ୍ଦ କର କର ଗୋ ଚକିତ,
ପ୍ରେୟସୀ ଆଜି ଢାଳିଦିଏ ତାର
ସକଳ ଧନ !
ନବ ବର୍ଷାରେ ନବ-ଆନନ୍ଦ-
ନିମନ୍ତ୍ରଣ !

# ଅନୁଶୋଚନା

ପାଶୋରିବି ବୋଲି           ବିଫଳ ଜୀବନେ
ଭୁଲଇଁ ଥରକୁ ଥର,
କାହିଁ ପାଇଁ ପୁଣି           ଯଉବନେ ବାଜେ
ଗଭୀର କରୁଣ ସ୍ୱର !
କାର୍ତ୍ତିକ ଗଗନେ           ହସଇ ସନ୍ଧ୍ୟା,
ଫୁଟଇ ମଲ୍ଲୀ           ରଜନୀଗନ୍ଧା,
ମୁଁ ଯେ, ଶୂନ୍ୟତା ମେଳେ           ରଚଇ ସ୍ୱପ୍ନ
ନିତି ନିତି ପ୍ରୀତି ଭର !
ପାଶୋରିବି ବୋଲି
ଭୁଲଇଁ ଥରକୁ ଥର !

ମୁଁ ଯେ, ଶ୍ରାବଣ ରଜନୀ           ସ୍ପର୍ଶେ ହୃଦୟ
କରଇ ଅଶ୍ରୁସିକ୍ତ,
କ୍ଷିପ୍ର ସମୀରେ           ଚପଳା ହାସ୍ୟେ
କହଇ "ରିକ୍ତ ରିକ୍ତ !"
ଜୀବନରେ ଯାହା ନୁହଇ ହେବାର
ବିଫଳ ତା ଲାଗି ଏତେ ହାହାକାର
ହତାଶର ଗୀତେ ପୂର୍ଣ୍ଣ ଜୀବନ !
ସେ ଆଶା ଟି ମନୋହର !
ପାଶୋରିବି ବୋଲି
ଭୁଲଇଁ ଥରକୁ ଥର !

# ବିଦେଶିନୀ

ଶାନ୍ତ ସନ୍ଧ୍ୟା      ଧୂସର ମଧରେ
ମୁକ୍ତ ନୀରବ ସରଣୀ
ବିଦେଶିନୀ ଆସଗୋ      ମେଲି ଦିଅ
ତବ ତରଣୀ।
ଯୌବନର ଏ ମଧୁର ଯାତ୍ରା!
ପରଶଇ ନାହିଁ ବିଷାଦ ମାତ୍ରା!
ଯହିଁ ଅଭିଳାଷ      ମୌନେ ଚଳ ଗୋ
ଧୂସର ବିଶ୍ୱର ଅବନୀ।
ମେଲି ଦିଅ ତବ ତରଣୀ।
ନବ ଯୌବନ      ଫାଟି ପଡ଼େ ସଦ୍ୟ
ଆଜି ଏ ମୁଗ୍ଧ ସନ୍ଧ୍ୟାରେ,
ଯେସନ ଗନ୍ଧ—
ମଲ୍ଲୀ ରଜନୀଗନ୍ଧାରେ!

ମୁଁ ଗୋ, ଭୁଲି ଆପଣାକୁ      ପିଏଁ ସେହି ସୁଧା
ନୀରବେ ବସି ଏ ଅନ୍ଧାରେ।
ହେ ଅପରିଚିତା! ବିଦେଶିନି!
(ତୁମେ) ସ୍ୱପ୍ନ? ସତ୍ୟ? ମାୟାବିନୀ?

(ମୋର) ଅନ୍ତର ମନ      ଗାଉଛି ଅଧୀରେ
ତୁମର ମଧୁର ଆଗମନୀ!
ମନ୍ଦ ମଧୁର ସୁରଧୁନୀ,
ତୁମେ ମାୟାବିନୀ!

ଝଲଇ ମଧୁରେ        କୋମଳ କପୋଳେ
ଅସ୍ତ ରବିର ଚୁମ୍ବନ;
ନମୀଳିତ ଆଖି        ଅମୃତ ହାସ
ପରାଣ ଅବା କି ସ୍ପନ୍ଦନ !
ସେଇ ହାସେ ପ୍ରାଣ ଭସାଇବାପାଇଁ,
ଆକୁଳ ଗଗନ ସମୀରଣ ବାଇ,
ପକ୍ଷିକଣ୍ଠ ଖରେ ଉଠେ ଗାଇ
ଅଧୀରେ ଆସଇ ରଜନୀ
ମେଲଦିଅ ତୁମ ତରଣୀ !

ସମୀରେ ଦୋଳଇ        କବରୀ, ଅଙ୍ଗେ
ରହେ ନାହିଁ ନୀଳ ଅଞ୍ଚଳ,
ତରୁଣ ରୂପର        ନମେଷ ସ୍ପର୍ଶେ
ସକଳ ବିଶ୍ୱ ଚଞ୍ଚଳ !

ଚଞ୍ଚଳ ପ୍ରାଣ        ଯେସନେ ଚପଳା
ଗମ୍ଭୀରେ ଚଳ        ମାତର ସରଳା
ତରୁଣ କମଳ        ବନେ ମୋ କମଳା
ଚଳ ଗୋ କନକବରଣି !
ମାଡିଆସେ ଭୀମ ରଜନୀ !

ଗାଇବ ବସି ମୁଁ —        ମୁଗ୍ଧ ସ୍ୱପ୍ନେ ?
ଛନ୍ଦ ନୁହଇ ସ୍ଫୁରଣ,
ଅଜ୍ଞାତେ କବୁଁ        ଖସିଛି ଯନ୍ତ୍ର
କରିଛି ଏ ମନ ହରଣ ।
କୋ'ମଳ ଅଙ୍ଗ କୁସୁମ ଗନ୍ଧେ
ମୁଗ୍ଧ ପରାଣ ସ୍ପନ୍ଦିତ ।
ସ୍ଫୂର୍ତ୍ତି ମୋ ମନ-ମଳିନ-ଗଗନ
ସ୍ୱପ୍ନେ ହେଲଣି ରଞ୍ଜିତ ।

ଆଜ ନୁହେଁ ଗୀତ ! ରୂପ ପାସବାରେ
ଯୌବନ ଅରପଣ !
ଆଜ ଦେବା ଖାଲି ମୁକ୍ତ ପସରେ
ସଞ୍ଚିତ ସବୁ ଧନ !
ନଅ ନଅ ତୁମେ ତଣ୍ଣ ଧୀରେ ବନ୍ଧ,
ସ୍ୱପ୍ନସାଗରେ ବନ୍ଧିଲେ ସନ୍ଧ,
ଖସିପଡ଼େ କାନୁ କୁସୁମଟି ଧୀରେ
ଖୋଷି ଦେଇ ଆଗୋ ରମଣୀ ?
ଗ୍ଳଲ ଗ୍ଳଲ ଦୂରେ
ଆସଇ ରୁଦ୍ର ରଜନୀ !

# ଅଶ୍ରୁ ଉପହାର

ଜନ୍ମ ଜନ୍ମ ବସି ତୁମର ଲାଗି
ଅଶ୍ରୁରେ ରଚେଁ ହାର,
ଏତିକି ମୋହର ଜୀବନର ଭୁଲେ
ଅନ୍ତିମ ଉପହାର ।
ପାଇ ନାହିଁ ଆଉ କିଛି ତ ଜୀବନେ,
ଭରମିଛି କେତେ ତରୁଣ ସପନେ,
ସକଳ ହର୍ଷେ ସୁଖ-ଆନନ୍ଦେ
ବାଜି ଉଠେ ହାହାକାର !
ଅଶ୍ରୁରେ ରଚେଁ ହାର !
ଏକଇ ଜୀବନ ବିଫଳ ଗୋ ମୋର
ତହିଁ କାର ଲାଭ ହାନି ?
ମୁଁ ତ, ତୁଟାଇ ଦେଇଛି ସକଳ ମମତା
ଶୁଣିବ ବୋଲି ସେ ବାଣୀ ।
ମୁକ୍ତ ଗଗନେ ବଢ଼ାଏ ମୋ କର,
କହେ ପ୍ରିୟତମ ଧର ଧୀରେ ଧର !
ଜୀବନର ତାର କଣ୍ଟକ-ପଥେ
ଛିଡ଼ିଯାଏ କ୍ଷୀଣ ତାର,
ଅଶ୍ରୁରେ ରଚେଁ ହାର !

( ସମାଧି-ସ୍ମୃତି )

[୧୯୨୫ ]

# ପ୍ରଶ୍ନ

ଜୀବନଟା କି ଖାଲି ଆକୁଳ ନୟନରେ
କ୍ରନ୍ଦିବା ?
କୁଟୀରେ ଏକା ବସି ଉଦାସ ଗୀତ ନିତି
ଗାଇବା ?
ପାଗଳ ବେଶ ସାଜି,
କ୍ଷିପ୍ତ ଘନ ଆଜି
ଉଦାସେ କହି ଯାଏ ଯାହାକୁ ଖୋଜୁ
ସେ ତୋ କାହିଁ ବା ?
ସକଳ ଭୁଲି ଆସ ପାଗଳ ଗୀତି ଆଜି
ଗାଇବା ।
ସୁଦୂର ଅତୀତରେ ଭରମ ହେଲା
ଥରେ ଜୀବନେ;
ଆଉ କି ନ ଫେରିବ ଶାନ୍ତି ସୁଖ
କ୍ଷଣ-ସପନେ ?
ଦଳିତ ଏ ପରାଣେ ସେ କରୁ ଯିବ ନାହିଁ
ପରଶି ?
ବଦନେ କି ସୁଶୀତଳ ବାଦଲ ଯିବ ନାହିଁ
ବରଷି ?
ସଞ୍ଚିତ ଆଖି ଜଳ,
ତହିଁ କି ନାହିଁ ଫଳ ?
ସୁଖର ଆଶା ଭରି ପ୍ରିୟର ଅନୁରୂପ
ଧ୍ୟାଇବା ?
ଜୀବନଟା କି ଖାଲି ଆକୁଳ ନୟନରେ
କ୍ରନ୍ଦିବା ?

[୧୯୨୪] (ସମାଧି-ସ୍ମୃତି)

# ମୁକ୍ତି ସେନା

ମୁକ୍ତ ସେନା ! ମୁକ୍ତ ସେନା !
ଦୁଃଖ କି ଛାର ? କି ଅବା ଭୟ ?
ନାୟକ ତୋହର ଅନ୍ତର ତର
କରାଳ ମୃତ୍ୟୁ କରିଛି ଜୟ ?
ଗର୍ବେ ନିଶାଣ ଆଜି ତୋଳି ଧର !
ମୃତ୍ୟୁ ଦୁଃଖେ ଫୁତ୍କାର କର !
ପୋଛ ସେ ଅଶ୍ରୁ ଅଟ୍ଟହାସ୍ୟେ
ମିଳିତ କର ତୋ ଶକ୍ତିଚୟ;
ଭୈରବେ ଗାଅ, ଗମ୍ଭୀରେ ଗାଅ,
ସତ୍ୟକୁ କିଏ କରିବ ଜୟ ?
ନାହିଁରେ ଭୟ !
ତୋହର ତ୍ୟାଗର ଭସ୍ମ ଉପରେ
ଉଡ଼ିବ ସତ୍ୟ ଧ୍ୱଜା !
ଆରେ, ଭୈରବ ଭେରି ବଜା !
କମ୍ପି ଉଠୁ ସେ ଶୀତଳ ରକ୍ତ
କମ୍ପୁ ମିଥ୍ୟା ମଜ୍ଜା ।
କନ୍ଧ କନ୍ଧ ନତ ନ କରିବୁଁ ଶିର
ଦେବୁଁରେ ରକ୍ତ ନୟନର ନୀର
ନ ଟଳିବ ପାଦ ମୁକ୍ତି ମାର୍ଗୁଁ
ନ ଟଳିବ କେବେ ଲକ୍ଷ୍ୟ ଲୟ;
ସତ୍ୟକୁ କିଏ କରିବ ଜୟ ?

# ସ୍ମୃତି

୧—ସେ ତ, ଚପଳା ସ୍ୱପ୍ନରେ ଗଲାଣି ବାଦଲେ ଲେଟି,
ଆଜ, ଦେଖିଛୁ ତା କ୍ଷୀଣ ଉଜ୍ଜ୍ୱଳ ତନୁ ଗୋଟି ।
ଗଣ୍ଡେ ତାହାର ଚୁମ୍ବନ ଦାଗ
ଛୁଟିଥିଲା ପଟେ ନବ ଅନୁରାଗ
ସ୍ତନ୍ୟ ଭାଗଲ କାହାର ସେ ରୂପ ? ବନ୍ଦୀ ତା ମରମଟି !
ଦେଖିଛୁ ତା କ୍ଷୀଣ ଉଜ୍ଜ୍ୱଳ ତନୁ ଗୋଟି ।
ଖେଳିଲା ପରଶେ ଲୁପ୍ତ ଆଶାଟି
ସେଇ ଦୂର ଅନ୍ତରର;
ନବ ଯୌବନେ ବାଜଥିଲା ଯେବେ
ମିଳନ ମଧୁର ସ୍ୱର !
ନାହିଁ, ନାହିଁ, ସେ ତ ନୁହେଁ ପାଇବାର !
ଖାଲି ଗାଇବାର, ଖାଲି ଝୁରିବାର,
ନ ବୁଝି ଉଦାସେ ଲୁଟିଲା ସଫଳ
ଜୀବନ ପୁଣ୍ୟ କୋଟି;
ଦେଖିଛୁ ଅରେ ତା ଉଜ୍ଜ୍ୱଳ ତନୁ ଗୋଟି ।

୨—ଶ୍ରାବଣ ମେଘ ଆଜ କ୍ଷିପ୍ର ପଦ ଦୂରେ
ଯାଉଛି ଧାଇଁ,
ସକଳ କଥା ଭୁଲି ଦୁଆର ପାଶେ ସେ ତ
ଥିବ ରେ ରୁହିଁ !

ନୀରଦ ଛଳ ଛଳ, ପୁଷ୍ପେ ଲୋଟୁଥିବ
ଅସହ ଗନ୍ଧ
ଘନ କାଳିମାବୃତ, ଉତ୍ଫୁଲ୍ଲ ସଦ୍ୟ ସ୍ଫୁଟ—
ଯୌବନ ଅନ୍ଧ !

ଶ୍ରବଣୁ ଖସିଥିବ କନକ ଅବତଂଶ
ବଳୟୁ କଙ୍କୁ,
ତରୁଣ ହୃଦୟୁଟି ପାଳଟି ଥିବ ପୁଣି
ନିଦାଘ ମରୁ !

ବେଣୀର କଣ୍ଟି ତାର ସ୍ତନ ଜଘନ ଭାର
ନ ପାରି ସହି
ବାତାୟନ ସମୀପେ ଲତିକା ସମ ପଡ଼ି
ଥିବ ସେ ରହି ।

ଅବା ସେ ଶୁଣୁଥିବ ଯୌବନ କଥା ତାର
ନୟନ ବୁଜି,
କଣ୍ଠ ତୋ କଳପନା ପ୍ରଖର ହେଲେ ଅବା
ପାରିବୁ ବୁଝି ।

ବରଷା ଆଜ ନବ ତରୁଣୀ ପ୍ରାଣେ ଯେତେ
ଲଗାଏ ବ୍ୟଥା,
ସବୁ ସେ ସହୁଥିବ ସରଗ ଶଶୀ ସମ
ସରମନତା !

ପଗ୍ରଣ ସହଚରୀ ନାହିଁ ତା ପାଶେ କେହିଁ ୮୭
କହିବ ଧୀରେ
କୋମଳ କଥା ପଦେ—କପେ ଲୁ ପୋଛିବୁ ଲୁ
ଲୋତକ କି ରେ ?

ତୁହେଁ ସେ ଆନ ଜନ, ମଉବନର ଓର
ଉଜ୍ଜ୍ୱଳ ମଣି
ତୋହର ପ୍ରିୟ ସେ ତ ମାନସେ ପରମାଦ
କାହିଁକି ଗଣି ?

କରୁ ସେ ଅବହେଳା ଫେରାଇ ନେଉ ମୁଖ
ତୋହର କଥା
ନ ଥାଉ ପ୍ରାଣେ ତାର ବଡ଼ଲ ଦେଉ ଦଣ୍ଡେ
ତୋ ଆକୁଳତା ।

ତା ଶୁଭ କଳପନା ତାହାର ସୁଖ ଚିନ୍ତା
କି ଦୋଷ ସେଥି ?
ନିଗୂଢ଼ ନିବେଦନ କରିବା ଶିବ ପାଶେ
ମଧୁର ଏଥି ।

କେତେ କେ କରେ ପାପ ଅନ୍ୟାୟ ଅବିଚାର
କରମ ଘୋର,
ତୋ ପ୍ରିୟଜନ ଲାଗି ଏତିକ ଅଧିକାର
ନାହିଁ କି ତୋର ?

ସକଳ ଭୟ ଭୁଲି କର ତୁ ନିବେଦନ
କରୁଣ ଗାନେ
ନିଠୁର ବାରବାର ଦଣ୍ଡନା ପରମାଦ
ଅବଳା ପ୍ରାଣେ ।

●

ମୁଁ—ତାର, କନକ ଆଖି ତାର କଜଳ ଆଖି
ଝର ଝର ବରଷାରେ ଯାଉଛି ଡାକି ।
କାତାଯନ ପଥେ ଦୂର ଶନ୍ୟ ବେଳାକୁ ଚାହିଁ,
ମାଦକ ନୟନ ତାର ଗାଉଥିଲା ନାହିଁ ନାହିଁ,
ଅସ୍ତ ଗଲେଣି ରବି ମନ୍ଦିରେ ଆସେ ନାହିଁ
ଚପଳ ଏ ସମୀରଣ ତାର ସାକ୍ଷି !
ତାର କନକ ଆଖି,
ଝର ଝର ବରଷାରେ ଯାଉଛି ଡାକି !

ଝାଉଁ ବନେ ଶୁଭୁଥିଲା ତାର ସମବେଦନାର
ହାହାକାର କରୁଣ ଶ୍ୱାସ,
ଭଗ୍ନ ଲହରୀ ଗୀତେ ସିନ୍ଧୁ ଅସୀମ ପାରେ
ତା ବେଦନା ମଳିନ ଆଶ୍ୱାସ !
ପକ୍ଷୀଗୀତେ ଲଗିଥିଲା ତା ହତାଶ ନାହିଁ ନାହିଁ
ନଭେ ରୂପ ମଳିନ-ସୁଷମା
ଶ୍ରାବଣ ପୟୋଧର ମଳିନ ଇନ୍ଦିବର
ବହେ ତାର ନୟନ ଉପମା !

ବେଳାନିଳ କେବେ ଆସି ପୋଛୁଥିଲା ଲୁହଧାର,
ଚଞ୍ଚଳ ଇଙ୍ଗିତରେ ଚୂର୍ଣ୍ଣ ଚିକୁର ସାର,
ମରମ ପରଶି ତାର ଯୌବନ ହାହାକାର
ଛନ୍ଦେ ମୋ ରହିଗଲା ରୂପଟେ ଲଖି !
ତାର କନକ ଆଖି !
ଝର ଝର ବରଷାରେ ଯାଉଛି ଡାକି ।

●

୪—ସେ ରୂପର କାହିଁ ତୃପ୍ତି ସଜନ
ମାଧୁର୍ଯ୍ୟର କାହିଁ ଶେଷ ?
ତୃଷିତ ପରାଣେ କରିଛ ତ ତୁମେ
ସ୍ୱପ୍ନର ସମାବେଶ !

ଯେବେ ଗୋ ଅସୀମ ହେବ ଏ ଜୀବନ,
ନିର୍ନିମେଷ ଏ କ୍ଲାନ୍ତ ନୟନ,
ସୁଦୂର ହେବ ଗୋ ଭୀଷଣ ମରଣ
ଶାନ୍ତି ପରାଣେ ଲେଶ !
ସେ ରୂପର କାହିଁ ତୃପ୍ତି ସଜନ
ମାଧୁର୍ଯ୍ୟର କାହିଁ ଶେଷ ?

ଜାଣିଛି ଅସୀମ     ଛନ୍ଦ ସୂଚନା
କର ସେ ପରାଣ ଅଚଳ,
ହେ ଚିର ଶୁଭ୍ର ବିମଳ !
ସନ୍ଧ୍ୟାର ଘରେ   ମଉଳି ଯିବ ଗୋ
ପୀରତି ଲୋହିତ କମଳ !

ତା ପରେ ଦୁଃଖ     ହତାଶ ମୋହର
ତୁମର ମଧୁର ହାସ,
ତୁମର ଗୋ ଆଶା     ପୀରତି ମୁକ୍ତ
ମୋ ମରମେ ଚିର ପ୍ରାସ !

ପିଅନ୍ତି ଯେବେ  ସେହି ରୂପ  ଗୋଟି
ଅଧୀରେ ବକ୍ଷେ ଥରେ ହେଲେ ଲୋଟି
ଧନ୍ୟ ଜନମ     ମୋର ଶତକୋଟି
ବେଦନାର ସମାବେଶ;
ସେ ରୂପର କାହିଁ     ତୃପ୍ତି ସଜନ
ମାଧୁର୍ଯ୍ୟର କାହିଁ ଶେଷ ?

୫—କଜଳ ମେଘର ଶୀତଳ ପବନ ଲାଗିଲା,
ମୋର ଛିନ୍ନ ପରାଣେ ପୀରତିର ବ୍ୟଥା ଜାଗିଲା ।
ବହୁ ଦିବସର ସଞ୍ଚିତ ଲୁହଧାରା ସେ
କାହାର ଆଘାତ ଆଜ ଗୋ ଝରଣ ପରଶେ !
ଆକୁଳ ଏ ମୋର ଯୌବନ କବା
ବରଷା ଦୁଆରେ ମାଗିଲା ।
ଶୀତଳ ପବନ ଲାଗିଲା !

ସେ ଦିନ ତ ମୋର ଦୁଆରେ ଆକୁଳ ବରଷା;
ସେ ଦିନ ତ ତାର ଝରିଲା ପୀରତି ଭରସା,
ସେ ଦିନ କବରୀ ଛନ୍ଦ ଦେଲ ମୁଁ ମେଲି;
ସେ ଦିନ ପବନେ ଆଲୋକ ଆଶାର କେଳି,
ଇନ୍ଦ୍ରଧନୁ ସେ ଯୌବନ ପଟେ
ନଭଗଲା କାହିଁ ସହସା !
ଦୁଆରେ ଆକୁଳ ବରଷା ।

ଯାଉଛି ଆଜ ଗୋ ଯୌବନ ତର ସୁଷମ,
ମଳିନ କବରୀ ବନଜ ମାଲ୍ୟ ଭୂଷଣ,
ରକ୍ତ ଜୀବନେ ନାହିଁ ନାହିଁ ତଳେ ଶୋଚନା !
ନାହିଁ କଳ୍ପନା ! ସେ ଲାଗି ନାହିଁ ଗୋ ବେଦନା !
ଯାଉଛି ଯା କମା ଛୁଇଁ ଯାଏ ହୃଦ ?
ବରଷାରେ ସେ ମୋ ଦୂଷଣ !
ଯୌବନ ମୋର ସୁଷମ ।

[୧୯୨୫]

୬—ତୁମେ ଆସ ଆଜ ବରଷା ସନ୍ଧ୍ୟାରେ ଭାସି,
ତୋଳି ନିଅ ମୋର ମଳିନ ବାସନା ରାଶି,
ବୁଲିଯାଏ ଯାହେ କଜଳ ବାଦଲ ଛାଇ,
ତୁଷର ତୋଫାନ କରେ ଆଜ ମୋତେ ବାଇ,
ସ୍ୱପ୍ନମୁଗ୍ଧ ତର ବାଞ୍ଛିତ
ତର କଳ୍ପନାବାସୀ !
ଯାଅ ତୁମେ ପୁଣି
ବରଷା ସନ୍ଧ୍ୟାରେ ଭାସି ।

ଭାଦର ମେଘର ପବନ ଖେଳଇ କେତେ,
ତଟିନୀ ସଲିଳେ ପୁଣି ଶ୍ୟାମ ଧାନକ୍ଷେତେ,
ସବୁଠି ପୁଲକ, ତର ଆନନ୍ଦ ହର୍ଷ,
ଭଗ୍ନତରୁଣ କେବଳ ଏଥି ବିମର୍ଷ
ତର ନତଶିର ବିଫଳତା ପ୍ରାଣେ
କଶାଘାତ କରେ କେତେ !
ପବନ ଖେଳଇ କ୍ଷେତେ ।

ଶାରଦ ଆଗମେ କ୍ରନ୍ଦନ ହାହାକାରେ—
ସ୍ୱଳ୍ପର ଶୂନ୍ୟେ ? ନ ବୁଝଇ ମନ ବାରେ ।
ଏ ସୁଷମା ସୁଖୁଁ ବଞ୍ଚିତ ହେବାପାଇଁ
ପିପାସା-ଆକୁଳ ମନ ମୋର ମାନୁନାହିଁ;
ପୀରତି ସ୍ପର୍ଶେ ଯୁକ୍ତ କର ଗୋ
କ୍ଷିପ୍ର ଏ ମେଘ ଧାରେ;
ଅନ୍ତର ହାହାକାରେ !

୭— ପୀରତି ଆସିଲା ଅଧରେ ମୁରଲୀ ଧରି
କେଉଁ କାନେ ତାର ପ୍ରଭାତ ଗୋଲାପ କଳି !
ଗୋଲାପର ହାର ତା ଶିରଭୂଷଣ,
ତା କେଉଁ ନୟନେ ମୁଗ୍ଧ ଭୁବନ,
ବଡ଼ ଚପଳ ସେ ତନୁ ଉଠୁଥିଲା ଥରି;
ପୀରତି ଆସିଲା ଅଧରେ ମୁରଲୀ ଧରି ।

ତା କଟୀ ମେଖଳା କର କଙ୍କଣ
ମୋହୁଥିଲା କେତେ ଫୁଲେ,
ଆଶା ଶତଦଳ ଫୁଟୁଥିଲା ଆହା
ତା ପାଦ ପରଶ ଭୁଲେ,
ତାକୁ, ଦେଖିଦେଲେ ଥରେ
ସବୁରି ମନ ତ ଭୁଲେ,
ଶୋହୁଥିଲା କେତେ ଫୁଲେ । ୧ ।

ଛଳ ଛଳ ମେଘ ଦୂର ନଭକୋଣୁଁ
ତା ରୂପେ ପଡ଼ିଲା ଲଇଁ,
ଉଲସି ଉଠିଲା ମହୀ;
ଅବନତ ତରୁ କାନେ କାନେ କବା
ସମୀରଣ ଗଲା କହି ।
ଗାଇଲା ସେ ଗୀତ କହିଲା ଅପଥା,
କହ କହ ତୋର ଅନ୍ତର ବ୍ୟଥା,
ଅଧରୁ ରକତ ଝୋପି ପଡ଼ୁଥିଲା
ପଡ଼ୁଥିଲା ଗୀତ ଝରି,
ପୀରତି ଆସିଲା ଅଧରେ ମୁରଲୀ ଧରି । ୨ ।

ଜୀବନଟାକୁ ସେ ଗାଇଲା ପୀରତି
ସୁଖ-ଆନନ୍ଦ-ଛନ୍ଦେ,
ଡାକିଲା ସେ ଲଗି ଭରଦେଇ ଆସ
ମୁଗ୍ଧ କୁସୁମ ଗନ୍ଧେ ।

କାହିଁକ ଆକୁଳ ନୀରସ ଭୁବନ ହୃଦେ ?
ଝରଇ ଗଗନୁ ନୀରବ ପୀରତି
ରଗିଣୀ ମନ୍ଦେ ମନ୍ଦେ !
ପୀରତି ବୁଝଇ ନାହିଁ ମନ କଥା,
ଗଭୀର ହତାଶେ ନୁଆଁଇଲ ମଥା,
ବହିଗଲା ଲୁହ ଝଳିଲା ଆଖିରେ
ଧୂଳିରେ ଲୋଟନ୍ତି ମନ !
ପୀରତି ଆସିଲା ମଧୁର ମୁରଲୀ ଧର । ୩ ।

୮—ଦୂରର ଯା ତର ଅନ୍ତରେ ଅନୁଭବ;
ସେହି ତ ତୃପ୍ତ ଜୀବନର ଗୌରବ !
ସେଥିଲାଗି ସେନା ଆଶା ଶତଦଳ,
ଯୌବନ ଲୁବ୍ଧ ଶୁଭ୍ର କମଳ,
ନ ଥାଏ ପରଶେ ଶତ ବାସନାର ରବ;
ଦୂରର ଯା ତର ଅନ୍ତରେ ଅନୁଭବ !

ଶାନ୍ତ ମଧୁର ଶାରଦ ଗଗନ
ମୁକ୍ତ ଶ୍ୟାମଳ ପ୍ରାନ୍ତର,
ପବନ ମେଳେ ଆନନ୍ଦ ଗୀତ
ମରବେ ପରଶେ ଅନ୍ତର

ସନ୍ଧ୍ୟା ଗଗନ ସୁନ୍ଦର କେବା
ଆଶାର ରକ୍ତେ ରଞ୍ଜିତ !
ଜୀର୍ଣ୍ଣ ମୋ ବୀଣା ଗଗନକୁ ଚୁମ୍ବି
ଗାଇବ କି ଆଜ ସଙ୍ଗୀତ ?
ତର ଜୀବନର ଯେତେ ବିଫଳତା,
ବିଶ୍ୱର ଶତ ଶତ କ୍ଷତ ବ୍ୟଥା,
ଧନ୍ୟ ସକଳ ! ଶୋଚନା ନାହିଁ ତ ଲବ !
ଦୂରର ଯା ତର ଅନ୍ତରେ ଅନୁଭବ ।

୪— ଆପଣାର ବୋଲି ରଖିଛି ଯାହା ମୁଁ ପ୍ରାଣେ,
ଦେଇପାରେଁ ମୁଁ ଗୋ ଦେଇପାରେଁ ଗାନ ଗାନେ ।
ଦେଇପାରେଁ ସବୁ ସଜଳ ନୟନେ,
ଚିରଦିନ ଲାଗି ଶୂନ୍ୟ ଏ ମନେ—
ନ ଗୁଣ୍ଠିବ ପଥ ଆଉ ଆଶା-ଅଭିମାନେ !
ଆପଣାର ବୋଲି ରଖିଛି—ଯାହା ମୁଁ ପ୍ରାଣେ ।

କହୁନାହିଁ ମୁଁ ତ ସେ ଅସୀମ ସୁଖେ
ହେଉ ବୋଲି ଖାଲି ଭାଗୀ,
ନଅ ନଅ ଆଜ ଆଦରର ଧନ
ଜୀବନ ରହେ ଯା ଲାଗି ।

ଜାଣିଛି ମୋହର ଶୂନ୍ୟ ଆସନ
ଗଗନ ପବନ ଥିବ,
ନ ଜାଣିବେ ଥରେ କୁସୁମ କାନନ
ନ ଉଠିବ ଆଉ ଭରି !

ସ୍ନେହ ଦାନେ ମୋର ପୂର୍ଣ୍ଣ ଜୀବନ,
ସନ୍ଧ୍ୟାର ସରେ କମଳ ଯେସନ,
ପୂର୍ଣ୍ଣ ମୋ ସୁଖ ଜୀବନର ବ୍ୟବଧ ନେ;
ଦେଇପାରେଁ ମୁଁ ଗୋ ଦେଇପାରେଁ ଗାନ ଗାନେ !

●

ପୀରତି ନୟନ ତାର ଉଜଳ,
ଧରିଛି ସେ ଚିର ଆଶା କମଳ,
ଧନ୍ୟ ଜୀବନ ତୋର ଧନ୍ୟ ନିରାଶା ତୋର,
ଜନମ ବେଦନା ତୋର ସଫଳ !

ଜାଗ ମୋର ଯୌବନ ଜାଗ ରେ !
ଅଙ୍ଗେ ଶୀତଳ ବାଆ ଲାଗଇ !
ତରୁଣ ପରାଣ ଅନୁରାଗରେ
ତୋ ବେଦନା ଦୁଆରେ ସେ ମାଗଇ ।
ସଂଶୟ ଶୋଚନା ଟି ଠେଲି ରେ,
ଦିଅ ମରମର ଗୀତ ମେଲିରେ;
ଦିଅ ଦିଅ ପୀରତିର ଅଗ୍ନି ସେ,
ଦିଅ ସବୁ ସତ୍ୟର ବହ୍ନି ସେ !

ଅମର ଜୋଛନା ରାତି ଯାଏ ଧୀରେ ପାନ୍ଥ ରେ
ବ୍ୟଥିତ ଚକୋର ନାହିଁ କାନ୍ଦେ !
ଶ୍ରାନ୍ତ ନୟନେ କବି ଦୂର ପଥ ଚାହିଁ ରେ
ପୀରତି ସ୍ମୃତି ଟାରେ ବାନ୍ଧେ !

୧୬— ଦୂର ଦେଶେ ବିଦେଶେ କାର କନକ ଚମ୍ପା
କଏ ସେ ଗୋ ଜଣା ପଡ଼େ ତୁମର ପରି ।

ଶାନ୍ତ ତଟିନୀ ଜଳ,
ପୀରନ୍ତରେ ଢଳ ଢଳ,
ସନ୍ଧ୍ୟାରେ ରାଗ ନଭୁଁ ପଡ଼ଇ ଝରି,
ତୁମେ ଅବା ବନ୍ଧୁ ନଅ କନକ ଚମ୍ପା !

ସ୍ୱାର୍ଥ ବେଦନା ମୋର ପରାଣ ଜାଳେ,
କେସନ ତୁମର ସାଥି ଲଭଇଁ ଖାଳେଁ ।

ମରବେ ରୂପର ଭୋଗ,
ମାରବେ ପରାଣ ଯୋଗ,
ନାହିଁ ମୋ କରମେ ! ତନ ଉଠଇ ଥରି,
ଦୂର ଦେଶେ ବିଦେଶେ ତୁମ କନକ ଚମ୍ପା ।

ନପା କାନେ କହ କବା ଅଫୁଟା କଥା;
ନତଶିରେ ଶୁଣେ ଗିରି ମଧୁର ବ୍ୟଥା ।
ଶରଦ ବ୍ୟଥାଟି ଜାଳି,
କେଉଁ ଦୂରେ ଯାଅ ଚାଲି,
ମୃଦୁ ହାସେ ଫୁଟେ ଫୁଲ ଅବନୀ ଭରି;
ଦୂର ଦେଶେ ବିଦେଶେ ତୁମ କନକ ଚମ୍ପା !

୧୩— ମଧୁର ପୀରତି ନମେଷ ମିଳନ,
ମଧୁର ପୀରତି ନମେଷ ସ୍ପର୍ଶ;
ସେତିକ ଜୀବନେ ଅସୀମ ଭରସା !
ସେତିକ ତ ଆଶା ଅମର ହର୍ଷ !

ନମେଷ ମିଳନେ ଅନ୍ତର ଖୋଲି,
କାହା ପାଶେ ଧାଏଁ ଦୁଇ କର ତୋଳି,
ଅନ୍ତର ପାଶୁ କର ନାହିଁ ଦୂର,
କାହା ପାଶେ ଗାଏଁ ମୁଁ ଗୋ ହମର୍ଷ !
ମଧୁର ପୀରତି ନମେଷ ସ୍ପର୍ଶ ।

ସେ ମଧୁ ମିଳନେ ପଚାରିବ କର ?
ଢାଳିବ ଲୋତକ ମୁକ୍ତାବିନ୍ଦୁ,
ଭୁମର ପରାଣ ବେଳାରେ ଲୋଟିବ
ମୁଁ ତର ଆକୁଳ ଗଭୀର ସିନ୍ଧୁ !

ମୁଦିବ ନୟନ, ପରଶିବ ସୁଖେ,
ଆଶାର ଆଲୋକ ଖେଳିବ ଏ ମୁଖେ,
ନ ରହିବ ଦୂରେ ଅନ୍ତର ପ୍ରିୟ
ଛିନ୍ନ-ଜୀବନ-ତର-ଆଦର୍ଶ !
ମଧୁର ପୀରତି ନମେଷ ସ୍ପର୍ଶ !

୧୪—ମଳୟ ଯେବେ ସନ୍ଧି
ସନ୍ଧ୍ୟା ତାରା ଯେବେ
"ଜାଗରେ ଜାଗ ଯୁବା !···
ଝଙ୍କଳ ହରଷରେ

ବିଶ୍ୱ ପ୍ରାଣ ଦ୍ୱାରେ ବନ୍ଦିଲି,
ତରୁଣ କାନନ ଧୀରେ କନ୍ଦିଲି,
ଅଳସ ନୟନେ ମୁଁ ଚୁମ୍ବିଲି—
ମିଶାଇ ତୁମ ବ୍ୟଥା ଗାଇଲି ।

ଗୋଲାପ ଯେବେ ଲୁଚି
ହାସ୍ୟ ଦେବା ଯେବେ
ଆକୁଳ ପିକ ଗୀତ:—
ମଧୁର ଗୀତେ ତାର

ପବନେ ପ୍ରୀତି ଦେଲି ମିଶାଇ,
ଜୋଛନା ତନୁ ଦେଲି ନୟାଇ,
ସ୍ୱପ୍ନ-ରଥ ବନ୍ଧି ! ଅଇଲି—
ମିଶାଇ ତୁମ ବ୍ୟଥା ଗାଇଲି ।

ବିଶ୍ୱ ବିହ୍ୱଳ ଗନ୍ଧେ
ନ ଜାଣେ କାହିଁ ପାଇଁ
ଚକୋର ପ୍ରିୟା ଆଗେ
ଶୂନ୍ୟେ ଚୁହିଁ ଏକା

କଲି ଯେବେ ବକୁଳ,
ବିଜନେ ବସି ହେଲି ଆକୁଳ,
ଗାଇଲି "ନଦୀ ପାରେ ରହିଲି !"
ତୁମରି ବ୍ୟଥାଟି ମୁଁ ଗାଇଲି ।

୧୫—

ମେଲଣି ବେଳେ ଦେଲ !
ସୁଦୂର ଅଭିସାର-ଉଦାସ-
"ପ୍ରିୟ କି ଯିବ ସତେ ?—
ମାତର କାହିଁ ପାଇଁ

ଅମର ସେହି ହାସ
ମିଳିବ କାହିଁ ଭବେ ?
ପାଷାଣ ପରାଣେରୁ
କେମନେ ଭୁଲିବି ମୁଁ

ଜୀବନେ କେତେ ନିଶି
ଶୂନ୍ୟ ତୁମ ପଥ
କେତେ ମୁଁ ଅନୁଦିନ
ନବୀନ ଯୌବନ

ବରଷା ବାଆ ଦୂରେ
ଧୀର ଚଟିଗୀ ମାର
ସହିବ ଅବସାଦ
ଜୀବନେ ନାହିଁ ଯେବେ

"ପ୍ରିୟ ମୁଁ !" ବୋଲି ଧୀରେ କହିଲ,
ଲୁହାଣିକି ବହିଲ ।
"ଯାଅ !" କହିଲ ମର ବାରତା
ତିଳେ ତ ତୁଟେ ନାହିଁ ମମତା ?

ସୁଷମା ଅନୁପମ ମଧୁର,
ଭଳ ପରାଣ ଚିର ଆତୁର !
କେମନେ କହିବି ମୁଁ ଅନ୍ତର ?
ଅମର ପ୍ରୀତି ଚିର ସୁନ୍ଦର ?

ଲୁହିଁଛି ନିରଳସ ନୟନ,
ପୁଣି ଏ ସୁଦୂରର ମିଳନ ।
ବିଫଳ ବ୍ୟଥା ଗଣି ଲୁହିଁବ ?
ପାଶେ ଆକୁଳେ କେତେ ଗାଇବ ?

ପ୍ରବଳ ବେଗେ ଯାଏ କହି ଗୋ,
ସୁଷମା ପାରେ ନାହିଁ ସହି ଗୋ !
କେମନେ ତୁମ କଉ ହତାଶ ?
ତୁମର ପୀରତିର ଆଶ୍ୱାସ !

( ସମାଧି-ସ୍ମୃତି )

[୧୯୨୫]

# ସନ୍ଧ୍ୟା ମେଘ

ଆଜି, ସନ୍ଧ୍ୟା ଗଗନ ସତ୍ୱ ସୁନ୍ଦର,
ରଞ୍ଜିତ ମେଘ ଗତି ମନ୍ଥର ।

ଦୂର ଫୁଲ ଉପବନୁ ଧୀରେ ବହେ ସମୀରଣ,
ନିର୍ଜନ ତୀରତରୁ ସପନ ନିମଗନ,
ଶାନ୍ତ ବିଭୋର ସତ୍ୱ ଶ୍ୟାମଳ ଗିରିବନ
ବନ୍ଧନ ନ ମାନଇ ଅନ୍ତର;
ସନ୍ଧ୍ୟା ଗଗନ ସତ୍ୱ ସୁନ୍ଦର ।

ଆସ ଆସ ସଜନି ରେ ସୁଖେ ଦେବା ଭସାଇ
ଯମୁନା ସଲିଳେ ନବ ଯୌବନ,
ସ୍ପନ୍ଦନ କଲଶି ଗୋ ବିଶ୍ୱ ପରାଣ ମନ
ସ୍ୱପ୍ନରସିକ କବି ନନ୍ଦନ ।

ଏଇ ଶୁଣ ଦୂରୁ ଆସେ ସମୀରଣେ ଥର ଥର,
କୁସୁମ ସୁରଭି ଅବା ନବୀନ ସ୍ୱପ୍ନେ ପର,
ଲଜ୍ଜା ସରମ ଭୁଲି ଯୌବନେ ନେବା ବରି
ସୁରବାସି-ବାଞ୍ଛିତ ମନ୍ତର;
ସନ୍ଧ୍ୟା ଗଗନ ସତ୍ୱ ସୁନ୍ଦର ।

[୧୯୨୮]

# ମୁକ୍ତିସ୍ୱପ୍ନ

ବନର ମୟୂର ନଗର ସୌଧେ
ବସି ଭାବେ ମନେ ମନେ,
ପ୍ରଭାତ ପବନେ ଦକ୍ଷିଣା ମେଘ
ଭାସିଆସେ ଅନୁକ୍ଷଣେ ।

ଭାବେ କାହିଁ ମୋର କାନନ ଭୂଇଁ,
ଉଡ଼ି ଯିବ ଆଜ ସେ ଦେଶେ ମୁହିଁ,
କଳା ମେଘ ନଭେ ଯାଏ ସନ୍ତରି,
ପାଦପ ଲତିକା ଉଠଇ ଥରି,
ଉଡ଼ିଯିବ ମୁଁ ଗୋ ଉଡ଼ିଯିବ ।
କିଏ ପାରିବ ଧରି ?

ବନ୍ଧ ତୋହର ଚରଣଯୁଗଳ
ବିଫଳ ସ୍ୱାଧୀନ ସପନ !
ମୁକ୍ତି ? ସେ ତୋର କଳ୍ପନା ସିନା
କାହିଁ ବା ସୁଦୂର କାନନ ?

ବନର ମୟୂର ଆକୁଳ ନୟନେ
କଜଳ ମେଘକୁ ଚାହିଁ,
ଭାବେ ମନେ ମନେ ନବୀନ ବର୍ଷା
ସଙ୍ଗୀତ ଦେବ ଗାଇ ।
ଗର୍ଜେ ବଜ୍ର ଗଗନଭରେ,
ଚପଳ ଦାମିନୀ ପୁଲକେ ଥରେ,

ବହଇ ଶିକର ଶୀତଳ ବାଆ,
ଝାରତରୁ ସୁଖେ କହଇ ଆହା !
ଭାଳଇ ମୟୂର ଅସୀମ ମୁକ୍ତି
ସଙ୍ଗୀତେ ସତେ ନାହିଁ ମୋ ବାଧା ?

'ବନ୍ଧ ତୋହର ଚରଣ ଯୁଗଳ, ବିଫଳ ମୁକ୍ତି ସପନ;
ମୁକ୍ତି ସେ ତୋର କଳ୍ପନା ପିନା ! କାହିଁ ସେ ସୁଦୂର କାନନ !'
ବନର ମୟୂର ଦେଖଇ ସ୍ୱପ୍ନ ଦୂର ବନ ତରୁଶାଖେ,
ଶ୍ୟାମ ପ୍ରାନ୍ତରେ ବିରହିଣୀ ପ୍ରିୟା ଆକୁଳ ପରାଣେ ଡାକେ !

ଦୁଃଖ ବିରହ ବାରତା କହି;
କ୍ଷିପ୍ର ଜଳଦ ଯାଉଛି ବହି,
ବନ ଆନନ୍ଦ ପୀରତି ସୁଖ,
ଘନ ଉଜ୍ଜ୍ୱଳ ମୟୂର ମୁଖ !
ଭାଳେ ଉଡ଼ିଯିବ ଚୁମ୍ବିବ ପ୍ରିୟା
ବଦନ, କି ମୋର
ଶୋଚନା ଦୁଃଖ ?

'ବନ୍ଧ ତୋହର ଚରଣ ଯୁଗଳ ବିଫଳ ମୁକ୍ତି ସପନ
ମୁକ୍ତି ? ସେ ତୋର କଳ୍ପନା ପିନା ! କାହିଁ ସେ ସୁଦୂର ଗଗନ !'
ଭାଳଇ ମୟୂର ବିଫଳ ସ୍ୱପ୍ନ ? ବିଫଳ ଏ ମୋର ଜୀବନ ?
ଯହିଁ ନାହିଁ ଶୁଭେ ମୁକ୍ତିର ଗୀତ ଅନୁକୂଳ ବହେ ପବନ !

ମରଣ ଗୋ ତୁମେ ରହିବ ଦୂରେ,
ମୁକ୍ତିର ଗୀତ ପରାଣ ପୂରେ !
ବାଜୁଛି ବାଜିବ ଯିବ ମୁଁ ଉଡ଼ି,
ଆସିଅଛି ଏଥି ମୋ ପଥ ଛାଡ଼ି !

ଗୀତ ୨

କଳ୍ପନା ନୁହେଁ ସତ୍ୟ ସେ ମୋର ସ୍ୱପ୍ନ ପୁଞ୍ଜ !
ସେ ଦେଶର ନବ ରବି ଶଶାଙ୍କ ଯାଏ ନା ବୁଡ଼ି !

ଡାକ ଡାକ ପୁଣି ଆକୁଳେ ପ୍ରିୟା;
ସମୀରଣ କର ଦଗ୍ଧ ହିଆ !
ହସି ଉଠ ଦୂର ପାଦପ ଲତା,
ଶ୍ୟାମଳ ଗିରି ଭୂଇଁ ଜଗାଅ ବ୍ୟଥା ।

ଅମର ମୁକ୍ତି ! ଅମର ସ୍ୱପ୍ନ ! ନତ କରେ କିଏ ଏ ମୋର ମଥା ?
ପାଗଳ ! କ୍ଷିପ୍ତ ! ହେ ଜଳଦ କହ ସେ ଦେଶ କଥା !
ବଦ୍ଧ ମୋହର ଚରଣ ଯୁଗଳ ? ବିଫଳ ମୁକ୍ତି ସ୍ୱପନ ?
ମୁକ୍ତି ? ସେ ମୋର ଜୀବନର ସତ୍ୟ ! ବନ୍ଧନ ହେବ ମୋଚନ ।

[୧୯୨୬]

## ରୂପ କଥା

ଭାଦର ନୀଳାକାଶ ବାଦଲ ରେଖେ ଆଜ ଘୋଡ଼ାଇ,
ମେଘର ଶତ ଫାଙ୍କେ ଅରୁଣ ଥରେ ଯାଏ ଅନାଇଁ ।
ଏସନେ ତା ନୟନ
ପରଶି ଯାଏ ମନ,
ପାଦପ ଲତା ଯଥା ସମୀରେ,
ତରୁଣ ଥର ଉଠେ ଅଧୀରେ ! ୧ ।

କଜଳ ଦୂର ମେଘ ମାଳକ ଆଖି ତାର କଜଳ
କୋମଳ ଶ୍ୟାମ ଘାସେ ଶିଶିର ବିନ୍ଦୁ ସେ ସଜଳ
କଜଳ ବେଣୀ ଗୋଟି,
ହେଲାରେ ପଡ଼େ ଲୋଟି,
ଅଧରୁ ଥୋପି ଝଡ଼େ ରକତ,
ବନ୍ଧୁଲି ଲାଜେ ମରେ ନିରତ ! ୨ ।

ତା'ହାସେ ଶାରଦର ଶୁଭ୍ର ଶେଫାଳିକା ଝରଇ,
ଭସ୍ୱଏ ଗଙ୍ଗାର ଧବଳ କାଶ ବନ ଥରଇ;
ନାବିକ ତସ୍ୱ ବନ୍ଦେ,
ତା ଗୁଣ କେତେ କହେ,
ସାଧକ ଘର ଛିଅ ମିଥିଳା ପୁରେ ତାର ସନ୍ଧ;
ଯେ ଦେଶେ ଭାସିଯାଏ ଉଦାସୀ ସମ
ଧଳା ବଉଦ । ୩ ।

ଦୂରଦେଶର ରାଜା ଯେତେ ଯେ ଆସିଲେ ତା ଆବାସେ
ତା ରୂପ ମୋହେ ସବୁ ଫେରିଲେ
ନିରାଶାର ହତାଶେ,
ଯୋଗୀ ସେ ଥିଲା କାହିଁ,
ଆସିଲା ଗୀତ ଗାଇ,
ଦୁଆରେ ବୀଣା ତାର ବଜାଇ,
ତରୁଣୀ ଧୃତି ଦେଲା ହଜାଇ । ୪ ।

ଭସ୍ମବୋଳା-ତନୁ ବସନ ଗଇରିକ ମୋହିଲା,
ବରଣମାଳା ଗଳେ ଲମ୍ବାଇଲା ନବ ଛଇଳା ।
ମୂର୍ଖ ମୁଖେ ଲୁହିଁ,
କହିଲା ଗାଇ ନାହିଁ,
ଆଉ କେ ଗୀତ ଶୁଣେ ଏଇତ !
ଭୁଲାଇ ଦେଲା ସ୍ଥାଣେ ଅମର ଜୀବନର ସରିତ ! ୫ ।

ମିଥିଳା ରାଜପଥେ ଯୁଗଳ କର ଧରି ଚଳିଲେ,
ମିଥିଳା ପୁରନାରୀ ଝାପରି କରି କେତେ କହିଲେ ।
ଯୋଗୀ ସେ କହେ ହସି
ଯେସନେ ଶୋହେ ଶଶୀ
"ମରଣ ତୃଷ୍ଣା ମୋର ଘରଣି ଘେରିଥିଲା ସୋହାଗି !
ଜିଣିଛୁ ମରଣକୁ ଜୀବନ୍ତ ଗୀତେ ଆଜ ତୋ ଲାଗି !" । ୬ ।

[ ପାଟଣା, ୧୯୨୭ ]

# ଯୌବନ ପୂଜା

ପୌଷ ଜାଗେ,
ଶିଶିର ଲାଗେ,
ପରାଣ କରେ ସ୍ପନ୍ଦନ,
ଏ ତନୁ ମୋର,
ନବୀନ କର,
ଶ୍ୟାମଳ କର ଯୌବନ ! ।୧।

ଅଧର ଭରି
ମଦିରା ଝରି
ପଡ଼ୁ ଗୋ ଧରା ଭୁବନେ;
ଅଳସ ଆଖି
ପୀରତି ରଖି
ବହନ୍ତୁ ଚିର ସପନେ ! ।୨।

ସପନ ଲୋକ,
ବେଦନା ଶୋକ,
ପରଶେ ନାହିଁ ଲଭିବ ଗୋ;
ମଧୁର ବ୍ୟଥା,
ପୀରତି କଥା,
ନାହିଁ ନ ଥିବ ଭବେ ଗୋ ।୩।

ଶ୍ୟାମଳ ଧରା,
କୋମଳ ଖରା,
ପିପାସୁ ପ୍ରିୟ ବୃହାଣି;
ନ ସରେ ସୁଖ,
ନରେଖି ମୁଖ,
ଝରଲେ ହବା ରଜନୀ ! । ୪ ।

ବକୁଳ ମଲ୍ଲୀ
ସୁରଭି ଝରି
ପଡ଼ଇ ମାଳ ଗଗନୁ,
ଉଠଇ ଗାଇ
ପୀରତି ବାଇ
କୋକିଳ ଦୂର କାନନୁ । ୫ ।

ଅଳସ ଗତି
ତରୁଣୀ ଅତି
ସେ ଡାକେ ଝୁହେଁ ଚମକ;
ଅଳପେ ହସେ
ତରୁଣ ରସେ
ପରାଣି ଉଠେ ପୁଲକ । ୬ ।

ପବଣ ସ୍ଫୂର୍ତ୍ତି
ହୋଇନ ପୂର୍ତ୍ତି
ଜୀବନ ପୂଜା ମହତ,
ନୟନେ ମୋର
ସପନ ବୋଳ
କପୋଳେ ଲାଜ ରକତ ! ୭ ।

କୁସୁମପରି
ମୋ ଦେହ ଭରି
    ମାଧୁରୀ କର ସଞ୍ଚାର
ଶ୍ୟାମଳ କରି
ସୁନ୍ଦର କର
    ମଳିନ ଶୁଷ୍କ ସଂସାର । ୮ ।

ଝରେଣି ଝରି
ପରଶେ ପରି
    ଦେବତା କରେ ବନ୍ଦନ;
ଶ୍ୟାମଳ କର
ନବୀନ କର
    ଅମର ନବ ଯୌବନ । ୯ ।

[ ପାଟଣା, ୧୯୬୭ ]

# ମୁକ୍ତିସେନା ସଙ୍ଗୀତ

ଜୀବନ ଦୀପ ନିଭିଲା, ଧରା
ଗଗଣ ଘୋର ବାଜିଲା ଖରେ
ତୁମର ଚିର ବିଜୟ ବାନା
ଅନ୍ତରର ଦେବତା ଆହେ

ତିମିର କଲା ଗ୍ରାସ,
ମୃତ୍ୟୁ ଅଟ୍ଟହାସ !
ଧରିବୁ କାହା ବଳେ ?
ପ୍ରଦୀପ ନାହିଁ ଜଳେ ।

ଆଉତ ଶଙ୍ଖ ନ ଉଠେ ବାଜି,
ଦହିଲା ମୃତ୍ୟୁ ଦୈନ୍ୟ-ବ୍ୟଥା

ଦେବତା ତୁମ ଦେଉଳେ ଆଜି,
ଛିନ୍ନ ପ୍ରାଣ ଚଳେ,
ପ୍ରଦୀପ ନାହିଁ ଜଳେ ! ।୧।

ତୁମର ବାଣୀ ବହିବୁଁ ଶିରେ
ତିମିର ଘୋର କ୍ଷୁବ୍ଧ ସିନ୍ଧୁ !
ତରଙ୍ଗେ ତେଜ ଉଚ୍ଚହାସେ,
ଶ୍ରାବଣ ବଜ୍ର ଆସଇ ଘୋଟି

ଭରସା ନାହିଁ ପାଉଁ,
କେମନ୍ତେ ତରୀ ବାହୁଁ ?
ଭରସା ନାହିଁ ମରଣେ ଆସେ,
ମାଉଳେ କୂଳେ ଯିବୁଁ !
ଭରସା ନାହିଁ ପାଉଁ ।୨।

ଚିର ଜୀବନ କର୍ଣ୍ଣଧାର !
ଶକ୍ତି ନାହିଁ, ଧୈର୍ଯ୍ୟ ନାହିଁ !
ଅଶ୍ରୁ ଝାଲି ଅଶ୍ରୁ ଧାରେ
ଭଗ୍ନ ଜାନୁ ଅସ୍ଥି ହୀନ,
ତୁମର ବାଣୀ ବଜ୍ର ସମ
ରକ୍ତାପ୍ଲୁତ ପବନେ ପୁଣି

ଆଦେଶ ପୁଣି କବା ?
ଲୁପ୍ତ ଆମ ଦିବା !
କହୁଛୁଁ ନତବଦନ,
ସକଳ ଅଭିଜନ !
ନେବାକୁ ଶିରେ ହେବୁ କି କ୍ଷମ ?
କରିବୁ ତୁମ ରଟ,
ସକଳ ଅଭିଜନ ।୩।

ଅମର ତୁମେ ଅଜସ୍ର ତୁମେ ଜୀବନ ସଖା ଚିର,
ଏ ବାଣୀ ପ୍ରାଣେ ସତ୍ୟ ହେଉ ପତାଇ ଦେବୁଁ ଶିର !
ତୁମର ସତ୍ୟ ଦୀକ୍ଷା କରି ମୃତ୍ୟୁ ଯେବେ ଆସେ
ବରଣ କରି ନେବୁଁ ହେପ୍ରିୟ ଚିର ବିଜୟୋଲ୍ଲାସେ !
ତୁମର ବାଣୀ ମର୍ମେ ଫୁଟୁ, ଅବିଶ୍ୱାସ ଦୁଃଖ ଟୁଟୁ,
ମୁକ୍ତି ପଥ ସରଳ ହେବ ସକଳ ନିବନ୍ଧନେ !
ମରଣ-ଜିଷ୍ଣୁ ଅମର ତୁମେ ଏ କଥା ରହୁ ମନେ । ୪ ।

# ପ୍ରଭାତ ସ୍ୱପ୍ନ

ବନ୍ଧୁ, ସଜଳ ନୀଳ ଆଖି,
ଭାଦର ଆକାଶ ତାର ସାକ୍ଷୀ,
ପ୍ରଭାତ ଶୀତଳ ପବନ ପରସେ
ପରାଣ ଦୁଆରେ ଯାଏ ଡ଼ାକ ।
ବନ୍ଧୁ, ସଜଳ ନୀଳ ଆଖି ।୧।

ଶୁଭ୍ର ଶିଉଳି ପଡ଼େ ଝରି,
ଝରନ୍ତ ମଳିନ ହାସ ଭରି,
ଏ ଦୂର ବିଦେଶେ କାହାର ସପନେ
କ୍ଷୁବ୍ଧ ପରାଣ ରହେ ଜାଗି ।
ବନ୍ଧୁ, ସଜଳ ନୀଳ ଆଖି ।୨।

ତା ବେଦନା ବହେ ଝଲକସି,
ନୀଳ ଧାନ କ୍ଷେତ ଉଲ୍ଲସି,
ସମୀର ଲହରେ ତା ଚପଳ ଗତି
ପରାଣର କଥା ରହେ ବାକି ।
ବନ୍ଧୁ, ସଜଳ ନୀଳ ଆଖି ।୩।

କଏ ଗୋ ବଇଁଶୀ ଉଠେ ବାଇ
ବନ୍ଧୁ, ପଅନ୍ତି ଝୁରିଁ ଝୁରିଁ
ନୀଳ ଧାନକ୍ଷେତ କରଇ ଅଧୀର,
ତରୁଣ ଶ୍ୟାମଳ ପ୍ରୀତି ବୃଷ୍ଟି
ବନ୍ଧୁ, ସଜଳ ନୀଳ ଆଖି ।୪।

ନୀରବ ନୟନେ ଫୁଟେ କଥା
ସେ ଲାଗି ଜୀବନେ ଏତେ ବ୍ୟଥା
ମାତର ସେ କଥା ହୁଏ ନାହିଁ ଲୁହା
ଛନ୍ଦ କବିତା ସବୁ ଫାଙ୍କି,
ବନ୍ଧୁ ସଜଳ ନୀଳ ଆଖି ।୫।

ଏ ରୂପର ନବ ନବ ଖେଳା,
ତନ୍ଦ୍ରା ଅଳସେ ବଢ଼େ ବେଳା;
ବାଦଲ ମେଘର ରଞ୍ଜିତ ଢଙ୍ଗ
ଲାଏ ଗୋ ପରାଣେ ଯାଏ ମାଖି !
ଦୂର ପରବାସେ ମଧୁର ବିରହ
ବନ୍ଧୁ ସଜଳ ନୀଳ ଅଖି ।୬।

[ ପୁରୁଲିଆ, ୧୯୫୮ ]

# ଗୋଲାପର ବ୍ୟଥା

ଦିବସ ମୋର ବିଫଳ ଗଲା ନ ହେଲା କହି ଜୀବନ କଥା,
କ୍ଷଣକ ପ୍ରୀତି ଭରସା କରି ମରମେ ମଲା ମରମ ବ୍ୟଥା ।

କୁସୁମ ଦଳ ଗୋଟିକ ଗୋଟି
ସନ୍ଧ୍ୟା କୋଳେ ପଡ଼ିଲେ ଲୋଟି,
ଦିବୋଲେ ମୁହିଁ କା ପଥ ଚାହିଁ ମୁଦିବି ବେନି
ନୟନ ପତା ।୧।

ଦେଖିଛ ତାକୁ ଥରେ କି କହ ?
ପୁନିଅ ଶଶୀ ସାଗର ଛବି !
ମରାଳ ଛଳ ଅଳସ ଗତି ସ୍ନିଗ୍ଧ ଆଖି—
ସରମ-ନତା ।୨।

ଯେସନେ ସନ୍ଧ୍ୟା ପରଶେ ଭୁଇଁ,
ରେଣୁର ମଳୟ ଯାଏ ଗୋ ଛୁଇଁ
ଜୋଛନା ଜଳେ ପଖାଳି ପାଦ ସେ ଆସେ ଲାଜେ
ନୁଆଇଁ ମଥା ।୩।

ଚାହିଁଲେ ସେ ତ କମଳ ଫୁଟେ
ସବୁଜ କ୍ଷେତେ ସମୀର ଛୁଟେ,
ରୂପ ସାଗରେ ଖେଳଇ ଢେଉ ହସଇ ଚନ୍ଦ୍ର,
ପାଦପ ଲତା ।୪।

ଶେଫାଳି ସମ ଝରିଲେ ହାସ,
ନ ରହେ ପ୍ରାଣେ ବେଦନା ତ୍ରାସ
ଥରଇ କାଶ ସୁରଭି ଶ୍ବାସ ଲୁଟଇ ପେଟେ
ପ୍ରୀତି ମମତା । ୫ ।

ବିଫଳ ମୋର ମଧୁର ବାସ,
ଅଧରେ ଫୁଟି ମରଇ ହାସ,
ବିଜନ ପୁଷ୍ପ ବିରହେ ତାର କ ଶମଶାନ
ଜାଣିବ କେ ତା ।୬।

( ପୁରୁଲିଆ, ୧୯୨୮ )

# ଦୋଳ ପୂର୍ଣ୍ଣିମା

ଫଗୁଣ ପୂନିଅ ଚନ୍ଦ !
ବାନ୍ଧ ସଜନ ବାନ୍ଧ,
ପୀରତି ନହଡ଼           ଭୁଜ ବନ୍ଧନେ
ଲପୁ ଦେଉ ଅବସାଦ !
ଫଗୁଣ ପୂନିଅ ଚନ୍ଦ !

କଣ୍ଠ କଣ୍ଠ ଆଜି,
ସଙ୍ଗୀତ ଉଠ ବାଜି !
ଏକଇ ଛନ୍ଦ ଗୀତି,
ଆଦର ମମତା ପ୍ରୀତି !
ସ୍ୱପ୍ନିଲ କବି ଗାଏ,
କଳ୍ପନା କହିଁ ଧାଏଁ,
ଅନ୍ତରେ ପୁଣି           ବାହାରେ ଖେଳଇ
ଜୋଛନାର ଆହ୍ଲାଦ !
ଫଗୁଣ ପୂନିଅ ଚନ୍ଦ !

କେଉଁ ସଜେ ଅଜି           ଫରଣି ଗଲଣି
ସ୍ୱେତ ମଳୟର ବାଣୀ
ନୈଶ ଭାସଇ           ଅମୃତ ପରି
ପିଅ ଗୋ ସଜନ ଶୁଣି ।

ଜୋଛନା ପ୍ଲାବନେ           ସରଗ ମର୍ତ୍ତ୍ୟ
ପଡ଼ ନାହିଁ କହି ବୁଝା
ମୁକ୍ତ ପବନେ           ଗଗନେ ଭୁବନେ
ନବ ବସନ୍ତ ପୂଜା !

ଗୋଲାପ ମନ୍ଦିର-ରାଗେ,
ତୁମେ ନବ ଅନୁରାଗେ,
ରଞ୍ଜିତ କର ପ୍ରାଣ,
ଆଣ ଗୋ ଅଧର ଆଣ,
ଦିଅ କୋଳ ମୋର ଦେହେ,
ନବ ବସନ୍ତ ସ୍ନେହେ !
ଅନ୍ତରଭର ବାସେ,
ମନ୍ଦ ମଧୁର ହାସେ !

ମାତି ଉଠୁ ପ୍ରାଣ          ବଣ୍ଟ ସତ୍ୱରେ
ଭୁଲି ସଂଶୟ ବାଦ !
ଫଗୁଣ ପୁନଅ ଚାନ୍ଦ !

ଆଜ ଜୋଛନାରେ          ଫୁଟିଛି ଗୋଲାପ
ଫୁଟିଛି ମଧୁର ମଲ୍ଲୀ
ଯୌବନ ବନେ          ନବ-ବସନ୍ତ-
ଉତ୍ସବ ନୁହେଁ କଳି ।

ଭୁଲ ଭୁଲ ସବୁ          ସଂଶୟ ଦୁଃଖ
ଆନନ୍ଦ ନିଅ ବରି !
କ୍ଷଣେକର ପ୍ରୀତି—' ପୁଲକେ ନିଅ ଗୋ
ଜୀବନ ଅମର କରି !

ଉଜାଡ଼ କର ଗୋ          ମାଧବୀ ଜୋଛନା
ନାହିଁ ଭୟ ପରମାଦ
ଫଗୁଣ ପୁନଅ ଚାନ୍ଦ !

ଟଗରକ ଉଠଇ ଗାଇ,
ବକୁଳ ଗନ୍ଧେ ବାଇ,

ସଙ୍ଗେଣେ ତା ଚପଳତା
ପୀରତି ମଧୁର ବ୍ୟଥା,
ସ୍ବଚ୍ଛ କଣଳଟେ ଲତା—
ଗାଦମ୍ବର ମାଦକତା
ଅକଳନ ଆଜ                    କଂଶୁକ ବନେ
ଗରବେ ଟୋଳନ୍ତି ମଥା !
ନାହିଁ ନାହିଁ ଅବସାଦ !
ସମ୍ପୂଣ ପୂନଅ ସ୍ବନ୍ଦ !

ଈଶ୍ବର ନରନାରୀ,
ସକଳେ ଆମେ ଗୋ ଆଳି !
ବୃଦ୍ଧ ତରୁଣ ସାକ୍ଷୀ,
ଉଠ ଆନନ୍ଦେ ମାତି !
ନବ ବସନ୍ତେ କଣ୍ଠ,
ରଞ୍ଜିତ ବାଳ ରଣ୍ଠ,
ଆହ୍ବାନ କରେ                    ମଧୁ ଉତ୍ସବେ
ଖୋଲ ଗୋ ଦୁଆର ଖୋଲ !
ଆଜ ପୀରତିର ଦୋଳ ।

ଆସ ଗୋ ଆସ ଗୋ ଶିଶୁ,
ଭୂମ ସଙ୍ଗୀତ ମିଶୁ,
ଏ ମୋର ସ୍ତବ୍ଧ ପ୍ରାଣେ,
ଉଚ୍ଛୁଳ ଜୀବନ ଗାନେ,
ପୌଷ ମରଣ ଭୟ,
ଅବହେଳେ ଆଜ ଜୟ ।
ମୁକ୍ତ କର ଗୋ ପ୍ରାଣ;
ଭର ବସନ୍ତ ଗାନ,

ମଞ୍ଜୁ କୁସୁମ ଗନ୍ଧ,
ମନ୍ଦ ମଳୟ ଛନ୍ଦ,
ଉଜ୍ଜ୍ୱଳ ଦିଗ ଭାଗ,
ଜୀବନ ଦେବତା ଜାଗ !

ନବୀନ କୁଞ୍ଜେ ଶୁଭଇ କାହାର
ମନ୍ଦ ମୁରଲୀ ନାଦ !
ଫଗୁଣ ପୂନଅ ଚନ୍ଦ ।

[ ପୁରୁଲିଆ, ୧୯୨୯ ]

# ସିଜ ତେଜିମା

ସଜାର ତନସ୍ଵା ସ୍ୱପ୍ନ ରାଜ୍ୟ
ସଙ୍ଗୀତେ ତାର ବାସ,
ଏଇ ପଥେ ଯାଇଁ ଡାଳିଗଲି କେତେ
କୁସୁମ ଧବଳ ହାସ !
ନ ଥିଲା ତା ଅବକାଶ !

ତା ଦେହ ଗନ୍ଧେ ପ୍ରାଣ ମନ ବାଇ,
ସୃଷ୍ଟି ତରୁଣ ରହିଲା ଅନାଇ,
କହିଲା ଅଧୀରେ "ମୁଗ୍ଧ ମୁଁ ତୁମଠାଇଁ !"
କହିଲା ସେ "ନାହିଁ ନାହିଁ !"
"ଲପଲେ କାହିଁକି ଆସ ?"
ନ ଥିଲା ତା ଅବକାଶ ।

ସଜାର ତନସ୍ଵା ଝୁଲିଗଲା ଯେବେ
ଖସିଲା ତା ଗଭ୍ର ଫୁଲ;
ତରୁଣ ମନ ଆକୁଳ !
ଅଧୀର ପରଶେ ନେଲା ତା ଗୋଟାଇ,
ବକ୍ଷେ ଜଡ଼ି ସେ କହିଲାତ "ନାହିଁ,
ନାହିଁ ଆଉ ଏଡ଼େ ସୁନ୍ଦର ସମତୁଲ,
ଚିର ଅମୃତ ଏ ମୋ ପରାଣର ଫୁଲ !"
କହେ ଜେମା ପୁଣି "କଣ୍ଟକ ପ୍ରୀତି କାହିଁ ?"

"ପୀରତି କୁସୁମ ନାହିଁ ।"
ରାଜଜେମା ଆହା ଛୁଡ଼ି ଗଲା ତାର
କନକ ନୂପୁର ଗୋଟି;
ତା ପାଦ ପରଶେ ଉଷର ପରଶେ
ଉଜଳ ତାରକା କୋଟି !
ତରୁଣ ତା କରେ ଯତନେ ଖଞ୍ଜି,
କାହାରୂପ ଭାବେ ରହେ ସେ ମଜ୍ଜି,
ଜେମା କହେ "ଆଗୋ କନକ ବଳୟ କାହିଁ ?"
"ମନନ ଆମ୍ବରେ ପୀରତି ଫୁଟଇ ନାହିଁ ?"

**ମୁଗ୍ଧ ତରୁଣ ଗାଇଲା ତା** ବୀଣା ଧରି,
**ମାଧବୀ ନିଶୀଥେ ଅବା** ଯଉବନ ପରି,
**ଗାଇଲା ଅମର ରୂପର ବିକାଶ,**
ତୁମରି ସେ ଲୀଳା ତୁମରି ସେ ହାସ,
**ଧନ୍ୟ ଆଜ ମୁଁ** ଆସିଛି ଅତିଥି ତବ !
**ଗାଇଯିବି** ଗୀତ ସୁନ୍ଦର ଅଭିନବ ।
ହସି କହେ ଜେମା ତହିଁ,
"ବନ୍ଦୀ ମୁଁ ତୁମ ଠାଇଁ !"
"**କହ କହ** ମୋର କଣ୍ଠର ଆଭରଣ !
**କିଏ ଶିଖାଇଲା** ସଙ୍ଗୀତ ବିମୋହନ ?"

[୧୯୨୯]

# ଉଷସୀ

ପ୍ରଥମ ମିଳନବାସେ
ମିଳିଲେ ଯେ ଦିନ        ହୃଦୟ ଦୁଆରେ
ଉଷସୀ ଆଲୋକ-ହାସେ ।

ଭାବିଲି ତୁମେ ସେ ତରୁଣ ସପନ,
ସ୍ପନ୍ଦନ କରି କୁସୁମ କାନନ,
ମୋ ମନ ବନ୍ଧନ,        ବଡ଼ ଅଶୋଭନ—
ଚଳିବ ଆପଣା ପଥେ;
ନନ୍ଦନ ସୁର-ରଥେ !

ଭାବିଥିଲି ତୁମେ ସନ୍ଧ୍ୟା ତାରକା,
ହେମ କୁରଙ୍ଗୀ ହୃଦୟର ଦକା,
କନ୍ଧସ୍ତ ତେଜ        ଆସିଛ ଅଲକା
ଲଗାଇବ ବୋଲି ମାୟା;
ତୁମେ ମରୀଚିକା ଛାୟା !

ଅଥବା ପ୍ରଭାତ କାସାରେ କମଳ,
ଘନ ନୀଳକରେଁ କୁନ୍ଦ ଧବଳ,
ବଳୂକ ଛଟକେ        କାନ୍ତ ଚପଳ—
ଯିବ ବୋଲି କ୍ଷଣେ ଅସ୍ତ,
ତରୁଣ ଜୀବନେ        ନାନା ରୂପେ ଖେଳେ
ତୁମର ଲୀଳା ସମସ୍ତ ।

ଅଞ୍ଜନ କଳା ଖଞ୍ଜନ ଆଖି,
ସୁପ୍ତ ଚକ୍ଷୁଣେ ଦେଲ ଯେବେ ଡାକ
ଅନ୍ତର ମୋର                    ଗରଳକୁ ଘୃଣି
କହିଲ "ନାହିଁ ଗୋ ନାହିଁ"
"ଜୀବନର ଶେଷେ                    ନବ ଆୟୋଜନ
କର ଅବା କାହା ପାଇଁ ?"

ମନ୍ଦେ ହସିଲ, ଘୁଞ୍ଚିଲ ଅଳ୍ପ,
ନନ୍ଦନ-ଫୁଲ-ବୃଷ୍ଟି-କଳ୍ପ,
ଆକାଶେ ପ୍ରଭାତ                    ମନ୍ଦ ଆଲୋକ
ତ୍ରିଭୁବନ ଯାଏ ଛୁଇଁ,
ଚମକି ଉଠିଲ                    ସେସନେ ଚଟିମା
ସୁରଭି-ମଳୟ-ଭୁଇଁ !
କହିଲି ମୁଁ "ନାହିଁ ନାହିଁ"

"ଯୌବନେ ଆଜ ଏ                    ପୀରତର ଦୋଳ
ଲଗାଇବ କାହିଁପାଇଁ ?"
ନୀରବ ହେଲ ଗୋ ସଖି !
ଦୂର ଦେଶେ ଗଲ ସାକ୍ଷୀ !
କହିଲ ଜୀବନେ କର୍ମର ବାୟୁ
ସହିଲ ତରଣୀ ସହିଆସେ ଆୟୁ
ଯେଶିଲା ଅଶ୍ରୁ, ଆନନ୍ଦ ଘୃଷ୍ଟ —
ତରୁଣ ଚନ୍ଦ୍ର ଗୋଟି,
କି ଅବା ତାରକା କୋଟି'
ମଳିନ ପଡ଼ିଲ ବାସନା-ବିଳାସ
ଛିନ୍ନ ସକଳ ପୀରତିର ପାଶ
ପରଣ କାହିଁକି                    ଦରର ଉପହାସ ?
କାହିଁ ପୂର୍ତ୍ତିର ସ୍ତବ ?
ପଶ୍ଚିମେ ବୁଡ଼େ ରବ !

ଫେରିଲେ ବନ୍ଧରେ ବଳାକା ଆକାଶେ
ଚଟିମା ଘରେ ମୁଁ ଚାହିଁଛି କା ଆଶେ
କାଲଗି ଶୂନ୍ୟ                    ମନ୍ଦର ପ୍ରାସେ
ପୁଚ୍ଛୁଛି, କାହିଁକା ମୁକ୍ତି ?
ଦେବ କଏ ଆଜ ଯୁକ୍ତି ?

ଗୋଧୂଳି ଆଲୋକେ ପୁଣି ଛବି କାର
ଝଲଇ ? ନାହିଁ ଗୋ ଭିଳେ ତ ବକାର,
ସୁନ୍ଦର ପୂତ                    ଶୁଭ୍ର ଅପାର
ବାସନା ବସନ ଢେକି
ପଦ ସଞ୍ଚାରେ                    ସଙ୍ଗୀତ ଢୋଳ
ଆସଲେ ନ ପାରେଁ ଦେଖି !

ଦେଖିନ ଏସନେ ପୂତ ମୂରତି
ଅନ୍ତରୁ ଆସେ ସ୍ଫୂର୍ତ୍ତି ଭକତି
ପୀରତି ଅଶ୍ରୁ                    ଶ୍ରଦ୍ଧା ପ୍ରଣତି
ଢାଳେଁ ଆଜ ଦେବ ଥାଳ,
ବୃଥାଯାଏ ଦିନ ଖାଲି !

କହିଲ ହେ ଦେବୀ ଅପୂର୍ବ ମୂର୍ତ୍ତି,
ପୁଣ୍ୟ ପରଶେ ଯାଅ ଥରେ ଛୁଇଁ,
ସୂର୍ଯ୍ୟ ସମାନ                    ତୁମେ ଆଜ ଉଇଁ
ନାଶ ଗୋ କାଳିମା ରାଶି;
ପୁଣ୍ୟ-ପୀରତି-ସଙ୍ଗୀତ-ପରକାଶି ।

ଏ କି ଅଦ୍ଭୁତ ଦେଖେଁ ଆଖି ମେଲି,
ବିଶ୍ୱାସ ନୁହେଁ, ପାରୁ ନାହିଁ କଳି,
କଏ ପୁଣି ତୁମେ                    ବରଣିଲ କେଳି
ଲୁହେଁ ଏକ ନୂଆ କଥା ?
ପୁଣି ଅଙ୍ଗାର ମମତା !

ପରକାଶ ପୁଣି ବାସର ଯାମିନୀ ହାସ
ଆଜକାର-ପ୍ରୀତି ଦୂର ଜୀବନର ପ୍ରାସ
ସେ ଦିନର ମାୟା ଆଜ ଜୀବନର ତ୍ୟାଗ !
ତୁଷାର ଶୁଭ୍ର ଅମୃତ ଅନୁରାଗ !

[୧୯୬୯]

●

# ଯକ୍ଷର ଶୋଚନା

ସୁଦୂର ମୋର କାନନ ଭୂଇଁ
ବିରହ ଆସି ଭରମେଁ ଦୂରେ,
ସେ କେଉଁ ମାୟା ହରିଣୀ ପଛେ—
ମରଣ ଅବା ! ନରକେ ଘୂରିଁ ।
ଶାଳ ବନ ଶ୍ୟାମଳ ଲତା,
ମାରବେ ଢାଳେ ପରାଣ ବ୍ୟଥା,
ଏ ଦେଶ ମରୁ ଜୀବନ ହୀନ !
ଏକାକୀ ମରେଁ ପରାଣ ପୁରେ । ୧ ।

ଜନମ ଭୂଇଁ ଘେରିଛି ନଈ
ନଉକା କେତେ ଯାଏ ଗୋ ଭାସି,
ପ୍ରିୟ ଜନର ବାଉଁଶୀ ବନ୍ଧୁ
ହରଷେ ପୁଣି ଅଶ୍ରୁ ରାଶି ।
ସେ ଦେଶ ଛାଡ଼ି ଅଚଳ ମୂର୍ତ୍ତି,
ପୀରତି ହୀନ ଏ ମରୁ ଭୂଇଁ,
ଶୁଣିବି ପଦେ ସ୍ନେହର କଥା
ଭରସା ନାହିଁ ଏ ଦେଶେ ଆସି । ୨ ।

ସନ୍ଧ୍ୟା ହେଲେ ବୁଡ଼ିବ ରବି
ନିଶୂନ ହେବ ଆକାଶ ମଣ୍ଡ;
କୂଳ କାମିନୀ ଚନ୍ଦ୍ରିମା ଘାଟରେ
ତ୍ରିବେଣି ଜଳେ କଳସୀ ବନ୍ଧୁ ।

ଅଳସ ଗତି ନୂପୁର ଧ୍ୱନି
ପଲ୍ଲୀବାସେ କି ହେମ ଅବନୀ
ଗୋପ ବାଳକ ମୁରଲୀ ଧ୍ୱନି
ଦୂର କାନନୁଁ ଶୁଭଇ ରହି;
ସଙ୍ଗିନୀଗଣ ଗହଣେ ପ୍ରିୟା
ଯିବଣି ଜଳେ କଳସୀ ବହି । ୩ ।

ସ୍ନିଗ୍ଧ ମଳୟ ଅଧୀରେ କେତେ
କାନନେ ଫୁଲେ ଯିବଟି ବୁଲି,
ମର୍ମରବେ ପାଦପ ଲତା
ଛନ୍ଦରେ ଗୀତେ ସକଳେ ଭୁଲି ।
ଜଡ଼ିତ ମୋର ପରାଣ ଭାଷା,
ସବୁ ସାଧନା ସକଳ ଆଶା,
ସେ ଦେଶ ମୋର ପରାଣ ପ୍ରିୟା
ମୋ ପଥ ଚାହିଁ ପଡ଼ଇ ଢଳି;
ଦିବସ ଯାଏ ମୋହର ମାୟା—
ଧରଣୀ ପଛେ ଭରମେ ଭୁଲି । ୪ ।

# ବିରହ ପୂର୍ଣ୍ଣିମା

ଫଗୁଣ ନିଶାରେ ଅନ୍ତର ଚିପି
ରହିଥିଲି ମୁଁ ଗୋ ସଖି;
ବିରହିଣୀ ତୁମ ପାଇଁ ।
ତୃଷିତ ବିକଳ ଚିତ୍ତ ଅଧୀର,
ଖେଳିବାକୁ ତୁମ ସହିତେ ଅବିର,
ସଖି ନୟନରୁ ଶୁଖିଗଲା ନୀର
ପ୍ରୀତି ସ୍ମୃତି ଗଲା ପାହି;
ନୀରବେ ରହିଲି ସଖି ।

ପୂର୍ଣ୍ଣିମା ଭୂଲେ ଖେଳିଲେ ପ୍ରଣୟୀ
ଆକୁଳ ଜୋଛନା ମଖି,
ମଲ୍ଲି ବକୁଳ ରଜନୀଗନ୍ଧା
କାନେ କଥା ଗଲେ କହି !
ନ ପାରିବା ଘରେ ରହି,
ମାଧବୀ ନିଶୀଥେ ସହି,
ମହୁଆଳ କଲା ଦକ୍ଷିଣା ବାଆ
ଅନ୍ତରେ ଆଜ ବହି !

ହସିଲେ ଚନ୍ଦ୍ର, ହସିଲେ ତାରକା
କୁଳବଧୂ ଭୁଲିଗଲେ ନିଜ ଦଶା
ମର୍ତ୍ତ୍ୟ ହେଲା କି ମିଳନ-ଅଳକା
ବିଚ୍ଛେଦ ତଳେ ନାହିଁ ।
ମୋ ହୃଦ ଯମୁନା ଶୂନ୍ୟ ପୁଳିନେ
ନ ବାଜିଲା ଥରେ ବେଣୁ,
ନିଠୁର ପୀରତି ଯେଣୁ !

ଯୌବନ ମୋହେ          ମତ୍ତ କାମିନୀ
ବୋଲାଇଲେ ବଳଧି ବେଣୁ !
ଗାଇଲେ ହରଷେ ଗୀତ,
ହାସ ରସେ ପୁଲକିତ,
ପ୍ରୀତି ଆଶା ପ୍ରାଣେ ଭରି;
ଏକା ମୁଁ ରହିଲି ପଡ଼ି !

× × ×

ପରାଣ ବନ୍ଧୁ, ତୁମେ ମୋର ପର ?
ସକଳରୁ ପ୍ରିୟ ଦୁଃଖ ପାଶୋର ?
ପାଶେ ଥାଇ କମ୍ପା          ଦିଅ ନାହିଁ ଧରା
ତୁମ ପ୍ରୀତି ଗୀତି ଗାଇ,
ହବା ନିଶି ରହେ ରହିଁ ।

× × ×

ଖଢ଼ ଉହ୍ଲା          ମୋ ଧାତ୍ର ଅନ୍ତର
ହେ ମୋର ହୃଦୟ ରାଜ
ମଳନ ହେଲା          ମୋ କୁସୁମ ଶଯ୍ୟା
କର୍ପୂର-ଫୁଲ-ସାଜ !

# ମୂକ ଭଗବାନ

ଜୀବନର ଯଜ୍ଞେ ଯହିଁ ଧନ ଅକିଞ୍ଚନ
ଲଭନ୍ତି ଆହୁତି ତହିଁ ପାଉଛ ଆସନ—
ହେ ଦରିଦ୍ର ସଖା, ନିଖିଳର ସ୍ୱତ୍ୱେଶ୍ୱର !
କରିବାକୁ ଏ ଜୀବନ ସୁନ୍ଦର ଅମର ।
କରି ନେଇଅଛ ଆପେ ଦୈନ୍ୟ ନିର୍ଯ୍ୟାତନ,
ସହସ୍ର ଲାଞ୍ଛନା ଭୋଗ ଶତ ଅନଶନ,
କରିଅଛ ଶୁଭ୍ର ଦେହ ଶୋଣିତ ଆପ୍ଳୁତ,
ମାନବ ଗରଳ ବସି କରୁଛ ଅମୃତ !
ଅଶ୍ରୁ ଅନ୍ତରାଳୁ ତହିଁ ଫୁଟାଉଛ ହାସ,
ନିବିଡ଼ ଅନ୍ଧାରୁ ତବ ଆଲୋକ ପ୍ରକାଶ !
ପ୍ରଭଞ୍ଜନ ଝଞ୍ଜା ମେଳେ ହସ ତୁମେ ଶାନ୍ତ !
ମୃତ ଜୀବନର ଭସ୍ମେ ଅରବିନ୍ଦ କାନ୍ତ !
ନିଖିଳ ବିଶ୍ୱର ପାପ ଘାତେ ନିଷ୍ପେଷିତ,
ମନ୍ଦ ହାସେ ଗାଉଅଛ ଅମର ସଙ୍ଗୀତ ।

— ୨ —

ଗାଉଛ ଦରିଦ୍ର ସ୍ୱରେ ନିଖିଳର ବ୍ୟଥା
ଭ୍ରାନ୍ତ ଏ ମାନବ ଲାଗି ଏତେହିଁ ମମତା !
ନିସ୍ପନ୍ଦ ଯୁଗରୁ ବନ୍ଧୁ ଯାଏ କାରାଧାର
ଦିନୁଦିନ କଟେ଼ ଯେବେ ଜୀବନର ଧାର ।
ସଭ୍ୟତାର କାଳସର୍ପ ଫଣେ ହୋଇ ଧାରି,
ପଡ଼େ ନାହିଁ ତୁମ ବ୍ୟଥା ଶ୍ରବଣେ କାହାରି ।

ତୁମ ଅଶ୍ରୁ ସୋତରେ ହୁଏ କୁଳିଶ ତରଳ
ମୂକ ପରବତୁଁ ଫାଟି ପଡ଼େ ଅଶ୍ରୁ ଜଳ !
ହେ ମୂକ ପାଷାଣ ପ୍ରଭୁ ତବ ଅବଚଳ !
ହେ ଲାଞ୍ଛିତ ନିଷ୍ପେଷିତ ହେ ଶିବ ମଙ୍ଗଳ !
ତୁମର ଶୋଣିତ ଅଶ୍ରୁ ପାନ କରି ପ୍ରାଣ
ପରଶିଚ୍ଛି, କି ଆବେଶ ଗାଇବାକୁ ଗାନ
ନତଶିରେ ଶ୍ରୀପଦ୍ମରେ ମାଗେ ଆଜି ଭିକ୍ଷା
ଦିଅ ସେ ଗୈରିକ ବାସ ଦାରିଦ୍ର୍ୟର ଦୀକ୍ଷା !

●

# ସେନା-ସଙ୍ଗୀତ

ନପୁଂସକ କରୁଁ ଅଟ୍ଟହାସ୍ୟ
ମୃତ୍ୟୁକୁ କରୁଁ ଫୁତ୍କାର,
ବିଶ୍ୱନାଥର ସୈନିକ ଆମେ,
ଦୁର୍ଜୟ ଆମେ ଦୁର୍ବାର !
ଦୁଃଖ କି ଭୟ ଆମେ ବୈରାଗୀ,
ସତ୍ୟ ପରାଣେ ରହିଅଛି ଜାଗି,
ଶୋଚନା ଦୁଃଖ ହେବ କାହା ଲାଗି ?
ମିଥ୍ୟାର ହାତୁ ନିସ୍ତାର !
ମୃତ୍ୟୁକୁ କର ଫୁତ୍କାର ।

ଶସ୍ତ୍ର ଆମର ନୂତନର ତେଜେ
ଶୃଙ୍ଖଳ ପଡ଼େ ଖସି,
ଲୁଟଇ ମୃତ୍ୟୁ ଅନ୍ଧକାର
ଊଷେ ଉଠିଲେ ହସି,
ଆମ ପଦ ତଳେ କାନ୍ଦେ ଧରଣୀ
ପାଣ୍ଡୁର ହତେଶ ନଭ,
ନର୍ଗବ ମୋହ ଶାନ୍ତିରେ ଆଣୁ
ଧ୍ୱଂସର ଉପଦ୍ରବ ।
ଊଷେ ଉଠରେ ହସି !
ଶୃଙ୍ଖଳ ପଡୁ ଖସି !
ଡାକେ ଭୈରବୀ ଶ୍ମଶାନ ଚଣ୍ଡୀ
ମୌନ ଶୋହେ କି ବସି ?

ଆଜି ଅନ୍ତରେ ପ୍ରଳୟ ଉଲ୍ଲାସ !
ଆଜିରେ ଜଡ଼ତା ହଏ ଦଣ୍ଡ ପ୍ରାସ !
ଆଜି ମରଣର ମହା ଆନନ୍ଦ
ହୃଦୟ ଚନ୍ଦ୍ରେ ଝଙ୍କାର,
ମୃତ୍ୟୁକୁ କର ଫୁତ୍କାର !
ଆଜ, ମୁକ୍ତିର ଗୀତ ବୋଲ,
ଖୋଲ, ରୁଦ୍ଧ ଦୁଆର ଖୋଲ;
ଆସରେ ମୃତ୍ୟୁ ପଥ ସୈନିକ
ଅନ୍ତିମେ କର କୋଳ ।

ଆମେ, ଅମର ଅଜେୟ ବୀର;
ଲୁହେଁ, ନତ ଉନ୍ନତ ଶିର;
ରଣ, ଭୂମିରେ ସଦା ଆନନ୍ଦ !
ସଦା, ମିଥ୍ୟା ସତ୍ୟରେ ଦ୍ୱନ୍ଦ୍ୱ !
ନକ୍ଷତ୍ରର ସଙ୍ଗେ ଆମର
ଶୋଣିତ ଆହୁତି ପର୍ବ !
ଆମରି ରକ୍ତେ ଜୀବନ ବିକାଶ
ଶାନ୍ତ ଜଗତ ଧାରା ।

ଦୁଃଖ କୁ ଭାଇ ଆମେ ବୈରାଗୀ,
ଘାତକକୁ ଡାକ ଦେଇ ଯାଉ ଦାଗି,
ଛିନ୍ନ ଗଳାରେ ମୃତ୍ୟୁର ଫାଶ
ଶାନ୍ତ ହେଉରେ ସଂସାର;
ନିର୍ଭୟ ଆମେ ଆମେ ଅମୃତ !
ଦୁର୍ଜୟ ଆମେ ଦୁର୍ବାର !

# ସାଥି

ମୋର ଜୀବନର ସାଥି !
ଅନ୍ତରେ ଜାଳି      ପୀରତି ପ୍ରଦୀପ
ଆଣ ଉତ୍ସବ ରାତି !
ତୁମେ, ନନ୍ଦନ ବନ ମଧୁ,
ତୁମେ, ରୂପସୀ ତରୁଣୀ ବଧୂ,
ତୁମେ, ପର୍ବତ ଶିର ଶାନ୍ତ,
ମୁଁ ଗୋ, କ୍ଷୁବ୍ଧ ଆକୁଳ ପାନ୍ଥ !
ତୁମେ, ସୁନ୍ଦର ପୂତ କାନ୍ତ !
ତୁମେ, ହୃଦୟର ଜ୍ୟୋତି ଅରୁଣ ସମାନ
ତୁମ୍ଭେଁ, ମୁଗ୍‌ଧ ମୁଁ ଅବଶ୍ରାନ୍ତ !

ତୁମେ, ସନ୍ଧ୍ୟା ଗଗନ ଭାଷା;
ତୁମେ, ଊଷାର ପିୟୂଷ ଧାରା,
ତୁମେ, ଉନ୍ମାଦ ମଳୟର,
ତୁମେ, ଶାନ୍ତ ଶାରଦ-ଚର;
ତୁମେ, ମୁକ୍ତ ଆକାଶ ନୀଳ,
ତୁମେ, ଚନ୍ଦ୍ରିମା ଗୋ ଅନାବିଳ,
ମୁଁ ଗୋ, ଅଞ୍ଚଳ ପତି   ପୀରତି ଦୁଆରେ
ଭିକ୍ଷୁକ ବସେଁ ଚିର !
ତୁମ, ଆନନ୍ଦେ ଉଠେଁ ମାତି
ଆଗୋ, ଚିର ଜୀବନର ସାଥି !
ତୁମେ, ଆନନ୍ଦ ସ୍ୱର ଧ୍ୱନି,
ଶତ, ଲୀଳାର ଆଧାର ଖଣୀ,

ତୁମେ ତରୁଣ ଜଳାର ସ୍ୱପ୍ନ,
ତୁମେ, ଅଳ୍ପ ଆଲୋକ ରଙ୍ଗ,
ତୁମେ, ଭଙ୍ଗୀ ସୁକ୍ଷ୍ମ ମୂର୍ତ୍ତି,
ମୁଁ ଗୋ, ବାସନାରେ ସଦା ସ୍ଫୂର୍ତ୍ତି,
ତୁମେ, ସନ୍ଧ୍ୟା ସମାନ    ଶାନ୍ତ ଉଦାର
ମନ୍ଦିର ମୋର ଶୂନ୍ୟ !
ତୁମେ, ତାଳ ଅନ୍ତର ପୂର୍ଣ୍ଣ !

ଆଗୋ, ତରୁଣ-କବିର-ଜାୟା,
ତବ, ସୃଷ୍ଟିରେ ଏକ ମାୟା,
ତୁମେ, ନାନା ରୂପେ ରସେ ଖେଳ,
କେତେ, ବିରହ, ହୃଦୟ ମେଳ,
ମୁଁ ଗୋ, ଦେଖିଛି ତ କୋଟି ବେଶେ,
ଦୂର, ପର୍ବତ ମରୁ ଦେଶେ,
କେବେ, ବୈଶାଖ ନଦୀ ଧାରେ,
କେବେ, ସନ୍ଧ୍ୟା ଗୋଧୂଳି ପାରେ,
ତୁମେ, କେବେ ନବବଧୂ    କେବେ ପ୍ରଣୟିନୀ
କେବେ ଚଳ ଅଭିସାରେ !
କେବେ, କକ୍ଷେ କଳସୀ ଧରି
ହସି, ଆଳି ତୁଲେ ଯାଅ ସରି,
ମୃଦୁ, ହାସେ କଟାକ୍ଷ ହାଣି;
ନଅ, ପଲ୍ଲୀବାସିନୀ ପାଣି
ତରୁଣ ହୃଦୟେ    ବାସନା ଅଙ୍ଗାର
ଜାଳଯାଅ ଜାଣି ଜାଣି !

ତୁମେ, ଚପଳା ଆଲୋକ ଜାଳ,
କେଉଁ, ଶୂନ୍ୟେ ମିଶ ଗୋ ଆଳ;

କେଉଁ ଶ୍ରାବଣ ବାଦଲେ ମିଶ,
କବି, ଗାଇ ମରେ ଅହର୍ନିଶ;
ତୁମେ, ଶାଳ ଧାନକ୍ଷେତେ          ଲହରି ବିଳାସ
ତୋଳି ଖୋଜ କେଉଁ ଦିଶ ।

ତୁମେ, ଲକ୍ଷ୍ମୀ ଗୃହିଣୀ ସତୀ,
ତୁମେ, ସନ୍ଧ୍ୟାରେ ଜାଳ ବତି;
ଆଣ, ସୃଷ୍ଟିର ଶିବ ପ୍ରିୟ,
ତୁମ ଆଲୋକ ସ୍ପର୍ଶ ଦିଅ !
ତୁମେ ତ୍ୟାଗ ପତାକା ଧରି,
ପ୍ରେମେ ଦିଅ ଟେକା ଭୁବନ ଭରି,
ସୃଷ୍ଟିରେ ପର          କର ଆପଣାର
ଶିବ ପ୍ରିୟ ସୁନ୍ଦର !

ତୁମେ, ଦୁଃଖରେ ଢାଳ ଲୁହ,
ଢାଳ, ପରାଣ-ପୀରତି-ସୁଅ
ପ୍ରେମେ, ଆପଣା ପରକୁ ଭୁଲି,
ସବୁ, କର ଏକ ସମତୁଲି,
କବି, ମୁଗ୍ଧ ନୟନେ ଚାହିଁ,
ପ୍ରାଣ, ପ୍ରଶସ୍ତି ଗୀତଟି ଗାଏ ;
ନାହିଁ, ବାସନାର ପୀଡା ଆଉ,
ତୁମ, ଶିର ସିନ୍ଦୂର ଛୁହିଁ !
ପାନ୍ଥ ପରାଣ          ପୀରତି ପ୍ରଥମ—
ଆଶାର କାହାର ଲଭି,
ଜାଗି ଉଠେ ପୁଣି କବି ।

କ୍ଷଣେ, ସୁନ୍ଦର ଦିଶେ ସବୁ,
ଆହା, ଶିବ ଜୀବନର ପ୍ରଭୁ,

ମୋର ପ୍ରାଣ ମନ୍ଦରେ ସ୍ଥିତ;
ଆଜ, କ ଆଲୋକେ ଆଲୋକିତ !
ଜୀବନର ଶେଷେ                    ଉଜ୍ଜ୍ୱଳ ତାସ
ଶୁଣଇଁ ତୁମର ଗୀତ !

ତୁମେ, ଉଷସୀ ମନେ ହସ,
ତୁମେ ତ୍ୱାଳ ପୂର୍ଣ୍ଣିର ରସ,
ସେଣ୍ଟ, ଅମର ରସେ ମୋ ଭ୍ରାନ୍ତି
କ୍ଷଣେ, ନଭରେ ଶାନ୍ତି ! ଶାନ୍ତି !
ଅମର ସୃଷ୍ଟି ମଧ୍ୟେ ଭରିତେ
ଗୀରତି ବଳସୁ ଦତ୍ତ !
ମୋର, ଚିର ଜୀବନର ସାଥି !

●

[୧୯୩୦]

# ଶେଷ ପୃଷ୍ଠା

ଜୀବନ ସୀମା ଶେଷେ ଆସନ ପାରି
ବସିଛି ଯେ ପୁରୁଷ ନିତ୍ୟକାଳ,
ଜୀବନ ଶରନଟ ନାଟ୍ୟ ସାରି
ବୁଣେଇ ପୁଣି ହସି ସ୍ୱପ୍ନ-ଜାଲ ।
ତାହାରି ନିର୍ଦ୍ଦେଶେ ମୁଁ ଗାଉଛି ଗୀତ
ତାହାରି ପଦେ ମୁହିଁ ଢାଳୁଛି ଚିତ୍ତ ।

ତାହାରି ନିର୍ଦ୍ଦେଶେ ମୋ ଶେଷ ଅଶେଷ
ଜୀବନ-ନଈ ମୋର ବହଇ,
ତାହାରି ନିର୍ଦ୍ଦେଶେ ମୁଁ ମିଥ୍ୟା ଭୁଲେ ଲଢ଼ି
ଅଶେଷ ଯନ୍ତ୍ରଣା ସହଇ ।

ତାହାରି ପ୍ରୀତି କାଳି-ଯୋଗେ ମୁଁ ଲେଖେଁ ନିତି
ଜୀବନ କାବ୍ୟର ପୃଷ୍ଠା,
ଶତ ହରଷ ବ୍ୟଥା ପୀରତି ମାଦକତା
ବନ୍ଦୀ ମୁଁ ସେ ମୋ ଗୀତ ସ୍ରଷ୍ଟା !

ଜୀବନ ପ୍ରିୟତମ ! ପ୍ରଣୟୀ ନିରମମ !
ଏ ଗୀତ ଶେଷ କେବେ କାହିଁବା ?
ନ ଦେବୁ ଦରଶନ ପୀରତି ବରତନ ?
ନ ଦେଲୁ ତୋ ଆଲୋକ ନାହିଁ ବା ।
ନୟନ ଜଳ କଲେ କୋଳାଏଁ କଳ
ସୁଖ ଦୁଃଖର କେତେ ଲେଖେଁ ମୁଁ ଛଳ ।

ସକଳ ଦ୍ରଷ୍ଟା ତୁ        ସକଳ ସ୍ରଷ୍ଟା ତୁ
ସକଳ କର୍ତ୍ତୁ ତୁହି ପ୍ରଧାନ
ତୋହର ଇଙ୍ଗିତ        ଲଭି ମୁଁ ପୁଲକିତ
ଏ ଗୀତ କରେଁ ନିତ ଭିଆଣ ।

ସାରିଲେ ଏ ମୋ ଗୀତ ସରଇ ନାହିଁ;
ମୋ ମୁଖେ ତୋର ଗୀତ ତୋହର ପାଇଁ !
ମୋ ମୁଖେ ତୁହି ଶୁଣି ତୋହର ଗାଥା
ଅରୂପ ତୋହ ରୂପ ବନ୍ଦନା,
ମୁଁ ତୋର ଚିରଦାସ        ମୋ ଭୁଲେ ତୋର ବସ,
ତୋ ଭାବ ଲୀଳାର ମୁଁ ମୂର୍ଚ୍ଛନା ।

ଗାଇବି ଗାଇବି ମୁଁ ପ୍ରଣମ୍ୟ ଦାସ ତୋର
କିଙ୍କର ମୁଁ ତୋର ଚରଣେ;
ଚୁମ୍ବିବି ତୋର ମୁଖ        ଧାୟି ଭୁଲିବି ଦୁଃଖ
ଜୀବନେ ପ୍ରୀତି ମୋର ମରଣେ ।

●

[୧୯୩୦]

# ଚିର ନବୀନ

ଲୁଚିଗଲଣି ମୋର ସକଳ ପ୍ରିୟ
ପରାଣପୁର କରି ଶୂନ୍ୟ !
ନବୀନ ପୁରାତନ     ଅଶ୍ରୁରେ ଜମଗନ
କାହିଁକି ହେବ ଅବା କ୍ଷୁଣ୍ଣ ?

ଯା' ଲାଗି ଗାଉଥିଲି ସନ୍ଧ୍ୟାକାଶେ ଚାହିଁ
ମୁଗ୍ଧ ନୟନରେ, ସେ ଆଜ ପାଶେ ନାହିଁ,
ନ ଆସେ ଥରେ ଭୁଲି     ନ ଚାହେଁ ଥରେ ଫେରି
ଏ ପଥେ ଗଲେ କେବେ ଉଦାସେ;
ବସିଲେ ଚାହିଁ ଚାହିଁ     ମୋ ରାତି ଯାଏ ପାହି
ମୋ ଗୀତ ମନେ ମନେ ହତାଶେ ।

ଜାଣିଛି ନାନା ଭାବେ   ବିଯୋଗିଛି ମୋ ପ୍ରାଣ
ଉଠିଛି ଜୀବନର ସବତା;
ଗାଇଛି ସୁଖେ ଦୁଃଖେ     ପରଶ ଲଭି ବୁକେ
ବିରହ ମିଳନର କବିତା ।

ଜୀବନେ କେତେ ରୂପେ ଦେଇଛ ପରିଚୟ
ଛନ୍ଦେ ଅନୁରାଗେ କରିଛ ମୋତେ ଜୟ,
ନେଇଛ ଅବହେଳେ     ଦେଇଛ ଅକାତରେ
ରଚିଛ ସ୍ମୃତି ପୁରେ ସମାଧି,
ଉଷର ଭୂମେ ପୁଣି     ଫୁଟାଇଛ କମଳ
ଜୀବନ ସୂର୍ଯ୍ୟ ହେ ଅନାଦି !

ବାଦଲ ଭେଦ ତୁମେ ଆଲୋକ ପରକାଶ !
ନୟନ ଅଧରେ ମୋ ଫୁଟି ଉଠିଛି ହାସ,
ଏମନ ଚିତ୍ତ ଥାଉଁ      କି ଦୈନ୍ୟ ମୋର ଅଛି ?
ଗାଉଛି ଗାଇବି ମୁଁ ତା ଲାଗି,
ସକଳ ବନ୍ଧନେ      ମୋହ ଭରମ ପ୍ରେମେ
ସକଳ ଜ୍ଞାନେ ରହେ ସେ ଜାଗି ।

ଯାହାର ଇଚ୍ଛାରେ      ଗଗନେ ଗ୍ରହ ତାରା
ସଜୀବ ଅଜୀବ ଯେ ଭରମେ,
ଆଲୋକେ ଫୁଲ ଫୁଟେ      ମୋହ ତିମିର ତୁଟେ,
ଛନ୍ଦେ ପଥେ ରହେଁ ସରମେ ।

ତା ଦେହେ ମିଶିଯାଏ ସକଳ ପୁରାତନ,
ନବୀନ ଭାବେ ପୁଣି ହୁଏ ସେ ଦରଶନ,
ସକଳ ସୀମା ପାରେ      ଯୋଜନା କରେ ପଦ
ସବୁରି ନମ୍ରାମକ କରି ସେ,
ମୋ କ୍ଷୀଣ ଭାଷାରେ ତା      କାବ୍ୟ ପରକାଶ
ଜ୍ଞାନ ଭାବର ଅନୁଭବ ସେ ।

ପୁରାଣ ପ୍ରଣୟୀ ସେ      ନ ରହେଁ ଥରେ
ନ ରହୁଁ, ନାହିଁ ମୋର ଶୋଚନା,
ନବୀନ ଅତିଥି ମୋ      ମନ୍ଦହାସେ କହେ
"କାନନ ଫୁଲେ ହାର ରଚ ନା !"

ମୋ ଜୀବନ ଯମୁନା ପୁଳିନେ ରହି ରହି,
ବଜାଏ ବଇଁଶୀ ସେ ପରାଣ ହୁଏ ଦହି,
ଜୋଛନା-ପାରାବାରେ      କୁଳଣ ପ୍ରାଣେଗଲେ
ଜୀବନ କୁଞ୍ଜେ ମୋ ରାସ ହୁଏ,
ତା ଲାଗି ସିନା ନିତି      ଏ ବାତାୟନ ପାଶେ
ଜାଗରେ ଜାଳେ ବସି ହତାଶେ ।

ତା ପଦେ ଅରପେ ମୋ ଚପଳ ଗୀତ,
ନ ବିକୁ ଆନ ହାଟେ ନାହିଁ ମୋ ସ୍ୱାର୍ଥ !
ଯେ ମାଳା ରଚୁଛି ମୁଁ    ଅଳସେ ବସି ବସି
ଶୁଖୁ ସେ କାନନେ ମୋ ଶୋଚନା ନାହିଁ
ମୋ ହୃଦ ପ୍ରେମ ନଈ    ମରୁରେ ହେଉ ବନ୍ଧ
ସକଳ ଲୀଳା ଏ ମୋ ତୋହର ପାଇଁ !

# ଯାତ୍ରା ସଙ୍ଗୀତ

ଜୀବନପ୍ରାନ୍ତ ମୋ ଭରିଛ କେତେ ମତେ
ନ ଦେଲ କଷ୍ଟ ବୋଲି କହିବି କି ହେ ଆଜି ?
ଜୀବନ ପ୍ରିୟତମ ହରିଛ ମୋ ଭରମ
ତରଣୀ ମୋର ତବ ସାଗରେ ବହିଯାଉ ।
କୂଳର ଜନପ୍ରାଣୀ କେତେ ମିଳାଅ ଆଣି
ନୟନ ପଲକରେ ଲୁଚୁଅ ଜାଣି ଜାଣି,
ବୃଥା ମୁଁ ଅଭିମାନୀ ହୃଦେ ଧରଇ ଟାଣି
ମରତ ପ୍ରବାସୀ ମୁଁ ନ ଜାଣି ଆଣେ ବାଜି ।୧।

ମାନସ-ହଂସ ମୁଁ ମାନସେ ଯିବି ଉଡ଼ି
ମୋ ଦୋଷେ ପଥ ହୁଡି ଭରମେ ଅବଗାଢ଼ି,
ଅଳପ ତୃଷା କ୍ଷୁଧା ଲଭି ତୁମରି ସୁଧା
ତୃପତ ହେଲି, ତେବେ ନୋହିଲି ଏ ମଗନ !
ନିଜ ବାସନା ଜାଲେ ଶିକଳ ବନ୍ଧିତ,
ତିମିର ଅଜ୍ଞାନେ ମିଳେ କି ଅମୃତ ?
ଛାଡ଼ିବି ଦୂରେ ଯିବି ପାରିବାରେ ଖସିବି
ଲଙ୍ଘି ସ୍ୱରଗିର ଯିବି ଗୋ ବେଳ ଥାଉଁ ।୨।

ଦେଇଛ ପ୍ରିୟା ପ୍ରାଣେ ଅମର ପ୍ରୀତି ଭରି
ମୋ ଶିଶୁ ବଦନେ ଅମର ମୋର ଆଶା,
ପ୍ରଭାତ ସନ୍ଧ୍ୟାରେ ଖେଳାଇ ରୂପ ତେଜ
ବିହଗ କଣ୍ଠେ ମୋ ଫୁଟାଇଛ ତ ଭାଷା;
ଗାଇବ ବନ୍ଦୀ ମୁଁ ଚରଣ ବନ୍ଦନା,
ସେଲାଗି ଏ ବୀଣାରେ ଦେଇଛ ମୂର୍ଚ୍ଛନା,

ସେ ସୁଖ ଭରି ହେଲା ଲଗାଇଲି ମୁଁ ଖେଳା
                    ମିଳନ ମଧୁରାତି ପାହିଲା ରହୁଁ ରହୁଁ !
ମିଥ୍ୟା ଜଗଣୀରେ ବଣିକ ମରଣ ପେ
                    ନ ରେଖି ଉଠେଲ ଯାହା କଲି ମୋ ମଣି ଘାଉ ! ୩ ।

ପଲ୍ଲବ ତଳୁ ମୁଁ ଗୋ ପଳାଇ ମେ। ପତର
                    ନୟନା ପରଶରେ ଝରିଛି ଅକାଳରେ,
ମୀଳିତ ଭେଳେ ଉଠେଳ ଶୋଚନା ଖେଦ ମୋର
                    ହୃଦୟମଣି ମୋର ସାଗର ଅତଳରେ;
ପଶୁଣି କୁଞ୍ଜେ ଗୋ ତାର ମୁରଲୀ ଧ୍ୱନ !
ଚରଣ-ପବନେ ଗୋ ତା ଶୁଭ ଆଗମନ,
ଜୀବନେ ଦେଖା ନେବା ଭଆଣ ସବୁ ତାର
                    ସେ ମହାଦାନ ହସେ ପରାଣେ ଦେଖିନାହୁଁ ?
ତା ଚରଣେ ପଲ୍ଲବ ଜୀର୍ଣ୍ଣ ଜୀବନରୁ
                    ପଲ୍ଲବିତ ଆହା ଶୋଚନା କବା ଆଉ ? ୪ ।

ସ୍ୱପ୍ନରେ ଭୁଲି ମନ ନିତ୍ୟ ମଧୁବନ
                    ଦେଖିବୁ ପ୍ରିୟରୂପ, ଅଦୂରେ ଗୋଲକରେ;
ଅଦୂରୀ ପଥେ ଆଜ ମିଳନ ତାର ସାଥେ
                    ହଜିଯ ରଥେ ତୋର ଜୀବନ ଆଲୋକରେ !
ସାକ୍ଷୀରଥ ତୋର ପଲକେ ହେବ ଶେଷ,
ଶେଷରେ ସନ୍ଦେହ ସକଳ ତୋର କ୍ଲେଶ,
ଧନ୍ୟ ହେବୁ ଆଜ ପୁଣ୍ୟ ଦରଶନେ,
                    ଯୁଷ୍ଟି ସବୁ ପାପ ଦୁଷ୍କୃତର ଜନ୍ମ !
ଜୀବନ ଦେବତା ମୋ ଜୀବନ ପଥେ ବାଜି,
                    ତରଣୀ ମୋର ତାର ସାଗରେ ବନ୍ଧୁସାଜି ! ୫।

# ବର୍ଷା ବରଣ

ଗୁରୁ ଗରଜନ କରି ଆସ !
ଘନ ଆସ !
ନବ ନବ ହର୍ଷର ତ୍ରାସ,
ଘନ ଆସ !

ଉତ୍ତରୁ ଉତ୍ତରୀ ଉଡ଼ାଇ,
ବିଦ୍ୟୁତ କୌତୁକ ଲଗାଇ,
ସୁପ୍ତ ପୁଲକ ସୁଖ ଜଗାଇ,
ନର୍ଗିକ ମୃତ ଦୁଃଖ ନାଶ ।
ଘନ ଆସ । ୧ ।

ତପ୍ତ ବିକଳ ଏଇ ଧରଣୀ,
ଶୂନ୍ୟ ବିଜନ ଦୂର ଶରଣି,
ଶ୍ରୀହୀନ ବିବସ କେ ରମଣୀ,
ଆଗମନ ପଥେ ମେଲି ବାସ;
ଡାକେ ଆସ !
ଘନ ଆସ ! ୨ ।

ଆସ ଆସ ନକର ନିଶ୍ୱାସ,
ଚୌଦିଗ ଆବରି ଆକାଶ,
ଅମୃତ ଜୀବନ ପ୍ରକାଶ,
ଅମୃତ ଜୀବନର ଉତ୍ସ !
ଘନ ଆସ ! ୩ ।

ଆତୁର ତଟିନୀ ଡାକେ ଶୁଷ୍କ,
ଡାକେ ଗିରି କାନ୍ତାର ରୁକ୍ଷ,
ହର ଘନ ଧରଣୀର ଦୁଃଖ,
ଡାକେ ତରୁ ପଲ୍ଲବ ଘାସ,
ଘନ ଆସ ! । ୪ ।

ଡାକେ ଆଜ ନିର୍ଝର କଣ୍ଠ ହେ,
ନିର୍ଝର ଦୁଃଖ ଅନୁଭବୀ ହେ,
ଛର ନଟ ନୃତ୍ୟର ଛନ୍ଦ ହେ,
କାହିଁ ନବ ନିତ୍ୟ ସେ ରସ,
ଘନ ଆସ ! ୫ ।

ଘନ ଉତ୍ତରୀ ଶୀତ ପବନେ,
ଆସ ମେଲି କ୍ଷିପ୍ର ସେ ଚରଣେ,
କାନ୍ତ ସ୍ନିଗ୍ଧ ଶ୍ୟାମ ବରଣେ;
ଦୁଃଖର ନାହିଁ ଅବକାଶ,
ଘନ ଆସ ! ୬ ।

[୧୯୩୧]

# ନିଶୀଥ-ଯାତ୍ରୀ

ସେ ଯେ, ଡାକଗଲା କିବା ଗୀତେ !
ଆହା ନିଶବ୍ଦ ସେ ନିଶୀଥେ !

ଅନ୍ଧାର ବନ୍ଧ ଆସୁଥିଲା ଫାନ୍ଦି,
ଚମକି ଉଠିଲି ମମ ଚରଣ ଗତି,
କିବା, ବ୍ୟଥା ରହିଗଲା ଶେଷ !
ଆହା ନିଶବ୍ଦ ସେ ନିଶୀଥେ ।

ସେ ଯେ କାହା ସନ୍ଧାନେ କି ବେଦନା ଭରି
ବୁଲୁଥିଲା ରାତି ରାତି
ଶୁଣିଛ କି ତାର ସଙ୍ଗୀତ ?
ଗମ୍ଭୀର ତାର ମୁକ୍ତିର ଗୀତ
କିଆଁ କଲା ମୋତେ ବାଇ
ମୁଁ ତା, ହୃଦୟ ରକ୍ତ ରଞ୍ଜିତ ।

ମିଶିଲି ଛୁଇ ତାର ସ୍ପନ୍ଦନ
ଶୂନ୍ୟ ନିଶୀଥ-ହୃଦ-ନନ୍ଦନ
ଶୂନ୍ୟ ମୋ ମନ ଖୋଜେଁ ପଥ ସଙ୍କେତେ ।
ଆହା ନିଶବ୍ଦ ସେ ନିଶୀଥେ !

ଶୁଣିଲି ମୁଁ ତାର ମୁକ୍ତକଣ୍ଠେ
ସଫଳତାର ଆନନ୍ଦ
ସେ ଯେ ଉଡ଼େଇ ଭାଙ୍ଗିଛି ମୁକ୍ତ ପଥିକ
ଜୀବନର ବାଧା ବନ୍ଧ !

ପୁଚ୍ଛିଲି ମୁଁ ତାକୁ "ତୁମ ଭୁଲେ ନେବ ନାହିଁ ?"
ସେ ଯେ, ଉଦାସ ହତାଶେ କଲା କେତେ "ନାହିଁ ନାହିଁ !"
ମୁଁ ଗୋ ତାହାଲାଗି କମ୍ପା ବାଇ ?
ମୁଁ ଗୋ ଅଶ୍ରୁ ଦେଉଛି ବାନ୍ଧି !

ସକଳ ଆପଣା କଲି ସେ ତ ପର,
ଶୂନ୍ୟ କଲା ଏ ସ୍ବପ୍ନର ଘର,
ଶୂନ୍ୟ ରଜନୀ କେମନେ ବା କଟ ହବେ ?
ସେ ଯେ ଉ.କଗଲା କବା ଗୀତେ ।

# ସନ୍ଧ୍ୟା-ଆରତି

ବନ୍ଧୁ ନଅ ଆଜ ତର;
ଅଶ୍ରୁ ଝରିଛି ଭର;
ସନ୍ଧ୍ୟାର ଦେଶେ ଯିବାକୁ ମୋ ମନ
(ତର) ଧ୍ୟାନ ସନ୍ନ୍ୟାସୀ ପର !

ରଜନୀ ଲଜ୍ଜା ଉତ୍ତରୀ ଟାଣି,
ଛି ସ୍ୱାର ବୃହାଣି ଖରେ ଯାଏ ହାଣି,
ଲଗାଇଲ କଏ ସ୍ୱପ୍ନର ମାୟା,
ଧୈର୍ଯ୍ୟ ନ ପାରେ ଧର !
ସନ୍ଧ୍ୟାର ଦେଶେ ବନ୍ଧୁନଅ ମୋର ତର !

ମୁଖର ବଂଶୁ ହେ ମୁଖର କଣ୍ଠ,
ନତ କର ତୋର ମଥା,
ମୌନେ ନୀରବେ ଶୁଣ କଥା କହେ
ବ୍ୟଥିତ ଏ ନୀରବତା !

ଜୀର୍ଣ୍ଣ ମଳିନ ଆଜ ମୋର ବାସ,
ସବୁ କଳଙ୍କ କୁଟିଳତା ହାସ
ଖସିପଡୁ ମୁ ଗୋ ମୁକ୍ତ ହୃଦୟେ
ସନ୍ଧ୍ୟାଟି ନେବ ବର !
ସ୍ତିମିତ ନୀଳ ଶାନ୍ତ ତଟିନୀ ପର ।

# *ଅମ୍ବପାଳୀର ଉତ୍କଣ୍ଠା

ଆଜି ମୋର ପୁରେ ଆସିବେ ସଜନୀ;
ଜଗତ ଆଲୋକ ଗୋ !
ବାମ ବାହୁ ଆଖି ଥରେ ଘନ ଘନ
ଅଙ୍ଗ ପୁଲକ ଗୋ !

କି ଦେଇ ପାରିବି ଦେବତା ପୟରେ
କହିବୁ କି ସଖି ରେ ?
ଆସିବେ ବୁଦ୍ଧ ଫୁଟାଇ ପଦ୍ମ
ରୁକ୍ଷ ଏ ମହୀରେ । ୧ ।

ହସି ହସି ଆସେ ଅରୁଣ ଏ ଉଷା
ହସିବ ମୋ ପୁର ଗୋ,
ସଫଳ ଜୀବନ ଧନ୍ୟ ସକଳ
ପୁଣ୍ୟ ମୋ ପୁର ଗୋ ।

ଉଇଁବେ ଲକ୍ଷ ସୂର୍ଯ୍ୟ ଚନ୍ଦ୍ର
ଉଜ୍ଜ୍ୱଳ ମନ୍ଦିରେ,
ଆସିବେ ବୁଦ୍ଧ ଫୁଟିବ ପଦ୍ମ
ମୋ କୁଟୀରେ ସଖିରେ ! ୨ ।

କି ଦେବି ସଜନି କହନା ତୁ ବାରେ ?
ନଶ୍ୱର ଦେହ ଗୋ !
ନଶ୍ୱର ମୋର ରକ୍ତ ଅଧର;
ସ୍ଫୁର୍ତ୍ତି ସେନେହ ଗୋ,

---

* ବୈଶାଳୀର ରାଜନର୍ତ୍ତକୀ । ବୌଦ୍ଧ ଯୁଗର ସନ୍ୟାସିନୀ ।

ସ୍ଫୂର୍ତ୍ତି ଏ ମୋର  ଚଳ ଭୂରୁ ଭଳେ
ମୂର୍ଚ୍ଛି ହଜାଇ ରେ,
ଆସିବେ ବୁଦ୍ଧ  ଆସିବେ ଭିକ୍ଷୁ
କି ଦେବି ମୁଁ ସତ୍ୱରେ ? ୩ ।

ଯୌବନ ମୋର  ଚିତ୍ତ ବିକାରେ
ସଜନି ହୋଇଛି ଭସ୍ମ,
ଦେବତା ଆସନ  ଶୂନ୍ୟ ହୃଦୟେ
ମୋ ପୂଜା କୁସୁମ ଭସ୍ମ !
ପୋଛିବ ଝସୂର  ମୋ ଚିକୁର ଦାମେ ?
କିଏ କି ହସଇ ରେ !
ଆସିବେ ବୁଦ୍ଧ  ଆସିବେ ଭିକ୍ଷୁ
କି ଦେବି ମୁଁ ସତ୍ୱରେ ! ୪ ।

ଭିକ୍ଷୁକ ସେ ତ  ଚିର ଭିକ୍ଷୁକ
କି ଦେବି ଭିକ୍ଷା ଗୋ ?
ନିଃସ୍ୱ ଜୀବନେ  ସେ ମୋ ପ୍ରିୟ ଲଗି
ଚିର ପ୍ରତୀକ୍ଷା ଗୋ !
ମନେ ଭାବେଁ ମୋର  ସବୁ ସମ୍ପଦ
ପଦେ ଅରପଇଁ ରେ
ଆସିବେ ବୁଦ୍ଧ  ଜଗତ ବନ୍ଦ୍ୟ
କି ଦେବି ମୁଁ ସତ୍ୱ ରେ । ୫ ।

ଶୁଣ ଲୋ ସଜନି  ଡାକଇ କୋକିଳ
ମଳୟ କୁଞ୍ଜରେ,
କେଉଁ ପ୍ରିୟଜନ  ବାର୍ତ୍ତା ବହି ଗୋ
ଭ୍ରମର ଗୁଞ୍ଜରେ !
ଜଗତ ବନ୍ଦ୍ୟ  ଆଗମନୀ ଗାଇ
ମଳୟ ବହଇ ରେ,
ଆସିବେ ବୁଦ୍ଧ  ଜୀବନ ଆଲୋକ !
କି ଦେବି ମୁଁ ସତ୍ୱରେ । ୬।

ସେ ଚିର ମୁକ୍ତ ଚିର ପ୍ରଶାନ୍ତ
ଦେବେ କି ଭିକ୍ଷୁ ଯାଚ୍ଞା ?
ଭିକ୍ଷୁର ଥାଳ ଶିର ବନ୍ଧୁ ନତ
ଭକ୍ତେ ମାଗିବ ଭିକ୍ଷା ।
ଶୂନ୍ୟ ଜୀବନ ଅରପିବ ପଦେ
ନେବେ କି ନା ସତ୍ୱରେ ?
ଭରିବେ ଜୀବନ ଚିର ପ୍ରିୟ ମମ
ରୁକ୍ଷ ଏ ମନ୍ତ୍ରରେ । ୭ ।

# ଭାରତ ଭିକ୍ଷୁ

॥ ୧ ॥

ଦେଖିଛି ଦେବତା ତାର ଦୀନ ଭିକ୍ଷୁ ରୂପ
ପୃଷ୍ଠେ ବହି ସୃଷ୍ଟି ବ୍ୟଥା ଅତ୍ୟାଚାର ସ୍ତୂପ
ଦ୍ୱାରେ ଦ୍ୱାରେ ବୁଲି କରେ ଅଶ୍ରୁ ଦୁଃଖ ଭିକ୍ଷା
ତୁମେ କି ଦେଇଛ ତାକୁ ଚିର ଭିକ୍ଷୁ ଦୀକ୍ଷା ।
ଭିକ୍ଷୁ ଚିର ଭିକ୍ଷୁ ସେ ଯେ ନିର୍ଯ୍ୟାତନା ତାର,
କାହିଁ କଷାଘାତ ପଦାଘାତ ପୁରସ୍କାର;
କେବେ ଅପମାନ ଘୃଣା ପଶୁ ବ୍ୟବହାର,
ସବୁ ଭୁଲି ଭିକ୍ଷୁକର ଭିକ୍ଷା ଖାଲି ସାର !
ଦେଖିଛି ସେ ଶୀର୍ଣ୍ଣ ଅଙ୍ଗୁ ଝରଇ ଶୋଣିତ,
ମାତର ଦୁର୍ଦ୍ଦମ ନିରଭୟ ତାର ଚିତ୍ତ !
ସକଳ ମାନବ ପଥ ଏଡ଼ି ଅଲକ୍ଷିତେ
ବୁଲିଛି ଉଦାର ଶାନ୍ତ ତବ ଜୟଗୀତେ ।
ଭାବେଁ ମନେ ତା ପଦେ ମୋ ଅଶ୍ରୁ ଦିଏ ଢାଳି
ଏ ସଂସାର ପଥେ ତବ ଭିକ୍ଷୁ ଯାଏ ବୁଲି ।

॥ ୨ ॥

ପ୍ରଶାନ୍ତ ମୂରତି ଧୀର ତାର ପଦକ୍ଷେପ,
ନାହିଁ ତିଳେ ମନେ ଶଙ୍କା ସନ୍ଦେହ ଆକ୍ଷେପ;
ଭୁବନ ଅନ୍ଧାରେ ବୁଲେ ଭିକ୍ଷା ତାର ଦୁଃଖ,
ଦେଖିଛି ପ୍ରଶାନ୍ତ ତାର ସମୁଜ୍ଜ୍ୱଳ ମୁଖ !
ଦେଖିଲେ ଦୁଃଖୀର ଦୁଃଖ ଯାଏ ଅପସରି
ଆଶାର ଆଲୋକ ଖେଳେ; ଶଙ୍କିତ ଶର୍ବରୀ !

ଦେଖିଛି ସେ ତବାଲୋକେ ଅନ୍ଧକାର ପାରେ,
ଜୀବନ ପ୍ରତିଷ୍ଠା ତାର ମୃତ୍ୟୁ ହାହାକାରେ !
ମରୁଭୂମେ ଫୁଟାଏ ସେ ଜୀବନର ଫୁଲ,
ନର୍ଯ୍ୟାତିତ ଦୁଃଖୀ ବନ୍ଧୁ ହେବାକୁ ଆକୁଳ,
ଶୋଭଇ ତା ଅଙ୍ଗେ ଥାଳ ବସ୍ତ୍ର ଗଇରିକ
ଗୈରିକ ପତାକା ! ତବ ଦୁର୍ଦମ ସୈନିକ—
ମନ୍ଦେ ହସି କରେ ମୈନ ଆଲୋକ ପ୍ରତୀକ୍ଷା,
ଦେଖିଛି ଦେବତା ତବ ଭିକ୍ଷୁ କରେ ଭିକ୍ଷା !

—୩—

ସନ୍ଧ୍ୟା ଅନ୍ଧକାରେ ତବ ଜୟ ଗୀତି ଗାଇ,
ବିଜୟ କାହ୍ନିମା ନିଏ ଅଲକ୍ଷେ ଚଳାଇ,
ଯାଏ ଏକା ପଥେ ମୌନ ସଜଳ ପଶ୍ଚାତେ,
ନିଃସଙ୍ଗ ବିହଙ୍ଗ ଆସେ ଘନାବୃତ ରାତେ,
ଭୁଲିଯାଏ ଧୀର ପଦେ ଓଷ୍ଠେ ସ୍ମିତ ହାସ
ବିଶ୍ୱ ବ୍ରହ୍ମାଣ୍ଡର ଯେତେକ ବେଦନା ପ୍ରକାଶ !
ସେ ହାସେ ପ୍ରସ୍ତର ଶିଳା କରେ ନିବେଦନ
କାଳର ନିଷ୍ଠୁର ଲୀଳା ! ହସଇ ଯେସନ—
ରଣ ଶେଷେ ରଣଭୂମି ! ତୀବ୍ର ଅନ୍ଧକାରେ—
ପଦ୍ମଫୁଲ କ୍ଷୀଣ ହସେ ! ବିଜନ କାସାରେ ।
ସେହି ହାସ ତାର ଦେଖି ଝୁରଇ ମୋ ଲୁହ;
ସେହି ହାସ ତଳେ କେତେ ଶୋଣିତର ସୁଅ !
ଗାଇ ତା ବିଜୟ ଗୀତି କବି ଆତ୍ମହରା,
ଧରାର ଶୃଙ୍ଖଳ ହାସେ ଖସିପଡ଼େ ପରା !

—୪—

ଧରଣୀ ରାକ୍ଷସ ତୃଷା ନିବାରଣ ଲାଗି
ସମବେତ ଭିକ୍ଷୁ ସଂଘ ଧ୍ୟାନ ସର୍ବତ୍ୟାଗୀ !
ସେ ଭିକ୍ଷୁ ଶୋଣିତେ କର ଧୌତ ତାର ଶାନ୍ତ
ଧରଣୀର ପାପ, ତହିଁ ସେ ଯେ ଜଣେ ପାନ୍ଥ ।

ଗୃହତ୍ୟାଗୀ ଦେଶତ୍ୟାଗୀ ଚାଲେ ସଂଘ ସାଥେ,
ଗୈରିକ ପତାକା ଧରି ମୈତ୍ରୀର ବନ୍ଧ ହାତେ,
ଚାଲନ୍ତି ନିର୍ଭୀକ ଧୀର ନିର୍ଯ୍ୟାତନ ଦ୍ୱାରେ
ଅବା ଯନ୍ତ୍ରି ନିପୀଡ଼ନ ମାର ହାହାକାରେ
ଧରଣୀ ନ ଦିଏ ଯାଙ୍କୁ ଶିକଳ ହା
ହିନେ ହେଲେ ଦୁଃଖ ଯାନ ନ କରନ୍ତି କେ ଆହା,
ସଭ୍ୟତା କଣ୍ଟାରେ ଯାଙ୍କୁ ଦିଅଇ ଉପହାସ,
ଚିର ଅନାହାର କ୍ଲିଷ୍ଟ, ନ ଫୁଟେ ଯା ହାସ,
ଲକ୍ଷ କୋଟି ଅଭୁକ୍ତନ୍ତ ପ୍ରାର୍ଥ-ଧାନ-ଲାଗି
ଦ୍ୱାରେ ଦ୍ୱାରେ ତବ ଭିକ୍ଷୁ ଭିକ୍ଷା ଯାଏ ମାଗି ।

# ଶିଶୁ ସୃଷ୍ଟି

ଜଗତର ଶିଶୁ ଆସ ଆସ ମୋର କୋଳେ !
ଆସ ଏ ବକ୍ଷେ ପୀରତି ସେନେହ ଦୋଳେ,
ଆସ ଆନନ୍ଦ ! ଆସରେ ଜୀବନ ଜୁଇଁ !
ସୃଷ୍ଟିର ଉଷା ! ସକଳ ଜୀର୍ଣ୍ଣ
ହସି ହସି ଯାଅ ଛୁଇଁ ।

ସେ ହାସେ ହକଣେ ସୃଷ୍ଟିର ଲୀଳା ଗନ୍ଧ ।
ସେ ଭାରତୀ ଶୁଣି ମରଇ ମିଥ୍ୟା ଛନ୍ଦ;
ମରଣ ମରଇ ଅଗ୍ନିର ପଦ ପାତେ,
ଜୀବନ ନିତ୍ୟ ମନ୍ତ୍ର ଅମର
ଗାଅ ମଙ୍ଗଳ ପ୍ରାତେ ।

ଦର୍ଶନେ ରୂପ ମରେ ମୋର ହାହାକାର,
ମୃତ୍ୟୁ ଗୁହାରୁ ସକଳ ଜୀବନ ସାର—
ଅମୃତ ଗୀତି ଅବାରିତେ ପଡ଼େ ଝରି;
ମନେ ଭାଳେଁ ଆହା ନିତ୍ୟାନନ୍ଦେ
ଆଜଯାଏଁ ହେଲେ ମରି ।

ଆସରେ ବକ୍ଷେ ସକଳ-ଜୀବନ-ଆଶା !
ଆସ ମୋ ଜୀର୍ଣ୍ଣ-କାବ୍ୟ-ଆଲୋକ-ଭାଷା
ଛିନ୍ନ ସେ ତାର ସେ ପରଶେ ଯାଉ ଯୋଡ଼ି
ସବୁ ବନ୍ଧନ ମରଣର ଭୟ
ଅବହେଳେ ଯାଉ ଖୋଲି ।

ନ ଶୁଣିବ ଆଜ ନ ଶୁଣିବ କାର କଥା,
ନ ଗଣିବ କିଛି ସଂଗ୍ରାମ କ୍ଷତ ବ୍ୟଥା;
ସକଳ ଆଜ ତୋ ଅର୍ଥ ବିହୀନ ବାଣୀ
ମର୍ତ୍ତ୍ୟର ଏଇ ଚିର କଙ୍ଗାଳ
ଯାଇଛି ଭରିବ ଗ୍ଲାନି !

'ଭୁଲ ଶୋଚନା ଭୁଲ ସକଳ ସ୍ମୃତି,
ପୂର୍ଣ୍ଣରେ ଆଜ ଜୀବନ ଛନ୍ଦ ଗୀତି,
ପରାଣ ପାତ୍ର ପୂର୍ଣ୍ଣ ! ନୂଏଁ ରେ ଖାଲି !
ଆସ ଆନନ୍ଦ ନିତ୍ୟ ଜୀବନ
ବକ୍ଷେ ଯାଅ ମୋ ଢାଳି !

ସକଳ ଜୀର୍ଣ୍ଣ ପୁରାତନ ପଡ଼େ ଝରି,
ପଲ୍ଲବ ପତ୍ର ବାତ୍ୟା ନଏରେ ଚଢ଼ି;
ହସେ ପୁଣି ଉଷା ଶୁଭେ ଆଲୋକର ଗାନ !
ନବ ନବ ରୂପେ ପୁରାଣ ଏ ଭୂମେ
ବିକଶିତ ଭଗବାନ ।

ହସି ଉଠ ଚିର ଅନ୍ଧାର ପାପ ମମ !
ଭ୍ରଷ୍ଟ ଭ୍ରାନ୍ତ ଶ୍ରାବଣ ବଉଦ ସମ;
ନଅ ମୋ ଜୀବନ ସବୁ ସମ୍ବଳ ଧନ,
ନଅରେ ଆଶିଷ ! ସବୁ ମଙ୍ଗଳ—
ଦେବ ହସି ପୁରାତନ ।

# ଉତ୍ସବ ଦୀପ

ଦୁଃଖେ ତୁମର ଉତ୍ସବ ଦୀପ ଦେବତା,
  କେତେ ମତେ ଉଠେ ଜଳି;
ଦୁଃଖୀର ଲୁହେ ତୁମର ରତ୍ନ ଆସନ
  ଦିବାନିଶି ପଡ଼େ ଟଳି !
  ଦୁଃଖୀର ସଖା ଶିରେ ବନ୍ଧନଅ ପ୍ରାସ,
  କଙ୍ଗାଳ ମ୍ଳାନ ଅଧରେ ଫୁଟାଅ ହାସ;

ଏ ଶିର ଅଧମ ତବ ମହାଦାନ ଜୀବନେ,
  ଯାଚେ ରେ ନାହିଁ ତିଳେ ବଳ;
  ଉତ୍ସବ ଦୀପ କେତେ ମତେ ଉଠେ ଜଳି !
ଜୀବନ ଯଜ୍ଞେ ଢାଳିଦିଅ ଦେହୁ ଶୋଣିତ,
  ଘାତକକୁ ଦିଅ ଆପଣାର ଶିର ବଢ଼ାଇ;
ଦୁର୍ଦ୍ଦିନେ ଶୁଭେ ତୁମର ନୂପୁର ରଣିତ
  ପାନ୍ଥକୁ ଦିଅ ଅନ୍ଧାରେ ପଥ ବତାଇ ।

ଅଶ୍ରୁ ବେଦନା ପୋଛି ଯାଅ ନିଜ କରେ ହେ,
ତୁମ ମହାଦାନ ଅନ୍ତରେ ନାହିଁ ଧରେ ହେ,
(ତବ) ଆଲୋକ ସୂର୍ଯ୍ୟ ଉଇଁଲେ ପରାଣ ପରେ ହେ,
  ମୃତ୍ୟୁ ଦୈନ୍ୟ ଅନ୍ଧାର ପଡ଼େ ଟଳି !
  ଉତ୍ସବ ଦୀପ କେତେ ମତେ ଉଠେ ଜଳି ।

୫୭

ମଙ୍ଗଳମୟ ନିତ୍ୟାନନ୍ଦ ଜ୍ୟୋତି !
କର ଦଗ୍ଧେ ତବ ଇଚ୍ଛାର ଦାସ !
ଧନ୍ୟ ହେଉ ହେ ତୁମର ଆଲୋକେ ଜୀବନ,
ସବୁ ଜଞ୍ଜାଳ ସକଳ ଗ୍ଲାନି ଗ୍ରାସ !
ଦରଶନ ଦିଅ ଉଜ୍ଜ୍ୱଳ ହେଉ ପୁର,
ଚିର ପ୍ରେମୀ ମୋର ସକଳ କରହେ ଦୂର

ସକଳ ମୋ ପ୍ରିୟ ଯାହା ଏ ଜୀବନେ
କର ପ୍ରଭୁ ଆପଣାର,—
ତୁମ ପୀରତିରେ ଯାଉ ଏ ଜୀବନ ଗଳି;
ଉତ୍ସବ ଦୀପ କେତେ ମତେ ଉଠେ ଜଳି !

ଲୋଡ଼ିଲି ଯାହା ମୁଁ ଦେଇଛ ସକଳ ଦେବତା,
ଲୋଡ଼ି ନାହିଁ ବୋଲି ତୁମ ଅମୃତ ପ୍ରୀତି ହେ,
ପ୍ରେମମୟ ରୂପ ଲୁଚାଇଛ ମୋର ଭରତା;
ଗାଇନାହିଁ ବୋଲି ତୁମର ବିଜୟ ଗୀତି ହେ;
ଏ ଛଳନା ଶକ୍ତି ଚିର ପ୍ରିୟ ନାହିଁ ସାଜେ ହେ;
ତୁମରି ଶ୍ୱରହେ ସକଳ ବଡ଼ିମା ଭାଜେ ହେ,
ଦେଇଛ; ଦେଇନ ଆପଣାକୁ ବୋଲି ଲାଜେ ହେ
ମରୁଥାଏ ନିତି ଅନ୍ଧାରେ ଶତ ଭଳି ।
ଉତ୍ସବ ଦୀପ କେତେ ମତେ ଉଠେ ଜଳି ।

# ଭିକ୍ଷୁ ଗୀତି

ଯୁଗ ଯୁଗ ଧରି ଦେବଦୂତ ଅବତାର,
ବୁଦ୍ଧ, ଖ୍ରୀଷ୍ଟ ଗୌରାଙ୍ଗ ଏ ଭୁବନ କଲେ ସାର;
ଆପଣା ରକତେ ହରିବାକୁ ଭବଭୟ !
ଅବନତ ଶିରେ ଗାଇଲା ଭିକ୍ଷୁ
"ଜୟ ହେ ଦେବତା ଜୟ !"

ଯାଇଛି କି କହ ଧରଣୀ ବେଦନା ତ୍ରାସ ?
କୁଟିଳ ଏ କାଳ କରେ ନାହିଁ ଉପହାସ ?
ଧରଣୀ ବକ୍ଷ ଶୋଣିତେ ନୁହେଁ କି ସିକ୍ତ,
ଡର ବୁଭୁକ୍ଷୁ ମାନବ କି ନୁହେଁ ରିକ୍ତ ?
ଏ ଗଗନ ଆଜ ନୁହଇଁ କି ତମୋମୟ ?
ଅବନତ ଶିରେ ଗାଇଲା ଭିକ୍ଷୁ
"ଜୟ ହେ ଦେବତା ଜୟ !"

ଆଜ ସେ ବକ୍ଷୁ ରୁଧିର ପଡ଼ଇ ଝରି,
ନୟନ ଯୁଗଳ ଅଶ୍ରୁରେ ଉଠେ ଭରି,
ଅସ୍ଥିର ପଦେ ଶୂନ୍ୟକୁ କରି ଲକ୍ଷ,
ହତ୍ୟାର ମୁଖେ ପତାଇ ଦେଉଛ ବକ୍ଷ;
ଭିକ୍ଷା ମିଳେ କି ଆପଣାକୁ କରି କ୍ଷୟ ?
ଅଶ୍ରୁ ନେତ୍ରେ ଗାଇଲା ଭିକ୍ଷୁ
"ଜୟ ହେ ଦେବତା ଜୟ !"

ସେ ଯେ ମୁକ୍ତିର ପତାକା ବହିଛ ହାତେ,
ବରାଭୟ ଗାଇ ଚାଲିଛି ଜୀବନ ରାତେ,
ଲଭିବ କି କହ ହିଂସା ଶୋଣିତ ମଣି ?—
ଭିକ୍ଷୁ କହଇ ହସି,
"ଦୈବର ଏଯେ ଅମୃତ ବରାଭୟ !"
"ଦୀନ ଜନ ଆଶା, ଜୟ ହେ ଦେବତା ଜୟ !"

ଦେବତାର ଦୂତ ବୁଲିଯାଏ ଧରାପରେ;
ଦୁଃଖୀ ପରାଣେ ପ୍ରୀତି ଆଶା ନାହିଁ ଧରେ ।
ଦୁଃଖ ତିମିରେ ନଟମସ୍ପୋଜ୍ଜ୍ୱଳ ଚନ୍ଦ୍ର;
ଅବା ନଗରୀରେ ଗରଜେ ବଜ୍ର ମନ୍ଦ୍ର !
ନମେଷକେ ପୁଣି ସକଳ ତିମିରେ ଲୟ;
ମନ୍ଦେ ବନ୍ଦସି ଗାଇଲ ଭିକ୍ଷୁ
"ଜୟ ହେ ଦେବତା ଜୟ !"

"ଅମା ଅନ୍ଧାର ମୃତ୍ୟୁ ବନ୍ଧନ ଭେଦ,
ଦେବତାର ଦୂତ ଧରାପରେ ଯାଏ ଖେଦ;
ତା ପଦ ପରଶେ ହସଇ ପଦ୍ମ ପୁଣ୍ୟ,
ମନ୍ତ୍ର ତା ବାଣୀ ମୁଖରିତ କରେ ଶୂନ୍ୟ;
ତାହାର ପରଶେ ଧରଣୀର ପାପ କ୍ଷୟ !'
ମୁଗ୍ଧ ନେତ୍ରେ ଗାଇଲ ଭିକ୍ଷୁ
"ଜୟ ହେ ଦେବତା ଜୟ !"

"ନ ମିଳିବ ନାହିଁ ମିଳୁ ପଛେ କାହିଁ ଭିକ୍ଷା,
ଭୁବନର ପାପେ ଆତ୍ମ ଆହୂତି ଦୀକ୍ଷା !
ଦେବତାର ଦୂତ ଆପଣା ଶୋଣିତ ଢାଳି,
ପାପୀର ବକ୍ଷ ପୃଷ୍ଠେ ଗଲେଣି ଚାଲି
ବକ୍ଷେ ଏସନେ ବନ୍ଧି ନେଲେ କ୍ଷତଚୟ !
ସେ ପଥ ପଥିକ ଦୀନ ଭିକ୍ଷୁ !
ଜୟ ହେ ଦେବତା ଜୟ !"

# ଦୈନ୍ୟ ପ୍ରକାଶ

ସକଳ ଦୃଷ୍ଟି ଏଡ଼ି ଏଥି ଯାଉ
  ଜୀବନ ବନ୍ଧୁ ମୋ ଜୀବନ ବନ୍ଧୁ;
ଦଗ୍ଧ ଏ କାଳ ମଳିନ ଚିହ୍ନ
  ନ ଦେଉ କନ୍ଧୁ ଗୋ ନ ଦେଉ କନ୍ଧୁ ।

ମୁଁ ଗୋ, କାସାର କମଳ, ରଜନୀଗନ୍ଧା,
ମୋ ଜୀବନ ପ୍ରଭୁ ଏକଇ ସନ୍ଧ୍ୟା !
ଝରିଗଲେ ଚଳିବ ଦୂର ପରବାସୀ
ଦଗ୍ଧ ବକ୍ଷେ ନିମେଷେ ରହୁ ଗୋ ନିମେଷେ ରହୁ ।
ଦେବାର ଗର୍ବ ନାହିଁ ମୋର କିଛି
  ଦୁଃଖ ନାହିଁ ମୋ ଶୋଚନା ନାହିଁ ।

ଏକଇ ଜନର ହାସ୍ୟ ଅଶ୍ରୁ
  ସଞ୍ଚିତ ମୋର ତୁମରି ପାଇଁ ଗୋ ତୁମରି ପାଇଁ ।
ତୁମ ବାଣୀ କହୁ ଫୁଟିଛି ଝରୁଛି
  ତୁମ ସଙ୍କେତ ନୀରବେ ରହିଁ ଗୋ ନୀରବେ ରହିଁ,
ଭୁଲିଛି ଆଲୋକ ଘନ ଅନ୍ଧାର
  ସବୁ କୋଳାହଳ ଦୁଃଖ ନାହିଁ ଗୋ ଶୋଚନା ନାହିଁ ।

ପ୍ରାଣ ବୁଦ୍‌ବୁଦ ହେ ମହାସିନ୍ଧୁ !
ଲୁପ୍ତ ସେ ଦେହେ ମୁଁ କ୍ଷୀଣ ବିନ୍ଦୁ,
ହେ ମହା ମହେଶ ନରେଶି ହାସ୍ୟ,
ଦଗ୍ଧ ଅନଳ ମିଶିବ ତହିଁ ଗୋ ମିଶିବ ତହିଁ !

# ସୁପ୍ତ ଦେବତା

( କୌଣସି 'ନର-ରାକ୍ଷସ ଉଦ୍ଦେଶ୍ୟରେ ପ୍ରାର୍ଥନା )

ଆଜି ହତ୍ୟାରକତେ କଳୁଷିତ ଯାର କର;
ପରାଣେ ଯାହାର ପ୍ରବଳ ଶୋଣିତ ତୃଷା,
ତୁମ ଅମୃତ ପୀୟୂଷ ପରଶେ ଭର
ଊଷର ଜୀବନେ ଆଣ ଅମୃତ ତୃଷା !

ଏ ମାନବ ଲାଗି ଶୁଷ୍କ ଲୋଚନ ଯାର,
ସ୍ୱାର୍ଥର ମୋହେ ହୃଦୟ ନ ଯାଏ ଗଳି,
ନ ଛୁଏଁ ଯା ଚିତ୍ତ ଦୁର୍ବଳ-ହାହାକାର,
ସୁନ୍ଦର ଯାର ପରାଣେ ଯାଇଛି ଜଳି—

ଢାଳିଦିଅ ପ୍ରଭୁ ତୁମରି କରୁଣା ବିନ୍ଦୁ,
ପୀରତି ସରସେ ସେ ଭୂମିକର ହେ ସିକ୍ତ,
ଡାକି ନିଅ ବାରେ ଯହିଁ ପ୍ରାଣ ମହାସିନ୍ଧୁ,
ବ୍ୟର୍ଥତା ତାର ବୁଝେ ନାହିଁ ସେ ଯେ ରିକ୍ତ !

ଅପମାନେ ପୁଣି ଆତ୍ମ ନିର୍ଯ୍ୟାତନେ,
ମରେ ଯେ ନିଃସ୍ୱ ଏ ଶିବ ସୃଷ୍ଟି ତଳ,
ମୈତ୍ରୀ କରୁଣା ଭର ବଞ୍ଚିତ ମନେ,
ତୁମରି ଆଶିଷ ତା ଶିରସି ପଡୁ ଝରି !

ଲୋଲ ରସନା ଦଂଷ୍ଟ୍ରା-କରାଳ-ମୁଖ
ଦେବତା ଆସନ ଆବରି ଆଜି ସେ ରୁଷ
ମାନବ ଚିତ୍ତେ ନିତି ଆଣଇ ଭ୍ରାନ୍ତି
ଶାନ୍ତ କର ହେ, ସୃଷ୍ଟିରେ ଆଣ ଶାନ୍ତି !

ବହାଇ ଦଅଁ ତା ଶୁଷ୍କ କପୋଳେ ଲୁହ,
ଜୀର୍ଣ୍ଣ ବିକଳ ମୂକ ଏ ମାନବ ଲାଗି,
ତୁମ ଅଶ୍ରୁରେ ତା ପରାଣ କ୍ଷତ ଧୁଅ,
ଚିର ଦରିଦ୍ର କରୁଣ କେବେ କହ ତୁମେ ରହ ଜାଗି !

ନଭ ନାହିଁ ଯାର ରୁକ୍ଷ ବିକଟ   କ୍ଷୁଧା
କହ ଯାଇଁ ତାକୁ ଗୁପ୍ତ ସମୂଳ ସ୍ଥାନ—
ମରଇ ମ ନଜ ପଥେ ଧାଟେ ଫାଟେ ମୁଧା !
ସବୁ ତା ପୁହ ରକତରୁ ନୁହେ ଭିନ !

"ସୁପ୍ତ ଦେବତା !" ପୀଡ଼ିତ କଣ୍ଠେ ବାଜେ;
କାତର କଣ୍ଠେ କବି କହେ "ପ୍ରଭୁ ସୁପ୍ତି ତ ନାହିଁ ସାଜେ ?"
"ଆଜି ଏ ଦୁଃଖ ଦୁର୍ଦ୍ଦିନେ ଉଠ ଜାଗି !"
"ପଶୁ ସମ ମୂକ ନିପୀଡ଼ିତ ଜନ ଲାଗି !"

# ଖଣ୍ଡିତା

ଆଜି କାହା ଲାଗି ଯତନେ କବରୀ ରଚନା ?
କୁସୁମ ଭୂଷଣେ ନାହିଁ ତିଳେ ଆଜି ବାସନା,
ରଖ ସଖି ତୋର ମଲ୍ଲୀ କରବୀ ଯୂଥିକା,
ମରଣର କୋଳେ ମୁଦେ ମୁଁ ନୟନ ଲତିକା !

ପୋଛି ଦିଅ ସବୁ ଲାକ୍ଷାରସ ମୋ ପଦ୍ମରୁ,
ବନ୍ଧୂଳିର ରାଗ ନଭାଇ ଦିଅ ମୋ ଅଧରୁ ।
ନ ଚାହିଁଲା ଫେରି ପ୍ରିୟତମ ଯେବେ ଥରେ ଗୋ
ଜାଣି ଜାଣି ଯେବେ ହାଣିଗଲା ମରମରେ ଗୋ
ସନ୍ଧ୍ୟା ସମାନ ଯେବେ ଗଲା ଏହି ପଥେ ସେ,
ଏତେ ନିଷ୍ଠୁର ଉଦାସୀନ ସବୁ ସତେ ସେ !

ବାତାୟନ ପଥେ ଚାହିଁଥିଲି କେତେ ସରାଗେ,
ଶ୍ରବଣୁ କୁସୁମ ଖସି ପଡ଼ିଲା ଯା ତା ଆଗେ,
ଲାଜେ ଅଭିମାନେ ହୃଦୟୁ ହୁଏ ଗୋ କରତି;
ନ ଚାହିଁଲା ଯାହା ନ ଶୁଣିଲା ଥରେ ଆରତି ।

# ଦୂରର ଯା ଥିଲା

ଦୂରର ଯା ଥିଲା ଅନ୍ତରେ ଆଜି ପ୍ରିୟ
ଉତ୍ସବଦୀପ ମନ୍ଦିରେ ଜାଳିଦିଅ ।
କାହିଁକି ଶୋଚନା ? ଅଶ୍ରୁ ପୋଛି ତୁ ହସ,
ଅନ୍ତରେ ତୋର ନିତ୍ୟ ଅମର ରସ !
ଗାଅ ଗାଅ ତୋର     ନବ ସଙ୍ଗୀତ
    ସେ ପରଶ ଅନୁଭବ ।

ଶତ ବସନ୍ତ ଉତ୍ସବ ତୋର ପ୍ରାଣେ,
ଶରତ ସ୍ୱପ୍ନ ତୋ ପୀରତି ଅଭିସାନେ
ଢାଳଇ ଆଲୋକ, ଶୁଭ୍ର ଶେଫାଳି ଫୁଲ !
ଆଜି ଆନନ୍ଦ ପୀରତିର ନାହିଁ ଭୁଲ !
ବିରହ ମିଳନ     ଏକାକାର ଆଜି
    ପରାଣ ହରାଏ କୂଳ ।

ମୃତ୍ୟୁ ଆଜିରେ ଅମୃତେ ଗଲା ମିଶି,
ଜୋଛନା ହାସରେ ମିଶିଗଲା ଅମା ନିଶି,
ବାଧା ବନ୍ଧନ ସବୁ ଗଲା ଆଜି ଛୁଟି,
ମଉଳିଲା ଆହା ସକଳ ଭ୍ରାନ୍ତି ତ୍ରୁଟି ।
ପୀରତି ପୂର୍ଣ୍ଣ     ଆଲୋକେ ହସଇ
    ପରାଣ କମଳ ଫୁଟି !

●

[୧୯୩୧]

# ବରଷା ଆସିଛି ଦୁଆରେ

ଆଜ, ବରଷା ଆସିଛି ଦୁଆରେ
ଆଜ କେ ରଚିଲା ନୃତ୍ୟ ନବୀନ
ତୋର, ଅନ୍ତରେ ପୁଣି କାହାରେ ।
ଆଜ ମରୁଭୂମେ ଜୀର୍ଣ୍ଣ ଏ ଦେଶେ,
ଚିର ମଙ୍ଗଳ ସ୍ରଷ୍ଟାର ବେଶେ !
ବଜାଇ ମରଣ ସଞ୍ଜୀବନୀ
ତା ବାଣୀ କବି ତୁ ବୁଝାଁରେ । ୧ ।

ଜୀର୍ଣ୍ଣ ରୁକ୍ଷ ଧ୍ୱଂସରେ ଆଜ
ନବୀନ ଜୀବ ସେ ସଞ୍ଚାରେ ।
ଶାନ୍ତ ଜଡକ ମରଣରେ ଢାଳି,
ଚିର ବୈରାଗୀ ଦୂରେ ଯାଏ ଚାଲି
ଚିର ଆନନ୍ଦ ନିର୍ବିକାର ସେ
ବୁଝେଁନାହିଁ ଫେରି କାହାରେ । ୨ ।

ଶୁଣି ଆଗମନୀ ବିଶାଳ ଶୂନ୍ୟ
ଉଠେ ବିଶ୍ୱର ଛନ୍ଦ,
ବୃକ୍ଷ ଲତିକା ନୀରବ ଶୈଳ—
ଉଠିମା ସକଳ ଅଙ୍ଗ !
ମରେ, ମୃତ୍ୟୁର ଅବସାଦ ।
ତାର, ସଙ୍ଗୀତେ ଫୁଟେ ଶୈଳେ କୁସୁମ
ଶୂନ୍ୟରେ ପରମାଦ !
ଆଗୋ ମଲ୍ଲିକା ମାଳତୀ ଚମ୍ପା,
ରଜନୀଗନ୍ଧା—ତା ଅନୁକମ୍ପା
ଲଭିବ କି ମମ ଦଗ୍‌ଧ ହୃଦୟେ
କନ୍ଦନା ମିଳିବ ଗୃହାରେ । ୩ ।

ସ୍ନିଗ୍ଧ ଶ୍ୟାମ ଶୀତଳ ସ୍ପର୍ଶେ
ଉଜ୍ଜ୍ୱଳ ହେବ ପୁର,
ଜଞ୍ଜାଳ ଗ୍ଳାନି ଦୂର,
ଆଜ ବର୍ଷାର        ପ୍ରୀତି ଆନନ୍ଦେ
ନମେଷେ ଝରିବ ସୁର । ୪ ।

ସୌଧ ଶୀର୍ଷେ ତନ୍ୱୀ ସଜଳ—
ନୟନେ ପୂର୍ଣ୍ଣ ଆଶା
ଫୁଟାଇଲା କିଏ ଶୁଷ୍କ ଲତିକା—
କଣ୍ଠ କଣ୍ଠର ଭାଷା ?
ଆସ ହେ ବରଷା ବିଶ୍ୱ-ଜୀବନ,
ଉଜ୍ଜ୍ୱଳ କଣ୍ଠ କରିବ ବରଣ,
ନବୀନ ହେଉ ହେ        ସକଳ ମଳିନ
ଅରୂପ ବିଶ୍ୱବିହାରେ;
ଆଜ, ବର୍ଷା ଆସିଛି ଦୁଆରେ ।

[ ୧୯୩୨ ]

# ଅଭିସାରିକା

ହସଇ ଜୋଁଛନା  ବହଇ ମଳୟ ମନ୍ଥର,
ବକୁଳ ଗନ୍ଧେ ସକଳ ଭୁବନ ଅଧୀର,
ଧନ୍ଦୁନାହିଁ ମନ ଘରେ ଛଳେ  ଆଜ ସଜନ,
ଡାକେ ଅବା ଦୂରେ ମୁଗ୍ଧ  ଆକୁଳ ରଜନୀ,
ଡାକେ ତା ବଂଶୀ ସୁଦୂର ତମାଳ  କୁଞ୍ଜେ;
ଡାକଇ ଅଧୀରେ ମରେଁ କୁଳବାଳା ମୁଁ ଯେ ।

ପୁରଜନେ କାଲି ଦେବେ ନାହିଁ ମୋତେ ବାସ,
ବାଧଇ ଆଜ ଗୋ ନଣନ୍ଦର ଉପହାସ ।
ରଖ ରଖ ସଖି ରୁଣିତ ନୂପୁର ଚରଣୁ
ଆସେ ପୁଣି ଡାକ ସ୍ନିଗ୍ଧ କୁଞ୍ଜ କାନନୁ,
କବରୀ-କୁସୁମ ଶିଥିଳ କି ସଖି କହନା ?
ମନଲକ୍ଷ୍ମୀ ଅବା ଗଣ୍ଡମକରୀ ରଚନା ?

ସେତ ରୂପ ଖଣି କୃଷ୍ଣ ହେବ ଗୋ ଦକ୍ଷ,
ସୁନ୍ଦରି ମୋ ରୂପ  ଯୋଗ୍ୟତାର କି ସଖି ?
ଯିବି ଯିବି ସଖି ଆକୁଳତା  ଛଳେ ସନ୍ଦେହନା;
ଶୁଣ୍ଠୁ ସେ ଡାକେ ଘରେ  ମନ ଆଉ ରହେନା ।

[ ୧୯୩୧ ]

# କାରାବାସ-ସ୍ୱପ୍ନ

୧—ଦୂରେ କାରାବାସେ ମଧୁର ତାହାର ସ୍ମୃତି,
କଣାବଦ ଘଟେ ସଙ୍ଗୀତ ଅନୁଭୂତି,
ଜୋଛନା ଆଲୋକେ ରଜନୀଗନ୍ଧା ବାସ,
ଅତୀତ ଜୀବନ ଅମର ମଧୁର ପ୍ରାସ !
ଦୂର ପରବାସୀ, ହେ ପଥିକ ରହ ରହ !
ଦେଖିଛ କି ତାଙ୍କୁ କେବେ ଏ ଜୀବନେ କହ ?

ଜ୍ୟୋତ୍ସ୍ନାସମ ତା ନୟନ କରୁଣ ହସ,
ତା ଅଧର ହସ ଯେସନେ ତରୁଣ ଦିବା,
ତା ରୂପ ମାଧୁରୀ ପିଇଛୁ ହୋଇଛୁ ଧନ୍ୟ,
ମରମୁଁ ଅମର ପଦବୀରେ ହେଲି ଗଣ୍ୟ ।
ଦେଶର କାଳର ମହା ବ୍ୟବଧାନ ହାଣି
(ସେ ମୋ) ଜାଗ୍ରତ ପ୍ରାଣେ ଅଶ୍ରୁ ଜଡ଼ିତ ବାଣୀ !
ପ୍ରଳୟ ତମିରେ ଉଜ୍ଜ୍ୱଳ ଶିଖା ସମ,
ସକଳ ପ୍ରିୟର ମୋର ସେ ଯେ ପ୍ରିୟତମ ।

୨—ଭୁଲିଯିବ ତାଙ୍କୁ ? ଭୁଲିବ କେସନେ କହ ?
ମୃତ୍ୟୁକୁ ହାଣି ରୂପ ତାର ଅହରହ—
ସତ୍ୟ ସମାନ ପ୍ରତିଭାତ କଣି ଦିବା !
ଜୀବନ ଆଲୋକେ ଅମର ପଦ୍ମ କଳା !
ଗଲଣି ସେ ଭୁଲି ? ପଡ଼େ ନାହିଁ ଅରେ ମନେ ?
ନାହିଁ ମୋ ଶୋଚନା କହ ଦେବ ତାଙ୍କୁ ତମେ—

ଭୁଲିବାକୁ ହେଲେ ବଢ଼ିଯାଏ ମୋର ତ୍ରାସ,
ଆପଣାକୁ ଅବା କରେ ମୁହିଁ ଉପହାସ ।
କୋକିଳ କଣ୍ଠେ ଦୂରୁ ସେ ଯେ ଆସେ ଭାସି,
ତାର ଲାବଣ୍ୟ ବହେ କଣଳସୁ ରାଶି,

ଦୂର କାନ୍ତାରେ ମଳୟ ଆଣେ ତା ସ୍ପର୍ଶ,
ମାଧବୀ ଜୋଚ୍ଛନା ତାର ସୀରତ ଆଦର୍ଶ ।
ଭୁଲି ଯାନ୍ତି କହ ଜଣୀଥି ସ୍ୱପନ ଘର
ଅଶ୍ରୁ ଭିଜନ ସ୍ମୃତି ଧରା ଥିବ ଧର ।

୩—ମର୍ତ୍ତ୍ୟ ମାନବ କି ବୁଝି ଜୀବନ ବ୍ୟଥା ?
କଳ୍ପିବ ତରୁଣ ଜୀବନର ଚପଳତା !
ଯୌବନ ଭୁଲେ ସକଳ ସଂସାର ଶୂନ୍ୟ,
କାଳର ପରଶ ସଞ୍ଜଳକୁ କରେ ସ୍ଫୂର୍ତ୍ତି
ତା ରୂପ ଆଲୋକେ ପରଣିଟି ଝରେ ମାଜି,
ମାଧବୀ ଜୋଚ୍ଛନା ସଙ୍ଗୀତ ତାରେ ବାଜି,
ଭୁଲିଯିବା ତାକୁ ଭୁଲିବା ଜୀବନ ସତ୍ୟ,
ଅଶ୍ରୁ ସାଗରେ ସ୍ନିଗ୍ଧ ଯେ ନୀରବତା !
ଚିର ତୃଷାର୍ତ୍ତ ପୀୟୂଷ ସାଗର ଚାହିଁ —
ଫେରି ଆସିବାର ସମ୍ଭବ ଅବା କାହିଁ ?
ପୁଣ୍ୟ ମାଧୁରୀ ତୃଷ୍ଣା କହ କାହିଁ ତୃପ୍ତି ?
ସଙ୍ଗୀତ ପଦେ ଶୁଣି ଆସେ କାହିଁ ସୁପ୍ତି ?
ତୃଷିତ୍ତ ଯେ ଥରେ ଯୌବନ ରୂପ ହେଉ
ତୃପ୍ତ ଧନ୍ୟ ଜଳ ଗୋଡ଼ି ଅହନିଶ !

୪— ସନ୍ଧ୍ୟା ଆଲୋକେ ସ୍ନିଗ୍ଧ ତାରକା ଫୁଟେ !
କମଳ କାନନେ ଫୁଟେ ଅଗଣିତ ଫୁଲ,
ମଙ୍ଗଳ ଜତା ଜଣୀଅ ନିପୂନୁ ଜଠେ,
ନ ଦିଶଇ କେହି ତା ରୂପର ସମତୁଲ ।
ଲକ୍ଷ ତାରକା ତା ରୂପେ ଲଭିବେ ଲାଜ,
ସୃଷ୍ଟିର ଜଷା ଶଙ୍କିତ ଦେଖି ବ୍ୟାଜ,
ତା ଚରଣ ତଳେ ଲୋଟିବାକୁ ଶତ ଫୁଲ,
ଏ ପରଶ ସମ ନରତରେ ସମତୁଲ ।

ଶାରଦ ଗଗନେ ନୀରବ ସନ୍ଧ୍ୟା ପରି,
ତା ଅନାଉଣିରେ ଜୋଛନା ଉଠଇ ଥରି,
ତାରକା ଖଚିତ ନୀଳ ନଭ ଉତ୍ତରୀ;
ଟାଣି ଶିରେ ଆସେ ସିନ୍ଧୁ ବକ୍ଷେ ଚଳି ।
ମଙ୍ଗଳ ରୂପ ପୁଣ୍ୟ ଅଧର ହାସ !
ମରିବାକୁ ତହିଁ କହ ତର ଅଭିଳାଷ ।

୫— ଯୌବନ ଶିଖା ସ୍ପର୍ଶି କରଇ ଜୟ,
ତରୁଣ ସ୍ୱପ୍ନ ପାଶ୍ୱାରେ କାଳ ପଶ,
ପରିହାସ କରେ ବନ୍ଧୁର ଭଗ୍ନ ଆଶା ?
ଜୀବନ ସ୍ୱପ୍ନ କେତେ ରହିଯାଏ ବାକି !
ଶୁକ୍ଳ ଧରଇ ସ୍ନିଗ୍ଧ ଚିକୁର ଦାମ,
ସକଳ ଶୋଭାର ମୃତ୍ୟୁ ନିୟତି ବାମ,

ମଉଳି ପଡ଼ଇ ସଜଳ ନେହ ଲତା,
କାଳ ଦୁର୍ଦ୍ଦିନେ ଯେସନେ ତରୁଣ ଲତା ।
କାନ୍ତ ଅଧର ଜବା ପାଣ୍ଡୁର ବରଣେ,
ପୀୟୂଷ ହାସ୍ୟ ମୃତ୍ୟୁ ତମିରେ ମିଶେ !
ରୂପ ପାରିବାରେ ଉଏଁନା ତାରକା ଶତ,
ଉତ୍ତର ବାଆ ଅନ୍ତର କରେ କ୍ଷତ,
ସବୁ ନଶ୍ୱର ତା ଦେହୁଁ ପଡ଼ିଲେ ଝରି,
(ଜାଗେ) ପ୍ରୀତି ଅମୃତ ଶୁଭ୍ର ତାରକା ସରି !

୬— ହେ ପଥିକ ଯେବେ ଗୁଣି ନାହିଁ ଥରେ ପ୍ରୀତି,
ଶୁଣି ନାହିଁ ଯେବେ ନୀରବ-ନୟନ-ଗୀତି,
ଲଭି ନ ବାସନା ପୁଣ୍ୟ ପୀରତି ରସ,
କେସନେ ଜାଣିବ ଜୀବନାମୃତ କଥା ?
ଘ୍ରାଣ ପାରିବାରେ ଗହନ ମୃତ୍ୟୁ ଭେଦ,
ପୀରତି ପଦ୍ମ ହସଇ ତିମିର ଛେଦ,

କଳପନା ନୁହେଁ, ସତ୍ୟ ସେ ଅନୁଭବ,
ଜୀବନ ମୃତ୍ୟୁ ସକଳ ଗୌରବ !
କାଳର ପରଶେ ବଢ଼ଇ ପୀରତି ଆୟୁ
ଅଭିନବ ରୂପ ଜଗ ବନ୍ଧୁଆଣେ କାହୁଁ,
ଯା ଲାଗି ନିଃସ୍ୱ ଜୀବନଟି ହୁଏ ଧନ୍ୟ
ପୌଷେ ପୁଷ୍ପ ହସିଉ ବୃନ୍ଦାରଣ୍ୟ !
କଣ୍ଟକଟି ତାକୁ ଭେଟିଲେ ତା ଲାଗି ପଥ
ଜୀବନର ଯନ୍ତ୍ର ସହଜେ ପଡ଼ଇ ଧସ !

୭— ଦୁର୍ଦ୍ଦିନ ଶତଶିର ପରେ ଯାଏ ବନ୍ଧୁ,
ଅନ୍ତର ବ୍ୟଥା ଅଶ୍ରୁରେ ନୁହେଁ କନ୍ଧୁ,
କ୍ଷିପ୍ତ ସିନ୍ଧୁ ପ୍ରଳୟେ ଉଠିଛି ମାତି,
ସ୍ମରଇଁ କାହିଁକି ଶାରଦ ଶୁଭ୍ର ରାତି ?
ଏ ଜୀବନେ ଯାର ଚାହିଁଛି ସ୍ୱପ୍ନ-ନିଶା,
ପୀରତି ପୀୟୂଷେ ଗରଳ ହୋଇଛି ମିଶା,
ନିଠୁର ନିୟତି କରେ ଯାକୁ ଉପହାସ,
ଅତୀତର ସ୍ମୃତି କାହିଁ ପାଇଁ ଦିଏ ତ୍ରାସ ?

ଶୁଖଇ କଣ୍ଠ ! ନ ମିଳେ ସଲିଳ କଣା !
ଆତୁର ହୃଦକ କାହିଁପାଇଁ ହେବେ ଦଣା !
ମରଇ ଆକୁଳେ ମାଧବୀ ଜୋଛନା ଝୁରି,
ଅଶ୍ରୁ ସାଗର ଅନ୍ଧାରେ ଉଠେ ଫୁଲି;
ମଳୟର ମୋହ ନିମେଷକେ ହେଲା ଦୂର
ମରଇ କାହିଁକି ବିଜନ କ ସାରେ ଫୁଲ ?

୮— ଦେଖିଛ କି ସତେ ରକ୍ତ ମୋ ହାସତଳେ,
ସମର କାହାଣୀ ଅଗଣନ ଯତ ଜଳେ ?
ସଂଗ୍ରାମ ଲାଗି ସୈନିକ ବେଶେ ଉଭେ ?
ଦର୍ପେ ଦମ୍ଭେ ହସଇ ତରୁଣ-ଯୁବା ?

ତେଡାଉଛ ମୋତେ ତହିଁ ଅବା କେଉଁ ଫଳ ?
ଜାଣେ ସମ୍ବଳ ଏ ମୋର ଅଶ୍ରୁଜଳ !
ସମର ଅନ୍ତେ ପୁଣ୍ୟ ଏ ମୋର କ୍ଷତ
ବର୍ଷିବ ତାକୁ ଲକ୍ଷ ତାରକାବ୍ରତ !

ତେଣୁ ଗୋ ଶୂନ୍ୟ ଗୌରବ ଅବକାଶେ
ଭରଇ ମାଇବେ ତୀବ୍ର ମୋ ଉପହାସେ ।
ଶାନ୍ତ ସିନ୍ଧୁ ଶୂନ୍ୟକୁ ଉଦ୍ଦେ ବୃହିଁ,
ଜୀବନର କଥା ହାନି ଲଭ ପୂଛେ ନାହିଁ,
ଦୁଃସହ ଭାର ବହିବା ଧରମ ଜାଣେ,
ଅଧରେ କରୁଣ ହାସ୍ୟ, ଶୋଣିତ ପ୍ରାଣେ !

× × ×

୯— ହେ ପଥିକ ଯେବେ ତୁମ ତୁଲେ ହେବ ଦେଖା,
କହିବ ସେ ଯେ ମୋ ମର୍ମେ ରୁଧିରେ ଲେଖା ?
ଭୁଲିବ କେସନେ ମଉଣ ପୁରୁଷ ଅବା,
ଜଗତେ ପଛକେ ବସ୍ତୁ ଅପବାଦ ସଖ !
ପ୍ରୀତି-ଅପବାଦ-ଅଶ୍ରୁ ଚରମ ଲଭ,
ଆକୁଳ ସିନ୍ଧୁ ବକ୍ଷେ ଏକଇ ନାବ,

ଥିଲେ ଯେବେ ଦୂରର ପ୍ରୀତି-ସୁଧା ଲାଗି ସିନା—
ରହିଛି ଜୀବନ ? ସ୍ଫୁରଇ ସୃଷ୍ଟି ବୀଣା ?
ସକଳ ଅଞ୍ଚଳ ଉତ୍କ୍ଷେପ କମଳ ଫୁଟେ,
ସ୍ମରଣେ ବନ୍ଦୀ ପରାଣୁ ଧ୍ୱାନ୍ତ ତୁଟେ ।
ଗଗନର ତାର ଦୂରେ ! ଦୂରେ ! କିବା ହାନି ?
ସକଳ-ଦୂରତା ବଟଳ ଅନ୍ତର ବାଣୀ !
ସୁଦୂରର ଯାହା ସଫଳ ନିକଟେ ଆସି,
କି ଫଳ ଭସ୍ମ ବାସନାକୁ ପରକାଶି ?

# * ବୈଧବ୍ୟ

୧— କହ ନାହିଁ ତାକୁ ଦୈବର ଅଭିଶାପ,
ପୂର୍ବ ଜୀବନର ଶତ ଦୁଷ୍କୃତି ପାପ,
ସ୍ତ୍ରୀବନ ସ୍ୱର୍ଗର ସମାନ ବନ୍ଧୁ ଗୋ ଲୁଢ,
ତାର ଅଞ୍ଚଳ ଶଙ୍କିତା ଆଜ ମୂଢ,
ଯେ ଅଜାଣେ ଝଡ଼ରେ, ଲେଲିହାନ ସେ ଯେ ଚିତା !
ସୃଷ୍ଟିର ଯେ ଯେ ମଙ୍ଗଳମୟ ପିତା,
ଭସ୍ମ କରଇ ସକଳ କରଇ ଦଗ୍ଧ,
ସବୁ ନଶ୍ୱର ସକଳ ଏ ମାୟାଲବ୍ଧ !
ପ୍ରଣମ ମୟୂରର ବନ୍ଦନା ଯାଅ ଗାଇ
ତାର ଶଙ୍କିତା ସଙ୍କୋଚ କାହା ପାଇଁ ?

ଭସ୍ମ ସକଳ ! ଅନଳ ହସେ,
ଜୀବନେ ନିତ୍ୟ ଅକ୍ଷର ଯାହା କହେ,
ଅଞ୍ଚଳ ଆଗୋ ନଅ ଭସ୍ମର ଘାସ
ଜୀବନ ଦୁଆରେ ପୃଷ୍ଠି ଆଜି ତୋ ଭଷା !

୨— ବାଷ୍ପ-ଚମିତ ଅବସାଦ ଛାୟା ଦଳ,
ଉଦୟୁ ଅନଳେ ସଚିତା ଉଠିଲେ ଜଳ !
ତାର ସୁଧାର ଅନ୍ତରେ ବଞ୍ଚବଞ୍ଚ
ସେ ଅ... ତେଜେ ନିରେଖଯାଏ ଗୋ ମନ !
ତେଜ ... ତୋର ମର୍ତ୍ତ୍ୟ ଭୂଷଣ ମାୟା,
ଉଜ୍ଜ୍ୱଳ ତେଜେ ମରଇ ଜୀବନ ଛାୟା,
ଭସ୍ମ ଧବଳ ବିକାର ଶୂନ୍ୟ ବନ୍ଧ !
ସକଳ ଶାନ୍ତ ସ୍ମୃତିରେ ପବିତ୍ର ଛନ୍ଦ !
ଉତ୍ତରୀ ଆସ, ଆଧ ଗୋ ଶୂନ୍ୟ ହସ୍ତେ,

* କନିଷ୍ଠା ଭଗିନୀର ବୈଧବ୍ୟୋପଲକ୍ଷେ ।

ଡାକଇ ଆଲୋକ ଜୀବନ ମୁକ୍ତି-ପଥେ !
ଦୀର୍ଘ ସେ ପଥ ? ଆସ ସଂଶୟ ତେଜି,
ଶିର ମଙ୍ଗଳ ଦୈବ ବିଧାନ ହେଜି,
ଆସ ଗୋ ଶାନ୍ତ ସୁନ୍ଦର ଯାଏ ବେଳ,
ସ୍ମର ସେ ଅନଳ ! ଅଶୋଭନ ଆଉ ଖେଳ !

୩— ନଭ୍ ଆସେ ଶରତ ! ଦିବ୍ୟ ସବିତା ଉଠେ !
ନବୀନ ସୃଷ୍ଟି କମଳ ଅବା କି ଫୁଟେ !
ଚୌଦିଗେ ଧୀରେ ସ୍ଫୁରଇ ସୃଷ୍ଟି ଗୀତ
ଜୀବନ ଆଶ୍ୱସେ ମୃତ୍ୟୁ ସଙ୍କୁଚିତ !
ଜାଣିଛି ଭଗିନି ରୁଦ୍ଧ କଣ୍ଠ ତବ,
ନ ଗାଇବ ତହିଁ ସଙ୍ଗୀତ ଅଭିନବ,
ଜୀବନ ଯେସନେ ଶୁଷ୍କ ବାସର-ଫୁଲ,
ନ ଥାଏ ସମ୍ବଳ ନାହିଁ ତଳେ ତାର ମୂଳ !
ମାତର ବିଷାଦ ଦଗ୍ଧ କରି ଏ ପ୍ରାଣ
ଜୀବନ ପ୍ରଶ୍ନ ହୁଅଇ କି ସମାଧାନ ?
ଅଶ୍ରୁରେ ନାହିଁ ନାହିଁ ଗୋ ହର୍ଷେ ଶାନ୍ତି
ଆଲୋକେ ତମିରେ ଛୁଟେ ନାହିଁ ଭାଙ୍ଗି ଭ୍ରାନ୍ତି ।
ସ୍ୱାର୍ଥ ବନ୍ଧନ ଅଭିମାନ ଆଜ ଜିଣି
ଜୀବନର ପଥେ ଆସ ଗୋ ସନ୍ନ୍ୟାସିନି ।

୪— ଜୀବନର ପଥେ ଫୁଟେ କେତେ ଜାତି ଫୁଲ,
ହସଇ ଜ୍ୟୋସ୍ନା କାହିଁ ତାର ସମତୁଲ,
ଆସଇ ସନ୍ଧି ଆସେ ଆଲୋକର ଦୂତ,
ପ୍ରଣୟ ସଙ୍କଟେ ଲାଗେ ବଡ଼ ଅଦ୍ଭୁତ—
ହସଇ ମୃତ୍ୟୁ, ଝରେଣି କୁସୁମ ବୃଷ୍ଟି;
ଏ ସକଳ ମେଳେ ଏକଣେ କାହାର ସୃଷ୍ଟି ?
କାହାର ବିଧାନ ମଙ୍ଗଳମୟ ବିଧି ?
କାହା ଇଙ୍ଗିତେ ସକଳ ଲଭଇ ସିଦ୍ଧି ?

ଆଲୋକ ଊର୍ମିରେ ଏକାକାର ସାମ-ଗାନ
ମୃତ୍ୟୁ ଜୀବନେ ଅବିନଶ୍ବର ପ୍ରାଣ !
ମଳିନ ସ୍ୱାର୍ଥ ଲଭେ ନାହିଁ ତହିଁ ସ୍ଥାନ,
ବ୍ୟର୍ଥ ଅଶ୍ରୁ ଅବସାଦ ଅଭିମାନ,
ବନ୍ଧନଅ ତାର ପୁଣ୍ୟ ବିଧାନ ଶିରେ
ସ୍ମର ସେ ଅନଳ ! ଜଳିଆସେ ଶିଖା ଧୀରେ !

୫— ଏ ଜୀବନ ପଥେ ଗଲେଣି ଗୋ ଯେତେ ଚଳ,
ଜନମ୍ମ ବସୁଧା ଶୁଣି ନାହିଁ କାର ଅଳି,
ଅକାଳେ କୁସୁମ ମଉଳି ପଡ଼ୁଛି ଝରି,
ତରୁଣର ଗୀତି କଣ୍ଠେ ଯାଉଛି ମରି,
ଜଳିଯାଏ ରୂପ ଯୌବନ କରି ମରୁ
ଝାଉଁଳେ ପୀରତି-ଲତିକାଶ୍ରମ-ତରୁ;
ସକଳ ମାନବ ବନ ଅଜଗର ଗ୍ରାସେ
ବରଭ ମାରବେ ଶୂନ୍ୟକୁ ଚୁହିଁ ଗାଏ ?
"ପରାଣ ନିଃସ୍ୱ ଜୀବନ ଦେବତା ସ୍ୱାମୀ
ଶର ନଟବର ସକଳ ଅନ୍ତର୍ଯ୍ୟାମୀ,
ଶୂନ୍ୟ ସରବ ଅସ୍ତ ମୋର ଯେ ଶଶୀ,
ଶୂନ୍ୟ ପୁଲନେ ଭରସା ଯେ ତୋର ବଂଶୀ,
ବନ୍ଧୁଲୁ ଚେତନା ନିଃସ୍ବ କର ଏ ପ୍ରାଣ,
ନାହିଁ ମୋ ଶୋଚନା—ଝୁରୁଛୁ ତୋ ପୀରତି ଗାନ !"

୬— ବନ୍ଧୁଯାଏ କାଳ ଦିବସ ଦଣ୍ଡ ଲଟା
ସନ୍ନ୍ୟାସିନ ଗୋ ସ୍ମର ସେ ଅନଳ ଶିଖା !
ନେତ୍ରକ ଅଶ୍ରୁ କାହିଁ ତାର ଅବକାଶ ?
ଝରବାସି ଆଗୋ ମିଳାଇଯାଏ ଯେ ହାସ !
ମୂକତର ଗୀତ ଶୁଣ ଶୁଣ ଆସେ ଦୂରୁ
ଶୁଭ୍ର ଅଙ୍ଗି ଆସ ଅନ୍ଧାର ପୁରୁ !

ସୌମ୍ୟ ମୂରତି ତବ ଶୌଚର ବେଶ,
ସନ୍ଧ୍ୟା ସମାନ ଶାନ୍ତ ରୁକ୍ଷ କେଶ,
ଦବ୍ୟ ଦୃଷ୍ଟି ସ୍ଖଳିତ ନୁହେ ସେ ପାଦ !
ମରମେ ଅଶ୍ରୁ ଅନ୍ତର ଅବସାଦ !
ପୁଣ୍ୟର ବନ୍ଧ ! ଦେଖି ଓଜସ୍ୱିନୀ ରୂପ,
ସଙ୍କୁଚିତ ଗୋ ସ୍ୱାର୍ଥ ବେଦନା ସ୍ତୂପ
ମାନବର ତେଜେ ମଇଳ ମୃତ୍ୟୁ ଡରେ
ଧନ୍ୟ ଏ ଭୂମି ପୁଣ୍ୟ ଚରଣ ତଳେ ।

# * କରମର୍ଦ୍ଦନ

କାଲ ବୈଶାଖ ! ତପ୍ତ ତଟିମା ବାଲି !
ଦଗ୍‌ଧ ଝସୂର ବୃଦ୍ଧ ନ ପାରେ ଚାଲି,

ଶୁଷ୍କ କଣ୍ଠ, ତୃଷା ଭଜନ୍ତ ତାର,
ଜଳ ଆଶେ ଯୁଝି ପ୍ରାଣ କରେ ହାହାକାର !

ସନ୍ତ୍ର ଭୁବନେ କାହିଁ କେହି ନାହିଁ ଦିଶେ,
ମୃଗ ତୃଷ୍ଣିକା ଜଳବେଣୀ ନୁହେଁ କି ସେ ?

ଟଳିଲ ସେହି ଶୂନ୍ୟ ଶିକତା ପଥେ,
ଗୁଲୁଛି ବୃଦ୍ଧ ଆଶା ତା ଅଗ୍ରଗତେ ।

ଦୁର୍ବଳ ଶିର ଖରେ କରେ ଝାଇଁ ଝାଇଁ
ଘନ ଅନ୍ଧାର ଚକ୍ଷୁକୁ ଦିଶେ ନାଇଁ,
ଆଗତ ମୃତ୍ୟୁ ଓଗାଳଇ ପଥେ ହସି—
"ବୃଦ୍ଧ ବନ୍ଧୁ ! କାହିଁ ଚାଲିଅଛ ଧସି ?"

କମ୍ର ଦୃଷ୍ଟି ବୃଦ୍ଧ ଚକଚେ ଅସ୍ଥ !
"ନ ପାରେଁ ଚାହ୍ନି ! ଦେବ କି ହେ ପରିଚୟ ?
ବନ୍ଧୁ ? ବନ୍ଧୁ ! ଶୁଣିଛି କଣ୍ଠସ୍ୱର,
ଦୁର୍ବଳ ସ୍ମୃତି ଚେତାଉଛି ନୁହଁ ପର !

---

* କଲଟର କଚେରୀରେ ମାମଲା ଲଢ଼ିବା ଆଶାରେ ଆସୁଥିବା ଜନୈକ ବୃଦ୍ଧ କାଠଯୋଡ଼ୀ ବାଲିରେ ଗ୍ରୀଷ୍ମ ତାପ ସହି ନ ପାରି ପ୍ରାଣ ହରାଇଥିବା ଘଟଣାକୁ ଲକ୍ଷ୍ୟକରି ।

"ମୃତ୍ୟୁ, ମୁଁ ଚିର ଯୌବନ ରହେ ଜାଗି,
ତୁମ ପାଖେ ଆଜ ଆସିଛି ଯୁଦ୍ଧ ମାଗି !
ତଜସ୍ୱର ମୋହ ମାଦକତା କରେ କ୍ଷୁବ୍ଧ
ପ୍ରସ୍ତୁତ ହୁଅ ବୃଦ୍ଧ, ଦିଅ ହେ ଯୁଦ୍ଧ !

"ବନ୍ଧୁ, ହେ ଚିରଯୌବନ ! ମୁଁ ଯେ ବୃଦ୍ଧ,
ସ୍ଖଳିତ ଅଙ୍ଗେ ସମ୍ଭବ କାହିଁ ଯୁଦ୍ଧ ?
ପୁଣି ନାହିଁ ସ୍ପୃହା ! ଗୌରବ ମୋହ ଖର୍ବ !
ସପ୍ତସାଗର ଲଙ୍ଘିବା ତୁମ୍ଭ ଗର୍ବ !
ଦିଅ ଦିଅ କର, ଯାଉଛି କାହିଁକି ଖସି ?
କରମର୍ଦ୍ଦନ କରିବ ବୃଦ୍ଧ ହସି !"

"ସ୍ୱେଚ୍ଛାରେ ଯେଉଁ ବଶ୍ୟତା ସ୍ୱୀକାର,
ଯୁଦ୍ଧେ ବନ୍ଧୁ, ପ୍ରୟୋଜନ କିବା ତାର ?
ବଢ଼ାଅ ହେ କର, କରମର୍ଦ୍ଦନ ଲାଗି,
ହସ ମୋର ଭୁଲେ, କି ହେବ ଯୁଦ୍ଧ ମାଗି ?

"ଯୁଦ୍ଧେ ରମିଛି ସକଳ ଜୀବନବ୍ୟାପୀ,
କଭନାହିଁ କ୍ଷତ ଚିହ୍ନ ଯେ ଅଦ୍ୟାପି,
ହାସ୍ୟ ଉପୁଜେ ? ମାନୁ ନାହିଁ ତୁମ ମନ ?
ନାହିଁ ନାହିଁ ଆଜ ସଂଗ୍ରାମେ ପ୍ରୟୋଜନ !"

"ମିଥ୍ୟା ଏ ଭୟ ! ଶସ୍ତ୍ରର ବନ୍ଧିଛ ବନ୍ଧୁ !
ଲୁଣ୍ଠିଥିବେ ପଥ ପୁଷ୍ପ-ସୁରବଧୂ,
ବୃଦ୍ଧା ଚେହ୍ନୀ ବନ୍ଧୁ ସୋଦର କନ୍ୟା,
ତୁମରି ସେବାରେ ହେବେ ଯେ ସକଳେ ଧନ୍ୟା,
କହିବେ ବୃଦ୍ଧ ଯାଉଛି ମାମଲ୍ଲ କତି,
ଦୂର ପରବାସୁ ଫେରିଲେ ଲଭିବେ ପ୍ରୀତି ।"

କହଇ ବୃଦ୍ଧ "ବାକ୍ୟର ଅବକାଶ,
ନାହିଁ ଯେ ବନ୍ଧୁ ! ସ୍ମୃତିଦାନ ମୋର ହାସ !
ହାସ୍ୟ ଅଶ୍ରୁ ପଳିତ ପଶ ଗ୍ରାସ,
ପତ୍ନୀ-ପୁତ୍ର ଦୂର ଏ ଯେ ପରବାସ,
ବନ୍ଧୁ ! ସକଳେ ଜଣାଇବ ମୋର ହାସ !"

ମୁଦିଲ ନୟନ ବୃଦ୍ଧ ସିକତା ଶେଯେ,
ହସ୍ତ ପଥିକ ବନ୍ଧୁକୁ କହେ "ଏ ଯେ,
ଶାକ୍ଷଣ ସୌରଭଣି ନ ପାରି ସହି,
ବନ୍ଦୁଛି ବୁଧର ବୃଦ୍ଧ ତେଜିଲ ମସ୍ତି !"

୧

# ରମାଁରଲାଁ

[ ବିଂଶ ଶତାବ୍ଦୀର ଫରାସୀ ଦାର୍ଶନିକ,
ମନୀଷୀ ଓ ଶ୍ରେଷ୍ଠ ଲେଖକ ]

୧— ଜୀବନ ତିମିର ପଥେ ଧ୍ରୁବ ତାରାସମ,
ଉଦ୍ଭାସିତ ସଭ୍ୟତା ଜନ୍ମଁ ଅମୃତ ପରମ,
ପରମ ପୁରୋଧା ଅବା ଢାଳୁଛ ଆଶିଷ,
ସୃଷ୍ଟି ହିତେ ତୁମେ ରୁଦ୍ର ପିଉଅଛ ବିଷ

ଅକ୍ଳାନ୍ତ ସୈନିକ ଭେଦ ଅନ୍ଧକାର ବ୍ୟୂହ
ଅଗ୍ରସର ନିର୍ବିକାରେ ! ତୁଙ୍ଗ ମହୀରୁହ !
ଦୀର୍ଘପଥ ଅତିକ୍ରମି କ୍ଳାନ୍ତ ନାହିଁ ଜାଣ
ତବ ଅଗ୍ରଗତି ଦୀକ୍ଷା ଜାଣେ ସେହି ପ୍ରାଣ !

କେବଳ ଚାଲିବା ପଥ ! ଚାଲିବାରେ ମୁକ୍ତି !
ପାଥେୟ ସଙ୍ଗତେ ଶତ ଅତୀତର ସ୍ମୃତି !
ନାହିଁ ଅଶ୍ରୁ, ନାହିଁ ଖେଦ, ନାହିଁ ଅବସାଦ;
ଆନନ୍ଦ ହାସ୍ୟ ପ୍ରୀତିର ଭକ୍ତି ପରମାଦ—

ସବୁ ଏହି ସତ୍ୟ ଏକା ହେବା ଅଗ୍ରଗତି !
ଯେଣ ନିଃସ୍ୱ ପଥିକର ଅନ୍ତର ପ୍ରଣତି !

୨— ହେ ନରାଶ-ପରିବ୍ରାଜ ବିଶ୍ୱ ତପୋବନେ !
ସଦା ଧ୍ୟାନରତ ତପଃକ୍ଳିଷ୍ଟ ମେ ଆନନେ,—
ଅଙ୍କିତ କାଳର ରେଖା ! ଅନ୍ତର ବିଚ୍ଛିନ୍ନ,
ଶୋଣିତ ଆପ୍ଳୁତ ! ନିଭିନାହିଁ କ୍ଷତ ଚିହ୍ନ
ସଂଗ୍ରାମର, ବିସ୍ମୃତ ବା ଅତୀତର ତ୍ରାସ !
ଲାଗିଛି ମଳିନ ଓଷ୍ଠେ ବିଜୟୀର ହାସ !

ଅତୁଳ ମାଧୁର୍ଯ୍ୟ ମୃତ୍ୟୁ ରହେ ଅବା ହଟି
ମର୍ତ୍ତ୍ୟେ ଅମରତ୍ୱ ବଣ୍ଣ ଉଠଇ ଚହଟି !
ମୃତ୍ୟୁ ନାହିଁ, ମୃତ୍ୟୁ ନାହିଁ, ଅନ୍ଧକାର ଭେଦ,
ଅମୃତ ଗଗଣ-ସୂର୍ଯ୍ୟ ନିତ୍ୟ ଚଳେ ଖେଳ;
ପୁଣି ଜନ୍ମ ପୁଣି ମୃତ୍ୟୁ ଯାହା ନୁହେଁ ଶେଷ,
ବିକଶିତ ଲୀଳାପଦ୍ମ ସୁମଧୁର କ୍ଳେଶ ।

ଆନନ୍ଦ ସେ ସ୍ପର୍ଶ ବସ୍ତୁ ନୁହେଁ ଖୋଜିବାର,
ସେପନ ସ୍ପାନ ଆନନ୍ଦାଶ୍ରୁ ପ୍ରୀତି ନମସ୍କାର ।

# ପ୍ରଥମ ଆସାର

ପ୍ରଥମ ଆସାର ଦୁର୍ଦ୍ଦିନ ଘନଘଟା,
ଛୁଦ୍ରାନନ୍ଦେ ପୁଲକ ଉଠଇ ଛୁଟି,
ଗରଜି ବଜ୍ର କରଇ ଅଟ୍ଟହାସ,
ସ୍ନିଗ୍ଧ ଊର୍ମିରେ ପରବାସେ ମରେ ସ୍ୱାସ ।

ଚମକେ ବିଜୁଳି ଘନ ଅନ୍ଧାରେ ପଶି,
ମିଳନ ଉଲ୍ଲେ ପୀରତି ନ ହଏ ଧରି,
ଉଜ୍ଜ୍ୱଳ ହାସେ ଗଗନେ ଦିବ୍ୟକାନ୍ତି,
ଫୁଟଇ ଅବା ସାଧକ ପରମ ଶାନ୍ତି ।

ମନରେ ତୋର ଜଳେ ନାହିଁ ଆଜ ଦୀପ,
ଝରି ପଡ଼ୁଛି ତୋ ପୀରତି ପାଦପୁଁ ନୀପ,
ମଧୁର ମାଳର ଏ ରଜନୀ ଅଭିସାର,
ମଧୁର ଆଜ ତୋ ଅନ୍ତର ହାହାକାର ।

ଶୂନ୍ୟତା ବାଧେ ? ଭର ତୋ ବ୍ୟଙ୍ଗ ଭାଷେ,
ବଜ୍ର ଯେସନେ ଗର୍ଜେ ଊର୍ମିଲକାଶେ,
ଶୀତଳ ପବନ, ଶୀତଳ ବହନ ଆଜ,
ଦୂର ଗଗନର ନିଃଶ୍ୱାସ ତୋର ।
ମରମେ ଉଠଇ ବାଜ !

ମାରବେ ଫେରଇ ନୀରବ ନୟନ ଗୀତି
ଶୂନ୍ୟତା ଭରେ ଦୂର ପୂର୍ଣ୍ଣିର ପ୍ରୀତି,
କି ଭାବନା ତୋର, ହେ ପଥିକ ପରବାସୀ ?
କହାଏ ତୋ ପଥ ସୁଦୂରର କାଶହସୀ ।

ଦୁର୍ବଳ ଭିର ପକ୍ଷେ ତୋର ରକ୍ଷି ଆସ,
ଅମୂଲ୍ୟ ତୋର ପାଥେୟ ବ୍ୟଙ୍ଗହାସ,
ସବୁ ସଙ୍କୋଚ ଗ୍ଳାନି ଦୈନ୍ୟ ମଣି,
ବଜ୍ର ସନ୍ଧିତେ ଉଠୁରେ ଉଚ୍ଚେ ହସି ।

ବ୍ୟଙ୍ଗ ହାସ୍ୟେ ଉଚ୍ଛଳ ଉଠୁ ସେ ଲୁଆ,
ହସି ଉଠୁ ଆଜ ନିଃସ୍ୱ ଦରିଦ୍ର ପ୍ରିୟା,
ଆଜି ଅନ୍ଧାରେ ପୁଷ୍ପ ଧରଣୀର ପ୍ରୀତି,
ବନ୍ଧନ ଭୁଲି ଫୁଟୁ ତୋ କଣ୍ଠ-ଗୀତି ।

# ପ୍ରଭାତୀ

ଦୁର୍ଦ୍ଦିନ ତମ ହାଣି ଫୁଟିଉଠେ ତାର ବାଣୀ
ଜାଗ୍ରତ, ଜାଗ୍ରତ ପାନ୍ଥ,
ସୁପ୍ତି ତୋ ନାହିଁ ସାଜେ ବନ୍ଧନ ମୋହ ଲାଜେ
ମରଇ ଆଲୋକେ ଚାହିଁ ଧ୍ୱାନ୍ତ ।
ଅସରଳ ସକଳ ତୋ ସରଳ,
ଅମୃତ ହେବ ଆଜ ଗରଳ,
ଅନ୍ଧାର ଭେଦ ଚାଲ୍ ଅଟଳ !
ଆହ୍ୱାନ ଆଣେ ଅବଶ୍ରାନ୍ତ !
ଜାଗ୍ରତ, ଜାଗ୍ରତ ପାନ୍ଥ ।

ଅଶ୍ରୁ ସାଗର ପାରେ ଶତ ବିଫଳତା ହାଣି
ଉଇଁଛିରେ ଜୀବନର ସୂର୍ଯ୍ୟ !
କିବା ବନ୍ଧନ ଭୀତି ? ଗାଅରେ ବିଜୟ ଗୀତି
ମନ୍ଦ୍ରେ ଡାକଇ ତାର ତୂର୍ଯ୍ୟ,
ଚୋଳି ଧର ଉଡେ ତା ଧ୍ୱଜାରେ,
ତା ବିଜୟ ଦୁନ୍ଦୁଭି ବଜାରେ,
କର୍ମିବ ମରଣରେ "ମଜାରେ
ପଥ ତୋର ଚାହିଁ ବସେ କାନ୍ତ !
ଜାଗ୍ରତ, ଜାଗ୍ରତ, ପାନ୍ଥ !"

ଖସିପଡୁ ଅନ୍ତରୁ ଭୁଲ ଜଡ଼ତା ଭୀତି
ସନ୍ଦେହ ସକଳ କ୍ଷୁଣ୍ଣ କରି,
ମିଥ୍ୟାର ମୋହ ଭେଦ—ମଙ୍ଗଳ ଆଶ୍ୱାସ
ଜୀବନେ ହେଉଟିରେ ଆଜ ସତ୍ୟ ।
ଜଳଇ ତା ହୋମାନଳ ପୁଣ୍ୟ
ସକଳ ଅଶିବ ସବୁ ଘୃଣ୍ୟ,
ଭସ୍ମ କରେଖ ତହିଁ ସୃଷ୍ଟି,
ପ୍ରଣମି ଚଳ ତୁ ପଥେ ଭ୍ରାନ୍ତ;
ଜାଗ୍ରତ, ଜାଗ୍ରତ, ପାନ୍ଥ ।

# ଗ୍ରାମ୍ୟ-ପ୍ରଣୟ

ଭଣିଲ ରଙ୍ଗୀ ''ଛି ଛି ଲାଗୁନାହିଁ ଲାଜ ?
କି କହିବେ ଲୋକେ ? ଧନଗୋଠା ଗଲ ଆଜ,
ପଥେ ଘାଟେ କେଣ୍ଡ ଦେଖିନାଇଁ ଭୁମ ଛୁଇ,
ଫଣୀ କପାଳକୁ କା'ନଶ ରେ ଦେଲ ବାଇ ।''

''ବୋଲୁ ଝିଅ ମୋତେ ଦେବେ ନାହିଁ କାଲି ବାପ,
ସହି ନୁହେଁ ତଳେ ସେ ଝାପସ ପରିହାସ ।
ଗାଆଁ ପଧାନେ ଯେ ଗଲେ ଏଇ ପଥେ ଡାକ,
ଜଳାକବାଟିରେ ଦିଶିଗଲ ନାଲି ଆଖି ।''

''ତରୁଟି ଛଣ୍ଡିଲେ ଗଲନାହିଁ ତାଙ୍କ ପାଶେ,
ଖାଙ୍ଗା ମଲଗଣ୍ଡା ନ ଧାଇଁଲେ କାହୁଁ ଆସେ ?
ସଞ୍ଜଲଗି ଆସେ ପୋଡ଼ଯାଏ ମୋର ମୁହଁ,
ଢାମଦାମ ଗୁଣ୍ଡ ନ ବସିବ ଦେହ ଛୁଁଅ !''

କହୁଁ ପ୍ରିୟା ଖେଳଖଞ୍ଜନ ଆଖି ଥିର,
ନବ ଅନୁରାଗେ ପୁଣି ଢଳଢଳ ନୀର,
ଶ୍ୱସଇ ତରୁଣ ବଳସ୍ତୁ ତାର ଦେହ,
ଅତଳ ସାଗରୁ ସୁଗଭୀର ତାର ସ୍ନେହ ।

''କୁଟିର ଆଲୋକ ଶୂନ୍ୟ ହୃଦୟ ରାଣୀ
କାହିଁକି ବସିଛୁ କେସନେ ପାରିବୁ ଜାଣି ?
ପିଆଇଛୁ କେତେ କୋମଳ ଅଧର ସୁଧା,
ବକ୍ଷେ ଆସନ ଦେଇଛୁ, ତେବେ ତ କ୍ଷୁଧା—

ମରୁନାହିଁ ତଳେ ପିପାସା ପରାଣ ରାଣୀ,
ଯେତେ ତୋ ପିଇଲେ ନଣ୍ଟା ସୁଧା ସେଇ ବାଣୀ,
କେଉଁ ରଇଜର କବା ଭୁ ନ ପାରେଁ ବୁଝି
ଖୁହିଁ ତୋର ଆଖି ଆସେ ମୋ ନୟନ ମୁଦି ।

ସରଳ ବନ୍ଧୁ, ଦୁଃଖୀ ହୃଦସ୍ୱରାଜ !
ଅଭାଗିନୀ ମୁହିଁ, ଦଅ ନାହିଁ ଆଉ ଲଜ ।
କବା ମୋର ରୂପ ? ସଂସାର ରୂପଖଣି !
ଆକାଶର ତାରା ପାରିବ କି ତୁମେ ଗଣି ?"

"ରୂପେ ଗୁଣେ ତୁମ ପାଦକୁ ନୋହେ ମୁଁ ସର,
ତୁମେ କାନ୍ତା, ମୁଁ ଗୋ ତୁମର ଯେ ଛାୟାପର,
ତୁମର ଗୁଣେ ମୁଁ ବାସିବ ଜଗତେ ସିନା,
ତୁମେ ମୋର ପ୍ରଭୁ ତୁମ ପଦେ ମୁଁ ଗୋ କଣା ।

ସହିପାରେଁ ନା ମୁଁ ତୁମ ପଞ୍ଚରୁଷ ଦାନ
ବୁଲିଆସ ସେତେବେ ଛାଡ଼ି ମୋ ପଣତ କାନ ।"

"ଛାଡ଼ ତୋତେ ଏକା ଆଙ୍କରେ ପରଣ ସଙ୍ଗ,
କାହିଁ ଯିବାକୁ ତ ମନ ହେଲେ ବଳୁ ନାହିଁ ।
ନୟନେ ଯୋଡ଼ାଇ ରଖିଛୁ କି ପରମାଦ,
ନ ଫେରେ ମୋ ଆଖି, ଚଳୁନାହିଁ ମୋର ପାଦ ।"
'ଅସରନ୍ତି ସୁଧା ସାଗରକୁ ଖାଲି ସ୍ୱହିଁ,
ଲେଉଟି ଆସିବା ଦେଖିଛୁ କାହାକୁ କାହିଁ ?
ପିଇବାକୁ ଗୋଟିଯାକ ଛନଛନ ମନ,
କେତେ କଥା ଭାବେଁ, କହିପାରେ ନାହିଁ ଧନ !
ସକଳ ଭାବନା ଭୁଲେ ମୁଁ ତୋ ଦେହବାସେ
ସବୁ ପଡ଼ିଛିପ, ନନ୍ଦା ନଦେ ସେ ହାସେ !"

"'ଦ' ଦିନର ମୋହ ପରମାଦ ମୋର ବନ୍ଧୁ,
କି କରିବ ପୁଣି ସରିଗଲେ ଦିନେ ମଧୁ ?
ଭାଲି ପାଇଁ କଷ୍ଟ ଆଜ ! ବୁଲିଆସ ଯାଇଁ,
ଏତେବେଳେ ଗୋଠୁଁ ନ ଫେରିଲେ କଅଁ ଗାଈ,
ଛଣ୍ଡୁର ଯାଉଛି ସଞ୍ଜ, ଦେଖ ମୁଁ ବତି ।
ପିଇ ମୁଁ ପାଣିକ ପୁଣି, ଛାଡ଼ ମୋର କତି ।"

"ଅଙ୍ଗୁଳି ବସି ଗଣୁଛୁ କି ହେବ ଅବା ?
ବହୁବେଳୁ ବସି ଶିଖିଲ ଯେ ମୋର ଗଣା;
ଗୁଡ଼ ହାତୁ ହାତ, ପିନ୍ଧେ ଶିଖିଲ ବାମ,
ମରିବାକୁ ତଳେ ଦେବ ନାହିଁ ଅବକାଶ ?"

ଏବେ କଣ୍ଠ ପ୍ରିୟା ଉଠିଯାଏ ଥରଥର,
ବିହ୍ୱଳ ଯୁବା ଧରି ହାତେ ତାର କର,
ବଦନୁ ସୋହାଗ କଣ୍ଠେ "ରଞ୍ଜନା" କହେ
"ରହଗୋ ଦଣ୍ଡେ ମନ୍ଦ ମରୁତ ବହେ !"
"ତୋ ଘର ଚନ୍ଦ୍ର ଦୂରୁ ହସି ହସି ଆସେ,"
ମଲ୍ଲୀ କେତକୀ ସମାନ ତୋ ଦେହ ବାସେ,
ଦୂରବଣୁ ଡାକେ କୋଇଲି ଭୁହାଇ ତୋତେ,
ରହ ତଳେ ଆଜି, ଗୁଡ଼ ଯାଅ ନାହିଁ ମୋତେ ।

"ଦ' ଦିନର ମୋହ ଦ' ଦିନର ରୂପ ସ୍ମୃତି ?
ସାର୍ଥକ ମୋର ଜୀବନ ବନ୍ଧୁ ସେ ସ୍ମୃତି !
ତା ପରେ ବରଷା ଅଶେଷ କଷଣ ମୋର,
ଘରବଳ ଦେହେ କେତେ ଲଙ୍ଗଳ ଗାର !
ବଜ୍ରର ଗୁରୁ ଗରଜନ ତମ ଘୋର,
ପଙ୍କେ ସଲିଳେ ପୁଣି ନିତ ମରିବାର !

"ସକଳ କଷଣ ସକଳ ମୋ ଅନୁଭୂତି,
ସହଜ କରିବ ଆଜିକାର ତୋର ସ୍ମୃତି ।
ବସ ପାଶେ ଆଜି ନିଷ୍ଠୁର ନୁହ ଆଜି,
ନିଦା ହାପରୀ ସେ କରିବ କରୁଥାଇ ।
ଚନ୍ଦନ କାନନେ ଫୁଟିଥିଲୁ ଫୁଲ ଏକା
ବିଧାତା କରୁଣା ଯୋଗେ ତୋହ ଭୂଲେ ଦେଖା
ତୋଳିଛୁ ଆଦରେ ରଖିବାର ଥାନ କାହିଁ ?
ରୂପ ତେଜେ ମରେ କୁଟୀର ଲଜ୍ଜା ପାଇ

ସବୁ ସମ୍ପଦ କସ୍ତୁରୀମୃଗ ସମ,
ସମ୍ପାଦ ଦୂରେ ଭରମିବା ଅଧରମ ।
ଖସିଛି ଅଳକ ନୟନ ସନ୍ନିଧାନେ !
କଇଁଆ ଫୁଲଟା ଖୋସିଦିଏ ରହ କାନେ ।
ମାୟାମୃଗ ଅବା ଅସିଅଛି ହୋଇ ବଣା
ମର୍ତ୍ତ୍ୟ ସରଗ ପଡ଼ୁନାହିଁ ମୋତେ ଜଣା,
ଏତେ ଶୋଭା ତୋର କେଉଁ ଫୁଲ କଲ୍ପ ଚ୍ଛେର
ରହ ଆଜ ଥରେ ଦେଖିନିଏ ଭଲ କରି ?"

ଚୁମ୍ବେ ତରୁଣୀ ତରୁଣ ନୟନ ହସି !
ଶତ ଯୁଗ ବ୍ୟଥା ଦୁଃଖ ସ୍ୱପ୍ନ
ପରଶୁ ଯାଏ ବା ଖସି !

# ପ୍ରଣୟୀର ଆଦ୍ୟ ଅନୁନୟ

॥ ୧ ॥ କାହିଁ ପାଇଁ କୌତୁହଳ ? ନିରୁଦ୍‌ବେଗକର ବନ୍ଧୁ ମନ !
କି ଲଭିବ ହରିବ ମୋର ଯୁଗବ୍ୟାପୀ ସୂକ୍ଷ୍ମ ଆବରଣ ?
ବିନୟ ବିଭୂଷା ଭଙ୍ଗୀ ବ୍ରୀଡ଼ାନତ ମୋ ନୟନ ତଳେ,
ତୀବ୍ର ଅଭିଳାଷ ତବ ଦେଖିବାକୁ କି ଆଲୋକ ଜଳେ ?
ଗୋଲାପ ମାଧୁରୀ ଅବା ପଦ୍ମ ଗନ୍ଧେ ଲୁବ୍ଧ ବନ୍ଧୁ ତୃଷ୍ଣା ?
ଛିନ୍ନ କରି ବୃନ୍ତ ଦଳ ଯେସନେ ବୈଜ୍ଞାନିକ ଦୂରଦୃଷ୍ଟ
ଜ୍ଞାନର ପିପାସା ଲାଗି, ତା ମାଧୁର୍ଯ୍ୟ କରି ଛିନ୍ନ ଭିନ୍ନ
ସୁଖୀ ଦେଖି ରୂପ ତଳେ କି ଆଲୋକ ଜଳେ ନିଶି ଦିନ ?
ଶାନ୍ତ କୌତୁହଳ ତବ ? ନ କର ସେ ବିଫଳ ପ୍ରୟାସ ।
ତୃପ୍ତି ବିନିମୟେ ବୃଥା କିଣ କାହିଁ ଅଶେଷ ନୈରାଶ୍ୟ !
ଜୀବନର ନଗ୍ନ ରୂପେ ଏ ଧରାର ସୌନ୍ଦର୍ଯ୍ୟ ପିପାସୁ
ଅମରାବତୀରୁ ଅବା ବିଶ୍ୱ ସ୍ରଷ୍ଟି ସୌନ୍ଦର୍ଯ୍ୟ ପ୍ରକାଶୁ;
ବ୍ରୀଡ଼ାର ସମ୍ପଦ ଶୋଭା ନାରୀ ଅଙ୍ଗ କରିଛି ଭୂଷଣ,
ଛିନ୍ନ କର ନାହିଁ ତାକୁ ! ଯେନ ମୋର ଦୀନ ନିବେଦନ !

॥ ୨ ॥ ଇଚ୍ଛା ନାହିଁ ଧୃତି ସଖା ? ଘନ ଘନ ଟାଣୁଛି ଉତ୍ତରୀ—
ପ୍ରଗଲ୍‌ଭ ସମୀର ଯେସନେ ଯାଏ ଦୋଳି ବାସନ୍ତୀ ବଲ୍ଲରୀ !
ନୁହଁ ତୃପ୍ତ ଦେଖି ମୋର ନିମୀଳିତ ଚକ୍ଷୁ, ମନ୍ଦ ହାସ ?
ତରୁଣୀ ଆତ୍ମାର ଲେଡ଼ି ବନ୍ଧୁ ବେଣୁ ମୋ ନଗ୍ନ ପ୍ରକାଶ ?
ଲଜ୍ଜାରେ ମୁଁ ଯାଏଁ ସଢ଼ି ! ଦେଖି ତୁମେ ହେଉଛ ବିମର୍ଷ ?
ଅପ୍ରକାଶ ମୋ ଆନନ୍ଦ ତୃପ୍ତି ଲଭ ତବ ପୁଣ୍ୟ ସ୍ପର୍ଶ !
ବିଳମ୍ବ ନସହେ ତିଳେ ? ଧର ଧୈର୍ଯ୍ୟ ଚିର ପ୍ରାଣଧନ,
ବ୍ୟର୍ଥ କର ନାହିଁ ଚିର ନିଃସ୍ୱ ପ୍ରାଣ ପୂଜା ଆୟୋଜନ !
ଅମୂଲ୍ୟ ପବିତ୍ର ସ୍ପର୍ଶ ! ଅଦୃଷ୍ଟ ମୋ ଦେବତା ସାନ୍ନିଧ୍ୟ
କି ଦେବି ତା ପ୍ରତିଦାନ ଖାଲି ଲାଜେ ମରେଁ ଚିରସ୍ନିଗ୍ଧ !

ନଗଣ୍ୟ ମୋ ଦାନ ତୁଚ୍ଛ, ଅପୂର୍ଣ୍ଣ ମୋ ଏ ନୈବେଦ୍ୟ ଥାଳ,
ଆରାଧ୍ୟ ମନ୍ଦିର ଦ୍ୱାରେ ତେଣୁ ବେଳ ଯାଏ ମୋର ଖାଲି !
ମନ୍ଦିରେ ଦେବାକୁ ପାଦ ଥରେ ଦେହ ଶତଗୁଣ ବ୍ୟଥା,
ତୁଚ୍ଛ ରୂପ ବନ୍ଦ ବୃଥା ଲଜ୍ଜା ଦଅ ଆରାଧ୍ୟ ଦେବତା !

॥ ୩ ॥ ପ୍ରଣୟ ପ୍ରଥମ ସ୍ପର୍ଶେ ମଧୁର ଏ ଅଦ୍ଭୁତ ମିଳନେ,
ନ ପାରେଁ ସମଜ ବନ୍ଧୁ ଚଞ୍ଚଳତା କମ୍ପେ କ୍ଷଣେ କ୍ଷଣେ !
ସହସ୍ର ପ୍ରୟାସେ ଭୀରୁ ନେତ୍ର ଯୁଗ ନୁହେଁ ଉନ୍ମୀଳିତ,
ଅଦୃଷ୍ଟ ସାଗର ପାରୁ ଯେପ୍ରେ ଧୀରେ ଅମର ସଙ୍ଗୀତ
ଭାସି ଆସେ ସମୀରଣେ ! ଚତୁର୍ଦ୍ଦିଗ କୌମୁଦୀ ପ୍ଲାବିତ !
ବସିଛ ନା ତୁମେ ବନ୍ଧୁ ?—ଚିରାରାଧ୍ୟ ପ୍ରଣୟ ବାଞ୍ଛିତ ?
ତୁମରି ସାନ୍ନିଧ୍ୟେ ଆଜ ଧନ୍ୟ କର ମୋ ହୃଦୟ ରାଜ,
ଲୁଣ୍ଠିବ କି ସୁଖ ଠେକ ? ତୀବ୍ର ଇଚ୍ଛା ! ମାତ୍ର ଲାଗେ ଲାଜ
ବାନ୍ଧିଁକ ଅସ୍ଥିର ତୁମେ ? ପଢୁଛ ଦର୍ଶନ ବାସନା ?
ନାହିଁ, ନାହିଁ, ! ନୟନ ମୋ ଦେଖାଇଛି ଜୀବନେ ଛଳନା !
ଦେବତାର ସ୍ପର୍ଶ ସମ ତୁମ ଅଙ୍ଗ ଗନ୍ଧ ଯାଏ ଛୁଇଁ,
ଯେସନେ ବାସନ୍ତୀ ସନ୍ଧ୍ୟା ଅନ୍ଧକାରେ ମୁକୁଳଇ ଭୁଇଁ,
ଲୁଣ୍ଠିତ ସୁନ୍ଦର ଆଜ ! ମର ପ୍ରାଣ ପ୍ରସ୍ଥିତ ଅମର !
ଏ କୌମୁଦୀ-ସ୍ୱପ୍ନ-ଲୋକେ ବନ୍ଧୁ ମୋ ଜୀବନ ଦାନଭର !

॥ ୪ ॥ ଏ ନଶ୍ୱର ଦେହ ପରେ ଗଢ଼ିଲେ ଯେ ଦେବତା ମନ୍ଦିର,
କଳୁଷ କାଳିମା ପରେ ପୁଣ୍ୟ ସ୍ୱପ୍ନ ଯେବା କଲେ ସ୍ଥିର,
କଲେ ଦେବ-ଯୋଗ୍ୟ, ଯାନା ନାସ୍ତି ନମେ ଭକ୍ତି ପ୍ରୀତିଭରେ !
ସାଗର ମନ୍ଥନୁ ଅବା ଅମୃତର ସନ୍ଧାନ ଅନ୍ତରେ !
ଦେବତାର ସୃଷ୍ଟି ତୁମେ, ବନ୍ଧୁ, ମୋର ଦେବତାର ଦାନ,
ସେ ଅନ୍ତର ଶୁଭ୍ର ପୂତ ଅମୃତର ନିତ୍ୟ ଅଧିଷ୍ଠାନ !
ଖସିଛି ବାସନା-ମୋହ, କମ୍ପା ପୁଣି କ୍ଷଣ ଚପଳତା ?
ସ୍ଥିର ହୁଅ ! ଦେବତାର ଦାନେ କର ଅବନତ ମଥା !

ଆଜିର ଏ ପୁଣ୍ୟ ଲଗ୍ନ ଜୀବନରେ ହେଉ ଗୋ ଅମର,
କ୍ଷଣ ସ୍ପର୍ଶ ଅନୁଭୂତି, ନୀରବ ଏ ନିଭୃତ ବାସର,
ଏ ସ୍ବଚ୍ଛସ୍ତୁ ପବିତ୍ରତା, ଧନ୍ୟ କରୁ ବ୍ୟାକୁଳ ଜୀବନ !
ମାନବର ଭାଗ୍ୟ ଡୋରି ଧରି ପଛେ ହସୁ ଗୋ ମରଣ ।
ଲଜ୍ଜା ଆବରଣ ମୋର ବନ୍ଧୁ, ପୁଣ୍ୟ-ସୌନ୍ଦର୍ଯ୍ୟ-ସମ୍ବଳ,
ଜନ୍ମେ ତା'ର ପୁଞ୍ଜିଭୂତ ସଂଗ୍ରାମର କଳୁଷ-ଗରଳ ।

# ବନ୍ୟା ବିପ୍ଳବ

॥ ୧ ॥ ବନ୍ୟା ବନ୍ୟା ଚତୁର୍ଦ୍ଦିଗେ ପ୍ରଳୟ ପ୍ଳାବନ !
ଲକ୍ଷ ଆର୍ତ୍ତକଣ୍ଠ ଡାକେ ରକ୍ଷ ନାରାୟଣ !
ଅନାଥ ଶରଣ ପ୍ରଭୁ ଅଶ୍ରୁ ନିବେଦନ,
ବିକଳ ପ୍ରାର୍ଥନା ସତେ ହେବ ଅକାରଣ ?
ବିଫଳ କି ହେବ ଅସହାୟ ହାହାକାର,
ନ ଫିଟିବ ରୁଦ୍ଧ ତବ ମନ୍ଦିର ଦୁଆର ?
ମରଣ ପ୍ରଖର ସ୍ରୋତେ ଯିବେ କେତେ ଭସି—
ମୂକ ପଶୁ ସମ ଜନ ପ୍ରାଣୀ ରାଶି ରାଶି ?
ନୀରବେ ରହିବ ତୁହିଁ ମୂକ ଶିଳା ସମ ?
ନିଷ୍ଠୁର ଏ ନୀରବତା ତୁମରି ଧରମ ?
ନ ଟଳିବ କିଲେ ତୁମ ନିଷ୍ଠୁର ବିଧାନ ?
ମଳିନ ସକଳ ଦମ୍ଭ ଜ୍ଞାନ ଅଭିମାନ ?
ସୃଜନ ପ୍ରଳୟ ତବ ନିତ୍ୟ ରାସୋତ୍ସବେ
ନିର୍ବିକାରେ ତବ ଶଙ୍ଖ ନିର୍ଘୋଷେ ନୀରବେ ।

॥ ୨ ॥ ଉଠେ ହସେ ଜଳ ସ୍ରୋତ ! ପ୍ରବଳ ଗର୍ଜ୍ଜନ !
ପ୍ରାଣ ଭିକ୍ଷା ଶୁଣି ବ୍ୟଙ୍ଗ କରଇ ମରଣ !
ଉପହାସ କରେ ବାତ୍ୟା, ଭସିଯାଏ ତରୀ,
ମରଣ ଗରଭେ ତରୁ ଜୀର୍ଣ୍ଣ ପତ୍ର ପରି ।
ନିଷ୍ଫଳ ବେଦନା ଅଶ୍ରୁ ଆତ୍ମସମର୍ପଣ,
ଆତ୍ମ ତ୍ୟାଗ ସେବା ନିଷ୍ଠା ଜଳ ନିମଗନ,
ପାପ ପୁଣ୍ୟ ଗଣ୍ଡି ଦିବା ସବୁ ଏକାକାର,
ଧର୍ମାଧର୍ମ ଭେଦ ବୁଦ୍ଧି ମାନବ ବିକାର,
ଲୁପ୍ତ କରି ବହିଯାଏ କାଳ ବନ୍ୟା ସ୍ରୋତ,
ମାନବର ପ୍ରଜ୍ଞା ଯେହ୍ନେ ଅସହାୟ ପୋତ !

ସବୁ ମିଥ୍ୟା କରି ପ୍ରଭୁ ହୁଏ ପ୍ରତିଷ୍ଠିତ
ଅଲଂଘ୍ୟ ବିଧାନ ତବ ! ମଙ୍ଗଳ ସଙ୍ଗୀତ—
ମୃତ୍ୟୁ ଗର୍ଭୁଁ ଉଠେ ମାତେ ପରିହରି ଜନ,
ତୁମ ଦୀପାଲୋକେ କରି ତମିସ୍ର ହରଣ !

॥ ୩ ॥ ମରିବୁ ସକଳ ଜନ ମୂକ ପଶୁ ସମ ?
ଏ ସକଳ ହାହାକାର ଆର୍ତ୍ତନାଦ ଯତ—
ନିଷ୍ଫଳ ହେବ କି ସତେ ସର୍ବ ଦେବତା ?
ନ ଫିଟିବ ରୁଦ୍ଧ ଦ୍ୱାର ? ନ ବାଜିବ ବ୍ୟଥା ?
ମରିବୁଁ ମାରିବେ ନିଷ୍ଠୁର ମନ୍ତ୍ରୁଁ ମାତର,
ତୁମ୍ଭ ନାମ ନିଷ୍ଠୁରତା ଗାଇବୁଁ ନିକର,
ଉଚ୍ଚସ୍ୱରେ କମ୍ପାଇ ଏ ଅସୀମ ଗଗନ
କରି ନମସ୍କାର ପ୍ରଭୁ ବରିବୁଁ ମରଣ !
ଯାହାର ଇଚ୍ଛାରେ କୋଟି ଗ୍ରହ ଚନ୍ଦ୍ର ତାରା,
କରନ୍ତି ବିହାର ଅନନ୍ତ ସୃଷ୍ଟି ସାରା,
ମୃତ୍ତିମେଷୁ ନିଃସୃଜନ କିବା ଆମେ ଗୁରୁ ?
ମାରିବେ ବିଧାନ ତବ କରିବୁଁ ପ୍ରଚୁର ।
ନଅ ଅଶ୍ରୁ, ସୃଷ୍ଟି ସ୍ମୃତି ପ୍ରଳୟ କରତା
ଜଳସ୍ରୋତେ ଭାସିଯିବୁଁ ନହିଁ ତିଳେ ବ୍ୟଥା ।

॥ ୪ ॥ ଦୁର୍ଭେଦ୍ୟ ଏ ମରଣର ଅନ୍ଧକାର ଭେଦ
କରେ କିବା ଆଶା ଦୀପ୍ତ ଆନ ନଏ ଖେଦ ?
ଈଶ୍ୱର ଜୀବନ ଦାତା ? ମାନବ ସେବକ ?
ଦେବତାର ଦୂତ ଅବା ? ରକ୍ଷ ପ୍ରାଣ ରକ୍ଷ !
ଲକ୍ଷ ମୂକ ଜନଙ୍କର ଜର୍ଜର ଜୀବନ,
ପାଞ୍ଚ ଦିନ ହେଲା ପିଣ୍ଡ ମିଳୁ ନହିଁ ଅନ୍ନ !
ମାରିବେ ଗଲେଣି ଭାସି ମୂକ ପଶୁ ପରେ
କରୁଣ କଳନା କେବା ? ହାକି କହେ କେତେ—

ମାରବେ ଉଦ୍ଭିନ୍ନଁ ଶୁଣି କାଳର ଆହ୍ୱାନ,
ଦେବତାରୁ ବଳି ତୁମେ, ରଖ ରଖ ପ୍ରାଣ !
ସାମାନ୍ୟ ମାନବ ନୁହ ତୁମେ ଦେବ ଦୂତ,
ତୁମ ରକ୍ତେ ନିର୍ମିତ ଏ ଧରା ନିତ୍ୟ ପୂତ !
ଅମୃତ ମଙ୍ଗଳମୟ ତୁମ ପାଦ ସ୍ପର୍ଶ !
ମୃତ୍ୟୁ-ତଳେ ପ୍ରାଣ-ପଦ୍ମ ବିକଶେ ହରଷେ ।

॥ ୫ ॥ ବନ୍ୟା ପ୍ରପୀଡ଼ିତ ଦେଖ ଶତ ନିଃସ୍ୱ ଦୀନ ଗ୍ରାମବାସୀ,
ସହାୟ ସମ୍ବଳ ହୀନ କ୍ଷୁଦ୍ର ପଲ୍ଲୀ ଯାଉଛନ୍ତି ଯେ ଭାସି—
ଗତ ବରଷ ! ଶୂନ୍ୟ ହସ୍ତେ ଛାଡ଼ି ସବୁ ଆସିଲେ ପଳାଇ
ପଥ ପାର୍ଶ୍ୱେ ! ବୃକ୍ଷତଳ ବିନା ତାଙ୍କୁ ଆଶ୍ରା ଅନ୍ୟ ନାହିଁ ।
ତା ପରେ ପ୍ରବଳ ବୃଷ୍ଟି, ଅବିରଳ ଧାରା ପଡ଼େ ଝରି,
ଶୂନ୍ୟ ପିଣ୍ଡ, ବିବସନ ଦେହ, ମଜ୍ଜା ଅସ୍ଥି ଉଠେ ଥରି ।
ଲତା ଗୁଳ୍ମ ଅନ୍ତରାଳେ ଯୁବା ନାରୀ ରଖେ ତାର ମାନ
ତା କୋଳେ ବୁଭୁକ୍ଷୁ ଶିଶୁ ପାଶେ ବୃଦ୍ଧା କହେ ଗଲା ପ୍ରାଣ !
ମୂକ ପଶୁ ସମ ସର୍ବେ ଶୂନ୍ୟଟାକୁ ରହିଛନ୍ତି ଚାହିଁ,
କି ହେବେ ଆଶ୍ରୟ ଲାଗି ? ନେହେ ତାଙ୍କ ଜଳ ବିନ୍ଦୁ ନାହିଁ ।
କାହା ମୁଖେ ନାହିଁ ଦିଶେ ରୋଗୀ ଜନ କ୍ଷୀଣ ଆଶା ରେଖା,
ଗୋଷ୍ଠ ଗାଈ ସମ ମୂକ କରୁଛନ୍ତି ମରଣ ଅପେକ୍ଷା ।
ଗୃଧ୍ର ଦଳ ବୃକ୍ଷ ଶାଖେ କରୁଛନ୍ତି ଅବା ଉପହାସ,
ନର ଭାଗ୍ୟ ଦେଖି ତହିଁ ! ଚତୁର୍ଦ୍ଦିଗ ମରଣର ହାସ !

॥ ୬ ॥ ସାମ୍ୟବାଦୀ ଦେଶସେବୀ ଧନୀ-ନସୀବେ ଅଙ୍ଗୁଳି ଦର୍ଶାଇ,
ତର୍କ କହେ ଧ୍ୱଂସ ବିନା ଦରିଦ୍ରର ଅନ୍ୟ ଗତି ନାହିଁ !
ପର ଅଙ୍ଗ ପୁଷ୍ଟ ଯେତେ ନବସନ୍ତ ବିଳାସ ବ୍ୟସନେ
ଗତ୍ୟନ୍ତର ନାହିଁ ଯେବେ ନ ମିଶିବେ ମାଟିରେ ସେ ରଣେ ।
ବନ୍ୟାକ୍ଳିଷ୍ଟ ବୃଦ୍ଧ କହେ "ଲୋଡ଼ା ନାହିଁ ବାବୁ ଅଭିଶାପେ,
ସୃଷ୍ଟିର ମଙ୍ଗଳ ହେଉ ଆମେ ପଚେ ମରୁଁ ଆତ୍ମ-ପାପେ !"

ସୃଜନ ଏ ଧରାରେ କେତେ ଧ୍ୱଂସ କେତେ ସୃଷ୍ଟି ଲୀଳା
ପ୍ରୟାସ କରଇ ବ୍ୟର୍ଥ—କହ ଏନ୍ତୁ କନ୍ୟା କାହିଁ ଥିଲ ?
ସକଳ ଉଦ୍ଦେଶ୍ୟ ତାର ! ନଷ୍ଟଏ ସେ ଯେତେ ଦରକାର,
ମାରେ ନରପୀଡ଼ନକ ପଶୁ ସମ କରେ ହାହାକାର !
ଜାଣେ ଏକା ସେନ୍ତୁ ସିନା ପଥ ଧାରେ କର୍ମୀ କଲ ଠିଆ
ଉଦ୍ଦେଶ୍ୟ ତାଂ ଦେଲ ସିଦ୍ଧ ଏ ଜୀବନ ଯାଉ ଦଅ ନଅ !
ଜଗନ୍ନାଥ, ଜଗନ୍ନାଥ, ସେନ୍ତୁ ଏକା ଭରସା ଜୀବନେ !
କଣ୍ଠ ମାରବନ୍ତ ବୁଦ୍ଧ ଶାସ୍ତ୍ର, ନେସେ ନମେ କହ ଜଣେ !

# ରୂପହୀନା

॥ ୧ ॥

ରୂପସୀ କୂଳେ ମୋହର ନ ମିଳୁ ପଛେ ଥାନ
ଶୋଚନା ନ କରିବୁ ସଜନ ମୋହ ପ୍ରାଣ ।
ଆସିଲେ ଫୁଲ ତୋଳି ଦେବତା ଉପବନେ,
ଝଟମଟେ ଦେଲେ ଗୁଣି ନିଜକୁ ଭୁଲେଁ କ୍ଷଣେ !
ଶ୍ରାବଣ ଘୋର ଘନ ଯେମନ୍ତେ ଗଲେ ଛୁଟି,
କୌମୁଦୀ ମାଧୁରୀ ଲେକ ଯେସନେ ଉଠେ ଫୁଟି,
ତା ବଳ ବିମୋହନ ରୂପାଣୀ ସନ୍ଧି ତୋର,
ଶାସ୍ତ୍ରକ ହାଣେ ବସି ଚନ୍ଦ୍ରିକେ ମନ ଚୋର !
ମଧୁର ଗ୍ରୀବାଭଙ୍ଗୀ ମଧୁର ମନ୍ଦହାସ,
ଅମର ଯୌବନର ଝରଣି ପରକାଶ;
ମଧୁର ଭ୍ରୂଯୁଗ କଞ୍ଚିତ ବ୍ରୀଡ଼ାନତ,
ସେ ପାଦତଳେ ଫୁଟେ କୁସୁମ କେତେ ଶତ !
ଦେଖିଲେ କୋଟିନିଧି ଲଭଇ ଅବା ପ୍ରାଣ,
ରୂପସୀ କୂଳେ ତେତେ ନ ମିଳୁ ପଛେ ସ୍ଥାନ ।

॥ ୨ ॥

ଯୌବନ ମଧୁମାସ ଅବା ମଳୟ ବାଇ
ସେ ତନୁଲତା ମୋର ଛୁଇଁଛି ଅବା ନାହିଁ,
ଦେହ ଶିର ଚପଳଙ୍ଗୀ ଅଧୀର ତୋର ଗତି,
କୁସୁମ ବନେ ଅବା ଚଞ୍ଚଳଇ ପ୍ରଜାପତି !
କଥା କଥାକେ ମୋର ଉଲ୍ଲସି ପରକାଶ,
ଯୌବନ ସୁରଧୁନୀ ସମାନ ଝରେ ହାସ !
ଜାଣଇଁ ନୋହୁଁ ତୁଭ କା ହୃଦ ସୋହାଗିନୀ,
ଏ ରୂପ ରମଣୀର କାହାକୁ ନାହୁଁ କଣି ।
ଉଲ୍ଲସି ତେବେ ତୋର ନୁହଇ ତିଳେ ଊଣ ।
ଏ ପଥେ ଅକାତରେ ହାସ ପୀୟୂଷ ବୁଣ ।

ସେ ରୂପ ସ୍ୱପ୍ନେ ଯେବା କରୁ ଗୋ ଉପହାସ
ସର୍ବ୍ବ-ଶ [illegible] ପରକାଶ
ସ୍ୱରୂପ ସ୍ପର୍ଶି [illegible] କରେ ଧ୍ୟାନ,
ରୂପସୀ କୁନ୍ତଳ ତୋ [illegible] ଚିତ୍ତ ପଛେ ଥାନ ।

॥ ୩ ॥

ରମଣୀ ତୋ ଲାଗି ଜନ୍ମ ନୁହଇ ତୋର ସତ୍ତ୍ୱ
ତୋ ଉର୍ଦ୍ଧ୍ୱ କଳି ରୂପ ଧରଇ କେତେ ମସ୍ତ ।
କବିତା କଳପନା ସ୍ଫୁରେନା ତୋତେ ଦେଖି
ଭରମେ ରୂପକାର [illegible] ଧାଏ ରୂପରେଖି ।
ନାସ୍ତି ତୋ ଶିଳ ଫୁଲ [illegible] ଗଜଗତି
ତୋ ଦେହ ବାସେ ଅଳି ନ ବୁଲେ ଚଉକତି ।
ତେବେ ତ ସତ୍ତ୍ୱ ମୋର ଉପମା ନୁହେଁ ଶେଷ
କରିବେ କେତେ ଗୁଣୀ କରୁଏ ମୋତେ ଶ୍ଳେଷ ।
କହିବେ ଜଟେତ୍ରଗ [illegible] ମତ ଭ୍ରମ
ଅପାନେ [illegible] ତେଣୁ ଢାଳଇ ସବୁ ଶ୍ରମ ।
ମାତର ଅନୁରାଗ ବଢ଼ଇ ଦିନୁ ଦିନ !
ତୋ ଲୀଳା ପରକାଶେ ସକଳ ଅମଳିନ !
ଆସଇ ନିଭି ଧୀରେ ଜୀବନ କ୍ଷୀଣବର୍ତ୍ତି
ମରଣ ପରଶନ୍ତ ମୋର ଅମ୍ଲାନବର୍ତ୍ତି ।

॥ ୪ ॥

ରୂପର ଗଉରବ ତୋର ତୋ ଅପ୍ରକଟ
ସେ ଲଗି [illegible] ମୁଁ ଗ୍ରନ୍ଥ ତୋ ତନୁତଟ ।
ବୁଡ଼ଇ ମନମତେ ତୋ ପ୍ରାଣ ପାରାବାରେ
ସଫଳ ହେଲା ମୋର ନୁହଇ ଭ୍ରମି ଧାରେ ।
ଏ ଭବ-ହାଟେ [illegible] ଦିନ ବ୍ୟବସାୟ
ଭ୍ରମିରେ ଭ୍ରମି ମିଳେ [illegible] ଉପହାସ ?
ତୋ କ୍ଷୀଣ ହାସ ଭଙ୍ଗୀ ସ୍ୱରୂପ ନୁହେ ହେୟ
ହୃଦୟ-ପୁଟେ ତୋର ଅମୂଲ୍ୟ ମୋ ପାଥେୟ ।

ନୟନ ଅନ୍ତରାଳେ ପୀରତି-କମଳ ଗୋ
ନଶ୍ୱର ତଳେ ପ୍ରାଣ ପୀୟୂଷ ତରଳ ଗୋ ।
ଦେଖି ସେ ପୁଣ୍ୟ ଶିଖା ପରଶେ ମନ ଲୁବ୍ଧ
ଗଣିବା ନୋହୁ ପଛେ ମୋ ପ୍ରୀତି ମଣି ଶୁଦ୍ଧ ।
ଲୋଭକ ଆସେ ଭରି କି ଦେବ ସନମାନ
ହେ ଖର ରୂପସ୍ୱିନା ଦୂର ସାଗର ଗାନ !

●

[ ୧୯୩୩ ]

# ଅଗସ୍ତ୍ୟ

॥ ୧ ॥

ଅଗସ୍ତ୍ୟ ଆସିଛ ତୁମେ ? ଦେଖି ନାହିଁ ଥରେ
ମାତର ପାଉଛୁ ବୁଝି ଆକାଶ ଆଗରେ—
ଛଟିମା ପୂଲକେ ଦୂର ଶ୍ୟାମ ବଣୀଳ ଦେବେହ
ଲଗାଇ ଚଲଣି ପୂର୍ବେ ଝରଛନ୍ତି ସ୍ନେହ ।
ମାଳ ଇନ୍ଦ୍ରଧନୁ ବର୍ଣ୍ଣ ଚୌଦିଗେ ପ୍ରକାଶ
ଅସ୍ପୃଷ୍ଟ ଆଶାରେ କିବା କ୍ଷୀଣ କାନ-ଦ୍ୱାର ।
ଲାଗିଛି ଆକାଶେ ନବ ଜୀବନ ପ୍ରଧାନ
ଅଭିଶପ୍ତ ଏ ଧରାର ନୀଚ ଅଭିମାନ ।
ସକଳ ପଦାର୍ଥ ସ୍ୱଚ୍ଛ ଦର୍ପଣେ ମଞ୍ଜିଳ
ବନ୍ଦୀ ମୁହିଁ କାରାବାସୀ ଚକ୍ଷୁ ଛଳ ଛଳ ।
ଦେଖିନାହିଁ; ମାତ୍ର ତୁମ ମୂର୍ତ୍ତି ଧ୍ୟାନ କରି—
ମୋ ପରାଣ ପ୍ରତିପୂର୍ଣ୍ଣ ନବ ଅନୁରାଗୀ ।
ଗାଉଛି ଗୋପନ ସ୍ୱରେ ନୂତନ ପ୍ରତିମା
ଶୁଭ୍ର ହେବ କେବେ ମୋର କଦମ କାଳିମା ?

॥ ୨ ॥

ନିସ୍ତରଙ୍ଗ ଜଳସ୍ରୋତ ! ପ୍ରଶାନ୍ତ ଆକାଶ !
ଚୌଦିଗେ ଖେଳଇ ସେପ୍ରେମ ସ୍ନିଗ୍ଧ ଧାନ୍ୟ ଉଲ୍ଲାସ !
କମଳାସ୍ତୁ ସ୍ଥଳପଦ୍ମ ଦୂର ଆକାଶର
ଛନ୍ଦିନିତ ଚନ୍ଦ୍ରଧନୁ ପୂର୍ଣ୍ଣ ଅନ୍ତର ।
ଦୂର ଶ୍ୟାମ ଧାନ୍ୟ କ୍ଷେତ୍ରେ ଲକ୍ଷ ଶିଷ ଦୋଳନ
ସୁଦୂର ପୀରତ୍ତ ମାଧୁରୀ ସ୍ମୃତିର ସ୍ପନ୍ଦନ ।
ସକଳ ପଦାର୍ଥ କଲ, ସ୍ପର୍ଶେ ତବ ଧନ୍ୟ,
ଅନ୍ଧକାର ଗୃହ କୋଣେ ମାତ୍ର ମୁଁ ନଗଣ୍ୟ —

ଏକାଗ୍ର ରହିଲି ଚଢ଼ି ଚଞ୍ଚଳ ସେ ଜମା
ତୁମର ପରଶ ବିନା କରିବ କେ କ୍ଷମା ?
ନିଶିଦିନ କରୁଛି ମୁଁ ତୁମରି ପ୍ରତୀକ୍ଷା
ଅଶ୍ରୁନେତ୍ରେ ନିତି ତବ ଅନୁଗ୍ରହ ଭିକ୍ଷା ।
ପରଶେ କରିବ ବୋଲି ସୁବର୍ଣ୍ଣ ମୋ ଲୁହା
ଜାଗିଛି ସ୍ୱପ୍ନରେ ପ୍ରାଣେ ଅଭିସାର-ସ୍ପୃହା !

# * ଦେବଦୂତ

॥ ୧ ॥

ପଠାଉଛ ଦେବଦୂତ ମାନବ ସ୍ୱରୂପେ
ଲଭିବୁଁ ଆଲୋକ ପ୍ରେମ ଜ୍ଞାନ ଅନ୍ଧକୂପେ ।
ନଗଣ୍ୟ ଜୀବନ ମୂକ ଦୈନ୍ୟ ନିପୀଡ଼ିତ
ଶୁଣାଉଛ ମର ମୁଖେ ଅମୃତ ସଙ୍ଗୀତ ।
ଶୁଣାଉଛ ତୁମ ବାଣୀ ଅଷର ଭରସା,
ଶୁଷ୍କ ରୁକ୍ଷ ପ୍ରାଣ ଭୂମେ ମଙ୍ଗଳ ବରଷା ।
ଜୀବନ ଭରତା ନିତ୍ୟ ଜୀବନ ଆଧାର !
ଅସୀମ ଅନନ୍ତ ତବ କୃପା ପାରାବାର ।
ଜାଣି ଜାଣୁ ନାହୁଁ ଏ ସକଳ ମୂକ ପଶୁ
ତେଣୁ ନିତ୍ୟ ଜାଲ ଧରି ମାନବ ପରଶୁ—
ପଠାଉଛ, ତାର ମୌନ ! ଦସ୍ୟୁ ନୁହେଁ ଊଣା !
କୋଟି ପଶୁ ପ୍ରାଣଲୀନ୍ଧ କରିବାକୁ ସୁନା ।
ଅଟଳ ନ ହେଲ ତେବେ ଅଧ୍ରୁବ ବିଶ୍ୱାସ
ଚିରନ୍ଦନଅନ୍ଧକୂପେ ସର୍ବନାଶ ବାସ ।

॥ ୨ ॥

ଦେବତା ତୁମର ଦୂତ ପ୍ରଶାନ୍ତ ମୂରତି
ଉଜ୍ଜ୍ୱଳ ନୟନ ଛବି ଯେସନେ ମୁକତି !
ଦେଖିଛି ମୁଁ ଅନ୍ଧକାରେ, ଲଭିଛି ସାନ୍ତ୍ୱନା,
ଭୁଲିଛି ନିରେଖି ରୂପ ସହସ୍ର ଲାଞ୍ଛନା ।
ଶତ ପ୍ରବଞ୍ଚନା ଦୈନ୍ୟ ମୋ କାଳିମା ରାଶି,
ତା ଅମୃତ ବାଣୀ ସ୍ପର୍ଶେ ଯାଏ କ୍ଷଣେ ଭାସି ।
ଉଜ୍ଜ୍ୱଳ ସୁନ୍ଦର ନର ହୃଦୟର ମଣି
ତା ପାଦ ପରଶ ବହି ଗର୍ବିତା ଅବନୀ ।

---

* ୧୯୩୩ ସାଲ । ରାଜା ରାମମୋହନଙ୍କ ବ୍ୟକ୍ତିତ୍ୱ ବିଷୟରେ ଦୀନବନ୍ଧୁ ଆଣ୍ଡ୍ରୁଜଙ୍କ ବକ୍ତୃତା ଶ୍ରବଣାନ୍ତର ରଚିତ ।

ଅଟଳ ବିଶ୍ୱାସ ଆଶା ଯେସନେ ବଢ଼ଣୀ
ନିମେଷକ ଲଗି ଦେହରେ ନିଏ ଆକରଷି ।
ପଙ୍କିଲ ଏ ସଂସାରେ ! ଫୁଟେ ଶତଦଳ
ବକୁଚ ହୋଇ ଯେନେ ବାଷ୍ପ ତଳ ତଳ ।
ମାନସ ଯେ ? ବିଶ୍ୱର ପଙ୍କେ, ମାନବ-ଦେବତା !
ତା ପଦ ଧୂଳିରେ ଲୋଟି ଯାଉ ମାନ ମଥା ।

ରାହି ଅବସାଦେ ଯେ-ଦ୍ୱନ୍ଦ୍ୱ ଧୀରେ ଉଠେ ସୂର୍ଯ୍ୟ
ଅବସାଦ ପ୍ରବାହୁଁ ଯେସନେ ହେ ପୂଜ୍ୟ—
ଆସ ଯୁଗେ ଯୁଗେ ବୁଦ୍ଧ, ଖ୍ରୀଷ୍ଟ ଚୈତନ୍ୟ
ବଜାଇ ଗମ୍ଭୀର ସ୍ୱରେ ପ୍ରୀତି ପାଞ୍ଚଜନ୍ୟ ;
ସେ କି ମିଥ୍ୟା ? ମାନବ କି ଶୁଣିନାହିଁ ବାଣୀ ?
ପ୍ରଖର ଧ୍ୱଂସର ବନ୍ୟା ଆସିନ ଉଜାଣି ?
ଆସିଛି, ଆସୁଛି ଆଜି ନାହିଁ ଅବକାଶ,
କ୍ଷୁଦ୍ର ଏ ମାନବ ପ୍ରାଣେ ଦେବତା ପ୍ରକାଶ,
ସହଜ ସରଳ ଭାବେ ହୁଅଇ ସମ୍ଭବ,
ନୀରବେ ଲଗିଛି ପ୍ରୀତି-ବିଶ୍ୱାସ-ଉତ୍ସବ ।
ନିଶବଦେ ପ୍ରୀତି ସିନ୍ଧୁ ଉଠଇ ଉଚ୍ଛୁଳ
ମରେଁ ମୁଁ ବିଫଳେ ସିନା କୂଳେ ବୁଲି ବୁଲି ।
ପୂଜନର କୋଳାହଳେ ନିତ ହେଲି ବଣା
ତୁମ ନିଶବଦ ଗତି କାହୁଁ ପଡ଼େ ଜଣା ?

॥ ୪ ॥

ହେ ମାନବ ବନ୍ଧୁ ! ଆଜି ମୋ କୁଟୀର ଦ୍ୱାରେ,
ଆସିଲ କରୁଣା ବନ୍ଧୁ ଯେବେ ଦୈନ୍ୟ ଭାରେ—
ଶୁଣ ନିଃସ୍ୱ ଅନ୍ତରର, କର ତାକୁ ସ୍ପର୍ଶ,
ତୁମ ନିତ୍ୟ ପ୍ରେମ ପଥେ ଉଦ୍ଧ ତାର ଯଶ ।
ସେ ଶିଳା ପ୍ରସ୍ତର ଖଣ୍ଡ ହେଲେ ଯାଉ ଦବି
ଧନ୍ୟ ହୁଏଁ ମୂକ ପଶୁ ଅଙ୍ଗ ସଙ୍ଗ ଲଭି ।

ଅଚ୍ଛ ଅଶ୍ରୁ ? ଦୀର୍ଘଶ୍ୱାସ ପ୍ରଚ୍ଛନ୍ନ ଅନ୍ତରେ ?
ବହସି ଯାଆତଗା ଥଲେ ମୋ ନୟନ ପଥେ ।
ଶୁଣାଅ ପୁଣି ଦେ । ବାଣୀ ନବ ବାଣୀ ଶ୍ରବଣେ
କମଳ ସୈକତେ ଫୁଟେ ଅମ୍ଳାନ ଜୀବନେ ।
ଜୀବନେ ଜାଣିଛି ତୁମ ଦେବତା କରୁଣା
ଯାନଜନେ ସେ ସମ୍ପଦ କରନାହିଁ ଊଣା ।
ଢାଳିଦିଅ ଅଶ୍ରୁ ବନ୍ଧୁ ! ଭୁଲି ଏ ମରଣ
ଲଭିବି ଅନ୍ତରେ ମର୍ତ୍ତ୍ୟ-ଜୀବନ-ସ୍ପନ୍ଦନ ।

|| ୫ ||

ତୁମ ବାଣୀ ଶୁଣେ ଯଥା ଅତଳ ସାଗରୁ
ଗମ୍ଭୀର ମୃଦଙ୍ଗ ଧ୍ୱନି ! ବ୍ରହ୍ମାଣ୍ଡ ଅନ୍ତରୁ—
ସୃଷ୍ଟି ଆଦ୍ୟ ସୁପ୍ତ ବାଣୀ ପଢନ୍ତ ମଙ୍ଗଳ,
ସ୍ତୁତିରେ ଅବିରାମ ଚିରପ୍ରେମୀ ଅବିରଳ—
ନିର୍ବିକାରେ; ପ୍ରାଣଦୀପ ଝଟଣ ଉଠେ ଜଳି,
ତୁମ ପୁଣ୍ୟ ସ୍ପର୍ଶେ ଶିଳା ଝଟଣ ଯାଏ ଗଳି !
ମାତ୍ର ତୁମେ ଗୁପ୍ତ ସମ ଗଲେ ଅଗୋଚର,
ସକଳ ପାଶୋରି ପୁଣି ବରଇଁ ଶବଦ ।
ଅନ୍ଧ ବିକଳାଙ୍ଗ ମୁଁ ଯେ ! ଚଢ଼ି ପଥ ପାର୍ଶ୍ୱେ—
ଦେଖିଛି ମୁକତି ପଥ ଦେବୋନି ମୁଁ ଆଶ୍ୱାସେ—
ଆପଣାକୁ, ଖଳ ପୁଣି ଅମୃ ଅଭିମାନେ—
ଲଭିଛି ମୁଁ ଦିବ୍ୟଗତି ଅମୃତ ପରଶେ !
ଅବିଦ୍ୟା ଗହ୍ୱରୁ କିଏ କାଢ଼ିବ ଉଦ୍ଧାର
ବତାଇ ନ ଦେଲେ ପଥ ଚିର ଆଏଷାର ?

|| ୬ ||

ଆଲୋକ ଯତନେ ସେନା ଆସ ଦେବଦୂତ,
ଅନ୍ଧକାର ଦୈନ୍ୟ ଟଳେ ଦୁର୍ବୃତ୍ତ ଅଦ୍ଭୁତ !
ମାଟିର ମାନବ ରକ୍ତ ମାଂସ କଙ୍କାଳର
ହୃଷ୍ଟପୁଷ୍ଟ ଫୁଟେ ଯଥା କମଳ ସୁନ୍ଦର !

ସହଜ ସରଳ ଭାବେ ଲଭିଛ ବିକାଶ,
ତେଣୁ ପାଇ ମାନବର ଆଲୋକ ଆଶ୍ୱାସ ।
ତୁମ ନେତ୍ର ସ୍ତରେ ଫୁଟେ ନୈରାଶ୍ୟର-ଆଶା,
ତୁମରି ଅନ୍ତରେ ପ୍ରୀତି ଅନୁକମ୍ପା-ଉଷା
ବଦନ ମଣ୍ଡଳେ ନିତ୍ୟ ତିତିକ୍ଷା ସୌମ୍ୟତା,
ନିରେଖିଲେ ଥରେ ନର ଭୁଲେ କ୍ଷତ ବ୍ୟଥା ।
ଅବିଦ୍ୟା ବିଧୃତ ବୁଦ୍ଧି କରେ ପ୍ରତ୍ୟାଖ୍ୟାନ ?
କ୍ଷମ ଅପରାଧ ସେ ଯେ ଶୈଶବ ଅଜ୍ଞାନ !
ପ୍ରସାର ଦକ୍ଷିଣ ଭୁଜ ! ପରମ ସହୃଦ !
ପୁଣ୍ୟ ସ୍ପର୍ଶେ ହେଉ ସୁପ୍ତ ପରାଣ ଉଦ୍‌ବୁଦ୍ଧ ।

# ପ୍ରଣୟୀର ଆଦଧାଶାଙ୍କା

॥ ୧ ॥

ମୋ ଯୌବନ ଉପବନେ ବିକଶିତ ଯେତେ ଜାତି ଫୁଲ,
ଶାରଦ ପ୍ରଭାତେ ବନ୍ଧୁ ସେ ସକଳ ଯତ୍ନେ କରି ଠୁଳ,
ଦେବତାର ବେଦୀ ପ୍ରାନ୍ତେ ହେଲି ଉଭା ! ଶିର ଅବନତ !
ଯେବା ହେବ ନାହିଁ ଭଲ ଶଙ୍କା ଖ୍ତି ପୀଡ଼ାଇ କରତ !
ମାତର ଦୁର୍ଭାଗ୍ୟ ମୋର ! ପୂର୍ବ ଜନ୍ମେ ନାହିଁ ତପ ପୁଣ୍ୟ,
ମନ୍ଦରେ ନ ଦେଖି ପାଦ ଦେବତାର ସିଂହାସନ ଶୂନ୍ୟ !
ବ୍ୟଥିତ ଅନ୍ତରେ ତହୁଁ ଆସୁଥିଲି ଅଭାଗୀ ବାହାରି
ଡାକିଲି ସେ କ୍ଷୁବ୍ଧ-ଆତ୍ମା ରକ୍ତ-ମାଂସ-ପ୍ରଣୟ ଭିଖାରୀ—
ସେ କି ତୁମେ ? ତୁମେ ? ହେଉନାହିଁ ତିଳେ ପରତେ !
ତୁମର ପ୍ରଣୟ ଯେତେକ ଆଜି ଏଥୁଁ ଯୋଜନ ଅନ୍ତତ !
ରୂପସୀ ରମଣୀ ମୁହିଁ ? ଗର୍ବିତ ଧରଣୀ ମୋତେ ଧରୁ ?
ରମଣୀର ଅଭିମାନ ଭଲ କ୍ଷଣେ ଲଜେ ଯାଏ ମରି !
ଯେ ଧନେ ବଢ଼ଇ ଭ୍ରାନ୍ତି ଦେବତାର ନୁହେଁ ପରିଚୟ
ନାରୀ ମୁହିଁ—ନୁହେଁ ମାଂସମେଦ—ସେ ମୋ ତାର ପରିଚୟ !

॥ ୨ ॥

ନାହିଁ ମୋର ତନ୍ତ୍ରପ୍ରଜ୍ଞା, ଅତି ଧୀନା ମୁଁ ତରୁଣୀ ବଧୂ,
ଜାଣିନାହିଁ ସବାଧରେ ପ୍ରଚ୍ଛନ୍ନ ବା କେତେ ମୋର ମଧୁ,
ନ ଜାଣେ କି କଥା କହେ କାନ୍ତ ଏ ମୋ ନୟନ ଭଙ୍ଗିମା,
ଅସ୍ପୃଷ୍ଟ ପରାଣ ମାନ ନାହିଁ ପାଏ ଅପମାନ ସୀମା ।
ଦାରୁଣ ବ୍ୟଥାରେ ଝରେ ମୋର ନେତ୍ରୁ ଗାଳଇଁ ନିକର,
ଭସ୍ମକେ କରନ୍ତା ହେଲେ ଗୌର ତନୁ ଲଳିତ ଅଧର !

ଲଭନ୍ତି ସହଜେ ଅନ ନିଗ୍ରୁଧ ଦେବତା ସନ୍ଧାନ
ଯା ଲଗି ନିଭୃତ ପୂରେର ମନେର ଝୁରନ୍ତ ଚକୁଣୀ ପରାଣ !
ଯେ ରୂପ ଜାଲର ବହ୍ନି, ମୁକ୍ତି ପଥ କରଇ କଣ୍ଟକିତ,
ଯା ମୋହେ ନର୍ବାଣ ଲଭେ ଏ ଜୀବନ ମଙ୍ଗଳ ସଙ୍ଗୀତ,
ଶୋଷେ ଯେ ଆନନ୍ଦ ପ୍ରୀତି ପରଶାତ ଦୂର୍ବହ କଙ୍କାଳ,
ତା ଧେନ କରବ ଗର୍ବ କେଉଁ ନାରୀ ? ବନ୍ଧୁ, ସେ ତା କାଳ !
ସେ ଦୃଷ୍ଟି ଫେରାଅ ସଖା ବ୍ୟର୍ଥ ନୋହୁ ପୂଜା ଆୟୋଜନ !
ଦେବତା ସାନ୍ନିଧ୍ୟ ହେଉ ଧନ୍ୟ ପ୍ରୀତି-ପ୍ରଥମ-ମିଳନ !

|| ୩ ||

ନୁହେଁ ମୁଁ ଉର୍ବଶୀ ମେନା, କଳ୍ପଲୋକ ନୁହେ ମୋର ବାସ,
ନାହିଁ ମୋ ଭ୍ରୂଲସ ଭଙ୍ଗୀ କରିବାକୁ ଲୀଳା ପରକାଶ !
ହାବ ଭାବ କ୍ରୀଡ଼ା ଛଳ ନାହିଁ ଜାଣେ ସ୍ତମ୍ଭନ କୌତୁକ,
ବାସ୍ତବ ବାଳିକା ବଧୂ ! ଅର୍ଦ୍ଧହାସ୍ୟ ଅନଭିଜ୍ଞ ମୂକ !
ତୁମର ହୃଦୟ ବହ୍ନି ଜାଳି ବନ୍ଧୁ ରଚିବାକୁ ମାୟା,
ଜାଣିନି କୁହୁକ ମନ୍ତ୍ର କହ ତୁମ ଇଚ୍ଛା ଯାହା ତାହା ।
କାହିଁକି ହତାଶ ହେବ ଭାଳି କଳ୍ପଲୋକ ମାୟାବିନୀ ?
ଜନମେ କହୁଛି ମୁଁ ଟି ଗୋ ସେ ମନ୍ଦିରେ ନିତ୍ୟ ପୂଜାରିଣୀ !
ତବ ପୂଣ୍ୟ ପିଠେ ଯହିଁ ଧ୍ୟାନରତ ନିର୍ବିକାର ଶିବ
ବାଢ଼ିବ ଜୀବନ ପୂଜା ସକଳ ସାଧନା ଗ୍ରହିବ ।
କର ତନୁ ପ୍ରାଣେ ପାତ ଜାଣେ ନାହିଁ ହେବନା ସଫଳ,
ଶକ୍ତି ଛଳନା ନାରୀ-ଚକ୍ଷୁଃ ଢାଳି ଶତ ନୟନର ଜଳ ?
ହେବ କି ଗ୍ରହଣ ଯୋଗ୍ୟ ? ସୁଲଭ କି ହେବ ସାର୍ଥକତା ?
ବିମୁଗ୍ଧ ପ୍ରଣୟୀ ମୋର ! କି ବୁଝିବ ନାରୀ ହୃଦ ବ୍ୟଥା ?

|| ୪ ||

ବାସ୍ତବେ ରଚିବା ବନ୍ଧୁ ଜୀବନର ସକଳ ସ୍ୱପନ,
କାଳ-ସିନ୍ଧୁ ଅନ୍ଧକାରୁ ଖୋଜି ନେବା ଅମୂଲ୍ୟ ରତନ,

ଚିର ଅଭିପ୍ରାପ୍ସୁ ତୁମ ଅନଭିଜ୍ଞା ବାଳିକା ବଧୂର,
ସଂଗ୍ରାମେ ଅକ୍ଷତ ସତେ ହେବ ମୋର ସୀମନ୍ତ ସିନ୍ଦୂର ?
ନାହିଁ ସେତେ ଆଶା !··· ··· ···
ତେଣୁ କମ୍ପ୍ର ପଦେ ଧରିବାର ଲାଗି
ପ୍ରୟାସ ନ କରୁଁ ତୁମେ ଚିର ଖେଳା ହେଉଛ ବୈରାଗୀ !
ଛୁଟ କେଉଁ ସ୍ୱପ୍ନ ପଛେ ନବୋଧ ମୁଁ ନ ପାଏ ତା ଅନ୍ତ,
ପଲ୍ଲବ ପଞ୍ଜୀର ଭେଦି ଖୋଜି ବୁଲ ଆକୁଳ ବସନ୍ତ !
ଭସ୍ମେ ତେଣୁ ଅବେ କର ! ଶିଥିଳ ମୋ ମାଧୁରୀ ଅଚ୍ଛେଦ୍ୟ !
ସ୍ୱପ୍ନ ନୁହେ ବାସ୍ତବ ମୁଁ ! ସ୍ୱଳ୍ପ ପ୍ରୀତି ମୋ ଦାନ ନୈବେଦ୍ୟ ?
ନେବ ଅବା ନାହିଁ ତାଲୁ, ଫେଡ଼ କହ, ଅଛି ନା ସାହସ ?
ତୁମର ପୌରୁଷେ ବନ୍ଧୁ କହ ସତେ ରହିବ ତା ଯଶ ?
ରୂପ ଅଭିଳାଷୀ ଅବା କର ସେବେ ଦଗ୍ଧ ଅସହାୟ—
ଆତ୍ମ ପ୍ରବଞ୍ଚନା ପାଇଁ କ୍ଷମି ବନ୍ଧୁ ଦିଅ ଗୋ ବିଦାୟ ।

●

[ ୧୯୩୪ ]

# ତୃଷ୍ଣ ଚକୋର

ଯେ ନୟନେ ନାହିଁ ବାସନା ତୀବ୍ର ପୀଡ଼ା,
ଜତ୍ୟୋତ୍ସବ ଯେ ନୟନେ କରେ କ୍ରୀଡ଼ା,
ସେ କେବଳ ନୟନ ଝବା ନଶି ଝୁରିଁ ଝୁରିଁ
ବ୍ୟଥିତ ଚକୋର ଗୀତ ତାର ଯାଏ ଗାଇ । ୧ ।

ସ୍ୱପ୍ନୋତ୍‌ଥିତ ଶାରଦ ପ୍ରଭାତ କାନ୍ତି,
ଅଥବା ବ୍ୟଥିତା ସନ୍ଧ୍ୟା କରୁଣ ଶାନ୍ତି,
ମଙ୍ଗଳ ସଦା ଯେ କେବଳ ନୟନୁ ଝରେ;
ବ୍ୟଥିତ ଚକୋର ଝୁରିଁ ଝୁରିଁ ତାକୁ ମରେ । ୨ ।

ମେଘ ଆବୃତ କରୁଣ ଜୋଛନା ଘର ?
ପରଶି ପରାଣ ହଏ ନାହିଁ ପୁଣି ଧର,
ଶୂନ୍ୟ କାସାରେ ସଜଳ ସେ ମାଳକଇଁ,
ଝୁରିଁ ଏ ଚକୋର ତା ବେଦନା ଯାଏ କହି । ୩ ।

ଦେଖିଛ ପଥିକ ସାର୍ଥକ କର ଶ୍ରମ ?
ବଦଳି ସେ କେବେ ସବୁଜ କ୍ଷେତ୍ର ଭ୍ରମ !
ଶୂନ୍ୟ ଆକାଶେ ଅବା ଏକାକୀ ତାର,
ଲୁଣ୍ଠିତ ଚନ୍ଦ୍ର ତିମିର ଗର୍ଭେ ଢାଳଇ ଲୋତକ ଧାର ! । ୪ ।

ଜନମର ତନ୍ତ୍ରୀ ଶର ମଙ୍ଗଳ ଗୀତ,
ସ୍ଫୁଡ଼ନ ମାତର ପ୍ରଣୟ ଶଙ୍କା ଭୀତି;
ସଜଳ ଯେଯନେ ଶୈଶବ ସରଳତା
ଭରେ ସେ ନୟନ ନୀଳାକାଶ ଅବା
ସାଗର ଗଭୀର ବ୍ୟଥା ! । ୫ ।

ଶାନ୍ତ ମାଧୁରୀ ହୁଏ ନାହିଁ ଭଳେ ମପି,
ଷୁଣୟେ କାବ୍ୟେ ଖାରେ ନାହିଁ କେହୁ ଥାପି,
ସାଗର ସେପାରୁଁ ଗଭୀର ବଂଶୀ ତାନ !
ସେ ନୟନେ ବୁଝି ବ୍ୟଥିତ ଚକୋର
ତାଳେ ତାର ଅଭିମାନ । ୭ ।

'ଫୁଲ୍ଲିତ କମଳ ସମାନ ସେ ଆଖିପତା !
ମେଲିଲେ ଝରଇ ଅମୃତ ମାଦକତା,
ମୃତ୍ୟୁ ଆକୁଳ ଜୀବନ ସ୍ପର୍ଶ ପାଇ,
ବ୍ୟଥିତ ଚକୋର ଗାଏ ଭଣି ଧନ
ଯୁଗଳ ନୟନ ବୁଝି । ୭ ।

●

# ବାସର ଗୃହ

॥ ୧ ॥

ବାସର-ମିଳନ-ରାତ୍ରି ! ଶେଷ ଯାମ ! ଅସ୍ତାଚଳେ ଶଶୀ !
ବ୍ରୀଡ଼ା, ଉନ୍ମୀଳିତ ନେତ୍ରେ ପ୍ରଶ୍ନଦୃଷ୍ଟିରେ ମୃଦୁ ଅଧେ ଜହ୍ନେ ହସି
ବାହୁଲତା ପ୍ରସାରି ପ୍ରଶ୍ନ "ମନେ ଥିବ ମନେ ଥିବ ବନ୍ଧୁ ?
କହିବଟି ସତ କରି ?······ଅନଭିଜ୍ଞା ଏ ତରୁଣୀ ବଧୂ—
କରିଛି କି ଏତେ ଭାଗ୍ୟ ହେବ ବୋଲି ଅମର ଅଙ୍କିତ
ସେ ଚପଳ ଚିତ୍ରପଟେ ? ··· ··· କିବା ଗୁଣେ ? ·· ···
ଭାଳି ସଙ୍କୁଚିତ !

ମନେ କି ପଡ଼ିବ ବନ୍ଧୁ ଆଜିର ଏ କ୍ଷଣିକ ମାଧୁରୀ ?
ପରାଣ-ତରଣି-ଜ୍ୟୋତ୍ସ୍ନା ପୁଣି ଏହି କ୍ଷୁଦ୍ର ସ୍ୱପ୍ନପୁରୀ ?
ମନେ କି ପଡ଼ିବ ନିଃସ୍ୱ—ନିବେଦନ, ପ୍ରୀତି—ଅଭିମାନ ?
ବ୍ୟଭୂତ ସୋହାଗ ? ଯେବେ ଶ୍ରମ ସ୍ୱରେ ଜୀବନ ସଂଗ୍ରାମ—
ଡାକିବ ପୌରୁଷେ ତବ ଧୂମ ହେବ ସହସ୍ର କଳ୍ପନା !
ଅଭିଜନ ସଙ୍ଗିମାନେ ନ ଭୁଲିବ ? ହେବ ନାହିଁ କଣା ?
ଡାକିବ ଆଦର-କଣ୍ଠେ ଶୁଷ୍କ ଯେବେ ପ୍ରାଣ-ଧାରା ? ହାୟ !—
ତଦାୟୁ ବାସର-ଗୃହ ! ବନ୍ଧୁ ମୋର, ବିଦାୟ....ବିଦାୟ !

॥ ୨ ॥

ଭୁଲି ଯିବ ? ଭୁଲି ଯିବ ? ଚାଣି ଦେଇ କଞ୍ଚିତ ଉତ୍ତର—
ହୃଦୟରେ ତୃପ୍ତି ହସି—ରହ, ଦେଖିନିଏଁ ଭଲ କରି
ଚନ୍ଦ୍ରରୁ ଶପୂର୍ଣ୍ଣ ସୁଧା ଝରି ଯେବେ ତରୁର ନୟନ,
ବଧୂଲି ନିନ୍ଦିତ ସେହି କମନୀୟ ଅଧର କମ୍ପନ,
ଅନାବୃତ ଶୁଭ୍ର ଗ୍ରୀବା, ତୁଷାର ଧବଳ ବାହୁଲତା,
ଭବିଷ୍ୟେ କହୁଛି ଖୋଲି ଖୋଲି ଥରେ ଉନ୍ମୀଳିତ ପତା !

ତୁଟଇ ସର୍ବାଙ୍ଗ ତବ ସ୍ଫୁରଇ ଯେ ଆଜ ଅବାରିତ—
ପଥଶ୍ରାନ୍ତ ଏ ପଥିକ ପିଇ ନେଉ ଜୀବନ-ସଙ୍ଗୀତ !
ବାସ୍ତବ ସଂଗ୍ରାମ ଭୟ ? ଛି ! ଛି ! ସେ ଯେ ବାଲ୍ୟ ଚପଳତା !
ଏ ଜୀବନ ଯାର ଦାନ ବୁଝିବେ ସେ ସଂଗ୍ରାମ ବାରତା !
ଶ୍ରାନ୍ତ ପାନ୍ଥ-ଜନ ପ୍ରାଣ କଲେ ଯେବା ମାଧୁର୍ଯ୍ୟ ମଣ୍ଡିତ,
ଆଜିର ଏ ପ୍ରୀତି-ରସ କରେ ଯା'ର କରୁଣା ଇଙ୍ଗିତ,
ଏ ସୌନ୍ଦର୍ଯ୍ୟ କଲେ ଦାନ ତୃପ୍ତି ହେବ ଚିରନ୍ତ ଆଧାର !
ଆଜିର ମାଧୁର୍ଯ୍ୟ ଲାଗି ପ୍ରାଣ-ପ୍ରିୟା କର ନମସ୍କାର ।

॥ ୩ ॥

ପଥିକ-ପାନ୍ଥଶାଳା ତୁମରି ଏ ବାସର ଭବନ !
ଅଶେଷ ମାଧୁର୍ଯ୍ୟ ଭରା ଯେତେକ ସ୍ୱର୍ଗ-ଜୀବନ-ସ୍ୱପନ !
ଅଥବା ସାଗର ପାରେ ମୁଗ୍ଧ କବି ଚିତ୍ତ—କଳ୍ପଲୋକ !
ତୁମେ ଅଧିଷ୍ଠାତ୍ରୀ ଦେବୀ ! ଭୁଲିଯାଏଁ ନିର୍ଯ୍ୟାତନ ଶୋକ !
ନିରେଖିଲେ ସେ ଆନନ୍ଦ, ନେତ୍ରବନ୍ଧୁ ପଛୁଁ ପଡ଼େ ଖସି,
ମିଳନ ସୁନ୍ଦର କ୍ଷଣେ, ତବ ସ୍ପର୍ଶ ଚପଳ-ଉର୍ବଶୀ !
କି ଭୟ ଭାବନା ମୋର ? ଲଘୁ ପ୍ରାଣେ ସଂଗ୍ରାମର ଜାଳ !
ସକଳ କଳଙ୍କ ଧୌତ କରିବ ଗୋ ସେ ଅଙ୍ଗନ ଗ୍ଳାନ,
ପୋଛିବ ବେଦନା ଅଶ୍ରୁ, ପ୍ରଦୀପ ଟୋ ଜାଳିବ ଅନ୍ଧାରେ,
ତୁମରି ଆଶ୍ୱାସ ଲଭି ବାନ୍ଧିବି ଆକୁଳ ପାରିବାରେ
କ୍ଷୁଦ୍ର ମୋ ତରଣୀ ଗୋଟି ! ପ୍ରୀତି-ହାସ୍ୟେ ପଥ ଆଲୋକିତ !
ତୁମ କଣ୍ଠେ ମିଶାଇ ମୁଁ ଗାଇବି ଗୋ ବିଜୟ ସଙ୍ଗୀତ !
ଫେରିବ ସୈନିକ ଅବା ସ୍ଫୂର୍ତ୍ତି ମନ୍ଦହତ, ବଂଶୀ ନାମ !
ବାସର ଭବନେ ନବ ଦ୍ୱିନି ଲଭି ନ ଦେବ ବିଶ୍ରାମ ?"

॥ ୪ ॥

"ଜାଣିଛି ପଥିକବନ୍ଧୁ ! ହେ ଅଜ୍ଞାତ ଦୂରଦେଶ ପାନ୍ଥ !
ଚାଲିବା ଅଗମ୍ୟ ପଥ ତୁମରି ଯେ ସାର ଅବିଶ୍ରାନ୍ତ ।

ନ ଜାଣିଣ ମାତର କେବେ ଶୁଣି ତବ ଦୂର ବଂଶୀସ୍ୱନ
ତୁମରି ଆହ୍ୱାନ କିବା ଲଗାଇଲି ପ୍ରାଣେ ଉଚାଟନ !
ନିସ୍ତବ୍ଧ ମାଧବୀ ଜ୍ୟୋତ୍ସ୍ନା କୁହୁ ତାନ ସଙ୍ଗୀତ ମଧୁର
ବନ୍ଦୀ କଲା ମନ ପ୍ରାଣ ତୁମ ମୁଗ୍‌ଧ ବାଳିକା ବଧୂର !
ସେହିଠୁଁ ଆରମ୍ଭ ହେଲା ଅନଭିଜ୍ଞା ଦୀନା ବାଳିକାର,
ଲାଜ ଲବଙ୍ଗନ ଭୁଲି ନିର୍ଜନ ନିଶୀଥ ଅଭିସାର !
ସେ ଦିନୁ ବାସର-ଗୃହ ଗନ୍ଧେ ପୁଷ୍ପେ କରି ସୁସଜ୍ଜିତ,
ବସିଛି ବାସକ-ସଜ୍ଜା ତୁମ ପଥ ଉନ୍ନିଦ୍ର ନିଶୀଥ !
ଆସିଲ ତ ଆଜ ! ଧନ୍ୟ ତୁମ ବଧୂ ! ଚପଳ ଦେବତା —
ନ ରହିବ ? ନୋହୁ ପଛେ !
 ବୃଥା ପ୍ରାଣେ ଦେବି ନାହିଁ ବ୍ୟଥା !

ଜୀବନ ଅମୃତ ଲଗ୍ନ ବାନ୍ଧିବା'ର ବିଫଳ ପ୍ରୟାସ,
ନିରେଖି ତୁମରି ବଧୂ ଆପଣାକୁ କରେ ଉପହାସ !
ମୁକ୍ତ ଦ୍ୱାର ତୁମ ଲାଗି ! ଜୀବନ "ସୁଦୂର ସ୍ମୃତି"···ବିଦାୟ !
ବିଦାୟ ବାସର-ଗୃହ ! ବନ୍ଧୁ, ପ୍ରିୟ, ବିଦାୟ ବିଦାୟ !

‖ ୫ ‖

ଅଗୁରୁ-ଚନ୍ଦନ ଗନ୍ଧ ମନ୍ଦ ସମୀରଣ ଯାଏ ମିଶି,
ବାସର ଉତ୍ସବ ଶେଷ ! ଯାଏ ଆସେ ପ୍ରୀତି-ଚୁମ୍ବି ନିଶି !
ପ୍ରଣୟୀ ଗଗନେ କାହେ ଦୂରପଥ କରୁଣ ଆହ୍ୱାନ,
ଧୂପଶିଖା ସମ ତାର ପ୍ରାଣୁ ଫୁଟେ ଗାନ ! ·· ··· ···

"ବାସର ଭବନ ବିଦାୟ ପ୍ରଣତି ସେଜ !
ମଳିନ ହସିଲା ଉତ୍ସବ ଦୀପ ହେମ !
କଣ୍ଠଲଗ୍ନ ଶେଫେ ନୟନ ମୁଦଛି ବଧୂ,
ଅସ୍ତ ଚନ୍ଦ୍ର ଡାକ କହେ "ଗଲ ବଂଧୁ !"

ବକୁଳ ମଲ୍ଲୀ କେତକୀ କୁସୁମ ଦାମ,
କେଉଁଠେ ଅଯତ୍ନେ ଧୂଳିରେ ଦିଶଇ ମ୍ଳାନ,
ଘର୍ମ ବିନ୍ଦୁ ଛାଡ଼ନି ନୟନ ପତା,
ସୁଦୂର ଅଙ୍ଗନେ ବଧୂର ସ୍ମୃତିର ବ୍ୟଥା !

ଉଠ ନବ ବଧୂ ଉଷା ସମୀରଣ ଡାକେ,
ଡାକେ ଖଞ୍ଜନ ସୁଦୂର ମୁକୁଳ ଶାଖେ,
ମୁଗ୍ଧ ନୟନେ ଚିହ୍ନି ରହେ ନୀରବତା
ସବୁ ଆନନ୍ଦେ ବାଜେ କିବା ବ୍ୟର୍ଥତା ।

ଶୂନ୍ୟ ଜୀବନ ପୁଳକୁ ପୁଣି କେ ଡାକେ ?
ବଧୂର ସଜନୀ ଯେସନେ ଚକ୍ରବାକେ !
କରୁଣେ ଡାକଇ ଦୂରପଥ ଅବିରଳ
ସକଳ ଉଠାଚି ଦୂର ଘରବାସୀ ଚଳ ।

ଉଠ ବଧୂ ବୋଲି ଡାକିବକି ଆଉ ଥରେ ?
ମଳିନ ପ୍ରଦୀପ ସମାନ ମରମେ ମରେଁ !
କହିବାର କଥା କଣ୍ଠେ ରହଇ ଲାଗି,
ଆପଣାର ଗ୍ଳାଏଁ ଶିଥିଳ ପୀରତି-ରାଗି !

ନିମୀଳିତ ଆଖି, ସ୍ୱପ୍ନ କୁଶଳେ ବଧୂ,
ନ ଜାଣଇ କେବେ ଫେରିବ ଏ ଭ୍ରମ ବଂଧୁ,
ଫେରିଲେ ଥିବଟି ଅଧରେ ହାସ୍ୟ ହେମ ?
"ବାସର ଭବନ ବିଦାୟୁ ପ୍ରଣତି ସେନ ।"

[୧୯୩୪]

# ପଥ ଛାୟା

ମୁଁ ଭବ ପଥିକ, ଯାତ୍ରୀ ! ···ଏ ମରତେ ଦୂର ପରବାସୀ
ଜୀବନର ଅର୍ଦ୍ଧପଥେ କେତେ କଥା ମନେ ପଡ଼େ ଆସି !
ଅତୀତ ସହସ୍ର ସ୍ମୃତି ଲୁପ୍ତ, ଅର୍ଦ୍ଧ ଲୁପ୍ତ, ଜାଗରିତ,
ରଜନୀର ଶେଷ ଯାମେ ଶାନ୍ତ ନଭେ-ତାରକା-ଇଙ୍ଗିତ !
ପଥ ପାର୍ଶ୍ୱେ ଯେତେ ତରୁ ଏ ଯାତ୍ରୀରେ କଲେ ଛାୟା ଦାନ
ଅଛି କି ସକଳ ମନେ ? ନାହିଁ, ନାହିଁ, ସର୍ବେ ମ୍ରିୟମାଣ !

ସୁବିପୁଳ କାଳଗର୍ଭେ ସ୍ମୃତି ମାତ୍ର ଏ ଯାତ୍ରୀର ସାର,
ସକଳ ଆଶ୍ରୟ ! ଘେନ ଏ ପାନ୍ଥର ଭକ୍ତି ନମସ୍କାର !
ସକଳ ବିସ୍ମୃତି ମଧ୍ୟେ ଜାଗ୍ରତ ଏକଇ ବନସ୍ପତି,
କୋଟି ସ୍ପୃହଣୀୟ ମଧ୍ୟେ ଯେହ୍ନେ ସେ ମୋ ଅମୃତ ସମ୍ପତ୍ତି !
ସ୍ଫୀତ ନେତ୍ର ଛାୟା ସମ ସ୍ୱପ୍ନ ମାଧୁରୀରେ ସୁଶୀତଳ,
ଯା ସ୍ମୃତି ସମ୍ପାଦେ ଶୂନ୍ୟ ପଥେ ଯାତ୍ରୀ ନୟନର ଜଳ ।
ଅନନ୍ତ ମାଧୁର୍ଯ୍ୟ ରସେ ସର୍ବ ସର୍ବ ହେଲା ଅନୁଭବ,
ଦିବ୍ୟ ବନସ୍ପତି ସ୍ମୃତି ! ଏ ପାନ୍ଥର ପରମ ଗୌରବ !

●

[ ୧୯୩୫ ]

# ପାନ୍ଥଶାଳା

। ୧ ॥

ଲକ୍ଷ କୋଟି ପାନ୍ଥଶାଳା !···ଅର୍ଦ୍ଧ-ଶତାବ୍ଦି ସ୍ଥାୟୀ ପଥ ସମ
କ୍ଷୁଧା ତୃଷା ହରି ଆହା ପୁଷ୍ଟ କଲେ ଏ ଜୀବନ ମମ ।
ନାହିଁ ନାହିଁ ମନେ ଆଜ କାହିଁ କେତେ ପୁହାଇଛୁ ରାତି,
ଲଭିଛୁ ଜନନୀ-ସ୍ନେହ ଦୂରପଥ-ଆତ୍ମଭୋଳା-ଯାତ୍ରୀ !
ସକଳ ସ୍ମରଣେ ଆଜ ଶୁଷ୍କ ନେତ୍ରେ ଅଶ୍ରୁ ହୁଏ ଜମା;
ଶତ-ପ୍ରୀତି-ଆଶ୍ରା ମମ ! କ୍ଷିପ୍ତ ଏ ପଥିକେ କର କ୍ଷମା !
ଏ ଯାତ୍ରୀର ଆତ୍ମସତ୍ତ୍ୱ ତବ ପ୍ରୀତି-ସ୍ମୃତି-ଇତିହାସ,
ବିସ୍ମୃତ ଯେସନେ ସତ୍ୟ ମାତ୍ର ନିତ୍ୟ ପରମ ପ୍ରକାଶ ।
ଘାର୍ଘ ଶୂନ୍ୟ ଏଣୁ ପଥେ ହୋଇଯାଏ ଆହା କେତେ ଭୁଲ,
କ୍ଷୁଦ୍ର ଏକ ପାନ୍ଥଶାଳା ମାତ୍ର ନିଃସ୍ୱ ସମ୍ପତ୍ତି ଅତୁଳ !
ଦୂରେ, ଦୂରେ ! ଯାର ଆଶ୍ରା ଲଭି ସତ୍ତ୍ୱ ହେଲା ମୋ ପାଶର—
ବିସ୍ମୃତ ମୋ ଯାତ୍ରାପଥ, ଚନ୍ଦ୍ରେ ଯଥା ନିରେଖି ଚକୋର !
ଅମୂଲ୍ୟ ସମ୍ପଦ ପ୍ରୀତି ନେଲୁ କେବା ଅପହୃତ କରି,
ଆଜିଯାଏ ଖୋଜେଁ ତାକୁ ଝୁରି ହୁଏ ସେ ଆଶ୍ରୟ ସ୍ମରି !

। ୨ ॥

ଦୁରେ ସେଣୁ ପାନ୍ଥଶାଳା !···ପଦଯାତ୍ରୀ ଅଛ ତାକୁ ଦେଖି ?
ସକଳ ମାଧୁର୍ଯ୍ୟ ଖଣି ଶୋଭା ତାର ନୁହେଁ କାହିଁ ଲେଖି !
ନନ୍ଦନ ସୁରଭି ସେବା, ଉପବନ କୌମୁଦୀ ପ୍ଲାବିତ,
ସ୍ପର୍ଶେ ପଡ଼ େଯାହିଁ ଧରା ତନୁ ଖାଲି କରେ ପୁଲକିତ !
ଶ୍ରାନ୍ତ କ୍ଳାନ୍ତ ପାନ୍ଥ ଯେତେ ଭିକ୍ଷା କଲେ ରଜନୀ ଆଶ୍ରୟ,
ଧନ୍ୟ ହେଲେ, ହେଲେ ପୂତ ଲଭି ସେ ଜନନୀ ବରାଭୟ !
ଅମୃତ ଆଶ୍ରୟ ସ୍ମୃତି ! ଶୂନ୍ୟ ମମ ଜୀବନ ସମୃଦ୍ଧି !
ସ୍ମୃତିରେ ସରଳ ପଥ ବସିଲେକ ଥରେ ନେତ୍ର ବୁଜି ।

ଏଡ଼ ନ ପାରଇ ବନ୍ଧୁ, ଦୂର ଶୂନ୍ୟ ପଥଯାତ୍ରୀ ଜଣା,
ସୁଦୂର ଆହ୍ୱାନେ ଜାଗେ ଭଗ୍ନ ପ୍ରାଣେ ଅଦମ୍ୟ ଜିଗୀଷା,
ବାହାର ପଡ଼ଇ ପନ୍ଥ ! କ୍ଷଣକ ନ ଗଣି ଯାତ୍ରା କ୍ଲେଶ,
କହିବ କେ ସହଯାତ୍ରୀ ଏ ଯାତ୍ରାର କାହିଁ ହେବ ଶେଷ ?
ସକଳ ମୋ ଅନୁଭୂତ ବ୍ୟଥା ସିକ୍ତ ସ୍ମୃତି ଅନ୍ଧକାରେ,
ଦୂର-ପାନ୍ଥ-ଶାଳା-ସ୍ମୃତି କୌମୁଦୀ-ପ୍ଲାବନ ପାରାବାରେ !

# ଯଶାକାଙ୍‌କ୍ଷା

॥ ୧ ॥

ଅସ୍ତସ୍ଥ ସେ ସନ୍ଧ୍ୟାଲୋକେ ପୁଛଇ ରୂପସି
ଉତ୍କଣ୍ଠା ଆବେଗେ ପ୍ରିୟା....“ତୁଚ୍ଛା ଟାରେ ବସି
ଅନ୍ଧକାର ଗୃହ କୋଣେ ରଚୁଅଛ ଛନ୍ଦ—
ମକ୍ଷବଧୂ ସମ ଅନ୍ଧ ! କି ଅବା ଆନନ୍ଦ
ଜାଣୁଥିବ ଗୁପ୍ତେ ଆପେ, ଆନ କେହ୍ନେ ଜନେ
ନ ଦେଖିଲେ ଯାହା ସୃଷ୍ଟାଙ୍କର ଅକାରଣେ ।
ନ ଢଶେ ବସିଛି ଆଜ ସ୍ୱଳ ଦରବାର ?
କଢ ଗୁଣି ଜ୍ଞାନୀ ସମୁଚିତ ପୁରସ୍କାର—
ଲଭି ଫେରୁଛନ୍ତି, ସୁଖେ ମୁଖ ହସ ହସ,
ଅଧିର ଜନତା ଗାଏ କୋଟିମୁଖେ ଯଶ !
ନାହିଁ କି ଯୌତୁକ ଛଳେ ? ଖାଇଲଣି ପୋଡ଼ ?
ବୁଝି ରସାତଳ ଯାଏଦ ଶାଦ ଯୋଡ଼ !
ସେତେ ସବୁ କଣ୍ଠମଣ୍ଡ ମୋହର ଉପରେ;
ପରଖି ଆସିବ ଭାଗ୍ୟ ଯାଅ ତହିଁ ଥରେ ।”

॥ ୨ ॥

ଇତସ୍ତତଃ କରି କବି ଘଟଇ ଉତ୍ତର—
ଅପରୂପ ବ୍ୟଙ୍ଗ ହାସେ କମ୍ପିତ ଅଧର !
“ସିଦ୍ଧ ଦରବାରେ ? ମିଳିବଟି ପୁରସ୍କାର ?
ମିଳିବ କୁଣ୍ଡଳ ଯୋଡ଼ା ? ଅବା ରତ୍ନହାର—
ଲମ୍ବାଇବ କମ୍ବୁକଣ୍ଠେ ? ତଳେଲ ରସନା ?
ଜାଣିଛକି ଅଛି ତହିଁ କେତେ ସମ୍ଭାବନା ?
ବଧିର ଯେତେକ ଶୋ କାନ ଶୁଷ୍କଗଳ ପ୍ରାଣ
ରକ୍ଷିବଟି ତୁମର ଏ ଆଶା ଅଭିମାନ ?

ତା ତଳୁଁ ଗୌରବ ମୋର ଜୀର୍ଣ୍ଣ ଏ କୁଟୀର,
ଅଳପ ଆଦର, ପ୍ରୀତି, ଭୁମ ଦେହ ମାର !
ଦେଖୁ ନାହିଁ ଧନୀନଣି ଶ୍ରମ-ଗାଥା-ଶତ—
ଅନାହାରେ ତା'ଉଚ୍ଛନ୍ତି ବିଶାଳ ପର୍ବତ
ରାଜସୌଧ ଗଢ଼ି ? କା'ଏ ଶୁଣେ ସେ କ୍ରନ୍ଦନ ?
ଅସ୍ଫୁଟରେ ଲୟ ହେଉ ମୋ ଗୀତ ବେଦନ ।

[ ୧୯୩୫ ]

# କାଇ ପ୍ରିୟା ପ୍ରତି

॥ ୧ ॥

ରଖିନ ସ୍ମାରକ କାହିଁ ଆଜ କବି ପର ?
ପ୍ରୀତି ନିଦର୍ଶନ କାହିଁ ଦେଇନ ସୁନ୍ଦରି ?
ଚିତ୍ତୁଳ ଗୃହ୍ଣ ବଚନେ ହରିନାହିଁ ମନ ?
ତରଳ ପ୍ରୀତିରେ ସ୍ନିଗ୍ଧ କରିନ ଜୀବନ ?
ପ୍ରତିଦାନ ଦେଇନାହିଁ ଆଦର ସେବାର ?
ସ୍ନିଗ୍ଧ ରମଣୀର ନିତ୍ୟ କରେ ହାହାକାର ?
ସନ୍ଦେହ ଉପୁଜେ ମନେ ? ପ୍ରୀତି-ଅବିଶ୍ୱାସ—
ସକଳ ମାଧୁର୍ଯ୍ୟ ତବ କରିଅଛି ଗ୍ରାସ ?
ଶିଖାଇନ ମୋତେ କେହି ପୀରତି ବେଭାର,
ତେଣୁ ମୋ ପୀରତି ହାଣ ତଣ ପରକାର ।
ତରଳ ଉଜ୍ଜଳ ପ୍ରୀତି ନାହିଁ ମୋତେ ଜଣା,
ହସ୍ତ ଧୃତ କାବ୍ୟ ସମ କରିବ ରଚନା
ମୂର୍ତ୍ତି-ଗୀତ ? ହେବ ପ୍ରୀତି-ସନ୍ଦେହ ମୋଚନ ?
ଆଜ ସ୍ମୃତି-ଅଧରେ ନିର୍ବାକ ମୋ ମରଣ ।

॥ ୨ ॥

ପ୍ରଖର ତପନେ ଶ୍ରାନ୍ତ ରିକ୍ତକର ତାପେ,
ଅର୍ଦ୍ଧମୃତ, କ୍ଷୁଧାତୁର, କଟା ଅଭିଶାପେ—
ଜଳନ୍ତ ନିଷ୍ପେଷାଘାତ ତୃଷ୍ଣ ଛନ୍ଦବତେ
ଦୁଃଖୀ ଶ୍ରମଜୀବୀ ଅହା ! ଦେଖ ଗୋ ନୀରବେ !

ତାଙ୍କର ଶୋଣିତ ଅସ୍ଥି ମେଦ ମାଂସ ପରେ
ଗଢ଼ ଉଠେ ରାଜ ସୌଧ* ଖ୍ୟାତ ଦମ୍ଭରେ !
ଭିତ୍ତିରେ ପ୍ରୋଥିତ ଯଥା ଶୀର୍ଣ୍ଣ ହାହାକାର !
ତେସନେ ଘୀରନ୍ତି ମୋର ଲୋତକ-ପ୍ରସାର !
ଅଛି ଅନବଦ୍ୟ-ଅଙ୍ଗେ ଶ୍ରମିକ ଶକତି ?
ଅଛି ସେ ନୈପୁଣ୍ୟ ଦମ୍ଭ ଅଷ୍ଟି ଦୃଢ଼ମତି ?
ଭଙ୍ଗିଲେ ଅଚଳ ମେରୁ ପାରିବ ଗୋ ଦେଖି
ବ୍ୟଥାର ଶୋଣିତେ ପ୍ରୀତି ଅଛି ତହିଁ ଲେଖି !
ଲକ୍ଷ କୋଟି ନିଃଶ୍ୱାସ ତହିଁ ସ୍ତୂପୀକୃତ
ସେ ତୁମର ପ୍ରୀତି ! କର ଅଶ୍ରୁ ପରିପ୍ଲୁତ !

●

[ ୧୯୩୫ ]

* ସେ ସମୟରେ ନିର୍ମିତ ହେଉଥିବା ଏକ ସୁବିଶାଳ ରାଜହର୍ମ୍ୟକୁ ଉପଲକ୍ଷ କରି ହୋଇଅଛି । ସେ କରୁଣ ଦୃଶ୍ୟ ଲେଟକ ପତ୍ନୀଙ୍କର ବ୍ୟକ୍ତିଗତ ଅନୁଭୂତିରେ ମଧ୍ୟ ଆସିଅଛି ।

# ପଙ୍ଗୁର ଆରତି

ଦିବା ଅବସାନେ ଅସ୍ତ, ଅରୁଣ ରାଗେ,
ବ୍ୟଥିତ ପଙ୍ଗୁ କି ଗାଇବ ଅନୁରାଗେ ?
ଗମ୍ଭୀରେ ଗାଏ ଧନ୍ୟ କରିଛ
ଅଙ୍ଗ ପଙ୍ଗୁ କରି !
ଧନ୍ୟ ହରି ହେ ହରି !

ନୟନ ତିମିରେ ସହଜେ ଦେଇଛ ଧରା,
ମଧୁର ବେଣୁରେ ଡାକଛ ସୋହାଗେ ଘର,
ଜୀବନର ସାଥେ ନେଇଛ ତ ହାତ ଧରି,
ଧନ୍ୟ ହରି ହେ ହରି ।

ମୂକ ଏ କଣ୍ଠୁ ନେଇ ବେଦନାର ଭାଷା,
ଅଶ୍ରୁ ପୂଜାରେ ଦେଲ ଉତ୍ସବ ଆଶା,
ଗିରି ଲଙ୍ଘନ ଦେଇଛ ସହଜ କରି
ଧନ୍ୟ ହରି ହେ ହରି ।

ଗଳିତ ଅଙ୍ଗ ତଳେ ମୋ ଶୋଚନା ନାହିଁ,
ସକଳ ଯେ ପ୍ରଭୁ ତବ ଆରାଧନା ପାଇଁ !
ପଙ୍ଗୁ ଆରତି ଯେବେ ଆନ ଜନ ପରି,
ଧନ୍ୟ ହରି ହେ ହରି ।

ଚିର ନିର୍ଭର ! ଅଶ୍ରୁର ବନ୍ଦନମସ୍ତୁ
ଅପାର ଶାନ୍ତ ପୁଣି ତବ କରଭସ୍ମ,
ଏ ଦୀନ ପରାଣେ ଦେଇଛ ତ ପ୍ରିୟ ଭରି,
ଧନ୍ୟ ହରି ହେ ହରି ।

ଜୟ ଜୟ ହେ ମୂକ ପଙ୍ଗୁର ଭଗବାନ,
ଦୋଳିବ ମୋର ବକ୍ଷ ତୁମରି ଧ୍ୟାନ,
ବୃନ୍ଦେ ଯେଣ୍ଠ ମୁଖ ପାନ୍ଥପାଏ ବଣବଣି,
ଧନ୍ୟ ହଉ ହେ ହରି ।

ଜୀବନ ଦୈନ୍ୟେ ତୁମେ ଦେଇ ପରମ ଧନ
ଅମା ଅନ୍ଧାରେ ସୃଜନ ଦେଖା ନିରଞ୍ଜନ !
ଦେଇଛ ତ ଧନ୍ୟ ଅଞ୍ଚଳ ନିଧିସର,
ଧନ୍ୟ ହରି ହେ ହରି ।

ନାହିଁ ସେ ଦୈନ୍ୟ ନାହିଁ କଷ୍ଟ ଅନୁନୟ
ତୁମ ସଙ୍ଗୀତ ଶିଖାଇ ହରିଛ ଭୟ ।
ତୁମରି ଇଚ୍ଛା ସହଜ ଲଭ୍ୟ କରି
ପଙ୍ଗୁରେ ଆଜ ଧନ୍ୟ କରିଛ ହରି !

ଶ୍ରେୟ ଜୀବନ କଲ ଗୌରବମୟ,
ଜଳନ୍ତି ମୋ କ୍ଷୀଣ ପ୍ରଦୀପ ଜୟ ହେ ଜୟ !
ଜୀବନର ବୀଣା ଉଠେ ଉଠେରେ ଥରି,
ଧନ୍ୟ ହରି ହେ ହରି !

ଅସ୍ତ ସୂର୍ଯ୍ୟ ନାହିଁ ଅନ୍ତର ଗ୍ଲାନି
ଅଶ୍ରୁ ସାଗରେ ଜାଗେ ଅନ୍ଧାରେ
କୌମୁଦୀ ସୁଧାବାଣୀ !
ଧୌତ କ୍ଷତ ପଦ୍ମ ସେ ଯାଏ ଭରି,
ଧନ୍ୟ ହରି ହେ ହରି ।

ପିଙ୍ଗ ଯେ ଆଜି ନବ ଅଭ୍ୟର୍ଥ ଉଠେଥ
ବିଭୂଷିତ ତନୁ ତୁମ ଇଙ୍ଗିତମତେ !
ଘୀରନ୍ତ ପୂଜାର ହେମ ଦୀପଶିଖା ଧରି,
ପଙ୍ଗୁର ବାଣୀ ନିର୍ଭୟେ ଗାଏ—
ଧନ୍ୟ ହରି ହେ ହରି ।

# * ବିଟ୍ରିସିଶା

॥ ୧ ॥

ରୂପତଳେ କିବା ସତ୍ୟ ରଖିଛ ଲୁଚାଇ,
ନ ସରେ ରୂପସୀ କିବା ନିଶି ଗୀତ ଗାଇ,
ପ୍ରଶାନ୍ତ ଶାରଦ ଚାନ୍ଦ ସେ ରୂପ ପ୍ରତିଭା,
ମଙ୍ଗଳର ଆଦରଣ ବନ୍ଧୁଆଣେ କିବା !

॥ ୨ ॥

ଧନ୍ୟ ସେ ଚୁମ୍ବିଛି ରୂପ ପ୍ରୀତି ମାଦକତା,
ଲଭିଛି ସେ ରୂପାଲୋକେ ଜୀବନର ସତ୍ତା !
ନୂତନ ଅରୁଣାଲୋକେ ମରିଛି ସେ ଥରେ,
ଧନ୍ୟ ସେ ବଞ୍ଚିଛି ପ୍ରୀତି କ୍ଷତ ମରମରେ !

॥ ୩ ॥

ଥରେ ଦେଖିଲେ ଚିଦାକାଶେ ରୂପଜ୍ୟୋତିପାତ
କୌମୁଦୀ ପ୍ଲାବନ କେବେ ଅରୁଣ-ପ୍ରଭାତ !
ଶୂନ୍ୟ ପ୍ରାଣ ବିପିନରେ ମୁରଲୀ ନିନାଦ,
ପଣ୍ଡି ଯାଏ ହୃଦ କାହିଁ ଲଘୁ ଅବସାଦ !

॥ ୪ ॥

କି ମାୟା ଏ ଜନପ୍ରାଣେ ରଚିଲ ରୂପସି !
କି ଅମୃତ ଢାଳିଦେଲ ମୋ ହୃଦ ନ କହି,
ଭୁଲେଁ କାହିଁ ସମ୍ପାଦବ ପରମ ସମ୍ପଦ,
ନିତ୍ୟ ପ୍ରାଣାରାମ କାବ୍ୟ-ଅମୃତ ସୁଖଦ !

---

* ଇଟାଲୀୟ କବି ଦାନ୍ତେଙ୍କର ପ୍ରଣୟିନୀ

॥ ୫ ॥

ରୂପର ଗୌରବ ଅବା ଗାଇଯିବ ଗୀତେ
ଅମୃତ ଆସ୍ୱାଦ ଆହା ରହିଗଲା ଚିତ୍ତେ !
ରଖିଯିବ ଚିତ୍ର-ବର୍ଣ୍ଣେ ? ଉପହାସ କଥା !
କେ ବୁଝିବ କବି-ଶିଳ୍ପୀ-ଅନ୍ତର ଘନତା ?

॥ ୬ ॥

ରୂପ ଆବରଣ ଯାକେଶ ମତେର ଲଭେ ବାଣୀ,
ମରଣକୁ ଧନ୍ୟକରେ ସ୍ନିଗ୍ଧ ସେ ବୃନ୍ଦାଣୀ !
ଗୀରତି-ଭାରତି-ପଦକର ମାଦକତା
ଅରଜନ ବସ୍ତୁକଳା ଭୁଲା ସାର୍ଥକତା ।

॥ ୭ ॥

ଖେଳ ମେଳ ନୟନର ମାଧୁର୍ଯ୍ୟ ପ୍ରକାଶ
ସୃଷ୍ଟିର ଅନାଦି ଉତ୍ସ ଲୀଳା ପଦ୍ମହାସ;
ଅତୃପ୍ତ ପରାଣେ ଖୁଣ୍ଟି ଖୁଣ୍ଟି ଦବା ଜଣି
ଖଲେଁ ପ୍ରୀତି ନେହାରିଲେକେ ଯାଆନ୍ତୁ ମୁଁ ମିଶି ।

॥ ୮ ॥

ହେ ଅରୂପ ସ୍ରଷ୍ଟାବାଳ ଯହିଁ ଯାଅ ଚଳି,
ଚରଣ-କମଳ ଯେଉଁ ପଥଯାଏ ଢଳି,
ସେ ପଥେ ଫୁଟନ୍ତୁ ହେଲେ କ୍ଷୁଦ୍ର ଘାସଫୁଲ !
ଅମୃତ ସମ୍ପତ୍ତି ସେ ମୋ ସ୍ୱପନ ଅତୁଳ !

॥ ୯ ॥

ହସିବେ ଜଗତେ ଚନ୍ଦ୍ର ରୂପ ହଳାହଳ,
ଶ୍ରୀତ ଶୀତଳାଖୀ ମତ୍ସ୍ୟ ବଡ଼ଶୀ କବଳ !
ସାର କର ଜୀବନରେ କଳଙ୍କ ପସରା,
ଦୂରୁଁ ଦୂରେ ଅପସରେ ଏବେ ନାହିଁ ଧରା !

॥ ୧୦ ॥

ଦୂରେ ଦୂରେ ବନ୍ଧୁ ଦୂରେ ଥାଅ ରୂପରାଣୀ
ଦରିଦ୍ର ପୂଜାରୀ-ସତ୍ତ୍ୱ ନ ପାର ଗୋ ଜାଣି,
ଦିବା ନିଶି ପୂଜା ଅର୍ଘ୍ୟ ପ୍ରୀତି ଅଶ୍ରୁଜଳ,
ଜୀବନ ନନ୍ଦନ-ହେଉ ନିତ୍ୟ ମୋ ସମ୍ବଳ !

॥ ୧୧ ॥

ଧନ୍ୟ ହେଉ ଏ ଜୀବନ ସେ ସ୍ମୃତି ସୌରଭେ
ଆଶ୍ରୟ ତୁମେ ଜୀବନ-ଝୁର-ଉପଦ୍ରବେ,
ସେ ରୂପେ ଜୀବନ ସତ୍ୟ ସୁନ୍ଦର ସରଳ,
ସୁନା ହୁଏ ଅଲକ୍ଷିତେ ଜୀବନ ଗରଳ !

॥ ୧୨ ॥

ଜୀବନେ ଯା ସ୍ପୃହଣୀୟ ମରଣେ ପ୍ରତିଷ୍ଠିତା,
ପରାଣ ପୀଡ଼ଇ କାହିଁ ? ବ୍ୟବଧାନ ବ୍ୟଥା ?
ରୂପ କଷଟିରେ ପ୍ରାଣ ପରଖିଲେ ଥରେ
ଅମୃତର ମାଦକତା ସ୍ଫୁରେ ମରମରେ !

॥ ୧୩ ॥

ଅନଳେ ସ୍ଫୁରଇ ତେଣୁ ସୁରଭି ନିଃଶ୍ୱାସ
ବସନ୍ତ ସନ୍ଧ୍ୟାରେ ନେହ-ମଦିରା-ପ୍ରକାଶ
ଶାରଦ ଶେଫାଳୀ ତଲ୍ଲୁ ଚରଣ ସଙ୍ଗୀତ
ରୂପସୃଷ୍ଟି ଗାଏ ତବ ଅନାମୟ ଗୀତ ।

॥ ୧୪ ॥

ଏ ସୃଷ୍ଟି ପ୍ରଜ୍ଜ୍ୱଳ ସତ୍ୟ ଏକରୂପ ଶିଖା
ଶିଖାଇ ସରଳ କରେ ଶତ ପ୍ରତିଫଳିକା;
ସସୀମ ସେ ରୂପ ତବ ଆନରା ରୂପରାଣୀ ?
ବନ୍ଧୁ ବଶେ କି ବହଇ ଅସୀମର ବାଣୀ !

॥ ୧୫ ॥

ରୂପ ପ୍ରୀତି ଜୀବନର ପରମ-ଗୌରବ,
ଜୀବନ ମନ୍ଥରେ ଉଠେ ନିତ୍ୟ ମହୋତ୍ସବ !
ବ୍ୟବଧାନେ ଲୁପ୍ତ ହୁଏ ଦେଶ କାଳ ସୀମା,
ଶିଖାଇ ଗୋ ଧନ୍ୟ କଲ ପୀରତି ମହିମା ।

॥ ୧୬ ॥

ଦୂରେ ଦୂରେ ଥାଅ ପଟନ୍ତ ନବ ବଳାହକ
ସ୍ୱର୍ଗେ ଚିର ତୃପ୍ତ ରୂପ ପିପାସୁ ଚାତକ ।
ରୂପ ଅଭିମାନ ପ୍ରାଣେ ଚେତିଲେ ଅବଜ୍ଞା
ନ ଭୁଲିବ ରୂପସୀ ଗୋ ଦାନ କର ପ୍ରଜ୍ଞା ।

॥ ୧୭ ॥

ଏ ସୃଷ୍ଟି ମଙ୍ଗଳ ଲାଗି ରୂପ ଅଭିସାର
ଅଭିମାନେ ଅଚିହ୍ନା ଦାହ ନିତ୍ୟ ବ୍ୟଭିଚାର !
ସେ ସମ୍ପଦ ନ ଦହିବ ଅଗ୍ନି ଜାଠ ପ୍ରାସୁ
ଏ ଜୀବନ ଲାଗି ପ୍ରିୟ ନେଉଛି ବିଦାୟ ।

# ଯାଚ୍ଞା

॥ ୧ ॥

ସେ ନୟନ ଚନ୍ଦ୍ରାଲୋକେ ବସିଲି ଜୀବନ ଧନ୍ୟ ମୋର !
ଭୁଲି ଅବସାଦ ବ୍ୟାଧି ପ୍ରାଣ ଷଟ୍‌ପଦେ ଝଙ୍କୃତ କଠୋର !
ବକ୍ଷ ସ୍ନିଗ୍ଧ ସେ କିରଣ ! ନ ସ୍ପର୍ଶି ଥିଲେ ବାସନାର ବାନ୍ଧ,
ମାଳତୀ-କୁସୁମ-ବାସ ଅବା ନବସ୍ନିଗ୍ଧ ବାରିବାହ !
ସୁନ୍ଦର କରିଛ ମୋର ଜୀର୍ଣ୍ଣ ସୃଷ୍ଟି ! ଦୂର ଅବସାଦ !
ତୁମରି ନିଃଶ୍ୱାସ ପ୍ରିୟ ବକ୍ଷେ ବାଜେ ! ଛୁଟେଁ ମୋ ପ୍ରମାଦ !
ମରଣ ଏ କାଳେ ଯେବେ ଆସିବ ଗୋ କର ତାର ଧରି—
ପରମ ସୁହୃଦ ମମ କହିବ ମୁଁ ତା କାନେ ସୁନ୍ଦର—
ସୌନ୍ଦର୍ଯ୍ୟ ପରମ ସତ୍ୟ ! ସତ୍ୟ ହିଁ ପରମ ସୁନ୍ଦର !
ସୀରତ ଆଦର୍ଶେ ଆତ୍ମା ପାଇ ଧନ୍ୟ ମାନବ ଅମର !
ବାଣୀ ହୁଏ ସଗଦ୍‌ଗଦ ! ଲଭି ତବ ପୁଣ୍ୟ ଅନୁଭୂତି
ଅପସରି ଯିବ ଦୂରେ ?....ମୃତ୍ୟୁ ହେଉ ଜୀବନ ବିଭୂତି !
ନୀରବ ଜ୍ୟୋତ୍ସ୍ନାରେ ତବ ଅଭିସାର ସ୍ମୃତି ଅତୁଳ !
ରଖିବ ସମାଧି ସଙ୍ଗି ଦେବ କି ମେ ତ୍ରିଦିବରେ ଫୁଲ ?

॥ ୨ ॥

ସୁଦୂର ଦିଗନ୍ତେ ସ୍ୱଚ୍ଛ ନୀରବକ୍ଷ ଜ୍ୟୋତ୍ସ୍ନା ତଳ ତଳ
ନିଃସ୍ୱ ଏ ଅନ୍ତରେ ମମ ତବ ପ୍ରୀତି ତେସନେ ଅମଳ !
ନୟନ ମାଧୁର୍ଯ୍ୟ ତବ ଅନ୍ତର ତିମିରେ ରଚେ ରାସ,
ଆଣେ କିବା ମାଦକତା ! ହେଉନାହିଁ ଥିଲେ କି ବିଶ୍ୱାସ ?
ସଂଜ୍ଞା ଅପହୃତ ହେମ ଜ୍ଞାନର ଗରିମା ମନେର ଲାଜେ—
ଘାଟେଣି ଉଜ୍ଜ୍ୱଳ ହେଲେ ଥରେ ଶାରଦ ଅରୁଣ-ସ୍ନିଗ୍ଧ ସାଜେ !
ସେ କାଳେ ଚକୋର ଉଠେ ଡାକି ଅବା ଶୂନ୍ୟ ନେଇ ପୁଳକୁ
“ସୁନ୍ଦର ସୁନ୍ଦରତର କେମନେ ସନ୍ତରେ ବାନ୍ଧୁ ବାନ୍ଧୁ ?”

ଫେରାଇ ନିଅ ସେ ଦୃଷ୍ଟି ! ବାଜେ ବକ୍ଷେ ରୁଦ୍ଧ ଦୀର୍ଘଶ୍ୱାସ !
ସେ ନୁହେଁ ବେଦନା ସତ୍ୱ ନୟ ଯେ ପ୍ରୀତି-କୁସୁମ ନିଃଶ୍ୱାସ !
ପିଇଛି ଗୋ ରୂପ ସୁଧା ସକଳ ମୋ ଜୀବନଟା ଧରି
କାହିଁ ତେବେ ଅବସାଦ ? କାହିଁ ତୃପ୍ତି ପରାଣ ସୁନ୍ଦରି ?
ସ୍ୱପ୍ନ ପରଶିତ ସତ୍ୟ ! ଶତ ଦୈନ୍ୟ ଲୁଚେ ଅବାସ୍ତବ !
ଉଦାସ୍ୟ ଇଙ୍ଗିତ କେତେ ତହିଁ ମୋର ଅପାର ଉତ୍ସବ !
ଏ ସୃଷ୍ଟି-ସୌନ୍ଦର୍ଯ୍ୟବୋଧ ମେ ଯୁଗଳ ନୟନର ଶିକ୍ଷା
କୁସୁମ ସମ୍ପଦ ସ୍ମୃତି ଦିଅ ମୋତେ ପ୍ରୀତି-ପ୍ରହେଳିକା !

॥ ୩ ॥

ଆସିବ ଶ୍ରାବଣ ରାତି ! ଝରିବ ଗୋ ନୟନର ଜଳ ?
ମଳିନ ଶ୍ରାବଣ ଫୁଲ ହେବ ସତ୍ୟ ମୋ ଯାତ୍ରା ସମ୍ବଳ !
ଦୁଇ ଘନ ଅନ୍ଧକାରେ ଆକୁଳ ପରାଣ ପଥହରା
ସକଳ ତାରୁଣ୍ୟ ମୋହ ନିଗାଡ଼ି ପିଇବ ଝୁରି ଜରା,
ଶୂନ୍ୟ ସେ ନିର୍ଜନ ପଥେ ନଥିବ ଗୋ କେହି ସାଥି ସାହା
ଅବଶ ଏ ଦେହ ମନ ଲୁହି ଥରେ କହିବାକୁ ଆହା !
ଅପୂର୍ଣ୍ଣ ଜୀବନେ ସତ୍ୟ ଅପୂର୍ଣ୍ଣ ଗୋ ରହେ ଶତ ଆଶା,
ବାଷ୍ପ ଜଡ଼ିତ କଣ୍ଠ ପାଏ ନାହିଁ ଖୋଜି ବ୍ୟଥା-ଭାଷା ।
ସକଳ ଅସାର ମେଳେ ସଜନିରେ ସାର ପ୍ରୀତି-ସ୍ମୃତି,
ସହସ୍ର ଜୀବନମେଳେ ସାର କ୍ଷଣ-ରୂପ ଅନୁଭୂତି ।
ନମେଷ ମିଳନେ କହେ ଉଦାସ ନୟନ ଯେତେ ବାଣୀ
ତା ଭୁଲେ ଅମୂଲ୍ୟ କିବା ଜାଣେ ନାହିଁ ଆରେ ପ୍ରୀତି ରାଣୀ !
ମଉଳି ଯାଉ ସେ ଫୁଲ ମରିବାର ନୁହେଁ ତାର ବାସ,
ଘନ ଅନ୍ଧକାରେ ପ୍ରୀତି-ସ୍ମୃତି ସଦା ଉଜ୍ଜ୍ୱଳ ପ୍ରକାଶ ।

# ରୂପାଭିମାନିନୀ

॥ ୧ ॥

ପ୍ରଖର-ଉତ୍ତପ୍ତ-ଦିବା ସମ ମମ ଉଦ୍‌ଭ୍ରାନ୍ତ ଯୌବନ
ଝୁହୁଁ ଲପ୍ତମାନ ଆହା ବାର୍ଦ୍ଧକ୍ୟର ଝମା ଅନ୍ଧକାରେ
ସତ ଆସିଲଣି ପ୍ରଭୁ ଶର-ମୁଗ୍ଧ-କୁସୁମ ଚୟନ
ଅଶ୍ରୁପ୍ଲୁ ସମ୍ବଳହୀନ ନାସ୍ତି ପ୍ରାଣ ପୃଷ୍ଠି ହାହାକାରେ !
ଜୀବନ ପ୍ରଦୀପ ଏବେ କ୍ଷୀଣ ମ୍ଳାନ ! ହତେ ପଥପ୍ରାନ୍ତ !
ମୁକ୍ତାର ସନ୍ଧାନ ଦେବେ ନ ମିଳିଲା ଭବ ପାରାବାରେ
ନଳିନ ଷଟ୍‌ପଦ ସମ ସ୍ୱପ୍ନାଲୋକ ରଚି ଅବଶ୍ରାନ୍ତ
ମତ୍ତ ହେଲି ନିଶି ଦିବା ସାର କରି ଅମ୍ଭ ଭ୍ରଂଶସାରେ;
ସ୍ୱାଧୀନତା ମୁକ୍ତ ଶାଳ ନିଜ ଗଳେ ପିନ୍ଧାଇଲି ଡୋର
ଜୀବନ ସରଳ ପଥ କରିଛି ଜଟିଳ ଇଚ୍ଛା ମତେ,
ହସୁଥିଲ ମୌନେ-ପ୍ରଭୁ ? ଯେବେ ଶତ ଚପଳ କଣୋଷ୍ଠ—
ମଙ୍ଗଳ-ବିଧାନ ଦୃଢ଼ ଟେଳିଲି ଦଳିଲି ନିରତେ ?
ତୁମ କରୁ ମୁକ୍ତ କରି ହେଲି କ୍ଷୁବ୍ଧ ଅମୃତ ବଞ୍ଚିତା
ଆତ୍ମ ସମର୍ପଣ ସୁଖେ ମଗ୍ନ ହସ୍ତ ! ପ୍ରାଣେ ମୋର ଚିନ୍ତା ।

॥ ୨ ॥

ମନେ ପଡ଼େ ଏଥି ପ୍ରାନ୍ତେ, ସେ ଦିନ ମୁଁ ନବୀନା କିଶୋରୀ,
ମୋ ଯୌବନ ଉପବନ କୌମୁଦୀ-ଐଶ୍ୱର୍ଯ୍ୟ ଗର୍ବ ଭରି,
ଧନ୍ୟ ଯେବେ ଧମୀରଣ ମୋ ଅଙ୍ଗ ସୌରଭ କରି ହରି,
ଆସିଲ ସେ କମ୍ପ୍ର ପଦେ ସଙ୍କୁଚିତ ଭିକ୍ଷାପାତ୍ର ଧରି—
ମୋ ହୃଦୟର ଦ୍ୱାର ପ୍ରାନ୍ତେ ! ସଶଙ୍କିତ କ୍ଷୀଣ କଣ୍ଠସ୍ୱନ !
ଅଙ୍କିତ ପତ୍ରଣେ ମମ ସ୍ମୃତି ତାର ମଳିନ ବୃହାଣୀ,
ଆଜ ସ୍ପୃହା ପଡ଼େ ମନେ ଅବଜ୍ଞାରେ ପୂଛିଲି କାରଣ
ଫେରାଇ ଦେଲି ମୁଁ ଶେଷେ ଦୂର ଉପହାସ ବାଣୀ ହାଣି ।

“କୁଶଳେ ଐଶ୍ୱର୍ଯ୍ୟମୟୀ ରହ ସଦା ! ଘେନ ନମସ୍କାରେ ।
ଶୂନ୍ୟ ମୋର ସିଂହାସନ ରହୁ !” କହି ଘେନିଲି ମେଲାଣି,
ଦଳିଲି ତା କରମାଲ୍ୟ ଦୃପ୍ତପଦେ ! ଆଜି ଅନ୍ଧକାରେ—
ସୁଲଭ ହେବ କି ଆଉ ଦିବସର ସେ ଅମୂଲ୍ୟ ମଣି ?
ଆସିବ କି ତବ ଭକ୍ଷୁ ? କାନ୍ଦେ ନିତି ମୋ କୁରଙ୍ଗ ପ୍ରାଣ !
ଦହେ ଆତ୍ମପ୍ରବଞ୍ଚନା, ଅଶାନ୍ତ ଯୌବନ ଅଭିମାନ !

॥ ୩ ॥

ଖେଳୁଛ ଖେଳୁଛ ମୋହେ ! ତୁମ କରେ ଦେଇ ନାହିଁ ଧରା
ତୁମରି ଅସ୍ତିତ୍ୱ ପ୍ରଭୁ ଯଦେ ହେଲେ କରିନି ସ୍ୱୀକାର,
ଚପଳତା ଲାଗି ଦଣ୍ଡ ନିଷ୍ଠୁର ଜୀବନ ସ୍ୱାମୀ ପରା,
ଏ ଶୂନ୍ୟ ମନ୍ଦିରେ ମମ ଘନଘନ କୁଳିଶ ପ୍ରହାର ?
ଆତ୍ମ ପରିତୃପ୍ତି ଲାଗି ବାସନା ବାଡ଼ବ ଦେଲି ଜାଳି,
ପତଙ୍ଗ ସମାନ ପ୍ରିୟ ଆତ୍ମଦାହ ହେଲା ସିନା ସାର ?
ଆଜେ ଉପହାସ କରି ନିଜ ମୁଖେ ସିନା ଦେଲି କାଳି ?
ସଂକୀର୍ଣ୍ଣ ମୋ ମାନଦଣ୍ଡେ ତୁମ ବାଧି କଲି ମୁଁ ବିଚାର,
ନିଭିନ ବାସନା-ଦାହ ଶମିନାହିଁ ପ୍ରାଣ ହାହାକାର,
ବିକ୍ଷୁବ୍ଧା ଜନମ ଶୂନ୍ୟ ଅବିଶ୍ରାନ୍ତ ଝଡ଼େ ପ୍ରାଣପୁର !
ସୃଷ୍ଟିର ଭଙ୍ଗିମା ଜାସୁ ଦମ୍ଭେ ମୋର କରନ୍ତି ଧିକ୍କାର,
ସ୍ଫୂର୍ତ୍ତି ମୋ ନାଚଇ ସଦା ମୁକ୍ତି ଲାଗି ବହିଁଛି ସୁଦୂରେ !
ଆଉ ଶୁଣାହେବ କି ବା ହଜିଗଲା ପ୍ରୀତି ବଂଶୀସ୍ୱନ ?
ମୁକୁଳିତ ହେବ ସତେ ଶୂନ୍ୟ ଏ ଜୀବନ କୁଞ୍ଜବନ ?

# ସ୍ୱପ୍ନ ରୂପ

"ଦୁର୍ଭିକ୍ଷ ହୋଇଲାଣି ଦେଶ ସର୍ବସ୍ୱାନ୍ତ ଏ ବନ୍ୟା ବିପ୍ଳବେ,
ଲକ୍ଷ କୋଟି ଜନପ୍ରାଣୀ ମୃତ୍ୟୁ ଗର୍ଭେ ଲୀନ ହୋଇଲେ ଲଭେ
ଫେରାଇ ନ ଦିଅ, ଦିଅ ଇଚ୍ଛା ଯାହା ଲକ୍ଷ୍ମୀ ସ୍ୱରୂପିଣୀ !"
ମାଗୁଛନ୍ତି ସେବା ଦଳ ଭିକ୍ଷା ଗାଇ କରୁଣ ରାଗିଣୀ ।
ସେ କରୁଣ ଗୀତ ଶୁଣି ଉଦ୍‌ଗ୍ରୀବ ଲୋଚନେ ଦ୍ୱାରଦେଶେ,
ଉଭାହୁଏ ନାରୀ ଏକ-ଦୀନ ତାର ଯାଏ ଅବା କ୍ଲେଶେ !
ବିଷର୍ଣ୍ଣ ବଦନ ମ୍ଳାନ-ବାସ ଅଙ୍ଗେ ଦାରିଦ୍ର୍ୟ ସୂଚନା
ଝରି ପଡ଼େ ଅଶ୍ରୁବିନ୍ଦୁ ଶୁଣି ଗୀତ-କରୁଣ-ମୂର୍ଚ୍ଛନା ।
ଦ୍ୱିତଳ ପ୍ରାସାଦ ଶୀର୍ଷେ ବିଦ୍ୟୁତ ଆଲୋକ ଭୁଞ୍ଜି କରି,
ବସଇ ବାସକସଜ୍ଜା ଅସାମାନ୍ୟା ଷୋଡ଼ଶୀ ସୁନ୍ଦରୀ;
ଆଳି ତା ଚାପରୀ କରେ, "ରୂପହାଟେ କେ ଦେବ ତୋ ମୂଲ ?"
ଜବାଧରେ ଫୁଟେ ହାସ୍ୟ ବନ୍ଧୁଯାଏ ସଙ୍ଗୀତ ବ୍ୟାକୁଳ !
ଜନନୀର ସ୍ୱପ୍ନ ରୂପ ଭାଳି କବି ସ୍ତବ୍ଧ-ମନ୍ତ୍ର-ମୁଗ୍ଧ
ବିଚିତ୍ର ଆଲୋକପାତେ ଗଢ଼ିଉଠେ ନବ୍ୟ-ସୃଷ୍ଟି ସୌଧ ।

# ବନଫୁଲ

ଆସିଥିଲା ମାଆକୋଳେ ଗଡ଼ାଇ ନଗାଟାଇ,
ସରଳ ସୁନ୍ଦର ବପୁ ଆଭରଣ ନାହିଁ,
ନାହିଁ ବେଶ ପଟ୍ଟପାଟୀ ଅଯତ୍ନ କବରୀ,
ଦିଶୁଥିଲା ତଥାପି ସେ ପୂର୍ଣ୍ଣଶଶୀ ପରି !
ବିବିଧ ମୁଖମଣ୍ଡନ ଜାଣିବ ସେ କାହିଁ ?
ଜୁଟେ ନାହିଁ ଅନ୍ନ ଦୁଃଖେ ଆନ କଥା ଥାଉ ।
ରୂପ-ବିପଣୀରେ କେବେ ସେ କାନନ ଫୁଲ,
ଜାଣିନାହିଁ କେବେ ହେବ ଆପଣାର ମୂଲ,
ନୀରବ ଜୀବନ ତାର ମନ୍ଦେ ଯାଏ ବହି,
ବରଷ ତା କେତେ ପୁଚ୍ଛ ନ ପାରିବ କହି ।
କି ହେବ ବରଷ ଜାଣି ? ଝୁରଇ କାନନେ—
ଯେତେ ପତ୍ର ପୁଷ୍ପ ଲତା କେବା ତାହା ଗଣେ ?
ଏ ସୃଷ୍ଟି ବିଧାନେ ତାଳି ନୀରବ ପ୍ରଶାନ୍ତି,
ଆରମ୍ଭ ନିଃଶେଷ ହେବ ତା ମନ୍ଥର ଗତି ।
ହସ ହସ ତା ନୟନ କରେ ଉପହାସ,
ନାଗରିକ କୋଳାହଳ ସଭ୍ୟତା ବିକାଶ ।
କଳ୍ପିତ ସୋହାଗ ପ୍ରୀତି ହାସ୍ୟ ଅଶ୍ରୁଧନ
ସେତିକି କଳ୍ପନା ତାର ! ସେ ତାର ଜୀବନ !
ସେ ମୂର୍ତ୍ତି ନୟନେ ସଦା ଉଠଇ ଉଛୁଳ
ଲୀଳା ପ୍ରୀତି ସିନ୍ଧୁ ଦେଖି ହୁଏ ନାହିଁ ଭୁଲ !

× × ×

ଷୋଡ଼ଶ କୁମାରୀ ଅବା ଯୁବତୀ ତରୁଣୀ,
ନ ଥିଲା ତ ଅବସର ହେବା ମନେ ଗୁଣି ।
କହିବ ହେ କବିକୁଳ 'ଦଶୋଟି ବସନ୍ତ—
ଏକେ ଏକେ ଲାଗି ତାକୁ କଲେ ରୂପବନ୍ତ ?'

ଭାଳିବାକୁ ନ ଥିଲା ମୋ କବିତ୍ୱ କଳ୍ପନା,
ଜୀବନ ଅମୃତ ସ୍ପର୍ଶ ପ୍ରାଣ ମେ ଉ ବଣା,
ବର୍ଣ୍ଣିବାକୁ ତା ଅମୃତ ମାଧୁରୀ ଗରିମା,
ଦୁର୍ବଳ ଲେଖନୀ ଆଜି ପାଏ ନାହିଁ ସୀମା !
ଖୋଜଇ ତୁଳନା ତୁମ୍ଭ ପ୍ରୀତି ରୂପ ରାଶି,
କହିବ ପଦ୍ମ ପଲାଶ ସମ ତାର ଆଖି,
କାହିଁ ମାନୁନାହିଁ ଉପମା ଅଲଣା,
ତା ରୂପ ବିଭବ ହେବ ସେ ଏକା ତୁଳନା !
ଦେଖିଛୁ ତ ନାଗରିକ ରୂପସୀ ନାଟସୀ,
ମନେ ପଡ଼ୁ ନାହିଁ କେନ୍ତ ତୁଲ ତେଜପରି ।
ଆଦ୍ୟ ସୃଷ୍ଟି ଅରବିନ୍ଦ ସମ ନବ ଉଜ୍ଜ୍ୱଳ !
ପ୍ରାଣ ପାଇବାର ଲକ୍ଷ୍ମୀ ସର୍ବ ଲୀଳାସ୍ଥଳ !

× × ×

ମନେ ପଡ଼େ କବି ଗୁରୁ* ଦେଖି ତୁମେ ଥରେ,
ବିଷାଦ ସଙ୍ଗୀତ ଶୁଣି ପର୍ବତ କନ୍ଦରେ,
ହୋଇଥିଲ ସ୍ତମ୍ଭୀଭୂତ ! ନ ଚଳିଲ ପାଦ !
ଏସନେ ଅମୃତ ପ୍ରୀତି-ରସ-ପରମାଦ !
ମଧୁ ପ୍ରସ୍ରବଣ ପିଇ ସେ ତବ ଜୀବନ,
ଅଶେଷ କାରୁଣ୍ୟ ପ୍ରୀତି ସଞ୍ଚିତ ମୂର୍ଚ୍ଛନେ,
ଗାଇଲ ତା ଗୁଣ କେତେ ମାଧୁରୀ ତା ଝୁରି,
ମାତ୍ର ଏ ଆନନ୍ଦରସେ ପ୍ରାଣ ଉଠେ ପୂରି !
ଅନନ୍ତ ସୃଷ୍ଟିର ଲୀଳା ଦେଖ ଏ ନୟନ,
ଅମର ସଙ୍ଗୀତ ଉତ୍ସ ଅଧର କମ୍ପନ,
ନିଷ୍କପଟ ଅନବଦ୍ୟ ସରଳତା ମୂର୍ତ୍ତି
ଦେଖିନାହିଁ ବ୍ରହ୍ମାଣ୍ଡ ସୌନ୍ଦର୍ଯ୍ୟ ଅନୁକୃତି ।

---

*୧୮-୧୯ଶ ଶତାବ୍ଦୀର ବ୍ରିଟିଶ କବି Wordsworth

ଏ ରୂପ କୁସୁମ ଭୃଙ୍ଗ କ୍ଷତ କଳୁଷିତ—
କରନାହିଁ ବୋଲି ଦିଶେ ଉଜ୍ଜ୍ୱଳ ପବିତ୍ର !
ଶୁଣିଥିଲି କତ ରୂପ ବିଷାଦ କ୍ରନ୍ଦନ,
ଦେଖିଥାନ୍ତି ଆଜି-ଶୁଭ୍ର-ବିରସ-ନନ୍ଦନ ।
ଆନନ୍ଦମୟୀର ନିତ୍ୟ ପବିତ୍ର କଲ୍ୟାଣ,
କହେ ଯେ ନୟନ ଥରେ କରିଥାନ୍ତି ପାନ !

×   ×   ×

ମୁକ୍ତ କରି ଜୀବନର ସକଳ କାରୁଣ୍ୟ
ଗମ୍ଭୀର ଆନନ୍ଦ ଗୀତେ ହେ ଶିଳ୍ପୀ* ନିପୁଣ—
ଗାଇଥାନ୍ତ ଏ ଜୀବନ ଆନନ୍ଦ ଅମୃତ !
ସକଳ ତୁଚ୍ଛତା ରୂପ ସ୍ପର୍ଶେ ହବେ ପୂତ !

×   ×   ×

ଅସୀମ ସାଗରର ସେବା କୌମୁଦୀ ପ୍ଲାବନ !
ଅନ୍ତରର ବୃନ୍ଦାବନେ ଅବା ବଂଶୀସ୍ୱନ !
ସୁଦୂର ଦିଗନ୍ତ ବାର୍ତ୍ତା ସଞ୍ଚିତ ନୟନେ,
ମର୍ତ୍ତ୍ୟର ଗରିମା ସବୁ ମୁକ୍ତ କରି କ୍ଷଣେ,
ଅଭିଭୂତ ପ୍ରାଣ ଭରେ ଚିତ୍ତ ହୁଏ ବନ୍ଧ
କ୍ଷୁଦ୍ର ବାଳକାକୁ ଏତେ ଭେଦ ଅନୁସନ୍ଧି—
ଦେଲା କିଏ ? ଏ ମାଧୁରୀ ଯତନେ ଶିଖାଇ
ମର୍ତ୍ତ୍ୟ ଆଲୋକିବା ବୋଲି ଦେଇଛ ପଠାଇ ?
ଦୈନ୍ୟ ଅମା ଅନ୍ଧକାରୁ ମାଧୁରୀ ବିମଳ,
ଚନ୍ଦ୍ରପଟେ ଆଭା ଯେସନେ ମାରେ ଝଳ ଝଳ,
ଲଭୁଛୁ ସକଳ ଲୀଳା ଏଥି ସାର୍ଥକତା,
ଯେ ଭଙ୍ଗୀରେ ଶରବନ୍ଧ ଆରାଧ୍ୟ ଦେବତା,
ଧନ୍ୟ ମୂର୍ତ୍ତି ! ଧନ୍ୟ ହେଲା ସାର୍ଥକ ଜୀବନ !

* କବିବର Wordsworth.

ସଂଶୟ ଶୃଙ୍ଖଳବଦ୍ଧ ଶାପ ବିମୋଚନ !
ସକଳ ଜଟିଳ ସୃଷ୍ଟି ନିମେଷେ ସରଳ,
ସ୍ୱଚ୍ଛନ୍ଦ ଏ ସୃଷ୍ଟି ତଳେ ପୀରତି ମଙ୍ଗଳ,
ସୌନ୍ଦର୍ଯ୍ୟ, ଅମୃତ-ପ୍ରୀତି, ଜୀବନ, ସଂସାର,
ଅପାର ଆନନ୍ଦେ କ୍ଷଣେ ସବୁ ଏକାକାର !
କିଏ ତୁମ୍ଭ ଯୁକ୍ତିବିଦ କି ? କ୍ଷୁଦ୍ର ବନଫୁଲ—
ପଥହୁଡ଼ା ପାନ୍ଥ ଲାଗି ତୁ ନିତ୍ୟ ଆକୁଳ ?
ସ୍ୱଚ୍ଛେଁ ନାହିଁ କେତେ ନେତେ ? ବେଦନ କେ ମୂଳ ?
ମାତ୍ର ତୁମ୍ଭ ଶର ସତ୍ୟ ! ସଙ୍ଗୀତ ଅତୁଳ !
ସହସା "ଏ ସର ··" ବୋଲି ଜନନୀ ସୋହାଗୀ
ଡାକିଲା ଆଦର କରଣ୍ଣ ! ସ୍ୱପ୍ନ ଗଲା ଭାଗି !
ଦେଖିଲି ବାଳକା କ୍ଷୁଦ୍ର ହୋଇ ତରତର,
ଜନନୀ ବସୁଧା ବକ୍ଷୁ ଗୋଟାଏ ପତର ।
ସକଳ କରମେ ତାର ଢଳ ଢଳ ମୁଖ,
ଅଲକ୍ଷରେ ଲଦ୍ଧିକରେ ମୋ ଅନ୍ତର ଦୁଃଖ ।
ବହୁଟି ସ୍ମୃତିରେ ଲିଖି ରୂପ-ପରମ୍ପରା,
ଥିଲେ କି ବାଧିବ ଅଜ୍ଞ ମରଣ ଭୁଲତା ?

# ମହା ନିର୍ବାଣ

"ସ୍ନିଗ୍ଧ ଯୁଗ୍ମ ଶାଳ ତରୁ ଛାୟା ସୁଶୀତଳ,
ବହଇ ଅନିଳ ସ୍ନିଗ୍ଧ ମନ୍ଦ ଅବିରଳ,
ଶ୍ୟାମ ଦୂର୍ବାଦଳ ନଭ ନୟନ ନନ୍ଦନ,
ହରଉ ଆନନ୍ଦ ମୋର ଅନ୍ତିମ ସ୍ୱପନ
ଅଦୂର ନିଶୀଥ ସମ କ୍ଳାନ୍ତି ଅବସାଦ
ଜରା ବ୍ୟାଧି ଏ ନଶ୍ୱର ଜୀବନ ପ୍ରମାଦ
ଘୋଟି ଆସେ ବୃଦ୍ଧଁ ଧୀରେ ଚିତ୍ତ ଅବସନ୍ନ
ହସିଲେ ଖଣ୍ଡନ୍ତ କିବା ରଚ ମୋ ସ୍ୱପନ
ଶିଥିଳ ଶକଟ ଚକ୍ର ଜୀର୍ଣ୍ଣ ବକ୍ର ଗତି,
ଦୁର୍ଗମ ବନ୍ଧୁର ପଥେ ସଙ୍କୀର୍ଣ୍ଣ ଶକତି,
ଚଳିଛି ଅଶୀତି ବର୍ଷ ବେଶୀ ନୁହେଁ ଆଉ
ମରଣର ପ୍ରାପ୍ୟ ତାକୁ ଦିଅ ବେଳ ଥାଉ,
ଉଡ଼ିଯାଉ ପ୍ରାଣବାୟୁ ସହ ଯେ ବନ୍ଧନ,
କାହିଁକି ଶୋଚନା ଅଶ୍ରୁ ହରଉ ସ୍ୱପନ ।
ନିର୍ବାଣ ଉନ୍ମୁକ୍ତ ଶିଖା ଦଶେ ସୁମଧୁର
ନିଃଶେଷ ଗରଜୁଁ ହେଳ ସେ ହ୍ନ ସେ ଅଙ୍କୁର,
ମିଶିବାକୁ ମହାକାଳ ପ୍ରଶାନ୍ତ ଅନ୍ଧାରେ,
ଧ୍ୱନି ଯଥା ମହାଶୂନ୍ୟ ଶାନ୍ତ ନୀଳିମାରେ,
ଝରିବା ପାଦପ ଅଙ୍ଗୁ ପଳାଶ ଛତର
ନାହିଁ ତ ବୈଚିତ୍ର୍ୟ, ନୁହେଁ ପ୍ରକୃତି ଅନ୍ତର,
ଜନମିଲେ ମୃତ୍ୟୁ ଧ୍ରୁବ ଫେଣିବ ତରଙ୍ଗ
ସାଗର ବେଳାରେ ଥରେ ହେଲେ ଗତିଭଙ୍ଗ;

---

* ବୁଦ୍ଧଙ୍କର ଅନ୍ତରଙ୍ଗ ଶିଷ୍ୟ, ଚୁନ୍ଦତ ଅମ୍ଭୀପୁ ଓ ଅନୁଚର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ କାୟା ପଛେ ଛାୟା ପରି ତାଙ୍କର ଅନୁଗମନ କରିଥିଲେ ।

ଜୀବନେ ମାତର ଯାର ଚିତ୍ତ ସମ୍ପ୍ରୟୋଗ,
ସ୍ଥିର ଲକ୍ଷ ଯୋଗୀ ନିସ୍ପୃହା ନ ଜାଣେ ବିୟୋଗ ।
ଅଟଳ ସାଧନା ବଳେ ସହଜ ନିର୍ବାଣ
ମରଣ ତା'ବନ୍ଦୀ ସମ କରେ ଜୟଗାନ ।
ଅଗ୍ରସର ହେଉ ପନ୍ଥ ! ବିଦାୟ ହେ ବୀର !
ଶାନ୍ତି, ଶାନ୍ତି ! ପଡ଼ି ରହୁ ମର କଳେବର !

# ବୁଦ୍ଧ ଓ ରାହୁଲ

ଧନ୍ୟ ଆଜ ଜନ୍ମଭୂମି ! ଶାକ୍ୟ ମୁନି ଆଗତ ନଗରେ,
ପୁରପଲ୍ଲୀ ଦୂର ଗ୍ରାମ ନରନାରୀ ଆନନ୍ଦ କେ ଧରେ,
ନବସନ୍ତ ମେଳେ ନଗର ଉପାନ୍ତ ବଂଶବନେ,
ଉପେକ୍ଷିତା ଯଶୋଧାରା କି ଅବା କଳ୍ପନା ରଖି ମନେ—
ପୁଚ୍ଛନ୍ତି ରାହୁଲେ "ବତ୍ସ ଶୁଣିଛୁନା ଆଗତ ତୋ ପିତା ?"
ଅନ୍ଧ କରି ଜନନୀଙ୍କ ପ୍ରାଣେ ତାର ଜାଳିଲେ ଯେ ଚିତା
ଆସିଛନ୍ତି ସେ ନିଷ୍ଠୁର ! ହୁଏ ପଛେ ମୂର୍ଚ୍ଛି ନାରଖାର,
ଯାଅ ବତ୍ସ ! ମାଗ ଯାଇ ସନ୍ତାନର ଚିର ଅଧିକାର !
ଗଲେ ଯେତେ ବଂଶବନେ ସକଳେ ପ୍ରାସାଦେ ହେଲେ ଧନ୍ୟ
ମହା କାରୁଣିକ ବୁଦ୍ଧ ସର୍ବଙ୍କର ଆଶ୍ରୟ ପରମ ।
ରାହୁଲ ଯାଚକ ବେଶେ,…"ଦିଅ ମୋର ନ୍ୟାଯ୍ୟ ଅଧିକାର !"
"ଚିର ଭିକ୍ଷୁ ତବ ପିତା ! ଭିକ୍ଷା ବତ୍ସ ତା ଜୀବନ ସାର !"
ଉତ୍ତରିଲେ ତଥାଗତ ମନେ ହସି…
"ଦ୍ୱାରେ ବୁଲି କରିବ କି ଭିକ୍ଷା ?
ବହ ଏ ଗୈରିକ ବାସ ଲଭ ଶ୍ରେଷ୍ଠ ନିର୍ବାଣର ଦୀକ୍ଷା !"

# * ପ୍ରକୃତି ପ୍ରଣୟ

## ଅମାବାସ୍ୟା ( ଅନ୍ଧକାର )

॥ ୧ ॥

ଚାଁଣନା ଜଗତସି ଛୁ, ଛି, ବନ୍ଧୁ ମୋହ ଗଣ,
ଲଜ୍ଜା ସରମରେ ମୋର ଦୋହଡ଼ଯାଏ ପ୍ରାଣ ।
ରୂପହୀନା କୁତ୍ସିତା ମୁଁ ଅମାବାସ୍ୟା ରାତି,
ଦିବ୍ୟ ବପୁସ୍ମନ୍ତ ତୁମେ ଆଲୋକର ପତି ।
ସପ୍ତସିନ୍ଧୁ ମନ୍ଥି ତୁମେ ଅମୃତ ପରମ,
ଦେବତା ବାଞ୍ଛିତ ଦିବ୍ୟ ଜ୍ୟୋତି ନିରୁପମ ।
ତୁମ ରୂପ ଦେଖି ଭୁଲିଁ ଏ ସୃଷ୍ଟି ଆକୁଳ,
ସ୍ୱର୍ଗ ମର୍ତ୍ତ୍ୟ ତୃଷା ସୁଧା ସେ ବଦନେ ଠୁଳ ।
କାନ୍ତି ତୁମେ ନିରୁପମ ! ମୁହିଁ ରୂପହୀନା !
ଲାଜେ ଘଡ଼ି ଯାଏଁ ବନ୍ଧୁ ଦେଖାକୁ ମୁଁ ଛନ୍ଦା ।
କି ଦେଖିବ ? ଅନ୍ଧକାର କୁତ୍ସିତ କାଳିମା ?
କି ଅବା ଜାଣିବେ ତା'ର ଗରବ ଗରିମା ?
ସେ ଲାଗି ପ୍ରତୀଚୀ ଦ୍ୱାର ଅନ୍ତରାଳେ ରହି
ପିଇ ବନ୍ଧୁ ରୂପସୁଧା ମରମେ ମରଇଁ !
ହେ ମୋର ପରମ ଧ୍ୟେୟ ! ନ କର ବଞ୍ଚିତା !
ଧନ୍ୟ କର କୁତ୍ସିତାରେ ଢାଳି ପ୍ରୀତି-ଚିତା ।

---

* ବୈଜ୍ଞାନିକ ଓ ଆନ୍ତର୍ଜାତିକମାନେ ଏହିବିଧ ପ୍ରଣୟକୁ ସନ୍ଦେହ ଚକ୍ଷୁରେ ଦେଖି ପାରନ୍ତି । ମାତ୍ର କଳ୍ପନାଲୋକରେ ଏହାର ସମ୍ଭାବନା ଅଳୀକ ନୁହେଁ । ପୂର୍ଣ୍ଣିମା "ଆଲୋକ ଦୀପ୍ତ ତରୁଣ—ଅମାବାସ୍ୟା ସର୍ବାବୟବ ଅବଗୁଣ୍ଠିତା ରୂପହୀନା ନାରୀ । ଶୂନ୍ୟଲୋକରେ ଉଭୟଙ୍କର ଅପୂର୍ବ ମିଳନ । ଚନ୍ଦ୍ରଗ୍ରହଣ ରାତିରେ ଏପରି କଳ୍ପନା ସମ୍ଭବପର ।

—ରଚୟିତା

## ପୂର୍ଣ୍ଣିମା ( ଆଲୋକ

॥ ୨ ॥

ରହ ଆଜ କ୍ଷଣେ ସତ୍ତ୍ୱ ହଜଇ ମୋ ଧୃତି,
ବୃଷ୍ଟିରୁ ଆଲୋକ ସୁଧା ପାଇବାକୁଁ ତୃପ୍ତି !
ତେଣୁଟେର ସଜନ ଏତେ ବ୍ୟାକୁଳ ବାସନା,
ସେ ଅଞ୍ଜନ କାନ୍ତି ଲାଗି ନୟନ ମୋ ବଣା
ନଅ ଆଜ ଆଲୋକର ସକଳ ଗୌରବ,
ସାର ହେଉ ବଣ୍ଟ-ସୃଷ୍ଟି-ଶ୍ରୀରତ-ଉତ୍ସବ,
ଆବର ଦଅ ଏ ବପୁ ସ୍ନିଗ୍ଧ ବସ୍ତ୍ରାଞ୍ଚଳେ,
ପରାଣ ଶୀତଳ କର ପ୍ରୀତିପୂର୍ଣ୍ଣ ଜଳେ ।
ଆଲୋକେ ଅନଳ ତାପ ପୀଡ଼ଇ ସଜନ;
ଲୋଡ଼େ ପ୍ରାଣ ତେଣୁ ଶାନ୍ତ ଶୀତଳ ରଜନୀ,
ନରଯାଉ ମୋର ସତ୍ତ୍ୱ ସ୍ନିଗ୍ଧ କାନ୍ତି ତଳେ,
ରତ୍ନ ଏ ଅନ୍ତର ଯଥା ପାଷାଣ ତରଳେ ।
ଅଧର ଚୁମ୍ବନ ଶ୍ରାନ୍ତ କ୍ଳାନ୍ତ ଏ ନୟନେ,
ଶୈଶବ ସମାନ ଆଜ ଭାଗ୍ୟବାନ ମଣେ ।
ଅମାବାସ୍ୟା ? ଅନ୍ଧକାର ? ଅପୂର୍ବ ସୁନ୍ଦର
ଶ୍ରୀରତି କମଳ ସେ ଯେ ଅକ୍ଷୁର୍ଣ୍ଣ ଅମର ।

●

[ ୧୯୩୪ ]

# ସ୍ମୃତି ତର୍ପଣ

। ୧ ।

ସ୍ମରୁଁ ସ୍ମରୁଁ ଜୀବନର ଯବନିକା ପାତ !
ପୁଣି ଦିବସର ଜନ୍ମ ! ମଙ୍ଗଳ ପ୍ରଭାତ—
ନବଜାତ ଶିଶୁ ସମ ଆନନ୍ଦ ବିହ୍ୱଳ !
ସର୍ବସ୍ୱ ବିକାଶ ପ୍ରାଣ-ବିକଚ କମଳ !
ଜଳ ସ୍ଥଳ ଶ୍ୟାମ ଶୈଳ ଦୂର ଗିରିମାଳ,
ଜନପଦ ପୁର ପଲ୍ଲୀ ଶାନ୍ତ ଚକ୍ରବାଳ,
ଜାଗ୍ରତ ସକଳେ ଶୁଭ୍ର ଆଲୋକ ଆହ୍ୱାନେ !
ଜାଗିଛୁ ମୁଁ ସୁଗଭୀର ବ୍ୟଥା ବକ୍ଷ ପ୍ରାଣେ !
ତୁମରି ପ୍ରଶସ୍ତ ଶାନ୍ତ ତଟିନୀ ପୁଳିନେ
ନିଃସଙ୍ଗ ଏକାକୀ ! ବନ୍ଧୁ, ମନେପଡ଼େ ଦିନେ ?
ଭ୍ରମୁଥିଲୁ ବେନି ଜନ ଏଥି ଲଘୁ ମନେ,
ବାର୍ଦ୍ଧକ୍ୟ ତରୁଣ ଅନ୍ତରର ପ୍ରୀତି ଧନେ !
ଆଜି ତୁମେ ନାହିଁ ! ତଳେ ହୃଦୟ ଉଚ୍ଛ୍ୱାସ
ଅଙ୍କେତ ଝରଇ ଅଶ୍ରୁ, ଦୀର୍ଘ ଭଗ୍ନ ଶ୍ୱାସ !

। ୨ ।

ଏଛୁ ସେ ଏକାକୀ ହଂସ !—ଦୂର ମାନସର ?
ଅନ୍ତସମି ନଗ ଶୈଳ ତଳେ ଖରତର !
ବନ୍ଧୁ ମୃତ୍ୟୁ ଗୁରୁ ବ୍ୟଥା ତରଳ ନୀରବେ,
ଆଲୋକେ ଅନ୍ଧାରେ ଅଶ୍ରୁ-ଆନନ୍ଦ ଉତ୍ସବେ ।

---

* ସ୍ୱର୍ଗତ ପୂଜନୀୟ ବିଶ୍ୱନାଥ କର ମହାଶୟଙ୍କ ଉଦ୍ଦେଶ୍ୟରେ

—ରଚୟିତା

ମାରବେ ଚଳିବା ପଥ କରୁଛ ସେ ସାର,
ଭୁଞ୍ଜ କରି ଅମୃତଦୈନ୍ୟ ଅଶ୍ରୁ ହାହାକାର !
ତା ଗର୍ଭରେ ପଥ ମୋର ହେଉଇ ସରଳ
ପ୍ରଶାନ୍ତ ଅମୃତ ସ୍ୱାଦେ ଜୀବନ-ଗରଳ !
ମାଝ ତୁମେ ନାହିଁ ? କଣ୍ଠପା ଏ ଶାନ୍ତ ନଦୀ—
ଅସ୍ପଷ୍ଟ ପଶ୍ଚିମେ ନୌକା ଚଳେ ନିରବଧି,
ଉଜାଣି ଚଞ୍ଚଳ-ସ୍ରୋତ ପ୍ରଶାନ୍ତ ଗୌରବେ !
ତୁମେ ନାହିଁ ? ପ୍ରଶାନ୍ତ ତ ହେଉ ନାହିଁ ଲବେ ?
ଅମର ଚାତୁର୍ଯ୍ୟ ଲଯ୍ୟ ଛିନ୍ନ କରି ଗ୍ରନ୍ଥି !
ଶିର ଅବନତ ମୋର ହସଇ ନିସ୍ପନ୍ଦ !

[illegible]

ଜ୍ୱଳନ୍ତ ଚିତାରେ ଦେହ ଅସିଁଅଛି ଲଦି,
ଆନ ଥର ପର କେତେ ସନ୍ଧିଅଛି ବଧି !
ବହୁବାର ଅକାଳରେ ଦେଇ ମୃତ୍ୟୁ ଦେଖ୍ଛ,
ଆତ୍ମୀୟ ସ୍ୱଜନ ବନ୍ଧୁ ପ୍ରୀତି ସୌଖ୍ୟ-ଶ୍ରେୟ
ଅନ୍ତର ଅଚଳ ଶିଳା ଶୂନ୍ୟ ! ବଡ଼ ଶୂନ୍ୟ !
ମରଣ ରହସ୍ୟ ତେବେ ଭେଦିବା ନୈପୁଣ୍ୟ
ନ ଲଭିଲି ତଳେ ! ତେଣୁ ତବ ଅଦର୍ଶନେ—
ଶିଶୁ ସମ ଆପଣାକୁ ଅସହାୟ ମଣେ !
ଶିଶୁ, ମୁଁ ମାନବ ଶିଶୁ ! ନିତ୍ୟ ପ୍ରୟୋଜନ—
ଏ ଦୁର୍ବଳ ପ୍ରାଣେ ତବ ବିଶ୍ୱାସ ଦର୍ଶନ !
ପ୍ରୀତି ରସାଣିତ ଜ୍ଞାନ ସୂକ୍ଷ୍ମ ଅନୁଭୂତି,
ଈଶ୍ୱର ଅବିନଶ୍ୱର ସ୍ଥିତର ବିଭୂତି,
ଥିଲା ମୋର ପ୍ରୟୋଜନ ! ଶୂନ୍ୟ ପଥ ତୃପ୍ତି !
ଶୂନ୍ୟ ସେ ସକଳ, ସ୍ୱପ୍ନ—ଆଜ ମୁକ୍ତ ! ମୁକ୍ତ !

॥ ୪ ॥

ଏକାକୀ ମରାଳ କେଉଁ ଶୂନ୍ୟେ ଗଲା ଉଡ଼ି !
ରଖିଗଲା ପଛେ କସ ? ଆସିଥିଲା ବୁଡ଼ି ?
କି ଖେଳ ଆସିଲ ଏଥି ? ପୁଚ୍ଛେ ମୂର୍ଖ ଷଣ୍ଢ !
ଉତ୍ତରେ କମ୍ପନ୍ତି ହସି ! ଶୂନ୍ୟ ! ମହାଶୂନ୍ୟ !
ମହାଶୂନ୍ୟେ ଗୁଞ୍ଜି ତୋର ବିଳାପ ନିଷ୍ଫଳ !
ଭ୍ରାନ୍ତ ନର ! ପୋଛୁ ନେତ୍ରର ଅଶ୍ରୁଜଳ
ମରଣେ ସ୍ୱୀକାର କର ! ପ୍ରଣମ ବିଧାନେ !
ଗୁଞ୍ଜି ଦେଖ ଶତାନଳ ଜଳେ ତୋର ପ୍ରାଣେ !
ମହାଶୂନ୍ୟେ ପ୍ରାଣବାୟୁ ହସିଯାଏ ଲୋଟି,
ତୁମେ ମୁକ୍ତ ହଂସ ନ ଝାଡ଼ିଲ ପର ଗୋଟି !
ଯାର ଅବଗମ ଯାହା ମହାଶୂନ୍ୟେ ଗୁଞ୍ଜି,
ପାଥେୟ ସେ ଦୁଃଖ ଅଶ୍ରୁ ସଞ୍ଚିଛି ଗାଇ,
ଉଡ଼ିଯିବା ଦେଶାନ୍ତର କରିଛି ସେ ସାର,
ତା ମୁକତି ମନ୍ତ୍ର ଏକା ତୋର ଆପଣାର !

॥ ୫ ॥

ନିସ୍ତରଙ୍ଗ ନୀଳାକାଶ ଶୂନ୍ୟ ! ମହାଶୂନ୍ୟ !
କେ କହିବ କାହିଁ ଗଲା ବିମୁକ୍ତ ଶକୁନ ?
ନ ଦିଶଇ ପଥଚିହ୍ନ, ଗୁଞ୍ଜିଛି ନିରବ !
ରଖିଗଲା ଶୂନ୍ୟମାର୍ଗେ ମୁକତି ଆଶ୍ୱାସ !
ସେ ଆଶ୍ୱାସ ଅମୃତର ଅଦୃଶ୍ୟ ଇଙ୍ଗିତ !
ଘୋଷେ ମହାଶୂନ୍ୟେ !... ... ଯଥା ମୃଦଙ୍ଗ ସଙ୍ଗୀତ !
ସପ୍ତ ସଂସାର ତଳେ ଅହା କି ମଧୁର !
ଚଲ ଉଡ଼ି ଯାଉ ପଛେ, ନୁହେଁ ମୁଁ ବଧିର !
ସେ ମୁକ୍ତି ଆଶ୍ୱାସ ମନ୍ତ୍ର ଚରମ ସମ୍ବଳ,
ଯାକ ଏହି ଜୀବନର ! ପ୍ରୀତି-ଅଶ୍ରୁଜଳ—

ଗହନ ଅନ୍ଧାରେ କରେ ପ୍ରାଣ ପଲ୍ଲବିତ,
ଜାଗ୍ରତ ମୋ ଭଗ୍ନ ଆଶା ଆଶ୍ୱାସ-ଅମୃତ !
କେସନେ ତୁମର ଗତି ! ସେ ଅସ୍ପଷ୍ଟ ସ୍ମୃତି !
ବନ୍ଧୁଆଣେ ମୁକ୍ତିମନ୍ତ୍ର, ମଙ୍ଗଳ ବିଭୂତି ।

। ୭ ।।

ବିସ୍ତୀର୍ଣ୍ଣ ପ୍ରକୃତି ! ଧାନ୍ୟକ୍ଷେତ୍ର ସୁପ୍ରସାର !
ଶ୍ୟାମଳ ଐଶ୍ୱର୍ଯ୍ୟ କିବା ଭୂମିର ଉଦାର ।
ସୃଷ୍ଟିର ମଙ୍ଗଳ ଚିହ୍ନ ସମ୍ପୂର୍ଣ୍ଣ ପ୍ରକାଶ,
ବିଚିତ୍ର ଆଲୋକ କିବା ଶୈଶବ ଆଭାସ ।
ଏସନେ ସ୍ୱରୂପ ତବ ସମ୍ପୂର୍ଣ୍ଣ ସୁନ୍ଦର,—
ପ୍ରଶାନ୍ତ ଗମ୍ଭୀର ସ୍ୱଚ୍ଛ ମଧୁର ଅନ୍ତର,
ଲୁଣ୍ଠି ପ୍ରାଣ ଗୁପ୍ତଧନ ଭୁଲିଛି ମୁଁ ପ୍ରାୟ,
ତୁଚ୍ଛ କରିଅଛୁ କାଳ କ୍ରୂର ଉପହାସ ।
ବାର୍ଦ୍ଧକ୍ୟ ତାରୁଣ୍ୟ ପୁଣି ତରୁଣ ସ୍ଥବିର;
ଅଦ୍ଭୁତ ଏସନେ ମର୍ତ୍ତ୍ୟେ ଦେଶର ପ୍ରୀତିର ।
ଡାକିଅଛୁ କହି ବୋଲି······ସହାସ୍ୟ ନୟନେ—
କିନ୍ତୁ ମୁଖେ ମୋର ମୌନ !···ନୀରବ !···ମୁଁ କ୍ଷଣେ—
ପୁଚ୍ଛଇ ବାର୍ଦ୍ଧକ୍ୟ ପ୍ରୀତି ଲାଗେ ଅସମ୍ଭବ ?
ସକଳ ସମ୍ଭବ କରେ ମୃତ୍ୟୁ ଅନୁଭବ ।

। ୮ ।।

ଲଭିଛୁ ତାରୁଣ୍ୟ ଟେକ ମୃତ୍ୟୁଲୋକ ଭେଦ,
ମାତର ବାର୍ଦ୍ଧକ୍ୟ ଭାର ନ ପାରେ ମୁଁ ଛେଦ ।
ବାଧେ କାଳ ଉପହାସ ! ମୂକ ପଶୁ ସମ—
ଢାଳିଦିଏ ଅଶ୍ରୁବିନ୍ଦୁ ! ନିୟତି ନିର୍ମମ—
ନୟନ ସମ୍ମୁଖେ ମୋର ଦ୍ୱିଗୁଣ କଠୋର
କା ଲାଗି କରିବ ଗର୍ବ ତରୁଣ କିଶୋର ?

କି ବା ତାର ଶୂନ୍ୟପଥେ ସହାୟ ସମ୍ବଳ !
ଆତ୍ମତୃପ୍ତି, ଅଭିମାନ, ଦମ୍ଭ ଅଶ୍ରୁଜଳ !
ତୁଚ୍ଛ କରେ ସବୁ କାଳ !······

ଅମୃତ ତାରୁଣ୍ୟ

ସମ୍ଭବ ବିଶ୍ୱାସେ ଜାନେ ! ତେଣୁ ତବ ପୁଣ୍ୟ,
ସ୍ଥବିରର ଦିବ୍ୟ ଶାନ୍ତି, ପରମ ଗୌରବ—
ମୋ ଚପଳ ଜୀବନର ! ଶାନ୍ତ ପ୍ରଭା ତବ
ଲେଉଡ଼ଇ ଆକୁଳ ପ୍ରାଣେ ! ଶୁଣଇ ଆଭୁରେ
ଅସ୍ପଷ୍ଟ ଆଶ୍ୱାସ ବାଣୀ ! ମାତ୍ର ଦୂରେ···ଦୂରେ !

॥ ୮ ॥

ବିସ୍ତୀର୍ଣ୍ଣ ସାଗର ! ପ୍ରଭଞ୍ଜନ ଭୟଙ୍କର !
ଉଚ୍ଛଳ ତରଙ୍ଗମାଳ ପର୍ବତ ଆକାର ।
ବିକଟ ଗର୍ଜନ-ହାସ୍ୟ ଉପୁଜେ ଆତଙ୍କ !
ଦୁର୍ଜୟ ସୈନିକ ସମ ନିର୍ଭୀକ ନିଃଶଙ୍କ—
କାଟି ଚାଲେ ଲକ୍ଷ ଢେଉ ଆପଣା ସରଣୀ
ସାଗରେ ଅମିତ ବପୁ—ବାଷ୍ପୀୟ ତରଣୀ !
ସ୍ଥିର ଲକ୍ଷ୍ୟ ସେ ବିଜନେ ଢେଉ ରଖେ ଦୃଷ୍ଟି,
ବିଜୟ ଗରବେ ପୋତ ଯାଏ ସେ ଚହଟି !
କ୍ରମେ ଯାତ୍ରା ଶେଷେ ସ୍ଥିର ହୋଇ ଆସେ ଗତି,
ଦୂରେ ଦିଶେ ପୋତାଶ୍ରୟ ! ଆଶ୍ରୟ ମୁକତି !
ସ୍ପଷ୍ଟ ସେତ୍ୱ ବଂଶୀସ୍ୱନ ! ତେସନେ ଏ ଭବୁ—
ମେଲାଣି ନେବାର ବେଳେ, ନିର୍ବାଣ ପୂରବୁ—
ସେ କ୍ଷୀଣ ଜୀବନଦୀପ ଗତି କ୍ରମେ ସ୍ଥିର !
ଗଣୁଥିଲି ଶେଷ ଶ୍ୱାସ ପାର୍ଶ୍ୱେ ତାଳି ଧୀର !

॥ ୯ ॥

ଅନନ୍ତ ଆଶ୍ରୟ ମୃତ୍ୟୁ ପରମ ଆଶ୍ରମ !
ଏ ଜୀବନ-ସ୍ରୋତ ତହିଁ ଲଭିବା ବିଶ୍ରାମ—

ନୁହେଁ ଅଦ୍ଭୁତ କିଛି !···ମାତ୍ର ତା ଗୌରବ—
ନ ଲଭି ସାଗରବକ୍ଷେ ଲକ୍ଷ ପରାଭବ,
ନ ଟଳି ସଂକଳ୍ପୁ ନୋହି ଭଗ୍ନମନୋରଥ,
ତରଙ୍ଗେ ନ ହୋଇ ଗ୍ରାସ ଭୁଲିବାର ପଥ,
ଅର୍ଜିଛନ୍ତି ସେ ଗୌରବ ଅକ୍ଲାନ୍ତ ସୈନିକ !
ମରିବାର ଶୁଣା ନାହିଁ ଦୁର୍ଜୟ ନର୍ତ୍ତକ !
ମୁଦିଛନ୍ତି ନୟନ ହସି ଶାନ୍ତ ପ୍ରାଣୀସମେ
ଲଭିଛନ୍ତି ପରମ ଗତି ଦେବ ଦିବ୍ୟ ଧାମେ !
ଲଗି ନାହିଁ ଏ ମର୍ତ୍ତ୍ୟର କାଳିମା କର୍ଦ୍ଦମ,
ଭେଦିଛନ୍ତି ଦୁର୍ଗମ ବ୍ୟୂହ, ସାଧିଛନ୍ତି ଧରମ ।
ସତ୍ୟର ପୂଜାରୀ ! ଯେଣେ ଦେଖିନାହିଁ ଭୀତି,
ନର୍ତ୍ତକ ଜାତିକି ଦୀକ୍ଷା ଦେଲି ଶାନ୍ତ ଗୀତ ।

‖ ୧୦ ‖

ମହାଶୂନ୍ୟେ ବଂଶୀଧ୍ୱନି ! ପ୍ରଣବ ସଙ୍ଗୀତ ।
କିଏ କାହିଁ ପାଇଁ କଲା ଧ୍ୱନି ଝଙ୍କରିତ ?
କିଏ ବା ଉତ୍ତର ଦେବ ?······ଟାଳି କ୍ଷୀଣଧୃତି—
ମିଶିଲା ସେ ଅବା ନାହିଁ ?······ଉଜ୍ଜ୍ୱଳା ସ୍ମୃତି !
କାହିଁକି ଡାକୁଛୁ ତୁ ଅଶ୍ରୁ ? ଗୃହୁଁ ବା ଆଖୁରେ ?
ଅବିରାମ ସ୍ଫୁରେ ଧ୍ୱନି ! ମିଶେ ଶୂନ୍ୟ ସୁରେ !
ଶୂନ୍ୟ, ମହାଶୂନ୍ୟ ! କିଛି ମିଳେ ନାହିଁ ସନ୍ଧି !
ଅଦ୍ଭୁତ ଉଦ୍ଭବ ତାର ! ରଖି ସ୍ମୃତି ବ୍ୟଥା-
ଦୁର୍ନିବାର ତୃଷା ଜାଳି ନିର୍ବାପିତ ଆହା,
ଆନନ୍ଦ ଅମୃତ ଗତି, ପ୍ରାଣ ପୁରେ ବନ୍ଦୀ !....
କି ଶୁଭେ କରମ ସୁରେ ? ଅନ୍ତରେ, ବାହାରେ,
ଶୂନ୍ୟେ, ନୀଳାକାଶେ, କ୍ଷୀଣ ସେ କଟିନି ଧାରେ ?
ସ୍ୱରସ ସ୍ଫୁରଣ ତାର ! ନାହିଁ ଅନ୍ତ ଆଦି !
କର୍ଦ୍ଦମେ ବାକୁଳ ମନ ରଖ ତା ସମ୍ବାଦ !

॥ ୧୧ ॥

ଖୋଲିଛି ବନ୍ଧୁ ସ୍ୱାର୍ଥ ଅଶ୍ରୁ ମୁଦିଲେ ନୟନ,
ନିଭୃତେ ମୋ ଶୂନ୍ୟପୁରେ ସେ ଧ୍ୱନି ସ୍ଫୁରଣ ।
ଅପୂର୍ବ ସେ ଧ୍ୱନି ଭୁଲେ ହଜଇ ବାରତା,
ଜାଗଇ ଅନ୍ତରେ ଲକ୍ଷ ସ୍ମୃତିର ମମତା ।
ହଜଇ ଅମୃତ ସୃଷ୍ଟି ଘାପ୍ତ ପୁଣ୍ୟାଲୋକ,
ରହେ କି ନଶ୍ୱର ମୋର ଗ୍ଳାନି ବ୍ୟଥା ଶୋକ ?
ମରଇ ହରଷ ବହ୍ନି, ମୃତ୍ୟୁ ଲାଜେ ଲୁଚେ,
ଲୁପ୍ତକର ସତ୍ତ୍ୱ ଯେବେ ସେ ଧ୍ୱନି ମୂର୍ଚ୍ଛେ ।
ଅପୂର୍ବ ମିଳନାମୃତେ ସୃଷ୍ଟି ଉଦ୍‌ବେଳିତ,
ସବୁ କରେ ଏକାକାର ଅପୂର୍ବ ସଙ୍ଗୀତ ।
ସକଳ ହଜିଲା ଧନ ମିଳେ ମୋର ତହିଁ,
ଲକ୍ଷ କୋଟି ପଦ୍ମଫୁଲେ ହସେ ଗାଣ୍ଡି ମହୀ;
ହସଇ ଶ୍ମଶାନ-ଭସ୍ମ, ଚିତା ଉଠେ ଥରି;
ଶିବ ଆଶୀର୍ବାଦ କାଇ ଶୂନ୍ୟ ପଢ଼େ ଝରି ।

॥ ୧୨ ॥

ସେହି ଶୁଭ ଆଶୀର୍ବାଦେ ଲଭେ ତୁମ ସତ୍ତା
ଶୁଣଇ ନୟନ ମୂଢ଼ ହଜିଲା ବାରତା ।
ସକଳ ଅପ୍ରିୟ ପ୍ରିୟ ମୃତ ଉଠେ ଜାଇ ।
ଅଘଟଣ ଘଟଣ ଏ କଲା କେଉଁ ହସ୍ତ ?
କିଏ ବଜାଇଲା ବଂଶୀ ? ଏ କାହା ପ୍ରକାଶ ?
ଦେଖଇଁ ଅଦୂରେ ବନ୍ଧୁ କର ସ୍ମିତ ହାସ !
ପୂର୍ବ ଅନୁରାଗ-ସୁଧା ଲଟିଛି ଅଧରେ,
ପୂର୍ବପର ଦିବ୍ୟ ଶାନ୍ତି ଘାପ୍ତ ନୟନରେ !
ଅପୂର୍ବ ଉଜ୍ଜ୍ୱଳ ହସ ପ୍ରଶାନ୍ତ ଆନନ,
ମୋ ହରଷ ଗ୍ଳାନି କରେ ଭୁଲ ଅକାରଣ ।

ସେ ହାସେ ଝୁଲସେ ଶତ ଜନମର ସ୍ନେହ,
ପିତୃ ଆଶୀର୍ବାଦ ପୁଣି ସକଳ ମୋ ଶ୍ରେୟ;
ବନ୍ଧୁ ପ୍ରୀତି ଶିବ-ଇଚ୍ଛା କରଇ ପ୍ରସାର ।
ଅଦୃଷ୍ଟ ହେ ଧ୍ୱନିକାର ! ଘେନ ନମସ୍କାର !

॥ ୧୩ ॥

ଧ୍ୱନିରୁ ଜନମି ବନ୍ଧୁ ମିଶିଛ ଧ୍ୱନିରେ,
ଦେବ ନାହିଁ ଧରା ସ୍ୱାର୍ଥ ଅଶ୍ରୁ ବନ୍ଧନରେ ।
ଶୂନ୍ୟର ଶବଦ ତୁମେ ଲଭିଛ ବିଶ୍ରାମ—
ମହାଶୂନ୍ୟେ ! ପୂରିଅଛ ସ୍ରଷ୍ଟା ମନସ୍କାମ !
ବିପୁଳ ତରଙ୍ଗ ସିନ୍ଧୁ ବକ୍ଷୁ କ୍ଷଣେ ଉଠି,
ଭଙ୍ଗି ବାଲିସ୍ତୂପ ପୁଣି ଯାଇଛନ୍ତି ଲେଉଟି ।
କ୍ଷଣିକ ପ୍ରକାଶେ ତବ ସାର୍ଥକ ଜନମ,
ଶୂନ୍ୟ ଭଳି ଭୁଲିଅଛ ମରଲୋକ ଶ୍ରମ !
ଆକର ଏ ହବା ସମ ଆଲୋକ-କମ୍ପନ !
ବିଦ୍ୟୁତ-ଚମକ, ଦିବ୍ୟ-ଦୀପ୍ତି-ଅନୁପମ !
ସ୍ଫୁର୍ତ୍ତି ହୋଇ ମହାଶୂନ୍ୟେ ଲଭିଅଛ ଲୟ,
ଗାଇଛ ଅମୃତ ସୃଷ୍ଟି ସୃଷ୍ଟି-ଧାତା ଜୟ !
ହେ ଅମୃତ ଧ୍ୱନି ଧନ୍ୟ ତୁମରି ବିଭୂତି !
ଯାଇଅଛ ଯାଅ ବନ୍ଧୁ ! ଥାଉ ପୁଣ୍ୟ ସ୍ମୃତି ।

॥ ୧୪ ॥

କୈଶୋରର ମରୁବାତ୍ୟା ମନେ ପଡ଼େ ଆଜି
ପୁରାତନ ଇତିବୃତ୍ତ !—ଉଠିଲା ଯେ ବାଜି···
ସନ୍ଦେହ ଦୁନ୍ଦୁଭି ମନ୍ଦ୍ରେ ପ୍ରାଣେ ଦେଲା ତାପ,
ଚିର ଅନଭିଜ୍ଞ ଭ୍ରାନ୍ତି ଘୂର ଅବିଶ୍ୱାସ ।
ସ୍ୱଦର୍ଧତା ଅଟ୍ଟହାସେ ଜାଗିଲା ପିପାସା
ଶୁଣିବାକୁ ମାନବର ଚିରନ୍ତନ ଭାଷା !

ଜୀବନର ସ୍ପର୍ଶ ଲଗି ସଘନ ବ୍ୟାକୁଳ,
ବିଶ୍ୱାସ ଭରସା ଆଶେ ନେତ୍ରେ ଅଶ୍ରୁ ଛଳ ।
ଏଡ଼ିକ ବଡ଼ ଦେଶ ଗୋଟା ଚଉଦିଗ ଘୂରି,
ଲୋକ ଭଲ ଜଣେ ଲୋକ ନ ଦେଖିଲି କାହିଁ
ବ୍ୟବସାୟ ବଣିକର ଭିଡ଼ ଘୂରପାଖ !
ମାତ ସ୍ୱାର୍ଥ ସ୍ୱଳ୍ପବୁଦ୍ଧି ଜୀବନର ଡାକ—
ଶୁଣିବା ସମ୍ଭବ କେବେ ?....,...
ଶୁଣିଥିଲ ତୁମେ !
ଲତା-କୁଞ୍ଜ-ପ୍ରସ୍ରବଣ ସମ ମରୁଭୂମେ ।

॥ ୧୫ ॥

ନିଃସଙ୍ଗେ ଦେଇଛ ସଙ୍ଗ ବଢ଼ାଇଛ କର,
ପରମ ଉଦାର ବନ୍ଧୁ ଫେଡ଼ିଛ ଅନ୍ତର !
ସ୍ନେହ ମୈତ୍ରୀ ଅନୁକମ୍ପା ଦିବ୍ୟ ଭୂମାନନ୍ଦ,
ସଂସ୍ପର୍ଶ ସେ ଅନ୍ତରେ, ଘୁଞ୍ଚି ଗଲା ଦ୍ୱନ୍ଦ୍ୱ !
ପିତାର ଆଶ୍ୱାସ ପ୍ରୀତି ବନ୍ଧୁ ଉତ୍ତେଜନା,
ସାଧକର ସତ୍ୟନିଷ୍ଠା ଅମୃତ ମୂର୍ଚ୍ଛନା,
ଦେଖି ତହିଁ ଶାନ୍ତ ପ୍ରାଣ ଅବିଶ୍ୱାସ ଫଣୀ,
ପିଇଛି ଜୀବନ ରସ ପ୍ରମାଦ ନ ଗଣି ।
ଆଜ ତୁମେ କାହିଁ ପାଶେ ! ଲାଗେ ସ୍ୱପ୍ନ ପରି !
ଶୂନ୍ୟ ପ୍ରାଣ କାନ୍ଦେ ଯେସନ୍ତେ ନିଃସଙ୍ଗ କୁରରୀ ।
ହୃଦର ଅଛନ୍ତି କେତେ ଦେଖାଇ ନୟନ,
ମାତ୍ର ବହଇ କେ କହ ଅନନ୍ତ ଯୌବନ ?
ଖୋଜି ବୁଲେ ମରୁପ୍ରାନ୍ତେ ସ୍ଥାନ କାହିଁ ?....
ହାୟ !...
ବିଦାୟ ଚିର ବନ୍ଧୁ ! ବନ୍ଧୁ ବିଦାୟ ! ବିଦାୟ !

॥ ୧୬ ॥

ଉଡ଼ି ଆସିଲାଣି ଲେଲିହାନ ଶିଖାଦଳ !
ଯାହାରେ ନୟନ ମୁଦେ ଏକାକୀ କମଳ !
ଯାଏ ନଦୀ ପରପାରେ ନିଃସଙ୍ଗ ରଥାଙ୍ଗ;
ଭବରଙ୍ଗଭୂମି କ୍ରୀଡ଼ା ଧୀରେ ହେଲା ସାଙ୍ଗ ।
ଉଦାସ କଳ୍ପନା ଆହା ମିଶିଲା ଅନ୍ଧାରେ,
ଅନନ୍ତ ଭରସା କାରାରୁଦ୍ଧ କାରାଗାରେ !
ଶୁଣି ବନ୍ଦୀ କହେ ଦୀର୍ଘ-ଦୁଃସହ-ଜୀବନ,
ବିରହ ମରଣ କିଛି ନୁହେଁ ଅକାରଣ ।
ସେକି ଧ୍ୱନି ? ସେକି ବାଣୀ ?···ପରମ ଆଶ୍ରୟ ?
ଯା ଯୋଗୁଁ ଅନ୍ତର ତବ ନିର୍ଦ୍ୱନ୍ଦ୍ୱ ନିର୍ଭୟ ?
ଶୁଣେ ସେ ନିର୍ଭର ବାଣୀ ଅସ୍ପଷ୍ଟ ସନ୍ଧ୍ୟାରେ,
ପ୍ରକାଶ ପରମ ଜ୍ୟୋତି ମୋହ-ଅନ୍ଧକାରେ ।
ସେ ଜ୍ୟୋତି ପ୍ରକାଶ ଯେବେ ତୁମେ ଅଗ୍ନିକଣା,
ଅଜ୍ଞାନ ଲୋଚକେ ଦୃଷ୍ଟି ନୁହେଁ ଆଉ ବଣା ।

॥ ୧୭ ॥

ଉନ୍ମୀଳିତ ହେଉ ଥିବା ପଦ୍ମ ନିମୀଳିତ,
ମଳୟ ପଲକେ କ୍ଷଣେ ଧ୍ୱନି ଅଦ୍ଭୁତ,
କୌମୁଦୀ ଝାଳିଲା ଚନ୍ଦ୍ର ଘନ ବନାଗାରେ,
ଅମୃତର ସ୍ମୃତି ଆଜ ଭୁଲି ହେବ କିରେ ?
ତରଙ୍ଗ ଲେଉଟି ଯାଉ ଦିଗନ୍ତ ସାଗରେ,
ସ୍ଫୁରିତ ବିଦ୍ୟୁତ ଆଭା ମିଶୁ ଅନନ୍ତରେ,
ନ ଫେରୁ ପଲକେ ପ୍ରୀତି-ମନ୍ଦିର-ନୟନ,
ମଳୟ କୁସୁମ, ଶୁଖି ଝଙ୍କାର-ଜୀବନ,
କଣ୍ଠେ ମରୁ ପଡ଼ୁ ମୋର ବ୍ୟଥିତର କଥା,
ମରିବାର ନୁହେଁ ଆଜ ଅମୃତର ଆଶା ।

ଭୁଲି ଦେବ ଆଜ ସବେ ଅଦୃଷ୍ଟ-ବିଧାନ,
ଶିବ-ଆଶୀର୍ବାଦ, ବ୍ୟର୍ଥତର ପ୍ରାଣାୟାମ ?
ସେ ବିଧାନ ବନ୍ଧୁ ତୁମେ କରିଛ ସ୍ୱୀକାର,
ନୈରାଶ୍ୟ ମରଣ ଦଳ କରେ ନମସ୍କାର ।

॥ ୧୮ ॥

ଯାଉଅଛ ? ଯାଅ । ....ପୂଜ୍ୟ, ପରମ ଆତ୍ମୀୟ,
ଅନ୍ତିମ ବେଳାରେ ନିଃସ୍ୱ ନମସ୍କାର ନିଅ ।
ନ କରୁ ଏ ଅଶ୍ରୁ-ସ୍ୱାର୍ଥ-ମୋହ ଗତିରୋଧ,
ଜାଣିଛ ତା କୁସଂସ୍କାର, ମୃତ୍ୟୁ ପ୍ରତିଶୋଧ ।
ଚିରମୁକ୍ତ ତୁମେ ବନ୍ଧୁ ଲଭି ବ୍ରହ୍ମଭୂତି,
ମରଣକୁ ଅମୃତରେ ଦେଉଛ ଆହୁତି ।
ଦେଖିଲ ଜୀବନେ ଯାହା ଆନନ୍ଦ ଅମୃତ,
ମୃତ୍ୟୁ ଆଜି କଲା ତାକୁ ପ୍ରାଣେ ଘନୀଭୂତ ।
ସୁପ୍ରଶାନ୍ତ ଦିବ୍ୟ ଜ୍ୟୋତି ଦିଶେ ନିର୍ବିକାର ।
ସୁଦୂର ଦିବସ ଆଜି ଆଲୋକ ପ୍ରସାର ।
ଯେ ଆଲୋକ ଯୁଗେ ଯୁଗେ ଲଭଇ ଜନମ
ଯେ ଜ୍ୟୋତି ସଞ୍ଚାରେ ପଥ-କୁଟିଳ-ଦୁର୍ଗମ-
ଅବିଶ୍ୱାସ ଅନ୍ଧକାରେ ଦିଶଇ ସରଳ ।
ଅମୃତ ପ୍ଲାବିତ ଆଜି ମରଣ-ଗରଳ ।

॥ ୧୯ ॥

ଅମୃତ ମରଣ-ସିନ୍ଧୁର ମଙ୍ଗଳ ଆହ୍ୱାନ !
ଆନନ୍ଦ ଭରସା ଦୂର ସ୍ୱପ୍ନର ନିର୍ବାଣ !
ମଙ୍ଗଳ ସୃଷ୍ଟିରେ ଦିଶେ ସକଳ ସୁନ୍ଦର,
ପରମ ଆନନ୍ଦ ସ୍ପର୍ଶେ ସବୁ ଅନଶ୍ୱର ।
ଜୀବନେ ଯେ ଆଶା ଥିଲା ମରଣେ ସେ ଗାନ
ଗାଅ ଉଚ୍ଚେ ଆତ୍ମଭୋଳା ଗାଅ ନିଃସ୍ୱ ପ୍ରାଣ ।

ଅଟଳ ବିଶ୍ୱାସେ ଅଶ୍ରୁ ସ୍ରୋତ ହେଉ ଲୟ,
ଗାଏ ମୁଁ ଜୀବନ ଜୟ ଅମୃତର ଜୟ ।
ମଙ୍ଗଳ ସେ ଧାତା ମୃତ୍ୟୁ ଯାହାର ବିଧାନ—
ସେ ଶିବ ପ୍ରକାଶ ତୁମେ ! ଗାଅ ଜୟ ଗାନ !
ତୁଚ୍ଛ ସେ ଶ୍ମଶାନ ଭସ୍ମ, ତୁଚ୍ଛ ଚିତାନଳ,
ସର୍ବସ୍ୱ ବିକାଶ ସୃଷ୍ଟି-ଅମୃତ-କମଳ ।
ସେ ଅମୃତେ ଲୀନ ତୁମେ ! ନୁହଁ ଅସହାୟ,
ତନ୍ତ୍ରୀ ଲଭେ ଅବ୍ୟଗତି ! ବନ୍ଧୁ ହେ ବିଦାୟ !...

॥ ୨୦ ॥

ଖସିଛି ଜ୍ୟୋତିଷ୍କ ନଭୁ କେତେ ଦିନ ଆଜି ?
ପୁଛେ ଆପଣାକୁ,...ସବୁ ଯେତେକ ଗ୍ରହରାଜି ।
ଶୁଣିଛି କି ନାହିଁ ଅଶ୍ରୁ ଶତ ନିମନ୍ତ୍ରଣ,
ସହସ୍ର ତାଡ଼ନ ପୁଣି କର୍ମର ପ୍ଲାବନ ।
କି ଉଦ୍ଦେଶ୍ୟ ଧାଇଁ ଚାଲେ ମତ୍ତ ଏ ଜନତା ?
ନାହିଁ କି ସେ ଦେବଶେ ଜଣା ମରଣର ବ୍ୟଥା ?
ହୁଟେ କାର ଅଟ୍ଟହାସ ?...ପୁଣି ଯାଏ ଶୁଭି—
ପାଞ୍ଚଜନ୍ୟ ସମ କାର ନିଷ୍ଠୁର ଦୁନ୍ଦୁଭି ?
ଅଗ୍ରସର ! ଅଗ୍ରସର ! ନାହିଁ ଅବକାଶ !
ସମ୍ମୁଖେ ମଙ୍ଗଳ ବିଧି, ଊର୍ଦ୍ଧ୍ୱେ ମହାକାଶ !
ଭଗ୍ନଜାନୁ ସୈନିକ ତୁ ! କି ଦେଖୁ ଉଦାସେ
ଅବଧିକ ବର ବୃଥା ମରୁ ଉପହାସେ !
ସ୍ମୃତିରେ ବିଲସେ ତବ ଆତ୍ମ-ଅନୁଭୂତି !
ମରମେ ବିକଶେ ସେହି ମଙ୍ଗଳ-ବିଭୂତି !

॥ ୨୧ ॥

ସତ୍ୟ ଧର୍ମ ଆଚରଣ ଲାଗି ଯେ ବାହିନୀ—
ଯୁଝିଲେ ସମରେ, ତୁମେ ଅନ୍ତିମ ସୈନିକ !

କାଲ କଷଟିରେ ତେଜ ସ୍ପର୍ଶ ପରୀକ୍ଷିତ,
ଅଟଳ ପର୍ବତ ପ୍ରାୟେ ବୀର୍ଯ୍ୟ ଅପ୍ରମିତ ।
ପଛଘୁଞ୍ଚା ଦେବା ଜାଣି ନ ଥିଲ ଜୀବନେ,
ଧନ୍ୟ ଯେ ଦେଖିଛି ସତ୍ୟନିଷ୍ଠା ରଣାଙ୍ଗନେ ।
ସଂଗ୍ରାମର ହାନି ଲାଭ କରିବା ଗଣନା,
ଦୁର୍ବଳ ପଦାର୍ଥ ସମ ନ ଥିଲା ତ ଜଣା ।
ଛନ୍ଦିତ ସେ ଅଗ୍ନିତେଜ ଧ୍ୟାନନେତ୍ର ତଳେ,
ବିଶ୍ୱାସ ବଳିଷ୍ଠ ଶାନ୍ତି ବଦନ ମଣ୍ଡଳେ !
ସତ୍ୟ-ସେନା ! ତେଜ ତବ ବ୍ରହ୍ମ-ଭୂତ-କ୍ଷୁଧା !
ଧନ୍ୟ ଯେ ଚାଖିଛି ପ୍ରାଣ-ସୁରଧୂନି-ସୁଧା ।
ଯାଣେ ନାହିଁ ଆଉ କାହିଁ ସମ ଯୋଦ୍ଧା ଏକ,
ସାର ହେଉ ଏ ଜୀବନେ ତବ ସ୍ମୃତି ଟେକ ।

। ୨୨ ।

ଜାଲି ଅସରାଏ ବୃଷ୍ଟି···ନିର୍ମଳ ଆକାଶ ।
ପରଶେ ପ୍ରଶ୍ୱାସେ ପ୍ରାଣେ ତାର ନୈବାଶ୍ୱାସ ।
ଏସନେ ଅନ୍ତରକ୍ଷତ ଲଘୁ କରେ ପରା,
ଛିନ୍ନ ସ୍ମୃତିର ଭିତରେ ଲୋତକ ଅସରା ।
ଅଶ୍ରୁସ୍ନାନ ଜୀବନର ନିପୁଣ-ଗୌରବ,
ଅନ୍ଧାର ମାଣିକ୍ୟ ପ୍ରିୟ-ବ୍ୟଥା ଅନୁଭବ ।
ଭଙ୍ଗ ନାହିଁ ଅକାରଣ, ଆସେ ଜଡ଼ବାଧା,
ପରମ ଐଶ୍ୱର୍ଯ୍ୟ ଟେକ କ୍ଷଣିକ-ସମାଧି ।
ସ୍ଥାନଚ୍ୟୁତ ଉଦାସୀନ ନିଃସଙ୍ଗ ପରଶୀ,
ରଜନୀ ଦୁର୍ଦ୍ଦିନ ଅନ୍ତେ କାହିଁ କର ଗତି ?
କେଉଁ ଧ୍ୟାନ ଲୋକେ ? ଦୂରେ ?···ଅମୃତ ସନ୍ଧାନେ ?
ତରୁଣ ଦିବସ ଡାକ ଶୁଭିଲା କି ପ୍ରାଣେ ?
ଶାନ୍ତ ତବ ଚିତାନଳ ! ଭସ୍ମ ଦଂଶେ ଖାଲି !
ମୁକ୍ତ ବିହଙ୍ଗମ ଦୂରେ ଯାଉଅଛି ଚାଲି !

॥ ୨୩ ॥

ଅବିରତ ବିଦଗ୍ଧ ଏ ମୋ କଳେବର,
ଏ ଇନ୍ଦ୍ରିୟ ଭୂତଗ୍ରାମ ଭସ୍ମ କେତେ ଥର
ନବୀନ ଏ ଦେବା ସମ ସ୍ୱରୂପ ପ୍ରକାଶ,
କାଳ ରଖିଅଛୁ ସ୍ମୃତି ! କାହିଁକି ନବୀଶ ?
ଶୈଶବ ଲଭିଛି ଲୟ ତରୁଣ ସ୍ୱପନେ,
ତାରୁଣ୍ୟ ସ୍ଥବିର-ଜ୍ଞାନେ, ସ୍ଥବିର ମରଣେ !
ସର୍ବସ୍ୱ ସ୍ଫୁରିତ ପୁଣ୍ୟ ଜୀବନ-ବିଭୂତି !
ଅମୂଲ୍ୟ ସମ୍ପଦ ନିତ୍ୟ-ପ୍ରାଣ-ଅନୁଭୂତି !
ଗୋଟି ଗୋଟି ହୋଇ ତସ୍ମ ଝୁଲିଲେ ଉଜାଣି,
ସାର କରି ପ୍ରିୟ-ସ୍ମୃତି ନିତ୍ୟ-ସୁଧା ବାଣୀ ।
ମାରିକତା ଧ୍ୟାନ ଘଟେଙ୍ଗ କ୍ଷେପଣୀ ଶବଦ,
ତୋ ନୟନ ମୁଦି ଖୁନ୍ଦୀ ଅନ୍ତର ସମ୍ପଦ ।
ପରମ ସୁହୃଦ-ପୂଜ୍ୟ-ଦିବ୍ୟ-ଗତି ସ୍ମୃତି,
ଫିଟାଇ ଦେ ନଗ୍ନ-ଦ୍ୱାଂଟୁ ଶୁଭ୍ର ଛୋଉ ଭରି ।

॥ ୨୪ ॥

ହେ ଅନନ୍ତଭୂମା ! ସୃଷ୍ଟି-ପ୍ରାଣ-ମୂଳାଧାର !
କ୍ଷମ ଶତ ଅପରାଧ ମାନସ ବିକାର ।
ଅଜ୍ଞାନ ମାନବଶିଶୁ ଅନଭିଜ୍ଞ ତର !
ବିଶ୍ୱାସ ଆଶାରେ ତାର ନତ କର ଶିର !
ଆନନ୍ଦ ପ୍ରକାଶ ତବ ମଙ୍ଗଳ ବିଧାନ !
ଶ୍ଳୁବରୁ ନ କରୁ କ୍ଷୁଣ୍ଣ ଅବା ସ୍ୱଳ୍ପ ଜ୍ଞାନ !
ଅଭିମାନ ତ୍ରାସ୍ତ ଦମ୍ଭ ହେଉ ପରାହତ,
ସାର ହୁଅ ଏ ଜୀବନେ ଅମୃତ ଶାଶ୍ୱତ !
ସର୍ବସ୍ୱ ବିକାଶ ତବ ! ହେ ଅଶ୍ରୁତ ଧ୍ୱନି !
ଜୀବନ ମୃତ୍ୟୁରେ ଶୁଭେ ନିତ୍ୟ ଆଗମନୀ !

ସୁବିପୁଳ ପ୍ରାଣଶକ୍ତି ! କେବେ ପ୍ରକାଶିତ—
ସଲିଳେ ଯେସନେ କୂର୍ମ !....
ପୁଣି ସଂକୁଚିତ !
ଜାଗ୍ରତ ମାତର ମନ୍ତ୍ର ! ନିତ୍ୟ ନିରଞ୍ଜନ !
ବିଭୂତିରେ ହସେ ସନ୍ତ-ଚିତ୍ତ-ବୃନ୍ଦାରଣ୍ୟ ।

॥ ୨୫ ॥

ଇଚ୍ଛାମୟ ! ଇଚ୍ଛାଶକ୍ତି ନ ବୁଝିଇ ପାର,
ଆତ୍ମଦୈନ୍ୟେ ନିରବଧି ସୁପ୍ତ ମୁଁ ମଳିନ ।
ଯାଏ ପ୍ରାଣ ଆସେ ପୁଣି ! ଖେଳେ ଜନ୍ମନାଭି
କରୁଣା ପ୍ରକାଶ ତବ ଅଶ୍ରୁ କରେ ଦାନ !
କ୍ଷମ ଅପରାଧ କ୍ଷମ ! ମୁଁ ଅଶ୍ରୁ ଆତୁର !
ହରିଛି ବିଶ୍ୱାସ ଦିବ୍ୟଜ୍ଞାନ ମୃତ୍ୟୁ କ୍ରୂର ।
ଆଜ ଯେ ମାନବ ଆତ୍ମା ହରିଛି କୌଶଳେ—
ବଞ୍ଚିଥିଲି ସେହି ପ୍ରୀତି-ପୁଣ୍ୟ-ସ୍ୱପ୍ନ ତଳେ ।
ଯେ ପ୍ରାଣ ସ୍ୱରୂପେ ତବ ସହଜ ପ୍ରକାଶ,
ହଜିବାରେ ସ୍ୱାଭାବିକ ଶିଶୁ-ଅବିଶ୍ୱାସ ।
ପ୍ରସାରିତ ଶକତିକି କଲି ସଙ୍କୁଚିତ !
କ୍ରୀଡ଼ନକ ହଜେ ପ୍ରଭୁ ! ନୁହଇ ବଡ଼ଦ—
ଶିଶୁ କାନ୍ଦିବାରୁ ! ତେଣୁ ଅପରାଧ କ୍ଷମ !
ମାତର ଅମୃତ ସତ୍ତ୍ୱ ! ସୃଷ୍ଟି ଅନୁପମ !

# ରୂପାନ୍ତର

ସେଥର ବ୍ୟାପିଲା ଗ୍ରାମେ ପ୍ରବଳ ବସନ୍ତ,
ମେଲିଟିଲେ ଧରାରେ ଯେତେ ନାହିଁ ତାର ଅନ୍ତ ।
କେତେ ହେଲେ ବିକଳାଙ୍ଗ, ଚକ୍ଷୁ ଗଲା ଫୁଟି;
ଶ୍ରବଣ ବଧିର ହେଲା, ରୂପ ଗଲା ଛୁଟି,
ପରମ ଆତଙ୍କ ବ୍ୟାପିଗଲା ଘରେ ଘରେ,
କେତେ ଧୂପ ଆରାଧନା ଦେବୀ ଉଦ୍ଦେଶ୍ୟରେ ।
କେତେ କାଳ୍ପନିକ ଗଳ୍ପ ଦେବତା ପ୍ରତାପ,
ସକଳ କହନ୍ତି ମାତ୍ର ଦେବୀ ଅଭିଶାପ ।
ରୋଗ ଶେଯେ ପଡ଼ି ପଡ଼ି ଶୁଣେ ମୁଁ ରୂପସୀ,
ବସନ୍ତ ଜ୍ୱାଳାରେ ପାରେ ନାହିଁ ଉଠି ବସି ।
ମାସ ଦୁଇ ପରେ ଦୁର୍ବିପାକ ଅବସାନେ,
ରହିଗଲେ ଯେତେ ତହିଁ ମଧ୍ୟରୁ ମୁଁ ଜଣେ;
ମାତ୍ର ନାହିଁ ପୂର୍ବ ରୂପ, ବିକଳାଙ୍ଗ ମୁଖ,
ଦର୍ଶକ ଆସିଲେ ଯେତେ ପ୍ରକାଶିଲେ ଦୁଃଖ ।
କେ କହେ ସୋହାଗ କଣ୍ଠେ-ସ୍ୱଚ୍ଛନ୍ଦେ ସ୍ନେହ—
ଜ କଲା ନିଷ୍ଠୁର ଦୈବ ଚମ୍ପାଫୁଲ ଦେହ !
କେ ପୃଚ୍ଛି କରଇ କେତେ ରୂପର ବ୍ୟବସ୍ଥା,
ସକଳ ଶୁଣି ମୁଁ ହସେ ! ନାହିଁ ମୋର ବ୍ୟଥା !
ନ ଜାଣେ ଜନ୍ମିବେ କିବା ଅନାଗତ ପତି,
ଅବା ଫେରାଇବେ ମୁଖ ଘୃଣାଭରେ ଅତି !
ଅବା ଅଶ୍ରୁ ଦୀର୍ଘଶ୍ୱାସେ ନ ଚୁମ୍ବିବେ ମୁଖ !
ଅସ୍ଥିର ମୋ ମାତା ଖାଲି ! ନାହିଁ ମୋର ଦୁଃଖ !
ମୋ ସୁନ୍ଦର ମୁଖେ ଦେଖି ଶତ ଶତ ଦାଗ,
ମୁହିଁ ମୁଖ ଦରପଣେ ବଢ଼େ ଅନୁରାଗ ।

ଅପୂର୍ବ ଗରବେ କମ୍ପା ବକ୍ଷ ହୁଏ ସ୍ଫୀତ,
ରମଣୀ ମରମେ ଢାଳ ଅମୃତ ସଙ୍ଗୀତ—
ସ୍ଫୁରେ ଅନୁକ୍ଷଣେ ! ପୁଲକ ତା ମନ ପ୍ରାଣ !
ଲଭୁଛି ମୁଁ ଅଳ୍ପ ମୂଲ୍ୟେ ସ୍ୱର୍ଣ୍ଣର ସନ୍ଧାନ
ନବ ଅଭିସାର ’ଲଗି ଅନ୍ତର ଆକୁଳ,
ବସନ୍ତ ଯାଇଛି ଦେଇ କବା ରୂପ ଫୁଲ !

# * ଦୁର୍ଗ ରକ୍ଷା

॥ ୧ ॥

କେବଳ କି କୋଳାହଳ ? କୋଳାହଳେ ଗୌରବ ପ୍ରକାଶ ?
ସ୍ୱରାଟ ଏ ଜାତି ପ୍ରାଣେ ଯେସନେ ଏ ଶତ୍ରୁ ଉପହାସ !
ଶତ୍ରୁ ବ୍ୟଙ୍ଗ ! ରଙ୍ଗ, ରସ, ବାହୁସ୍ଫୋଟ, ଅଶ୍ଳୀଳ ଉଦ୍ଗାର—
କାଳ ନିଷ୍ଠୁର ପରୀକ୍ଷୁ ଲଭିବ କି ଏସନେ ନିସ୍ତାର ?
ପ୍ରାଣସ୍ପନ୍ଦନ ସ୍ନାୟୁବୀର୍ଯ୍ୟ ନାହିଁ ଯାର ଭିତେ ଆତ୍ମବୋଧ,
ଅଲକ୍ଷ୍ୟେ ସଞ୍ଚିତ ଶୌର୍ଯ୍ୟ ଅଲଙ୍ଘ୍ୟ କାଳର ପ୍ରତିଶୋଧ !
ହୋଉଛି ସହଜ ଲଭ୍ୟ ଶାନ୍ତି ଦୁର୍ଗ, କଳ ଅବା ଜୟ,
ସ୍ୱଚ୍ଛନ୍ଦ ବିଜୟ ପଛେ ପରାଭବ ଗ୍ଲାନି ମୃତ୍ୟୁ ଭୟ ।
ନିର୍ଜୀବ ସୈନିକ ଯେତେ ସମବେତ କର କୋଳାହଳ
କରୁନାହିଁ ଅନୁଭବ ? ଆତ୍ମଦୈନ୍ୟ ନୁହଁ କି ବିକଳ ?
କେ କରିବ ଦୁର୍ଗ ରକ୍ଷା ? ଜୀବନର ନବ ଅଭିଯାନ—
ଯା ଯୋଗୁ ସମ୍ଭବ ନିତ୍ୟ କାହିଁ ସେହି ଦୁର୍ଜୟ ପରାଣ ?
ଦୁର୍ବଳ ନିର୍ଜୀବ ହାତେ ଦେଖି ତେଣୁ ବିଜୟ କେତନ—
"ସହାୟ ଦେବତା ତୁମେ !" ଲୁବ୍ଧ ବନ୍ଦୀ କରେ ନିବେଦନ !

॥ ୨ ॥

କହେ ବନ୍ଦୀ ଶାସ୍ତ୍ରୁ ନେଡ଼େ, ଦୁର୍ବଳ ଜାତିର ଭାଗ୍ୟବିଧି !
ସମାଧି ରଖିବେ ସତେ ଦେଇ ଆଜ ଯେ ଅମୂଲ୍ୟ ନିଧି ?
ପରତେ ନୁହଇ ଚିତେ; କାହିଁ ନିଷ୍ଠା, କାହିଁ ବା ଶକତି ?
କାହିଁ ସେ ପୌରୁଷ ଯାର ତେଜେ ମରେ ଦୀନତା ଦୁର୍ଗତି ?
ସମବେତ ଯୋଦ୍ଧୃ ଯେତେ ଆସ୍ଫାଳନ-ଟଙ୍କାର-ନିପୁଣ,
ବିହ୍ୱଳ ଯେସନେ ଶ୍ୱାନ ଦଳ ପାଖେ ନିରେଖି ପିଶୁନ !

---

* ନବୋତ୍କଳ ପ୍ରଦେଶର ପ୍ରଥମ ସ୍ମାରକୋତ୍ସବ ଉପଲକ୍ଷେ

ଅଛି ନାହିଁ କେହି ଜଣେ ନର ଆଖ୍ୟା ମାନବ ଗୌରବ,
ସର୍ବେ କୋଳାହଳ ପ୍ରିୟ, ଘୁଣ୍ଡ ନାହିଁ ଏକାନ୍ତ ଶୈଶବ ।
ନ ହସେ ପୌରୁଷ ନିଷ୍ଠା ଦମ୍ଭେ ଯାଇ ଧସ୍ତ ଉଠେ ଅନ୍ତ,
ଉଦାର ସେ ମାନବର୍ତ୍ତ ଅନ୍ଧକାର ମରେ ଯାଙ୍କୁ ଡର—
ଯହିଁ ହସେ କାହିଁ ତଳେ ! ଉପୁଜଇ ତେଣୁ ଶଙ୍କା ଭୟ,
ଦୁର୍ବଳର ସ୍ୱାଧୀନତା ପରାଜୟ ସମାନ ନିଶ୍ଚୟ ।
ସହାୟ ଦେବତା ତୁମେ ଦୁର୍ବଳ ଜାତିର କର୍ଣ୍ଣଧାର
ହଅ ସାର୍ଥ ସତ୍ୟନିଷ୍ଠା ଶିଖାଅ ନିଶାଣ ତୋଳିବାର ।

●

[ ୧୯୩୭

# ଦଣ୍ଡାଦେଶ

ସ୍ୱେଚ୍ଛାରେ ମୁଁ ବନ୍ଦୀ ରାଜା ! ମୋର ପରିତ୍ରାଣ—
ତବ ରାଜଦରବାରେ ଆତ୍ମ-ଅପମାନ !
ଯହିଁ ସିଂହାସନେ ବସି କରଇ ବିଚାର
ଅଜ୍ଞାନ, ତମିସ୍ର, ଦମ୍ଭ, ସ୍ୱାର୍ଥ, ସ୍ୱେଚ୍ଛାଚାର
ତହିଁ ଶୃଙ୍ଖଳିତ ମୋର ପରମ ଗୌରବ,
ଗାଇନାହିଁ ସ୍ତୁତି ବାକ୍ୟ ସେତିକ ଗରବ !

କରିନ ଅପାଙ୍ଗେ ଦାନ ବାବଦୁକ ପର
ପବିତ୍ର ଅମୂଲ୍ୟ ବାଣୀ ଯୋଡ଼ିହସ୍ତ କରି,
ସେତିକ ଆଶ୍ୱାସ ମୃତ୍ୟୁ ଭୟୁ ମହାରାଜ ?
ଭୁଲିଣୁଁ କଠୋର ପ୍ରାଣ ଯାଉ, ମୃତ୍ୟୁ ବ୍ୟାଜ—
ଡ଼ରିବ ତାକୁ କିସ ? ପୂର୍ଣ୍ଣ ହେଉ ଅଭିଳାଷ,
ବୃଥା ବାକ୍ୟେ ନ କରନ୍ତୁ ଆତ୍ମ-ଉପହାସ ।

ପିତୃ ନିର୍ବାସନ ସ୍ମୃତି
ମୃତ୍ୟୁ କାରାଗୃହ ଅବା ଚିର ନିର୍ବାସନ,
ଅକାତରେ ନେବ ବରି ଦୀନ ଅକିଞ୍ଚନ ।
ଦୁଃସହ ଏ ରାଜ୍ୟେ ବାସ ! ଯହିଁ ସ୍ୱେଚ୍ଛାଚାର —
ସ୍ୱାଧୀନତା ନାମେ କରେ ଅସତ୍ୟ ପ୍ରଚାର—
ପାଳକ ଆସନେ ଯହିଁ ବସେ ଦାମ୍ଭିକତା,
ଆତ୍ମ-ଅଭିମାନ, ତହିଁ ଶୋଭା ନୀରବତା ।

ପଚାରିଲେ ବୋଲି କଲି ନିଷ୍ଠୁର ଉତ୍ତର,
ନିର୍ଭୟେ କହଇ ମାତ୍ର ଇଚ୍ଛା ଯାହା କର ।

ନିତି କେତେ ଅସହାୟ ମକ୍ଷିକା ମଶକ
ଅଜ୍ଞାନେ ସଜ୍ଞାନେ ହଲେ ମାନବ ଭକ୍ଷକ;

ଆତ୍ମ ପରିତୃପ୍ତି ଲାଗି ଢେସନେ ରାଜନ
ତଣ୍ଡିବ ପ୍ରବଳ ଇଚ୍ଛା ? ନୋହେ ଅଗ୍ରଜନ !

ଅବା ସେ ଅନ୍ତରେ ହେଲେ କରୁଣା ଉଦୟ,
ଦେବ ଅବା ଦେସୁଙ୍କାନେ ମୁକତି ଅଭୟ,
ମାତ୍ର ରାଜ୍ୟ ନି ସୀମାରେ ଆଉ ଜଳ ସ୍ପର୍ଶ—
ନ କରିବ ପଣ ମୋର ଅନ୍ତିମ ଆଦର୍ଶ !

ନରକରୁ ବଳି ହୀନ ଧିକ୍କ ସେ ଜୀବନ,
ପରିପୁଷ୍ଟ କରେ ଯାକୁ ଏହି ସମୀରଣ—
ଏ ହୀନ ମୃତ୍ତିକା, ଘୃଣ୍ୟ ଅସ୍ପୃଶ୍ୟ ସଲିଳ,
ନ ପାରିବ ରକ୍ଷି ବ୍ରଜା ଆହୁ ଏଥି ତଳ !
ଜନ୍ମଭୂମି ? ସ୍ୱର୍ଗୁଁ ଶ୍ରେଷ୍ଠ ? ନୁହେଁ କଳପନା !
ଯହିଁ ମୈତ୍ରୀ ନାମେ ସତ୍ୟ-ସମାଧି ରଚନା,
ସେ ମୋର ଜନମ ଭୂମି ? ପଶୁ ଲୀଳାସ୍ଥଳୀ,
ଲେଡ଼ା ତହିଁ ବଳବନ୍ତ ପୌରୁତନ୍ତ୍ର ବଳୀ ।

ଦେବ ଯେବେ ମୁକ୍ତି ରାଜା ମନେ, ମୋର କଷ୍ଟେ,
ପୁଣମି ଏ ଦେଶେ ନମି ବିଶ୍ୱସ୍ରଷ୍ଟା ପଛେ ,
ଖୋଜିବ ଆପଣା ଭୂମି ବିସ୍ତୀର୍ଣ୍ଣ ପ୍ରବାସେ,
ନ ମରିଲ ଯହିଁ ପ୍ରାଣ ସତ୍ୟ ଉପବାସେ ।

ମାନବ ନୁହଇ ଯହିଁ ନର-ଭାଗ୍ୟ-ଦାତା,
ଶୂନ୍ୟ ସ୍ୱେଚ୍ଛାଚ୍ଛର, ସେ ମୋ ଜନ୍ମ ଭୂମିମାତା !
ଏସନେ ଉଠିଲୁ କ୍ରୁଦ୍ଧ ସ୍ଥବିର ଅମାତ୍ୟ—
ପ୍ରଜ୍ୱଳିତ ରୋଷାନଳେ ଦୀପ୍ତ ରାଜଗାତ୍ର ।

ଶେଷେ ହେଲା ଦଣ୍ଡାଦେଶ !·········
"ରଖ ବନ ସାତ—
ଅନଶନେ କାରାଗୃହେ ! ସକଳ ଅଜ୍ଞାତ !
ଅଷ୍ଟମ ଦିବସେ ବାନ୍ଧ କରି ଚକ୍ଷୁ, କର,
ନଗରେ ବସାଇ ନେବ ଗର୍ଦ୍ଦଭ ଉପର ।

ରାଜ୍ୟ ଉତ୍କଳର ହାସେ କରତାଳି ଶବ୍ଦେ
ଛୁଡ଼ର ଏକାଙ୍କା ଶୋଷେ ଘନ ବନ ମଧ୍ୟେ ।”
ଦରବାରେ ହେଲା ଘନ କରତାଳି ବୃଷ୍ଟି
ଶୁଭେ “ସାଧୁ, ସାଧୁ !” ରବ ! ବୃଦ୍ଧ ବଦ୍ଧଦୃଷ୍ଟି —
ନରଭାଗ୍ୟ ବିଧାତାରେ କହେ ନମ୍ରସ୍ୱରେ,
“ଧନ୍ୟ ହେଲ ! ଭୋଗ ରାଜ୍ୟ ମହା ଆନନ୍ଦରେ ।”

# ରିକ୍ସାବାଲା

ଖଟି ଖଟି ଦିନମାନ ଗର୍ଦ୍ଦଭ ସମାନ,
ଭଙ୍ଗି ପିଣ୍ଡରୋଟା ଉଡ଼ିଗଲାଣି ବା ପ୍ରାଣ ।
ଧନିକ ଅଳିନ୍ଦେ ବସେ ବରଷାକୁ ଡରି,
ଦେଖି ଲାଗେ ଶ୍ମଶାନର ପ୍ରେତ ଆତ୍ମା ପରି ।
ହୁହାଇ ହୁହାଇ ବାଆପାଣି ଆସେ ମାଡ଼ି,
ପଥ ପାର୍ଶ୍ୱେ ଧୂଳି ଧୂସରିତ ରିକ୍ସା ଗାଡ଼ି ।
ଆସଇ ବରଷା ଯେସନ୍ତ ଜନନୀ କଲ୍ୟାଣ,
ଉଲ୍ଲସି ଉଠଇ ବସୁନ୍ଧରା ଦଗ୍ଧ ପ୍ରାଣ ।
ଶୀତଳ ପବନ ଯେସନ୍ତେ ପ୍ରେୟସୀ ନିଃଶ୍ୱାସ,
ଉଷାର ମଧୁର ସ୍ୱପ୍ନ ହରେ ଶତ ତ୍ରାସ ।
ପ୍ରଥମ ଆସାର ସିକ୍ତ ସ୍ନିଗ୍ଧ କ୍ଷିତିଗନ୍ଧେ,
ବକ୍ଷ ଆଣେ ନିଃସ୍ୱ ପ୍ରାଣେ କି ଆଶା ଆନନ୍ଦ !
ଭୁଲଇ ସେ କ୍ଷଣେ କ୍ଳାନ୍ତି ଭୁଲେ ଆତ୍ମ ସତ୍ତ୍ୱ,
ଊର୍ଦ୍ଧ୍ୱେ ଆକାଶକୁ ଜାଗେ ସୁଦୂର ମମତା ।
ଆଜ ସେ ନୁହଇ ନିଃସ୍ୱ, ନୁହେଁ ସେ ଏକାକୀ,
"ନୁହେଁ ଘରବାହା ପଶୁ" ପ୍ରାଣ ଉଠେ ଡାକି;
ମନେ ପଡ଼େ ପୁଣି ତାର ନଈ ଆରପାରେ
ତା ପିଲାଏ ପଥ ଚାହିଁଥିବେ ଅନ୍ଧକାରେ ।
କେଉଁଦିନେ ବା ଯିବ ଫେରି ? ଭାଳେ ମନଦୁଃଖେ—
ରୁଗ୍ଣା ତା ଘରଣୀ କେଉଁ ଶାବକଙ୍କ ମୁଖେ—
ଥିବ କବା ଗୁଞ୍ଜି ? ଦେଇନାହିଁ କିଛି କଣି,
ମନ୍ଦ କପାଳକୁ ଆଜି ମାତ୍ର ଅଣା ତିନି—
ପଡ଼ିଛି ତା ହାତେ, ମାଲିକର ପାଞ୍ଚ ଅଣା,
ଗାଢ଼ତର ବାତ୍ସଲ୍ୟ ଦିନୁଦିନ ଭୁଲିବଣା ।

ତା ଭାବନା ଦେଖି ହସି ଉଠେ ସମୀରଣ,
ବାର୍ଦ୍ଧକ୍ୟ ମୃତ୍ୟୁରେ ଯଥା ଭୁଲେ ଯଉବନ ।
ଏକାଳେ ଧନିକ ଗୃହ ମଧ୍ୟୁ ଆସେ ଦାସୀ,
ବାକ୍ୟବାଣେ ଭାଜି ପଡ଼େ ଅବା ମେଘ ରାଶି ।
ବଜ୍ର କଣ୍ଠମଣ୍ଡସମ ହୁଙ୍କାର ହକାରେ
'କଏରେ ବସିଛୁ ଭୂତ କବା ଅଧିକାରେ ?
ଯା' ଯା', କୋଢ଼ି, ପଙ୍ଗୁ ଭାଷେ ଧନିକ ଗୃହିଣୀ—
"ତଡ଼, ତଡ଼, ରୋଗୀ ଅବା ପଙ୍ଗୁ ନାହିଁ ଜାଣି ।"
"ଯାଅ ଉଠି ନଷ୍ଟଚୁଣା" ଗର୍ଜେ ପୁଣି ଦାସୀ;
ଗୃହସ୍ୱାମୀ କହୁଛନ୍ତି, "ସ୍ୱେଉଠାଏ ଆସି—
ବସିଅଛୁ କାହୁଁ, ଦିଅ ଥାନାକୁ ପଠାଇ ।"
ଭୃତ୍ୟ ଆସି ଉଚ୍ଚେ କହେ, 'କାହିଁ ପାଜି କାହିଁ ?'
ଉଠିଯାଏ ଶ୍ରମକ୍ଲିଷ୍ଟ ଦୀର୍ଘ ଉଷ୍ଣଶ୍ୱାସେ,
ସ୍ୱପ୍ନ କାହିଁ ଯାଏ ଭାସି ! ପଶ୍ଚାତେ ହତାଶେ—
ଚାହିଁ ସୌଧଶୀର୍ଷେ, ଚାଲେ ପୁଣି ଲକ୍ସା ଧରି,
ପୁଣି ଭାର-ବାହ୍ୟ-ପଶୁ ଭାଗ୍ୟକୁ ଆଦରି ।

●

[୧୯୩୬]

# * ଗାର୍କୀ

॥ ୧ ॥

ଉଦଗ୍ରୀବ କଲା ମୃତ୍ୟୁ ମାଂସ ଅସ୍ଥିଚୟ,
ମାତର ପୋଡ଼ୁଛି କାହିଁ ଭକ୍ତଙ୍କ ହୃଦୟ ?
ଯେଣୁ ତୃଣ-ଖଣ୍ଡ ହିଂସ୍ର ବୁଭୁକ୍ଷୁ ନୟନ,
ବିଷାଦ ଲଲାଟ ଶାନ୍ତ କରୁଣ ଲପନ
ଭସ୍ମ ଶେଯୁଁ ଉଠେ ଜଳି ! ଦ୍ୱିଗୁଣ ଉଜ୍ଜ୍ୱଳ !
ସୁଲସ୍ୱ ପୟୋଧି ଜଳୁ ଜୀବନ କମଳ !
ସେ ତର ବୁଭୁକ୍ଷୁ ଆତ୍ମା ଶୋଣିତ ଜର୍ଜ୍ଜର
ଯେସନେ ପରମ ସତ୍ୟ ଉନ୍ମୁକ୍ତ ଅମର ।
ଦେଖିଛୁ ଯେ ଥରେ ମୂର୍ଖ ଶୁଣିଛୁ ଯେ ବ୍ୟଥା,
କୋଟି ନିପୀଡ଼ିତ ପିସ୍ତ୍ର ସଂଗ୍ରାମ ବାରତା,
ପଶିବେ ସିବ କି କେବେ ମୃତ୍ୟୁ ବ୍ୟବଧାନ ?
ପହୁଡ଼ ଏ ଯାଏଁ ଶେଷେ ଅମୃତ-ସନ୍ତାନ ।
ପରମ ନିର୍ଭୀକ ଶୁଣି ସତ୍ୟ ନୈଷ୍ଠ ବାଣୀ,
ନୈରାଶ୍ୟ-ସାଗରେ ତରୀ ଚଳିଛୁ ଉଜାଣି ।

॥ ୨ ॥

ଅନଳ ସ୍ଫୁଲିଙ୍ଗ ଆତ୍ମା ତେଜ ଅତି ତୀକ୍ଷ୍ଣ
ଜଟେସ୍ପୃଷଣ ସିନ୍ଧୁ ମଧ୍ୟେ ଗିରିଶୃଙ୍ଗ ଉଚ୍ଚ ।
ଗରଳ ସିନ୍ଧୁରୁ ଆଣେ ଅମୃତକୁ ଛାଣି,
କେ କରିବ ଭସ୍ମ ସତ୍ୟ ଜ୍ୱାଳାମୟୀ ବାଣୀ
ଫେନିଳ ବୁଦ୍‌ବୁଦ ସମ ଜୀବନ ସାଗରେ,
ଜାଗି ରହ ଚିରନ୍ତନ ନର୍ତ୍ତନ ପ୍ରକାଶରେ ।

* ରୁଷ୍ ଦେଶର ସୁନାମଧନ୍ୟ ସାହିତ୍ୟିକ

ମରିଛି ସକଳ ସୃଷ୍ଟି ସବୁ ଅନାସ୍ଥିର,
ସତ୍ୟ ନିଷ୍ପେଷଣ ସଦା ସ୍ୱପନ ଅସାର ।
ଜୀବନ-ଜାହ୍ନବୀ ଆପେ ଆଣିଲ ଡକାଇ,
ମରଣ ବସ୍ତୁତ ଲେଖୁଁ ହୃଦରକ୍ତ ଢାଳି ।
ଲକ୍ଷ କୋଟି ନିଃସ୍ୱ ମୁଖେ ଫୁଟାଇଛ ହାସ,
ଊଷର ଭୂମିରେ ପୁଣି ପ୍ରାଣ ପରକାଶ !
ହେ ନିଃସ୍ୱ ବୁଭୁକ୍ଷୁ ବନ୍ଧୁ ! ବଦାନ୍ୟ ସମ୍ଭାର,
ନ ଜାଣେ କି ଦେବି ନିଅ ଅଶ୍ରୁ ନମସ୍କାର !

●

[ ୧୯୫୭ ]

# ଭିକ୍ଷୁଗୀତି

॥ ୧ ॥

ତରଙ୍ଗେ ସେ ତରଙ୍ଗ ରଙ୍ଗେ
ଜ୍ଞାନ ଫାନ୍ଦେ ନ ହୁଏ ଧରା,
ଅଭିମାନ ଗରବ କାନେ
ପଚ୍ଛୁ ଫେରି କରେ ଝାପରା ।

ତା ଇଙ୍ଗିତେ ହସଇ ଫୁଲ,
ଉଷାଲୋକ ନଭ ଆକୁଳ,
ସମୀରଣ ବିଜୟ ବାଣୀ
ଢଳା ବୃତ୍ତି ଘୋଷଇ ପରା ! । ୧ ।

ବ୍ୟଥା ଅଶ୍ରୁ ଦୁଃଖ ଆରତେ,
କଣ୍ଠ କଳା ଯାଏ ଗୁପତେ,
ପଷାଣର ଶୋଣିତ ଦାନେ
କେଣେ ଜନ ଶୋକ ପସରା ! । ୨ ।

ସରସୀରେ ଢେଉଛି ଦଳ,
ସାତ ରଙ୍ଗ ଫୁଟେ କମଳ,
ନ ହସିଲେ ମୃଣାଳ ଜଳ
ଲୋଭୀ ହଂସ ଫେରେ କି ଭଲ ? । ୩ ।

ବୁଡ଼ିଲେରେ ସାଗର ମାଳେ,
ମାଣିକ୍ୟର ସନ୍ଧାନ ମିଳେ,
ସମ୍ଭବ କି କନାରେ ବୁଲି
ମୃତ୍ୟୁ ତମେ ଜୀବନ ଖରା ? । ୪ ।

ଏ ମରତ ଲକ୍ଷମ ବାଙ୍କ,
କେତେ ଆଉ ରହିବୁ ମଜ ?
ବୁଢ଼ିଯା ଭୁ ସାଗର ମାରେ
ଦସେ ପଲ୍ଲେ ମରଣ ଜରା । ୫ ।

ତୋ ପରାଣ ନିଗମ ପୁରେ,
କିବା ଧ୍ୱନି ସ୍ଫୁରେ ମଧୁରେ,
ସବୁ ଶୂନ୍ୟ ଉଠଇ ଭରି
ଉଏଁ ତମେ ଚପଳ ତରା ! । ୬ ।

॥ ୨ ॥

ନଶବଦ ଶାରଦ ସ୍ମୃତେ
ଅତିଥି କେ ଗଲାରେ ଗାଇ !
ରଙ୍ଗି ତୋର ଅନଳ ଖେଳ
ଫେର ଥରେ ଭୁଞ୍ଜିଲୁ ନାହିଁ ।
ଶୁଣି ତାର କରୁଣ ଭାଷା
ଫୁଟିଲ ଫୁଟିଲ ଖେଳିଲା ଆଶା,
ଥିଲ ହେଲା ବଉଦ ଭେଲା
ଥିବ ଭଷା ରହିଲା ବୁଝି !
ଫେର ଥରେ ଭୁଞ୍ଜିଲୁ ନାହିଁ ? । ୧ ।

ସରଛି ତୋ ଦେଉଳ ତୋଳା,
କିବା ଲଗି ତୁ ଶର ଖେଳା—
ଭରମ୍ ସାଗର ବେଳାରେ
କି ଭାବନା କଲୁରେ ବାଇ ?
ଫେର ଥରେ ଭୁଞ୍ଜିଲୁ ନାହିଁ । ୨ ।

ଦୂର ପଥ ତୁ ବଇରାଗୀ,
କେତେ ଦାଗେ ଦେଲୁରେ ଦାଗି,
ଅକୂଳେ ଯେ ମାଣିକ୍ୟ ଖୋଜୁ
ଏଥି ସେବା ମିଳଇ କାହିଁ ?
ଫେରି ଥରେ ଚାହିଁଲୁ ନାହିଁ ? । ୩ ।

ଝଡୁ ବନ ଯାଏ ରେ ବନ୍ଧି,
ଧାନଟା ତୋ ନୁହଇ କନ୍ଧି,
ନାବ ତୋର ଦଅ ତୁ ମେଲ
ଭରା ନଦୀ ସଙ୍କେତ ପାଇ ।
ଫେରି ଥରେ ଚାହିଁଲୁ ନାହିଁ ? । ୪ ।

ସେ ଯେ ପାପ ରଖିଛୁ ଜାଳି,
ସ୍ୱଯତନେ ତଇଳ ଢାଳି,
ନଇବରେ ଅଟରେ ସ୍ପର୍ଶ
କ୍ଷୀଣ ତେଜ ଯିବ ମିଳାଇ ।
ଫେରି ଥରେ ଚାହିଁଲୁ ନାହିଁ ? । ୫ ।

●

[ ୧୯୩୭ ]

# ରୂପ ପରିଚୟ

ହେବାରୁ ଯେ ରୂପପଦ୍ମ ବିଶ୍ୱେ ପରକାଶ,
ମଙ୍ଗଳର ଆଶୀର୍ବାଦ ଅନ୍ତରେ ବିଶ୍ୱାସ ।

ଜୀବନ ଅମୃତ କଣା ରହିଛି ବା ଲୁଚି
ସକଳ ପ୍ରାଣର ପ୍ରାଣ ନେଥ ଦିଏ ସାଖି !

ବିଶାଳ ସାଗରେ କ୍ଷୀଣ ବିନ୍ଦୁ କ୍ଷଣକର
ମାତର ଅବ୍ୟକ୍ତ ରୂପ ଅପୂର୍ବ ସୁନ୍ଦର !

ରୂପ ପୁଣ୍ୟ ତୃଷ୍ଣ ବଳେ ପ୍ରାଣ ଲଭେ ଗତି,
ଶିବ ସୃଷ୍ଟି ଉଦ୍ଦେଶ୍ୟ ମୁଁ ଢାଳଇ ପ୍ରଣତି !

କ୍ଷଣିକର ପୁଷ୍ପ ତୁମେ ? କ୍ଷଣିକ ସୌରଭ ?
ମାତର ନୁହଇ ଭୁଲ ଅମୃତ ଗରବ ।

ଅମୃତ ପ୍ରମାଣ ତୁମେ, ତୁମରି ଇଙ୍ଗିତ
ସହଜ କରଇ ପ୍ରାଣେ ପରମ ଅସ୍ମିତ ।

ରୂପସଣି ! ଘେନ ମୋର ପ୍ରଣତି ବିନୟ,
ରୂପ ସଙ୍ଗେ ଆଜ ଲଭ୍ୟ ଆତ୍ମ-ପରିଚୟ !

# * ବନ୍ଦୀ ଅପର୍ଣ୍ଣା

॥ ୧ ॥

ଦରିଦ୍ର ଦେଶର ଶିଳ୍ପୀ ଦୃଷ୍ଟି ଅନ୍ତରାଳେ,
ଜନମି ମୁଦିଲ ଆଖି ଲେଖା ଥିଲା ଭାଳେ ।
ଲେଖିନା ବା ନାହିଁ କାଳ ଅମର ଅକ୍ଷରେ,
ତୁମ କୀର୍ତ୍ତି ଗାଥା, କେହି ନ ପୁଚ୍ଛିବେ ପରେ ।
ନ କରିବେ ଭ୍ରମେ ଯାତ୍ରୀ ଅଙ୍ଗୁଳି ନିର୍ଦ୍ଦେଶ,
ତୁମରି ସମାଧି ସ୍ମୃତି ଭସ୍ମ ଅବଶେଷ ।
କ୍ଷଣକ ମୂର୍ଚ୍ଛନା ତୁମେ, ପାରି ନ ସମଝି
ଜୀବନ ରହସ୍ୟ, ମୌନେ ଗଲ ଚଳି ।
ଲଭି ଦାନ ସେ ଜୀବନେ କରିବା ଗଣନା—
କିବା ଫଳ ? ତିଳେ ମୋତେ ପଡ଼ୁନାହିଁ ଜଣା ।
ଯାଇବେ ଜନମି ନିଃସ୍ୱ ନିଭିଲ ଗୋପନେ,
ମାତର ଏକଇ କଥା ନଭେ ନାହିଁ ମନେ,—
ଅନ୍ଧାରେ ଅନେକ ଆସି ଅମୃତ ଏ ପ୍ରାଣ
ସୁଲଭ ଆନନ୍ଦେ ତହିଁ ପରମ ପ୍ରମାଣ ।

॥ ୨ ॥

କାନନ-ମଲ୍ଲୀକା ଅବା ଶ୍ମଶାନ-ତୁଳସୀ,
କାବ୍ୟ-କୁଞ୍ଜେ କଣ୍ଟକିତ କଳ୍ପ ଥାଅ ବସି,
ମୋ ନୟନେ-ମୋ କଳ୍ପନା ନୋହୁ ପଛେ ସେନା,
ରୁଧିର ଆପ୍ଳୁତ ଆତ୍ମା ଭଗ୍ନନାଳୁ ସେନା !
ସୁଟିଛୁ ଅକ୍ଲାନ୍ତ ପ୍ରାଣେ, ଲଭିନାହିଁ ଖ୍ୟାତି,
ଲକ୍ଷ ନିପୀଡ଼ନେ ଥରେ ଦମିନାହିଁ ଗୀତି ।

---

* ପାରଳାର ସ୍ୱର୍ଗତ ଅନ୍ଧ ଗାୟକ

ନିଷ୍ପେଷଣ ବ୍ୟଥା କ୍ଷତ ସେ ବୀଣା ଝଙ୍କାରେ,
ହୋଇଛନ୍ତି ସୁନ୍ଦର ଇନ୍ଦ୍ରଧନୁ ପରକାରେ ।
ଦୈନ୍ୟ ବରି କଲ ତାକୁ ଗୌରବମଣ୍ଡିତ
ସୁନ୍ଦର ପରଶେ ତବ କାଳିମା କୁତ୍ସିତ ।
ନିଃସ୍ୱ ବନ୍ଦୀ, ଧନ୍ୟ ତୁମେ ରାଜ ଦରବାରେ !
ଗାଇ ରାଜ ପ୍ରଶସ୍ତି ସେ ଜୀର୍ଣ୍ଣ ବୀଣା ତାରେ ।
କି ଭସ୍ମ ଭାବନା ? ସୁଖେ ମୁଦ ହେ ନୟନ,
ଧନ ମାନ ଖ୍ୟାତି ଦେଖୁ ଆପଣା ସ୍ୱପନ ।

॥ ୩ ॥

ଦାରିଦ୍ର୍ୟ ଅଶ୍ରୁରେ ବନ୍ଦୀ ତବ ଅଭିଷେକ
ସୃଷ୍ଟି କରି ନାହିଁ ମାତ୍ର ତବ ରାଜ ଟେକ ।
ଅପୂର୍ବ ମୂର୍ଚ୍ଛନା ତାନ ସେହି ଜୀର୍ଣ୍ଣ ତାରେ
କୌମୁଦୀ ଉଦାର ପ୍ରାଣ-ଅଶ୍ରୁ ପାରାବାରେ ।
ମାଇବେ ବନ୍ଧିଛ ଶିରେ ପୂର୍ଣ୍ଣ ରାଜାଦେଶ
ଚିରବୃନ୍ଦାବନେ ନିତ୍ୟ ମାଧୁର୍ଯ୍ୟ ଆବେଶ,
ସେହି ତବ ପୁରସ୍କାର ଜୀବନ ଅନ୍ତାରେ,
ନୋହୁ ତବ ମୂଲ୍ୟ ଯୋଜା ମର୍ତ୍ତ୍ୟ ଦରବାରେ ।
ଧନ୍ୟ ସେହି ଦେଶ ମାଟି ଯାର ଅଧିବାସୀ—
ମରେ ନାହିଁ କେବେ ହୋଇ ଆତ୍ମ ଉପବାସୀ;
ଯେ ଦେଶେ ଦାରିଦ୍ର୍ୟ ଦୀକ୍ଷା ପରମ ପ୍ରମାଣ,
ଯହିଁ ନିତ୍ୟ ଲଭେ ନିଃସ୍ୱ ରାଜାର ସମ୍ମାନ,
ସେ ଦେଶେ ନମସ୍ୟ ତୁମେ ! ତବ ଅବସ୍ଥାନ
ଅଶ୍ରୁ-ଅନ୍ଧକାରେ ଅଣେ ଆଲୋକ ସନ୍ଧାନ ।

# ଦେଶସେବା

॥ ୧ ॥

ଦେଶସେବା ନାମେ ଆତ୍ମପ୍ରତିଷ୍ଠା ପ୍ରଚୁର,
ନୁହଇ କି ପୌରୁଷର ଘୃଣ୍ୟ ବ୍ୟଭିଚାର ?
ନାହିଁ କି ସମ୍ଭ୍ରମ ଲଜ୍ଜା ନୀତି-ଭୟ ମନେ ?
ଭୁଲଛନ୍ତି ସେପରେ ପଛେ ରହିଁ ମାଧ ଜଣେ—
ନୁହନ୍ତି ମାନବ କେହି ! ମୂକ ପଶୁ ସମ
ସରଳ ବିଶ୍ୱାସ ନିଷ୍ଠା ଏକାନ୍ତ ଧରମ ।
ଅଛି ନା ସାହସ ବୀର୍ଯ୍ୟ ମନବ-ନାୟକ,
ତାଙ୍କର ପାଳକ ହେବ, ତାଙ୍କର ସେବକ ?
କରିବକି ପ୍ରାଣପାତ ତାଙ୍କର ସେବାରେ ?
ଦେବନା ଶୋଣିତ ପିଣ୍ଡ ଦୁର୍ଦ୍ଦିନ ଅଭାବେ ?
ଅଛି ବା ଯୋଗ୍ୟତା ମନେ କରିଅଛ ପୂଜା ?
ଅବା କ୍ରୀଡ଼ା ଶେଷେ ଆତ୍ମରକ୍ଷା ପଛଦୂଆ ?
ଭୁଲନା 'ଅଜ୍ଞାନ-ଦଣ୍ଡ-ବିଚାର-ବିଧାନ' !
ସହସ୍ର ହେଳନ ପ୍ରାଣେ ସୁପ୍ତ ଭଗବାନ ।

॥ ୨ ॥

ଅଧିକାର ସାକ୍ଷୀ ଯେବା ଜାଣିନାହିଁ ଭୂଲି,
ପଦେ ପଦେ ଝୁଣ୍ଟିବାର ଲେଳିହାପା ଖାଳି ।
ଅଜ୍ଞାନର ଦର୍ପେ ଯେବା କାଟିଛି ଜୀବନ,
ଆତ୍ମଘାତୀ ହୋଇ ଆପନ କରିଛି ବପନ ।
ଯାଇନ ଶୈଶବ ଯା'ର ହାତେ କ୍ରୀଡ଼ନକ,
ଧୃଷ୍ଟତା ନୁହେଁ କି ହେବା ଆନର ପାଳକ ?

ବିଷମ ମାୟାରେ ଯାର  ଚକ୍ଷୁ ବିଜଡ଼ିତ
ଦୂର ସିନ୍ଧୁ ରୋଳ ଶୁଣି ମୂର୍ଧ ପୁଲକିତ,
କାହୁଁ ସେ ଜାଣିବ ପାଶେ ନାଗପାଶ କଥା ?
ବାସ୍ତବ-ସମ୍ପର୍କ ଶୂନ୍ୟ ଜୀବନର ବ୍ୟଥା ?
ବିପନ୍ନ ଜାତିର ବନ୍ଧୁ ଜୀବନ ନିସ୍ତନ୍ଦ୍ରା,
ଦୁର୍ଗମ ଅନ୍ଧାର ପଥେ ଶୁଭ୍ର ତୁମ କଥା ।
ନିଃସ୍ୱ ଏ ଜାତିର କର ଧରି ଭଗବାନ,
ବିପଥ ଗମନୁ  ତୁମେ କର ପରିତ୍ରାଣ ।

# ପ୍ରୀତି ପରିହାସ

ସ୍ଫୁଟିତ ଉପବନେ ନାନା ଜାତି ଫୁଲ,
ହୃଦ୍‌ବେଳର ପ୍ରାଣ ପଞ୍ଚରସ-ସମାକୁଳ ।
ଅଥବା ତାରୁଣ୍ୟ ହାସ ଜୀବନ ପ୍ରବାହ,
ପ୍ରଶାନ୍ତ ଆନନ୍ଦ ପ୍ରଶ୍ନ ନାହିଁ ଗାସବାଦ ।
ମୁଗ୍ଧ ନେତ୍ରେ ବୃନ୍ତଁ ବସି ନେହ ବେଳ ସିକ୍ତ,
ଭାବେ ଅତୀତର ସ୍ବପ୍ନ ! ଆଜ ମୂର୍ତ୍ତି ରକ୍ତ !
ମନେନପଡ଼େ ଦିବ୍ୟ କାନ୍ତି ପ୍ରତ୍ୟୁଷ ହସିତ !
ପରିପୂର୍ଣ୍ଣ ପ୍ରାଣରସେ କୁସୁମ ଭୂଷିତ—
ଜୀବନ୍ତ କୁସୁମ ସମ ସୁନ୍ଦର ସମ୍ପୂର୍ଣ୍ଣ,
କାଳର ଶୀତଳ ସ୍ପର୍ଶେ ଆଜ ସେସେ·ସ୍ପୃଷ୍ଟ ।
ସକଳ ମାଧୁର୍ଯ୍ୟ ରସ ସକଳ ନବୀନ,
କେସନେ ହରଇ କାଳ ଅକାଳେ ମଳିନ,
ଭାବୁଥିଲ ବସି ବସି ! କ୍ଷଣେ ଘୂର୍ଣ୍ଣା ଚିନ୍ତା—
କ୍ଷୀଣ ଡାକେ, ଔଷଧଟା ଦେଲା ନାହିଁ ବଆ;
ବେଳ ଯେ ଯାଉଛି ଗଡ଼, ନ ପାରଇ ବୁଲ,
ହାସ୍ଯ ମନ୍ଦ ବଧି ! ଜୀଇଁଥାଉ ଯା ନ ମଲା ।
କେଉଁଆଡ଼େ ଗଲ୍ ଅବା ?'' ଉଠିଲ୍ ଚମକ—
ଅପରାଧୀ ସମ ଗଲା କଳ୍ପନା ଅଟକ ।
କହିଲ, “ଯାଉନ କାହିଁ ! ଦେଖୁଥିଲ ବସି,
ଫୁଟିଛନ୍ତି ଫୁଲ ଯେତେକ ସହସ୍ର ରୂପସୀ—
ଭୁଣୁଛନ୍ତି ସ୍ବପ୍ନଜାଲ !'' କହେ ଶୁଷ୍କ ହାସେ—
“ଦେଖିନ ମରଣ ତାର ବସୁଥିଲା ପାଶେ ?
ଦେଖିନାହିଁ, ଯେବେ ଦେଖି ଆସ ଆଜ ଥରେ,
ସଜ୍ଜିତ ଔଷଧ ଶିଶି ଦୂର କାଳ ତ

ପ୍ରିୟା ପରହାସେ ଅଶ୍ରୁ-ସିକ୍ତ ଉଠେ ଫୁଲି,
ସ୍ବର୍ଗେ ମୁଗ୍ଧ ନେତ୍ରେ କରୁ ଖସିପଡ଼େ ଭୁଲ,
ଶିଶିରୁ ଔଷଧ ଢାଳେ, ଝରଇ ଲୋତକ,
ହସି ଉଠେ ସେକ୍ଷଣେ ମୃତ୍ୟୁ ସୃଷ୍ଟି ନିୟାମକ !
ଶୁଣେ ମୋ କୁସୁମ କଥା ! ଭାବନା ଧର—
ମରଣ ଯେ ଫୁଲ ଦେଲ ଅଭିନବ ଭର ?
ହସି ପୁଣି କହେ ପ୍ରିୟା "ସେହି ଭାଗ୍ୟବାନ ।
ମୃତ୍ୟୁ ଅଶ୍ରୁ ଅନ୍ଧକାରେ ଲଭେ ଯେ ଶରଣ !"

[ ୧୯୩୭ ]

# ଦଣ୍ଡବିଧାନ

ନିର୍ବୋଧ ଶିଶୁରେ କରି ନିଷ୍ଠୁର ପ୍ରହାର,
ଅଶ୍ରୁ ତାର ହେଲା ମୋର ହୃଦ ରକ୍ତଗାର !
ଯେଣିକି ଚାହିଁଲେ ଦିଶେ ବିଷଣ୍ଣ ବଦନ
କାତର ନୟନ ଭଙ୍ଗୀ, ରୁଦ୍ଧ ତା କ୍ରନ୍ଦନ !
ପରପକ୍ଷ ଅବସ୍ଥାର ପାରିନାହିଁ କନ୍ତ
ମାରିଲେ ମୋ ଅତ୍ୟାଚାର ନେଲା ଚେଣ୍ଡୁ ବନ୍ଧ,
ତାର କ୍ଷୁଦ୍ର ଶିରେ, ଥରୁଥିଲା କ୍ଷୀଣ ଗାତ୍ର !
ଆହତ ନୟନ ତାର କରେ ଶେଲାଘାତ—
ମୋ ସର୍ବାଙ୍ଗେ ! ସ୍ମୃତି ଭୁଲି ହେଉନାହିଁ ଥରେ,
ବିବେକ ଈଶ୍ୱର ବୁଦ୍ଧି କ୍ଷୁଣ୍ଣ ଲଜ୍ଜାଭରେ !
ସଙ୍କୀର୍ଣ୍ଣ ଈଶ୍ୱର ଦମ୍ଭେ କରଇ ଧିକ୍କାର,
ଆତ୍ମକୃତ ପାପ ହାତୁ କାହିଁ ବା ଉଦ୍ଧାର ?
"ଅଜ୍ଞାନର ଭ୍ରମ ଲାଗି ସେ ଦଣ୍ଡ ବିଧାନ !
ବିବେକୀ ଦୁଷ୍କୃତି ଲାଗି କିବା ପରିଣାମ
ଭାଳିଛ କି ଥରେ ?" ପୁଚ୍ଛେ ସନ୍ତାନ ଜନନୀ,
ଦେବି କି ଉତ୍ତର ମନେ ପାରୁନାହିଁ ଗଣି !
ଈଶ୍ୱରର ଅପରାଧ ପୀଡ଼ଇ ବିଷମ,.
ହରିବ କିଏ ସେ ମର୍ତ୍ତ୍ୟେ ଅନ୍ତର ଦହନ ?
କରିଛି ଈଶ୍ୱର ଯାର ସେ ମୋ ଈଶ୍ୱରଙ୍କ
ଆହତ ନୟନ ତାର ଆୟୁଧ ଫଳକ !

# ହରିଜନ !

ମଳିନ ଭୂଷଣ ପୁଣି ମାତକୂଳେ ଜାତ
ମାତର ପଣ୍ଡଲ ମନେ ମଙ୍ଗଳ ସ୍ୱାଗତ,
ଶାରଦ ଶିଶିରସ୍ନାତ ଦୂର୍ବି ନେଇ ଠାଣି,
ଧନ୍ୟ ସିନା ସେହି ତୁମେ ଯାର ପ୍ରାଣେଶ୍ୱରି !
କୁତ୍ସାରୂପ ହୀନା କଣ୍ଟ କରେ ଯେ ଫୁତ୍କାର,
ଅସ୍ପୃଶ୍ୟତାରି କରେ ଘୋର ଅବସ୍ଥାର—
ଆପଣାର ସ୍ୱତ୍ୱ ! ଜାଣେ ନାହିଁ ଅକଞ୍ଚନ—
ସେ ରୂପ ଉଜ୍ଜ୍ୱଳ ଦେବତାର ସିଂହାସନ ।
ପରମ ମଙ୍ଗଳ ସୌମ୍ୟ ଆନନ୍ଦ ସନ୍ଦେଶ
ବହିଆଣେ ତବ ନେତ୍ର ହଏ ନାହିଁ କ୍ଲେଶ;
ମରୁଦ୍ୟାନ ସମ ପାନ୍ଥ ନେଇ ପ୍ରୀତିକର,
ତର କ୍ଲାନ୍ତ ହର ତର ପ୍ରଶାନ୍ତ ସୁନ୍ଦର ।
ଦୁପଥ ପଥିକ ଶାନ୍ତତମ ତୃଷା ହର,
ଜଣ୍ଡିଏ ଯାଙ୍କା ପଥ ସେ ନେଇ ସୁନ୍ଦର !

# ବିଜୟା

ଶୋଣିତ ଆପ୍ଲୁତ ଶତ ସତ୍ୟସେନା ଏ ଜାତିର ପ୍ରାଣ,
ବିଜୟ ଗୌରବେ ତବ ସେନ ଧ୍ୱନ ମାଙ୍ଗଳିକ ଗାନ ।
ଦର୍ଘ ଅମା ଅବସାନେ କ୍ଷୀଣ ଉଷା ଆଲୋକ ସଞ୍ଚାର,
ସଂଗ୍ରାମ ତପତଦର୍ଦ୍ଧ ଧଗ୍ଧ ପରେ ପ୍ରଥମ ଆସାର !
ସେ ପ୍ରଶାନ୍ତ ସନ୍ଧ୍ୟା ସମ ସୁନ୍ଦର ତୁମରି ଜୟଯାତ୍ରା,
କୋଟିମୂର୍ଦ୍ଧ କଣ୍ଠ ଗାଏ "ଜୟ ହେ ଭାରତ-ଭାଗ୍ୟଧାତା !"
ପୋଛିନ ଦୁର୍ଦ୍ଦିନ ଅଶ୍ରୁ, ଏ ଜାତିର ଲଗିନ ପରଶ,
ସଂଗ୍ରାମରି କ୍ଷତ ଦାଗେ ! 'ପଦ୍ମପୁଞ୍ଜ ପାନ ଆଦରଣ !'
ନିଃସ୍ୱ ଏ ଜାତିର ଶତ ପରାଭବ ଗ୍ଲାନି ଅତ୍ୟାଚାର,
ପକାଇ ପଛକୁ ବୀର ଶୋଣିତକୁ କରିଛ ପୂଜାର ।
ଶୁଣିଛ ଅଧକ୍ଷ ଡାକ, ଧ୍ୱଂସେ ଏ ଜାତିର ଦୈନ୍ୟବୋଧ,
ଭୁଲିଛ ଏକଇ ନିଷ୍ଠା, ଅସତ୍ୟ—ଲାଞ୍ଛନା ପ୍ରତିଶୋଧ ।
ଜିରନାର୍ଣ୍ଣ ମରଣକୁ ନର୍ଯାତନ ତବ ଗାଏ ଧୂନ,
ଅବିଚଳ ନିଷ୍ଠା ଧୈର୍ଯ୍ୟ ଛିନ୍ନ ପାଦୁ ନିଷ୍ଠୁର ଶାଙ୍କୋଳ ।
ଦରିଦ୍ର ଜାତିର ଆଶା, ହେ ଦୁର୍ଜୟ ନୟନ ସମ୍ପତ୍ତି,
ଦିଗ୍‌ବିଜୟ ଯାତ୍ରାପଥେ ଦେନ ନିଃସ୍ୱ-ସ୍ମରଣ-ପ୍ରଣତି ।
ଜୟ ହେଉ ଅଭିଯାନ ! ଅଗ୍ରସର, ପୁଣି ଅଗ୍ରସର !
ସୈନିକ ଜାଣଇ ମୃତ୍ୟୁ ପୁଣି ଜୟ ! ନାହିଁ ଅବସର ।
ଭେଦିଛ ଏକଇ ବ୍ୟୂହ, ଷଡ଼ବ୍ୟୂହ ଦଶଇ ସମ୍ମୁଖେ !
ଅପୂତ ଆତ୍ମୀୟ ମୂକ ପଶୁ ସମ ଭୂତାନ୍ତ ଉଦ୍ଧ୍ରୁଖେ ।

●

## * ପ୍ରୀତି ସ୍ୱରୂପ !

ପ୍ରୀତି ନାମେ ପ୍ରାଣ ଭୁଲେ ଲଗାଇଛ ଠେକା,
ପୀରତି ପାଳନ ନୁହେଁ ପ୍ରାଣ ଅବହେଳା ।
ପ୍ରୀତି ନୁହେ ରକ୍ତମାଂସ ଖେଳାଘର କ୍ରୀଡ଼ା,
ପ୍ରୀତି ଲତା ଅନ୍ତରାଳେ କୁସୁମର ବ୍ରୀଡ଼ା ।
କୁତ୍ସିତ ସୁନ୍ଦର ଦେଖା ପ୍ରୀତି ଦର୍ପଣୀରେ,
ଗଣ୍ଡୁ ସିନ୍ଦୂର ବେଳା, ଲଭ୍ୟ ନୁହେଁ ତୃଣ ମାରେ ।
ଭଲ ଯାକୁ ଭଲେ ମନ ଢାଳେ ହୁଏ ଖେଳ,
ନୈରାଶ୍ୟରୁ ପ୍ରତିପତ୍ତି ନାହିଁ ବନ୍ଧୁ ଚେଲ,
ଅମ୍ଭ ଅବମୃଷ୍ୟତାରେ ଗୂଢ଼ ଅନ୍ଧକାର
ଅବା ସାର ହୁଏ ପ୍ରାଣେ ସହସ୍ର ଶିକାର ।
ବନ୍ଧୁଯାଏ ବେଳା ମାତ୍ର ହୁଏ ନାହିଁ ପୂଜା,
ଚପଳ ପ୍ରଜ୍ଞାରେ କାହିଁ ଦୃଢ଼ ତତ୍ତ୍ୱ ବୁଝା !
ଭଗ୍ନ ପ୍ରଣୟିନୀ, ପ୍ରାଣ ମାତର ଉଭନ୍ତ,
ପ୍ରାଣେ କାହିଁ ବଢ଼ ସାଦ ? ନତ ହୁଅ ଘାନ ।
ଅରୂପ ସେ ରୂପ ତୋର ଦେଖିଛୁ କି ଥରେ,
ସୁବର୍ଣ୍ଣ ପ୍ରଦୀପ ଆଭା ନଭୃତ ଅନ୍ତରେ ?
ତା ଅଶ୍ରୁ ମୁକ୍ତା ହାର ଅମୂଲ୍ୟ ସମ୍ପଦ,
ଶାନ୍ତିର ଗ୍ରାହକ ନୋହୁ କରୁ ଆତ୍ମବଧ ।
ପରମ ପୀରତି ପନ୍ଥି ସୁଲଭ ପ୍ରଣୟୀ,
କାଚ ଖଣ୍ଡ ମଣି ଫିଙ୍ଗୁ ପଚ୍ଛେ ହେବୁ ଦଗ୍ଧ ।
ପୀରତିରେ ନାହିଁ ତିଳେ ଅଳଙ୍କାର ଗତ
ଅଳଙ୍କାର ହୋଇ ବଢ଼ାଇଲୁ ଆତ୍ମଘାତ,

---

* କୌଣସି ତରୁଣ ପ୍ରଣୟୀଙ୍କ ଉଦ୍ଦେଶ୍ୟରେ ।

ସ୍ୱଳ୍ପଜ୍ଞାନ କଷଟିରେ ପ୍ରୀତି ନୁହେଁ ଧରା,
ପ୍ରାଣ ଗାଢ ହୁଏ ଯନ୍ତୁଁ ଯାନ ଝଞ୍ଝଭରା ।
ମରଣ ନଗମ ପୁରେ ପୁଣ୍ୟ ପ୍ରାଣ ପୂଜା,
ତେବେ ହେ ପ୍ରଣୟୀ ପ୍ରୀତି ତନ୍ତ୍ରଟେକ ବୁଝା,
କୁଟଳ ବୁଲି ନଉ ନଉ ଢେଉ ଗଣିବାର—
ଅଶୋଭନ ବୁଡ଼ ଜଳେ, ଡାକେ ପାରାବାର ।
ଗରଳକୁ ବୃଷ୍ଟି କରୁ ଅମୃତ ଭରମ,
ଚୁପଲ୍ୟ ବୁଝିଲ କାହିଁ ସେ ତତ୍ତ୍ୱ ନଗମ ?

# ପ୍ରଣୟଲିପି

କ୍ଷୁଦ୍ର ଜୀବନର କ୍ଷୁଦ୍ରତମ ଇତିହାସ,
ଭସ୍ମ କଲ ! ଅଗ୍ନିଶିଖା କଲ୍ପ ହେଲେ ଗ୍ରାସ !
ସେଥିଲାଗି ପ୍ରେୟସୀ ନେତ୍ର ଢଳ ଢଳ,
ଆପଣା ଅନ୍ତରେ କଲ୍ପି ଶତ ଅମଙ୍ଗଳ !
ସେ ଗର୍ହିତ କର୍ମ ଥାଉ ଦୂରେ କରିବାର,
ଅଜ୍ଞାତ ପ୍ରେୟସୀ ସ୍ମୃତି-ପୂଜାର ଆଧାର—
ଭସ୍ମ-କଳପନା ପାପ ! ତେଣୁ ମୁଖ ଖୋଲି !
କହିଲି ମୁଁ ହସି "ଆଗୋ ତୁଚ୍ଛର ପୂଜାରୀ !
ଯହିଁ ପରେ ମୁଖ ଟେକି ହୋଇଣ ଉଦ୍ଧତ,
ଚଢ଼ି ରହିଅଛୁ ଧାର୍ଦ୍ଧ ଜୀବନର ପଥ !
ପାର୍ଶ୍ୱେ ପ୍ରମୋଦ ଉଦ୍ୟାନ, କେତେ ଗୁଲ୍ମାଦଥୀ
ନିତ୍ୟ ନୂତନ ପ୍ରଣୟ ଫୁଲ ଫୁଟେ ନିତି,
ତା ପାଶେ ଟେକର ମରୁ ! ଭଲ ଗୋ ସୁନ୍ଦରୀ—
ପାରିବଟି ତହିଁ ପ୍ରୀତି ନିତ୍ୟ ନବ କରି ?
ସେ ନିତ୍ୟ ପ୍ରଣୟ ଲାଗି ହୁଅ ଗୋ ପ୍ରସ୍ତୁତ
ଅଦ୍ଭୁତ ଜୀବନେ ନିତ୍ୟ ପ୍ରଣୟ ଅଦ୍ଭୁତ !
ପୁରାତନ ଅଜ୍ଞାତ ଯା ସେ ତ ତୁଚ୍ଛ ଅତି,
ସୁଦୂର ଭବିଷ୍ୟେ ଦୃଷ୍ଟି ଢାଳ ଗୋ ପ୍ରଣତି !
ନିତ୍ୟ ଉଷା ନବ ପ୍ରୀତି ନବୀନ ଯୌବନ,
ଭବିଷ୍ୟ ଆନନ୍ଦ ଦୃଷ୍ଟି ଭୁଲ ପୁରାତନ !
ଭସ୍ମ ଯାହା ଅସୁନ୍ଦର ତହିଁ ଖେଳିବାର,
ପ୍ରଣୟର ନୁହେଁ ଅର୍ଥ କଲ୍ପନା ବିକାର;
ବିଶାଳ ଜୀବନ ! କ୍ଷୁଦ୍ର ଅଜ୍ଞାତ ପ୍ରଣୟ !
ଧରିବ କେମନେ କହ କରିବ ବା ଜୟ-

ଦୁର୍ଦ୍ଦାନ୍ତ ସୈନିକ ପ୍ରାଣ ? ବିଜୟର ଲାଳସା-
ଜଳେ ଯେଉଁ ପ୍ରାଣେ ତୁଚ୍ଛ ଫୁଲତୋଳା ନିଶା !
ତରଳ ହୃଦୟାନେ ସ୍ୱପ୍ନ ପ୍ରଣୟ ବିଳାସ
ଦୁର୍ଦ୍ଦମ ପ୍ରଣୟୀ ମୃତ୍ୟୁ, ଗଳା ନାଗ-ପାଶ
ପ୍ରଣୟର ମୃତ୍ୟୁ ଗୂଢ଼ ? ଲୁପ୍ତ ଧନ ପଛ—
ଲୁବ୍ଧଇ ରଖିବ କ୍ଷୁଦ୍ର ସମ୍ପୁଟେ ସୁଦକ୍ଷ ?
କ୍ଷୁଦ୍ର କେତେ ପ୍ରୀତି-ଲିପି, ତୁଚ୍ଛ ପ୍ରଗଳ୍‌ଭତା,
ଲୁବ୍ଧଇବ କାହିଁ ତାକୁ ? ଏତେ ଗୋ ମମତା !
ଆସଇ ବାର୍ଦ୍ଧକ୍ୟ ଶୋଷିବାକୁ ପ୍ରାଣରସ,
ଶୋଷିବ କଳ୍ପିତ ପ୍ରୀତି ସ୍ୱପ୍ନର ଆଦର୍ଶ !
କି କରିବ ତହିଁ ? ଜଠ ପ୍ରସାର ସେ କର
ରଶ୍ମି ରୁକ୍ଷ ହାତେ ହାତ ହେବା ଅଗ୍ରସର ।
ପାରିବ ତ ଭୁଲି ଭୁଲେ ? ଦୂରେ ପ୍ରୀତିଶିଖା,
ସେ ପ୍ରୀତିରେ ସତ୍ୟ ହେଉ ଅମୃତର ଘଷା !"

# ବାସର ଫୁଲ

ଯେ କୁସୁମ ଆଜି ବୃନ୍ତୁ ହେଲ, କାଲି ଛିନ୍ନ,
ନ ବୁଝିଲ ସରଳ ପ୍ରାଣର ପ୍ରୀତି ଚିହ୍ନ !
ଯାର ରୂପ ସ୍ପର୍ଶ ଗନ୍ଧେ ହେଲ ନେତ୍ର ଉଜ୍ଜ୍ୱଳ,
ଦେଖିଛ କି ଅନ୍ତରାଳେ ତାର ଅଶ୍ରୁ ଢଳ ?
ଦେଖି ନାହଁ ଯେବେ ବୃନ୍ତୁ ନାହିଁ କଣ୍ଟ ଦେଖି ?
ଦେଖ ଯେବେ ମୃତ୍ୟୁ ଓପରେ ରଖିଛନ୍ତି ଲେଖି ?
ଅଜ୍ଞାତ ସରଳ ପ୍ରାଣ ପ୍ରଥମ ମିଳନେ,
ଦେଲ ଯେ କୁସୁମ ଧରି ରଖିବଟି ମନେ ?
ସକଳ ମାଧୁରୀ ତାର ହୋଇ ନାହିଁ ଶେଷ,
ଭୃଙ୍ଗ ଦଳ ବୃନ୍ତ ଲଗି ତଳ ମୋହାବେଶ,—
ଦେଖି ବୁଡ଼ିଲି ମୁଁ ଲାଜେ, ବାସର ଉତ୍ସବ
ସରିଲା ରଜନୀ ଶେଷେ ସ୍ମୃତି ନୀରବ !
ମଉଳ ନାହିଁ ସେ ଫୁଲ ସରଳ ମାଧୁରୀ,
ବାସର କୁସୁମ ବ୍ୟଥା ଯିବ ନାହିଁ ଭୁଲି ।

[୧୯୩୭]

# କୌଣସି ତରୁଣୀ ଲେଖିକାଙ୍କ ଉଦ୍ଦେଶ୍ୟରେ

ତଦ୍ରେ ତରୁଣୀ ପ୍ରୀତି ନୁହେଁ ବଂଶୀସ୍ୱର,
ବୃଥା କିମ୍ପା କର ବାଣୀ ଅପବ୍ୟବହାର ?
ଲାଳସାର ପରିତୃପ୍ତି ନୁହେଁ ବାଣୀ ପୂଜା,
ପେଟେ କ୍ଷୁଧା ରଖି କେବେ ହୋଇବ କି ବୁଝା—
ପ୍ରଣୟର ପବିତ୍ରତା ? ପ୍ରାଣେ ସୌନ୍ଦର୍ଯ୍ୟ
ତୁମ ବାଣୀ ବ୍ୟବହାରେ କୁଣ୍ଠିତ କନ୍ଦର୍ପ !
ତୁମରି ଗରବୀ ନୂଆ ଜିହ୍ୱା ଲେଲିହାନ
ଦଂଶେ କଳପନା ଦେହେ ! ଥରେ ମୂକ ପ୍ରାଣ !
ନାଗ୍ନ ହୋଇ ଶିଖି ନାହିଁ ଟିକେ ତିରସ୍କାର,
ଶିର ଶୁଭ୍ର ପୂଜ୍ୟ ତୁଙ୍ଗ କଳ୍ପନାର ପ୍ରସ୍ତର—
ନାରୀର ଧରମ, କରେ ଘାଣ୍ଟନ୍ତି ନରକ,
ସ୍ୱଚ୍ଛନ୍ଦ ପ୍ରଣୟୀ ହେବ କଣ୍ଠର ସ୍ତବକ ।
ଶୁଣି ତବ ଉଚ୍ଛୃଙ୍ଖଳ ଲାଳସା ଆହ୍ୱାନ, *
ଲଜ୍ଜିତ ସେ ଲକ୍ଷ କୋଟି ନରନାରୀପ୍ରାଣ !
ଥରଇ ଦେବତା ଆତ୍ମା ଲଭି ମୃତ୍ୟୁ ବ୍ୟଥା,
କ୍ଷୁଧିତ ପ୍ରାଣରେ ଦେଖି ଅଶ୍ଳୀଳ ନଗ୍ନତା !
ଏ ଭୂମିରେ କୁତ୍ସିତ ସେ ଅଧର ଦଂଶନ,
ରାଜମାର୍ଗେ ଯେବା ଘଟେ ପଶୁ ଆକ୍ରମଣ !
ପବିତ୍ର କୁସୁମ ଗୁଡ଼ ଦେବତାର ଶିର,
ନର୍କେ ଲୋଟିବାର ଦେଖି କହେ କେଉମାର !

[୧୯୩୭]

---

* ପଦ୍ୟଟିରେ ଚୁମ୍ବନ, ଆଲିଙ୍ଗନାଦିର ତୀବ୍ର ଲାଳସା ବ୍ୟକ୍ତ ହୋଇଥିଲା ।

# ଭିକ୍ଷୁ ଗୀତ

ଭୁଲିଲେ ତୁ କାଳକୁ ହେଳା,
କାଳ ଚୋଟେ ଯାଏ ରେ କି ଭୁଲି
କେତେ ଧନ ଦେଖୁରେ ସଜା,
ଆଜ ନେଉଛେ ଉଡ଼ାଇ ଧୂଳି ?

ଯିବ ଧନ ସମାନ ତୁ କି
ଭଳୁ ? କାଳ ଦେଲେରେ ଫୁଙ୍କି,
ତୃଷ୍ଣାବାଜି ଉଡ଼େଇ ଯିବ
ସନ୍ଧ୍ୟା ମେଘ ଯିବ ମଉଳି । ୧ ।

ଧୂଳିରେ ଯେ ରଚିଛୁ ଘର,
କ୍ଷଣେ ଦିଶେ କି ମନୋହର,
ଅନ୍ତରେ ଯେ ପଡ଼ିବ ଟଳି
କାଳ କର ଗଲେ ରେ ବୁଲି । ୨ ।

ଭ୍ରାନ୍ତ ମନେ ଜୀବନ ଜଗ,
ବେଗଗତି ଛର ଅବଧି,
ଭଲି ଥରେ ମୁହାଣେ ଚଢ଼ି
ପଥ ଚୋର ଦେବ ଆଗୁଳି । ୩ ।

ଦୂରଦେଶୀ ପଥିକ ଆରେ
ବସିଲେ ତୁ ଖେଳୁଛୁ ଧାରେ,
ପଥ କେତେ ରହିଛି ପଡ଼ି,
ଭୁଲିଗଲୁ ଯିବୁ କି ଠୁଳି । ୪ ।

# ଜନନୀ

॥ ୧ ॥

ଜନନି ଗୋ ଜନମିଲି ବକ୍ଷ ଦୁଃଖଗ୍ରାସା !
ଦୁଃଖ ଅଶ୍ରୁ ବେଦନାରେ କ୍ଷୁଦ୍ର ପ୍ରାଣଶିଖା—
ଜଳିଲା ଅଙ୍କରେ ! କରନାହିଁ କୋଳାହଳ,
ସଂଗ୍ରାମର କ୍ଷତ ଅଶ୍ରୁ ତୁମର ସମ୍ବଳ !
ସେ ଶୁଷ୍କ ଅଧରେ ହସନ ଫୁଟିବାର ହାସ,
ପଡ଼େ ନାହିଁ ମନେ ! ବନେ ମରେ ଫୁଲ ବାସ,
ମରିଛ ତେସନେ, ପ୍ରାଣେ ସାର କରି ତ୍ୟାଗ,
ମୃତ୍ୟୁଠାରୁ ବଳି ବାଧେ ତବ ଅନୁରାଗ !
ନିରଟ ଅନ୍ଧାରେ ବସି ଜାଳିଛ ନୀରବେ
ସୃଷ୍ଟିର ମଙ୍ଗଳ ଦୀପ, ଦେଇଛ ଗରବେ—
ହୃଦୟୁ ଶୋଣିତ ! ସନ୍ତାନର ମୁଖେ ସ୍ତନ୍ୟ,
ମାରି ଆପଣାକୁ ଅନ୍ୟେ ଦେଇଛ ଜୀବନ !
ସେଥିକି ସ୍ମାରକ ତବ ବୁଦ୍‌ବୁଦ ଜୀବନେ !
କରୁଣ ନୟନ-ସ୍ମୃତି ଦହେ ଅନୁକ୍ଷଣେ ।

॥ ୨ ॥

ଶୁଣିନାହିଁ ଜନେ କାର ଆଦର ସୋହାଗ,
କେବେ କନ୍ତୁ ଦେଖିନାହିଁ ଜୀବନେ ସ୍ୱରଗ !
ଭାରବାହୀ ପଶୁ ପରି ବ୍ୟଥା କରି ହାରି,
ସକଳ ଦୁର୍ଦ୍ଦିନେ କରି ନାହିଁ ହାହାକାର,
ଥିର ଅଚଞ୍ଚଳ ଚିର ମୂକ ପରବତ,
ସ୍ଫୁରିତ ସେ ମ୍ଳାନ ନେତ୍ରେ ଦୈନ୍ୟର ମହତ୍ତ୍ୱ !
ଶୁଣିନାହିଁ ଏ ଅଧରୁ ତବ ସ୍ତନ୍ୟ ଦାବି
ଶେଳ ସମ ବାଧେ ତେଣୁ ତବ ଅନୁରାଗ !

ଶୁଣୁଁ ତବ କଥା ଫେରି ଆସେ ମୋ ଶୈଶବ !
କଣ୍ଠ ଫାଟିପଡ଼େ ଛୁଆ କ୍ରନ୍ଦନର ରବ !
ମାତୃହରା ସନ୍ତାନର ମର୍ତ୍ତ୍ୟେ କାହିଁ ସ୍ଥାନ ?
କେ କରିବ ମାତୃହରା ବେଦନା ସନ୍ଧାନ ?
ଝରିବ ଆଜି କା ବକ୍ଷୁଁ ଦୁର୍ଦ୍ଦିନେ ମମତା ?
ଦେଖିବା କାହିଁ ବା ଆଉ ଦୁଃଖ ଆକୁଳତା ?

॥ ୩ ॥

ଉପବନେ କେତେ ମ୍ଳାନ ଫୁଲ ପଡ଼େ ଝରି,
ପୁଣି କେତେ ଉଠେ ଫୁଟି ଶିର ଉଚ୍ଚକରି,
ଉତ୍ଫୁଲ୍ଲ ତାରୁଣ୍ୟ ରସେ ଯେସନ ତରୁଣୀ
ହାସ୍ୟ-ଲାସ୍ୟେ ମର୍ତ୍ତ୍ୟେ ଆଣେ ସୁଧା ସୁରଧୁନୀ ।
ମୃତ୍ୟୁକୁ ହଟାଇ ପ୍ରଭୁ ହସାଇ ଜୀବନ,
ଶେଷ ପରିଣତି ପଛେ ମୃତ୍ତିକା ଶୟନ ।
ଦେଇଛ କି ଚକ୍ଷୁ ଦୃଶ୍ୟ ଦେଖିବାର ଲାଗି—
ନଶ୍ୱର ଏ ଦେହେ ପ୍ରାଣ ରହିଅଛି ଜାଗି ?
ସକଳର ଅନୁଭୂତି ଦୂର ଦ୍ରଷ୍ଟା ରୂପେ
କରଇ ଗୋଚର, ଦୁର୍ଭେଦ୍ୟ ଏ ଅନ୍ଧକୂପେ !
ସୃଷ୍ଟି ପରିଣତି ପ୍ରଶ୍ନେ ନାହିଁ ଅଧିକାର ?
ମାନବ ଦର୍ଶନ ପଛେ ନସ୍ୱତି ଫୁତ୍କାର ?
ଦେଇଛ ସୌନ୍ଦର୍ଯ୍ୟବୋଧ କାହିଁକି ମମତା ?
କାହିଁକି ପରାଣେ ଏ ଦୁଃସହ ପ୍ରୀତି ବ୍ୟଥା ?

॥ ୪ ॥

ଅପୂର୍ବ ସୃଷ୍ଟିର ତୁମେ ପ୍ରାଣ ପାରାବାର,
ସଦା ଉଦ୍‌ବେଳିତ ନିତ୍ୟ ତବ ନିରାକାର,
ଇନ୍ଦ୍ରିୟର ଅଗୋଚର ଅବ୍ୟକ୍ତ ଅଚିନ୍ତ୍ୟ,
ଜାଣି ପ୍ରଭୁ କାହିଁ ପାଇଁ ବଜଲ ଏ ତନ୍ତ୍ର !

ଜାଣିଛୁ ଏ ଜୀବ ସୃଷ୍ଟି ସାଗରର ବୁଦ୍‌ବୁଦ,
କେବେ ଲୀନ ମହାକାଶେ କେବେ ଉଦବୁଦ୍ଧ ।
ଜାଣେ ମୃତ୍ୟୁ ତୁମ କୋଳେ ପ୍ରଶାନ୍ତ ସୁସୁପ୍ତି,
ଅଲଙ୍ଘ୍ୟ ବିଧାନ ଭୁଲି ଆତ୍ମ ପରିତୃପ୍ତି—
ସ୍ନେହେ ସଦା ମୂଢ଼ ମନ ପରମ ନିସ୍ୱନ୍ତା !
ଆପଣା ନିସ୍ୱନ୍ତା ହୋଇ ଲଭେଁ ଖାଲି ବ୍ୟଥା ।
ଝାଳର ଜନନୀ ଭୁଣ୍ଡେ ଦେଉଥିଲେ କ୍ଷୀର,
ବେଦନାର ସ୍ୱର୍ଗ ଜାଗି ଟାଳିଥିଲ ନୀର,
ଥାଏନ୍ତି ଚିରକାଳ ପାଶେ ଆତ୍ମତୃପ୍ତି ଲାଗି
ଭୁଲିଯାଏଁ ଆତ୍ମା ଅମୃତର ଅନୁରାଗୀ ।

॥ ୫ ॥

ବିଷମ ଲଭିଛ ତୁମେ ପରମ ଜନନ !
କ୍ଷୁଦ୍ର ବୁଦ୍ଧି ସ୍ୱୀକୃତ ପାରେ ନାହିଁ ଗଣି !
ତେଣୁ ଏ ଦୌର୍ବଲ୍ୟ, ତେଣୁ ଏ ଅଶ୍ରୁ ବିକାର,
ଜାଣେ ତୁମ ସ୍ମୃତି ମାତ୍ର ଘୋର ଅନ୍ଧକାର !
ଝାଳେ ପୋଛି ଅଶ୍ରୁ, କରି ଅଙ୍ଗ ପ୍ରକ୍ଷାଳନ
ତବ ଆତ୍ମା ଶାନ୍ତି ଲାଗି କରିବି ତର୍ପଣ ।
କଳ୍ପିତ ଜୀବନେ ଦୃପ୍ତି ତବ ଦୈନ୍ୟ-ପାଷା,
ଦେଇ ଯେ ପ୍ରଦୀପ କରେ ଜାଳିବି ତା ଶିଖା—
ପରମ ଯତନେ, ନିତ୍ୟ କରିବି ସ୍ମରଣ,
ପରମ ତ୍ୟାଗର ଶୁଭ୍ର ପ୍ରଶାନ୍ତ ନିସ୍ୱନ !
ଶାନ୍ତ ହେଉ ଚିତାନଳ ସନ୍ତାନ ସ୍ନେହକେ ।
ଶାନ୍ତ ହେଉ ଚିତ୍ତ ଗ୍ଲାନି ତବ ପୁଣ୍ୟଲୋକେ !
ସକଳ ଅପରୋକ୍ଷ ସ୍ମୃତି ଲଭୁ ଗୋ ତୃପ୍ତି ତା,
ବିଦାୟ ଜନନି ! ସାରି ହେଉ ତବ ବ୍ୟଥା !

। ୬ ।

ପବିତ୍ର ଶ୍ମଶାନ ଭୂମି ! ଶବ ବିଦଗଧ,
କ୍ଷିତି ଅପ ତେଜ ବ୍ୟୋମ ବାୟୁ ନିସ୍ତବଧ;—

ଆଦରେ ନିଅନ୍ତୁ ବର ଦେଶୀ ଶେଷ ସଜ୍ଜା,
ପୋଛ ଶେଷ ଅଶ୍ରୁ, ପୋଛୁ ଦଅ ସବୁ ବ୍ୟଥା !
ହୁଅ ଯୋଗଯୁକ୍ତ ! ବ୍ୟଥା ପରମ ଆନନ୍ଦ !
ଯେ ଆନନ୍ଦ ଲଭି ସୃଷ୍ଟି ନିର୍ବାକ ନିସ୍ପନ୍ଦ ।
ପାରିବେ ମଙ୍ଗଳ ବିଧି କରଇ ସ୍ୱୀକାର,
ପରାଣ ମରଣ ଯୋଗେ ଆଜ ନିର୍ବିକାର ।
ଏହି ଯେ ପରାଣ ସ୍ପର୍ଶ-ଭସ୍ମ-ଶବ୍ଦ-ଗନ୍ଧ,
ପ୍ରାଣପୂତ ପରିପ୍ଲୁତ ! ମୁକ୍ତ ହୁଏ ବନ୍ଧ !
ଯୋଗୀ-ଔଦାସୀନ୍ୟ ଶସ୍ତ୍ରେ ଯାଉଛୁ ଚେତାଇ
ଅନ୍ତରାତ୍ମା ଉଠେ କହି "ଆରେ ଦୁଃଖ କାହିଁ ?"
ଏସନେ ଜନମ ନିଭି ଗଲ ତୁମ୍ଭ ସଙ୍ଗ !
ଧନ୍ୟ ମେଦ ଖଣ୍ଡେ ମୋର ଅପୂର୍ବ ମମତା !

॥ ୭ ॥

କାନ୍ଦୁଛନ୍ତି କେତେ ପ୍ରାଣୀ ଆଜି ତୁମ୍ଭ ଲାଗି,
ତୁମ ସ୍ତନ୍ୟ ପୁଷ୍ଟ ମୋର ପ୍ରାଣ ବଇରାଗୀ
ବନ୍ଧୁଙ୍କେ କରଇ ଜୀବନର ଜୟଗାନ !
ଶୂନ୍ୟ ଜୀବନର ପ୍ରଶ୍ନ ଆଜି ସମାଧାନ !
ଯେଉଁ ନିର୍ବିକାର ତ୍ରାଣ ଦୈନ୍ୟ ଅପରାଧ,
ଯାର ଶ୍ରେଷ୍ଠ ପୁରସ୍କାର ଲେଖକ ସମ୍ପଦ,
ଦେଇଯାଅ ସେହି ପ୍ରାଣ ଏ ରକ୍ତେ ମିଶାଇ,
ନିର୍ବିକାର ଶସ୍ତ୍ରେ ସୃଷ୍ଟି ଜୟ ଗାନ ଗାଇ,
ଆନନ୍ଦ ପ୍ରଦୀପ ଜାଳି ମୃତ୍ୟୁ ଅନ୍ଧକାରେ,
ସୃଷ୍ଟିର ମଙ୍ଗଳ ସ୍ୱର ତରି ନିର୍ବିକାରେ,
ମିଶିଯାଏଁ ହସି ହସି ! ମ୍ଳାନ ହେଉ ଭୟ !
ଛିନ୍ନ ଅପନନ୍ଦ ମୋର ଆନନ୍ଦ ଆଶ୍ରୟ !
ଯାଉଛ ଜନନୀ ଯାଅ ! ଆଶ୍ରା ତୁମ ପଥ···
ଜୀବନେ ସାର୍ଥକ ହେଉ ମାତା ମନୋରଥ !

[ ୧୯୩୭ ]

# ପ୍ରଭୁତ୍ୱ ବିକାର

ସ୍ୱଳ୍ପ ବୁଦ୍ଧି କ୍ଷୀଣଜୀବୀ ନର କର ମଥା,
ଫୁଲାଇ ଖୁଲନ୍ତୁ ଗଲା ! ଦେଖି ସେ ଉଗ୍ରତା—

ହାସ୍ୟ ଉପୁଜଇ ମନେ ଦେଖି ବ୍ୟବହାର,
ଦୁର୍ଭୋଗ୍ୟ ହେବ ଶେଷେ ପ୍ରଭୁତ୍ୱ ବିକାର !

ହୋଇଣ କର୍ତ୍ତବ୍ୟ ଜ୍ଞାନ, ଦାୟିତ୍ୱର ମୋହ,
ହରିଛି ଦର୍ଶନ ! ତେଣୁ ଆତ୍ମସମାରୋହ ?

ପଡ଼ିବୁ ଓଲଟି ହେବୁ ଢବସେ ହଳକା
ଅଙ୍କାତେ ବସିଲେ ଥରେ କାଳ ଗଲା ଧକ୍କା

ହସିବେ ଜନତା ସିନା ମଣୁ ଯାକୁ ମଣା ?
ଦେଖି ହେବେ ଖୁସି ତୋର ଭଗ୍ନ ଜାନୁଦଶା ।

କାଳଦମ୍ଭେ ଚୂର୍ଣ୍ଣିଭୂତ ଶତ ଭୀମ-ଗଦା,
ସମୃଦ୍ଧ ସାକେତ କେତେ ହୋଇଅଛି ପଦା,

ସଫଳ ମାନବ ଖାଣ୍ଟ ତର୍ଜନ ଗର୍ଜନ,
କ୍ଷୁଦ୍ର କ୍ଷୁଦ୍ରତମ ଥରେ ହେଉ ତୋ ସ୍ମରଣ !

# ଭାରତବର୍ଷ

॥ ୧ ॥

ପୂରବ ପଶ୍ଚିମେ ରକ୍ଷ-ଦାନବର ଲୀଳା
ମଧ୍ୟ ଏ ଭାରତ ଭୂମେ ଶୈଳ ପୁଣ୍ୟଶୀଳା,

ଗାଇଛନ୍ତେ, "ସ୍ୱାର୍ଥ-ଚିନ୍ତା ସଦା ଅମଙ୍ଗଳ !
ଆତ୍ମତ୍ୟାଗେ ସଦା ସୁଖ କୋଟି ଜନ୍ମଫଳ"।

ଦେଖୁଛି ଏ ମୂକଧାରା ଚିରକାଳ ରହି,
ସ୍ୱାର୍ଥର ଶୋଣିତ ସ୍ରୋତ ଯାଏ କେତେ ବହି,

କେତେ ଜାତି ଅଭ୍ୟୁଦୟୁ ପଲକେ ପତନ
ସକଳ ନଶ୍ୱର ମେଲେ ଚିର ସନାତନ

ହେ ଭାରତ, ସ୍ତୂରେ ତବ ଆତ୍ମ ତ୍ୟାଗ ଗାଥା !
ପରାର୍ଥେ ଏ ଦେଶ ରାଜା ପଥେ ମାଗେ ଭିକ୍ଷା,

ଜଗତ ହିତେ କରେ ତ୍ୟାଗ ରାଜ୍ୟ ନାରୀ ଭୋଗ !
ସନାତନ ଏ ଜଗତର ତବ ରାଜ ଯୋଗ !

ନିର୍ବାଣ ସରବ ହେଲେ ଅମୃତ ଧରମ,
ଏ ପୁଣ୍ୟ ଭୂମିର ମୋର ହେଉ କୋଟି ଜନ୍ମ !

॥ ୨ ॥

ମାନବର ଦର୍ପେ ଯେବେ ଥରିଉଠେ ମାଟି,
କୋଟି ଆର୍ତ୍ତ କଣ୍ଠସ୍ୱରେ ନଭ ଯାଏ ଫାଟି,

ସ୍ୱାର୍ଥର ପ୍ରଶ୍ୱାସେ ଚତୁର୍ଦ୍ଦିଗ କଳୁଷିତ
ବିଷାକ୍ତ ଶୋଣିତଲିପ୍ସା ! ଶୁଣେ ସେ ସଙ୍ଗୀତ—

"ସକଳ ପ୍ରପଞ୍ଚ ମିଥ୍ୟା ଭୂମା ସତ୍ୟସାର !
ତ୍ୟାଗେ ସୁଖ ସନାତନ, ପ୍ରଶାନ୍ତ ବିକାର !

ତ୍ୟାଗେ ଭୂମା-ଅନୁଭୂତି ! ଅମୃତ ଆନନ୍ଦ
ବିପଥ ମାନବ ଶାନ୍ତ ହେଉ ତବ ଦ୍ୱନ୍ଦ୍ୱ !"

ଜନନୀ ଭାରତ ତବ ସନାତନ ବାଣୀ
କରଇ ପ୍ରଚୁର ନିତ୍ୟ ପର୍ବତ ବନାନୀ;

ଶୈଳ ଗୁମ୍ଫା ଶୀଳା ସ୍ତମ୍ଭ ସର୍ବେ ସମସ୍ୱରେ
ଗାଆନ୍ତି ନିର୍ଭୟେ ସୃଷ୍ଟି ସ୍ୱାର୍ଥ ସଂଘର୍ଷରେ !

ଶମଇ ଶୋଣିତ ତୃଷା, ଆତ୍ମଘାତୀ ରଣ,
ହିମାଳୟୁ ସମ ତବ ସତ୍ୟ ସନାତନ !

# * ଆଧୁନିକ ବର୍ବରତା

॥ ୧ ॥

ଥିଲେ ପୁରାତନ ଆଦ୍ୟା ଜାତି ଯେତେ ଗୋଷ୍ଠି
ଏକେ ଏକେ ଧରା ପରେ ପଡ଼ିଲେଣି ଲୋଟି !
ଉତ୍କର୍ଷ ମଳିନ ଯେହ୍ନେ ଅସ୍ତଗାମୀ ରବି
ସମୁଜ୍ଜ୍ୱଳ ଇତିବୃତ୍ତ ତାଙ୍କ ଭୁଲେ ସବ ।
ପୁରାତନ ଜାତି ଶିରେ ନବ୍ୟ ବର୍ବରତା,
ସଗର୍ବେ ସ୍ପର୍ଦ୍ଧରେ ନିଜ ବିଜୟ ବାରତା !
ଦଳି ଅବନତ ଶିର କରେ ରକ୍ତପାନ
ପ୍ରାଣର ମର୍ଯ୍ୟାଦା ଆଜ ବୁଝେନାହିଁ ପ୍ରାଣ ।
ମୂକ ଯେହ୍ନେ ଭଗବାନ ! ନ ହୁଏ ଶ୍ରବଣ
କ୍ଷୁଧିତ ଆତୁର ଜାତି ବିକଳ କ୍ରନ୍ଦନ !
ଜଳ ପଡ଼େ ପ୍ରାଣୀ ପଥେ ଯେହ୍ନେ ମାଛି ମଶା,
ସଗର୍ବେ ବିଜୟୀ ହସେ ଦେଖି ହୀନ ଦଶା ।
ଭୁଞ୍ଜ ପଶୁ ପ୍ରାଣେ କେତେ ପୀରତି ମମତା;
ତା ତହୁଁ ଲୁଣ୍ଠିତ ଘୃଣ୍ୟ ନିଷ୍ଠୁର ସଭ୍ୟତା !

॥ ୨ ॥

ବର୍ବର ସଭ୍ୟତା ! ସ୍ଥିର କର ତୋର ଗତି,
ଶାନ୍ତ ହେଉ ଧ୍ୱଂସ ଲୀଳା ଅସହ୍ୟ ଯେ ଅତି !
ଆଜ ଯେ ବୁଭୁକ୍ଷା ଅଗ୍ନି ଆନେ ଯାଏ ଦହି
କାଲି ସେ ଦହିବ ତୋତେ ପାରିବୁ ତ ସହି ?
ପୁରାତନ ବୋଲି ଯାକୁ କରୁ ଅବହେଳା,
ପ୍ରାଣର ମାଧୁର୍ଯ୍ୟ ତହିଁ ନ କରେ କି ଖେଳା ?

* ଚୀନ ଜାପାନ ଯୁଦ୍ଧ ଉପଲକ୍ଷେ ।

ସଜଳ ସେ ନେତ୍ର ବେନ, କେତେ ତହିଁ ତ୍ରାସ,
ନାହିଁ ଅବା ତହିଁ କେତେ ଯୁଗ ଇତିହାସ !
ଉଚ୍ଛୃଙ୍ଖଳ କୁତ୍ସିତ ଯା ଯାହା ଅମଙ୍ଗଳ
ଯେତେ ବର୍ବରତା କାଳ ହରୁଛି ସକଳ ।
ଆସିଛି ସହସ୍ର ଯୁଗ ମଙ୍ଗଳ ସମ୍ଭୂତ !
ପୁରାତନ ମାନବର ସୃଷ୍ଟ ଅନୁଭୂତ !
ସଂହର ସେ ଧ୍ୱଂସଲୀଳା ପୂଜ୍ୟ ହେଉ ପ୍ରାଣ,
ପୂଜ୍ୟ ହେଉ ପୁରାତନ ଶିବ ଅବଦାନ ।

॥ ୩ ॥

ରଣଡଙ୍କା ଭୂଷା ଭେଷ କମ୍ପାଏ ଆକାଶ
ଧ୍ୱନିତ ଚୌଦିଗେ ବିଜୟୀର ଅଟ୍ଟହାସ !
କୋଟି ଅସହାୟ ପ୍ରାଣ କାନ୍ଦଇ ଆତୁରେ,
ଦର୍ପୀର ଅମୋଘ ଯନ୍ତ୍ର ଚୂରଇ ନିଷ୍ଠୁରେ !
ବର୍ବରତା ଶାନ୍ତି ମୈତ୍ରୀ କରେ ପଦାହତ,
ସ୍ତମ୍ଭିତ ଯହିଁ ଦିନେ ଖ୍ରୀଷ୍ଟ ତଥାଗତ ।
ବହୁଛି ରକ୍ତର ବନ୍ୟା ଗରଜେ କମାଣ
ସଂକ୍ଷିପ୍ତ ବିଷାକ୍ତ ବାଷ୍ପେ ପ୍ରାଣୀ ଲୁପ୍ୟମାନ !
ଆଜ ମଧ ତଥାଗତ ମାଗୁଛନ୍ତି ଭିକ୍ଷା,
ଖ୍ରୀଷ୍ଟ ହୃଦ ରକ୍ତଧାର ପଡ଼ନାହିଁ ଫିକା,
ଅଦ୍ୟାପି ମାନବ ଦ୍ୱାରେ ଯାଉଛନ୍ତି ଡାକି,
"ସଂହର ସଂହର ଅସ୍ତ୍ର !" ଅଶ୍ରୁପୂର୍ଣ୍ଣ ଆଖି !
କିଏ ବା ଶୁଣିବ ଡାକ ଡାକିଲେ କାତରେ ?
ମାନବ ଯେ ନାହିଁ ଆଜ ଆପଣାର ଘରେ !

# ଆଗଭର

ତରୁଣ ତାପସ ଆଗଭର
ତୁମ୍ଭ ଆଗଭର !
ଦୁର୍ଦ୍ଦିନ ଭୟେ ସୁପ୍ତ ନୋହୁ ତୋ ଅନ୍ତର ।
ସୁପ୍ତ ନୋହୁ ତୋ ଘର୍ଷଣନିଷ୍ଠା,
ଅଗ୍ନି ମନ୍ତ୍ରେ ଲଭ ପ୍ରତିଷ୍ଠା,
ନିର୍ଜୀବ ଶିରେ ପଦାଘାତ କରି
ତରୁଣ ନିଶାଣ ତୋଳ ଧରି !
ଚିର ନିର୍ଭୀକ ଆଗଭର !
ପଶ୍ଚାତେ ତୋର ମୃତ୍ୟୁ ସୁନ୍ଦର,
ହସେ ନିର୍ଭୀକ ନତ ନୋହୁ ଶିର,
ପ୍ରାଣ ଅମୃତ ନିତ୍ୟ ଦାସ୍ୱାଦ —
ଗାଇ ଜୀବନର ମନ୍ତର—
ଆଗଭର ତୁମ୍ଭ ଆଗଭର ।
ତଟସ୍ଥ ଏଇ ସୃଷ୍ଟିର ରସେ ନିତ୍ୟ କୁ ଅଧିକାରୀ,
ନିର୍ଜୀବ ହୀନ ମିଥ୍ୟା ଦୁଆରେ ଆଜ ପୁଣି କୁ ଭିକାରୀ ?
ଶୁଷ୍କ ଶାସ୍ତ୍ର କି ଜାଣେ ତଥ୍ୟ ?
ନିର୍ଜୀବ ସେବା ଜୀବନ-ସତ୍ୟ ?
ଚିର ସବୁଜ ତୋ ତରୁଣ ସୃଷ୍ଟି !
ଆନନ୍ଦ ତୋର ସଙ୍କେତର;
ବନ୍ଦ କର ତୋ ଶ୍ରବଣ ଦୁଆର
ଆଗଭର ତୁମ୍ଭ ଆଗଭର !
ପିଚ୍ଛିଳ ପଥ ? ନାହିଁ ନାହିଁ ଭୟ !
ଉଦ୍ୟତ ତୋର ଗତି,
ଚିର ଜୀବନ୍ତ ତୋହଲାଗି ସିନା
ବହୁଛି ମର୍ତ୍ତ୍ୟେ ଯୁଗ ଯୁଗ ଭଗିରଥୀ ?

ଶୁଭ୍ର ଶଙ୍ଖ ପଦ୍ମେ ଯେବେ କୁସ୍ମିତ
ବାଜେ କୁଞ୍ଜ ଗ୍ଲାନ ଇଙ୍ଗିତ—
                    ତାରୁଣ୍ୟ ଅଧିଭାଷ ।
ବନ୍ଧୁ ଗତା-ଶ୍ରୁର ମିଥ୍ୟା ଜଡ଼ତା
                    ସ୍ଥିର ସ୍ଥିନା ଦେବ ଭାଷ ?
          ସୃଷ୍ଟିର ଅପରୂପ ଆନନ୍ଦ,
          ନିର୍ଦ୍ଦେଶ କରୁ ତୋ ଗତି ଛନ୍ଦ,
     ବସନ୍ତ ! ରସେ ହେ ଶତ ! ରସିକ
          ବାନ୍ଧ ଜୀବନ ଯନ୍ତ୍ରର ।
          ଆଗଭର ଆରେ ଆଗଭର ।
ଅଦୂରେ ଉଷାର ମୁଗ୍ଧ ଆଲୋକେ
                    ଫୁଟେରେ ପଦ୍ମଫୁଲ !
                    ଆନନ୍ଦେ ତାର ମୂଳ !
ତବ ତାରୁଣ୍ୟ କୁ ତାର ଦାସ୍ୱାଦ
                    ଅତୀତ ଭ୍ରାନ୍ତ ଭୁଲ ।
ସେ କୁସୁମ ବିନା କାହିଁ ତୋ ଶାନ୍ତି ?
ଅତୀତ ତାଡ଼ନା ମିଥ୍ୟା ଭ୍ରାନ୍ତି !
ସତ୍ୟର ସେନା କାହିଁକି ଅଟକ
          ଯୁଦ୍ଧେ ପଶ୍ଚାତେ ଥରଥର ?
          ଆଗଭର ତୁଷ ଆଗଭର ।

# ବନ୍ଦୀ-ବନ୍ଦନା

ସଜ୍ଜନ ବନ୍ଧୁ, ଜୟ ଜୟ ହେ !
ଜୟ ଚିର ମଙ୍ଗଳମୟ ହେ !
ଦୁର୍ଦ୍ଦିନେ ଝରେ ତବ ଭରସା,
ତମିରେ ତୁମର ପ୍ରୀତି ବରଷା,
କୌମୁଦୀ ଚିତ ପଟେ ସହସା
ଅନ୍ତର ଚିର ନିର୍ଭୟ ହେ
ଜୟ ଚିର ମଙ୍ଗଳମୟ ହେ । ୧ ।

ଯାହାର ଦୁଃଖ ଅବସାନେ,
ପରଶେ ଶୀତଳ ଛାୟା ପ୍ରାଣେ,
ସୃଷ୍ଟି ହସୁଲେ ତୁମ ଗାନେ,
ସକଳ ଗ୍ଲାନି ମୋହ କ୍ଷୟ ହେ,
ଜୟ ଚିର ମଙ୍ଗଳମୟ ହେ । ୨ ।

ଅନ୍ଧାରେ ବିଜୁଳିର ଚମକେ
ଭୁଞ୍ଜିତା ଖଣ୍ଡିତର ପଲକେ
ସଞ୍ଜୀବ ଅଙ୍ଗ ମୋ ପୁଲକେ
ଲଭି ତୁମ ବାଣୀ ବରାଭୟ ହେ,
ଜୟ ଚିର ମଙ୍ଗଳମୟ ହେ । ୩ ।

ମରୁରେ ବହଇ ପୁଣି ଝରଣା,
ହସେ ଉଷା ଆଲୋକବରଣା!,
ମିଥ୍ୟାର ଉନ୍ମୁଖିତ ସାତନା,
ସକଳ ମନ୍ଦହାସେ ଲୟ ହେ,
ଜୟ ଚିର ମଙ୍ଗଳମୟ ହେ । ୪ ।

ଜୟ ହେ ଗଗଣ ମହାସିନ୍ଧୁ !
ସୁବିପୁଳ ମୁଁ ସଲଳଛନ୍ଦ !
ଧନ୍ୟ ଦେଖି ସେ ମୁଖ ଇନ୍ଦୁ,
ସକଳ ତାପଗ୍ଲାନି କ୍ଷୟ ହେ !
ଜୟ ଚିର ମଙ୍ଗଳମୟ ହେ । ୫ ।

ଶୁଭ୍ର କୁସୁମ କେତେ ଝରଇ
ନବୀନ କୁଞ୍ଜବନ ଭରଇ
ନିର୍ଝର କଳଗୀତ ସ୍ଫୁରଇ
ଜୀବନ ଜୈତ୍ର ବାଣୀ ବହ ହେ,
ଜୟ ଚିର ମଙ୍ଗଳମୟ ହେ । ୬ ।

●

[ ୧୯୩୮ ]

# ଭକ୍ତିର ଗର୍ବ

ତୁମରି ଗର୍ବ ହେଉ ଏ ଜୀବନେ ସାର,
ଆନ ସାଗର ବଦଳ ହେଉ ନାରଖାର,
ତୁଟୁ ହେ ଦମ୍ଭ ଆତ୍ମାର ଅଭିମାନ,
ତୁଚ୍ଛତା ହରି ଏ ମରୁରେ ଆଣ ପ୍ରାଣ । ୧ ।

ତୁମରି ଗର୍ବେ ବକ୍ଷ ମୋ ହେଉ ସ୍ଫୀତ,
ମିଥ୍ୟା ସମୀପେ ନିର୍ଭୟ କର ଚିତ,
ଚିର ମଙ୍ଗଳ ସକଳ ଦୀନତା ହର,
ଧ୍ରୁବ ହେଉ ତବ ବାଣୀ ଚିର ନିର୍ଭର ! । ୨ ।

ଅନ୍ତର ମୋହେ ମାନବର ଆରାଧନା,
ଭ୍ରମେ କଲେ କେବେ କୁଣ୍ଠିତ ମୋ ରସନା,
କର ହେ ବିକଳ ନିଷ୍ଠୁର ଘାତେ ଜଡ଼
ତୁମରି ଗର୍ବ ହେଉ ଏ ଜୀବନ ବଡ଼ । ୩ ।

ତୁମରି ଗର୍ବେ ଅଶ୍ରୁ ଯାଉ ହେ ବହି,
ଅଖ୍ୟାତ ରହୁଁ ନ ବୃନ୍ତ ଘୃଣାରେ ମହି,
ନ ସ୍ପୃହ ଜଗର ଅଂ   ନ ମିତ୍ର ଜନା,
ତୁମରି ଗର୍ବ ନିତ୍ୟ ମୋ ଆରାଧନା । ୪ ।

ନିଃସ୍ୱ ଜୀବନ ହେଉ ଚିର ସମ୍ବଳ,
ତୁଚ୍ଛ ମାନବ-ବନ୍ଦନାରେ କି ଫଳ ?
ତବ ବନ୍ଦନା ଅନ୍ତର କରୁ ପୂତ,
ତୁଚ୍ଛର ମୋହ ଗର୍ବ ଭସ୍ମୀଭୂତ । ୫ ।

●

# ବେଣୀ ରଚନା

ରୂପସୀ ଉଷସି କର ସୁବେଶ ରଚନା,
ନୟନେ ଫୁଟଇ ତବ ଅଜସ୍ର କଳ୍ପନା !

ଅଜସ୍ର ସ୍ୱପନ ସେ ଗୋ ଅଜସ୍ର ରହସ୍ୟ,
ଲୁଚୁଛି ଗୋପନେ ତହିଁ ନିତ୍ୟ ସୃଷ୍ଟି ରସ !

ଜାଣେ ନା [illegible] ଅବା, ଗୁପ୍ତ ଅଭିସାର,
ବାସକ ସଜ୍ଜାର ଶ୍ରାନ୍ତି, ରଜନୀ ଝଙ୍କାର !

ଦେଖଇଁ ମୁଁ ବ୍ରୀଡ଼ାନତ ସେ ନୟନ ତଳେ
ପ୍ରୀତି-ସ୍ୱର୍ଣ୍ଣ-ଦୀପ ଜଳେ ତହିଁ ପ୍ରତିପଳେ !

ମନର ଅନ୍ଧାରେ ସେ ଗୋ ପରମ କଲ୍ୟାଣ,
ପଲକେ ପଡ଼ଇ ଧରା ବର୍ଷାଜୟୀ ପ୍ରାଣ ।

ସକଳ ଜଗୀସା ଭୁଲି ନଜେ ଏଏ ଧରା,
ମଙ୍ଗଳର କେଉଁ ବାଣୀ ବେଣୀସଜ୍ଜା ପରା ?

ସାଜ ଗୋ କଲ୍ୟାଣମୟୀ ନୁହେ ସେ ଅଳୀକ,
ଦୂରେ ଘନ ବନ୍ଦୀ ଗାଏ ସୃଷ୍ଟି ମାଙ୍ଗଳିକ ।

# ପଥେ ଘାଟେ

ପଥେ ଘାଟେ କେତେ ଭରମିଲି ଏକା
ଡାକନାହିଁ ସିନା ତୁମରି ଦୁଆରେ,
ପ୍ରୀତି ବାଣୀ ଯେତେ ନ ମାନିଲା ମନ
ମିଶିଲା ଗୋପନ ପ୍ରାଣ ହାହାକାରେ,
ଭରମେ ଭରମି ଯାଉଗଲା ଲାଜ,
ଆଖିପାଣି ମଲା ଦେଖି ଗୁପ୍ତାକାଙ୍କ,
ଦୂର ନଭ ଶଶି ପଡ଼ିଲୁକି ହାତେ ?
ମିଶିଗଲା ବେଳାକୂଳ-ପାରାବାରେ । ୧ ।

ନ ପୂରିଲା ଆଶା ନ ଶମିଲା ବ୍ୟଥା,
କେତେ କାହିଁ ବାକି ରହିଗଲା କଥା,
ସକଳ ଶୂନ୍ୟତା ଭେଦି ବାଜିଉଠେ
ତୁମରି ବିରହ ଶ୍ରାବଣ ଅନ୍ଧାରେ । ୨ ।

ତୁମରି ବିରହ ଆଜି ସ୍ମୃତିଧାର,
ଆସ ପ୍ରିୟତମ ମୋ ଘର ସୁନ୍ଦର,
ଯଉ ଯଉ ଭଲ କେତେ ହତାଦର;
ଯଉ ପ୍ରୀତି ରସେ ଶମଇ କି ତୃଷା ?
ବଳଇ କି ପ୍ରୀତି ଝର ଫୁଲହାରେ । ୩ ।

# * ବଧୂ-ଦର୍ଶନ

॥ ୧ ॥

ଦେଖି ଆସିଅଛ କନ୍ୟା ? ହୋଇଛୁ ପସନ୍ଦ ?
ଅବ୍ୟକ୍ତ ସେ ମୁଖ-ପଦ୍ମ ଯୋହ୍ନା ପୂର୍ଣ୍ଣଚନ୍ଦ୍ର ?
କଣ ସ୍ମୃତିଭୂମିର ତହିଁ ତଳେ ସ୍ଥାନ ନାହିଁ ?
ପରିପୂର୍ଣ୍ଣ ଏ ଜୀବନ ଥରେ ଦେଲେ ଦୃଷ୍ଟି ?
ବଧୂଲି ଅଧରୁ ଅବା ରକ୍ତପଡ଼େ ଝରି ?
ରକ୍ତାଭ ସେ ଗଣ୍ଡେ ଯାଏ ପଲକେ ସଞ୍ଚରି—
କେତେ ନବ ଭାବ ପ୍ରୀତି ମମତା ଦ୍ୟୋତନ୍ତ ?
କ୍ଷଣେ କ୍ଷଣେ ଜାଗେ ଅଙ୍ଗେ ଅପୂର୍ବ ପୁଲକ ?
ନିର୍ଜୀବ ଏ ନାରୀ ସୃଷ୍ଟି ? ନାହିଁ ବା ସ୍ପନ୍ଦନ ?
ସେ ନାରୀ ଜୀବନ ତହିଁ ଅପୂର୍ବ ସ୍ୱପନ ?
ଭାବମୟୀ ସେ ସ୍ୱହାଣୀ, ସେ ଶିଳ୍ପ ଅତୁଳ ?
ଉଷାଲୋକେ ଅର୍ଦ୍ଧସ୍ଫୁଟ ମୁଗ୍ଧ-ପଦ୍ମଫୁଲ ?
ପଦ୍ମ ବା କିଂଶୁକ ଥରେ ଦେଖିଗଲ ଜାଣି ?
ଅଥବା ଗୋଲାପ ପ୍ରୀତି ନାଶା ହୁଏ ହାଣି ?

॥ ୨ ॥

କ୍ଷଣକର ଦେଖା ! ତଥୁ ହେବ ତାର ବାସ ?
ଜାଣିଛ ତ ବନ୍ଧୁ ନୁହେଁ ପ୍ରୀତି-ଉପହାସ ?
କ୍ଷଣକର ଜ୍ଞାନ ! ନୁହେଁ ଏତିକ ଗରବ !
ଥିବ ଅବା ଦିବ୍ୟ ଦୃଷ୍ଟି ! ଦେଖିଛ ସରବ ?

---

* କୌଣସି ବନ୍ଧୁଙ୍କ ବିବାହୋପଲକ୍ଷେ ।

ଦେଖିଛ ଅନ୍ତରେ ଦିବ୍ୟ ଦେବତା ମନ୍ଦିର ?
ଲଭିଛ ସେ ପୁଣ୍ୟପ୍ରଭା ରମଣୀ ସୃଷ୍ଟିର ?
ଦେଖିଛ ଗୋପନ ତାର ଅଶ୍ରୁସିକ୍ତ ପ୍ରାଣ ?
ନିତ୍ୟ ସୃଷ୍ଟି ନାରୀ ଯହିଁ କରେ ସାମଗାନ ?
ଦେଖିଛ ନାରୀର ଶକ୍ତି ଅପୂର୍ବ ସାହସ ?
ପୌରୁଷ ସୁନ୍ଦର ଲଭି ଯା ସ୍ନିଗ୍ଧ ପରଶ ?
ସଂଗ୍ରାମେ ଜିଣିବ ଜାଣି ଅଛି ମନେ ବଳ ?
ପୌରୁଷର ଖାଦ୍ୟ ଲାଗି ଅଛି ନା କୌଶଳ ?
ଅବା ସେ ଗୋଲାପ ମ୍ଲାନ ହେବ ସୂର୍ଯ୍ୟ ତେଜେ ?
ଥାପିବାର ସାଧ ଦୁଗ୍ଧ ଫେନନିଭ ଶେଯେ ?

॥ ୩ ॥

ମୋ ଜୀବନ କଥା ପୁଛ ? ନାହିଁ ଶୁଣା ଜଣା,
କାଳସ୍ରୋତେ ଭେଟ ହେଲା ଅଜ୍ଞାତ ଲଳନା,
ଅର୍ଦ୍ଧ ସ୍ଫୁଟ ସ୍ରୋତ-ଫୁଲ କରେ ନେଲି ତୋଳି,
ବର୍ଷ ଅନ୍ତେ ଉତ୍ସ ମୁଁ ନ ପାରିଲି ଖୋଲି ।
ତାରୁଣ୍ୟ-ଉଦ୍‌ବେଗ-ବ୍ୟଥା ଦେଲା ନାହିଁ କଷ୍ଟ
ଅନବଦ୍ୟ ବ୍ରୀଡ଼ା ଦେଖି ଗାଢ଼ ହେଲା ଦନ୍ତ !
କରିଛି ସହସ୍ରାଘାତ, ବୁଝିନି ସେ ଅର୍ଥ,
ଆତ୍ମ ପରକାଶ ଲାଗି ଥିର ଅସମର୍ଥ ।
ନ ବୁଝି ମୋ ଅଶ୍ରୁଭରା ସଜଳ ଲୋଚନ,
ଶିଶୁ ସମ କରିଛି ସେ ଆତ୍ମ ସମର୍ପଣ ।
ପରିଚୟ ହେଲା ଯେବେ ଶେଷ ମଧୁକାଳ !
ନିଃଶେଷ ତାରୁଣ୍ୟ ଶ୍ରୀ, ସେ ନର-କଙ୍କାଳ !
ଲୁଟେ ସେ ଗୋଲାପ, ତେଣୁ ଦେଇ ନାହିଁ ପୀଡ଼ା,
ସକଳ ବସ୍ତୁ ତ ମେଳେ ଜୀବନ୍ତ ତା ବ୍ରୀଡ଼ା !

॥ ୪ ॥

ପ୍ରଦସ୍ତ କଳ୍ପନା ମୋହ କରିଲ ସ୍ପୃହା,
ତାରୁଣ୍ୟ ବାସନା ପଦେ ହୋଇଛି ତା ଚୂରି ।
ବୁଝିନି ତା ଅର୍ଥ ସେତେ ନିର୍ବୋଧ ବାଳିକା,
ମନେ ହସେ ! କେବେ ସ୍ୱପ୍ନ ଦେଖି ମରୀଚିକା !
ଡାକିଲେ ସୋହାଗେ ଥରେ ଏକାନ୍ତେ ରହସି,
'କି ଅବା ଗୁପତ କଥା ?' ଭୁଲେ ଯାଏ ହସି ।
ଭାଳିଅଛି ସେତେ ଥର କରିବ ମୁଁ ତ୍ୟାଗ,
ତୃଷ୍ଣାତର କର ବାଢ଼େ ତାର ଅନୁରାଗ ।
ଜୀବନ ସଂଗ୍ରାମେ ଯହିଁ ନ ପାରେ ଉରସି,
ଅମୋଘ ଯୌବନ ତମ୍ଭେ କାନ୍ଧ ଦିଏ କଷି ।
ସ୍ୱାର୍ଥତାର ଅବସାଦେ ପଡ଼ିଲେ ମୁଁ ଲସି,
ପ୍ରେମ ନେଇ ମ୍ଳାନ ଓଷ୍ଠାଧାରେ ଯାଏ ହସି ।
ଯେବେ ଯହିଁ ଶୂନ୍ୟପ୍ରାୟ, ରକ୍ତ ମାଂସ ସବୁ—
ଝୁଣ୍ଟି ପଡ଼ି, ତହିଁ ପ୍ରୀତିପୂର୍ଣ୍ଣ ପରଚସୁ ।
ତ୍ୟାଗ କରେ ଯେଉଁ କର ହାଣ ଶିଳା ପରି
ଜଗତରେ ସଂସାରମରୁ ଦୁଃଖ ତାକୁ ଧରି ।
ମଳିନ ତାରୁଣ୍ୟ ମୋହ, ବଢ଼ଇ ବୟସ;
ତୁଚ୍ଛତର ମାତ୍ର ପ୍ରୀତି ଦୁର୍ବୋଧ ରହସ୍ୟ ।

# ମାଟିର ଉପହାସ

ଦେଉଥିଲା ବାପ ଢାଳି ସକଳ ନୈପୁଣ୍ୟ,
ଗଢ଼ନାହିଁ ଗୃହ, ଜମା ପାଶେ ଇଟା ଚୂନ;
କେତେ ସୁଖ କଳପନା ଯାଉଥିଲା ଗଣି
କାହିଁ ଉପବନ, କାହିଁ ସ୍ଥାପିବ ସରଣୀ ।

ଉଜ୍ଜ୍ୱଳ ଦିଶିବ ପୁର ପ୍ରିୟା-କାଶ-ହାସେ,
ଅପୂର୍ବ ଆନନ୍ଦ ପୁଣି ଶିଶୁକଣ୍ଠ ଭାଷେ,
ମାଟିରେ ଉଠିବ ଗଢ଼ି ସ୍ୱର୍ଣ୍ଣ ସିଂହାସନ,
ମାଟିର କୁଟୀର ହେବ ଦେବତା-ଭବନ !

ଢାଳି ତାର ମନ ପ୍ରାଣ ଅପୂର୍ବ କୌଶଳ,
ଭାଳୁଥିଲା ଫୁଟାଇବ ମରୁରେ କମଳ,
ଶେଷ ହେଲା କ୍ଷଣେ ସବୁ ତା ଫିକର ଫନ୍ଦ,
ଆସିଲା ସେପାରୁ ଡାକ ! କ୍ଷଣେ ହେଲା ଧନ୍ଦ—,
ଶିଶୁ ସମ ! ଇଟା ଚୂନ ହସେ ଅନ୍ଧକାରେ !
ଶୁଭେ "ରାମ ନାମ ସତ୍ୟ" ନିର୍ଜନ ନିଶାରେ !

# *ଜନ୍ମ-ସମସ୍ୟା

ଯୁଗଳ ଯୁବ ବିଦ୍ୟା-ର୍ଥୀ ଦୂର ପଶ୍ଚିମ ଯାତ୍ରୀ !
ବାଷ୍ପୀୟ ପୋତେ ତୃତୀୟ ଶ୍ରେଣୀରେ ସ୍ୱଳ୍ପ ଆସନ ପ୍ରାପ୍ତ,
କଟାଇ ଦେଲେଣି ସିନ୍ଧୁ ବକ୍ଷେ ସାତୋଟି ରଜନୀ ଦିବା,
ବାହାର ନଗମ ଅନ୍ଧାର ପଛ ଭବିଷ୍ୟ କାହ କିବା—
କେହି ନ ଜାଣଇ ଅଭ୍ୟନ୍ତରେ ବେନି ଜନ ଆଶା ଭୟ,
ସେଥିଲାଗି ଶତ ଯାତ୍ରୀର ପୀଡ଼ା ବେନି ଜନ ଆଗେ ତୁଚ୍ଛ ।
ତୃତୀୟ ଶ୍ରେଣୀର ଯାତ୍ରୀ ବେଦନା ଅସହ୍ୟ ବେନି ଅଙ୍ଗେ,
ସହଯାତ୍ରୀ ସେ ପୁଚ୍ଛେ ବନ୍ଧୁକୁ ଯୌବନ-ରସ-ରଙ୍ଗେ;
"ଦରିଦ୍ର ମୂର୍ତ୍ତି ବହିଛୁ ଏ ଦଶା, ନାହିଁ ମୋ ଉପାୟ ଆଉ,
ତୁମେ କାହିଁପାଇଁ ସହୁଛ ନର୍କେ ସମ୍ପଦ ଏତେ ଥାଉଁ ?
ଧନୀଙ୍କର ସୁତ ସୁଖର ଆସ୍ୱାଦ ସ୍ୱେଚ୍ଛାରେ ବର ଦୈନ୍ୟ ?
ନିଷ୍କୃତି ନାହିଁ ଦେବେ ତଳେ ଏଥି ବର୍ବରତାର ସୈନ୍ୟ †!"
"ଜାଣେନା ବନ୍ଧୁ !" ଉତ୍ତରେ ଆନ "ଅଜ୍ଞାତ ଥିବ ଭଲେ,
ଜୀବନ ଦୈନ୍ୟ କରୁଣ-କାହାଣୀ-ମନ୍ଦ-ପ୍ରଦୀପ ଜଳେ !
ଜାଣନା ବରିଛି ସ୍ୱେଚ୍ଛାରେ କାହିଁ ନିଷ୍ଠୁର ଉପହାସ
ଦୈନ୍ୟର ବ୍ରତ ବହିଛି ସୁଖେ ମୁଁ, ଶୁଣ ମୋର ଇତିହାସ ।"

॥ ୨ ॥

"ତକ୍ଷଶୀଳାର ଅଧିବାସୀ ଆମେ ଚୌଦ ଭଗିନୀ ଭାଇ
ଜନକ ଜନନୀ ସହାୟ ଆମର ଆଗପଛ କେହି ନାହିଁ ।
ଜୀର୍ଣ୍ଣା ଜନନୀ, ବୃଦ୍ଧ ପିତା, ବୃତ୍ତି ଅଧ୍ୟାପନା,
ସ୍ୱଳ୍ପ ବେତନ ମିଳେ ଯା ମାତର ଆୟୁରେ ନୁହେ ସେ ଗଣା ।

---

* ଡକ୍ଟର ମାୟାଧର ମାନସିଂହଙ୍କର ବିଲାତ ଭ୍ରମଣକାହାଣୀ ପଠନାନ୍ତର

† ସାଧାରଣ ନୌଯାତ୍ରୀ ଦଳ ।

ଅକାଳରେ ପୁଣି ବୃନ୍ତଚ୍ୟୁତ ଚୌଦରୁ ତିନି ଜଣ
ରହିଗଲେ ବାକି ଯେତେ ଜଣ ସାର ନିପୁଣ ସନ୍ତତେ ରଣ ।
ବୃଦ୍ଧ ବୟସେ କରନ୍ତି ପିତା କ୍ଲାନ୍ତି ବିହୀନ ଶ୍ରମ,
ଆମରି ସୁଖର ଚିନ୍ତାରେ ସେ ଯେ ନିତ୍ୟ ଗଳଦ୍‌ଘର୍ମ ।
ସ୍ୱର୍ଣ୍ଣା ଜନନୀ ଆମ ଚିନ୍ତାରେ ଦିନୁ ଦିନ କ୍ଷୀଣତର
ଦିନେ ତାଙ୍କର ଯତ୍ନ ଚେଷ୍ଟା ଜାଣି ନାହିଁ ଅବସର ।

ଅଗ୍ରଜ ମୁହିଁ ସନ୍ତାନ ଗହଣେ, ହେଲି ଦିନୁ ମୋର ଜ୍ଞାନ—
ଏକଇ ପ୍ରଶ୍ନ ନିତ୍ୟ ଦିବସ ବ୍ୟାକୁଳ କରିଛି ପ୍ରାଣ ।
କି ଲାଭ ଯତ୍ନେ ବ୍ୟର୍ଥ ପ୍ରୟାସେ ମିଳେ କାହିଁ ଅମୃତ—
ଇଚ୍ଛାରେ ଗଳେ ଲଗାଇଲେ ଫାଶି ଦୈନ୍ୟ ସ୍ୱେଚ୍ଛାକୃତ ?
ପିତା ହେଲେ ଅବା ନମସ୍ୟ ଗୁରୁ, ଆତ୍ମକୃତ ସେ ପାପ—
ତଫଳ ତା ଲାଗି ସମ ଅନୁଭୂତ ବ୍ୟର୍ଥ ମନର ତାପ ।

ଦୁର୍ବହ ଏଇ ସଂସାର ଭାର ବହିଲେ ଯେ ପିତା ଜାଣି
ଅବିବେଚନାର ଫଳ ଭୋଗୁଁ ଆମେ ନିସ୍ପାହ ଚୌଦ ପ୍ରାଣୀ ।
କେବେ ଦିନେ ଦିନେ ଅସହ୍ୟ ହେଲେ ଦୈନ୍ୟ ଅଭାବ ପୀଡ଼ା,
ମୁକ୍ତ କଣ୍ଠେ କହିଛି ପିଅରେ ଚାଲ ମୁଁ ବିନୟ ବ୍ରୀଡ଼ା—
ବେଳସୁଁ ଉପାୟ ଖୋଜିନାହିଁ ତୁମେ ଖଟାଇ ଆପଣା ବୁଦ୍ଧି
ନିତ୍ୟ ସ୍ରୋତ ପରି ବଂଶ ସନ୍ତତି ଦୈନ୍ୟର ଜ୍ୱାଳା ବୃଦ୍ଧି !

ଅତର ନୁହେଁ ବାବୁ ତିନି ଥର ଜାଣି କହିଅଛି ଦୋଷାରୋପ,
ଦେଖିଲି ମାତ୍ର ଜନକ ଜନନୀ ନୟନ କୋଣରେ କୋପ ।
ଅଜ୍ଞାନେ ଦିନେ କହିଲି "ଜନ୍ମିଲା ଅନ୍ତତଃ କେତୋଟି ମାତ୍ର
କିବା ପୌରୁଷ ମିଳଇ ଏମନ ହଳାହଳେ ନିତ୍ୟ ପାତ୍ର !"
ସେଦିନ ଦେଖିଛି ଲଜ୍ଜିତ ପିତା ଅବନତ କଲେ ଶିର,
ଅନୁତାପାନଳେ ଜ୍ୱାଳ୍ୟ ସ୍ତବ୍ଧ ମାତାର ଶାନ୍ତ ଗିର ।
କହିଲେ "ବାବୁ ମୋ ମନକଥା ବୁଝିଆରେ ଆଜ କାହିଁ ?
ଆପଣାର ମୋର ଦୁଷ୍କୃତ ଲାଗି ଆଜ କିଏ ହେବ ଦାୟୀ ?

ଇଚ୍ଛା କରନ୍ତ ଚୌଦକୁ କେବେଁ, ଲେଉଡ଼ଥିଲ ତନ ସ୍ବର;
ସ୍ବରକୁ ଚୌଦ କଲ୍ପ କେ ଜାଣ୍ଡିଁକ ନ ମାନଲ ଥରେ ବାର ।
ଖଟାଇଛି ସବୁ ବୁଦ୍ଧି ଚୁଲ୍ଲା ଉପାଦ୍ଦତ ଦେଲ ଜ୍ଞାନ,
ଏକଇ ସତ୍ୟ ଦୋଇଛି ପ୍ରଶାନ୍ତ ସୁନ୍ଦରତମ ପ୍ରାଣ !"
ସୁନ୍ଦର ମୋର ଚୌଦ କଳିକା ! କେଉଣେ ଗଲ ତନ ଆହା ?
ସେଷ୍ଟ ଶୂନ୍ୟତା ପୂରାଇବ କଏ ? ସନ୍ଧ୍ୟାସୁ ସେ ତଉ-ବାହା !
କରିଛି ତ କେତେ ପ୍ରାୟଶ୍ଚିତ୍ତ ! ପେଷିଛି ଶମନପୁରେ,
ତନୋଟି ପ୍ରାଣର କମଳ କଳିକା ! ପୁଚ୍ଛୁଅଛି ମୁଁ ଆଲୁରେ !
ଅଭେଦ୍ୟ ଶୂର ନସ୍ତତର ଦ୍ୱାରେ ପାଇ ନାହିଁ ଉତ୍ତର,
ଦେଲ ଆଜ ବାବୁ ତୋତେ ସ୍ୱାଧୀନତା ଇଚ୍ଛା ତୋ ଯାହା କର ।
ଇଚ୍ଛା ଯାହାକୁ ଦଅ ଆଜ୍ଞ ବଳା ମିଶାଇ ଏ ତେଜ ପ୍ରାଣୀ !
ଉପାସ୍ତ ନ ହେଶେ !" ରୁଦ୍ଧ କଣ୍ଠ ! ନୟନୁ ଝରଇ ପାଣି !
ହଜଲ ସକଳ ତରୁଣ ତମ୍ବ ବୃନ୍ଦି ସେ ଆନତ ମୁଖ,
କରୁଣ ନୟନ ସ୍ମରଲେ ବନ୍ଧୁ ଭୁଲ୍ଲ ସକଳ ଦୁଃଖ !
ସୃଷ୍ଟିରେ ମୋର କବା ପ୍ରୟୋଜନ-ପ୍ରୟୋଜନ କବା ଭାର
ବୁଝିଲ ସେ ଦନ ବନ୍ଧୁ ପ୍ରଶ୍ନେ ନାହିଁ ମୋର ଅଧିକାର ।
ପିତା ନୁହେଁ ମୁହିଁ ! ସେ ଦନୁ ବଶିଲି ପିତାର-ଅମ୍ଭ-ଦାନ,
ସୃଷ୍ଟିର ଲଗି କୃତ୍ସ୍ନ ସାଧନ ପାପ୍ତ କଲ ମୋ ଜ୍ଞାନ !
ସିନ୍ଧୁ ବକ୍ଷ ଅନ୍ଧାର ପରି ତର ରହସ୍ୟମୟ,
କ୍ଷୁଦ୍ର ଜୀବନ ! ମାତର ବନ୍ଧୁ ମୃତ୍ୟୁକୁ କରେ ଜୟ !
ଭୁଲ୍ଲ ତାଠାରୁ ସ୍ୱାର୍ଥ ଅଶ୍ରୁ, ଭୁଲ୍ଲ ଶତ ସମସ୍ୟା,
ଜୀବନର ସ୍ରୋତେ ଭସାଇ ପାରଲେ ଅଉ କ ଦୈନ୍ୟ ଦଶା ?"

# *ବନ୍ଦୀ-ବୀର

ସ୍ୱକୀୟ ଜନମ ଭୂମି ମାନ ରକ୍ଷା ଲାଗି
ଅକ୍ଳାନ୍ତ ସମରଣେ, ମୁକ୍ତି ରହିଥିବ ଜାଗି !
ଏ ଧରାର ନିପୀଡ଼ିତ ପଦାନତ ବକ୍ଷ
ଶିଖିବେ ତୁମଠୁ ବୀର ମରଣ ଆନନ୍ଦ ।
କାହିଁକି କୁଞ୍ଚିତ ଭୁରୁ ? ମୁଖ ଅବସନ୍ନ ?
ବେଦନାର ଗୁପ୍ତାଘାତ ? ସମ୍ମୁଖେ ମରଣ ?
ପଛେ ପୁଣି ମୃତ୍ୟୁ ସେନା ହସଇ ବିକଟ ?
ସମ୍ମୁଖେ ସେ ଜନ୍ମ ଭୂମି ଅତି ସନ୍ନିକଟ ?
ତହିଁ ତବ ମର ଦେହ ହେବ ବିଖଣ୍ଡିତ,—
ମିଶିବ ମାଟିରେ ? ସେଥିଲାଗି ସଙ୍କୁଚିତ ?
ଭାଳିଥିଲ ଅବା ଯୁଦ୍ଧେ ମାରି ଅଗଣନେ,
ବରିଥାନ୍ତ ହସି ହସି ବୀରର ମରଣ ?
ବୀରର ମରଣ ନିତ୍ୟ ବୀର କରେ ଦାବୀ
ମାତ୍ର କାଳହସ୍ତେ ଲୁପ୍ତ ନର ଭାଗ୍ୟ ସୂତ୍ର ।
ଜାଣେ ସେ ଭବ୍ୟଙ୍କ ପ୍ରାଣ ଶୋଣିତ ତୃଷିତ
ଦେଖି ନର ନିଷ୍ପେଷଣ ବିକ୍ଷୁବ୍ଧ ବ୍ୟଥିତ ।
ସଭ୍ୟତାର ଅତ୍ୟାଚାର ଦୁର୍ବଳର ପୀଡ଼ା
କ୍ଷୁବ୍ଧ ଦେଖି ଦୈବ ଭୂମେ ଦାନବର କ୍ରୀଡ଼ା !
ନ ପୂରୁଁ ପିପାସା ଆପେ ପଡ଼ିଗଲ ଧରା,
ଶତ୍ରୁ ହସ୍ତେ ତୁମ ପ୍ରାଣ ସମାଧାନ ପରା ?

---

* ଆବିସିନିଆର ସେନାଧ୍ୟକ୍ଷ ରସ୍ ଦେସ୍ତା । ସେ ଗତ ଇଟାଲି-ଆବିସିନିଆ ଯୁଦ୍ଧରେ ପରାସ୍ତ ହୋଇଥିଲେ । ପରେ ବନ୍ଦୀ ହୋଇ ଶତ୍ରୁ ହସ୍ତରେ ହତ ହୋଇଥିଲେ ।

ସୃଷ୍ଟିର ଅକ୍ଳାନ୍ତ ମଦେ ! ସେତିକ ଆଶ୍ୱାସ !
ଅନ୍ୟାୟ ମିଥ୍ୟାର ତଳେ ହୋଇନାହିଁ ନାଶ !
ଉଦ୍ଧଅଛୁ ତବ ଜନ୍ମଭୂମି ତ୍ରାଣ ମନ୍ତ୍ର;
ବିଫଳତା ଲଗି ଦୁଷ୍ଟ ଦେବତା ବିଧାନ ।
ମରଣର ଯାତ୍ରୀ ତୁମ୍ଭେ ନାହିଁ କାଳ ଭୟ,
ସାରସେ ନୂତନ ମରଣର ସ୍ୱପ୍ନାଘାତ,
ହୃଦ ବୀର ନବଜାତ ନୂତ ଆଉ ସୃଷ୍ଟି;
ଅସ୍ପୃଶ୍ୟ କୋଟି ସେନା କରିବାକୁ ଧ୍ୱଂସ—
ଅପୂର୍ଣ୍ଣ ରହିଲା ଯାହା, ଜଳିବ ଅନଳ,
ଭସ୍ମ ହେବ ବର୍ଗ ତୁମେ ମାନବ ଗରଳ ।
ସଂଗ୍ରାମର ଅନ୍ତେ ହେଉ ଅଟଳ ବିଶ୍ୱାସ
ସକଳ ପ୍ରପଞ୍ଚ ମେଳେ ଦେବତ୍ୱ ପ୍ରକାଶ ।
ଯାଅ ବୈଦ ସେନା, ଯାଅ ପରମ ଗର୍ବିତ,
ତୁମର ତପସ୍ୟା-ଦାସ୍ୟ ତପସ୍ୱୀ ସୈନିକ—
ଦେଖି ହେଉ ସଙ୍କୁଚିତ ! ଜାଳର ପ୍ରଭାର
ସକଳ ବିକୃତ କରୁ ଏଏ ପରସ୍ପର ।
ଜାଣେ ନା ସେ ତୁମ ଭଳି ସାଉର ସମ୍ମାନ
ତଳୁ ପ୍ରସ୍ଥାନ୍ତ ହେଲେ ବର୍ବର ସମାନ !
ବର୍ବରର ସତ୍ୟ ଧର୍ମ ନୁହେଁ କେବେ ଘୃଣା,
ମହାଜାତି ଧର୍ମ ନାମେ ବର୍ବରତା ଘୃଣା !

●

[ ୧୯୩୭ ]

# * କୌଣସି ପ୍ରଣୟୀଙ୍କ ଉଦ୍ଦେଶ୍ୟରେ

॥ ୧ ॥

ପଲ୍ଲବ ପରଶେ ଫୁଲ ପଡ଼ିବ ତ ଝଡ଼ି,
ଝଡ଼ିବ ଶ୍ୟାମଳ ପତ୍ର ! ରାଖିବ କି ଧରି ?
ଲବଧ ରଞ୍ଜନ ସ୍ପୃହା ବିଫଳ ପ୍ରୟାସ,
ସ୍ନିଗ୍ଧକଳା ଶିଳ୍ପେ କରେ କାଳ ଉପହାସ !
କୁସୁମର ଶେଷ ଦଶା ନ ଭାବିବ ଦେଖି,
ତେଣୁ ବାସ୍ତବତା ସତ୍ୟ ପାଉଛ ଉପେକ୍ଷି ?
ଆପଣା ଅଜ୍ଞତା-ମୋହେ ପିନ୍ଧ କୁହେଳି,
କେତେ ଦିନ କର ମୃତ୍ୟୁ ନେତ୍ରେ ଦେବ ଧୂଳି ?
ଶୁଣୁ ନ ଅଦୂରେ ଶୁଭେ କାଳ ଆଗମନୀ ?
କାଢ଼ ଦେବ କାଢ଼ ଆଜ ଉଜ୍ଜଳ ଯା ମଣି ।
ଚର୍ମସାରଅନ୍ତ ମଣି ! କାହିଁ ସେ ସୌନ୍ଦର୍ଯ୍ୟ ?
ଭଲକୁ କରୁଛ ହେଳ, ସତ୍ୟ ଉପଦେଶ !
ଯେ ମରଣେ କର ଭୟ ତହିଁ ମିତ୍ରପ୍ରମାଣ,
ତେବେ ଶିଳ୍ପୀ ହେବ ଲଭ ଅମୃତ ସନ୍ଧାନ !

॥ ୨ ॥

ଝରିଲେ କୁସୁମ ତାର ରୂପ ସଉରଭ—
ଲଭି ରହେ ଚିତ୍ର ପଟେ, ତାର ଅନୁଭବ—
ନିର୍ଜନ କଣାରେ ପ୍ରାଣ କରଇ ଆକୁଳ,
ମରିଥା'ଇ କହେଁ ଉଠେ ସେ ଅତୁଳ ଫୁଲ !
ତେସନେ ପ୍ରୀତିରୁ ବନ୍ଧୁ ସୁଧା ପାଇ ଗୁଣି ?
ପ୍ରୀତିକଣା ତୁମ ଲଭି ବଞ୍ଚିବ ଜଗାଣି !

---

* ଅନ୍ତରଙ୍ଗ ବନ୍ଧୁ କୁ ଲିଖିତ ବସାନ୍ତରିତ ପତ୍ର

ସଞ୍ଜୀବନ ଗଢ଼ିଲ ଜଗ ଦେବ ସଞ୍ଜୀବନ,
ତୁମ ପ୍ରୀତି ଶୁଷ୍କ ତାସୁ ଅନ୍ତରା ଉଦ୍ୟାନ—
ପଡ଼ିବ ସେ ବନ ଧନ୍ୟ ! କାହିଁ ପାଇଁ ଡର ?
ପାଷାଣରେ ଦେଖିଲି ଗଢ଼ି ପୀରତି ସୁନ୍ଦର !
କାଠକୁ କରୁଛ ଯନ୍ତ୍ର, ଲେପିଣ ଚନ୍ଦନ !
"ଗଲ ଗଲ ରୂପ" ବୋଲି ହୃଦୟ କ୍ରନ୍ଦନ—
ଶବଦେ ସହସ୍ର ଧର ! କର ଅତି ଯତ୍ନ
ବଢ଼ିଯାଏ ଆକୁଳତା, ନାହିଁ ମିଳେ ରତ୍ନ !

॥ ୩ ॥

ଝଡ଼ବାଉ ଯାହା ଝଡ଼ୁ ! କାହିଁକି ଆକୁଳ ?
ପୁଣି ଶୂନ୍ୟ ବୃନ୍ତଗରେ ପଞ୍ଚପୁଷ୍ଟ ଫୁଲ !
ଗଲେ ପୁରାତନ ନବୀନର ଆଗମନ,
ସବୁ ପରିବର୍ତ୍ତନ ମେଳକ ଏକଣେ ଜୀବନ !
ବସନ୍ତ ଦେବତା, ଆଉ କାହା ଭ୍ରାନ୍ତ ଭୟ ?
ଆବର୍ତ୍ତନେ ବିବର୍ତ୍ତନେ ଜୀବନର ଜୟ !
ଜୀବନ ଅମୃତ ରୂପ ପୀରତି ନିଦାଣ
ମୃତ୍ୟୁ ଯୋଗୁ ଦେଖେ ସବୁ ରହେ ପ୍ରୀତି-ଦାନ;
ସେ ରୂପ କେବଳ ନାହିଁ ଶ୍ରଷ୍ଟାର ରଚନା,
ସୌର ଭାବେ ନବରୂପ ତା ପ୍ରୀତି ମୂର୍ଚ୍ଛନା;
ଜାଣେନା ଆଶଙ୍କା, ଭୀତ, ରଖିବା ଗୋପନ,
ଶତ ବୃଷ୍ଟି ଝଞ୍ଜା ଜାଣି କରଇ ବରଣ ।
ଧରେ ଶତ ନଷ୍ଟ ରୂପ, ଖସଇ ଶୁଭ୍ରତା,
ରହିଯାଏ ଅଗ୍ନି ବାହ୍ନି ପୀରତି ମମତା ।

॥ ୪ ॥

ସେ ପ୍ରୀତି ସେ ରୂପ ପ୍ରଭୁ ! ଜୀବନର ସାର
ଆନ ଯେତେ ରୂପ ଆଉ ଖାଲି ହାହାକାର !

ଜନ୍ତୁର ଜୀବନ ରସ ପିଇବ କରାଳ ?
ଜନ୍ମରେ ଯୌବନ ସୃଷ୍ଟି ? ମୃତ୍ୟୁ ମୁଖେ କାଳ ?
ସଫଳ କି ତାଲ ଏତେ ଆତ୍ମ-ପ୍ରବଞ୍ଚନା ?
ଲତାକୁଞ୍ଜ ଅନ୍ତରାଳେ ଶୃଙ୍ଗାର ରଚନା—
ଲୁପ୍ତ ହେବ ଜଳେ ! ବନ୍ଧୁ ଆସିଲେ ବରଷା !
ଜଳଜ ସେ ଦନ କବା ପ୍ରାଣର ଭରସା ?
ଫୀରଣ୍ଡ ଲଗିବ ପିତା, ହେବେ ଅକ୍ଷମତା ;
ମୃତ୍ୟୁ ତତୁଂ ଶତଗୁଣ ବାଧିବ ସେ ବ୍ୟଥା !
ଝରିପଡ଼ୁ ଫୁଲ ! ନଷ୍ଟ ବନ୍ଧୁଯାଉ ଦୂରେ !
କଳୁ ହେଉ ସଙ୍କୀର୍ଣ୍ଣତା ! କୋଟି ପକ୍ଷୀସ୍ୱରେ—
ଉତ୍ଫୁଲ୍ଲ ଆନନ୍ଦଗାନ ! କ୍ଷୀଣ ସେ ରୂପସୀ—
କୋଟିରୂପେ ତା ମାଧୁର୍ଯ୍ୟ ଉଠୁନା ଝଳସି !
ଭୟ କବା ? ରୂପ ଅଗ୍ନି ଯେବେ ତାର କ୍ଷୀଣ,
ଅବାକେ ମରଣେ ପ୍ରୀତି ଲଭିବ ନବୀନ !

●

[ ୧୯୪୮ ]

# ନର-ଦେବତା

। ୧ ।

ଶୁଣିଲି ମୁଁ ଆଧୁନିକ ନରପତି ଜଣେ
ଏ ଭାରତ ଭୂମେ—ନୁହେଁ—ସତେ—ସ୍ୱପ୍ନ ମଣେ !
ଆପଣାର ରାଜ୍ୟ ଶୁଣି ଦୁର୍ଭିକ୍ଷ ଆକ୍ରାନ୍ତ—
ତେଜିଲନ୍ତି ସ୍ୱେଚ୍ଛାକ୍ରମେ ବେଳାଏ ଭୋଜନ ।
ରାଜଭୂଷା ବ୍ୟସନରେ ଦେଲେ ଜଳାଞ୍ଜଳି,
କଲ୍ଲନ୍ତି ଆରାଧନା ଦେବେ ତୃଣ ଧରି—
ଦୁଃସ୍ଥ ପ୍ରଜାବର୍ଗ ଲାଗି; ସ୍ମରି ଅମଙ୍ଗଳ
ନୟନୁ ଝରଇ ଅଶ୍ରୁଧାର ଅବିରଳ !
ଭଲ ଧ୍ୟାନ-ଧୈର୍ଯ୍ୟ ମୋର ନୁହଇ ସମ୍ଭାଳ
ଦେବଭାବ ମୋହାବେଶ ଆସେ ଛୁଟେ ଭଲ ।
ଯେ ଦେଶେ ଏସନ ରାଜା ଭବ ଅବତଳ
ସେ ଦେଶେ ମରଣ ପ୍ରିୟା ମଧୁର ସ୍ୱପନ?
ଯେ ଦେଶେ ଏସନ ନର-ଦେବତା ପୂଜାଶ
କି ଭସ୍ମ ଘଟନା ଯଦ୍ଦ କରିବ ଜଗାଶ ?

। ୨ ।

ଧିକ୍ ସେହି ରାଜା ଯାର ପ୍ରଜା ଅଶେଷ,
ପ୍ରାଣ ସମ୍ମାନ ଲାଗି ଯାନ୍ତି ପରଦେଶ ।
ପର ଦ୍ୱାରେ ପଥେ ଘାଟେ କରନ୍ତି ଶୟନ,
ଭର କ୍ଷୁଧା-ଆଶୀ ଶୂନ୍ୟ ଅଶନ ବସନ,
ଶ୍ୱାନ ଶିବା ସମ ପଥେ ଲଭନ୍ତି ମରଣ,
ଭୂତ ଜଡ ବସବାସ ପ୍ରବାସ ବରଣ,
କରନ୍ତି ଉତ୍କେଶ ଶୀତ-ବରଷା-ତପନ,
ଶତ-ଶୀତା ଦୁର୍ନୀତିରୁ ନୁହେ ଯା ଦୂଷଣ ।

ସେ ନର-ପିଶାଚ ତାର ଜନମକୁ ଧିକ,
ଛାର ଭ୍ରାନ୍ତ ତାର ସୁଖ-କଳ୍ପନା ଅଳୀକ ।
ଜାଣି ସେ ବଢାଏ ଆତ୍ମ-ଅପମାନ-ତାପ
ତା ନାମ ଧରିବା ତୁଚ୍ଛେ ସକଳ ପ୍ରାଣୀ ପାପ ।
ପାପଭୂତ ନୋହିଲ ଅନସୂତ ଗୁଣୀ ଜନ
କର୍ଣ୍ଣ ଥାଉ ମନର ନେତ୍ର ପାରେ ନାହିଁ ଜାଣି ।

। ୩ ।

ଏ ଭାରତେ ଥାଲେ ରାଜା—କେତେ ରତ୍ନଭୂଷ—
ଶତକ ମାନବ ଲାଗି ପରମ ଅମୃତ—
ଆଶିବା ଆଶାରେ ତେଜ ରହିଲ ରାଜପାଟ,
ଦୁତସ୍ୱଶୋଷିତ ଡାକେ ନେହିଲ ସର୍ବତ୍ୟାଗୀ,
ଛେଦିଲେ ସ୍ୱଦେହେ ପ୍ରଜା ଲାଗି ଦୃଢପ୍ରୀତ;
ବଣ୍ଡିଲେ ସନ୍ନ୍ୟାସ ! ତା'ର ପାଦପଦ୍ମ ଦଣ୍ଡ !
ପୁଣ୍ୟଶ୍ଲୋକ ରାଜନ୍ୟଙ୍କ ତୁମେ ବଂଶଧର,
ମଲ୍ଲିକାର ଫୁଲ ସମ ଶୁଭ୍ର ସୁନ୍ଦର ।
ସେ ଆଦର୍ଶ ଆଜ ଥାଲେ ଅନ୍ଧାର-ମାଣିକ୍ୟ,
ରକ୍ଷକର ଆଜ ସର୍ବ ସ୍ୱାର୍ଥ ଆବର୍ଜିତ,
ଶ୍ୱାପଦ-ବୁଭୁକ୍ଷା ଜାଗେ ଶତ ରାଜ-ପ୍ରାଣେ !
ପ୍ରଜାର ଦୁର୍ଦ୍ଦିନ ଶୁଣନ୍ତି କେ ଅବଧାନେ !
ନ ଥାଉ ମନ୍ଦିର ପୂଜା, ମନ୍ତ୍ର ଅଶାନ୍ତ୍ୟ
ନମସ୍ୟ ଅମୃତ ବର୍ଷ୍ୟ ସ୍ନେହ ନିର୍ବିବାଦ ।

# ତରୁଣୀ-ଶକ୍ତି

କାହିଁ ଗଲ ଅଭିଳାଷ, କାହିଁ ଗଲ ଶିକ୍ଷା,
କାହିଁ ସତ୍ୟ-ପ୍ରୀତି, ନିଷ୍ଠା ଅଟଳ ଯେ ଦୀକ୍ଷା !
କାହିଁ ସେ ପୌରୁଷ, ଶୌର୍ଯ୍ୟ, ବଳିଷ୍ଠ ସାହସ,
ଅଟଳ ନିଷ୍ଠାର ଉଦାରତା ଆବରଣ !
କାହିଁ ସେହି ସୌମ୍ୟ ମୁଖ ପ୍ରଶାନ୍ତ ସହାସ୍ୟ,
ନୈତିକତା କାରଣେ ନାହିଁ ଯାର ଅବକାଶ !
କାହିଁ ସେ ହୃଦୟ ଭର ପବିତ୍ର ତାରୁଣ୍ୟ,
ଜନସେବା ଲକ୍ଷ୍ୟ ଯା' ଜୀବନ-ନୈପୁଣ୍ୟ !
ଧନସ୍ପୃହା, ଆସ୍ଫାଳନ, ଘୃଣ୍ୟ କାମବୃତ୍ତି,
ଅସଂଯତ ପ୍ରଗଲ୍ଭତା ମିଥ୍ୟା ଆଉ ଯାର
ପ୍ରାଣହୀନ ଏ ତାରୁଣ୍ୟ ଅନୁଶୋଚନୀୟ,
ଲୁଣ୍ଠିତ ଆଦର୍ଶ ଭାର, ନୈତିକତା ଶୂନ୍ୟ !
ଅନାଗତ ଭବିଷ୍ୟ ଦୁର୍ବଳ ଭାରତ—
କହୁଛି ବେଦନା-ଭରେ ଧର ଦୃଢ଼ ଶିକ୍ଷା !

[ ୧୯୫୭ ]

# * ଶୃଗାଳତନ୍ତ୍ର

ଖାଉଥିଲୁ ଲଙ୍ଗଳ ଦଳେ ! ଭଲୁଥାଇଁ ମନା,
ଝଡ଼କର ଟିପ ଗଲା ସେତିକ ଯାତନା !
ଜଳ-ବଳ ଅଛୁ ବୋଲି ଶୋଭେ କ ଲଘୁତା ?
ସ୍ୱ ବଣୀସ୍ୱ ଅଃଇ କ ଅସହାୟ-ବ୍ୟଥା ?
ଆତ୍ମ ସ୍ୱାଧୀନତା ଯେବେ ଭର ଏତେ ବଡ଼,
ଆନ ମୁକ୍ତ ବେଳେ କାହିଁ ଏତେ ବଡ଼ମଡ଼ ?
ତୁମେ ଯାଅ ତୁମ ପଥେ, ମୋ ପଥେ ମୁଁ ଚଳେଁ,
ତୁମ ପଥେ ଟାଣ କାହିଁ ବଳେ ବଳଗଲେ ?
ଅଦୃଷ୍ଟ ଜୀବନ ପଥେ କେବେ ଭଲ ଭେଲ—
ସବୁଥ ଅଛିଡ ! ସବେଁ ଖେଳୁ ଦ୍ୟୁତ ଖେଳ !
ଖାଟିବ ଲାଙ୍ଗୁଳ ଆଜ ତର ମୋ ସଭଣ
ଭରବ ମୁଁ କିସ ଖାଲି ହେଲେ ପ୍ରୟୋଜନ ?
ଲାଙ୍ଗୁଳ ଭୂଷିତ, ସ୍ୱାନ, ତେ ସତ୍ୟ ସାର୍ଥକ
ତୁହିଁ ତୁମେ, ନୂତନ ମୁଁ, ଖାଳ ଶବ୍ଦରକ ।

●

[ ୧୯୪୮ ]

---

* ଜଳଗଡ ଦଳାବଳକୁ ଲକ୍ଷ୍ୟ କରି ।

# ରାଖୀ-ପୂର୍ଣ୍ଣିମା

( ଯେବେ ) ଅନ୍ଧାର ମରୁପଥେ ଭ୍ରମେ ଏକାକୀ,
ପଛରେ ବନ୍ଧୁ ହେ ଦେଇଯାଅ ଡାକ ।
ମରୀଚିକା ପଛେ ଛୁଟି
ଚକ୍ଷୁ ମୋ ଗଲେ ଫୁଟି
ବନ୍ଧୁ ! ଉତାପ୍ତ ପଥ କେବଳ ପ୍ରୀତି ଆଶି !
ଦେଇଯାଅ ଡାକ ।

ହାଟ କୋଳାହଳେ ହେଲେ
ଶ୍ରବଣ ବଧିର,
ତରୁଣ ଗୋପନ ସୁରେ
ଶୁଭ୍ର ପ୍ରୀତି ଗିର ।
ସକଳ ହରଷେ ତୁମେ—
କଙ୍କଣ ସଙ୍ଗିନୀ,
ବଧୂର ଝଙ୍କଣଧ୍ୱନି—
ଉଠ ନେଇ କଣ୍ଠି ।

ମୋ କଙ୍କଣ ଉଚ୍ଛ୍ୱାସ
ଝଡ କରେ ଉପହାସ !
ଚେତନା ମୋ ହେଲେ ଜଡ଼
ହଳାହଳ ବୃଷ୍ଟି,
କ୍ଷୀଣ କଠୋର ସ୍ୱରେ
ଦେଇ ଯାଅ ଡାକ ।

ମୋ ଜଡ଼ତା ଅଭିମାନ
ହେଲେ ଯାଉ ଚୂରି,
ମଳିନ ବାସନା ଆଶା
ଗଲେ ଦଅ ଖୁସି ।
ସକଳ ସ୍ୱପନ ଯାଉ
ଝଟିକାରେ ଉଡ଼ି
ଆମ୍ଭ-ସାଧନା ବନ୍ଧୁଁ—
ବନ ଯାଏଁ ଜୁଡ଼ି ।

କାଳ ଅଶେଷ ଦକାର
ଗୌରବ ନାରଖାର
ବୈଧବ୍ୟ ମୋ ଲେଖକେ
ବାନ୍ଧ ଦେ ସଖି,
ଦେନଯାଅ ଡାକ ।

●

[ ୧୯୩୮ ]

# ସ୍ତନ

। ୧ ।

ଦେଖିଲି ଯୁଗଳ ସ୍ତନ, ସୌନ୍ଦର୍ଯ୍ୟ ଅତୁଳ !
ପ୍ରାଣ ପାରାବାରର ଜ୍ୱାର ବେଳ ଉଠ୍ ଫୁଲ—
ଉଷାର ଅରୁଣ ସ୍ୱର୍ଣ୍ଣ ଅର୍ଦ୍ଧ ଉନ୍ମୀଳିତ,
ଉଦ୍ଭାସିତ ଅବା ସୃଷ୍ଟି-ମର୍ମର-ସଙ୍ଗୀତ—
ପର୍ବତ ଚଢ଼ନ୍ତୁ ! କହୁ ନ ହୁଏ ସମାନ,
ମଙ୍ଗଳର ସ୍ୱପ୍ନ ଶକ୍ତି ବୃତ୍ତି ପାଏ ଦାନ ।
ଲକ୍ଷ କୋଟି ଅନାଗତ ଶିଶୁ-ସୃଷ୍ଟି-ଲାଗି
ପରମ ଜନନୀ ତୁମେ ରହିଛ ଗୋ ଜାଗି—
ତୁମକୁ ଏ ସୃଷ୍ଟି କଣ୍ଠେ ଦେବ ବୋଲି ସ୍ତନ୍ୟ,
ଜନନୀର ବ୍ୟାକୁଳତା ଦେଖି ହେଲି ଧନ୍ୟ ।
ତୁଚ୍ଛ ସେ ରକ୍ତମାଂସ ବାସନା ଇନ୍ଧନ,
କୋଟି ଯୁଗ ବ୍ୟାକୁଳତା ଅମୃତ ସ୍ପନ୍ଦନ ।
ମୋ ଜନନୀ-ସ୍ତନେ ଦେଲେ ଶିର ଅବନତ,
ପ୍ରଶାନ୍ତ ହୁଏଇ ସ୍ପର୍ଶେ ପରମ ଶାଶ୍ୱତ !
ହୁଅ ତୁମେ ଆଜ ହେଲେ ତରୁଣୀ ଷୋଡ଼ଶୀ,
ତାରୁଣ୍ୟର ଦର୍ପ ଦମ୍ଭ ପଛେ ଉଡ଼ୁ ଖସି;
ତୃଷ୍ଣା ସେଇ ବକ୍ଷ ଶୋଭା ଲେଲିହ ରସନା,
ଅତୃପ୍ତ ବାସନା ଶତ ଭୁଲି କରୁ ବଣା ।
ତୁମେ ମୋର ନିତ୍ୟକାଳ ପରମ ଜନନୀ
ଉଦାର ଯେସନ ମୁକ୍ତ ଶ୍ୟାମଳ ଧରଣୀ !
ନିର୍ବିକାର-ଶୋଭ ଦୃଷ୍ଟି ମୋ ନେତ୍ର ସଜଳ !
ଅମୃତ ଅଧାର ଭୂଇଁ ଗଗନ ତରଳ !
ଯୁଗେ ଯୁଗେ ଅନ୍ତରର ନାନା ରୂପ ଧରି
ଯୁଗେ ଯୁଗେ ପୂଜେ ସ୍ତନ ! କ୍ଷୀର ଉଠେ ଭରି

ଦୁର୍ଭାଗ୍ୟ ସନ୍ତାନ ଲାଗି ! କରୁଣା ଅପାର !
ପୁଣ୍ୟାଲୋକ-ଜ୍ୟୋତ୍ସ୍ନା-ବକ୍ଷେ କାହିଁ ଅନ୍ଧକାର ?
ନିତ୍ୟ ନବ ସୃଷ୍ଟି ଲାଗି ତବ ପ୍ରୟତନ,
ଫୁଲ୍ଲିତ ମଙ୍ଗଳ ତବ ପ୍ରାଣାଧାର ସ୍ତନ ।

॥ ୩ ॥

ତୁହି ତୁମେ ତ୍ରିଣପ୍ରିୟା, ଅବା ସର୍ବଜୟା,
ପରମ ଜନନୀ ତୁମେ ଶୁଷ୍କା ବସୁନ୍ଧରା ।
ଶାନ୍ତ ସୌମ୍ୟ ସ୍ନିଗ୍ଧ ନେତ୍ରେ ଦୃଶ୍ୟ ପୁଷ୍ପ ବୃଷ୍ଟି,
ଅପୂର୍ବ ସୁନ୍ଦର ତୁମେ ! ପୁଣି ଶିଶୁ ସୃଷ୍ଟି !
ମୂର୍ତ୍ତ୍ୟ ହୁ ବେଣ ସ୍ତନ ସ୍ନେହେ ଭରେ ଝୁରି
ଖସିପଡ଼େ ନେତ୍ରୁ ମାତୃ-ବାସନାର-ଠୁଳ ।
ତା ତୁଳେ ଫୁଟିଲ ମନେ ମୋର ଉଦ୍ୟାଞ୍ଜନ
ଧନ୍ୟ ପ୍ରନ୍ୟବାଣୀ ନାଶ ! ତବ ମନ୍ତ୍ରସ୍ୱାନ ! *
ସେନ ମୋର ନମସ୍କାର ! ତୁଅ ଚକ୍ଷେ ସ୍ତୁତି,
ତୁହି ମୁଁ ଷଟ୍ପଦ, ତୁହିଁ ପୁଷ୍ପ ଗୀତ-ଲୁବ୍ଧ ।
ତୁଭ ପଦ୍ମ ରୂପକଳ୍ପ, ତୃଷାର୍ତ୍ତ ମୋ ପ୍ରାଣ !
ପରମ ଜନକରୂପ ଲଭୁଛି ସନ୍ଧାନ !
ତବେ ମୁଁ ଦେଖିଛି ତବ ! କ ଭସ୍ମ ଭାବନା ?
ଶିଶୁ ଅପରାଧ କ୍ଷମ କରିଛୁ ବନ୍ଦନା ।

[ ୧୯୮ ]

* "ମନ୍ତ୍ରସ୍ୱୀ" ୯୫,୦୨୬ ପିଭ ।

# ପଞ୍ଚଶର

ପଞ୍ଚଶର ! ଜାଣ ନାହିଁ ଅଛି ଷଷ୍ଠ ଶର ?
ସେ ପରମ ଅସ୍ତ୍ର ତୁମ ତହୁଁ ଶକ୍ତିତର ।
ସେ ଅସ୍ତ୍ର ପ୍ରହାରେ ଖସେ ଜୀବନର ବ୍ୟାଧି
ଲଭେ ନିର୍ବିକଳ୍ପ ଆତ୍ମା ପରମ ସମାଧି ।
କୋଟି ବୃନ୍ତ ରହସ୍ୟରେ ଭରେ ସନ୍ଧାନର,
ନୋହୁ ଦାହ ଶଶୁ-ପ୍ରୀତି ପ୍ରାଣେ ଅନୁଭବ ।
ମୋହାବସ୍ଥ ହୁଏ ପ୍ରାଣ ପରମ ଅମୃତ,
ପ୍ରୀତି-କୌମୁଦୀ-ପ୍ଲାବନ ବନ୍ଧ-ପ୍ରାଣେ ସୁପ୍ତ ।
ନୁହଇ ସେ ସ୍ୱାର୍ଥ ପ୍ରୀତି, ନାହିଁ ଅଶ୍ରୁଧାର,
ସେ ପ୍ରୀତି ଦେବେଶ ନର ଶୂନ୍ୟ ପଥଶ୍ରାନ୍ତ !
ଅମଳିନ ନିତ୍ୟ ଅଧରର ସ୍ମିତ ହାସ,
ପ୍ରାଣେ ଭରେ ନନ୍ଦନର କୁସୁମ ସୁବାସ ।
ଅନ୍ଧାରେ ଆଲୋକ ସୃଜେ ! ନ ଯାଏ ସେ ଦଗ୍ଧ,
ମଧ୍ୟ ଅଟକିଲେ ତୁମେ ପଥ ହୁଏ ବନ୍ଧ ।
ଯେ ପୀରିତି ଶରେ ସ୍ପୃଷ୍ଟ ହୋଇ ବନଗାଧ *
ସେ କଲେ ଜଗତ ପୂର୍ଣ୍ଣ ! ନୁହେଁ ଦୃଷ୍ଟି ଲବ୍ଧ ?
ଏ ସୃଷ୍ଟି ରହସ୍ୟେ ଯେତେ ଅତୁଳ ସମ୍ପତ୍ତି,
ତା ଭିତେ ଏ ପଥିକର କାହିଁ ଅବ୍ୟାହତି ?
ମଉଳଇ ତୁମ ଫୁଲ, ମ୍ଳାନ ସନ୍ଧ୍ୟାଲୋକ !
ତୃଷାର୍ତ୍ତ ଏ ମାନବର ମେଣ୍ଟିବ କେ ଶୋକ ?
ଭସ୍ମେ ଅଙ୍ଗ କେ କରିବ ଜୀବନ ସଞ୍ଚାର ?
କାହିଁ କେ ସମ୍ଭବ ବିନା ସଖି ଅଭିସାର ?

●

[

* ଦିନେଶଙ୍କର ଚୂଡ଼ାନ୍ତ ନେହର ବ୍ୟାସ ଜ୍ଞାନ ଓ ପ୍ରୀତି ମିଶ୍ରିତ ।

# ଶୂନ୍ୟବାଦ

ଗୋଟି ଗୋଟି ବଉଦ ଭେଳା,
ଗଲା ଭାସି ଶୂନ୍ୟ ଆକାଶେ
କେତେ ଦୀପ ଗଳାରେ ନଭ
ଆଲୋକର କ୍ଷୀଣ ଆଶ୍ୱାସେ ।

ଯବାଧର କାଶ ହାସରେ
ଚନ୍ଦନ ପୀରତ ହ୍ରାସରେ
ମଞ୍ଜୁଳ ମଧୁମାସରେ
ଶୂନ୍ୟ ହୃଦେ କରୁଣ ଭାସେ ।୧।

ଇନ୍ଦ୍ରଧନୁ ମଗଚ ରଙ୍ଗ,
ନବ ପ୍ରୀତ ଅଭେଦ ସଙ୍ଗ,
ଧୂଆଁ ହେଲା ଶୂନ୍ୟରେ ସବୁ
ସ୍ୱପ୍ନ ରହୁ ଆଉ କା ଆଶେ ? ।୨।

ଦେଖ୍ ଯେତେ ଭୁଲ ସ୍ୱପ୍ନ ବାଳ
ତୋ ପ୍ରୀତିରେ କେଉଁ କ ସଳ ?
ବୃଥା ହୃଦେ ଧରୁଛୁ ଟାଣି
ଉଡ଼ ତୋର ଯାଏ ନଷ୍ଟରେ ।୩।

ଭୁଲ ହୁଅ ପାଗଳ ମନ
ଭୁଲେ ଯେଉଁ ହେଉଛି ଧନ
ଆକୁଳ କୁ ଅତଳ ପ୍ରାନ୍ତ
ମରୀଚିକା ଅନଳ ଧାସେ ।
ଗଲା ଭାସି ଶୂନ୍ୟ ଆକାଶେ ।୪।

[ ୧୯୩୯ ]

# * କିସ୍‌ସା ଗୌତମୀ

କହିଲେ କସ୍‌ଥା ଗୌତମୀ, "ପ୍ରଭୁ ! ଭ୍ରମିଲି ଲକ୍ଷ ଘର;
ମୁଠାଏ ତ ଦୂର ସର୍ଷପ ଏକ ନୁହେଁ ସମ୍ଭବପର ।

ଯେତେ ଯହିଁ ଗଲି ଅଶ୍ରୁର ଲୀଳା ମୃତ୍ୟୁ ଅଟ୍ଟହାସ,
ଚୂର୍ଣ୍ଣ କଲା ମୋ କ୍ଷୁର୍ଣ୍ଣ ପରାଣ ପ୍ରସ୍ତର କଲା ଗ୍ରାସ ।
ଦେଖିଛି ସଦ୍ୟ-ସନ୍ତାନ-ହ[illegible]-ନୟନୁଁ ଶୁଷ୍କ ନୀର
ଛବପ୍ରତିମା ସମାନ ଅଟଳ ! ସ୍ତନୁ ବହିଯାଏ କ୍ଷୀର !

ଖାଇବାର ଶିଶୁ ଶ୍ମଶାନ ପୁରକୁ ବାହୁଡ଼ି ନ ଆସେ ଭୁଲି,
ଲହୁ ଧାର ଯଉ ବକ୍ଷେ କ୍ଷୀର ଧାର ଭଳିଆସେ ଖାଏ ଧୂଳି ।
ସଦ୍ୟ ବିଧବା ଷୋଡ଼ଶୀ ତରୁଣୀ ବର୍ଷେ ହୋଇନ ଦେଖ,
ଛୁଟିସବ ବାଳା ନଭଛି କି ନାହିଁ ବାହୁରେ ସଧବ ଶିଖା ।

ଲଭି ନ ଥିଲା ତା ଶିର-ସିନ୍ଦୂର ନୟନ କଜଳ ଗାର,
ଗଗନ ଭୂ-ଧର ଭଙ୍ଗି ପଡ଼ୁଥିଲା ଶୁଣି ତା'ର ହାହାକାର ।
ଅଶୀତି ବର୍ଷ ବୃଦ୍ଧା ଯୁଗଳ ନୟନକୁ ଦେଖେ ନାହିଁ
ସୁତ ପାଇଥିଲେ ଏକ ପରେ ଅନ ଭର୍ତ୍ତ ପିଅର ଭାଇ ।

ଥିଲା ତା ମାତ୍ର ସମ୍ବଳ ଏକ ସତ୍ର ଚର ଯୁବା ପୁଅ,
ଅଞ୍ଚଳ କେବେ ଲଗାଇ ନେଇଛି ଅକାଳ ମରଣ ସୁଅ ।
ଅନ୍ତ୍ରାଳ ହୁଏ କାହିଁ ଗଲା ତାର ଅନ୍ଧ ଲଉଡ଼ି ଫଳ,
କାହିଁ ତା ପୁତ୍ର ? ପଥର ଯଷ୍ଟି ? କେହି କଏ ନାହିଁ ଧର ।

---

* ବୌଦ୍ଧ ଜାତକରୁ ସଂଗୃହୀତ । ପୁତ୍ରହରା-ବିଧୁରା ଗୌତମୀ ବୁଦ୍ଧଙ୍କ ସମ୍ମୁଖରେ ପୁତ୍ରର ଜୀବନ ଭିକ୍ଷା କରିବା ଓ ତଥାଗତ ତାଙ୍କୁ ମୃତ୍ୟୁହୀନ ଘରବାଡ଼ିରୁ ସର୍ଷପ ସଂଗ୍ରହ କରିବା କଥା ସମସ୍ତଙ୍କର ସୁବିଦିତ । କସ୍‌ସା (ପାଲି) = କୃଶା ବା କୃଷ୍ଣା (ସଂ)

—ଭଦ୍ରିତା

ତାହାର ସାତୋଟି ସନ୍ତାନ ସବୁ ଗଲେ ଏକ ଏକ କରି
କୋଡ଼େ ବସି ଶିର, ଘର୍ଷି ତା ବୁକୁ ଗର୍ଭେ ବେଦନା ସ୍ମରି ।
ଭର୍ତ୍ତା ତାହାର ଦୁଃଖାଧିର ବସି 'ହତଭାଗ୍ୟ ଯା ଥିଲା ହେଲା !'
'ଭୁଲିଯାଅ ସଖି ! ଧିକ୍ ବିଧାତା ! କାହିଁକି ଜନ୍ମ ଦେଲା ?'

ପୁଣି ପ୍ରସବନ—ଅନୁସରି ଗ୍ରୀଷ୍ମ ପଞ୍ଚାଗ୍ନି କରେ ବସି
ସାତ-ସନ୍ତାନ-ହରଣ ଜନନୀ-ବେଦନା ପଡ଼ିଲ ଖସି ।
ବୁଝି ସେ ଦେଖଇ ଯୌବନ-ରସ-ସାର ହୋଇନି ଶେଷ
ନଗାଡ଼ ପିଇବ ବୋଲି ଧରେ ଅବା ନଭେବ ଯାତନା କ୍ଲେଶ ।

ସେ ପୁଣି ତରୁଣୀ ପ୍ରଥମ ଗର୍ଭ ହରାଇ ଗଲାଣି ଭୁଲି
ଅଧର-ନୟନ-ରଞ୍ଜନ-ଆବେଶ ଅନୁରାଗରେ ଧରେ ତୂଳି ।
ବିଶ୍ୱସୁର ଲାଗି ପୂଜା-ଆରାଧନା-ମଣ୍ଡନ-ଅଳଙ୍କାର !
ନବଯୌବନ-ଗର୍ବ-ରଭସେ ଝଙ୍କୃତ ହାହାକାର ।

ବରତର କେଶ, ଲାଗି ଦୁଏ ପୁଣି କସ୍ତୁରୀ ଗୋରଚନା,
ପୂର୍ବ ଉହସୁତେ ସନ୍ତାନ କଥା, କ୍ଷଣେ ହେଲା ବାଟବଣା !
ସଖି ଶୁଣାଏ ସେ କହିଲା, "ଭଗିନି ! ଆମରି ଭାଗ୍ୟଦୋଷ,
ନୁହେ ଯା ଆମର କବା ହେବ କରି ତାହା ଲାଗି ଅବଶୋଷ ?"

ଛଅମାସ କାଳ ତା ପିଅର ମୁଖେ ଦେଲେ ନାହିଁ ପାଣି ଅନ୍ନ,
କଳା କାଠ ପରି ମଳିନ ହୋଇଲା ସ୍ୱର୍ଣ୍ଣ ସମାନ ବର୍ଣ୍ଣ !
କଏ ବା ଶୁଣିବ ? ପାଗଳ ହୋଏ ଆହା ଯେତେ ହେଲେ ବୃଦ୍ଧ
କହିଲ ବୁଝାଇ "ଶ୍ରୁତ୍ୟରେ ଥିଲେ କାଳ ସବୁ ସିଦ୍ଧ ପୂରି !"

ଦେଖିଲି ଏମନ ଦେଶ ଦେଖି ଭୁଲି କେବଳ ଗୁମ୍ଫାବାଗ-ଖେଳ !
କାହିଁ ବା ଦୁର୍ବଳ ପ୍ରବନ୍ଧ ଭାରତ ଭାଙ୍ଗିବା ବଳ ଖେଳ ।
ମର୍ତ୍ତ୍ୟର ସମ ମୃତ୍ୟୁକୁ ଭୁଲି କେବା ଜପିଥିଲେ ଯାଏ !
ଯୌବନ-ମଦେ-କ୍ଷଣିକ-ମତ୍ତ-ଚଞ୍ଚଳ-ଆଖି ଘୂର୍ଣ୍ଣେ !

ସ୍ତମ୍ଭତଳେ କଣ୍ଠା ବନ୍ଧନେ କାନ୍ଦେ ଅସହାୟ ଶିଶୁ ସମ
ଏହୁ ତ ଜୀବନ ! ଶିବ ଆନନ୍ଦ ? ଏଥି ଅମୃତ ଭ୍ରମ ?
ସହୁଥିବ ଶତ ସନ୍ତାନ-ଶୋକ ! ଭାଙ୍ଗୁ ଭାଙ୍ଗୁ ପ୍ରାଣ !
ସକଳ ଶୋକରୁ ବଳି ଅସହ୍ୟ ଆତ୍ମାର ଅପମାନ !

ଲୋଡ଼ା ନାହିଁ ଦୁତସନ୍ତାନ ପ୍ରଭୁ ! ମୋ ଭଳି ଜନ୍ମ ଶତ !
ଆତ୍ମାପମାନ-ଅଙ୍କନ-ଚର୍ମୁଁ କଢ଼ାଇ ନଅ ହେ ଗତ ।
ଲୋଡ଼ା ନାହିଁ ମୋର ଭ୍ରମର ଶବୁର, ନୟନ ଦୀପ୍ତି-ଛଟା,
ଗଳୁ ଏ ରୂପ ଅନଳରେ ଯୋଡ଼ ହୁଏ ଆସେ ଦହଦହା ।
ଅରୁଣ ଅଧର, ରମ୍ୟ, ବକ୍ଷ, ରମଣୀସୁଲଭ ବ୍ରୀଡ଼ା !
ସୃଷ୍ଟି ତା ମୃତ୍ୟୁ କଙ୍କାଳ ହସେ ! କୋଟି କୀଟ କରେ କ୍ରୀଡ଼ା !
ଦୁର୍ବହ ଶତ ରୂପ ମାଧୁର୍ଯ୍ୟ ରମଣୀ-ଗର୍ବ-ଧନ ।
ଲୋଡ଼ା ନାହିଁ ପ୍ରଭୁ, ଗଥ ଦଅ କହ ! କଲ୍ପ ଯଦେ ଅର୍ପଣ ।

× × × ×

ମନେ ବହସି ଭକ୍ତର ବଳେ କାରୁଣିକ ଉଦାରତ
ଜାଣି ମୁଁ ଭଗିବ ଉଠାଇଲି ତହିଁ ପାଇବ ଜୀବନ-ପଥ ।
ତୁମେ ମୁଁ ଦେବତା, ମାନବ ମାତ୍ର ! ରକ୍ତମାଂସ ଦେହ !
ମାନବ ଉଚ୍ଚ ସମ୍ଭବ ଯାହା ଲଭିବ ଶାନ୍ତ ସ୍ନେହ ।
ଆବଶ୍ୟ ଅନଙ୍ଗ ଦୈହିକ ଭାବ ଲଭିବ ପ୍ରବଳ ସଙ୍ଗ,
କୁଟିଳ ତମେ ବଢାଇବ ଗଥ ଅବନତିର ସଂଗ ।

[ ୧୯୩୬ ]

# ଉମା

ଷୋଡ଼ଶ ବର୍ଷର ଉମା, ଛଅଟି ସନ୍ତାନ !
ଜବାବର୍ଷି କୋଳାହଳେ ଶୋଷୁଥାନ୍ତି ପ୍ରାଣ ।
କୋଟରେ ପଶିଛି ନେତ୍ର, ପାଣ୍ଡୁର ବଦନ,
ଶୀର୍ଣ୍ଣକାୟ ରକ୍ତହୀନ, ଶିଥିଳ ଚରଣ,
କପୋଳର ଅସ୍ଥି ଦନ୍ତପନ୍ତି ହୁଏ ବାର;
ମରଣ ଚିହ୍ନରୁ ଅବା ଅଛନ୍ତି ବାହାର ।
ଅର୍ଦ୍ଧେକ ଉପର କେଶ ହେଲାଣି ପଳିତ,
ଜର୍ଜ୍ଜର ସେ ନାରୀ ! କେଣ୍ଣୁ ନୁହେଁ ଜଡ଼ଜଳ ।

ଛଅଟି ଆତ୍ମଜ ରକ୍ତମାଂସ ଖାନ୍ତି ଶୋଷି,
ତାହାକୁ ଜଗତେ ଏନେ ନ କରେ ସେ ଦୋଷୀ ।
କୁକ୍କୁଟ ଶାବକ ସମ ରହୁଥାନ୍ତି ଘେରି
ଅଗ୍ନିବନ ବନ୍ଦୀ ପଦେ ସେ'ବା ଲୁହା ବେଢ଼ି !
ଭୋଜନ ଶୟନ ଲାଗି ନ ପାଅନ୍ତି ତର,
ଘଟେ ଦୁର୍ଘଟଣା କେବେ କ୍ଷଣେକ ଅନ୍ତର !
ପ୍ରତିବର୍ଷ ଜଳେ କେବେ ସନ୍ତାନ ତାହାର
ଘୋରୁ ଭୁକୁରନ୍ତୁ ବଳ କରଇ ପ୍ରହାର ।

ଜବାବର୍ଷି ବାକ୍ୟବାଣ, ଦଶନ ତାମୁଡ଼ା,
ଝଗଡ଼ନ୍ତୁ ଚଡ଼ା ସ୍ୱରେ ଫୁଲେଇ ନାକ ପୁଡ଼ା ।
ତାଡ଼ବାକୁ ନେଶେ ଭଳେ ନ ଥାଏ ଯେତେକ,
ଦଣ୍ଡେ ଖଣଲାଗି ଚୁପ ହେଉଥନେ ବାଳକ !
ସ୍ୱାମୀ ମସିଜୀବୀ, ମାସେ ବେତନ ସ୍ୱଳପ,
ବାଳ୍ୟ ଭୁପ ବ୍ୟବହାରେ କଠୋର ଭୁଶ !

ଧରେ ନାହିଁ ମନ ତାର ସ୍ୱପ୍ନେ କଦାଚନ
ନିତ୍ୟ ନବ ଆନନ୍ଦର କରେ ଆୟୋଜନ ।
କର୍ମକ୍ଷେତ୍ରେ ମଦ୍ୟପାନ ଯାଯାବର ସାଥୀ,
ଅର୍ଦ୍ଧ'ସ୍ୱପ୍ନେ ଫେଣ୍ଟ କରେ ପ୍ରଗତି ପରୀକ୍ଷା ।
ଅର୍ଦ୍ଧାଙ୍ଗିନୀ ଧର୍ମପତ୍ନୀ ମୁଖେ ହୁଏ ତାର
ଦୁର୍ବଳା ରମଣୀ ନଏ ସବଳ ସମ୍ଭାର ।
କଣ୍ଠ ଆଭରଣ ତାର ପ୍ରହାର ଧିକ୍କାର,—
ସେ ଲାଗି ସନ୍ତାନ ହୁଏ ସେହି ପୁରସ୍କାର ।

× × ×

ଏଇ ସେଇ ଜମା !... .........
ଭଣ୍ଡ ବର୍ଣ୍ଣିକ ବର୍ଷତ,—
ଶିକ୍ଷା ରୂପେ ଗୃହେ ଯେତେ ଥିଲା ଆଚରଣ,
କଣ ଖଣ୍ଡ ସ୍ଥାନେ ଶ୍ରୁତ୍ର ଭଳ ଉଦ୍ଦଶଂସା,
ଜଗତ୍ତଳ ମନ୍ତ୍ରଥିଲା ତାରୁଣ୍ୟ ଲାଳସା—
ବରଷନ ମାତ୍ର ଲାଗି ! ସେ ଜମା ଜଜମା—
ଆଗଣ ରୂପର ଏତା ଥିଲା ସେ ଜପମା !

ଏ ସେହି ତଟଜା ଜମା !......
ଯା ନୟନ ଭଙ୍ଗୀ—
ସୃଷ୍ଟି ମୂର୍ତ୍ତି ଦେଖଥିଲା ଭାନନ ଭୂରଙ୍ଗୀ !
ପ୍ରାଣ ଭର ହାସ୍ୟେ ଲାସ୍ୟେ ତା ଗତ ଛନ୍ଦେ—
ଲେଖାଏ ମୁଦରେ ତାତ୍ୟ ବଦତା ଅନ୍ତଜେ !
ଗଭୀର ଅଙ୍କୁଥିଲ ଦେହ ଗଭେ ତାର,
ତା ଭରଣ ଜାଗୁଥିଲା ତାରୁଣ୍ୟ ଏବାର !

ଯଥାପି ପତ୍ନୀତ୍ୱର ଜବା ଅଧରୁ ଉଜଡ,
କୁଳକୃତ୍ୟ ଜତ, ଶିଳ୍ପୀ, ପ୍ରେମିକ ଭକତ !
ଏହି ଦେଶ୍ ଭମା ! ହେନ୍ତୁ ସ୍ୱପ୍ନ ମାଦ୍ୟାଭମା !
ଅଜ ପ୍ରେତପୁର ଗୁମ୍ଫା ଅଥବା ଭାଜନ !

ଥିଲ ଉଚଶିକ୍ଷା ତାର ସମାଜ-ଆଦର୍ଶ,
ଜନସ୍ତୁ ତା ଏବା-ସ୍ୱପ୍ନ କଳ୍ପନା ଉଭସ !
କବଚ-ରୂପିଣୀ ଚର ଜଜରେ ବଡାର,
ପାପୃଷ୍ଟି ତାର ଆଜ ପ୍ରଚାର ଧିକ୍କାର !

ତଥାପି ସେ ସତୀ ! ଜଳ-ସାଜସୀରୂପିଣୀ !
ସଦୃଶିକ ଘଟେ ନଏ ଦେବତାଙ୍କୁ ଜଣି ।
ପୂଜିଲେ ତା ଆଦରଣ, ପୂର୍ବ ସ୍ୱପ୍ନ କଥା,
ଘର୍ଷଣାରେ ତଳକୁ ସେ ଗୋଡ଼ଇଏ ମଥା !

ଏବା ଶୁଷ୍କ ହାସେ କହେ—"ସ୍ୱର୍ଗର ଲକ୍ଷଣ !"
"ଦେବତାର ଲଜ୍ଜା ଦେଇ ଜଳକେ ପ୍ରବଣ !"
ଜଗଳ ତା ଦନ୍ତପନ୍ତ ଦେଖି ଲଗେ ଡର,
ଶବ୍ଦ ଉପହାସ ସେ'ବା ସୃଷ୍ଟି ଆଦର୍ଶର ।

[ ୧୯୪୧ ]

# * ପୌରୋହିତ୍ୟ

ଭାରତର ପୌରୋହିତ୍ୟ ! — ତୋର ଅମଙ୍ଗଳ—
ସହସ୍ର ବରଷ ବ୍ୟାପୀ ତୁମର ଗରଳ
ଗ୍ରାସିଛି ଏ ଜାତି ପ୍ରାଣ ! ବୁଦ୍ଧି ବଳ—
ଦୁର୍ଭେଦ୍ୟ ଯବନିକା ତାର ଉପ ଆବରଣ ।

ସ୍ୱସ୍ୱାର୍ଥ ସିଦ୍ଧି ଲାଗି ଅର୍ଜ୍ଜ ପାପ କୋଟି,
ଅଜାତରେ ମୋକ୍ଷ ସଙ୍ଗେ ସ୍ୱାଧୀନତା ଲୋଟି ।
ଧର୍ମ ନାମେ ରୋପିଅଛ ଶତ ବ୍ୟବସ୍ଥର
ବଟାଇଛ ପୃଷ୍ଠାନାମେ ପାପ ଅନାସ୍ଥର ।

ଏ ଜାତି ଅଙ୍ଗରେ ଯୁଗେ ଯୁଗେ ଲାଗି ଧୂଳି,
ପଙ୍କକୁଣ୍ଡେ ଖେଳ କୁଆଁ, ନେଉଛ ତାର ଚୂଳି ।
ତୁମ ବୁଦ୍ଧି ଭେଦସୃଷ୍ଟି ଭ୍ରାନ୍ତ ବର୍ଣ୍ଣାଶ୍ରମ
ଜାତିକୁ କରାଇ ରକ୍ତ କରିଛୁ ଶୋଷଣ ।

ତୁମ ଧର୍ମ-ସୂତ୍ର-ଜାଲେ ମନ୍ତ୍ର ନାଗପାଶେ,
ସତ୍ୟ ସ୍ୱାଧୀନତା ଚେତା ଅନ୍ତର ନୈରାଶେ—
ସଞ୍ଚିତ ତୋର ପାପ ଦେଉଛନ୍ତି ଦେଖ,
ଲଭିଛ ଦେବତା ନାମେ ଦାନବର ବେଶ ।

ଆଜି ତୋର ଧର୍ମଧ୍ୱଜ ସମ୍ମୁଖରୁ ନତ
ଶାସ୍ତ୍ର ଗ୍ରନ୍ଥ ଜଳ ଶଙ୍ଖ ଶିବାଳୟ ଶତ !
ଲୁଚାରେ ତୋର ମୁଖ ସ୍ୱୈରତନ୍ତ୍ର ଦଣ୍ଡ,
ଦେଶ-ଆତ୍ମା ଜାଗ୍ରତ ! ଦୃଢ଼-ଘାତ ଦଣ୍ଡିତ !

କେବେ ପୁଣ ଏ ଜାତିର ପ୍ରାଣ ହେବ ବଳ ?
ଏ ବୌଦ୍ଧ ଶାଙ୍କୋଳ କେବେ ଉଦ୍‌ବଟି ଗଳ ?
ଏ ଜାତି ଦୁଃସ୍ୱପ୍ନ ଶେଷ କରିବ ବିଳୟ ?
ଶୁଣାଇବ ମୁକ୍ତିମନ୍ତ୍ର ହେବ ବରାଭୟ ?

କଙ୍କାଳ ଭାରତେ ସେପରି କେ ସନ୍ତାନସ୍ତୁ ?
ଏ ଭାରତ ମୈତ୍ରୀ ମନ୍ତ୍ରେ କରିବ ପ୍ରଶସ୍ତି ?
ସ୍ୱାର୍ଥ ଭେଦ ଭଣ୍ଡାମିକେ ଦଳିବ ଚରଣେ ?
ସ୍ୱାଧୀନ ଯୁଗର ଭବ କରେ ଜୟଗାନ ।

●

[ ୧୯୫୧ ]

---

* ଶୌରେନ୍ଦ୍ରନାଥ-ପଞ୍ଚାବର ପ୍ରାଚୀନ ମିତ୍ର ଓ ମଧ୍ୟ ଯୁଗର ଉପନେପାଳୀୟ ରାଜଗୃହରେ ଭାଗ୍ନମାନ । ଅନ୍ୟରେ ପ୍ରାଚୀନ ଓ ମଧ୍ୟଯୁଗ ଏ ଶୈବୁ ବର୍ତ୍ତମାନ ଥିବାରୁ ଏ ଜାତୀର ସୁରକ୍ଷା ଉପଲବ୍ଧି ହେଲା ।

# ଶରତର ଦିବାଲୋକେ

ଆଜ, ଶରତର ଦିବାଲୋକେ
ଉଜ୍ଜ୍ୱଳ ରଙ୍ଗରାଗ,
ନଭରେ, ଜଳେ ଥଳେ ପରବତେ
ତାର, ଖେଳବୁଲେ ଅନୁରାଗ ।

ଯାଉ, ଆକାଶରେ ମେଘମାଳ
ଦୂର, ବନ୍ଧୁ ତୋହର ଶାଳ
ଅବା, ତନ୍ଦ୍ରାର ସ୍ୱପ୍ନ ଜାଲ
ଘଟେ, ଉଜ୍ଜ୍ୱଳ ଜୀବନ ଭାଗ ।୧।

ଉଡ଼ି, ଗଲେଣି ବଳାକା ପାନ୍ତି
ଯାଇ, ଜଳେ ପଡ଼ିଲା ସେ ଛାଇ
ଏବା, ମୁକ୍ତ ମନ୍ତ୍ର ଗାଇ
ତାକ, ଗଲେ କି ଉଦାସୀ ଡାକ ।୨।

ବସେ, ଦୂର ଧାନଖେତ ପାଖ—
ଲଭ, ମୁକ୍ତ ଜୀବନ ଆଶ
ମୋର, ମନେ ଆଶାର ଛାଇ !
ମୋର, ଜୀବନ ହେବ ତ୍ୟାଗ ।୩।

[ ୧୯୫୯ ]

# ସିନ୍ଧୁ ତୀରେ

। ୧ ।

ଗରଜି ଗରଜି ଢେଉ କୂଳେ ପଡ଼େ ଭାଙ୍ଗି,
ସୃଷ୍ଟି ଆଦ୍ୟ ଅଭିନୟ ନୂଆ ନୁହେଁ ଆଜି ।
ଭାଙ୍ଗିପଡ଼େ ବେଳାଭୂମେ ଯେପରି ଭଗ୍ନକାୟ,
ଅବଶ ଆକାଶ କାନ୍ଦେ ଅଣୁ ପରମାଣୁ ।

ତା ସଙ୍ଗେ ଗର୍ଜନ ପୁଣି କ୍ଷଣ ଆସ୍ଫାଳନ,
ସଂଗ୍ରାମ ବିଜୟ ଲାଗି ଶତ ଆୟୋଜନ ।
ପୁଣି ପରାଜୟ-କ୍ଲାନ୍ତ ! ଶାନ୍ତ ନୀରବତା !
ସମର-ଆହତ ଜନ କରୁଣ ବାରତା !

ବେଳାଭୂମେ ତରଙ୍ଗର ଅଭିନୟ ତଳେ,
ଦେଖଇ ମାନବ ଭାଗ୍ୟ ଏଥି ପ୍ରତିଫଳେ ।
ଅଖଣ୍ଡ ସଂଗ୍ରାମ ! ନର ଅନନ୍ତ ପିପାସା !
ଅନ୍ତର ସ୍ପନ୍ଦନ ଖୋଜେ ପାଏ ନାହିଁ ଭାଷା,

ଶକ୍ତିମନ୍ତ ପଦେ ଶିର ନତ୍ୟ ହୁଏ ଚୂର୍ଣ୍ଣ,
ନାହିଁ ମାତ୍ର ନୀରବତା-ବ୍ୟଥାର-ମାଧୁର୍ଯ୍ୟ !

। ୨ ।

ଗରଜ ଗରଜ ସିନ୍ଧୁ ପ୍ରବଳ ଆଘାତରେ !
ପୁଞ୍ଜପୁଞ୍ଜ ଫେନଚୂର୍ଣ୍ଣ ଶାନ୍ତ ଅନ୍ଧକାରେ !
ସେ ଗର୍ଜନେ ଜଗୁ ମୋର ଅସୀମ ପିପାସା,
ଅସୀମ ଅନ୍ତର କ୍ଷତ ବେଦନାର ଭାଷା !

ଯେତେ ପରାଜୟ ତଥା ଲକ୍ଷ ସୃଷ୍ଟିରେ,
ଶତ ଶତ ପ୍ରବଞ୍ଚନା ଅଜିତ ଦୃଷ୍ଟିରେ,

ଅନାଚାର ଅତ୍ୟାଚାର ପେଷଣ ଶୋଷଣ,
ଭକ୍ଷସମ ମାନବର ହୃଦର ଛେଦନ ।
ମୈତ୍ରୀପ୍ରୀତି ନାମେ ଯେତେ ଘାତ ବ୍ୟଭିଚାର,
ଯନ୍ତ୍ର-ସୃଷ୍ଟି ତତ୍ତ୍ୱ ଶତ କୃତ୍ରିମ ଉଦାର,

ସର୍ବ ଅନୁଭୂତି ଲୁପ୍ତ କରୁ ଗରଜନ,
ଯେବେ ଦେଶଭୂମି-ପ୍ରୀତି-ଚରଣ-ଲଞ୍ଛନ !
ଜନନୀ ମରଣ ସମ ନୀରବତା କୋଳେ,
ମୁଦିବ ଯୁଗଳ ଆଖି ଆବେଗେ ବସୋଳେ ।

●

୧୯୪୬ ]

# ଉପମା ଅବରୋଧ

ମଳୟ ପ୍ରିୟାର ନିଃଶ୍ୱାସ ବୋଲି
ପଛକୁ ଦେଲି ମୁଁ ଘୃଣି,
ବକ୍ଷ ବାଜିଲା ବୈଶାଖ ଶ୍ୱାସ
ଫେରିଲି ଲଜ୍ଜା ପାଇ । ୧ ।

ଚମ୍ପକେ ପ୍ରିୟା ଗୌର କାନ୍ତି
ବଧୂଲି ଅଧର ଶୋଭା,
ଆଦ୍ୟ ଦଶାରେ ମଳିନ ଭସ୍ମ
କାନ୍ତ ମାନସ ଲୋଭା । ୨ ।

ପ୍ରଥମ ଆଷାଢ଼ ବାରିବାହ ବଢ଼େ
କୃଷ୍ଣ ତା କେଶ ଦାମ,
ବନ୍ଧ୍ୟରେ ପ୍ରିୟା ଦନ୍ତି ଛଟକ,
ଘରଷେ ଜନମ ଭାମ । ୩ ।

ବାନ୍ଧିଲି ହୃଦରେ ଚଳିତ କାନ୍ତି !
ଦାମିନୀ ଦୃପ୍ତପୀଡ଼ା !
କୁହେଳି ସମାନ ଶୂନ୍ୟ ସଘନ
ଭଳ କୌତୁକ କ୍ରୀଡ଼ା । ୪ ।

ଗୋଲାପ ପ୍ରିୟାର ପୂଣ୍ୟ ମାଧୁରୀ
ଛଳିଲି କରିଛୁ ସ୍ନେହ,
ଜଡ଼ିତ ବକ୍ଷେ କଣ୍ଟକ ପୀଡ଼ା !
ନ ସହିଲି ଗୁଣ ଦୋଷ । ୫ ।

କୌମୁଦୀ ଭଳି ମାଧବୀ ଲଣ୍ଠି ତା'
ସ୍ନିଗ୍ଧ ସୁହାଣୀ ପସ !
ସନ୍ଧ୍ୟାରେ ଆଉ-ଅନୁରାଗ-ବନ୍ତା
ଭଲ ମୁଁ ଅମୃତସ୍ୱ । ୬ ।

ପଶ୍ଚାତେ ତାର ଅମାଅନ୍ଧାର !
ମୃତ୍ୟୁ ଅଟ୍ଟହାସ !
ଅବଶ କଲା ମୋ ସର୍ବ ଅଙ୍ଗ
ଜର୍ଜ୍ଜୀଭୂତ ଯେତେ ତ୍ରାସ । ୭ ।

ମଲ୍ଲିକା ଦାମେ ନାହିଁ ପ୍ରିୟା-ହାସ
ମୃତ୍ୟୁ ଦନ୍ତ ଶତ !
ଖଳଲ୍‌କା ଯେନ ରଚିଲେ କାବ୍ୟ
କହ ଏ ଇଚ୍ଛା ମତ?   ।

କା ବଳେ ସ୍ୱର୍ଗସ୍ଥା ପଙ୍କଜସ୍ଥା ଠାରେ
ଉପମୋକୁ କଲେ ନିଃଶେଷ ?
ମୂର୍ଖ ମାନବ ଲାଗି ସାଇତଲେ
ଭ୍ରାନ୍ତ ଯାତନା କ୍ଳେଶ । ୯ ।

ଲୁପ୍ତ ଏ ମନ୍ତ୍ର-ବୃନ୍ଦାବନେ
ଉପମାର କାହିଁ ସ୍ଥାନ ?
ଗୋଲକରେ ବାସ । କାହିଁ କା ସ୍ପର୍ଶ ?
କଠିଣ ଧରିବା ତ୍ରାଣ । ୧୦ ।

× × ×

ଅବଚ ଭ୍ରମଣୁଁ ଫେରୁଥିଲ ଯବେ
ସଂସାର-କାର୍ଯ୍ୟ-ଭେଦେ,
କ୍ଷୀଣ କଣ୍ଠେ ଡାକଲ ଦୂର୍ବା
ବ୍ୟଥିତା-ପ୍ରିୟାର ସ୍ନେହେ । ୧୧ ।

ଦେଖିଲ କ୍ଷୁଦ୍ର କୁସୁମେ ଜଡ଼ିତ
ସ୍ନିଗ୍ଧ ଶିଶିର ବିନ୍ଦୁ ।
(ମୋର) ସାର୍ଥକ ପ୍ରୀତି-ଉପମା ପିପାସା
ଉଚ୍ଛୁଳେ ଅଶ୍ରୁ-ସିନ୍ଧୁ । ୧୨ ।

ଦଗ୍ଧ ହୃଦୟେ ଯେପି ସେ ଅଶ୍ରୁ
ଗର୍ବେ ଉଠିଲ ଗାଇ—
ପଢ଼ିଛୁ ଯେତେ ମୁଁ କାବ୍ୟ କବିତା
ଏ ଉପମା କାହିଁ ନାହିଁ । ୧୩ ।

●

[୧୯୪୩]